ଓଡ଼ିଶା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ଅନୁମୋଦିତ

ବ୍ୟୁରୋ

ଉଚ୍ଚ ମାଧ୍ୟମିକ(+୨)

ଶିକ୍ଷା

ପ୍ରଥମ ଭାଗ

ଓଡ଼ିଶା ରାଜ୍ୟ ପାଠ୍ୟପୁସ୍ତକ ପ୍ରଣୟନ ଓ ପ୍ରକାଶନ ସଂସ୍ଥା
ପୁସ୍ତକ ଭବନ, ଭୁବନେଶ୍ୱର

ବ୍ୟୁରୋ
ଉଚ୍ଚ ମାଧ୍ୟମିକ (+୨)

ଶିକ୍ଷା

(ପ୍ରଥମ ଭାଗ)

ଲେଖକ ମଣ୍ଡଳୀ

ଡଃ ପ୍ରେମଲତା ମହାପାତ୍ର
ଅବସରପ୍ରାପ୍ତ ମୁଖ୍ୟ ଅଧ୍ୟାପିକା,
ବି.ଜେ.ବି. ସ୍ୱୟଂଶାସିତ ମହାବିଦ୍ୟାଳୟ, ଭୁବନେଶ୍ୱର

ଶ୍ରୀ ହରିହର ମହାପାତ୍ର
ଅବସରପ୍ରାପ୍ତ ପ୍ରାଧ୍ୟାପକ, ଶିକ୍ଷା ବିଭାଗ,
ବିରୁପା ମହାବିଦ୍ୟାଳୟ, ଇନ୍ଦୁପୁର, କେନ୍ଦ୍ରାପଡ଼ା

ଡଃ ନନ୍ଦ କିଶୋର ଜେନା
ପ୍ରାଧ୍ୟାପକ, ଶିକ୍ଷା ବିଭାଗ, ରେଭେନ୍‌ସା ବିଶ୍ୱବିଦ୍ୟାଳୟ, କଟକ

ଡଃ ସଞ୍ଜୟ କେତନ ସ୍ୱାଇଁ
ପ୍ରାଧ୍ୟାପକ, ଶିକ୍ଷା ବିଭାଗ, ସ୍ୱାମୀ ବିବେକାନନ୍ଦ
ସ୍ୱୟଂଶାସିତ ମହାବିଦ୍ୟାଳୟ, ଜଗତସିଂହପୁର

ଡଃ ଶେଷଦେବ ପାଣି
ଅଧ୍ୟାପକ, ଶିକ୍ଷା ବିଭାଗ, ମହର୍ଷି ମହାବିଦ୍ୟାଳୟ, ଭୁବନେଶ୍ୱର

ଡଃ ନାରାୟଣ ତ୍ରିପାଠୀ
ପ୍ରାଧ୍ୟାପକ, ଶିକ୍ଷା ବିଭାଗ, ରାଜଧାନୀ ମହାବିଦ୍ୟାଳୟ, ଭୁବନେଶ୍ୱର

ଡଃ ଝରଣା ଦାସ ମହାପାତ୍ର
ପ୍ରାଧ୍ୟାପିକା, ଶିକ୍ଷାବିଭାଗ, ରାଜଧାନୀ ମହାବିଦ୍ୟାଳୟ, ଭୁବନେଶ୍ୱର

ଡଃ ଧୀରେନ୍ଦ୍ର କୁମାର ମହାପାତ୍ର
ପ୍ରାଧ୍ୟାପକ, ଶିକ୍ଷା ବିଭାଗ, ଗଙ୍ଗାଧର ମେହେର ସ୍ୱୟଂଶାସିତ
ମହାବିଦ୍ୟାଳୟ, ସମ୍ବଲପୁର

ଡଃ ଗୋପାଳ ଚରଣ ବିଶ୍ୱାଳ
ଅବସରପ୍ରାପ୍ତ ଅଧ୍ୟକ୍ଷ, ଦିବାକର ପଟ୍ଟନାୟକ
ଉଚ୍ଚତର ଶିକ୍ଷା ଅନୁଷ୍ଠାନ, ବ୍ରହ୍ମପୁର

ଡଃ ହରିହର ଷଡ଼ଙ୍ଗୀ
ବିଭାଗୀୟ ମୁଖ୍ୟ, ଶିକ୍ଷା ବିଭାଗ,
ଗଙ୍ଗାଧର ମେହର ବିଶ୍ୱବିଦ୍ୟାଳୟ, ସମ୍ବଲପୁର

ଶ୍ରୀ ଏକାଦଶୀ ସେନାପତି
ପ୍ରାକ୍ତନ ଅଧ୍ୟକ୍ଷ, ପ ାୟତ ପ୍ରହଲ୍ଲାଦ ମହାବିଦ୍ୟାଳୟ, ନିଶ୍ଚିନ୍ତ କୋଇଲି

ଡଃ ଅଶୋକ କୁମାର ରାଉତରାୟ
ପ୍ରାଧ୍ୟାପକ, ଶିକ୍ଷା ବିଭାଗ, କେନ୍ଦ୍ରାପଡ଼ା ସ୍ୱୟଂଶାସିତ
ମହାବିଦ୍ୟାଳୟ, କେନ୍ଦ୍ରାପଡ଼ା

ଶ୍ରୀମତୀ ସୁପ୍ରିୟା ମଲ୍ଲିକ
ଉପନିର୍ଦ୍ଦେଶିକା, ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟ
ଓଡ଼ିଶା,ଭୁବନେଶ୍ୱର

ସମୀକ୍ଷକ

ଡଃ ସର୍ବେଶ୍ୱର ସାମଲ
ଅବସରପ୍ରାପ୍ତ ମୁଖ୍ୟ ଅଧ୍ୟାପକ, ଶିକ୍ଷା ବିଭାଗ, ରେଭେନ୍‌ସା ସ୍ୱୟଂଶାସିତ ମହାବିଦ୍ୟାଳୟ, କଟକ

ଡଃ ପ୍ରେମଲତା ମହାପାତ୍ର
ଅବସରପ୍ରାପ୍ତ ମୁଖ୍ୟ ଅଧ୍ୟାପିକା, ଶିକ୍ଷା ବିଭାଗ, ବି.ଜେ.ବି. ସ୍ୱୟଂଶାସିତ ମହାବିଦ୍ୟାଳୟ, ଭୁବନେଶ୍ୱର

ଡଃ. ଗୋପାଳ ଚରଣ ବିଶ୍ୱାଳ
ଅବସରପ୍ରାପ୍ତ ଅଧ୍ୟକ୍ଷ, ଦିବାକର ପଟ୍ଟନାୟକ ଉଚ୍ଚତର ଶିକ୍ଷା ଅନୁଷ୍ଠାନ, ବ୍ରହ୍ମପୁର

ପ୍ରକାଶକ :

ଓଡ଼ିଶା ରାଜ୍ୟ ପାଠ୍ୟପୁସ୍ତକ ପ୍ରଣୟନ ଓ ପ୍ରକାଶନ ସଂସ୍ଥା

ପୁସ୍ତକ ଭବନ, ଭୁବନେଶ୍ୱର

Bureau's
Uchamadhyamik (+2) Sikhya, Part - II

Published under the scheme of production of books and literature in Regional Language at the University level sponsored by the Commission for Scientific and Technical Terminology, Ministry of Human Resource Development (Department of Higher Education) Govt. of India, New Delhi.

Written by :

Dr. Premalata Mohapatra
Retd. H.O.D, Deptt. of Education
B.J.B. (Auto.) College, Bhubaneswar
Dr. Harihar Mohapatra
Reader (Rtd), Deptt. of Education
Birupa College, Indupura
Dr. Nanda Kishore Jena
Reader, Deptt. of Education
Ravenshaw University, Cuttack
Dr. Sanjay Ketan Swain
Reader, Deptt. of Education
S.V.M. (Auto.) College, Jagatsinghpur
Dr. Dhirendra Kumar Mohapatra
Reader in Education, G.M. (Auto.) College, Sambalpur
Dr. Narayan Tripathy
Reader in Education, Rajdhani College, Bhubaneswar
Dr. Seshadev Pani
Lecturer in Education, Maharshi College, Bhubaneswar

Reviewed by :

Dr. Sarbeswar Samal
Retd. Head, Department of Education
Ravenshaw (Auto.) College, Cuttack
Dr. Premalata Mohapatra
Retd. H.O.D, Deptt. of Education
B.J.B. (Auto.) College, Bhubaneswar
Dr. Gopal Charan Biswal
Retd. Principal, DPIASE, Berhampur
Dr. Harihar Sarangi
HO.D, Deptt of Education, G.M. University, Sambalpur
Sri Ekadashi Senapati
Ex-principal, P.P. College, Nischintakoili
Dr. Jharana Dashmapatra
Reader, Deptt. of Education, Raja dhani College, Bhubaneswar
Dr. Ashok Kumar Routray
Reader, Deptt. of Education, Kendrapara (Auto) College, Kendrapara
Smt. Supriya Mallik
Deputy Director, Elementory Education, Odisha, Bhubaneswar

First Edition - 2007

Second Edition - 2013

New Edition - 2016

Publication No. : 570

ISBN : 978 - 81 - 8005 - 373 - 3

Published by :
The Odisha State Bureau of Textbook Preparation and Production, Pustak Bhavan, Bhubaneswar-751022.
© All rights reserved by the publisher. No part of this book may be reproduced in any form or by any means without the written permission from the Publisher.
Type Setting, Designing : Odisha Printing Works
Printing : Odisha Printing Works
Price : **Rs. 155.00** (One Hundred Fifty Five only)

Education (Elective)
(First Year)
Theory-70 marks and Practical-30 marks
Theory Paper-I
Foundations of Education-1

Unit-I Fundamentals of Education - (20 periods)

Meaning of education
Aims of education - Individual, Social, Democratic & Vocational
Functions of education
Agencies of education : Formal, Informal, Non-formal; Active and Passive.
Role Family, School, Community and Mass media as agencies of education

Unit-II Fundamentals of educational psychology - (20 Periods)

Meaning, Nature and scope of Educational Psychology.
Importance of educational Psychology for the teacher.
Growth and Development – Meaning, General Principles & factors affecting Growth and Development
Stages of growth and development – Physical, Intellectual, Social, & Emotional growth & development during Infancy, Childhood & Adolescence.

Unit-III Education & Society - (20 periods)

Relationship between education & society.
Education for social change & social control
Education for social mobility
Education for citizenship & social control
Education for social mobility
Education for citizenship & socialization.
Gender disparity & the role of education.
Globalization & its impact on education.

Unit-IV Methods of Teaching - (20 periods)

(Anyone of the following method subjects English, Odia, Mathematics, History, Geography & General Science)
Aims and Objectives
Methods of teaching applicable elementary level.
Teaching Learning Materials (TLM) : Purpose & use.
General principles & maxims of teaching.
Objective based objective type test items: meaning & priniples of construction.

Practical - (60 Periods)

A. Preparation of five lesson plans in the selected method subject (30 periods)
B. Preparation of twenty objective type test items, 5 each pertaining to knowledge & skill objectives on a perticular topic of the selected method subject. (30 periods)

●

ମୁଖବନ୍ଧ

ଏହି ପାଠ୍ୟପୁସ୍ତକଟି ଉଚ୍ଚମାଧ୍ୟମିକ ଶିକ୍ଷା ସ୍ତରର ପ୍ରଥମ ବର୍ଷ ପାଇଁ ଶିକ୍ଷା ପାଠ୍ୟ ବିଷୟରେ ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶାଙ୍କ ଦ୍ୱାରା ୨୦୧୬-୧୭ ଶିକ୍ଷାବର୍ଷଠାରୁ ନିର୍ଦ୍ଧାରିତ ପାଠ୍ୟକ୍ରମ ଅନୁଯାୟୀ ପ୍ରସ୍ତୁତ ହୋଇଛି । ଉଚ୍ଚମାଧ୍ୟମିକ ସ୍ତରରେ 'ଶିକ୍ଷା' ବିଷୟକୁ ଏକ ଇଚ୍ଛାଧୀନ ପାଠ୍ୟ ବିଷୟରୂପେ ଚୟନ କରିଥିବା ଶିକ୍ଷାର୍ଥୀମାନଙ୍କ ପକ୍ଷେ ଏହି ବିଷୟର ଅଧ୍ୟୟନ ସମ୍ପୂର୍ଣ୍ଣ ଭାବେ ନୂଆ ହୋଇଥିବାରୁ ପାଠ୍ୟପୁସ୍ତକଟିର ରଚନାକୁ ଯଥାସମ୍ଭବ ସରଳ ଏବଂ ସାବଲୀଳ କରିବାର ପ୍ରୟାସ କରାଯାଇଛି । ଆଶା କରାଯାଏ ଏହା ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଅପେକ୍ଷାକୃତ ସହଜ ଓ ସୁଖପାଠ୍ୟ ରୂପେ ଆଦୃତ ହୋଇପାରିବ ।

'ବ୍ୟୁରୋ ଉଚ୍ଚମାଧ୍ୟମିକ (+୨) ଶିକ୍ଷା-ପ୍ରଥମ ଭାଗ' ପାଠ୍ୟପୁସ୍ତକଟି ଯୁକ୍ତ ଦୁଇ ଶିକ୍ଷାସ୍ତରର ପ୍ରଥମ ବର୍ଷ ପାଇଁ ଉଦ୍ଦିଷ୍ଟ । ଶିକ୍ଷାର୍ଥୀମାନଙ୍କ ପକ୍ଷେ 'ଶିକ୍ଷା' ବିଷୟଟିର ଅଧ୍ୟୟନ ସମ୍ପୂର୍ଣ୍ଣ ନୂଆ ହୋଇଥିବାରୁ ଏହି ପାଠ୍ୟପୁସ୍ତକରେ ଏହି ବିଷୟ ସମ୍ପର୍କିତ କେତେକ ମୌଳିକ ବିଷୟବସ୍ତୁ ଯଥା : ଶିକ୍ଷାର ଅର୍ଥ, ସ୍ୱରୂପ, ଲକ୍ଷ୍ୟ ଓ କାର୍ଯ୍ୟ; ଶିକ୍ଷାମନୋବିଜ୍ଞାନର ଅର୍ଥ, ସ୍ୱରୂପ ଓ ପରିସର ଏବଂ ଶିକ୍ଷକଙ୍କ ପାଇଁ ଏହାର ଆବଶ୍ୟକତା; ଶିକ୍ଷା ଓ ସମାଜ, ଶିକ୍ଷାଦାନ ପଦ୍ଧତି ଆଦିକୁ ସନ୍ନିବେଶିତ କରାଯାଇଛି ।

ପ୍ରଥମ ଅଧ୍ୟାୟଟିରେ 'ଶିକ୍ଷା' କାହାକୁ କୁହାଯାଏ ଏବଂ ଏ ସମ୍ପର୍କରେ ବିଭିନ୍ନ ପ୍ରାଚ୍ୟ ଓ ପାଶ୍ଚାତ୍ୟ ଶିକ୍ଷାବିତ୍‌ଙ୍କ ପ୍ରଦ ସଂଜ୍ଞା ଓ ବ୍ୟାଖ୍ୟାର ପର୍ଯ୍ୟାଲୋଚନା, ଶିକ୍ଷାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଏବଂ ଶିକ୍ଷା ପ୍ରକ୍ରିୟାର ସ୍ୱରୂପ ସମ୍ବନ୍ଧରେ ଆଲୋଚିତ ହୋଇଛି ।

ଦ୍ୱିତୀୟ ଅଧ୍ୟାୟରେ ଶିକ୍ଷା ମନୋବିଜ୍ଞାନର ଅର୍ଥ, ସ୍ୱରୂପ, ପରିସର ଏବଂ ଶିକ୍ଷକମାନଙ୍କ ପାଇଁ ଏହି ଜ୍ଞାନର ଆବଶ୍ୟକତା ସମ୍ବନ୍ଧରେ ଆଲୋଚନା କରାଯାଇଛି । ଏହାଛଡ଼ା ବୃଦ୍ଧି ଓ ବିକାଶର ଅର୍ଥ ଓ ସେଗୁଡ଼ିକର ସାଧାରଣ ନିୟମ ଏବଂ ଶୈଶବ ତଥା ବାଲ୍ୟାବସ୍ଥାରେ ଏବଂ କୈଶୋର ଅବସ୍ଥାରେ ଶିଶୁର ଶାରୀରିକ, ବୌଦ୍ଧିକ, ସାମାଜିକ ଓ ଆବେଗିକ ବିକାଶର ଧାରା ଉପରେ ଛାତ୍ରଛାତ୍ରୀମାନଙ୍କୁ ପରିଚିତ କରାଇବାର ପ୍ରୟାସ କରାଯାଇଛି ।

ତୃତୀୟ ଅଧ୍ୟାୟରେ ଶିକ୍ଷା ଓ ସମାଜ ସମ୍ବନ୍ଧରେ ସଂକ୍ଷେପରେ ଆଲୋଚନା କରାଯାଇଛି । ସେହି ଅଧ୍ୟାୟରେ ଶିକ୍ଷା ଓ ସମାଜ ମଧ୍ୟରେ ସଂପର୍କ, ସାମାଜିକ ପରିବର୍ତ୍ତନ ଓ ସାମାଜିକ ନିୟନ୍ତ୍ରଣ ପାଇଁ ଶିକ୍ଷା, ସାମାଜିକ ଗତିଶୀଳତା ପାଇଁ ଶିକ୍ଷା, ନାଗରିକତା ଓ ସାମାଜିକୀକରଣ ପାଇଁ ଶିକ୍ଷା, ଲିଙ୍ଗଗତ ବୈଷମ୍ୟ ଓ ଶିକ୍ଷାର ଭୂମିକା, ସର୍ବୋପରି ଜଗତୀକରଣ ଓ ଶିକ୍ଷା ଉପରେ ଏହାର ପ୍ରଭାବ ଇତ୍ୟାଦି ସମ୍ବନ୍ଧରେ ବର୍ଣ୍ଣନା କରାଯାଇଛି ।

ଚତୁର୍ଥ ଅଧ୍ୟାୟରେ ବିଦ୍ୟାଳୟ ସ୍ତରରେ ବିଭିନ୍ନ ବିଷୟ ଯଥା : ଇଂରାଜୀ, ମାତୃଭାଷା (ଓଡ଼ିଆ), ଗଣିତ, ବିଜ୍ଞାନ, ଇତିହାସ ଓ ଭୂଗୋଳର ଶିକ୍ଷାଦାନ ପଦ୍ଧତି ସମ୍ବନ୍ଧରେ ଉପସ୍ଥାପନ କରାଯାଇଛି । ଏହି ବିଷୟଗୁଡ଼ିକ ମଧ୍ୟରୁ ଶିକ୍ଷାର୍ଥୀ ଯେକୌଣସି ଗୋଟିକର ହିଁ ଅଧ୍ୟୟନ କରିବେ । ଏତଦ୍ ବ୍ୟତୀତ ଏହି ଅଧ୍ୟାୟରେ ଶିକ୍ଷଣ ଶିକ୍ଷାଦାନ ଉପକରଣ (TLM), ଶିକ୍ଷାଦାନର ସାଧାରଣ ନୀତି ଓ ଏହାର ତତ୍ତ୍ୱାକ୍ତି ଏବଂ ଉଦ୍ଦେଶ୍ୟଭିତ୍ତିକ ଓ ବସ୍ତୁନିଷ୍ଠ ମୂଲ୍ୟାୟନ ସମ୍ବନ୍ଧରେ ସ୍ଥୁଳଧାରଣା ପ୍ରଦାନ କରାଯାଇଅଛି ।

ଏହି ପାଠ୍ୟପୁସ୍ତକରେ ବିଷୟବସ୍ତୁର ଉପସ୍ଥାପନା ଶୈଳୀରେ କେତେକ ସ୍ୱାତନ୍ତ୍ର୍ୟ ରହିଛି । ପ୍ରତ୍ୟେକ ଅଧ୍ୟାୟର ଆରମ୍ଭରେ ଶିକ୍ଷାର୍ଥୀମାନଙ୍କ ଅବଗତି ନିମନ୍ତେ ତହିଁରେ ସନ୍ନିବେଶିତ ବିଷୟବସ୍ତୁର ଶିକ୍ଷଣ ଉଦ୍ଦେଶ୍ୟାବଳୀ ଦିଆଯାଇଛି । ବିଷୟବସ୍ତୁର ଅଧ୍ୟୟନପରେ ସେମାନେ କେତେଦୂର ଉପକୃତ ହୋଇପାରିଲେ ତାହାର ସ୍ୱଅବଧାରଣା ନିମନ୍ତେ ବିଭିନ୍ନ ପ୍ରକାର ପ୍ରଶ୍ନାବଳୀ ସ୍ଥାନୀତ ହୋଇଛି । ଏହାର ଉଦ୍ଦେଶ୍ୟ ହେଉଛି ଶିକ୍ଷାର୍ଥୀ ନିଜେ ପ୍ରଦ ପ୍ରଶ୍ନର ଉ ର ଦେଇ ତାହାର ସଠିକତା ନିଜେ ନିରୂପଣ କରିପାରିବେ ଏବଂ ନିଜେ ମଧ୍ୟ ଭ୍ରମାତ୍ମକ ଉ ରର ସଂଶୋଧନ କରିପାରିବେ ।

ଆଶା କରାଯାଏ, ଏହି ପାଠ୍ୟପୁସ୍ତକଟି ସଂପୃକ୍ତ ବିଷୟର ଶିକ୍ଷାର୍ଥୀ ଏବଂ ଅଧ୍ୟାପକ ଓ ଅଧ୍ୟାପିକାମାନଙ୍କର ଯଥାକ୍ରମେ ଅଧ୍ୟୟନ ଓ ଅଧ୍ୟାପନାର ଆବଶ୍ୟକତା ପୂରଣ କରି ପାରିବ ।

ଡଃ ସର୍ବେଶ୍ୱର ସାମଲ
ଡଃ ପ୍ରେମଲତା ମହାପାତ୍ର
ଡଃ ଗୋପାଳ ଚରଣ ବିଶ୍ୱାଳ
ସମୀକ୍ଷକ

ଅବତରଣିକା

ଓଡ଼ିଶାର ଉଚ୍ଚମାଧ୍ୟମିକ ଶିକ୍ଷାପରିଷଦ 'ଶିକ୍ଷା' ପାଠ୍ୟକ୍ରମକୁ ଉଚ୍ଚମାଧ୍ୟମିକ ପରୀକ୍ଷା ୨୦୧୬-୧୭ ଏବଂ ପରବ ର୍ତ୍ତୀ ବର୍ଷମାନଙ୍କ ପାଇଁ ପୁନର୍ଗଠନ କରିଛନ୍ତି । ଓଡ଼ିଶା ରାଜ୍ୟ ପାଠ୍ୟପୁସ୍ତକ ପ୍ରଣୟନ ଓ ପ୍ରକାଶନ ସଂସ୍ଥା, ଭୁବନେଶ୍ୱର ଯଥାରୀତି ନୂତନ ପାଠ୍ୟକ୍ରମ ସହ ସାଦୃଶ୍ୟରକ୍ଷା ପୂର୍ବକ ଉଚ୍ଚମାଧ୍ୟମିକ (ଯୁକ୍ତ ଦୁଇ) ଶିକ୍ଷା ପୁସ୍ତକ ଦୁଇଟି ଭାଗରେ ପ୍ରକାଶ କରିବାକୁ ଯାଉଛି । ଓଡ଼ିଶାର ସାଧାରଣ ଛାତ୍ରଛାତ୍ରୀଙ୍କ ପାଇଁ ପୁସ୍ତକଟି ଅତି ସରଳ ଏବଂ ସୁବୋଧ୍ୟ ଭାଷାରେ ଲେଖା ଯାଇଛି । ପୁସ୍ତକର ପ୍ରତ୍ୟେକ ପରିଚ୍ଛେଦ ଶେଷରେ ସାରାଂଶ ଓ ବହୁ ସଂଖ୍ୟକ କ୍ଷୁଦ୍ର ଏବଂ ଦୀର୍ଘ ଉ ରମୂଳକ ପ୍ରଶ୍ନ ସନ୍ନିବେଶିତ ହୋଇଛି । ପରିଷଦ ଦ୍ୱାରା ମନୋନୀତ ରାଜ୍ୟର କେତେକ ଅଭିଜ୍ଞ ଶିକ୍ଷକଙ୍କ ଦ୍ୱାରା ଏହା ପ୍ରସ୍ତୁତ ହୋଇଛି ।

ପ୍ରାରମ୍ଭରେ ମୁଁ ପ୍ରଣେତା ଡଃ ପ୍ରେମଲତା ମହାପାତ୍ର, ଡଃ ନନ୍ଦକିଶୋର ଜେନା, ଡଃ ଧିରେନ୍ଦ୍ର କୁମାର ମହାପାତ୍ର, ଡଃ ସଞ୍ଜୟ କେତନ ସ୍ୱାଇଁ, ଶ୍ରୀ ହରିହର ମହାପାତ୍ର ଡଃ. ନାରାୟଣ ତ୍ରିପାଠୀ, ଡଃ ଶେଷଦେବ ପାଣି, ଡଃ ଗୋପାଳ ଚରଣ ବିଶ୍ୱାଳ, ଡଃ ହରିହର ଷଡ଼ଙ୍ଗୀ, ଶ୍ରୀ ଏକାଦଶୀ ସେନାପତି, ଡଃ ଝରଣା ଦାସ ମହାପାତ୍ର, ଡଃ ଅଶୋକ କୁମାର ରାଉତରାୟ ଏବଂ ଶ୍ରୀମତୀ ସୁପ୍ରିୟା ମଲ୍ଲିକଙ୍କ ଅବଦାନ ଧନ୍ୟବାଦ ସହ ସ୍ୱୀକାର କରୁଛି । ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦର ଶିକ୍ଷା ପାଠ୍ୟକ୍ରମ କମିଟିର ସଦସ୍ୟମାନେ ପୁସ୍ତକଟିକୁ ଏକମାତ୍ର ନିର୍ଦ୍ଧାରିତ ପୁସ୍ତକଭାବେ ସୁପାରିଶ କରିଥିବାରୁ ସଂସ୍ଥା ସେମାନଙ୍କ ନିକଟରେ କୃତଜ୍ଞତା ଓ ଧନ୍ୟବାଦ ଲିପିବଦ୍ଧ କରୁଛି । ପରିଶେଷରେ ପୁସ୍ତକଟିର ସମୀକ୍ଷକ ଭାବେ ଡଃ ସର୍ବେଶ୍ୱର ସାମଲ, ଡଃ ପ୍ରେମଲତା ମହାପାତ୍ର ଓ ଡଃ ଗୋପାଳ ଚରଣ ବିଶ୍ୱାଳ ମଧ୍ୟ ଧନ୍ୟବାଦାର୍ହ ।

ଆଶା କରାଯାଏ, ଏହି ପୁସ୍ତକ ରାଜ୍ୟର ଶିକ୍ଷକ ଏବଂ ଛାତ୍ରଛାତ୍ରୀମାନଙ୍କର ଅଭିଳାଷ ପୂରଣ କରିବ । ପୁସ୍ତକଟିର ଉନ୍ନତି ଦୃଷ୍ଟିରୁ ଏହାର ଯେକୌଣସି ଦିଗ ଉପରେ ମନ୍ତବ୍ୟ ଏବଂ ପରାମର୍ଶ ସଂସ୍ଥାଦ୍ୱାରା ସାନନ୍ଦ ସମାଦୃତ ହେବ ।

ଗୀତିକା ପଟ୍ଟନାୟକ

(ଡକ୍ଟର ଗୀତିକା ପଟ୍ଟନାୟକ)
ନିର୍ଦ୍ଦେଶକ
ଓଡ଼ିଶା ରାଜ୍ୟ ପାଠ୍ୟପୁସ୍ତକ ପ୍ରଣୟନ ଓ ପ୍ରକାଶନ ସଂସ୍ଥା
ଭୁବନେଶ୍ୱର

ବିଷୟ ସୂଚୀ

ଅଧ୍ୟାୟ	ବିଷୟ	ପୃଷ୍ଠା
ପ୍ରଥମ ଅଧ୍ୟାୟ	**ଶିକ୍ଷାର ମୌଳିକ ତ ୍ୱ**	**୧-୮୯**
	(କ) ଶିକ୍ଷା : ଏହାର ଅର୍ଥ, କାର୍ଯ୍ୟ ଏବଂ ଲକ୍ଷ୍ୟ	୧-୫୬
	(ଖ) ଶିକ୍ଷା ସଂସ୍ଥା	୫୭-୮୯
ଦ୍ୱିତୀୟ ଅଧ୍ୟାୟ	**ଶିକ୍ଷା ମନୋବିଜ୍ଞାନ**	**୯୦-୧୩୨**
	(କ) ଶିକ୍ଷା ମନୋବିଜ୍ଞାନ : ଅର୍ଥ, ସ୍ୱରୂପ ଓ ପରିସର	୯୦-୯୮
	(ଖ) ବୃଦ୍ଧି ଓ ବିକାଶ	୯୯-୧୩୨
ତୃତୀୟ ଅଧ୍ୟାୟ	**ଶିକ୍ଷା ଓ ସମାଜ**	୧୩୩-୧୬୭
	(କ) ଶିକ୍ଷା ଓ ସମାଜ ମଧ୍ୟରେ ସମ୍ପର୍କ	୧୩୩-୧୩୬
	(ଖ) ସାମାଜିକ ପରିବ ର୍ତ୍ତନ ଓ ସାମାଜିକ ନିୟନ୍ତ୍ରଣ ପାଇଁ ଶିକ୍ଷା	୧୩୬-୧୪୦
	(ଗ) ନାଗରିକତା ଓ ସାମାଜିକୀକରଣ ପାଇଁ ଶିକ୍ଷା	୧୩୮-୧୪୦
	(ଘ) ସାମାଜିକ ଗତିଶୀଳତା ପାଇଁ ଶିକ୍ଷା	୧୪୦-୧୪୧
	(ଙ) ଲିଙ୍ଗଗତ ବୈଷମ୍ୟ ଓ ଶିକ୍ଷାର ଭୂମିକା	୧୪୨-୧୫୪
	(ଚ) ଜଗତୀକରଣ ଓ ଶିକ୍ଷା ଉପରେ ଏହାର ପ୍ରଭାବ	୧୫୪-୧୬୭
ଚତୁର୍ଥ ଅଧ୍ୟାୟ	**ଶିକ୍ଷାଦାନ ପଦ୍ଧତି**	୧୬୮-୩୬୦
	(କ) Teaching of English	୧୬୮-୧୮୯
	(ଖ) ମାତୃଭାଷା (ଓଡ଼ିଆ) ଶିକ୍ଷାଦାନ ପଦ୍ଧତି	୧୯୦-୨୧୫
	(ଗ) ଗଣିତ ଶିକ୍ଷାଦାନ ପଦ୍ଧତି	୨୧୬-୨୩୫
	(ଘ) ବିଜ୍ଞାନ ଶିକ୍ଷାଦାନ ପଦ୍ଧତି	୨୩୬-୨୬୪
	(ଙ) ଇତିହାସ ଶିକ୍ଷାଦାନ ପଦ୍ଧତି	୨୬୫-୨୯୧
	(ଚ) ଭୂଗୋଳ ଶିକ୍ଷାଦାନ ପଦ୍ଧତି	୨୯୨-୩୧୩
	(ଛ) ଶିକ୍ଷଣ ଶିକ୍ଷାଦାନ ଉପକରଣ	୩୧୪-୩୪୦
	(ଜ) ଶିକ୍ଷାଦାନର ସାଧାରଣ ନିୟମ ଓ ଏହାର ତତ୍ତ୍ୱ ଉକ୍ତି	୩୪୧-୩୪୭
	(ଝ) ଉଦ୍ଦେଶ୍ୟ ଭିତ୍ତିକ ଓ ବସ୍ତୁନିଷ୍ଠ ପରୀକ୍ଷଣ	୩୪୮-୩୬୦

***

ପ୍ରଥମ ଅଧ୍ୟାୟ

ଶିକ୍ଷାର ମୌଳିକ ତତ୍ତ୍ୱ

(କ) ଶିକ୍ଷା : ଏହାର ଅର୍ଥ, କାର୍ଯ୍ୟ ଏବଂ ଲକ୍ଷ୍ୟ

■ ଶିକ୍ଷାର ଅର୍ଥ ଏବଂ କାର୍ଯ୍ୟ :

ଉଦ୍ଦେଶ୍ୟ ସମୂହ :

ଉକ୍ତ ଅଧ୍ୟାୟଟିର ଅଧ୍ୟୟନ ପରେ ଶିକ୍ଷାର୍ଥୀମାନଙ୍କ ମଧ୍ୟରେ ନିମ୍ନଲିଖିତ ଶିକ୍ଷଣ ଦକ୍ଷତାଗୁଡ଼ିକର ବିକାଶ ଘଟିବାର ଆଶା କରାଯାଏ । ଏହାର ଅଧ୍ୟୟନ ଫଳରେ ସେମାନେ -

- ଭାରତର ପୁରାତନ ଗ୍ରନ୍ଥଗୁଡ଼ିକରେ ଦିଆଯାଇଥିବା ସୂଚନା ଅନୁଯାୟୀ ଶିକ୍ଷାର ସଂଜ୍ଞା ବର୍ଣ୍ଣନା କରିପାରିବେ;
- ଭାରତୀୟ ଚିନ୍ତାନାୟକ ତଥା ଶିକ୍ଷାବିତ୍‌ମାନଙ୍କ ଦ୍ୱାରା ପ୍ରଦ ଶିକ୍ଷାର ସଂଜ୍ଞା ଓ ଅର୍ଥ ବର୍ଣ୍ଣନା କରିପାରିବେ;
- କେତେକ ନିର୍ଦ୍ଦିଷ୍ଟ ପାଶ୍ଚାତ୍ୟ ଚିନ୍ତାନାୟକଙ୍କ ଦ୍ୱାରା ପ୍ରସ୍ତାବିତ ଶିକ୍ଷାର ଅର୍ଥକୁ ବର୍ଣ୍ଣନା କରିପାରିବେ;
- ଶିକ୍ଷାର ଉଭୟ ରକ୍ଷଣଶୀଳ ଏବଂ ପ୍ରଗତିଶୀଳ କାର୍ଯ୍ୟକୁ ଆଲୋଚନା କରିପାରିବେ;
- ସମାଜ ପ୍ରତି ଶିକ୍ଷାର କାର୍ଯ୍ୟଧାରାକୁ ବର୍ଣ୍ଣନା କରିପାରିବେ;
- ବ୍ୟକ୍ତିଗତ ଜୀବନରେ ଶିକ୍ଷାର ଗୁରୁତ୍ୱ ଉପଲବ୍ଧି କରି ତା'ର ଉପକାର ସମ୍ବନ୍ଧରେ ଆଲୋଚନା କରିପାରିବେ;
- ଜାତୀୟ ବିକାଶ କ୍ଷେତ୍ରରେ ଶିକ୍ଷାର ଭୂମିକା ବିଶ୍ଳେଷଣ କରିପାରିବେ;
- ସମଗ୍ର ପୃଥିବୀରେ ମାନବ ସଭ୍ୟତାର ବିକାଶ ଓ ପ୍ରଗତିରେ ଶିକ୍ଷାର ଭୂମିକା ଓ କାର୍ଯ୍ୟଧାରାକୁ ବର୍ଣ୍ଣନା କରିପାରିବେ;
- ଶିକ୍ଷାର ଅର୍ଥ ଏବଂ ସ୍ୱଭାବ ସଂପର୍କରେ ଆବଶ୍ୟକ ଜ୍ଞାନ ଓ ବୋଧ ହାସଲ କରି ତାହା ବୁଝାଇ ପାରିବେ;
- ପ୍ରାଚ୍ୟ ଓ ପାଶ୍ଚାତ୍ୟ ଦୃଷ୍ଟିକୋଣରୁ ଶିକ୍ଷାର ଅର୍ଥ ବର୍ଣ୍ଣନା କରିପାରିବେ;
- ଶିକ୍ଷାକୁ ଉଭୟ ଦ୍ୱି-ପାକ୍ଷିକ (bi-polar) ଏବଂ ତ୍ରି-ପାକ୍ଷିକ (tri-polar) ପ୍ରକ୍ରିୟା ରୂପେ ବର୍ଣ୍ଣନା କରିପାରିବେ;
- ଶିକ୍ଷାର ବିବିଧ କାର୍ଯ୍ୟଧାରାକୁ ଉଲ୍ଲେଖ କରିପାରିବେ;

ଉପକ୍ରମ :

ଈଶ୍ୱରଙ୍କ ସୃଷ୍ଟିରେ ସମସ୍ତ ଜୀବମାନଙ୍କ ମଧ୍ୟରେ ମନୁଷ୍ୟ ହିଁ ସର୍ବାପେକ୍ଷା ମହତ୍ ଏବଂ ସର୍ବୋତ୍କୃଷ୍ଟ ବୋଲି ବିବେଚିତ । ଚିନ୍ତନ ପ୍ରକ୍ରିୟା, ଜ୍ଞାନ ପିପାସା, ପ୍ରେମଭରା ଆବେଗ ଏବଂ ଅନ୍ୟାନ୍ୟ ମହତ୍ ଭାବସମୂହ ତା'କୁ ଅନ୍ୟାନ୍ୟ ପ୍ରାଣୀମାନଙ୍କ ମଧ୍ୟରେ ଏକ ସ୍ୱତନ୍ତ୍ର ସ୍ଥାନ ପ୍ରଦାନ କରିଛି । ସାମଗ୍ରିକ ଭାବରେ ମାନବ ଭିତରେ ଭରି ରହିଛି ଅଭିବୃଦ୍ଧି

ଏବଂ ପ୍ରତ୍ୟେକ କ୍ଷେତ୍ରରେ ଚରମ ଉତ୍କର୍ଷତା ଲାଭ କରିବା ନିମନ୍ତେ ଅନନ୍ୟ ପ୍ରତିଭା । ବୁଦ୍ଧିଶକ୍ତି ଦ୍ୱାରା ଅନ୍ୟାନ୍ୟ ସମସ୍ତ ପ୍ରାଣୀମାନଙ୍କ ଉପରେ ନିଜର କ ୃତ୍ୱ ଜାହିର କରି, ମନୁଷ୍ୟ ବିଶ୍ୱର ପ୍ରାଣୀ ଜଗତରେ ଶ୍ରେଷ୍ଠ ସ୍ଥାନ ଅଧିକାର କରିଛି । ତା' ଜୀବନର ମୁଖ୍ୟ ଦୁଇଗୋଟି ଦିଗ ରହିଛି; ଯଥା :- ଜୈବିକ ଓ ସାମାଜିକ । ମାନବ ଜୀବନର ଜୈବିକ ଦିଗ ପୁଷ୍ଟିକର ଖାଦ୍ୟ ଓ ପୁନରୁତ୍ପାଦନ ଦ୍ୱାରା ପରିପୃଷ୍ଟ ହେଲାବେଳେ, ସାମାଜିକ ଦିଗ ଏକ ଉପଯୁକ୍ତ ଶିକ୍ଷା ବ୍ୟବସ୍ଥା ଦ୍ୱାରା ସଂରକ୍ଷିତ ତଥା ପରବ ୀ ପିଢ଼ିକୁ ସଂଚରିତ ହୋଇଥାଏ । ଜୈବିକ ଗୁଣାବଳୀ ସମସ୍ତ ପ୍ରକାର ଉଦ୍ଭିଦ ଏବଂ ପ୍ରାଣୀ ମଧ୍ୟରେ ଦେଖାଯାଇଥାଏ, ମାତ୍ର ସାମାଜିକ ଗୁଣାବଳୀ ମାନବ ଜୀବନର ଏକ ସ୍ୱତନ୍ତ୍ର ଓ ବିରଳ ସ । ଅଟେ । ଅଧିକନ୍ତୁ ମନୁଷ୍ୟ ହିଁ ଏକମାତ୍ର ପ୍ରାଣୀ ଯାହାର ଉପଯୁକ୍ତ ଶିକ୍ଷା ଗ୍ରହଣ କରିବାର ବିଶେଷ ସାମର୍ଥ୍ୟ ରହିଛି ।

ଆଜିର କ୍ରମବର୍ଦ୍ଧିଷ୍ଣୁ ସମାଜରେ ଶିକ୍ଷା ହେଉଛି ଏକ ମୌଳିକ ଆବଶ୍ୟକତା । ଏକ ଉପଯୁକ୍ତ ଶିକ୍ଷା ମାନବକୁ ତା'ର ଜୀବନର ଅର୍ଥ ଓ ଲକ୍ଷ୍ୟ ସମ୍ବନ୍ଧରେ ବିଶେଷ ଜ୍ଞାନ ପ୍ରଦାନ କରିଥାଏ । ଶିଶୁଟିଏ ଭୂମିଷ୍ଠ ହେବା ପରେ ଅତ୍ୟନ୍ତ ଅସହାୟ ଅବସ୍ଥାରେ ଥାଏ । ମାତ୍ର, ବୟସର ବୃଦ୍ଧି ସହିତ, ଶିଶୁଟିଏ ଉଭୟ ଔପଚାରିକ ଓ ଅନୌପଚାରିକ ଶିକ୍ଷା ବ୍ୟବସ୍ଥା ସଂସ୍ପର୍ଶରେ ଆସିଥାଏ ଏବଂ ତଦ୍ୱାରା ତା'ର ସାମାଜିକ ଦାୟିତ୍ୱବୋଧର ବିକାଶ ଘଟିବା ସହ ଜୀବନର ବିଭିନ୍ନ ଜଟିଳ ସମସ୍ୟାର ସମାଧାନ ସଂପର୍କିତ ଦକ୍ଷତାର ବିକାଶ ସାଧିତ ହୋଇଥାଏ । ମଣିଷ ଶିକ୍ଷିତ ହେବା ଦ୍ୱାରା ସମାଜ ସହିତ ତା'ର ସଂପର୍କକୁ ହୃଦୟଙ୍ଗମ କରିପାରିବା ସହ, ପରବ ୀ ପିଢ଼ିକୁ ତତ୍‌ସଂପର୍କିତ ଜ୍ଞାନସମୂହ ପ୍ରଦାନ କରିଥାଏ ।

ଶିକ୍ଷା କହିଲେ, ବ୍ୟକ୍ତିର ଅଭିଜ୍ଞତା, ଅନ୍ତର୍ଦୃଷ୍ଟି ଓ ସମଯୋଜନଗତ ଦକ୍ଷତାକୁ ବୁଝାଇଥାଏ । ଏହା ମୁଖ୍ୟତଃ ବ୍ୟକ୍ତିର ବ୍ୟାବହାରିକ ବା ଆଚରଣଗତ ପରିବ ର୍ତନରେ ସହାୟକ ହୋଇଥାଏ । ଶିକ୍ଷା ହିଁ ମାନବକୁ ତା'ର ବୁଦ୍ଧି ଓ ଯୁକ୍ତି ଶକ୍ତିର ବିକାଶ, ଜ୍ଞାନ ଆହରଣ, ଉ ମ ଅଭ୍ୟାସ ତଥା ମୂଲ୍ୟବୋଧର ବିକାଶ ନିମି ସାହାଯ୍ୟ କରିଥାଏ । ସଂକ୍ଷେପରେ କହିଲେ, ଶିକ୍ଷା ମାନବ ମଧ୍ୟରେ ଏଭଳି କିଛି ଉତ୍କୃଷ୍ଟ ମାନବିକ ମୂଲ୍ୟବୋଧର ବିକାଶ ସାଧନ କରାଇଥାଏ, ଯାହା ସାହାଯ୍ୟରେ ସେ ସମସ୍ତ ପ୍ରାଣୀମାନଙ୍କ ମଧ୍ୟରେ ସର୍ବଶ୍ରେଷ୍ଠ ସ୍ଥାନ ଅଧିକାର କରିଥାଏ ।

କାହିଁ କେଉଁ ଅନାଦି କାଳରୁ ମାନବ ଜୀବନରେ ଶିକ୍ଷାର ଗୁରୁତ୍ୱ ଉପଲବ୍ଧି ହୋଇଆସିଅଛି । ସଭ୍ୟମାନବ ପାଇଁ ଶିକ୍ଷା ଏକ ମୌଳିକ ଆବଶ୍ୟକତା ରୂପେ ପରିଗଣିତ ହୋଇଥାଏ । ପ୍ଲାଟୋଙ୍କ ମତରେ ''ମନୁଷ୍ୟ ନିଜର ଅଧ୍ୟୟନ ନିମନ୍ତେ ଶିକ୍ଷା ବ୍ୟତୀତ ଅନ୍ୟ କୌଣସି ପବିତ୍ରତମ ତଥା ଉଚ୍ଚତର ଲକ୍ଷ୍ୟ ସଂପର୍କରେ ଚିନ୍ତା କରି ନ ପାରେ ।'' ଆରିଷ୍ଟୋଟଲ୍‌ଙ୍କ ମତରେ ''ମୃତ ପ୍ରାଣୀ ଅପେକ୍ଷା ଜୀବନ୍ତ ପ୍ରାଣୀ ଯେପରି ଉତ୍କୃଷ୍ଟ, ଠିକ୍ ସେହିଭଳି ସାକ୍ଷର ଶିକ୍ଷିତ ବ୍ୟକ୍ତି ନିରକ୍ଷର ଅଶିକ୍ଷିତ ବ୍ୟକ୍ତିଠାରୁ ଉତ୍କୃଷ୍ଟ ଅଟେ ।'' ଋକ୍ ବେଦ ମତରେ ''ଶିକ୍ଷା ସମସ୍ତ ଆଲୋକର ଉତ୍ସ ଅଟେ ।'' ଉପନିଷଦ୍ ଅନୁଯାୟୀ, ''ଶିକ୍ଷା ମାଧ୍ୟମରେ ବ୍ୟକ୍ତି ଅମରତ୍ୱର ସ୍ୱାଦ ଆହରଣ କରିଥାଏ ।'' ଶ୍ରୀମଦ୍ ଭଗବତ୍ ଗୀତା ଅନୁଯାୟୀ, ''ଧରା ପୃଷ୍ଠରେ ସବୁଠାରୁ ପୁଣ୍ୟକର୍ମ ହେଉଛି ଜ୍ଞାନଆହରଣ ବା ଶିକ୍ଷାଲାଭ ।''

ଉପରୋକ୍ତ ପରିପ୍ରେକ୍ଷୀରେ, ଶିକ୍ଷା ସର୍ବୋପରି ବ୍ୟକ୍ତି, ଗୋଷ୍ଠୀ, ସମାଜ ଓ ବିଶ୍ୱର ପ୍ରଗତି ତଥା ଉନ୍ନତି ନିମନ୍ତେ ଉଦ୍ଦିଷ୍ଟ ବୋଲି ଗ୍ରହଣ କରାଯାଇପାରେ ।

1.1.1 ଶିକ୍ଷାର ଅର୍ଥ :

ବ୍ୟୁତ୍ପତ୍ତିଗତ ଦୃଷ୍ଟିକୋଣରୁ 'Education' ବା ଶିକ୍ଷା ଶବ୍ଦଟି ତିନିଗୋଟି ଲାଟିନ୍ ଶବ୍ଦ ଯଥା, ଏଡୁକେୟାର (Educare), ଏଡୁକେଟମ (Educere) ଏବଂ (Educatum) ରୁ ଆସିଅଛି । ଅଭିଧାନଗତ ଅର୍ଥ ଦୃଷ୍ଟିକୋଣରୁ 'Educare' କହିଲେ, ଶିକ୍ଷିତ କରିବା, ଲାଳନ ପାଳନ କରିବା ବା ବୃଦ୍ଧିରେ ସହାୟତା କରିବାକୁ ବୁଝାଇଥାଏ । ଅନ୍ୟ ଭାଷାରେ କହିବାକୁ ଗଲେ, ଏକ ଉପଯୁକ୍ତ ଶିକ୍ଷାବ୍ୟବସ୍ଥା ମାଧ୍ୟମରେ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ପୂରଣ ନିମି ଶିଶୁର ଲାଳନପାଳନ ବ୍ୟବସ୍ଥାକୁ ଏହା ବୁଝାଇଥାଏ ।

'Educere' ଶବ୍ଦଟିର ଅର୍ଥ ହେଉଛି, ପ୍ରକଟିତ କରିବା, ପ୍ରକାଶ କରିବା ବା ଉନ୍ମେଷ ସାଧନ କରିବା । ଏଠାରେ 'e' ର ଅର୍ଥ ହେଉଛି ବାହାର କରିବା ଏବଂ 'ducere' ର ଅର୍ଥ ହେଉଛି ପଥ ପ୍ରଦର୍ଶନ କରିବା, ବାଟ ଦେଖାଇବା ବା ଅଗ୍ରସର କରାଇବା । ଏହି ପରିପ୍ରେକ୍ଷୀରେ ଶିକ୍ଷା ବ୍ୟକ୍ତି ମଧ୍ୟରେ ରହିଥିବା ଅନ୍ତର୍ନିହିତ ସ ।ର ପୂର୍ଣ୍ଣ ପରିପ୍ରକାଶକୁ ବୁଝାଇଥାଏ । ତୃତୀୟ ଲାଟିନ୍ ଶବ୍ଦ 'Educatum' ଶିକ୍ଷାଦାନ ବା ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ବୁଝାଇଥାଏ ।

'Educare' ଶବ୍ଦଟିର ଅର୍ଥ ହେଉଛି ଯତ୍ନନେବା ବା ଲାଳନପାଳନ କରିବା । ଏହା ଶିକ୍ଷାର ଏକ ବାହ୍ୟ ଘଟଣା ବା କାର୍ଯ୍ୟକ୍ରମ ଅଟେ । ବିଶିଷ୍ଟ ଶିକ୍ଷାବିତ୍ ତାନେଜାଙ୍କ ମତରେ, ଶିଶୁଟିଏ କଦାପି ଗୋଟିଏ ଉତ୍ସକୂପ ସହ ତୁଳନୀୟ ନୁହେଁ, ଯେଉଁ କୂପରୁ ଖୁବ୍ ଅଳ୍ପ ପରିଶ୍ରମରେ ପ୍ରାକୃତିକ ଉପାୟରେ ଜଳ ନିର୍ଗତ ହୋଇଥାଏ । ତେଣୁ ଉଭୟ Educere ଏବଂ Educatum ଯେଉଁଥିରୁ ଶିକ୍ଷା ଶବ୍ଦଟିର ବ୍ୟୁତ୍ପତ୍ତି ହୋଇଛି ବୋଲି ବିଶ୍ୱାସ କରାଯାଉ ନା କାହିଁକି, ଏହା ସୂଚାଇଦିଏ ଯେ, ଶିକ୍ଷା ଏପରି ଏକ ବାହ୍ୟ କାର୍ଯ୍ୟକ୍ରମ ଯାହା ବ୍ୟକ୍ତି ପରିବେଶରୁ ଗ୍ରହଣ କରିଥାଏ । ମାତ୍ର Educere ଶବ୍ଦଟି ସୂଚାଇଦିଏ ଯେ, ଏହା ଏକ ଅନ୍ତଃବିକାଶ ପ୍ରକ୍ରିୟା । କୌଣସି ଏକ ବଗିଚାର ମାଳି ପରି ଶିକ୍ଷକ ଶିକ୍ଷାର୍ଥୀର ପ୍ରାକୃତିକ ଅନ୍ତର୍ନିହିତ ପ୍ରତିଭାର ବିକାଶ ନିମନ୍ତେ ଉପଯୁକ୍ତ ପରିବେଶ, ସ୍ଥାନ ଏବଂ ଉପାୟମାନ ପ୍ରଦାନ କରିବା ଆବଶ୍ୟକ । ଶିକ୍ଷା ବ୍ୟକ୍ତି ମଧ୍ୟରେ ଲୁକ୍‌କାୟିତ ଅବସ୍ଥାରେ ରହିଥିବା ସମସ୍ତ ଜ୍ଞାନ, ମୂଲ୍ୟବୋଧ ଏବଂ ଦକ୍ଷତାର ବିକାଶ ନିମନ୍ତେ ଉଦ୍ୟମ କରିଥାଏ । ତେଣୁ ଉପଯୁକ୍ତ ଜ୍ଞାନ ଓ ଅନୁଭୂତି ସାହାଯ୍ୟରେ ଶିକ୍ଷା ବ୍ୟକ୍ତିର ଅନ୍ତର୍ନିହିତ ସ ।ର ପୂର୍ଣ୍ଣ ପରିପ୍ରକାଶ କରିଥାଏ ।

ଶିକ୍ଷାର ସଂଜ୍ଞା :

ଶିକ୍ଷା ପରି ଏକ ପରିବର୍ତ୍ତନଶୀଳ ଓ ଅମୃତ ସ । ବିଶିଷ୍ଟ ଧାରଣା ସଂପର୍କରେ ଏକ ନିର୍ଦ୍ଦିଷ୍ଟ ସଂଜ୍ଞା ପ୍ରଦାନ କରିବା କଷ୍ଟକର ଅଟେ । ଏହାର ଲକ୍ଷ୍ୟ, କାର୍ଯ୍ୟ ଓ ଉପଯୋଗିତା ସଂପର୍କରେ ବିଭିନ୍ନ ଦାର୍ଶନିକ, ଚିନ୍ତାନାୟକ ତଥା ଶିକ୍ଷାବିତ୍‌ମାନେ ଭିନ୍ନ ଭିନ୍ନ ମତପୋଷଣ କରିଥା'ନ୍ତି । ଶିକ୍ଷା ଏକ ଜଟିଳ ଧାରଣା ଅଟେ । ଏହି ଦୃଷ୍ଟିକୋଣରୁ ବିଭିନ୍ନ ସମୟରେ ପ୍ରାଚ୍ୟ ତଥା ପାଶ୍ଚାତ୍ୟ ଶିକ୍ଷାବିତ୍‌ଗଣ ଶିକ୍ଷା ସଂପର୍କରେ ସାମାଜିକ ଆବଶ୍ୟକତା ତଥା ଶୃଙ୍ଖଳା ପରିପ୍ରେକ୍ଷୀରେ ଭିନ୍ନ ଭିନ୍ନ ସଂଜ୍ଞାମାନ ପ୍ରଦାନ କରିଥା'ନ୍ତି । ନିମ୍ନରେ ଶିକ୍ଷା ସଂପର୍କିତ କେତେଗୋଟି ସଂଜ୍ଞା ସଂପର୍କରେ ଆଲୋଚନା କରାଯାଇଛି ।

(i) ଶିକ୍ଷା ସଂପର୍କରେ ଭାରତୀୟ ଶିକ୍ଷାବିତ୍‌ମାନଙ୍କ ମତ :

ଋକ୍‌ବେଦ ମତରେ, ''ଶିକ୍ଷା ମଣିଷକୁ ଆତ୍ମବିଶ୍ୱାସୀ ବା ଆତ୍ମନିର୍ଭରଶୀଳ ଏବଂ ନିଃସ୍ୱାର୍ଥପର ହେବାରେ ସହାୟକ ହୋଇଥାଏ ।'' ଭାରତର ସର୍ବପୁରାତନ ଧର୍ମଗ୍ରନ୍ଥ ଋକ୍‌ବେଦ ଅନୁଯାୟୀ ଶିକ୍ଷା ଏପରି ଏକ ମାଧ୍ୟମ ଯାହାଦ୍ୱାରା

ମାନବ ମଧ୍ୟରେ ଉଭୟ ଆତ୍ମନିର୍ଭରଶୀଳ ଏବଂ ନିଃସ୍ୱାର୍ଥପର ଗୁଣର ବିକାଶ ହୋଇଥାଏ । ପୁନଶ୍ଚ ବୈଦିକ ମତକୁ ବିଶ୍ଳେଷଣ କରାଗଲେ ଜଣାଯାଏ ଯେ, ଉପନିଷଦ୍ ମତରେ ଶିକ୍ଷା ଏପରି ଏକ ମାଧ୍ୟମ ଯାହା ମଣିଷକୁ ମୁକ୍ତିପଥର ମାର୍ଗ ପ୍ରଦର୍ଶନ କରାଇବା ସହ ନିର୍ବାଣ ପ୍ରାପ୍ତିରେ ସହାୟକ ହୋଇଥାଏ ।

ଗୁପ୍ତଯୁଗର ମହାନ୍ ରାଷ୍ଟ୍ରନାୟକ କୌଟିଲ୍ୟଙ୍କ ମତରେ ଶିକ୍ଷା ମଣିଷକୁ ଦେଶପ୍ରେମୀ ତଥା ସୁନାଗରିକ ରୂପେ ଗଠନ କରିବାରେ ସାହାଯ୍ୟ କରିଥାଏ ।

ହିନ୍ଦୁଧର୍ମ ଓ ଦର୍ଶନର ମହାନ ପ୍ରବ ର୍କ ଶଙ୍କରାଚାର୍ଯ୍ୟଙ୍କ ମତରେ, ''ଆତ୍ମ ସାକ୍ଷାତକାର ହିଁ ଶିକ୍ଷା ।'' ଏହି ମତାନୁଯାୟୀ ଶିକ୍ଷା ମାନବକୁ ନିର୍ବାଣପ୍ରାପ୍ତି ତଥା ଆତ୍ମୋପଲବ୍ଧି ନିମନ୍ତେ ସାହାଯ୍ୟ କରିଥାଏ ।

ଶିଖ୍‌ଧର୍ମର ମହାନ ପ୍ରବ ର୍କ ତଥା ଗୁରୁ ନାନକଙ୍କ ମତରେ, 'ଶିକ୍ଷା ହିଁ ଆତ୍ମୋପଲବ୍ଧି ଓ ମାନବର ସେବା ନିମି ଉଦ୍ଦିଷ୍ଟ ।'

ପ୍ରଖ୍ୟାତ ବେଦାନ୍ତବିତ୍ ସ୍ୱାମୀ ଦୟାନନ୍ଦଙ୍କ ମତରେ, 'ଶିକ୍ଷା ଚରିତ୍ର ଗଠନ ଓ ନୀତିନିଷ୍ଠ ଜୀବନଯାପନର ଏକ ପ୍ରକୃଷ୍ଟ ମାଧ୍ୟମ ଅଟେ ।'

ଆଧୁନିକ ଭାରତର ବିଶିଷ୍ଟ ପ୍ରୟୋଗ ତଥା ବାସ୍ତବବାଦୀ ମହାମନୀଷି ସ୍ୱାମୀ ବିବେକାନନ୍ଦଙ୍କ ମତରେ, 'ଶିକ୍ଷା ହେଉଛି ମାନବର ଦୈବୀସ ାର ପରିପୂର୍ଣ୍ଣ ପରିପ୍ରକାଶ ।' ଶିକ୍ଷା ସଂପର୍କରେ ଏକ ଭିନ୍ନ ଦୃଷ୍ଟିକୋଣ ପ୍ରକାଶ କରିବାକୁ ଯାଇ ସେ କହିଛନ୍ତି ଯେ, ଶିକ୍ଷା ହିଁ ଚରିତ୍ରଗଠନର ଏକମାତ୍ର ପ୍ରକୃଷ୍ଟ ମାଧ୍ୟମ । ଏହା ମାନବର ମାନସିକ ଦକ୍ଷତା ତଥା ବୁଦ୍ଧିର ବିକାଶ କରିବା ସହ, ତା'କୁ ସ୍ୱାବଲମ୍ବନଶୀଳ କରିଥାଏ । ଏହି ଦୃଷ୍ଟିକୋଣରୁ ବିବେକାନନ୍ଦଙ୍କ ଶିକ୍ଷା ସଂପର୍କିତ ସଂଜ୍ଞାଟିକୁ ଏକ ସର୍ବଜନାଦୃତ ବାସ୍ତବ ସଂଜ୍ଞା ରୂପେ ବିବେଚନା କରାଯାଇଥାଏ ।

ଭାରତୀୟ ଗୁରୁକୁଳ ଶିକ୍ଷାର ମହାନ୍ ପ୍ରବ ର୍କ ଗୁରୁଦେବ ରବୀନ୍ଦ୍ରନାଥ ଟାଗୋରଙ୍କ ମତରେ ତାହା ହିଁ ଶିକ୍ଷା ଯାହା ମନୁଷ୍ୟକୁ ଚରମ ସତ୍ୟ ଉପଲବ୍ଧି କରିବା ନିମନ୍ତେ ପ୍ରେରଣା ପ୍ରଦାନ କରିଥାଏ ।

ଭାରତର ବିଶିଷ୍ଟ ଶିକ୍ଷାବିତ୍, ମହାନ୍ ଯୋଗୀ ତଥା ଜାତୀୟତାବାଦୀ ଚିନ୍ତାଧାରାର ମହାନ୍ ପ୍ରବକ୍ତା ଶ୍ରୀ ଅରବିନ୍ଦଙ୍କ ମତରେ, ''ଶିକ୍ଷା ଆତ୍ମବିକାଶରେ ସାହାଯ୍ୟ କରେ ।'' ପୁନଶ୍ଚ ତାଙ୍କ ମତରେ ଏକ ଉପଯୁକ୍ତ ଶିକ୍ଷାବ୍ୟବସ୍ଥା ହିଁ ମାନବର ଅନ୍ତର୍ନିହିତ ଗୁଣାବଳୀର ବିକାଶ କରିଥାଏ ।

ଜାତିର ପିତା ମହାତ୍ମାଗାନ୍ଧୀଙ୍କ ମତରେ, ''ଶିକ୍ଷା କହିଲେ, ଶିଶୁ ଓ ମଣିଷ ମଧ୍ୟରେ ଥିବା ଶରୀର, ମନ ଓ ଆତ୍ମାର ସର୍ବ ାମୁଖୀ ଓ ସର୍ବୋତ୍କୃଷ୍ଟ ପରିପ୍ରକାଶକୁ ବୁଝାଏ ।

ବିଶ୍ୱବିଦ୍ୟାଳୟ ଶିକ୍ଷା ଆୟୋଗ (୧୯୪୮) ଙ୍କ ମତରେ, ''ଶିକ୍ଷା ହିଁ ଆତ୍ମିକ ଜୀବନର ଅୟମାରମ୍ଭ, ସତ୍ୟାନୁସନ୍ଧାନ ନିମି ମାନବାତ୍ମାର ପ୍ରଶିକ୍ଷଣ ଏବଂ ସଦ୍‌ଗୁଣର ଅଭ୍ୟାସକରଣ ।''

କୋଠାରୀ ଶିକ୍ଷା ଆୟୋଗ (୧୯୬୪-୬୬)ଙ୍କ ମତରେ, ''ଶିକ୍ଷା ମାନବର ଆଶା, ଆକାଙ୍କ୍ଷା ଓ ଆବଶ୍ୟକତାକୁ ପୂରଣ କରିବା ସହ, ସମସ୍ତ ସାମାଜିକ, ଅର୍ଥନୈତିକ ଓ ସାଂସ୍କୃତିକ ପରିବ ର୍ତ୍ତନ ନିମନ୍ତେ କ୍ଷେତ୍ର ପ୍ରସ୍ତୁତ କରିବା ଆବଶ୍ୟକ ।''

(ii) ଶିକ୍ଷା ସଂପର୍କରେ ପାଶ୍ଚାତ୍ୟ ମତ :

ଆଧୁନିକ କ୍ରମବର୍ଦ୍ଧିଷ୍ଣୁ ଶିକ୍ଷା ତଥା ଶିକ୍ଷାର ବିକାଶ ପ୍ରକ୍ରିୟା ଅନେକାଂଶରେ ପାଶ୍ଚାତ୍ୟ ସଭ୍ୟତା ଉପରେ ନିର୍ଭର କରିଥାଏ । ଶିକ୍ଷା ସଂପର୍କରେ କେତେକ ପାଶ୍ଚାତ୍ୟ ଚିନ୍ତାନାୟକଙ୍କ ମତ ନିମ୍ନରେ ପ୍ରଦାନ କରାଯାଇଛି ।

ଜ୍ଞାନଜଗତର ପିତା ପ୍ଲାଟୋଙ୍କ ମତରେ ଠିକ୍ ସମୟରେ ଆନନ୍ଦ ଓ ବିଷାଦ ଅନୁଭବ କରିବାର କ୍ଷମତାକୁ ଶିକ୍ଷା କୁହାଯାଏ । ଏହା ବ୍ୟକ୍ତିର ଶରୀର ଏବଂ ଆତ୍ମାରେ ତା'ର ଦକ୍ଷତା ଅନୁଯାୟୀ ସମସ୍ତ ପ୍ରକାର ସୌନ୍ଦର୍ଯ୍ୟ ଓ ପୂର୍ଣ୍ଣତା ଭରିଦିଏ ।

ବିଶିଷ୍ଟ ଦାର୍ଶନିକ ଆରିଷ୍ଟୋଟଲ୍‌ଙ୍କ ମତରେ, 'ଏକ ସୁସ୍ଥ ଶରୀର ସହ ଏକ ସୁସ୍ଥ ମନ ସୃଷ୍ଟି କରିବା ହିଁ ଶିକ୍ଷା । ଏହା ବ୍ୟକ୍ତିର ବିଭିନ୍ନ ବିଭାଗ ବିଶେଷତଃ ମନୋଶକ୍ତି ବିଭାଗର ପ୍ରଭୂତ ବିକାଶ ସାଧନ କରିଥାଏ, ଯଦ୍ୱାରା ବ୍ୟକ୍ତି ସଂସାରର ପରମ ମୂଲ୍ୟବୋଧ ସତ୍ୟ, ଶିବ ଓ ସୁନ୍ଦରକୁ ହୃଦୟଙ୍ଗମ କରିବା ସହ ଏଥିରେ ଥିବା ପରମସୁଖକୁ ଉପଲବ୍ଧି କରିବାରେ ସମର୍ଥ ହୋଇଥାଏ ।

ପେଷ୍ଟାଲସି (Pestalozzi)ଙ୍କ ମତରେ ମାନବର ଅନ୍ତର୍ନିହିତ ଗୁଣାବଳୀଗୁଡ଼ିକର ସ୍ୱାଭାବିକ, ସୁସଂଗତ ଏବଂ ପ୍ରଗତିଶୀଳ ବିକାଶ ଧାରାକୁ ଶିକ୍ଷା କୁହାଯାଇଥାଏ । ଅନ୍ୟ ଭାଷାରେ କହିବାକୁ ଗଲେ ଶିକ୍ଷା ମାଧ୍ୟମରେ ବ୍ୟକ୍ତିର ସ୍ୱାଭାବିକ, ସନ୍ତୁଳିତ ଓ ପ୍ରଗତିଶୀଳ ବିକାଶ ସମ୍ଭବ ହୋଇଥାଏ ।

ହର୍‌ବର୍ଟ (Herbart)ଙ୍କ ମତରେ ଶିକ୍ଷାଦ୍ୱାରା ଶିଶୁ ମଧ୍ୟରେ ଉ ମ ନୈତିକ ଚରିତ୍ରର ବିକାଶ ସାଧନ ହୋଇଥାଏ । ଚରିତ୍ର ଗଠନ ଶିକ୍ଷାର ଏକ ପ୍ରମୁଖ ଲକ୍ଷ୍ୟ ଅଟେ ।

ଫ୍ରୋବେଲ୍ (Froebel)ଙ୍କ ମତରେ ବୀଜ ବା ମାନବର ଜିନ୍‌ରେ ଲୁକ୍‌କାୟିତ ଗୁଣାବଳୀର ପରିପ୍ରକାଶକୁ ଶିକ୍ଷା କୁହାଯାଏ । ଶିକ୍ଷା ଏପରି ଏକ ମାଧ୍ୟମ ଯାହା ମାନବର ଅନ୍ତଃ ପ୍ରତିଭାକୁ ବାହ୍ୟ ରୂପ ପ୍ରଦାନ କରିଥାଏ ।

ସ୍ପେନ୍‌ସର (Spencer)ଙ୍କ ମତରେ ଶିକ୍ଷା ହିଁ ପୂର୍ଣ୍ଣାଙ୍ଗ ଜୀବନଯାପନ ଶୈଳୀକୁ ବୁଝାଇଥାଏ ଏବଂ ଏହା ଶିଶୁକୁ ସଂପୂର୍ଣ୍ଣ ସୁଖ ପ୍ରଦାନ କରିଥାଏ ।

ଥମ୍‌ସନ୍ (Thomson)ଙ୍କ ମତରେ ଶିକ୍ଷା ଏହାର ପାରିପାର୍ଶ୍ୱିକ ପ୍ରଭାବ ଦ୍ୱାରା ବ୍ୟକ୍ତିର ଅଭ୍ୟାସ, ବ୍ୟବହାର, ଚିନ୍ତନ ଓ ଦୃଷ୍ଟିଭଙ୍ଗୀରେ ଆବଶ୍ୟକ ସ୍ଥାୟୀ ପରିବ ର୍ତ୍ତନକୁ ବୁଝାଇଥାଏ ।

ଆଡାମ୍‌ସ୍ (Adams)ଙ୍କ ମତରେ ଶିକ୍ଷା ଏକ ସତତଃ ଜାଗ୍ରତ, ଉଦ୍ଦେଶ୍ୟମୂଳକ ପ୍ରକ୍ରିୟା ଯାହାଦ୍ୱାରା ଜଣେ ବ୍ୟକ୍ତିର ବ୍ୟକ୍ତିତ୍ୱର ବିକାଶ ଧାରା ଅନ୍ୟ ଜଣେ ବ୍ୟକ୍ତିର ବ୍ୟକ୍ତିତ୍ୱ ଦ୍ୱାରା ପ୍ରଭାବିତ ହୋଇଥାଏ । ଏହି ପ୍ରକ୍ରିୟା ଉପଯୁକ୍ତ ଯୋଗାଯୋଗ ଓ ଜ୍ଞାନର ଆଦାନ ପ୍ରଦାନ ପ୍ରକ୍ରିୟା ଦ୍ୱାରା ସମ୍ଭବ ହୋଇଥାଏ ।

ଟି.ପି. ନନ୍ (T.P. Nunn)ଙ୍କ ମତରେ ଶିକ୍ଷା ଶିଶୁର ବ୍ୟକ୍ତିତ୍ୱର ସମ୍ପୂର୍ଣ୍ଣ ପରିପ୍ରକାଶକୁ ବୁଝାଇଥାଏ, ଫଳସ୍ୱରୂପ ସେ ତା'ର ପ୍ରକୃତ ଦକ୍ଷତା ତଥା ପ୍ରତିଭା ବଳରେ ମାନବ ସମାଜର ବିକାଶ ନିମନ୍ତେ କାର୍ଯ୍ୟ କରିଥାଏ ।

ଜନ୍ ଡିୟୁ (John Dewey)ଙ୍କ ମତରେ ଶିକ୍ଷା ଜୀବନଧାରଣର ଏପରି ଏକ ପ୍ରକ୍ରିୟା, ଯାହାଦ୍ୱାରା ଅନୁଭୂତିର ନିରବଚ୍ଛିନ୍ନ ପୁନର୍ଗଠନ ହୋଇଥାଏ । ଶିକ୍ଷା ଶିଶୁର ଏଭଳି କିଛି ଅନ୍ତର୍ନିହିତ ପ୍ରତିଭାର ବିକାଶ ଘଟାଏ, ଯାହାଦ୍ୱାରା ଶିଶୁଟି ପରିବେଶ ଉପରେ ନିୟନ୍ତ୍ରଣ ରକ୍ଷା କରିବା ସହ, ନିଜର ସମସ୍ତ ଆବଶ୍ୟକତା ପୂରଣ କରିବାକୁ ସମର୍ଥ ହୋଇଥାଏ ।

ଟି. ରେମ ୍ (T. Raymont)ଙ୍କ ମତରେ, ଶିକ୍ଷା ଶୈଶବରୁ ପରିପକ୍ୱ ବ୍ୟକ୍ତିତ୍ୱ ଦିଗରେ ଶିଶୁର ଏକ ବିକାଶ ପ୍ରକ୍ରିୟା । ଏହା ବ୍ୟକ୍ତିକୁ ତା'ର ଶାରିରୀକ, ସାମାଜିକ ଓ ଆଧ୍ୟାତ୍ମିକ ପରିବେଶ ସହ କ୍ରମଶଃ ବିଭିନ୍ନ ମାଧ୍ୟମରେ ଖାପଖୁଆଇ ଚଳିବା ନିମି ସକ୍ଷମ କରାଇଥାଏ ।

ଜେ.ଏସ୍.ମିଲ୍ (J.S. Mill)ଙ୍କ ମତରେ ଯାହା ବ୍ୟକ୍ତିକୁ ତା'ର ନିଜତ୍ୱ ପରିପ୍ରକାଶ କରିବାରେ ସାହାଯ୍ୟ କରିବା ସହ, ଅସତ୍ ପଥରୁ ଦୂରେଇ ରଖିଥାଏ, ତାହା ହିଁ ଶିକ୍ଷା ଅଟେ । ଶିକ୍ଷା ବ୍ୟକ୍ତିର ସଦ୍‌ଗୁଣର ବିକାଶ କରିବା ସହ, ତାକୁ ବିପଥଗାମୀ ହେବାରୁ ବ ୍ତ କରିଥାଏ ।

ଶିକ୍ଷା ପ୍ରକ୍ରିୟା ବା ଶୈକ୍ଷିକ ପ୍ରକ୍ରିୟା :

ପୂର୍ବରୁ ଆଲୋଚନା କରାଯାଇଛି ଯେ, ଶିକ୍ଷା ଏପରି ଏକ ମାଧ୍ୟମ ଯାହା ବ୍ୟକ୍ତିର କେତେକ ନିର୍ଦ୍ଦିଷ୍ଟ ଗୁଣାବଳୀ ବା ଅନ୍ତର୍ନିହିତ ପ୍ରତିଭାର ବିକାଶ ନିମନ୍ତେ ସାହାଯ୍ୟ କରେ । ପ୍ରକ୍ରିୟା କହିଲେ ମୁଖ୍ୟତଃ କୌଣସି ଏକ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ହାସଲ ନିମନ୍ତେ ଉଦ୍ଦିଷ୍ଟ କାର୍ଯ୍ୟଧାରାକୁ ବୁଝାଇଥାଏ । ବ୍ୟକ୍ତିର ବିଭିନ୍ନ ଗୁଣାବଳୀର ବିକାଶ ମାଧ୍ୟମରେ ଉପଯୁକ୍ତ ବ୍ୟାବହାରିକ ପରିବ ର୍ତ୍ତନ ସୃଷ୍ଟି କରିବା ଶିକ୍ଷାର ଏକ ଲକ୍ଷ୍ୟ ଅଟେ । ଏହି ଲକ୍ଷ୍ୟ ହାସଲ ନିମନ୍ତେ ଶିକ୍ଷା ବିଭିନ୍ନ କାର୍ଯ୍ୟକ୍ରମର ସାହାଯ୍ୟ ନେଇଥାଏ । ଏହି ପରିପ୍ରେକ୍ଷୀରେ ଶିକ୍ଷାକୁ ଏକ ପ୍ରକ୍ରିୟା ବୋଲି କୁହାଯାଇଥାଏ । ଶିକ୍ଷାର ଏହି ପ୍ରକ୍ରିୟା ସାଧାରଣତଃ ବିଭିନ୍ନ ପ୍ରକାରର ହୋଇଥାଏ ।

(i) ଶିକ୍ଷା - ଏକ ଦ୍ୱିପାକ୍ଷିକ ପ୍ରକ୍ରିୟା :

ଶିକ୍ଷା ଏକ ଜୀବନବ୍ୟାପୀ ପ୍ରକ୍ରିୟା । ଏହା ବ୍ୟକ୍ତି ଉପରେ କୌଣସି ବାହ୍ୟ ରୂପ ସୃଷ୍ଟି ନକରି ତା'ର ଅନ୍ତର୍ନିହିତ ପ୍ରତିଭାର ଯଥାର୍ଥ ବିକାଶ ସାଧନ କରିଥାଏ । ଜନ୍ ଆଡାମ୍‌ସ୍ (John Adams) ଏବଂ ଅନ୍ୟ କେତେକ ଶିକ୍ଷାବିତ୍‌ଙ୍କ ମତରେ ଶିକ୍ଷା ଏକ ଦ୍ୱିପାକ୍ଷିକ ପ୍ରକ୍ରିୟା ଅଟେ । କାରଣ ଏହି ପ୍ରକ୍ରିୟା ସହ ଶିକ୍ଷକ ଏବଂ ଶିକ୍ଷାର୍ଥୀ ଏହି ଦୁଇଜଣ ବ୍ୟକ୍ତି ବିଶେଷ ଭାବରେ ସଂପୃକ୍ତ ଅଟନ୍ତି ।



ଏହି ପ୍ରକ୍ରିୟାରେ ଶିକ୍ଷକ ଏବଂ ଶିକ୍ଷାର୍ଥୀ ମଧ୍ୟରେ ମୁଖ୍ୟତଃ ଭାବର ଆଦାନ ପ୍ରଦାନ ହୋଇଥାଏ । ଜଣେ ଶିକ୍ଷା ପ୍ରଦାନ କଲେ, ଅନ୍ୟ ଜଣେ ଶିକ୍ଷାଗ୍ରହଣ କରିଥାଏ, ଜଣେ କହିଲେ, ଅନ୍ୟ ଜଣେ ଶୁଣିଥାଏ ଏବଂ ଜଣେ ନିର୍ଦ୍ଦେଶ ପ୍ରଦାନ କଲେ, ଅନ୍ୟ ଜଣେ ଏହାକୁ ପାଳନ କରିଥାଏ । ପ୍ରତ୍ୟେକ କାର୍ଯ୍ୟକ୍ରମ ପରସ୍ପର ଜଡ଼ିତ ଏବଂ ନିର୍ଭରଶୀଳ । ପାରସ୍ପରିକ ସହଯୋଗ ବ୍ୟତିରେକ ଲକ୍ଷ୍ୟ ବା ଉଦ୍ଦେଶ୍ୟ ହାସଲ କରିବା ସେମାନଙ୍କ ପକ୍ଷରେ ଅସମ୍ଭବ ହୋଇଥାଏ । ଏହି ଦୃଷ୍ଟିକୋଣରୁ ଆଡାମ୍‌ସ୍ ଶିକ୍ଷାକୁ ଏକ ଦ୍ୱିପାକ୍ଷିକ ପ୍ରକ୍ରିୟା ବୋଲି କହିଛନ୍ତି, ଯାହା ଉଭୟ ଶିକ୍ଷକ ଏବଂ ଶିକ୍ଷାର୍ଥୀଙ୍କ ପାରସ୍ପରିକ ଉଦ୍ୟମ ତଥା ସହଯୋଗ ଉପରେ ସମ୍ପୂର୍ଣ୍ଣ ନିର୍ଭର କରିଥାଏ । ଉପନିଷଦ୍‌ର ବର୍ଣ୍ଣନାନୁଯାୟୀ, ''ଶିକ୍ଷାର ଦ୍ୱିପାକ୍ଷିକ ପ୍ରକ୍ରିୟାରେ, ଶିକ୍ଷକ ଗୋଟିଏ ମେରୁ ବା ପ୍ରାନ୍ତ ଏବଂ ଶିକ୍ଷାର୍ଥୀ ଏହାର ବିପରୀତ ମେରୁ ଅଟନ୍ତି । ଶିକ୍ଷକଙ୍କ ପ୍ରଦ ଜ୍ଞାନ, ପାରସ୍ପରିକ ମତ ବିନିମୟ ଓ ଆଲୋଚନା ରୂପକ ମାଧ୍ୟମ ଦ୍ୱାରା ଶିକ୍ଷାର୍ଥୀ ନିକଟରେ ପହ ୍ଥାଏ ବା ଉଭୟଙ୍କ ମଧ୍ୟରେ ସଂଯୋଗ ସ୍ଥାପନ କରିଥାଏ ।'' ରସ୍ (Ross) ଙ୍କ ମତରେ, ''ଗୋଟିଏ ଚୁମ୍ବକ ପରି ଶିକ୍ଷାର ଦୁଇଗୋଟି ମେରୁ ବା ପ୍ରାନ୍ତ ଥାଏ ।'' ଏହି ଦୃଷ୍ଟିକୋଣରୁ ଦ୍ୱିପାକ୍ଷିକ ପ୍ରକ୍ରିୟାରେ ଉଭୟ ଶିକ୍ଷକ ଓ ଶିକ୍ଷାର୍ଥୀର ଭୂମିକା ଅତୀବ ଗୁରୁତ୍ୱପୂର୍ଣ୍ଣ ଅଟେ । ଶିକ୍ଷକଙ୍କ ସାହାଯ୍ୟ ବିନା ଏହି ପ୍ରକ୍ରିୟାଟି ଉ ମ ରୂପେ କାର୍ଯ୍ୟ କରିପାରି ନଥାଏ ।

ଶିକ୍ଷା : ଏକ ତ୍ରି-ପାକ୍ଷିକ ପ୍ରକ୍ରିୟା :

ଶିକ୍ଷଣ ପରିବେଶ ପ୍ରତି ଅବହେଳା ପ୍ରଦର୍ଶନପୂର୍ବକ ଯେତେବେଳେ ଶିକ୍ଷାର ଦ୍ୱିପାକ୍ଷିକ ପ୍ରକ୍ରିୟା ଉ ମ ରୂପେ ଏହାର କାର୍ଯ୍ୟ ସମ୍ପାଦନ କରିପାରିଲା ନାହିଁ, ସେହି ପରିସ୍ଥିତିରେ ଶିକ୍ଷାର ତ୍ରି-ପାକ୍ଷିକ ପ୍ରକ୍ରିୟା ନିଜର କ ୃତ୍ୱ ଜାହିର କରିଥିଲା । ଶିକ୍ଷାବିତ୍‌ମାନଙ୍କ ମତରେ ମଧ୍ୟ ପରିବେଶର ଉପଯୁକ୍ତ ସହଯୋଗ ବ୍ୟତିରେକ, ଶିକ୍ଷା ପ୍ରକ୍ରିୟା ଏହାର କାର୍ଯ୍ୟ ସୁଚାରୁ ରୂପେ ସମ୍ପାଦନ କରିପାରି ନଥାଏ ।

ଜନ୍ ଡିଓ୍ୱି (John Dewey) ଏବଂ ଅନ୍ୟ କେତେକ ଶିକ୍ଷାବିତ୍‌ଙ୍କ ମତରେ ଶିକ୍ଷା ଏହାର ଆଧୁନିକ ସଂଜ୍ଞାନୁଯାୟୀ ଏକ ତ୍ରି-ପାକ୍ଷିକ ପ୍ରକ୍ରିୟା ଅଟେ । ଏହି ପକ୍ଷ ବା ମେରୁଗୁଡ଼ିକ ହେଉଛି, ଶିକ୍ଷକ, ଶିକ୍ଷାର୍ଥୀ ଏବଂ ପରିବେଶ । ସମସ୍ତ ପ୍ରକାର ଶିକ୍ଷା ସମାଜ ତଥା ସାମାଜିକ ପରିସ୍ଥିତିରେ ହିଁ ସଂଗଠିତ ହୋଇଥାଏ । ପୁନଶ୍ଚ ଜନ୍ ଡିଓ୍ୱି କହନ୍ତି, ବିଭିନ୍ନ ଜାତି ବା ସମାଜର ବିଭିନ୍ନ ଗୋଷ୍ଠୀର ଜୀବନଧାରଣ ପ୍ରଣାଳୀ ସହ ସାମିଲ ହୋଇ ବ୍ୟକ୍ତି ନିଜକୁ ଶିକ୍ଷିତ କରାଇଥାଏ ।

ତାଙ୍କ ମତାନୁଯାୟୀ ସମସ୍ତ ପ୍ରକାର ଶିକ୍ଷା ସମାଜରେ ଏବଂ ସମାଜ ମାଧ୍ୟମରେ ହିଁ ସଂଗଠିତ ହୋଇଥାଏ । ଶିକ୍ଷା ପ୍ରକ୍ରିୟାରେ ଶିକ୍ଷକ ଏବଂ ଶିକ୍ଷାର୍ଥୀ ବ୍ୟତୀତ, ସମାଜର ଭୂମିକା ଅତୀବ ଗୁରୁତ୍ୱପୂର୍ଣ୍ଣ ଅଟେ । ସାମାଜିକ ପରିବେଶ ଶିକ୍ଷକ ଓ ଶିକ୍ଷାର୍ଥୀଙ୍କ ପାଇଁ ଅନେକ ଅନୁଭୂତି ଓ ଜ୍ଞାନ ଆହରଣ କରିବାର ସୁଯୋଗ ସୃଷ୍ଟି କରିଥାଏ । ଫଳତଃ ଶିକ୍ଷାର୍ଥୀ ସମାଜ ଉପଯୋଗୀ ହେବା ହେବାପାଇଁ ସମର୍ଥ ହୁଏ । ପାଠ୍ୟକ୍ରମର ବାସ୍ତବ ରୂପାୟନ, ଶିକ୍ଷା ପ୍ରକ୍ରିୟାର ତିନିଗୋଟି ମୁଖ୍ୟ ଉପାଦାନ ଯଥା ଶିକ୍ଷକ, ଶିକ୍ଷାର୍ଥୀ ଏବଂ ସମାଜ ମଧ୍ୟରେ ପାରସ୍ପରିକ ସଂପର୍କ ଓ କାର୍ଯ୍ୟକ୍ରମ ଉପରେ ନିର୍ଭର କରିଥାଏ । ସମାଜର ଆବଶ୍ୟକତାକୁ ବିଚାର କରି ଶିକ୍ଷକ, ଶିକ୍ଷାର୍ଥୀର ବ୍ୟକ୍ତିତ୍ୱ ତଥା ଆଚରଣଗତ ପରିବ ର୍ତ୍ତନ ପାଇଁ ଉଦ୍ୟମ କରିଥା'ନ୍ତି । ଏହି ଶିକ୍ଷା ପ୍ରକ୍ରିୟାର ବିଭିନ୍ନ ଉପାଦାନ ଗୁଡ଼ିକ ମଧ୍ୟରେ ସଂପର୍କ ନିମ୍ନପ୍ରଦ ତ୍ରିଭୁଜାକାର ଚିତ୍ର ମାଧ୍ୟମରେ ପ୍ରଦାନ କରାଯାଇଛି ।



ସାମାଜିକ ପରିବେଶର ବ୍ୟାପକ ଢ଼ା । ମଧ୍ୟରେ ଶିକ୍ଷା ପ୍ରକ୍ରିୟା ଉଭୟ ଶିକ୍ଷକ ଏବଂ ଶିକ୍ଷାର୍ଥୀଙ୍କୁ ସେମାନଙ୍କର କାର୍ଯ୍ୟପାଇଁ ମୂଳଭି ି ପ୍ରଦାନ କରିଥାଏ । ଆଧୁନିକ ଶିକ୍ଷାବିଜ୍ଞାନ ଶୈକ୍ଷିକ ପ୍ରକ୍ରିୟାରେ ଶିକ୍ଷାର୍ଥୀଙ୍କୁ ଯଥେଷ୍ଟ ଗୁରୁତ୍ୱ ପ୍ରଦାନ କରିଥାଏ । ମାତ୍ର ସମାଜ ତଥା ଏହାର ସାମାଜିକ, ଅର୍ଥନୈତିକ ଓ ରାଜନୈତିକ ଦୃଶ୍ୟପଟରେ ପରିବ ର୍ତ୍ତନ ଏବଂ ଆବଶ୍ୟକତା ଦୃଷ୍ଟିକୋଣରୁ ବ ର୍ତ୍ତମାନ ଜୀବନକୈନ୍ଦ୍ରିକ ଶିକ୍ଷା ଉପରେ ଯଥେଷ୍ଟ ଗୁରୁତ୍ୱ ପ୍ରଦାନ କରାଯାଉଛି । ଶିକ୍ଷାର୍ଥୀ ଏବଂ ଶୈକ୍ଷିକ ପରିବେଶ ବ୍ୟତୀତ, ଶିକ୍ଷା ପ୍ରକ୍ରିୟାର ତୃତୀୟ ଉପାଦାନଟି ହେଉଛି ଶିକ୍ଷକ । ଶିକ୍ଷକ, ଶିକ୍ଷାର୍ଥୀର ଶିକ୍ଷଣ ପରିବେଶର କେବଳ ଏକ ଅଂଶବିଶେଷ ନୁହଁନ୍ତି, ଅଧିକନ୍ତୁ ସେ ଏହାର ସଂଗଠକ ତଥା ପରିଚାଳକ ଅଟନ୍ତି ।

ଶିକ୍ଷାର ସଂକୀର୍ଣ୍ଣ ଅର୍ଥ :

ସଂକୀର୍ଣ୍ଣ ଅର୍ଥରେ ଶିକ୍ଷା କହିଲେ, ବିଭିନ୍ନ ଶିକ୍ଷାନୁଷ୍ଠାନ ତଥା ଶୈକ୍ଷିକ ପ୍ରତିଷ୍ଠାନ ଦ୍ୱାରା ଶିକ୍ଷଣ କ୍ଷେତ୍ରରେ ଉଦ୍ଦେଶ୍ୟମୂଳକ ଭାବେ ସୃଷ୍ଟି କରାଯାଉଥିବା ନିର୍ଦ୍ଦିଷ୍ଟ ବ୍ୟାବହାରିକ ପରିବ ର୍ତ୍ତନକୁ ବୁଝାଇଥାଏ । ସାଧାରଣତଃ, ଶିଶୁଟିଏ ବିଦ୍ୟାଳୟରେ ପ୍ରବେଶ କରିବା ପରେ ତା'ର ଆନୁଷ୍ଠାନିକ ଶିକ୍ଷା ଆରମ୍ଭ ହୋଇଥାଏ । ଏକ ନିର୍ଦ୍ଦିଷ୍ଟ ସ୍ତର ପର୍ଯ୍ୟନ୍ତ ଶିକ୍ଷାଲାଭ ପରେ, ଏହା ସମାପ୍ତ ହୋଇଥାଏ । ଏହି ପରିପ୍ରେକ୍ଷୀରେ ଶିକ୍ଷା, ପ୍ରଶିକ୍ଷଣ ବା ତାଲିମ୍ ଗ୍ରହଣ କରିବା ପ୍ରକ୍ରିୟା ବା ବିଦ୍ୟାଳୟ ଶିକ୍ଷାକୁ ବୁଝାଇଥାଏ ଏବଂ ବିଦ୍ୟାଳୟ ଶିକ୍ଷାଦାନର ଏକ ସ୍ୱତନ୍ତ୍ର ମାଧ୍ୟମ ଅଟେ । ସଂକୀର୍ଣ୍ଣ ଅର୍ଥରେ ଶିକ୍ଷା ଶିକ୍ଷାର୍ଥୀ ମଧ୍ୟରେ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟସହ ସୃଷ୍ଟ ପରିବ ର୍ତ୍ତନ ପ୍ରକ୍ରିୟାକୁ ବୁଝାଇଥାଏ ।

ସାଧାରଣତଃ, ଏ ପ୍ରକାର ଶିକ୍ଷା ଏକ ଆନୁଷ୍ଠାନିକ ଏବଂ ନିୟନ୍ତ୍ରିତ ପରିବେଶରେ ପ୍ରଦାନ କରାଯାଇଥାଏ । ଏହା ଏକ ପ୍ରାକ୍ ଯୋଜନାପ୍ରସୂତ ପ୍ରକ୍ରିୟା ଏବଂ ଶ୍ରେଣୀ ଗୃହ ଶିକ୍ଷା ମଧ୍ୟରେ ଆବଦ୍ଧ ଅଟେ । ଜନ୍ ଷ୍ଟୁଆର୍ଟ ମିଲ୍‌ଙ୍କ ମତରେ, ''ସଂକୀର୍ଣ୍ଣ ଅର୍ଥରେ ଶିକ୍ଷା ଏକ ସଂସ୍କୃତି, ଯାହାକୁ ସମାଜର ବ୍ୟକ୍ତିସମୂହ ସେମାନଙ୍କର ପରବ ର୍ତ୍ତୀ ବଂଶଧରଙ୍କୁ ଧାରଣ କରିବା, ବଜାୟ ରଖିବା ଏବଂ ବିକାଶ କରିବା ନିମନ୍ତେ ପ୍ରଦାନ କରିଥା'ନ୍ତି ।''

ସଂକୀର୍ଣ୍ଣ ଅର୍ଥରେ ଶିକ୍ଷା ମାନବର ଅନ୍ତର୍ନିହିତ ଗୁଣାବଳୀର ବିକାଶ ନିମନ୍ତେ ଗ୍ରହଣ କରାଯାଉଥିବା ସୁନିର୍ଦ୍ଦିଷ୍ଟ, ସୁ-ସଂଯୋଜିତ ଯୋଜନା ସମୂହକୁ ବୁଝାଇଥାଏ । ଏହି ଦୃଷ୍ଟିକୋଣରୁ ଶିକ୍ଷା ଏଭଳି କିଛି ନିର୍ଦ୍ଦିଷ୍ଟ କାର୍ଯ୍ୟକ୍ରମ ହାତକୁ ନେଇଥାଏ, ଯାହାଦ୍ୱାରା ଶିକ୍ଷାର୍ଥୀ ମଧ୍ୟରେ ପ୍ରତ୍ୟାଶିତ ବ୍ୟାବହାରିକ ପରିବ ର୍ତ୍ତନ ସଂଗଠିତ ହୋଇଥାଏ । ଏ ଦିଗରେ

ପରିବାରର କାର୍ଯ୍ୟଧାରାକୁ ତ୍ୱରାନ୍ୱିତ କରିବା ତଥା ଲକ୍ଷ୍ୟ ହାସଲ ନିମନ୍ତେ, ଶିକ୍ଷକଙ୍କ ପ୍ରତ୍ୟକ୍ଷ ତ ାବଧାନରେ ବିଦ୍ୟାଳୟ ନାମକ ଅନୁଷ୍ଠାନ ପ୍ରତିଷ୍ଠା କରାଯାଇଥାଏ । ସଂକ୍ଷେପରେ କହିବାକୁ ଗଲେ ଏ ଧରଣର ଶିକ୍ଷା ବସ୍ତୁତଃ କେତେକ ନିର୍ଦ୍ଦିଷ୍ଟ ପ୍ରସଙ୍ଗ ବା ବିଷୟବସ୍ତୁ ସଂପର୍କିତ ଶ୍ରେଣୀଗୃହ ଅଧ୍ୟାପନା ପ୍ରକ୍ରିୟା ମଧ୍ୟରେ ଆବଦ୍ଧ ଅଟେ ।

ଶିକ୍ଷାର ବ୍ୟାପକ ଅର୍ଥ :

ବ୍ୟାପକ ଅର୍ଥରେ ଶିକ୍ଷା ଏକ ଜୀବନ ବ୍ୟାପୀ ପ୍ରକ୍ରିୟା । ମାତୃଗର୍ଭରେ ଭ୍ରୁଣର ସ ାର ହେବା ଦିନଠାରୁ ମୃତ୍ୟୁପର୍ଯ୍ୟନ୍ତ ଏହା ପରିବ୍ୟାପ୍ତ । ଶିକ୍ଷାବିତ୍‌ମାନଙ୍କ ମତରେ ବ୍ୟକ୍ତିର ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ତା'କୁ ପ୍ରଭାବିତ କରୁଥିବା ଅନୁଭୂତି ଓ ଅଭିଜ୍ଞତା ସମୂହକୁ ବୁଝାଇଥାଏ । ଏହି ଅର୍ଥରେ ଶିକ୍ଷା, ଶିଶୁ ବିଦ୍ୟାଳୟ ତଥା ବିଦ୍ୟାଳୟ ପରିସର ବାହାରେ ବିଭିନ୍ନ ବିଷୟର ଅଧ୍ୟୟନ ତଥା ପାଠାଗାର, ଖେଳ ପଡ଼ିଆ ଓ ସାମାଜିକ ପ୍ରତିଷ୍ଠାନ ଇତ୍ୟାଦି ବିଭିନ୍ନ ଅନୁଷ୍ଠାନ ସହ ସଂପୃକ୍ତି ଦ୍ୱାରା ଆହରଣ କରୁଥିବା ଅଭିଜ୍ଞତା ସମୂହକୁ ବୁଝାଇଥାଏ । ଏହି ଅର୍ଥରେ ଶିକ୍ଷା ପାଠ୍ୟକ୍ରମରେ ପ୍ରସ୍ତାବିତ ବିଷୟବସ୍ତୁର ଅଧ୍ୟୟନ ବା ପଠନ, ଲିଖନ ଓ ଗଣନ (3R's) ସମ୍ବନ୍ଧୀୟ ଦକ୍ଷତା ଆହରଣ ମଧ୍ୟରେ ସୀମିତ ନୁହେଁ । ଏହା ବ୍ୟକ୍ତିର ମସ୍ତିଷ୍କ, ହୃଦୟ, ହସ୍ତ ଏବଂ ସ୍ୱାସ୍ଥ୍ୟ (4H's) ର ବିକାଶ ପ୍ରକ୍ରିୟାକୁ ବୁଝାଇଥାଏ ।

ଶିକ୍ଷାର ବ୍ୟାପକ ଅର୍ଥରେ ଉଭୟ ଶିକ୍ଷକ ଏବଂ ଶିକ୍ଷାର୍ଥୀଙ୍କ ଭୂମିକା ବିଭିନ୍ନ ସମୟରେ ପରିବ ର୍ତ୍ତନ ହୋଇଥାଏ । ଅର୍ଥାତ୍ ଶିଶୁଟିଏ ଯେ ସବୁବେଳେ ଶିକ୍ଷକଙ୍କଠାରୁ ଜ୍ଞାନ ଆହରଣ କରେ ତା' ନୁହେଁ, ଅନେକ ସମୟରେ ଶିକ୍ଷକଙ୍କର ମଧ୍ୟ ଶିଶୁଠାରୁ ବେଶ୍ କିଛି ଶିଖିବାର ଥାଏ ।

ଜଣେ ଶିଶୁର ପିତାମାତା ଯେପରି ଶିଶୁଠାରୁ ବେଳେବେଳେ କିଛି ଶିଖିଥା'ନ୍ତି; ସେହିପରି ଶିକ୍ଷକଙ୍କୁ ମଧ୍ୟ ଶିକ୍ଷାର୍ଥୀଠାରୁ ବେଳେବେଳେ ଜ୍ଞାନ ଆହରଣ କରିବାକୁ ହୋଇଥାଏ । ଏହି ଅର୍ଥରେ ଯେଉଁ ସମସ୍ତ କାର୍ଯ୍ୟକ୍ରମ ଆମର ମାନସିକ ଦିଗ୍‌ବଳୟର ସଂପ୍ରସାରଣ, ଅର୍ନ୍ତଦୃଷ୍ଟିର ବିକାଶ, ପ୍ରତିକ୍ରିୟାର ଶୁଦ୍ଧିକରଣ ଏବଂ ଚିନ୍ତନ ତଥା ଭାବନାଶକ୍ତିର ବିକାଶରେ ସାହାଯ୍ୟ କରିଥାଏ, ତା'କୁ ଶିକ୍ଷା କୁହାଯାଇଥାଏ । ଏହି ପରିପ୍ରେକ୍ଷୀରେ ଶିକ୍ଷା ଜୀବନର ଅଭିଜ୍ଞତା ସମୂହକୁ ବୁଝାଇଥାଏ ।

ବ୍ୟାପକ ଅର୍ଥରେ ଶିକ୍ଷା ଶ୍ରେଣୀଗୃହର ଶିକ୍ଷାଦାନ ତଥା ଜୀବନର ଏକ ନିର୍ଦ୍ଦିଷ୍ଟ ସୋପାନଠାରୁ ବହୁତ ଉର୍ଦ୍ଧ୍ୱରେ । ବିଭିନ୍ନ ସମୟରେ ଜୀବନର ପରିବ ର୍ତ୍ତିତ ପରିସ୍ଥିତି ସହ ଉପଯୁକ୍ତ ସମଯୋଜନ ନିମନ୍ତେ, ଜଣେ ବ୍ୟକ୍ତି ଜୀବନବ୍ୟାପୀ ଶିକ୍ଷାଗ୍ରହଣ କରିଥାଏ । ଜୀବନର ପ୍ରତ୍ୟେକ ଘଟଣା ଶିକ୍ଷଣୀୟ ଅଟେ । କଥିତ ଅଛି ଯେ, 'ଶିକ୍ଷା ହିଁ ସଜୀବମାନଙ୍କ ମଧ୍ୟରେ ଜୀବନର ପ୍ରସାରଣକୁ ବୁଝାଇଥାଏ ।' ଏ.ଏନ୍.ହ୍ୱାଇଟ୍‌ହେଡ୍ (A.N. Whitehead) ଏହି ମତ ସପକ୍ଷରେ କହିବାକୁ ଯାଇ କହିଛନ୍ତି, ''ଜୀବନ ଓ ଏହାର ବିଭିନ୍ନ ପରିପ୍ରକାଶ ହିଁ ଶିକ୍ଷାର ଏକମାତ୍ର ବିଷୟବସ୍ତୁ ।'' ଡକ୍ଟର ଏସ୍. ରାଧାକ୍ରିଷ୍ଣନ୍‌ଙ୍କ ମତରେ, ''ଶିକ୍ଷା ତଥ୍ୟ ବିନିମୟ ବା କୌଶଳର ଅଭିବୃଦ୍ଧି ନିମନ୍ତେ ପ୍ରଶିକ୍ଷଣ ମଧ୍ୟରେ ସୀମିତ ନୁହେଁ । ଏହା ପ୍ରତ୍ୟେକ ଶିକ୍ଷିତ ମାନବ ମଧ୍ୟରେ ଉପଯୁକ୍ତ ମୂଲ୍ୟବୋଧର ବିକାଶ କରିବା ଆବଶ୍ୟକ ।''

ଏହି ପରିପ୍ରେକ୍ଷୀରେ ଶିକ୍ଷା ଏକ ଜୀବନବ୍ୟାପୀ ପ୍ରକ୍ରିୟା । ଏହା ମାନବର ସୁନିୟନ୍ତ୍ରିତ ବିକାଶ ତଥା ତା'ର ବୁଦ୍ଧିଶକ୍ତି, ଭାବନା ଶକ୍ତି ଓ ବ୍ୟାବହାରିକ ଦକ୍ଷତାର ସୁବ୍ୟବସ୍ଥିତ ବିକାଶ ସାଧନ କରିବା ସହ, ବିଭିନ୍ନ ପରିବେଶରେ ନିର୍ଦ୍ଦିଷ୍ଟ ଜୀବନଯାପନ କରିବା ନିମନ୍ତେ ତା'କୁ ସକ୍ଷମ କରାଇଥାଏ ।

ବ୍ୟାପକ ଅର୍ଥରେ, ଶିକ୍ଷା ପ୍ରକ୍ରିୟା ଠିକ୍ ବିଦ୍ୟାଳୟ ଭଳି ଉଦ୍ଦେଶ୍ୟମୂଳକ, ପୂର୍ବସଂଯୋଜିତ ଏବଂ ନିର୍ଦ୍ଦିଷ୍ଟ ବିଷୟ କୈନ୍ଦ୍ରିକ ନୁହେଁ । ଏହାର ପ୍ରକୃତି ବେଶ୍ ନମନୀୟ ଏବଂ ଏହା ନିର୍ଦ୍ଦିଷ୍ଟ ସ୍ଥାନ, କାଳ, ପାତ୍ର ମଧ୍ୟରେ ସୀମୀତ ହୋଇ ନପାରେ ।

ଉଭୟ ଅର୍ଥର ସମନ୍ୱୟ :

ଶିକ୍ଷାର ଉଭୟ ସଂକୀର୍ଣ୍ଣ ଓ ବ୍ୟାପକ ଅର୍ଥ ମଧ୍ୟରେ ସମନ୍ୱୟ ସ୍ଥାପନ କରିବାର ଆବଶ୍ୟକତା ସାଧାରଣତଃ ଅନୁଭବ କରାଯାଇଥାଏ । ଶିକ୍ଷା ଶିଶୁର ବ୍ୟବହାର ତଥା ଆଚରଣ ଏବଂ ବ୍ୟକ୍ତିତ୍ୱର ବିକାଶ ନିମି ଆବଶ୍ୟକ ତଥ୍ୟ ଓ କୌଶଳମାନ ପ୍ରଦାନ କରିବା ଉଚିତ । ଶିକ୍ଷାର ଉଭୟ ଅର୍ଥ ଶିଶୁର ଶିକ୍ଷା ନିମି ଏକ ଉପଯୁକ୍ତ ଏବଂ ତାତ୍ପର୍ଯ୍ୟପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ ।

ତେଣୁ ଆମେ ଏହି ସତ୍ୟରେ ଉପନୀତ ହୋଇପାରିବା ଯେ, ଶିକ୍ଷା ସାଧାରଣତଃ ଏକ ସୁସ୍ଥ, ସୁନ୍ଦର ଓ ଆର୍ଥିକ ଦୃଷ୍ଟିରୁ ସ୍ୱଂୟ ସଂପୂର୍ଣ୍ଣ ଜୀବନ ନିମନ୍ତେ ଆବଶ୍ୟକ ଜ୍ଞାନ ଆହରଣ, କୌଶଳ ତଥା ଦୃଷ୍ଟିଭଙ୍ଗୀର ବିକାଶ ପ୍ରକ୍ରିୟାରେ ସାହାଯ୍ୟ କରିଥାଏ ।

ଶିକ୍ଷା ପ୍ରତ୍ୟେକ ଶିଶୁର ଜୀବନକୁ ଏହାର କାର୍ଯ୍ୟଧାରା ମାଧ୍ୟମରେ ମୁଖ୍ୟତଃ ଦୁଇଗୋଟି ଉପାୟରେ ପ୍ରଭାବିତ କରିଥାଏ । ପ୍ରଥମତଃ, ପାଠ୍ୟକ୍ରମ ଅନୁମୋଦିତ ଶୈକ୍ଷିକ ଅଭିଜ୍ଞତାର ପ୍ରଦାନ ମାଧ୍ୟମରେ ଏବଂ ଦ୍ୱିତୀୟତଃ, ଆବଶ୍ୟକ ମୂଲ୍ୟବୋଧ ଓ ଦୃଷ୍ଟିଭଙ୍ଗୀର ବିକାଶ ମାଧ୍ୟମରେ । ରାଧାକ୍ରିଷ୍ଣନ୍‌ଙ୍କ ମତରେ, ''ଶିକ୍ଷା ପୂର୍ଣ୍ଣତା ଲାଭ କରିବା ନିମନ୍ତେ ବ୍ୟକ୍ତିର ବୋଧଶକ୍ତିର ବିକାଶ ସହିତ, ତା'ର ହୃଦୟରେ ଆବଶ୍ୟକ ପରିବ ର୍ତ୍ତନ ଏବଂ ଆତ୍ମାକୁ ଶୃଙ୍ଖଳିତ କରିବା ଉଚିତ ।''

ଶିକ୍ଷା କହିଲେ କ'ଣ ବୁଝାଏ :

ଶିକ୍ଷାର ଅର୍ଥ ଏବଂ ସଂଜ୍ଞା ସଂପର୍କିତ ଉପରୋକ୍ତ ଆଲୋଚନାରୁ ଏହା ପ୍ରତୀୟମାନ ହୁଏ ଯେ, ଶିକ୍ଷା ପରିବ ର୍ତ୍ତନଶୀଳ ଅଟେ । ସମୟ ତଥା ସଭ୍ୟତାର ଆବଶ୍ୟକତା ଅନୁଯାୟୀ ପ୍ରତ୍ୟେକ ସମୟରେ ଭିନ୍ନ ଭିନ୍ନ ଶିକ୍ଷା ବ୍ୟବସ୍ଥାମାନ ଆତ୍ମପ୍ରକାଶ କରିଛି । ଜୀବନର ବିଭିନ୍ନ କ୍ଷେତ୍ରରେ ଯେପରି ବିଭିନ୍ନ ବ୍ୟକ୍ତିବିଶେଷ ଦେଖିବାକୁ ମିଳନ୍ତି, ଠିକ୍ ସେହିପରି ଶିକ୍ଷାର ବିଭିନ୍ନ ସଂଜ୍ଞା ରହିଛି । ଜଣେ ଦାର୍ଶନିକଙ୍କ ମତରେ ଏହା ଜ୍ଞାନ ପିପାସା, ଜୀବ ବିଜ୍ଞାନୀଙ୍କ ମତରେ ସମାଜ ସହ ଉପଯୁକ୍ତ ସମଯୋଜନ ନିମନ୍ତେ ଏହା ବ୍ୟକ୍ତି ମଧ୍ୟରେ ଆବଶ୍ୟକ ପରିବ ର୍ତ୍ତନ ସୃଷ୍ଟି କରିଥାଏ, ଜଣେ କଳାକାରଙ୍କ ମତରେ ଏହା ସୌନ୍ଦର୍ଯ୍ୟର ଉପଲବ୍ଧି ପାଇଁ ଅଭିପ୍ରେତ ହୋଇଥିବା ସ୍ଥଳେ ଜଣେ ବ୍ୟବସାୟୀଙ୍କ ମତରେ ଏହା ଜୀବନରେ ଅର୍ଥ ଉପାର୍ଜନ

ନିମନ୍ତେ ଏକ ପ୍ରଶସ୍ତ କ୍ଷେତ୍ର ଅଟେ । ଏହି ପରିପ୍ରେକ୍ଷୀରେ ଶିକ୍ଷାର ସଂଜ୍ଞାକୁ ନେଇ କୌଣସି ଏକ ନିର୍ଦ୍ଦିଷ୍ଟ ସିଦ୍ଧାନ୍ତରେ ଉପନୀତ ହେବା ଏକ କଷ୍ଟକର ବ୍ୟାପାର ଅଟେ । ତେବେ ଶିକ୍ଷାର ପରିସର ମଧ୍ୟରେ ପ୍ରବେଶ କରିବା ନିମନ୍ତେ, ଅନ୍ତତଃ ଏହାର ଅର୍ଥ ସମ୍ବନ୍ଧରେ ସ୍ପଷ୍ଟ ଧାରଣା ଥିବା ଏକାନ୍ତ ଆବଶ୍ୟକ । ଏହି ଦୃଷ୍ଟିକୋଣରୁ ଏହାର ଅର୍ଥ ସଂପର୍କରେ କେତେଗୋଟି ଗୁରୁତ୍ୱପୂର୍ଣ୍ଣ ତଥ୍ୟ ନିମ୍ନରେ ଆଲୋଚନା କରାଯାଇଛି :

(i) ବ୍ୟକ୍ତିତ୍ୱର ବିକାଶ ନିମନ୍ତେ ଶିକ୍ଷା :

ଟି.ପି. ନନ୍ (T.P. Nunn) ଙ୍କ ମତରେ, ''ଶିକ୍ଷା ବ୍ୟକ୍ତିତ୍ୱର ସଂପୂର୍ଣ୍ଣ ପରିପ୍ରକାଶ ନିମନ୍ତେ ପ୍ରତ୍ୟେକଙ୍କ ପାଇଁ ଉପଯୁକ୍ତ ବ୍ୟବସ୍ଥା ସୃଷ୍ଟି କରିଥାଏ । ଏହା ଶିଶୁର ବ୍ୟକ୍ତିତ୍ୱର ସର୍ବାଙ୍ଗୀନ ବିକାଶ ପ୍ରକ୍ରିୟାକୁ ବୁଝାଇଥାଏ, ଯଦ୍ୱାରା ଶିଶୁଟି ନିଜର ଦକ୍ଷତା ଦ୍ୱାରା ମାନବ ସମାଜ ପାଇଁ କିଛି ମୌଳିକ ଅବଦାନ କରିପାରିବ ।''

ଜନ୍ ଡିଓ୍ୱି (John Dewey) ଙ୍କ ମତରେ, ''ନିଜର ସମସ୍ତ ସମ୍ଭାବନାର ସଂପୂର୍ଣ୍ଣ ପରିପ୍ରକାଶ ତଥା ସମାଜର ନିୟନ୍ତ୍ରଣ ନିମନ୍ତେ ଆବଶ୍ୟକ ସମସ୍ତ ଦକ୍ଷତାର ବିକାଶ କେବଳ ଶିକ୍ଷା ମାଧ୍ୟମରେ ସମ୍ଭବ ହୋଇଥାଏ ।''

ପ୍ଲାଟୋ (Plato) ଙ୍କ ମତରେ, ''ଶିକ୍ଷା ବ୍ୟକ୍ତିର ସାମର୍ଥ୍ୟ ଅନୁଯାୟୀ ତା'ର ଶରୀର ଓ ଆତ୍ମାର ସଂପୂର୍ଣ୍ଣ ପରିପ୍ରକାଶକୁ ବୁଝାଇଥାଏ ।''

ଏହି ପରିପ୍ରେକ୍ଷୀରେ ଶୈଶବାବସ୍ଥାରୁ ପରିପକ୍ୱତା ପର୍ଯ୍ୟନ୍ତ ସମସ୍ତ ବିକାଶ ପ୍ରକ୍ରିୟାକୁ ଶିକ୍ଷା କୁହାଯାଇଥାଏ । ଏହା ବ୍ୟକ୍ତି ମଧ୍ୟରେ ନିହିତ ସମସ୍ତ ଅନ୍ତର୍ନିହିତ ସ ାର ବିକାଶକୁ ବୁଝାଇଥାଏ, ଯାହା ପେଷ୍ଟାଲଜ୍ଜି (Petalozzi) ଙ୍କ ମତରେ ''ସ୍ୱାଭାବିକ, ସମତୁଳିତ ଏବଂ ସୁସଂଯତ ।''

(ii) **ଶିକ୍ଷା ହିଁ ଆଚରଣଗତ ବା ବ୍ୟାବହାରିକ ପରିବ ର୍ନ :**

ଶିକ୍ଷା ଏପରି ଏକ ପ୍ରକ୍ରିୟା ଯାହା ମାନବର ପ୍ରବୃ ିର ପୁନର୍ଗଠନ ଦ୍ୱାରା ଏହାକୁ ଏକ ମାନବୀୟ ରୂପ ପ୍ରଦାନ କରିଥାଏ । ରସ୍କିନ୍ (Ruskin) ଙ୍କ ମତରେ ''ତୁମେ ଜଣେ ବ୍ୟକ୍ତିକୁ ସେ କ'ଣ ଜାଣିନାହିଁ ବରଂ ସେ ନିଜେ କ'ଣ ନୁହେଁ, ତାହା ଜଣାଇବା ମାଧ୍ୟମରେ ଶିକ୍ଷିତ କରିଥାଅ ।'' ଜନ୍‌ସନ୍‌ଙ୍କ ମତରେ ''ଶିକ୍ଷା ହିଁ ଏହାର ବିଷୟବସ୍ତୁ, ପଦ୍ଧତି ଏବଂ ପ୍ରକୃତି ମାଧ୍ୟମରେ ଜଣେ ବ୍ୟକ୍ତିକୁ ଭଲ ବା ଖରାପ ହେବାରେ ସାହାଯ୍ୟ କରିଥାଏ ।'' ଯାହା ମାନବକୁ ଏକ ନୂତନ ରୂପ ପ୍ରଦାନ କରିଥାଏ ତାହା ହିଁ ଶିକ୍ଷା ।

(iii) ଶିକ୍ଷା ହିଁ ପ୍ରଶିକ୍ଷଣ :

ଶିକ୍ଷା ଶିଶୁକୁ ତା'ର ପରବ ର୍ତ୍ତୀ ଜୀବନରେ ସମସ୍ତ ଦାୟିତ୍ୱ ସୂଚାରୁରୂପେ ସମ୍ପାଦନ କରିବା ନିମନ୍ତେ ନିର୍ଦ୍ଦିଷ୍ଟ, ସୁବ୍ୟବସ୍ଥିତ ପ୍ରଶିକ୍ଷଣ ପ୍ରଦାନ କରିଥାଏ । ଏହି ଜଟିଳ ସମାଜରେ ବିଭିନ୍ନ ପରିସ୍ଥିତିର ସମ୍ମୁଖୀନ ହେବା ନିମନ୍ତେ ଏହା ସେମାନଙ୍କର ଚିନ୍ତନ ଓ ବିଚାର ଶକ୍ତିର ଉପଯୁକ୍ତ ବିକାଶ ସାଧନ କରିଥାଏ । ଜୀବନର ସମସ୍ତ ସମ୍ଭାବନା ଓ ସମସ୍ୟାର ସମ୍ମୁଖୀନ ହେବା ନିମନ୍ତେ ଏହା ବ୍ୟକ୍ତିର ଦୃଷ୍ଟି ତଥା ଚିନ୍ତାଧାରାକୁ ଉପଯୁକ୍ତ ପ୍ରଶିକ୍ଷଣ ପ୍ରଦାନ କରିଥାଏ । ତାହାହିଁ ପ୍ରକୃତ

ଶିକ୍ଷା ଯାହା ବ୍ୟକ୍ତିକୁ ଉଭୟ ଭଲ ଓ ମନ୍ଦ ମଧ୍ୟରେ ପାର୍ଥକ୍ୟ ଜାଣିବା କ୍ଷମତା ପ୍ରଦାନ କରିଥାଏ । ଏହା ବ୍ୟକ୍ତିର ବୌଦ୍ଧିକ, ଶାରୀରିକ ଓ ମାନସିକ କ୍ଷେତ୍ରରେ ପ୍ରଶିକ୍ଷଣ ପ୍ରଦାନ କରିଥାଏ । ଏହା କେତେକ ଉଚ୍ଚତର ମାନବୀୟ ମୂଲ୍ୟବୋଧ ଯଥା; ସହଯୋଗ, ଦୟା, କ୍ଷମା, ପ୍ରେମ ଇତ୍ୟାଦି ସମ୍ପର୍କରେ ବ୍ୟକ୍ତିକୁ ପ୍ରଶିକ୍ଷଣ ପ୍ରଦାନ କରିଥାଏ ।

iv) ଶିକ୍ଷା ଏକ ଜୀବନବ୍ୟାପୀ ପ୍ରକ୍ରିୟା :

ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ପରିବ୍ୟାପ୍ତ ହୋଇଥିବା ଶିକ୍ଷା ଏକ ଜୀବନବ୍ୟାପୀ ପ୍ରକ୍ରିୟା ଅଟେ । ବ୍ୟକ୍ତି ତା'ର ଜୀବନରେ ଆହରଣ କରୁଥିବା ସମସ୍ତ ଅଭିଜ୍ଞତା, ଜ୍ଞାନ ଓ ପ୍ରଭାବ ସମୂହ ଶିକ୍ଷାର ଅନ୍ତର୍ଭୁକ୍ତ । ବ୍ୟକ୍ତିର ଜୀବନ ହିଁ ସମ୍ପୂର୍ଣ୍ଣ ଶିକ୍ଷାମୟ ଅଟେ ।

v) ଶିକ୍ଷା ହିଁ ନିର୍ଦ୍ଦେଶନା :

ଶିକ୍ଷା ହିଁ ମାନବର ଦକ୍ଷତା, ଦୃଷ୍ଟିଭଙ୍ଗୀ, ଆଗ୍ରହ, ଇଚ୍ଛାଶକ୍ତି, ଆବଶ୍ୟକତା, ପ୍ରବୃ ିଏବଂ ଗୁଣାବଳୀ ସମୂହକୁ ସର୍ବୋତ୍କୃଷ୍ଟ ସାମାଜିକ ସ୍ୱୀକୃତ ଉପାୟରେ ପରିଚାଳିତ କରିଥାଏ । ଶିକ୍ଷା ଏ ପ୍ରକାର ନିର୍ଦ୍ଦେଶନା ପ୍ରତ୍ୟକ୍ଷ ଭାବରେ ପ୍ରଦାନ କରିନଥାଏ । ବିଭିନ୍ନ ପରିସ୍ଥିତିର ଆବଶ୍ୟକତା ଓ ପ୍ରତ୍ୟାଶା ଅନୁଯାୟୀ ବ୍ୟକ୍ତିକୁ ସେ ସବୁ ପରିସ୍ଥିତିକୁ ସାମନା କରିବା ପାଇଁ ଶିକ୍ଷା ତା' ମଧ୍ୟରେ ଆବଶ୍ୟକ ଦକ୍ଷତାର ବିକାଶ ସାଧନ କରିଥାଏ । ଅନ୍ୟ ଭାଷାରେ କହିବାକୁ ଗଲେ, ଶିକ୍ଷା ବ୍ୟକ୍ତିକୁ ବିଭିନ୍ନ ପରିସ୍ଥିତିକୁ ଫଳପ୍ରଦ ଭାବରେ ସମ୍ମୁଖୀନ ହେବା ନିମନ୍ତେ ପ୍ରଶିକ୍ଷଣ ପ୍ରଦାନ କରିଥାଏ । ଏହି ପରିପ୍ରେକ୍ଷୀରେ ଶିକ୍ଷାକୁ ଏକ ସମଯୋଜନ ପ୍ରକ୍ରିୟା କୁହାଯାଏ ।

vi) ଶିକ୍ଷା ହିଁ ଅଭିଜ୍ଞତାର ନିରବଚ୍ଛିନ୍ନ ପୁନର୍ଗଠନ ପ୍ରକ୍ରିୟା :

ପୂର୍ବରୁ ଆଲୋଚନା କରାଯାଇଛି ଯେ, ବ୍ୟକ୍ତି ଜୀବନର ପ୍ରତ୍ୟେକ ଅଭିଜ୍ଞତା ବିଭିନ୍ନ ଉପାୟରେ ପରିମାର୍ଜିତ ହୋଇଥାଏ । ଏହି ଦୃଷ୍ଟିରୁ ବ୍ୟକ୍ତି ନିଜ ଜୀବନରେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟାର ପ୍ରକୃତି ଅନୁଯାୟୀ ତା'ର ଅଭିଜ୍ଞତାର ପୁନର୍ଗଠନ ହୋଇଥାଏ । ଜଣେ ବ୍ୟକ୍ତି ତା'ର ଜୀବନଦ୍ଦଶା ମଧ୍ୟରେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହୋଇଥାଏ । ଏହିସବୁ ସମସ୍ୟାର ସମ୍ମୁଖୀନ ହେବାପାଇଁ ସେଗୁଡ଼ିକର ସମୟୋପଯୋଗୀ ସମାଧାନ ଆବଶ୍ୟକ ହୋଇଥାଏ । ଏହି ଦୃଷ୍ଟିକୋଣରୁ ଜୀବନର ଗତି ଯେପରି ବ୍ୟାପକ ଓ ନିରବଚ୍ଛିନ୍ନ, ଜୀବନରେ ସମ୍ମୁଖୀନ ହେଉଥିବା ଅଭିଜ୍ଞତାର ପୁନର୍ଗଠନ ମଧ୍ୟ ଠିକ୍ ସେହିପରି ବ୍ୟାପକ ଓ ନିରବଚ୍ଛିନ୍ନ । ଜୀବନର ସମସ୍ତ ଆବଶ୍ୟକତା ଗୁଡ଼ିକୁ ଫଳପ୍ରଦ ଭାବରେ ସମ୍ମୁଖୀନ ହେବା ପାଇଁ ଶିକ୍ଷା ବିଭିନ୍ନ ଅଭିଜ୍ଞତାର ନିରବଚ୍ଛିନ୍ନ ପୁନର୍ଗଠନ କରିଥାଏ । ଏହି କ୍ରମରେ ଉଭୟ ବ୍ୟକ୍ତି ଓ ସମାଜର କ୍ରମବିକାଶ ହୋଇଥାଏ । ନୂତନ ଧାରଣା, ନୂତନ ମୂଲ୍ୟବୋଧ, ନୂତନ ଦୃଷ୍ଟିଭଙ୍ଗୀ ଏବଂ ନୂତନ ଆଗ୍ରହର ବିକାଶ ନୂତନ ଅଭିଜ୍ଞତା ମାଧ୍ୟମରେ ହୋଇଥାଏ ଏବଂ ଜୀବନର ଗତିଶୀଳତା ଚାଲୁ ରହିଥାଏ ।

vii) ଶିକ୍ଷା ହିଁ ଜୀବନ :

ବାସ୍ତବରେ ଶିକ୍ଷା ମାନବ ଜୀବନର ଏକ ମୁଖ୍ୟ ପ୍ରକ୍ରିୟା ଅଟେ । ଏକ ସୁସ୍ଥ ଓ ସମନ୍ୱିତ ଜୀବନଯାପନ ନିମି ମାନବକୁ ଉପଯୋଗୀ କରି ଗଢ଼ିତୋଳିବାରେ ଶିକ୍ଷା ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ, କେବଳ ଶାରୀରିକ ସ୍ତରରେ

ନୁହେଁ, ଆଧ୍ୟାତ୍ମିକ ସ୍ତରରେ ମଧ୍ୟ ଚିରଶାନ୍ତି ପ୍ରାପ୍ତି ପ୍ରତ୍ୟେକମାନବର ଲକ୍ଷ୍ୟ ଅଟେ । ଶିକ୍ଷା ବ୍ୟତିରେକ ଏକ ଉ ମ ଜୀବନଯାପନ ସମ୍ପୂର୍ଣ୍ଣ ଅସମ୍ଭବ ଅଟେ । ବିଶିଷ୍ଟ ଶିକ୍ଷାବିତ୍ ଉଇଲ୍ ମର୍ଟଙ୍କ ମତରେ, ''ଶିକ୍ଷା ହିଁ ମାନବ ଜୀବନର ଶିକ୍ଷାନବୀଶ ଅଟେ ।'' ଏହା ମାନବକୁ ସମୟୋପଯୋଗୀ କରିବାରେ ସମ୍ପୂର୍ଣ୍ଣ ଦାୟିତ୍ୱ ଗ୍ରହଣ କରିଥାଏ । ଜୀବନର ସମସ୍ତ ଦାୟିତ୍ୱକୁ ବହନ କରିବା ତଥା ସମ୍ମୁଖୀନ ହେବା ନିମି ଏହା ବ୍ୟକ୍ତିକୁ ପ୍ରସ୍ତୁତ କରିଥାଏ ।

viii) ଶିକ୍ଷା ହିଁ ପ୍ରଭାବ :

ଶିକ୍ଷା ଉଭୟ ବ୍ୟକ୍ତି ଏବଂ ସମାଜ ମଧ୍ୟରେ ଏକ ଉ ମ ପାରସ୍ପରିକ ସମ୍ବନ୍ଧ ସ୍ଥାପନ ଦ୍ୱାରା ବ୍ୟକ୍ତିର ଅଭ୍ୟାସ, ବ୍ୟବହାର, ଚିନ୍ତାଧାରା, ଦୃଷ୍ଟିଭଙ୍ଗୀ ଇତ୍ୟାଦି କ୍ଷେତ୍ରରେ ସୁସ୍ଥ ପରିବ ର୍ନ ସଂଗଠିତ କରିଥାଏ । ଶିକ୍ଷା ଏହି ପାରସ୍ପରିକ କ୍ରିୟା ଓ ପ୍ରତିକ୍ରିୟାକୁ ପ୍ରଭାବିତ ଏବଂ ତ୍ୱରାନ୍ୱିତ କରିବା ମାଧ୍ୟମରେ ବ୍ୟକ୍ତି ମଧ୍ୟରେ ଏଭଳି କିଛି ଦକ୍ଷତାର ବିକାଶସାଧନ କରିଥାଏ ଯାହା ତା'କୁ ନିଜର ସମସ୍ତ ସମ୍ଭାବନା ସମୂହକୁ ସମାଜ ସ୍ୱୀକୃତ ଉପାୟରେ ପୂରଣ କରିବା ସହ ବିଭିନ୍ନ ପରିସ୍ଥିତିକୁ ନିୟନ୍ତ୍ରଣ କରିବା ସମ୍ପର୍କିତ ଦକ୍ଷତାର ବିକାଶ ସାଧନ କରିଥାଏ ।

ଶିକ୍ଷାର କାର୍ଯ୍ୟ :

ଆଧୁନିକ ସମାଜ ଖୁବ୍ ଦ୍ରୁତଗତିରେ ପରିବ ର୍ତ୍ତିତ ହେଉଅଛି । ପରିବ ର୍ତ୍ତନଶୀଳ ସମାଜ ସହ ତାଳଦେଇ ଚାଲିବାକୁ ହେଲେ ଶିକ୍ଷାକ୍ଷେତ୍ରରେ ବିଶ୍ୱସ୍ତରୀୟ ପରିବ ର୍ତ୍ତନ ଆବଶ୍ୟକ ଅଟେ । ଏହି କାରଣରୁ ଶିକ୍ଷାକୁ ସାମାଜିକ ପରିବ ର୍ତ୍ତନର ଏକ ମୁଖ୍ୟ ମାଧ୍ୟମ ରୂପେ ସ୍ୱୀକାର କରାଯାଇଥାଏ । ବ୍ୟକ୍ତି, ସମାଜ ତଥା ଜାତିର ବିକାଶ ଆମର ଶିକ୍ଷା ବ୍ୟବସ୍ଥା ଉପରେ ସଂପୂର୍ଣ୍ଣ ନିର୍ଭରଶୀଳ । ଏ ସମସ୍ତ ବିକାଶ ଶିକ୍ଷାର କାର୍ଯ୍ୟଧାରା ଅନ୍ତର୍ଭୁକ୍ତ ଅଟେ ।

ଶିକ୍ଷାର ଅର୍ଥ ସମ୍ପର୍କରେ ପୂର୍ବରୁ କରାଯାଇଥିବା ଆଲୋଚନା ମୁଖ୍ୟତଃ ଶିକ୍ଷାର ସଂଜ୍ଞା ଓ ତା'ର ପରିସରକୁ ବୁଝାଇଥାଏ । ମାତ୍ର ଶିକ୍ଷାର କାର୍ଯ୍ୟ କହିଲେ ଶିକ୍ଷା କ'ଣ କରେ ବା ତାହାଦ୍ୱାରା କ'ଣ ସାଧିତ ହୋଇଥାଏ ତାହାକୁ ବୁଝାଇଥାଏ । ଶିକ୍ଷାର କାର୍ଯ୍ୟ ପରିସର ଖୁବ୍ ବ୍ୟାପକ ଅଟେ । ଜନ୍ ଡିୱିଙ୍କ ମତରେ, ''ଶିକ୍ଷାର ଏକ ମୁଖ୍ୟ କାର୍ଯ୍ୟଧାରା ହେଉଛି ଅସହାୟ କ୍ରମବର୍ଦ୍ଧିଷ୍ଣୁ ବ୍ୟକ୍ତିକୁ ଏକ ସଂପୂର୍ଣ୍ଣ ଦକ୍ଷ ମାନବରେ ପରିବ ର୍ତ୍ତନ କରିବା ।'' ଡାନିଏଲ୍ ୱେବ୍‌ଷ୍ଟାର (Danial Webstar) ଙ୍କ ମତରେ, ''ଅନୁଭବର ଶୃଙ୍ଖଳାକରଣ, ଆବେଗର ନିୟନ୍ତ୍ରଣ, ଅଭିପ୍ରେରଣାର ପ୍ରତିବଳନ ଏବଂ ବ୍ୟକ୍ତିମାନଙ୍କର ଧାର୍ମିକଚେତନାର ବିକାଶ ଆଦି, ଶିକ୍ଷାର ଏକ ପ୍ରମୁଖ କାର୍ଯ୍ୟ ଅଟେ ।

ଶିକ୍ଷାର କାର୍ଯ୍ୟକୁ ମୁଖ୍ୟତଃ ଦୁଇ ଭାଗରେ ବିଭକ୍ତ କରାଯାଇପାରେ । ସେ ଦୁଇଟି ହେଉଛି ଶିକ୍ଷାର ରକ୍ଷଣଶୀଳ ଓ ପ୍ରଗତିଶୀଳ କାର୍ଯ୍ୟ । ସେହି ଦୁଇ ପ୍ରକାର କାର୍ଯ୍ୟଧାରା ସମ୍ପର୍କରେ ନିମ୍ନରେ ଆଲୋଚନା କରାଯାଇଅଛି-

a) ରକ୍ଷଣଶୀଳ କାର୍ଯ୍ୟ :

ଶିକ୍ଷାର କାର୍ଯ୍ୟଧାରା ଆଂଶିକ ଭାବରେ ରକ୍ଷଣଶୀଳ ଅଟେ । ଶିକ୍ଷାର ରକ୍ଷଣଶୀଳ କାର୍ଯ୍ୟର କହିଲେ ଶିକ୍ଷା ସମାଜର ପ୍ରଚଳିତ ମାନ, ସଂସ୍କୃତି, ମୂଲ୍ୟବୋଧ, ପ୍ରଥା ତଥା ପରମ୍ପରା ବଜାୟ ରଖିବାକୁ ବୁଝାଇଥାଏ । ଏହାକୁ ସାମାଜିକ ତଥା ସାଂସ୍କୃତିକ ଐତିହ୍ୟ କୁହାଯାଇଥାଏ । ଶିକ୍ଷା ଏହି ସାମାଜିକ ଓ ସାଂସ୍କୃତିକ, ଐତିହ୍ୟକୁ ଗୋଟିଏ ପିଢ଼ିରୁ ପରବ ର୍ତ୍ତୀ ପିଢ଼ିକୁ ହସ୍ତାନ୍ତର କରିବା ସହ ଏହାର ଉପଯୁକ୍ତ ରକ୍ଷଣାବେକ୍ଷଣ କରିଥାଏ ।

ପ୍ରତ୍ୟେକ ସମାଜର ଏକ ନିଜସ୍ୱ ସାଂସ୍କୃତିକ ଐତିହ୍ୟ ରହିଥାଏ । ଏହି ସାମାଜିକ ଓ ସାଂସ୍କୃତିକ ଐତିହ୍ୟ ପ୍ରତ୍ୟେକ ଶିଶୁକୁ ତା'ର ଶାରୀରିକ, ସାମାଜିକ, ଆର୍ଥିକ, ରାଜନୈତିକ ଏବଂ ସାଂସ୍କୃତିକ ପରିବେଶସହ ଉପଯୁକ୍ତ ସମଯୋଜନ ନିମନ୍ତେ ପ୍ରସ୍ତୁତ କରିଥାଏ । ଏହି ଦୃଷ୍ଟିକୋଣରୁ ଶିକ୍ଷାର ରକ୍ଷଣଶୀଳ କାର୍ଯ୍ୟଧାରା ଅତୀତର ଐତିହ୍ୟର ଉପଯୁକ୍ତ ସଂରକ୍ଷଣ କରିବା ସହିତ ଏହାକୁ ପରବ ର୍ତ୍ତୀ ବଂଶଧରମାନଙ୍କୁ ହସ୍ତାନ୍ତର ବା ପ୍ରଦାନ କରିଥାଏ । ସାଂସ୍କୃତିକ ଐତିହ୍ୟର ଉଭୟ ସଂରକ୍ଷଣ ଓ ସଂରଚନା କାର୍ଯ୍ୟଧାରା ଆଦିମକାଳରୁ ଶିକ୍ଷାର ମୁଖ୍ୟ କାର୍ଯ୍ୟଧାରା ରୂପେ ସ୍ୱୀକୃତ ହୋଇ ଆସିଅଛି । ଜେ.ଏସ୍.ମିଲ୍ (J.S. Mill) ଙ୍କ ମତରେ, ''ଶିକ୍ଷା କହିଲେ ସଂସ୍କୃତିକୁ ବୁଝାଇଥାଏ । ପ୍ରତ୍ୟେକ ବଂଶଧର ଉଦ୍ଦେଶ୍ୟମୂଳକ ଭାବରେ ଏହାକୁ ଧାରଣ କରି ରଖିବା ସହ ଏହାର ବିକାଶ ନିମନ୍ତେ ପରବ ର୍ତ୍ତୀ ବଂଶଧରକୁ ଏହା ପ୍ରଦାନ କରିଥାଏ ।'' ଏହି କାର୍ଯ୍ୟଧାରା ଶିକ୍ଷାକୁ ପ୍ରଗତିଶୀଳ କରିଥାଏ ।

b) ପ୍ରଗତିଶୀଳ କାର୍ଯ୍ୟ :

ସମାଜ ସ୍ଥିର ନୁହେଁ, ଏହା ପରିବ ର୍ତ୍ତନଶୀଳ । ଆଧୁନିକ ସମାଜ ଅଧିକ ମାତ୍ରାରେ ପରିବ ର୍ତ୍ତନଶୀଳ । ଏହା ଏପରି ଏକ ଶିକ୍ଷା ବ୍ୟବସ୍ଥା ଆବଶ୍ୟକ କରେ, ଯାହା କେବଳ ରକ୍ଷଣଶୀଳ ନହୋଇ ସମାଜକୁ ନିରବଚ୍ଛିନ୍ନ ଭାବରେ ପରିବ ର୍ତ୍ତନଶୀଳ ରାସ୍ତାରେ ପରିଚାଳିତ କରିପାରୁଥିବା ଆବଶ୍ୟକ । ଏହି ଦୃଷ୍ଟିରୁ ଶିକ୍ଷାର କାର୍ଯ୍ୟଧାରା ସୃଜନାତ୍ମକ ଅଟେ । ଏହି ସୃଜନାତ୍ମକ କାର୍ଯ୍ୟଧାରାକୁ ଶିକ୍ଷାର ପ୍ରଗତିଶୀଳ କାର୍ଯ୍ୟ କୁହାଯାଇଥାଏ; ଏବଂ ଏହା ସମାଜକୁ ନିରବଚ୍ଛିନ୍ନ ଭାବରେ ପ୍ରଗତିର ମାର୍ଗରେ ପରିଚାଳିତ କରିଥାଏ । ପ୍ରଗତିଶୀଳ କାର୍ଯ୍ୟଧାରାକୁ ପରିଚାଳିତ କରିବା ମାଧ୍ୟମରେ ଶିକ୍ଷା ସାମାଜିକ ପରିବ ର୍ତ୍ତନକୁ ଗ୍ରହଣ କରିବା ନିମନ୍ତେ ବ୍ୟକ୍ତି ମଧ୍ୟରେ ଆବଶ୍ୟକ ମନସ୍ତାତ୍ତ୍ୱିକ ଭିତ୍ତିଭୂମି ସୃଷ୍ଟି କରିଥାଏ । ଏହା ସେ ସମାଜର ଅନେକ ପୁରାତନ ଧାରଣା ଏବଂ ପ୍ରଥା ନୂତନ ପରିବ ର୍ତ୍ତନର ମୂଳଭିତ୍ତି ରୂପେ କାର୍ଯ୍ୟକରିଥାଏ । ପୁନଶ୍ଚ, ପୁରାତନ ଜ୍ଞାନ ଏବଂ କୌଶଳର ସଂରକ୍ଷଣ, ସାମାଜିକ ପରିବ ର୍ତ୍ତନ ତଥା ବିକାଶ ନିମିତ୍ତ ନୂତନ ଆଶା ସଞ୍ଚାର କରିଥାଏ ।

ପୂର୍ବରୁ ଆଲୋଚିତ ହୋଇଛି ଯେ ଶିକ୍ଷାର କାର୍ଯ୍ୟଧାରା କେବଳ ବ୍ୟକ୍ତି ମଧ୍ୟରେ ସୀମିତ ନୁହେଁ, ଏହା ସମାଜ, ଦେଶ ତଥା ଆନ୍ତର୍ଜାତିକ ବ୍ୟବସ୍ଥାର ଉନ୍ନତି ତଥା ବିକାଶ ନିମନ୍ତେ ଉଦ୍ଦିଷ୍ଟ । ଉପରୋକ୍ତ ଦୃଷ୍ଟିକୋଣରୁ, ଶିକ୍ଷାର କାର୍ଯ୍ୟଧାରାଗୁଡ଼ିକ ନିମ୍ନରେ ଆଲୋଚନା କରାଯାଇଅଛି ।

I. ଶିକ୍ଷାର ବ୍ୟକ୍ତିଗତ କାର୍ଯ୍ୟ :

ବ୍ୟକ୍ତିର ସ୍ୱାର୍ଥ ଦୃଷ୍ଟିକୋଣରୁ ଶିକ୍ଷା ବିଭିନ୍ନ କାର୍ଯ୍ୟ ସମ୍ପାଦନ କରିଥାଏ । ସେହି କାର୍ଯ୍ୟାବଳୀକୁ ନିମ୍ନରେ ଆଲୋଚନା କରାଯାଇଅଛି :

i) ଶିକ୍ଷା ହିଁ ବୃଦ୍ଧି :

ବ୍ୟକ୍ତିର ଉଭୟ ବୃଦ୍ଧି ଏବଂ ବିକାଶ ଶିକ୍ଷାର ମୁଖ୍ୟ କାର୍ଯ୍ୟ ଅଟେ । ପ୍ରତ୍ୟେକ ଶିଶୁ କେତେକ ନିର୍ଦ୍ଦିଷ୍ଟ ଗୁଣ ବା ପ୍ରତିଭାକୁ ନେଇ ଜନ୍ମ ହୋଇଥାଏ । ଶିଶୁଟିର ବୟସ ବୃଦ୍ଧିସହ ତା'ର ଜୀବନ ଶିକ୍ଷାର ବିଭିନ୍ନ ମାଧ୍ୟମ ଦ୍ୱାରା ପ୍ରଭାବିତ ହୋଇଥାଏ । ଶିକ୍ଷାର ବିଭିନ୍ନମାଧ୍ୟମ ଶିକ୍ଷାର୍ଥୀମାନଙ୍କୁ ଫଳପ୍ରଦ ବ୍ୟକ୍ତିଗତ, ଗୋଷ୍ଠୀଗତ ତଥା ସାମାଜିକ ଜୀବନଯାପନ

ନିମନ୍ତେ, ଉଦ୍ଦେଶ୍ୟମୂଳକ ଭାବେ ପ୍ରଶିକ୍ଷଣ ପ୍ରଦାନ କରିଥାଏ । ଶିକ୍ଷା ଏକ ନିରବଚ୍ଛିନ୍ନ ବିକାଶ ପ୍ରକ୍ରିୟା ଯାହାଦ୍ୱାରା ଜଣେ ବ୍ୟକ୍ତି ତା'ର ଜନ୍ମଗତ ଦକ୍ଷତା, ପ୍ରତିଭା, ଆଗ୍ରହ ଏବଂ ଆକାଂକ୍ଷାର ପ୍ରଭୂତ ବିକାଶ ସାଧନ କରିଥାଏ । କଥିତ ଅଛି ଯେ, ଶିକ୍ଷା ଏକ ସୁବ୍ୟବସ୍ଥିତ ପ୍ରଶିକ୍ଷଣ ବ୍ୟବସ୍ଥା ଦ୍ୱାରା ବ୍ୟକ୍ତିକୁ ବ୍ୟକ୍ତିଗତ ତଥା ସାମାଜିକ ଆବଶ୍ୟକତା ଦୃଷ୍ଟିକୋଣରୁ ତା'ର ଶାରୀରିକ, ବୌଦ୍ଧିକ, ସାମାଜିକ ଏବଂ ଆଧ୍ୟାତ୍ମିକ ଦକ୍ଷତା ସମୂହର ବିକାଶ କରାଇଥାଏ । ଏହା ମୁଖ୍ୟତଃ, ଅପରିପକ୍ୱ ବ୍ୟକ୍ତିମାନଙ୍କ ଉପରେ ପରିପକ୍ୱ ବ୍ୟକ୍ତିମାନଙ୍କ ଉଦ୍ଦେଶ୍ୟମୂଳକ ସୁବ୍ୟବସ୍ଥିତ ପ୍ରଭାବ ଦ୍ୱାରା ସମ୍ଭବ ହୋଇଥାଏ । ଶିକ୍ଷାର ଏହି କାର୍ଯ୍ୟଧାରା, ଏହାର ସଂରକ୍ଷଣ ଭୂମିକା ଉପରେ ନିର୍ଭର କରିଥାଏ ।

ii) ଶିକ୍ଷା ହିଁ ନିର୍ଦ୍ଦେଶନା :

ପ୍ରତ୍ୟେକ ଶିଶୁ ମଧ୍ୟରେ କିଛି ଜନ୍ମିତ ଅନ୍ତର୍ନିହିତ ଗୁଣାବଳୀ ଏବଂ ଦକ୍ଷତା ରହିଥାଏ ଏବଂ ଏକ ଉପଯୁକ୍ତ ପରିବେଶ ଏହାର ବିକାଶ ନିମନ୍ତେ ଉପଯୁକ୍ତ ପ୍ରେରଣା ତଥା ସୁବିଧାସୁଯୋଗ ପ୍ରଦାନ କରିଥାଏ । ମାତ୍ର, ଉପଯୁକ୍ତ ଉପଦେଶ ଏବଂ ନିର୍ଦ୍ଦେଶନା ବିନା ଏହି ଲକ୍ଷ୍ୟ ଉଦ୍ଦେଶ୍ୟମୂଳକ ଏବଂ ଅର୍ଥଦ୍ୟୋତକ ହୋଇପାରିନଥାଏ । ଅଦରକାରୀ ଏବଂ ଅବ୍ୟବସ୍ଥିତ ଚିନ୍ତାଧାରାକୁ ଦୂରକରି ବ୍ୟକ୍ତିର ସମସ୍ତ କାର୍ଯ୍ୟଧାରାକୁ ସୁବ୍ୟବସ୍ଥିତ କରିବା ନିର୍ଦ୍ଦେଶନାର ମୁଖ୍ୟ ଲକ୍ଷ୍ୟ ଅଟେ । ଉପଯୁକ୍ତ ନିର୍ଦ୍ଦେଶନା ଶିଶୁମାନଙ୍କୁ ମୂଲ୍ୟବାନ ଉଦ୍ଦେଶ୍ୟର ପରିପୂର୍ତ୍ତିରେ ସାହାଯ୍ୟ କରିବା ସହିତ ଅର୍ଥହୀନ ଏବଂ କ୍ଷତିକାରକ କାର୍ଯ୍ୟକ୍ରମରୁ ଦୂରେଇରହିବା ନିମନ୍ତେ ପ୍ରେରଣା ପ୍ରଦାନ କରିଥାଏ । ଏହି କ୍ଷେତ୍ରରେ ଉଭୟ ଶିକ୍ଷକ ଏବଂ ପିତାମାତାଙ୍କୁ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବାକୁ ହୋଇଥାଏ । ନିର୍ଦ୍ଦେଶନାଦ୍ୱାରା ଶିଶୁଟିର ସାମାଜିକ ବୃଦ୍ଧି ଓ ବିକାଶ ଆଶା କରାଯାଉଥିବା ଦୃଷ୍ଟିକୋଣରୁ ଉଭୟ ଶିକ୍ଷକ ଏବଂ ଶିକ୍ଷାର୍ଥୀ ମଧ୍ୟରେ ଏକ ଫଳପ୍ରଦ ସମ୍ପର୍କ ପ୍ରତିଷ୍ଠାର ଆବଶ୍ୟକତା ଅନୁଭବ କରାଯାଇଥାଏ । ଏହିପରି ଭାବରେ ଶିକ୍ଷା ବ୍ୟକ୍ତିର ସମସ୍ତ ଦକ୍ଷତା, ଦୃଷ୍ଟିଭଙ୍ଗୀ, ଆଗ୍ରହ, ଇଚ୍ଛାଶକ୍ତି ଆବଶ୍ୟକତା, ପ୍ରବୃ ି ଇତ୍ୟାଦିକୁ ସମାଜସ୍ୱୀକୃତ ମାର୍ଗରେ ପରିଚାଳିତ କରିଥାଏ । ଏ ସମସ୍ତ କାର୍ଯ୍ୟ ଶିକ୍ଷାର ପରିବ ର୍ତ୍ତନକାରୀ ଭୂମିକା ଉପରେ ନିର୍ଭର କରିପାରିଥାଏ ।

iii) ଶିକ୍ଷା ଜୀବନ ନିମନ୍ତେ ଏକ ପ୍ରସ୍ତୁତି :

ଶିଶୁକୁ ତାହାର ଭବିଷ୍ୟତ ଜୀବନ ନିମନ୍ତେ ପ୍ରସ୍ତୁତ କରିବା ଶିକ୍ଷାର ଅନ୍ୟଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଅଟେ । ଯେ ଆଜିର ଶିଶୁ ସେ ଆସନ୍ତା କାଲିର ନାଗରିକ । ଏହି ଦୃଷ୍ଟିରୁ ସେମାନେ ସେମାନଙ୍କର ପରିବାର ଏବଂ ସମାଜରେ ଭିନ୍ନ ଭିନ୍ନ ଭୂମିକା ତୁଲାଇଥାନ୍ତି ଏବଂ ଏଥିପାଇଁ ସେମାନଙ୍କୁ ଏକ ଉପଯୁକ୍ତ ଶିକ୍ଷା ବ୍ୟବସ୍ଥା ଦ୍ୱାରା ପ୍ରଶିକ୍ଷଣ ପ୍ରଦାନ କରାଯିବା ଏକାନ୍ତ ଆବଶ୍ୟକ । ପ୍ରୌଢ଼ାବସ୍ଥାର ଦାୟିତ୍ୱ ଏବଂ ସମସ୍ତ ବ୍ୟବସ୍ଥାକୁ ସୁଚାରୁରୂପେ ତୁଲାଇବା ନିମନ୍ତେ ସେମାନଙ୍କୁ ପ୍ରସ୍ତୁତ କରାଯିବା ଆବଶ୍ୟକ । ପ୍ରତ୍ୟେକ ସମୟରେ ଶିକ୍ଷା କ୍ରମବର୍ଦ୍ଧିଷ୍ଣୁ ଏବଂ ବିକଶିତ ଶିଶୁମାନଙ୍କୁ ସେମାନଙ୍କ ଭବିଷ୍ୟତ ଜୀବନକୁ ସଫଳତାର ସହ ସାମନା କରିବା ନିମନ୍ତେ ପ୍ରଶିକ୍ଷଣ ମାଧ୍ୟମରେ ଆବଶ୍ୟକ ଜ୍ଞାନକୌଶଳ ଏବଂ ମୂଲ୍ୟବୋଧ ଭି ିକ ଶିକ୍ଷା ପ୍ରଦାନ କରିଥାଏ । ବ୍ୟକ୍ତିକୁ ତାହାର ଦାୟିତ୍ୱ ଏବଂ ସମସ୍ତ ସମ୍ଭାବନା ସମ୍ପର୍କରେ ସୂଚାଇଦେଇ ତାହା ମଧ୍ୟରେ ଆବଶ୍ୟକ ସଚେତନତା ସୃଷ୍ଟିକରିବା ଏକ ଉ ମ ପ୍ରସ୍ତୁତି କରଣ ବ୍ୟବସ୍ଥା ଅଟେ । ପୂର୍ବରୁ ଆଲୋଚନା କରାଯାଇଅଛି ଯେ, ଶିକ୍ଷା ପ୍ରକ୍ରିୟାର ଦୁଇଗୋଟି ପ୍ରଧାନ କାର୍ଯ୍ୟ ରହିଅଛି, ଯଥା - ସଂରକ୍ଷଣ କାର୍ଯ୍ୟ ଏବଂ ପ୍ରଗତିମୂଳକ କାର୍ଯ୍ୟ ।

ସମାଜର ଆବଶ୍ୟକତା ଅନୁଯାୟୀ ଶିକ୍ଷାର ପ୍ରଗତିମୂଳକ କାର୍ଯ୍ୟ ବିଭିନ୍ନ ନୂତନ ଏବଂ ଅଭିନବ ବିଷୟବସ୍ତୁ, ପଦ୍ଧତି ଏବଂ ବ୍ୟବସ୍ଥା ସହ ସମ୍ପୃକ୍ତ । ଜଣେ ବ୍ୟକ୍ତି ସମାଜର ଦାୟିତ୍ୱ ସଂପନ୍ନ ବୟସ୍କ ନାଗରିକ ଭାବରେ ସମସ୍ତ ପ୍ରତିକୂଳ ଅବସ୍ଥାକୁ ସାହସର ସହିତ ସମ୍ମୁଖୀନ ହେବା ଆବଶ୍ୟକ ଏବଂ ଶିକ୍ଷା ବ୍ୟବସ୍ଥା ଏଥିନିମନ୍ତେ ବ୍ୟକ୍ତିକୁ ପ୍ରସ୍ତୁତ କରିଥାଏ ।

II. ସମାଜ ପ୍ରତି ଶିକ୍ଷାର କାର୍ଯ୍ୟ :

ସମାଜ ପ୍ରତି ଶିକ୍ଷାର ଅନେକ କାର୍ଯ୍ୟ ରହିଛି । ସମସ୍ତ ପ୍ରକାର ସାମାଜିକ ବିକାଶ ଉପଯୁକ୍ତ ଶିକ୍ଷା ପ୍ରକ୍ରିୟାଦ୍ୱାରା ସମ୍ଭବ ହୋଇଥାଏ । ଶିକ୍ଷା ପ୍ରକ୍ରିୟା ସାହାଯ୍ୟରେ ଆମର ସମାଜ ଏହି ଅବସ୍ଥାରେ ଆସି ପହଁଚି । ସମାଜ ପ୍ରତି ଶିକ୍ଷାର କାର୍ଯ୍ୟ ନିମ୍ନରେ ଆଲୋଚନା କରାଯାଇଅଛି ।

i) ଜୀବନ ଧାରାର ରକ୍ଷଣାବେକ୍ଷଣ :

ସାମାଜିକ ଜୀବନଧାରାର ରକ୍ଷଣାବେକ୍ଷଣ ଶିକ୍ଷାର ସମାଜ ପ୍ରତି ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଅଟେ । ଜୀବନ ରକ୍ଷଣାବେକ୍ଷଣର ଦୁଇଗୋଟି ମୁଖ୍ୟ ଦିଗ ରହିଥାଏ, ଯଥା : ଭୌତିକ ଜୀବନ ଏବଂ ସାମାଜିକ ଜୀବନ । ଭୌତିକ ଦୃଷ୍ଟିକୋଣରୁ ବ୍ୟକ୍ତି ଏବଂ ସମାଜ ମଧ୍ୟରେ ନିରବଚ୍ଛିନ୍ନ ଭାବେ ଅହରହ ଦ୍ୱନ୍ଦ୍ୱ ଚାଲିଅଛି । ଏହି ଦ୍ୱନ୍ଦ୍ୱକୁ ନିରବଚ୍ଛିନ୍ନ କୁହାଯିବାର କାରଣ ହେଉଛି; ଜଣେ ବ୍ୟକ୍ତିର ମୃତ୍ୟୁ ପରେ ମଧ୍ୟ ତା'ର ବଂଶଧର ପ୍ରକୃତି ସହ ତା'ର ଅସମାପ୍ତ ଲଢ଼େଇ ଓ ପାରସ୍ପରିକ ସଂପର୍କକୁ ଉଜ୍ଜୀବିତ କରି ରଖିଥା'ନ୍ତି । ସାମାଜିକ ଦୃଷ୍ଟିକୋଣରୁ ଗୋଟିଏ ବଂଶଧର ଏହାର ପରବର୍ତ୍ତୀ ବଂଶଧରକୁ ସାମାଜିକ ତଥା ପାରିବାରିକ ପ୍ରଥା ଏବଂ ପରମ୍ପରା ପ୍ରଦାନ ମାଧ୍ୟମରେ ଜୀବନ ଧାରାକୁ ଚାଲୁ ରଖିଥାଏ । ଶିକ୍ଷା ମାଧ୍ୟମରେ ବୟସ୍କମାନେ ଶିଶୁମାନଙ୍କୁ ବୟସ୍କ ଜୀବନଯାପନ ନିମନ୍ତେ ପ୍ରଶିକ୍ଷଣ ପ୍ରଦାନ କରିଥା'ନ୍ତି । ତେଣୁ ଜୀବନର ନିରବଚ୍ଛିନ୍ନ ଧାରା ଶିକ୍ଷାର ସଂରକ୍ଷଣ କାର୍ଯ୍ୟଦ୍ୱାରା ହାସଲ ହୋଇଥାଏ । ମାତ୍ର, ସମାଜର ପରିବର୍ତ୍ତନଶୀଳ କାର୍ଯ୍ୟକ୍ରମ ଏବଂ ଜୀବନଧାରାକୁ ଲକ୍ଷ୍ୟ କରି ଯେତେବେଳେ ଏହା ଶିଶୁମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥାଏ, ସେହି ସମୟରେ ମଧ୍ୟ ଏହା ପ୍ରଗତିଶୀଳ ପ୍ରକୃତି ସହ ସଂପୃକ୍ତ ଥାଏ ।

(ii) ସଂସ୍କୃତିର ସଂରକ୍ଷଣ :

ସଂସ୍କୃତିର ସଂରକ୍ଷଣ ସମାଜ ପ୍ରତି ଶିକ୍ଷାର ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟଧାରା ଅଟେ । ଶିକ୍ଷା ଏହାର ମୂଲ୍ୟବାନ ସାଂସ୍କୃତିକ ଐତିହ୍ୟ ଏବଂ ସଭ୍ୟତାକୁ ସଂରକ୍ଷିତ କରି ରଖିବା ସହିତ ପରବର୍ତ୍ତୀ ବଂଶଧରମାନଙ୍କୁ ପ୍ରଦାନ କରିଥାଏ । ତେଣୁ ବଂଶାନୁକ୍ରମେ ସେହି ସାଂସ୍କୃତିକ ଐତିହ୍ୟ ଓ ସଭ୍ୟତା ଗୋଟିଏ ପିଢ଼ିରୁ ଅନ୍ୟପିଢ଼ିକୁ ସଂଚରିତ ହୋଇଥାଏ । ଏକ ଉପଯୁକ୍ତ ଏବଂ ଫଳପ୍ରଦ ଶିକ୍ଷା ବ୍ୟବସ୍ଥାର ସାହାଯ୍ୟ ବିନା ଏହି ସଂରକ୍ଷଣ ଏବଂ ସଂଚରଣ କାର୍ଯ୍ୟ ସମ୍ଭବ ହୋଇନଥାଏ । ସଂସ୍କୃତିର ସଂରକ୍ଷଣ ଏବଂ ବିକାଶ ନିମିତ୍ତ ଶିକ୍ଷାର ଏହି ଉଭୟ କାର୍ଯ୍ୟଧାରା ଅତୀବ ଗୁରୁତ୍ୱପୂର୍ଣ୍ଣ ।

(iii) ସଭ୍ୟତାର ବିକାଶ :

ସଭ୍ୟତାର ବିକାଶ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ଶିକ୍ଷାର ସମାଜପ୍ରତି ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟଧାରା ଅଟେ । ଏକ ଉପଯୁକ୍ତ ଶିକ୍ଷା, ଅଭିଜ୍ଞତାର ପୁନର୍ଗଠନ ଓ ପୁନଃ ସଂଯୋଜନା ମାଧ୍ୟମରେ ସମାଜର ଭବିଷ୍ୟତ ଆବଶ୍ୟକତାଗୁଡ଼ିକୁ

ପୂରଣ କରିପାରିଥାଏ । ନୂତନ ଅଭିଜ୍ଞତା ମାଧ୍ୟମରେ ନୂତନ ଧାରଣା, ମୂଲ୍ୟବୋଧ, ଦୃଷ୍ଟିଭଙ୍ଗୀ, ଆଗ୍ରହ, ଇତ୍ୟାଦି ବିକଶିତ ହୋଇଥାଏ ଏବଂ ଜୀବନର ବହୁବିଧତା ପ୍ରକାଶ ପାଇବା ସହିତ ଚାଲୁ ରହିଥାଏ । ଏହି ଦୃଷ୍ଟିକୋଣରୁ ଶିକ୍ଷା ଉଭୟ ସଂରକ୍ଷଣ ଓ ପ୍ରଗତିମୂଳକ କାର୍ଯ୍ୟ ସଂପାଦନ କରିଥାଏ । ଏହା ଅତୀତର ମୂଲ୍ୟବାନ ସଂସ୍କୃତିର ସଂରକ୍ଷଣ କରିବା ସହ ଏହାକୁ ପରବ ୀ ବଂଶଧରମାନଙ୍କୁ ସ ରିତ କରିଥାଏ ଏବଂ ସଭ୍ୟତାର ବିକାଶ ନିମନ୍ତେ ଉପଯୁକ୍ତ ପରିସ୍ଥିତି ସୃଷ୍ଟି କରିଥାଏ ।

(iv) ସାମାଜିକ ସଂସ୍କାରର ଉ ରଣ :

ଶିକ୍ଷା ସମାଜରେ ଆବଶ୍ୟକ ସଂସ୍କାର ଆଣିବା ସହ ଏହାର ବିକାଶ ନିମନ୍ତେ ଅନେକ ସଂସ୍କାରମୂଳକ କାର୍ଯ୍ୟ ହାତକୁ ନେଇଥାଏ । ଏହି ଉପଲକ୍ଷେ ଶିକ୍ଷା ଅନ୍ଧବିଶ୍ୱାସ, କୁସଂସ୍କାର ଏବଂ ବିଭିନ୍ନ ସମାଜ ଅନୁପଯୋଗୀ ତଥା ପରମ୍ପରା ଇତ୍ୟାଦିକୁ ପରିବ ନ କରିବା ନିମନ୍ତେ ଅହରହ ଉଦ୍ୟମ କରିଥାଏ । ଏହି କାର୍ଯ୍ୟ ସମାପନ ନିମନ୍ତେ ଶିକ୍ଷା ନିଜକୁ ବ ମାନର ସାମାଜିକ ବ୍ୟବସ୍ଥା ସହ ସାମିଲ କରିନେବା ସହ ବ୍ୟକ୍ତି ମଧ୍ୟରେ ଆବଶ୍ୟକ ବୁଦ୍ଧିମ ।, ଅନ୍ତଃଦୃଷ୍ଟି ଏବଂ ଦକ୍ଷତାର ବିକାଶ ସାଧନ କରିଥାଏ ଯାହାଦ୍ୱାରା ସମାଜର କୁ-ବ୍ୟବସ୍ଥା ଗୁଡ଼ିକୁ ଦୂରୀକରଣ କରିବା ନିମନ୍ତେ ଜଣେ ବ୍ୟକ୍ତି ସକ୍ଷମ ହୋଇଥାଏ । ସୁତରାଂ ଏହା ବ୍ୟକ୍ତି ତଥା ସମାଜର ମଙ୍ଗଳ ନିମନ୍ତେ ସାମାଜିକ ବ୍ୟବସ୍ଥାରେ ଆବଶ୍ୟକ ପରିବ ନ ସଂଗଠିତ କରିଥାଏ । ଏହି ସମସ୍ତ କାର୍ଯ୍ୟ ଶିକ୍ଷାର ଉଭୟ ସଂରକ୍ଷଣ ଓ ପ୍ରଗତିମୂଳକ କାର୍ଯ୍ୟଧାରା ଉପରେ ନିର୍ଭର କରିଥାଏ ।

III. ଜାତି ପ୍ରତି ଶିକ୍ଷାର କାର୍ଯ୍ୟ :

ଜାତୀୟ ବିକାଶ ନିମନ୍ତେ ଶିକ୍ଷା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ଦେଶ ତଥା ଜାତିର ସମସ୍ତ ବିକାଶ ପ୍ରକ୍ରିୟାକୁ ବାସ୍ତବ ରୂପ ପ୍ରଦାନ କରିବାରେ ଏହା ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ । କୌଣସି ଏକ ଦେଶର ଅର୍ଥନୈତିକ, ସାମାଜିକ, ରାଜନୈତିକ, ସାଂସ୍କୃତିକ ଏବଂ ଅନ୍ୟାନ୍ୟ ବିକାଶ ମୁଖ୍ୟତଃ ଶୈକ୍ଷିକ ବିକାଶ ଉପରେ ନିର୍ଭର କରିଥାଏ । ଦେଶର ବିଭିନ୍ନ ରାଜନୈତିକ ଆଦର୍ଶ ଯଥା ଗଣତନ୍ତ୍ର, ସମାଜତନ୍ତ୍ର, ଧର୍ମନିରପେକ୍ଷବାଦ, ସାମ୍ୟବାଦ, ଜାତୀୟ ସଂହତି ଇତ୍ୟାଦି କେବଳ ଶୈକ୍ଷିକ ଉଦ୍ୟମ ଦ୍ୱାରା ସାଧିତ ହୋଇଥାଏ । କୌଣସି ଏକ ଦେଶର ଜନସାଧାରଣଙ୍କ ଶୈକ୍ଷିକ ଭି ିଭୂମି ସେହି ଦେଶର ଜାତୀୟ ବିକାଶର ପ୍ରକୃତ ପରିଚୟ ବହନ କରିଥାଏ । ଜାତିପ୍ରତି ଶିକ୍ଷାର କେତେଗୋଟି ମୁଖ୍ୟ ଭୂମିକା ବା କାର୍ଯ୍ୟ ନିମ୍ନରେ ଆଲୋଚନା କରାଯାଇଅଛି :

(i) ନାଗରିକତ୍ୱ ଓ ସାମାଜିକ ଦାୟିତ୍ୱବୋଧର ବିକାଶ :

ଭାରତ ପରି ଏକ ବିଶାଳ ଗଣତାନ୍ତ୍ରିକ ରାଷ୍ଟ୍ରରେ ଜନସାଧାରଣମାନଙ୍କର ନାଗରିକତ୍ୱ ଓ ସାମାଜିକ ଦାୟିତ୍ୱ ସମ୍ପର୍କିତ ଜ୍ଞାନ ତଥା ସଚେତନତାର ବିକାଶ ଅତୀବ ଗୁରୁତ୍ୱପୂର୍ଣ୍ଣ ଅଟେ । ଶିକ୍ଷା ହିଁ ଏକମାତ୍ର ମାଧ୍ୟମ ଯାହା ସାହାଯ୍ୟରେ ବ୍ୟକ୍ତି ମଧ୍ୟରେ ଏ ସବୁ ଗୁଣାବଳୀ ବିକାଶ ଲାଭ କରିଥାଏ । ଶିକ୍ଷା ମାଧ୍ୟମରେ ସମାଜର ସାମାଜିକ ପ୍ରଥା, ଆଦର୍ଶ ଏବଂ ମୂଲ୍ୟବୋଧ ସମୂହ ଗୋଟିଏ ପିଢ଼ିରୁ ଅନ୍ୟ ପିଢ଼ିକୁ ଏପରି ଭାବେ ସ ରିତ ହୋଇଥାଏ ଯେ, ପ୍ରତ୍ୟେକ ବ୍ୟକ୍ତି ଆସନ୍ତା

କାଲିର ଜଣେ କ୍ରିୟାଶୀଳ ନାଗରିକ ଭାବେ ନିଜର ଭୂମିକା ତୁଲାଇଥାଏ । ଶିକ୍ଷାବିତ୍ ଡକ୍ଟର ଜାକିର ହୁସେନ୍‌ଙ୍କ ମତରେ, ''ଏକ ଗଣତାନ୍ତ୍ରିକ ସମାଜରେ ସାମାଜିକ ଜୀବନକୁ ନୈତିକ ତଥା ବସ୍ତୁବାଦୀ ଦୃଷ୍ଟିକୋଣରୁ ପରିଚାଳିତ କରିବା ନିମନ୍ତେ ପ୍ରତ୍ୟେକ ନାଗରିକ ତା'ର ଦାୟିତ୍ୱକୁ ସୁଚାରୁ ରୂପେ ନିର୍ବାହ କରିବା ଉଚିତ ।''

(ii) ନେତୃତ୍ୱ ନିମନ୍ତେ ପ୍ରଶିକ୍ଷଣ :

ଗଣତନ୍ତ୍ରର ସଫଳତା ମୁଖ୍ୟତଃ ସାମାଜିକ, ଅର୍ଥନୈତିକ, ରାଜନୈତିକ, ଧାର୍ମିକ ଓ ଶିକ୍ଷା କ୍ଷେତ୍ରରେ ସଫଳ ନେତୃତ୍ୱ ଉପରେ ନିର୍ଭର କରିଥାଏ । ନେତୃତ୍ୱର ବିକାଶ ପାଇଁ ଶିକ୍ଷା ଉପଯୁକ୍ତ ଜ୍ଞାନ, କୌଶଳ ଓ ମୂଲ୍ୟବୋଧ ପ୍ରଦାନ କରିବାରେ ସାହାଯ୍ୟ କରେ । ଜଣେ ପ୍ରକୃତ ନେତା ହିଁ ଦେଶକୁ ସଠିକ୍ ମାର୍ଗରେ ପରିଚାଳିତ କରିଥାଏ । ଗଣତନ୍ତ୍ରର ସଫଳତା ମୁଖ୍ୟତଃ ଶିକ୍ଷିତ ନାଗରିକମାନଙ୍କ ଉପରେ ନିର୍ଭର କରିଥାଏ ଏବଂ ଦେଶର ପ୍ରତ୍ୟେକ ନାଗରିକ ଉପଯୁକ୍ତ ଶିକ୍ଷାଲାଭ କରିପାରିଲେ ଦେଶର ପ୍ରକୃତ ବିକାଶ ସାଧନ ହୋଇପାରିବ । ଏହି କାରଣରୁ ଶିକ୍ଷା ଏକ ଉପଯୁକ୍ତ ଶୈକ୍ଷିକ ବ୍ୟବସ୍ଥା ମାଧ୍ୟମରେ ଦେଶର ଜନସାଧାରଣଙ୍କୁ ନେତୃତ୍ୱ ସମ୍ବନ୍ଧରେ ଆବଶ୍ୟକ ପ୍ରଶିକ୍ଷଣ ପ୍ରଦାନ କରିଥାଏ ।

(iii) ଜାତୀୟ ସଂହତିର ବିକାଶ :

ପିଲାମାନଙ୍କ ମଧ୍ୟରେ ଜାତୀୟ ସଂହତି ଭାବନାର ବିକାଶ ଶିକ୍ଷାର ଅନ୍ୟତମ ପ୍ରମୁଖ କାର୍ଯ୍ୟ ଅଟେ । ଜାତୀୟ ସଂହତି ପ୍ରତିଷ୍ଠା ବିନା ଦେଶର ବିକାଶ ସଂପୂର୍ଣ୍ଣ ଅସମ୍ଭବ ଅଟେ । ବିଖ୍ୟାତ ଦାର୍ଶନିକ ରାଧାକ୍ରିଷ୍ଣନ୍‌ଙ୍କ ମତରେ, ''ଜାତୀୟ ସଂହତି ହାତୁଡ଼ି ବା ନିହାଣ ଦ୍ୱାରା ସୃଷ୍ଟି କରାଯାଇ ପାରିବ ନାହିଁ । ଏହା ମାନବର ହୃଦୟ ଏବଂ ମନରେ ଧିରେ ଧିରେ ବିକଶିତ ହୋଇଥାଏ । ଏଥି ନିମନ୍ତେ ଶିକ୍ଷା ହେଉଛି ଏକମାତ୍ର ବଳିଷ୍ଠ ମାଧ୍ୟମ ।''

(iv) ଆବେଗିକ ସଂହତିର ବିକାଶ :

ଭାରତର ଜାତୀୟ ଜୀବନର ବିଭିନ୍ନ କ୍ଷେତ୍ର ବ୍ୟାପକ ବିଭିନ୍ନତାରେ ପରିପୂର୍ଣ୍ଣ । ପରିବେଶ, ଧର୍ମ, ଜାତି, ଭାଷା, ଚାଲିଚଳଣ ଓ ଅଭ୍ୟାସ ପ୍ରତ୍ୟେକ କ୍ଷେତ୍ରରେ ଏହି ବିଭିନ୍ନତା ଦେଖା ଯାଇଥାଏ । ଶିକ୍ଷାର ଏକ ମୁଖ୍ୟ କାର୍ଯ୍ୟ ହେଉଛି, ଏହି ବିଭେଦତା ମଧ୍ୟରେ ଏକତା ସ୍ଥାପନ କରିବା । ଶିକ୍ଷା ମାନବକୁ ତା'ର ଆବେଗରେ ଲଗାମ ଦେଇ ଏକ ସୁସ୍ଥ ସାମାଜିକ ବାତାବରଣ ସୃଷ୍ଟି କରିବାରେ ସାହାଯ୍ୟ କରିଥାଏ ।

(v) ଜାତୀୟ ବିକାଶ ନିମନ୍ତେ ଯୋଜନା :

ଜାତୀୟ ବିକାଶ ନିମି ଏକ ଫଳପ୍ରଦ ଯୋଜନା ପ୍ରଣୟନ ଜାତୀୟ ଜୀବନରେ ଶିକ୍ଷାର ଏକ ମୁଖ୍ୟ କାର୍ଯ୍ୟ ଅଟେ । ଭାରତ ପରି ଏକ ଗଣତାନ୍ତ୍ରିକ ରାଷ୍ଟ୍ରର ସର୍ବବିଧ ବିକାଶ ନିମନ୍ତେ ଯୋଜନା ପ୍ରଣୟନ କରିବା ପ୍ରତ୍ୟେକ ନାଗରିକର କ ର୍ବ୍ୟ ଏବଂ ଦାୟିତ୍ୱ । ଏହି ଲକ୍ଷ୍ୟକୁ ତ୍ୱରାନ୍ୱିତ କରିବା ନିମନ୍ତେ ଦେଶର ଜନସାଧାରଣଙ୍କ ପାଇଁ ଏକ ସାଧାରଣ ସର୍ବନିମ୍ନ ଶିକ୍ଷା ବ୍ୟବସ୍ଥାର ଆବଶ୍ୟକତା ଅନୁଭୂତ ହୋଇଥାଏ ।

(vi) ଜାତୀୟ ଶୃଙ୍ଖଳାର ବିକାଶ :

ଶୃଙ୍ଖଳା ହିଁ ଗଣତନ୍ତ୍ରର ମୂଳଦୁଆ ଅଟେ । ଦେଶର ରକ୍ଷା ନିମନ୍ତେ ଶୃଙ୍ଖଳା ଅତ୍ୟନ୍ତ ଜରୁରୀ ଅଟେ । ଦେଶର ପ୍ରତ୍ୟେକ ନାଗରିକ ଏକ ଶୃଙ୍ଖଳିତ ଜୀବନଯାପନ କରିବା ସର୍ବାଦୌ ଆବଶ୍ୟକ । ଶିକ୍ଷା ହିଁ ଜାତୀୟ ଶୃଙ୍ଖଳାର ବିକାଶ ସାଧନ କରିଥାଏ । ମୁଖ୍ୟତଃ ଏହା ବିଦ୍ୟାଳୟ ଓ ଗୃହ ପରିବେଶରୁ ହିଁ ସୃଷ୍ଟି ହୋଇଥାଏ । ତେଣୁ ବିଦ୍ୟାଳୟ ଏହାର ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ଶିକ୍ଷାର୍ଥୀମାନଙ୍କ ମଧ୍ୟରେ ଶୃଙ୍ଖଳାର ବୀଜ ବପନ କରିବା ଉଚିତ । ମାଧ୍ୟମିକ ଶିକ୍ଷା ଆୟୋଗ (୧୯୫୨-୫୩) ଶୃଙ୍ଖଳା ସମ୍ପର୍କରେ ମତ ପ୍ରକାଶ କରିବାକୁ ଯାଇ କହିଛନ୍ତି ଯେ, ''ଯେ ପର୍ଯ୍ୟନ୍ତ ଦେଶର ସମସ୍ତ ନାଗରିକ ସେମାନଙ୍କର ଦାୟିତ୍ୱ ଏବଂ କ ର୍ବ୍ୟ ଶୃଙ୍ଖଳାର ସହ ସମ୍ପାଦନ କରିବା ନିମି ଉପଯୁକ୍ତ ଭାବରେ ପ୍ରଶିକ୍ଷଣ ପ୍ରାପ୍ତ ହୋଇନାହାନ୍ତି, ସେ ପର୍ଯ୍ୟନ୍ତ ଗଣତନ୍ତ୍ର ସଫଳ ହୋଇପାରିବ ନାହିଁ ।''

(vii) ଜାତୀୟ ଦକ୍ଷତାର ବିକାଶ :

ଦେଶର ଜନସାଧାରଣଙ୍କୁ ବ୍ୟ ିଗତ ଏବଂ ଅର୍ଥନୈତିକ ଦୃଷ୍ଟିକୋଣରୁ ଉପାର୍ଜନକ୍ଷମ କରିବା, ଏକ ଗଣତାନ୍ତ୍ରିକ ରାଷ୍ଟ୍ରର ପ୍ରଥମ ଆବଶ୍ୟକତା ଅଟେ । ଜାତୀୟ ସ୍ୱାର୍ଥ ଦୃଷ୍ଟିରୁ ଦେଶର ସୀମିତ ସମ୍ବଳ ମଧ୍ୟରେ ତା'ର ପ୍ରତ୍ୟେକ ନାଗରିକଙ୍କୁ ପୂର୍ଣ୍ଣ ବିକାଶ ନିମନ୍ତେ ସମସ୍ତ ସୁଯୋଗ ପ୍ରଦାନ କରିବା, ଏକ ସୁବ୍ୟବସ୍ଥିତ ଶିକ୍ଷା ପ୍ରଣାଳୀର ମୁଖ୍ୟ କାର୍ଯ୍ୟ ଅଟେ । ଏହା ବ୍ୟକ୍ତିମାନଙ୍କ ମଧ୍ୟରେ ବିଭିନ୍ନ ଜାତୀୟ ସମସ୍ୟା ପ୍ରତି ସଚେତନତା ସୃଷ୍ଟି କରିବାରେ ସାହାଯ୍ୟ କରିବା ସହ, ସେଗୁଡ଼ିକର ସମାଧାନ ନିମି ଦକ୍ଷତାର ବିକାଶ ସାଧନ କରିଥାଏ ।

IV. ଶିକ୍ଷା ମାଧ୍ୟମରେ ଆନ୍ତର୍ଜାତୀୟତାର ବିକାଶ :

ମାନବ ଜାତିର ସର୍ବବିଧ ବିକାଶ ସମଗ୍ର ପୃଥିବୀର ବିଭିନ୍ନ ଦେଶମାନଙ୍କ ପାଇଁ ଏକ ଆହ୍ୱାନ ଅଟେ । ପୃଥିବୀର ବିଭିନ୍ନ ଦେଶ ପରସ୍ପରଠାରୁ ପୃଥକ ଭାବେ ରହିବା ଉଚିତ ନୁହେଁ । ସେମାନେ ପରସ୍ପର ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ ବାତାବରଣ ଏବଂ ସହନଶୀଳ ମନୋଭାବ ପୋଷଣ କରିବା ଆବଶ୍ୟକ । ଅଧୁନା ପୃଥିବୀର ବିଭିନ୍ନ ଦେଶ ମଧ୍ୟରେ ଗମନାଗମନ ଓ ଯୋଗାଯୋଗର ବ୍ୟବସ୍ଥା ବେଶ୍ ଉନ୍ନତ ସ୍ତରକୁ ଆସି ପାରିଛି । ଏହି ପରିପ୍ରେକ୍ଷୀରେ ପ୍ରତ୍ୟେକ ଦେଶ ଅନ୍ୟ ଦେଶ ସହ ଅସଂହତି ଭାବନାଠାରୁ ଦୂରେଇ ରହି ପରସ୍ପର ମଧ୍ୟରେ ଏକ ସହଯୋଗ ବାତାବରଣ ସୃଷ୍ଟି କରିବା ଏକାନ୍ତ ଆବଶ୍ୟକ ଅଟେ । ଏହି କାରଣରୁ ପୃଥିବୀର ବିଭିନ୍ନ ଦେଶମାନଙ୍କର ବ ର୍ତ୍ତମାନ ଏବଂ ଭବିଷ୍ୟତ ବଂଶଧରମାନଙ୍କ ମଧ୍ୟରେ ଆନ୍ତର୍ଜାତିକ ବୁଝାମଣାଭାବର ସୃଷ୍ଟି ଏକ ଜରୁରୀ ଆବଶ୍ୟକତା ଅଟେ । ଶିକ୍ଷା ହିଁ ଏକମାତ୍ର ମାଧ୍ୟମ ଯାହାଦ୍ୱାରା ଏହି ଲକ୍ଷ୍ୟ ହାସଲ ହୋଇ ପାରିଥାଏ । ଏହି ପରିପ୍ରେକ୍ଷୀରେ ଶିକ୍ଷାର କେତେକ କାର୍ଯ୍ୟ ନିମ୍ନରେ ଆଲୋଚନା କରାଯାଇଅଛି ।

(i) ସ୍ୱାଧିନ ଚିନ୍ତାଧାରାର ବିକାଶ :

ସ୍ୱାଧିନ ଚିନ୍ତାଧାରାର ବିକାଶ ଶିକ୍ଷାର ବିଭିନ୍ନ କାର୍ଯ୍ୟ ମଧ୍ୟରେ ଏକ ପ୍ରମୁଖ କାର୍ଯ୍ୟ ଅଟେ । ଏହି ସ୍ୱାଧୀନ ଚିନ୍ତାଧାରା ସାହାଯ୍ୟରେ ଜଣେ ବ୍ୟକ୍ତି ମଧ୍ୟରେ ସ୍ୱାଧିନ ନିଷ୍ପ ି ନେବାର ଦକ୍ଷତା ବୃଦ୍ଧି ପାଇଥାଏ । ଏହି ସ୍ୱାଧିନ ଚିନ୍ତାଧାରା

ପ୍ରତ୍ୟେକ ନାଗରିକଙ୍କୁ ମିଥ୍ୟାରୁ ସତ୍ୟ ଏବଂ ଅପପ୍ରଚାରରୁ ପ୍ରକୃତ ତଥ୍ୟରେ ଉପନୀତ ହେବାର ଦକ୍ଷତାର ବିକାଶ ଘଟାଇଥାଏ । ଅନ୍ୟ ବ୍ୟକ୍ତିମାନଙ୍କୁ ବୁଝିବାର ଦକ୍ଷତା ତା' ମଧ୍ୟରେ ବ୍ୟାପକ ଉଚ୍ଚତର ଦୃଷ୍ଟିଭଙ୍ଗୀ ସୃଷ୍ଟି କରିଥାଏ ।

(ii) ମାନବୀୟ ମୂଲ୍ୟବୋଧ ସ୍ଥାପନା :

ଆନ୍ତର୍ଜାତୀୟ ବୁଝାମଣାର ବିକାଶ ନିମନ୍ତେ ମାନବିକ ମୂଲ୍ୟବୋଧର ବିକାଶ ଏକ ପ୍ରାକ୍ ସ ର୍ତ ଅଟେ । ଶିକ୍ଷା ବ୍ୟକ୍ତିକୁ ମାନବୀୟ ଗୁଣାବଳୀ ଓ ଆଦର୍ଶରେ ପ୍ରଶିକ୍ଷଣ ପ୍ରଦାନ କରିଥାଏ । ଏହି କ୍ରମରେ ରାଜ୍ୟ ବା ଦେଶର ସୀମିତ ଭୌଗୋଳିକ ସୀମାର ଊର୍ଦ୍ଧ୍ୱରେ ଏହା ବ୍ୟକ୍ତି ମଧ୍ୟରେ ପାରସ୍ପରିକ ସଂପର୍କ ବୁଝାମଣା ଏବଂ ଭ୍ରାତୃତ୍ୱ ଭାବ ସୃଷ୍ଟି କରିଥାଏ । ଏ ସମସ୍ତ କାର୍ଯ୍ୟ କେବଳ ଶିକ୍ଷା ଦ୍ୱାରା ହିଁ ସମ୍ଭବ ହୋଇଥାଏ । କୌଣସି ନିର୍ଦ୍ଦିଷ୍ଟ ଜାତି ଅନ୍ୟ ଜାତି ଉପରେ ନିଜର କ ର୍ତ୍ତୃତ୍ୱ ଜାହିର କରିବା ଉଚିତ ନୁହେଁ । କାରଣ କେହି କାହାଠାରୁ ନ୍ୟୁନ ନୁହନ୍ତି । ଶିକ୍ଷା ହିଁ ପ୍ରତ୍ୟେକ ଜାତି ବା ଧର୍ମର ଲକ୍ଷ୍ୟ ଏକ ଓ ଅଭିନ୍ନ ବୋଲି ସୂଚାଇ ଦେଇଥାଏ । ଯେଉଁ ସମୟରେ ଏ ପ୍ରକାର ଚିନ୍ତାଧାରା ପ୍ରତ୍ୟେକ ବ୍ୟକ୍ତି ମଧ୍ୟରେ ଉଦ୍ରେକ ହୋଇ ପାରିବ ସେତେବେଳେ ଆଦର୍ଶଗତ ଦୃଷ୍ଟିକୋଣରୁ ପୃଥିବୀ ପୃଷ୍ଠରୁ ସମସ୍ତ ପ୍ରକାର କଳହ ଦୂର ହୋଇପାରିବ ।

(iii) ଆନ୍ତର୍ଜାତିକ ସଦ୍‌ଭାବ ଓ ଭ୍ରାତୃତ୍ୱଭାବର ବିକାଶ :

ପାରସ୍ପରିକ ଦାୟିତ୍ୱବୋଧ ଭାବନା ମାଧ୍ୟମରେ ଆନ୍ତର୍ଜାତିକ ସଦ୍‌ଭାବ ଓ ଭ୍ରାତୃତ୍ୱଭାବର ବିକାଶ ହୋଇଥାଏ । 'ସମଗ୍ର ସଂସାର ଗୋଟିଏ ପରିବାର ସଦୃଶ' - ଏହି ଧାରଣା ପିଲାମାନଙ୍କ ମଧ୍ୟରେ ବାଲ୍ୟ କାଳରୁ ସୃଷ୍ଟି କରାଯିବା ଆବଶ୍ୟକ । ସମଗ୍ର ପୃଥିବୀ ଅବିଭାଜ୍ୟ ଏବଂ ଏକ ଅଟେ । ପୃଥିବୀର ସମସ୍ତ ଦେଶର ଜନସାଧାରଣ ପୃଥିବୀର ହିଁ ନାଗରିକ ଅଟନ୍ତି । ଏହାର ବିକାଶ ସମସ୍ତଙ୍କର କ ର୍ତ୍ତବ୍ୟ ଏବଂ ଦାୟିତ୍ୱ ଅଟେ । ଏ ଧରଣର ଶିକ୍ଷା ସମସ୍ତଙ୍କ ମଧ୍ୟରେ ବିଶ୍ୱସ୍ତରୀୟ ଭାବନାର ବିକାଶରେ ସାହାଯ୍ୟ କରିଥାଏ । ସମଗ୍ର ମାନବ ଜାତିର ମଙ୍ଗଳ ପୃଥିବୀର ପ୍ରତ୍ୟେକ ନାଗରିକଙ୍କର ଲକ୍ଷ୍ୟ ଏବଂ ଆଦର୍ଶ ହେବା ଉଚିତ । ସାମାଜିକ, ଜାତୀୟ ଏବଂ ଆନ୍ତର୍ଜାତୀୟ ଦାୟିତ୍ୱବୋଧ, ଆନ୍ତର୍ଜାତୀୟ ସଦ୍‌ଭାବ ଓ ଭ୍ରାତୃତ୍ୱ ଭାବର ବିକାଶ ନିମନ୍ତେ ଶିକ୍ଷା ସାହାଯ୍ୟ କରିଥାଏ ।

ଉପସଂହାର :

ବିଭିନ୍ନ ଦୃଷ୍ଟିକୋଣରୁ ମନୁଷ୍ୟ ସମାଜରେ ତଥା ବ୍ୟକ୍ତିଗତ ଜୀବନରେ ଶିକ୍ଷାର ସ୍ଥାନ ବେଶ୍ ଗୁରୁତ୍ୱପୂର୍ଣ୍ଣ ଅଟେ । ଏହା ଏକ ପରିବ ର୍ତ୍ତନଶୀଳ ଏବଂ ଜୀବନବ୍ୟାପୀ ପ୍ରକ୍ରିୟା ଅଟେ । ଶିକ୍ଷା ପ୍ରତ୍ୟେକ ଶିଶୁର ଅନ୍ତର୍ନିହିତ ପ୍ରତିଭା ଓ ଗୁଣାବଳୀ ସମୂହର ଉପଯୁକ୍ତ ବିକାଶ ସାଧନ କରିଥାଏ । ବ୍ୟକ୍ତିର ବ୍ୟକ୍ତିତ୍ୱର ବିଭିନ୍ନ ଦିଗ ସୁଷମ ଭାବେ ବିକଶିତ ହେବା ଆବଶ୍ୟକ । ଏହା ସାମଗ୍ରିକ, ସର୍ବବିଧ ଏବଂ ସମନ୍ୱିତ ହେବା ସ୍ପୃହଣୀୟ । ଅନ୍ୟ ଭାଷାରେ କହିବାକୁ ଗଲେ ମାନବର ବୌଦ୍ଧିକ, ଶାରୀରିକ, ସାମାଜିକ, ଆଧ୍ୟାତ୍ମିକ ଏବଂ ନୈତିକ ପ୍ରତ୍ୟେକ କ୍ଷେତ୍ରରେ ଉପଯୁକ୍ତ ବିକାଶ ସାଧନ ହେବା ଉଚିତ । ଶିକ୍ଷା ଏଭଳି ଏକ ପ୍ରକ୍ରିୟା ଯାହାଦ୍ୱାରା ମାନବର ବିଭିନ୍ନ ଅନ୍ତର୍ନିହିତ ଗୁଣାବଳୀର ସ୍ୱାଭାବିକ ଏବଂ ସୁଷମ ବିକାଶ ସାଧନ ହୋଇଥାଏ । ଏହା ବ୍ୟକ୍ତିତ୍ୱର ସଂପୂର୍ଣ୍ଣ ବିକାଶ ସାଧନ କରିବା ସହ ବ୍ୟକ୍ତିର ଆଚରଣରେ ଆବଶ୍ୟକ ପରିବ ର୍ତ୍ତନ ସଂଗଠିତ କରି ତାହାକୁ ଏକ ଉ ମ ଜୀବନ ନିମନ୍ତେ ପ୍ରସ୍ତୁତ କରିଥାଏ ।

ସାରାଂଶ :

1. ଶିକ୍ଷାର ଅର୍ଥ :

ଏଜୁକେଶନ୍ (ଶିକ୍ଷା) ଶବ୍ଦଟି ଲାଟିନ୍ ଶବ୍ଦ ଏଡୁକେୟାର (Educare) ଶବ୍ଦରୁ ଆସିଅଛି ଏବଂ ଏହାର ଅର୍ଥ ହେଉଛି ପ୍ରକାଶ କରିବା, ପ୍ରକଟିତ କରିବା ବା ଅଗ୍ରସର କରାଇବା । ଶିକ୍ଷା ଶବ୍ଦଟି ଶିକ୍ଷାବିତ୍‌ଙ୍କ ଦ୍ୱାରା ବିଭିନ୍ନ ଭାବରେ ସଂରଚିତ ହୋଇଅଛି । ନିମ୍ନରେ ଭାରତୀୟ ଶିକ୍ଷାବିତ୍‌ମାନଙ୍କ ମତାନୁଯାୟୀ ଶିକ୍ଷାର କେତେକ ଅର୍ଥ ପ୍ରଦାନ କରାଯାଇଅଛି ।

2. ଭାରତୀୟ ଶିକ୍ଷାବିତ୍ ଏବଂ ପ୍ରାଚୀନ ଗ୍ରନ୍ଥଗୁଡ଼ିକ ମତରେ ଶିକ୍ଷାର ଅର୍ଥ :

- ଶିକ୍ଷା ମନୁଷ୍ୟକୁ ଆତ୍ମନିର୍ଭରଶୀଳ ଏବଂ ନିଃସ୍ୱାର୍ଥ ହେବାରେ ସହାୟକ ହୋଇଥାଏ । (ଋକ୍ ବେଦ)
- ଶିକ୍ଷା ଆତ୍ମାର ନିର୍ବାଣ ପ୍ରାପ୍ତି ପାଇଁ ଉଦ୍ୟମ କରିଥାଏ । (ଉପନିଷଦ୍)
- ଶିକ୍ଷା ମାନବ ଓ ଶିଶୁର ଦେହ, ମନ ଓ ଆତ୍ମାର ସର୍ବାଙ୍ଗୀନ ବିକାଶକୁ ବୁଝାଇଥାଏ । (ମହାତ୍ମାଗାନ୍ଧି)
- ଶିକ୍ଷା ମାନବ ମଧ୍ୟରେ ଲୁକ୍କାୟିତ ଅବସ୍ଥାରେ ରହିଥିବା ଅନ୍ତର୍ନିହିତ ଦୈବି ସ ।ର ପରିପ୍ରକାଶ ପାଇଁ ସାହାଯ୍ୟ କରିଥାଏ । (ସ୍ୱାମୀ ବିବେକାନନ୍ଦ)

3. ପାଶ୍ଚାତ୍ୟ ଶିକ୍ଷାବିତ୍‌ଙ୍କ ମତରେ ଶିକ୍ଷାର ଅର୍ଥ :

ପାଶ୍ଚାତ୍ୟ ଶିକ୍ଷାବିତ୍‌ମାନଙ୍କ ମତରେ ଶିକ୍ଷାର ବିଭିନ୍ନ ଅର୍ଥ ନିମ୍ନରେ ପ୍ରଦାନ କରାଯାଇଛି ।

- ଠିକ୍ ସମୟରେ ଆନନ୍ଦ ଓ ବିଷାଦ ଅନୁଭବ କରିବାର କ୍ଷମତାକୁ ଶିକ୍ଷା କୁହାଯାଇଥାଏ । (ପ୍ଲାଟୋ)
- ଏକ ସୁସ୍ଥ ସବଳ ଶରୀର ସହ ଏକ ସୁସ୍ଥ ମନ ସୃଷ୍ଟି କରିବା ହିଁ ଶିକ୍ଷା । (ଆରିଷ୍ଟୋଟଲ)
- ମାନବର ଅନ୍ତର୍ନିହିତ ଗୁଣାବଳୀର ସ୍ୱାଭାବିକ, ସୁସଂଗତ ଓ ପ୍ରଗତିଶୀଳ ବିକାଶ ଧାରାକୁ ଶିକ୍ଷା କୁହାଯାଇଥାଏ । (ପେଷ୍ଟାଲସ୍କି)
- ଶିଶୁର ଲୁକ୍କାୟିତ ବା ଆବରଣ ଯୁକ୍ତ ଗୁଣାବଳୀ ସମୂହର ପରିପ୍ରକାଶକୁ ଶିକ୍ଷା କୁହାଯାଇଥାଏ । (ଫ୍ରୋବେଲ୍)
- ଶିକ୍ଷା ହିଁ ପୂର୍ଣ୍ଣାଙ୍ଗ ଜୀବନଯାପନ ଶୈଳୀକୁ ବୁଝାଇ ଥାଏ । (ସ୍ପେନ୍‌ସର୍)
- ଶିକ୍ଷା ଶିଶୁର ବ୍ୟକ୍ତିତ୍ୱର ପୂର୍ଣ୍ଣାଙ୍ଗ ବିକାଶକୁ ବୁଝାଇଥାଏ । (ଟି.ପି. ନନ୍)

4. ଶିକ୍ଷା ଏକ ପ୍ରକ୍ରିୟା :

ଶିକ୍ଷାକୁ ଉଭୟ ଦ୍ୱି-ପାକ୍ଷିକ ଏବଂ ତ୍ରି-ପାକ୍ଷିକ ପ୍ରକ୍ରିୟା ରୂପେ ଗ୍ରହଣ କରାଯାଇଥାଏ । ସଂକୀର୍ଣ୍ଣ ଅର୍ଥରେ ଶିକ୍ଷା ବିଦ୍ୟାଳୟ ଶିକ୍ଷାକୁ ବୁଝାଇଥାଏ । ବିଦ୍ୟାଳୟରେ ଶିଶୁଟି ପ୍ରବେଶ କରିବା ପରେ ଏହା ଆରମ୍ଭ ହୁଏ ଏବଂ ବିଦ୍ୟାଳୟ ପରିତ୍ୟାଗ କରିବା ସମୟରେ ଏହାର ସମାପ୍ତି ଘଟିଥାଏ । ମାତ୍ର ବ୍ୟାପକ ଅର୍ଥରେ ଶିକ୍ଷା ଏକ ଜୀବନବ୍ୟାପୀ ପ୍ରକ୍ରିୟା ଏବଂ ଏହା ବିଦ୍ୟାଳୟ ଶିକ୍ଷା ମଧ୍ୟରେ ସୀମିତ ନ ଥାଏ । ଅତଏବ ଏହା ଏକ ପ୍ରକ୍ରିୟା ଅଟେ ।

5. ଶିକ୍ଷା କହିଲେ କ'ଣ ବୁଝାଏ ?

ଶିକ୍ଷା କ'ଣ ଏହି ପ୍ରଶ୍ନଟିର ଉ ର ନିମ୍ନମତେ ପ୍ରକାଶ କରାଯାଇଥାଏ -

- ବ୍ୟକ୍ତିତ୍ୱର ବିକାଶ
- ଆଚରଣଗତ ପରିବ ର୍ତ୍ତନ
- ପ୍ରଶିକ୍ଷଣ ପ୍ରକ୍ରିୟା ଏବଂ
- ଜୀବନବ୍ୟାପୀ ପ୍ରକ୍ରିୟା ଇତ୍ୟାଦି ।

6. ଶିକ୍ଷାର କାର୍ଯ୍ୟ :

ଶିକ୍ଷାର ଦୁଇ ପ୍ରକାର ମୁଖ୍ୟ କାର୍ଯ୍ୟ ରହିଛି । ଯଥା : ସଂରକ୍ଷଣାତ୍ମକ ଏବଂ ପ୍ରଗତିମୂଳକ । ଏହା ଅତୀତର ସଂସ୍କୃତି ଏବଂ ଐତିହ୍ୟର ସଂରକ୍ଷଣ ଓ ବିକାଶ କରିବା ସହ ଏହାକୁ ପରବ ର୍ତ୍ତୀ ବଂଶଧରଙ୍କୁ ସଂରଚିତ କରିଥାଏ । ଶିକ୍ଷାର ପ୍ରଗତିମୂଳକ କାର୍ଯ୍ୟ ସମାଜକୁ ଉନ୍ନତି ପଥରେ ଆଗେଇ ନେବାରେ ସାହାଯ୍ୟ କରିଥାଏ ।

7. ବ୍ୟକ୍ତି, ସମାଜ, ଦେଶ ଏବଂ ପୃଥିବୀ ପ୍ରତି ଶିକ୍ଷାର କାର୍ଯ୍ୟ :

- ଶିକ୍ଷା ଜୀବନର ବିଭିନ୍ନ କ୍ଷେତ୍ରରେ ଆବଶ୍ୟକ ନିର୍ଦ୍ଦେଶନା ଏବଂ ଉପଦେଶନ ପ୍ରଦାନ ମାଧ୍ୟମରେ ବ୍ୟକ୍ତିର ବୃଦ୍ଧି ଓ ବିକାଶ ପ୍ରକ୍ରିୟାରେ ସାହାଯ୍ୟ କରିଥାଏ ଏବଂ ତାକୁ ଭବିଷ୍ୟତ ଜୀବନ ପାଇଁ ପ୍ରସ୍ତୁତ କରିଥାଏ ।
- ସମାଜ ପ୍ରତି ଶିକ୍ଷାର କେତେଗୋଟି ମୁଖ୍ୟ କାର୍ଯ୍ୟ ହେଉଛି; ଜୈବିକ ଓ ସାମାଜିକ ଜୀବନର ନିରବଚ୍ଛିନ୍ନ ଓ ଧାରାବାହିକ ଅଗ୍ରଗତି, ସଂସ୍କୃତିର ସଂରକ୍ଷଣ, ବିକାଶ ଏବଂ ସଂରଚନା, ଅପସଂସ୍କୃତିର ଦୂରୀକରଣ ଏବଂ ସାମାଜିକ ସଂସ୍କାର ମାଧ୍ୟମରେ ସଭ୍ୟତାର ବିକାଶ ।
- ଜାତୀୟ ବିକାଶ ନିମନ୍ତେ ଶିକ୍ଷା ଏକ ମୁଖ୍ୟ ଆୟୁଧ ରୂପେ କାର୍ଯ୍ୟ କରିଥାଏ । ଏହି କ୍ଷେତ୍ରରେ ଏହାର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ହେଉଛି; ନାଗରିକ ମାନଙ୍କ ମଧ୍ୟରେ ସାମାଜିକ ଦାୟିତ୍ୱବୋଧ ଏବଂ ନାଗରିକ-କ ର୍ତ୍ତବ୍ୟବୋଧ ଭାବନାର ବିକାଶ, ନେତୃତ୍ୱ ନିମନ୍ତେ ପ୍ରଶିକ୍ଷଣ, ଦେଶକୁ ଗୋଟିଏ ସୂତ୍ରରେ ବାନ୍ଧିବା ନିମନ୍ତେ ଜାତୀୟ ଏବଂ ଆବେଗିକ ସଂହତିର ବିକାଶ, ଜାତୀୟ ଶୃଙ୍ଖଳା, ଜ୍ଞାନର ଅଭିବୃଦ୍ଧି ଏବଂ ଦେଶର ଜନସାଧାରଣଙ୍କୁ ବୃ ିଗତ ଏବଂ ଅର୍ଥନୈତିକ ଦୃଷ୍ଟିକୋଣରୁ ଦକ୍ଷ ଏବଂ ଉପାର୍ଜନ କ୍ଷମ କରିବା ନିମନ୍ତେ ଏକ ସୁ ବ୍ୟବସ୍ଥିତ ଶିକ୍ଷା ବ୍ୟବସ୍ଥାର ସଂଗଠନ ।
- ସମଗ୍ର ବିଶ୍ୱର ବିକାଶ ଦୃଷ୍ଟିକୋଣରୁ ଶିକ୍ଷା ଅନେକ ଦାୟିତ୍ୱ ସଂପାଦନ କରିଥାଏ । ମାନବିକ ମୂଲ୍ୟବୋଧ ଏବଂ ସ୍ୱାଧୀନ ଚିନ୍ତାଧାରାର ବିକାଶ ନିମି ପ୍ରଶିକ୍ଷଣ ପ୍ରଦାନ କରି, ମାନବିକତାର ବାତାବରଣ ସୃଷ୍ଟି କରିବା ଏହାର ଏକ ପ୍ରମୁଖ କାର୍ଯ୍ୟ ଅଟେ । ଉପଯୁକ୍ତ କାର୍ଯ୍ୟକ୍ରମ ମାଧ୍ୟମରେ ଶିକ୍ଷା ଆନ୍ତର୍ଜାତିକ ବୁଝାମଣା, ସଦ୍‌ଭାବ ଏବଂ ଭ୍ରାତୃଭାବର ବିକାଶ ସାଧନ କରିଥାଏ ।

ପ୍ରଶ୍ନାବଳୀ

1. **ନିମ୍ନଲିଖିତ ଦିଆଯାଇଥିବା ସମ୍ଭାବ୍ୟ ଉ ରଗୁଡ଼ିକ ମଧ୍ୟରୁ ଠିକ୍ ଉ ରଟି ବାଛି ଲେଖ ।**

(କ) **''ଆତ୍ମସାକ୍ଷାତ୍କାର ହିଁ ଶିକ୍ଷା'' - ଏ ଉକ୍ତିଟି କିଏ ପ୍ରଦାନ କରିଥିଲେ ?**

(i) ଦୟାନନ୍ଦ

(ii) ନାନକ

(iii) ଶଙ୍କରାଚାର୍ଯ୍ୟ

(iv) ଶ୍ରୀ ଅରବିନ୍ଦ

(ଖ) **''ଏକ ସୁସ୍ଥ ଶରୀରରେ ସୁସ୍ଥମନ ସୃଷ୍ଟି କରିବା ହିଁ ଶିକ୍ଷା''- ଏହି ବକ୍ତବ୍ୟ କିଏ ପ୍ରଦାନ କରିଥିଲେ ?**

(i) ପ୍ଲାଟୋ

(ii) ସକ୍ରେଟିସ୍

(iii) ପେସ୍ତାଲସି

(iv) ଆରିଷ୍ଟୋଟଲ୍

2. **ନିମ୍ନଲିଖିତ ପ୍ରତ୍ୟେକ ଉପପ୍ରଶ୍ନର ଉ ର ଗୋଟିଏ ଲେଖାଏଁ ବାକ୍ୟରେ ପ୍ରଦାନ କର ।**

(i) ଶିକ୍ଷାର ଦ୍ୱି-ପାକ୍ଷିକ ପ୍ରକ୍ରିୟାରେ ଦୁଇ ମେରୁର ନାମ କ'ଣ ?

(ii) ଶିକ୍ଷାର ତ୍ରି-ପାକ୍ଷିକ ପ୍ରକ୍ରିୟାରେ ତିନିମେରୁର ନାମ କ'ଣ ?

(iii) ସ୍ୱାମୀ ବିବେକାନନ୍ଦ ଶିକ୍ଷା ଶବ୍ଦଟିକୁ କିପରି ବ୍ୟାଖ୍ୟା କରିଛନ୍ତି ?

(iv) ଗାନ୍ଧିଜୀଙ୍କ ମତରେ ଶିକ୍ଷା କହିଲେ କ'ଣ ବୁଝାଯାଏ ?

3. **ନିମ୍ନଲିଖିତ ପ୍ରତ୍ୟେକ ଉପପ୍ରଶ୍ନର ଉ ର ଦୁଇ ବା ତିନିଗୋଟି ବାକ୍ୟରେ ପ୍ରଦାନ କର ।**

(i) ଶିକ୍ଷାର ବ୍ୟାପକ ଅର୍ଥ କହିଲେ କ'ଣ ବୁଝାଯାଏ ?

(ii) ''ଶିକ୍ଷା'' ଶବ୍ଦଟିର ବ୍ୟୁତ୍ପତ୍ତିଗତ ଅର୍ଥ ବର୍ଣ୍ଣନା କର ।

(iii) ଶିକ୍ଷା ସଂକୀର୍ଣ୍ଣ ଅର୍ଥରେ କ'ଣ ସୂଚାଇଥାଏ ?

(iv) ବ୍ୟକ୍ତିର ବିକାଶ ନିମନ୍ତେ ଶିକ୍ଷାର ତିନିଗୋଟି ମୁଖ୍ୟ କାର୍ଯ୍ୟ ଉଲ୍ଲେଖ କର ।

4. **ନିମ୍ନଲିଖିତ ପ୍ରତ୍ୟେକ ଉପପ୍ରଶ୍ନର ଉ ର ଛଅଟି ବାକ୍ୟରେ ପ୍ରଦାନ କର ।**

(i) ''ଶିକ୍ଷା ହିଁ ଆଚରଣଗତ ପରିବ ର୍ନ''- ସଂକ୍ଷେପରେ ବର୍ଣ୍ଣନା କର ।

(ii) ଶିକ୍ଷାକୁ କାହିଁକି ଅଭିଜ୍ଞତାର ନିରବଚ୍ଛିନ୍ନ ପୁନର୍ଗଠନ କୁହାଯାଏ ?

(iii) ଶିକ୍ଷାକୁ କାହିଁକି ଜୀବନବ୍ୟାପୀ ପ୍ରକ୍ରିୟା ବୋଲି କୁହାଯାଏ ?

3. **ନିମ୍ନଲିଖିତ ପ୍ରଶ୍ନର ଉ ର ଦିଅ ।**

(i) ଶିକ୍ଷାର ପ୍ରଗତିମୂଳକ କାର୍ଯ୍ୟ କହିଲେ କ'ଣ ବୁଝାଯାଏ ? ଉଦାହରଣ ସହ ବର୍ଣ୍ଣନା କର ।

(ii) ସମାଜରେ ସଂସ୍କୃତିର ସଂରକ୍ଷଣ ନିମି ଶିକ୍ଷା କେଉଁ ଭୂମିକା ଗ୍ରହଣ କରିଥାଏ ? ଉଦାହରଣ ସହ ଆଲୋଚନା କର ।

(iii) ଜାତୀୟ ବିକାଶ ନିମନ୍ତେ ଶିକ୍ଷାର ଭୂମିକା ବର୍ଣ୍ଣନା କର ।

●

୧.୩ ଶିକ୍ଷାର ଲକ୍ଷ୍ୟ :

ଉଦ୍ଦେଶ୍ୟ ସମୂହ :

ଉକ୍ତ ଅଧ୍ୟାୟଟିର ଅଧ୍ୟୟନ ପରେ ଶିକ୍ଷାର୍ଥୀର ନିମ୍ନଲିଖିତ ଦକ୍ଷତାସମୂହର ବିକାଶ ଆଶା କରାଯାଏ ।

- ଶିକ୍ଷାର ଅର୍ଥ ସମ୍ବନ୍ଧରେ ଉପଯୁକ୍ତ ଜ୍ଞାନ ହାସଲ କରିବେ ଓ ସେ ସମ୍ବନ୍ଧରେ ତାଙ୍କର ବୋଧଶକ୍ତିର ବିକାଶ ଘଟିବ,
- ଶିକ୍ଷାର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଲକ୍ଷ୍ୟଗୁଡ଼ିକ ସଂପର୍କରେ ଜ୍ଞାନ ଆହରଣ କରିବେ,
- ଶିକ୍ଷାର ଅର୍ଥ ନିର୍ଣ୍ଣୟ କରିବାର ଆବଶ୍ୟକତା ବର୍ଣ୍ଣନା କରିପାରିବେ,
- ଶିକ୍ଷାର ବିଭିନ୍ନ ଅର୍ଥକୁ ବିଶ୍ଳେଷଣ କରିବା ସହ ବର୍ଣ୍ଣନା କରିପାରିବେ,
- ବିଭିନ୍ନ ଖ୍ୟାତିନାମା ଶିକ୍ଷାବିତ୍‌ଙ୍କ ଦ୍ୱାରା ବର୍ଣ୍ଣିତ ଶିକ୍ଷାର ଲକ୍ଷ୍ୟଗୁଡ଼ିକ ସଂପର୍କରେ ଆଲୋଚନା କରିପାରିବେ,
- ଶିକ୍ଷାର ସାମାଜିକ ଲକ୍ଷ୍ୟ, ବ୍ୟକ୍ତିଗତ ଲକ୍ଷ୍ୟଠାରୁ କିପରି ଭିନ୍ନ ତାହା ବୁଝିପାରିବେ ।
- ଶିକ୍ଷାର ବ୍ୟକ୍ତିଗତ ଏବଂ ସାମାଜିକ ଲକ୍ଷ୍ୟ ମଧ୍ୟରେ ସମନ୍ୱୟ ସ୍ଥାପନ କରିବାର ଆବଶ୍ୟକତା ବର୍ଣ୍ଣନା କରିବେ,

ଶୈକ୍ଷିକ ଉଦ୍ଦେଶ୍ୟ

- ଛାତ୍ରଛାତ୍ରୀମାନେ ଶିକ୍ଷାର ଗଣତାନ୍ତ୍ରିକ ଲକ୍ଷ ବିଷୟରେ ଅବଗତ ହେବେ,
- ସେମାନେ ବ ର୍ତ୍ତମାନ ସମାଜରେ ଗଣତାନ୍ତ୍ରିକ ଲକ୍ଷ୍ୟର ଗୁରୁତ୍ୱ ବିଷୟରେ ବର୍ଣ୍ଣନା କରିପାରିବେ,
- ଛାତ୍ରଛାତ୍ରୀମାନେ ଶିକ୍ଷାର ବୃ ିଗତ ଲକ୍ଷ୍ୟର ଗୁରୁତ୍ୱ ବିଷୟରେ କହିପାରିବେ,
- ସେମାନେ ଛାତ୍ରଛାତ୍ରୀମାନେ ବୃ ିଗତ ଲକ୍ଷ୍ୟର ସପକ୍ଷ ଓ ବିପକ୍ଷ ଯୁକ୍ତି ବାଢ଼ିପାରିବେ,
- ଜାତୀୟ ଶିକ୍ଷାନୀତି – ୧୯୮୬ ଏବଂ ୧୯୯୨ ମସିହାରେ ତହିଁରେ ଅଣାଯାଇଥିବା ପରିବ ର୍ତ୍ତନ ଅନୁଯାୟୀ ଶିକ୍ଷାର ଲକ୍ଷ୍ୟ ସଂପର୍କରେ ବର୍ଣ୍ଣନା କରିପାରିବେ,
- ଶିଶୁକୈନ୍ଦ୍ରିକ ଶିକ୍ଷାର ଅର୍ଥ ବର୍ଣ୍ଣନା କରିପାରିବେ,
- ଶିଶୁକୈନ୍ଦ୍ରିକ ଶିକ୍ଷାର ପ୍ରକୃତି ବର୍ଣ୍ଣନା କରିପାରିବେ,
- ଶିଶୁକୈନ୍ଦ୍ରିକ ଏବଂ କର୍ମ କୈନ୍ଦ୍ରିକ ଶିକ୍ଷାପଦ୍ଧତି ମଧ୍ୟରେ ଥିବା ସଂପର୍କ ବର୍ଣ୍ଣନା କରିପାରିବେ,
- ଶୈକ୍ଷିକ ପ୍ରକ୍ରିୟାକୁ ଶିଶୁକୈନ୍ଦ୍ରିକ କରିବା ନିମନ୍ତେ ଆବଶ୍ୟକ ହେଉଥିବା ପଦ୍ଧତି ଏବଂ ଉପାୟଗୁଡ଼ିକ ବର୍ଣ୍ଣନା କରିପାରିବେ ।

1.2.1 ଶିକ୍ଷାର ଲକ୍ଷ୍ୟ - ଏହାର ଅର୍ଥ :

ସମାଜରେ ବ ୍ରହିବା ନିମି ଶିକ୍ଷା ମନୁଷ୍ୟ ପାଇଁ ଏକାନ୍ତ ଆବଶ୍ୟକ । ନିର୍ଦ୍ଦିଷ୍ଟ ଲକ୍ଷ୍ୟ ହାସଲ ପାଇଁ ଶିକ୍ଷା ବିଭିନ୍ନ କାର୍ଯ୍ୟକ୍ରମ ଗ୍ରହଣ କରିଥାଏ । ଲକ୍ଷ୍ୟ ଏକ ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅଟେ । ନିର୍ଦ୍ଦିଷ୍ଟ ଚିନ୍ତା ଏବଂ ଉପଯୁକ୍ତ ଯୋଜନା ମାଧ୍ୟମରେ ଏହା ବ୍ୟକ୍ତିକୁ ଲକ୍ଷ୍ୟ ପଥରେ ଅଗ୍ରସର ହେବା ନିମନ୍ତେ ପ୍ରେରଣା ଯୋଗାଇଥାଏ । ପ୍ରତ୍ୟେକ ଶୈକ୍ଷିକ କାର୍ଯ୍ୟକ୍ରମ ନିମି ଲକ୍ଷ୍ୟ ମୂଳଭି ସ୍ଥାପନ କରିଥାଏ । ଶିକ୍ଷାର ଲକ୍ଷ୍ୟ ନିର୍ଦ୍ଧାରଣ କରିବା ବ୍ୟତୀତ ପାଠ୍ୟକ୍ରମ ଏବଂ ଏହାର ପଦ୍ଧତି ସମ୍ବନ୍ଧରେ କୌଣସି ଯୋଜନା ପ୍ରସ୍ତୁତ କରିହୁଏ ନାହିଁ । ଏକ ନିର୍ଦ୍ଦିଷ୍ଟ ଲକ୍ଷ୍ୟର ଅଭାବ ଶିକ୍ଷା ବ୍ୟବସ୍ଥାକୁ ଏକ ଅନ୍ଧଗଳି ସଦୃଶ କରିଦେଇଥାଏ । ଲକ୍ଷ୍ୟ ବ୍ୟତିରେକ ଶିକ୍ଷାର ପ୍ରତ୍ୟେକ କାର୍ଯ୍ୟ ଅର୍ଥହୀନ ହୋଇପଡ଼େ ଏବଂ ଏହା କୌଣସି ଉପଯୋଗୀ ଫଳାଫଳ ଦେଇନଥାଏ । ନିର୍ଦ୍ଦିଷ୍ଟ ଲକ୍ଷ୍ୟ ବିନା ଜଣେ ଶିକ୍ଷାବିତ୍‌ଙ୍କୁ ଦିଗହୀନ ଜାହାଜର ନାବିକସହିତ ତୁଳନା କରାଯାଇଥାଏ ଏବଂ ଶିଶୁଟି ଦିଗହୀନ ଜାହାଜ ପରି କେତେବେଳେ କେଉଁ କୂଳରେ ପହ ୍ବ ବା ଲାଗିବ, ତାହାର କୌଣସି ଠିକଣା ନଥାଏ । ଏହି ଦୃଷ୍ଟିକୋଣରୁ ଶିକ୍ଷାର ଲକ୍ଷ୍ୟ ଶିକ୍ଷାର ସାମଗ୍ରିକ ଯୋଜନା ପ୍ରଣୟନରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ ।

ସାଧାରଣତଃ, ଶିକ୍ଷାର ଲକ୍ଷ୍ୟ ତିନିଗୋଟି ମୁଖ୍ୟ ଭୂମିକା ଲିଭାଇଥାଏ । ପ୍ରଥମତଃ, ଏହା ଶୈକ୍ଷିକ ପ୍ରକ୍ରିୟାକୁ ନିର୍ଦ୍ଦେଶନା ଦେବା ସହିତ, ଏହି ପ୍ରକ୍ରିୟା ସହ ସଂପୃକ୍ତ ସମସ୍ତ ଶିକ୍ଷକ, ଶିକ୍ଷାର୍ଥୀ ଏବଂ ଅନ୍ୟାନ୍ୟ ବ୍ୟକ୍ତିବିଶେଷଙ୍କ ମଧ୍ୟରେ ଏକ ନିର୍ଦ୍ଦିଷ୍ଟ ଏବଂ ସ୍ପଷ୍ଟ ଦୃଷ୍ଟିଭଙ୍ଗୀ ଆଣି ଦେଇଥାଏ ।

ଦ୍ୱିତୀୟତଃ, ଶିକ୍ଷାର ଲକ୍ଷ୍ୟ ଶୈକ୍ଷିକ କାର୍ଯ୍ୟଗୁଡ଼ିକର ସମ୍ପାଦନ ପାଇଁ ଅଭିପ୍ରେରଣା ପ୍ରଦାନ କରିଥାଏ । ଶିକ୍ଷାର ଆଦର୍ଶଗୁଡ଼ିକ ହିଁ ବିଭିନ୍ନ ଶୈକ୍ଷିକ କାର୍ଯ୍ୟର ଫଳପ୍ରଦ ସମ୍ପାଦନ ନିମନ୍ତେ ଉପଯୁକ୍ତ ପ୍ରେରଣାର ଉତ୍ସ ଭାବେ କାର୍ଯ୍ୟ କରିଥାଏ । ଲକ୍ଷ୍ୟ ଯେତେ ଆକର୍ଷଣୀୟ ହେବ, ଏହାକୁ ହାସଲ କରିବା ନିମନ୍ତେ ଉଦ୍ୟମ ସେତିକି ଗତିଶୀଳ ହେବ । ଏହି ଦୃଷ୍ଟିକୋଣରୁ ଶିକ୍ଷାର ଲକ୍ଷ୍ୟ କେବଳ ନିର୍ଦ୍ଦେଶନା ଦିଏନାହିଁ ବରଂ ବିଭିନ୍ନ ଶୈକ୍ଷିକ କାର୍ଯ୍ୟର କ୍ରମଗୁଡ଼ିକୁ ଆବଶ୍ୟକ ଗୁରୁତ୍ୱ ପ୍ରଦାନ କରିଥାଏ ।

ତୃତୀୟତଃ, ଶିକ୍ଷାର ଲକ୍ଷ୍ୟ ଶୈକ୍ଷିକ କାର୍ଯ୍ୟର ମୂଲ୍ୟାୟନରେ ସାହାଯ୍ୟ କରିଥାଏ । ଶିକ୍ଷାର ଲକ୍ଷ୍ୟଗୁଡ଼ିକ ଶୈକ୍ଷିକ ଦର୍ଶନର କେନ୍ଦ୍ରବିନ୍ଦୁ ଅଟେ । ଏହା ସତ୍ୟ ଯେ କୌଣସି ଦର୍ଶନ ବିନା ଜଣେ ଶିକ୍ଷାବିତ୍ ଲକ୍ଷ୍ୟ ବିଷୟରେ ଚିନ୍ତା କରିପାରେ ନାହିଁ ଏବଂ ଶିକ୍ଷାର ଲକ୍ଷ୍ୟ ବିନା କୌଣସି ଶିକ୍ଷା ଦର୍ଶନ ବିଷୟରେ ମଧ୍ୟ ଚିନ୍ତା କରାଯାଇପାରିବ ନାହିଁ । ଲକ୍ଷ୍ୟ ହିଁ ଶିକ୍ଷା ସମ୍ବନ୍ଧରେ ଜଣଙ୍କର ଦର୍ଶନ ସମ୍ବନ୍ଧରେ ଧାରଣା ପ୍ରଦାନ କରିବା ସହ ଶୈକ୍ଷିକ ପ୍ରକ୍ରିୟାର କାର୍ଯ୍ୟଧାରାର ଦିଗ ସମ୍ବନ୍ଧରେ ଧାରଣା ପ୍ରଦାନ କରିଥାଏ । ଲକ୍ଷ୍ୟ ଭବିଷ୍ୟତ କାର୍ଯ୍ୟପନ୍ଥା ସମ୍ପର୍କରେ ସୂଚନା ପ୍ରଦାନ କରିବା ସହିତ କୌଣସି ଏକ କାର୍ଯ୍ୟର ସମ୍ପାଦନ ନିମନ୍ତେ ସ୍ପଷ୍ଟ ନିର୍ଦ୍ଦେଶନା ପ୍ରଦାନ କରିଥାଏ ଏବଂ ଏହା ପ୍ରକାରାନ୍ତରେ ଜଣେ ବ୍ୟକ୍ତିର ଆଚରଣକୁ ଅଭିପ୍ରେତ କରିଥାଏ ।

ଶିକ୍ଷାର କୌଣସି ଏକ ନିର୍ଦ୍ଦିଷ୍ଟ ଲକ୍ଷ୍ୟ, ସବୁ ସମୟ ପାଇଁ ଗ୍ରହଣୀୟ ହୋଇପାରି ନଥାଏ । ପୃଥିବୀର ଶିକ୍ଷା-ଇତିହାସର ଅଧ୍ୟୟନ ଦ୍ୱାରା ଏହା ସ୍ପଷ୍ଟ ହୁଏ ଯେ, ଶିକ୍ଷାର ଲକ୍ଷ୍ୟ ସମୟ ଓ ସ୍ଥାନ ଅନୁଯାୟୀ ପରିବ ର୍ତ୍ତନ ହୋଇଥାଏ ।

ଉଦାହରଣ ସ୍ୱରୂପ, ପୁରାତନ ଭାରତରେ ବୌଦ୍ଧିକ ଓ ଆଧ୍ୟାତ୍ମିକ ବିକାଶ ଶିକ୍ଷାର ଲକ୍ଷ୍ୟ ଥିଲା । ମାତ୍ର ବର୍ତ୍ତମାନ ଶିକ୍ଷାର ଲକ୍ଷ୍ୟ କହିଲେ ଜାତୀୟ ଦକ୍ଷତା, ଗଣତାନ୍ତ୍ରିକ ଜୀବନ, ବୈଜ୍ଞାନିକ ଦୃଷ୍ଟିଭଙ୍ଗୀ ଏବଂ ଉଚ୍ଚତର ଆଗ୍ରହର ବିକାଶଧାରା ଇତ୍ୟାଦିକୁ ବୁଝାଇଥାଏ । ଏକ ଗଣତାନ୍ତ୍ରିକ ରାଷ୍ଟ୍ରରେ ଶିକ୍ଷା ବ୍ୟକ୍ତିତ୍ୱର ବିକାଶ ପାଇଁ ଉଦ୍ୟମ କଲାବେଳେ ଏକଛତ୍ରବାଦୀ ରାଷ୍ଟ୍ରରେ କେବଳ ରାଷ୍ଟ୍ରର ସ୍ୱାର୍ଥର ବିକାଶ ପାଇଁ କାର୍ଯ୍ୟ କରିଥାଏ ଏବଂ ବ୍ୟକ୍ତିକୁ ରାଷ୍ଟ୍ର ଆଗରେ କୌଣସି ଗୁରୁତ୍ୱ ପ୍ରଦାନ କରିନଥାଏ ।

ବିଶିଷ୍ଟ ଶିକ୍ଷାବିତ୍ ଜନ୍ ଡିଓ୍ୱିଙ୍କ ମତରେ ଲକ୍ଷ୍ୟ ସମଗ୍ର ଶୈକ୍ଷିକ ପ୍ରକ୍ରିୟା ସହ ଅଙ୍ଗାଙ୍ଗୀଭାବେ ଜଡ଼ିତ । କେତେକ ଶିକ୍ଷାବିତ୍‌ଙ୍କ ମତରେ ଲକ୍ଷ୍ୟ ବ୍ୟକ୍ତିକୁ ତା'ର ଶିକ୍ଷା କ୍ଷେତ୍ରରେ ଆଗକୁ ଆଗେଇବା ନିମି ପ୍ରେରଣା ପ୍ରଦାନ କରିଥାଏ । ଏହି ମତାନୁଯାୟୀ ଶିକ୍ଷାର ଲକ୍ଷ୍ୟ ଶେଷ ପରିଣତି ନୁହେଁ ବରଂ ଏହା ଲକ୍ଷ୍ୟ ବା ଇପ୍‌ସିତ ସ୍ଥାନରେ ପହଁଚିବା ପାଇଁ କେବଳ ମାତ୍ର ଏକ ଉପାୟ ଅଟେ । ଏହି ଦୃଷ୍ଟିକୋଣରୁ ସ୍ୱତଃ ଏକ ପ୍ରଶ୍ନ ଉଠିଥାଏ ଯେ, ଶିକ୍ଷାର ଲକ୍ଷ୍ୟ କ'ଣ ଶୈକ୍ଷିକ ପ୍ରକ୍ରିୟାର ଅନ୍ତର୍ଗତ ନା ବହିର୍ଭୁତ ? ଶିକ୍ଷାର ଲକ୍ଷ୍ୟ ଉଭୟ ଶୈକ୍ଷିକ ପ୍ରକ୍ରିୟାର ଅନ୍ତର୍ଗତ ଏବଂ ବହିର୍ଭୁତ ଅଟେ । ଏହା ଶିଶୁର ଆଗ୍ରହ ଓ ଦକ୍ଷତାର ଉପଯୁକ୍ତ ବିନିଯୋଗ ମାଧ୍ୟମରେ ତା'କୁ ଗଣତାନ୍ତ୍ରିକ ଜୀବନଧାରାରେ ଭବିଷ୍ୟତ ଜୀବନଯାପନ ପାଇଁ ପ୍ରସ୍ତୁତ କରିଥାଏ ।

1.2.2 ଶିକ୍ଷାର ବ୍ୟକ୍ତିଗତ ଏବଂ ସାମାଜିକ ଲକ୍ଷ୍ୟ :

ଶିକ୍ଷାର ବିଭିନ୍ନ ଲକ୍ଷ୍ୟର ଭିନ୍ନ ଭିନ୍ନ ପ୍ରକୃତି ରହିଥାଏ । ଏହା ସର୍ବସମ୍ମତ ଯେ, ଶିକ୍ଷାର ପ୍ରତ୍ୟେକ ଲକ୍ଷ୍ୟ ଉଭୟ ବ୍ୟକ୍ତି ଏବଂ ସମାଜର ବିକାଶ ନିମନ୍ତେ ଅହରହ ଉଦ୍ୟମ ଜାରି ରଖିଥାଏ । ଏହି କ୍ରମରେ, ଶିକ୍ଷାର ଲକ୍ଷ୍ୟଗୁଡ଼ିକ ମଧ୍ୟରେ ବ୍ୟକ୍ତିଗତ ଏବଂ ସାମାଜିକ ଲକ୍ଷ୍ୟ ଗୁରୁତ୍ୱପୂର୍ଣ୍ଣ ଅଟେ । ଶିକ୍ଷାତତ୍ତ୍ୱର ଇତିହାସକୁ ପର୍ଯ୍ୟାଲୋଚନା କଲେ ଜଣାଯାଏ ଯେ, ଏହି ଦୁଇଗୋଟି ଲକ୍ଷ୍ୟ ମଧ୍ୟରେ ଅନେକ ଦ୍ୱନ୍ଦ୍ୱ ରହିଛି । କେତେକ ଶିକ୍ଷାବିତ୍ ବ୍ୟକ୍ତିର ସ୍ଥାନ ସମାଜ ଅପେକ୍ଷା ଗୁରୁତ୍ୱପୂର୍ଣ୍ଣ ମନେକରି, ଶିକ୍ଷାର ବ୍ୟକ୍ତିଗତ ଲକ୍ଷ୍ୟକୁ ପ୍ରାଧାନ୍ୟ ଦେଇଛନ୍ତି । ଅନ୍ୟପକ୍ଷରେ ଅନ୍ୟକେତେକ ଶିକ୍ଷାବିତ୍ ବ୍ୟକ୍ତିକୁ ସମାଜ ତୁଳନାରେ ଗୌଣ ମନେକରି, ସମାଜକୁ ଅଧିକ ପ୍ରାଧାନ୍ୟ ପ୍ରଦାନ କରିଥା'ନ୍ତି । ଏହି ଦୃଷ୍ଟିକୋଣରୁ ବର୍ତ୍ତମାନ ଦେଖାଯାଉ ଯେ ପ୍ରକୃତରେ ଏହି ଦୁଇଟି ଲକ୍ଷ୍ୟ ପରସ୍ପରର ବିରୋଧି ଅଟନ୍ତି ନା କେବଳ ପରସ୍ପରର ଗୁରୁତ୍ୱ ଦୃଷ୍ଟିରୁ ଭିନ୍ନ ଅଟନ୍ତି ।

a) ଶିକ୍ଷାର ବ୍ୟକ୍ତିଗତ ଲକ୍ଷ୍ୟ :

ସମସ୍ତ ପ୍ରକାର ବିଦ୍ୟାଳୟ ବ୍ୟକ୍ତିର ମୁକ୍ତ ବିକାଶ ସାଧନ କରିବା ସହ ପ୍ରତ୍ୟେକ ବ୍ୟକ୍ତିକୁ ତା'ର ସମାଜରେ ବଞ୍ଚିରହିବା ପ୍ରକ୍ରିୟା ମଧ୍ୟରେ ତା' ମଧ୍ୟରେ ରହିଥିବା ସମସ୍ତ ପ୍ରତିଭାର ବିକାଶ ନିମନ୍ତେ ଯଥାସାଧ୍ୟ ସାହାଯ୍ୟ ତଥା ସୁଯୋଗ ପ୍ରଦାନ କରିଥାଏ । ଶିକ୍ଷାର ବ୍ୟକ୍ତିଗତ ଲକ୍ଷ୍ୟର ପ୍ରବକ୍ତାମାନଙ୍କ ମତରେ ବ୍ୟକ୍ତି ସର୍ବଦା ପ୍ରତ୍ୟେକ କ୍ଷେତ୍ରରେ ସମ୍ମୁଖ ସ୍ଥାନ ଗ୍ରହଣ କରିବା ଉଚିତ । ବିଶ୍ୱର ବିଶିଷ୍ଟ ଶିକ୍ଷାବିତ୍ ଯଥା, ରୁଷୋ (Rousseau), ପେଷ୍ଟାଲସି (Pestalozzi), ଫ୍ରୋବେଲ୍ (Froebel), ଟି.ପି.ନନ୍ (T.P. Nunn) ଏବଂ ଅନ୍ୟ କେତେକ ଶିକ୍ଷାର ବ୍ୟକ୍ତିଗତ ଲକ୍ଷ୍ୟକୁ ଯଥେଷ୍ଟ ଗୁରୁତ୍ୱ ପ୍ରଦାନ କରିଥା'ନ୍ତି । ଆମ ଦେଶର ବିଶିଷ୍ଟ ଶିକ୍ଷାବିତ୍‌ଗଣ ଯଥା ଗାନ୍ଧିଜୀ, ସ୍ୱାମୀ ବିବେକାନନ୍ଦ, ଗୁରୁଦେବ ରବୀନ୍ଦ୍ରନାଥ ଟାଗୋର ଏବଂ ଶ୍ରୀ ଅରବିନ୍ଦ ଇତ୍ୟାଦି ଶିକ୍ଷାର ବ୍ୟକ୍ତିଗତ ଲକ୍ଷ୍ୟକୁ ବେଶ୍ ପ୍ରାଧାନ୍ୟ ଦେଇଛନ୍ତି ।

ଶିକ୍ଷାର ବ୍ୟକ୍ତିଗତ ଲକ୍ଷ୍ୟର ପ୍ରବକ୍ତାମାନଙ୍କ ମତରେ ଶିଶୁର ସର୍ବବିଧ ବିକାଶ ଶିକ୍ଷାର ଏକ ପ୍ରମୁଖ ଲକ୍ଷ୍ୟ ଅଟେ । ସେମାନଙ୍କ ମତରେ ଶିକ୍ଷାର ବ୍ୟକ୍ତିଗତ ଲକ୍ଷ୍ୟ ବ୍ୟକ୍ତିର ସମସ୍ତ ଆବଶ୍ୟକତା ପୂରଣ ଦିଗରେ, ଉପଯୁକ୍ତ ଧ୍ୟାନ ଦେଇଥାଏ । ବ୍ୟକ୍ତିକୁ ସମସ୍ତ ଦିଗରୁ ଦକ୍ଷ, କାର୍ଯ୍ୟକ୍ଷମ ଏବଂ ସୁସ୍ଥ ସବଳ କରି ଗଢ଼ିତୋଳିବା ଏହାର ମୁଖ୍ୟ ଲକ୍ଷ୍ୟ ଅଟେ । ମାତ୍ର ଅନେକ ସମୟରେ ବ୍ୟକ୍ତିଗତ ଲକ୍ଷ୍ୟ ସମାଜର ବିକାଶରେ ବାଧକ ହୋଇଥାଏ ଏବଂ କେତେକାଂଶରେ ଏହାର କ୍ଷତିକରିଥାଏ । ନିମ୍ନ ଆଲୋଚନା ଶିକ୍ଷାର ବ୍ୟକ୍ତିଗତ ଲକ୍ଷ୍ୟର ସଂକୀର୍ଣ୍ଣ ଓ ବ୍ୟାପକ ଅର୍ଥ ସଂପର୍କରେ ଆଲୋକପାତ କରାଯାଇଛି ।

ବ୍ୟକ୍ତିଗତ ଲକ୍ଷ୍ୟର ସଂକୀର୍ଣ୍ଣ ଅର୍ଥ :

ବ୍ୟକ୍ତିଗତ ଲକ୍ଷ୍ୟର ସଂକୀର୍ଣ୍ଣ ଅର୍ଥ ଦୃଷ୍ଟିକୋଣରୁ ଶୈକ୍ଷିକ ପ୍ରକ୍ରିୟା ଶିଶୁଟିର ଅନ୍ତର୍ନିହିତ ପ୍ରତିଭାର ସର୍ବବିଧ ବିକାଶ ନିମନ୍ତେ ଉଦ୍ୟମ କରିବା ଉଚିତ । ଏହି ଭାବରେ ବ୍ୟକ୍ତିଗତ ଲକ୍ଷ୍ୟ ପ୍ରକୃତିବାଦ ତ ୍ୱ ସହ ଜଡ଼ିତ ଅଟେ । କାରଣ ପ୍ରକୃତିବାଦ ତ ୍ୱ ଅନୁଯାୟୀ ଶିକ୍ଷା ଶିଶୁଟିର ସହଜାତ ପ୍ରବୃ ି ଏବଂ ଅନ୍ତର୍ନିହିତ ପ୍ରତିଭାକୁ ଦୃଷ୍ଟିରେ ରଖି ତାହାର ବିକାଶ ନିମନ୍ତେ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିଥାଏ । ଏହି କାରଣରୁ ଶିକ୍ଷାର ବ୍ୟକ୍ତିଗତ ଲକ୍ଷ୍ୟ ଏହାର ସଂକୀର୍ଣ୍ଣ ଅର୍ଥ ଅନୁଯାୟୀ ଶିଶୁର ପ୍ରାକୃତିକ ଗୁଣାବଳୀର ସ୍ୱାଭାବିକ ବିକାଶ ପ୍ରକ୍ରିୟାକୁ ବୁଝାଇଥାଏ । ବ୍ୟକ୍ତିଗତ ଲକ୍ଷ୍ୟର ବିଶିଷ୍ଟ ପ୍ରବକ୍ତା ଟି.ପି.ନନ୍‌ଙ୍କ ମତରେ ବ୍ୟକ୍ତିର ସ୍ୱୟଂସଂପୂର୍ଣ୍ଣ ବିକାଶ ଶିକ୍ଷାର ପ୍ରଧାନ ଲକ୍ଷ୍ୟ ଅଟେ । ସେ ତାଙ୍କର ବିଖ୍ୟାତ ପୁସ୍ତକ (Education : Its Data and the First Principles) ରେ କହିଛନ୍ତି, ''ବ୍ୟକ୍ତିର ମୁକ୍ତ ଏବଂ ଅବାଧ ଭାବେ କାର୍ଯ୍ୟ କରିବାର ଅଧିକାର ସଙ୍କୁଚିତ ହୋଇଗଲେ ସମାଜର ବିକାଶ ବା ମଙ୍ଗଳ ଚିନ୍ତା କରିବା ବୃଥା ଅଟେ । ଏହି କାରଣରୁ ଶିକ୍ଷାଦାନ ବ୍ୟବସ୍ଥା ଏହି ସତ୍ୟର ଉପଲବ୍ଧି ନିମନ୍ତେ ବ୍ୟକ୍ତିମାନଙ୍କର ଶିକ୍ଷା ବ୍ୟବସ୍ଥାକୁ ସଫଳ ଭାବେ ସ ାଳିତ କରିବା ଆବଶ୍ୟକ ।'' ତେଣୁ ସର୍ବବିଧ ତଥା ସୁଷମ ବିକାଶ ନିମି ି ଶିଶୁଟିକୁ ସଂପୂର୍ଣ୍ଣ ସ୍ୱାଧିନତା ପ୍ରଦାନ କରାଯିବା ଆବଶ୍ୟକ ।

ଶିକ୍ଷାର ବ୍ୟକ୍ତିଗତ ଲକ୍ଷ୍ୟର ବ୍ୟାପକ ଅର୍ଥ :

ଶିକ୍ଷାର ବ୍ୟକ୍ତିଗତ ଲକ୍ଷ୍ୟ ଏହାର ବ୍ୟାପକ ଅର୍ଥରେ ଆତ୍ମୋପଲବ୍ଧିକରଣକୁ ବୁଝାଇଥାଏ । ଉପଯୁକ୍ତ ଭାବେ ପ୍ରଶିକ୍ଷଣ ଜଣେ ବ୍ୟକ୍ତି ହିଁ କେବଳ ସମାଜ, ଗୋଷ୍ଠୀ ଏବଂ ଦେଶ ପ୍ରତି ତାଙ୍କର ଦାୟିତ୍ୱ ଏବଂ କ ର୍ବ୍ୟ ସମ୍ପର୍କରେ ହୃଦୟଙ୍ଗମ କରିପାରନ୍ତି । ଏହି କାରଣରୁ ବ୍ୟକ୍ତିର ଶାରୀରିକ, ନୈତିକ, ବୌଦ୍ଧିକ ଏବଂ ଆଧ୍ୟାତ୍ମିକ ସମ୍ଭାବନାର ପ୍ରକୃତ ବିକାଶ ପାଇଁ ଉପଯୁକ୍ତ ସୁବିଧା ସୁଯୋଗମାନ ପ୍ରଦାନ କରାଯିବା ଉଚିତ । ତେଣୁ ବ୍ୟାପକ ଅର୍ଥରେ ବ୍ୟକ୍ତିକୁ ସମାଜ ଉପଯୋଗୀ ତଥା ସମର୍ଥକରି ଗଢ଼ିତୋଳିବା ପାଇଁ ତା'ର ଆଗ୍ରହ, ଦୃଷ୍ଟିଭଙ୍ଗୀ, ଜନ୍ମିତ ପ୍ରତିଭା ପରିପ୍ରେକ୍ଷୀରେ ବ୍ୟକ୍ତିତ୍ୱର ସର୍ବାଙ୍ଗୀନ ବିକାଶ ନିମନ୍ତେ ଶିକ୍ଷା ଉପଯୁକ୍ତ ବ୍ୟବସ୍ଥା କରିବା ଉଚିତ । ଟି.ପି.ନନ୍‌ଙ୍କ ମତରେ ଶିକ୍ଷା ପ୍ରତ୍ୟେକ ବ୍ୟକ୍ତିକୁ ତା'ର ନିଜସ୍ୱ ପ୍ରତିଭା ତଥା ଗୁଣାବଳୀ ଅନୁଯାୟୀ ମାନବ ସଭ୍ୟତା ନିମନ୍ତେ ନିଜସ୍ୱ ଅବଦାନ ପାଇଁ ପ୍ରେରଣା ଯୋଗାଇଥାଏ । ଏହି କାରଣରୁ ଶିକ୍ଷାର ବ୍ୟକ୍ତିଗତ ଲକ୍ଷ୍ୟ ଉଭୟ ବ୍ୟକ୍ତି ଏବଂ ସମାଜର ବିକାଶ ପାଇଁ ଉପଯୁକ୍ତ ବ୍ୟବସ୍ଥା କରିଥାଏ ।

ଶିକ୍ଷାର ବ୍ୟକ୍ତିଗତ ଲକ୍ଷ୍ୟ :

ଶିକ୍ଷାର ବ୍ୟକ୍ତିଗତ ଲକ୍ଷ୍ୟ କହିଲେ କ'ଣ ବୁଝାଏ ତାହା ପୂର୍ବରୁ ଆଲୋଚିତ ହୋଇଛି । କେତେକ ଶିକ୍ଷା ଦାର୍ଶନିକ ଶିକ୍ଷାର ବ୍ୟକ୍ତିଗତ ଲକ୍ଷ୍ୟ ଉପରେ ପ୍ରାଧାନ୍ୟ ଆରୋପ କରିଛନ୍ତି । ଶିକ୍ଷାର ବ୍ୟକ୍ତିଗତ ଲକ୍ଷ୍ୟ ସପକ୍ଷରେ ବିଭିନ୍ନ ଦାର୍ଶନିକତ ୍ ଗୋଷ୍ଠୀ ପକ୍ଷରୁ ଉପସ୍ଥାପିତ ଯୁକ୍ତି ଗୁଡ଼ିକ ନିମ୍ନରେ ଆଲୋଚନା କରାଯାଇଅଛି ।

(i) ଜୀବବିଜ୍ଞାନୀ

ଜୀବବିଜ୍ଞାନୀଙ୍କ ମତରେ ପ୍ରତ୍ୟେକ ସୃଷ୍ଟଜୀବ ନିରବଚ୍ଛିନ୍ନ ଭାବରେ ବିକାଶ ଲାଭ କରିବା ପାଇଁ ଉଦ୍ୟମ କରିଥା'ନ୍ତି । ବ୍ୟକ୍ତିତ୍ୱ ବିକାଶ ନିମି ବ୍ୟକ୍ତିର ଏହି ଉଦ୍ୟମକୁ ଶିକ୍ଷା ସ୍ୱୀକୃତି ପ୍ରଦାନ କରିବା ଆବଶ୍ୟକ । ଶିକ୍ଷାବିତ୍ ଜି.ଏ. ଥମସନ୍ (G.A. Thomson) ବିଶ୍ୱାସ କରନ୍ତି ଯେ ଶିକ୍ଷା ବ୍ୟକ୍ତିକୁ ପୂର୍ଣ୍ଣାଙ୍ଗ ଜୀବନଯାପନ ନିମନ୍ତେ ସକ୍ଷମ କରାଇଥାଏ । ଏହି କାରଣରୁ ବ୍ୟକ୍ତିହିଁ ସମସ୍ତ ଶୈକ୍ଷିକ କାର୍ଯ୍ୟ ମଧ୍ୟରେ କେନ୍ଦ୍ରସ୍ଥାନ ଅଧିକାର କରିଥାଏ ।

(ii) ପ୍ରକୃତିବାଦୀ

ବିଶିଷ୍ଟ ପ୍ରକୃତିବାଦୀ ରୁଷୋ ଏବଂ ଇଂରେଜ ଚିନ୍ତାନାୟକ ଟି.ପି.ନନ୍ ସେମାନଙ୍କର କାଳଜୟୀ କୃତି ଗୁଡ଼ିକରେ ଶିକ୍ଷାର ବ୍ୟକ୍ତିଗତ ଲକ୍ଷ୍ୟକୁ ଯଥେଷ୍ଟ ଗୁରୁତ୍ୱ ପ୍ରଦାନ କରିଛନ୍ତି । ରଷୋଙ୍କ ମତରେ ମାନବ ଏବଂ ନାଗରିକ ଉଭୟଙ୍କୁ ଏକ ସମୟରେ ପ୍ରଶିକ୍ଷଣ ପ୍ରଦାନ କରାଯାଇ ପାରିବ ନାହିଁ । ସମାଜ କଳୁଷତାରେ ପରିପୂର୍ଣ୍ଣ ଏବଂ ବ୍ୟକ୍ତି ସମାଜଠାରୁ ଦୂରରେ ଶିକ୍ଷାଲାଭ କରିବା ଉଚିତ । ସେ ଶିଶୁର ପ୍ରକୃତି ଏବଂ ଅନ୍ତର୍ନିହିତ ପ୍ରତିଭାକୁ ଗୁରୁତ୍ୱ ଦେଇ କହିଛନ୍ତି, ''ପ୍ରକୃତ ଶିକ୍ଷା ଶିଶୁର ଅନ୍ତରରେ ନିହିତ ଥିବା ପ୍ରତିଭା ଗୁଡ଼ିକର ସମ୍ପୂର୍ଣ୍ଣ ପରିପ୍ରକାଶକୁ ବୁଝାଇଥାଏ ।''

(iii) ଆଦର୍ଶବାଦୀ

ଆଦର୍ଶବାଦୀମାନେ ବ୍ୟକ୍ତିର ଆତ୍ମାର ବିକାଶକୁ ଗୁରୁତ୍ୱ ଦେବା ସହ ଏକ ଉପଯୁକ୍ତ ଶିକ୍ଷା ବ୍ୟବସ୍ଥା ସାହାଯ୍ୟରେ ଜୀବନର ଏକ ଉଚ୍ଚତର ମୂଲ୍ୟବୋଧ ଯଥା ସତ୍ୟ, ଶିବ, ସୁନ୍ଦରର ପରିପୂ ିର ନିମନ୍ତେ ଗୁରୁତ୍ୱ ଦେଇଥା'ନ୍ତି । ବ୍ୟକ୍ତିର ଆତ୍ମାର ପୁନର୍ବିକାଶ ସହିତ ତା'ର ବ୍ୟକ୍ତିତ୍ୱ ତଥା ଅନ୍ତର୍ନିହିତ ପ୍ରତିଭାର ସଂପୂର୍ଣ୍ଣ ପରିପ୍ରକାଶ ଶିକ୍ଷାର ଲକ୍ଷ୍ୟ ଅଟେ ।

(iv) ମନୋବିଜ୍ଞାନୀ

ମନୋବିଜ୍ଞାନୀଙ୍କ ମତରେ ବ୍ୟକ୍ତିଗତ ପାର୍ଥକ୍ୟ ପ୍ରକୃତିର ନିୟମ ଏବଂ ଶିଶୁମାନେ ସେମାନଙ୍କର ଜନ୍ମିତ ଗୁଣ ଦୃଷ୍ଟିକୋଣରୁ ପରସ୍ପର ଠାରୁ ଭିନ୍ନ ଅଟନ୍ତି । ଏକ ଗୁରୁତ୍ୱପୂର୍ଣ୍ଣ ମାଧ୍ୟମ ବା ପ୍ରକ୍ରିୟା ଦୃଷ୍ଟିକୋଣରୁ ଶିକ୍ଷା, ବ୍ୟକ୍ତିଗତ ପାର୍ଥକ୍ୟ ଦୂରୀକରଣ ନିମନ୍ତେ ଉପଯୁକ୍ତ ବ୍ୟବସ୍ଥା ସୃଷ୍ଟି କରିବା ଉଚିତ । ଆଧୁନିକ ସମାଜର ପ୍ରଗତିଶୀଳ ଚିନ୍ତାନାୟକମାନେ ଉଭୟ ମନସ୍ତାତ୍ତ୍ୱିକ ଏବଂ ଜୈବିକ ମତାନୁଯାୟୀ ଶିଶୁର ଅନ୍ତର୍ନିହିତ ପ୍ରତିଭାର ବିକାଶ ଉପରେ ସମାଜର ମଙ୍ଗଳ ନିର୍ଭର କରିଥାଏ ବୋଲି ମତ ପ୍ରକାଶ କରିଥା'ନ୍ତି । ଅନ୍ୟ ଭାଷାରେ କହିବାକୁ ଗଲେ ବିଦ୍ୟାଳୟର ଏକ ପ୍ରମୁଖ ଲକ୍ଷ୍ୟ ହେଉଛି

ପ୍ରତ୍ୟେକ ଶିଶୁ ମଧ୍ୟରେ ଲୁକ୍‌କାୟିତ ପ୍ରତିଭାର ଅନ୍ୱେଷଣ କରି ତା'ର ପ୍ରଭୁତ ବିକାଶ ସାଧନ କରିବା । ଏହି ପରିପ୍ରେକ୍ଷୀରେ ପ୍ରତ୍ୟେକ ଶିକ୍ଷାର୍ଥୀ ଶୈକ୍ଷିକ ପ୍ରକ୍ରିୟାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ ।

(v) ନୀତିବାଦୀ

ନୀତିବାଦୀଙ୍କ ମତରେ ପ୍ରଶିକ୍ଷଣ ଅନୁଯାୟୀ ପ୍ରତ୍ୟେକ ବ୍ୟକ୍ତି ଉଭୟ ଭଲ ଏବଂ ମନ୍ଦକାର୍ଯ୍ୟ କରିବା ପାଇଁ ସମର୍ଥ ହୋଇଥାନ୍ତି । ବ୍ୟକ୍ତି ମଧ୍ୟରେ ରହିଥିବା ସ୍ୱର୍ଗୀୟ ସ । ଗୁଡ଼ିକ ଶୈକ୍ଷିକ ପ୍ରକ୍ରିୟା ଦ୍ୱାରା ପରିସ୍ଫୁଟ ହୋଇଥାଏ ଏବଂ ସେ ଜୀବନର ଉଚ୍ଚତର ମୂଲ୍ୟବୋଧ ଗୁଡ଼ିକୁ ବୁଝିବା ନିମନ୍ତେ ସମର୍ଥ ପ୍ରକାଶ କରିଥାଏ । ଏହି ଅର୍ଥରେ ଶିକ୍ଷା ବ୍ୟକ୍ତିକୁ ସ୍ୱୟଂସଂପୂର୍ଣ୍ଣ ହେବା ନିମନ୍ତେ ପରିଚାଳିତ କରିଥାଏ ।

ବ୍ୟକ୍ତିଗତ ଶିକ୍ଷା ବିପକ୍ଷରେ ଯୁକ୍ତି :

ଶିକ୍ଷାର ବ୍ୟକ୍ତିଗତ ଲକ୍ଷ୍ୟ ଏହାର ଚରମ ବା ସର୍ବଶେଷ ଅବସ୍ଥାରେ ଆଦୌ ସ୍ପୃହଣୀୟ ନୁହେଁ ଏବଂ ଏହା ବିଭିନ୍ନ ଦିଗରୁ ସମାଲୋଚିତ ହୋଇଥାଏ । ନିମ୍ନରେ ବ୍ୟକ୍ତିଗତ ଶିକ୍ଷାର ବିପକ୍ଷରେ ବିଭିନ୍ନ ଯୁକ୍ତି ଉପସ୍ଥାପନ କରାଯାଇଅଛି ।

(i) ନିଃସଙ୍ଗ ବ୍ୟକ୍ତି - ଏକ କପୋଳକଳ୍ପିତ କଳ୍ପନା

ବିଖ୍ୟାତ ଶିକ୍ଷାବିତ୍ ଟି. ରେମ ଙ୍କ ମତରେ ନିଃସଙ୍ଗ ବ୍ୟକ୍ତି ଏକ କପୋଳକଳ୍ପିତ ଚିନ୍ତା ଅଟେ । ଏହା ସତ୍ୟ ଯେ, ସମାଜ ବ୍ୟତିରେକ ବ୍ୟକ୍ତିର ସ । ତଥା ଏହାର ବିକାଶ ସମ୍ବନ୍ଧରେ ଚିନ୍ତାକରିବା ସମ୍ପୂର୍ଣ୍ଣ ଅମୂଳକ ଅଟେ । ଜନ୍ ଡିଓ୍ୱିଙ୍କ ମତରେ ପ୍ରତ୍ୟେକ ବ୍ୟକ୍ତି ଜଣେ ଜଣେ ଅଭ୍ୟୁତ୍‌ଥିତ ନାଗରିକ ଯାହାର ଚିନ୍ତା ଓ ଚେତନାର ପରିସର ଖୁବ୍ ବ୍ୟାପକ ଅଟେ । ତେଣୁ ଯେଉଁ ଶିକ୍ଷାପଦ୍ଧତି ସମାଜ ସହ ତାଳଦେଇ ଗତି କରିପାରେ ନାହିଁ, ତାହା ବ୍ୟକ୍ତିର କୌଣସି ପ୍ରକାର ସେବା ମଧ୍ୟ କରିପାରେ ନାହିଁ ।

(ii) ବ୍ୟକ୍ତିର ସ୍ୱୟଂସମ୍ପୂର୍ଣ୍ଣ ବିକାଶ - ଏକ ଭ୍ରମାତ୍ମକ ଧାରଣା

ପ୍ରକୃତିବାଦୀଙ୍କ ମତାନୁଯାୟୀ ବ୍ୟକ୍ତିର ସ୍ୱୟଂସମ୍ପୂର୍ଣ୍ଣ ବିକାଶ ଏକ ଭ୍ରମାତ୍ମକ ଧାରଣା ଅଟେ । ବ୍ୟକ୍ତିକୁ ସମ୍ପୂର୍ଣ୍ଣ ବା ଅଙ୍କୁଶ ବିହୀନ ସ୍ୱାଧୀନତା ପ୍ରଦାନ କରାଯାଇଥାଏ ବୋଲି ଭ୍ରମାତ୍ମକ ଭାବରେ ବ୍ୟାଖ୍ୟା କରାଯାଇଥାଏ । ଏହା ଲଗାମହୀନ ଆତ୍ମପ୍ରକାଶର ରୂପ ଗ୍ରହଣ କରିବାର ଯଥେଷ୍ଟ ସମ୍ଭାବନା ରହିଥାଏ । ଏହି ଲଗାମହୀନ ସ୍ୱାଧୀନତା ସମାଜର ସମସ୍ତ ନୀତି ନିୟମ ଭାଙ୍ଗିଦେଇ ସମାଜରେ ବିଶୃଙ୍ଖଳା ସୃଷ୍ଟି କରିବାର ଯଥେଷ୍ଟ ସମ୍ଭାବନା ରହିଥାଏ । ବ୍ୟକ୍ତିଗତ ଲକ୍ଷ୍ୟର ଦୃଢ଼ ପ୍ରବ ର୍କ ଟି.ପି.ନନ୍‌ଙ୍କ ମତରେ ବ୍ୟକ୍ତିତ୍ୱର ବିକାଶ ଏପରି ଏକ ପରିବେଶରେ ସମ୍ଭବ ହୋଇଥାଏ, ଯେଉଁଠାରେ ସାଧାରଣ ସ୍ୱାର୍ଥ ବା କାର୍ଯ୍ୟକ୍ରମକୁ ଉପଯୁକ୍ତ ମର୍ଯ୍ୟାଦା ଦିଆଯାଇଥାଏ ।

(iii) ମାନବର ଆଧ୍ୟାତ୍ମିକ ପ୍ରକୃତି ବିରୋଧି

ବ୍ୟକ୍ତିଗତ ଲକ୍ଷ୍ୟର ସମାଲୋଚକମାନଙ୍କ ମତରେ ଲଗାମହୀନ ବ୍ୟକ୍ତି ପଶୁତୁଲ୍ୟ, ସ୍ୱାର୍ଥପର ଏବଂ ବିଶୃଙ୍ଖଳିତ ଅଟେ । ଏହି ପରିପ୍ରେକ୍ଷୀରେ ରବର୍ଟ ରସ୍କ (Rusk) କହିଛନ୍ତି, ''ବ୍ୟକ୍ତିବାଦ ଓ ସମାଜବାଦ ମଧ୍ୟରେ କଳହ, ମନୁଷ୍ୟର

ପାଶବିକ ପ୍ରକୃତି ଏବଂ ଆଧ୍ୟାତ୍ମିକ ପ୍ରକୃତି ମଧ୍ୟରେ କଳହ ସହ ତୁଳନୀୟ ।'' ମାନବର ପାଶବିକ ପ୍ରବୃତ୍ତିର ବିକାଶ ନିମନ୍ତେ ସୁଯୋଗ ମିଳିଲେ, ସେ ଆଦିମ ବର୍ବର ଯୁଗକୁ ଫେରିଯାଏ । ତେଣୁ ଶିକ୍ଷାର ବ୍ୟକ୍ତିଗତ ଲକ୍ଷ୍ୟ ମୂଲ୍ୟହୀନ ଅଟେ ।

(iv) ସମାଜକୁ ନେଇ ବ୍ୟକ୍ତିସ । ନିର୍ଦ୍ଧାରିତ ହେବା ଆବଶ୍ୟକ :

ଜୈବିକ ମତାନୁଯାୟୀ ପ୍ରତ୍ୟେକ ବ୍ୟକ୍ତି ସ୍ୱୟଂ ସମ୍ପୂର୍ଣ୍ଣ ଅଟନ୍ତି । ଶିକ୍ଷା ହିଁ ବ୍ୟକ୍ତିର ବ୍ୟକ୍ତିତ୍ୱ ଚରିତ୍ର, ନୈତିକତା ଓ ସୌନ୍ଦର୍ଯ୍ୟଜ୍ଞାନର ବିକାଶ ସାଧନ କରି ତା'କୁ ସମାଜ ଉପଯୋଗୀ କରି ଗଢ଼ିତୋଳିଥାଏ । ଏହି ଦୃଷ୍ଟିକୋଣରୁ ''ଶିକ୍ଷାର ଲକ୍ଷ୍ୟ ବ୍ୟକ୍ତିବାଦର ବିକାଶ ନୁହେଁ ବରଂ ଏହା ବ୍ୟକ୍ତିତ୍ୱର ବିକାଶ ନିମନ୍ତେ ଉଦ୍ୟମ କରିଥାଏ ।''

(v) ସାମାଜିକତା ବ୍ୟକ୍ତିର ମହାନତାର ମୂଳମନ୍ତ୍ର

ଯଦିଓ ସଭ୍ୟତାର ବିକାଶ ବିଭିନ୍ନ ମହାମନୀଷି ଯଥା ଶଙ୍କରାଚାର୍ଯ୍ୟ, ଯିଶୁଖ୍ରୀଷ୍ଟ, ଗୌତମ ବୁଦ୍ଧ, ଆଇଜାକ୍ ନିଉଟନ୍, ଆଇନଷ୍ଟାଇନ୍ ଏବଂ ମାର୍କୋନୀ ଇତ୍ୟାଦିଙ୍କ ମହାନ୍ ଅବଦାନ ଦ୍ୱାରା ସମ୍ଭବ ହୋଇଛି; ସେମାନେ ସଫଳତାର ଶିଖରରେ ଶୂନ୍ୟେ ଶୂନ୍ୟେ ପହଁ ଯାଇନାହାନ୍ତି । ସେମାନଙ୍କର ମହାନତା ଏବଂ ସମାଜ ପ୍ରତି ଅବଦାନର ପଶ୍ଚାତ୍‌ଭାଗରେ ସେମାନଙ୍କର ଅନ୍ୟମାନଙ୍କ ଦ୍ୱାରା ସଂରକ୍ଷିତ ସମାଜର ଉଚ୍ଚ ପରମ୍ପରା, ଆଦର୍ଶ, କାର୍ଯ୍ୟଧାରା, ଜ୍ଞାନ ଏବଂ ଐତିହ୍ୟର ଉପଯୁକ୍ତ ସମ୍ମାନବୋଧ ତଥା ବୋଧଶକ୍ତି ଉପରେ ନିର୍ଭର କରିଥାଏ । ସେମାନଙ୍କର ପ୍ରତ୍ୟେକଟି ଅବଦାନ ସାମାଜିକ ଦୃଷ୍ଟିକୋଣରୁ ବେଶ୍ ଗୁରୁତ୍ୱପୂର୍ଣ୍ଣ ।

(vi) ଦେଶର ରାଜନୀତି ଏବଂ ଅର୍ଥନୀତି ଉପରେ କୁପ୍ରଭାବ

ଅନେକ ସମୟରେ ବ୍ୟକ୍ତିର ଆବଶ୍ୟକତାଠାରୁ ଅଧିକ ସୁବିଧା ସୁଯୋଗ ଦାବି ଦେଶର ରାଜନୀତି ଏବଂ ଅର୍ଥନୈତିକ କ୍ଷେତ୍ରକୁ ପ୍ରଭାବିତ କରିଥାଏ । ଉଭୟ ଅଷ୍ଟାଦଶ ଏବଂ ଊନବିଂଶ ଶତାବ୍ଦୀରେ ରାଜନୈତିକ ସ୍ୱାଧୀନତା ବ୍ୟକ୍ତି ନିମନ୍ତେ ଶିକ୍ଷାକ୍ଷେତ୍ରରେ ଯଥେଷ୍ଟ ସୁଯୋଗ ସୃଷ୍ଟି କରିପାରିଛି । ଏହି ଦୃଷ୍ଟିରୁ ବ୍ୟକ୍ତିର ସର୍ବାଙ୍ଗୀନ ବିକାଶ ଶିକ୍ଷାର ଏକ ମୁଖ୍ୟ ଲକ୍ଷ୍ୟ ହୋଇଆସିଛି । ଏହି ଦୃଷ୍ଟିରୁ ଏହା ଦେଶର ସ୍ୱାର୍ଥ, ମଙ୍ଗଳ ଓ ବିକାଶ ପ୍ରକ୍ରିୟାକୁ ବ୍ୟାହତ କରିଥାଏ । ମାତ୍ର ଏ ପ୍ରକାର ବ୍ୟବସ୍ଥା କତିପୟ ଜନସାଧାରଣଙ୍କୁ ଶିକ୍ଷାସୁବିଧା ହାସଲ କରି ଦେଶର ସମ୍ପତ୍ତିକୁ ବ୍ୟକ୍ତିଗତ ସ୍ୱାର୍ଥ ନିମନ୍ତେ ଲୁଟ୍ କରିବାର ସୁଯୋଗ ପ୍ରଦାନ କରିଥାଏ ।

(vii) ବ୍ୟକ୍ତିତ୍ୱ ବିକାଶରେ ପ୍ରତିବନ୍ଧକ

ବ୍ୟକ୍ତିତ୍ୱର ସୁଷମ ବିକାଶ କେବଳ ଏକ ସୁସ୍ଥ ଏବଂ ଆଦର୍ଶ ସାମାଜିକ ପରିବେଶରେ ସମ୍ଭବ ହୋଇଥାଏ । ରସ୍କଙ୍କ ମତରେ, ''ଶିକ୍ଷାର ଲକ୍ଷ୍ୟ ବ୍ୟକ୍ତିସ ।ର ବିକାଶ ବ୍ୟତୀତ ବ୍ୟକ୍ତିତ୍ୱର ବିକାଶ ନିମନ୍ତେ ଉଦ୍ୟମ କରିବା ଉଚିତ୍ ।'' ତେଣୁ ବ୍ୟକ୍ତିତ୍ୱର ବିକାଶ ପାଇଁ ସମୟର ଆବଶ୍ୟକତା ଦୃଷ୍ଟିରୁ ସାମାଜିକ ପରିବେଶରେ ମଧ୍ୟ ପରିବର୍ତ୍ତନ ଅଣାଯିବା ଉଚିତ ।

(b) ଶିକ୍ଷାର ସାମାଜିକ ଲକ୍ଷ୍ୟ

ଶିକ୍ଷାର ସାମାଜିକ ଲକ୍ଷ୍ୟ ଏକ ଦୀର୍ଘସୂତ୍ରୀ କାର୍ଯ୍ୟକ୍ରମ ସାହାଯ୍ୟରେ ସମାଜ ତଥା ରାଷ୍ଟ୍ରର ମଙ୍ଗଳ କାମନା କରିଥାଏ । ଏହି ଲକ୍ଷ୍ୟ ଅନୁଯାୟୀ ସମସ୍ତ ଶିକ୍ଷା କାର୍ଯ୍ୟକ୍ରମ ସମାଜର ପ୍ରଗତି ଏବଂ ବିକାଶ ପାଇଁ ପରିଚାଳିତ ହୋଇଥାଏ । ସମାଜ ନିଜକୁ ସମସ୍ତ ଶୈକ୍ଷିକ କାର୍ଯ୍ୟକ୍ରମର ଅୟମାରମ୍ଭ ଓ ଶେଷ ପରିଣତି ରୂପେ ଉପସ୍ଥାପିତ କରିଥାଏ । ହେଗେଲ୍‌ଙ୍କ ମତରେ ରାଷ୍ଟ୍ରବିନା କୌଣସି ବ୍ୟକ୍ତିର ବ୍ୟକ୍ତିତ୍ୱର କୌଣସି ସ । ନଥାଏ । ରାଷ୍ଟ୍ର ହିଁ ପ୍ରକୃତ ବ୍ୟକ୍ତି, ଯାହାର ସ୍ୱତନ୍ତ୍ର ସ୍ଥିତି ଏବଂ ଇଚ୍ଛାଶକ୍ତି ରହିଥାଏ । ପ୍ରତ୍ୟେକ ବ୍ୟକ୍ତି ରାଷ୍ଟ୍ରର ଚରମ ଲକ୍ଷ୍ୟର ପୂ ି ନିମନ୍ତେ ଉଦ୍ୟମ କରିଥା'ନ୍ତି ।

ମୌଳିକ ଶିକ୍ଷାର ପ୍ରବ କ ଗାନ୍ଧିଜୀ ଶିକ୍ଷାର ସାମାଜିକ ଲକ୍ଷ୍ୟ ସପକ୍ଷରେ ମତଦାନ କରିବାକୁ ଯାଇ କହିଛନ୍ତି, ଏହା ରାଷ୍ଟ୍ର ତଥା ଗୋଷ୍ଠୀର ଆବଶ୍ୟକତା ଅନୁଯାୟୀ ଉ ମ ନାଗରିକ ସୃଷ୍ଟି କରିବା ନିମନ୍ତେ ଉଦ୍ୟମ କରିଥାଏ ।

ସାମାଜିକ ଲକ୍ଷ୍ୟର ସଂକୀର୍ଣ୍ଣ ଅର୍ଥ :

ସଂକୀର୍ଣ୍ଣ ଅର୍ଥରେ ଶିକ୍ଷାର ସାମାଜିକ ଲକ୍ଷ୍ୟ ସମାଜବାଦ ସହ ତୁଳନୀୟ । ଅନ୍ୟଭାଷାରେ କହିବାକୁ ଗଲେ, ସମସ୍ତ କ୍ଷମତା ରାଷ୍ଟ୍ର ନିକଟରେ ରହିଥାଏ । ରାଷ୍ଟ୍ର ନ୍ୟାୟ, ନୈତିକତା ଏବଂ ଯୌକ୍ତିକତାର ମୂ ିମନ୍ତ ରୂପ ଅଟେ । ରାଷ୍ଟ୍ର ବା ସମାଜ ହିଁ ଏକମାତ୍ର ସତ୍ୟ ଏବଂ ବ୍ୟକ୍ତି ହିଁ ଏହାର ପ୍ରବାହର ଏକ ସ୍ପନ୍ଦନ ମାତ୍ର । ରାଷ୍ଟ୍ରର ମଙ୍ଗଳ ନିମନ୍ତେ ବ୍ୟକ୍ତି ତା'ର ସର୍ବସ୍ୱ ତ୍ୟାଗକରିବା ଆଶା କରାଯାଇଥାଏ ।

ଏ ଧରଣର ଶୈକ୍ଷିକ ଚିନ୍ତାଧାରା ଏକଚ୍ଛତ୍ରବାଦୀ ରାଷ୍ଟ୍ରର ସୃଷ୍ଟି ନିମନ୍ତେ ପଥ ପରିଷ୍କାର କରିଥାଏ । ଏହି ଚିନ୍ତାଧାରା ଅନୁଯାୟୀ ବ୍ୟକ୍ତିର ଭାଗ୍ୟ ସମାଜ ବା ରାଷ୍ଟ୍ର ଦ୍ୱାରା ନିର୍ଦ୍ଧାରିତ ହେବା ସହ, ବ୍ୟକ୍ତି ଉପରେ ସମାଜର ଅପରିସୀମ କ ୃତ୍ୱ ରହିଥାଏ । ଶିକ୍ଷା କ୍ଷେତ୍ରରେ ଏ ପ୍ରକାରର ଦର୍ଶନ ରାଷ୍ଟ୍ରକୁ ଏକ କଠୋର ଶିକ୍ଷାଦାନ ବ୍ୟବସ୍ଥା ପ୍ରବ ନ କରିବା ନିମନ୍ତେ ସୁଯୋଗ ପ୍ରଦାନ କରିଥାଏ । ଶିକ୍ଷା କ୍ଷେତ୍ରରେ ସମସ୍ତ କ୍ଷମତା କେନ୍ଦ୍ରୀଭୂତ ହୋଇ ରହିଥାଏ । ପୁରାତନ ଗ୍ରୀକ୍‌ର ସ୍ପାର୍ଟୀୟ ଶିକ୍ଷା ବ୍ୟବସ୍ଥା ଏବଂ ଜର୍ମାନର ହିଟଲରଙ୍କ ପ୍ରବ ିତ ଶିକ୍ଷା ବ୍ୟବସ୍ଥା ସଂକୀର୍ଣ୍ଣ ସାମାଜିକ ଅର୍ଥର ସର୍ବୋ ମ ଉଦାହରଣ ଅଟେ । ଫାସୀବାଦୀଙ୍କ ମତରେ ସମାଜର ସବୁକିଛି ରାଷ୍ଟ୍ରର, ରାଷ୍ଟ୍ରପାଇଁ ଏବଂ ରାଷ୍ଟ୍ରଦ୍ୱାରା ।

ସାମାଜିକ ଲକ୍ଷ୍ୟର ବ୍ୟାପକ ଅର୍ଥ :

ବ୍ୟାପକ ଅର୍ଥରେ ସାମାଜିକ ଲକ୍ଷ୍ୟକୁ ଗଣତାନ୍ତ୍ରିକ ସମାଜବାଦ ସହିତ ତୁଳନା କରାଯାଇଥାଏ । ଏହି ଦୃଷ୍ଟିକୋଣରୁ ଶିକ୍ଷାର ସାମାଜିକ ଲକ୍ଷ୍ୟ ଉଭୟ ରାଷ୍ଟ୍ର ଏବଂ ବ୍ୟକ୍ତିର ଗୁରୁତ୍ୱ ସ୍ୱୀକାର କରିଥାଏ । ତେଣୁ ସାମାଜିକ ଲକ୍ଷ୍ୟ ଏହାର ବ୍ୟାପକ ଅର୍ଥ ଅନୁଯାୟୀ ବ୍ୟକ୍ତିକୁ ତା'ର ବ୍ୟକ୍ତିତ୍ୱର ବିକାଶ ନିମି କେତେକ ଅଧିକାର ପ୍ରଦାନ କରିଥାଏ ଏବଂ ତା'ର ଦକ୍ଷତା ଓ କ୍ଷମତା ଅନୁଯାୟୀ ତା'ଠାରୁ କିଛି ଆଶା କରିଥାଏ । ଏହି ପରିପ୍ରେକ୍ଷୀରେ ଶିକ୍ଷାକୁ ଦୁଇଗୋଟି ଦୃଷ୍ଟିକୋଣରୁ ବ୍ୟାଖ୍ୟ କରାଯାଇଥାଏ । ଯଥା : (i) ନାଗରିକତା ପାଇଁ ଶିକ୍ଷା, ଏବଂ (ii) ସାମାଜିକ ଦକ୍ଷତା ନିମନ୍ତେ ଶିକ୍ଷା ।

(i) ନାଗରିକତା ପାଇଁ ଶିକ୍ଷା

ଏହି ଲକ୍ଷ୍ୟ ବ୍ୟକ୍ତିକୁ ସମାଜରେ ଏକ ସଫଳ ନାଗରିକ ଭାବେ ଜୀବନଯାପନ କରିବା ନିମନ୍ତେ ପ୍ରଶିକ୍ଷଣ ପ୍ରଦାନ କରିଥାଏ । ଗଣତନ୍ତ୍ରରେ ବ୍ୟକ୍ତିମାନେ ଦାୟିତ୍ୱ ସମ୍ପନ୍ନ ନାଗରିକ ରୂପେ ନିଜକୁ ପ୍ରତିଷ୍ଠା କରିବା ଆବଶ୍ୟକ । ନାଗରିକତା ସମ୍ବନ୍ଧୀୟ ଶିକ୍ଷା ବ୍ୟକ୍ତିକୁ ଅନ୍ୟର ସ୍ୱାଧୀନତାରେ ହସ୍ତକ୍ଷେପ ନକରି ନିଜର ଅଧିକାର ସାବ୍ୟସ୍ତ କରିବାର ସୁଯୋଗ ପ୍ରଦାନ କରିଥାଏ । ଏହା ପାରସ୍ପରିକ ସହଯୋଗ ଓ ଆତ୍ମ ବଳିଦାନ ନୀତିରେ ବିଶ୍ୱାସ କରିବା ସହ ଭବିଷ୍ୟତରେ ଉ ମ ନାଗରିକ ହେବା ନିମନ୍ତେ ପ୍ରଶିକ୍ଷଣ ପ୍ରଦାନ କରିଥାଏ ।

(ii) ସାମାଜିକ ଦକ୍ଷତା ନିମନ୍ତେ ଶିକ୍ଷା

ଶିକ୍ଷାର ସାମାଜିକ ଲକ୍ଷ୍ୟ ସାଧନପାଇଁ ଏହି ଦ୍ୱିତୀୟ ବ୍ୟବସ୍ଥା ଅପେକ୍ଷାକୃତ ବ୍ୟାପକ ଏବଂ ନମନୀୟ ଅଟେ । ବ୍ୟକ୍ତିକୁ ଗଣତାନ୍ତ୍ରିକ ସମାଜ ନିମନ୍ତେ ସମାଜ ଉପଯୋଗୀ ତଥା ଦକ୍ଷ କରିବା ଏହାର ଏକ ପ୍ରମୁଖ ଲକ୍ଷ୍ୟ ଅଟେ । ସମାଜର ଆବଶ୍ୟକତା ଅନୁଯାୟୀ ବ୍ୟକ୍ତିସ ।ର ବିକାଶ ସାଧନ କରିବା ଶିକ୍ଷାର ଏକ ପ୍ରଧାନ କାର୍ଯ୍ୟ ଅଟେ । ଜନ୍ ଡ୍ୟୁୱି (John Dewey) ଏବଂ ବାଗ୍‌ଲେ ଶିକ୍ଷାର ନମନୀୟ ସାମାଜିକ ଲକ୍ଷ୍ୟର ମୁଖ୍ୟ ପ୍ରବକ୍ତା ଅଟନ୍ତି । ସେମାନଙ୍କ ମତରେ ବ୍ୟକ୍ତିର ସାମାଜିକ ବୃ ି ସଂପର୍କିତ ଦକ୍ଷତାର ପରୋକ୍ଷ ବ୍ୟବହାର ଦ୍ୱାରା ତା'ର ସାମାଜିକ ଦକ୍ଷତାର ବିକାଶ ସାଧନ କରାଯାଇଥାଏ । ଜନ୍ ଡ୍ୟୁୱିଙ୍କ ମତରେ, ''ସମସ୍ତ ପ୍ରକାର ଶିକ୍ଷା ବ୍ୟକ୍ତିର ସାମାଜିକ ବ୍ୟବସ୍ଥାରେ ସକ୍ରିୟ ଅଂଶଗ୍ରହଣ ଦ୍ୱାରା ନିର୍ଦ୍ଧାରିତ ହୋଇଥାଏ ।

ତେଣୁ ଏହି ମତବାଦ ଅନୁଯାୟୀ ସାମାଜିକ ଦକ୍ଷତାର ବିକାଶ ହିଁ ଶିକ୍ଷାର ଲକ୍ଷ୍ୟ ଅଟେ । ଏହି ଲକ୍ଷ୍ୟ ଜଣେ ବ୍ୟକ୍ତିକୁ ନିଜର ପ୍ରତିଭାର ବିକାଶ ନିମି ସୁଯୋଗ ପ୍ରଦାନ କରିବା ସହ ଗୋଷ୍ଠୀଗତ ଜୀବନଯାପନ ପାଇଁ ପ୍ରେରଣା ପ୍ରଦାନ କରିଥାଏ । ଏହି ଦୃଷ୍ଟିରୁ ସମାଜସେବା ଓ ନାଗରିକତା ଶିକ୍ଷାକୁ ଶିକ୍ଷାର ସାମାଜିକ ଲକ୍ଷ୍ୟ କୁହାଯାଇଥାଏ । ଉପରୋକ୍ତ ଦୃଷ୍ଟିକୋଣରୁ ବିଦ୍ୟାଳୟ ବ୍ୟକ୍ତିକୁ ତା'ର ଦାୟିତ୍ୱ ଓ କ ର୍ତ୍ତବ୍ୟ ସମ୍ପର୍କରେ ଶିକ୍ଷାଦାନ କରିବା ସହ ନିଃସ୍ୱାର୍ଥପର ସେବା ଓ ସମଗ୍ର ମାନବଜାତିର କଲ୍ୟାଣ ନିମି ବ୍ୟକ୍ତିର ଆତ୍ମାକୁ ଜାଗ୍ରତ କରିବା ଆବଶ୍ୟକ ।

ଅଧୁନା ସମଗ୍ର ବିଶ୍ୱ ସାମାଜିକ ବ୍ୟବସ୍ଥା ଶିକ୍ଷାର ସାମାଜିକ ଲକ୍ଷ୍ୟପ୍ରତି ବେଶ୍ ଗୁରୁତ୍ୱ ପ୍ରଦାନ କରୁଅଛି । ଗଣତନ୍ତ୍ର ପାଇଁ ଶିକ୍ଷା, ଆନ୍ତର୍ଜାତିକ ବୁଝାମଣା ପାଇଁ ଶିକ୍ଷା, ଜାତୀୟ ସଂହତି ଓ ଆବେଗିକ ସଂହତି ବିକାଶ ପାଇଁ ଶିକ୍ଷା ଇତ୍ୟାଦି ଦେଶର ଆବଶ୍ୟକତା ପୂରଣ ପାଇଁ ଉଦ୍ଦିଷ୍ଟ ଅଟେ । ଆମ ଦେଶର ପ୍ରତ୍ୟେକ ନାଗରିକ ଏକ ସ୍ୱରରେ କହିଥା'ନ୍ତି ଯେ, ''ଆମ୍ଭେମାନେ ସମସ୍ତେ ଚିରଦିନ ପାଇଁ ଭାରତୀୟ ଅଟୁ'' ଏବଂ ପ୍ରତ୍ୟେକ ରାଷ୍ଟ୍ରର ସ୍ୱାର୍ଥ ସମ୍ମୁଖରେ ନିଜର ସ୍ୱାର୍ଥକୁ ତ୍ୟାଗ କରିବାକୁ ସର୍ବଦା ପ୍ରସ୍ତୁତ ଥା'ନ୍ତି । ଏ ସମସ୍ତ ଧାରଣାକୁ ଶିକ୍ଷାର ସାମାଜିକ ଲକ୍ଷ୍ୟ କୁହାଯାଇଥାଏ । ତେଣୁ ଆଧୁନିକ ଶିକ୍ଷାତ ୍ୱ ସାମାଜିକ ଲକ୍ଷ୍ୟର ଏହି ନମନୀୟ ଧାରଣାକୁ ସହଜରେ ଗ୍ରହଣ କରିଥାଏ ।

ସାମାଜିକ ଲକ୍ଷ୍ୟ ସପକ୍ଷରେ ଯୁକ୍ତି :

(i) ମନୁଷ୍ୟ ଏକ ସାମାଜିକ ପ୍ରାଣୀ ଅଟେ । ସମାଜରେ ତା'ର ଜନ୍ମ, ବୃଦ୍ଧି ଓ ସର୍ବବିଧ ବିକାଶ ସାଧନ ହୋଇଥାଏ । ବ୍ୟକ୍ତି ଅନେକ ଅନ୍ତର୍ନିହିତ ଗୁଣାବଳୀକୁ ନେଇ ଜନ୍ମଗ୍ରହଣ କରିଥାଏ । ଏ ସମସ୍ତ ଗୁଣାବଳୀର ଉପଯୁକ୍ତ

ପରିପ୍ରକାଶ ନିମନ୍ତେ, ବ୍ୟକ୍ତି ଏକ ସାମାଜିକ ପରିବେଶର ଆବଶ୍ୟକତା ଅନୁଭବ କରିଥାଏ । ଏହି କାରଣରୁ, ଶିକ୍ଷା ସମାଜ ତଥା ବ୍ୟକ୍ତିର ସର୍ବବିଧ ମଙ୍ଗଳ ପାଇଁ ଉପଯୁକ୍ତ ଧ୍ୟାନଦେବା ଆବଶ୍ୟକ ଅଟେ ।

(ii) ମନୁଷ୍ୟ ଅନେକ ପଶୁତୁଲ୍ୟ ପ୍ରବୃ ିକୁ ନେଇ ଜନ୍ମ ହୋଇଥାଏ । ମାତ୍ର ସମାଜ ତାହାର ଯାଦୁକରୀ ଶକ୍ତି ସାହାଯ୍ୟରେ ମନୁଷ୍ୟର ପାଶବିକ ପ୍ରବୃ ି ଲୋପକରାଇ ତାକୁ ଜଣେ ସଫଳ ମାନବ ରୂପେ ସମାଜରେ ପ୍ରତିଷ୍ଠା ଲାଭ କରାଇଥାଏ । ସମାଜ ମଧ୍ୟରେ ସେ ସାମାଜିକ ବ୍ୟବହାର, ପ୍ରଥା, ପରମ୍ପରା, ମୂଲ୍ୟବୋଧ ଏବଂ ସାମାଜିକ ଚଳଣି ସମ୍ବନ୍ଧରେ ଶିକ୍ଷାଲାଭ କରିଥାଏ । ଏହି କାରଣରୁ ଶିକ୍ଷା ସମାଜର କଲ୍ୟାଣ ନିମି ଯୋଜନାମାନ ପ୍ରଣୟନ କରିବା ଉଚିତ ।

(iii) ସମାଜର ସଂସ୍ପର୍ଶରେ ଆସିବା ପୂର୍ବରୁ ପ୍ରତ୍ୟେକ ଶିଶୁଠାରେ ଏକ ସ୍ୱତନ୍ତ୍ର ବ୍ୟକ୍ତିତ୍ୱ ରହିଥାଏ । ସମାଜର ବିଭିନ୍ନ ପରିବେଶ ସହିତ ସଂପର୍କ ପ୍ରତିଷ୍ଠା ମାଧ୍ୟମରେ ଶିଶୁଟିର ବ୍ୟକ୍ତିତ୍ୱର ସମ୍ପୂର୍ଣ୍ଣ ପରିପ୍ରକାଶ ହୋଇଥାଏ । ତେଣୁ ସାମାଜିକ ପରିବେଶରେ ବ୍ୟକ୍ତିତ୍ୱର ବିକାଶ ହୋଇଥାଏ । ଏହି ପରିପ୍ରେକ୍ଷୀରେ ବ୍ୟକ୍ତିର ବ୍ୟକ୍ତିତ୍ୱ ବିକାଶ ସାମାଜିକ ଦୃଷ୍ଟିକୋଣରୁ ହେବା ଆବଶ୍ୟକ । ଅନ୍ୟଭାଷାରେ କହିବାକୁ ଗଲେ ବ୍ୟକ୍ତିର ଶିକ୍ଷା ସାମାଜିକ ଲକ୍ଷ୍ୟ ଉପରେ ପର୍ଯ୍ୟବସିତ ହେବା ଉଚିତ ।

(iv) ବ୍ୟକ୍ତିର ସାମଗ୍ରିକ ବିକାଶ ପରିପ୍ରେକ୍ଷୀରେ ସମାଜ ବା ରାଷ୍ଟ୍ର ଅପରିହାର୍ଯ୍ୟ ଅଟେ । ଏକ ସୁସ୍ଥ ସାମାଜିକ ଜୀବନଯାପନ ନିମନ୍ତେ ପ୍ରତ୍ୟେକ ବ୍ୟକ୍ତି ନ୍ୟାୟ, ଶାନ୍ତି ଏବଂ ନିରାପ । ଆବଶ୍ୟକ କରିଥାଏ । ଏସବୁ କେବଳ ଏକ ଉ ମ ସାମାଜିକ ବ୍ୟବସ୍ଥାରେ ଉପଲବ୍ଧ ହୋଇଥାଏ । ତେଣୁ ସମାଜ ବା ରାଷ୍ଟ୍ର ବ୍ୟକ୍ତିର ମୌଳିକ ଆବଶ୍ୟକତା ଅଟେ । ତେଣୁ ଜଣେ ବ୍ୟକ୍ତିର ଶୈକ୍ଷିକ ପ୍ରକ୍ରିୟା ତା'ର ପ୍ରକୃତ ବିକାଶ ପାଇଁ ସମାଜର ଆଶା ଆକାଂକ୍ଷା ଓ ଅବସ୍ଥାକୁ ନେଇ ପ୍ରସ୍ତୁତ ହେବା ଉଚିତ ।

(v) ନୂତନ ଉଦ୍ଭାବନ ଏବଂ ଆବିଷ୍କାର ମାଧ୍ୟମରେ ସମାଜରେ ଏକ ଦଳଗତ ଜୀବନଯାପନ ପାଇଁ ସମାଜ ବା ରାଷ୍ଟ୍ର ସୁବିଧାସୁଯୋଗ ପ୍ରଦାନ କରିଥାଏ । ତେଣୁ ପ୍ରତ୍ୟେକ ବ୍ୟକ୍ତି ମଧ୍ୟରେ ସମାଜ ପ୍ରତି ତ୍ୟାଗଏବଂ ସେବା ମନୋଭାବ ସୃଷ୍ଟି ହେବା ଉଚିତ୍ । ଶିକ୍ଷା ପଦ୍ଧତି ବ୍ୟକ୍ତି ମଧ୍ୟରେ ଏହି ଗୁଣାବଳୀର ବିକାଶ ନିମନ୍ତେ ଉଦ୍ୟମ କରିବା ଉଚିତ ।

ସାମାଜିକ ଲକ୍ଷ୍ୟ ବିପକ୍ଷରେ ଯୁକ୍ତି :

ନିମ୍ନରେ ସାମାଜିକ ଲକ୍ଷ୍ୟ ବିପକ୍ଷରେ କେତେକ ଯୁକ୍ତି ଉପସ୍ଥାପନ କରାଯାଇଅଛି ।

(i) ବ୍ୟକ୍ତିସ । ପ୍ରତି ଅବହେଳା ପ୍ରଦର୍ଶନ

ଶିକ୍ଷାର ସାମାଜିକ ଲକ୍ଷ୍ୟ ସପକ୍ଷବାଦୀଙ୍କ ମତରେ ସମାଜବିନା ବ୍ୟକ୍ତିର ବିକାଶ ସଂପୂର୍ଣ୍ଣ ଅସମ୍ଭବ ଅଟେ । ସେମାନଙ୍କ ମତରେ ସମାଜବିନା ବ୍ୟକ୍ତିର କୌଣସି ପରିଚୟ ନାହିଁ । ଦେଶର ଶିକ୍ଷା ପଦ୍ଧତି ବ୍ୟକ୍ତିର ବିକାଶ ପାଇଁ କାର୍ଯ୍ୟ

ନକରି ସମାଜର ସର୍ବବିଧ ବିକାଶ ନିମନ୍ତେ କାର୍ଯ୍ୟ କରିବା ଉଚିତ୍ । ଅନ୍ୟପକ୍ଷରେ ଗାନ୍ଧିଜୀଙ୍କ ମତରେ ସମାଜରେ ଜଣେ ବ୍ୟକ୍ତି ତାଙ୍କର ବ୍ୟକ୍ତିସ । ହରାଇବା ତାଙ୍କ ପାଇଁ ଯେପରି ମର୍ଯ୍ୟାଦା ହାନିକାରକ, ସମାଜ ପ୍ରତି ମଧ୍ୟ ସେପରି କ୍ଷତିକାରକ । ଏହି କାରଣରୁ ଶୈକ୍ଷିକ ପ୍ରକ୍ରିୟାରେ ବ୍ୟକ୍ତିସ ।କୁ ଅବହେଳା କରାଯାଇପାରିବ ନାହିଁ ।

(ii) ବ୍ୟକ୍ତି ସ୍ୱାଧୀନ ମତପ୍ରକାଶ ନିମନ୍ତେ ସୁଯୋଗ ପାଇନଥାଏ

ଶିକ୍ଷାର ସାମାଜିକ ଲକ୍ଷ୍ୟ ଅନୁଯାୟୀ, ଶିକ୍ଷା ବ୍ୟବସ୍ଥା ବ୍ୟକ୍ତିକୁ ଜୀବନର ମୌଳିକ ସୁବିଧାସୁଯୋଗଗୁଡ଼ିକୁ ଉପଭୋଗ କରିବା ନିମି ଯଦିଓ ପ୍ରସ୍ତୁତ କରିଥାଏ, ତଥାପି ବ୍ୟକ୍ତି ସ୍ୱାଧୀନ ଭାବରେ ମତପ୍ରକାଶ କରିବା ନିମି ସୁଯୋଗ ପାଇନଥାଏ । ଏହି ଦୃଷ୍ଟିକୋଣରୁ ମତ ପ୍ରକାଶ କରିବା ନିମି ସୁଯୋଗ ପାଇନଥାଏ । ଏହି ଦୃଷ୍ଟିକୋଣରୁ ସ୍ୱାଧୀନଚିନ୍ତା, ମତପ୍ରକାଶ ଏବଂ କାର୍ଯ୍ୟପ୍ରଣାଳୀ ଶିକ୍ଷାର ସାମାଜିକ ଲକ୍ଷ୍ୟ ଦୃଷ୍ଟିକୋଣରୁ କୌଣସି ଗୁରୁତ୍ୱ ରଖିନଥାଏ । ମାତ୍ର, ଏହା ସମ୍ଭବ ନୁହେଁ ।

(iii) ବ୍ୟକ୍ତିକୁ କେବଳ ରାଷ୍ଟ୍ରର ମଙ୍ଗଳ ପାଇଁ କାର୍ଯ୍ୟ କରିବାକୁ ହୋଇଥାଏ

ସାମାଜିକ ଲକ୍ଷ୍ୟକୁ ଗୁରୁତ୍ୱ ଦେବା ସମୟରେ ବ୍ୟକ୍ତିର ଆଶା ଆକାଂକ୍ଷା ଇତ୍ୟାଦି ସଂପୂର୍ଣ୍ଣ ରୂପେ ଅବହେଳିତ ହୋଇଥାଏ । ବ୍ୟକ୍ତିକୁ କେବଳ ସମାଜର ମଙ୍ଗଳ ନିମି କାର୍ଯ୍ୟକରିବାକୁ ହୋଇଥାଏ । ଶିକ୍ଷା ବ୍ୟକ୍ତିକୁ ସମାଜ ବା ରାଷ୍ଟ୍ରର ଏକ ଗୁରୁତ୍ୱପୂର୍ଣ୍ଣ ସାଧନା ରୂପେ ପ୍ରସ୍ତୁତ କରିଥାଏ । ଏହା ସଂପୂର୍ଣ୍ଣ ରୂପେ ବ୍ୟକ୍ତିସ୍ୱାଧୀନତାର ପରିପନ୍ଥୀ ଅଟେ ।

(iv) ସଂକୀର୍ଣ୍ଣ ନାଗରିକବାଦ

ଶିକ୍ଷାର ସାମାଜିକ ଲକ୍ଷ୍ୟ ପରୋକ୍ଷ ଭାବରେ ଶିକ୍ଷା ପ୍ରକ୍ରିୟା ମାଧ୍ୟମରେ ବ୍ୟକ୍ତିକୁ ସଂକୀର୍ଣ୍ଣ ନାଗରିକବାଦ ସଂପର୍କରେ ଶିକ୍ଷା ପ୍ରଦାନ କରିଥାଏ । ଏହା ବିଚ୍ଛିନ୍ନତାବାଦକୁ ଉତ୍ସାହିତ କରିଥାଏ । ଫଳସ୍ୱରୂପ, ଏହି ଚିନ୍ତାଧାରା ସମାଜ ତଥା ରାଷ୍ଟ୍ରର ପ୍ରଗତିପଥରେ ବାଧା ସୃଷ୍ଟିକରିଥାଏ ।

(v) କଳା ଏବଂ ସାହିତ୍ୟର ବିକାଶରେ ବାଧକ

ଶିକ୍ଷାର ସାମାଜିକ ଲକ୍ଷ୍ୟ ପ୍ରତି ଅତ୍ୟଧିକ ଗୁରୁତ୍ୱ ପ୍ରଦାନ କରିବା ଦ୍ୱାରା ଏହା ବ୍ୟକ୍ତିର ସ୍ୱାଧୀନତା ଏବଂ ବ୍ୟକ୍ତିଗତ ଉଦ୍ୟମକୁ ପ୍ରତିହତ କରିଥାଏ । ଏହା ବ୍ୟକ୍ତିର ସୃଜନଶୀଳତାର ବିକାଶରେ ବାଧା ସୃଷ୍ଟିକରିବା ଫଳରେ, ସମାଜର ପ୍ରଗତି ତଥା ସର୍ବବିଧ ବିକାଶ ନିମନ୍ତେ ବ୍ୟକ୍ତିର ଅବଦାନ ପ୍ରତିହତ ହୋଇଥାଏ । ତେଣୁ ସମାଜର କଳା ଏବଂ ସାହିତ୍ୟର ବିକାଶ ଆବଶ୍ୟକମତେ ହୋଇପାରିନଥାଏ ।

ଉଭୟ ବ୍ୟକ୍ତିଗତ ଓ ସାମାଜିକ ଲକ୍ଷ୍ୟ ମଧ୍ୟରେ ସମନ୍ୱୟ :

ଚରମ ଅର୍ଥରେ ଉଭୟ ବ୍ୟକ୍ତିଗତ ଏବଂ ସାମାଜିକ ଲକ୍ଷ୍ୟ ମଧ୍ୟରେ କୌଣସି ପ୍ରକାର ବୁଝାମଣା ହୋଇପାରିନଥାଏ ମାତ୍ର, ଉଭୟ ଲକ୍ଷ୍ୟର ବିଶ୍ଳେଷଣ ଦ୍ୱାରା ଏହା ସୁସ୍ପଷ୍ଟ ହୋଇଥାଏ ଯେ, ବ୍ୟକ୍ତିର ବ୍ୟକ୍ତିତ୍ୱ ଏବଂ ସମାଜର ଗୁରୁତ୍ୱ, ଆବଶ୍ୟକତା ଓ ଅଗ୍ରାଧିକାରକୁ ଅବହେଳା ବା ହ୍ରାସ କରାନଯାଇ ଏହି ଉଭୟ ଲକ୍ଷ୍ୟ ମଧ୍ୟରେ ସମନ୍ୱୟର ପ୍ରତିଷ୍ଠା ସମ୍ଭବ ଅଟେ ।

ବ୍ୟକ୍ତି ଏବଂ ସମାଜ ଉଭୟ ପରସ୍ପରର ପରିପୂରକ ଅଟନ୍ତି । ବ୍ୟକ୍ତିବିନା ସମାଜ ଅର୍ଥହୀନ ଏବଂ ଏହାର ସ୍ଥିତି ସଂପୂର୍ଣ୍ଣ ଅସମ୍ଭବ ଅଟେ । ଉଭୟ ବ୍ୟକ୍ତି ଏବଂ ସମାଜର ସ୍ଥିତି ପବିତ୍ର ଅଟେ ଏବଂ ଉଭୟ ପରସ୍ପରର ବିକାଶ ପାଇଁ ସୁସଙ୍ଗତ ଅଂଶୀଦାର ଭାବେ କାର୍ଯ୍ୟ କରିଥା'ନ୍ତି । ସମାଜରେ ଅନ୍ୟମାନଙ୍କ ସହିତ ଜଣେ ବ୍ୟକ୍ତିର ସଂପର୍କସ୍ଥାପନ ଏକ ମୌଳିକ ସାମାଜିକ ଆବଶ୍ୟକତା ଅଟେ । ବ୍ୟକ୍ତିର ବିକାଶ ନିମି ସାମାଜିକ ମାଧ୍ୟମ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଏବଂ ସମାଜବିନା ମାନବ ନିଜର ସ । ହରାଇବସିଥାଏ । ଅପରପକ୍ଷରେ, ସମାଜର ବିକାଶ ନିମନ୍ତେ ବ୍ୟକ୍ତି ସ । ଅପରିହାର୍ଯ୍ୟ । ଉଭୟ ସତ୍ୟ ଅଟନ୍ତି ଏବଂ ପରସ୍ପରର କାର୍ଯ୍ୟଧାରା ମଧ୍ୟ ପରିପୂରକ ଅଟେ । ଏହି ଦୃଷ୍ଟିକୋଣରୁ ଗାନ୍ଧିଜୀ କହିଛନ୍ତି, ଜଣେ ବ୍ୟକ୍ତିର ଆଧ୍ୟାତ୍ମିକ ବିକାଶ କହିଲେ ସମଗ୍ର ବିଶ୍ୱର ଆଧ୍ୟାତ୍ମିକ ବିକାଶକୁ ବୁଝାଇଥାଏ । ଏହି ପରିପ୍ରେକ୍ଷୀରେ ଶିକ୍ଷାର ଦୁଇଗୋଟି ମୁଖ୍ୟ କାର୍ଯ୍ୟ ରହିଅଛି । ଯଥା -

- ବ୍ୟକ୍ତିର ସର୍ବବିଧ ବିକାଶ ଏବଂ ସମାଜର ବିକାଶ ।

ଶିକ୍ଷା ଜଣେ ବ୍ୟକ୍ତିକୁ ଉ ମ ମାନବ ଓ ନାଗରିକ ଭାବରେ ଗଢ଼ିତୋଳିବାର ଲକ୍ଷ୍ୟ ରଖିଥାଏ । ହୁମାୟୁନ କବୀରଙ୍କ ମତରେ, ''ସମାଜରେ ସୃଜନଶୀଳ ବ୍ୟକ୍ତି ଭାବରେ ପ୍ରତିଷ୍ଠା ଲାଭ କରିବାକୁ ହେଲେ, ଜଣେ ବ୍ୟକ୍ତି କେବଳ ନିଜର ବିକାଶ ନିମନ୍ତେ କାର୍ଯ୍ୟ ନକରି ସମାଜର ବିକାଶ ନିମନ୍ତେ କାର୍ଯ୍ୟ କରିବା ଉଚିତ ।''

ଜେମ୍ସ ରସ୍‌ଙ୍କ ମତରେ, ''ସମାଜ ବ୍ୟତୀତ ବ୍ୟକ୍ତିର ବ୍ୟକ୍ତିତ୍ୱ ଅର୍ଥହୀନ । ଆତ୍ମୋପଲବ୍ଧି ସମାଜ ସେବା ଦ୍ୱାରା ହିଁ ସମ୍ଭବ ଅଟେ । ସାମାଜିକ ମୂଲ୍ୟବୋଧ କେବଳ ସାମାଜିକ ପରିବେଶରେ ବିକଶିତ ବ୍ୟକ୍ତି ମଧ୍ୟରେ ପ୍ରକାଶ ପାଇଥାଏ । ଏହି ନିୟମକୁ କେହି ଭଙ୍ଗ କରିପାରିବେ ନାହିଁ ।''

ଟି. ପି. ନନ୍‌ଙ୍କ ମତରେ ''ପ୍ରତ୍ୟେକ ବ୍ୟକ୍ତି ନିଜର ବିକାଶ ପ୍ରକ୍ରିୟା ନିମି ସମାଜ ନିକଟରେ ଚିର ଋଣି ଅଟନ୍ତି । ସମାଜର ବ୍ୟକ୍ତିପ୍ରତି ଏହି ଅବଦାନ ଚିରନ୍ତନ ଅଟେ । ଏହି ଦୃଷ୍ଟିକୋଣରୁ ସମାଜରେ ସଫଳ ନାଗରିକ ଭାବରେ ପ୍ରତିଷ୍ଠା ଲାଭକରିବା ପାଇଁ ସେ କେବଳ ନିଜର ବିକାଶ ପ୍ରତି ଉଦ୍ୟମଶୀଳ ନହୋଇ ସମାଜ ପାଇଁ ମଧ୍ୟ କିଛି କ ର୍ବ୍ୟ କରିବା ଉଚିତ । ବ୍ୟକ୍ତିର ବ୍ୟକ୍ତିତ୍ୱ କେବଳ ଏକ ସୁସ୍ଥ ସାମାଜିକ ପରିବେଶରେ ହିଁ ସଂପୂର୍ଣ୍ଣ ବିକଶିତ ହୋଇଥାଏ ।'' ତେଣୁ ଏକ ଆଦର୍ଶ ଅବସ୍ଥା ପରିପ୍ରେକ୍ଷୀରେ ସମାଜ ଏବଂ ବ୍ୟକ୍ତି ମଧ୍ୟରେ କୌଣସି ପ୍ରକାର କଳହ ହୋଇନଥାଏ । ସାମାଜିକୀକରଣ ଏବଂ ବ୍ୟକ୍ତିତ୍ୱର ବିକାଶ ଉଭୟ ଶୈକ୍ଷିକ ପ୍ରକ୍ରିୟାରେ ସହଯୋଗୀ ଅଟନ୍ତି । ଏହା ସତ୍ୟ ଯେ, ତନ୍ମଧ୍ୟରୁ କୌଣସି ଗୋଟିକର ବିକାଶ ଅନ୍ୟ ଗୋଟିକର ଅନୁପସ୍ଥିତିରେ ହୋଇପାରିବ ନାହିଁ ।

(c) ଶିକ୍ଷାର ସମୀପ ବା ନିକଟତର ଲକ୍ଷ୍ୟ ଏବଂ ସୁଦୂର ଲକ୍ଷ୍ୟ

ଶିକ୍ଷାର ଉଭୟ ବ୍ୟକ୍ତିଗତ ଓ ସାମାଜିକ ଲକ୍ଷ୍ୟ ବ୍ୟତୀତ ବ୍ୟକ୍ତିର ସମାଜ ସହ ସଂପୃକ୍ତି ଦୃଷ୍ଟିକୋଣରୁ ଏହାର ଲକ୍ଷ୍ୟକୁ ନିକଟତମ ବା ସମୀପ ଲକ୍ଷ୍ୟ ଏବଂ ସୁଦୂର ଲକ୍ଷ୍ୟ ଏହିଭଳି ଦୁଇ ଭାଗରେ ବିଭକ୍ତ କରାଯାଇଥାଏ ।

(i) ଶିକ୍ଷାର ନିକଟତମ ବା ସମୀପ ଲକ୍ଷ୍ୟ

ଏକ ଅମୂ ର୍ତ୍ତ ଧାରଣା ଭାବରେ ଶିକ୍ଷାର କୌଣସି ନିର୍ଦ୍ଦିଷ୍ଟ ସାଧାରଣ ଲକ୍ଷ୍ୟ ନଥାଏ । ଶିକ୍ଷାର ଏହି ସମୀପ ଲକ୍ଷ୍ୟ ବିଭିନ୍ନ ଜନସାଧାରଣ ଯଥା - ଶିକ୍ଷକ, ଅଭିଭାବକ ଏବଂ ଶିକ୍ଷାର୍ଥୀଙ୍କ ଦୃଷ୍ଟିକୋଣରୁ ବିଚାର କରାଯାଇଥାଏ । ଜନସାଧାରଣଙ୍କ

ସଂପୃକ୍ତ ବିଭିନ୍ନ ପରିବେଶରୁ ଶିକ୍ଷାର ଏହି ଲକ୍ଷ୍ୟ ଉଦ୍ଭବ ହୋଇଥାଏ । ଏହି ପରିପ୍ରେକ୍ଷୀରେ ଶିକ୍ଷା ପ୍ରକ୍ରିୟା ଦ୍ୱାରା ସାଧିତ ହୋଇପାରିବା ଭଳି ସ୍ଥିରୀକୃତ ଉଦ୍ଦେଶ୍ୟ ସମୂହର ପରିପୂର୍ତ୍ତିକୁ ଶିକ୍ଷାର ସମୀପ ଲକ୍ଷ୍ୟ କୁହାଯାଇଥାଏ । ଶିକ୍ଷାର ବ୍ୟକ୍ତିଗତ ଲକ୍ଷ୍ୟ ଯାହା ଶିକ୍ଷାର ମୌଳିକ ଆବଶ୍ୟକତା ଯଥା; ସୁସ୍ଥ ଅଭ୍ୟାସ, ଶିକ୍ଷଣ ଦକ୍ଷତା ଏବଂ ଜ୍ଞାନ ତଥା ବୋଧ ଶକ୍ତିର ବିକାଶ ପ୍ରତି ପ୍ରାଧାନ୍ୟ ଦେଇଥାଏ ଏବଂ ଫଳସ୍ୱରୂପ ବ୍ୟକ୍ତିର ଜୀବନକୁ ସାର୍ଥକ ଓ ସମୃଦ୍ଧ କରିଥାଏ । ଏ ସମସ୍ତ ଶିକ୍ଷାର ସମୀପ ବା ନିକଟତମ ଲକ୍ଷ୍ୟ ଅନ୍ତର୍ଭୁକ୍ତ ଅଟନ୍ତି । ଶିକ୍ଷାର ଏହି ସବୁ ଉଦ୍ଦେଶ୍ୟ ଗୁଡ଼ିକ ବ୍ୟକ୍ତିର ମୌଳିକ ଆବଶ୍ୟକତାଗୁଡ଼ିକୁ ପୂରଣ କରିଥାଏ । ଉଦାହରଣ ସ୍ୱରୂପ, ଏକ ନିର୍ଦ୍ଦିଷ୍ଟ ବୃତ୍ତିରେ ପ୍ରବେଶ କରିବା ନିମନ୍ତେ ଆବଶ୍ୟକ ହେଉଥିବା ସମସ୍ତ କୌଶଳ ଏବଂ ଦକ୍ଷତା ଶିକ୍ଷାର ଏହିପରି ଲକ୍ଷ୍ୟର ଅନ୍ତର୍ଭୁକ୍ତ ଅଟେ ଏବଂ ଏହାର ଭବିଷ୍ୟତ ପ୍ରାସଙ୍ଗିକତା ମଧ୍ୟ ରହିଥାଏ ।

ଶିକ୍ଷାର ଏହି ସମୀପ ଲକ୍ଷ୍ୟ ସମାଜ, ଦେଶ ବା ବ୍ୟକ୍ତିର ନିକଟତମ କାର୍ଯ୍ୟଗୁଡ଼ିକର ପରିପୂର୍ତ୍ତି ନିମନ୍ତେ ଉଦ୍ୟମ କରିଥାଏ । ଉଦାହରଣ ସ୍ୱରୂପ, ଦେଶର ନାଗରିକଙ୍କୁ ଶିକ୍ଷିତ କରିବା ବା ପ୍ରାଥମିକ ଶିକ୍ଷାର ସାର୍ବଜନୀନକରଣ ମଧ୍ୟ ଏହି ଲକ୍ଷ୍ୟ ଅନ୍ତର୍ଭୁକ୍ତ । ଏ ପ୍ରକାର ଲକ୍ଷ୍ୟ ଏକ ନିର୍ଦ୍ଦିଷ୍ଟ ବୟସ ବା ଶ୍ରେଣୀରେ ଶିଶୁମାନଙ୍କର ନିର୍ଦ୍ଦିଷ୍ଟ ଶିକ୍ଷଣ ଉପଲବ୍ଧି ବା କ୍ରୀଡ଼ାକସରତ୍ ସମ୍ପର୍କୀୟ ଲକ୍ଷ୍ୟହାସଲକୁ ବୁଝାଇଥାଏ ।

(ii) ଶିକ୍ଷାର ସୁଦୂର ବା ପରମ ଲକ୍ଷ୍ୟ

ହିନ୍ଦୁ ମତବାଦ ଅନୁଯାୟୀ ଆତ୍ମାର ନିର୍ବାଣପ୍ରାପ୍ତି ବା ଆତ୍ମାର ପରମାତ୍ମାଙ୍କ ସହିତ ମିଳନ ଜୀବନର ପରମ ଲକ୍ଷ୍ୟ । ପ୍ରତ୍ୟେକ ଧର୍ମରେ ଏ ପ୍ରକାର ମତବାଦ ଦେଖାଯାଇଥାଏ । ସବୁ ଧର୍ମର ଏ ପ୍ରକାର ଚିନ୍ତାଧାରା ଦୃଷ୍ଟିକୋଣରୁ ଶିକ୍ଷାର ପରମ ଲକ୍ଷ୍ୟ ଆତ୍ମୋପଲବ୍ଧି ଅଟେ । ଏହା ଉଭୟ ପ୍ରାଚ୍ୟ ଓ ପାଶ୍ଚାତ୍ୟ ଶିକ୍ଷାବିତ୍‌ମାନଙ୍କର ମତ ଅଟେ । ଶିକ୍ଷାର ଏହି ଲକ୍ଷ୍ୟ ଅନୁଯାୟୀ ବ୍ୟକ୍ତିର ସମସ୍ତ ଅନ୍ତର୍ନିହିତ ଗୁଣାବଳୀ ଏକ ଉପଯୁକ୍ତ ଶୈକ୍ଷିକ କାର୍ଯ୍ୟକ୍ରମ ଦ୍ୱାରା ପ୍ରସ୍ଫୁଟିତ ହେବା ଆବଶ୍ୟକ । ଅନ୍ୟ ଭାଷାରେ କହିବାକୁ ଗଲେ ଶିକ୍ଷା ବ୍ୟକ୍ତି ସତ୍ତାର ପୁନଃ ପରିପ୍ରକାଶ ପାଇଁ ଉଦ୍ୟମ କରିବା ଉଚିତ । ମାତ୍ର ବ୍ୟକ୍ତିର ଅନ୍ତର୍ନିହିତ ପ୍ରତିଭାର ବିକାଶ ଆବଶ୍ୟକତା ଦୃଷ୍ଟିକୋଣରୁ ବିଚାର୍ଯ୍ୟ ଅଟେ । କେବଳ ଯେଉଁ ସବୁ ଅନ୍ତର୍ନିହିତ ପ୍ରତିଭାର ବିକାଶ ଉଭୟ ବ୍ୟକ୍ତି ଓ ସମାଜର କଲ୍ୟାଣ ସାଧନ କରିପାରିବ କେବଳ ସେହି ପ୍ରତିଭାଗୁଡ଼ିକର ବିକାଶ ନିମନ୍ତେ ଶିକ୍ଷା ଏହାର ବିଭିନ୍ନ କାର୍ଯ୍ୟକ୍ରମ ଦ୍ୱାରା ଉଦ୍ୟମ କରିବା ଉଚିତ ।

ଅନ୍ୟଏକ ଦୃଷ୍ଟିକୋଣରୁ କେତେକ ଚିରନ୍ତନ ମୂଲ୍ୟବୋଧ ଯଥା - ସତ୍ୟ, ଶିବ, ସୁନ୍ଦର, ସେବାମନୋଭାବ, ଭ୍ରାତୃଭାବ, ପରସ୍ପର ସହାବସ୍ଥାନ, ସାଧୁତା, ନିୟମାନୁବର୍ତ୍ତିତା, ତ୍ୟାଗପୂତ ମନୋଭାବ ଇତ୍ୟାଦି ଉଭୟ ବ୍ୟକ୍ତି ଏବଂ ସମାଜର ପରମ ଲକ୍ଷ୍ୟ ଅଟେ ।

1.2.3 ଶିକ୍ଷାର ଗଣତାନ୍ତ୍ରିକ ଲକ୍ଷ୍ୟ

ଗଣତନ୍ତ୍ରର ସଫଳତା ଉତ୍ତମ ନାଗରିକ ସୃଷ୍ଟି ହେବାରେ ନିର୍ଭର କରିଥାଏ । କାରଣ ଉତ୍ତମ ନାଗରିକ ପ୍ରତ୍ୟେକ ଜାତି ପାଇଁ ଏକ ସମ୍ପଦ ଅଟେ । ଆମ ଦେଶରେ ଗଣତନ୍ତ୍ରର ସଫଳତା ଗଣତାନ୍ତ୍ରିକ ମୂଲ୍ୟବୋଧ ଉପରେ ପର୍ଯ୍ୟବେସିତ ଏବଂ ଗଣତାନ୍ତ୍ରିକ ମୂଲ୍ୟବୋଧ ସୃଷ୍ଟି ଶିକ୍ଷାର ଲକ୍ଷ୍ୟ ହେବା ଉଚିତ । ଗଣତାନ୍ତ୍ରିକ ମୂଲ୍ୟବୋଧ ପ୍ରତ୍ୟେକ ବ୍ୟକ୍ତିକୁ ସମ୍ମାନ

ଦେବା, ନିଜକୁ ଅଭିବ୍ୟକ୍ତ କରିବାରେ ସ୍ୱାଧୀନତା, ଏକତ୍ରିତ ବସବାସ କରି ସମୂହ ନିଷ୍ପତ୍ତିକୁ ସମ୍ମାନ ଦେବା, ସହନଶୀଳତା ତଥା ଭାବର ଆଦାନ ପ୍ରଦାନ ଇତ୍ୟାଦିକୁ ବୁଝାଇଥାଏ । ଏହି ସବୁ ଗୁଣ ଏକ ଗଣତାନ୍ତ୍ରିକ ରାଷ୍ଟ୍ରରେ ଉ ମ ମାନର ଜୀବନଯାପନ କରିବାରେ ସହାୟକ ହୋଇଥାଏ । ପ୍ରତ୍ୟେକ ନାଗରିକକୁ ନିଜର ଦାୟିତ୍ୱ ଓ ଅଧିକାର ସମ୍ବନ୍ଧରେ ସଚେତନ କରାଇବା ସଙ୍ଗେ ସଙ୍ଗେ ସାଧୁତା, ସହଯୋଗ, ସ୍ୱାଧୀନ ଚିନ୍ତାଧାରା ସୃଷ୍ଟି କରିବା ଉପରେ ଶିକ୍ଷା ଗୁରୁତ୍ୱ ଦେବା ଉଚିତ । ପ୍ରତ୍ୟେକ ବ୍ୟକ୍ତିକୁ ମୁକ୍ତ ଆଲୋଚନା, ଶାନ୍ତିପୂର୍ଣ୍ଣ ସହାବସ୍ଥାନ ଓ ଭାବର ଆଦାନ ପ୍ରଦାନରେ ଶିକ୍ଷା ସାହାଯ୍ୟ କରିବା ବିଧେୟ । ଯାହା ଫଳରେ ବ୍ୟକ୍ତି ଭଲମନ୍ଦ ଓ ସତ ମିଛ ମଧ୍ୟରେ ଥିବା ପାର୍ଥକ୍ୟକୁ ଜାଣିବାରେ ସକ୍ଷମ ହୋଇଥାଏ । ଉପଯୁକ୍ତ ଯୋଜନା ଓ ସମନ୍ୱିତ ଶିକ୍ଷା ପ୍ରଣାଳୀ ଛାତ୍ରଛାତ୍ରୀଙ୍କ ମନରେ ଗଣତାନ୍ତ୍ରିକ ମୂଲ୍ୟବୋଧ ସୃଷ୍ଟି କରିବାରେ ସହାୟକ ହୋଇଥାଏ । ୟୁନିଭରସିଟି ଶିକ୍ଷା ଆୟୋଗଙ୍କ ମତରେ "Education is the great instrument of social emancipation by which democracy establishes, maintains and protects the spirit of equality among the members". ଶିକ୍ଷାର କାର୍ଯ୍ୟ ହେଉଛି କେତେକ ଗୁଣ ଯଥା ଦାୟିତ୍ୱବୋଧ, ସାମାଜିକ କର୍ତ୍ତବ୍ୟ, ସ୍ୱାଧୀନ ଚେତନା, ସ୍ୱାଧୀନତା ପ୍ରେମ, ଜାତୀୟସେବା ଚିନ୍ତାଧାରା, ଦେଶ ପାଇଁ ଆତ୍ମ ଉତ୍ସର୍ଗ, ଆତ୍ମ ପରିପ୍ରକାଶ ଇତ୍ୟାଦି ଗୁଣ ଛାତ୍ରୀଛାତ୍ରୀଙ୍କ ମଧ୍ୟରେ ଜାଗ୍ରତ କରିବା, ଉକ୍ତ ଗୁଣ ସମୂହ ଏକ ଗଣତାନ୍ତ୍ରିକ ରାଷ୍ଟ୍ରର ନାଗରିକ ପାଇଁ ନିହାତି ଜରୁରୀ । ସାମାଜିକ, ଶୃଙ୍ଖଳିତ, ସୃଜନଶୀଳ ଏବଂ ସମାଜ ସହ ଖାପ ଖୁଆଇ ଚଳି ପାରୁଥିବା ମନୁଷ୍ୟ ତିଆରି କରିବାରେ ଶିକ୍ଷା ମୁଖ୍ୟ ସହାୟକ ହେବା ଉଚିତ । ଯେଉଁଭଳି ମନୁଷ୍ୟ ସମାଜର ମଙ୍ଗଳ ନିମି କାର୍ଯ୍ୟ କରିବ ସେହିପରି ମନୁଷ୍ୟକୁ ଗଢ଼ିବାରେ ଶିକ୍ଷା ସହାୟକ ହେବା ବିଧେୟ ।

ମାଧ୍ୟମିକ ଶିକ୍ଷା ଆୟୋଗଙ୍କ (୧୯୫୩) ମତରେ ଶିକ୍ଷାର ଗଣତାନ୍ତ୍ରିକ ଲକ୍ଷ୍ୟ ନିମ୍ନଲିଖିତ ବୈଶିଷ୍ଟ୍ୟ ଉପରେ ଆଧାରିତ ।

୧) ଗଣତାନ୍ତ୍ରିକ ନାଗରିକତ୍ୱର ବିକାଶ :–

ବ୍ୟକ୍ତିର ଦକ୍ଷତା ବୃଦ୍ଧି ମାଧ୍ୟମରେ ଗଣତାନ୍ତ୍ରିକ ନାଗରିକତାର ବିକାଶ କରିବା ଶିକ୍ଷାର ଲକ୍ଷ୍ୟ । ବ୍ୟକ୍ତିର ଦକ୍ଷତା ବୃଦ୍ଧି କେତେକ ଗୁଣାବଳୀ ଯଥା ଉ ମ ଚିନ୍ତାଧାରା, ନୂତନ ଚିନ୍ତାଧାରାର ସ୍ୱାଗତ, ବୈଜ୍ଞାନିକ ଚିନ୍ତାଧାରା, ମୁକ୍ତ ଆତ୍ମ ପରିପ୍ରକାଶ, ସାମାଜିକ ସମନ୍ୱୟ, ଦେଶ ପ୍ରେମ ଇତ୍ୟାଦିର ବିକାଶରେ ଆଧାରିତ । ଭାରତ ଭଳି ଏକ ବିବିଧତା ଓ ବୈଷମ୍ୟତାପୂର୍ଣ୍ଣ ରାଷ୍ଟ୍ରରେ ଏକତା ପ୍ରତିଷ୍ଠା କରି ଜୀବନର ଗତିପଥକୁ ସହଜ ସୁନ୍ଦର କରିବା ନିମନ୍ତେ ପ୍ରତ୍ୟେକ ନାଗରିକ ପ୍ରଶିକ୍ଷିତ ହେବା ନିହାତି ଆବଶ୍ୟକ । ଗଣତନ୍ତ୍ରର ସୁରକ୍ଷା ନିମନ୍ତେ ନାଗରିକତାର ପ୍ରଶିକ୍ଷଣ ଏକାନ୍ତ ପ୍ରୟୋଜନ ।

ଭାରତୀୟ ଶିକ୍ଷା ଆୟୋଗ (୧୯୬୪-୬୬)ଙ୍କ ମତରେ "ଭାରତର ଭାଗ୍ୟ ବିଦ୍ୟାଳୟର ଶ୍ରେଣୀ କକ୍ଷରେ ରୂପାୟିତ" । ବିଦ୍ୟାଳୟ ଶିକ୍ଷା ବ୍ୟକ୍ତିକୁ ସୁନାଗରିକତା ପାଇଁ ତାଲିମ ଦେଇ ଦେଶର ଉନ୍ନତିରେ ସହାୟକ ହୋଇଥାଏ । ଶିକ୍ଷା ବିଭିନ୍ନ ପାଠ୍ୟକ୍ରମ ଓ ସହପାଠ୍ୟକ୍ରମ ମାଧ୍ୟମରେ ଗଣତନ୍ତ୍ରର ଆଦର୍ଶ, ନାଗରିକର ଗଣତାନ୍ତ୍ରିକ ଅଧିକାର ଓ କର୍ତ୍ତବ୍ୟ ସମ୍ବନ୍ଧରେ ସଚେତନ କରାଇବା ସହିତ ରାଷ୍ଟ୍ରର ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟକ୍ରମରେ ସକ୍ରିୟ ତଥା ଫଳପ୍ରଦ ଅଂଶଗ୍ରହଣ କରିବାରେ ଉପଯୁକ୍ତ ତାଲିମ ପ୍ରଦାନ କରିଥାଏ ।

୨) ବୃ ି ଭି ିକ ଦକ୍ଷତାର ବିକାଶ :–

ଛାତ୍ରଛାତ୍ରୀ ମାନଙ୍କର ବୃ ିଗତ ଦକ୍ଷତା କିମ୍ବା ଉପାର୍ଜନ କ୍ଷମତା ବୃଦ୍ଧି ନିମନ୍ତେ ଶିକ୍ଷା ବିଭିନ୍ନ ପ୍ରକାର କାରିଗରୀ କୌଶଳ ଓ ଉପାର୍ଜନକ୍ଷମ କାର୍ଯ୍ୟାବଳୀ ଉପରେ ଗୁରୁତ୍ୱ ଦେଇଥାଏ । ଏହା ବିଦ୍ୟାର୍ଥୀମାନଙ୍କ ମନରେ ଶାରୀରିକ କାର୍ଯ୍ୟ ପ୍ରତି ସକାରାତ୍ମକ ମନୋଭାବ ସୃଷ୍ଟି କରିବାରେ ସହାୟକ ହୋଇଥାଏ । ଦେଶର ମାନବ ସମ୍ବଳ ଓ ପ୍ରାକୃତିକ ସମ୍ବଳର ପୂର୍ଣ୍ଣ ବିନିଯୋଗ କରି ଦେଶକୁ ଶିଳ୍ପ ଓ କୃଷି ସମୃଦ୍ଧ କରାଯିବା ଆବଶ୍ୟକ । କର୍ମ ପରାୟଣତା ମାନବକୁ ନିଷ୍ଠାପର ଓ ମହତ୍ କରି ଗଢ଼ି ତୋଳିଥାଏ ।

୩) ବ୍ୟକ୍ତିତ୍ୱର ବିକାଶ :–

ଛାତ୍ରଛାତ୍ରୀ ମାନଙ୍କର କଳାତ୍ମକ, ସାହିତ୍ୟାତ୍ମକ ଓ ସାଂସ୍କୃତିକ ଭାବନାର ବିକାଶ କରିବା ଶିକ୍ଷାର ଲକ୍ଷ୍ୟ ଅଟେ । ସୃଜନଶୀଳ କାର୍ଯ୍ୟ ମାଧ୍ୟମରେ ଅବସର ସମୟର ଉପଯୋଗ କରିବା ଉଚିତ ଯାହାକି ଛାତ୍ରଛାତ୍ରୀ ମାନଙ୍କର ଆତ୍ମ ପରିପ୍ରକାଶରେ ସହାୟକ ହୋଇଥାଏ । ଶିଶୁର ସର୍ବାଙ୍ଗୀନ ବିକାଶ ଶିକ୍ଷାର ମୁଖ୍ୟ ଲକ୍ଷ୍ୟ ଅଟେ । ବ୍ୟକ୍ତିର ଶାରୀରିକ, ମାନସିକ, ସାମାଜିକ, ନୈତିକ ଓ ଆଧ୍ୟାତ୍ମିକ ବିକାଶରେ ଭାରତର ସମସ୍ୟାବହୁଳ ଜୀବନଧାରା ମଧ୍ୟରେ ନିଜକୁ ଖାପଖୁଆଇ ଚଳି ପାରିବ । ନିଜର ସାମାଜିକ ତଥା ଐତିହାସିକ ଗୌରବ ଓ ପରମ୍ପରା ହୃଦୟଙ୍ଗମ କରି ତାହାର ସଂରକ୍ଷଣ ଓ ପରିପ୍ରକାଶରେ ସହାୟକ ହେବ ।

୪) ନେତୃତ୍ୱ ଗଠନରେ ଶିକ୍ଷା :–

ଶିକ୍ଷାର ଗଣତାନ୍ତ୍ରିକ ଲକ୍ଷ୍ୟ ସାମାଜିକ, ରାଜନୈତିକ, ଔଦ୍ୟୋଗିକ ତଥା ସାଂସ୍କୃତିକ କ୍ଷେତ୍ରରେ ଉ ମ ନେତା ଗଠନରେ ସହାୟକ ହୋଇଥାଏ । ବ୍ୟାପକ ଅର୍ଥରେ ନେତୃତ୍ୱ କହିଲେ କେବଳ ବ୍ୟକ୍ତିର ରାଜନୈତିକ ଭୂମିକାକୁ ବୁଝିବାନି । ଗଣତନ୍ତ୍ରର ସଫଳତା ମୁଖ୍ୟତଃ ସାମାଜିକ, ରାଜନୈତିକ, ଧାର୍ମିକ ଓ ଶିକ୍ଷା କ୍ଷେତ୍ରରେ ସଫଳ ନେତୃତ୍ୱ ଉପରେ ନିର୍ଭର କରିଥାଏ । ବ୍ୟକ୍ତି ଉଚ୍ଚ ଆଦର୍ଶରେ ଅନୁପ୍ରାଣିତ ହୋଇ ଦେଶର ସମସ୍ୟାକୁ ହୃଦୟଙ୍ଗମ କରିବା ସହ ନିଜର ଶକ୍ତି ସାମର୍ଥ୍ୟର ପ୍ରୟୋଗ କରିବାରେ ଆତ୍ମପ୍ରସ୍ତୁତି କରିବେ । ଜଣେ ପ୍ରକୃତ ନେତା ହିଁ ଦେଶକୁ ସଠିକ୍ ମାର୍ଗରେ ପରିଚାଳିତ କରିଥାଏ । ଗଣତନ୍ତ୍ରର ସଫଳତା ମୁଖ୍ୟତଃ ଶିକ୍ଷିତ ନାଗରିକଙ୍କ ଉପରେ ନିର୍ଭର କରିଥାଏ ଏବଂ ପ୍ରତ୍ୟେକ ନାଗରିକ ଉପଯୁକ୍ତ ଶିକ୍ଷା ମାଧ୍ୟମରେ ନିଜକୁ ପ୍ରଶିକ୍ଷିତ କରି ଦେଶର ବିକାଶରେ ସହାୟକ ହୋଇପାରିବ । ପ୍ରତ୍ୟେକ ନାଗରିକ କୃଷି, ଶିଳ୍ପ, କାରିଗରୀ, ଶିକ୍ଷା, ବାଣିଜ୍ୟ, ସାମରିକ କିମ୍ବା ଯେଉଁ କ୍ଷେତ୍ରରେ ଥିଲେ ମଧ୍ୟ ସେ ଜାତୀୟ ଜୀବନର ବିକାଶ ନିମନ୍ତେ ପ୍ରଗତିଶୀଳ ଚିନ୍ତାଧାରାରେ ଉଦ୍‌ବୁଦ୍ଧ ହୋଇ କାର୍ଯ୍ୟ କରିବେ । ବ୍ୟକ୍ତି ଶିକ୍ଷା ମାଧ୍ୟମରେ ସାମଜ ପ୍ରତି ନିଜର କ ର୍ବ୍ୟ ଓ ଅଧିକାର ପ୍ରତି ସଚେତନ ହୋଇ ପ୍ରତ୍ୟେକ କ୍ଷେତ୍ରରେ ନିଜର ସର୍ବୋ ମ ସାମର୍ଥ୍ୟ ପ୍ରକାଶ ପୂର୍ବକ କର୍ମରେ ଅଗ୍ରଣୀ ହେବେ । ନେତୃତ୍ୱ ବିକାଶମୂଳକ ଶିକ୍ଷା ମାଧ୍ୟମରେ ସାମାଜିକ, ରାଜନୈତିକ ଓ ସାଂସ୍କୃତିକ ଆଦି କ୍ଷେତ୍ରରେ ପ୍ରତ୍ୟେକ ସମସ୍ୟାର ସମାଧାନ ନିମନ୍ତେ ବ୍ୟକ୍ତିର ଉପଯୁକ୍ତ ଦକ୍ଷତା ବୃଦ୍ଧି ହୋଇଥାଏ ।

୫) ଜାତୀୟ ଶୃଙ୍ଖଳାର ବିକାଶ :–

ଗଣତନ୍ତ୍ରର ରକ୍ଷା ନିମନ୍ତେ ବ୍ୟକ୍ତିର ଶୃଙ୍ଖଳା ନିହାତି ଜରୁରୀ । ଦେଶର ପ୍ରତ୍ୟେକ ନାଗରିକ ଏକ ଶୃଙ୍ଖଳିତ ଜୀବନଯାପନ କରିବା ଅତ୍ୟନ୍ତ ଆବଶ୍ୟକ । ୧୯୫୨-୫୩ ଶିକ୍ଷା ଆୟୋଗଙ୍କ ମତରେ ଯେ ପର୍ଯ୍ୟନ୍ତ ଦେଶର ସମସ୍ତ ନାଗରିକ ସେମାନଙ୍କର ଦାୟିତ୍ୱ ଓ କ ର୍ବ୍ୟ ଶୃଙ୍ଖଳାର ସହ ସମ୍ପାଦନ କରିବା ନିମି ଉପଯୁକ୍ତ ଭାବରେ ପ୍ରଶିକ୍ଷଣ ପ୍ରାପ୍ତ ହୋଇ ନାହାନ୍ତି, ସେ ପର୍ଯ୍ୟନ୍ତ ଗଣତନ୍ତ୍ର ସଫଳ ହୋଇପାରିବ ନାହିଁ ।

ରସ୍‌ଙ୍କ ମତରେ "ନାଗରିକର କ ର୍ବ୍ୟ ଓ ଦାୟିତ୍ୱକୁ ବିଦ୍ୟାଳୟ ଗୁରୁତ୍ୱ ଦେଇଥାଏ । ପ୍ରତ୍ୟେକ କ୍ଷେତ୍ରରେ ସାମୂହିକ କାର୍ଯ୍ୟକୁ ସମ୍ମାନ ଦେବା ଉଚିତ । ସମାଜର ଗୁରୁତ୍ୱକୁ ସମସ୍ତେ ପ୍ରାଧାନ୍ୟ ଦେବା ଆବଶ୍ୟକ । ମାନବ ଜୀବନକୁ ସମୃଦ୍ଧ କରିବା ଶିକ୍ଷାର ଗଣତାନ୍ତ୍ରିକ ଲକ୍ଷ୍ୟ ହେବା ଉଚିତ । ବିଦ୍ୟାଳୟ ଶିଶୁର ଜୀବନକୁ ପ୍ରସ୍ଫୁଟିତ କରିବାରେ ପରିବେଶ ସୃଷ୍ଟି କରିଥାଏ । ଶିଶୁର ଅର୍ନ୍ତନିହିତ ଶକ୍ତିକୁ ଚିହ୍ନଟ କରି ତାକୁ ବିଭିନ୍ନ କ୍ଷେତ୍ରରେ ଉପଯୁକ୍ତ ଭାବେ ପ୍ରୟୋଗ କରିବାରେ ବିଦ୍ୟାଳୟ ସୁଯୋଗ ପ୍ରଦାନ କରିଥାଏ । ବିଦ୍ୟାଳୟ ଏକ ଗୋଷ୍ଠୀ କେନ୍ଦ୍ର ରୂପେ କାର୍ଯ୍ୟ କରିବା ଉଚିତ ଯାହାକି ରାଜନୈତିକ ମୂଲ୍ୟବୋଧ ସୃଷ୍ଟି କରିବାରେ ସହାୟକ ହୋଇଥାଏ । ଯେକୌଣସି ରାଷ୍ଟ୍ରର ରାଜନୈତିକ ମତବାଦ ଦ୍ୱାରା ଶିକ୍ଷାର ଲକ୍ଷ୍ୟ ସ୍ଥିରୀକୃତ ହୋଇଥାଏ । ଶିକ୍ଷାର ଗଣତାନ୍ତ୍ରିକ ଲକ୍ଷ୍ୟର କେତେକ ଲକ୍ଷଣ ନିମ୍ନରେ ବର୍ଣ୍ଣନା କରାଗଲା ।

୧) **ବ୍ୟକ୍ତି ସ୍ୱାତନ୍ତ୍ର୍ୟକୁ ଉପଯୁକ୍ତ ମର୍ଯ୍ୟାଦା ପ୍ରଦାନ :–** ବ୍ୟକ୍ତିର ବ୍ୟକ୍ତିତ୍ୱ, ପ୍ରତିଭା, ଅର୍ନ୍ତନିହିତ ପ୍ରକୃତିକୁ ଉପଯୁକ୍ତ ସମ୍ମାନ ଦେବାରେ ଶିକ୍ଷାର ଗଣତାନ୍ତ୍ରିକ ଲକ୍ଷ୍ୟ ଗୁରୁତ୍ୱ ଦେଇଥାଏ । ଏହା ବ୍ୟକ୍ତିର ଗାରିମା ତଥା ପ୍ରତିଭାର ବିକାଶରେ ବିଶ୍ୱାସ କରେ । ଗଣତାନ୍ତ୍ରିକ ଶିକ୍ଷା ଶିକ୍ଷାର୍ଥୀ ମାନଙ୍କର ଅର୍ନ୍ତନିହିତ ଶକ୍ତିର ସଫଳ ପ୍ରୟୋଗରେ ଗୁରୁତ୍ୱ ଦେବା ସହ ବ୍ୟକ୍ତିତ୍ୱର ଅଭିବୃଦ୍ଧିରେ ସହାୟକ ହେବା ଉଚିତ ।

୨) **ବ୍ୟକ୍ତିକୁ ଉପଯୁକ୍ତ ସ୍ୱାଧୀନତା ପ୍ରଦାନ :–** ପ୍ରତ୍ୟେକ ବ୍ୟକ୍ତି ପ୍ରତ୍ୟେକଙ୍କଠାରୁ ଭିନ୍ନ । ସ୍ୱାଧୀନ ପରିବେଶ ବ୍ୟକ୍ତିର ବ୍ୟକ୍ତିତ୍ୱ ବୃଦ୍ଧିରେ ସହାୟକ ହୋଇଥାଏ । ଶିକ୍ଷା କ୍ଷେତ୍ରରେ ଏକ ସ୍ୱାଧୀନ ବାତାବରଣ ସୃଷ୍ଟି ମାଧ୍ୟମରେ ଶିକ୍ଷାର୍ଥୀର ବ୍ୟକ୍ତିତ୍ୱ ଗଠନ ତଥା ପ୍ରତିଭାର ବିକାଶ କରିବା ହେଉଛି ଶିକ୍ଷାର ମୁଖ୍ୟ ଲକ୍ଷ୍ୟ ଅଟେ । ସମସ୍ତ ବ୍ୟକ୍ତିଙ୍କୁ ଉପଯୁକ୍ତ ସ୍ୱାଧୀନତା ପ୍ରଦାନ ପୂର୍ବକ ଆତ୍ମପରିପ୍ରକାଶରେ ସାହାଯ୍ୟ କରିବା ଉଦାରବାଦୀ ଶିକ୍ଷା ଗୁରୁତ୍ୱ ଦେଇଥାଏ ।

୩) **ଶିକ୍ଷା କ୍ଷେତ୍ରରେ ସମାନତା ପ୍ରଦାନ :–** ଜାତି, ଧର୍ମ, ବର୍ଣ୍ଣ, ଲିଙ୍ଗ ନିର୍ବିଶେଷରେ ଗଣତାନ୍ତ୍ରିକ ନିୟମାନୁଯାୟୀ ସମସ୍ତେ ସମାନ । ତେଣୁ ଶିକ୍ଷା କ୍ଷେତ୍ରରେ ବ୍ୟକ୍ତି ବ୍ୟକ୍ତି ମଧ୍ୟରେ ଥିବା ସାମର୍ଥ୍ୟ, ବୁଦ୍ଧି, ରୁଚି, ଶକ୍ତି ଓ ଦକ୍ଷତା ଇତ୍ୟାଦିର ଭିନ୍ନତାକୁ ଗୁରୁତ୍ୱ ଦେବା ସହ ଆବଶ୍ୟକୀୟ ଶିକ୍ଷା ପ୍ରଦାନ କରି ବ୍ୟକ୍ତିକୁ ସମାନ ସ୍ତରକୁ ଆଣିବା ଶିକ୍ଷାର ଗଣତାନ୍ତ୍ରିକ ଲକ୍ଷ୍ୟ ପ୍ରାଧାନ୍ୟ ଦିଏ ।

୪) **ପାରସ୍ପରିକ ଅଂଶୀଦାର :–** ଗଣତାନ୍ତ୍ରିକ ରାଷ୍ଟ୍ରରେ ପ୍ରତ୍ୟେକ ବ୍ୟକ୍ତି ସମାନ ଅଂଶୀଦାରୀ ହୋଇ ଦେଶର ପ୍ରଗତିରେ ସହାୟକ ହେବା ଉଚିତ । ଶିକ୍ଷାର୍ଥୀ ମାନଙ୍କ ମନରେ ନିଜର ଅଂଶଗ୍ରହଣ, ପାରସ୍ପରିକ ମିଳିମିଶି ଜୀବନଯାପନ କରିବାର ଆଦର୍ଶ ସମ୍ବନ୍ଧୀୟ ଚିନ୍ତାଧାରାର ଅଭିବୃଦ୍ଧି କରାଇବା ଗଣତାନ୍ତ୍ରିକ ଶିକ୍ଷାର ଲକ୍ଷ୍ୟ ହେବା ଉଚିତ ।

୫) **ସହନଶୀଳତା :–** ଗଣତାନ୍ତ୍ରିକ ରାଷ୍ଟ୍ରରେ ସହନଶୀଳତା ମାନବ ସମାଜର ଏକ ଶ୍ରେଷ୍ଠ ଗୁଣ ଅଟେ । ସହନଶୀଳତା ଦ୍ୱାରା ଜାତୀୟ ସଂହତି, ଆବେଗିକ ସଂହତି ଓ ସାମାଜିକ ସଂହତି ଦୃଢ଼ୀଭୂତ ହୋଇଥାଏ । ପରସ୍ପରକୁ ସମ୍ମାନ ପ୍ରଦର୍ଶନ ମାଧ୍ୟମରେ ସହନଶୀଳତା ଗୁଣ ଅଭିବୃଦ୍ଧି ହୋଇପାରିଲେ ରାଷ୍ଟ୍ରରେ ସୁଖଶାନ୍ତି ବିରାଜି ଉଠିଥାଏ । ସହନଶୀଳତାର ଅଭିବୃଦ୍ଧି ଶିକ୍ଷାର ଗଣତାନ୍ତ୍ରିକ ଲକ୍ଷ୍ୟ ହେବା ଉଚିତ ।

୬) **ସାମାଜିକ ନ୍ୟାୟ ପ୍ରଦାନ :–** ଜାତି, ଧର୍ମ, ବଂଶ, ଧନୀ, ଦରିଦ୍ର ସମସ୍ତଙ୍କୁ ସାମାଜିକ ନ୍ୟାୟ ପ୍ରଦାନ କରିବା ଉପରେ ଶିକ୍ଷାର ଗଣତାନ୍ତ୍ରିକ ଲକ୍ଷ୍ୟ ଗୁରୁତ୍ୱ ଦେଇଥାଏ । ଶିକ୍ଷା ମାଧ୍ୟମରେ ସମସ୍ତ ବ୍ୟକ୍ତିର ଉପଯୁକ୍ତ ନ୍ୟାୟ ବିଚାର ପାଇଲେ ପରସ୍ପର ପ୍ରତି ସମ୍ବେଦନଶୀଳ ହୋଇ ନିଜ ନିଜ ମଧ୍ୟରେ ସମନ୍ୱୟ ରକ୍ଷା କରି ଶୃଙ୍ଖଳିତ ଜୀବନଯାପନ କରିବେ ।

୭) **କର୍ମ ଦକ୍ଷତା ବୃଦ୍ଧି :–** ଆଜିର ସମାଜରେ ଯୁବବର୍ଗ ଶାରୀରିକ କର୍ମ ପ୍ରତି ବିମୁଖ ହେଉଛନ୍ତି । ସେମାନଙ୍କ ମନରେ କର୍ମ ପ୍ରତି ସକାରାତ୍ମକ ମନୋଭାବ ସୃଷ୍ଟି କରିବା ସହ ସେମାନଙ୍କୁ ରୋଜଗାରକ୍ଷମ କରିବା ଶିକ୍ଷାର ମୁଖ୍ୟ ଲକ୍ଷ୍ୟ ଅଟେ । ଯାହା ଫଳରେ କର୍ମ କୁଶଳୀ ତଥା ଉପାର୍ଜନକ୍ଷମ ବ୍ୟକ୍ତି ସୃଷ୍ଟି ହୋଇପାରିବେ ।

୮) **ବୌଦ୍ଧିକ ଓ ସାଂସ୍କୃତିକ ଆଦର୍ଶକୁ ଗୁରୁତ୍ୱ ପ୍ରଦାନ :–** ଶିକ୍ଷା ଦ୍ୱାରା ବିଦ୍ୟାର୍ଥୀଙ୍କର ବୌଦ୍ଧିକ ଓ ସାଂସ୍କୃତିକ ବିକାଶ ସମ୍ଭବ ହୋଇଥାଏ । ଯାହାଫଳରେ ସେମାନଙ୍କର ଲୁକ୍କାୟିତ ପ୍ରତିଭାର ବିକାଶ ଘଟିବା ସହ ସମାଜରେ ସମସ୍ତ ସମସ୍ୟାର ସମାଧାନ ସମ୍ଭବ ହୋଇଥାଏ । ସମାଜରୁ ଅଜ୍ଞତା ଦୂର ହେବାସହ ଶାନ୍ତି ଓ ସମୃଦ୍ଧି ସ୍ଥାପିତ ହୋଇଥାଏ ।

୯) **ଦେଶାତ୍ମବୋଧ ସୃଷ୍ଟି :–** ବ୍ୟକ୍ତିକୁ ସମାଜ ଉପଯୋଗୀ କରାଇବା ଶିକ୍ଷାର ଲକ୍ଷ୍ୟ ଅଟେ । ଶିକ୍ଷା ଦ୍ୱାରା ଦେଶପ୍ରେମର ବିକାଶ ସାଧନ ହୋଇଥାଏ । ଯାହାଫଳରେ ବ୍ୟକ୍ତି ନିଜ ନିଜ ମଧ୍ୟରେ ସୁସମ୍ପର୍କ, ଉ ମ ବୁଝାମଣା ତଥା ଉତ୍ସର୍ଗୀକୃତ ମନୋଭାବ ସୃଷ୍ଟି କରିବାରେ ସମର୍ଥ ହୋଇଥାଏ । ଜାତୀୟ ସଂହତି ଓ ଆନ୍ତର୍ଜାତିକ ସଦ୍‌ଭାବ ପ୍ରତିଷ୍ଠା କରିବାରେ ଦେଶାତ୍ମବୋଧ ସହାୟକ ହୋଇଥାଏ ।

୧୦) **ପ୍ରଗତିବାଦୀ ଚିନ୍ତାଧାରା :–** ଶିକ୍ଷାର ଗଣତାନ୍ତ୍ରିକ ଲକ୍ଷ୍ୟ ବ୍ୟକ୍ତିକୁ ପ୍ରଗତିବାଦୀ ଚିନ୍ତାଧାରା ତଥା ବୈଜ୍ଞାନିକ ଚିନ୍ତାଧାରାର ବିକାଶ କରିବାରେ ସହାୟକ ହୋଇଥାଏ । ବ୍ୟକ୍ତି ସମାଜରେ ହେଉଥିବା ପରିବ ର୍ତ୍ତନକୁ ସାଦରେ ସ୍ୱାଗତ କରିବାରେ ସମର୍ଥ ହୁଏ ଓ ଆଧୁନିକୀକରଣକୁ ଗ୍ରହଣ କରି ଅତୀତ, ବ ର୍ତ୍ତମାନ ଓ ଭବିଷ୍ୟତ ମଧ୍ୟରେ ଥିବା ସମ୍ପର୍କକୁ ଦୃଢ଼ୀଭୂତ କରିଥାଏ ।

ଉପସଂହାର :– ଭାରତ ଏକ ବିଶାଳ ଗଣତାନ୍ତ୍ରିକ ରାଷ୍ଟ୍ର ଅଟେ । ଏହି ରାଷ୍ଟ୍ରର ଜନସାଧାରଣଙ୍କ ବଳିଷ୍ଠ ନାଗରିକତ୍ୱ ଓ ସାମାଜିକ ଦାୟିତ୍ୱ ସମ୍ପର୍କିତ ଜ୍ଞାନ ତଥା ସଚେତନତାର ବିକାଶ ହେବା ଉଚିତ । ଶିକ୍ଷା ମାଧ୍ୟମରେ ଗଣତାନ୍ତ୍ରିକ ମୂଲ୍ୟବୋଧ ତଥା ସାମାଜିକ ଆଦର୍ଶ ଗୋଟିଏ ପିଢ଼ିରୁ ଅନ୍ୟ ପିଢ଼ିକୁ ସଂଚରିତ ହୋଇଥାଏ । ଗୋଷ୍ଠୀ ବା ସମାଜର ଉନ୍ନତି ନିମି ଶିଶୁ ମାନଙ୍କୁ ଉନ୍ନତ ନାଗରିକ ରୂପେ ଗଢ଼ିବା ଶିକ୍ଷାର ଲକ୍ଷ୍ୟ ଅଟେ । ଶିକ୍ଷା କ୍ଷେତ୍ରରେ ସମାନତା, ବ୍ୟକ୍ତିର

ଆମ୍ ପରିପ୍ରକାଶରେ ପୂର୍ଣ୍ଣ ସ୍ୱାଧୀନତା, ପରସ୍ପର ମଧ୍ୟରେ ସହଯୋଗ ରକ୍ଷା, ସାମାଜିକ ନ୍ୟାୟ, ସହନଶୀଳତା, ଦେଶପ୍ରମ, କର୍ମତତ୍ପରତା, ନେତୃତ୍ୱ ପାଇଁ ଉପଯୁକ୍ତ ତାଲିମ, ବ୍ୟକ୍ତିତ୍ୱର ବିକାଶ ଇତ୍ୟାଦି ଲକ୍ଷଣ ଗୁଡ଼ିକର ଶିକ୍ଷାର ଗଣତାନ୍ତ୍ରିକ ଲକ୍ଷ୍ୟ ଦ୍ୱାରା ଅଭିବୃଦ୍ଧି ହୋଇଥାଏ । ଆମ ଦେଶରେ ଥିବା ବିଭିନ୍ନତା ମଧ୍ୟରେ ସାଧାରଣ ନାଗରିକତ୍ୱ ସୃଷ୍ଟି କରିବା ଶିକ୍ଷାର ଲକ୍ଷ୍ୟ ଅଟେ । ଉଚ୍ଚ ଆଦର୍ଶ ଓ ବାସ୍ତବତାର ଯଥାର୍ଥ ସମନ୍ୱୟ ମାଧ୍ୟମରେ ପ୍ରକୃତ ଶିକ୍ଷାଲାଭ ହୋଇଥାଏ । ବ୍ୟକ୍ତିର ସ୍ୱାତନ୍ତ୍ରତାର ଉତ୍କର୍ଷ ସାଧନ ସହ ବୈଜ୍ଞାନିକ ଦୃଷ୍ଟିଭଙ୍ଗୀ, ପ୍ରଗତିବାଦୀ ଚିନ୍ତାଧାରା ତଥା ସାମାଜିକ ବ୍ୟାଧି ଦୂରୀକରଣ ଦ୍ୱାରା ଆମ ରାଷ୍ଟ୍ର ଆଗେଇ ପାରିବ ଯାହା ଗଣତାନ୍ତ୍ରିକ ଶିକ୍ଷାର ମୁଖ୍ୟ ଲକ୍ଷ୍ୟ ଅଟେ । ଗଣତନ୍ତ୍ରର ସଫଳ ରୂପାୟନ ପାଇଁ ଶିକ୍ଷାର ସାର୍ବଜନୀନୀକରଣ ମାଧ୍ୟମରେ ସମସ୍ତଙ୍କୁ ସମାନ ସୁଯୋଗ ପ୍ରଦାନ କରିବା ଏକ ମୁଖ୍ୟ ଆୟୁଧ ଅଟେ । ଶିକ୍ଷା ମାଧ୍ୟମରେ ଗଣତାନ୍ତ୍ରିକ ଆଦର୍ଶର ସୁରକ୍ଷା ହୋଇଥାଏ ଯାହାକି ଶିକ୍ଷାର୍ଥୀମାନଙ୍କ ମଧ୍ୟରେ ସମାନତା, ଜାତୀୟତା, ସୁବିଚାର, ବୈଜ୍ଞାନିକ ଦୃଷ୍ଟିଭଙ୍ଗୀ, ଭ୍ରାତୃଭାବ ଇତ୍ୟାଦି ସୃଷ୍ଟି କରିବାରେ ସହାୟକ ହୋଇଥାଏ । ବିଦ୍ୟାର୍ଥୀର କ ର୍ବ୍ୟ ଓ ଅଧିକାରବୋଧ, ଜାତୀୟ ସଂହତି, ସାମାଜିକ ମୂଲ୍ୟବୋଧର ବିକାଶ ନିମି ଶିକ୍ଷାର ଅବଦାନ ଅପରିହାର୍ଯ୍ୟ ।

1.2.4 ଶିକ୍ଷାର ବୃ ିଗତ ଲକ୍ଷ୍ୟ

ଆମ ଦେଶ ମାନବ ସମ୍ବଳ ଓ ଭୌତିକ ସମ୍ବଳରେ ଭରପୂର । ଉଭୟ ସମ୍ବଳର ଉପଯୁକ୍ତ ବିନିଯୋଗ ତଥା ବିଜ୍ଞାନ ଓ କାରିଗରୀ ବିଦ୍ୟାର ଅଗ୍ରଗତି ଆମ ଦେଶକୁ ଏକ ସମୃଦ୍ଧ ରାଷ୍ଟ୍ରରେ ପରିଣତ କରିଛି । ବିଭିନ୍ନ ପ୍ରକାର ଔଦ୍ୟୋଗିକ ଓ ବୈଜ୍ଞାନିକ ଅଗ୍ରଗତିର ଫଳ ସ୍ୱରୂପ ଶିକ୍ଷାର ବୃ ିଗତ ଲକ୍ଷ୍ୟର ପ୍ରାଧାନ୍ୟ ବୃଦ୍ଧି ପାଇଛି । ଆଜିର ସମାଜ ବିଭିନ୍ନ କାରଣବଶତଃ ଜଟିଳ ଅବସ୍ଥାକୁ ଗତି କରୁଛି । ଏହିପରି ଏକ ଜଟିଳ ସମାଜରେ ଖାପ ଖୁଆଇ ଚଳିବାକୁ ହେଲେ ଆମକୁ ମାନବ ସମ୍ବଳ ଓ ଭୌତିକ ସମ୍ବଳର ଉପଯୁକ୍ତ ବିନିଯୋଗ ସହ କାରିଗରୀ ଓ ଯନ୍ତ୍ର କୌଶଳ ବିଷୟରେ ଜ୍ଞାନ ରହିବା ଆବଶ୍ୟକ । ଶିକ୍ଷାର ବୃ ିଗତ ଲକ୍ଷ୍ୟ ଦ୍ୱାରା ବ୍ୟକ୍ତିକୁ ଉକ୍ତ ଜ୍ଞାନ ପ୍ରାପ୍ତ ହୋଇଥାଏ । ଆଜିର ସମାଜରେ ବ ବାକୁ ହେଲେ କେବଳ ଜ୍ଞାନ ଆହରଣ ପର୍ଯ୍ୟାପ୍ତ ନୁହେଁ । ଜ୍ଞାନ ଆହରଣ ସହ ଜୀବିକା ଉପାର୍ଜନ ସମାଜରେ ସଫଳତାର ସହ ବ ବାରେ ସହାୟକ ହୋଇଥାଏ । ଶିକ୍ଷାର ବୃ ିଗତ ଲକ୍ଷ୍ୟ ମାନବ ସମାଜକୁ ଯୋଗ୍ୟତାନୁଯାୟୀ ଜୀବିକା ଉପାର୍ଜନ କରି ସମାଜରେ ମଣିଷ ପରି ମଣିଷଟିଏ ରୂପେ ଗଢ଼ି ତୋଳିବାରେ ସାହାଯ୍ୟ କରେ ।

ଜନସଂଖ୍ୟା ବିସ୍ଫୋରଣ ଓ ବିଜ୍ଞାନ ଓ କାରିଗରୀ ବିଦ୍ୟାର ଅଭିବୃଦ୍ଧି ଫଳରେ ସମାଜ ଦ୍ରୁତ ଭାବେ ପରିବ ର୍ତ୍ତନ ହେବାରେ ଲାଗିଛି । ଏହି ପରିବ ର୍ତ୍ତନଶୀଳ ଜଟିଳ ସମାଜରେ ନିଜର ଯୋଗ୍ୟତା ଓ ରୁଚି ଅନୁଯାୟୀ ଉପଯୁକ୍ତ ଜୀବିକାର୍ଜନ କରିବା ଏକ କଷ୍ଟକର ବ୍ୟାପାର ହୋଇଯାଇଛି । ଅତ୍ୟାଧୁନିକ ସମାଜରେ ବୃ ି ସମୂହ ମଧ୍ୟ ଜଟିଳ ଓ ଅତ୍ୟାଧୁନିକ ହୋଇଯାଇଛି । ବୃ ି ମାନଙ୍କରେ ସଫଳତାର ସହ ଅଗ୍ରସର ହେବାପାଇଁ ଉପଯୁକ୍ତ ଶିକ୍ଷଣ ଓ ପ୍ରସ୍ତୁତି ଆବଶ୍ୟକ । ଆର୍ଥିକ ରୋଜଗାର କ୍ଷମତା ମଣିଷକୁ ଏକ ସୁସ୍ଥ ଓ ଦକ୍ଷ ନାଗରିକ ରୂପେ ଗଢ଼ି ତୋଳିଥାଏ । ବୃ ିଗତ ଲକ୍ଷ୍ୟର ସପକ୍ଷବାଦୀଙ୍କ ମତରେ କେବଳ ଜ୍ଞାନ ଆହରଣ ମାଧ୍ୟମରେ ମଣିଷ ତା'ର ବ ବାପାଇଁ ରୋଟି ଯୋଗାଡ଼ କରିବାରେ ସମର୍ଥ ହେବନାହିଁ । ଯେଉଁ ମଣିଷକୁ ଆତ୍ମନିର୍ଭରଶୀଳ ହୋଇ ସମାଜରେ ବ ବାରେ ସହାୟକ ହୋଇଥାଏ ସେହି ଜ୍ଞାନ ହିଁ ଆମେ ଶିକ୍ଷାଦ୍ୱାରା ପାଇବା ଉଚିତ । ଯାହାଫଳରେ ମନୁଷ୍ୟ ଏକ ସୁସ୍ଥ ଓ ଶାନ୍ତିପୂର୍ଣ୍ଣ ଜୀବନଯାପନ କରିପାରିବ ।

ଆଧୁନିକ ଶିକ୍ଷା ବ୍ୟବସ୍ଥା ଗ୍ରନ୍ଥଜ୍ଞାନ ଅପେକ୍ଷା କର୍ମକୁଶଳ ଉପରେ ବିଶେଷ ଗୁରୁତ୍ୱ ଦେଇଥାଏ । କାରଣ ଶିଶୁର ମନୋବିଜ୍ଞାନକୁ ଅଧ୍ୟୟନ କଲେ ଜଣାଯାଏ ଯେ ଶିଶୁ ନିଜର ଆଗ୍ରହ ଓ ରୁଚି ଅନୁଯାୟୀ କାର୍ଯ୍ୟ କଲେ ସେଥିରୁ ଅନେକ କିଛି ଅଭିଜ୍ଞତା ହାସଲ କରେ ଯାହା ଚିରସ୍ଥାୟୀ ଓ ସ୍ମରଣୀୟ ହୋଇଥାଏ । ମନୁଷ୍ୟର ଜରୁରୀ ଆବଶ୍ୟକତା ଯଥା ଖାଦ୍ୟ,ବସ୍ତ୍ର ଓ ଆଶ୍ରୟକୁ ପୂରଣ କରିବାରେ ଶିକ୍ଷାର ଗୁରୁତ୍ୱ ଯଥେଷ୍ଟ ଅଧିକ । ମନୁଷ୍ୟକୁ ଆତ୍ମନିର୍ଭରଶୀଳ ଓ ରୋଜଗାରକ୍ଷମ କରିବା ପାଇଁ ଯେଉଁ ଜ୍ଞାନ, ସୂଚନା ତଥା ଅଭିଜ୍ଞତା ଦରକାର ତାହା ଶିକ୍ଷାର ବୃତ୍ତିଗତ ଲକ୍ଷ୍ୟ ଦ୍ୱାରା ପୂରଣ ହୋଇଥାଏ । ଏହା ବ୍ୟକ୍ତିକୁ ନିଜର ରୁଚି, କ୍ଷମତା ଓ ଆଗ୍ରହାନୁଯାୟୀ ଉପାର୍ଜନକ୍ଷମ ହେବାରେ ସାହାଯ୍ୟ କରେ । ପ୍ରଖ୍ୟାତ ଶିକ୍ଷାବିତ୍ ମହାତ୍ମାଗାନ୍ଧୀ ଓ ଜନ୍ ଡିଓ୍ୱେ ମଧ୍ୟ ଶିକ୍ଷାର ବୃତ୍ତିଗତ ଲକ୍ଷ୍ୟ ଉପରେ ଗୁରୁତ୍ୱ ପ୍ରଦାନ କରିଛନ୍ତି । ବୃତ୍ତିଗତ ଲକ୍ଷ୍ୟର ଅନ୍ୟନାମ Bread and butter aim କିମ୍ବା Self sufficiency ଅଟେ । ମହାତ୍ମାଗାନ୍ଧୀଙ୍କ ମତରେ "ପ୍ରକୃତ ଶିକ୍ଷା ଛାତ୍ରଛାତ୍ରୀ ମାନଙ୍କ ପାଇଁ ବେକାରୀ ବିରୁଦ୍ଧରେ ଏକ ବୀମା ସଦୃଶ" ବର୍ତ୍ତମାନ ସମାଜରେ ସାମାଜିକ ଦକ୍ଷତା ଉପରେ ପ୍ରାଧାନ୍ୟ ଦିଆଯାଉଛି । ଜନ୍ ଡିଓ୍ୱେଙ୍କ ମତରେ ଶିକ୍ଷାର ବୃତ୍ତିଗତ ଲକ୍ଷ୍ୟ ବ୍ୟକ୍ତିର ସ୍ୱତନ୍ତ୍ର ଦକ୍ଷତା ଓ ସମାଜ ସେବା ମଧ୍ୟରେ ସମତା ରକ୍ଷା କରେ ଏବଂ ଉକ୍ତ ସମତା ବ୍ୟକ୍ତିର ସାମାଜିକ ଦକ୍ଷତା ବୃଦ୍ଧିରେ ସହାୟକ ହୋଇଥାଏ ।

ଆମର ଶିକ୍ଷା ବ୍ୟବସ୍ଥା ମନୁଷ୍ୟର ଜୀବନ ଓ ବୃତ୍ତି ସହ ସମ୍ପର୍କିତ ହେବା ଉଚିତ । ଅନ୍ୟଥା ଜୀବନର ଜରୁରୀ ଆବଶ୍ୟକତା ପୂରଣ କରିବାରେ ଆମେ ସଫଳ ହୋଇପାରିବାନି । ମନୁଷ୍ୟକୁ କର୍ମ ମୁଖର କରିବା ନିମି ପ୍ରଚଳିତ ଶିକ୍ଷା ବ୍ୟବସ୍ଥା ଜୀବନ କୈନ୍ଦ୍ରିକ ଓ କର୍ମ କୈନ୍ଦ୍ରିକ ପାଠ୍ୟକ୍ରମ ଉପରେ ଗୁରୁତ୍ୱ ଦେବା ବିଧେୟ । ଶିକ୍ଷାର ବୃତ୍ତିଗତ ଲକ୍ଷ୍ୟ ଦ୍ୱାରା ଉପାର୍ଜନକ୍ଷମ ବ୍ୟକ୍ତି ସୃଷ୍ଟି ହେବେ ଯାହାଦ୍ୱାରା ଦେଶର ଆର୍ଥିକ ପ୍ରଗତି ହେବ । ଶିକ୍ଷା ଉପାର୍ଜନତା ସହ ସମ୍ପର୍କିତ ହେଲେ ଶିଶୁର ଶାରୀରିକ ପରିଶ୍ରମ ପ୍ରତି ସମ୍ମାନ ରହିବ । ମାଧ୍ୟମିକ ଶିକ୍ଷା ଆୟୋଗ (୧୯୫୨-୫୩)ଙ୍କ ମତରେ ଛାତ୍ରଛାତ୍ରୀ ମାନଙ୍କର କର୍ମଦକ୍ଷତା ବୃଦ୍ଧି ଶିକ୍ଷାର ମୁଖ୍ୟ ଲକ୍ଷ୍ୟ ଅଟେ । ଏହି ଉଦ୍ଦେଶ୍ୟ ପାଇଁ ଆୟୋଗ ବହୁମୁଖୀ ଉଦ୍ଦେଶ୍ୟଯୁକ୍ତ ବିଦ୍ୟାଳୟ ଗୁଡ଼ିକରେ (Multipurpose Schools) ବିଭିନ୍ନତା ଯୁକ୍ତ ପାଠ୍ୟକ୍ରମ ପ୍ରଚଳନ ପାଇଁ ସୁପାରିଶ କରିଛନ୍ତି । ଭାରତୀୟ ଶିକ୍ଷା ଆୟୋଗ (୧୯୬୬) ମଧ୍ୟ କହିଛନ୍ତି ଯେ ମାଧ୍ୟମିକ ଶିକ୍ଷା ବୃତ୍ତିଭିତ୍ତିକ ହା ।କୁ ଗୁରୁତ୍ୱ ଦେବା ଉଚିତ ଯାହାକି ବ୍ୟକ୍ତିର ଉପାର୍ଜନ କ୍ଷମତା ଓ ଆତ୍ମ ସମ୍ପନ୍ନତା (Self Sufficiency) ବୃଦ୍ଧିରେ ସାହାଯ୍ୟ କରିବ । ଜାତୀୟ ଶିକ୍ଷାନୀତି ୧୯୮୬ ଓ ଏହାର ପରିବର୍ତ୍ତିତ ସଂକଳନ ବୃତ୍ତିଗତ ଶିକ୍ଷାର ପ୍ରୟୋଗ ଓ ପ୍ରଚଳନ ଉପରେ ଗୁରୁତ୍ୱ ଦେଇଛି । ପ୍ରଚଳିତ ଶିକ୍ଷା ବ୍ୟବସ୍ଥାର ଆଭିମୁଖ୍ୟ ବଦଳାଇ ଏହାକୁ କର୍ମ କୈନ୍ଦ୍ରିକ କରିବା ପାଇଁ ସ୍ୱାଧୀନତା ପରଠାରୁ କ୍ରମାଗତ ଭାବେ ଚେଷ୍ଟା ହୋଇଆସୁଛି । ଗାନ୍ଧୀବାଦୀ ଡକ୍ଟର ଜାକିର ହୁସେନ୍‌ଙ୍କ ମତରେ "ରାଷ୍ଟ୍ରର ପ୍ରଥମ କର୍ତ୍ତବ୍ୟ ହେଉଛି ନାଗରିକ ମାନଙ୍କୁ କୌଣସି ଧନ୍ଦାରେ ତାଲିମ କରି ସମାଜରେ ସେମାନଙ୍କର ନିର୍ଦ୍ଦିଷ୍ଟ କର୍ମପନ୍ଥା ସ୍ଥିର କରିବା ।

ଶିକ୍ଷାର ବୃତ୍ତିଗତ ଲକ୍ଷ୍ୟ ନିମ୍ନଲିଖିତ କେତେକ ଦିଗ ଉପରେ ଗୁରୁତ୍ୱ ଦିଏ ।

୧) ଛାତ୍ରଛାତ୍ରୀମାନେ ଜୀବନ ଓ ଜୀବିକା ପ୍ରତି ସକାରାତ୍ମକ ମନୋଭାବ ପୋଷଣ କରିବେ । ଯାହାଦ୍ୱାରା ସେମାନେ କର୍ମ ବିମୁଖ ନ ହୋଇ କର୍ମ ମୁଖର ହେବେ ।

୨) ବ୍ୟକ୍ତିର ନିଯୁକ୍ତି ଦକ୍ଷତା ବୃଦ୍ଧି ପାଇବ । ନିଜେ ରୋଜଗାରକ୍ଷମ ହେବା ସହ ଅନ୍ୟକୁ ରୋଜଗାର ପ୍ରଦାନ କରିବାରେ ସହାୟକ ହେବ ।

୩) ମାନବ ସମ୍ବଳ ଓ ଭୌତିକ ସମ୍ବଳ ମଧ୍ୟରେ ସମତା ରକ୍ଷା ହେବା ସହ ଏହାର ଉପଯୁକ୍ତ ବିନିଯୋଗ ହୋଇପାରିବ ।

୪) ଦକ୍ଷ ମାନବ ସମ୍ବଳର ଆବଶ୍ୟକତା ଓ ଯୋଗାଣ ମଧ୍ୟରେ ଥିବା ଦୂରତାକୁ କମାଇବାରେ ସାହାଯ୍ୟ କରେ ।

୫) ଛାତ୍ରଛାତ୍ରୀ ମାନଙ୍କୁ ବିଭିନ୍ନ ବୃ ି ପାଇଁ ପ୍ରସ୍ତୁତ କରିବା ।

୬) ଆତ୍ମନିଯୁକ୍ତି ଓ ଔଦ୍ୟୋଗିକ ବୃ ି ପାଇଁ ଜ୍ଞାନ, ଦକ୍ଷତା ଓ ଉପଯୁକ୍ତ ଚିନ୍ତାଧାରାର ବିକାଶ କରିବା ।

୭) ସମାଜରେ ଅନୁନ୍ନତ କ୍ଷେତ୍ରରେ ଥିବା ମହିଳା, ଗ୍ରାମ୍ୟ ଓ ଆଦିବାସୀ ଛାତ୍ରଛାତ୍ରୀ ମାନଙ୍କର ଆବଶ୍ୟକତା ପୂରଣ ନିମି ଉପଯୁକ୍ତ ସୁବିଧା ସୁଯୋଗ ପ୍ରଦାନ କରିବା ।

୮) ସମାଜର ଉନ୍ନତି ପାଇଁ ବିଜ୍ଞାନ ଓ କାରିଗରୀ ଜ୍ଞାନର ପ୍ରୟୋଗ କରିବା ।

ପ୍ରତ୍ୟେକ ଗଣତାନ୍ତ୍ରିକ ରାଷ୍ଟ୍ରର ଶିକ୍ଷା ଆଳଙ୍କରିକ ହେବା ପରିବର୍ତ୍ତେ ଜୀବନ ସଂଗ୍ରାମର ମୂଳମନ୍ତ୍ର ହେବା ଆବଶ୍ୟକ । ବୃ ିଗତ ଶିକ୍ଷା ଦ୍ୱାରା ବିଦ୍ୟାର୍ଥୀମାନେ ଭବିଷ୍ୟତ ଜୀବନ ପାଇଁ କୌଣସି ଏକ ବୃ ିରେ ପାରଦର୍ଶିତା ଲାଭ କରିପାରିବେ ଓ ସେମାନଙ୍କର ମୌଳିକ ଆବଶ୍ୟକତା ପୂରଣ ହୋଇପାରିବ । କର୍ମାନୁଭୂତିମୂଳକ ଶିକ୍ଷାର ପ୍ରଚଳନ ଦ୍ୱାରା ଶିକ୍ଷାର୍ଥୀର ବୃ ିଗତ ସାମର୍ଥ୍ୟ ବୃଦ୍ଧି ହେବ ଓ ସେ ଭବିଷ୍ୟତ ଜୀବନରେ ଅର୍ଜନକ୍ଷମ ହୋଇପାରିବ ।

ଶିକ୍ଷାର ବୃ ିଗତ ଲକ୍ଷ୍ୟର **ସପକ୍ଷବାଦୀମାନେ** ନିମ୍ନଲିଖିତ କାରଣ ଯୋଗେ ବୃ ିଗତ ଲକ୍ଷ୍ୟକୁ ଗୁରୁତ୍ୱ ଦେଇଛନ୍ତି ।

୧) ଏହି ଲକ୍ଷ୍ୟ ଅର୍ଥନୈତିକ ଓ ଔଦ୍ୟୋସିକ ଉନ୍ନତି ମଧ୍ୟରେ ସମତା ରକ୍ଷା କରେ । ଏହି ଶିକ୍ଷା ଦ୍ୱାରା ବ୍ୟକ୍ତି ପ୍ରାରମ୍ଭରୁ ନିଜକୁ ଉପଯୁକ୍ତ ଜୀବନ ଓ ଜୀବିକା ନିର୍ବାହ ପାଇଁ ପ୍ରସ୍ତୁତ କରେ ।

୨) ପ୍ରାଚୀନ ଭାରତୀୟ ଶିକ୍ଷା ବ୍ୟବସ୍ଥାରେ ଆଧ୍ୟାତ୍ମିକ ଶିକ୍ଷା ସହ ବୃ ି ସମ୍ପର୍କୀୟ ଶିକ୍ଷାକୁ ଗୁରୁତ୍ୱ ଦିଆଯାଉଥିଲା । ବୈଦିକ ଯୁଗରେ ଅର୍ଥକାରୀ ବିଦ୍ୟା ବା ବୃ ିମୂଳକ ଶିକ୍ଷାର ପ୍ରଚଳନ ଶିକ୍ଷାର ଏକ ମୁଖ୍ୟ ଲକ୍ଷ୍ୟ ଥିଲା ।

୩) ଶିଶୁ ମନୋବିଜ୍ଞାନକୁ ଅନୁଧ୍ୟାନ କଲେ ଜଣାଯାଏ ଯେ ଶ୍ରେଣୀ ଗୃହର ଚାରିକାନ୍ଥ ଦ୍ୱାରା ଆବଦ୍ଧ ଶିକ୍ଷା ଆହରଣ ଅପେକ୍ଷା କାର୍ଯ୍ୟ ମାଧ୍ୟମରେ ଶିକ୍ଷା ଓ ଅଭିଜ୍ଞତାର ଗୁରୁତ୍ୱ ଯଥେଷ୍ଟ ଅଧିକ ଓ ଏହା ଶିଶୁର ବ୍ୟକ୍ତିତ୍ୱ ପ୍ରତିଷ୍ଠାରେ ସାହାଯ୍ୟ କରେ । କର୍ମ ମାଧ୍ୟମରେ ଅର୍ଜିତ ଜ୍ଞାନ ଶିଶୁର ସୃଜନଶୀଳତା ବୃଦ୍ଧିରେ ସହାୟକ ହୋଇଥାଏ ।

୪) ବୃ ିଗତ ଶିକ୍ଷା ମାଧ୍ୟମରେ ଶିଶୁ ନିଜର ବାସ୍ତବ ଜୀବନ ସହିତ ପରିଚିତ ହୁଏ ଯାହାକି ଭବିଷ୍ୟତରେ ତାକୁ ଜୀବିକାର୍ଜନର ପନ୍ଥା ଖୋଜିବାରେ ସାହାଯ୍ୟ କରିଥାଏ ।

୫) ଶିକ୍ଷା ବୃ ି ସହ ଜଡ଼ିତ ହେଲେ ଏକ ଉଦ୍ଦେଶ୍ୟମୂଳକ କାର୍ଯ୍ୟରେ ପରିଗଣିତ ହୁଏ ଏବଂ ଏହା ବ୍ୟକ୍ତିର ବୃ ିଗତ ଦକ୍ଷତା ବୃଦ୍ଧିରେ ସହାୟକ ହେବା ସହ ଆତ୍ମବିଶ୍ୱାସ ବୃଦ୍ଧି କରିଥାଏ । ଭାରତୀୟ ଶିକ୍ଷା ଆୟୋଗ (୧୯୬୪-

୬୬) ପାଠ୍ୟକ୍ରମରେ କର୍ମଭିତ୍ତିକ ଶିକ୍ଷା ଓ ବିଜ୍ଞାନ ଓ କାରିଗରୀ ଶିକ୍ଷା ପ୍ରବର୍ତ୍ତନ କରିବାକୁ ସୁପାରିଶ କରିଥିଲେ ।

୬) ବିଭିନ୍ନ କାରଣବଶତଃ ଯେଉଁମାନେ ସମାଜର ମୁଖ୍ୟ ସ୍ରୋତରେ ସାମିଲ ହୋଇପାରି ନଥାନ୍ତି ସେମାନଙ୍କ ପାଇଁ ବୃତ୍ତିଗତ ଶିକ୍ଷା ଏକ ଉତ୍ତମ ମାଧ୍ୟମ ଅଟେ ।

ଶିକ୍ଷାର ବୃତ୍ତିଗତ ଲକ୍ଷ୍ୟର ଅନେକ ମହତ୍ତ୍ୱପୂର୍ଣ୍ଣ ଦିଗ ଥିଲେ ମଧ୍ୟ ଏହାକୁ ଚରମ ଲକ୍ଷ୍ୟ ବୋଲି ବିବେଚନା କରିବା ଅନୁଚିତ । ବୃତ୍ତିଗତ ଲକ୍ଷ୍ୟର **ବିପକ୍ଷବାଦୀଙ୍କ** ମତରେ–

୧) ଏହା ଶିକ୍ଷାର ଦୃଷ୍ଟିକୋଣକୁ ସଂକୁଚିତ କରେ । ମଣିଷର ଏକମାତ୍ର ଲକ୍ଷ୍ୟ କେବଳ ଭାତ ରୋଚଟି ଖାଇ ଜୀବନ ଧାରଣ କରିବା ନୁହେଁ । ଖାଦ୍ୟ ବ୍ୟତୀତ ଅନେକ ମାନବୀୟ ମୂଲ୍ୟବୋଧ ଅଛି ଯାହାକୁ ବୃତ୍ତିଗତ ଲକ୍ଷ୍ୟ ଦ୍ୱାରା ଉପେକ୍ଷା କରାଯାଇ ନପାରେ ।

୨) ଭି.ଆର, ତାନେଜାଙ୍କ ମତରେ ଶିକ୍ଷାକୁ ଯେତେବେଳେ କେବଳ ବୃତ୍ତିଭିତ୍ତିକ କରାଯାଏ ତାହା ମଣିଷକୁ ପୂର୍ଣ୍ଣତା ଦେବାରେ ସହାୟକ ହୋଇ ନଥାଏ ।

୩) କେବଳ ବୃତ୍ତିଗତ ଲକ୍ଷ୍ୟ ଉପରେ ପ୍ରାଧାନ୍ୟ ଦେବା ଅପେକ୍ଷା ଶିକ୍ଷାର୍ଥୀଙ୍କ ପାଇଁ ନିଶ୍ଚିତ କର୍ମ ଯୋଗାଣର ବ୍ୟବସ୍ଥା ରହିବା ଉଚିତ । ଆତ୍ମନିଯୁକ୍ତିର ପରିସରକୁ ବ୍ୟାପକ କରାଯିବା ଉଚିତ ।

ପରିଶେଷରେ ଏତିକି କୁହାଯାଇପାରେ ଯେ ଶିକ୍ଷାର ବୃତ୍ତିଗତ ଲକ୍ଷ୍ୟ ମାନବର ସର୍ବାଙ୍ଗୀନ ବିକାଶର ଏକ ମାଧ୍ୟମ ଅଟେ । ଆଜିର ସମାଜରେ ଏହି ଲକ୍ଷ୍ୟର ଗୁରୁତ୍ୱ ବହୁତ ବେଶୀ । ବୃତ୍ତିଗତ ଲକ୍ଷ୍ୟ ସହ ବ୍ୟକ୍ତିର ନୈତିକତା ତଥା ଅନ୍ୟାନ୍ୟ ମାନବୀୟ ଗୁଣ ଗୁଡ଼ିକୁ ପ୍ରାଧାନ୍ୟ ଦିଆଗଲେ ମଣିଷ ପରି ମଣିଷଟିଏ ସୃଷ୍ଟି ହୋଇପାରିବ । ଉପାର୍ଜନ କ୍ଷମତା ଓ ବ୍ୟକ୍ତିତ୍ୱ ମଧ୍ୟରେ ଉପଯୁକ୍ତ ସମନ୍ୱୟ ରକ୍ଷା କରାଗଲେ ସମାଜର ଉନ୍ନତି ସାଧିତ ହେବ । ଜଓ୍ୱାହାରଲାଲ ନେହେରୁଙ୍କ ମତରେ "ସହନଶୀଳତା, ଦୟା ଓ ଜ୍ଞାନ ବିନା ଭୌତିକ ସମ୍ପଦର ଗୁରୁତ୍ୱ କିଛି ନାହିଁ ।

1.2.5 ଜାତୀୟ ଶିକ୍ଷାନୀତି, 1986 ଅନୁଯାୟୀ ଶିକ୍ଷାର ଲକ୍ଷ୍ୟ :

ଦେଶରେ ସାମାଜିକ, ଅର୍ଥନୈତିକ ଏବଂ ରାଜନୈତିକ ସମାନତା, ସ୍ୱାଧିନ ମତ ପ୍ରକାଶ କରିବାର ଅଧିକାର, ଜାତୀୟ ସଂହତି ସ୍ଥାପନ ଏବଂ ଭ୍ରାତୃଭାବର ବିକାଶ ଆମ ଗଣତାନ୍ତ୍ରିକ ରାଷ୍ଟ୍ର ଭାରତର ସାଧାରଣ ଲକ୍ଷ୍ୟ ଅଟେ । ଏ ସମସ୍ତ ଲକ୍ଷ୍ୟ ହାସଲ କରିବା ନିମନ୍ତେ, ଏହି ଲକ୍ଷ୍ୟ ଅନୁଯାୟୀ ଏକ ଶିକ୍ଷା ପଦ୍ଧତି ପ୍ରଚଳନ କରିବା ଆବଶ୍ୟକ ହୋଇଥାଏ । ଜାତୀୟ ଲକ୍ଷ୍ୟ ଅନୁଯାୟୀ ଏକ ଶିକ୍ଷା ପଦ୍ଧତିର ପ୍ରଚଳନ ନିମନ୍ତେ ବିଭିନ୍ନ ସମୟରେ ବିଭିନ୍ନ ଶିକ୍ଷା ଆୟୋଗମାନ ଗଠନ କରାଯାଇଅଛି ଏବଂ ସେମାନେ ଏ ସଂପର୍କରେ ସେମାନଙ୍କର ସୁପାରିଶମାନ ପ୍ରଦାନ କରିଛନ୍ତି । ତେବେ ବର୍ତ୍ତମାନ ସମାଜର ଆବଶ୍ୟକତା, ଆହ୍ୱାନ ଏବଂ ଅତୀତର ବିଭିନ୍ନ ଶିକ୍ଷା ଆୟୋଗଗୁଡ଼ିକର ସୁପାରିଶ ସମୂହର ଗଭୀର ଅଧ୍ୟୟନ ପରେ ଏ ଦେଶର ଗଣତାନ୍ତ୍ରିକ ସରକାର ଏକ ଜାତୀୟ ଶିକ୍ଷାନୀତି ପ୍ରଣୟନ କରିବା ପାଇଁ ମନ ବଳାଇଥିଲେ । ଏହି ପରିପ୍ରେକ୍ଷୀରେ ଭାରତ ସରକାର ଜାନୁୟାରୀ ୧୯୮୫ ମସିହାରେ ଏକ ଜାତୀୟ ଶିକ୍ଷାନୀତି ପ୍ରଣୟନ ପାଇଁ ଘୋଷଣା

କରିଥିଲେ । ଫଳ ସ୍ୱରୂପ ୧୯୮୬ ମସିହାରେ ଭାରତର ସଂସଦ ଏହାର ବଜେଟ୍ ଅଧିବେଶନରେ ଜାତୀୟ ଶିକ୍ଷାନୀତି-୧୯୮୬କୁ ମଞ୍ଜୁରୀ ପ୍ରଦାନ କରିଥିଲା । ଭାରତୀୟ ସମାଜର ବିଭିନ୍ନ ସ୍ତରର ଲକ୍ଷ୍ୟ ଗୁଡ଼ିକ ଏହି ଜାତୀୟ ଶିକ୍ଷାନୀତି-୧୯୮୬ ଏବଂ ଏହାର ପରବର୍ତ୍ତୀ ସଂସ୍କରଣ ୧୯୯୨ରେ ପ୍ରତିଫଳିତ ହୋଇଥିଲା । ବିଦ୍ୟାଳୟ ଶିକ୍ଷା ଦୃଷ୍ଟି କୋଣରୁ ଏହି ଜାତୀୟ ଶିକ୍ଷାନୀତିର କେତେଗୋଟି ଲକ୍ଷ୍ୟ ନିମ୍ନରେ ଆଲୋଚନା କରାଯାଇଅଛି ।

(i) ଶିକ୍ଷା ପ୍ରତ୍ୟେକ ବ୍ୟକ୍ତିର ଚରିତ୍ରର ବିକାଶ ସହିତ ତା'କୁ ସମାଜର ଦାୟିତ୍ୱ ସମ୍ପନ୍ନ ନାଗରିକ ଭାବରେ ଗଢ଼ିତୋଳିବା ପାଇଁ, ତା'ର ଅନ୍ତର୍ନିହିତ ବୌଦ୍ଧିକ, ପ୍ରତିଭା, ଶାରୀରିକ ଦକ୍ଷତା ତଥା ସାମାଜିକ ଓ ମାନବିକ ମୂଲ୍ୟବୋଧର ବିକାଶ ପାଇଁ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିବା ଉଚିତ ।

(ii) ଏକ ନିର୍ଦ୍ଦିଷ୍ଟ ସ୍ତର ପର୍ଯ୍ୟନ୍ତ ପ୍ରତ୍ୟେକ ଶିକ୍ଷାର୍ଥୀଙ୍କୁ ଜାତି, ଧର୍ମ, ବର୍ଣ୍ଣ ଏବଂ ଲିଙ୍ଗ ନିର୍ବିଶେଷରେ ସମାନ ଶିକ୍ଷା ପ୍ରଦାନ କରାଯିବା ଉଚିତ । ଏହି ଲକ୍ଷ୍ୟ ହାସଲ କରିବା ନିମନ୍ତେ ସରକାର ଏକ ସାଧାରଣ ବିଦ୍ୟାଳୟ ବ୍ୟବସ୍ଥାର ପ୍ରଚଳନ ପାଇଁ ଆବଶ୍ୟକ ଆର୍ଥିକ ସାହାଯ୍ୟ ପ୍ରଦାନ କରିବା ଆବଶ୍ୟକ ।

(iii) ଜାତୀୟ ଶିକ୍ଷାନୀତି ଅନୁଯାୟୀ ସାରା ଦେଶରେ ସମାନ ଜାତୀୟ ଶିକ୍ଷା ବ୍ୟବସ୍ଥା ପ୍ରବର୍ତ୍ତନ କରାଯିବା ମଧ୍ୟ ଆବଶ୍ୟକ । ଶିକ୍ଷାନୀତିର ଏହି ସୁପାରିଶ ଅନୁଯାୟୀ ସାରା ଭାରତରେ ନୀତିଗତ ଭାବେ ଏକ ସମାନ ଢ଼ାଞ୍ଚାର ୧୦+୨+୩ ଶିକ୍ଷା ବ୍ୟବସ୍ଥା ପ୍ରବର୍ତ୍ତିତ ହୋଇଛି ।

(iv) ଆମର ଜାତୀୟ ଶିକ୍ଷା ବ୍ୟବସ୍ଥା ଜାତୀୟ ପାଠ୍ୟକ୍ରମ ଢ଼ାଞ୍ଚା ଅନ୍ତର୍ଭୁକ୍ତ କେତେଗୋଟି ନିର୍ଦ୍ଦିଷ୍ଟ ସାଧାରଣ ଅନ୍ତଃଉପାଦାନ ଉପରେ ପର୍ଯ୍ୟବସିତ ହେବା ଆବଶ୍ୟକ । ଏହି ସାଧାରଣ ଉପାଦାନ ଭାରତୀୟ ସ୍ୱାଧୀନତା ଆନ୍ଦୋଳନର ଇତିହାସ, ସାମ୍ବିଧାନିକ ଆନୁଗତ୍ୟ ଏବଂ ଏକ ଜାତୀୟ ପରିଚିତି ନିମନ୍ତେ ଆବଶ୍ୟକ ହେଉଥିବା ସମସ୍ତ ବିଷୟବସ୍ତୁକୁ ଆଧାରିତକରି ସଂରଚିତ ହୋଇଥାଏ । ଏହିପରି ସମୁଦାୟ ୧୦ଗୋଟି ସାଧାରଣ ଅନ୍ତଃଉପାଦାନ ଜାତୀୟ ଶିକ୍ଷାନୀତିରେ ଚିହ୍ନଟ କରାଯାଇଛି ।

(v) ସମାଜର ମଙ୍ଗଳ ଏବଂ ସ୍ୱାଧୀନତା ପ୍ରତି ବାଧକ ନହୋଇ ପ୍ରତ୍ୟେକ ବ୍ୟକ୍ତିକୁ ବିକାଶ ପଥରେ ଆଗେଇ ନେବା ଶିକ୍ଷାର ଲକ୍ଷ୍ୟ ହେବା ଉଚିତ । ଏହି ଲକ୍ଷ୍ୟ ହାସଲ କରିବା ପାଇଁ ଶିକ୍ଷା ପ୍ରତ୍ୟେକ ବ୍ୟକ୍ତି ମଧ୍ୟରେ ଗଣତାନ୍ତ୍ରିକ, ଧର୍ମନିରପେକ୍ଷତା ଏବଂ ସମାନତା ଚିନ୍ତାଧାରାର ବିକାଶ ସାଧନ କରିବା ଉଚିତ ।

(vi) ସମଗ୍ର ପୃଥିବୀରେ ବିଭିନ୍ନ ଜାତି ଓ ବିଭିନ୍ନ ଧର୍ମର ଜନସାଧାରଣ ବସବାସ କରନ୍ତି; ମାତ୍ର ପ୍ରତ୍ୟେକଙ୍କର ଅନ୍ତରାତ୍ମା ଏକ ଏବଂ ଅଭିନ୍ନ । ପୃଥିବୀର ବିଭିନ୍ନ ଦେଶ ଧନୀ ବା ଦରିଦ୍ର ହୁଅନ୍ତୁ ପଛେ ଗୋଟିଏ ପରିବାରର ସଦସ୍ୟ ଭଳି । ଭାରତ ସର୍ବଦା ବିଶ୍ୱଶାନ୍ତି ଏବଂ ଦେଶଦେଶ ମଧ୍ୟରେ ପାରସ୍ପରିକ ବୁଝାମଣା ପାଇଁ କାର୍ଯ୍ୟ କରି ଆସିଅଛି । ଶିକ୍ଷାହିଁ ଏକମାତ୍ର ଉପଯୋଗୀ ମାଧ୍ୟମ ଯାହାଦ୍ୱାରା ଆନ୍ତର୍ଜାତିକ ବୁଝାମଣା ଭାବର ବିକାଶ ହୋଇପାରିଥାଏ । ତେଣୁ କୌଣସି ଏକ ଦେଶର ଜାତୀୟ ଶିକ୍ଷା ପଦ୍ଧତିରେ ଏହି ଦିଗ ପ୍ରତି ଆଦୌ ଅବହେଳା ପ୍ରଦର୍ଶନ କରାଯାଇ ପାରିବ ନାହିଁ ।

(vii) ସମାନତାର ବିକାଶ ପାଇଁ ସମସ୍ତଙ୍କୁ ସମାନ ଶିକ୍ଷାଗତ ଅଧିକାର ପ୍ରଦାନ କରାଯିବା ସହ ଏହାର ସଫଳ ସମାପ୍ତି ନିମନ୍ତେ ମଧ୍ୟ ଉପଯୁକ୍ତ ସୁବିଧା ସୁଯୋଗ ପ୍ରଦାନ କରାଯିବା ଉଚିତ । ଜାତୀୟ ଶିକ୍ଷାନୀତି ବିଶେଷ ଭାବରେ ଉଭୟ ଗ୍ରାମା ଳ ଓ ସହରା ଳର ଅନୁସୂଚିତ ଜାତି ଅନ୍ତର୍ଭୁକ୍ତ ମହିଳାମାନଙ୍କର ଶିକ୍ଷାଗତ ବିକାଶ ପାଇଁ ଅଧିକ ଧ୍ୟାନ ପ୍ରଦାନ କରିଅଛି । ଏହା ମଧ୍ୟ ଅନୁସୂଚିତ ଉପଜାତିର ପିଲାମାନଙ୍କ ପାଇଁ ପ୍ରାଥମିକ ବିଦ୍ୟାଳୟ ପ୍ରତିଷ୍ଠା କରିବାକୁ ସୁପାରିଶମାନ କରିଅଛି ।

(viii) ନାରୀ ଶିକ୍ଷାର ଉନ୍ନତି ଜାତୀୟ ଶିକ୍ଷାନୀତିର ଅନ୍ୟଏକ ଲକ୍ଷ୍ୟ ଅଟେ । ଏହି ବିକାଶ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ବିଭିନ୍ନ ଶୈକ୍ଷିକ ଯୋଜନା ମାଧ୍ୟମରେ ପାଠ୍ୟକ୍ରମର ପୁନର୍ବିନ୍ୟାସ, ପାଠ୍ୟପୁସ୍ତକର ବିକାଶ ସାଧନ କରିବା ସହ ଶିକ୍ଷକମାନଙ୍କୁ ନୂତନ ଶିକ୍ଷା ବ୍ୟବସ୍ଥା ସହ ପରିଚିତ କରାଇବା ଆବଶ୍ୟକ ହୋଇଥାଏ ।

(ix) ଶିକ୍ଷାର ପ୍ରତ୍ୟେକ ସ୍ତର ନିମନ୍ତେ ସର୍ବନିମ୍ନ ଶିକ୍ଷଣ ସ୍ତର ନିର୍ଦ୍ଧାରଣ କରାଯିବା ଆବଶ୍ୟକ । ଦେଶର ସାଂସ୍କୃତିକ ଓ ସାମାଜିକ ବିଭେଦତା ସଂପର୍କରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଆବଶ୍ୟକ ଶିକ୍ଷା ବ୍ୟବସ୍ଥା ଦ୍ୱାରା ଚେତନା ସୃଷ୍ଟି କରାଯିବା ଉଚିତ ।

(x) ଉଚ୍ଚଶିକ୍ଷା ତଥା ଯାନ୍ତ୍ରିକ ଶିକ୍ଷା କ୍ଷେତ୍ରରେ ଉପଯୁକ୍ତ ମେଧା ଅନୁଯାୟୀ କୌଣସି ବିଭେଦତା ସୃଷ୍ଟି ନକରି ଆନ୍ତଃ ରାଜ୍ୟ ଶିକ୍ଷାଦାନ ବ୍ୟବସ୍ଥା ପ୍ରଚଳନ କରାଯିବା ଉଚିତ । ଉଚ୍ଚଶିକ୍ଷାନୁଷ୍ଠାନ ଏବଂ ବିଶ୍ୱବିଦ୍ୟାଳୟଗୁଡ଼ିକରେ ଶିକ୍ଷାର ମାନ ସମାନ ସ୍ତର ବିଶିଷ୍ଟ ହେବା ଆବଶ୍ୟକ ।

(xi) ବିଜ୍ଞାନ, ପ୍ରଯୁକ୍ତିବିଜ୍ଞାନ ଏବଂ ବିଭିନ୍ନ ଗବେଷଣାମୂଳକ କ୍ଷେତ୍ର ବ୍ୟାପକ ହେବା ସହ ସାରାଦେଶର ପ୍ରତ୍ୟେକ ଶିକ୍ଷାନୁଷ୍ଠାନ ଏ କ୍ଷେତ୍ରରେ ପରସ୍ପର ସହଯୋଗ ମନୋଭାବ ସହ କାର୍ଯ୍ୟ କରିବା ଉଚିତ ।

(xii) ବିଭିନ୍ନ ଯୋଜନା ତଥା ଶିକ୍ଷା କ୍ଷେତ୍ରରେ ସଂସ୍କାର, ବିଭେଦତାର ବିଲୋପକରଣ, ସାର୍ବଜନୀନ ପ୍ରାଥମିକ ଶିକ୍ଷା ଓ ପ୍ରୌଢ଼ଶିକ୍ଷାର ପ୍ରବ ର୍ନ ଏବଂ ବିଜ୍ଞାନ ଓ ପ୍ରଯୁକ୍ତି କ୍ଷେତ୍ରରେ ଉଚ୍ଚତର ଗବେଷଣା ଇତ୍ୟାଦି କାର୍ଯ୍ୟଗୁଡ଼ିକ ପାଇଁ ରାଷ୍ଟ୍ର ଉପଯୁକ୍ତ ଭି ିଭୂମି ତଥା ସୁବିଧା ସୁଯୋଗ ଯୋଗାଇଦେବା ଆବଶ୍ୟକ ।

(xiii) ଜାତୀୟ ଶିକ୍ଷାନୀତି ସାରାଦେଶରେ ପ୍ରୌଢ଼ ଶିକ୍ଷାର ପ୍ରବ ର୍ନର ଲକ୍ଷ୍ୟ ରଖିଥାଏ । ଏହି ପ୍ରୌଢ଼ ଶିକ୍ଷା କାର୍ଯ୍ୟକ୍ରମ କେବଳ ଗଣନ ଶିକ୍ଷା ବା ଅକ୍ଷର ଶିକ୍ଷା ମଧ୍ୟରେ ସୀମିତ ନୁହେଁ ବରଂ ଏହା ବ୍ୟକ୍ତି ମଧ୍ୟରେ ସାମାଜିକ ସଚେତନତାର ବିକାଶ ସାଧନ ସହ ତା'ର କର୍ମ ସମ୍ପାଦନ ଦକ୍ଷତାର ବିକାଶ ସାଧନ କରିଥାଏ । ପ୍ରତ୍ୟେକ ବ୍ୟକ୍ତିକୁ ଉପାର୍ଜନକ୍ଷମ କରିବା ନିମନ୍ତେ ଏହା ବ୍ୟକ୍ତିର ସ୍ୱଶିକ୍ଷଣ ଅଭ୍ୟାସ ତଥା ବିଭିନ୍ନ କୌଶଳର ବିକାଶ ନିମନ୍ତେ ଗୁରୁତ୍ୱ ପ୍ରଦାନ କରିଥାଏ ।

୧୯୯୧ ମସିହାରେ ଆନ୍ଧ୍ରପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ଏନ୍. ଜନାର୍ଦ୍ଦନ ରେଡ଼ିଙ୍କ ଅଧ୍ୟକ୍ଷତାରେ ଏହି ୧୯୮୬ ଜାତୀୟ ଶିକ୍ଷାନୀତିରେ କିଛି ସଂଶୋଧନ କରିବା ପାଇଁ ଏକ ଆୟୋଗ ଗଠନ କରାଯାଇଥିଲା । ଏହି ଆୟୋଗ ଏହାର ସୁପାରିଶମାନ ଜାନୁୟାରୀ ୧୯୯୨ରେ ପ୍ରଦାନ କରିଥିଲା ଏବଂ ଏହା ଜାତୀୟ ଶିକ୍ଷା ଉପଦେଷ୍ଟା

ବୋର୍ଡ଼ (CABE) ଦ୍ୱାରା ୧୯୯୨ ମସିହା ମେ ମାସରେ ଗୃହୀତ ହୋଇଥିଲା । ଏହି ଜାତୀୟ ନୀତିର ପରିବର୍ତ୍ତିତ ଲକ୍ଷ୍ୟ ଏବଂ ବ୍ୟବସ୍ଥା ଗୁଡ଼ିକ ସମ୍ପର୍କରେ ନିମ୍ନରେ ଆଲୋଚନା କରାଯାଇଅଛି ।

(i) ମାଧ୍ୟମିକ ସ୍ତରରେ ଶୈକ୍ଷିକ ପରିସର ପରିବର୍ଦ୍ଧନ ସହ ଶିକ୍ଷାଦାନ ବ୍ୟବସ୍ଥାକୁ ବଳିଷ୍ଠ କରାଇବା ଜାତୀୟ ଶିକ୍ଷାନୀତିର ଅନ୍ୟତମ ପ୍ରମୁଖ ଲକ୍ଷ୍ୟ ଅଟେ । ମାଧ୍ୟମିକ ଶିକ୍ଷାନୁଷ୍ଠାନ ଗୁଡ଼ିକର ଶିକ୍ଷାଦାନ ପରିବେଶ ଓ ସାଂଗଠନିକ ବ୍ୟବସ୍ଥା ସମ୍ପର୍କରେ ଗବେଷଣା କରୁଥିବା ଅନୁଷ୍ଠାନ ଗୁଡ଼ିକୁ ପ୍ରୋତ୍ସାହିତ କରିବା ଉଚିତ ।

(ii) ଉଚ୍ଚ ମାଧ୍ୟମିକ ଶିକ୍ଷା ନିମି ଏକ ଜାତୀୟ ପାଠ୍ୟକ୍ରମ ବ୍ୟବସ୍ଥାର ପ୍ରଚଳନ ସହ ସ୍ୱତନ୍ତ୍ର ଶିକ୍ଷାଦାନ ପଦ୍ଧତି ଓ ପାଠ୍ୟକ୍ରମ ପ୍ରସ୍ତୁତ କରାଯିବା ଆବଶ୍ୟକ । ଦେଶର ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅ ଳରେ ଏକ ଜାତୀୟ ଶିକ୍ଷା ବ୍ୟବସ୍ଥା ପ୍ରବ ନ କରିବା ପାଇଁ ଜାତୀୟ ପାଠ୍ୟକ୍ରମର ମୂଳାଧାରରେ ଦୃଷ୍ଟି ଦିଆଯାଇଥିଲା । ପାଠ୍ୟକ୍ରମ ଏବଂ ଶିକ୍ଷାଦାନ ଉପକରଣ ଗୁଡ଼ିକ ଶିକ୍ଷା ବ୍ୟବସ୍ଥାର ଆବଶ୍ୟକତା ଏବଂ ବିକେନ୍ଦ୍ରୀକରଣ ପରିପ୍ରେକ୍ଷୀରେ ଜାତୀୟ ଶିକ୍ଷା ଅନୁସନ୍ଧାନ ଓ ଗବେଷଣା ପ୍ରତିଷ୍ଠାନର ମତାନୁଯାୟୀ ପ୍ରସ୍ତୁତ କରାଯିବା ଆବଶ୍ୟକ ।

(iii) ପରିବର୍ତ୍ତିତ ଜାତୀୟ ଶିକ୍ଷାନୀତି ଅନୁଯାୟୀ ଜାତୀୟ ଶିକ୍ଷା ବ୍ୟବସ୍ଥା ଯଥା; ୧୦ +୨ +୩ ଢ଼ା ।କୁ ଦେଶର ଅଧିକାଂଶ ରାଜ୍ୟ ଗ୍ରହଣ କରିନେଇଛନ୍ତି । ମାତ୍ର ଯେଉଁ ରାଜ୍ୟଗୁଡ଼ିକ ଏହି ବ୍ୟବସ୍ଥାକୁ ଗ୍ରହଣ କରିନାହାନ୍ତି ସେମାନେ ଖୁବ୍ ଶୀଘ୍ର ଏହାକୁ ପ୍ରବ ନ କରିବା ଆବଶ୍ୟକ ।

(iv) ଯେଉଁସବୁ ସ୍ଥାନରେ ବିଦ୍ୟାଳୟମାନ ନାହିଁ ସେହି ସ୍ଥାନମାନଙ୍କରେ ନୂତନ ମାଧ୍ୟମିକ ବିଦ୍ୟାଳୟମାନ ସ୍ଥାପନ କରି ବାଳିକା, ଅନୁସୂଚିତ ଜାତି ଏବଂ ଉପଜାତିର ଶିକ୍ଷାର୍ଥୀମାନଙ୍କର ଉପସ୍ଥାନ ବୃଦ୍ଧି ନିମନ୍ତେ ଉଦ୍ୟମ କରାଯିବା ଆବଶ୍ୟକ । ବିଜ୍ଞାନ, ବୈଷୟିକ ଏବଂ ବାଣିଜ୍ୟ କ୍ଷେତ୍ରରେ ଏହି ବର୍ଗର ଶିକ୍ଷାର୍ଥୀମାନଙ୍କର ଅଂଶଗ୍ରହଣ ନିମନ୍ତେ ଯଥାସାଧ୍ୟ ଉଦ୍ୟମ କରାଯିବା ଆବଶ୍ୟକ ।

(v) ପ୍ରଚଳିତ ଶିକ୍ଷା ବ୍ୟବସ୍ଥାର ମୂଲ୍ୟାୟନସହ ବିଦ୍ୟାଳୟ ବିକାଶ କାର୍ଯ୍ୟକ୍ରମ ପାଇଁ ଯୋଜନା ପ୍ରଣୟନ ସଂପର୍କରେ ସର୍ବେକ୍ଷଣ କରାଯିବା ଉଚିତ । ଏହି ସର୍ବେକ୍ଷଣ କାର୍ଯ୍ୟକ୍ରମ ସର୍ବଭାରତୀୟ ଶିକ୍ଷା ସର୍ବେକ୍ଷଣ ଢା ।ରେ ହେବା ଉଚିତ ।

(vi) ମାଧ୍ୟମିକ ଶିକ୍ଷା ପରିଷଦଗୁଡ଼ିକର ଦୃଢ଼ୀକରଣ ନିମନ୍ତେ ପଦକ୍ଷେପମାନ ଗ୍ରହଣ କରାଯିବା ଉଚିତ । ମାଧ୍ୟମିକ ଶିକ୍ଷାର ଗୁଣାତ୍ମକ ବିକାଶ ନିମନ୍ତେ ଏହି ବୋର୍ଡ଼ଗୁଡ଼ିକର କାର୍ଯ୍ୟଧାରାରେ ପରିବ ନ ପାଇଁ ଏକ କାର୍ଯ୍ୟନିର୍ବାହୀ ଗୋଷ୍ଠୀ ନିଯୁକ୍ତ ହେବା ଉଚିତ ।

(vii) ପ୍ରତ୍ୟେକ ଶିକ୍ଷକଙ୍କୁ ସେବାକାଳୀନ ପ୍ରଶିକ୍ଷଣ ପ୍ରଦାନ କରାଯିବା ଉଚିତ । ବିଭିନ୍ନ ଗଠନମୂଳକ ଯୋଜନା ମାଧ୍ୟମରେ ମାଧ୍ୟମିକ ଏବଂ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ମୁଖ୍ୟମାନଙ୍କୁ ବିଭିନ୍ନ ଯୋଜନା ଏବଂ ସୁପାରିଶ୍‌ର ସଫଳ ରୂପାୟନ ପାଇଁ ତାଲିମ ପ୍ରଦାନ କରାଯିବା ଆବଶ୍ୟକ ।

ଜାତୀୟ ଶିକ୍ଷାନୀତି ବୟାନରେ ଉପରୋକ୍ତ ଲକ୍ଷ୍ୟଗୁଡ଼ିକ ବ୍ୟତୀତ ପ୍ରୌଢ଼ ଶିକ୍ଷା, ଅଣଆନୁଷ୍ଠାନିକ ଶିକ୍ଷା, ବୃତ୍ତିଗତ ଶିକ୍ଷା, ଉଚ୍ଚଶିକ୍ଷା, ଦୂରଶିକ୍ଷା, ନିରନ୍ତର ଶିକ୍ଷା, ଔଦ୍ୟୋଗିକ ଏବଂ ପରିଚାଳନାଗତ ଶିକ୍ଷା, ଖେଳକୁଦ ଓ ଶାରୀରିକ ଶିକ୍ଷା, ମୂଲ୍ୟାୟନ ଓ ପରିମାପ ଇତ୍ୟାଦି କ୍ଷେତ୍ରରେ ପରିବର୍ତ୍ତନ ନିମନ୍ତେ ବ୍ୟାପକ ସୁପାରିଶମାନ ପ୍ରଦାନ କରିଅଛି ।

ଶିଶୁକୈନ୍ଦ୍ରିକ ଶିକ୍ଷା :

(a) ଶିଶୁକୈନ୍ଦ୍ରିକ ଶିକ୍ଷା - ଏହାର ଅର୍ଥ :

ଶିଶୁକୈନ୍ଦ୍ରିକ ଶିକ୍ଷାରେ ସମସ୍ତ ଶୈକ୍ଷିକ ଯୋଜନା ଓ କାର୍ଯ୍ୟକ୍ରମ ଶିଶୁକୁ କେନ୍ଦ୍ର କରି ପରିଚାଳିତ ହୋଇଥାଏ । ଏହି ପଦ୍ଧତିରେ ସମସ୍ତ ଶିକ୍ଷାଦାନ-ଶିକ୍ଷଣ କାର୍ଯ୍ୟକ୍ରମ ଶିକ୍ଷାର୍ଥୀଙ୍କୁ କେନ୍ଦ୍ର କରି ସଂଗଠିତ ହେଉଥିବାରୁ, ଏହାର ଅନ୍ୟ ଏକ ନାମ ହେଉଛି 'ଶିକ୍ଷାର୍ଥୀ-କୈନ୍ଦ୍ରିକ ଶିକ୍ଷା' । ଅଷ୍ଟାଦଶ ଶତାବ୍ଦୀର ପ୍ରାରମ୍ଭରେ ଏହା ବିକାଶ ଲାଭ କରିଥିଲା । ବିଭିନ୍ନ ପାଶ୍ଚାତ୍ୟ ଶିକ୍ଷାବିତ୍ ଯଥା ରଷୋ, ଫ୍ରୋବେଲ୍ ଏବଂ ମଣ୍ଟେ ସୋରୀ ପ୍ରଭୃତି ସେମାନଙ୍କର ବିଭିନ୍ନ ନିବନ୍ଧରେ ଶିଶୁକୈନ୍ଦ୍ରିକ ଶିକ୍ଷା ପ୍ରତି ଯଥେଷ୍ଟ ଗୁରୁତ୍ୱ ପ୍ରଦାନ କରିଛନ୍ତି । ଶିଶୁକୈନ୍ଦ୍ରିକ ଶିକ୍ଷାର ପ୍ରକୃତି ସମ୍ବନ୍ଧରେ ମତ ଦେବାକୁ ଯାଇ ରଷୋ ଯାହା କହିଛନ୍ତି, ତା'ର ଗୋଟିଏ ଭାବାର୍ଥ ହେଉଛି; ଏକ ଶିଶୁକୁ ବୟସ୍କ ବ୍ୟକ୍ତିଙ୍କ ପ୍ରତି ଆଚରଣ ପ୍ରଦର୍ଶନ କଲାଭଳି ଆଚରଣ ପ୍ରଦର୍ଶନ ନ କରି, ଶିଶୁସୁଲଭ ଆଚରଣ ପ୍ରଦର୍ଶନ କରିବା ଉଚିତ । ଏହି କ୍ରମରେ କୌଣସି ବ୍ୟତିକ୍ରମ ଅଣାଗଲେ ଅର୍ଥାତ୍ ଶିଶୁପ୍ରତି ବୟସ୍କ ବ୍ୟକ୍ତି ପରି ବ୍ୟବହାର କଲେ ଶିଶୁକୁ ଆମେ ଉପଯୁକ୍ତ ବୟସ ପୂର୍ବରୁ ପରିପକ୍ୱତା ପ୍ରଦାନ କରିବା ସହିତ ସମାନ । ଏହା କରିବା ଦ୍ୱାରା ଶିଶୁର ବିକାଶ ଯଥାଯଥ ହୋଇନଥାଏ । ଯେପରିକି ଗୋଟିଏ ଫଳକୁ ତା'ର ପାଚିବା ସମୟ ପୂର୍ବରୁ ତା'କୁ ପଚାଇ ଦେଲେ, ତାହା ଉପଯୁକ୍ତ ସ୍ୱାଦବିହୀନ ହୋଇଥାଏ । କିଣ୍ଡରଗାର୍ଟନ ଶିକ୍ଷା ପଦ୍ଧତିର ଜନକ ଫ୍ରୋବେଲଙ୍କ ମତରେ ଏହି ପଦ୍ଧତି ଶିଶୁଟିର ଶୈଶବାବସ୍ଥା ଶୈକ୍ଷିକ ଅନୁଭୂତି ଉପରେ ପ୍ରାଧାନ୍ୟ ଦେଇଥାଏ । ମଣ୍ଟେ ସୋରିଙ୍କ ମତରେ ଶିକ୍ଷା ବ୍ୟବସ୍ଥାରେ ବିଭିନ୍ନ ଖେଳକୁଦ ମାଧ୍ୟମରେ ଶିଶୁଟିର ସ୍ୱାଧିନ ବିକାଶ ପ୍ରକ୍ରିୟାକୁ ପ୍ରାଧାନ୍ୟ ଦିଆଯିବା ଆବଶ୍ୟକ । ଉପରୋକ୍ତ ଆଲୋଚନା ଶିଶୁକୈନ୍ଦ୍ରିକ ଶିକ୍ଷାର ପଦ୍ଧତି ଏବଂ ଗୁରୁତ୍ୱ ସଂପର୍କରେ ସମ୍ୟକ ଆଲୋକପାତ କରିଥାଏ । ବିଭିନ୍ନ ଭାରତୀୟ ଶିକ୍ଷାବିତ୍‌ଗଣ ଯଥା ଗାନ୍ଧିଜୀ, ବିବେକାନନ୍ଦ, ଶ୍ରୀ ଅରବିନ୍ଦ, ରବିନ୍ଦ୍ରନାଥ ଟାଗୋର ଏବଂ ଉତ୍କଳମଣି ଗୋପବନ୍ଧୁ ଶିଶୁକୈନ୍ଦ୍ରିକ ଶିକ୍ଷାକୁ ଯଥେଷ୍ଟ ଗୁରୁତ୍ୱ ପ୍ରଦାନ କରିଛନ୍ତି ।

କିନ୍ତୁ ଶିଶୁ-କୈନ୍ଦ୍ରିକ ଶିକ୍ଷା ଧାରଣାଟିକୁ ଶୈଶବକାଳୀନ ବା ଶୈଶବାବସ୍ଥା ଶିକ୍ଷା ରୂପେ ବିବେଚନା କରିବା ଯଥାର୍ଥ ନୁହେଁ । କାରଣ, ଶିଶୁ କୈନ୍ଦ୍ରିକ ଶିକ୍ଷାରେ ସମଗ୍ର ଶିକ୍ଷାଦାନ-ଶିକ୍ଷଣ ପ୍ରକ୍ରିୟାରେ ଶିଶୁ କେନ୍ଦ୍ରସ୍ଥାନ ଦଖଲ କଲାବେଳେ, ଶୈଶବାବସ୍ଥା ଶିକ୍ଷା ବ୍ୟକ୍ତିର ବିକାଶ ପ୍ରକ୍ରିୟାରେ ଶୈଶବ କାଳର ଶିକ୍ଷା କାର୍ଯ୍ୟକ୍ରମକୁ ବୁଝାଇଥାଏ । ପ୍ରକୃତ ଅର୍ଥରେ ଶିଶୁ କୈନ୍ଦ୍ରିକ ଶିକ୍ଷା ବ୍ୟବସ୍ଥାରେ ଶିକ୍ଷଣ ବିଷୟବସ୍ତୁ ଶିକ୍ଷାର୍ଥୀର ବୟସ ଓ ଆଗ୍ରହ ଦୃଷ୍ଟିକୋଣରୁ ପ୍ରସ୍ତୁତ କରାଯାଇଥାଏ । ଏତଦ୍ ବ୍ୟତୀତ ପ୍ରତ୍ୟାଶିତ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ପୂର୍ତ୍ତି ଉପଲକ୍ଷେ ସମଗ୍ର ଶିକ୍ଷାଦାନ ପ୍ରକ୍ରିୟା ଏବଂ ଶିକ୍ଷଣ କାର୍ଯ୍ୟକ୍ରମଗୁଡ଼ିକ ଶିକ୍ଷାର୍ଥୀର ଆଗ୍ରହ ପରିପ୍ରେକ୍ଷୀରେ ପ୍ରସ୍ତୁତ କରାଯାଇଥାଏ ।

(b) ଶିଶୁକୈନ୍ଦ୍ରିକ ଶିକ୍ଷାର ବିଭିନ୍ନ ସ ାବଳୀ :

ଶିଶୁକୈନ୍ଦ୍ରିକ ଶିକ୍ଷାକୁ ଶିଶୁର ଶିକ୍ଷଣ କାର୍ଯ୍ୟ ନିମନ୍ତେ ବାସ୍ତବରେ ଏକ ପଦ୍ଧତି ବା ପ୍ରଣାଳୀ ରୂପେ ଗ୍ରହଣ କରାଯାଇଥାଏ । ସମସ୍ତ ଶିକ୍ଷଣ ପଦ୍ଧତି ମଧ୍ୟରେ ଏହାକୁ ସର୍ବୋ ମ ପଦ୍ଧତି ରୂପେ ଗ୍ରହଣ କରାଯାଇଥାଏ କାରଣ ଏଥିରେ ଫଳପ୍ରଦ ଶିକ୍ଷଣର ସମସ୍ତ ଲକ୍ଷଣ ବିଦ୍ୟମାନ ଥାଏ । ଶିଶୁକୈନ୍ଦ୍ରିକ ଶିକ୍ଷାର ବିଭିନ୍ନ ସ ଏବଂ ପ୍ରଲକ୍ଷଣମାନ ନିମ୍ନରେ ଆଲୋଚନା କରାଯାଇଛି;

(i) ଶିକ୍ଷଣ ସାମଗ୍ରୀର ଉପଯୋଗିତା :

ଶିକ୍ଷଣ ସାମଗ୍ରୀ ମୁଖ୍ୟତଃ ଶିକ୍ଷଣର ବିଷୟବସ୍ତୁକୁ ବୁଝାଇଥାଏ । ଏହି ଶିକ୍ଷଣ ସାମଗ୍ରୀଗୁଡ଼ିକ ଶିକ୍ଷାର୍ଥୀର ଶାରୀରିକ ଏବଂ ମାନସିକ ଦକ୍ଷତା ପରିପ୍ରେକ୍ଷୀରେ ପ୍ରସ୍ତୁତ ହୋଇଥିବା ବାଞ୍ଛନୀୟ । ଶିଶୁମାନଙ୍କର ବୋଧଶକ୍ତିର ସ୍ତର ଅନୁଯାୟୀ ଶିକ୍ଷଣ ସାମଗ୍ରୀଗୁଡ଼ିକ ପ୍ରସ୍ତୁତ ନ ହେଲେ, ସେମାନେ ଏଗୁଡ଼ିକୁ ସହଜରେ ବୁଝିପାରନ୍ତି ନାହିଁ । ପୁନଶ୍ଚ ଶିକ୍ଷଣ ସାମଗ୍ରୀଗୁଡ଼ିକ ଶିକ୍ଷାର୍ଥୀମାନଙ୍କର ଆଗ୍ରହ ଏବଂ ଅଭିପ୍ରେରଣାକୁ ଭି ିକରି ପ୍ରସ୍ତୁତ ହେବା ଆବଶ୍ୟକ ।

(ii) ଶିକ୍ଷାଦାନ-ଶିକ୍ଷଣ ପଦ୍ଧତିର ଯଥୋପଯୁକ୍ତତା :

ଉପଯୁକ୍ତ ଶିକ୍ଷାଦାନ-ଶିକ୍ଷଣ ପଦ୍ଧତି ପ୍ରତ୍ୟେକ ଶିକ୍ଷାର୍ଥୀଙ୍କୁ ଶିକ୍ଷଣ ବ୍ୟବସ୍ଥାରେ ସକ୍ରିୟ ଅଂଶଗ୍ରହଣ କରିବାର ସୁଯୋଗ ପ୍ରଦାନ କରିବା ଉଚିତ । ଏହି ପ୍ରକ୍ରିୟାରେ ଶିଶୁଟିଏ ଜଣେ ନୀରବ ଶ୍ରୋତାର ଭୂମିକା ନେଇ ନଥାଏ । ଆବଶ୍ୟକ ଶିକ୍ଷଣ ଦକ୍ଷତା ଅର୍ଜନ କରିବା ନିମି ତାଙ୍କୁ ଶିକ୍ଷକ, ସାଙ୍ଗସାଥୀ ତଥା ବିଭିନ୍ନ ଶୈକ୍ଷିକ ଉପାଦାନ ଓ ପରିବେଶ ସହ ସଂପର୍କ ସ୍ଥାପନ କରିବାକୁ ହୋଇଥାଏ । ଶିକ୍ଷାର୍ଥୀଟି ପୂର୍ଣ୍ଣପ୍ରାଣରେ ଶିକ୍ଷଣ କାର୍ଯ୍ୟରେ ସକ୍ରିୟ ଅଂଶଗ୍ରହଣ ନ କଲେ, ଶିକ୍ଷଣ କାର୍ଯ୍ୟ ଫଳପ୍ରଦ ହୋଇ ନଥାଏ । ଏହି କାରଣରୁ ଶିକ୍ଷାଦାନ ସାମଗ୍ରୀ ଓ ପଦ୍ଧତିକୁ ଶିକ୍ଷାର୍ଥୀ ନିମନ୍ତେ ଉପଯୋଗୀ ତଥା ଅର୍ଥଦ୍ୟୋତକ କରିବା କ୍ଷେତ୍ରରେ ଶିକ୍ଷକଙ୍କୁ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇବାକୁ ପଡ଼ିଥାଏ । ଶିକ୍ଷାର୍ଥୀଟି ଶିକ୍ଷାଦାନ-ଶିକ୍ଷଣ କାର୍ଯ୍ୟକ୍ରମରେ ଯଥାଯଥ ଅଂଶଗ୍ରହଣ କରିବା ସହିତ ଯଥେଷ୍ଟ ଆନନ୍ଦ ଲାଭ କରିଥାଏ । ଏହି ଆନନ୍ଦମୟ ଶିକ୍ଷଣ ପରିବେଶ ଶିଶୁକୈନ୍ଦ୍ରିକ ଶିକ୍ଷାର ଅନ୍ୟତମ ମୁଖ୍ୟ ସ ଏବଂ ଏହା ଶିକ୍ଷାର୍ଥୀର ଶିକ୍ଷଣ କାର୍ଯ୍ୟକୁ ମୁଖ୍ୟତଃ ସଫଳ କରିଥାଏ ।

(iii) ଅନୁକୂଳ ଶିକ୍ଷଣ ପରିବେଶ :

ଏକ ଉ ମ ଶିକ୍ଷଣ ପରିବେଶ ଶିଶୁର ଶିକ୍ଷଣ ପ୍ରକ୍ରିୟାର ଅନ୍ୟତମ ମୌଳିକ ଆବଶ୍ୟକତା ଅଟେ । ଶିକ୍ଷଣ ପରିବେଶ କହିଲେ ଯେଉଁ ପରିବେଶରେ ଶିକ୍ଷଣ କାର୍ଯ୍ୟ ସମ୍ପାଦନ କରାଯାଇଥାଏ, ସେହି ପରିବେଶକୁ ବୁଝାଇଥାଏ । ସାଧାରଣତଃ ଶ୍ରେଣୀଗୃହକୁ ଶିକ୍ଷଣ ଉପଯୋଗୀ ସ୍ଥାନ ଭାବରେ ଆମେ ଗ୍ରହଣ କରିଥାଉ । ମାତ୍ର ଶିକ୍ଷଣ ପରିବେଶର ପ୍ରକୃତ ଅର୍ଥ ଖୁବ୍ ବ୍ୟାପକ ଅଟେ । ମାତ୍ର ଶିକ୍ଷଣ ପ୍ରକ୍ରିୟା କେବଳ ଶ୍ରେଣୀଗୃହ ଶିକ୍ଷଣ ମଧ୍ୟରେ ସୀମିତ ନୁହେଁ, ଖେଳପଡ଼ିଆ, ବଗିଚା, କୃଷିକ୍ଷେତ୍ର, କାର୍ଯ୍ୟକ୍ଷେତ୍ର ଇତ୍ୟାଦି ଶିଶୁର ଶିକ୍ଷଣ ପରିବେଶର ଅନ୍ତର୍ଭୁକ୍ତ । ଏହି ସମସ୍ତ ଶିକ୍ଷଣ ପରିବେଶ ଶିଶୁଟିର ଶିକ୍ଷଣ ପ୍ରକ୍ରିୟା ଉପରେ ବେଶ୍ ପ୍ରଭାବ ବିସ୍ତାର କରିଥାଏ । ଶିକ୍ଷଣ ପରିବେଶଟି ଶିକ୍ଷାର୍ଥୀର ମନମୁତାବକ ନ ହେଲେ, ଶିକ୍ଷଣ କାର୍ଯ୍ୟ ଫଳପ୍ରଦ ହୋଇ ନଥାଏ । ଶିକ୍ଷଣ ପରିବେଶ ଶିକ୍ଷାର୍ଥୀର ରୁଚି ଅନୁଯାୟୀ ଶିକ୍ଷାଦାନ ପ୍ରକ୍ରିୟାରେ

ଏକ ଆନନ୍ଦମୟ ବାତାବରଣ ସୃଷ୍ଟି କରିଥାଏ । ଏହି କାରଣରୁ ଶିକ୍ଷାର୍ଥୀମାନଙ୍କ ମଧ୍ୟରେ ଶିକ୍ଷଣ କାର୍ଯ୍ୟ ପ୍ରତି ଉପଯୁକ୍ତ ଆଗ୍ରହ ଓ ଉଦ୍ଦୀପନା ସୃଷ୍ଟି କରିବା ପ୍ରତ୍ୟେକ ଶିକ୍ଷକଙ୍କର ପରମ କ ର୍ବ୍ୟ ଅଟେ । ଉପଯୁକ୍ତ ଶିକ୍ଷଣ ପରିବେଶ କହିଲେ, ଆବଶ୍ୟକ ଶିକ୍ଷାଦାନ-ଶିକ୍ଷଣ ସାମଗ୍ରୀର ସହଜଲଭ୍ୟତା, ଶିକ୍ଷଣ ଉପକରଣ ଏବଂ ଉପଯୁକ୍ତ ଆଲୋକ ବ୍ୟବସ୍ଥା ଇତ୍ୟାଦିକୁ ବୁଝାଇଥାଏ ।

(c) ଶିଶୁକୈନ୍ଦ୍ରିକ ଶିକ୍ଷାର ପଦ୍ଧତି

ଶିକ୍ଷଣ ପରିବେଶରେ ଶିକ୍ଷାର୍ଥୀର ସକ୍ରିୟ ଅଂଶ ଗ୍ରହଣ ପରିପ୍ରେକ୍ଷୀରେ ଶିଶୁକୈନ୍ଦ୍ରିକ ଶିକ୍ଷାର ପଦ୍ଧତି ସ୍ଥିର କରାଯିବା ଉଚିତ୍ । ଶିଶୁକୈନ୍ଦ୍ରିକ ଶିକ୍ଷାର ପଦ୍ଧତି ଅନୁଯାୟୀ ପ୍ରତ୍ୟେକ ଶିଶୁ ଶିକ୍ଷଣ ପ୍ରକ୍ରିୟାରେ ସକ୍ରିୟ ଅଂଶଗ୍ରହଣ କରିବା ଆଶା କରାଯାଏ । ଅନ୍ୟ ଭାଷାରେ କହିବାକୁ ଗଲେ ଶିକ୍ଷଣ ପ୍ରକ୍ରିୟାରେ ଜଡ଼ିତ ରହି ଶିଶୁ ଶିକ୍ଷଣ ଅଭିଜ୍ଞତା ଅର୍ଜନ କରିଥାଏ । ଏହାକୁ ସହଭାଗୀ ଶିକ୍ଷଣ କୁହାଯାଇଥାଏ । ମାତ୍ର ଏଠାରେ ସ୍ୱତଃ ଏକ ପ୍ରଶ୍ନ ଉଙ୍କି ମାରିଥାଏ ଯେ, ଶିଶୁଟିଏ କିପରି ଶିକ୍ଷଣ ପ୍ରକ୍ରିୟାରେ ସହଜରେ ଅଂଶଗ୍ରହଣ କରିପାରିବ । ସହଭାଗୀ ଶିକ୍ଷଣ କହିଲେ ଶିକ୍ଷଣ ପ୍ରକ୍ରିୟାରେ ଶିକ୍ଷାର୍ଥୀର କେବଳ ଉପସ୍ଥିତିକୁ ବୁଝାଏ ନାହିଁ । ଶିକ୍ଷଣ ପ୍ରକ୍ରିୟାରେ ସକ୍ରିୟ ଅଂଶଗ୍ରହଣକୁ ପ୍ରକୃତ ପକ୍ଷରେ ସହଭାଗୀ ଶିକ୍ଷଣ କୁହାଯାଇଥାଏ । ଏହି ଅର୍ଥରେ ଶିକ୍ଷଣ ପ୍ରକ୍ରିୟାରେ ସକ୍ରିୟ ଅଂଶଗ୍ରହଣ କରିବା ଦ୍ୱାରା ହିଁ, ଶିଶୁଟି ଉପଯୁକ୍ତ ଶିକ୍ଷଣ ଅଭିଜ୍ଞତା ହାସଲ କରିପାରିଥାଏ ।

ଉପରୋକ୍ତ ଆଲୋଚନା ଅନୁଯାୟୀ ଶିକ୍ଷାଦାନ-ଶିକ୍ଷଣ ପ୍ରକ୍ରିୟାରେ ଶିଶୁର ସକ୍ରିୟ ଅଂଶଗ୍ରହଣ କେବଳ ସୁ-ବ୍ୟବସ୍ଥିତ ଯୋଜନା ମାଧ୍ୟମରେ ସମ୍ଭବ ହୋଇପାରିବ । ଅନ୍ୟ ଭାଷାରେ କହିବାକୁ ଗଲେ, ସୁ-ବ୍ୟବସ୍ଥିତ ଓ ସଂଯୋଜିତ ଯୋଜନା ମାଧ୍ୟମରେ ଉପଯୁକ୍ତ ଶିକ୍ଷଣ କାର୍ଯ୍ୟକ୍ରମମାନ ସଂଗଠିତ କରାଇ ଶିକ୍ଷଣ ପ୍ରକ୍ରିୟାରେ ଶିଶୁର ସକ୍ରିୟ ଅଂଶଗ୍ରହଣକୁ ତ୍ୱରାନ୍ୱିତ କରାଯାଇପାରିବ । ଫଳସ୍ୱରୂପ, ଶିକ୍ଷଣ ପ୍ରକ୍ରିୟାକୁ ପ୍ରକୃତ ପକ୍ଷରେ ଶିଶୁକୈନ୍ଦ୍ରିକ କରାଯାଇପାରିବ । ତେଣୁ ଶିକ୍ଷା ବ୍ୟବସ୍ଥାକୁ ଶିଶୁକୈନ୍ଦ୍ରିକ କରିବାକୁ ହେଲେ, ଏହାକୁ ପ୍ରଥମେ କର୍ମଭି ିକ କରିବାକୁ ହେବ । ଅନେକ ସମୟରେ ଶିକ୍ଷାର୍ଥୀକୈନ୍ଦ୍ରିକ ଶିକ୍ଷାକୁ କର୍ମକୈନ୍ଦ୍ରିକ ଶିକ୍ଷା ନାମରେ ମଧ୍ୟ ଅଭିହିତ କରାଯାଇଥାଏ । କାରଣ କର୍ମଭି ିକ କାର୍ଯ୍ୟକ୍ରମ ପ୍ରବ ର୍ନ ଦ୍ୱାରା ପ୍ରତ୍ୟେକ ଶିକ୍ଷାର୍ଥୀ ଶୈକ୍ଷିକ କାର୍ଯ୍ୟକ୍ରମରେ ସକ୍ରିୟ ଅଂଶଗ୍ରହଣ କରିପାରନ୍ତି ଏବଂ ତଦ୍ୱାରା ଏହାକୁ ପ୍ରକୃତ ପକ୍ଷରେ ଶିକ୍ଷାର୍ଥୀକୈନ୍ଦ୍ରିକ ବା ଶିଶୁକୈନ୍ଦ୍ରିକ ଶିକ୍ଷା କୁହାଯାଇଥାଏ । ଏହି ପରିପ୍ରେକ୍ଷୀରେ କର୍ମଭି ିକ ପଦ୍ଧତି ଶିଶୁକୈନ୍ଦ୍ରିକ ଶିକ୍ଷା ପାଇଁ ବେଶ୍ ଉପଯୁକ୍ତ ପଦ୍ଧତି ଅଟେ । ଉପରୋକ୍ତ ଆଲୋଚନା ପରିପ୍ରେକ୍ଷୀରେ, ଶିଶୁକୈନ୍ଦ୍ରିକ ଶିକ୍ଷାର ଶିକ୍ଷଣ କାର୍ଯ୍ୟର ପ୍ରଲକ୍ଷଣମାନ ନିମ୍ନରେ ପ୍ରଦାନ କରାଯାଇଛି;

(i) ସମସ୍ତ ଶିକ୍ଷଣ ଉଦ୍ଦେଶ୍ୟଭି ିକ ହେବା ଉଚିତ ।

(ii) ଶିକ୍ଷାର୍ଥୀମାନଙ୍କ ମଧ୍ୟରେ ସକ୍ରିୟ ଅଂଶଗ୍ରହଣ ନିମନ୍ତେ ପ୍ରକୃତ ଆଗ୍ରହ ରହିବା ଉଚିତ ।

(iii) ଶିକ୍ଷଣକାର୍ଯ୍ୟଗୁଡ଼ିକ ଶିକ୍ଷାର୍ଥୀମାନଙ୍କ ମଧ୍ୟରେ ପ୍ରତିଯୋଗିତା ମନୋଭାବର ବିକାଶ ଦୃଷ୍ଟିକୋଣରୁ ଉପଯୁକ୍ତ ହେବା ଆବଶ୍ୟକ ।

(iv) ଶିକ୍ଷଣକାର୍ଯ୍ୟର ସମ୍ପାଦନ ପଦ୍ଧତି ସରଳ ଏବଂ ସୁବୋଧ ହେବା ଉଚିତ ।

(v) କାର୍ଯ୍ୟକ୍ରମଗୁଡ଼ିକ ଶିକ୍ଷାର୍ଥୀର ଅଭିରୁଚି ଅନୁଯାୟୀ ହେବା ଉଚିତ ।

(vi) ଶିକ୍ଷଣ କାର୍ଯ୍ୟକ୍ରମରେ ସକ୍ରିୟ ଅଂଶଗ୍ରହଣ କରି ପ୍ରତ୍ୟାଶିତ ଶିକ୍ଷଣ ଅଭିଜ୍ଞତା ଅର୍ଜନ ନିମନ୍ତେ ଏହା ସାହାଯ୍ୟ କରିବା ଉଚିତ ।

ସାରାଂଶ :

ଶିକ୍ଷାର ଲକ୍ଷ୍ୟର ତିନିଗୋଟି ମୁଖ୍ୟ କାର୍ଯ୍ୟ ରହିଛି, ଯଥା : ଏହା ଶୈକ୍ଷିକ ପ୍ରକ୍ରିୟାକୁ ନିର୍ଦ୍ଦେଶନା ଦେଇଥାଏ, ଶୈକ୍ଷିକ କାର୍ଯ୍ୟକ୍ରମକୁ ଅଭିପ୍ରେରଣା ପ୍ରଦାନ କରିଥାଏ ଏବଂ ଶୈକ୍ଷିକ କାର୍ଯ୍ୟକ୍ରମର ମୂଲ୍ୟାୟନ ନିମନ୍ତେ ପ୍ରସ୍ତାବ ରଖିଥାଏ ।

ବ୍ୟକ୍ତିଗତ ଲକ୍ଷ୍ୟ ଏବଂ ସାମାଜିକ ଲକ୍ଷ୍ୟ – ଏହିପରି ଭାବରେ ଶିକ୍ଷାର ଦୁଇଗୋଟି ମୁଖ୍ୟ ଲକ୍ଷ୍ୟ ରହିଛି । ବ୍ୟକ୍ତିଗତ ଲକ୍ଷ୍ୟ ଅନୁଯାୟୀ ବ୍ୟକ୍ତିର ସର୍ବାଙ୍ଗୀନ ବିକାଶ ଶିକ୍ଷାର ମୁଖ୍ୟ କାର୍ଯ୍ୟ ହୋଇଥିଲା ବେଳେ, ସାମାଜିକ ଲକ୍ଷ୍ୟ ଅନୁଯାୟୀ ସମାଜର ବିକାଶ ଶିକ୍ଷାର ପ୍ରାଥମିକ କାର୍ଯ୍ୟ ଅଟେ ।

ସାମାଜିକ ପରିବ ର୍ତ୍ତନ ସହ ଶିକ୍ଷାର ବୃ ିଗତ ଲକ୍ଷ୍ୟର ପ୍ରାଧାନ୍ୟ ବୃଦ୍ଧି ହୋଇଛି । ଏହା ମାନବ ସମାଜକୁ ଯୋଗ୍ୟତାନୁଯାୟୀ ଜୀବିକା ଉପାର୍ଜନ ମାଧ୍ୟମରେ ସମାଜ ଉପଯୋଗୀ କରି ଗଢ଼ି ତୋଳିବାରେ ସାହାଯ୍ୟ କରେ । ଜନ୍ ଡିଓ୍ୱେଙ୍କ ମତରେ ଶିକ୍ଷାର ବୃ ିଗତ ଲକ୍ଷ୍ୟ ବ୍ୟକ୍ତିର ସ୍ୱତନ୍ତ୍ର ଦକ୍ଷତା ଓ ସମାଜସେବା ମଧ୍ୟରେ ସମତା ରକ୍ଷା କରେ । ଏହି ନିୟନ୍ତ୍ରଣ ଦ୍ୱାରା ବ୍ୟକ୍ତିର ସାମାଜିକ ଦକ୍ଷତା ବୃଦ୍ଧି ହୋଇଥାଏ । ପ୍ରଚଳିତ ଶିକ୍ଷା ବ୍ୟବସ୍ଥା ଜୀବନ କୈନ୍ଦ୍ରିକ ଓ କର୍ମ କୈନ୍ଦ୍ରିକ ପାଠ୍ୟକ୍ରମ ଉପରେ ଗୁରୁତ୍ୱ ଦେବା ଉଚିତ । ଏହାଦ୍ୱାରା ଛାତ୍ରଛାତ୍ରୀମାନେ ଜୀବନ ଓ ଜୀବିକା ପ୍ରତି ସକାରାତ୍ମକ ମନୋଭାବ ପୋଷଣ କରିବେ । ଶିକ୍ଷାର ଏହି ଲକ୍ଷ୍ୟ ଦ୍ୱାରା ବ୍ୟକ୍ତିର କାର୍ଯ୍ୟ କରିବାର ଦକ୍ଷତା ବୃଦ୍ଧି ପାଇବା ସଙ୍ଗେ ସଙ୍ଗେ ଆତ୍ମନିଯୁକ୍ତି ଓ ଔଦ୍ୟୋଗିକ ବୃ ି ପାଇଁ ଜ୍ଞାନ, ଦକ୍ଷତା ଓ ଉପଯୁକ୍ତ ଚିନ୍ତାଧାରା ବିକାଶ ହୋଇପାରିବ । ଛାତ୍ରଛାତ୍ରୀମାନେ ନିଜକୁ ବିଭିନ୍ନ ବୃ ି ପାଇଁ ପ୍ରସ୍ତୁତ କରିପାରିବେ । ବୃ ିଗତ ଲକ୍ଷ୍ୟ ଦ୍ୱାରା ମାନବ ସମାଜର ସର୍ବାଙ୍ଗୀନ ବିକାଶ ହୋଇପାରିବ । ଏହି ଲକ୍ଷ୍ୟର ସପକ୍ଷ ଓ ବିପକ୍ଷ ଯୁକ୍ତିକୁ ଅନୁଧ୍ୟାନ କରି ଉପାର୍ଜନ କ୍ଷମତା ଓ ବ୍ୟକ୍ତିତ୍ୱ ମଧ୍ୟରେ ଯଦି ଉ ମ ସମନ୍ୱୟ ରକ୍ଷା କରାଯିବ ତା'ହେଲେ ସମାଜର ଉନ୍ନତି ସାଧିତ ହେବ ।

ଗଣତନ୍ତ୍ରର ସଫଳତା ଗଣତାନ୍ତ୍ରିକ ମୂଲ୍ୟବୋଧ ଓ ଗଣତାନ୍ତ୍ରିକ ଆଦର୍ଶ ଉପରେ ନିର୍ଭର କରେ । ଗଣତାନ୍ତ୍ରିକ ମୂଲ୍ୟବୋଧ ପ୍ରତ୍ୟେକ ବ୍ୟକ୍ତିକୁ ସମ୍ମାନ ଦେବା, ଏକତ୍ରିତ ବସବାସ କରିବା, ସମୂହ ନିଷ୍ଠ ିକୁ ଗୁରୁତ୍ୱ ଦେବା, ନିଜକୁ ଅଭିବ୍ୟକ୍ତ କରିବାର ସ୍ୱାଧୀନତା, ସହନଶୀଳତା, ଭାବର ଆଦାନ ପ୍ରଦାନ ଇତ୍ୟାଦିକୁ ବୁଝାଇଥାଏ । ସମନ୍ୱିତ ଶିକ୍ଷା ବ୍ୟବସ୍ଥା ଓ ଉପଯୁକ୍ତ ଯୋଜନା ଛାତ୍ରଛାତ୍ରୀଙ୍କ ମନରେ ଗଣତାନ୍ତ୍ରିକ ମୂଲ୍ୟବୋଧ ସୃଷ୍ଟି କରିବାରେ ସହାୟକ ହୋଇଥାଏ । ସାମାଜିକ ଶୃଙ୍ଖଳିତ ଓ ସମାଜ ସହ ଖାପ ଖୁଆଇ ଚଳି ପାରୁଥିବା ମନୁଷ୍ୟ ତିଆରି

କରିବାରେ ଗଣତାନ୍ତ୍ରିକ ଶିକ୍ଷା ସାହାଯ୍ୟ କରିଥାଏ । ଏହା କେତେକ ବୈଶିଷ୍ଟ୍ୟ ଉପରେ ନିର୍ଭର କରିଥାଏ ଯଥା ଶିକ୍ଷା କ୍ଷେତ୍ରରେ ସମାନତା, ବ୍ୟକ୍ତିର ଆତ୍ମ ପରିପ୍ରକାଶରେ ପୂର୍ଣ୍ଣ ସ୍ୱାଧୀନତା, ପରସ୍ପର ମଧ୍ୟରେ ସହଯୋଗ ରକ୍ଷା, ସାମାଜିକ ନ୍ୟାୟ, ସହନଶୀଳତା, ଦେଶପ୍ରେମ, କର୍ମତତ୍ପରତା, ନେତୃତ୍ୱ ପାଇଁ ଉପଯୁକ୍ତ ତାଲିମ, ବ୍ୟକ୍ତିତ୍ୱର ବିକାଶ ଇତ୍ୟାଦି । ଭାରତ ଏକ ବିଶାଳ ଗଣତାନ୍ତ୍ରିକ ରାଷ୍ଟ୍ର ଅଟେ । ଏହି ରାଷ୍ଟ୍ରର ଜନସାଧାରଣଙ୍କ ବଳିଷ୍ଠ ନାଗରିକତ୍ୱ ଓ ସାମାଜିକ ଦାୟିତ୍ୱ ସମ୍ପର୍କିତ ଜ୍ଞାନ ତଥା ସଚେତନତାର ବିକାଶ ଗଣତାନ୍ତ୍ରିକ ରକ୍ଷ୍ୟ ଦ୍ୱାରା ସାଧିତ ହୋଇଥାଏ । ଗଣତାନ୍ତ୍ରିକ ମୂଲ୍ୟବୋଧ ତଥା ସାମାଜିକ ଆଦର୍ଶ ଗୋଟିଏ ପିଢ଼ିରୁ ଅନ୍ୟ ପଢ଼ିକୁ ସଂରଚିତ ହୋଇଥାଏ । ଗଣତାନ୍ତ୍ରିକ ଶିକ୍ଷା ବିଭିନ୍ନ ପାଠ୍ୟକ୍ରମ ଓ ସହପାଠ୍ୟକ୍ରମ ମାଧ୍ୟମରେ ଗଣତନ୍ତ୍ରତର ଆଦର୍ଶ, ନାଗରିକର ଗଣତାନ୍ତ୍ରିକ ଅଧିକାର ଓ କ ର୍ତ୍ତବ୍ୟ ସମ୍ବନ୍ଧରେ ସଚେତନ କରାଇ ରାଷ୍ଟ୍ରର ବିଭିନ୍ନ କାର୍ଯ୍ୟକ୍ରମରେ ସକ୍ରିୟ ତଥା ଫଳପ୍ରଦ ଅଂଶ ଗ୍ରହଣ କରିବା ନିମି ଉପଯୁକ୍ତ ତାଲିମ ପ୍ରଦାନ କରିଥାଏ ।

ଲକ୍ଷ୍ୟଗୁଡ଼ିକର ପ୍ରକୃତି ଅନୁଯାୟୀ ସେଗୁଡ଼ିକୁ ମଧ୍ୟ ସମୀପ ବା ନିକଟବ ର୍ତ୍ତୀ ଲକ୍ଷ୍ୟ ଏବଂ ପରମ ଲକ୍ଷ୍ୟ ଏହିଭଳି ଦୁଇ ଭାଗରେ ବିଭକ୍ତ କରାଯାଇଥାଏ । ସମୀପ ଲକ୍ଷ୍ୟ ବ୍ୟକ୍ତିର ଦୈନନ୍ଦିନ ଆବଶ୍ୟକତା ସହ ସଂଶ୍ଳିଷ୍ଟ ବାସ୍ତବ ପରିସ୍ଥିତି ସହ ସଂପୃକ୍ତ । ଶିକ୍ଷା ପ୍ରକ୍ରିୟା ଦ୍ୱାରା ନିର୍ଦ୍ଧାରିତ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟସମୂହର ପରିପୂ ର୍ତ୍ତି ନିମନ୍ତେ ଏହା କାର୍ଯ୍ୟ କରିଥାଏ, ମାତ୍ର ପରମ ଲକ୍ଷ୍ୟ ମାନବାତ୍ମାର ପରମାତ୍ମା ସହ ମିଳନକୁ ବୁଝାଇ ଥାଏ ।

ଜାତୀୟ ଶିକ୍ଷାନୀତି ୧୯୮୬ ଅନୁଯାୟୀ ଶିକ୍ଷା ଗଣତାନ୍ତ୍ରିକ ମୂଲ୍ୟବୋଧ, ଧର୍ମ ନିରପେକ୍ଷତା, ସମାଜବାଦ, ଆନ୍ତର୍ଜାତିକ ବୁଝାମଣା ଏବଂ ସମାନତା ସଂପର୍କରେ ଶିକ୍ଷାର୍ଥୀମାନଙ୍କୁ ଶିକ୍ଷା ପ୍ରଦାନ କରିବା ଉଚିତ । ଏକ ସାଧାରଣ ଶିକ୍ଷା ବ୍ୟବସ୍ଥା, ନାରୀ ଶିକ୍ଷାର ପ୍ରଗତି ଏବଂ ପ୍ରୌଢ଼ଶିକ୍ଷାର ପ୍ରସାର ପ୍ରଭୃତି ଏହି ଶିକ୍ଷାନୀତିର ଅନ୍ୟତମ ଲକ୍ଷ୍ୟ ସମୂହ ଅଟେ ।

ଏତଦ୍ ବ୍ୟତୀତ ସଂଶୋଧିତ ଶିକ୍ଷାନୀତି - ୧୯୯୨ ଶିକ୍ଷାର ନିମ୍ନୋକ୍ତ ଲକ୍ଷ୍ୟଗୁଡ଼ିକ ମଧ୍ୟ ସ୍ଥିର କରିଛି, ମାଧ୍ୟମିକ ଶିକ୍ଷାର ଶୈକ୍ଷିକ କାର୍ଯ୍ୟକ୍ରମର ବିକାଶ, ଏକ ଜାତୀୟ ପାଠ୍ୟକ୍ରମ ଯୋଜନାର ବିକାଶ, ୧୦ +୨ +୩ ବର୍ଷିଆ ଢା ାରେ ଏକ ଜାତୀୟ ଶିକ୍ଷାନୀତିର ପ୍ରଚଳନ ନାରୀ ଶିକ୍ଷାର ପ୍ରଗତି ନିମନ୍ତେ ପଦକ୍ଷେପ, ଅନୁସୂଚିତ ଜାତି ଏବଂ ଉପଜାତି ସଂପ୍ରଦାୟଙ୍କର ଶିକ୍ଷାର ବିକାଶ, ସେବାକାଳୀନ ଶିକ୍ଷକ ପ୍ରଶିକ୍ଷଣ ଏବଂ ମାଧ୍ୟମିକ ଶିକ୍ଷାବୋର୍ଡ଼ର ବିକାଶ ।

ଶିଶୁକୈନ୍ଦ୍ରିକ ଶିକ୍ଷା ଶିଶୁକୁ କେନ୍ଦ୍ରକରି ପ୍ରଦାନ କରାଯାଉଥିବା ଶିକ୍ଷାକୁ ବୁଝାଇଥାଏ । ଶିଶୁର ଆଗ୍ରହ, ଆବଶ୍ୟକତା ପ୍ରଭୃତିକୁ ପ୍ରାଧାନ୍ୟ ଦେଇ ଶିକ୍ଷାର ବିଷୟବସ୍ତୁ, ପଦ୍ଧତି ଏବଂ ମୂଲ୍ୟାୟନ ପ୍ରକ୍ରିୟା ସ୍ଥିର କରାଯାଇଥାଏ । ଉପଯୁକ୍ତ ଶିକ୍ଷାଦାନ ସାମଗ୍ରୀ, ସଠିକ୍ ଶିକ୍ଷାଦାନ ପଦ୍ଧତି ଏବଂ ଉପଯୁକ୍ତ ଶୈକ୍ଷିକ ବାତାବରଣ ଉପରେ ଶିଶୁ କୈନ୍ଦ୍ରିକ ଶିକ୍ଷା ନିର୍ଭର କରିଥାଏ । ଏହାର ସଫଳତା କର୍ମଭି ିକ ପାଠ୍ୟକ୍ରମର ପ୍ରଚଳନ ଉପରେ ବେଶ୍ ନିର୍ଭରଶୀଳ । ମାତ୍ର ଏହି କର୍ମଭି ିକ ପଦ୍ଧତି ଶୈକ୍ଷିକ ପ୍ରକ୍ରିୟାର ଉଦ୍ଦେଶ୍ୟ ଉପରେ ପର୍ଯ୍ୟବସିତ ହେବା ସହିତ, ଶିକ୍ଷାର୍ଥୀକୁ ଏଥିରେ ସକ୍ରିୟ ଅଂଶଗ୍ରହଣ କରିବା ନିମନ୍ତେ ପ୍ରେରଣା ପ୍ରଦାନ କରିବା ଉଚିତ ।

ପ୍ରଶ୍ନାବଳୀ

1. **ନିମ୍ନରେ ଦିଆଯାଇଥିବା ସମ୍ଭାବ୍ୟ ଉ ରଗୁଡ଼ିକ ମଧ୍ୟରୁ ଠିକ୍ ଉ ରଟି ବାଛି ଲେଖ ।**

(କ) **ନିମ୍ନଲିଖିତ କେଉଁ ଦାର୍ଶନିକ ଶିକ୍ଷାର ବ୍ୟକ୍ତିଗତ ଲକ୍ଷ୍ୟକୁ ଯଥେଷ୍ଟ ଗୁରୁତ୍ୱପ୍ରଦାନ କରିଛନ୍ତି ?**

(i) ପ୍ଲାଟୋ

(ii) ରଷ୍ଟୋ

(iii) ରେମ ୍

(iv) ଜନ୍ ଡୁଇ

(ଖ) **ବ୍ୟାପକ ଅର୍ଥରେ ଶିକ୍ଷାର ସାମାଜିକ ଲକ୍ଷ୍ୟ କହିଲେ କ'ଣ ବୁଝାଯାଏ ?**

(i) ଫାସୀବାଦ

(ii) ନାଜୀବାଦ

(iii) ପ୍ରକୃତିବାଦ

(iv) ଗଣତାନ୍ତ୍ରିକ ସମାଜବାଦ

2. **ବନ୍ଧନୀ ମଧ୍ୟରୁ ଉପଯୁକ୍ତ ବାକ୍ୟ ଶବ୍ଦ ବାଛି ଶୂନ୍ୟସ୍ଥାନ ପୂରଣ କର ।**

(କ) (i) ବ୍ୟକ୍ତିର ଅନ୍ତର୍ନିହିତ ଗୁଣଗୁଡ଼ିକର ସ୍ୱାଭାବିକ ବିକାଶ ଶିକ୍ଷାର _____ ଲକ୍ଷ୍ୟ ସହ ସଂପୃକ୍ତ ।
(ବ୍ୟକ୍ତିଗତ, ସାମାଜିକ, ସାଂସ୍କୃତିକ)

(ii) ଶିକ୍ଷାର ବ୍ୟକ୍ତିଗତ ଲକ୍ଷ୍ୟ ଉପରେ ଗୁରୁତ୍ୱ ଦେଇ କାର୍ଯ୍ୟ କଲେ ବ୍ୟକ୍ତି ଅଧିକ _____ ହୋଇପଡ଼େ । (ଆତ୍ମକୈନ୍ଦ୍ରିକ, ସମାଜକୈନ୍ଦ୍ରିକ, ଜ୍ଞାନକୈନ୍ଦ୍ରିକ)

(iii) ନିଃସଙ୍ଗ ବ୍ୟକ୍ତି ଏକ କପୋଳକଳ୍ପିତ ଚିନ୍ତା ଅଟେ ବୋଲି _____ ମତବ୍ୟକ୍ତ କରିଥିଲେ ।
(ଜନ୍ ଡୁଇ, ପେଷ୍ଟାଲସି, ରେମ ୍)

(ଖ) ଶୂନ୍ୟସ୍ଥାନ ପୂରଣ କର ।

ଶିକ୍ଷାର _____ ଲକ୍ଷ୍ୟଦ୍ୱାରା ସମାଜରେ ଜାତୀୟତା ଓ ଭ୍ରାତୃଭାବ ସୃଷ୍ଟି ହୋଇଥାଏ ।

(ବ୍ୟକ୍ତିଗତ ଲକ୍ଷ୍ୟ, କର୍ମଭିତ୍ତିକ ଲକ୍ଷ୍ୟ, ଗଣତାନ୍ତ୍ରିକ ଲକ୍ଷ୍ୟ, ଶିଶୁକୈନ୍ଦ୍ରିକ ଲକ୍ଷ୍ୟ)

(ଗ) ''ନେତୃତ୍ୱ ପାଇଁ ଶିକ୍ଷା'' କିଏ କହିଛନ୍ତି ?

(i) କୋଠାରୀ ଆୟୋଗ

(ii) ମାଧ୍ୟମିକ ଶିକ୍ଷା ଆୟୋଗ

(iii) ବିଶ୍ୱବିଦ୍ୟାଳୟ ଆୟୋଗ

(iii) ଏଥି ମଧ୍ୟରୁ କେହି ନୁହେଁ

3. **ପ୍ରତ୍ୟେକ ଉପପ୍ରଶ୍ନର ଉ ର ଦୁଇ କିମ୍ବା ତିନିଗୋଟି ବାକ୍ୟରେ ପ୍ରଦାନ କର ।**

(i) ଜୀବ ବିଜ୍ଞାନୀଙ୍କ ମତରେ ଶିକ୍ଷାର ବ୍ୟକ୍ତିଗତ ଲକ୍ଷ୍ୟ କ'ଣ ?

(ii) ମନୋବିଜ୍ଞାନୀମାନେ ଶିକ୍ଷାର ବ୍ୟକ୍ତିଗତ ଲକ୍ଷ୍ୟ ବିଷୟରେ କେଉଁ ମତବ୍ୟକ୍ତ କରିଛନ୍ତି ?

(iii) ନାଗରିକତା ପାଇଁ ଶିକ୍ଷାର ଅର୍ଥ କ'ଣ ?

(iv) ସାମାଜିକ ଦକ୍ଷତା ନିମନ୍ତେ ଶିକ୍ଷା କହିଲେ କ'ଣ ବୁଝାଯାଏ ?

4. **ପ୍ରତ୍ୟେକ ଉପପ୍ରଶ୍ନର ଛଅଗୋଟି ବାକ୍ୟରେ ପ୍ରଦାନ କର ।**

(i) ଶିକ୍ଷାର ବ୍ୟକ୍ତିଗତ ଲକ୍ଷ୍ୟ ସପକ୍ଷରେ ଯୁକ୍ତିମାନ ଉପସ୍ଥାପନ କର ।

(ii) ଶିକ୍ଷାର ସାମାଜିକ ଲକ୍ଷ୍ୟ ସପକ୍ଷରେ ଯୁକ୍ତିମାନ ଉପସ୍ଥାପନ କର ।

(iii) ଶିକ୍ଷାର ବ୍ୟକ୍ତିଗତ ଲକ୍ଷ୍ୟ ବିପକ୍ଷରେ ଯୁକ୍ତିମାନ ଉପସ୍ଥାପନ କର ।

(iv) ଶିକ୍ଷାର ସାମାଜିକ ଲକ୍ଷ୍ୟ ବିପକ୍ଷରେ ଯୁକ୍ତିମାନ ଉପସ୍ଥାପନ କର ।

5. **ନିମ୍ନଲିଖିତ ପ୍ରଶ୍ନର ଉ ର ଦିଅ ।**

(i) ଶିକ୍ଷାର ବ୍ୟକ୍ତିଗତ ଲକ୍ଷ୍ୟ କହିଲେ କ'ଣ ବୁଝାଯାଏ ? ଏହାର ସବିଶେଷ ଆଲୋଚନା କର ।

(ii) ଶିକ୍ଷାର ସାମାଜିକ ଲକ୍ଷ୍ୟ ବିଶଦ ଭାବରେ ଆଲୋଚନା କର ।

(iii) ଶିକ୍ଷାର ବ୍ୟକ୍ତିଗତ ଓ ସାମାଜିକ ଲକ୍ଷ୍ୟ ମଧ୍ୟରେ ସମନ୍ୱୟ ସ୍ଥାପନ କର ।

6. **ଶୂନ୍ୟସ୍ଥାନ ପୂରଣ କର ।**

ଶିକ୍ଷାର _____ ଲକ୍ଷ୍ୟ ବ୍ୟକ୍ତିକୁ ଜୀବିକାର୍ଜନ କରିବାରେ ସାହାଯ୍ୟ କରେ ।

(ଶିଶୁ କୈନ୍ଦ୍ରିକ, ସାମାଜିକ, ବୃତ୍ତିଗତ, କେଉଁଟି ନୁହେଁ)

7. **ଗୋଟିଏ ବାକ୍ୟରେ ଉତ୍ତର ଦିଅ ।**

''ଶିକ୍ଷାର ଲକ୍ଷ୍ୟ ସ୍ୱୟଂ ସଂପୂର୍ଣ୍ଣତା'' କହିଲେ କ'ଣ ବୁଝ ?

8. **ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ ।**

(i) ଶିକ୍ଷାର ବୃତ୍ତିଗତ ଲକ୍ଷ୍ୟର ଗୁରୁତ୍ୱ ବିଷୟରେ ଆଲୋଚନା କର ।

(ii) ବୃତ୍ତିଗତ ଲକ୍ଷ୍ୟର ସପକ୍ଷବାଦୀ ଓ ବିପକ୍ଷବାଦୀ ଯୁକ୍ତି ଉପସ୍ଥାପନା କର ।

(iii) ଶିକ୍ଷାର ଗଣତାନ୍ତ୍ରିକ ଲକ୍ଷ୍ୟ ବିଷୟରେ ବର୍ଣ୍ଣନା କର ।

●

(ଖ) ଶିକ୍ଷା ସଂସ୍ଥା

1.3.0 ଶିକ୍ଷା ସଂସ୍ଥା : ଏହାର ଅର୍ଥ ଏବଂ ପ୍ରକାର ଭେଦ

ଉଦ୍ଦେଶ୍ୟାବଳୀ :

ଏହି ଅଧ୍ୟାୟଟିର ଅଧ୍ୟୟନ ପରେ ଶିକ୍ଷାର୍ଥୀମାନେ :

- ଶିକ୍ଷା ସଂସ୍ଥାର ଅର୍ଥ ବ୍ୟାଖ୍ୟା କରିପାରିବେ;
- ଶିକ୍ଷାର ବିଭିନ୍ନ ସଂସ୍ଥା ଉଦାହରଣ ସହ ଉଲ୍ଲେଖ କରିପାରିବେ;
- ଗୃହର ଶୈକ୍ଷିକ କାର୍ଯ୍ୟ ବର୍ଣ୍ଣନା କରିପାରିବେ;
- ବିଦ୍ୟାଳୟର ଶୈକ୍ଷିକ କାର୍ଯ୍ୟ ବର୍ଣ୍ଣନା କରିପାରିବେ;
- ଗୋଷ୍ଠୀର ଶୈକ୍ଷିକ କାର୍ଯ୍ୟ ବର୍ଣ୍ଣନା କରିପାରିବେ;
- ରାଜ୍ୟର ଶୈକ୍ଷିକ କାର୍ଯ୍ୟ ବର୍ଣ୍ଣନା କରିପାରିବେ;
- ବିଭିନ୍ନ ଗଣମାଧ୍ୟମର ଶୈକ୍ଷିକ କାର୍ଯ୍ୟ ବର୍ଣ୍ଣନା କରିପାରିବେ ।

1.3.1 ଶିକ୍ଷା ମାଧ୍ୟମର ଅର୍ଥ :

ଶିକ୍ଷା ବ୍ୟକ୍ତିର ବ୍ୟବହାରିକ ପରିବ ର୍ତ୍ତନକୁ ବୁଝାଇଥାଏ । ଏହା ସୁଷମ ବିକାଶ ସାଧନ କରିଥାଏ । ବ୍ୟକ୍ତିର ବିକାଶ ଏବଂ ସମାଜର ପ୍ରଗତି ନିମନ୍ତେ ଶିକ୍ଷା ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ । ସମାଜର ସାମାଜିକ ଏବଂ ସାଂସ୍କୃତିକ ଐତିହ୍ୟକୁ ସଂରକ୍ଷଣ କରି ପରବ ର୍ତ୍ତୀ ପିଢ଼ିକୁ ସ ରଣ କରାଇବା ଶିକ୍ଷାର ଅନ୍ୟତମ ଦାୟିତ୍ୱ । ଆମେ ସାଧାରଣତଃ ବୁଝିଥାଉ ଯେ, ଆମେ ବିଦ୍ୟାଳୟ, ମହାବିଦ୍ୟାଳୟ ତଥା ଏହିପରି ଅନୁଷ୍ଠାନମାନଙ୍କରୁ ଶିକ୍ଷା ଗ୍ରହଣ କରୁ; ମାତ୍ର ଏହିପରି ଅନେକ ଶୈକ୍ଷିକ ସଂସ୍ଥା ଅଛନ୍ତି, ଯେଉଁଠାରୁ ବ୍ୟକ୍ତି ଶୈକ୍ଷିକ ଅଭିଜ୍ଞତା ଆହରଣ କରିଥାଏ । ସ୍କୁଲ, କଲେଜ ପରି ପାରମ୍ପରିକ ଶିକ୍ଷା ଅନୁଷ୍ଠାନ ବ୍ୟତୀତ ଅନ୍ୟ କେତେକ ଅଣପାରମ୍ପରିକ ଶିକ୍ଷା ଅନୁଷ୍ଠାନଗୁଡ଼ିକ ହେଉଛି; ଗୃହ ବା ପରିବାର, ଦୂରଦର୍ଶନ, ଗୋଷ୍ଠୀ, ଖବରକାଗଜ, ରେଡ଼ିଓ, ଖେଳପଡ଼ିଆ, ପାଠାଗାର ଇତ୍ୟାଦି । ଏ ସମସ୍ତ ବ୍ୟକ୍ତିର ଶିକ୍ଷା ଆହରଣ ପ୍ରକ୍ରିୟାକୁ ମଧ୍ୟ ତ୍ୱରାନ୍ୱିତ କରନ୍ତି । ଏହି ସମସ୍ତ ଶୈକ୍ଷିକ ଉତ୍ସକୁ ଶିକ୍ଷା ସଂସ୍ଥା ବା ଶିକ୍ଷାର ମାଧ୍ୟମ ବୋଲି କୁହାଯାଇଥାଏ । ତେଣୁ ଶିକ୍ଷାସଂସ୍ଥା କହିଲେ ଆମେ ବିଭିନ୍ନ ସ୍ଥାନ, ଅନୁଷ୍ଠାନ ଏବଂ ବସ୍ତୁ ବିଶେଷକୁ ବୁଝିଥାଉ ଯେଉଁଗୁଡ଼ିକ ବ୍ୟକ୍ତିକୁ କିଛି ଶୈକ୍ଷିକ ଅନୁଭୂତି ଆହରଣରେ ସାହାଯ୍ୟ କରିଥାଏ । ତେଣୁ ଶିକ୍ଷାସଂସ୍ଥା କହିଲେ ଉଭୟ

ସ୍ୱତନ୍ତ୍ର ଏବଂ ସାଧାରଣ ପ୍ରକାରର ଶୈକ୍ଷିକ ଉତ୍ସକୁ ବୁଝାଇଥାଏ । ସ୍ୱତନ୍ତ୍ର ଉତ୍ସଗୁଡ଼ିକ ଉଭୟ ବ୍ୟକ୍ତି ଏବଂ ସମାଜର କେବଳ ଶୈକ୍ଷିକ ବିକାଶ ନିମନ୍ତେ କାର୍ଯ୍ୟକ୍ରମ ମାନ ଗ୍ରହଣ କରିଥା'ନ୍ତି । ଏଗୁଡ଼ିକର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଶିକ୍ଷା ପ୍ରଦାନ କରିବା । ସ୍ୱତନ୍ତ୍ର ଶିକ୍ଷାସଂସ୍ଥାର ଉଦାହରଣଗୁଡ଼ିକ ହେଉଛି, ବିଦ୍ୟାଳୟ, ମହାବିଦ୍ୟାଳୟ ଓ ଦୂରଶିକ୍ଷା କାର୍ଯ୍ୟକ୍ରମ ଇତ୍ୟାଦି । ସାଧାରଣ ଶୈକ୍ଷିକ ଉତ୍ସଗୁଡ଼ିକ ସ୍ୱତନ୍ତ୍ର ଶୈକ୍ଷିକ ଉତ୍ସ ପରି କୁଶଳୀ ଶିକ୍ଷା ପ୍ରଦାନ କରି ନଥାନ୍ତି । ଯଦିଓ ସେମାନେ ଶୈକ୍ଷିକ ଅନୁଭୂତିମାନ ପ୍ରଦାନ କରିଥା'ନ୍ତି, ତା' ସ େ ଏହା ସେମାନଙ୍କର ମୁଖ୍ୟ କାର୍ଯ୍ୟ ହୋଇନଥାଏ । ଗୃହ, ଖେଳପଡ଼ିଆ, ରେଡ଼ିଓ, ଗୋଷ୍ଠୀ ଇତ୍ୟାଦି ଏହି ଶ୍ରେଣୀର ଅନ୍ତର୍ଭୁକ୍ତ ।

ଗୁରୁତ୍ୱ :

ବ୍ୟାପକ ଅର୍ଥରେ ଶିକ୍ଷା ଏକ ଜୀବନବ୍ୟାପୀ ପ୍ରକ୍ରିୟା ଅଟେ । ଶିକ୍ଷାର ବିଭିନ୍ନ ଉତ୍ସ ଏବଂ ମାଧ୍ୟମ ଦ୍ୱାରା ବ୍ୟକ୍ତିଟିଏ ତା'ର ଜୀବନ ସାରା ଅନେକ ଶୈକ୍ଷିକ ଅଭିଜ୍ଞତା ଗ୍ରହଣ କରିଥାଏ । ଏହି ମାଧ୍ୟମଗୁଡ଼ିକ ବ୍ୟକ୍ତିର ବ୍ୟକ୍ତିତ୍ୱର ସୁଷମ ବିକାଶ ନିମନ୍ତେ ସାହାଯ୍ୟ କରିଥା'ନ୍ତି । ସମାଜର ସାମାଜିକ ଓ ସାଂସ୍କୃତିକ ଐତିହ୍ୟଗୁଡ଼ିକୁ ପରବ ୀ ବଂଶଧରକୁ ହସ୍ତାନ୍ତର କରିବା ଏବଂ ଜାତୀୟ ସଂହତି ସ୍ଥାପନ ଦିଗରେ ଏହା ସାହାଯ୍ୟ କରିଥାଏ । ଉଦାହରଣତଃ ସମାଜର ସୁନାଗରିକ ଭାବରେ ଶିକ୍ଷାର୍ଥୀମାନେ ସୁଷମ ବିକାଶ ଲାଭ କରିବା ନିମନ୍ତେ ବିଦ୍ୟାଳୟ ବିଭିନ୍ନ ଶୈକ୍ଷିକ ଯୋଜନାମାନ ପ୍ରସ୍ତୁତ କରିଥାଏ । ଗୃହ ବା ପରିବାର ଶିଶୁଟିର ବ୍ୟକ୍ତିତ୍ୱକୁ ଯଥେଷ୍ଟ ପ୍ରଭାବିତ କରିଥାଏ । ଏହା ଶିଶୁକୁ ଭଲ ମନ୍ଦ, ଠିକ୍‌ଭୁଲ ମଧ୍ୟରେ ପ୍ରଭେଦ କ'ଣ ଅଛି ଜାଣିବା ପାଇଁ ସାହାଯ୍ୟ କରିବା ସହ ଉ ମ ବ୍ୟବହାର ମାନ ଶିଖାଇଥାଏ । ଉଭୟ ପରିବାର ଏବଂ ଗୋଷ୍ଠୀ ବ୍ୟକ୍ତିକୁ ତା'ର ସାମାଜିକ ଏବଂ ସାଂସ୍କୃତିକ ଐତିହ୍ୟ ଜାଣିବାରେ ସାହାଯ୍ୟ କରିଥାଏ । ଏହି ପରିପ୍ରେକ୍ଷୀରେ ଶିକ୍ଷାସଂସ୍ଥା ଉଭୟ ବ୍ୟକ୍ତି ଏବଂ ସମାଜର ବିକାଶ କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ ।

ପ୍ରକୃତି :

ପ୍ରାୟ ସମସ୍ତ ଶିକ୍ଷାସଂସ୍ଥାର ପ୍ରକୃତି ଏବଂ କାର୍ଯ୍ୟ କରିବାର ଧାରା ପ୍ରାୟ ସମାନ ଅଟେ । ବିଭିନ୍ନ ପ୍ରକାର ଶିକ୍ଷାସଂସ୍ଥା ଭିନ୍ନ ଭିନ୍ନ ଭାବେ ସେମାନଙ୍କର କାର୍ଯ୍ୟ ସମ୍ପାଦନ କରିଥାଆନ୍ତି । କେତେକ ଶିକ୍ଷାସଂସ୍ଥାରେ ଶିକ୍ଷାର୍ଥୀ ଏବଂ ସଂସ୍ଥା ମଧ୍ୟରେ ପତ୍ୟକ୍ଷ ଭାବେ ଭାର ଆଦାନ ପ୍ରଦାନ ହୋଇପାରୁଥିବା ବେଳେ ଅନ୍ୟ କେତେକ ସଂସ୍ଥାରେ ଏହା ସମ୍ଭବ ହୋଇ ନଥାଏ । ପ୍ରତ୍ୟେକ ସଂସ୍ଥାର ଗଠନ ପ୍ରଣାଳୀ ମଧ୍ୟ ସମାନ ନୁହେଁ । ବିଦ୍ୟାଳୟ ଭଳି ଆନୁଷ୍ଠାନିକ ସଂସ୍ଥାର ଗଠନ ଏବଂ କାର୍ଯ୍ୟଧାରା ଅନମନୀୟ ଓ କଠୋର ଅଟେ ଏବଂ ଗୃହ ଭଳି ଏକ ଅନୌପଚାରିକ ଶିକ୍ଷାସଂସ୍ଥାର କାର୍ଯ୍ୟଧାରା ଖୁବ୍ ନମନୀୟ ଅଟେ । ଅଣଆନୁଷ୍ଠାନିକ ଶିକ୍ଷାସଂସ୍ଥା ଆନୁଷ୍ଠାନିକ ଶିକ୍ଷା ସଂସ୍ଥାର ଏକ ଚର୍ଚ୍ଚିତ ରୂପ ଅଟେ । ଔପଚାରିକ ବା ଆନୁଷ୍ଠାନିକ ଶିକ୍ଷା ସଂସ୍ଥାର ଗୁଣାବଳୀ ଏହାଠାରେ ପ୍ରକାଶ ପାଇଥାଏ ଏବଂ ଏହା କେତେକାଂଶରେ ନମନୀୟ ଅଟେ । ଉଦାହରଣସ୍ୱରୂପ ଅଣଆନୁଷ୍ଠାନିକ ଶିକ୍ଷା ପଦ୍ଧତି ପ୍ରାଥମିକ ଶିକ୍ଷାର ସାର୍ବଜନୀନକରଣ ପ୍ରକ୍ରିୟାକୁ ସାହାଯ୍ୟ କରିଥାଏ ମାତ୍ର

ଆନୁଷ୍ଠାନିକ ଶିକ୍ଷା ବ୍ୟବସ୍ଥା ପରି ଅଣଆନୁଷ୍ଠାନିକ ଶିକ୍ଷା ବ୍ୟବସ୍ଥାରେ ବିଦ୍ୟାଳୟ ପ୍ରବେଶ ନିମନ୍ତେ ନିର୍ଦ୍ଦିଷ୍ଟ ସମୟ ସୀମା ନଥାଏ । ଅଣଆନୁଷ୍ଠାନିକ ଶିକ୍ଷା ବ୍ୟବସ୍ଥା ଏହାର କାର୍ଯ୍ୟଧାରା ଏବଂ ଶିକ୍ଷାର୍ଥୀମାନଙ୍କର ପ୍ରବେଶ ବୟସସୀମା - ଏହି ଉଭୟ ସ ଦୃଷ୍ଟିରୁ ବେଶ୍ ନମନୀୟ ଅଟେ । ଦୂରଶିକ୍ଷା କାର୍ଯ୍ୟକ୍ରମ ଏହିପରି ଏକ ନମନୀୟ ମାଧ୍ୟମ ଅଟେ । ଉଦାହରଣତଃ ଦୂରଶିକ୍ଷା କାର୍ଯ୍ୟକ୍ରମରେ ଶିକ୍ଷାର୍ଥୀମାନେ ପୂରାସମୟ ପାଇଁ ଶିକ୍ଷା ଗ୍ରହଣ କରି ନଥା'ନ୍ତି ଏବଂ ଏଥିରେ ନାମଲେଖାଇବାର କୌଣସି ନିର୍ଦ୍ଦିଷ୍ଟ ବୟସସୀମା ନଥାଏ ।

1.3.2 ଶିକ୍ଷା ସଂସ୍ଥା ସମୂହର ପ୍ରକାର ଭେଦ :

କାର୍ଯ୍ୟଧାରା ଦୃଷ୍ଟିକୋଣରୁ ଶିକ୍ଷାସଂସ୍ଥାଗୁଡ଼ିକୁ ମୁଖ୍ୟତଃ ଦୁଇ ଭାଗରେ ବିଭକ୍ତ କରାଯାଇଥାଏ । ଯଥା -

(a) ସକ୍ରିୟ ଶିକ୍ଷାସଂସ୍ଥା

(b) ନିଷ୍କ୍ରିୟ ଶିକ୍ଷାସଂସ୍ଥା

(a) ସକ୍ରିୟ ଶିକ୍ଷାସଂସ୍ଥା :

ଶିକ୍ଷା ହିଁ ମୁଖ୍ୟତଃ ଉଭୟ ଶିକ୍ଷକ ଏବଂ ଶିକ୍ଷାର୍ଥୀ ମଧ୍ୟରେ ଭାବର ଆଦାନ ପ୍ରଦାନକୁ ବୁଝାଇଥାଏ । ଶିକ୍ଷକ ଶିକ୍ଷାଦାନର ଉତ୍ସ ଭାବରେ କାର୍ଯ୍ୟ କରିଥା'ନ୍ତି । ଶିକ୍ଷକ ଏବଂ ଶିକ୍ଷାର୍ଥୀଙ୍କ ମଧ୍ୟରେ ଯେତେବେଳେ ପ୍ରତ୍ୟକ୍ଷ ପାରସ୍ପରିକ ଭାବ ବିନିମୟ ସମ୍ଭବପର ହୋଇଥାଏ, ସେତେବେଳେ ତାହା ସକ୍ରିୟ ଶିକ୍ଷାସଂସ୍ଥା ରୂପେ ପରିଗଣିତ ହୋଇଥାଏ । ଏହି ମାଧ୍ୟମରେ ସମ୍ମୁଖ ବା ପ୍ରତ୍ୟକ୍ଷଭାବେ ଭାବ ବିନିମୟ ହୋଇଥାଏ ଏବଂ ଜଣେ ଅନ୍ୟଜଣକ ଆଗରେ ନିଜର ଭାବକୁ ପ୍ରକାଶ କରିଥାଏ । ଏହି ପରିପ୍ରେକ୍ଷୀରେ ଶିକ୍ଷା ଏକ ଦ୍ୱି-ପାକ୍ଷିକ ପ୍ରକ୍ରିୟା ଅଟେ, ଯେଉଁଥିରେ ଉଭୟ ଶିକ୍ଷାର୍ଥୀ ଓ ଶିକ୍ଷକ ପରସ୍ପରକୁ ପ୍ରଭାବିତ କରିଥା'ନ୍ତି ।

ସକ୍ରିୟ ଶୈକ୍ଷିକ ମାଧ୍ୟମର ଉଦାହରଣ ଗୁଡ଼ିକ ହେଉଛି ବିଦ୍ୟାଳୟ, ଗୃହ ବା ପରିବାର ଏବଂ ଗୋଷ୍ଠୀ ଇତ୍ୟାଦି । ବିଦ୍ୟାଳୟ, ଗୃହ ଏବଂ ଗୋଷ୍ଠୀ ପରିବେଶରେ ପିଲାମାନଙ୍କର କ୍ରମଶଃ ପିତାମାତା, ଶିକ୍ଷକ ଏବଂ ବୟସ୍କ ବ୍ୟକ୍ତିମାନଙ୍କ ସହ ଭାବ ବିନିମୟ ହୋଇଥାଏ

(b) ନିଷ୍କ୍ରିୟ ଶିକ୍ଷାସଂସ୍ଥା :

ଯେଉଁ ଶିକ୍ଷାସଂସ୍ଥାରେ ଶିକ୍ଷାର ଉତ୍ସ ଏବଂ ଶିକ୍ଷାର୍ଥୀ ମଧ୍ୟରେ ପ୍ରତ୍ୟକ୍ଷ ଭାବର ଆଦାନ ପ୍ରଦାନ ପାଇଁ କୌଣସି ସୁଯୋଗ ନଥାଏ ତା'କୁ ନିଷ୍କ୍ରିୟ ଶିକ୍ଷାସଂସ୍ଥା କୁହାଯାଇଥାଏ । ଏପ୍ରକାର ଶିକ୍ଷାସଂସ୍ଥାରେ ଭାବବିନିମୟ ଏକ ପାକ୍ଷିକ ଅଟେ । ଭାବର ଆଦାନ ପ୍ରଦାନ ସମୟରେ ଶିକ୍ଷାର ଉତ୍ସ ଶିକ୍ଷାର୍ଥୀ ସହ କୌଣସି ପ୍ରକାର ପ୍ରତ୍ୟକ୍ଷ ଭାବବିନିମୟ କରିପାରି ନଥାଏ । ଶିକ୍ଷାର୍ଥୀମାନେ ସେହି ଶିକ୍ଷାସଂସ୍ଥା ଦ୍ୱାରା ବେଶ୍ ପ୍ରଭାବିତ ହୋଇଥା'ନ୍ତି ମାତ୍ର ମାଧ୍ୟମଟି ଶିକ୍ଷାର୍ଥୀଙ୍କ ଦ୍ୱାରା ପ୍ରତ୍ୟକ୍ଷ ଭାବରେ ପ୍ରଭାବିତ ହୋଇ ନଥାଏ । ଟେଲିଭିଜନ, ରେଡ଼ିଓ, ସମ୍ବାଦ ପତ୍ର ଏବଂ ପୁସ୍ତକ ଇତ୍ୟାଦି ଏ ପ୍ରକାର ନିଷ୍କ୍ରିୟ ଶିକ୍ଷା ସଂସ୍ଥାର ଉଦାହରଣ ଅଟନ୍ତି ।



ସାଂଗଠନିକ ଦୃଷ୍ଟିକୋଣରୁ ଶିକ୍ଷାସଂସ୍ଥାଗୁଡ଼ିକୁ ଦୁଇ ଭାଗରେ ବିଭକ୍ତ କରାଯାଇଥାଏ ଯଥା; ଆନୁଷ୍ଠାନିକ ମାଧ୍ୟମ ଏବଂ ଅନୌପଚାରିକ ମାଧ୍ୟମ । ଏହା ବ୍ୟତୀତ ଆଉ ଏକ ପ୍ରକାର ଶିକ୍ଷା ସଂସ୍ଥା ଥାଏ ଯାହାର ନାମ ହେଉଛି ଅଣ ଆନୁଷ୍ଠାନିକ ଶିକ୍ଷା ସଂସ୍ଥା । ଉଭୟ ଆନୁଷ୍ଠାନିକ ବା ଔପଚାରିକ ଏବଂ ଅନୌପଚାରିକ ଶିକ୍ଷା ସଂସ୍ଥାର ପ୍ରଲକ୍ଷଣ ମାନ ଏହା ବହନ କରିଥାଏ । ଏହି ତିନିପ୍ରକାର ଶିକ୍ଷା ସଂସ୍ଥାଗୁଡ଼ିକରେ ନିମ୍ନରେ ବର୍ଣ୍ଣନା କରାଯାଇଛି ।

(i) ଆନୁଷ୍ଠାନିକ ବା ଔପଚାରିକ ଶିକ୍ଷା ସଂସ୍ଥା

ଯେଉଁ ଶିକ୍ଷା ସଂସ୍ଥାଗୁଡ଼ିକ ସ୍ୱତନ୍ତ୍ରଭାବେ ଶିକ୍ଷା ପ୍ରଦାନ କରିବା ନିମନ୍ତେ ପ୍ରସ୍ତୁତ ଏବଂ ବିକଶିତ ହୋଇଥାଏ ସେଗୁଡ଼ିକୁ ଆନୁଷ୍ଠାନିକ ମାଧ୍ୟମ କୁହାଯାଇଥାଏ । ସେଗୁଡ଼ିକ କେବଳ ଶିକ୍ଷାଦାନ ନିମନ୍ତେ ଉଦ୍ଦିଷ୍ଟ । ବିଦ୍ୟାଳୟ, ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟ ଇତ୍ୟାଦି ଏହାର ଉଦାହରଣ ଅଟେ । ଔପଚାରିକ ମାଧ୍ୟମ ଗୁଡ଼ିକ ପୂର୍ବ ନିର୍ଦ୍ଧାରିତ ଯୋଜନା ଅନୁଯାୟୀ ସଂଗଠିତ ଉପାୟରେ ଶିକ୍ଷାଦାନ କରିଥା'ନ୍ତି । ଏହି ଶିକ୍ଷାନୁଷ୍ଠାନଗୁଡ଼ିକ ଉଦ୍ଦେଶ୍ୟମୂଳକ ଭାବରେ ସ୍ୱତନ୍ତ୍ର ଲକ୍ଷ୍ୟର ସହ ଶିକ୍ଷାପ୍ରଦାନ କରିଥା'ନ୍ତି । ଔପଚାରିକ ଶିକ୍ଷା ସାଧାରଣତଃ ଶିଶୁଟିଏ ବିଦ୍ୟାଳୟରେ ନାମ ଲେଖାଇବା ଦିନଠାରୁ ଆରମ୍ଭ ହୋଇଥାଏ ।

ପ୍ରଲକ୍ଷଣ :

ଔପଚାରିକ ମାଧ୍ୟମର ଅନେକ ଗୁଡ଼ିଏ ପ୍ରଲକ୍ଷଣ ରହିଅଛି । ଏହା ସୋପାନ ଭିତ୍ତିକ ଏବଂ ଶ୍ରେଣୀ ଭିତ୍ତିକ ଅଟେ । ସାଧାରଣ ଶିକ୍ଷା, ଯାନ୍ତ୍ରିକ ଶିକ୍ଷା ଏବଂ ବୃତ୍ତିଭିତ୍ତିକ ଶିକ୍ଷା ଇତ୍ୟାଦି ଏହାର ବିଭିନ୍ନ ପ୍ରକାର ଭେଦ ଅଟେ । ସାଧାରଣ ଶିକ୍ଷାର ବିଭିନ୍ନ ସୋପାନ ଥାଏ ଯଥା - ପ୍ରାଥମିକ, ମାଧ୍ୟମିକ, ଉଚ୍ଚମାଧ୍ୟମିକ ଏବଂ ଉଚ୍ଚଶିକ୍ଷା । ଜଣେ ବ୍ୟକ୍ତିଙ୍କୁ ପରବର୍ତ୍ତୀ ସୋପାନକୁ ଉତ୍ତୀର୍ଣ୍ଣ ହେବାକୁ ହେଲେ ଗୋଟିଏ ନିର୍ଦ୍ଦିଷ୍ଟ ସୋପାନର ଶିକ୍ଷା ସଫଳତାର ସହ ସମାପନ କରିବାକୁ ହୋଇଥାଏ । ଔପଚାରିକ ଶିକ୍ଷା ନିମନ୍ତେ ଏକ ନିର୍ଦ୍ଦିଷ୍ଟ ସ୍ଥାନ ରହିଥାଏ । ଉଦାହରଣ ସ୍ୱରୂପ, ବିଦ୍ୟାଳୟର ଏକ ନିର୍ଦ୍ଦିଷ୍ଟ ଗୃହ ଥାଏ ଏବଂ ନାମ ଲେଖାଇବାର ଏକ ନିର୍ଦ୍ଦିଷ୍ଟ ବୟସ ସୀମା ମଧ୍ୟ ଥାଏ । ଆମ ରାଜ୍ୟରେ ପ୍ରଚଳିତ ଆନୁଷ୍ଠାନିକ ଶିକ୍ଷାବ୍ୟବସ୍ଥାରେ ପ୍ରଥମ ଶ୍ରେଣୀରେ ନାମ ଲେଖାଇବା ପାଇଁ ସର୍ବନିମ୍ନ ବୟସସୀମା ହେଉଛି ୬ ବର୍ଷ । ବୃତ୍ତିଗତ ପ୍ରଶିକ୍ଷଣ ପ୍ରାପ୍ତ ଶିକ୍ଷକମାନେ ଔପଚାରିକ ଶିକ୍ଷାନୁଷ୍ଠାନ ଗୁଡ଼ିକରେ ଶିକ୍ଷାଦାନ କରିବା ପାଇଁ ନିଯୁକ୍ତି ପାଇଥା'ନ୍ତି ।

ଆନୁଷ୍ଠାନିକ ଶିକ୍ଷା ସଂସ୍ଥାରେ ଶିକ୍ଷାର୍ଥୀମାନେ ପୂର୍ଣ୍ଣ ସମୟ ପାଇଁ ଶିକ୍ଷାଗ୍ରହଣ କରିଥା'ନ୍ତି । ସେମାନଙ୍କୁ ଶ୍ରେଣୀଗୃହରେ ଅନୁଷ୍ଠାନର ନିର୍ଦ୍ଧାରିତ ସଂପୂର୍ଣ୍ଣ କାର୍ଯ୍ୟ ଅବଧି ପାଇଁ ଉପସ୍ଥିତ ହେବାକୁ ପଡ଼ିଥାଏ । ଏ ପ୍ରକାର ଶିକ୍ଷାନୁଷ୍ଠାନରେ ଶିକ୍ଷା ଗ୍ରହଣ କରିବା ନିମନ୍ତେ ଶିକ୍ଷାର୍ଥୀମାନଙ୍କୁ ସର୍ବନିମ୍ନ ଉପସ୍ଥାନ ରହିବା ଆବଶ୍ୟକ ହୋଇଥାଏ । ଏହି ଅନୁଷ୍ଠାନମାନଙ୍କରେ କାର୍ଯ୍ୟଦିବସ ଏବଂ କାର୍ଯ୍ୟକରିବାର ସମୟ ପୂର୍ବସ୍ଥିରୀକୃତ ଅଟେ । ଶିକ୍ଷାନୁଷ୍ଠାନର ବାର୍ଷିକ କାର୍ଯ୍ୟକ୍ରମର ଆରମ୍ଭ ସମୟରେ କାର୍ଯ୍ୟ ନିର୍ଘ ଓ ଛୁଟି ତାଲିକାମାନ ପ୍ରସ୍ତୁତ କରାଯାଇଥାଏ । ଔପଚାରିକ ଶିକ୍ଷା ପର୍ଯ୍ୟାୟ କ୍ରମେ ସଂଗଠିତ ହୋଇଥାଏ । ତେଣେ ଶିକ୍ଷାର୍ଥୀ ପ୍ରଥମ ଶ୍ରେଣୀର ଶିକ୍ଷା ସମାପ୍ତ କଲାପରେ ଦ୍ୱିତୀୟଶ୍ରେଣୀକୁ ଉ ୀର୍ଣ୍ଣ ହୋଇଥାଏ ଏବଂ ପ୍ରାଥମିକ ଶିକ୍ଷାର ସମାପ୍ତିପରେ ଉଚ୍ଚ ପ୍ରାଥମିକ ଶ୍ରେଣୀକୁ ଉ ୀର୍ଣ୍ଣ ହୋଇଥାଏ । ଏହି ବ୍ୟବସ୍ଥାରେ ମୂଲ୍ୟାୟନ ଧାରାବାହିକ ଭାବରେ କରାଯାଇଥାଏ । ଔପଚାରିକ ମାଧ୍ୟମର ଶିକ୍ଷାବ୍ୟବସ୍ଥା ଦକ୍ଷ ବ୍ୟକ୍ତିଙ୍କ ଦ୍ୱାରା ନିର୍ଦ୍ଦେଶିତ ଏବଂ ପରିଚାଳିତ ହୋଇଥାଏ ।

ସୁଗୁଣ :

ଔପଚାରିକ ମାଧ୍ୟମ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟର ସହ ସ୍ୱତନ୍ତ୍ର ଜ୍ଞାନ ପ୍ରଦାନ କରିଥାଏ । ଏହା ଶିକ୍ଷାର୍ଥୀର ବ୍ୟବହାରକୁ ପୂର୍ବନିର୍ଦ୍ଧାରିତ ସାଙ୍ଗଠନିକ ଉପାୟରେ ପରିବ ର୍ତ୍ତନ କରିଥାଏ । ଏକ ସାମାଜିକ ଅନୁଷ୍ଠାନ ଭାବରେ ଏହା ସାମାଜିକ ମୂଲ୍ୟବୋଧ ଏବଂ ସାଂସ୍କୃତିକ ଐତିହ୍ୟର ସଂରକ୍ଷଣ କରିବା ସହ ଏହାର ବିକାଶ ସାଧନ କରିଥାଏ । ସଂକ୍ଷେପରେ ଏତିକି କୁହାଯାଇପାରେ ଯେ, ଶିକ୍ଷାର ବିକାଶ ମୁଖ୍ୟତଃ ଆନୁଷ୍ଠାନିକ ଶିକ୍ଷାଦ୍ୱାରା ସମ୍ଭବ ହୋଇପାରିଛି ।

ଦୁର୍ଗୁଣ :

ଆନୁଷ୍ଠାନିକ ଶିକ୍ଷା ମାଧ୍ୟମରେ ପ୍ରକୃତି ଏବଂ କାର୍ଯ୍ୟଧାରା ନିର୍ଦ୍ଦିଷ୍ଟ ଏବଂ ଅନମନୀୟ ଅଟେ । ଜନସଂଖ୍ୟାର ବିଭିନ୍ନ ଗୋଷ୍ଠୀର ଆବଶ୍ୟକତା ପୂରଣ କରିବାରେ ଏହା ସମର୍ଥ ହୋଇନଥାଏ । ଅଶିକ୍ଷିତ ବ୍ୟକ୍ତି ଅଧାରୁ ପାଠଛାଡ଼ିବା ଶିକ୍ଷାର୍ଥୀ, ଗୃହିଣୀ ଏବଂ କର୍ମଜୀବୀମାନେ ଆନୁଷ୍ଠାନିକ ଶିକ୍ଷା ମାଧ୍ୟମରେ ଉପକୃତ ହୋଇପାରନ୍ତି ନାହିଁ । ଏହା ପ୍ରାୟତଃ ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀର ଜନସାଧାରଣଙ୍କ ସ୍ୱାର୍ଥ ସାଧନ କରିଥାଏ ।

(ii) ଅନୌପଚାରିକ ଶିକ୍ଷାସଂସ୍ଥା

ଯେଉଁ ସଂସ୍ଥା ଗୁଡ଼ିକ ମୁଖ୍ୟତଃ ଶିକ୍ଷାଦାନ କାର୍ଯ୍ୟ କରନ୍ତି ନାହିଁ ବରଂ ସେମାନଙ୍କର ନିଜସ୍ୱ କାର୍ଯ୍ୟଧାରା ଅନ୍ତରାଳରେ ବୌଦ୍ଧିକ ଅନୁଭୂତି ପ୍ରଦାନ କରିଥା'ନ୍ତି ସେଗୁଡ଼ିକୁ ଅନୌପଚାରିକ ଶିକ୍ଷା ସଂସ୍ଥା କୁହାଯାଇଥାଏ । ଏ ପ୍ରକାର ସଂସ୍ଥାଗୁଡ଼ିକ ସାହାଯ୍ୟରେ ଶିକ୍ଷାଦାନ ଉଦ୍ଦେଶ୍ୟମୂଳକ ଭାବରେ ନୁହେଁ ବରଂ ଆକସ୍ମିକ ଭାବରେ ପ୍ରଦାନ କରାଯାଇଥାଏ ବା ସଂଘଟିତ ହୋଇଥାଏ । ଗୃହ ବା ପରିବାର, ଗୋଷ୍ଠୀ, ରାଷ୍ଟ୍ର, ଗଣମାଧ୍ୟମ ଏବଂ କ୍ରୀଡ଼ାକ୍ଷେତ୍ର ଇତ୍ୟାଦି ଏହାର ଉଦାହରଣ ଅଟେ । ଗୃହ ସାମାଜିକ, ନୈତିକ ଏବଂ ଆଧ୍ୟାତ୍ମିକ ଜ୍ଞାନର ବିକାଶ ସାଧନ କରିବା ସହ ଏସମସ୍ତ ଦିଗରେ ଶିକ୍ଷାର୍ଥୀ ମଧ୍ୟରେ ଆବଶ୍ୟକ ଦକ୍ଷତା ଓ ଗୁଣାବଳୀର ବିକାଶ କରାଇଥାଏ । ଗୋଷ୍ଠୀ ଶିଶୁମଧ୍ୟରେ ସାମାଜିକ, ସାଂସ୍କୃତିକ ଏବଂ ବୌଦ୍ଧିକ ମୂଲ୍ୟବୋଧର ବିକାଶ ସାଧନ କରିଥାଏ । ଶିଶୁମାନେ ବିଭିନ୍ନ ପ୍ରଥା ଓ ପରମ୍ପରା ସଂପର୍କରେ ଗୃହ ଏବଂ ଗୋଷ୍ଠୀ ମାଧ୍ୟମରେ ଅବଗତ ହୋଇଥା'ନ୍ତି ।

ପ୍ରଲକ୍ଷଣ :

ଅନୌପଚାରିକ ଶିକ୍ଷାସଂସ୍ଥାର ନିମ୍ନଲିଖିତ ପ୍ରଲକ୍ଷଣମାନ ରହିଅଛି । ଶିକ୍ଷା ସଂକ୍ରାନ୍ତରେ ଏହାର କୌଣସି ପୂର୍ବ ନିର୍ଦ୍ଧାରିତ ଯୋଜନା ନଥାଏ । ଶିଶୁଟିଏ ପରିବାର ବା ସମାଜର ବିଭିନ୍ନ ପରିବେଶ ସହ ସମ୍ପର୍କ ପ୍ରତିଷ୍ଠା ମାଧ୍ୟମରେ ବିଭିନ୍ନ ଶୈକ୍ଷିକ ଅନୁଭୂତି ଅର୍ଜନ କରିଥାଏ । ସେ ଆକସ୍ମିକ ଭାବରେ ବିଭିନ୍ନ ଜ୍ଞାନ ବା ଅନୁଭୂତି ହାସଲ କରିଥାଏ । ବ୍ୟକ୍ତିମାନଙ୍କର ଦୈନନ୍ଦିନ ଅନୁଭୂତି ଏହାର ଅନ୍ତର୍ଗତ ଅଟେ । ଏହାର କୌଣସି ନିର୍ଦ୍ଦିଷ୍ଟ ପାଠ୍ୟକ୍ରମ ନଥାଏ । କୌଣସି ବାହ୍ୟରୂପ ବା ନିର୍ଦ୍ଦେଶନା ବିନା ଏହା ପ୍ରତ୍ୟେକ ଶିଶୁକୁ ଶୈକ୍ଷିକ ଅନୁଭୂତି ପ୍ରଦାନ କରିଥାଏ ।

ଗୁଣାବଳୀ :

ଶିକ୍ଷା ଏକ ଜୀବନବ୍ୟାପୀ ପ୍ରକ୍ରିୟା ଅଟେ । ଅନୌପଚାରିକ ଶିକ୍ଷାସଂସ୍ଥା ସାହାଯ୍ୟରେ ବ୍ୟକ୍ତିଟିଏ ଜନ୍ମଠାରୁ ମୃତ୍ୟୁପର୍ଯ୍ୟନ୍ତ ବିଭିନ୍ନ ସମୟରେ କିଛି ନା କିଛି ଶୈକ୍ଷିକ ଅନୁଭୂତି ପ୍ରାପ୍ତ ହୋଇଥାଏ । ଏହି ମାଧ୍ୟମ ଗୁଡ଼ିକର ବ୍ୟକ୍ତିର ସୁଷମ ବିକାଶ କ୍ଷେତ୍ରରେ ପ୍ରମୁଖ ଭୂମିକା ରହିଥାଏ । ଅନୌପଚାରିକ ଶିକ୍ଷା ବ୍ୟବସ୍ଥାର ଗୁରୁତ୍ୱ ସଂପର୍କରେ ଜନ୍ ଡିୱି କହିଛନ୍ତି ଯେ, ଶିଶୁଟିଏ ଅନ୍ୟମାନଙ୍କ ସହ ଏକତ୍ର ବସବାସ କରି ଅନୌପଚାରିକ ଶିକ୍ଷାସଂସ୍ଥା ଦ୍ୱାରା ନିଜକୁ ଶିକ୍ଷିତ କରିଥାଏ । ଏହା ତା'ର ଅଭିଜ୍ଞତାକୁ ବ୍ୟାପକ ତଥା ନୂତନ ଦିଗ ପ୍ରଦାନ କରିଥାଏ । ଏହା କଳ୍ପନାର ପରିବର୍ଦ୍ଧନ କରିବା ସହ ଏହାକୁ ନୂତନ ଜୀବନ ଦେଇଥାଏ । ଏହା ଚିନ୍ତାଧାରାରେ ଦାୟିତ୍ୱବୋଧ, ସଠିକତା ଏବଂ ବ୍ୟାପକତା ସୃଷ୍ଟି କରିଥାଏ । ପୁନଶ୍ଚ ଅନୌପଚାରିକ ଶିକ୍ଷା ସାମାଜିକ ଏବଂ ସାଂସ୍କୃତିକ ଐତିହ୍ୟକୁ ଗୋଟିଏ ପିଢ଼ିରୁ ପରବ ର୍ତ୍ତୀ ପିଢ଼ିକୁ ସ ରିତ କରିଥାଏ । ଔପଚାରିକ ଶିକ୍ଷା ତୁଳନାରେ ଏହା ବ୍ୟାପକ ଭାବେ ଅସଂଗଠିତ ଏବଂ ନମନୀୟ ଅଟେ । ଔପଚାରିକ ଶିକ୍ଷା ପଦ୍ଧତିର ଅନମନୀୟ ନିୟମମାନ ଏଠାରେ ଦେଖିବାକୁ ମିଳେ ନାହିଁ । ଶିଶୁଟିଏ ତା'ର ଜୀବନ ପ୍ରକ୍ରିୟା ମାଧ୍ୟମରେ ବେଶ୍ କିଛି ଜ୍ଞାନ ଆହରଣ କରିଥାଏ ।

ସୀମିତତା/ସୀମାବଦ୍ଧତା :

ଏହା ଅସଂଗଠିତ ମାଧ୍ୟମରେ ଶୈକ୍ଷିକ ଅନୁଭୂତିମାନ ପ୍ରଦାନ କରିଥାଏ ଏବଂ ବ୍ୟକ୍ତିର ବୋଧଶକ୍ତିର ବିକାଶ ନିମି ସାହାଯ୍ୟ କରିପାରେ ନାହିଁ । ଏହାର କୌଣସି ପୂର୍ବ ନିର୍ଦ୍ଧାରିତ ଉଦ୍ଦେଶ୍ୟ ନଥାଏ ବା ଶୈକ୍ଷିକ ଅଭିଜ୍ଞତା ପ୍ରଦାନ ନିମନ୍ତେ ଏହାର କୌଣସି ସ୍ୱତନ୍ତ୍ର ଯୋଜନା ନଥାଏ । ଏହି କାରଣରୁ ପିଲାମାନେ ଅନେକ ସମୟରେ ବିଭିନ୍ନ ବିଷୟପ୍ରତି ନକାରାତ୍ମକ ଦୃଷ୍ଟିଭଙ୍ଗୀ ପୋଷଣ କରିଥା'ନ୍ତି । ଏହା ବୟସ୍କ ବ୍ୟକ୍ତିମାନଙ୍କର ଅନ୍ଧବିଶ୍ୱାସ ହେତୁ ହୋଇଥାଏ ଏବଂ ଅନେକ ସମୟରେ ଏହା ପ୍ରାୟ ଅର୍ଥହୀନ ଜ୍ଞାନ ପ୍ରଦାନ କରିଥାଏ ।

(iii) ଅଣଆନୁଷ୍ଠାନିକ ଶିକ୍ଷା :

ଆନୁଷ୍ଠାନିକ ଶିକ୍ଷା ବ୍ୟବସ୍ଥାର ଅନମନୀୟ ନୀତି ନିୟମ ହେତୁ ଅନେକ ବ୍ୟକ୍ତି ଶିକ୍ଷାରୁ ବ ିତ ହୋଇଥା'ନ୍ତି । ସେହି ବ୍ୟକ୍ତିମାନଙ୍କର ଆବଶ୍ୟକତା ପୂରଣ କରିବା ନିମନ୍ତେ ପାଠ୍ୟକ୍ରମ, ଶିକ୍ଷାଦାନ ପଦ୍ଧତି, ଗଠନ ପ୍ରଣାଳୀ, ସମୟ

ଶିକ୍ଷାଦାନ ଅବଧି, ନାମଲେଖାଇବା ବୟସ ଓ ଶିକ୍ଷାଦାନର ସ୍ଥାନ ଦୃଷ୍ଟିରୁ ଅପେକ୍ଷାକୃତ ନମନୀୟ ଶିକ୍ଷାସଂସ୍ଥାର ଆବଶ୍ୟକତା ଅନୁଭୂତ ହୋଇଥାଏ ଏବଂ ଫଳସ୍ୱରୂପ ଅଣଆନୁଷ୍ଠାନିକ ଶିକ୍ଷା ବ୍ୟବସ୍ଥା ଏହି ପ୍ରକାର ଆବଶ୍ୟକତା ପୂରଣ କରିଥାଏ । ଅଣଆନୁଷ୍ଠାନିକ ଶିକ୍ଷା ଆନୁଷ୍ଠାନିକ ଶିକ୍ଷା ବ୍ୟବସ୍ଥାର ବିକଳ୍ପ ସଦୃଶ ଅଟେ । ଅଣଆନୁଷ୍ଠାନିକ ଶିକ୍ଷା ମୁଖ୍ୟତଃ ଆନୁଷ୍ଠାନିକ ଶିକ୍ଷା ପଦ୍ଧତି ବାହାରେ ପ୍ରଦାନ କରାଯାଇଥାଏ ।

ଅଣ ଆନୁଷ୍ଠାନିକ ଶିକ୍ଷାକେନ୍ଦ୍ର, ଯୁବକ ସଂଘ, ପ୍ରୌଢ଼ ଶିକ୍ଷାକେନ୍ଦ୍ର, ପତ୍ରବିନିମୟ ପାଠ୍ୟକ୍ରମ, ମୁକ୍ତ ବିଦ୍ୟାଳୟ, ନିଶ୍ଚିତ ଶିକ୍ଷା ଯୋଜନା (Education Guarantee Scheme) ଇତ୍ୟାଦି ଏହାର ଅନ୍ତର୍ଭୁକ୍ତ ।

ପ୍ରଲକ୍ଷଣ :

ଅଣଆନୁଷ୍ଠାନିକ ଶିକ୍ଷା ସଂସ୍ଥାର ନିମ୍ନଲିଖିତ ପ୍ରଲକ୍ଷଣମାନ ରହିଛି । ଏହା ମୁଖ୍ୟତଃ ପୂର୍ବ ଯୋଜନା ପ୍ରସୂତ ଅଟେ । ଏହାର ଲକ୍ଷ୍ୟ, ଉଦ୍ଦେଶ୍ୟ, ପାଠ୍ୟକ୍ରମ ଏବଂ ପାଠଦାନ ପଦ୍ଧତି ଇତ୍ୟାଦି ପୂର୍ବରୁ ନିର୍ଦ୍ଧାରିତ ହୋଇଥାଏ । ଏହାର ପ୍ରତ୍ୟେକ କାର୍ଯ୍ୟ ଉଦ୍ଦେଶ୍ୟମୂଳକ ଭାବେ ନିର୍ଦ୍ଦିଷ୍ଟ ଲକ୍ଷ୍ୟର ସହିତ କରାଯାଇଥାଏ । ଶିକ୍ଷାର୍ଥୀର ଆବଶ୍ୟକତା ଅଣଆନୁଷ୍ଠାନିକ ଯୋଜନାର ମୁଖ୍ୟ ବିଚାର୍ଯ୍ୟ ବିଷୟ ଅଟେ । ନିର୍ଦ୍ଦିଷ୍ଟ ଗୋଷ୍ଠୀକୁ ତା'ର ଆବଶ୍ୟକତା ଅନୁଯାୟୀ ଶିକ୍ଷାଦାନ କରାଯାଇଥାଏ ।

ଆନୁଷ୍ଠାନିକ ଶିକ୍ଷାବ୍ୟବସ୍ଥା ଭଳି ଏହାର କୌଣସି ଶ୍ରେଣୀବିଭାଗ ନଥାଏ । ଶିକ୍ଷା ପ୍ରଦାନ ନିମନ୍ତେ କୌଣସି ନିର୍ଦ୍ଦିଷ୍ଟ ସ୍ଥାନ ମଧ୍ୟ ନଥାଏ । ଶିକ୍ଷାର୍ଥୀର ସୁବିଧା ଦୃଷ୍ଟିରୁ ଶିକ୍ଷାଦାନର ସମୟ ଓ ସ୍ଥାନ ଆଦି କେତେକ ବିଷୟ ନିରୂପଣ କରାଯାଇଥାଏ । ନାମଲେଖାପାଇଁ ଏଥିରେ କୌଣସି ନିର୍ଦ୍ଦିଷ୍ଟ ବୟସ ସୀମା ନଥାଏ । ଏହି ବ୍ୟବସ୍ଥାରେ ପୂର୍ଣ୍ଣ ସେବାକାଳୀନ ଶିକ୍ଷକ ମଧ୍ୟ ନଥା'ନ୍ତି । ପାଠ୍ୟକ୍ରମ ନମନୀୟ ହେବା ସହ ଶିକ୍ଷାର୍ଥୀମାନେ ନିଜ ସମୟ ସୁବିଧା ଦୃଷ୍ଟିରୁ ସେମାନଙ୍କ ଅବସର ସମୟରେ ଶିକ୍ଷା ଗ୍ରହଣ କରିଥା'ନ୍ତି ।

ସୁଗୁଣ :

ପ୍ରାଥମିକ ଶିକ୍ଷାର ସାର୍ବଜନୀନକରଣ ନିମନ୍ତେ ଅଣଆନୁଷ୍ଠାନିକ ଶିକ୍ଷା ବ୍ୟବସ୍ଥାର ଅବଦାନ ଅନସ୍ୱୀକାର୍ଯ୍ୟ । ଏହା ୬ରୁ ୧୪ ବର୍ଷ ବୟସର ବିଦ୍ୟାଳୟ ବାହାରେ ଥିବା ଶିକ୍ଷାର୍ଥୀମାନଙ୍କ ପାଇଁ ଉଦ୍ଦିଷ୍ଟ । ଶିକ୍ଷାର୍ଥୀମାନଙ୍କର ଆବଶ୍ୟକତାକୁ ଭିତ୍ତିକରି ଏହାର ପାଠ୍ୟକ୍ରମ ସ୍ଥିର କରାଯାଇଥାଏ । ସମୟ, ସ୍ଥାନ, ଅବଧି, ଉପସ୍ଥାନ ଏବଂ ନାମଲେଖାର ବୟସ ଦୃଷ୍ଟିରୁ ଏହି ଶିକ୍ଷା ବ୍ୟବସ୍ଥା ବେଶ୍ ନମନୀୟ ଓ କୋହଳ ମନୋଭାବ ପୋଷଣ କରିଥାଏ । ଶିକ୍ଷାର୍ଥୀ ତା'ର ନିଜ ସମୟ ଅନୁସାରେ ଶିକ୍ଷାଗ୍ରହଣ କରିଥାଏ । ଏହାର ଏହି ନମନୀୟ ସ୍ୱଭାବ ଶିକ୍ଷାର୍ଥୀମାନଙ୍କୁ ଶିକ୍ଷାଗ୍ରହଣ ନିମନ୍ତେ ମୁକ୍ତ ପରିବେଶ ପ୍ରଦାନ କରିଥାଏ ।

ସୀମାବଦ୍ଧତା :

ଅଣଆନୁଷ୍ଠାନିକ ଶିକ୍ଷା ବ୍ୟବସ୍ଥାରେ ଶିକ୍ଷାର୍ଥୀମାନେ ପୂର୍ଣ୍ଣ ସମୟ ପାଇଁ ଶିକ୍ଷା ଗ୍ରହଣ କରିବାର ସୁଯୋଗ ପାଇ ନଥା'ନ୍ତି । ସେମାନେ ମଧ୍ୟ ଶିକ୍ଷକକଙ୍କ ଠାରୁ ଆବଶ୍ୟକମତେ ସୂଚନା, ଉପଦେଶ ଓ ପରାମର୍ଶ ପାଇବାର ସୁଯୋଗ

ନଥାଏ । ଏହି ବ୍ୟବସ୍ଥାର ଅତ୍ୟଧିକ ନମନୀୟ ସ୍ୱଭାବ ହେତୁ ଶିକ୍ଷାଦାନ ଶିକ୍ଷଣ ପ୍ରକ୍ରିୟାର ଗାମ୍ଭୀର୍ଯ୍ୟ ନଷ୍ଟ ହୋଇଥାଏ । ଆନୁଷ୍ଠାନିକ ଶିକ୍ଷା ବ୍ୟବସ୍ଥା ପରି ଏହାର କୌଣସି ସୁବିଧା ସୁଯୋଗ ନଥାଏ । ଫଳସ୍ୱରୂପ, ଆନୁଷ୍ଠାନିକ ବ୍ୟବସ୍ଥା ତୁଳନାରେ ଏହି ବ୍ୟବସ୍ଥାରେ ଗୁଣବ । ରକ୍ଷା କରାଯାଇ ପାରି ନଥାଏ ।

ତେବେ, ଶିକ୍ଷାର ଏହି ତିନିପ୍ରକାର ସଂସ୍ଥା ପରସ୍ପର ମଧ୍ୟରେ ଉପଯୁକ୍ତ ସମନ୍ୱୟ ପ୍ରତିଷ୍ଠା କରି ବ୍ୟକ୍ତିର ସର୍ବାଙ୍ଗୀନ ବିକାଶ ପାଇଁ ଚେଷ୍ଟା କରିବା ଉଚିତ । ବିଦ୍ୟାଳୟ ଗୁଡ଼ିକ ଉଭୟ ଆନୁଷ୍ଠାନିକ ଓ ଅଣଆନୁଷ୍ଠାନିକ ଶିକ୍ଷାର ମାଧ୍ୟମ ରୂପେ କାର୍ଯ୍ୟ କରିବା ଉଚିତ ।

ସାରାଂଶ :

1) *ଯେଉଁ ଅନୁଷ୍ଠାନ, ସଙ୍ଗଠନ, ସ୍ଥାନବିଶେଷ ବା ସଂସ୍ଥା ବ୍ୟକ୍ତିକୁ ଶୈକ୍ଷିକ ଅଭିଜ୍ଞତା ପ୍ରଦାନ କରିଥାଏ, ସେଗୁଡ଼ିକୁ ଶିକ୍ଷା ସଂସ୍ଥା କୁହାଯାଇଥାଏ ।*

2) *ଶିକ୍ଷା ସଂସ୍ଥାଗୁଡ଼ିକୁ ମୁଖ୍ୟତଃ ଦୁଇଭାଗରେ ବିଭକ୍ତ କରାଯାଇଥାଏ । ତାହା ହେଲା, ସକ୍ରିୟ ଶିକ୍ଷା ସଂସ୍ଥା ଓ ନିଷ୍କ୍ରିୟ ଶିକ୍ଷାସଂସ୍ଥା । ଯେଉଁ ଶିକ୍ଷା ସଂସ୍ଥାରେ ଉଭୟ ଶିକ୍ଷାର୍ଥୀ ଏବଂ ଶିକ୍ଷାର ଉତ୍ସ ମଧ୍ୟରେ ପ୍ରତ୍ୟକ୍ଷ ସଂପର୍କ ସ୍ଥାପନ ସହ ଭାବର ଆଦାନ ପ୍ରଦାନ ହୋଇଥାଏ ତା'କୁ ସକ୍ରିୟ ଶିକ୍ଷାସଂସ୍ଥା କୁହାଯାଇଥାଏ ଏବଂ ଯେଉଁ ଶିକ୍ଷା ସଂସ୍ଥାରେ ଉଭୟଙ୍କ ମଧ୍ୟରେ ପ୍ରତ୍ୟକ୍ଷ ସଂପର୍କ ସ୍ଥାପନର ସୁବିଧା ନଥାଏ, ତା'କୁ ନିଷ୍କ୍ରିୟ ଶିକ୍ଷା ସଂସ୍ଥା କୁହାଯାଇଥାଏ । ବିଦ୍ୟାଳୟ ଏକ ସକ୍ରିୟ ଶିକ୍ଷାସଂସ୍ଥା ଓ ରେଡ଼ିଓ ଏକ ନିଷ୍କ୍ରିୟ ଶିକ୍ଷା ସଂସ୍ଥାର ଉଦାହରଣ ଅଟେ ।*

3) *ଶିକ୍ଷା ସଂସ୍ଥାଗୁଡ଼ିକୁ ପୁନଶ୍ଚ ଆନୁଷ୍ଠାନିକ ବା ଔପଚାରିକ, ଅନୌପଚାରିକ ଏବଂ ଅଣ ଆନୁଷ୍ଠାନିକ ଏହିପରି ତିନିଭାଗରେ ବିଭକ୍ତ କରାଯାଇଅଛି । ଯେଉଁ ଅନୁଷ୍ଠାନଗୁଡ଼ିକ କେବଳ ଶିକ୍ଷାପ୍ରଦାନ ନିମନ୍ତେ ସୃଷ୍ଟି କରାଯାଇଛି, ସେଗୁଡ଼ିକୁ ଆନୁଷ୍ଠାନିକ ଶିକ୍ଷା ସଂସ୍ଥା କୁହାଯାଇଥାଏ । ଉଦାହରଣ ସ୍ୱରୂପ, ବିଦ୍ୟାଳୟ । ମାତ୍ର ଯେଉଁ ସଂସ୍ଥାଗୁଡ଼ିକ ଆକସ୍ମିକ ଭାବରେ ଶିକ୍ଷାପ୍ରଦାନ କରିଥାନ୍ତି ସେଗୁଡ଼ିକୁ ଅନୌପଚାରିକ ମାଧ୍ୟମ କୁହାଯାଇଥାଏ । ଉଦାହରଣ ସ୍ୱରୂପ, ଗୃହ ବା ପରିବାର । ଯେଉଁ ଶିକ୍ଷା ସଂସ୍ଥା ଗୁଡ଼ିକର ଗଠନ, ପାଠ୍ୟକ୍ରମ, ସମୟ, ଶିକ୍ଷାଦାନ ଅବଧି ଏବଂ ନାମଲେଖା ସମୟ ଇତ୍ୟାଦି ନମନୀୟ ସେଗୁଡ଼ିକୁ ଅଣଆନୁଷ୍ଠାନିକ ଶିକ୍ଷାସଂସ୍ଥା କୁହାଯାଇଥାଏ । ଉଦାହରଣ ସ୍ୱରୂପ, ନିଶ୍ଚିତ ଶିକ୍ଷା ଯୋଜନା, ପ୍ରୌଢ଼ଶିକ୍ଷା କେନ୍ଦ୍ର ଇତ୍ୟଦି ।*

ପ୍ରଶ୍ନାବଳୀ

1. **ନିମ୍ନରେ ଦିଆଯାଇଥିବା ସମ୍ଭାବ୍ୟ ଉ ରଗୁଡ଼ିକ ମଧ୍ୟରୁ ଠିକ୍ ଉ ରଟି ବାଛି ଲେଖ ।**

(କ) **ଅନୌପଚାରିକ ଶିକ୍ଷାର ଏକ ଉତ୍କୃଷ୍ଟ ସାଧନ ହେଉଛି**

i) ବିଦ୍ୟାଳୟ

ii) ପରିବାର

iii) କ୍ଲବ୍

iv) ଟେଲିଭିଜନ୍

(ଖ) **ସମ୍ବାଦପତ୍ର କେଉଁ ପ୍ରକାର ଶିକ୍ଷା ସାଧନ ଅଟେ ?**

i) ଔପଚାରିକ

ii) ଅନୌପଚାରିକ

iii) ଅଣାନୁଷ୍ଠାନ

iv) ଉପରୋକ୍ତ କୌଣସିଟି ନୁହେଁ

2. **ରେଖାଙ୍କିତ ଶବ୍ଦ ନ ବଦଳାଇ ଭ୍ରମ ସଂଶୋଧନ କର ।**

i) **ଦୂରଦର୍ଶନ** ଶିକ୍ଷାର ଏକ ଔପଚାରିକ ପ୍ରତିଷ୍ଠାନ ଅଟେ ।

ii) **ପାଠାଗାର** ଶିକ୍ଷାର ଏକ ଔପଚାରିକ ମାଧ୍ୟମ ଅଟେ ।

iii) **ନମନୀୟତା** ଔପଚାରିକ ଶିକ୍ଷା ସଂସ୍ଥାର ଏକ ବୈଶିଷ୍ଟ୍ୟ ଅଟେ ।

iv) **ପତ୍ର ବିନିମୟ ଶିକ୍ଷା** ଏକ ଅନୌପଚାରିକ ଶିକ୍ଷା ସଂସ୍ଥା ଅଟେ ।

3. **ପ୍ରତ୍ୟେକ ଉପପ୍ରଶ୍ନର ଉ ର ଦୁଇ କିମ୍ବା ତିନିଗୋଟି ବାକ୍ୟରେ ପ୍ରଦାନ କର ।**

i) ସକ୍ରିୟ ଶିକ୍ଷା ସଂସ୍ଥା କହିଲେ କ'ଣ ବୁଝାଯାଏ ?

ii) ନିଷ୍କ୍ରିୟ ଶିକ୍ଷା ସଂସ୍ଥା କହିଲେ କ'ଣ ବୁଝାଯାଏ ?

iii) ଔପଚାରିକ ଶିକ୍ଷା ସଂସ୍ଥାର ଅର୍ଥ କ'ଣ ?

iv) ଅନୌପଚାରିକ ଶିକ୍ଷା ସଂସ୍ଥା କହିଲେ କ'ଣ ବୁଝାଯାଏ ?

4. **ପ୍ରତ୍ୟେକ ଉପପ୍ରଶ୍ନର ଉ ର ଛଅଗୋଟି ବାକ୍ୟରେ ପ୍ରଦାନ କର ।**

i) ଔପଚାରିକ ଓ ଅନୌପଚାରିକ ଶିକ୍ଷା ସଂସ୍ଥା ମଧ୍ୟରେ ପାର୍ଥକ୍ୟ ଦର୍ଶାଅ ।

ii) ଅଣାନୁଷ୍ଠାନିକ ଶିକ୍ଷା ସଂସ୍ଥାର ଯେ କୌଣସି ଛଅଗୋଟି କାର୍ଯ୍ୟ ଉଲ୍ଲେଖ କର ।

iii) ସକ୍ରିୟ ଓ ନିଷ୍କ୍ରିୟ ଶିକ୍ଷା ସଂସ୍ଥା ମଧ୍ୟରେ ପାର୍ଥକ୍ୟ ଦର୍ଶାଅ ।

5. **ନିମ୍ନଲିଖିତ ପ୍ରଶ୍ନର ଉ ର ଦିଅ ।**

i) ଉଦାହରଣ ସହ ବିଭିନ୍ନ ଶିକ୍ଷାସଂସ୍ଥାର ପ୍ରକୃତି ଓ କାର୍ଯ୍ୟଧାରା ସଂପର୍କରେ ବର୍ଣ୍ଣନା କର ।

ii) ଉଦାହରଣ ସହ ଅଣାନୁଷ୍ଠାନିକ ଶିକ୍ଷା ସଂସ୍ଥାର ଅର୍ଥ, ପରିସର ଓ ଗୁରୁତ୍ୱ ବର୍ଣ୍ଣନା କର ।

iii) ଉଭୟ ଆନୁଷ୍ଠାନିକ ଓ ଅନୌପଚାରିକ ଶିକ୍ଷାସଂସ୍ଥାର ଗଠନାତ୍ମକ ଓ କାର୍ଯ୍ୟାତ୍ମକ ପ୍ରଲକ୍ଷଣଗୁଡ଼ିକ ମଧ୍ୟରେ ଏକ ତୁଳନାତ୍ମକ ବିବରଣୀ ପ୍ରଦାନ କର ।

●

1.3.3 ଶିକ୍ଷାର କେତେଗୋଟି ଗୁରୁତ୍ୱପୂର୍ଣ୍ଣ ମାଧ୍ୟମ :

1.3.4 ଗୃହ / ପରିବାର :

ଗୃହ ବା ପରିବାର ଶିକ୍ଷାର ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ଅନୌପଚାରିକ ସକ୍ରିୟ ମାଧ୍ୟମ ଅଟେ । ଶିଶୁଟିଏ ପରିବାରରେ ପିତାମାତା ଏବଂ ଅନ୍ୟାନ୍ୟ ଗୁରୁଜନମାନଙ୍କ ପ୍ରତ୍ୟକ୍ଷ ତ ାବଧାନରେ ପାଳିତ ହୋଇଥାଏ । ପରିବାର ଶିଶୁଟିର ଶୈକ୍ଷିକ ଜୀବନର ମୂଳଦୁଆ ପକାଇଥାଏ । ପରିବାର ହିଁ ମୁଖ୍ୟ ସାମାଜିକ ଅନୁଷ୍ଠାନ ଯେଉଁଥିରୁ ଅନ୍ୟାନ୍ୟ ସାମାଜିକ ଅନୁଷ୍ଠାନ ଗୁଡ଼ିକ ଉତ୍ପ ି ଲାଭ କରିଛି । ଉକ୍ତ ସମ୍ପର୍କ ବିଶିଷ୍ଟ ବ୍ୟକ୍ତିମାନେ ଏଠାରେ ଏକତ୍ର ବସବାସ କରନ୍ତି ଓ ସେମାନେ ସେମାନଙ୍କର ଉନ୍ନତି ତଥା ବିକାଶ ନିମନ୍ତେ ପାରସ୍ପରିକ ସମ୍ପର୍କ ରଖିଥା'ନ୍ତି ।

ପରିବାର ଶିଶୁଟିର ସାମାଜିକୀକରଣରେ ଉଭୟ ଘରେ ଏବଂ ଘର ବାହାରେ ମୁଖ୍ୟ ଭୂମିକା ନିର୍ବାହ କରିଥାଏ । ମୌଳିକ ଶିକ୍ଷା ପ୍ରଦାନ କ୍ଷେତ୍ରରେ ଗୃହସହ ଅନ୍ୟକୌଣସି ଶିକ୍ଷାନୁଷ୍ଠାନ ସମାନ ହୋଇପାରିବେ ନାହିଁ । ଏହି ଶୈକ୍ଷିକ ଅଭିଜ୍ଞତା ମାଧ୍ୟମରେ ଶିଶୁଟିର ମଧ୍ୟ ନାଗରିକତା ସମ୍ପର୍କୀୟ ଜ୍ଞାନ ଏବଂ ମାନବିକ ମୂଲ୍ୟବୋଧର ବିକାଶ ସାଧନ ହୋଇଥାଏ । ପରିବାର ହିଁ ଶିଶୁଟିର ପ୍ରଥମ ବିଦ୍ୟାଳୟ ସଦୃଶ । ମାଆମାନେ ଶିଶୁର ପ୍ରଥମ ଶିକ୍ଷାଦାତ୍ରୀ । ପରିବାରର ଅନୌପଚାରିକ ଶିକ୍ଷା ପରବ ର୍ତ୍ତୀ ପର୍ଯ୍ୟାୟରେ ଶିଶୁର ଜୀବନକୁ ବେଶ୍ ପ୍ରଭାବିତ କରିଥାଏ । ଏହି ପରିପ୍ରେକ୍ଷୀରେ ଏକ ଶୈକ୍ଷିକ ମାଧ୍ୟମ ରୂପେ ପରିବାରର କାର୍ଯ୍ୟ ଗୁଡ଼ିକ ନିମ୍ନରେ ଆଲୋଚନା କରାଯାଇଅଛି ।

(i) ପରିବାରର ଭୂମିକା :

ଶିଶୁଟିର ବିକାଶ ନିମନ୍ତେ ପରିବାରର ଭୂମିକାକୁ ନ୍ୟୁନ ଦୃଷ୍ଟିରେ ଦେଖାଯାଇପାରିବ ନାହିଁ । ଏହାର ଅନେକ ଶୈକ୍ଷିକ କାର୍ଯ୍ୟ ରହିଥାଏ । ଶୈକ୍ଷିକ ଅଭିଜ୍ଞତା ଗ୍ରହଣ କରିବା ନିମନ୍ତେ ଶିଶୁର ଏକ ସୁସ୍ଥ ତଥା ବଳିଷ୍ଠ ମନ ଆବଶ୍ୟକ ହୋଇଥାଏ ଏବଂ ଏହି ପ୍ରକାର ବଳିଷ୍ଠ ତଥା ସୁସ୍ଥ ମନ କେବଳ ଏକ ବଳିଷ୍ଠ ଶରୀର ଦ୍ୱାରା ହିଁ ସମ୍ଭବ ହୋଇଥାଏ । ଶରୀରର ସୁସ୍ଥ ବିକାଶ ବ୍ୟତିରେକ ଜଣେ ମାନସିକ ସ୍ତରରେ ସୁସ୍ଥ ରହିପାରିବ ନାହିଁ । ଏଣୁ ଉପଯୁକ୍ତ ଶାରୀରିକ ବିକାଶ ଶିକ୍ଷାଗ୍ରହଣ କରିବାର ପ୍ରାଥମିକ ଆବଶ୍ୟକତା ଅଟେ । ପରିବାରରେ ପିତାମାତା ଏବଂ ଅନ୍ୟାନ୍ୟ ଗୁରୁଜନମାନେ ଶିଶୁଟିର ସ୍ୱାସ୍ଥ୍ୟର ସମସ୍ତ ଯତ୍ନ ନେଇଥା'ନ୍ତି । ଶିଶୁଟିଏ ପରିବାରରେ ତା'ର ପ୍ରାଥମିକ ଆବଶ୍ୟକତା ଯଥା, ଖାଦ୍ୟ, ବସ୍ତ୍ର, ବାସଗୃହ, ନିରାପ । ଓ ସ୍ନେହଶ୍ରଦ୍ଧା ଇତ୍ୟାଦି ପାଇଥାଏ । ପରିବାର ବା ଗୃହ ଶିଶୁକୁ ସମସ୍ତ ସ୍ୱାସ୍ଥ୍ୟଗତ ସୁବିଧା ସୁଯୋଗ ପ୍ରଦାନ କରିଥାଏ । ଗୃହ ପରିବେଶରୁ ପିଲାଟିଏ ସମସ୍ତ ସଦ୍‌ଗୁଣ ସଂପର୍କରେ ଶିକ୍ଷାଲାଭ କରିଥାଏ । ପରିଷ୍କାର ପରିଚ୍ଛନ୍ନତା ଇତ୍ୟାଦି ସେ ପରିବାର ମଧ୍ୟରୁ ଶିଖିଥାଏ । ଗୃହ ଶିଶୁର ଉ ମ ସ୍ୱାସ୍ଥ୍ୟ ନିମି ସମସ୍ତ ପ୍ରାକ୍ ସତର୍କତା ଅବଲମ୍ବନ କରିଥାଏ । ଶିଶୁଟିଏ ବ୍ୟାୟାମ ଓ ଯୋଗ ଆଦିର ଉପକାରିତା ସଂପର୍କରେ ଏହିଠାରୁ ଶିକ୍ଷାଲାଭ କରିଥାଏ । ଏ ସମସ୍ତ ଶିଶୁର ଉପଯୁକ୍ତ ଶାରୀରିକ ତଥା ମାନସିକ ବିକାଶ ସାଧନ କରିଥାଏ ।

(ii) ସାମାଜିକ ବିକାଶ :

ଗୃହ ସର୍ବପ୍ରଥମ ସାମାଜିକ ପ୍ରତିଷ୍ଠାନ / ଅନୁଷ୍ଠାନ ଅଟେ । ଗୃହର ଅନ୍ୟାନ୍ୟ ସଦସ୍ୟମାନଙ୍କ ସହ ଭାବର ଆଦାନ ପ୍ରଦାନ ମାଧ୍ୟମରେ ଶିଶୁଟିଏ ବିଭିନ୍ନ ସାମାଜିକ ଗୁଣାବଳୀ ଓ ମୂଲ୍ୟବୋଧ ସଂପର୍କରେ ଶିକ୍ଷାଲାଭ କରିଥାଏ । ସେ

କ୍ରମଶଃ ତା'ର ସମାଜ ସଂପର୍କରେ ସଜାଗ ହୋଇଯାଇଥାଏ ଏବଂ ବିଭିନ୍ନ ସାମାଜିକ ମୂଲ୍ୟବୋଧ ଯଥା, ଦୟା, ପ୍ରେମ, ସହନଶୀଳତା, ସହଯୋଗ ଓ ଭ୍ରାତୃଭାବ ଇତ୍ୟାଦି ନିଜ ଭିତରେ ବିକାଶ କରିଥାଏ । ଶିକ୍ଷାର ଏକ ଗୁରୁତ୍ୱପୂର୍ଣ୍ଣ ଉଦ୍ଦେଶ୍ୟ ହେଉଛି ଶିଶୁଟିର ସମାଜିକୀକରଣ । ବିଭିନ୍ନ ସମାଜ ଉପଯୋଗୀ ଗୁଣର ବିକାଶ ବିନା ଶିଶୁଟି ସମାଜର ବିଭିନ୍ନ ପରିବେଶ ସହ ସମଯୋଜନ କରି ଚଳିପାରି ନଥାଏ । ତେଣୁ ଗୃହର ସାମାଜିକୀକରଣର ସର୍ବପ୍ରଥମ ଓ ସର୍ବୋତ୍କୃଷ୍ଟ ମାଧ୍ୟମ ଅଟେ । ବିଭିନ୍ନ ସାମାଜିକ ଦାୟିତ୍ୱ କିପରି ଗ୍ରହଣ ନିର୍ବାହ କରାଯାଇଥାଏ, ତାହା ଶିଶୁଟି ଗୃହରୁ ଶିଖିଥାଏ । ଏଣୁ ଶିଶୁଟିର ସାମାଜିକ ବିକାଶ ନିମନ୍ତେ ଗୃହ ଏକ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ ।

(iii) ନୈତିକ ବିକାଶ :

ଶିଶୁର ନୈତିକ ବିକାଶ ନିମି ଗୃହ ସର୍ବୋତ୍କୃଷ୍ଟ ମାଧ୍ୟମ ଅଟେ । ଗୃହରେ ହିଁ ଶିଶୁଟିଏ ବିଭିନ୍ନ ନୈତିକ ମୂଲ୍ୟବୋଧ ଯଥା ସାଧୁତା, ସତ୍ୟତା, ଦୟା ଓ କ ର୍ବ୍ୟପରାୟଣତା ଇତ୍ୟାଦି ଶିଖିଥାଏ । ଗୃହର ଅନ୍ୟାନ୍ୟ ବୟସ୍କ ବ୍ୟକ୍ତିମାନଙ୍କ ସଂସ୍ପର୍ଶରେ ଆସିବା ମାଧ୍ୟମରେ ଶିଶୁଟି ମଧ୍ୟରେ ଏ ସମସ୍ତ ମୂଲ୍ୟବୋଧର ବିକାଶ ସାଧନ ହୋଇଥାଏ । ମୂଲ୍ୟବୋଧର ବିକାଶ କ୍ଷେତ୍ରରେ ବୟସ୍କ ବ୍ୟକ୍ତିମାନଙ୍କ ଉପଦେଶ ବେଶ୍ ଉପଯୋଗୀ ସାବ୍ୟସ୍ତ ହୋଇଥାଏ । ସଂକ୍ଷେପରେ କହିବାକୁ ଗଲେ ଗୃହ ଶିଶୁର ଚରିତ୍ରଗଠନ ହିଁ କରିଥାଏ ।

(iv) ଭାଷାର ବିକାଶ :

ବ୍ୟକ୍ତିର ମାନସିକ ବିକାଶ ଦୃଷ୍ଟିକୋଣରୁ ଭାଷାର ବିକାଶ ଅତୀବ ଗୁରୁତ୍ୱପୂର୍ଣ୍ଣ । ଭାଷା ହିଁ ସମସ୍ତ ପ୍ରକାର ଯୋଗାଯୋଗ ଏବଂ ଚିନ୍ତନ ପ୍ରକ୍ରିୟାର ବଳିଷ୍ଠ ମାଧ୍ୟମ ଅଟେ । ଭାଷାଗତ ଦକ୍ଷତା ବିନା ମାନସିକ ବିକାଶ, ବ୍ୟକ୍ତିତ୍ୱ ବିକାଶ ଓ ସାମାଜିକ ବିକାଶ ଗଭୀର ଭାବେ ପ୍ରଭାବିତ ହୋଇଥାଏ । ଶୈକ୍ଷିକ ବିକାଶର ଦୁଇଟି ମୁଖ୍ୟ ଉପାଦାନ ଯଥା ପଠନ ଓ ଲିଖନ କୌଶଳ ଉପଯୁକ୍ତ ଭାଷାଗତ ଦକ୍ଷତା ବିନା ସମ୍ଭବ ହୋଇ ନଥାଏ । ଶିଶୁଟିଏ ପରିବାର ମଧ୍ୟରେ ତା'ର ଭାବ ପ୍ରକାଶ କରିଥାଏ । ଏହା ଶିଶୁର ମାତୃଭାଷା ଶିକ୍ଷଣର ମୂଳଦୁଆ ପକାଇଥାଏ । ଶୈକ୍ଷିକ ଦୃଷ୍ଟିକୋଣରୁ ସମସ୍ତ ସୁବିଧା ସୁଯୋଗରୁ ବ ତ ପରିବାରର ଶିଶୁମାନେ ବିଭିନ୍ନ ଶବ୍ଦକୁ କିପରି ସ୍ପଷ୍ଟଭାବେ ଉଚ୍ଚାରଣ କରାଯାଇଥାଏ ତାହା ମଧ୍ୟ ଜାଣିପାରି ନଥାନ୍ତି । ବିଦ୍ୟାଳୟ ପରବ ର୍ତ୍ତୀ ଅବସ୍ଥାରେ ଏ ସମସ୍ତ ଭ୍ରମକୁ ଦୂର କରିଥାଏ ଏବଂ ଶିଶୁର ଶବ୍ଦ ଭଣ୍ଡାରକୁ ସୁଦୃଢ଼ କରିଥାଏ ।

(v) ମାନସିକ ବିକାଶ :

ମାନସିକ ବିକାଶ କହିଲେ ଭାଷା ଏବଂ ବୁଦ୍ଧିର ବିକାଶ ସହ ପର୍ଯ୍ୟବେକ୍ଷଣ, କଳ୍ପନାଶକ୍ତି, ଚିନ୍ତନ ପ୍ରକ୍ରିୟା, ଇତ୍ୟାଦିର ବିକାଶକୁ ବୁଝାଇଥାଏ । ଶିଶୁମାନେ ମୁଖ୍ୟତଃ ବିଭିନ୍ନ ବିଷୟ ଜାଣିବା ପାଇଁ ଆଗ୍ରହ ପ୍ରକାଶ କରିଥା'ନ୍ତି । ସେମାନେ ବିଭିନ୍ନ ବସ୍ତୁ ସମ୍ପର୍କରେ ବିଭିନ୍ନ ପ୍ରଶ୍ନମାନ ପଚାରିଥା'ନ୍ତି । ସମାଜର ବିଭିନ୍ନ ବୟସ୍କ ବ୍ୟକ୍ତି ଏବଂ ପରିସ୍ଥିତି ସହିତ ଭାବବିନିମୟ ଦ୍ୱାରା ଶିଶୁଟିର ଅଭିଜ୍ଞତା ଏବଂ ମାନସିକ ବିକାଶ ପରିବ୍ୟାପ୍ତ ହୋଇଥାଏ । ଗୃହରେ ଭାଷାର ବିକାଶ ଦ୍ୱାରା ଶିଶୁର ଚିନ୍ତନ ଦକ୍ଷତାର ବିକାଶ ସାଧନ ହୋଇଥାଏ । ଏହି ଚିନ୍ତନ ପ୍ରକ୍ରିୟା ଶିଶୁର ମାନସିକ ବିକାଶକୁ ତ୍ୱରାନ୍ୱିତ କରିଥାଏ ।

(vi) ଆଧ୍ୟାତ୍ମିକ ବିକାଶ :

ବ୍ୟକ୍ତିର ସୁଷମ ବିକାଶ ନିମନ୍ତେ ଶିକ୍ଷା ଏକ ସର୍ବଶ୍ରେଷ୍ଠ ପ୍ରକ୍ରିୟା ବା ମାଧ୍ୟମ ଅଟେ । ଉପଯୁକ୍ତ ଆଧ୍ୟାତ୍ମିକ ବିକାଶ ବିନା ବ୍ୟକ୍ତିର ସୁଷମ ବିକାଶ ପୂର୍ଣ୍ଣତା ଲାଭ କରିପାରେ ନାହିଁ । ଆଧ୍ୟାତ୍ମିକ ବିକାଶ କହିଲେ, ଈଶ୍ୱର ତଥା ମହାଜାଗତିକ ଶକ୍ତିରେ ବିଶ୍ୱାସର ବିକାଶକୁ ବୁଝାଇଥାଏ । ଏହା ସହନଶୀଳତାର ବିକାଶ ସାଧନ କରିବା ସହ ଅନ୍ୟ ଧର୍ମ ପ୍ରତି ବ୍ୟକ୍ତି ମଧ୍ୟରେ ଉପଯୁକ୍ତ ସମ୍ମାନ ସୃଷ୍ଟି କରିଥାଏ । ସାଧାରଣତଃ, ପରିବାର ହିଁ ଶିଶୁଟି ମଧ୍ୟରେ ଆଧ୍ୟାତ୍ମିକ ମୂଲ୍ୟବୋଧର ବିକାଶ ସାଧନ କରିଥାଏ । ପରିବାରର ସଭ୍ୟମାନଙ୍କର ଏକ ନିର୍ଦ୍ଦିଷ୍ଟ ଧର୍ମ ପ୍ରତି ବିଶ୍ୱାସ ଥାଏ ଏବଂ ସେମାନେ ବିଭିନ୍ନ ଧାର୍ମିକ ସ୍ଥାନମାନ ଦର୍ଶନ କରିଥା'ନ୍ତି । ଶିଶୁଟି ପରିବାରର ସଦସ୍ୟମାନଙ୍କ ସହ ସେହି ଧାର୍ମିକ ସ୍ଥାନଗୁଡ଼ିକ ଦର୍ଶନ କରିଥାଏ ଏବଂ ତାହାର ବିଭିନ୍ନ କାର୍ଯ୍ୟକ୍ରମ ସହିତ ନିଜକୁ ସାମିଲ୍ କରିଥାଏ । ପରିବାରର ଧାର୍ମିକ କାର୍ଯ୍ୟକ୍ରମରେ ମଧ୍ୟ ସେ ସକ୍ରିୟ ଅଂଶଗ୍ରହଣ କରିଥାଏ । ଏ ସମସ୍ତ ଅଭିଜ୍ଞତା ଶିଶୁଟିର ଆଧ୍ୟାତ୍ମିକ ବିକାଶରେ ଯଥେଷ୍ଟ ସାହାଯ୍ୟ କରିଥାଏ । ଫଳରେ, ଶିଶୁଟି କ୍ରମଶଃ ଭଗବାନଙ୍କର ସ ାକୁ ବିଶ୍ୱାସ କରିଥାଏ ଏବଂ ତାଙ୍କର ଉପାସନା ଦିଗରେ ମନ ଦେଇଥାଏ ।

(vii) ସାଂସ୍କୃତିକ ବିକାଶ :

ଶିଶୁଟି ପରିବାରର ଅନ୍ୟାନ୍ୟ ସଦସ୍ୟମାନଙ୍କ ସହ ମିଶି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ଭାଗ ନେଇଥାଏ । ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିବା ମାଧ୍ୟମରେ ଶିଶୁଟିର ପରିବାର ଏବଂ ଗୋଷ୍ଠୀର ବିଭିନ୍ନ ପ୍ରଥା ଏବଂ ପରମ୍ପରା ସଂପର୍କରେ ଉପଯୋଗୀ ଶୈକ୍ଷିକ ଅଭିଜ୍ଞତା ଅର୍ଜନ କରିଥାଏ । ପରିବାର ଶିଶୁଟିର ସାଂସ୍କୃତିକ ବିକାଶ ନିମନ୍ତେ ଉଦ୍ଦେଶ୍ୟମୂଳକ ଭାବେ କୌଣସି ଉଦ୍ୟମ କରିନଥାଏ । ଶିଶୁଟି ବିଭିନ୍ନ ସଂସ୍କୃତି ଏବଂ ପରମ୍ପରା ସଂପର୍କରେ ପରିବାର ମଧ୍ୟରେ ଆକସ୍ମିକ ଭାବେ ଜ୍ଞାନ ଅର୍ଜନ କରିଥାଏ ।

(viii) ବୃତ୍ତିକ ଶିକ୍ଷା :

ଆମ ଦେଶରେ ଅଧିକାଂଶ ପରିବାର ସେମାନଙ୍କର ପାରିବାରିକ ବୃତ୍ତିକୁ ଆଦରି ନେଇଥା'ନ୍ତି । ଏହି ପରିବାରର ଶିଶୁମାନେ ପରିବାରର ବୃତ୍ତି ସହିତ ଜଡ଼ିତ ବିଭିନ୍ନ କୌଶଳ ଗୁଡ଼ିକୁ ଆୟ କରିଥା'ନ୍ତି । କେତେକ ସେମାନଙ୍କର ପିତାମାତାଙ୍କଠାରୁ ଏକ ନିର୍ଦ୍ଦିଷ୍ଟ ବୃତ୍ତି ସଂପର୍କରେ ତାଲିମ୍ ପାଇଥା'ନ୍ତି ଏବଂ ସେହି ବୃତ୍ତିକୁ ନିଜର ପେଶା ରୂପେ ଗ୍ରହଣ କରିନିଅନ୍ତି । ଉଦାହରଣ ସ୍ୱରୂପ, ବୁଣାକାର ସମ୍ପ୍ରଦାୟର ଶିଶୁମାନେ ଲୁଗା ବୁଣିବା କାର୍ଯ୍ୟ ଶିଖିଥା'ନ୍ତି ଏବଂ ଏହାକୁ ମଧ୍ୟ ନିଜର ଭବିଷ୍ୟତ ବୃତ୍ତି ରୂପେ ଗ୍ରହଣ କରିନିଅନ୍ତି । ଏହି କ୍ରମରେ ଜଣେ ବଢ଼େଇର ପୁଅ କାଠ କାମକୁ ନିଜର ବୃତ୍ତିରୂପେ ଗ୍ରହଣ କରିନିଏ । ବାଳିକାମାନେ ସେମାନଙ୍କ ମାତାଙ୍କଠାରୁ ଘରକରଣା ସମ୍ପର୍କରେ ତାଲିମ୍ ପାଇଥା'ନ୍ତି । ପୁନଶ୍ଚ ଶିଶୁମାନଙ୍କ ମଧ୍ୟରେ ଶାରୀରିକ ଶ୍ରମ ଏବଂ କଠିନ କାର୍ଯ୍ୟ ପ୍ରତି ସକାରାତ୍ମକ ମନୋବୃତ୍ତିର ବିକାଶ ଦିଗରେ ଗୃହ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ ।

(ix) ନାଗରିକତ୍ୱ ଶିକ୍ଷା :

ଗଣତନ୍ତ୍ରର ସଫଳତା ନିମନ୍ତେ ଉପଯୁକ୍ତ ନାଗରିକତ୍ୱ ଶିକ୍ଷା ଏକାନ୍ତ ଗୁରୁତ୍ୱପୂର୍ଣ୍ଣ । ନାଗରିକତ୍ୱ ଶିକ୍ଷା କର୍ତ୍ତବ୍ୟ ସଚେତନତା, ଦାୟିତ୍ୱବୋଧ ଏବଂ ଗଣତାନ୍ତ୍ରିକ ସମାଜରେ ନାଗରିକର ଅଧିକାର ସଂପର୍କିତ ସଚେତନତାକୁ ବୁଝାଇଥାଏ ।

ପ୍ରତ୍ୟେକ ବ୍ୟକ୍ତି ରାଷ୍ଟ୍ର ବା ସମାଜ ପ୍ରତି ଉପଯୁକ୍ତ ସମ୍ମାନ ପ୍ରଦର୍ଶନ କରିବା ସହ ଏହାର ଦାୟିତ୍ୱ ଗ୍ରହଣ କରିବା ନିମି ପ୍ରସ୍ତୁତ ଥିବା ଆବଶ୍ୟକ । ସେ ରାଷ୍ଟ୍ରର ହିତ ପାଇଁ ନିଜର ସ୍ୱାର୍ଥତ୍ୟାଗ କରିବା ନିମି ପ୍ରସ୍ତୁତ ଥିବା ଉଚିତ । ସାଧାରଣତଃ, ପରିବାର ଶିଶୁଟିକୁ ନାଗରିକର ଅଧିକାର ଏବଂ କ ର୍ବ୍ୟ ସଂପର୍କରେ ପ୍ରଥମ ଜ୍ଞାନ ଓ ସୂଚନାମାନ ପ୍ରଦାନ କରିଥାଏ । ଦାୟିତ୍ୱବୋଧ ସଂପର୍କରେ ଶିଶୁଟିଏ ପରିବାର ମଧ୍ୟରୁ ଶିକ୍ଷାଲାଭ କରିଥାଏ । ଅନ୍ୟମାନଙ୍କ ନିମନ୍ତେ ସେ ନିଜର ବ୍ୟକ୍ତିଗତ ସ୍ୱାର୍ଥତ୍ୟାଗ କରିବା ପାଇଁ ପ୍ରସ୍ତୁତ ହୋଇଥାଏ । ବୟସ୍କ ଲୋକମାନଙ୍କୁ ଅନୁଧ୍ୟାନ କରିବା ମାଧ୍ୟମରେ ଶିଶୁଟିଏ ତା'ର ବିଭିନ୍ନ କ ର୍ବ୍ୟବୋଧ ସଂପର୍କରେ ଜ୍ଞାନଲାଭ କରିଥାଏ । ଶିଶୁଟି ନାଗରିକତ୍ୱ ଶିକ୍ଷା ସଂପର୍କରେ ପରିବାର ମଧ୍ୟରେ ସମସ୍ତ ପ୍ରକାର ଶୈକ୍ଷିକ ଅଭିଜ୍ଞତା ମାନ ଗ୍ରହଣ କରିଥାଏ ।

(x) ବ୍ୟକ୍ତିତ୍ୱର ବିକାଶ :

ସାଧାରଣତଃ, ବ୍ୟକ୍ତିତ୍ୱ କହିଲେ ଆମେମାନେ ଜଣେ ବ୍ୟକ୍ତି ଅନ୍ୟମାନଙ୍କ ଉପରେ ଯେଉଁ ପ୍ରଭାବ ପକାଇଥାଏ, ତା'କୁ ବୁଝିଥାଉ । ଏହି ପରିପ୍ରେକ୍ଷୀରେ ଶିକ୍ଷାର ଏକ ପ୍ରମୁଖ ଲକ୍ଷ୍ୟ ହେଉଛି ବ୍ୟକ୍ତିତ୍ୱର ପରିପ୍ରକାଶ । ବ୍ୟକ୍ତିତ୍ୱ ବିଭିନ୍ନ ପରିବେଶରେ ବ୍ୟକ୍ତିର ସମଯୋଜନ ପ୍ରକ୍ରିୟାକୁ ପ୍ରଭାବିତ କରିଥାଏ । ଏକ ସୁଷମ ବ୍ୟକ୍ତିତ୍ୱ ଶୈକ୍ଷିକ ବିକାଶକୁ ବହୁଳ ମାତ୍ରାରେ ପ୍ରଭାବିତ କରିଥାଏ ଏବଂ ଶିଶୁଟିର ବ୍ୟକ୍ତିତ୍ୱର ବିକାଶ ନିମି ପରିବାରର ଭୂମିକା ଅନସ୍ୱୀକାର୍ଯ୍ୟ । ସ୍ନେହ, ପ୍ରେମ ଓ ନିରାପ । ଗୋଟିଏ ଶିଶୁର ମୌଳିକ ମନସ୍ତାତ୍ତ୍ୱିକ ଆବଶ୍ୟକତା ଏବଂ ଏହା ପାରିବାରିକ ପରିବେଶ ମଧ୍ୟରୁ ଶିଶୁକୁ ଉପଲବ୍ଧ ହୋଇଥାଏ । ଏହା ଶିଶୁଟି ମଧ୍ୟରେ ସକାରାତ୍ମକ ଚିନ୍ତାଧାରାର ବିକାଶ କରିବା ସହ, ତା' ମଧ୍ୟରେ ଆତ୍ମ-ପ୍ରତ୍ୟୟ ଭାବର ବିକାଶ ଘଟାଇଥାଏ । ଗୃହର ପରିବେଶରେ ଶିଶୁଟି ଉ ମ ଅଭ୍ୟାସ, ବ୍ୟବହାର, ଆଗ୍ରହ ତଥା ଅଭିରୁଚିର ବିକାଶ ପାଇଁ ଉପଯୁକ୍ତ ସୁଯୋଗ ପାଇଥାଏ । ସେ ବୟସ୍କ ବ୍ୟକ୍ତିମାନଙ୍କର ଆଚରଣ ବ୍ୟବହାରକୁ ପ୍ରାୟତଃ ଅନୁକରଣ କରିଥାଏ । ଏ ସମସ୍ତ ଶିଶୁଟିର ବ୍ୟକ୍ତିତ୍ୱର ସୁଷମ ବିକାଶ ନିମନ୍ତେ ଉପଯୁକ୍ତ କ୍ଷେତ୍ର ପ୍ରସ୍ତୁତ କରିଥାଏ ।

ଉପରୋକ୍ତ ସମସ୍ତ ଶୈକ୍ଷିକ କାର୍ଯ୍ୟ ବ୍ୟତୀତ, ଗୃହ ବା ପରିବାର ଶିଶୁଟିକୁ ବିଭିନ୍ନ ପରିବେଶ ସହ ଉପଯୁକ୍ତ ସମଯୋଜନ ରକ୍ଷା କରି ଚଳିବା ପାଇଁ ଶିକ୍ଷା ପ୍ରଦାନ କରିଥାଏ । ଏହା ଶିଶୁଟିର ଆବେଗ ତଥା ଭାବପ୍ରବଣତା ଶକ୍ତିର ବିକାଶ କରିଥାଏ, ଯାହା ଶିଶୁଟିକୁ ତା'ର ମାନସିକ ସ୍ୱାସ୍ଥ୍ୟର ବିକାଶରେ ଯଥେଷ୍ଟ ସାହାଯ୍ୟ କରିଥାଏ । ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଗୃହର ଉ ମ ପରିବେଶ ଶିଶୁଟିର ଆବେଗିକ ବିକାଶ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ସହ ପରିପକ୍ୱ କରିଥାଏ । ବିଦ୍ୟାଳୟ ଶିକ୍ଷା ନିମନ୍ତେ ଏହା ଶିଶୁକୁ ପ୍ରସ୍ତୁତ କରିଥାଏ ଏବଂ ବିଦ୍ୟାଳୟ ସହ ଉପଯୁକ୍ତ ସମନ୍ୱୟ ରକ୍ଷା ସହ ଏହା ଶିଶୁଟିର ସାମଗ୍ରିକ ବିକାଶ ସାଧନ କରିଥାଏ । ଏଣୁ ଗୃହ ଶିକ୍ଷାର ଏକ ବଳିଷ୍ଠ ମାଧ୍ୟମ ରୂପେ ପରିଗଣିତ ହୋଇଥାଏ ।

1.3.5 ବିଦ୍ୟାଳୟ :

ଶିକ୍ଷାଦାନ ନିମନ୍ତେ ବିଦ୍ୟାଳୟ ଏକ ସୁସଂଯୋଜିତ ଏବଂ ସୁସଂଗଠିତ ସ୍ୱତନ୍ତ୍ର ଅନୁଷ୍ଠାନ ଅଟେ । ଏହା ଶିକ୍ଷାର ଏକ ଔପଚାରିକ ଏବଂ ସକ୍ରିୟ ମାଧ୍ୟମ ଅଟେ । ଗ୍ରୀକ୍ ଶବ୍ଦ 'skhole' ରୁ school ଶବ୍ଦଟି ଆସିଅଛି ଏବଂ ଏହାର ଅର୍ଥ

ହେଉଛି ଅବସର । ପୁରାତନ ଗ୍ରୀକ୍ ସମାଜର ଉଚ୍ଚସମ୍ଭ୍ରାନ୍ତ ଶ୍ରେଣୀ ଲୋକମାନଙ୍କ ନିକଟରେ ଅବସର ବିନୋଦନ ନିମନ୍ତେ ଯଥେଷ୍ଟ ସମୟ ଥିଲା ଏବଂ ସେମାନେ ଏହି ସମୟକୁ ଶିକ୍ଷା ଗ୍ରହଣ କରିବା ନିମି ବ୍ୟବହାର କରୁଥିଲେ । ଗ୍ରୀକ୍ ସମାଜର ସମ୍ଭ୍ରାନ୍ତ ବ୍ୟକ୍ତିମାନେ 'skhole' ନାମକ ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ଏକତ୍ରିତ ହୋଇ ସେମାନଙ୍କର ଅବସର ସମୟ ବିତାଉଥିଲେ । ପରବ ୀ କାଳରେ ବିଭିନ୍ନ ପ୍ରକାର ପାରସ୍ପରିକ ଅନୌପଚାରିକ ଆଲୋଚନା ମାଧ୍ୟମରେ ସେହି ସ୍ଥାନଗୁଡ଼ିକ ପ୍ରତ୍ୟେକ ବ୍ୟକ୍ତିର ଅବସର ସମୟର ସୁବିନିଯୋଗ କରିବା ସହିତ ସେମାନଙ୍କୁ ଶିକ୍ଷିତ କରିବାକୁ ଉଦ୍ୟମ କରିଥିଲା । ଏହି କ୍ରମରେ ସେହି ସ୍ଥାନଗୁଡ଼ିକ କାଳକ୍ରମେ ବିଦ୍ୟାଳୟ ବା school ନାମରେ ପରିଚିତି ଲାଭ କରିଥିଲା ।

ସଭ୍ୟତାର ବିକାଶ ସହିତ ମାନବ ଜୀବନ କ୍ରମଶଃ ଜଟିଳରୁ ଜଟିଳତର ହେବାକୁ ଲାଗିଲା । ସମାଜର ଏ ପ୍ରକାର ପରିସ୍ଥିତି ଏକ ସୁବ୍ୟବସ୍ଥିତ ଶିକ୍ଷାବ୍ୟବସ୍ଥା ଦ୍ୱାରା ପ୍ରତ୍ୟେକ ବ୍ୟକ୍ତିକୁ ଶିକ୍ଷିତ କରିବାର ଉଦ୍ୟମକୁ ବିଶେଷ ଗୁରୁତ୍ୱ ପ୍ରଦାନ କରିଥିଲା । ଏହି ପରିପ୍ରେକ୍ଷୀରେ ଯେଉଁ ବିଦ୍ୱାନ ବ୍ୟକ୍ତିଗଣ ଶିକ୍ଷାପ୍ରଦାନ କଲେ, ସେମାନଙ୍କୁ ଶିକ୍ଷକ ଏବଂ ସେମାନେ ଯେଉଁଠାରେ ଶିକ୍ଷା ପ୍ରଦାନ କଲେ, ସେହି ସ୍ଥାନ ବିଦ୍ୟାଳୟ ନାମରେ ପରିଚିତି ଲାଭ କରିଥିଲା । କ୍ରମଶଃ ସମାଜର ଜଟିଳତା ଅନୁଯାୟୀ ବିଦ୍ୟାଳୟ ମନୁଷ୍ୟ ସମାଜରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିବାକୁ ଲାଗିଲା ।

ଏହି ଦୃଷ୍ଟିକୋଣରୁ ଭାରତୀୟ ଶିକ୍ଷା ଆୟୋଗ (୧୯୬୪-୬୬) ଯଥାର୍ଥରେ କହିଛନ୍ତି ଯେ, ଭାରତର ଭାଗ୍ୟ ତା'ର ଶ୍ରେଣୀଗୃହ ମଧ୍ୟରେ ବିକଶିତ ହୋଇଥାଏ । ଶିକ୍ଷା ଆୟୋଗଙ୍କ ଏହି ମତାମତ ଜାତୀୟ ବିକାଶ କ୍ଷେତ୍ରରେ ବିଦ୍ୟାଳୟର ଭୂମିକାକୁ ବିଶେଷ ଗୁରୁତ୍ୱ ପ୍ରଦାନ କରିଥାଏ । ଏଠାରେ ଉଲ୍ଲେଖଯୋଗ୍ୟ ଯେ ବିଦ୍ୟାଳୟ ପ୍ରତ୍ୟେକ ବ୍ୟକ୍ତିକୁ ସମାଜ ତଥା ଦେଶର ଜଣେ ଉପଯୁକ୍ତ ନାଗରିକ କରି ଗଢ଼ିତୋଳିଥାଏ ।

ବିଦ୍ୟାଳୟର ବିଭିନ୍ନ କାର୍ଯ୍ୟଧାରା :

ଶିକ୍ଷାର୍ଥୀର ସର୍ବାଙ୍ଗୀନ ବିକାଶ ତଥା ତା'କୁ ଉପଯୋଗୀ ଶୈକ୍ଷିକ ଅଭିଜ୍ଞତା ପ୍ରଦାନ କରିବା କ୍ଷେତ୍ରରେ ବିଦ୍ୟାଳୟ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ବିଦ୍ୟାଳୟର କାର୍ଯ୍ୟଧାରା କେବଳ ଜଣେ ଶିକ୍ଷାର୍ଥୀ ବା କେତେକ ଶିକ୍ଷାର୍ଥୀଙ୍କ ମଧ୍ୟରେ ସୀମିତ ନୁହେଁ, ବରଂ ଗୋଷ୍ଠୀ, ସମାଜ ଓ ଦେଶ ଗଠନ ଦୃଷ୍ଟିକୋଣରୁ ବିଦ୍ୟାଳୟର ଭୂମିକା ଅତୀବ ଗୁରୁତ୍ୱପୂର୍ଣ୍ଣ ଅଟେ । ନିମ୍ନରେ ବିଦ୍ୟାଳୟର ବିଭିନ୍ନ କାର୍ଯ୍ୟପରିସର ସଂପର୍କରେ ବର୍ଣ୍ଣନା କରାଯାଇଛି ।

(i) ଶିକ୍ଷାର୍ଥୀମାନଙ୍କ ସୁଷମ ବିକାଶ :

ଏକ ସୁସଂଗଠିତ ଶିକ୍ଷାବ୍ୟବସ୍ଥା ଦ୍ୱାରା ଶିଶୁଟିକୁ ଶିକ୍ଷାପ୍ରଦାନ କରିବା ପ୍ରତ୍ୟେକ ବିଦ୍ୟାଳୟର ମୌଳିକ କାର୍ଯ୍ୟ ଅଟେ । ଏହି ବ୍ୟବସ୍ଥା ଦ୍ୱାରା ଶିଶୁଟିର ସର୍ବାଙ୍ଗୀନ ବିକାଶ ଆଶା କରାଯାଇଥାଏ । ବିଭିନ୍ନ ପ୍ରକାର ପାଠ୍ୟକ୍ରମ ଓ ସହପାଠ୍ୟକ୍ରମ ଯୋଜନା ମାଧ୍ୟମରେ ଶିଶୁଟିର ଶାରୀରିକ, ସାମାଜିକ ତଥା ଆବେଗିକ ବିକାଶ ସାଧନ ନିମନ୍ତେ ବିଦ୍ୟାଳୟ ନିରନ୍ତର ଉଦ୍ୟମ କରିଥାଏ । ବିଦ୍ୟାଳୟ ପ୍ରତ୍ୟେକ ଶିଶୁ ମଧ୍ୟରେ ଉ ମ ବ୍ୟବହାର, ଆଗ୍ରହ, ଦୃଷ୍ଟିଭଙ୍ଗୀ ଓ ଉଚ୍ଚତର ମୂଲ୍ୟବୋଧର ବିକାଶ ସାଧନ କରିଥାଏ । ଫଳସ୍ୱରୂପ ଶିଶୁଟିର ସୁଷମ ବିକାଶ ସାଧିତ ହୋଇଥାଏ ।

(ii) ସଂସ୍କୃତିର ରକ୍ଷଣାବେକ୍ଷଣ ଓ ବିକାଶ :

ବିଦ୍ୟାଳୟ ଗୋଟିଏ ପିଢ଼ିରୁ ଅନ୍ୟ ଗୋଟିଏ ପିଢ଼ିକୁ ସାମାଜିକ ଓ ସାଂସ୍କୃତିକ ଐତିହ୍ୟର ସ ରଣ ନିମନ୍ତେ ବିଶେଷ ଭୂମିକା ଗ୍ରହଣ କରିଥାଏ । ଶିଶୁଟିଏ ବିଦ୍ୟାଳୟ ଦ୍ୱାରା ପରିଚାଳିତ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଉତ୍ସବଗୁଡ଼ିକରେ କ୍ରମଶଃ ସକ୍ରିୟ ଅଂଶଗ୍ରହଣ କରିଥାଏ । ଫଳତଃ ଶିଶୁଟି ମଧ୍ୟରେ ସାଂସ୍କୃତିକ ଐତିହ୍ୟ, ପ୍ରଥା ଏବଂ ପରମ୍ପରା ସଂପର୍କରେ ବିଶେଷ ଧାରଣା ସୃଷ୍ଟି ହୋଇଥାଏ । ପୁନଶ୍ଚ ସଂସ୍କୃତିର ବିକାଶ, ରକ୍ଷଣାବେକ୍ଷଣ ତଥା ସ ରଣ ବିଦ୍ୟାଳୟର ପ୍ରମୁଖ କ ର୍ବ୍ୟ ହୋଇଥିବାରୁ କୌଣସି ଏକ ସମାଜର ସାଂସ୍କୃତିକ ଜାଗରଣ କ୍ଷେତ୍ରରେ ବିଦ୍ୟାଳୟ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଅବଲମ୍ବନ କରିଥାଏ ।

(iii) ବୌଦ୍ଧିକ ବିକାଶ :

ବୌଦ୍ଧିକ ବିକାଶ କହିଲେ, ବିଭିନ୍ନ ପ୍ରକାର ମାନସିକ କାର୍ଯ୍ୟ ଯଥା ବ୍ୟକ୍ତିର ଚିନ୍ତା, କଳ୍ପନା, ବୋଧଶକ୍ତି, ସମସ୍ୟା ସମାଧାନ, କାର୍ଯ୍ୟକାରଣ ସଂପର୍କ ନିର୍ଣ୍ଣୟ ତଥା ବିଶ୍ଳେଷଣଜନିତ ଦକ୍ଷତା ସମୂହର ବିକାଶ ଧାରାକୁ ବୁଝାଇଥାଏ । ଏହି ମାନସିକ ପ୍ରକ୍ରିୟା ଶିକ୍ଷାର୍ଥୀକୁ ବିଭିନ୍ନ ପ୍ରକାର ଶିକ୍ଷଣ ଅଭିଜ୍ଞତାମାନ ଅର୍ଜନ କରିବାରେ ସାହାଯ୍ୟ କରିଥାଏ । ବିଦ୍ୟାଳୟ ଶିକ୍ଷାର୍ଥୀର ଆଗ୍ରହ, ଆବଶ୍ୟକତା ଏବଂ ଦକ୍ଷତା ଅନୁଯାୟୀ ବିଭିନ୍ନ ପ୍ରକାର ଶିକ୍ଷଣ ଅନୁଭୂତି ପ୍ରଦାନ କରିଥାଏ । ବିଭିନ୍ନ ପ୍ରକାର ଶ୍ରେଣୀଗୃହ ଶିକ୍ଷାଦାନ, ପରୀକ୍ଷାଗାର କାର୍ଯ୍ୟକ୍ରମ, ଶିକ୍ଷାଭ୍ରମଣ ଏବଂ ଅନ୍ୟାନ୍ୟ ଶୈକ୍ଷିକ କାର୍ଯ୍ୟକ୍ରମ ଗୁଡ଼ିକ ଦ୍ୱାରା ଶିକ୍ଷାର୍ଥୀର ଶିକ୍ଷଣଜନିତ ଅଭିଜ୍ଞତା ସମୂହର ବିକାଶ ସାଧନ ହୋଇଥାଏ । ଅନ୍ୟ ଭାଷାରେ କହିବାକୁ ଗଲେ, ବିଦ୍ୟାଳୟ ଶିକ୍ଷାର୍ଥୀକୁ ବିଭିନ୍ନ ପ୍ରକାର ଶୈକ୍ଷିକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ ନିମନ୍ତେ ସୁଯୋଗ ପ୍ରଦାନ କରି ତା'ର ବୌଦ୍ଧିକ ବିକାଶ କ୍ଷେତ୍ରକୁ ଅଧିକ ବ୍ୟାପକ କରିଥାଏ ।

(iv) ସାମାଜିକ ବିକାଶ :

ସାମାଜିକ ବିକାଶ କହିଲେ ବିଭିନ୍ନ ବ୍ୟକ୍ତି ବିଶେଷ ତଥା ସାମାଜିକ ପରିସ୍ଥିତି ସହିତ ସମଯୋଜନ ରକ୍ଷା ଜନିତ ଦକ୍ଷତାର ବିକାଶକୁ ବୁଝାଇଥାଏ । ଶିଶୁଟି ମଧ୍ୟରେ ସମାଜସ୍ୱୀକୃତ ବ୍ୟବହାରର ବିକାଶ ଘଟି ତା'କୁ ସାମାଜିକ ପ୍ରାଣୀ ଭାବେ ପରିଚିତ କରାଯାଇଥାଏ । ବ୍ୟକ୍ତିର ସାମାଜିକୀକରଣ ନିମନ୍ତେ ଶିକ୍ଷା ଏକ ପ୍ରକୃଷ୍ଟ ମାଧ୍ୟମ ଅଟେ । ସାମାଜିକୀକରଣ କହିଲେ ସମାଜର ବିଭିନ୍ନ ନୀତିନିୟମ, ପ୍ରଥା ଓ ପରମ୍ପରା, ବ୍ୟବହାର ବିଧି ଏବଂ ଜୀବନଧାରଣ ପ୍ରକ୍ରିୟା ସମ୍ପର୍କିତ ଶିକ୍ଷଣକୁ ସୂଚାଇଥାଏ । ଶିକ୍ଷାର ବିଭିନ୍ନ ଲକ୍ଷ୍ୟଗୁଡ଼ିକ ମଧ୍ୟରୁ ଏକ ମୁଖ୍ୟ ଲକ୍ଷ୍ୟ ହେଉଛି ଶିଶୁର ସାମାଜିକୀକରଣ ବା ତା'କୁ ସମାଜ ଉପଯୋଗୀ କରି ଗଢ଼ି ତୋଳିବା । ସାମାଜିକ ଜୀବନଯାପନ ସମ୍ପର୍କିତ ଜ୍ଞାନ ସମୂହର ବିକାଶ ବ୍ୟତିରେକ ଶିଶୁଟିଏ ବିଭିନ୍ନ ଉତ୍ସରୁ ଶୈକ୍ଷିକ ଅଭିଜ୍ଞତାମାନ ଅର୍ଜନ କରିବାରେ ବିଶେଷ ସମସ୍ୟାର ସମ୍ମୁଖୀନ ହୋଇଥାଏ । ବିଦ୍ୟାଳୟ ପ୍ରାୟୋଜିତ ବିଭିନ୍ନ ପାଠ୍ୟକ୍ରମ ଏବଂ ସହପାଠ୍ୟକ୍ରମ କାର୍ଯ୍ୟକ୍ରମ ଦ୍ୱାରା ଶିଶୁଟି ମଧ୍ୟରେ ବିଭିନ୍ନ ପ୍ରକାର ସାମାଜିକ ମୂଲ୍ୟବୋଧ ଯଥା ସହନଶୀଳତା, ସହଯୋଗିତା, ଭ୍ରାତୃଭାବ ତଥା ଦୟା, କ୍ଷମା, ଇତ୍ୟାଦି ଗୁଣର ବିକାଶ ସାଧନ ହୋଇଥାଏ । ବିଦ୍ୟାଳୟରେ ଶିଶୁଟିଏ ବିଭିନ୍ନ ସାମାଜିକ ପରିବେଶରୁ ଆସିଥିବା ଶିଶୁମାନଙ୍କ ସହିତ ବନ୍ଧୁତା ସ୍ଥାପନ କରିଥାଏ ଏବଂ ତଦ୍ୱାରା ତା' ମଧ୍ୟରେ ଉ ମ ସାମାଜିକ ବ୍ୟବହାର ସଂପର୍କିତ ଜ୍ଞାନର ବିକାଶ ହୋଇଥାଏ । ସମାଜର

ବିଭିନ୍ନ ପରିବେଶ ସହିତ ଖାପଖୁଆଇ ଚଳିବା ନିମି ବିଦ୍ୟାଳୟ ଆବଶ୍ୟକ ଦକ୍ଷତା ତଥା କୌଶଳର ବିକାଶ ସାଧନ କରିଥାଏ । ସାମଗ୍ରିକ ଭାବରେ କହିବାକୁ ଗଲେ, ବିଦ୍ୟାଳୟ ଶିଶୁଟିକୁ ସଫଳ ସାମାଜିକ ଜୀବନ ନିର୍ବାହ ନିମନ୍ତେ ପ୍ରେରଣା ପ୍ରଦାନ କରିଥାଏ ।

(v) ନାଗରିକତ୍ୱ ଶିକ୍ଷା :

ନାଗରିକତ୍ୱ ଶିକ୍ଷା କହିଲେ ଶିକ୍ଷାର୍ଥୀକୁ ଗଣତାନ୍ତ୍ରିକ ରାଷ୍ଟ୍ରର ସଫଳ ନାଗରିକ ରୂପେ ଗଢ଼ି ତୋଳିବାକୁ ବୁଝାଇଥାଏ । ଜଣେ ଦାୟିତ୍ୱବାନ୍ ନାଗରିକ ଭାବରେ ପ୍ରତ୍ୟେକ ଶିଶୁ ନିଜର କ ର୍ବ୍ୟ ଓ ଦାୟିତ୍ୱ ସଂପର୍କରେ ସଚେତନ ହେବା ନିତାନ୍ତ ଆବଶ୍ୟକ । ଶିଶୁଟି ତା' ଉପରେ ନ୍ୟସ୍ତ ସମସ୍ତ ଦାୟିତ୍ୱ ସଫଳତାର ସହିତ ସମ୍ପାଦନ ନିମନ୍ତେ ପ୍ରସ୍ତୁତ ରହିବା ଉଚିତ । ଜାତୀୟତା ଭାବର ବିକାଶ ସହିତ, ଦେଶର ସେବା ନିମନ୍ତେ ଶିଶୁଟି ସର୍ବଦା ପ୍ରସ୍ତୁତ ରହିବା ଉଚିତ । ଏହି ପରିପ୍ରେକ୍ଷୀରେ ଦେଶ ନିମନ୍ତେ ଉ ମ ନାଗରିକ ସୃଷ୍ଟି କରିବା ପ୍ରତ୍ୟେକ ଶିକ୍ଷା ବ୍ୟବସ୍ଥାର ମୁଖ୍ୟ ଲକ୍ଷ୍ୟ ଅଟେ । ବିଦ୍ୟାଳୟ ଏହାର ବିଭିନ୍ନ ପାଠ୍ୟକ୍ରମ ଏବଂ ସହପାଠ୍ୟକ୍ରମ ଯୋଜନା ମାଧ୍ୟମରେ ଶିକ୍ଷାର୍ଥୀମାନଙ୍କ ମଧ୍ୟରେ ଉ ମ ନାଗରିକ ନିମନ୍ତେ ଆବଶ୍ୟକ ସମସ୍ତ ଗୁଣର ବିକାଶ ସାଧନ କରିଥାଏ । ଶିକ୍ଷାର୍ଥୀଟି କ୍ରମଶଃ ତା'ର କ ର୍ବ୍ୟ, ଦାୟିତ୍ୱ ଏବଂ ଅଧିକାର ସମ୍ପର୍କରେ ବିଶେଷ ଜ୍ଞାନ ଅର୍ଜନ କରିଥାଏ । ବିଦ୍ୟାଳୟ ଦ୍ୱାରା ପରିଚାଳିତ ବିଭିନ୍ନ କାର୍ଯ୍ୟକ୍ରମରେ ଅଂଶଗ୍ରହଣ ପୂର୍ବକ ଶିକ୍ଷାର୍ଥୀ ମଧ୍ୟରେ ଦାୟିତ୍ୱବୋଧର ବିକାଶ ହେବା ସହିତ ଦେଶସେବା ନିମନ୍ତେ ସାକାରାତ୍ମକ ଚିନ୍ତାଧାରା ଉଦ୍ରେକ ହୋଇଥାଏ ।

(vi) ନୈତିକ ଓ ଆଧ୍ୟାତ୍ମିକ ମୂଲ୍ୟବୋଧର ବିକାଶ :

ଶିକ୍ଷାର ଏକ ପ୍ରମୁଖ ଉଦ୍ଦେଶ୍ୟ ହେଉଛି ନୈତିକ ଓ ଆଧ୍ୟାତ୍ମିକ ମୂଲ୍ୟବୋଧର ବିକାଶ ନିମନ୍ତେ ଶିକ୍ଷାର୍ଥୀମାନଙ୍କୁ ପ୍ରେରଣା ପ୍ରଦାନ କରିବା । ନୈତିକ ବିକାଶ କହିଲେ ଦୟା, କ୍ଷମା, ସାଧୁତା, ସତ୍ୟବାଦିତା ଇତ୍ୟାଦି ମହତ୍ ଗୁଣର ବିକାଶକୁ ବୁଝାଇଥାଏ । ଯେଉଁ ବ୍ୟକ୍ତି ନିଜ ମଧ୍ୟରେ ନୈତିକ ମୂଲ୍ୟବୋଧର ବିକାଶ ସାଧନ କରାଇପାରିଥାଏ, ସେହିବ୍ୟକ୍ତି ଭଲ ଓ ଖରାପ, ଭୁଲ ଏବଂ ଠିକ୍ ବା ସତ୍ୟ-ମିଥ୍ୟା ମଧ୍ୟରେ ପାର୍ଥକ୍ୟ ସହଜରେ ନିର୍ଣ୍ଣୟ କରିପାରିଥାଏ । ବିଭିନ୍ନ ପ୍ରକାର ଆଧ୍ୟାତ୍ମିକ ଚିନ୍ତାଧାରା ଯଥା ଭଗବତ୍ ବିଶ୍ୱାସ ଏବଂ ଧର୍ମ ବିଶ୍ୱାସ ବ୍ୟକ୍ତି ମଧ୍ୟରେ ଆଧ୍ୟାତ୍ମିକ ମୂଲ୍ୟବୋଧର ବିକାଶ ନିମନ୍ତେ ସହାୟକ ହୋଇଥାଏ । ପ୍ରକୃତ ପକ୍ଷରେ ଜଣେ ଆଧ୍ୟାତ୍ମିକ ଚେତନାସମ୍ପନ୍ନ ବ୍ୟକ୍ତି କୌଣସି ନିର୍ଦ୍ଦିଷ୍ଟ ଧର୍ମ, ଅନ୍ଧବିଶ୍ୱାସ ବା ପ୍ରଥା ଓ ପରମ୍ପରା ମଧ୍ୟରେ ନିଜକୁ ବାନ୍ଧି ରଖି ପାରି ନଥାଏ । ବିଦ୍ୟାଳୟ ଏହାର ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ଦ୍ୱାରା ଶିକ୍ଷାର୍ଥୀମାନଙ୍କ ମଧ୍ୟରେ ନୈତିକ ଓ ଆଧ୍ୟାତ୍ମିକ ମୂଲ୍ୟବୋଧର ବିକାଶ ସାଧନ କରିଥାଏ । ଶିକ୍ଷାର୍ଥୀମାନେ ବିଭିନ୍ନ ପ୍ରକାର ନୀତିଶାସ୍ତ୍ର ସମ୍ବଳିତ କାହାଣୀ, ପୌରାଣିକ ଆଖ୍ୟାନ ଇତ୍ୟାଦି ଶୁଣିବା ସହିତ ଶିକ୍ଷକଙ୍କ ବ୍ୟବହାର ତଥା ଗୁଣାବଳୀକୁ ଅନୁସରଣ କରିଥା'ନ୍ତି । ଆଧ୍ୟାତ୍ମିକ ମୂଲ୍ୟବୋଧର ବିକାଶ ନିମନ୍ତେ ବିଦ୍ୟାଳୟ ଏହାର ବିଭିନ୍ନ ପାଠ୍ୟକ୍ରମ ସ ାଳନ ପାଇଁ କାର୍ଯ୍ୟକ୍ରମ ମାଧ୍ୟମରେ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଯଥା; ପ୍ରାର୍ଥନା ସଭା ଇତ୍ୟାଦି ଆୟୋଜନ କରିଥାଏ । ସଂକ୍ଷେପରେ କହିବାକୁ ଗଲେ, ନୈତିକ ଓ ଆଧ୍ୟାତ୍ମିକ ମୂଲ୍ୟବୋଧର ବିକାଶ ମାନବ ମଧ୍ୟରେ ମାନବିକତାର ବିକାଶ ସାଧନ କରିଥାଏ ।

(vii) ଶାରୀରିକ ବିକାଶ :

ଶାରୀରିକ ବିକାଶ ଶରୀରର ବିଭିନ୍ନ ଅଂଶବିଶେଷ ତଥା ଏହାର କାର୍ଯ୍ୟକ୍ଷମତାର କ୍ରମବର୍ଦ୍ଧମାନ ବିକାଶ ପ୍ରକ୍ରିୟାକୁ ବୁଝାଇଥାଏ । ଶିକ୍ଷା ବ୍ୟକ୍ତିର ସୁଷମ ବିକାଶ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିଥାଏ ଏବଂ ଏହି ସୁଷମ ବିକାଶ ହିଁ କେବଳ ଉ ମ ଶାରୀରିକ ବିକାଶ ଦ୍ୱାରା ହିଁ ସମ୍ଭବ ହୋଇଥାଏ । ପୁନଶ୍ଚ ଶାରୀରିକ ବିକାଶ କେତେକ ନିର୍ଦ୍ଦିଷ୍ଟ ଶୈକ୍ଷିକ ଅଭିଜ୍ଞତା ହାସଲ ନିମନ୍ତେ ସମସ୍ତ ପ୍ରାକ୍ ଆବଶ୍ୟକତା ପୂରଣ କରିଥାଏ । କାରଣ ଦୁର୍ବଳ ଶାରୀରିକ ସ୍ୱାସ୍ଥ୍ୟ ସଂପନ୍ନ ବ୍ୟକ୍ତିଟିଏ ମାନସିକ ସ୍ତରରେ ଅସୁସ୍ଥ ରହିବା ହେତୁ, ତା' ପକ୍ଷରେ ଶୈକ୍ଷିକ ଅଭିଜ୍ଞତା ହାସଲ କରିବା କଷ୍ଟସାଧ୍ୟ ହୋଇଥାଏ । ତେଣୁ ବ୍ୟକ୍ତିର ଶାରୀରିକ ବିକାଶ ନିମନ୍ତେ ଉପଯୁକ୍ତ କ୍ଷେତ୍ର ପ୍ରସ୍ତୁତ କରିବା ଶିକ୍ଷାର ଏକ ମୁଖ୍ୟ ଉଦ୍ଦେଶ୍ୟ ଅଟେ । ବିଭିନ୍ନ ପ୍ରକାର ପାଠ୍ୟକ୍ରମ ସମ୍ପର୍କିତ କାର୍ଯ୍ୟକ୍ରମ ଦ୍ୱାରା ବିଦ୍ୟାଳୟ ଶିକ୍ଷାର୍ଥୀମାନଙ୍କ ମଧ୍ୟରେ ସୁସ୍ଥଜୀବନଯାପନ, ବ୍ୟାୟାମ ଏବଂ ସୁଷମ ଖାଦ୍ୟ ସଂପର୍କରେ ସଚେତନତା ସୃଷ୍ଟି କରିଥାଏ । ବିଦ୍ୟାଳୟ ମଧ୍ୟ ଶାରୀରିକ ବିକାଶ ନିମନ୍ତେ ବିଭିନ୍ନ ପ୍ରକାର ଖେଳକୁଦର ଆୟୋଜନ କରିଥାଏ । ବିଭିନ୍ନ ପ୍ରକାର ସହପାଠ କାର୍ଯ୍ୟକ୍ରମଗୁଡ଼ିକରେ ଅଂଶଗ୍ରହଣ କରିବା ଦ୍ୱାରା ମଧ୍ୟ ଶିକ୍ଷାର୍ଥୀମାନଙ୍କର ଶାରୀରିକ ବିକାଶ ତ୍ୱରାନ୍ୱିତ ହୋଇଥାଏ । ପରିଷ୍କାର ଓ ପରିଚ୍ଛନ୍ନତା ସମ୍ବନ୍ଧରେ ଶିକ୍ଷାର୍ଥୀ ବିଦ୍ୟାଳୟରୁ ପ୍ରେରଣା ଅର୍ଜନ କରିଥାଏ । ସୁତରାଂ, ବିଦ୍ୟାଳୟରେ ଅର୍ଜନ କରିଥିବା ପ୍ରତ୍ୟେକ ଶିକ୍ଷଣ ଅଭିଜ୍ଞତା ଶିକ୍ଷାର୍ଥୀର ଶାରୀରିକ ବିକାଶ ନିମନ୍ତେ ସହାୟକ ହୋଇଥାଏ ।

ଉପରୋକ୍ତ ସମସ୍ତ କାର୍ଯ୍ୟକ୍ରମ ଗୁଡ଼ିକର ସଫଳ ରୂପାୟନ ନିମନ୍ତେ, ବିଦ୍ୟାଳୟ ଅନ୍ତର୍ଭୁକ୍ତ ସମସ୍ତ ପ୍ରକାର ପାଠ୍ୟକ୍ରମ ଏବଂ ସହପାଠ୍ୟକ୍ରମ କାର୍ଯ୍ୟଗୁଡ଼ିକର ସଫଳ ପରିଚାଳନା ନିତାନ୍ତ ଆବଶ୍ୟକ ଅଟେ । ପୁନଶ୍ଚ ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଗୋଷ୍ଠୀ ବା ସମାଜର ସହଯୋଗ ବ୍ୟତିରେକ ବିଦ୍ୟାଳୟ ଏହାର ଉଦ୍ଦେଶ୍ୟ ସାଧନ କରିପାରି ନଥାଏ ।ଏହି ପରିପ୍ରେକ୍ଷୀରେ ଗୃହ, ବିଦ୍ୟାଳୟ ଏବଂ ଗୋଷ୍ଠୀ ପରସ୍ପର ମଧ୍ୟରେ ଉ ମ ସଂପର୍କ ସ୍ଥାପନ ପୂର୍ବକ କାର୍ଯ୍ୟ କରିବା ଉଚିତ । ବିଦ୍ୟାଳୟ ମୁଖ୍ୟତଃ ନିମ୍ନଲିଖିତ କ୍ଷେତ୍ରରେ ଉଭୟ ଗୃହ ଓ ଗୋଷ୍ଠୀର ସହଯୋଗ କାମନା କରିବା ଉଚିତ ।

(i) ଅଭିଭାବକ-ଶିକ୍ଷକ ସଂଘ ଓ ମାତୃ-ଶିକ୍ଷକ ସଂଘ ଗଠନ

(ii) ଅଭିଭାବକମାନଙ୍କ ନିକଟକୁ ପ୍ରଗତି ସୂଚକପତ୍ର ପ୍ରେରଣ

(iii) ଅଭିଭାବକମାନଙ୍କୁ ବିଦ୍ୟାଳୟର ବିଭିନ୍ନ ଉତ୍ସବକୁ ନିମନ୍ତ୍ରଣ

(iv) ଅଭିଭାବକ ଦିବସ ପାଳନ

1.3.6 ଗୋଷ୍ଠୀ :

ଗୋଷ୍ଠୀ ଶିକ୍ଷାବ୍ୟବସ୍ଥାର ଏକ ଗୁରୁତ୍ୱପୂର୍ଣ୍ଣ ଅନୌପଚାରିକ ସକ୍ରିୟ ମାଧ୍ୟମ ଅଟେ । ଏକ ନିର୍ଦ୍ଦିଷ୍ଟ ଭୌଗୋଳିକ ପରିସୀମା ମଧ୍ୟରେ ପ୍ରାୟତଃ ଗୋଟିଏ ପ୍ରକାର ଲକ୍ଷ୍ୟ, ଆଗ୍ରହ, ଚିନ୍ତାଧରା, ମୂଲ୍ୟବୋଧ, ପ୍ରଥା, ପରମ୍ପରା ଏବଂ ସଂସ୍କୃତି ମଧ୍ୟରେ ଆବଦ୍ଧ ଜନସାଧାରଣଙ୍କର ସମାହାରକୁ ଗୋଷ୍ଠୀ କୁହାଯାଇଥାଏ । ଇଂରାଜୀ ଶବ୍ଦ community ଦୁଇଟି ଶବ୍ଦ ଯଥା 'com' and 'munis' ର ସମାହାର ଅଟେ, ଯାହାର ଅର୍ଥ ହେଉଛି ସେବାପ୍ରଦାନ କରିବା । ଏହି ପରିପ୍ରେକ୍ଷୀରେ ଏକ ନିର୍ଦ୍ଦିଷ୍ଟ ସାଧାରଣ ଲକ୍ଷ୍ୟ ସହିତ ଜୀବନଯାପନ କରୁଥିବା ଜନସାଧାରଣଙ୍କ ସମାହାରକୁ ଗୋଷ୍ଠୀ କୁହାଯାଇଥାଏ ।

ପ୍ରତ୍ୟେକ ଗୋଷ୍ଠୀର ଏକ ସ୍ୱତନ୍ତ୍ର ସଂସ୍କୃତି, ପ୍ରଥା ଏବଂ ଆଦର୍ଶ ଥାଏ । ଏହି କ୍ରମରେ ଏକ ବୁଣାକାର ଗୋଷ୍ଠୀର ପ୍ରଥା ତଥା ଜୀବନଧାରଣ ପ୍ରକ୍ରିୟା କୁମ୍ଭକାର ଗୋଷ୍ଠୀଠାରୁ ସମ୍ପୂର୍ଣ୍ଣ ଭିନ୍ନ ଅଟେ । କେତେକ ବ୍ୟକ୍ତି ଗୋଷ୍ଠୀକୁ ନେତୃତ୍ୱ ପ୍ରଦାନ କରିଥାନ୍ତି । ଗୋଷ୍ଠୀ ଅନ୍ତର୍ଭୁକ୍ତ ବ୍ୟକ୍ତିମାନେ ନେତୃତ୍ୱ ପ୍ରଦାନ କରୁଥିବା ବ୍ୟକ୍ତି ବିଶେଷଙ୍କ ସାହାଯ୍ୟରେ ଗୋଷ୍ଠୀ ମଧ୍ୟରେ ଦେଖାଯାଉଥିବା ବିଭିନ୍ନ ସମସ୍ୟାର ସମାଧାନ କରିଥାନ୍ତି । ପାରସ୍ପରିକ ବୁଝାମଣା ଓ ଶାନ୍ତିପୂର୍ଣ୍ଣ ସହାବସ୍ଥାନ ନୀତି ପାଳନପୂର୍ବକ ଗୋଷ୍ଠୀର ଜନସାଧାରଣ ଜୀବନନିର୍ବାହ କରିଥାନ୍ତି । ସେମାନେ ପରସ୍ପରକୁ ପରସ୍ପରର ବିପଦଆପଦରେ ସାହାଯ୍ୟ ସହଯୋଗ କରନ୍ତି । ପ୍ରତ୍ୟେକ ବ୍ୟକ୍ତିର ପରିଚୟ ଗୋଷ୍ଠୀକୁ ନେଇ ପ୍ରକାଶିତ ହୋଇଥାଏ । ଗୋଟିଏ ଗୋଷ୍ଠୀ ଅନ୍ୟ ଗୋଷ୍ଠୀଠାରୁ ଏହାର ଆଦର୍ଶ, ମୂଲ୍ୟବୋଧ ଏବଂ ପରମ୍ପରା ଭିତ୍ତିରେ ନିଜର ସ୍ୱତନ୍ତ୍ରତା ପ୍ରକାଶ କରିଥାଏ । ଗୋଷ୍ଠୀ ଅନ୍ତର୍ଭୁକ୍ତ ପ୍ରତ୍ୟେକ ବ୍ୟକ୍ତି ନିଜ ମଧ୍ୟରେ ଗୋଷ୍ଠୀର ଆଦର୍ଶ ଏବଂ ମୂଲ୍ୟବୋଧକୁ ଧାରଣ କରିଥାନ୍ତି । ଉଦାହରଣତଃ, ଅନୁସୂଚୀତ ଉପଜାତିର ଜଣେ ବ୍ୟକ୍ତି ସେହି ଜାତିର ଆଦର୍ଶ ଓ ମୂଲ୍ୟବୋଧ ଦ୍ୱାରା ନିଜସ୍ୱ ପରିଚୟ ସୃଷ୍ଟି କରିଥାଏ । ପ୍ରତ୍ୟେକ ଗୋଷ୍ଠୀର ସ୍ୱତନ୍ତ୍ର ନୀତିନିୟମମାନ ରହିଥାଏ । ଏହି ନୀତିନିୟମଗୁଡ଼ିକ ଗୋଷ୍ଠୀ ଅନ୍ତର୍ଭୁକ୍ତ ପ୍ରତ୍ୟେକ ବ୍ୟକ୍ତି ବିଶେଷଙ୍କ ମଧ୍ୟରେ ଏକତା ପ୍ରତିଷ୍ଠା କରିବା ସହିତ ଗୋଷ୍ଠୀର ସ୍ୱତନ୍ତ୍ରତା ବଜାୟ ରଖିବାରେ ସାହାଯ୍ୟ କରିଥାଏ । ଯେଉଁ ବ୍ୟକ୍ତି ଗୋଷ୍ଠୀର ନିୟମ ଭଙ୍ଗ କରିଥାଏ, ସେ ଗୋଷ୍ଠୀଦ୍ୱାରା ଦଣ୍ଡ ପାଇଥାଏ । ଗୋଷ୍ଠୀ ଅନ୍ତର୍ଭୁକ୍ତ ବ୍ୟକ୍ତିବିଶେଷଙ୍କର ଜୀବନଧାରଣ ପ୍ରକ୍ରିୟା ପ୍ରାୟତଃ ସମାନ ଅଟେ । ବୃତ୍ତିଗତ, ଖାଦ୍ୟ ଅଭ୍ୟାସ, ଆଚରର ବ୍ୟବହାର, ପ୍ରଥା, ପରମ୍ପରା ଇତ୍ୟାଦିରେ ଗୋଷ୍ଠୀ ଅନ୍ତର୍ଗତ ପ୍ରତ୍ୟେକ ବ୍ୟକ୍ତିଙ୍କ ମଧ୍ୟରେ ସାମଞ୍ଜସ୍ୟ ଦେଖାଯାଇଥାଏ ।

ଶୈକ୍ଷିକ କାର୍ଯ୍ୟଧାରା :

ଗୋଷ୍ଠୀର ସୃଷ୍ଟି ମୁଖ୍ୟତଃ ଶିକ୍ଷାପ୍ରଦାନ ନିମିତ୍ତ ନୁହେଁ । ଏହା ବ୍ୟକ୍ତିକୁ ବିଭିନ୍ନ ଉପାୟରେ ଶିକ୍ଷାପ୍ରଦାନ କରିଥାଏ । ଉଦାହରଣତଃ, ଗୋଷ୍ଠୀରେ ବସବାସ କରୁଥିବା ପ୍ରତ୍ୟେକ ବ୍ୟକ୍ତି ପାରସ୍ପରିକ ବୁଝାମଣା ତଥା ସମ୍ପର୍କ ମାଧ୍ୟମରେ ନିଜ ମଧ୍ୟରେ ନୈତିକ ଓ ସାମାଜିକ ମୂଲ୍ୟବୋଧ ସୃଷ୍ଟି କରିଥାନ୍ତି । ଏହି କାରଣରୁ ଗୋଷ୍ଠୀ ଏକ ଅନୌପଚାରିକ ଶିକ୍ଷା ମାଧ୍ୟମ ଅଟେ । ଗୋଷ୍ଠୀରେ ବସବାସ କରୁଥିବା ବ୍ୟକ୍ତିବିଶେଷଙ୍କ ମଧ୍ୟରେ ପ୍ରତ୍ୟକ୍ଷ ଭାବର ଆଦାନପ୍ରଦାନ ବ୍ୟବସ୍ଥା ଥିବାରୁ, ଏହା ମଧ୍ୟ ଏକ ସକ୍ରିୟ ମାଧ୍ୟମ ଅଟେ । ଶିଶୁଟିର ବ୍ୟକ୍ତିତ୍ୱ ବିକାଶ କ୍ଷେତ୍ରରେ ଗୋଷ୍ଠୀର ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ ଅଟେ । ଏକ ରକ୍ଷଣଶୀଳ ଗୋଷ୍ଠୀ ତୁଳନାରେ ପ୍ରଗତିଶୀଳ ଗୋଷ୍ଠୀର ବ୍ୟକ୍ତିମାନେ ସେମାନଙ୍କ ସର୍ବବିଧ ବିକାଶ ନିମନ୍ତେ ଅଧିକ ସୁବିଧା ସୁଯୋଗମାନ ପାଇଥାନ୍ତି । ଉପରୋକ୍ତ ପରିପ୍ରେକ୍ଷୀରେ ଗୋଷ୍ଠୀର ଶୈକ୍ଷିକ କାର୍ଯ୍ୟକ୍ରମଗୁଡ଼ିକ ନିମ୍ନରେ ବର୍ଣ୍ଣନା କରାଯାଇଛି;

(i) ସାମାଜିକ କାର୍ଯ୍ୟକ୍ରମ :

ସମାଜ ସ୍ୱୀକୃତ ବ୍ୟବହାର ପ୍ରଦର୍ଶନ ମାଧ୍ୟମରେ ଜଣେ ବ୍ୟକ୍ତି ସମାଜରେ ସାମାଜିକ ପ୍ରାଣୀ ଭାବରେ ପରିଚିତି ଲାଭ କରିଥାଏ । ସାମାଜିକୀକରଣ କହିଲେ, କୌଣସି ଏକ ସମାଜର ନୀତିନିୟମ, ପ୍ରଥା, ପରମ୍ପରା ଓ ଆଚରର ବ୍ୟବହାରର ଶିକ୍ଷଣ ପ୍ରକ୍ରିୟାକୁ ବୁଝାଇଥାଏ । ଏହି ଦୃଷ୍ଟିକୋଣରୁ, ଶିକ୍ଷାର ଏକ ପ୍ରମୁଖ ଲକ୍ଷ୍ୟ ହେଉଛି ଶିଶୁଟିକୁ ସମାଜ ଉପଯୋଗୀ କରି ଗଢ଼ି ତୋଳିବା । ଗୋଷ୍ଠୀ ଏହାର ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ମାଧ୍ୟମରେ ଶିଶୁଟିର ସାମାଜିକୀକରଣ କରିଥାଏ । ଏହି

କ୍ରମରେ ଶିଶୁଟିଏ ଗୋଷ୍ଠୀ ଆୟୋଜନ କରୁଥିବା ବିଭିନ୍ନ କାର୍ଯ୍ୟକ୍ରମରେ ସକ୍ରିୟ ଅଂଶଗ୍ରହଣ କରିଥାଏ । ଫଳସ୍ୱରୂପ ଶିଶୁଟି ବିଭିନ୍ନ ପ୍ରକାର ସାମାଜିକ ମୂଲ୍ୟବୋଧ ଯଥା ସହନଶୀଳତା, ସହଯୋଗୀ ମନୋଭାବ, ଦୟା, କ୍ଷମା ଇତ୍ୟାଦି ସଂପର୍କରେ ଶିକ୍ଷଣ ଲାଭ କରିଥାଏ । ଶିଶୁଟି ସମାଜର ବିଭିନ୍ନ ନୀତି ନିୟମମାନ ବୁଝିବା ସହିତ ଅନ୍ୟମାନଙ୍କ ସହିତ କିପରି ଉ ମ ବ୍ୟବହାର ପ୍ରଦର୍ଶନ କରାଯିବ ତାହା ମଧ୍ୟ ଶିକ୍ଷା କରିଥାଏ । ବିଭିନ୍ନ ପ୍ରକାର ସାମାଜିକ ମୂଲ୍ୟବୋଧ, ପ୍ରଥା ଓ ପରମ୍ପରା ସମ୍ପର୍କରେ ଜ୍ଞାନଲାଭ ଦ୍ୱାରା ଶିଶୁଟି ମଧ୍ୟରେ ନେତୃତ୍ୱ ପ୍ରଦାନ କରିବା ଗୁଣର ବିକାଶ ଘଟିବା ସହିତ ନୈତିକ ଓ ଗଣତାନ୍ତ୍ରିକ ମୂଲ୍ୟବୋଧର ମଧ୍ୟ ବିକାଶ ଘଟିଥାଏ ।

(ii) ବୃତ୍ତିଗତ ଦକ୍ଷତା :

ଶିକ୍ଷାର ଏକ ପ୍ରମୁଖ ଲକ୍ଷ୍ୟ ହେଉଛି ବ୍ୟକ୍ତିର ବୃତ୍ତିଗତ ଦକ୍ଷତାର ବିକାଶ ମାଧ୍ୟମରେ ତା'କୁ ଉପାର୍ଜନକ୍ଷମ କରି ଗଢ଼ିତୋଳିବା । ଶିଶୁମାନଙ୍କୁ ଭବିଷ୍ୟତରେ ଉପାର୍ଜନକ୍ଷମ କରିବା ନିମନ୍ତେ ଗୋଷ୍ଠୀ ବିଭିନ୍ନ ପ୍ରକାର ବୃତ୍ତି ସଂପର୍କରେ ବିଶେଷ ଅଭିଜ୍ଞତା ଅର୍ଜନ ନିମନ୍ତେ ସୁଯୋଗ ସୃଷ୍ଟି କରିଥାଏ । ଏହାଦ୍ୱାରା ଶିଶୁଟିଏ ବିଭିନ୍ନ ପ୍ରକାର ଶ୍ରମ ସଂପର୍କରେ ଧାରଣା ଅର୍ଜନ କରିବା ସହିତ ଶ୍ରମ ପ୍ରତି ସାକାରାତ୍ମକ ଚିନ୍ତାପୋଷଣ କରିଥାଏ । ଗୋଷ୍ଠୀ ଅନ୍ତର୍ଭୁକ୍ତ ଶିଶୁମାନେ ବିଭିନ୍ନ କୁଶଳୀ ବ୍ୟକ୍ତିମାନଙ୍କଠାରୁ ପ୍ରଶିକ୍ଷଣ ଗ୍ରହଣ କରି ବିଭିନ୍ନ ବୃତ୍ତିରେ ନିଜକୁ ପ୍ରତିଷ୍ଠିତ କରାଇଥାନ୍ତି । ଉଦାହରଣତଃ, ବୁଣାକାର ଗୋଷ୍ଠୀର ଶିଶୁମାନେ ସାଧାରଣତଃ ବୁଣାକାର ଭାବରେ ନିଜକୁ ଭବିଷ୍ୟତରେ ପ୍ରତିଷ୍ଠିତ କରାଇଥାନ୍ତି ।

(iii) ବୌଦ୍ଧିକ ବିକାଶ :

ବୌଦ୍ଧିକ ବିକାଶ କହିଲେ, ଆମ୍ଭେମାନେ ସାଧାରଣତଃ ଚିନ୍ତାଶକ୍ତି, କଳ୍ପନାଶକ୍ତି ଏବଂ ବୋଧଶକ୍ତିର ବିକାଶକୁ ବୁଝିଥାଉ । ଗୋଷ୍ଠୀ ତାହାର ସଦସ୍ୟମାନଙ୍କର ବୌଦ୍ଧିକ ବିକାଶକୁ ତ୍ୱରାନ୍ୱିତ କରିଥାଏ । ଏହି ପରିପ୍ରେକ୍ଷୀରେ ଗୋଷ୍ଠୀ ବିଭିନ୍ନ ପ୍ରକାର ପ୍ରଦର୍ଶନୀ, ଆଲୋଚନା ସଭା ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରିଥାଏ । ଶିଶୁଟିଏ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ ପୂର୍ବକ ବିଭିନ୍ନ ପ୍ରକାର ଶୈକ୍ଷିକ ଅଭିଜ୍ଞତା ଅର୍ଜନ କରିଥାଏ । ବିଭିନ୍ନ ପ୍ରକାର ପ୍ରଦର୍ଶନୀରେ ଅଂଶଗ୍ରହଣ କରିବା ଦ୍ୱାରା ଶିଶୁଟିର ସୃଜନୀଶକ୍ତିର ବିକାଶ ହେବା ସହିତ ତା'ର ଚିନ୍ତାଧାରା ବେଶ୍ ବ୍ୟାପକ ହୋଇଥାଏ । ଏତଦ୍‌ବ୍ୟତୀତ ବିଭିନ୍ନ ବ୍ୟକ୍ତିମାନଙ୍କ ସହିତ ଭାବବିନିମୟ ତଥା ବିଭିନ୍ନ କାର୍ଯ୍ୟକ୍ରମରେ ସକ୍ରିୟ ଅଂଶଗ୍ରହଣ ଦ୍ୱାରା ଶିଶୁଟିର ବୌଦ୍ଧିକ ବିକାଶ ହୋଇଥାଏ ।

(iv) ଶିକ୍ଷାର ପ୍ରସାର :

ବିଭିନ୍ନ ପ୍ରକାର ଔପଚାରିକ ଏବଂ ଅନୌପଚାରିକ ଅନୁଷ୍ଠାନର ପରିଚାଳନା ମାଧ୍ୟମରେ ଗୋଷ୍ଠୀ ବ୍ୟକ୍ତିକୁ ଶିକ୍ଷିତ କରିଥାଏ । ଗୋଷ୍ଠୀ ମଧ୍ୟ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ତଥା ଉତ୍ସବମାନ ଆୟୋଜନ କରିଥାଏ । ଏହି ସମସ୍ତ କାର୍ଯ୍ୟକ୍ରମ ବ୍ୟକ୍ତିକୁ ଅନେକ ପ୍ରକାର ଶୈକ୍ଷିକ ଅଭିଜ୍ଞତାମାନ ପ୍ରଦାନ କରିଥାଏ । ଗୋଷ୍ଠୀ ମଧ୍ୟ ଏହିସବୁ କାର୍ଯ୍ୟକ୍ରମ ଦ୍ୱାରା ବ୍ୟକ୍ତି ମଧ୍ୟରେ ଶିକ୍ଷାପ୍ରତି ସଚେତନତା ସୃଷ୍ଟି କରିଥାଏ । ବ୍ୟକ୍ତିମାନଙ୍କର ଶିକ୍ଷାକାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ଉଦ୍ଦେଶ୍ୟରେ ଗୋଷ୍ଠୀ ବିଭିନ୍ନ ପ୍ରକାର ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା କରିଥାଏ । କେତେକ ଗୋଷ୍ଠୀରେ ମଧ୍ୟ ବେସରକାରୀ ଭାବରେ ବିଭିନ୍ନ ବ୍ୟକ୍ତି ବିଶେଷଙ୍କ ଉଦ୍ୟମରେ ଶିକ୍ଷାନୁଷ୍ଠାନମାନ ଗଢ଼ି ଉଠିଥାଏ । କେତେକ କ୍ଷେତ୍ରରେ ଗୋଷ୍ଠୀ ଏହି

ଶିକ୍ଷାନୁଷ୍ଠାନଗୁଡ଼ିକ ଆର୍ଥିକ ସହାୟତା ପ୍ରଦାନ କରିବା ସହିତ ଏହାର ସଫଳ ପରିଚାଳନା ନିମନ୍ତେ ବିଭିନ୍ନ ପଦକ୍ଷେପ ଗ୍ରହଣ କରିଥାଏ । ଗୋଷ୍ଠୀର ଆଦର୍ଶ ତଥା ଉଦ୍ଦେଶ୍ୟ ଅନୁଯାୟୀ ଶିକ୍ଷାବ୍ୟବସ୍ଥା ପରିଚାଳିତ ହୋଇଥାଏ । ଗୋଷ୍ଠୀ ବିଭିନ୍ନ ପ୍ରକାର ସମାଜ ଉପଯୋଗୀ ଶିକ୍ଷା ପ୍ରଦାନ କରିଥାଏ ।

ଉପରୋକ୍ତ ପରିପ୍ରେକ୍ଷୀରେ ଗୋଷ୍ଠୀ ଏବଂ ବିଦ୍ୟାଳୟ ମଧ୍ୟରେ ସୁଷମ ସଂପର୍କ ସ୍ଥାପିତ ହେବା ନିତାନ୍ତ ଆବଶ୍ୟକ । ବିଦ୍ୟାଳୟ ଗୋଷ୍ଠୀର ଆବଶ୍ୟକତା, ଉଦ୍ଦେଶ୍ୟ ତଥା ମୂଲ୍ୟବୋଧର ଉପଯୁକ୍ତ ବିଚାରପୂର୍ବକ କୁସଂସ୍କାର ଏବଂ ଅଜ୍ଞାନତା ଦୂର କରିବା ନିମନ୍ତେ ସମୟପୋଯୋଗୀ ଶିକ୍ଷାପ୍ରଦାନ କରିବା ଉଚିତ ।

1.3.7 ରାଷ୍ଟ୍ର :

ରାଷ୍ଟ୍ର ଏକ ସଂଘଠିତ ରାଜନୈତିକ ଗୋଷ୍ଠୀ ଅଟେ । ଭାରତ ପରି ଏକ ଗଣତାନ୍ତ୍ରିକ ରାଷ୍ଟ୍ରରେ ଏହାର ଜନସାଧାରଣଙ୍କ ଦ୍ୱାରା ନିର୍ବାଚିତ ସରକାର ରାଷ୍ଟ୍ରର ଶାସନ ଦାୟିତ୍ୱରେ ଥାଏ । ସଚଦେବ ଏବଂ ଗୁପ୍ତା (୧୯୭୦) ଙ୍କ ବର୍ଣ୍ଣନା ଅନୁଯାୟୀ ଉଇଲ୍‌ସନ୍‌ଙ୍କ ମତରେ ରାଷ୍ଟ୍ର ବା ରାଜ୍ୟ କହିଲେ କେତେକ ନିର୍ଦ୍ଦିଷ୍ଟ ନୀତିନିୟମ ଦ୍ୱାରା ପରିଚାଳିତ ହେବା ନିମନ୍ତେ ଏକ ନିର୍ଦ୍ଦିଷ୍ଟ ଭୌଗୋଳିକ ସୀମା ମଧ୍ୟରେ ବସବାସ କରୁଥିବା ଜନସାଧାରଣଙ୍କ ସମାହାରକୁ ବୁଝାଇଥାଏ । କୌଣସି ଏକ ଗୋଷ୍ଠୀ ରାଜ୍ୟର ମର୍ଯ୍ୟାଦା ଲାଭ କରିବା ନିମନ୍ତେ ନିମ୍ନ ବର୍ଣ୍ଣିତ ଉପାଦାନଗୁଡ଼ିକ ଥିବା ନିତାନ୍ତ ଆବଶ୍ୟକ । ଏହି କ୍ରମରେ ଏକ ସୁନିର୍ଦ୍ଦିଷ୍ଟ ଭୌଗୋଳିକ ପରିସୀମା ରାଜ୍ୟ ଗଠନର ପ୍ରଥମ ଉପାଦାନ ଅଟେ । ରାଜ୍ୟର ବିଭିନ୍ନ କ୍ଷମତାଗୁଡ଼ିକର କାର୍ଯ୍ୟକାରିତା ଏହି ନିର୍ଦ୍ଦିଷ୍ଟ ପରିସୀମା ମଧ୍ୟରେ ଆବଦ୍ଧ ଥାଏ । ରାଷ୍ଟ୍ରର ଦ୍ୱିତୀୟ ଉପାଦାନଟି ହେଉଛି ଜନସଂଖ୍ୟା । ଏକ ଜନସଂଖ୍ୟା ବ୍ୟତିରେକ ରାଜ୍ୟର ପରିକଳ୍ପନା ସମ୍ପୂର୍ଣ୍ଣ ଅସମ୍ଭବ ଅଟେ । ରାଜ୍ୟ ଜନସାଧାରଣଙ୍କୁ ନେଇ ଗଠିତ ଏବଂ ଜନସାଧାରଣଙ୍କୁ ନେଇ ଏହା ଆତ୍ମପ୍ରକାଶ କରିଥାଏ । ଭୌଗୋଳିକ ପରିସୀମା ଏବଂ ଜନସଂଖ୍ୟା ମଧ୍ୟରେ ଏକ ଭାରସାମ୍ୟ ରହିବା ଆବଶ୍ୟକ ।

ରାଷ୍ଟ୍ରର ତୃତୀୟ ଉପାଦାନଟିର ନାମ ହେଉଛି ଏକ ଶାସନ ସଂସ୍ଥା ବା ସରକାର । ରାଷ୍ଟ୍ରର ଲକ୍ଷ୍ୟ ତଥା ସ୍ୱପ୍ନକୁ ସାକାର କରିବା ନିମନ୍ତେ ସରକାରର ଉପସ୍ଥିତି ଅତୀବ ଗୁରୁତ୍ୱପୂର୍ଣ୍ଣ । ସରକାର ରାଷ୍ଟ୍ରର ଉ ମ ପରିଚାଳନା ନିମନ୍ତେ ବିଭିନ୍ନ ନୀତି ନିୟମ ମାନ ପ୍ରସ୍ତୁତ କରିଥାନ୍ତି । ରାଜ୍ୟର ଚତୁର୍ଥ ଗୁରୁତ୍ୱପୂର୍ଣ୍ଣ ଉପାଦାନଟି ହେଉଛି ଏହାର ସାର୍ବଭୌମତ୍ୱ । ଏହା ରାଜ୍ୟର ସର୍ବୋଚ୍ଚ କ୍ଷମତାକୁ ବୁଝାଇଥାଏ । ସାର୍ବଭୌମତ୍ୱ କୌଣସି ଏକ ରାଷ୍ଟ୍ର ନିର୍ଦ୍ଦିଷ୍ଟ ଭୌଗୋଳିକ ପରିସୀମା ମଧ୍ୟରେ ସର୍ବୋଚ୍ଚ ଆଇନଗତ କ୍ଷମତାକୁ ବୁଝାଇଥାଏ । ଏହା ମଧ୍ୟ ବାହ୍ୟ ହସ୍ତକ୍ଷେପରୁ ମୁକ୍ତ ସ୍ୱାଧୀନତାକୁ ବୁଝାଇଥାଏ ।

ରାଷ୍ଟ୍ରସାଧାରଣତଃ ଏକ ଅନୌପଚାରିକ ଶୈକ୍ଷିକ ମାଧ୍ୟମ ଅଟେ । ଜନସାଧାରଣଙ୍କ ନିମନ୍ତେ ସମସ୍ତ ଶୈକ୍ଷିକ ସୁବିଧା ସୁଯୋଗ ପ୍ରଦାନ କରିବା ଏକ ଗଣତାନ୍ତ୍ରିକ ରାଷ୍ଟ୍ରର ପରମ କ ର୍ବ୍ୟ ଅଟେ । ମାତ୍ର ରାଷ୍ଟ୍ରର ଅନ୍ୟାନ୍ୟ ବିକାଶ ଏହାର ଜନସାଧାରଣଙ୍କ ସ୍ୱରୂପ ଉପରେ ନିର୍ଭର କରିଥାଏ । ଶିକ୍ଷିତ ଏବଂ ଦୂରଦୃଷ୍ଟିସଂପନ୍ନ ବ୍ୟକ୍ତି ବିଶେଷଙ୍କ ରାଷ୍ଟ୍ରର ବିକାଶ ନିମନ୍ତେ ବିଶେଷ ଅବଦାନ ରହିଥାଏ । ଏହି ଦୃଷ୍ଟିକୋଣରୁ ରାଷ୍ଟ୍ରର ନାଗରିକ ଓ ଭବିଷ୍ୟତର ନାଗରିକମାନଙ୍କୁ ଶିକ୍ଷାପ୍ରଦାନ କରିବା ଯେ କୌଣସି ରାଷ୍ଟ୍ର ନିମନ୍ତେ ବାଧ୍ୟତାମୂଳକ କାର୍ଯ୍ୟ ଅଟେ । ନିମ୍ନରେ ରାଷ୍ଟ୍ର ବା ରାଜ୍ୟର ଶୈକ୍ଷିକ କାର୍ଯ୍ୟଗୁଡ଼ିକ ସଂପର୍କରେ ବିଶେଷ ଆଲୋଚନା କରାଯାଇଛି ।

(i) ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା ଏବଂ ସେଗୁଡ଼ିକ ପାଇଁ ଆର୍ଥିକ ଅନୁଦାନ ବ୍ୟବସ୍ଥା :

ରାଷ୍ଟ୍ରର ବିକାଶ ଏହାର ନାଗରିକଙ୍କର ଶିକ୍ଷାର ସ୍ତର ଉପରେ ନିର୍ଭର କରିଥାଏ । ଏହି ଉଦ୍ଦେଶ୍ୟରେ ରାଷ୍ଟ୍ର ଏହାର ନାଗରିକମାନଙ୍କ ନିମନ୍ତେ ବିଭିନ୍ନ ଶିକ୍ଷାନୁଷ୍ଠାନ ମାନ ପ୍ରତିଷ୍ଠା କରିଥାଏ । ଆମ ଦେଶରେ ପ୍ରାଥମିକ ଶିକ୍ଷାର ସାର୍ବଜନୀନକରଣ ନିମନ୍ତେ ପ୍ରାଥମିକ ଶିକ୍ଷାକେନ୍ଦ୍ର, ପ୍ରୌଢ଼ ଶିକ୍ଷାକେନ୍ଦ୍ର ଏବଂ ନିଶ୍ଚିତ ଶିକ୍ଷା ଯୋଜନା ଅଧୀନରେ ବିଭିନ୍ନ ଶିକ୍ଷାନୁଷ୍ଠାନମାନ ପ୍ରତିଷ୍ଠା କରିଥାଏ । ପୁନଶ୍ଚ ରାଷ୍ଟ୍ର ମାଧ୍ୟମିକ ବିଦ୍ୟାଳୟ, ଉଚ୍ଚ ଶିକ୍ଷାନୁଷ୍ଠାନ, ଯାନ୍ତ୍ରିକ ଓ ବୃତ୍ତିଗତ ଶିକ୍ଷାନୁଷ୍ଠାନ ଏବଂ ଉଚ୍ଚଶିକ୍ଷାର ପ୍ରସାର ନିମନ୍ତେ ବିଶ୍ୱବିଦ୍ୟାଳୟମାନ ପ୍ରତିଷ୍ଠା କରିଥାଏ ।

ରାଷ୍ଟ୍ର ଏହାର ଶିକ୍ଷାନୁଷ୍ଠାନଗୁଡ଼ିକୁ ଆର୍ଥିକ ସହାୟତା ପ୍ରଦାନର ଦାୟିତ୍ୱ ଗ୍ରହଣ କରିଥାଏ । ଏହି ଶିକ୍ଷକମାନଙ୍କର ବୃତ୍ତିଗତ କୌଶଳର ବିକାଶ ନିମନ୍ତେ ଉଭୟ ପ୍ରାକ୍ ସେବାକାଳୀନ ଓ ସେବାକାଳୀନ ଶିକ୍ଷକ ପ୍ରଶିକ୍ଷଣ ପ୍ରଦାନ କରିଥାଏ । ରାଷ୍ଟ୍ର ଶିକ୍ଷାନୁଷ୍ଠାନର ଗୃହନିର୍ମାଣ ଦାୟିତ୍ୱ ବହନ କରିବା ସହିତ ଶିକ୍ଷକମାନଙ୍କୁ ଦରମା ପ୍ରଦାନ କରିଥାଏ । ଏତଦ୍‌ବ୍ୟତୀତ ବିଦ୍ୟାଳୟ ଆବଶ୍ୟକ କରୁଥିବା ସମସ୍ତ ଖର୍ଚ୍ଚ ମଧ୍ୟ ରାଷ୍ଟ୍ର ବହନ କରିଥାଏ ।

(ii) ବିଦ୍ୟାଳୟର ଉଦ୍ଦେଶ୍ୟ, ପାଠ୍ୟକ୍ରମ ଓ ପାଠ୍ୟପୁସ୍ତକ ସମ୍ପର୍କରେ ନିଷ୍ପତ୍ତି ଗ୍ରହଣ :

ପ୍ରତ୍ୟେକ ରାଷ୍ଟ୍ର ଶିକ୍ଷାର ଉଦ୍ଦେଶ୍ୟ ସଂପର୍କରେ ନିଷ୍ପତ୍ତି ଗ୍ରହଣ କରିଥାନ୍ତି । ରାଷ୍ଟ୍ରର ଆଦର୍ଶ ଅନୁଯାୟୀ ଶିକ୍ଷାର ଉଦ୍ଦେଶ୍ୟ ନିର୍ଦ୍ଧାରିତ ହୋଇଥାଏ । ଏକ ଗଣତାନ୍ତ୍ରିକ ରାଷ୍ଟ୍ର ଗଣତାନ୍ତ୍ରିକ ନୀତି ଅନୁଯାୟୀ ଶିକ୍ଷାର ଉଦ୍ଦେଶ୍ୟ ସ୍ଥିର କରିଥାଏ । ଆମ ରାଷ୍ଟ୍ରର ଶିକ୍ଷା ବ୍ୟବସ୍ଥା ଗଣତାନ୍ତ୍ରିକ ମୂଲ୍ୟବୋଧର ପ୍ରଚାର କରିଥାଏ । ରାଷ୍ଟ୍ର ଶିକ୍ଷାନୀତି ପ୍ରସ୍ତୁତ କରିବା ସହିତ ଶିକ୍ଷାର ବିଭିନ୍ନ ସ୍ତର ନିମନ୍ତେ ପାଠ୍ୟକ୍ରମ ମାନ ସ୍ଥିର କରିଥାଏ । ଏକ ନିର୍ଦ୍ଦିଷ୍ଟ ସୋପାନ ଅନ୍ତର୍ଗତ ଶିକ୍ଷା ବ୍ୟବସ୍ଥାର ଉଦ୍ଦେଶ୍ୟ ହାସଲ ନିମନ୍ତେ ପାଠ୍ୟକ୍ରମ ବ୍ୟବହୃତ ହୋଇଥାଏ । ପାଠ୍ୟକ୍ରମର ପ୍ରସ୍ତୁତି ସମୟରେ ଶିକ୍ଷାର୍ଥୀର ଆଗ୍ରହ, ଆବଶ୍ୟକତା ଓ ଦକ୍ଷତାର ଉପଯୁକ୍ତ ବିଚାର କରାଯିବା ନିତାନ୍ତ ଆବଶ୍ୟକ । ରାଷ୍ଟ୍ର ସାଧାରଣତଃ ବିଦ୍ୟାଳୟର ବିଭିନ୍ନ ସ୍ତର ନିମନ୍ତେ ପାଠ୍ୟପୁସ୍ତକମାନ ପ୍ରସ୍ତୁତ କରିଥାଏ । ଏହି ପରିପ୍ରେକ୍ଷୀରେ ରାଷ୍ଟ୍ର ବିଭିନ୍ନ ବୋର୍ଡ଼, ପରିଷଦ ଏବଂ ବିଶ୍ୱବିଦ୍ୟାଳୟମାନ ସ୍ଥାପନ କରିଥାଏ । ପାଠ୍ୟପୁସ୍ତକ ପ୍ରଣୟନ ସଂସ୍ଥା ସହିତ ଅନ୍ୟାନ୍ୟ ଅନୁଷ୍ଠାନଗୁଡ଼ିକ ଏହି କାର୍ଯ୍ୟ ସମ୍ପାଦନ କରିଥାନ୍ତି ।

(iii) ଶିକ୍ଷା ବ୍ୟବସ୍ଥାର ଯୋଜନା, ନିର୍ଦ୍ଦେଶନା ଏବଂ ନିୟନ୍ତ୍ରଣ :

ରାଷ୍ଟ୍ର ଶିକ୍ଷାର ବିକାଶ ନିମନ୍ତେ ବିଭିନ୍ନ ଯୋଜନାମାନ ପ୍ରସ୍ତୁତ କରିଥାଏ । ପୂର୍ବରୁ ଆଲୋଚନା କରାଯାଇଛି ଯେ, ରାଷ୍ଟ୍ର ଶିକ୍ଷା ବ୍ୟବସ୍ଥାର ଉଦ୍ଦେଶ୍ୟ ସ୍ଥିର କରିବା ସହିତ ପାଠ୍ୟକ୍ରମ ପ୍ରସ୍ତୁତ କରିଥାଏ । ଏହା ସମଗ୍ର ଶିକ୍ଷା ବ୍ୟବସ୍ଥାକୁ ନିୟନ୍ତ୍ରିତ କରିବା ସହିତ ଆବଶ୍ୟକ ନିର୍ଦ୍ଦେଶନା ପ୍ରଦାନ କରିଥାଏ । ଶିକ୍ଷାନୁଷ୍ଠାନଗୁଡ଼ିକର ପ୍ରଶାସନ ଏବଂ ନିରୀକ୍ଷଣ ବ୍ୟବସ୍ଥା ନିମନ୍ତେ ଏହା ବିଭିନ୍ନ ଅନୁଷ୍ଠାନମାନ ପ୍ରତିଷ୍ଠା କରିଥାଏ । ଶିକ୍ଷାର ଗୁଣାତ୍ମକ ମାନର ବିକାଶ ନିମନ୍ତେ ରାଷ୍ଟ୍ର ବିଭିନ୍ନ ପ୍ରକାର ଗବେଷଣାତ୍ମକ କାର୍ଯ୍ୟକ୍ରମମାନ ଗ୍ରହଣ କରିଥାଏ । କେତେକ କ୍ଷେତ୍ରରେ ବିଭିନ୍ନ ପ୍ରକାର ଶୈକ୍ଷିକ ସମସ୍ୟାର ସମାଧାନ ନିମନ୍ତେ ବିଭିନ୍ନ ଶିକ୍ଷା ଆୟୋଗମାନ ମଧ୍ୟ ପ୍ରତିଷ୍ଠା କରାଯାଇଥାଏ । ମେଧାବୀ ଓ ପଛୁଆ ବର୍ଗର ଶିକ୍ଷାର୍ଥୀମାନଙ୍କୁ

ରାଷ୍ଟ୍ର ଆର୍ଥିକ ସହାୟତା ପ୍ରଦାନ କରିଥାଏ । ଶିକ୍ଷାବ୍ୟବସ୍ଥାର ଯୋଜନା, ନିର୍ଦ୍ଦେଶନା, ପରିଚାଳନା ଓ ନିୟନ୍ତ୍ରଣ ନିମନ୍ତେ ରାଷ୍ଟ୍ର ଶିକ୍ଷା ନିର୍ଦ୍ଦେଶାଳୟମାନ ପ୍ରତିଷ୍ଠା କରିଥାଏ ।

ଉପରୋକ୍ତ ଆଲୋଚନାରୁ ଏହା ସୁସ୍ପଷ୍ଟ ଯେ, ଶିକ୍ଷା ରାଷ୍ଟ୍ରର ଏକ ପ୍ରମୁଖ କାର୍ଯ୍ୟ ଅଟେ । ରାଷ୍ଟ୍ର ଏହାର ନାଗରିକମାନଙ୍କର ଉପଯୁକ୍ତ ଶିକ୍ଷା ବ୍ୟବସ୍ଥା ନିମନ୍ତେ ବିଭିନ୍ନ ପ୍ରକାର ଶିକ୍ଷାନୁଷ୍ଠାନମାନ ପ୍ରତିଷ୍ଠା କରିବା ସହିତ, ସେଗୁଡ଼ିକର ସୁପରିଚାଳନା ନିମନ୍ତେ ଆବଶ୍ୟକ ଧ୍ୟାନ ପ୍ରଦାନ କରିବା ଉଚିତ ।

1.3.8 ଗଣମାଧ୍ୟମ :

ଯୋଗାଯୋଗ କହିଲେ ଏକାଧିକ ବ୍ୟକ୍ତି ବିଶେଷଙ୍କ ମଧ୍ୟରେ ତଥ୍ୟ, ଧାରଣା ଓ ଦୃଷ୍ଟିଭଙ୍ଗୀର ପ୍ରସାରଣକୁ ବୁଝାଇଥାଏ । ମନୁଷ୍ୟ ଏକ ସାମାଜିକ ପ୍ରାଣୀ । ନିର୍ଜନରେ ମାନବ ବସବାସ କରିପାରିବ ନାହିଁ । ମନୁଷ୍ୟ ପରସ୍ପର ମଧ୍ୟରେ ଭାବର ଆଦାନ ପ୍ରଦାନ କରିଥାଏ । ଆଧୁନିକ ସଭ୍ୟତା ବ୍ୟକ୍ତି ବ୍ୟକ୍ତି ମଧ୍ୟରେ ତ୍ୱରିତ ଯୋଗାଯୋଗ ବ୍ୟବସ୍ଥା ଉପରେ ପର୍ଯ୍ୟବସିତ ଅଟେ । ଦୁଇ ବା ତତୋଽଧିକ ବ୍ୟକ୍ତିବିଶେଷଙ୍କ ମଧ୍ୟରେ ଯୋଗାଯୋଗ ପ୍ରତିଷ୍ଠିତ ହୋଇଥାଏ । ଯେତେବେଳେ ଜଣେ ବ୍ୟକ୍ତି ବହୁସଂଖ୍ୟକ ଜନସାଧାରଣଙ୍କୁ ତଥ୍ୟ ସ ।ରଣ କରିଥାନ୍ତି, ତାହାକୁ ଗଣ ଯୋଗାଯୋଗ କୁହାଯାଇଥାଏ ଏବଂ ଯେଉଁ ମାଧ୍ୟମରେ ଏହି ଯୋଗାଯୋଗ ସମ୍ଭବ ହୋଇଥାଏ, ତା'କୁ ଗଣମାଧ୍ୟମ କୁହାଯାଇଥାଏ । ଏହି କାରଣରୁ ଗଣମାଧ୍ୟମ ଏପରି ଏକ ମାଧ୍ୟମ ଅଟେ, ଯାହା ସାହାଯ୍ୟରେ ବହୁସଂଖ୍ୟକ ଜନସାଧାରଣଙ୍କ ନିକଟରେ ତଥ୍ୟ ସ ରିତ କରାଯାଇଥାଏ । ଉଦାହରଣସ୍ୱରୂପ, ଆମ୍ଭେମାନେ ରେଡ଼ିଓ, ଖବରକାଗଜ, ପୁସ୍ତକ, ଦୂରଦର୍ଶନ, ଚଳଚ୍ଚିତ୍ର ସାହାଯ୍ୟରେ ବହୁସଂଖ୍ୟକ ଜନସାଧାରଣଙ୍କ ନିକଟରେ ବିଭିନ୍ନ ତଥ୍ୟ ପହ ।ଇ ପାରିଥାଉ । ତେଣୁ ଏ ସମସ୍ତ ଗୋଟିଏ ଗୋଟିଏ ଗଣମାଧ୍ୟମ ଅଟନ୍ତି । ଗଣମାଧ୍ୟମ ସାଧାରଣତଃ ଦୁଇ ଭାଗରେ ବିଭକ୍ତ । ପ୍ରଥମଟି ହେଉଛି ଲିଖିତ ସାମଗ୍ରୀ ମାଧ୍ୟମରେ ଏବଂ ଦ୍ୱିତୀୟଟି ହେଉଛି ଅଲିଖିତ ସାମଗ୍ରୀ । ବିଭିନ୍ନ ପ୍ରକାର ଚାର୍ଟ, ପ୍ରାଚୀର ପତ୍ର, ପୁସ୍ତକ, ମ୍ୟାଗାଜିନ ଓ ଖବରକାଗଜ ଇତ୍ୟାଦି ଲିଖିତ ସାମଗ୍ରୀ ଅନ୍ତର୍ଭୁକ୍ତ ଅଟନ୍ତି । ଅଲିଖିତ ସାମଗ୍ରୀଗୁଡ଼ିକ ପୁନଶ୍ଚ ଦୁଇଭାଗରେ ବିଭକ୍ତ ଯଥା ଶ୍ରାବ୍ୟ ସାମଗ୍ରୀ ଏବଂ ଦୃଶ୍ୟ-ଶ୍ରାବ୍ୟ ସାମଗ୍ରୀ । ରେଡ଼ିଓ ଏବଂ କ୍ୟାସେଟ୍ ଶ୍ରାବ୍ୟ ଉପକରଣର ଉଦାହରଣ ଅଟେ । ଦୃଶ୍ୟ-ଶ୍ରାବ୍ୟ ଉପକରଣ କହିଲେ ଟେଲିଭିଜନ, ଦୃଶ୍ୟ କ୍ୟାସେଟ୍ ଏବଂ କମ୍ପ୍ୟୁଟରକୁ ବୁଝାଇଥାଏ ।

ଜନସାଧାରଣଙ୍କ ଶୈକ୍ଷିକ ବିକାଶ କ୍ଷେତ୍ରରେ ଗଣମାଧ୍ୟମର ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ । ଆଧୁନିକ ଯୁଗର ଶିକ୍ଷା ବ୍ୟବସ୍ଥା ମୁଖ୍ୟତଃ ଗଣମାଧ୍ୟମ ଦ୍ୱାରା ନିୟନ୍ତ୍ରିତ ହୋଇଥାଏ । ମୁଦ୍ରଣ ବ୍ୟବସ୍ଥାର ବିକାଶ ଫଳରେ ପୁସ୍ତକ ଏବଂ ଖବରକାଗଜର ପ୍ରସାର ହେବା ସହିତ ଯାନ୍ତ୍ରିକ ସଭ୍ୟତାର ବିକାଶ ହେତୁ ଚଳଚ୍ଚିତ୍ର, ରେଡ଼ିଓ ଏବଂ ଦୂରଦର୍ଶନ ଇତ୍ୟାଦି ଶକ୍ତିଶାଳୀ ଗଣମାଧ୍ୟମର ଉଦ୍ଭବ ହୋଇପାରିଛି । ବ ର୍ତ୍ତମାନ ଗଣମାଧ୍ୟମ ସାହାଯ୍ୟରେ ଦେଶର କୋଣ ଅନୁକୋଣରେ ଶିକ୍ଷା ପହ ୍ପାରିଛି । ଗଣମାଧ୍ୟମର ସୃଷ୍ଟି କେବଳ ଶିକ୍ଷାର ପ୍ରସାର ନିମି ହୋଇନାହିଁ । ଏହା ବହୁବିଧ ଲକ୍ଷ୍ୟ ହାସଲ କରିଥାଏ । ତେଣୁ ଗଣମାଧ୍ୟମକୁ ଶିକ୍ଷାର ଏକ ଅନୌପଚାରିକ ମାଧ୍ୟମ କୁହାଯାଇଥାଏ । ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଗଣମାଧ୍ୟମରେ ପ୍ରାୟତଃ ବ୍ୟକ୍ତିମାନଙ୍କ ମଧ୍ୟରେ ପ୍ରତ୍ୟକ୍ଷ ଯୋଗାଯୋଗ ସମ୍ଭବ ହୋଇନଥାଏ । ଏହି କାରଣରୁ ଗଣମାଧ୍ୟମ ଏକ ପରୋକ୍ଷ

ବା ନିଷ୍କ୍ରିୟ ମାଧ୍ୟମ ଅଟେ । ନିମ୍ନରେ କେତେକ ମୁଖ୍ୟ ଗଣମାଧ୍ୟମର ଶୈକ୍ଷିକ କାର୍ଯ୍ୟଧାରା ସମ୍ପର୍କରେ ଆଲୋଚନା କରାଯାଇଛି ।

(i) ପୁସ୍ତକ ଓ ପତ୍ରପତ୍ରିକା :

ପୁସ୍ତକ ଓ ପତ୍ରପତ୍ରିକାର ଚାହିଦା ଦିନକୁ ଦିନ ବଢ଼ି ଚାଲିଛି । ଅଧିକରୁ ଅଧିକ ସଂଖ୍ୟକ ପାଠାଗାରମାନ ବିଭିନ୍ନ ସ୍ଥାନରେ ପ୍ରତିଷ୍ଠା କରାଯାଉଛି । ପାଠାଗାର ଯେ କୌଣସି ଶିକ୍ଷାନୁଷ୍ଠାନରେ ଜ୍ଞାନ ବିତରଣର ଏକ ମୁଖ୍ୟ ଉତ୍ସ ।

ପାଠକମାନଙ୍କର ବୌଦ୍ଧିକ ବିକାଶ ନିମନ୍ତେ ପୁସ୍ତକ ଓ ପତ୍ରପତ୍ରିକା ବିଶେଷ ସାହାଯ୍ୟ କରିଥାଏ । ଆନୁଷ୍ଠାନିକ ଶିକ୍ଷା ଗ୍ରହଣ ନିମନ୍ତେ ପୁସ୍ତକର ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ । ପୁସ୍ତକ ଓ ପତ୍ରପତ୍ରିକା ବ୍ୟକ୍ତି ବିଶେଷଙ୍କୁ ନୂତନ ଜ୍ଞାନ ପ୍ରଦାନ କରିବା ସହିତ ବିଭିନ୍ନ ପ୍ରସଙ୍ଗ ସମ୍ପର୍କରେ ନୂତନ ଧାରଣା ସୃଷ୍ଟିର ସୂତ୍ରପାତ କରିଥାଏ । ଏହା ବ୍ୟକ୍ତିର ଚିନ୍ତା ଓ କଳ୍ପନା ଶକ୍ତିର ବିକାଶ ସାଧନ କରିଥାଏ । ବ୍ୟକ୍ତିକୁ ବିଭିନ୍ନ ପ୍ରକାର ଶୈକ୍ଷିକ ଅନୁଭୂତିମାନ ପ୍ରଦାନ କରୁଥିବାରୁ ପୁସ୍ତକ ଓ ପତ୍ରପତ୍ରିକା ଗୁଡ଼ିକ ଶୈକ୍ଷିକ ମାଧ୍ୟମ ଅନ୍ତର୍ଭୁକ୍ତ ଅଟନ୍ତି ।

ପୁନଶ୍ଚ ପୁସ୍ତକ ଓ ପତ୍ରପତ୍ରିକାଗୁଡ଼ିକ ବ୍ୟକ୍ତିର ଦୃଷ୍ଟିଭଙ୍ଗୀ ଓ ଆଚରର ବ୍ୟବହାରରେ ଆବଶ୍ୟକ ପରିବ ର୍ତ୍ତନ ଆଣିଥାନ୍ତି । ବିଭିନ୍ନ ଜ୍ଞାତବ୍ୟ ବିଷୟରେ ପୁସ୍ତକମାନ ଉପଲବ୍ଧ ହୋଇଥାଏ । ପୁସ୍ତକ ପଠନ ଦ୍ୱାରା ସମଗ୍ର ବିଶ୍ୱ ସମ୍ବନ୍ଧରେ ନୂତନ ଧାରଣା ତଥା ସଚେତନତା ସୃଷ୍ଟି ହୋଇଥାଏ । ବ୍ୟକ୍ତି ମଧ୍ୟରେ ନୂତନ ଚିନ୍ତା ଓ ନୂତନ ଦୃଷ୍ଟିଭଙ୍ଗୀ ସୃଷ୍ଟି କରିବାରେ ପୁସ୍ତକର ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ । ଫଳସ୍ୱରୂପ, ବ୍ୟକ୍ତିଟିଏ ଛୋଟ ପରିବାର, ଜନସଂଖ୍ୟା ନିୟନ୍ତ୍ରଣ ଓ ପ୍ରାକୃତିକ ସମ୍ପଦର ସୁରକ୍ଷା ଇତ୍ୟାଦି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ସମ୍ବନ୍ଧରେ ସାକାରାତ୍ମକ ଚିନ୍ତା ପୋଷଣ କରିଥାଏ । ଏହା ଗଣତାନ୍ତ୍ରିକ ମୂଲ୍ୟବୋଧ ପ୍ରତି ସମ୍ମାନବୋଧ ସୃଷ୍ଟି କରିଥାଏ । ପୁସ୍ତକ ଓ ପତ୍ରପତ୍ରିକା ବ୍ୟକ୍ତି ମଧ୍ୟରେ ଆବଶ୍ୟକ ମୂଲ୍ୟବୋଧର ବିକାଶ ସାଧନ କରିବା ସହିତ ସାଂସ୍କୃତିକ ଐତିହ୍ୟ ପ୍ରତି ସଚେତନତା ସୃଷ୍ଟି କରିଥାଏ ।

(ii) ସମ୍ବାଦପତ୍ର :

ସମ୍ବାଦପତ୍ର ସାକ୍ଷର ବ୍ୟକ୍ତିମାନଙ୍କ ନିମନ୍ତେ ଏକ ସଫଳ ଗଣମାଧ୍ୟମ ରୂପେ ପରିଗଣିତ ହୋଇଥାଏ । ସମ୍ବାଦପତ୍ର ସହଜ ଓ ସୁଲଭ ମୂଲ୍ୟରେ ସମସ୍ତଙ୍କ ନିକଟରେ ପହ ୍ପାରିବା ସହିତ ଆଧୁନିକ ସଭ୍ୟତା ସହିତ ଅଙ୍ଗାଙ୍ଗୀ ଭାବେ ଜଡ଼ିତ ଅଟେ । ଶିକ୍ଷିତ ବ୍ୟକ୍ତିମାନେ ନିୟମିତ ଭାବେ ସମ୍ବାଦପତ୍ର ଅଧ୍ୟୟନ କରିଥା'ନ୍ତି । ସମ୍ବାଦ ପତ୍ରଗୁଡ଼ିକ ବିଭିନ୍ନ ପ୍ରକାର ସମ୍ବାଦ, ପ୍ରବନ୍ଧ, ରାଜନୈତିକ ବିଶ୍ଳେଷଣ, ଶିକ୍ଷା ସମ୍ବନ୍ଧୀୟ ପ୍ରବନ୍ଧ, କାର୍ଟୁନ୍, ସାହିତ୍ୟିକ ସମାଲୋଚନା ଓ ସାଧାରଣ ଜନତାଙ୍କ ନିମନ୍ତେ ବିଭିନ୍ନ ପ୍ରକାର ସମ୍ବାଦ ଉପସ୍ଥାପନ କରିଥାଏ । ସମ୍ବାଦପତ୍ରଗୁଡ଼ିକର ନିମ୍ନୋକ୍ତ ଶୈକ୍ଷିକ ଭୂମିକା ରହିଥାଏ ।

ନୂତନ ଦୃଷ୍ଟିଭଙ୍ଗୀ ଓ ମୂଲ୍ୟବୋଧର ବିକାଶ :

ସମ୍ବାଦପତ୍ରଗୁଡ଼ିକ ସମାଜବାଦ ଓ ସାମ୍ୟବାଦ ଇତ୍ୟାଦି ଗଣତାନ୍ତ୍ରିକ ମୂଲ୍ୟବୋଧର ପ୍ରସାର କରିଥାଏ । ବିଭିନ୍ନ ପ୍ରକାର ପ୍ରବନ୍ଧ ମାଧ୍ୟମରେ ଏହା ପାଠକମାନଙ୍କ ମଧ୍ୟରେ ଗଣତାନ୍ତ୍ରିକ ମୂଲ୍ୟବୋଧ ସୃଷ୍ଟି କରିଥାଏ । ସମ୍ବାଦପତ୍ର ବିଭିନ୍ନ

ଜାତୀୟ ସମସ୍ୟା ଓ ଜାତୀୟ ଏକତା ସମ୍ବନ୍ଧରେ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିଥାଏ । ଜନସାଧାରଣଙ୍କ ମଧ୍ୟରେ ଜାତୀୟତା ଭାବ ଓ ଦେଶପ୍ରେମ ଭାବନା ସୃଷ୍ଟି କରିବାରେ ସମ୍ବାଦପତ୍ରର ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ । ସମ୍ବାଦ ପତ୍ରଗୁଡ଼ିକ ଏହାର ବିଭିନ୍ନ ପ୍ରବନ୍ଧ ମାଧ୍ୟମରେ ଜନସାଧାରଣଙ୍କ ମଧ୍ୟରେ ସାମାଜିକ ଓ ନୈତିକ ମୂଲ୍ୟବୋଧର ବିକାଶ ସାଧନ କରିଥାଏ । ଏହା ଅସାମାଜିକ ବ୍ୟକ୍ତିମାନଙ୍କର ଅସାମାଜିକ ଓ ଅନୈତିକ କାର୍ଯ୍ୟର ନିନ୍ଦା କରିବା ସହିତ ଜନସାଧାରଣଙ୍କ ମଧ୍ୟରେ ଦୁର୍ନୀତି, ଅସାଧୁତା ଏବଂ ଉଗ୍ରବାଦ ସମ୍ପର୍କରେ ଆବଶ୍ୟକ ସଚେତନତା ସୃଷ୍ଟି କରିଥାଏ । ସମ୍ବାଦପତ୍ର ବିଭିନ୍ନ ପ୍ରକାର ଜନସଂଖ୍ୟା ସମ୍ବଳିତ ସମସ୍ୟା, ପରିବେଶ ପ୍ରଦୂଷଣ, ପ୍ରାକୃତିକ ସମ୍ବଳର ଦୁରୁପଯୋଗ ଏବଂ ଅନ୍ୟାନ୍ୟ ସମସ୍ୟାଗୁଡ଼ିକ ସମ୍ବନ୍ଧରେ ସ୍ୱର ଉ ାଳନ କରିଥାଏ । ଏହା ବିଭିନ୍ନ ପ୍ରକାର ବିପଦ ଆପଦ ସଂପର୍କରେ ଜନସାଧାରଣଙ୍କୁ ଅବଗତ କରାଇବା ସହିତ ଜୀବନପ୍ରତି ଏକ ସାକାରାତ୍ମକ ଚିନ୍ତାଧାରା ସୃଷ୍ଟି କରିଥାଏ । ଏହି ପରିପ୍ରେକ୍ଷୀରେ ଜନସାଧାରଣଙ୍କ ମଧ୍ୟରେ ନୂତନ ମୂଲ୍ୟବୋଧ ଓ ଦୃଷ୍ଟିଭଙ୍ଗୀର ବିକାଶ କ୍ଷେତ୍ରରେ ସମ୍ବାଦ ପତ୍ରର ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ ଅଟେ ।

ସାଧାରଣ ସଚେତନତା :

ସମ୍ବାଦପତ୍ର ବିଭିନ୍ନ ବିଷୟ ପ୍ରତି ଜନସାଧାରଣଙ୍କ ମଧ୍ୟରେ ସାଧାରଣ ସଚେତନତା ସୃଷ୍ଟି କରିଥାଏ । ସମ୍ବାଦପତ୍ରଗୁଡ଼ିକ ବିଭିନ୍ନ ପ୍ରକାର ଚିତ୍ର, ତଥ୍ୟ ଓ ଛବି ସହିତ ଆ ଳିକ, ଜାତୀୟ ଏବଂ ଆନ୍ତର୍ଜାତୀୟ ସମ୍ବାଦ ପରିବେଷଣ କରିଥାଏ । ପୃଥିବୀର ବିଭିନ୍ନ କୋଣ ଅନୁକୋଣର ସମ୍ବାଦ ପାଠକ ସହଜରେ ଜାଣି ପାରିଥାଏ । ସାମ୍ପ୍ରତିକ ସମାଜର ବିଭିନ୍ନ ସମସ୍ୟା, ବିକାଶ ପ୍ରକ୍ରିୟା ଓ ଉଦ୍ଭାବନ ପ୍ରତି ସମ୍ବାଦପତ୍ର ଜନସାଧାରଣଙ୍କ ମଧ୍ୟରେ ଏକ ସଚେତନତା ସୃଷ୍ଟି କରିଥାଏ । ସମ୍ବାଦପତ୍ର ପୃଥିବୀର ବିଭିନ୍ନ ଅ ଳର ପାଣିପାଗ ଓ ଏହାର ପ୍ରତିକାର ବ୍ୟବସ୍ଥା ସମ୍ବନ୍ଧରେ ଜନସାଧାରଣଙ୍କୁ ଅବଗତ କରାଇଥାଏ । ପୃଥିବୀର ବିଭିନ୍ନ ଅ ଳର ସମ୍ବାଦ ସମ୍ପର୍କରେ ଏହା ବିଶ୍ଳେଷଣାତ୍ମକ ପ୍ରବନ୍ଧମାନ ମଧ୍ୟ ଉପସ୍ଥାପିତ କରିଥାଏ । ଏସବୁ ପ୍ରସଙ୍ଗରେ ଅଧ୍ୟୟନ ଦ୍ୱାରା ବ୍ୟକ୍ତିର ଚିନ୍ତନ ଦକ୍ଷତାର ବିକାଶ ହୋଇଥାଏ ।

ସମ୍ବାଦପତ୍ରଗୁଡ଼ିକ ବ୍ୟକ୍ତିମାନଙ୍କର ପଠନଗତ ଦକ୍ଷତାର ବିକାଶ ସାଧନ କରିଥାଏ । ସାଧାରଣତଃ ପ୍ରତ୍ୟେକ ବ୍ୟକ୍ତି ପ୍ରତ୍ୟେକ ଦିନ ସମ୍ବାଦପତ୍ର ପଠନ କରିଥାନ୍ତି । ସମ୍ବାଦପତ୍ର ଗୁଡ଼ିକରେ ବିଭିନ୍ନ ପାଠ୍ୟକ୍ରମ ତଥା ବିଦ୍ୟାଳୟ ନିମନ୍ତେ ପ୍ରଶ୍ନରସୂଚକ ତଥ୍ୟମାନ ସ୍ଥାନ ପାଇଥାଏ । ଏହାଦ୍ୱାରା ଜନସାଧାରଣ ସେମାନଙ୍କ ପସନ୍ଦଯୋଗ୍ୟ ଶିକ୍ଷାନୁଷ୍ଠାନ ସମ୍ପର୍କରେ ତଥ୍ୟ ହାସଲ କରିବା ଦ୍ୱାରା ବିଶେଷ ଲାଭବାନ୍ ହୋଇଥାନ୍ତି । ପୁନଶ୍ଚ ଯୁବକଗୋଷ୍ଠୀ ବିଭିନ୍ନ ଅନୁଷ୍ଠାନଗୁଡ଼ିକରେ ଖାଲିଥିବା ଚାକିରୀ ସମ୍ବନ୍ଧରେ ଜାଣିପାରନ୍ତି ଓ ତଦନୁଯାୟୀ ବିଭିନ୍ନ ବୃ ି ଚୟନ କରିଥାନ୍ତି । ଏଣୁ ସମ୍ବାଦପତ୍ର ଗୁଡ଼ିକ ପରୋକ୍ଷ ଭାବରେ ଶୈକ୍ଷିକ ଓ ବୃ ିଗତ ଉପଦେଶନ ପ୍ରଦାନ କରିଥାନ୍ତି । ଏହା ଶିକ୍ଷାର୍ଥୀମାନଙ୍କୁ ଉ ମ ଶିକ୍ଷା ଓ କର୍ମସଂସ୍ଥାନ ସଂପର୍କରେ ବିଶେଷ ଉପଯୋଗୀ ତଥ୍ୟମାନ ପ୍ରଦାନ କରିଥାଏ । ବିଭିନ୍ନ ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରର ସାମାଜିକ, ରାଜନୈତିକ ଓ ଧର୍ମ ସମ୍ପର୍କିତ ଘଟଣାବଳୀ ସଂପର୍କରେ ସମ୍ବାଦପତ୍ର ଗୁଡ଼ିକ ବିଶେଷ ତଥ୍ୟ ପରିବେଷଣ କରିଥାନ୍ତି ।

ସମ୍ବାଦପତ୍ରଗୁଡ଼ିକ ବିଭିନ୍ନ ଭାଷାରେ ପ୍ରକାଶିତ ହୋଇଥାଏ । ଜଣେ ପାଠକ ସମ୍ବାଦ ପତ୍ର ପଠନ ଦ୍ୱାରା ଭାଷାର ସଠିକ୍ ବ୍ୟବହାର, ଶବ୍ଦର ଉପଯୁକ୍ତ ପ୍ରୟୋଗ ଓ ବ୍ୟାକରଣ ସମ୍ପର୍କରେ ବିଶେଷ ଜ୍ଞାନ ଆହରଣ କରିଥାନ୍ତି । ଫଳତଃ

ସମ୍ବାଦପତ୍ର ବିଭିନ୍ନ ଭାଷା ସଂପର୍କରେ ଦକ୍ଷତା ହାସଲ ନିମନ୍ତେ ସାହାଯ୍ୟ କରିଥାଏ । ଏହା ବ୍ୟକ୍ତିର ଶବ୍ଦ ଭଣ୍ଡାର ଓ ପଠନଗତ ଦକ୍ଷତାର ବିକାଶ ସାଧନ କରିଥାଏ । ଆଜିର ଯୁଗରେ ସମ୍ବାଦପତ୍ର ଏକ ଶକ୍ତିଶାଳୀ ଗଣମାଧ୍ୟମ ରୂପେ ଆତ୍ମପ୍ରକାଶ କରିବା ସହିତ ଏହାର ଭୂମିକା କ୍ରମଶଃ ବଢ଼ି ଚାଲିଛି ।

(iii) ଚଳଚ୍ଚିତ୍ର :

ଚଳଚ୍ଚିତ୍ରର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଆମୋଦ ପ୍ରଦାନ କରିବା । ଚଳଚ୍ଚିତ୍ରର ଜନସାଧାରଣଙ୍କ ଉପରେ ପ୍ରଭାବ ବେଶ୍ ପ୍ରଭାବଶାଳୀ । ଚଳଚ୍ଚିତ୍ରଗୁଡ଼ିକର ନିର୍ଦ୍ଦିଷ୍ଟ ଶୈକ୍ଷିକ ମୂଲ୍ୟବୋଧ ରହିଥାଏ । ଜନସାଧାରଣଙ୍କ ମଧ୍ୟରେ ସାଧାରଣ ଜ୍ଞାନ ଓ ସଚେତନତାର ବିକାଶ ନିମନ୍ତେ ଏହା ଏକ ସଫଳ ମାଧ୍ୟମ ଅଟେ । ବିଭିନ୍ନ ଗୋଷ୍ଠୀ ଜନସାଧାରଣଙ୍କର ଦୃଷ୍ଟିଭଙ୍ଗୀରେ ପରିବ ର୍ନ ଆଣିବା ସହିତ ମୂଲ୍ୟବୋଧର ବିକାଶ ନିମନ୍ତେ ଏହାର ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ । ଚଳଚ୍ଚିତ୍ରର ବିଭିନ୍ନ ଶୈକ୍ଷିକ ମୂଲ୍ୟବୋଧଗୁଡ଼ିକ ସଂପର୍କରେ ନିମ୍ନରେ ବର୍ଣ୍ଣନା କରାଯାଇଛି ।

ଆମ୍ଭେମାନେ ସାଧାରଣତଃ ବିଭିନ୍ନ ପ୍ରକାର ଚଳଚ୍ଚିତ୍ରର ସଂସ୍ପର୍ଶରେ ଆସିଥାଉ । ସାଧାରଣ ଚଳଚ୍ଚିତ୍ରଗୁଡ଼ିକ ବ୍ୟବସାୟିକ ଦୃଷ୍ଟିକୋଣରୁ ଆମୋଦ ପ୍ରଦାନ ନିମନ୍ତେ ପ୍ରସ୍ତୁତ ହୋଇଥାଏ । ମାତ୍ର କେତେକ ଚଳଚ୍ଚିତ୍ର ବିଭିନ୍ନ ପ୍ରକାର ସାମାଜିକ ସମସ୍ୟା ଓ ଜାତୀୟ ସମସ୍ୟା ସଂପର୍କରେ ଆଲୋକପାତ କରିବା ମାଧ୍ୟମରେ ଜନସାଧାରଣଙ୍କ ମଧ୍ୟରେ ଆତ୍ମବିଶ୍ୱାସ ସୃଷ୍ଟି କରିବା ସହିତ ଦେଶପ୍ରେମଭାବନା ଜାଗରିତ କରିଥାଏ ।

ଆଜିକାଲି ବିଭିନ୍ନ ବିଷୟରେ ଶିକ୍ଷାଭି ିକ ଓ ପ୍ରାମାଣିକ ଚଳଚ୍ଚିତ୍ରମାନ ମଧ୍ୟ ପ୍ରସ୍ତୁତ କରାଯାଇଥାଏ । ଶିକ୍ଷାଭି ିକ ଚଳଚ୍ଚିତ୍ରଗୁଡ଼ିକ ଶିକ୍ଷାର୍ଥୀଙ୍କର ଜ୍ଞାନ, ବୋଧ ଓ ଦକ୍ଷତାର ବିକାଶ ନିମନ୍ତେ କ୍ଷେତ୍ର ପ୍ରସ୍ତୁତ କରିଥାଏ । ଏ ପ୍ରକାର ଚଳଚ୍ଚିତ୍ରଗୁଡ଼ିକ ବିଭିନ୍ନ ବିଷୟରେ ଶିକ୍ଷାର୍ଥୀଙ୍କର ସ୍ପଷ୍ଟ ଧାରଣା ସୃଷ୍ଟି କରିବା ନିମନ୍ତେ ସହାୟକ ହୋଇଥାଏ ।

କେତେକ ଚଳଚ୍ଚିତ୍ର ବ୍ୟାପକ ଗଣଯୋଗାଯୋଗ ନିମନ୍ତେ ବ୍ୟବହୃତ ହୋଇଥାଏ । ସରକାରଙ୍କ ସୂଚନା ଓ ଗଣଯୋଗାଯୋଗ ବିଭାଗ ବିଭିନ୍ନ ଚଳଚ୍ଚିତ୍ରମାନ ସଂଗ୍ରହ କରି ସର୍ବସାଧାରଣରେ ପ୍ରଦର୍ଶନ କରିଥାନ୍ତି । କୃଷକମାନଙ୍କ ମଧ୍ୟରେ ଆଧୁନିକ ପ୍ରଣାଳୀରେ କୃଷିକାର୍ଯ୍ୟ ସଂପର୍କିତ ସଚେତନତାର ବିକାଶ ପାଇଁ କୃଷିଭି ିକ ଚଳଚ୍ଚିତ୍ରମାନ ପ୍ରସ୍ତୁତ କରାଯାଇଥାଏ । ଜନସଂଖ୍ୟା ବିସ୍ଫୋରଣ, ବିଭିନ୍ନ ସାମାଜିକ ସମସ୍ୟା, ବିଭିନ୍ନ ବ୍ୟାଧି ଓ ଅନ୍ଧବିଶ୍ୱାସ ବିରୁଦ୍ଧରେ ଚଳଚ୍ଚିତ୍ର ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିଥାଏ । ଚଳଚ୍ଚିତ୍ର ଜନସାଧାରଣଙ୍କୁ ସେମାନଙ୍କର ବିକାଶ ପ୍ରକ୍ରିୟାର ବିଭିନ୍ନ ସୁଯୋଗ ସଂପର୍କରେ ଅବଗତ କରାଇଥାଏ । ଏହିଦୃଷ୍ଟିକୋଣରୁ ଚଳଚ୍ଚିତ୍ରକୁ ଶିକ୍ଷାର ଏକ ପ୍ରମୁଖ ମାଧ୍ୟମ ରୂପେ ଗ୍ରହଣ କରାଯାଇଥାଏ ।

ବେତାରଯନ୍ତ୍ର / ରେଡ଼ିଓ :

ଆଜିକାଲି ବିଭିନ୍ନ ଦୂରଦୂରାନ୍ତ ଅ ଳରେ ବସବାସ କରୁଥିବା ଜନସାଧାରଣଙ୍କ ଦ୍ୱାରା ବେତାରଯନ୍ତ୍ର ବହୁଳ ଭାବରେ ବ୍ୟବହୃତ ହେଉଛି । ଏହା ଉଭୟ ଶିକ୍ଷା ଓ ଆମୋଦ ପ୍ରମୋଦର ଏକ ବଳିଷ୍ଠ ମାଧ୍ୟମ ରୂପେ ବ୍ୟବହୃତ ହୋଇଥାଏ । ଏହା ଶିକ୍ଷାର ଏକ ଅନୌପଚାରିକ ମାଧ୍ୟମ ଅଟେ । ଭାରତରେ ବେତାରଯନ୍ତ୍ର କାର୍ଯ୍ୟକ୍ରମ ୧୯୨୭ ମସିହା ଜୁଲାଇ ୨୩ ତାରିଖରେ ଆରମ୍ଭ ହୋଇଥିଲା । ଆଜିର ଯୁଗରେ ଆମ୍ଭେମାନେ ବେତାରଯନ୍ତ୍ର ଦ୍ୱାରା ଉଭୟ

ସାଧାରଣ ଓ ଶୈକ୍ଷିକ କାର୍ଯ୍ୟକ୍ରମମାନ ଶୁଣିବାକୁ ପାଇଥାଉ । ଉଭୟ ସାକ୍ଷର ଓ ନିରକ୍ଷର ଜନସାଧାରଣଙ୍କ ନିମନ୍ତେ ଏହା ତଥ୍ୟ ପ୍ରସାରଣର ଏକ ଉପଯୋଗୀ ମାଧ୍ୟମ ଅଟେ । ବେତାର ଯନ୍ତ୍ରରେ ଶିକ୍ଷକ, ଶିକ୍ଷାର୍ଥୀ, ଅଣଆନୁଷ୍ଠାନିକ ଶିକ୍ଷାକେନ୍ଦ୍ରର ଶିକ୍ଷାର୍ଥୀ, ବୟସ୍କ ଶିକ୍ଷାର୍ଥୀ, କୃଷକ ଓ ଦୂର ନିରନ୍ତର ଶିକ୍ଷାନୁଷ୍ଠାନର ଶିକ୍ଷାର୍ଥୀମାନଙ୍କ ନିମନ୍ତେ ଅନେକ ଉପାଦେୟ ଶୈକ୍ଷିକ କାର୍ଯ୍ୟକ୍ରମମାନ ପ୍ରସାରିତ ହୋଇଥାଏ ।

ସାଧାରଣତଃ ଆମ୍ଭେମାନେ ଦୁଇ ପ୍ରକାର ବେତାର କାର୍ଯ୍ୟକ୍ରମ ସମ୍ପର୍କରେ ଆସିଥାଉ । ପ୍ରଥମଟି ହେଉଛି ସାଧାରଣ ପ୍ରସାରଣ ବ୍ୟବସ୍ଥା । ଏହା ମାଧ୍ୟମରେ ସମାଜର ବିଭିନ୍ନ ଘଟଣାବଳୀଗୁଡ଼ିକ ସମ୍ପର୍କରେ ବିଭିନ୍ନ ତଥ୍ୟମାନ ପ୍ରସାରିତ ହୁଏ ଏବଂ ଶୈକ୍ଷିକ ପ୍ରସାରଣ ମାଧ୍ୟମରେ ବିଭିନ୍ନ ଶୈକ୍ଷିକ କାର୍ଯ୍ୟକ୍ରମମାନ ପ୍ରସାରିତ ହୋଇଥାଏ । ନିମ୍ନରେ ବେତାର ପ୍ରସାରଣର ବିଭିନ୍ନ ଶୈକ୍ଷିକ କାର୍ଯ୍ୟକ୍ରମଗୁଡ଼ିକ ସମ୍ପର୍କରେ ଆଲୋଚନା କରାଯାଇଛି ।

ଦୃଷ୍ଟିଭଙ୍ଗୀ ଓ ମୂଲ୍ୟବୋଧର ପରିବ ର୍ନ :

ଜଣେ ବ୍ୟକ୍ତି ରେଡ଼ିଓ ବା ବେତାର ଯନ୍ତ୍ର ସାହାଯ୍ୟରେ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ସମ୍ପର୍କରେ ଆସିଥାଏ । ବିଭିନ୍ନ ପ୍ରକାର ସାମାଜିକ ଓ ନୈତିକ କାର୍ଯ୍ୟକ୍ରମଗୁଡ଼ିକ ଜନସାଧାରଣଙ୍କ ମଧ୍ୟରେ ସାମାଜିକ, ନୈତିକ ଓ ଆଧ୍ୟାତ୍ମିକ ମୂଲ୍ୟବୋଧର ବିକାଶରେ ବିଶେଷ ସାହାଯ୍ୟ କରିଥାଏ । ଜାତୀୟତା ଓ ତତ୍‌ସମ୍ପର୍କିତ ସଚେତନତାର ବିକାଶରେ ଏହା ବିଶେଷ ସହାୟକ ହୋଇଥାଏ । ବେତାରଯନ୍ତ୍ରରେ ପ୍ରସାରିତ ବିଭିନ୍ନ କାର୍ଯ୍ୟକ୍ରମଗୁଡ଼ିକ ଦେଶପ୍ରେମ, ସାମାଜିକ ଏକତା, ଜାତୀୟତା, ଜାତୀୟ ଏବଂ ଆବେଗିକ ସଂହତିର ବିକାଶରେ ବିଶେଷ ସହାୟକ ହୋଇଥାଏ । ସଂକୀର୍ଣ୍ଣ ଜାତୀୟତା ଏବଂ ଉଗ୍ରବାଦ ସମ୍ପର୍କରେ ଏହା ଜନସାଧାରଣଙ୍କୁ ସତର୍କ କରାଇଥାଏ । ଏହାଦ୍ୱାରା ବ୍ୟକ୍ତି ମଧ୍ୟରେ ଏକ ସାକାରାତ୍ମକ ଦୃଷ୍ଟିଭଙ୍ଗୀ ସୃଷ୍ଟି ହୋଇଥାଏ । ବିଭିନ୍ନ ଆନ୍ତର୍ଜାତିକ ଘଟଣାବଳୀ ସମ୍ପର୍କରେ ଏହା ଆଲୋକପାତ କରିଥାଏ । କୌଣସି ଗୋଟିଏ ଦେଶର ସମସ୍ୟାକୁ ସମଗ୍ର ବିଶ୍ୱସମ୍ମୁଖରେ ଉପସ୍ଥାପନ କରି ଏହା 'ବସୁଧୈବ କୁଟୁମ୍ବକମ୍' ମୂଲ୍ୟବୋଧର ପ୍ରଚାର କରିଥାଏ ।

ରେଡ଼ିଓ ବିଭିନ୍ନ ବର୍ଗ ବା ଗୋଷ୍ଠୀର ଜନସାଧାରଣଙ୍କ ମଧ୍ୟରେ ବିଭିନ୍ନ ପ୍ରକାର ଜଟିଳ ସମସ୍ୟା ତଥା ପରିବେଶ ପ୍ରଦୂଷଣ, ଜଙ୍ଗଲ ସଂରକ୍ଷଣ, ଏଡ଼୍‌ସ ନିରାକରଣ ଏବଂ ଯୌନଶିକ୍ଷା ଆଦି ସମସ୍ୟା ସଂପର୍କରେ ସଚେତନତା ସୃଷ୍ଟି କରିଥାଏ । ଏହା ଜନସାଧାରଣଙ୍କ ମଧ୍ୟରୁ ଅନ୍ଧବିଶ୍ୱାସ, ସାମାଜିକ କୁସଂସ୍କାର ଦୂର କରିବା ସହିତ ବୈଜ୍ଞାନିକ ମନୋବୃ ି ଓ ବ୍ୟାପକ ସଚେତନତା ସୃଷ୍ଟି ପାଇଁ ସାହାଯ୍ୟ କରିଥାଏ । ରେଡ଼ିଓ ନାଗରିକତା ଶିକ୍ଷା ପ୍ରଦାନ କରିବା ସହିତ ଗଣତାନ୍ତ୍ରିକ ମୂଲ୍ୟବୋଧ ସୃଷ୍ଟି କରିଥାଏ । ଗଣତନ୍ତ୍ରପ୍ରତି ସାକାରାତ୍ମକ ଚିନ୍ତାଧାରା ସୃଷ୍ଟି କରିବା ସହିତ ଏହା ଜନସାଧାରଣଙ୍କୁ ସେମାନଙ୍କର କ ର୍ବ୍ୟ, ଦାୟିତ୍ୱ ଏବଂ ଅଧିକାର ସମ୍ପର୍କରେ ଅବଗତ କରାଇଥାଏ ।

ଜ୍ଞାନ ଓ ବୋଧଶକ୍ତିର ବିକାଶ :

ପୂର୍ବରୁ ଆଲୋଚନା କରାଯାଇଛି ଯେ, ରେଡ଼ିଓ ବିଭିନ୍ନ ପ୍ରକାର ଶୈକ୍ଷିକ କାର୍ଯ୍ୟକ୍ରମ ପ୍ରସାରଣ କରିଥାଏ । ଏହା ଶ୍ରେଣୀଗୃହ ଶିକ୍ଷାଦାନକୁ ତ୍ୱରାନ୍ୱିତ କରିଥାଏ । ବିଭିନ୍ନ ପ୍ରକାର ବିଷୟବସ୍ତୁ ସମ୍ପର୍କରେ ଏହା ଶିକ୍ଷାର୍ଥୀମାନଙ୍କ ମଧ୍ୟରେ ଜ୍ଞାନ ଓ ବୋଧ ଶକ୍ତିର ବିକାଶ ସାଧନ କରିଥାଏ । ଶବ୍ଦଭଣ୍ଡାରର ଅଭିବୃଦ୍ଧି ତଥା ଭାଷାଗତ କୌଶଳର ବିକାଶ କ୍ଷେତ୍ରରେ

ଏହାର ଭୂମିକା ଅନସ୍ୱୀକାର୍ଯ୍ୟ । ଏହା କେତେକ ଶବ୍ଦର ସଠିକ୍ ଉଚ୍ଚାରଣ ସମ୍ବନ୍ଧରେ ଶିକ୍ଷାର୍ଥୀକୁ ଧାରଣା ଦେଇଥାଏ । ହିନ୍ଦି, ଇଂରାଜୀ ଏବଂ ଓଡ଼ିଆ ପ୍ରଭୃତି ବିଭିନ୍ନ ଭାଷାସମ୍ବନ୍ଧରେ ବିଭିନ୍ନ କାର୍ଯ୍ୟକ୍ରମମାନ ଏହା ପ୍ରସାରଣ କରିଥାଏ । ଏହା ଶିକ୍ଷାର୍ଥୀର ଭାଷାର ବିକାଶ ନିମନ୍ତେ ସାହାଯ୍ୟ କରିଥାଏ ।

ଜନସଂଖ୍ୟା ଶିକ୍ଷା, କୃଷି ଓ ସ୍ୱାସ୍ଥ୍ୟ ସମ୍ପର୍କିତ କାର୍ଯ୍ୟକ୍ରମମାନ ରେଡ଼ିଓ ଦ୍ୱାରା ପ୍ରସାରିତ ହୋଇଥାଏ । ଜନସଂଖ୍ୟା ସମ୍ବନ୍ଧୀୟ କାର୍ଯ୍ୟକ୍ରମ ଗୁଡ଼ିକ ଜନସାଧାରଣଙ୍କ ମଧ୍ୟରେ ଜନସଂଖ୍ୟା ବିସ୍ଫୋରଣ ଓ ଏହାର ପରିଣତି ସମ୍ପର୍କିତ ସଚେତନତାର ବିକାଶ କରିଥାଏ । କୃଷି ସମ୍ପର୍କିତ କାର୍ଯ୍ୟକ୍ରମ ଜନସାଧାରଣଙ୍କୁ ଆଧୁନିକ କୃଷି ପ୍ରଣାଳୀ ସମ୍ବନ୍ଧରେ ଶିକ୍ଷାପ୍ରଦାନ କରିଥାଏ । ଆମ୍ଭେମାନେ ରେଡ଼ିଓରୁ ପାଣିପାଗ ସମ୍ବନ୍ଧରେ କେତେକ ଉପାଦେୟ ସତର୍କ ସୂଚନା ପାଇଥାଉ । ସ୍ୱାସ୍ଥ୍ୟ ସମ୍ପର୍କିତ କାର୍ଯ୍ୟକ୍ରମ ଜନସାଧାରଣଙ୍କ ମଧ୍ୟରେ ସ୍ୱାସ୍ଥ୍ୟପ୍ରତି ସଚେତନତା ସୃଷ୍ଟି କରିଥାଏ । ଏହା ପରିବେଶ ଶିକ୍ଷା ପ୍ରଦାନ କରିବା ସହିତ ପରିବେଶ ପ୍ରଦୂଷଣ ସମ୍ପର୍କରେ ଆମ୍ଭମାନଙ୍କୁ ଅବଗତ କରାଇଥାଏ । ଏହା ବିଭିନ୍ନ ପାଠ୍ୟକ୍ରମ ସମ୍ବନ୍ଧରେ ସୂଚନା ପ୍ରଦାନ କରିବା ସହିତ, ନିଯୁକ୍ତି ସୁଯୋଗ ସମ୍ପର୍କରେ କେତେକ ତଥ୍ୟ ପ୍ରଦାନ କରିଥାଏ । ବିଭିନ୍ନ ପାଠ୍ୟକ୍ରମ ନିମନ୍ତେ ଉପଲବ୍ଧ ବୃତ୍ତି ସମ୍ପର୍କରେ ଏହା ମଧ୍ୟ ତଥ୍ୟପ୍ରଦାନ କରିଥାଏ ।

ଏହି ଦୃଷ୍ଟିରୁ ରେଡ଼ିଓର ଅନେକ ଶୈକ୍ଷିକ ମୂଲ୍ୟବୋଧ ରହିଛି । ଶିକ୍ଷାର୍ଥୀଙ୍କ ବ୍ୟତୀତ ସାଧାରଣ ଜନତାଙ୍କ ନିମନ୍ତେ ଏହାର କାର୍ଯ୍ୟକ୍ରମ ଗୁଡ଼ିକ ବିଶେଷ ଉପଯୋଗୀ ଅଟେ । ସର୍ବଭାରତୀୟ ବେତାର ପ୍ରସାରଣ ସେବା (All India Radio-AIR) ଭାରତ ସରକାରଙ୍କ ସର୍ବବୃହତ୍ ଗଣମାଧ୍ୟମ ଅଟେ ।

(v) ଦୂରଦର୍ଶନ :

ଦୂରଦର୍ଶନ ଗଣଯୋଗାଯୋଗ ବ୍ୟବସ୍ଥାର ଏକ ଗୁରୁତ୍ୱପୂର୍ଣ୍ଣ ଦୃଶ୍ୟଶ୍ରାବ୍ୟ ମାଧ୍ୟମ ଅଟେ । ଦୂରଦର୍ଶନ ଉଭୟ ଶ୍ରବଣ ଓ ଦର୍ଶନେନ୍ଦ୍ରିୟକୁ ପ୍ରଭାବିତ କରୁଥିବାରୁ ଏହା ରେଡ଼ିଓ ଅପେକ୍ଷା ଗୁରୁତ୍ୱପୂର୍ଣ୍ଣ ଗଣମାଧ୍ୟମ ଅଟେ । ଏହା ପ୍ରତ୍ୟେକ ବ୍ୟକ୍ତିଙ୍କୁ ଏଥିପ୍ରତି ଆକର୍ଷିତ କରିଥାଏ । ଏହା କେବଳ ଆମୋଦ ପ୍ରମୋଦର ମାଧ୍ୟମ ନୁହେଁ, ଏହା ଶିକ୍ଷାଦାନର ଏକ ଫଳପ୍ରଦ ମାଧ୍ୟମ ଅଟେ । ଦିଲ୍ଲୀରୁ ବିଦ୍ୟାଳୟ ଗୁଡ଼ିକରେ ଏହା ସର୍ବପ୍ରଥମେ ୧୯୬୧ ଖ୍ରୀଷ୍ଟାବ୍ଦରେ ବ୍ୟବହୃତ ହୋଇଥିଲା । ୧୯୮୨ ଖ୍ରୀଷ୍ଟାବ୍ଦର ଏପ୍ରିଲ୍ ମାସରେ ଭାରତର ଜାତୀୟ ଉପଗ୍ରହର ସଫଳ ଉତ୍କ୍ଷେପଣ ପରେ, ଏହା ଶିକ୍ଷା ବ୍ୟବସ୍ଥାର ବିଭିନ୍ନ ସ୍ତରରେ ଶିକ୍ଷାର ଗୁଣାତ୍ମକମାନର ବିକାଶ ନିମନ୍ତେ ବିଶେଷ ଭାବରେ ବ୍ୟବହୃତ ହୋଇଥିଲା । ଉପଗ୍ରହର ସଫଳ ଉତ୍କ୍ଷେପଣ ଦ୍ୱାରା ଦୂରଦର୍ଶନ ଏହାର ବିଭିନ୍ନ ଚ୍ୟାନେଲ ଗୁଡ଼ିକ ସାହାଯ୍ୟରେ ବିଭିନ୍ନ ପ୍ରକାର ମନୋରଞ୍ଜନ ଧର୍ମୀ ଏବଂ ଶୈକ୍ଷିକ କାର୍ଯ୍ୟକ୍ରମଗୁଡ଼ିକ ସଫଳତାର ସହିତ ପ୍ରସାରଣ କରିପାରୁଛି । ଏହା ଏକ ଅତ୍ୟନ୍ତ ଫଳପ୍ରଦ ଦୃଶ୍ୟଶ୍ରାବ୍ୟ ମାଧ୍ୟମ ରୂପେ ବିଭିନ୍ନ ସ୍ତରରେ ବ୍ୟବହୃତ ହେଉଛି । ଏହା ବିଭିନ୍ନ ପ୍ରକାର ଶୈକ୍ଷିକ କାର୍ଯ୍ୟକ୍ରମମାନ ପ୍ରସାରଣ କରିବା ସହିତ ଜନସାଧାରଣଙ୍କ ଜୀବନକୁ ବିଶେଷ ଭାବରେ ପ୍ରଭାବିତ କରୁଛି । ନିମ୍ନରେ ଏହାର ବିଭିନ୍ନ ଶୈକ୍ଷିକ କାର୍ଯ୍ୟକ୍ରମଗୁଡ଼ିକ ସମ୍ପର୍କରେ ଆଲୋଚନା କରାଯାଇଛି ।

ଜ୍ଞାନ ଓ ବୋଧଶକ୍ତିର ବିକାଶ :

ଦୂରଦର୍ଶନ ବିଭିନ୍ନ ଶୈକ୍ଷିକ ବିଷୟବସ୍ତୁ ସମ୍ପର୍କରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମମାନ ପ୍ରସ୍ତୁତ କରିଥାଏ । ଜାତୀୟସ୍ତରରେ କେନ୍ଦ୍ରୀୟ ଶିକ୍ଷା ପ୍ରଦ୍ୟୋଗିକ ପ୍ରତିଷ୍ଠାନ (Central Institute of Educational Technology - CIET) ଏବଂ

ଜାତୀୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ (National Council of Educational Research and Training - NCERT) ଓ ରାଜ୍ୟ ସ୍ତରରେ ରାଜ୍ୟ ଶିକ୍ଷା ପ୍ରାଦ୍ୟୋଗିକ ପ୍ରତିଷ୍ଠାନ (State Institute of Educational Technology - SIET) ଦୂରଦର୍ଶନ ନମନ୍ତେ ବିଭିନ୍ନ ଉପଯୋଗୀ ଶୈକ୍ଷିକ କାର୍ଯ୍ୟକ୍ରମମାନ ପ୍ରସ୍ତୁତ କରିଥା'ନ୍ତି । ନୂଆଦିଲ୍ଲୀଠାରେ ଅବସ୍ଥିତ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (University Grants Commission - UGC) ଇନ୍ଦିରାଗାନ୍ଧୀ ଜାତୀୟ ମୁକ୍ତି ବିଶ୍ୱବିଦ୍ୟାଳୟ (Indira Gandhi National Open University - IGNOU) ଏବଂ ଜାତୀୟ ମୁକ୍ତ ବିଦ୍ୟାଳୟ (National Open School - NOS) ମଧ୍ୟ ବିଭିନ୍ନ ଉପାଦେୟ ଶୈକ୍ଷିକ କାର୍ଯ୍ୟକ୍ରମମାନ ପ୍ରସାରଣ କରିଥା'ନ୍ତି । ଏହି କାର୍ଯ୍ୟକ୍ରମଗୁଡ଼ିକ ବିଭିନ୍ନ ବିଷୟରେ ପ୍ରସାରିତ ହେବା ସହିତ ଶିକ୍ଷାର୍ଥୀମାନଙ୍କ ମଧ୍ୟରେ କେତେକ ବିଷୟରେ ସ୍ପଷ୍ଟ ଧାରଣା ସୃଷ୍ଟିକରିବାରେ ସହାୟକ ହୋଇଥାଏ । କେତେକ ଶିକ୍ଷଣ ବିଷୟବସ୍ତୁ ସମ୍ପର୍କରେ ନୂତନ ଗବେଷଣାଲବ୍ଧ ଜ୍ଞାନ ଶିକ୍ଷାର୍ଥୀମାନଙ୍କ ନିକଟରେ ସହଜରେ ପହ ୍ପାରିଥାଏ । ଏତଦ୍‌ବ୍ୟତୀତ ବିଭିନ୍ନ ଦେଶର ଜନସାଧାରଣଙ୍କ ଜୀବନଧାରଣ ପ୍ରକ୍ରିୟା ସମ୍ବନ୍ଧରେ ମଧ୍ୟ ଦୂରଦର୍ଶନ ସ୍ପଷ୍ଟ ଧାରଣା ପ୍ରଦାନ କରିଥାଏ । ବିଶ୍ୱର କୋଣ ଅନୁକୋଣରେ ସଂଘଟିତ ହେଉଥିବା ସମସ୍ତ ଘଟଣା ସଂପର୍କରେ ଏହା ଆମ୍ଭମାନଙ୍କୁ ଅବଗତ କରାଇଥାଏ । ପ୍ରାଥମିକ ସ୍ତରର ଶିକ୍ଷାର୍ଥୀମାନଙ୍କ ନିମନ୍ତେ ଦୂରଦର୍ଶନ ଆ ଳିକ ଭାଷାରେ ବିଭିନ୍ନ ଶୈକ୍ଷିକ କାର୍ଯ୍ୟକ୍ରମମାନ ପ୍ରସ୍ତୁତ କରିଥାଏ । ଦୂରଦର୍ଶନ ସଠିକ ଉଚ୍ଚାରଣ, ଯୋଗାଯୋଗ ସଂପର୍କିତ ଦକ୍ଷତା, ଶବ୍ଦଭଣ୍ଡାର ତଥା ଭାଷାଗତ କୌଶଳର ବିକାଶ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ଏହା ଶିକ୍ଷା, ସ୍ୱାସ୍ଥ୍ୟ ଓ ପରିବେଶ ସଂପର୍କରେ ଶିକ୍ଷା ପ୍ରଦାନ କରିଥାଏ । ଦୂରଦର୍ଶନ ବିଭିନ୍ନ ବୃ ିଗତ ଓ ଶିକ୍ଷାଗତ ସମସ୍ୟା ସମ୍ବନ୍ଧରେ ପ୍ରତ୍ୟେକ ବ୍ୟକ୍ତିକୁ ଅବଗତ କରାଇଥାଏ । ଏଥିଯୋଗୁଁ ଦୂରଦର୍ଶନକୁ ଶିକ୍ଷଣର ଏକ ଫଳପ୍ରଦ ମାଧ୍ୟମ ରୂପେ ବିବେଚନା କରାଯାଇଥାଏ । ଏହାଦ୍ୱାରା ପ୍ରତ୍ୟେକ ବ୍ୟକ୍ତି ମନୋରଞ୍ଜନଧର୍ମୀ କାର୍ଯ୍ୟକ୍ରମମାନ ଦେଖିବା ସହିତ ବିଭିନ୍ନ ଶିକ୍ଷଣୀୟ କାର୍ଯ୍ୟକ୍ରମକୁ ଉପଭୋଗ କରିବାର ସୁଯୋଗ ପାଇଥାନ୍ତି । ଦୂରଦର୍ଶନ ସବୁ ବର୍ଗର ଜନସାଧାରଣଙ୍କ ଆବଶ୍ୟକତାକୁ ପୂରଣ କରିଥାଏ ।

ଦୃଷ୍ଟିଭଙ୍ଗୀ ଓ ମୂଲ୍ୟବୋଧର ପରିବ ର୍ନ :

ଦୂରଦର୍ଶନ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମମାନ ପ୍ରସାରଣ କରିଥାଏ । କେତେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଜନସାଧାରଣଙ୍କ ମଧ୍ୟରେ ଜାତୀୟ ସଂହତି ଓ ଦେଶପ୍ରେମ ଭାବନା ଜାଗ୍ରତ କରିଥାଏ ଏବଂ ବିଭିନ୍ନ ଜାତୀୟ ତଥା ଆନ୍ତର୍ଜାତୀୟ ସମସ୍ୟା ପ୍ରତି ସଚେତନତାର ବିକାଶ କରିଥାଏ । ଏହା ନାଗରିକମାନଙ୍କୁ ସେମାନଙ୍କ ଦାୟିତ୍ୱ ଓ କ ର୍ବ୍ୟ ସଂପର୍କରେ ସଚେତନ କରିବା ସହିତ, ଅନ୍ୟାୟ ବିରୁଦ୍ଧରେ ଲଢ଼େଇ କରିବା ନିମନ୍ତେ ସାହସ ତଥା ପ୍ରେରଣା ଯୋଗାଇଥାଏ । ଏହାଦ୍ୱାରା ପ୍ରତ୍ୟେକ ବ୍ୟକ୍ତି ମଧ୍ୟରେ ଆତ୍ମବିଶ୍ୱାସ ସୃଷ୍ଟି ହେବା ସହିତ ସମାଜ ଓ ଦେଶପ୍ରତି ଏକ ସାକାରାତ୍ମକ ଚିନ୍ତାଧାରା ଜାଗ୍ରତ ହୋଇଥାଏ । ଦୂରଦର୍ଶନ ମଧ୍ୟ ଆନ୍ତର୍ଜାତିକ ଚେତନା ବୃଦ୍ଧି କରିଥାଏ । ଏହା ବିଭିନ୍ନ ଆନ୍ତର୍ଜାତିକ ଘଟଣାବଳୀ ସଂପର୍କରେ ବ୍ୟକ୍ତିକୁ ସଚେତନ କରାଇବା ସହିତ ତା'ମଧ୍ୟରେ 'ବସୁଧୈବ କୁଟୁମ୍ବକମ୍' ଚିନ୍ତାଧାରା ଉଦ୍ରେକ କରାଏ । ଏହା ବ୍ୟକ୍ତିକୁ ଅନ୍ୟାୟ, ଦୁର୍ନୀତି, ଉଗ୍ରବାଦ ଓ ଆ ଳିକବାଦ ବିରୁଦ୍ଧରେ ସଂଗ୍ରାମ ନିମନ୍ତେ ପ୍ରସ୍ତୁତ କରିଥାଏ । ଦୂରଦର୍ଶନ ବିଭିନ୍ନ ପ୍ରକାର ସାମାଜିକ, ନୈତିକ ଓ ଧାର୍ମିକ କାର୍ଯ୍ୟକ୍ରମ ଦ୍ୱାରା ବ୍ୟକ୍ତି ମଧ୍ୟରେ ତଦ୍‌ଜନିତ ମୂଲ୍ୟବୋଧର ବିକାଶ ସାଧନ କରିଥାଏ । ଏହି କାର୍ଯ୍ୟକ୍ରମଗୁଡ଼ିକ ବ୍ୟକ୍ତି ମଧ୍ୟରେ ଗଣତାନ୍ତ୍ରିକ ମୂଲ୍ୟବୋଧ ପ୍ରତି ସାକାରାତ୍ମକ ଚିନ୍ତାଧାରା ଉଦ୍ରେକ

କରିବା ସହିତ ବିଭିନ୍ନ ପ୍ରକାର ଅନ୍ଧବିଶ୍ୱାସ, କୁସଂସ୍କାରଠାରୁ ଦୂରେଇ ରଖିଥାଏ । ପୁନଶ୍ଚ ଦୂରଦର୍ଶନ ଦ୍ୱାରା ପ୍ରସାରିତ କାର୍ଯ୍ୟକ୍ରମଗୁଡ଼ିକ ସାହାଯ୍ୟରେ ଜଣେ ବ୍ୟକ୍ତି ଜନସଂଖ୍ୟା ନିୟନ୍ତ୍ରଣ, ନିରକ୍ଷରତା ଦୂରୀକରଣ, ଦାରିଦ୍ର୍ୟ ଦୂରୀକରଣ, ବନ୍ୟ ସମ୍ପଦ ଓ ବନ୍ୟ ଜୀବଜନ୍ତୁ ସଂରକ୍ଷଣ ଏବଂ ଏଡ୍‌ସ୍ ପ୍ରଭୃତି ମହାମାରୀର ନିରାକରଣ ସମ୍ପର୍କରେ ଯଥେଷ୍ଟ ଜ୍ଞାନ ଆହରଣ କରିଥାଏ ।

ଅନେକ ଦିନ ଧରି ଦୂରଦର୍ଶନକୁ ଆମୋଦପ୍ରମୋଦର ଏକ ବଳିଷ୍ଠ ମାଧ୍ୟମ ରୂପେ ଗ୍ରହଣ କରାଯାଇଆସିଛି । ମାତ୍ର ଆଜିର ଯୁଗରେ ଦୂରଦର୍ଶନ ଜ୍ଞାନ, ମୂଲ୍ୟବୋଧର ବିକାଶ ସହିତ ବିଭିନ୍ନ ସାମାଜିକ ସମସ୍ୟା ପ୍ରତି ଉପଯୁକ୍ତ ଦୃଷ୍ଟିଭଙ୍ଗୀ ସୃଷ୍ଟି କରିବା ନିମନ୍ତେ ବ୍ୟବହୃତ ହେଉଅଛି । ଜାତୀୟ ବିକାଶ କ୍ଷେତ୍ରରେ ଏହାର ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ ଅଟେ ।

(vi) କମ୍ପ୍ୟୁଟର :

ବିଭିନ୍ନ ପ୍ରକାର ବ୍ୟବସାୟ, ବାଣିଜ୍ୟ, କଳକାରଖାନା, ପ୍ରଶାସନିକ ବ୍ୟବସ୍ଥା ଓ ଯୋଗାଯୋଗ କ୍ଷେତ୍ରରେ କମ୍ପ୍ୟୁଟର ବହୁଳ ଭାବରେ ବ୍ୟବହୃତ ହୋଇଥାଏ । ଏହା ତଥ୍ୟ ବିଶ୍ଳେଷଣ ପ୍ରକ୍ରିୟାକୁ ଅତ୍ୟନ୍ତ ସରଳ ଓ ସୁଗମ କରିପାରିଛି । ଏଥିଯୋଗୁଁ କମ୍ପ୍ୟୁଟର ବୈଜ୍ଞାନିକ ଏବଂ ଗବେଷକମାନଙ୍କ ଦ୍ୱାରା ବିଶେଷ ଭାବରେ ବ୍ୟବହୃତ ହୋଇଥାଏ ।

ଆଧୁନିକ ଯୁଗରେ କମ୍ପ୍ୟୁଟର ଶିକ୍ଷା କ୍ଷେତ୍ରରେ ବହୁଳ ଭାବେ ବ୍ୟବହୃତ ହେଉଅଛି । କମ୍ପ୍ୟୁଟରର ବ୍ୟବହାର ଦ୍ୱାରା ଆମ୍ଭେମାନେ ଶିକ୍ଷାର୍ଥୀମାନଙ୍କର ବିଭିନ୍ନ ପ୍ରକାର ଶୈକ୍ଷିକ ଆବଶ୍ୟକତା ପୂରଣ କରିଥାଉ । ପୂର୍ବରୁ ଶିକ୍ଷା କ୍ଷେତ୍ରରେ କମ୍ପ୍ୟୁଟର କେବଳ ଶୈକ୍ଷିକ ପ୍ରଶାସନ ସହିତ ଜଡ଼ିତ କେତେକ କାର୍ଯ୍ୟ ଯଥା ସମୟସୂଚୀ ପ୍ରସ୍ତୁତି, ଶିକ୍ଷାର୍ଥୀଙ୍କ ମୂଲ୍ୟାୟନ ପ୍ରଣାଳୀ ଏବଂ ପ୍ରଗତି ସୂଚକ ପତ୍ରମାନ ପ୍ରସ୍ତୁତି କ୍ଷେତ୍ରରେ ବ୍ୟବହୃତ ହେଉଥିଲା । ମାତ୍ର ବ ର୍ତ୍ତମାନ ଶିକ୍ଷା କ୍ଷେତ୍ରରେ କମ୍ପ୍ୟୁଟରର ଉପଯୋଗିତା ଯଥେଷ୍ଟ ବଢ଼ିଯାଇଛି । ଏହା ଶିକ୍ଷାର୍ଥୀମାନଙ୍କୁ ବିଭିନ୍ନ ଶୈକ୍ଷିକ ସମସ୍ୟା ସମ୍ପର୍କରେ ତଥ୍ୟମାନ ପ୍ରଦାନ କରିବା ସହିତ ତୁରନ୍ତ ପ୍ରତିପୁଷ୍ଟି (Immediate feedback) ଯୋଗାଇ ଦେଇଥାଏ । ଶିକ୍ଷା କ୍ଷେତ୍ରରେ କମ୍ପ୍ୟୁଟରର ପ୍ରୟୋଗ ହେତୁ କମ୍ପ୍ୟୁଟରକୁ ଶିକ୍ଷାର ନିଷ୍କ୍ରିୟ ମାଧ୍ୟମ ରୂପେ ଗ୍ରହଣ କରାଯାଇଥାଏ ।

କମ୍ପ୍ୟୁଟର ମାଧ୍ୟମରେ ଯେଉଁ ଶିକ୍ଷା ପ୍ରଦାନ କରାଯାଇଥାଏ, ତା'କୁ କମ୍ପ୍ୟୁଟର ସହାୟକ ଶିକ୍ଷାଦାନ (Computer Assisted Instruction - CAI) କୁହାଯାଇଥାଏ । ଏହା ଶିକ୍ଷା କ୍ଷେତ୍ରରେ ଏକ ନୂତନ ଉଦ୍ଭାବନ ଅଟେ । କମ୍ପ୍ୟୁଟର ଅଧିକାଂଶ ଶିକ୍ଷାର୍ଥୀଙ୍କର ବ୍ୟକ୍ତିଗତ ଆବଶ୍ୟକତାକୁ ପୂରଣ କରିଥାଏ । ଶିକ୍ଷାର ଗୁଣାତ୍ମକମାନର ବିକାଶ ନିମନ୍ତେ ଏହା ଏକ ଉତ୍କୃଷ୍ଟ ମାଧ୍ୟମ ଅଟେ । ଏହା ଶିକ୍ଷାର୍ଥୀକୁ ନିଜର ଆବଶ୍ୟକତା ଅନୁଯାୟୀ ଶିକ୍ଷଣ ନିମନ୍ତେ ସୁଯୋଗ ପ୍ରଦାନ କରିଥାଏ । ଜଣେ ଶିକ୍ଷାର୍ଥୀ କମ୍ପ୍ୟୁଟରରେ ସଂରକ୍ଷିତ ବିଭିନ୍ନ ପ୍ରକାର ତଥ୍ୟକୁ ବ୍ୟବହାର କରିଥାଏ । ଏହା ନିଃସନ୍ଦେହ ଯେ, କମ୍ପ୍ୟୁଟର ମାଧ୍ୟମରେ ପ୍ରଦାନ କରାଯାଉଥିବା ଶିକ୍ଷାଦାନ ବେଶ୍ ଫଳପ୍ରଦ ସାବ୍ୟସ୍ତ ହୋଇଥାଏ । ଇ ରନେଟ୍ ମାଧ୍ୟମରେ ଏକ ବା ଏକାଧିକ ଶିକ୍ଷାର୍ଥୀ ବିଭିନ୍ନ ପ୍ରକାର ଶିକ୍ଷଣ ତଥ୍ୟ ଏବଂ ପୃଥିବୀର ବିଭିନ୍ନ ସ୍ଥାନରେ ଥିବା ପାଠାଗାରର ପୁସ୍ତକଗୁଡ଼ିକ ସମ୍ବନ୍ଧରେ ଅନେକ ଉପାଦେୟ ତଥ୍ୟ ହାସଲ କରିଥାନ୍ତି ।

ସାରାଂଶ :

(କ) ପରିବାର / ଗୃହ :

ଗୃହ ଶିକ୍ଷାର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅନୌପଚାରିକ ଶୈକ୍ଷିକ ମାଧ୍ୟମ ଅଟେ । ଗୃହ ପ୍ରତ୍ୟେକ ଶିଶୁକୁ ତା'ର ବିଭିନ୍ନ ପ୍ରାଥମିକ ଆବଶ୍ୟକତା ଯଥା ବାସସ୍ଥାନ, ଆମୋଦପ୍ରମୋଦ ଏବଂ ସର୍ବୋପରି ଏକ ପାରିବାରିକ ଜୀବନଧାରା ପ୍ରଦାନ କରିଥାଏ । ଏତଦ୍‌ବ୍ୟତୀତ ଗୃହ ଶିଶୁକୁ ବିଭିନ୍ନ ପ୍ରକାର ଶୈକ୍ଷିକ ଅନୁଭୂତିମାନ ପ୍ରଦାନ କରିଥାଏ । ଏହି ଶୈକ୍ଷିକ ଅନୁଭୂତି ଶିଶୁଟି ମଧ୍ୟରେ ନିମ୍ନଲିଖିତ ବିକାଶ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିଥାଏ ।

(i)	ଶାରୀରିକ ବିକାଶ	(ii)	ସାମାଜିକ ବିକାଶ
(iii)	ନୈତିକ ବିକାଶ	(iv)	ଭାଷାଗତ ବିକାଶ
(v)	ମାନସିକ ବିକାଶ	(vi)	ଆଧ୍ୟାତ୍ମିକ ବିକାଶ
(vii)	ସାଂସ୍କୃତିକ ବିକାଶ	(viii)	ବୃତ୍ତିଗତ ଦକ୍ଷତାର ବିକାଶ
(ix)	ନାଗରିକତା ଶିକ୍ଷା ଏବଂ	(x)	ବ୍ୟକ୍ତିତ୍ୱର ବିକାଶ

(ଖ) ବିଦ୍ୟାଳୟ :

ବିଦ୍ୟାଳୟ ଏକ ଗୁରୁତ୍ୱପୂର୍ଣ୍ଣ ଔପଚାରିକ ଏବଂ ସକ୍ରିୟ ଶିକ୍ଷା ମାଧ୍ୟମ ଅଟେ । ବିଦ୍ୟାଳୟ ଏହାର ବିଭିନ୍ନ ପାଠ୍ୟକ୍ରମ ଏବଂ ସହପାଠକାର୍ଯ୍ୟକ୍ରମ ସାହାଯ୍ୟରେ ଶିକ୍ଷାର୍ଥୀମାନଙ୍କ ମଧ୍ୟରେ ନିମ୍ନଲିଖିତ ବିକାଶ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିଥାଏ ।

(i)	ବ୍ୟକ୍ତିତ୍ୱର ସୁଷମ ବିକାଶ	(ii)	ସଂସ୍କୃତିର ସଂରକ୍ଷଣ ଏବଂ ବିକାଶ
(iii)	ବୌଦ୍ଧିକ ବିକାଶ	(iv)	ସାମାଜିକ ବିକାଶ
(v)	ନାଗରିକତା ବିକାଶ	(vi)	ନୈତିକ ଏବଂ ଆଧ୍ୟାତ୍ମିକ ବିକାଶ
(vii)	ଶାରୀରିକ ବିକାଶ		

ଉପରୋକ୍ତ ଦାୟିତ୍ୱଗୁଡ଼ିକର ସଫଳ ପରିଚାଳନା ଦୃଷ୍ଟିକୋଣରୁ, ବିଦ୍ୟାଳୟ ବିଭିନ୍ନ ପ୍ରକାର ପାଠ୍ୟକ୍ରମ ଓ ସହପାଠକାର୍ଯ୍ୟକ୍ରମମାନ ଆୟୋଜନ କରିବା ଉଚିତ । ପୁନଶ୍ଚ, ଏହି ଉଦ୍ଦେଶ୍ୟଗୁଡ଼ିକର ପରିପୂର୍ତ୍ତି ନିମନ୍ତେ ବିଦ୍ୟାଳୟ ଉଭୟ ଶିକ୍ଷାର୍ଥୀର ପରିବାର ଏବଂ ଗୋଷ୍ଠୀର ସାହାଯ୍ୟ ନେବା ନିତାନ୍ତ ଜରୁରୀ ଅଟେ ।

(ଗ) ଗୋଷ୍ଠୀ :

ଗୋଷ୍ଠୀ କହିଲେ ପ୍ରାୟତଃ ସମାନ ପ୍ରକାର ଲକ୍ଷ୍ୟ, ଆଗ୍ରହ, ଆଦର୍ଶ, ମୂଲ୍ୟବୋଧ, ପ୍ରଥା ଏବଂ ଜୀବନଧାରଣମାନ ସମ୍ପନ୍ନ ବ୍ୟକ୍ତିବିଶେଷଙ୍କର ସମାହାରକୁ ବୁଝାଇଥାଏ । ସମାଜର ସାଧାରଣ ଉପାଦାନ ବା ବୈଶିଷ୍ଟ୍ୟ ଦ୍ୱାରା ଏହାର ବ୍ୟକ୍ତି ବିଶେଷ ଆତ୍ମ ପରିଚୟ ଲାଭ କରିଥାନ୍ତି ।

ଗୋଷ୍ଠୀ ଶିକ୍ଷା ଏକ ଅନୌପଚାରିକ ସକ୍ରିୟ ମାଧ୍ୟମ ଅଟେ । ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ଏବଂ ଯୋଜନା ଦ୍ୱାରା ଏହା ବ୍ୟକ୍ତିମାନଙ୍କର ସାମାଜିକ, ମାନସିକ ଏବଂ ବୃତ୍ତିଗତ ଦକ୍ଷତାର ବିକାଶ ନିମନ୍ତେ କାର୍ଯ୍ୟ କରିଥାଏ । ବିଭିନ୍ନ ପ୍ରକାର ଔପଚାରିକ ଏବଂ ଅନୌପଚାରିକ ସଂସ୍ଥା ଦ୍ୱାରା ଏହା ଜନସାଧାରଣଙ୍କ ମଧ୍ୟରେ ଶିକ୍ଷାର ପ୍ରସାର ଘଟାଇଥାଏ ।

(ଘ) ରାଷ୍ଟ୍ର :

ରାଷ୍ଟ୍ର ଜନସାଧାରଣଙ୍କ ସ୍ୱୀକୃତିପ୍ରାପ୍ତ ଏକ ନିର୍ଦ୍ଦିଷ୍ଟ ଶାସନକାଳ ସମ୍ପନ୍ନ ରାଜନୈତିକ ଗୋଷ୍ଠୀ ଅଟେ । ଉଇଲସନ୍‌ଙ୍କ ମତରେ ରାଷ୍ଟ୍ର କହିଲେ ଏକ ନିର୍ଦ୍ଦିଷ୍ଟ ଭୌଗୋଳିକ ପରିସୀମା ବଶିଷ୍ଟ ସ୍ୱତନ୍ତ୍ର ନୀତିନିୟମ ଦ୍ୱାରା ପରିଚାଳିତ ଜନସାଧାରଣଙ୍କ ସମାହାରକୁ ବୁଝାଇଥାଏ । ଶିକ୍ଷାର ବିକାଶ ରାଷ୍ଟ୍ରର ଏକ ପ୍ରମୁଖ କାର୍ଯ୍ୟ ଅଟେ । ରାଷ୍ଟ୍ର ନିମ୍ନଲିଖିତ ଶୈକ୍ଷିକ କାର୍ଯ୍ୟଗୁଡ଼ିକ ପାଳନ କରିଥାଏ ।

(i) ଏହା ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା କରିବା ସହିତ ସେଗୁଡ଼ିକୁ ଆର୍ଥିକ ସାହାଯ୍ୟ କରିଥାଏ ।

(ii) ଏହା ଶିକ୍ଷାର ଉଦ୍ଦେଶ୍ୟ ନିର୍ଦ୍ଧାରଣ କରିବା ସହିତ ତଦନୁଯାୟୀ ପାଠ୍ୟକ୍ରମ ପ୍ରସ୍ତୁତ କରିଥାଏ ।

(iii) ଏହା ଉଭୟ ଔପଚାରିକ ଏବଂ ଅନୌପଚାରିକ ଶିକ୍ଷାସଂସ୍ଥାଗୁଡ଼ିକୁ ନିୟନ୍ତ୍ରଣ କରିବା ସହିତ ସେଗୁଡ଼ିକୁ ଆବଶ୍ୟକ ସ୍ଥଳେ ନିର୍ଦ୍ଦେଶନା ପ୍ରଦାନ କରିଥାଏ ।

(ଙ) ଗଣମାଧ୍ୟମ :

ଯେତେବେଳେ ଜଣେ ବ୍ୟକ୍ତି ଏକାଧିକ ବ୍ୟକ୍ତିଙ୍କୁ ତଥ୍ୟ ପ୍ରଦାନ କରିଥାଏ, ତାହାକୁ ଗଣ ଯୋଗାଯୋଗ କୁହାଯାଇଥାଏ ଏବଂ ଯେଉଁ ମାଧ୍ୟମ ଦ୍ୱାରା ଏହା ସମ୍ଭବ ହୋଇଥାଏ ତା'କୁ ଗଣମାଧ୍ୟମ କୁହାଯାଇଥାଏ । ପୁସ୍ତକ, ସମ୍ବାଦପତ୍ର, ରେଡ଼ିଓ, ଦୂରଦର୍ଶନ ଓ କମ୍ପ୍ୟୁଟର ଇତ୍ୟାଦି ଗଣମାଧ୍ୟମର ବିଭିନ୍ନ ଉଦାହରଣ ଅଟନ୍ତି । ଗଣମାଧ୍ୟମ ଶିକ୍ଷାର ଏକ ନିଷ୍କ୍ରିୟ ମାଧ୍ୟମ ଅଟେ । ବିଭିନ୍ନ ଗଣମାଧ୍ୟମ ଦ୍ୱାରା ଜନସାଧାରଣଙ୍କୁ ଅନେକ ଉପାଦେୟ ଶିକ୍ଷଣ ଅନୁଭୂତିମାନ ପ୍ରଦାନ କରାଯାଇଥାଏ । ପୁସ୍ତକ ଏବଂ ବିଭିନ୍ନ ପତ୍ରପତ୍ରିକାଗୁଡ଼ିକ ଶିକ୍ଷାର୍ଥୀମାନଙ୍କର ବୋଧଶକ୍ତିର ବିକାଶ ସାଧନ କରିବା ସହିତ ସେମାନଙ୍କ ମଧ୍ୟରେ ଉପଯୁକ୍ତ ଦୃଷ୍ଟିଭଙ୍ଗୀ, ଆଗ୍ରହ ଓ ମୂଲ୍ୟବୋଧ ସୃଷ୍ଟି କରିଥାନ୍ତି । ସମ୍ବାଦପତ୍ରଗୁଡ଼ିକ ସମ୍ବାଦ ପରିବେଷଣ, ମୂଲ୍ୟବୋଧ ସହିତ ବିଭିନ୍ନ ଜଟିଳ ସମସ୍ୟାଗୁଡ଼ିକ ପ୍ରତି ସଚେତନତା ସୃଷ୍ଟି କରିଥାନ୍ତି ।

ବ୍ୟକ୍ତି ଉପରେ ଚଳଚ୍ଚିତ୍ର ବେଶ୍ ପ୍ରଭାବ ପକାଇଥାଏ । ମନୋରଞ୍ଜନ ପ୍ରଦାନ କରିବା ବ୍ୟତୀତ ଏହା ଜନସାଧାରଣଙ୍କ ମଧ୍ୟରେ ସାଧାରଣ ସଚେତନତା, ଦୃଷ୍ଟିଭଙ୍ଗୀ ମୂଲ୍ୟବୋଧ ଓ ଜ୍ଞାନର ବିକାଶ ସାଧନ କରିଥାଏ । ରେଡ଼ିଓ ଶିକ୍ଷାର ଅନ୍ୟ ଏକ ସଫଳ ମାଧ୍ୟମ ଅଟେ । ଉଭୟ ସାଧାରଣ ଓ ଶୈକ୍ଷିକ କାର୍ଯ୍ୟକ୍ରମମାନ ରେଡ଼ିଓ ଦ୍ୱାରା ପ୍ରସାରିତ ହୋଇଥାଏ । ରେଡ଼ିଓ ନୂତନ ଜ୍ଞାନ ଓ ଦୃଷ୍ଟିଭଙ୍ଗୀର ବିକାଶ ସାଧନ କରିବା ସହିତ ବିଭିନ୍ନ ସାମ୍ପ୍ରତିକ ସମସ୍ୟା ପ୍ରତି ସଚେତନତା ସୃଷ୍ଟି କରିଥାଏ ।

ଦୂରଦର୍ଶନ ସାଧାରଣତଃ ବ୍ୟକ୍ତିର ଜ୍ଞାନ ଓ ବୋଧଶକ୍ତିର ବିକାଶ ସାଧନ କରିବା ସହିତ ବ୍ୟକ୍ତି ମଧ୍ୟରେ ଉପଯୁକ୍ତ ଦୃଷ୍ଟିଭଙ୍ଗୀ ଓ ମୂଲ୍ୟବୋଧ ସୃଷ୍ଟି କରିଥାଏ । ଏତଦ୍‌ବ୍ୟତୀତ ଦୂରଦର୍ଶନ ବ୍ୟକ୍ତିକୁ ସମାଜର ବିଭିନ୍ନ ସମସ୍ୟା ସମ୍ବନ୍ଧରେ ଅବଗତ କରାଇଥାଏ ।

ବିଭିନ୍ନ ପ୍ରକାର ବ୍ୟବସାୟ, ଶିଳ୍ପ ଓ ଗବେଷଣା କ୍ଷେତ୍ରରେ କମ୍ପ୍ୟୁଟରର ବହୁଳ ବ୍ୟବହାର ଦେଖାଯାଇଥାଏ । କମ୍ପ୍ୟୁଟରର ସହାୟତାରେ ସୃଷ୍ଟି ହୋଇଥିବା କମ୍ପ୍ୟୁଟର ସହାୟକ ଶିକ୍ଷାଦାନ ପ୍ରତ୍ୟେକ ଶିକ୍ଷାର୍ଥୀକୁ ତା'ର ଆବଶ୍ୟକତା ଅନୁଯାୟୀ ଶିକ୍ଷା ପ୍ରଦାନ କରିଥାଏ ।

ପ୍ରଶ୍ନାବଳୀ

1. **ନିମ୍ନରେ ଦିଆଯାଇଥିବା ସମ୍ଭାବ୍ୟ ଉ ରଗୁଡ଼ିକ ମଧ୍ୟରୁ ଠିକ୍ ଉ ରଟି ବାଛି ଲେଖ ।**

(କ) **କେଉଁ ଶୈକ୍ଷିକ ମାଧ୍ୟମ ପ୍ରଥମେ ଶିଶୁର ଭାଷା ଶିକ୍ଷଣର ମୂଳଦୁଆ ପକାଇଥାଏ ?**

(i) ରାଷ୍ଟ୍ର (ii) ଗୋଷ୍ଠୀ

(iii) ବିଦ୍ୟାଳୟ (iv) ଗୃହ

(ଖ) **ନିମ୍ନଲିଖିତ ମାଧ୍ୟମଗୁଡ଼ିକ ମଧ୍ୟରୁ କେଉଁଟି ଅଣାନୁଷ୍ଠାନିକ ଶିକ୍ଷା ମାଧ୍ୟମ ନୁହେଁ ?**

(i) ସମ୍ବାଦପତ୍ର (ii) ଗୋଷ୍ଠୀ

(iii) ରେଡ଼ିଓ (iv) ଦୂରଦର୍ଶନ

2. **ନିମ୍ନଲିଖିତ ପ୍ରତ୍ୟେକ ପ୍ରଶ୍ନର ଉ ର ଗୋଟିଏ ବାକ୍ୟରେ ପ୍ରଦାନ କର ।**

(i) ଗୃହ କେଉଁ ପ୍ରକାର ଶୈକ୍ଷିକ ମାଧ୍ୟମ ଅଟେ ?

(ii) ଶିଶୁର ସାମାଜିକୀକରଣର ପ୍ରଥମ ମାଧ୍ୟମଟି କ'ଣ ?

(iii) ଗୃହର ଯେ କୌଣସି ଗୋଟିଏ ଶୈକ୍ଷିକ କାର୍ଯ୍ୟ ଉଲ୍ଲେଖ କର ।

(iv) ଗଣମାଧ୍ୟମର ଗୋଟିଏ ଉଦାହରଣ ପ୍ରଦାନ କର ।

3. **ନିମ୍ନପ୍ରଦ ପ୍ରତ୍ୟେକ ଉପପ୍ରଶ୍ନର ଉ ର ଦୁଇ ବା ତିନିଗୋଟି ବାକ୍ୟରେ ପ୍ରଦାନ କର ।**

(i) ଶିଶୁର ସାମାଜିକୀକରଣରେ ବିଦ୍ୟାଳୟର ଭୂମିକା ନିର୍ଣ୍ଣୟ କର ।

(ii) ଗୋଷ୍ଠୀର ଯେ କୌଣସି ତିନିଗୋଟି ଶୈକ୍ଷିକ କାର୍ଯ୍ୟ ଉଲ୍ଲେଖ କର ।

(iii) ରାଷ୍ଟ୍ର କାହିଁକି ଶିକ୍ଷାର ଦାୟିତ୍ୱ ବହନ କରିଥାଏ ?

(iv) ସମ୍ବାଦପତ୍ରର ଯେକୌଣସି ତିନିଗୋଟି ଶୈକ୍ଷିକ କାର୍ଯ୍ୟ ବର୍ଣ୍ଣନା କର ।

4. **ନିମ୍ନଲିଖିତ ପ୍ରତ୍ୟେକ ଉପପ୍ରଶ୍ନର ଉ ର ଛଅଗୋଟି ବାକ୍ୟରେ ପ୍ରଦାନ କର ।**

(i) ଗୋଷ୍ଠୀ ଏହାର ସଦସ୍ୟମାନଙ୍କର ବୃ ିଗତ ଦକ୍ଷତାର ବିକାଶ କିପରି କରିଥାଏ ?

(ii) ଶିକ୍ଷାର୍ଥୀମାନଙ୍କ ମଧ୍ୟରେ ନୈତିକ ମୂଲ୍ୟବୋଧର ବିକାଶ ନିମନ୍ତେ ବିଦ୍ୟାଳୟର ଭୂମିକା ଆଲୋଚନା କର ।

(iii) ଶିକ୍ଷାର ପ୍ରସାର ନିମନ୍ତେ ଦୂରଦର୍ଶନର ଭୂମିକା ବର୍ଣ୍ଣନା କର ।

5. **ନିମ୍ନଲିଖିତ ପ୍ରତ୍ୟେକ ପ୍ରଶ୍ନର ଉ ର ଦିଅ ।**

(i) ଶିଶୁକୁ ଶିକ୍ଷାପ୍ରଦାନ କରିବାରେ ଗୃହର ଭୂମିକା ବର୍ଣ୍ଣନା କର ।

(ii) ବିଭିନ୍ନ ପ୍ରକାର ଗଣମାଧ୍ୟମଗୁଡ଼ିକର ଶୈକ୍ଷିକ କାର୍ଯ୍ୟ ସଂକ୍ଷେପରେ ବର୍ଣ୍ଣନା କର ।

(iii) ରାଷ୍ଟ୍ରର ଶୈକ୍ଷିକ କାର୍ଯ୍ୟଗୁଡ଼ିକ ବର୍ଣ୍ଣନା କର ।

●

ଦ୍ୱିତୀୟ ଅଧ୍ୟାୟ

ଶିକ୍ଷା ମନୋବିଜ୍ଞାନ

(କ) ଶିକ୍ଷା ମନୋବିଜ୍ଞାନ : ଅର୍ଥ, ସ୍ୱରୂପ ଓ ପରିସର

ଉଦ୍ଦେଶ୍ୟ :

ଏହି ଅଧ୍ୟାୟର ଅଧ୍ୟୟନ ପରିସମାପ୍ତି ପରେ ଶିକ୍ଷାର୍ଥୀ ମାନେ :

- ଶିକ୍ଷାର ଅର୍ଥ ଜାଣିବେ ଓ ଶିକ୍ଷା ମନୋବିଜ୍ଞାନ କ'ଣ ଓ କାହିଁକି ଅଧ୍ୟୟନ କରିବା ଦରକାର, ସେ ବିଷୟରେ ଅବଗତ ହେବେ ।
- ଶିକ୍ଷା ମନୋବିଜ୍ଞାନର ସ୍ୱରୂପ ସମ୍ବନ୍ଧରେ ସମ୍ୟକ୍ ଧାରଣା ପାଇବେ ।
- ଶିକ୍ଷା ମନୋବିଜ୍ଞାନ କିପରି ଏକ ବିକାଶୋନ୍ମୁଖୀ ବିଜ୍ଞାନ – ଜାଣିବେ ।
- ଶିକ୍ଷା ମନୋବିଜ୍ଞାନର ପରିସରର ବ୍ୟାପକତା ବିଷୟରେ ସ୍ଫୁଟ ଧାରଣା ପାଇବେ ।

ଉପକ୍ରମ

ସୃଷ୍ଟିର ରହସ୍ୟ ମଧ୍ୟରେ ମନୁଷ୍ୟ ସ୍ୱତନ୍ତ୍ର ଶ୍ରେଣୀଭୁକ୍ତ ଓ ଶ୍ରେଷ୍ଠ ସ୍ଥାନର ଅଧିକାରୀ । ଯୁଗେ ଯୁଗେ ମନୁଷ୍ୟର ଚିନ୍ତା ଚେତନା, ଅଭିପ୍ସା ଓ ଅନିସନ୍ଧିତ୍ସୁ ମନୋଭାବ ଯୋଗୁ ସଭ୍ୟତା ଓ ସଂସ୍କୃତି କ୍ରମଶଃ ବିକଶିତ ହୋଇ ପାରୁଛି । ଏଥିପାଇଁ ଶିକ୍ଷା ବ୍ୟବସ୍ଥାର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଟେ । ମାନବ ଶିଶୁ କେତେକ ଅନ୍ତର୍ନିହିତ ଗୁଣାବଳୀର ବିଭୂଷିତ ହୋଇ ଜନ୍ମ ଗ୍ରହଣ କରିଥାଏ । ତାହାର ଶାରୀରିକ, ମାନସିକ, ଆବେଗିକ ତଥା ସାମାଜିକ ବିକାଶ ସହ ଏହି ଅନ୍ତର୍ନିହିତ ଗୁଣାବଳୀ ମଧ୍ୟ ପ୍ରକାଶିତ ହୋଇଥାଏ । ସେଥିପାଇଁ ଶିଶୁର ବାସସ୍ଥାନ ଓ କାର୍ଯ୍ୟ କ୍ଷେତ୍ରର ପରିବେଶ, ଶିକ୍ଷାନୁଷ୍ଠାନର ବାତାବରଣ, ଶିକ୍ଷକମାନଙ୍କର ଭୂମିକା ଆଦର୍ଶ ହେବା ଆବଶ୍ୟକ । ଶିକ୍ଷା ପ୍ରକ୍ରିୟାରେ ଶିଶୁ ମୁଖ୍ୟ ସ୍ଥାନର ଅଧିକାରୀ । ଶିଶୁ ସଂପର୍କରେ ସଠିକ୍ ଜ୍ଞାନ ବିନା ଶିକ୍ଷା ବ୍ୟବସ୍ଥା ପରିଚାଳନା କରିବା ଅସମ୍ଭବ । ସେଥିପାଇଁ ଶିଶୁ ମନୋବିଜ୍ଞାନ ଅଧ୍ୟୟନ କରିବା ଅପରିହାର୍ଯ୍ୟ ବୋଧହୁଏ । ଶିକ୍ଷା ମନୋବିଜ୍ଞାନରେ ଶିଶୁ ସଂପର୍କରେ ତଥ୍ୟ ରହିଥାଏ । ଏହି ବିଷୟର ଅର୍ଥ ଆଲୋଚନା ପ୍ରସଙ୍ଗରେ ପ୍ରଥମେ ମନୋବିଜ୍ଞାନର ଅର୍ଥ ବୁଝିବା ଆବଶ୍ୟକ ।

୨.୧.୧. ମନୋବିଜ୍ଞାନର ଅର୍ଥ :

ମନସ୍ତତ୍ତ୍ୱବିତ୍‌ମାନେ ବିଭିନ୍ନ ସମୟରେ ମନୋବିଜ୍ଞାନର ଭିନ୍ନ ଭିନ୍ନ ଅର୍ଥ ନିର୍ଦ୍ଧାରଣ କରି ଅଛନ୍ତି । ଏହାର ଆକ୍ଷରିକ ଅର୍ଥ ବ୍ୟୁତ୍ପତ୍ତି ଦୃଷ୍ଟିରୁ ବିଚାର କଲେ ଏହା Psyche ଓ Logos ନାମକ ଦୁଇଟି ଗ୍ରୀକ୍ ଶବ୍ଦରୁ ଉତ୍ପତ୍ତି ହୋଇଥିବାର ଅନୁମାନ କରାଯାଇଅଛି । ଏହି ଦୁଇଟି ଶବ୍ଦର ଅର୍ଥ ଆତ୍ମାର ଅଧ୍ୟୟନ । କାରଣ Psyche ଅର୍ଥ ଆତ୍ମା, Logos ର ଅର୍ଥ ଅଧ୍ୟୟନ । ଆତ୍ମାର ଅଧ୍ୟୟନ କରିବା ମନୋବିଜ୍ଞାନର ପ୍ରଧାନ କାର୍ଯ୍ୟ ରୂପେ ବହୁ ବର୍ଷ ଧରି ତଦ୍‌ବିଦ୍‌ଗଣ ଗ୍ରହଣ କରୁଥିଲେ । ମାତ୍ର ପରବର୍ତ୍ତୀ କାଳରେ କେତେକ ମନସ୍ତତ୍ତ୍ୱବିତ୍ ଆଲୋଚନା କରି ଦେଖିଲେ ଯେ ଆତ୍ମା ଅବ୍ୟକ୍ତ, ଅଶରୀରୀ, ଅଦୃଷ୍ଟ ଓ ଅସ୍ପଷ୍ଟ । ଏହାକୁ ଆଲୋଚନା ଓ ପର୍ଯ୍ୟାଲୋଚନା କରିବା ଅସମ୍ଭବ । ତେଣୁ ଏହି ମତବାଦ ପ୍ରତ୍ୟାଖ୍ୟାନ କରି ମନୋବିଜ୍ଞାନକୁ ମନର ବିଜ୍ଞାନ ରୂପେ ଗ୍ରହଣ କରାଗଲା । ଏଥିରେ ଫ୍ରାନ୍ସ ଦେଶର ଦାର୍ଶନିକ Decartes ଓ ବ୍ରିଟିଶ ଦାର୍ଶନିକ John Locke ଙ୍କ ମତ ଅନୁସାରେ ମନ ଓ

ଏମାନଙ୍କ ମଧ୍ୟରେ ପ୍ରଗାଢ଼ ପାରସ୍ପରିକ ସଂପର୍କ ରହିଛି । ତେଣୁ ମନରେ କିପରି ଧାରଣା ସୃଷ୍ଟି ହୁଏ, ସେମାନେ ସେ ସଂପର୍କରେ ଆଲୋଚନା କରି ବ୍ୟକ୍ତିର ବିଭିନ୍ନ ସହଜାତ ପ୍ରବୃତ୍ତି ସମୀକ୍ଷା କଲେ । ସେହି ଅବଧାରଣାକୁ ଆଧାର କରି ମନୋବିଜ୍ଞାନକୁ 'ମନର ବିଜ୍ଞାନ' ବୋଲି କୁହାଗଲା । ମନ ମଧ୍ୟ ଆତ୍ମା ଭଳି ଅସ୍ପଷ୍ଟ । ଏହାକୁ ଦେଖିହୁଏ ନାହିଁ କିମ୍ବା ଅନୁଭବ କରି ହୁଏ ନାହିଁ । ମନର ଚରିତ୍ରକୁ ବୁଝିବା ଅସାଧ୍ୟ ଅଟେ । ତେଣୁ ମନୋବିଜ୍ଞାନ ଯେ ମନର ବିଜ୍ଞାନ ଏହି ମତବାଦକୁ ପ୍ରତ୍ୟାଖ୍ୟାନ କରାଗଲା ।

କେତେକ ମନୋବିଜ୍ଞାନୀ ମନର ସ୍ୱରୂପ ଆଲୋଚନା କରି ମାନବର କ୍ରିୟାକଳାପ ମଧ୍ୟରେ ଏହା ପ୍ରକାଶିତ ହୁଏ ବୋଲି ମତ ବ୍ୟକ୍ତ କଲେ ଯେ ମନ ଅନୁସାରେ ମନୁଷ୍ୟ ସଂଜ୍ଞାନରେ କାର୍ଯ୍ୟ କରିଥାଏ । ତେଣୁ ସେମାନେ ମନୋବିଜ୍ଞାନକୁ ଚେତନାର ବୈଜ୍ଞାନିକ ଅଧ୍ୟୟନ ରୂପେ ଗ୍ରହଣ କଲେ । ମାତ୍ର ମନୁଷ୍ୟ କେବଳ ଚେତନା ଅବସ୍ଥା ମଧ୍ୟରେ ସୀମାବଦ୍ଧ ନୁହେଁ । ଅନ୍ୟ ଦୁଇଟି ଅବସ୍ଥା ଯଥା ଅର୍ଦ୍ଧଚେତନ ଓ ଅବଚେତନ ମଧ୍ୟ ରହିଛି । ଏ ଦୁଇଟି ସଂପର୍କରେ ଏହି ମତବାଦ ନୀରବ । ତେଣୁ ପରବର୍ତ୍ତୀ କାଳରେ ମନୋବିଜ୍ଞାନର ଅର୍ଥ ବଦଳିଗଲା ।

ମନୁଷ୍ୟର ବ୍ୟବହାର ଓ ଚାଲିଚଳନରୁ ତାହାର ପ୍ରକୃତ ପରିଚୟ ମିଳେ । ଏହା ମଧ୍ୟ ଦେଖିହେବ ଓ ଅନୁଶୀଳନ କରାଯାଇପାରିବ । ତେଣୁ J.B. Watson ଙ୍କ ମତରେ ମନୋବିଜ୍ଞାନ ଏକ ଆଚରଣ ଗତ ବିଜ୍ଞାନ । James Drever ମଧ୍ୟ ପ୍ରକାଶ କଲେ ଯେ ମନୁଷ୍ୟ ଓ ପଶୁମାନଙ୍କର ଆଚରଣରୁ ସେମାନଙ୍କର ଚିନ୍ତା ଚେତନା ତଥା ଅନ୍ତର୍ନିହିତ ଭାବନାରାଜି ଜଣାପଡ଼େ । ତେଣୁ ମନୋବିଜ୍ଞାନକୁ ସକାରାତ୍ମକ ଆଚରଣଗତ ବିଜ୍ଞାନ ରୂପେ ସେ ଅଭିହିତ କଲେ । Woodworth ମଧ୍ୟ ଅନୁରୂପ ମତ ପ୍ରଦାନ କରି ବ୍ୟକ୍ତି ବିଭିନ୍ନ ଅବସ୍ଥାରେ ଓ ବିଭିନ୍ନ ପରିବେଶରେ ଯେଉଁ କାର୍ଯ୍ୟ କରେ ତାହାର ଅଧ୍ୟୟନ ମନୋବିଜ୍ଞାନ କରିଥାଏ ବୋଲି କହିଛନ୍ତି । Charles E. Skinner ମନୋବିଜ୍ଞାନର ଅର୍ଥ ବର୍ଣ୍ଣନା କରି ଲେଖିଛନ୍ତି ଯେ – Psychology deals with responses to any and every kind of situation that life presents. By responses or behaviour is meant all forms of processes, adjustments, activities and experiences of the organism.

ଏହି ଅର୍ଥ ଅଧିକ ବ୍ୟାପକ ଓ ସ୍ପଷ୍ଟ ପ୍ରତୀୟମାନ ହୁଏ । ତେଣୁ ମନୋବିଜ୍ଞାନକୁ ଆଚରଣ ବା ବ୍ୟବହାରର ବିଜ୍ଞାନ କୁହାଯାଇପାରେ । ମାତ୍ର ବ୍ୟବହାର ଅର୍ଥ କ'ଣ ? James Drever ଲେଖିଛନ୍ତି – ଜୀବନର ବିଭିନ୍ନ ପରିସ୍ଥିତିରେ ମନୁଷ୍ୟ ବା ପଶୁର ପ୍ରତିକ୍ରିୟାତ୍ମକ କାର୍ଯ୍ୟାବଳୀ ହେଉଛି ଆଚରଣ ବା ବ୍ୟବହାର । "Behaviour is the total response which man or animal makes to the situation in life with which either is confronted." ତେଣୁ ଚାଲିବା, ଦୌଡ଼ିବା, କଥା କହିବା, କାର୍ଯ୍ୟ କରିବା, ଚିନ୍ତା କରିବା, କଳ୍ପନା କରିବା, ସ୍ମରଣ କରିବା କିମ୍ବା ଆବେଗାତ୍ମକ କାର୍ଯ୍ୟାବଳୀମାନ ସାମଗ୍ରିକ ଭାବରେ ବ୍ୟବହାର ପରିସର ଭୁକ୍ତ କରାଯାଏ । ପୁନଶ୍ଚ ପରିସ୍ଥିତି ଓ ପରିବେଶ ପରିବର୍ତ୍ତନଶୀଳ । ବ୍ୟକ୍ତି ମଧ୍ୟ ବିଭିନ୍ନ ପ୍ରକାରର ରହିଛନ୍ତି । ତେଣୁ ଜୀବନରେ ବିଭିନ୍ନ ସୋପାନରେ ବିଭିନ୍ନ ପରିସ୍ଥିତି ଓ ପରିବେଶରେ ବ୍ୟକ୍ତିର କାର୍ଯ୍ୟାବଳୀ ହେଉଛି ତାହାର ଆଚରଣ ବା ବ୍ୟବହାର । ମନୋବିଜ୍ଞାନ ଏହି ବ୍ୟବହାରର ଅଧ୍ୟୟନ କରିଥାଏ ।

୨.୧.୨ ଶିକ୍ଷାର ଅର୍ଥ :

ଶିକ୍ଷାର ଅର୍ଥ ସଂପର୍କରେ ବିଭିନ୍ନ ମତ ରହିଛି । ଏହାର ଅର୍ଥ ଜ୍ଞାନ ଲାଭ କରିବା, ମାନବ ଶିଶୁ ଶିକ୍ଷାଲାଭ ପରେ ତାହାର ବ୍ୟବହାର ପରିବର୍ତ୍ତିତ ହୋଇଥାଏ । ତେଣୁ ଶିକ୍ଷାର ଅର୍ଥ ବ୍ୟବହାର ପରିବର୍ତ୍ତନ ରୂପେ ବ୍ୟାପକ ଭାବରେ ଗୃହୀତ ହୁଏ । ମାନବ ଶିଶୁ ଜନ୍ମ ପରେ ଉପଯୁକ୍ତ ଭାବରେ ଲାଳିତ ପାଳିତ ହେବା ଆବଶ୍ୟକ । ତାହାର ପିତାମାତା, ପରିବାରର ଅନ୍ୟାନ୍ୟ ସଦସ୍ୟବୃନ୍ଦ, ସମାଜ ଓ ଶିକ୍ଷକଗଣ ତାକୁ ବିଭିନ୍ନ ପ୍ରକାରର ଅଭିଜ୍ଞତା ହାସଲରେ ସାହାଯ୍ୟ କରିଥାଆନ୍ତି । ଏହି ଅଭିଜ୍ଞତା ଦ୍ୱାରା ତା'ର ବ୍ୟବହାରର ପରିବର୍ତ୍ତନ ହୋଇଥାଏ ଓ ତାହାର ଅନ୍ତର୍ନିହିତ ଗୁଣାବଳୀ ବିକଶିତ ହୁଏ । ଏହା ହିଁ ଶିକ୍ଷା ଅଟେ ।

ମହାତ୍ମା ଗାନ୍ଧୀଙ୍କ ମତରେ – ଶିକ୍ଷା ଦ୍ୱାରା ଶିଶୁ ଓ ମନୁଷ୍ୟର ଶରୀର, ମନ ଓ ଆଧ୍ୟାତ୍ମିକତାର ସାମଗ୍ରିକ ଭାବରେ ବିକାଶ ହୁଏ । H. Pestalozzi ଙ୍କ ମତରେ ମନୁଷ୍ୟର ଅନ୍ତର୍ନିହିତ ଗୁଣାବଳୀର ସ୍ୱାଭାବିକ ଓ ସମତୁଳିତ ଅଭିବୃଦ୍ଧି ହେଉଛି ଶିକ୍ଷା ।

ତେଣୁ ଶିଶୁର ସର୍ବାଙ୍ଗୀନ ଉନ୍ନତି ହିଁ ଶିକ୍ଷା – ଏହି ଉନ୍ନତି ଯୋଗୁଁ ଶିଶୁର ବ୍ୟବହାରରେ ପରିବର୍ତ୍ତନ ହୋଇଥାଏ । ତେଣୁ ଶିକ୍ଷାର ଅର୍ଥ ଶିଶୁର ବ୍ୟବହାରର ପରିବର୍ତ୍ତନ ବା ଆଚରଣଗତ ପରିବର୍ତ୍ତନ ବୋଲି କୁହାଯାଇପାରେ ।

୨.୧.୩ ଶିକ୍ଷା ମନୋବିଜ୍ଞାନର ଅର୍ଥ :

ପୂର୍ବ ଆଲୋଚନା ଅନୁସାରେ ଶିକ୍ଷା ଓ ମନସ୍ତତ୍ତ୍ୱ ଉଭୟ ଶିଶୁର ବ୍ୟବହାର ସହ ସଂପର୍କିତ । ମନସ୍ତତ୍ତ୍ୱ ଶିଶୁର ବ୍ୟବହାର ସଂପର୍କରେ ସବିଶେଷ ତଥ୍ୟ ପ୍ରଦାନ କରିଥାଏ ଓ ଶିକ୍ଷା ତାହାର ପରିବର୍ତ୍ତନ କରି ଶିଶୁକୁ ଉପଯୁକ୍ତ ନାଗରିକ ଭାବରେ ଗଠନ କରେ ।

ଆଧୁନିକ ଯୁଗରେ ଶିକ୍ଷା କାର୍ଯ୍ୟକ୍ରମରେ ଶିଶୁର ପ୍ରାଧାନ୍ୟ ରହିଅଛି । ଶିଶୁ କୈନ୍ଦ୍ରିକ ପାଠ୍ୟକ୍ରମ, ଶିକ୍ଷାଦାନ, ଉପବେଶନ ତଥା ଶିଶୁର ସର୍ବାଙ୍ଗୀନ ଉନ୍ନତିକରଣ ଶିକ୍ଷା କାର୍ଯ୍ୟକ୍ରମର ଅନ୍ତର୍ଭୁକ୍ତ ଅଟେ । ଶିକ୍ଷାଦାନ ପୂର୍ବରୁ ଶିଶୁର ଶାରୀରିକ, ମାନସିକ, ଆବେଗିକ ଓ ସାମାଜିକ ଅବସ୍ଥା ସଂପର୍କରେ ପୁଙ୍ଖାନୁପୁଙ୍ଖ ବିବରଣୀ ଜାଣିବା ଆବଶ୍ୟକ । କାରଣ ପ୍ରତ୍ୟେକ ଶିଶୁ ଅନ୍ୟଠାରୁ ଭିନ୍ନ । ପ୍ରତ୍ୟେକ ଶିଶୁର ସ୍ୱତନ୍ତ୍ର ଆବଶ୍ୟକତା, ଅଭିରୁଚି, ଆଗ୍ରହ, ମନୋଭାବ, ଦକ୍ଷତା, ବୁଦ୍ଧି ତଥା ଶିକ୍ଷଣ ଯୋଗ୍ୟତା ରହିଅଛି । କେତେକ ଶିଶୁ ମଧ୍ୟ ଅସାଧାରଣ ଧୀଶକ୍ତି ସମ୍ପନ୍ନ ହୋଇଥାଆନ୍ତି । ଏହାଛଡ଼ା ଅନ୍ୟ କେତେକ ମାନସିକ ଅନଗ୍ରସର ବା ବିକଳାଙ୍ଗ ଶିଶୁ ମଧ୍ୟ ରହିଛନ୍ତି । ସମସ୍ତଙ୍କ ନିମନ୍ତେ ଏକ ପ୍ରକାରର ଶିକ୍ଷାଦାନ ବ୍ୟବସ୍ଥା କରାଯାଇ ପାରିବ ନାହିଁ । କେତେକ ଛାତ୍ର ମଧ୍ୟ ବିଭିନ୍ନ କାରଣ ଯୋଗୁଁ ଆବେଗିକ କିମ୍ବା ସାମାଜିକ ଅନୁପଯୋଜିତ ହୋଇ ବିଶୃଙ୍ଖଳା ସୃଷ୍ଟି କରନ୍ତି କିମ୍ବା ଅପରାଧ କରି ବସନ୍ତି । କେତେକ ମଧ୍ୟ ଅତ୍ୟଧିକ ଲଜ୍ଜାଶୀଳ ହୋଇ ଆତ୍ମପ୍ରକାଶ କରିନଥାନ୍ତି । ଏ ସମସ୍ତ ବିଷୟ ଶିକ୍ଷା ମନୋବିଜ୍ଞାନରେ ଆଲୋଚିତ ହୋଇଥାଏ । ତେଣୁ ଶିକ୍ଷା ଦାନ ପୂର୍ବରୁ ଶିକ୍ଷକ ଏହାକୁ ଭଲ ଭାବରେ ଅଧ୍ୟୟନ କରିବା ଉଚିତ ।

ସମାଜ ପରିବର୍ତ୍ତନଶୀଳ । ଦିନକୁ ଦିନ ଜ୍ଞାନ ବିଜ୍ଞାନର ଉନ୍ନତି ଯୋଗୁଁ ମାନବ ସଭ୍ୟତା ଉତ୍କର୍ଷ ଲାଭ କରୁଛି । ଜୀବନର ମୂଲ୍ୟବୋଧ ଏହାଦ୍ୱାରା ପ୍ରଭାବିତ । ମନୁଷ୍ୟ ଏକ ଜଟିଳ ସାମାଜିକ ଓ ରାଜନୈତିକ ବ୍ୟବସ୍ଥା ମଧ୍ୟରେ ଜୀବନଯାପନ କରୁଛି । ଏ ସମସ୍ତର ପ୍ରଭାବ ମାନବ ଶିଶୁ ଉପରେ ଗଭୀର ଭାବରେ ପଡୁଅଛି । ତେଣୁ ତାହାର ମନସ୍ତତ୍ତ୍ୱ ମଧ୍ୟ ଦିନକୁ ଦିନ ଜଟିଳତର ହେବାକୁ ଲାଗିଛି । ତେଣୁ ଶିକ୍ଷକ ଶିକ୍ଷା ମନୋବିଜ୍ଞାନ ଅଧ୍ୟୟନ କରିବା ଅପରିହାର୍ଯ୍ୟ ବୋଧହୁଏ । ଏଥିରେ ବର୍ଣ୍ଣିତ ସିଦ୍ଧାନ୍ତଗୁଡ଼ିକୁ ଶିକ୍ଷାଦାନ କ୍ଷେତ୍ରରେ ପ୍ରୟୋଗ କରିବା ଆବଶ୍ୟକ । ପରିବାରରେ ଶିଶୁ ବାସ କରେ । ଏହାର ପରିବେଶ କିପରି ହେବା ଉଚିତ । ପରିବାରର ସଦସ୍ୟମାନେ ଶିଶୁ ସହ କିପରି ଆଚରଣ ଦେଖାଇବା ଉଚିତ ଏ ସମସ୍ତ ଶିକ୍ଷା ମନୋବିଜ୍ଞାନରେ ରହିଥାଏ । ସେହିପରି ବିଦ୍ୟାଳୟର ପରିବେଶ କିପରି ହେବା ଉଚିତ, ଶିକ୍ଷକମାନଙ୍କର ଆଚରଣ ମଧ୍ୟ କିପରି ହେବା ଉଚିତ – ଏ ସମସ୍ତ ବିଷୟ ଏଥିରେ ବର୍ଣ୍ଣିତ ହୋଇଥାଏ । ଶିକ୍ଷା ମନୋବିଜ୍ଞାନର ଏହି ପ୍ରୟୋଗାତ୍ମକ ଦିଗ ଶିକ୍ଷକ ନିମନ୍ତେ ଏକାନ୍ତ ଉପଯୋଗୀ ଅଟେ ।

ଏତଦ୍ ବ୍ୟତୀତ ଶିକ୍ଷଣ ପ୍ରକ୍ରିୟା ସଂପର୍କରେ ଶିକ୍ଷକ ଶିକ୍ଷା ମନୋବିଜ୍ଞାନରୁ ଜାଣିପାରିବେ । ପାଠ୍ୟକ୍ରମ ଓ ସହପାଠ୍ୟକ୍ରମର ଯୋଜନା କରିବା, ଏଥିପାଇଁ ଉପଯୁକ୍ତ ପ୍ରଣାଳୀ ଅବଲମ୍ବନ କରି ପରିଚାଳନା କରିବା, ମୂଲ୍ୟାଙ୍କନ କରିବା ପ୍ରଭୃତି ସଂପୂର୍ଣ୍ଣ ରୂପେ ମନୋବିଜ୍ଞାନ ଉପରେ ନିର୍ଭରଶୀଳ । ତେଣୁ ଏହାର ଗୁରୁତ୍ୱ ଶିକ୍ଷା କ୍ଷେତ୍ରରେ ଯଥେଷ୍ଟ ରହିଅଛି ।

ଶିକ୍ଷା ମନୋବିଜ୍ଞାନ ସଂପର୍କରେ ନିମ୍ନ ସଂଜ୍ଞା ଓ ଆଲୋଚନା ମଧ୍ୟ ଏହାର ଅର୍ଥ ବୁଝିବା ନିମନ୍ତେ ସହାୟକ ହେବ ।

୧. C.E. Skinner – "ଶିକ୍ଷା ମନୋବିଜ୍ଞାନ ଶିକ୍ଷା କ୍ଷେତ୍ରରେ ବ୍ୟକ୍ତିର ବ୍ୟବହାର ସଂପର୍କରେ ଅନୁଶୀଳନ କରିଥାଏ । ବ୍ୟକ୍ତିର ବ୍ୟବହାର ଓ ବ୍ୟକ୍ତିତ୍ୱ ମଧ୍ୟ ଅଧ୍ୟୟନ କରିଥାଏ ।"

୨. Crow & Crow - "ବ୍ୟକ୍ତିର ଜନ୍ମଠାରୁ ବାର୍ଦ୍ଧକ୍ୟ ପର୍ଯ୍ୟନ୍ତ ଶିକ୍ଷାଗତ ଅଭିଜ୍ଞତା ସକଳ ଶିକ୍ଷା ମନୋବିଜ୍ଞାନରୁ ଜଣାଯାଏ ।"

୩. Stephen, J. M – "ବ୍ୟକ୍ତିର ଶୈକ୍ଷିକ କ୍ରମୋନ୍ନତି ସଂପର୍କରେ ଶିକ୍ଷା ମନୋବିଜ୍ଞାନ ଅଧ୍ୟୟନ କରିଥାଏ ।"

୪. W. G. Trow - "ଶିକ୍ଷଣ ପରିସ୍ଥିତିର ମନସ୍ତାତ୍ତ୍ୱିକ ଦିଗ ସଂପର୍କରେ ଶିକ୍ଷା ମନୋବିଜ୍ଞାନରୁ ଜଣାଯାଏ ।"

୫. Judd, C. H. – "ଜନ୍ମଠାରୁ ବୟସ୍କ ହେବା ପର୍ଯ୍ୟନ୍ତ ବ୍ୟକ୍ତିର ବିଭିନ୍ନ ସୋପାନର ଅଭିବୃଦ୍ଧି ସଂପର୍କରେ ଶିକ୍ଷା ମନୋବିଜ୍ଞାନ ଏକ ବୈଜ୍ଞାନିକ ଅନୁଶୀଳନ କରିଥାଏ ।"

୬. Peel – "ଶିକ୍ଷା ମନୋବିଜ୍ଞାନ ଶିକ୍ଷା ସମ୍ବନ୍ଧୀୟ ବିଜ୍ଞାନ ଅଟେ । ଏହା ଶିକ୍ଷଣ ପ୍ରକ୍ରିୟା, ବ୍ୟକ୍ତିତ୍ୱର ଅଭିବୃଦ୍ଧି, ବ୍ୟକ୍ତି ପାର୍ଥକ୍ୟ ତଥା ବ୍ୟକ୍ତିତ୍ୱ ଏବଂ ସାମାଜିକତା ଆଦି ସଂପର୍କରେ ଅନୁଧ୍ୟାନ କରିଥାଏ ।"

୨.୧.୪ ଶିକ୍ଷା ମନୋବିଜ୍ଞାନର ସ୍ୱରୂପ

ଶିକ୍ଷା ମନୋବିଜ୍ଞାନ ଶିଶୁମାନଙ୍କର ଆଚରଣ ଓ କାର୍ଯ୍ୟାବଳୀ ଅନୁଶୀଳନ କରିଥାଏ । ଏହା ବୈଜ୍ଞାନିକ ପ୍ରଣାଳୀ ଅନୁସରଣ କରି ଶିକ୍ଷାର୍ଥୀମାନଙ୍କ ସଂପର୍କରେ ସମସ୍ତ ବିବରଣୀ ସଂଗ୍ରହ କରେ, ବିବରଣୀମାନ ଅନୁଧ୍ୟାନ ଓ ବିଶ୍ଳେଷଣ କରିଥାଏ । ଏଥିପାଇଁ ପରିସଂଖ୍ୟାନର ସାହାଯ୍ୟ ନେଇଥାଏ ଓ ସିଦ୍ଧାନ୍ତରେ ଉପନୀତ ହୁଏ । ତେଣୁ ଏହାକୁ ବିଜ୍ଞାନ କୁହାଯାଏ । ନିମ୍ନ ଆଲୋଚନାରୁ ଏହାର ସ୍ୱରୂପ ସ୍ପଷ୍ଟ ଅନୁମିତ ହୋଇପାରିବ ।

୧. ଶିକ୍ଷା ମନୋବିଜ୍ଞାନ ଏକ ପ୍ରୟୋଗାତ୍ମକ ବିଜ୍ଞାନ :

ଶିକ୍ଷା ମନୋବିଜ୍ଞାନର ବିଭିନ୍ନ ନୀତି ଓ ନିୟମମାନ ଅବଲମ୍ବନ କରାଯାଇ ଶିକ୍ଷା ପାଠ୍ୟକ୍ରମ ପ୍ରସ୍ତୁତ କରାଯାଏ ଓ ଶିକ୍ଷାଦାନ ପ୍ରଣାଳୀ ଅନୁସୃତ ହୁଏ । ଶିଶୁର ଅଭିବୃଦ୍ଧି ଶିକ୍ଷାଦାନର ଲକ୍ଷ୍ୟ । ତେଣୁ ଏହି ଅଭିବୃଦ୍ଧିର ସ୍ୱରୂପ ଓ ନୀତିମାନ ଶିକ୍ଷା ମନୋବିଜ୍ଞାନରୁ ଜଣାପଡ଼େ । ଶିକ୍ଷା ମନୋବିଜ୍ଞାନର ଶିକ୍ଷା କାର୍ଯ୍ୟକ୍ରମରେ ପ୍ରୟୋଗ ଦୃଷ୍ଟିରୁ ଏହାକୁ ଏକ ପ୍ରୟୋଗାତ୍ମକ ବିଜ୍ଞାନ (Applied Science) କୁହାଯାଏ ।

୨. ଶିକ୍ଷା ମନୋବିଜ୍ଞାନ ସକାରାତ୍ମକ ବିଜ୍ଞାନ :

ଶିଶୁ ବିଭିନ୍ନ ପରିସ୍ଥିତିରେ କିପରି ଆଚରଣ ପ୍ରଦର୍ଶନ କରିବା ଉଚିତ ପ୍ରାମାଣିକ ବିଜ୍ଞାନ (Normative Science) ତାହା ପ୍ରକାଶ କରିଥାଏ । କିନ୍ତୁ ଶିକ୍ଷା ମନୋବିଜ୍ଞାନ କେବଳ ମାତ୍ର ଶିଶୁ ବିଭିନ୍ନ ଅବସ୍ଥାରେ ଯେଉଁ ଆଚରଣ ପ୍ରଦର୍ଶନ କରେ ତାହାର ପ୍ରକୃତ ବର୍ଣ୍ଣନା କରିଥାଏ । ତେଣୁ ଏହାକୁ ସକାରାତ୍ମକ ବିଜ୍ଞାନ (Positive) କୁହାଯାଏ ।

୩. ଶିକ୍ଷା ମନୋବିଜ୍ଞାନ ଏକ ସାମାଜିକ ବିଜ୍ଞାନ :

ବ୍ୟକ୍ତି ଓ ସମାଜ ଅଙ୍ଗାଙ୍ଗୀ ଭାବରେ ଜଡ଼ିତ । ବ୍ୟକ୍ତିର ଆଚରଣ ଉପରେ ସମାଜର ଅପ୍ରତିହତ ପ୍ରଭାବ ରହିଛି । ଏତଦ୍‌ବ୍ୟତୀତ ବ୍ୟକ୍ତିର ବ୍ୟକ୍ତିଗତ ବ୍ୟବହାର ଓ ଗୋଷ୍ଠୀ ମଧ୍ୟରେ ବ୍ୟବହାର ମଧ୍ୟରେ ତାରତମ୍ୟ ରହିଛି । ଏ ସମସ୍ତର ବିଶଦ ବିବରଣୀ ଶିକ୍ଷା ମନୋବିଜ୍ଞାନରେ ରହିଛି । ତେଣୁ ଏହା ଏକ ସାମାଜିକ ବିଜ୍ଞାନ ଅଟେ ।

୪. ଶିକ୍ଷା ମନୋବିଜ୍ଞାନ ଏକ ସ୍ୱତନ୍ତ୍ର ବିଜ୍ଞାନ :

ମନୋବିଜ୍ଞାନର ପ୍ରୟୋଗାତ୍ମକ ସୋପାନରୁ ଶିକ୍ଷା ମନୋବିଜ୍ଞାନ ଉନ୍ନୀତ ହୋଇ ଏକ ସ୍ୱତନ୍ତ୍ର ବିଜ୍ଞାନ ରୂପେ ସମ୍ମାନ ଲାଭ କରି ପାରିଛି । ମନୋବିଜ୍ଞାନର ଶିକ୍ଷା ସଂପର୍କିତ ନୀତି ନିୟମ ବା ତଥ୍ୟଗୁଡ଼ିକ ପରୀକ୍ଷା କରି ଶିକ୍ଷା ମନୋବିଜ୍ଞାନ ଗ୍ରହଣ କରିବା ସଙ୍ଗେ ସଙ୍ଗେ ଗବେଷଣା ଦ୍ୱାରା ନୂତନ ତଥ୍ୟ ପ୍ରଦାନ କରିପାରୁଛି । ତେଣୁ ଏହାର ସ୍ୱାତନ୍ତ୍ର୍ୟ ସ୍ୱୀକାର କରାଯାଇପାରେ ।

୫. ଶିକ୍ଷା ମନୋବିଜ୍ଞାନ ବ୍ୟାବହାରିକ ବିଜ୍ଞାନ ଅଟେ :

ବିଜ୍ଞାନର ବିଭିନ୍ନ ବିଭାଗ ରହିଛି । ବିଷୟବସ୍ତୁ ଅନୁସାରେ ଏଗୁଡ଼ିକର ନାମକରଣ କରାଯାଇଥାଏ ଯଥା – ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ, ପ୍ରାଣୀ ବିଜ୍ଞାନ, ଉଦ୍ଭିଦ ବିଜ୍ଞାନ । ସେହିପରି ଶିଶୁର ଶିକ୍ଷା କ୍ଷେତ୍ରରେ ଯେଉଁ ଆଚରଣ ପ୍ରଦର୍ଶନ କରେ ତାହା ଶିକ୍ଷା ମନୋବିଜ୍ଞାନରେ ସ୍ଥାନିତ ହୋଇଥାଏ । ତେଣୁ ଏହା ବ୍ୟାବହାରିକ ବିଜ୍ଞାନ ରୂପେ ନାମିତ କରାଯାଇପାରିବ ।

୬. ଶିକ୍ଷା ମନୋବିଜ୍ଞାନ ଏକ ବିକାଶୋନ୍ମୁଖୀ ବିଜ୍ଞାନ :

ଶିକ୍ଷା ମନୋବିଜ୍ଞାନ ଗବେଷଣା ଦ୍ୱାରା ନୂତନ ତଥ୍ୟ ଓ ସିଦ୍ଧାନ୍ତରେ ଉପନୀତ ହୋଇପାରୁଛି । ଅନେକ ମନୋବିଜ୍ଞାନୀ ଓ ଶିକ୍ଷାବିତ୍ ଶ୍ରମ ଓ ସାଧନା ବଳରେ ଏହି ଶାସ୍ତ୍ରର ଉତ୍ତରୋତ୍ତର ଉନ୍ନତି ବିଧାନ କରୁଛନ୍ତି । ଏବେ ସୁଦ୍ଧା ଶିକ୍ଷା ମନୋବିଜ୍ଞାନର ଅନେକ ବିଭାଗ ଗବେଷଣା ଆବଶ୍ୟକ କରେ । ତେଣୁ ଏହା ଏକ ବିକାଶୋନ୍ମୁଖୀ ବିଜ୍ଞାନ ରୂପେ ଗ୍ରହଣ କରାଯାଇପାରେ ।

୨.୧.୫ ଶିକ୍ଷା ମନୋବିଜ୍ଞାନର ପରିସର

ଶିକ୍ଷା ମନୋବିଜ୍ଞାନର ପରିସର ବ୍ୟକ୍ତିର ଶିକ୍ଷା କାର୍ଯ୍ୟକ୍ରମରେ ଆଚରଣ ମଧ୍ୟରେ ସୀମିତ ହେଲେ ମଧ୍ୟ ଏହା ବିଷୟବସ୍ତୁ ଦୃଷ୍ଟିରୁ ବ୍ୟାପକ । ଏହା ଏକ ବିକାଶୋନ୍ମୁଖୀ ବିଜ୍ଞାନ ହୋଇଥିବାରୁ ନୂତନ ଗବେଷଣା ଲବ୍ଧ ତଥ୍ୟ ଦ୍ୱାରା ଏହାର ପରିସର ଦିନକୁ ଦିନ ବୃଦ୍ଧି ହେଉଅଛି । ନିମ୍ନ ଆଲୋଚନାରୁ ଏହାର ପରସର ସଂପର୍କରେ ଅବଧାରଣା କରାଯାଇପାରିବ ।

୧. **ଶିଶୁର ଅଭିବୃଦ୍ଧି ଅନୁଶୀଳନ :** ଶିକ୍ଷା ମନୋବିଜ୍ଞାନ ଶିଶୁର ଜନ୍ମ ପରେ ବିଭିନ୍ନ ସୋପାନରେ ଶାରୀରିକ, ମାନସିକ, ଆବେଗିକ ଓ ସାମାଜିକ ଅଭିବୃଦ୍ଧି ସମ୍ପର୍କରେ ତଥ୍ୟ ପ୍ରଦାନ କରିଥାଏ । ଶିକ୍ଷା କ୍ଷେତ୍ରରେ ଏହି ତଥ୍ୟ ଦ୍ୱାରା ପାଠ୍ୟକ୍ରମ ସ୍ଥିରୀକୃତ ହୋଇଥାଏ । ତଦନୁସାରେ ଶିକ୍ଷକମାନେ ମଧ୍ୟ ଶିକ୍ଷାଦାନ ପ୍ରଣାଳୀ ଅନୁସରଣ କରିଥାଆନ୍ତି ।

୨. **ବ୍ୟକ୍ତିଗତ ପାର୍ଥକ୍ୟ :** ସୃଷ୍ଟି ରହସ୍ୟମୟ । ପ୍ରତ୍ୟେକ ମାନବ ଶିଶୁ ଅନ୍ୟଠାରୁ ଭିନ୍ନ ଓ ସ୍ୱତନ୍ତ୍ର ଅନ୍ତର୍ନିହିତ ଗୁଣର ଅଧିକାରୀ । ଏହି ପାର୍ଥକ୍ୟ ଶାରୀରିକ, ମାନସିକ, ବୌଦ୍ଧିକ, ଆବେଗିକ ଏବଂ ସାମାଜିକ ବିଭାବ ମଧ୍ୟରେ ପରିଲକ୍ଷିତ ହୁଏ । ତେଣୁ ସମସ୍ତଙ୍କ ପାଇଁ ଏକ ପ୍ରକାରର ଶିକ୍ଷାଦାନ ବ୍ୟବସ୍ଥା ଫଳପ୍ରଦ ହୋଇନପାରେ । ଶିକ୍ଷା ମନୋବିଜ୍ଞାନ ବ୍ୟକ୍ତିଗତ ପାର୍ଥକ୍ୟ ସଂପର୍କରେ ବିଶଦ ଆଲୋଚନା କରି ଏହାର ସ୍ୱରୂପ, ପ୍ରକାରଭେଦ ଓ କାରଣମାନ ବର୍ଣ୍ଣନା କରିଥାଏ । ଶିକ୍ଷକ ତାହା ଜାଣିପାରି ତଦନୁସାରେ ଶିକ୍ଷାବ୍ୟବସ୍ଥାକୁ ନିୟନ୍ତ୍ରଣ କରିବା ଉଚିତ । ତେଣୁ ବ୍ୟକ୍ତିଗତ ପାର୍ଥକ୍ୟ ଶିକ୍ଷା ପରିସରର ଅନ୍ତର୍ଭୁକ୍ତ କରାଯାଇଛି ।

୩. **ଶିଶୁ ବ୍ୟବହାରର ଅଧ୍ୟୟନ :** ଶିଶୁ ଜନ୍ମ ପରେ କ୍ରମେ କ୍ରମେ ବିଭିନ୍ନ ବସ୍ତୁ ବ୍ୟକ୍ତି ଓ ପରିବେଶ ସଂପର୍କରେ ଆସେ । ସେ ନିଜର ଅଭିଜ୍ଞତା ବଳରେ ଅନେକ ବିଷୟ ଶିକ୍ଷାକରେ ଓ ତାହାର ବ୍ୟବହାରର ପରିବର୍ତ୍ତନ ହୋଇଥାଏ । ଏହି ପରିବର୍ତ୍ତନର ଏକ ନିର୍ଦ୍ଦିଷ୍ଟ ଧାରା ରହିଛି ଓ ଏହି ଧାରା ଉପରେ ପାରିପାର୍ଶ୍ୱିକ ତଥା ଶିକ୍ଷାର ପ୍ରଭାବ ରହିଥାଏ । ଶିକ୍ଷା ମନୋବିଜ୍ଞାନ ଶିଶୁ ବ୍ୟବହାରର ନୀତି ସ୍ୱରୂପ ଓ ପରିବର୍ତ୍ତନର ଧାରା ସଂପର୍କରେ ଆଲୋକପାତ କରିଥାଏ । ସେଥିପାଇଁ ଶିକ୍ଷା ମନୋବିଜ୍ଞାନର ଅନ୍ୟ ନାମ ବ୍ୟାବହାରିକ ବିଜ୍ଞାନ ଅଟେ । ଏହା ଶିକ୍ଷକମାନଙ୍କ ନିମନ୍ତେ ବିଶେଷ ସହାୟକ ହୋଇଥାଏ ।

୪. **ବ୍ୟକ୍ତିତ୍ୱର ଅନୁଶୀଳନ :** ଶିଶୁର ବ୍ୟକ୍ତିତ୍ୱ ଗଠନ ନିମନ୍ତେ ତାହାର ବଂଶଗତ ପ୍ରଭାବ, ପରିବେଶ ତଥା ବିଭିନ୍ନ ପରିସ୍ଥିତିରେ ତାହାର କାର୍ଯ୍ୟମାନ ସାହାଯ୍ୟ କରନ୍ତି । ଶିଶୁର ପରିବାର, ସାମାଜିକ ଜୀବନ, ସଂସ୍କୃତି ଓ ସଭ୍ୟତା, ବିଦ୍ୟାଳୟର ଅବସ୍ଥା ଏପରିକି ଶ୍ରେଣୀଗୃହ ଓ ତାହାର ସହପାଠୀମାନଙ୍କର ଭୂମିକା ମଧ୍ୟ ଏଥିପାଇଁ ଉଲ୍ଲେଖଯୋଗ୍ୟ । ଶିଶୁର ବ୍ୟକ୍ତିତ୍ୱ ସଂପୂର୍ଣ୍ଣ ରୂପେ ତାହାର ନିଜସ୍ୱ ଶାରୀରିକ ଓ ମାନସିକତାର ପରିପକ୍ୱ ଅବସ୍ଥା ଅଟେ । ଶିକ୍ଷଣ ପ୍ରକ୍ରିୟାରେ ଏହାର ପ୍ରଭାବ ରହିଅଛି । ତେଣୁ ଶିକ୍ଷା ମନୋବିଜ୍ଞାନର ପରିସରରେ ଏହା ଅନ୍ତର୍ଭୁକ୍ତ ।

୫. **ବୁଦ୍ଧିର ପରିମାପ :** ଶିକ୍ଷା କ୍ଷେତ୍ରରେ ଶିଶୁର ବୁଦ୍ଧି ଯୋଗୁଁ ଶିକ୍ଷଣ ଦକ୍ଷତା ମଧ୍ୟରେ ପାର୍ଥକ୍ୟ ପରିଲକ୍ଷିତ ହୁଏ । ବୁଦ୍ଧିର ପରିମାପ କରିବାର ପ୍ରଣାଳୀ ଶିକ୍ଷା ମନୋବିଜ୍ଞାନରେ ସ୍ଥାନତ ହୋଇଥାଏ । ଶିକ୍ଷକମାନେ ପ୍ରତ୍ୟେକ ଶିଶୁର ବୁଦ୍ଧି ପରିମାପ ପୂର୍ବକ ଶିକ୍ଷାଦାନ ବ୍ୟବସ୍ଥା କରିଥାନ୍ତି ।

୬. **ଶିକ୍ଷଣ ପ୍ରକ୍ରିୟାର ଅଧ୍ୟୟନ :** ଶିକ୍ଷଣ ପ୍ରକ୍ରିୟା ମାଧ୍ୟମରେ ଶିଶୁର ବ୍ୟବହାର ପରିବର୍ତ୍ତିତ ହୋଇଥାଏ । ତେଣୁ ଶିକ୍ଷା ମନୋବିଜ୍ଞାନ ଶିକ୍ଷଣର ଅର୍ଥ, ସ୍ୱରୂପ, ନୀତି ଓ ନିୟମମାନ ତଥା ଶିକ୍ଷଣକୁ ପ୍ରଭାବିତ କରୁଥିବା ବିଭିନ୍ନ କାରଣମାନ ଉଲ୍ଲେଖ କରିଥାଏ । ଶିକ୍ଷକ ଏ ସମସ୍ତ ଜାଣିବା ଏକାନ୍ତ ଆବଶ୍ୟକ ।

୭. **ମାନସିକ ସ୍ୱାସ୍ଥ୍ୟର ଅଧ୍ୟୟନ :** ଶିଶୁର ମାନସିକ ସ୍ୱାସ୍ଥ୍ୟ ଶିକ୍ଷଣ ପ୍ରକ୍ରିୟାକୁ ଗଭୀର ଭାବରେ ପ୍ରଭାବିତ କରିଥାଏ । ବର୍ତ୍ତମାନର ଜଟିଳ ସମାଜରେ ଓ ଶିଶୁ ପରିବେଶର ବିଭିନ୍ନ ପରିସ୍ଥିତିରେ ଭିନ୍ନ ଭିନ୍ନ ସମସ୍ୟାର ସମ୍ମୁଖୀନ ହୋଇଥାଏ । ଶିଶୁର ଶାରୀରିକ, ଆର୍ଥିକ, ପାରିବାରିକ, ଆବେଗିକ ତଥା ପ୍ରବୃତ୍ତିଗତ ସମସ୍ୟାଗୁଡ଼ିକ ମଧ୍ୟ ତା'ର ମାନସିକ ସ୍ୱାସ୍ଥ୍ୟାବସ୍ଥାକୁ ପ୍ରଭାବିତ କରିଥାଏ । ସେଥିପାଇଁ ଶିଶୁ ଉପଯୋଜିତ ହେବା ନିମନ୍ତେ ଚେଷ୍ଟା କରିଥାଏ, ମାତ୍ର ଅନେକ ସମୟରେ ସେ ସଫଳ ହୋଇପାରେ ନାହିଁ । ଫଳତଃ ଅନୁପଯୋଜିତ ହୋଇ ସମାଜରେ ନାନା ପ୍ରକାର ସମସ୍ୟା ସୃଷ୍ଟି କରିଥାଏ । ଶିକ୍ଷା ମନୋବିଜ୍ଞାନ ଏ ସଂପର୍କରେ ଆଲୋକପାତ କରିଥାଏ ।

୮. ଶିକ୍ଷାର୍ଥୀମାନଙ୍କ ବ୍ୟବହାର ଅନୁଧ୍ୟାନ ନିମନ୍ତେ ବିଭିନ୍ନ ପ୍ରଣାଳୀର ଅନୁଶୀଳନ :

ଶିଶୁର ବ୍ୟବହାର ଅଧ୍ୟୟନ କରିବା ନିମନ୍ତେ ବିଜ୍ଞାନ ଭିତ୍ତିକ କେତେକ ପ୍ରଣାଳୀ ରହିଛି । ଏହା ଦ୍ୱାରା ନିର୍ଦ୍ଦିଷ୍ଟ ଭାବରେ ଶିଶୁ ବ୍ୟବହାର ସଂପର୍କରେ ଜାଣିବା ସଙ୍ଗେ ସଙ୍ଗେ ପରବର୍ତ୍ତୀ କାଳରେ ଶିଶୁର ପରିବର୍ତ୍ତନ ସଂପର୍କରେ ମଧ୍ୟ ଜାଣିହୁଏ । ଏ ସମସ୍ତ ଶିକ୍ଷା ମନୋବିଜ୍ଞାନର ପରିସର ଭୁକ୍ତ କରାଯାଇଅଛି ।

୭.୪ ଶିକ୍ଷକମାନଙ୍କ ନିମନ୍ତେ ଶିକ୍ଷା ମନୋବିଜ୍ଞାନର ଉପଯୋଗିତା

ଶିକ୍ଷକମାନେ ଶ୍ରେଣୀ ଗୃହରେ ଆମ୍ଭ ଦେଶର ଭବିଷ୍ୟତକୁ ଗଠନ କରିଥାନ୍ତି । ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଓ ମହତ କାର୍ଯ୍ୟ । ତେଣୁ ଶିକ୍ଷଦାନ ପୂର୍ବରୁ ଶିକ୍ଷକ ମୁଖ୍ୟତଃ ଛାତ୍ରମାନଙ୍କୁ, ଶିକ୍ଷଣ ପ୍ରକ୍ରିୟାକୁ ତଥା ଶିକ୍ଷଣ ପରିସ୍ଥିତିକୁ ଭଲ ଭାବରେ ଜାଣିବା ଆବଶ୍ୟକ ନଚେତ ଶିକ୍ଷଦାନ ସଫଳ ହୋଇପାରିବ ନାହିଁ । ନିମ୍ନ ଚିତ୍ରରୁ ଏହା ସ୍ପଷ୍ଟ ଜଣାପଡ଼ିବ ।

ଶିକ୍ଷାର୍ଥୀ ଶିକ୍ଷଣ ପରିସ୍ଥିତିରେ କେତେକ ଶିକ୍ଷଣ ପ୍ରକ୍ରିୟା ଦ୍ୱାରା ଶିକ୍ଷା ପାଇଥାଆନ୍ତି । ଶିକ୍ଷଣ ପରିସ୍ଥିତିର ଅର୍ଥ ହେଉଛି ଶିଶୁର ପରିବେଶ, ବିଦ୍ୟାଳୟର ଅବସ୍ଥିତି ଓ ପାରିପାର୍ଶ୍ୱିକ ତଥା ଆଭ୍ୟନ୍ତରୀଣ ଅବସ୍ଥା, ବିଦ୍ୟାଳୟର ବିଭିନ୍ନ ସୁବିଧା ସୁଯୋଗକୁ ବୁଝାଏ । ଶିକ୍ଷଣ ପ୍ରକ୍ରିୟାର ଶିକ୍ଷକ ଓ ଶିକ୍ଷାର୍ଥୀର ମିଳିତ କାର୍ଯ୍ୟ ଅଟେ । ଶିକ୍ଷକ ଯେଉଁ ପ୍ରଣାଳୀ ଅନୁସରଣ କରନ୍ତି ଓ କୌଶଳ ଅବଲମ୍ବନ କରିଥାନ୍ତି ତାହା ଶିକ୍ଷଣ ପ୍ରକ୍ରିୟାକୁ ବିଶେଷ ପ୍ରଭାବିତ କରିଥାଏ । ଶିଶୁର ଶିକ୍ଷଣ ଯୋଗ୍ୟତା ଏଥିପାଇଁ ମଧ୍ୟ ଅନେକ ପରିମାଣରେ ଦାୟୀ । ନିମ୍ନ ଆଲୋଚନାରୁ ଏ ସଂପର୍କରେ ବିଶଦ ଭାବରେ ଜାଣିହେବ ।

୧. ଶିକ୍ଷାର୍ଥୀ ସଂପର୍କରେ ଅବଗତ ହେବା :

ଶିକ୍ଷା ମନୋବିଜ୍ଞାନ ଶିଶୁର ବିଭିନ୍ନ ଅବସ୍ଥାରେ ଅଭିବୃଦ୍ଧିର ଅନୁଶୀଳନ କରିଥାଏ । ଏଗୁଡ଼ିକ ଶିଶୁର ଦୈହିକ, ମାନସିକ, ଆବେଗିକ ତଥା ସାମାଜିକତାର ଉନ୍ନତି ସଂପର୍କରେ ସୂଚନା ଦେବା ସଙ୍ଗେ ସଙ୍ଗେ ଶିଶୁ କିପରି ବ୍ୟବହାର ପ୍ରଦର୍ଶନ କରେ ତାହାର ଅନୁଶୀଳନ କରିଥାଏ । ଶିଶୁର ମନୋଭାବ, ଆଗ୍ରହ, ଚିନ୍ତା ଶକ୍ତି, ବିଚାର ଦକ୍ଷତା, ବୁଦ୍ଧି ଓ ସ୍ମରଣ ଶକ୍ତି ସଂପର୍କରେ ତଥ୍ୟମାନ ଶିକ୍ଷା ମନୋବିଜ୍ଞାନରୁ ମିଳିଥାଏ । ଶିକ୍ଷା ମନୋବିଜ୍ଞାନ ଅଧ୍ୟୟନ କରି ଶିକ୍ଷକମାନେ ଶିଶୁର ନିମ୍ନ ବିଷୟଗୁଡ଼ିକ ସଂପର୍କରେ ଅବଗତ ହୋଇଥାଆନ୍ତି ।

(କ) ବ୍ୟକ୍ତିଗତ ପାର୍ଥକ୍ୟ ଜାଣି ହୁଏ : – ପ୍ରତ୍ୟେକ ଶିଶୁ ଶାରୀରିକ, ମାନସିକ, ବୌଦ୍ଧିକ, ଆବେଗିକ ଓ ସାମାଜିକଦିଗରେ ଅନ୍ୟ ଶିଶୁଠାରୁ ଭିନ୍ନ ଅଟେ । ଶିକ୍ଷାକ୍ଷେତ୍ରରେ ଏହି ବ୍ୟକ୍ତିଗତ ପାର୍ଥକ୍ୟର ପ୍ରମୁଖ ଭୂମିକା ରହିଛି । ଶିକ୍ଷା ମନୋବିଜ୍ଞାନ ଏହାର ସ୍ୱରୂପ ଓ ପ୍ରକାରଭେଦ ବର୍ଣ୍ଣନା କରିଥାଏ । ଶିକ୍ଷକ ଏହା ଅଧ୍ୟୟନ କରି ଶିଶୁମାନଙ୍କ ମଧ୍ୟରେ ପାର୍ଥକ୍ୟ ଜାଣନ୍ତି ଓ ତଦନୁସାରେ ଶିକ୍ଷା ବ୍ୟବସ୍ଥା କରନ୍ତି ।

(ଖ) ବଂଶଗତ ଓ ପରିବେଷ୍ଟନୀର ପ୍ରଭାବ ସଂପର୍କରେ ଜାଣିହୁଏ : – ବ୍ୟକ୍ତି ପାର୍ଥକ୍ୟର କାରଣଗୁଡ଼ିକ ମଧ୍ୟରେ ବଂଶଗତ ଓ ପରିବେଶର ପାର୍ଥକ୍ୟର ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ । ବଂଶଗତ ପ୍ରଭାବକୁ ପରିବର୍ତ୍ତନ କରାଯାଇ ପାରିବ ନାହିଁ । ମାତ୍ର କେଉଁ ପରିବେଶ ଶିଶୁ ନିମନ୍ତେ ଅନୁକୂଳ ତାହା ନିର୍ଣ୍ଣୟ କରାଯାଇପାରିବ । ସେଥିପାଇଁ ମଧ୍ୟ ଶିକ୍ଷକ ଉପଯୁକ୍ତ ପଦକ୍ଷେପ ନେଇ ପରିବେଶର ଉନ୍ନତି କରିପାରିବେ । ଶିକ୍ଷା ମନୋବିଜ୍ଞାନରୁ ଶିକ୍ଷକ ଏ ସଂପର୍କରେ ବିଶଦ ଭାବରେ ଜାଣି ପାରିବେ ।

(ଗ) ମାନସିକ ସ୍ୱାସ୍ଥ୍ୟ ସଂପର୍କରେ ଜାଣି ହେବ : – ଶିଶୁର ମାନସିକ ସ୍ୱାସ୍ଥ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଶାରୀରିକ, ଆର୍ଥିକ, ପାରିବାରିକ, ଧାର୍ମିକ, ସାମାଜିକ ପ୍ରଭୃତି ବିଭିନ୍ନ କାରଣରୁ ଶିଶୁ ଅନୁପଯୋଜିତ ହୋଇ ପଡ଼ିଥାଏ । ସେ ଶିକ୍ଷଣ ପ୍ରକ୍ରିୟାରେ ସହଯୋଗ

କରିପାରେ ନାହିଁ, ଅପରନ୍ତୁ ଅନେକ ବଦ୍‌ଗୁଣର ଅଧିକାରୀ ହୋଇ ଅନେକ ସମସ୍ୟା ସୃଷ୍ଟି କରେ କିମ୍ବା ଅପରାଧୀ ହୋଇଯାଏ । ଶିକ୍ଷକ ଏ ସଂପର୍କରେ ଶିକ୍ଷା ମନୋବିଜ୍ଞାନରୁ ଜାଣିପାରି ଉପଯୁକ୍ତ ଅଧ୍ୟୟନ ଫଳରେ ଶିଶୁର ମାନସିକ ସ୍ୱାସ୍ଥ୍ୟବସ୍ଥା ଜାଣିପାରିବେ ।

(ଘ) ଶିଶୁର ଅଭିବୃଦ୍ଧି ଓ ବିକାଶ ସଂପର୍କରେ ଜାଣି ହେବ : – ଶିଶୁର ନିର୍ଦ୍ଦିଷ୍ଟ ବୟସରେ ନିର୍ଦ୍ଦିଷ୍ଟ ରୀତି ଓ ସ୍ୱରୂପରେ ଅଭିବୃଦ୍ଧି ଓ ବିକାଶ ଘଟିଥାଏ । ମାତ୍ର ଅନେକ କାରଣ ବଶତଃ ଏହାର ବ୍ୟତିକ୍ରମ ମଧ୍ୟ ହୋଇଥାଏ । କେତେକ ଖୁବ୍ ଦକ୍ଷ, ବୁଦ୍ଧିମାନ ଓ ଅସାଧାରଣ ଧୀଶକ୍ତି ସମ୍ପନ୍ନ ହୋଇଥିବା ସମୟରେ ଅନ୍ୟ କେତେକ ଅନଗ୍ରସର ଓ ଅପାରଗ ହୋଇଥାଆନ୍ତି । ଅନେକ ଶିଶୁ ମଧ୍ୟ ଭିନ୍ନକ୍ଷମ ଅଟନ୍ତି । ସେମାନଙ୍କୁ ପଢ଼ାଇବାର କୌଶଳ ଓ ପ୍ରଣାଳୀ ଏକ ପ୍ରକାର ହୋଇନପାରେ । ଶିକ୍ଷକ ସେମାନଙ୍କର ମନୋଭାବ, ଆଗ୍ରହ, ଦକ୍ଷତା, ଆବଶ୍ୟକତା ଓ ଅଭୀପ୍ସାକୁ ଦୃଷ୍ଟିରେ ରଖି ପାଠଦାନ କରିବା ଉଚିତ । ତେଣୁ ଶିକ୍ଷା ମନୋବିଜ୍ଞାନ ଅଧ୍ୟୟନ କରିବା ଦ୍ୱାରା ଏ ସମସ୍ତ ବିଷୟ ଜାଣି ହୁଏ ।

୨. ଶିକ୍ଷଣ ପରିସ୍ଥିତି ଜାଣି ହେବ :

ଶିଶୁ ଉପରେ ପରିବେଶର ପ୍ରଭାବ ପଡ଼ିଥାଏ । ପରିବାର ମଧ୍ୟରେ ପାରସ୍ପରିକ ସ୍ନେହ ପ୍ରେମର ସଂପର୍କ ଯେଉଁ ଭଳି ପିଲା ପାଇଁ ହିତକର, ବିଦ୍ୟାଳୟର ପରିବେଶ ମଧ୍ୟ ସେହିଭଳି ପିଲାର ବ୍ୟକ୍ତିତ୍ୱ ଗଠନ ନିମନ୍ତେ ଅନୁକୂଳ ହେବା ଆବଶ୍ୟକ । ବିଦ୍ୟାଳୟର ଅବସ୍ଥିତି, ଏହାର ଗୃହ, ଶ୍ରେଣୀ କକ୍ଷ, ପାଠାଗାର, ପରୀକ୍ଷାଗାର, ବଗିଚା ଏବଂ ବିଦ୍ୟାଳୟର ବିଭିନ୍ନ ସହପାଠ୍ୟ କାର୍ଯ୍ୟକ୍ରମ, ଶିକ୍ଷକମାନଙ୍କର ବ୍ୟକ୍ତିତ୍ୱ ଶିଶୁର ଶିକ୍ଷା କ୍ଷେତ୍ରରେ ଗଭୀର ପ୍ରଭାବ ପକାଏ । ଆଦର୍ଶ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଅନେକ ସୁଗୁଣର ଅଧିକାରୀ ହୋଇଥାଆନ୍ତି । ତେଣୁ ଗୋଟିଏ ଆଦର୍ଶ ବିଦ୍ୟାଳୟ ହେବା ନିମନ୍ତେ ଯାହା ଯାହା ଆବଶ୍ୟକ ସେ ସମସ୍ତ ପିଲାର ମନସ୍ତତ୍ତ୍ୱ ସହ ସୁସଂପର୍କିତ ହୋଇଥିବା ଆବଶ୍ୟକ । ଶିକ୍ଷା ମନୋବିଜ୍ଞାନ ଅଧ୍ୟୟନ କରି ଶିକ୍ଷକ ବିଦ୍ୟାଳୟର ବାତାବରଣକୁ ଆଦର୍ଶ କରିପାରିବେ ।

୩. ଶିକ୍ଷଣ ପ୍ରକ୍ରିୟା ଜାଣି ହେବ :

ଶିକ୍ଷଣ ପ୍ରକ୍ରିୟା ଶିକ୍ଷା କ୍ଷେତ୍ରରେ ମୁଖ୍ୟ ସ୍ଥାନର ଅଧିକାରୀ, ଶିକ୍ଷଣ ଦ୍ୱାରା ଶିଶୁର ବ୍ୟବହାର ପରିବର୍ତ୍ତିତ ହୋଇଥାଏ । ଶିକ୍ଷଣ ଦ୍ୱାରା ଶିଶୁର ଆଗ୍ରହ, ମନୋଭାବ, କୌଶଳ ଓ ଦକ୍ଷତା ବୃଦ୍ଧି ହୋଇଥାଏ । ଶିକ୍ଷଣ ପ୍ରକ୍ରିୟାରେ ଶିକ୍ଷାର୍ଥୀର ଅଭିପ୍ରେରଣା, ଲକ୍ଷ୍ୟସ୍ଥଳ ପ୍ରତି ଆଗ୍ରହ ଓ ଲକ୍ଷ୍ୟସ୍ଥଳରେ ପହଞ୍ଚିବା ନିମନ୍ତେ ପ୍ରଚେଷ୍ଟା ରହିଥାଏ । ଅଭିପ୍ରେରଣା ଦ୍ୱାରା ଶିକ୍ଷଣ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇଥାଏ । ଅଭିପ୍ରେରଣାର ଆବଶ୍ୟକତା, ଆକାଙ୍କ୍ଷା, ମନୋଭାବ, ଆଗ୍ରହ, ଲକ୍ଷ୍ୟାନୁଭବ ପ୍ରଭୃତି ଆଧାରରେ ଶିକ୍ଷଣର ତତ୍ତ୍ୱ, ନିୟମ, ସ୍ୱରୂପ ଏବଂ ଏହାକୁ ଶିକ୍ଷଣକୁ ପ୍ରଭାବିତ କରୁଥିବା ବିଭିନ୍ନ ଉପାଦାନ ସଂପର୍କରେ ଶିକ୍ଷା ମନୋବିଜ୍ଞାନ ଆଲୋଚନା କରିଥାଏ । ତେଣୁ ଏହାର ଆବଶ୍ୟକତା ଶିକ୍ଷା ଜଗତରେ ଗୁରୁତ୍ୱପୂର୍ଣ୍ଣ ଅଟେ । ଶିକ୍ଷକ ଏହାକୁ ଭଲ ଭାବରେ ଜାଣିଲେ ଶିକ୍ଷାଦାନରେ ସଫଳକାମ ହୋଇପାରିବ ।

୪. ପାଠ୍ୟକ୍ରମ ପ୍ରସ୍ତୁତି :

ବିଦ୍ୟାଳୟର ବିଭିନ୍ନ କାର୍ଯ୍ୟକ୍ରମ ଦ୍ୱାରା ଶିଶୁର ସାମଗ୍ରିକ ଅଭିଜ୍ଞତା ହେଉଛି ପାଠ୍ୟକ୍ରମ । ଏହି କାର୍ଯ୍ୟକ୍ରମ ପ୍ରସ୍ତୁତି ସମୟରେ ଶିଶୁର ବିକାଶ ଓ ଅଭିବୃଦ୍ଧି ପ୍ରତି ଦୃଷ୍ଟି ଦିଆଯାଇଥାଏ । ତେଣୁ ଶିକ୍ଷା ମନୋବିଜ୍ଞାନ ଅଧ୍ୟୟନ କରିବା ଅପରିହାର୍ଯ୍ୟ ବୋଧ ହୁଏ ।

୫. ଶିକ୍ଷାଦାନ ପ୍ରଣାଳୀ ଅନୁସରଣ :

ଆଧୁନିକ ଯୁଗରେ ବିଜ୍ଞାନ ସମ୍ମତ ଓ ଶିଶୁ କେନ୍ଦ୍ରିକ ଶିକ୍ଷାଦାନ ପ୍ରଣାଳୀ ନିର୍ଣ୍ଣିତ ହୋଇଅଛି । ଶିକ୍ଷକ ଶିକ୍ଷା ମନୋବିଜ୍ଞାନରୁ ଶିଶୁର ଅଭିବୃଦ୍ଧି ଓ ବିକାଶର ନୀତି ନିୟମମାନ ଜାଣି ତଦନୁସାରେ ଶିକ୍ଷା ପ୍ରଣାଳୀ ଅନୁସରଣ କରିବା ଉଚିତ ।

୬. ଶିଶୁର ବ୍ୟବହାର ଅନୁଧ୍ୟାନ ନିମନ୍ତେ ବିଭିନ୍ନ ପଦ୍ଧତି ଜାଣି ହେବ :

ଶିକ୍ଷା ମନୋବିଜ୍ଞାନରେ ଶିଶୁର ବ୍ୟବହାର ଅନୁଧ୍ୟାନ ନିମନ୍ତେ ବିଭିନ୍ନ ପଦ୍ଧତିର ଆଲୋଚନା କରାଯାଇଥାଏ । ଏଗୁଡ଼ିକ ମଧ୍ୟରେ ସାକ୍ଷାତକାର ପଦ୍ଧତି, ପର୍ଯ୍ୟବେକ୍ଷଣ ପଦ୍ଧତି, ପରୀକ୍ଷଣ ପଦ୍ଧତି, ଘଟଣା ବିଶ୍ଳେଷଣ ପଦ୍ଧତି ପ୍ରଭୃତି ପ୍ରଧାନ ଅଟେ । ଶିକ୍ଷା ମନୋବିଜ୍ଞାନ ଅଧ୍ୟୟନ କରି ଶିକ୍ଷକ ଏ ସମସ୍ତ ଜାଣି ପାରନ୍ତି ଓ ଶିକ୍ଷା କ୍ଷେତ୍ରରେ ପ୍ରୟୋଗ କରି ଥାଆନ୍ତି । ଏତଦ୍‌ବ୍ୟତୀତ ଶିଶୁର ବିକାଶ ଓ ଅଭିବୃଦ୍ଧିର ପରିମାପ କରିବା ପ୍ରଣାଳୀ ମଧ୍ୟ ଜାଣି ପାରନ୍ତି । ଶିକ୍ଷକ ମନୋବିଜ୍ଞାନ ଅଧ୍ୟୟନ କରି ନିଜର କର୍ତ୍ତବ୍ୟ ସଂପର୍କରେ ସଚେତନ ହୋଇଥାଆନ୍ତି । ଏହା ବୃତ୍ତିଗତ ଯୋଗ୍ୟତା ପ୍ରଦାନ କରେ । ଶିକ୍ଷକଙ୍କ ମଧ୍ୟରେ ବୈଜ୍ଞାନିକ ଦୃଷ୍ଟିଭଙ୍ଗୀର ଅଭିବୃଦ୍ଧି ହୁଏ । ସେମାନେ ଛାତ୍ରଛାତ୍ରୀଙ୍କ ପ୍ରତି ସମ୍ବେଦନଶୀଳ ହୋଇପାରନ୍ତି । ଶିକ୍ଷା କାର୍ଯ୍ୟକ୍ରମର ବିଭିନ୍ନ ସମୟରେ ଓ ବିଭିନ୍ନ ସୋପାନରେ ମନୋବିଜ୍ଞାନର ପ୍ରୟୋଗ କରାଯାଏ । ତେଣୁ ଶିକ୍ଷକ ଏହି ଶାସ୍ତ୍ର ଅଧ୍ୟୟନ କରିବା ଏକାନ୍ତ ଆବଶ୍ୟକ ।

ମୁଖ୍ୟ ଧାରଣା

ମନୋବିଜ୍ଞାନ ବା Psychology ଗ୍ରୀକ୍ ଶବ୍ଦ Psyche ଓ Logos ରୁ ଉତ୍ପନ୍ନ ହୋଇଅଛି । Psyche ଅର୍ଥ ଆତ୍ମା ଓ Logos ର ଅର୍ଥ ଅଧ୍ୟୟନ ; ତେଣୁ Psychology ର ଆକ୍ଷରିକ ଅର୍ଥ ହେଉଛି ଆତ୍ମାର ବିଜ୍ଞାନ । କେତେ ବୈଜ୍ଞାନିକ ଏହାକୁ 'ମନର ଅଧ୍ୟୟନ' କହନ୍ତି । ଆଉ କେତେକ ଏହାକୁ ଚେତନ ଅନୁଭୂତିର ବିଜ୍ଞାନ ରୂପେ ଘୋଷଣା କରନ୍ତି । ଏ ସମସ୍ତ ମତବାଦ ପ୍ରତ୍ୟାଖ୍ୟାନ କରି ମନୋବିଜ୍ଞାନକୁ ସକାରାତ୍ମକ ବ୍ୟାବହାରୀୟ ବିଜ୍ଞାନ ରୂପେ ମନୋବିଜ୍ଞାନୀମାନେ ସଂପ୍ରତି ଗ୍ରହଣ କରନ୍ତି । ବିଭିନ୍ନ ପରିସ୍ଥିତିରେ ବ୍ୟକ୍ତିର ବ୍ୟବହାର ଏଥିରେ ସ୍ଥାନୀତ ହୋଇଥାଏ ।

ଶିକ୍ଷାର ଅର୍ଥ ବ୍ୟବହାରର ପରିବର୍ତ୍ତନ । ମନୋବିଜ୍ଞାନ ହେଉଛି ବ୍ୟବହାର ବିଜ୍ଞାନ । ତେଣୁ ଶିକ୍ଷା ଓ ମନୋବିଜ୍ଞାନ ମଧ୍ୟରେ ନିବିଡ଼ ସଂପର୍କ ରହିଛି । ଶିକ୍ଷା ମନୋବିଜ୍ଞାନ ଶିଶୁର ଶିକ୍ଷା କ୍ଷେତ୍ରରେ ବ୍ୟବହାରର ଅନୁଶୀଳନ କରିଥାଏ । ବିଦ୍ୟାଳୟର ବିଭିନ୍ନ କାର୍ଯ୍ୟକ୍ରମର ଲକ୍ଷ୍ୟ, ଉଦ୍ଦେଶ୍ୟ, ପାଠଦାନର ପ୍ରଣାଳୀ ପ୍ରଭୃତି ସ୍ଥିର କରିବା ନିମନ୍ତେ ଏହା ସାହାଯ୍ୟ କରିଥାଏ ।

ଶିକ୍ଷା ମନୋବିଜ୍ଞାନ ଏକ ପ୍ରୟୋଗାତ୍ମକ, ସକାରାତ୍ମକ କ୍ରମବର୍ଦ୍ଧିଷ୍ଣୁ ବିଜ୍ଞାନ ଅଟେ । ଏହା ଏକ ବ୍ୟାବହାରିକ ବିଜ୍ଞାନ । ଏହାର ପରିସର ଶିକ୍ଷା କାର୍ଯ୍ୟକ୍ରମ ସଂପର୍କିତ । ୧. ଶିଶୁର ବ୍ୟବହାର ଅନୁଧ୍ୟାନର ପଦ୍ଧତି ସଂପର୍କରେ ଆଲୋଚନା କରିଥାଏ । ୨. ଶିଶୁର ଅଭିବୃଦ୍ଧି ଓ ବିକାଶ ସଂପର୍କରେ ସୂଚନା ଦିଏ । ୩. ବ୍ୟକ୍ତିର ବ୍ୟବହାର ବ୍ୟକ୍ତିତ୍ୱ, ବୁଦ୍ଧି, ଶିକ୍ଷଣ ପ୍ରକ୍ରିୟା, ମାନସିକ ସ୍ୱାସ୍ଥ୍ୟ ଓ ବ୍ୟକ୍ତି ପାର୍ଥକ୍ୟମାନ ବର୍ଣ୍ଣନା କରିଥାଏ ।

ଶିକ୍ଷା ମନୋବିଜ୍ଞାନ ଅଧ୍ୟୟନ କରିବା ଦ୍ୱାରା ଶିକ୍ଷକ ଶିକ୍ଷା କାର୍ଯ୍ୟକ୍ରମର ସଫଳ ରୂପାୟନ ନିମନ୍ତେ ସକ୍ଷମ ହୁଅନ୍ତି । କାରଣ ସେ –

୧. ଶିଶୁକୁ ଅଧ୍ୟୟନ କରିପାରନ୍ତି ।
୨. ଶିକ୍ଷଣ ପରିସ୍ଥିତି ଶିଶୁ କୈନ୍ଦ୍ରିକ କରିଥାଆନ୍ତି ।
୩. ଉପଯୁକ୍ତ ଶିକ୍ଷାଦାନ ପ୍ରଣାଳୀ ଅନୁସରଣ କରନ୍ତି ।
୪. ଅନୁପଯୋଜିତ ଛାତ୍ରଛାତ୍ରୀମାନଙ୍କୁ ଉପଯୁକ୍ତ ଉପାୟରେ ଶିକ୍ଷା ଦିଅନ୍ତି ।
୫. ଶିକ୍ଷା ଦାନର ଗୁରୁତ୍ୱ ଉପଲବ୍ଧି କରିଥାଆନ୍ତି ।
୬. ଶିଶୁ କୈନ୍ଦ୍ରିକ ପାଠ୍ୟକ୍ରମ ସ୍ଥିର କରନ୍ତି ।
୭. ଛାତ୍ରଛାତ୍ରୀମାନଙ୍କ ପ୍ରତି ସମ୍ବେଦନଶୀଳ ହୁଅନ୍ତି ଓ ନିରପେକ୍ଷତା ଅବଲମ୍ବନ କରନ୍ତି ।

ଶିକ୍ଷକ ନିମନ୍ତେ ଶିକ୍ଷା ମନୋବିଜ୍ଞାନର ଉପଯୋଗିତା :

୧. ଶିକ୍ଷାର୍ଥୀ ସଂପର୍କରେ ଅବଗତ ହେବା
   (କ) ବ୍ୟକ୍ତି ପାର୍ଥକ୍ୟ ଜାଣି ହୁଏ ।
   (ଖ) ବଂଶଗତ ଓ ପରିବେଷ୍ଟନୀର ପ୍ରଭାବ ସଂପର୍କରେ ଜାଣି ହୁଏ ।
   (ଗ) ମାନସିକ ସ୍ୱାସ୍ଥ୍ୟ ସଂପର୍କରେ ଅବଗତ ହେବା ।
   (ଘ) ଶିଶୁର ଅଭିବୃଦ୍ଧି ଓ ବିକାଶ ସଂପର୍କରେ ଜାଣି ହେବ ।
୨. ଶିକ୍ଷଣ ପରିସ୍ଥିତି ସଂପର୍କରେ ଜାଣି ହେବ ।
୩. ଶିକ୍ଷଣ ପ୍ରକ୍ରିୟା ଜାଣି ହେବ ।
୪. ପାଠ୍ୟକ୍ରମ ପ୍ରସ୍ତୁତିରେ ଉପଯୋଗୀ ହୁଏ ।
୫. ଶିକ୍ଷାଦାନ ପ୍ରଣାଳୀ ଅନୁସରଣ କରିବାରେ ସହାୟକ ହୁଏ ।
୬. ଶିଶୁର ବ୍ୟବହାର ଅନୁଧ୍ୟାନ ନିମନ୍ତେ ବିଭିନ୍ନ ପଦ୍ଧତି ଜାଣି ହେବ । ବୃତ୍ତିଗତ ଯୋଗ୍ୟତା ହାସଲ କରିହେବ ।

ପ୍ରଶ୍ନାବଳୀ

୧. ନିମ୍ନରେ ଦିଆଯାଇଥିବା ସମ୍ଭାବ୍ୟ ଉତ୍ତରଗୁଡ଼ିକ ମଧ୍ୟରୁ ଠିକ୍ ଉତ୍ତରଟି ବାଛି ଲେଖ ।

(କ) ନିମ୍ନରେ ପ୍ରଦତ୍ତ ଉକ୍ତିମାନଙ୍କ ମଧ୍ୟରୁ କେଉଁଟି ଶିକ୍ଷା ମନୋବିଜ୍ଞାନର ସ୍ୱରୂପ ଅନ୍ତର୍ଭୁକ୍ତ ନୁହେଁ ?

(i) ଶିକ୍ଷା ମନୋବିଜ୍ଞାନ ଏକ ପ୍ରୟୋଗାତ୍ମକ ବିଜ୍ଞାନ ।
(ii) ଶିକ୍ଷା ମନୋବିଜ୍ଞାନ ଏକ ସକାରାତ୍ମକ ବିଜ୍ଞାନ ।
(iii) ଶିକ୍ଷା ମନୋବିଜ୍ଞାନର ପରିସଂଖ୍ୟାନର ଅଂଶ ବିଶେଷ ।
(iv) ଶିକ୍ଷା ମନୋବିଜ୍ଞାନ ଏକ ବ୍ୟବହାରିକ ବିଜ୍ଞାନ ।

(ଖ) ନିମ୍ନୋକ୍ତ ମାନଙ୍କ ମଧ୍ୟରୁ କେଉଁଟି ଶିକ୍ଷା ମନୋବିଜ୍ଞାନର ପରିସରଭୁକ୍ତ ?

(i) ସାର୍ବଜନୀନ ପ୍ରାଥମିକ ଶିକ୍ଷା ।
(ii) ଜନସଂଖ୍ୟା ଶିକ୍ଷା ପଦ୍ଧତି ।
(iii) ସାଂଗଠନିକ ଭୂମିକା ।
(iv) ମାନସିକ ସ୍ୱାସ୍ଥ୍ୟର ଅଧ୍ୟୟନ ।

୨. ନିମ୍ନଲିଖିତ ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଗୋଟିଏ ବାକ୍ୟରେ ପ୍ରଦାନ କର ।

(କ) କେଉଁ ବିଜ୍ଞାନ ଦ୍ୱାରା ଶିକ୍ଷକ ଶିଶୁର ଅଭିବୃଦ୍ଧିର ଅନୁଶୀଳନ କରିଥାଏ ?

(ଖ) ଶିକ୍ଷକ ଉପଯୁକ୍ତ ଶିକ୍ଷା ପ୍ରଦାନ ପାଇଁ ଶିକ୍ଷାର୍ଥୀମାନଙ୍କୁ ଓ ଶିକ୍ଷଣ ପ୍ରକ୍ରିୟାକୁ ଜାଣିବା ବ୍ୟତୀତ ଆଉ କେଉଁ କଥା ଭଲଭାବେ ଜାଣିବା ଆବଶ୍ୟକ ଅଟେ ?

୩. ନିମ୍ନଲିଖିତ ଉପପ୍ରଶ୍ନଗୁଡ଼ିକର ଉତ୍ତର ଦୁଇ ବା ତିନୋଟି ବାକ୍ୟରେ ପ୍ରଦାନ କର ।

(କ) ଶିକ୍ଷା ମନୋବିଜ୍ଞାନର ଦୁଇଟି ସ୍ୱରୂପର ବୈଶିଷ୍ଟ୍ୟ ଲେଖ ।
(ଖ) ଶିକ୍ଷା, ମନୋବିଜ୍ଞାନ କିପରି ପ୍ରୟୋଗାତ୍ମକ ବିଜ୍ଞାନ ଅଟେ ?
(ଗ) ଶିକ୍ଷା ମନୋବିଜ୍ଞାନ କିପରି ସକରାତ୍ମକ ବିଜ୍ଞାନ ଅଟେ ?

୪. ନିମ୍ନଲିଖିତ ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଛଅଗୋଟି ବାକ୍ୟରେ ପ୍ରଦାନ କର ।

(କ) ଶିକ୍ଷଣ ପ୍ରକ୍ରିୟା ନିର୍ଦ୍ଧାରଣ କରିବାରେ ଶିକ୍ଷା ମନୋବିଜ୍ଞାନ କିପରି ସାହାଯ୍ୟ କରିଥାଏ ?
(ଖ) ଶିକ୍ଷଣ ପରିସ୍ଥିତିର ଉନ୍ନତି କରିବା ପାଇଁ ଶିକ୍ଷା ମନୋବିଜ୍ଞାନ କିପରି ସାହାଯ୍ୟ କରିଥାଏ ?
(ଗ) ଶିଶୁର ବ୍ୟବହାର ଅନୁଧ୍ୟାନ ଶିକ୍ଷକ କିପରି କରିପାରିବେ ।

୫. ନିମ୍ନଲିଖିତ ପ୍ରତ୍ୟେକ ପ୍ରଶ୍ନର ଉତ୍ତର ପ୍ରଦାନ କର ।

(କ) ଶିକ୍ଷା ମନୋବିଜ୍ଞାନର ପରିସର ବର୍ଣ୍ଣନା କର ।
(ଖ) ଶିକ୍ଷା ମନୋବିଜ୍ଞାନର ଅର୍ଥ ବିଶ୍ଳେଷଣ କର ।
(ଗ) ଶିକ୍ଷା ମନୋବିଜ୍ଞାନର କିପରି ଶିକ୍ଷକଙ୍କୁ ସାହାଯ୍ୟ କରେ, ଆଲୋଚନା କର ।

(ଖ) ବୃଦ୍ଧି ଓ ବିକାଶ

ଉଦ୍ଦେଶ୍ୟ :

ଏହି ଅଧ୍ୟାୟଟିକୁ ଅଧ୍ୟାପନା କରି ସାରିବା ପରେ ଶିକ୍ଷାର୍ଥୀ ମାନେ –

- ବୃଦ୍ଧି ଓ ବିକାଶ କ'ଣ କହିପାରିବେ ।
- ବୃଦ୍ଧି ଓ ବିକାଶ ମଧ୍ୟରେ ସାମଞ୍ଜସ୍ୟ ଓ ପ୍ରଭେଦ ଜାଣିବେ ।
- ବୃଦ୍ଧିର ନିୟମଗୁଡ଼ିକ ସମ୍ବନ୍ଧୀୟ ଅବଧାରଣା ପାଇବେ ।
- ଆଦ୍ୟ ବାଲ୍ୟାବସ୍ଥାରେ ସଂଘଟିତ ହେଉଥିବା ଶାରୀରିକ ମାନସିକ, ସାମାଜିକ ଓ ଆବେଗିକ ବିକାଶ ଗୁଡ଼ିକ କ'ଣ ଜାଣିବେ ଓ ତା'ର ଶୈକ୍ଷିକ ଉପଯୋଗ ହୃଦବୋଧ କରିବେ ।
- ଉତ୍ତର ବାଲ୍ୟାବସ୍ଥାରେ ଏହି ବିକାଶଗୁଡ଼ିକ କିପରି ତ୍ୱରାନ୍ୱିତ ଓ ସଂଘଟିତ ହୋଇଥାଏ, ସେ ବିଷୟରେ ସମ୍ୟକ୍ ଧାରଣା ପାଇବେ ।
- କୈଶୋର ଅବସ୍ଥାରେ ସଂଘଟିତ ହେଉଥିବା ଶାରୀରିକ, ମାନସିକ, ସାମାଜିକ ଓ ଆବେଗାତ୍ମକ ବିକାଶ ସଂପର୍କରେ ଧାରଣା ପାଇବେ।
- ବୃଦ୍ଧି ଓ ବିକାଶର ଶୈକ୍ଷିକ ତାତ୍ପର୍ଯ୍ୟ କ'ଣ ସେ ବିଷୟରେ ଜାଣିବେ ।

୨.୨.୦ ଉପକ୍ରମ :

ଶିଶୁ ଜନ୍ମ ହେବା ପରେ ତା'ର ଶାରୀରିକ ବିକାଶ ଆମେ ଲକ୍ଷ୍ୟ କରିପାରୁ, ମାତ୍ର ଶିଶୁର ଏହି ଶାରୀରିକ ବିକାଶ ଶିଶୁ ଭୂମିଷ୍ଠ ହେବା ପୂର୍ବରୁ ମାତୃଗର୍ଭରେ ଥିବା ଅବସ୍ଥାରେ ଆରମ୍ଭ ହୋଇଥାଏ । ତେଣୁ ଶିଶୁର ଶାରୀରିକ ବିକାଶ ସଂପର୍କରେ ଜ୍ଞାନ ଲାଭ କରିବାକୁ ହେଲେ ଶିଶୁର ଜନ୍ମ ପୂର୍ବ (Pre-natal) ବିକାଶ ସମ୍ପର୍କରେ ଅବଗତ ହେବା ସର୍ବାଦୌ କର୍ତ୍ତବ୍ୟ । ଗର୍ଭାଧାନର ପ୍ରଥମ ଦୁଇ ସପ୍ତାହ ମଧ୍ୟରେ ଭ୍ରୂଣର ଆଭ୍ୟନ୍ତରୀଣ ପରିବର୍ତ୍ତନ ଘଟେ ଓ ଏହି ପରିବର୍ତ୍ତନ ପ୍ରାୟ ଦୁଇସପ୍ତାହ ପରେ ଦ୍ରୁତଗତିରେ ପରିବର୍ତ୍ତିତ ହୁଏ । ପ୍ରାୟ ତିନିମାସ ପରଠାରୁ ଭ୍ରୂଣର କୋଷଗୁଡ଼ିକ ମଣିଷର ଅଙ୍ଗ ପ୍ରତ୍ୟଙ୍ଗର ଆକାର ଲାଭ କରେ ଓ ନବମ ସପ୍ତାହରୁ ଭୂମିଷ୍ଠ ହେବା ପର୍ଯ୍ୟନ୍ତ ଭ୍ରୂଣ ଧୀରେ ଧୀରେ ମାନବ ଶିଶୁର ଆକୃତି ଧାରଣ କରିଥାଏ । ତା'ପରେ କ୍ରମଶଃ ବଢ଼ି ବଢ଼ି ଏକ ପୂର୍ଣ୍ଣାଙ୍ଗ ଶିଶୁରେ ପରିଣତ ହୁଏ ।

୨.୨.୧ ବୃଦ୍ଧି କ'ଣ ? :

ଆକାରରେ ବଢ଼ିବାକୁ ବୃଦ୍ଧି କହନ୍ତି । ପିଲାଦିନୁ ଆମର ବୟସ ବଢ଼ିବା ସଙ୍ଗେ ସଙ୍ଗେ ଆମର ଉଚ୍ଚତା, ଓଜନ ଓ ଆକାର କ୍ରମେ କ୍ରମେ ବଢ଼େ । ଛୋଟ ଶିଶୁଟିଏ ବଢ଼ି ବଢ଼ି ବୟସ୍କ ବ୍ୟକ୍ତି ହୁଏ । ତା'ର ଉଚ୍ଚତା, ଓଜନ ଇତ୍ୟାଦି ବଢ଼ିଛି, କହିବାର ଅର୍ଥ ତା'ର ପରିମାଣାତ୍ମକ ବୃଦ୍ଧି ହୋଇଛି । ଏହି ପରିମାଣତ୍ମକ ଉନ୍ନତିକୁ ବୃଦ୍ଧି ବା ଶାରୀରିକ ଅଭିବୃଦ୍ଧି କୁହାଯାଏ । ଶରୀରର ବିଭିନ୍ନ ଅଙ୍ଗ ପ୍ରତ୍ୟଙ୍ଗର ଆକାରଗତ ପରିବର୍ତ୍ତନକୁ ଶାରୀରିକ ବୃଦ୍ଧି କୁହାଯାଏ ।

୨.୨.୨ ବିକାଶ କ'ଣ ? :

ଶିଶୁଟିଏ ଜନ୍ମହେବା ପରେ ତା'ର ଆକାର ବଦଳୁଥାଏ । ଶେଯରେ ଶୋଇ ରହିଥିବା ଶିଶୁଟିଏ କ୍ରମଶଃ କଡ଼ ଲେଉଟାଏ, ପେଟାଏ, ଗୁଡ଼ଣ୍ଡେ ଓ କାନ୍ଥବାଡ଼ ଧରି ଛିଡ଼ା ହୁଏ । ତା'ପରେ ଚାଲେ, ଦୌଡ଼େ, ଖେଳେ, କୁଦେ, କଥା କୁହେ । ମନେ ରଖିପାରେ, ଚିନ୍ତା କରିବା ଶକ୍ତି ଓ ଶିକ୍ଷାକରିବା କ୍ଷମତା କ୍ରମଶଃ ବଢ଼ିଚାଲେ । ଏଭଳି ପରିବର୍ତ୍ତନକୁ ବିକାଶ କୁହାଯାଏ । James Drever ବିକାଶର ସଂଜ୍ଞା ନିମ୍ନ ପ୍ରକାରରେ ଦେଇଛନ୍ତି । ତାଙ୍କ ମତରେ ଏକ ନିର୍ଦ୍ଦିଷ୍ଟ ଲକ୍ଷ୍ୟପୂରଣ ନିମିତ୍ତ ଜୀବନର ସୃଷ୍ଟିଠାରୁ ପ୍ରାଣୀ ମଧ୍ୟରେ କ୍ରମାଗତ ଭାବେ ଚାଲିଥିବା କ୍ରମୋନ୍ନତି ମୂଳକ ପରିବର୍ତ୍ତନ ହିଁ ବିକାଶ । ଏହି ବିକାଶ ହଠାତ୍ ବା ଏକ ସମୟରେ ନ ହୋଇ କ୍ରମେ କ୍ରମେ ବିଭିନ୍ନ ସୋପାନରେ ହୋଇଥାଏ । ସଂଖ୍ୟା ଗଣିବାର କ୍ଷମତା ଆସିବା ପରଠାରୁ ମାନସିକ ବିକାଶର ଆରମ୍ଭ ହୁଏ କହିଲେ ଚଳେ ।

୨.୨.୩ ବୃଦ୍ଧି ଓ ବିକାଶର ସମ୍ବନ୍ଧ ଓ ପ୍ରଭେଦ :

ସଂକ୍ଷେପରେ କହିଲେ ଆକାରରେ ପରିବର୍ତ୍ତନକୁ ବୃଦ୍ଧି ଓ କାର୍ଯ୍ୟ ସଂପାଦନ ତଥା ଆଚରଣ ପରିବର୍ତ୍ତନ ତଥା ଉନ୍ନତିକୁ ବିକାଶ କୁହାଯାଏ । ହାତ ବଢ଼ିବା, ଗୋଡ଼ ଲମ୍ବହେବା ବୃଦ୍ଧି କିନ୍ତୁ ହସ୍ତର କର୍ମକୁଶଳତା ତଥା ଗୋଡ଼ର କର୍ମକୁଶଳତା ଜନିତ ଉନ୍ନତି ଘଟିବାକୁ ବିକାଶ କୁହାଯାଏ । ମନୋବିଜ୍ଞାନୀ ଫ୍ରାଙ୍କ କହନ୍ତି, ମଣିଷ ଶରୀରରେ ବହୁଗୁଣିତ ଜୀବକୋଷ ବୃଦ୍ଧିର ପରିଚାୟକ କିନ୍ତୁ ଏହି ବୃଦ୍ଧି ଯୋଗୁଁ ବିଭିନ୍ନ ଅଂଶରେ ଯେଉଁ ସାଙ୍ଗଠନିକ ପରିବର୍ତ୍ତନ ଦେଖାଯାଏ, ତାହା ବିକାଶ । ହର୍‌ଲକ୍‌ଙ୍କ (୧୯୪୨) ମତରେ ବୃଦ୍ଧି ଆଜୀବନ ଘଟେ ନାହିଁ । ଝିଅମାନଙ୍କ କ୍ଷେତ୍ରରେ ଏଭଳି ବୃଦ୍ଧି ୧୮ରୁ ୨୦ ବର୍ଷ ବୟସ ପର୍ଯ୍ୟନ୍ତ ଘଟିଥାଏ ଓ ପୁଅମାନଙ୍କ କ୍ଷେତ୍ରରେ ଏଭଳି ବୃଦ୍ଧି ୨୦ରୁ ୨୨ ବର୍ଷ ପର୍ଯ୍ୟନ୍ତ ଘଟେ । ତା'ପରେ ବୃଦ୍ଧି ହୁଏ ନାହିଁ । କିନ୍ତୁ ବିକାଶ ଜୀବନ ଥିବା ପର୍ଯ୍ୟନ୍ତ ଘଟିଥାଏ । ମଣିଷ ସମୟ ସୀମା ଅତିକ୍ରମ କରିଗଲେ ଆଉ ବୃଦ୍ଧି ହୁଏ ନାହିଁ, ହେଲେ ବିକାଶ ଲାଗି ରହିଥାଏ । ସୁତରାଂ ପରିମାଣାତ୍ମକ ତଥା ଆକାରରେ ଉନ୍ନତି ହେଉଛି ବୃଦ୍ଧି, କିନ୍ତୁ ଉଭୟ ପରିମାଣାତ୍ମକ ଓ ଗୁଣାତ୍ମକ ଉନ୍ନତି ହେଉଛି ବିକାଶ । ମଣିଷ ଛୋଟରୁ ବଡ଼ ହେବା ଭିତରେ ତା'ର ଶରୀର ଗଠନ ଓ ଢାଞ୍ଚାରେ ପରିପକ୍ୱତା ଆସେ । ପରିପକ୍ୱତା ଓ ଅନୁଭୂତି ଯୋଗୁଁ ଶିଶୁ ଶରୀର ଓ ମନରେ ଯେଉଁ ପ୍ରଗତିଶୀଳ ପରିବର୍ତ୍ତନ ଦେଖାଦିଏ, ତାହା ହେଉଛି ବିକାଶ । ଏଗୁଡ଼ିକ କ୍ରମିକ ଓ ଧାରାବାହିକ ଭାବରେ ମଣିଷ ଶରୀରରେ ବିକଶିତ ହୁଏ । ତେଣୁ ବୃଦ୍ଧି ହେଉଛି ଶାରୀରିକ ପରିବର୍ତ୍ତନ, କିନ୍ତୁ ବିକାଶ ବ୍ୟବହାରଗତ । ବୃଦ୍ଧି ପରିମାଣାତ୍ମକ, ବିକାଶ ଗୁଣାତ୍ମକ । ଗେସେଲ୍ (୧୯୫୮)ଙ୍କ ମତାନୁସାରେ ବୃଦ୍ଧି ଓ ବିକାଶ ଉଭୟ କ୍ରମାଗତ ଓ ଧାରାବାହିକ । କିନ୍ତୁ ପ୍ରକୃତପକ୍ଷେ ଦେଖିବାକୁ ଗଲେ ବୃଦ୍ଧି ଓ ବିକାଶ ଉଭୟେ ଭିନ୍ନ ଭିନ୍ନ । ବୃଦ୍ଧି ଶାରୀରିକ ଓ ବିକାଶ ବ୍ୟବହାରଗତ ।

ବୟସ ବଢ଼ିଲେ ଶିଶୁଟିଏ ଛୋଟରୁ ବଡ଼ ହୁଏ । ତାହାର ଉଚ୍ଚତା, ଓଜନ ଆଦି ବଢ଼ିଥାଏ । ଏହା କ୍ରମାଗତ ଭାବେ ଚାଲୁ ଥାଏ । ଏହା ତା'ର ବୃଦ୍ଧି । କିନ୍ତୁ ମସ୍ତିଷ୍କର ଓଜନ ଓ ଆକାର ବଢ଼ିବା ସଙ୍ଗେ ସଙ୍ଗେ ତା'ର ମନେରଖିବା ଶକ୍ତି, ଚିନ୍ତା କରିବା ଶକ୍ତି, ଶିକ୍ଷା କରିବା ଶକ୍ତି, ଭାଷାର ବ୍ୟବହାର ଆଦି ଅନେକ କ୍ଷେତ୍ରରେ ପରିବର୍ତ୍ତନ ପରିଲକ୍ଷିତ ହୁଏ । ଏହାକୁ ବିକାଶ କୁହାଯାଏ, ଅର୍ଥାତ୍ ବ୍ୟକ୍ତିର ଆକାରର ପରିବର୍ତ୍ତନ ବା ଉନ୍ନତିକୁ ବୃଦ୍ଧି ଓ କାର୍ଯ୍ୟ ସମ୍ପାଦନରେ ଉନ୍ନତିକୁ ବିକାଶ କୁହାଯାଏ । ସୁତରାଂ ବହୁ ଗଠନ ଓ କାର୍ଯ୍ୟ ସମନ୍ୱିତ କରିବାର ଜଟିଳ ପ୍ରକ୍ରିୟା ହିଁ ହେଉଛି ବିକାଶ ।

ବୃଦ୍ଧି ଓ ବିକାଶ ଏକ ସଙ୍ଗରେ ସଙ୍ଗଠିତ ହୋଇଥାଏ । ଗେସେଲଙ୍କ ମତାନୁଯାୟୀ ବୃଦ୍ଧି ଓ ବିକାଶ ଏକା । କିନ୍ତୁ ପ୍ରକୃତ ପକ୍ଷରେ ଦେଖିବାକୁ ଗଲେ ଏହି ଶବ୍ଦ ଦୁଇଟି ଭିନ୍ନ ଭିନ୍ନ ଅର୍ଥରେ ବ୍ୟବହୃତ । ଏମାନଙ୍କ ମଧ୍ୟରେ କେତେକ ଅର୍ଥଗତ ପାର୍ଥକ୍ୟ ରହିଛି ।

୨.୨.୪ ବୃଦ୍ଧି ଓ ବିକାଶର ନିୟମ :

ମଣିଷ ଜୀବନରେ ଅନେକ ପରିବର୍ତ୍ତନ ଘଟେ । ଶିଶୁଠାରୁ ଆରମ୍ଭ କରି ବଡ଼ ହେବା ପର୍ଯ୍ୟନ୍ତ ଯାହା ପରିବର୍ତ୍ତନ ଘଟେ, ତାହା ବୃଦ୍ଧି ଓ ବିକାଶର ପ୍ରକ୍ରିୟା ଯୋଗୁଁ ହିଁ ସମ୍ଭବ ପର ହୁଏ । ଏଭଳି ପରିବର୍ତ୍ତନ କେତେକ ନିୟମ ଦ୍ୱାରା ହିଁ ହୁଏ, ବୃଦ୍ଧି ଓ ବିକାଶର ନିୟମାବଳୀ ତଳେ ପୃଥକ୍ ପୃଥକ୍ ଭାବେ ପ୍ରଦର କରାଗଲା ।

୨.୨.୫ ବୃଦ୍ଧିର ନିୟମ :

୧. ବୃଦ୍ଧି ନିରବଚ୍ଛିନ୍ନ ଓ କ୍ରମାଗତ ପଦ୍ଧତି :

Growth is gradual and continuous:

ଏକ ମଣିଷ ଶିଶୁ ପକ୍ଷରେ ବୃଦ୍ଧି ସାଧାରଣତଃ ୫ଟି ସୋପାନ ଦେଇ ହୋଇଥାଏ । ସେଗୁଡ଼ିକ ହେଲା ଶୈଶବ, ବାଲ୍ୟ, କୈଶୋର, ପୌଢ଼ ଓ ବାର୍ଦ୍ଧକ୍ୟ । କିନ୍ତୁ କୌଣସି ସୋପାନରୁ ଅନ୍ୟ ଏକ ସୋପାନକୁ ଗତି କରୁଥିବା ବେଳେ ବୃଦ୍ଧି ଓ ବିକାଶ ଭିତରେ ଏକ ଶୂନ୍ୟତା ରହୁଛି ବୋଲି ଭାବିବା ଠିକ୍ ନୁହେଁ । କାରଣ ବୃଦ୍ଧି କ୍ରମାଗତ ଓ ନିରବଚ୍ଛିନ୍ନ ଭାବେ ଚାଲିଥାଏ । ଜୀବନର ପ୍ରତ୍ୟେକ ମୁହୂର୍ତ୍ତରେ ମଣିଷ ଜୀବନରେ କିଛି ନା କିଛି ପରିବର୍ତ୍ତନ ସଂଘଟିତ ହୁଏ । ଜୀବନ ସୃଷ୍ଟି ହୁଏ ଏକ ଏକାକୋଷୀ ପ୍ରାଣୀରୁ । କିନ୍ତୁ ଏହି ଜୀବକୋଷ ଅସଂଖ୍ୟ କୋଷରେ ପରିଣତ ହୁଏ ଓ କ୍ରମାଗତ ଭାବେ ଶିଶୁଟି ବଢ଼ିବାରେ ଲାଗେ । କ୍ରମାଗତ ଭାବେ ତା'ର ଶାରୀରିକ ତଥା ମାନସିକ ଅଭିବୃଦ୍ଧି ଘଟେ । ଏକ ଛୋଟ ଶିଶୁରୁ ବଢ଼ି ବଢ଼ି ପରିଣତ ଅବସ୍ଥାରେ ପହଞ୍ଚେ । ଏହି ସମୟରେ ତା'ର ଓଜନ ଓ ଉଚ୍ଚତା ମଧ୍ୟ ବଢ଼େ ।

୨. ବୃଦ୍ଧି ସର୍ବଦା ସମାନ ଭାବେ ଘଟି ନଥାଏ :

The rate of growth is not even

ଯଦିଓ ଶିଶୁର ଶାରୀରିକ ଓ ମାନସିକ ଅଭିବୃଦ୍ଧି ଧାରାବାହିକ ତଥାପି ଏହା ସର୍ବଦା ସମବେଗରେ ହୋଇନଥାଏ । ଶୈଶବାବସ୍ଥାରେ ଯେଉଁ ବେଗରେ ଶାରୀରିକ ବୃଦ୍ଧି ଘଟେ, ଆଦ୍ୟ ବାଲ୍ୟାବସ୍ଥାରେ ସେପରି ବେଗରେ ଘଟେ ନାହିଁ, ପ୍ରତ୍ୟେକ ଶିଶୁର ବୃଦ୍ଧି ନିଜସ୍ୱ ଓ ଅନ୍ୟଠାରୁ ଭିନ୍ନ । ଆଦ୍ୟାବସ୍ଥାରେ ଶିଶୁର ଗୋଡ଼ ତା'ର ବାହୁ ଅପେକ୍ଷା ବିଶେଷ ବୃଦ୍ଧି ପାଏ । ମସ୍ତିଷ୍କ ତା'ର ଯୌନାଙ୍ଗ ଅପେକ୍ଷା ବହୁତ ଶୀଘ୍ର ବୃଦ୍ଧି ପ୍ରାପ୍ତ ହୁଏ । ଶିଶୁଟି ପ୍ରଥମେ ଗୁରୁଣ୍ଡେ, ବସେ, ଠିଆ ହୁଏ, ଚାଲେ ଓ ତା'ପରେ ଦୌଡ଼ିବାକୁ ଆରମ୍ଭ କରେ । ଭିନ୍ନ ଭିନ୍ନ ଶିଶୁଙ୍କର ଏଗୁଣ ବିଭିନ୍ନ କ୍ଷେତ୍ରରେ ଭିନ୍ନ ଭିନ୍ନ । ଏହା ବ୍ୟକ୍ତିଗତ ତାରତମ୍ୟ ଯୋଗୁଁ ହିଁ ହୁଏ ।

୩. ବାଲ୍ୟାବସ୍ଥାରେ ବୃଦ୍ଧିର ମାତ୍ରା ଅତ୍ୟନ୍ତ କ୍ଷିପ୍ର :

The rate of growth is rapid in the early years of life.

ଶିଶୁର ଶୈଶବାବସ୍ଥାରେ ବୃଦ୍ଧିର ମାତ୍ରା ପରବର୍ତ୍ତୀ ଅବସ୍ଥାଠାରୁ ଦ୍ରୁତତର ହୋଇଥାଏ । ଆଦ୍ୟାବସ୍ଥାରେ ଶରୀରର ବୃଦ୍ଧି ଏପରି ଭାବରେ ହୁଏ ଯେ, ତାହା ସ୍ପଷ୍ଟ ଭାବେ ବାରି ହୋଇଥାଏ । ଜନ୍ମବେଳେ ଶିଶୁଟିର ମସ୍ତିଷ୍କର ଓଜନ ପ୍ରାୟ ୩୫୦ ଗ୍ରାମ ହୋଇଥାଏ, ଅଥଚ ଏକ ପ୍ରାପ୍ତବୟସ୍କ ଶରୀରରେ ତାହାର ଓଜନ ପ୍ରାୟ ୧୨୬୦-୧୪୫୦ ଗ୍ରାମ ପର୍ଯ୍ୟନ୍ତ ହୋଇପାରେ । ଜନ୍ମବେଳେ ଶିଶୁର ମସ୍ତିଷ୍କ ପ୍ରାୟ ଏକ ପ୍ରାପ୍ତବୟସ୍କ ଲୋକର ମସ୍ତିଷ୍କର ଏକ ଚତୁର୍ଥାଂଶ ଓଜନ ସହ ସମାନ, ୯ ମାସରେ ତାହା

ଅର୍ଦ୍ଧେକ ଓ ପ୍ରାୟ ୨ବର୍ଷ ବେଳକୁ ଏହାର ଓଜନ ତିନି ଚତୁର୍ଥାଂଶରେ ପରିଣତ ହୁଏ । ପଞ୍ଚମ ବର୍ଷରେ ଏହା ପ୍ରାପ୍ତବୟସ୍କ ମସ୍ତିଷ୍କର ପ୍ରାୟ ଚାରି ପଞ୍ଚମାଂଶ ହୁଏ ଓ ଶିଶୁଟି ଷଷ୍ଠ ବର୍ଷ ବୟସରେ ପଦାର୍ପଣ କରିବାବେଳକୁ ତାହା ସଂପୂର୍ଣ୍ଣ ରୂପେ ବିକଶିତ ହୋଇଥାଏ । ଏହାକୁ ତା'ର ଶରୀରର ଓଜନ ସହ ତୁଳନା କଲେ ଦେଖାଯାଏ ଯେ ଜନ୍ମବେଳ ମସ୍ତିଷ୍କର ଓଜନ ତା'ର ଶରୀରର ଓଜନର ପ୍ରାୟ ଏକ ଅଷ୍ଟମାଂଶ, ଦଶବର୍ଷ ବେଳକୁ ଏହା ଏକ ଅଷ୍ଟାଦଶଅଂଶ ଓ ପ୍ରାୟ ୧୫ବର୍ଷ ବେଳକୁ ମସ୍ତିଷ୍କର ଓଜନ ଶରୀର ଓଜନର ୩୦ ଭାଗରୁ ୧ଭାଗ ହୋଇଥାଏ । ସଂପୂର୍ଣ୍ଣ ପରିପକ୍ୱ ଅବସ୍ଥାରେ ଶରୀର ଓଜନର ୪୦ ଭାଗରୁ ୧ଭାଗ ହେଉଛି ମସ୍ତିଷ୍କର ଓଜନ । ଏହି ଅନୁପାତରେ ଶିଶୁର ଶରୀରରେ ଆମସ୍ତକପାଦ ଅଂଶରେ ଅଭିବୃଦ୍ଧି ଘଟେ । ଶରୀରର ଅଭିବୃଦ୍ଧି କିପରି ହୁଏ, ତାହା ଦର୍ଶାଇବାକୁ ନିମ୍ନରେ ଏକ ଲେଖଚିତ୍ର ପ୍ରଦାନ କରାଗଲା । ଏଥିରୁ ବୃଦ୍ଧିର ନିୟମ ଅତି ସହଜରେ ଜାଣି ହେବ ।

ଶାରୀରିକ ଅଭିବୃଦ୍ଧିର ପରିପକ୍ୱତା ଆମସ୍ତକପାଦ ଦିଗରେ ହୋଇଥାଏ । ମୁଣ୍ଡ ଭାଗରେ ବୃଦ୍ଧିର ହାର ପ୍ରଥମେ ବେଶି, କିନ୍ତୁ ଶେଷ ବେଳକୁ ଶରୀରର ତଳ ଭାଗରେ ଖୁବ୍ ଶୀଘ୍ର ହୁଏ ।

୪. ବୃଦ୍ଧିର ଦିଗ ସାଧାରଣରୁ ନିର୍ଦ୍ଦିଷ୍ଟକୁ ଗତି କରିଥାଏ :

The direction of growth is from general to specific



ଚିତ୍ର – ୧ମଣିଷ ଶରୀରର ଆମସ୍ତକ ପାଦର ଆପେକ୍ଷିକ ଆୟତନର ବୃଦ୍ଧି

ଜୀବନର ପ୍ରଥମବର୍ଷ ଗୁଡ଼ିକରେ ବୃଦ୍ଧିର ଦିଗ ସାଧାରଣରୁ ନିର୍ଦ୍ଦିଷ୍ଟକୁ ଗତି କରିଥାଏ । କିନ୍ତୁ ପରବର୍ତ୍ତୀ ସମୟରେ କାର୍ଯ୍ୟକ୍ରମ ଏହା ନିର୍ଦ୍ଦିଷ୍ଟ କାର୍ଯ୍ୟକଳାପ ସଂପନ୍ନ ହୋଇଥାଏ । ଉଦାହରଣ ସ୍ୱରୂପ ଶିଶୁଟିଏ ଜନ୍ମ ନେଲେ ପ୍ରଥମେ ସେ ୧୦/୧୫ ଦିନରେ ନିଜର ପୂରା ଶରୀରଟିକୁ ଚଳନଶୀଳ କରେ । କିଛି ଦିନପରେ ସେ ତା'ର ମୁଣ୍ଡଟିକୁ ଉଠାଇବାକୁ ଚେଷ୍ଟା କରେ ଓ ଶରୀରର ସମସ୍ତ ମାଂସପେଶୀର ଚାଳନା ପାଇଁ ଚେଷ୍ଟା କରେ । କିନ୍ତୁ ଶିଶୁଟି ଯେତେବେଳେ ଚାଲିବାକୁ ଚେଷ୍ଟା କରେ, ସେ ତା'ର ଗୋଡ଼ ସାହାଯ୍ୟରେ ଚାଲିବାକୁ ଶିଖେ ଓ ହାତ ଦ୍ୱାରା ଅନ୍ୟାନ୍ୟ କାର୍ଯ୍ୟ କରିବାକୁ ଅଭ୍ୟାସ କରେ ।

୫. ବୃଦ୍ଧି ଉଭୟ ପରିମାଣାତ୍ମକ ଓ ଗୁଣାତ୍ମକ :

Growth is both qualitative and quantitative

ଶିଶୁଟିଏର ଶାରୀରିକ ଅଭିବୃଦ୍ଧି ସଙ୍ଗେ ସଙ୍ଗେ ତା'ର ବ୍ୟକ୍ତିତ୍ୱର ଗୁଣାତ୍ମକ ବିକାଶ ଘଟିଥାଏ । ଏକ ଦଶବର୍ଷର ଶିଶୁ ତା'ର ଶାରୀରିକ ଶକ୍ତି ସହ ଅନ୍ୟାନ୍ୟ ଶକ୍ତି ଯଥା – ଚିନ୍ତନ, ସୃଜନ, ସ୍ମରଣ, କଳ୍ପନା, ଧୀଶକ୍ତି ଇତ୍ୟାଦିରେ ମଧ୍ୟ ପାରଦର୍ଶିତା ଦେଖାଏ । ଛୋଟ ଛୁଆଟିଏଠାରୁ ଆରମ୍ଭ କରି ସେ ବଢ଼ି ବଢ଼ି ଏକ ବଡ଼ ମଣିଷରେ ପରିଣତ ହୁଏ । ଅର୍ଥାତ୍ ଶରୀରର ଉଚ୍ଚତା ବଢ଼ିବା ସଙ୍ଗେ ସଙ୍ଗେ ଶିଶୁର ମାନସିକ ବିକାଶ ମଧ୍ୟ ତଦନୁରୂପରେ ସଂଘଟିତ ହୋଇଥାଏ । ଆଜିର ଶିଶୁ, କାଲିର ଏକ ବଳିଷ୍ଠ ହୃଷ୍ଟପୁଷ୍ଟ ମଣିଷରେ ପରିଣତ ହୁଏ । ଆଗର ତୁଳନାରେ ପାରଦର୍ଶିତାର ମାପରୁ ବୃଦ୍ଧି ଉଭୟ ଗୁଣାତ୍ମକ ତଥା ପରିମାଣାତ୍ମକ ବୋଲି ସ୍ପଷ୍ଟ ରୂପେ ଜଣାପଡ଼େ ।

୬. ବୃଦ୍ଧି ସଦାବେଳେ ସଂପୂର୍ଣ୍ଣ ମଣିଷର ବୃଦ୍ଧି ଭାବେ ଘଟେ :

Growth is of the total organism

ବୃଦ୍ଧି ପୂର୍ଣ୍ଣାଙ୍ଗ ମଣିଷ ପାଇଁ ଅଭିପ୍ରେତ । ଶିଶୁଟି ସମୁଦାୟ ଭାବେ ବଢ଼େ । ପ୍ରଥମେ ଶାରୀରିକ ବୃଦ୍ଧି ତା'ର ମୂଳଦୁଆ ଗଢ଼ିଏ । ଶରୀରର ବୃଦ୍ଧି ସହିତ ତା'ର ମସ୍ତିଷ୍କ, ସ୍ନାୟୁ ବିଭାଗ ମଧ୍ୟ ବୃଦ୍ଧି ପ୍ରାପ୍ତ ହୁଏ । ବୟସ ବଢ଼ିବା ସଙ୍ଗେ ତା'ର ଓଜନ, ଉଚ୍ଚତା ମଧ୍ୟ ବୃଦ୍ଧି ପାଏ । ଅଙ୍ଗ ପ୍ରତ୍ୟଙ୍ଗର ପରିବର୍ତ୍ତନ ସଙ୍ଗେ ସଙ୍ଗେ ତା'ର ହୃତପିଣ୍ଡ ଫୁସ୍‌ଫୁସ, ଯକୃତ, କାନ୍ଧ, ଛାତି ପ୍ରଭୃତି ମଧ୍ୟ ସମାନୁପାତିକ ଭାବେ ବୃଦ୍ଧି ପାଇଥାନ୍ତି । ଶିଶୁର ଛାମୁଦାନ୍ତ ପ୍ରଥମେ ଉଠେ । ପରେ କଳଦାନ୍ତ ଉଠେ । ଶିଶୁ ଗୁରୁଣ୍ଡିବା ପୂର୍ବରୁ ବସେ ଓ ଦୌଡ଼ିବା ପୂର୍ବରୁ ଚାଲେ । ନିର୍ଦ୍ଦିଷ୍ଟ ଅବସ୍ଥାରେ ନିର୍ଦ୍ଦିଷ୍ଟ ଅଙ୍ଗପ୍ରତ୍ୟଙ୍ଗର ବୃଦ୍ଧି ଘଟେ । ପୌଗଣ୍ଡ ଅବସ୍ଥାରେ ହଠାତ୍ ତା'ର ଶାରୀରିକ ବୃଦ୍ଧି ଘଟେ ଓ ଏହା ସାଧାରଣତଃ ଶିଶୁର ଉଚ୍ଚତା ଓ ଓଜନରେ ପ୍ରଥମେ ଦେଖାଯାଏ । ଶରୀରର ବିଭିନ୍ନ ଭାଗରେ ନିର୍ଦ୍ଦିଷ୍ଟ ପ୍ରକାରର ବୃଦ୍ଧି ଘଟେ । ମସ୍ତିଷ୍କ ସ୍ନାୟୁ ବିଭାଗରେ ସଂପୂର୍ଣ୍ଣ ବୃଦ୍ଧି, ଶିଶୁର ଭାଷା ଶିକ୍ଷା ଦକ୍ଷତା ଓ ଆବେଗିକ ବିକାଶର କ୍ଷିପ୍ରତା ଆଣେ ।

୨.୨.୬ ବିକାଶର ନିୟମ :

ବିକାଶ, ବୃଦ୍ଧିଠାରୁ ଶବ୍ଦାର୍ଥ ବୋଧରେ ପୃଥକ୍, କାରଣ ବିକାଶକୁ ସଦାବେଳେ ପ୍ରକାର୍ଯ୍ୟାତ୍ମକ ଭାବେ ଗ୍ରହଣ କରାଯାଏ । ତେଣୁ ବିକାଶ ମୁଖ୍ୟତଃ ଗୁଣାତ୍ମକ । ଏଭଳି ଗୁଣାତ୍ମକ ବିକାଶ ପାଇଁ ମଧ୍ୟ କେତୋଟି ନିର୍ଦ୍ଦିଷ୍ଟ ନିୟମ ରହିଛି । ସେଗୁଡ଼ିକୁ ନିମ୍ନରେ ବର୍ଣ୍ଣନା କରାଯାଇଛି ।

୧. ବିକାଶ ଧାରାବାହିକ ଓ ଏକ ନିର୍ଦ୍ଦିଷ୍ଟ ଢାଞ୍ଚାରେ ହିଁ ହୁଏ :

Development is continuous and follows a pattern

ଦିନେ ହଠାତ୍ ମଣିଷ ଶରୀରରେ ବିକାଶ ସଂଘଟିତ ହୁଏ ନାହିଁ । ଶିଶୁଟିଏ ଜନ୍ମ ହେବା ପରେ ପରେ ହଠାତ୍ କଥା କହେ ନାହିଁ ବା ହଠାତ୍ ତା'ର ଯୁକ୍ତିଯୁକ୍ତତା ମନୋଭାବ ଉଦ୍ରେକ ହୋଇ ଯାଏ ନାହିଁ । ଏହା ସମୟ ସାପେକ୍ଷ ଓ ଏଭଳି ବିକାଶ ପାଇଁ ଏକ ଗତାନୁଗତିକ ତଥା ନିର୍ଦ୍ଦିଷ୍ଟ ସଂସ୍ଥିତି ପ୍ରଣାଳୀ ଥାଏ । ଶିଶୁର ବ୍ୟବହାର କ୍ରମେ କ୍ରମେ ସରଳରୁ ଜଟିଳ ହୁଏ । ଶିଶୁଟିଏ କ୍ଷୁଧା ପାଇଲେ କାନ୍ଦେ । କ୍ଷୁଧା ପାଇ ଖାଇବାକୁ ନ ପାଇଲେ ଭୂଇଁରେ ଗଡ଼ିଯାଏ । କିନ୍ତୁ ଏକ ପୌଗଣ୍ଡାବସ୍ଥାରେ ଥିବା ବାଳକ କ୍ଷେତ୍ରରେ ଏହା ଦେଖାଯାଏ ନାହିଁ । ସେ କ୍ଷୁଧାତୁର ଥିଲେ ମଧ୍ୟ ତାକୁ ଖାଇବାକୁ ନ ଦେଲେ ସେ କାନ୍ଦେ ନାହିଁ ବା ଭୂଇଁରେ ଗଡ଼େ ନାହିଁ । ଏଥିପ୍ରତି ସେ ତା'ର ବ୍ୟକ୍ତିଗତ ରୋଷ ଏକ ପୃଥକ୍ ଉପାୟରେ ଦର୍ଶାଏ । ଏହା ତା'ର ସାମାଜିକ ଓ ଆବେଗିକ ବିକାଶର ପରିଚୟ ଦିଏ ।

୨. ପରିବେଶ ଓ ବଂଶଗତ ପ୍ରାଧାନ୍ୟ ନେଇ ବିକାଶ ସ୍ଥିରୀକୃତ ହୁଏ :

Development is determined by a complex of inherited and environmental characteristics

ଶିଶୁର ବୃଦ୍ଧି ବିକାଶ ଉଭୟ ବଂଶଗତ ଓ ପରିବେଷ୍ଟନୀ ଦ୍ୱାରା ପ୍ରଭାବିତ ହୋଇଥାଏ । ଶିଶୁଟିଏ ତେଙ୍ଗାହେବା, ପ୍ରତିଭାବାନ ହେବା, ମୂର୍ଖ ହେବା, କୁଶଳୀ ହେବା ପ୍ରଭୃତି ତା'ର ବଂଶାନୁଗତ ପ୍ରଭାବରୁ ହୋଇଥାଏ ବୋଲି ପ୍ରାଣୀବିଜ୍ଞାନୀ ମାନଙ୍କର ଅଭିମତ । ଅନେକ କହନ୍ତି ପରିବେଷ୍ଟନୀ ମଧ୍ୟ ଶିଶୁର ବୃଦ୍ଧି ଓ ବିକାଶରେ ସମଭାବରେ ପ୍ରଭାବ ପକାଇଥାଏ । କାରଣ ଗୋଟିଏ ଶିଶୁ ଉଚ୍ଚ ଆଭିଜାତ୍ୟ ବଂଶଜ ହେଲେ ମଧ୍ୟ ଉପଯୁକ୍ତ ପରିବେଶ ମଧ୍ୟରେ ନ ବଢ଼ିଲେ ତା'ର ସର୍ବାଙ୍ଗୀନ ଉନ୍ନତି ହେବା ଅସମ୍ଭବ ହୋଇପଡ଼େ । କିନ୍ତୁ କେବଳ ବଂଶଗତ ପ୍ରଭାବ ବା କେବଳ ପରିବେଷ୍ଟନୀର ପ୍ରଭାବ ଶିଶୁର ବିକାଶରେ ସହାୟକ ହୋଇପାରେନାହିଁ । ବରଂ ଉଭୟର ସମନ୍ୱୟରେ ଶିଶୁର ବିକାଶ ଘଟେ । ଅନେକ ମନସ୍ତତ୍ତ୍ୱବିତ ଏ କ୍ଷେତ୍ରରେ ପରୀକ୍ଷା କରି ଦର୍ଶାଇଛନ୍ତି ଯେ ଉଭୟ ବଂଶଗତ ଓ ପରିବେଷ୍ଟନୀର ପ୍ରଭାବରେ ଶିଶୁର ସର୍ବାଙ୍ଗୀନ ବିକାଶ ହୋଇପାରିବ ।

୩. ବିକାଶ ଏକ ବିଭେଦୀକରଣ ଓ ଏକୀକରଣର ପ୍ରକ୍ରିୟା :

Development is a process of differentiation and integration

ବୃଦ୍ଧି ସାଧାରଣରୁ ଏକ ନିର୍ଦ୍ଦିଷ୍ଟ ଦିଗକୁ ଗତିକରିବା ବିଭେଦୀକରଣର ଏକ ପରମ ଦୃଷ୍ଟାନ୍ତ । କିନ୍ତୁ ବିକାଶ ଏକୀକରଣ ପ୍ରକ୍ରିୟାରେ ହିଁ ହୁଏ । ଶିଶୁ ବୟସ୍କ ବ୍ୟକ୍ତିରେ ପରିଣତ ହେଲେ ତା'ର ଚାଲିଚଳନ, ଢଙ୍ଗଢାଙ୍ଗ, ଆଚାର ବ୍ୟବହାର ଶୈଶବାବସ୍ଥା ଅପେକ୍ଷା ଭିନ୍ନ ଧରଣର ହୁଏ । ବୟସ ବୃଦ୍ଧି ସଙ୍ଗେ ଶିଶୁର ବ୍ୟବହାର ମଧ୍ୟ ପରିବର୍ତ୍ତନ ହୋଇଥାଏ । ଏହି ଉନ୍ନତି ହିଁ ବିଭେଦୀକରଣ ପ୍ରକ୍ରିୟା । ଶିଶୁର ଏକ ଭିନ୍ନ ପରିବେଶରେ ବ୍ୟବହାରରେ ବିଭେଦୀକରଣ ପରିପୁଷ୍ଟ ହୋଇଥାଏ ବୋଲି ବିଶିଷ୍ଟ ମନସ୍ତତ୍ତ୍ୱବିତ ଉଇଲିୟମ୍ ଜେମ୍‌ସ ମତ ଦେଇଛନ୍ତି ।

ବିଭେଦୀକରଣ ଶିଶୁର ମାନସିକ ବିକାଶର ମଧ୍ୟ ପରିଲକ୍ଷିତ ହୋଇଥାଏ । ଶିଶୁମାନେ ବଢ଼ିଲେ ଅନେକ କାର୍ଯ୍ୟକଳାପ କରିଥାନ୍ତି । ଶିଶୁଟି ଯେତେବେଳେ ଚାଲିବାକୁ ଆରମ୍ଭ କରେ, ଅନେକ ସରଳ ଅଭ୍ୟାସ ତା' ପାଖରେ ଦେଖାଦିଏ ଯଥା – ଗୋଡ଼ ଓ ଶରୀର ନିୟନ୍ତ୍ରଣ ଓ ନିଜକୁ ସନ୍ତୁଳନ କରି ଠିଆ ହେବା, ହାତ ହଲାଇବା ଇତ୍ୟାଦି । ପ୍ରତ୍ୟେକ ଜିନିଷକୁ ସେ ଏକାଧିକ ରୂପରେ ଦେଖେ ଓ ସେମାନଙ୍କ ମଧ୍ୟରେ ପ୍ରଭେଦ ଜାଣିପାରିନଥାଏ । ହେଲେ ବୃଦ୍ଧି ଓ ବିକାଶ ହେଲେ ଶିଶୁଟି ବୟସ ବଢ଼ିବା ସଙ୍ଗେ ସଙ୍ଗେ ବିଭେଦୀକରଣ ସମ୍ବନ୍ଧରେ ସଚେତନ ହୋଇଥାଏ । ଶିଶୁ ଜୀବନରେ ଆନନ୍ଦ, କ୍ରୋଧ, ଦୁଃଖ, ଭୟ, ଈର୍ଷା ପ୍ରଭୃତି ଆବେଗଗୁଡ଼ିକ ବିଭେଦୀକରଣ ତଥା ଏକୀକରଣର ଦୃଷ୍ଟାନ୍ତ ।

୪. ବିକାଶ କେତେକ ନିର୍ଦ୍ଦିଷ୍ଟ ସ୍ତର ମଧ୍ୟ ଦେଇ ଗତିକରେ :

Development Proceeds through different stages of life

ବୟସ ଅନୁସାରେ ବିକାଶକୁ କେତେକ ସ୍ତର ମଧ୍ୟରେ ବିଭାଗ କରାଯାଇଛି । ଯଥା – ଶୈଶବାବସ୍ଥା, ପ୍ରୌଢ଼ାବସ୍ଥା, ଯୌବନାବସ୍ଥା ଓ ବୃଦ୍ଧାବସ୍ଥା । ଏହି ସ୍ତର ଦେଇ ବିକାଶ ଘଟିଥାଏ । ପିଆଜେଙ୍କ ମତାନୁସାରେ ମାନସିକ ବିକାଶ ମଧ୍ୟ ଚାରିଟି ସ୍ତର ଦେଇହୁଏ । ଯଥା – ଇନ୍ଦ୍ରିୟ-ପେଷିକ (sensory motor) ପ୍ରାକ୍ ପ୍ରତ୍ୟୟକ୍ରିୟା (Pre-operational) ମୂର୍ତ୍ତପ୍ରତ୍ୟୟକ୍ରିୟା (Con-

ଠାରେ operational) ଓ ଔପଚାରିକ କ୍ରିୟା (formal operational) ଏହି ଚାରିଟି ସ୍ତର ଯଥାକ୍ରମେ (୦-୨) ବର୍ଷ, (୨-୭) ବର୍ଷ, (୭-୧୨) ବର୍ଷ ଓ (୧୨-୧୫) ବର୍ଷ ପର୍ଯ୍ୟନ୍ତ ଚାଲେ । ପ୍ରତ୍ୟେକ ଶିଶୁକୁ ଏହି ସ୍ତର ଦେଇ ଗତି କରିବାକୁ ହୁଏ ଓ ଏହି ସ୍ତର ଅନ୍ତରେ ହିଁ ବ୍ୟକ୍ତିଗତ ବୈଷମ୍ୟ ପରିଦୃଷ୍ଟ ହୁଏ । ପ୍ରତ୍ୟେକ ସ୍ତର ଅନ୍ୟସ୍ତର ଉପରେ ନିର୍ଭର କରେ ଓ ପ୍ରତ୍ୟେକ ସ୍ତରରେ ଶିଶୁର ଚିନ୍ତା ନିର୍ଦ୍ଦିଷ୍ଟ ଗୁଣାତ୍ମକ ଭାବେ ଅନ୍ୟଠାରୁ ଭିନ୍ନ । କିନ୍ତୁ ପ୍ରତ୍ୟେକ ମଣିଷ ଜୀବନରେ ଏହା ସଂଘଟିତ ହୋଇଥାଏ ।

୫. ବ୍ୟବହାରଗତ ଆଚରଣ ବିକାଶ ଶିକ୍ଷଣ ଓ ପରିପକ୍ୱତା ଉପରେ ନିର୍ଭର କରେ :

Development of behaviour results from learning and maturation

ଶାରୀରିକ ଅଭିବୃଦ୍ଧିକୁ ପରିପକ୍ୱତା ବୁଝାଏ । ବୟସ ବୃଦ୍ଧି ସହ ପରିପକ୍ୱତା ଘଟିଲେ ଶିଶୁଟିଏ ଆଣ୍ଠେଇବା, ବସିବା, ଠିଆହେବା, ଚାଲିବା, ଦୌଡ଼ିବା ଇତ୍ୟାଦି କ୍ରିୟା କରେ । ବିଦ୍ୟାଳୟକୁ ଆସିଲେ ଶିଶୁର ମାନସିକ ବିକାଶ ସଙ୍ଗେ ସଙ୍ଗେ ମାଂସପେଶୀ ବିକାଶ, ଶିକ୍ଷଣ ଅଭ୍ୟାସ ତ୍ୱରାନ୍ୱିତ ହୁଏ । ତେଣୁ ପରିପକ୍ୱତା ଓ ଶିକ୍ଷଣ ଉଭୟେ ପରିପୂରକ । ଦୁହେଁ ପ୍ରତ୍ୟେକ ଶିଶୁର ଆଚରଣଗତ ପରିବର୍ତ୍ତନରେ ଦ୍ୱିଶକ୍ତି ରୂପେ କାର୍ଯ୍ୟ କରନ୍ତି । ପରିପକ୍ୱତା ଶାରୀରିକ ଓ ଅନ୍ତର୍ନିହିତ ଶରୀରର ସାଙ୍ଗଠନିକ ବିକାଶକୁ ବୁଝାଏ । ନିର୍ଦ୍ଦିଷ୍ଟ ବ୍ୟବହାର ଢାଞ୍ଚା ବିକାଶ କ୍ଷେତ୍ରରେ ପରିପକ୍ୱତାର ମୁଖ୍ୟ ଭୂମିକା ରହିଛି । କିନ୍ତୁ ଶିକ୍ଷଣ ହେଉଛି ଏକ ପ୍ରକ୍ରିୟା ଯାହା ପରିପକ୍ୱତା ଉପରେ ହିଁ ନିର୍ଭର କରେ । ଗୋଟିଏ ୬ମାସର ଶିଶୁକୁ କଳେବଳେ କୌଶଳେ ଯେକୌଣସି ପ୍ରକାର ଶିକ୍ଷଣ ଅନୁଭୂତି ପ୍ରଦାନ କଲେ ମଧ୍ୟ ଶିଶୁଟିଏ ପାହାଚ ଚଢ଼ି ପାରିବ ନାହିଁ କି ଚାଲି ପାରିବ ନାହିଁ । ସେ ଏ କାମ କରିପାରିବ, ଯେତେବେଳେ ତା'ର ଶରୀରରେ ପରିପକ୍ୱତା ଆସିବ । କାରଣ ପ୍ରତ୍ୟେକ କ୍ରିୟାର ଏକ ଶାରୀରିକ ଓ ମାନସିକ ସୀମାରେଖା ରହିଛି ଯାହା ଭିତରେ ହିଁ ଅଭ୍ୟାସ ଓ ଶିକ୍ଷଣ ପ୍ରକ୍ରିୟା କାର୍ଯ୍ୟ କରେ । ମାନସିକ ଅପାରଗ ଶିଶୁମାନଙ୍କର ଶିକ୍ଷଣ କ୍ରିୟା ଅନୁଧ୍ୟାନ କଲେ ଜଣାପଡ଼େ ଯେ ସମସ୍ତେ କେବଳ ଶିକ୍ଷଣ କ୍ରିୟା ଦ୍ୱାରା ଶିଖିପାରିବେ ନାହିଁ । ପରିପକ୍ୱତା ଓ ବଂଶାନୁଗତିର ପ୍ରଭାବ ଶିକ୍ଷଣ ପ୍ରକ୍ରିୟାରେ ଅନେକାଂଶରେ ପ୍ରଭାବିତ କରେ । ଗିଆଜେ ଓ କୋଲବର୍ଗ ପରିପକ୍ୱ ଅବସ୍ଥା ଉପରେ ବିଶେଷ ଜୋର୍ ଦେଇ କହିଥିଲେ ଯେ ପରିପକ୍ୱତା ମାନସିକ ପ୍ରସ୍ତୁତ, ମାନସିକ ବୃଦ୍ଧି, ଶିକ୍ଷଣ ଓ ବିକାଶ ପାଇଁ ଏକାନ୍ତ ଆବଶ୍ୟକ ।

୬. ବିକାଶର ଭବିଷ୍ୟ ଶିଶୁର ବିକଶିତ ଅବସ୍ଥାକୁ ଲକ୍ଷ୍ୟକରି କଳନା କରିହୁଏ :

Prediction of future is possible through the observation of the developmental process of the individual

ଯେହେତୁ ବିକାଶ ବିଭିନ୍ନ ସ୍ତର ଦେଇ ଗତି କରେ ଓ ବିଭିନ୍ନ ଭିନ୍ନ ସ୍ତରରେ ବିକାଶର ଧାରା ଭିନ୍ନ ଭିନ୍ନ ହୋଇଥାଏ, ସେହିଜନ୍ୟରୁ ଗୋଟିଏ ଅବସ୍ଥାରୁ ଅନ୍ୟ ଅବସ୍ଥାକୁ ଯିବାର ଭବିଷ୍ୟତ କଳନା କରିବା ସହଜ ହୁଏ । ଉଦାହରଣ ସ୍ୱରୂପ, ଶିଶୁଟିଏ ଜନ୍ମରୁ ୯ ବର୍ଷ ପର୍ଯ୍ୟନ୍ତ ବଡ଼ କ୍ଷିପ୍ରଗତିରେ ବିକାଶ ଲାଭ କରେ । କିନ୍ତୁ ନୈତିକ ବିକାଶ ତାକୁ ୯ବର୍ଷ ହେଲେ ଘଟେ । ତେଣୁ ବୟସ ଜାଣିଲେ ଶିଶୁର ନୈତିକ ଓ ସାମାଜିକ ବିକାଶ ଅନୁମାନ କରିହୁଏ । ବୁଦ୍ଧିର ପରିମାଣ ଜାଣିଲେ ମଧ୍ୟ ତା'ର ମାନସିକ ବିକାଶ ଜାଣିବା ସମ୍ଭବପର ହୁଏ ।

୭. ବିକାଶ ଅନେକ କାରକ ଦ୍ୱାରା ପ୍ରଭାବିତ :

Development is affected by many factors

ବିକାଶ ଶାରୀରିକ ଓ ମାନସିକ କାରକ ଯୋଗୁଁ ବିଶେଷ ଭାବରେ ପ୍ରଭାବିତ ହୋଇଥାଏ । ସେହି କାରକଗୁଡ଼ିକ ମଧ୍ୟରେ ସ୍ୱାସ୍ଥ୍ୟ, ପରିପୁଷ୍ଟି, ଶିଶୁର ଶରୀରରେ ଅନ୍ତର୍ନିହିତ ଥିବା ଗ୍ରନ୍ଥି, ସାଧାରଣ ପରିବେଶ, ପରିପକ୍ୱତା ଓ ଶିକ୍ଷଣ, ବଂଶାନୁଗତି ପରିବେଶ, ଲିଙ୍ଗ, ସାମାଜିକ ସ୍ତର, ବୁଦ୍ଧି, ବାଲ୍ୟଶିକ୍ଷା ଅଭିଜ୍ଞତା ଓ ଶିକ୍ଷକଙ୍କ ପ୍ରଭାବ ଅନ୍ୟତମ ।

୨.୨.୭. ବିକାଶର ବିଭିନ୍ନ ସୋପାନ ବା ପର୍ଯ୍ୟାୟ :

Stages of development

ହରଲକ୍‌ଙ୍କ ମତାନୁଯାୟୀ ମଣିଷର ସମୁଦାୟ ଜୀବନକାଳକୁ ପାଞ୍ଚୋଟି ସୋପାନରେ ବିଭକ୍ତ କରାଯାଇଛି । ସେଗୁଡ଼ିକ ହେଲା –

୧. ଶୈଶବାବସ୍ଥା (ଜନ୍ମରୁ ୨ ବା ୩ବର୍ଷ ପର୍ଯ୍ୟନ୍ତ)

୨.(କ) ଆଦ୍ୟା ବାଲ୍ୟାବସ୍ଥା (୩ରୁ ୬ବର୍ଷ ପର୍ଯ୍ୟନ୍ତ)

(ଖ)ପରବର୍ତ୍ତୀ ବାଲ୍ୟାବସ୍ଥା (୬ରୁ ୧୦ବର୍ଷ)

୩. କୈଶୋରାବସ୍ଥା (୧୨ରୁ ୧୮ବର୍ଷ)

୪. ପ୍ରୌଢ଼ାବସ୍ଥା (୨୦ରୁ ୪୦ବର୍ଷ ପର୍ଯ୍ୟନ୍ତ)

୫. ବାର୍ଦ୍ଧକ୍ୟ (୪୦ ବର୍ଷରୁ ଊର୍ଦ୍ଧ୍ୱ)

ଏହି ପର୍ଯ୍ୟାୟ ଗୁଡ଼ିକ ଅଙ୍ଗାଙ୍ଗୀ ଭାବେ ଜଡ଼ିତ । ଯଦିଓ ପ୍ରତ୍ୟେକଟି ପର୍ଯ୍ୟାୟ ପରସ୍ପରଠାରୁ ପୃଥକ୍, ବୃଦ୍ଧି ଓ ବିକାଶ ନିରବଚ୍ଛିନ୍ନ ଓ କ୍ରମାଗତ ଭାବେ ଚାଲିଥାଏ । ପ୍ରତ୍ୟେକଟି ପର୍ଯ୍ୟାୟ କେତେକ ବିଶିଷ୍ଟ ଲକ୍ଷଣରେ ପର୍ଯ୍ୟବସିତ । ଶିକ୍ଷକ ଓ ଅଭିଭାବକ ପ୍ରତ୍ୟେକଙ୍କ ପାଇଁ ଶିଶୁର ଏଭଳି ବିକାଶଧାରା ସହ ପରିଚିତ ହେବା ଏକାନ୍ତ ଆବଶ୍ୟକ । କାରଣ ଏହା ଜାଣିଲେ ବୁଦ୍ଧିଜୀବୀ ଓ ଚିନ୍ତାଶୀଳ ବ୍ୟକ୍ତିମାନେ ଆବଶ୍ୟକୀୟ ପଦକ୍ଷେପ ସ୍ୱରୂପ ଉଚିତ ପର୍ଯ୍ୟାୟରେ ଉଚିତ ଶିକ୍ଷା ପ୍ରଦାନର ବ୍ୟବସ୍ଥା କରିପାରିବେ । ପାଠ୍ୟକ୍ରମର ସୂଚନା ଅନୁଯାୟୀ ନିମ୍ନରେ କେବଳ ଆଦ୍ୟବାଲ୍ୟାବସ୍ଥା ଓ ଉତ୍ତର ବାଲ୍ୟାବସ୍ଥାରେ ପରିଲକ୍ଷିତ ହେଉଥିବା ଶାରୀରିକ, ମାନସିକ, ସାମାଜିକ ଓ ଆବେଗିକ ବିକାଶର ସ୍ପଷ୍ଟ ଚିତ୍ର ପ୍ରଦତ୍ତ କରାଗଲା ।

୨.୨.୮. ଶୈଶବାବସ୍ଥା :

ଜନ୍ମଠାରୁ ୩ ବର୍ଷ ବୟସ ପର୍ଯ୍ୟନ୍ତ ସମୟକୁ ଶୈଶବ ଅବସ୍ଥା ବୋଲି କହିଥାଉ । ଶୈଶବାବସ୍ଥାରେ ଶିଶୁର ଶାରୀରିକ ଅଭିବୃଦ୍ଧି ଦ୍ରୁତଗତିରେ ହୋଇଥାଏ । ଏହି ପର୍ଯ୍ୟାୟ ଜୀବନର ଏକ ଗୁରୁତ୍ୱପୂର୍ଣ୍ଣ ସମୟ ଅଟେ, କାରଣ ଭବିଷ୍ୟତର ବିଶେଷ ଗୁଣ ଓ ଲକ୍ଷଣଗୁଡ଼ିକ ଏହି ସମୟରୁ ହିଁ ସଂଗଠିତ ହୋଇଥାଏ, ପିତା ଓ ମାତାଙ୍କର ସ୍ନେହ ଓ ଯତ୍ନରେ ଶିଶୁର ବୃଦ୍ଧି ଓ ବିକାଶ ସଂଗଠିତ ହୋଇଥାଏ । ପାରିବାରିକ ପରିବେଶ ତା'ର ଜୀବନ ଧାରାକୁ ନିୟନ୍ତ୍ରଣ କରିଥାଏ । ଶୈଶବାବସ୍ଥାରେ ଯେଉଁସବୁ ଶାରୀରିକ, ମାନସିକ, ଆବେଗିକ ଏବଂ ସାମାଜିକ ବିକାଶ ସଂଗଠିତ ତାହା ନିମ୍ନରେ ପ୍ରଦତ୍ତ କରାଗଲା ।

୨.୨.୯. ଶୈଶବାସ୍ଥାରେ ଶାରୀରିକ ବିକାଶ :

ଏହି ପର୍ଯ୍ୟାୟରେ ଦ୍ରୁତ ଶାରୀରିକ ଅଭିବୃଦ୍ଧି ଓ ବିକାଶ ସାଧିତ ହୋଇଥାଏ, ତା'ର ଆକାର, ଓଜନ ଓ ଉଚ୍ଚତାରେ ଦ୍ରୁତ ପରିବର୍ତ୍ତନ ଦେଖାଯାଏ । ଜନ୍ମ ସମୟରେ ଶିଶୁମାନଙ୍କର ହାରାହାରି ଉଚ୍ଚତା ୧୮ ଇଞ୍ଚ ଥାଏ । ସେହିପରି ଓଜନ ୩ରୁ ୪.୫ କି.ଗ୍ରା. ହୋଇଥାଏ । ଜନ୍ମ ହେବାର ପ୍ରଥମ ବର୍ଷରେ ଶିଶୁର ଶାରୀରିକ ଗଠନ ଅତି ଦ୍ରୁତଗତିରେ ବୃଦ୍ଧି ପାଇବାରେ ଲାଗେ । ୧୨ ମାସ ବୟସରେ ତା'ର ଓଜନ ତିନିଗୁଣ ବୃଦ୍ଧି ପାଏ । ଜନ୍ମ ସମୟରେ ଶିଶୁର ମୁଣ୍ଡ ଶରୀର ଅନ୍ୟାନ୍ୟ ଅଙ୍ଗ ତୁଳନାରେ ଅତ୍ୟଧିକ ବଡ଼ ଦେଖାଯାଏ । ଜନ୍ମ ପରେ ଶିଶୁର ଶାରୀରିକ ବୃଦ୍ଧି ମୁଣ୍ଡରୁ ତଳ ଆଡ଼କୁ ଗତି କରିଥାଏ, ଅର୍ଥାତ୍ ଶରୀରର ଅନ୍ୟ ଅଙ୍ଗଗୁଡ଼ିକ କ୍ରମେ ବୃଦ୍ଧି ପାଇବାରେ ଲାଗେ । ତେଣୁ ଶିଶୁର ଶାରୀରିକ ଅଭିବୃଦ୍ଧି ଜନ୍ମଠାରୁ ଦୁଇବର୍ଷ ପର୍ଯ୍ୟନ୍ତ ଅଧିକ ହୋଇଥାଏ ।



ଚିତ୍ର – ୨. ଶାରୀରିକ ବିକାଶ

୨.୩.୦. ଶୈଶବାବସ୍ଥାରେ ମାନସିକ ବିକାଶ :

ଶୈଶବ ଅବସ୍ଥାରେ ମାନସିକ ବିକାଶ ଶିଶୁର ଭାଷାଗତ ସାମର୍ଥ୍ୟଗୁଡ଼ିକର ବିକାଶରୁ ଜଣା ପଡ଼ିଥାଏ । ଜନ୍ମ ପରେ ପରେ ଶିଶୁ କେବଳ କାନ୍ଦେ । ଏହା ଫଳରେ ୬ ମାସ ବୟସ ବେଳକୁ ତା'ର ନିକଟ ପରିବେଶରେ ଥିବା ବିଭିନ୍ନ ଉପାଦାନଗୁଡ଼ିକୁ ସେ ଜାଣିପାରେ । ଶିଶୁର ବିଭିନ୍ନ ଇନ୍ଦ୍ରିୟ ଯଥା– କାନ, ଆଖି, ନାକ, ଜିହ୍ୱା ଓ ଚର୍ମ ପ୍ରଭୃତି ବାହ୍ୟଜଗତରୁ ଅନୁଭୂତି ହାସଲ କରିବାରେ ସାହାଯ୍ୟ କରେ ଓ ମାନସିକ ବା ବୌଦ୍ଧିକ ବିକାଶରେ ସହାୟକ ହୁଏ । ପ୍ରଥମ ବର୍ଷ ବୟସ ବେଳକୁ ଶିଶୁ ଅଳ୍ପ କେତେକ ଶବ୍ଦ ଉଚ୍ଚାରଣ କରିପାରିଥାଏ ଯଥା– ବାପା, ମା ଇତ୍ୟାଦି । ପ୍ରାୟ ଦେଢ଼ବର୍ଷ ବୟସ ବେଳକୁ ଦ୍ରୁତ ଭାଷାର ବିକାଶ ହୋଇଥାଏ । ତିନିବର୍ଷ ବେଳକୁ ଶିଶୁ ତା'ର ମୌଳିକ ଚିନ୍ତାଧାରାର ପରିପ୍ରକାଶ ହୋଇଥାଏ । ଶୈଶବ ଅବସ୍ଥାରେ ଶିଶୁ ଅତି ଶୀଘ୍ର ବହୁତ ଜିନିଷ ଶିଖିପାରିଥାଏ । ଫଳରେ ଶିଶୁ ନିଜକୁ ଅନ୍ୟ ସମ୍ମୁଖରେ ବ୍ୟକ୍ତ କରିପାରେ । ଶୁଦ୍ଧ ଭାବରେ କୌଣସି ଭାଷାର ପରିପ୍ରକାଶ ମାନସିକ ବିକାଶର ଏକ ଗୁରୁତ୍ୱପୂର୍ଣ୍ଣ ଲକ୍ଷଣ ଅଟେ ।

ଜନ୍ମରୁ ପ୍ରଥମ ଦୁଇବର୍ଷ ମଧ୍ୟରେ ଶିଶୁର ମସ୍ତିଷ୍କର ଓଜନ ଅପେକ୍ଷାକୃତ ଅଧିକ ହୋଇଥାଏ । ମସ୍ତିଷ୍କର ଅକାର ଆଠ ବର୍ଷ ବେଳକୁ ପ୍ରାୟତଃ ପୂର୍ଣ୍ଣତା ପ୍ରାପ୍ତ ହୋଇଥାଏ ।

ଏହି ବୟସରେ ଚାରିପାଖରେ ଥିବା ବିଭିନ୍ନ ବିଷୟ ବସ୍ତୁ ଜାଣିବା ପାଇଁ ଶିଶୁର ଉତ୍କଣ୍ଠାଳତା ବୃଦ୍ଧିପାଏ । ତା'ର କାର୍ଯ୍ୟକଳାପରେ ଅସ୍ଥିରତା ଦେଖାଦିଏ । ସେ ହସ ଓ କାନ୍ଦଦ୍ୱାରା ତା'ର ପରିବେଶ ସହ ଉଦ୍ଦୀପନା ପରିପ୍ରକାଶ କରେ । ତେଣୁ ଶୈଶବାବସ୍ଥାରୁ ଉଦ୍ଦୀପକ ସମ୍ପର୍କରେ ସଚେତନ ହୋଇ ପାରିଥାଏ । ଯାହାଫଳରେ ସେ ଯନ୍ତ୍ରଣାଦାୟକ ଉଦ୍ଦୀପକଗୁଡ଼ିକୁ ପରିହାର କରିବାକୁ ସକ୍ଷମ ହୋଇଥାଏ । ନିଜ ପରିବେଶର ବିଭିନ୍ନ ବସ୍ତୁ, ବ୍ୟକ୍ତି ବା ଘଟଣା ବିଷୟରେ ଜାଣିବା ପାଇଁ ସେ ଆଗ୍ରହ ପ୍ରକାଶ କରିଥାଏ । ସର୍ବୋପରି ଶୈଶବାସ୍ଥାରେ ବିଚାର ଶକ୍ତି ଓ ବୋଧଶକ୍ତିର ବିକାଶ ପରିଲକ୍ଷିତ ହୋଇଥାଏ ।

୨.୩.୧. ଶୈଶବାବସ୍ଥାରେ ଆବେଗିକ ବିକାଶ :

ଆବେଗ ହେଉଛି ଗୋଟିଏ ଭାବାତ୍ମକ କଳ୍ପିତ ଧାରଣା । ଆବେଗିକ ଅବସ୍ଥା ମୁଖ୍ୟତଃ ଅନୁଭୂତି, ପ୍ରବୃତ୍ତି, ଶାରୀରିକ ଏବଂ ଶରୀର ସମ୍ବନ୍ଧୀୟ ପ୍ରତିକ୍ରିୟାକୁ ସେହି ସଂଗଠିତ ହୋଇଥାଏ । ଦୁଃଖ କିମ୍ବା ସୁଖରୂପକ ଆବେଗ ହିଁ ଅନୁଭୂତି । ଯାହା ବ୍ୟକ୍ତିର କାର୍ଯ୍ୟାବଳୀକୁ ଉଦ୍ରେକ କରାଇ କିଛି ସମୟ ପାଇଁ ସ୍ଥାୟୀ କରାଯାଇପାରେ ଏବଂ ସେହି କାର୍ଯ୍ୟାବଳୀକୁ ଏକ ନିର୍ଦ୍ଦିଷ୍ଟ ଦିଗରେ ପରିଚାଳିତ କରାଏ ତାହାକୁ ଆବେଗ କୁହାଯାଏ । ଆବେଗ ମଣିଷ ମନକୁ ବିଚଳିତ କରି ତାକୁ ଚଳଚଞ୍ଚଳ କରିଥାଏ । ଏହାର ଫଳସ୍ୱରୂପ ମଣିଷ ମନରେ ଭୟ, କ୍ରୋଧ, ବିରକ୍ତି, ସ୍ନେହ, ବିସ୍ମୟ, ଆନନ୍ଦ, କ୍ଳାନ୍ତି ଇତ୍ୟାଦି ସୃଷ୍ଟି ହୋଇଥାଏ । ସର୍ବୋପରି ବ୍ୟକ୍ତିର ସାମାଜିକ ତଥା ବ୍ୟକ୍ତିଗତ ସମଯୋଜନରେ ଆବେଗ ଯଥେଷ୍ଟ ସହାୟକ ହୋଇଥାଏ । ତେଣୁ ଆବେଗ ବ୍ୟକ୍ତି ଜୀବନରେ ଏକ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ । ଶିଶୁର ବ୍ୟକ୍ତିତ୍ୱ ବିକାଶ କ୍ଷେତ୍ରରେ ଆବେଗର ସ୍ଥାନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ।

ବିକାଶର ପ୍ରତ୍ୟେକ ଦିଗ ଯଥା-ଶାରୀରିକ, ମାନସିକ ଓ ସାମାଜିକ ଅଭିବୃଦ୍ଧି ଅନେକାଂଶରେ ଏହି ଆବେଗଦ୍ୱାରା ପ୍ରଭାବିତ ହୋଇଥାଏ । ଶୈଶବାବସ୍ଥାରେ ବିଭିନ୍ନ ପ୍ରକାରର ଆବେଗ ଭିନ୍ନ ଭିନ୍ନ ଉଦ୍ଦୀପକ ଉପସ୍ଥିତିରେ ପ୍ରକାଶିତ ହୁଏ । ଜନ୍ମସମୟରେ ହଠାତ୍ ଶିଶୁଠାରେ କୌଣସି ଆବେଗାତ୍ମକ ବ୍ୟବହାର ପରିଲକ୍ଷିତ ହୋଇ ନ ଥାଏ । ଜନ୍ମର କିଛି ଦିନ ପରେ ଆବେଗର ପରିପ୍ରକାଶ କେବଳ କ୍ରନ୍ଦନ ମାଧ୍ୟମରେ ହୋଇଥାଏ । ଭୋକ, ଶୋଷ ବା ଶରୀରକୁ କଷ୍ଟ ହେଲେ ଶିଶୁମାନେ କାନ୍ଦନ୍ତି, ହାତ, ଗୋଡ଼ ଓ ଶରୀରକୁ ହଲାଇଥାନ୍ତି । ତେଣୁ ଶୈଶବାବସ୍ଥାରେ ସୁଖ-ଦୁଃଖର ଆବେଗ ପରିଲକ୍ଷିତ ହୁଏ । ଉଦାହରଣ ସ୍ୱରୂପ - ଆନନ୍ଦ ଅନୁଭବ କଲେ ଶିଶୁମାନେ ହାତଗୋଡ଼ ହଲାଇ ତାଙ୍କର ମନୋଭାବ ପ୍ରକାଶ କରିଥାନ୍ତି । ପରବର୍ତ୍ତୀ ସମୟରେ ଏହା କ୍ରୋଧ, ବିରକ୍ତି, ଭୟ, ଉତ୍‌ଫୁଲ୍ଲିତ ଏବଂ ସ୍ନେହ ବା ଅନୁରାଗରେ ପରିଣତ ହୋଇଥାଏ । ଶିଶୁ ନିଜର ଜୀବନଧାରଣ ପାଇଁ ପ୍ରାଥମିକ ପର୍ଯ୍ୟାୟରେ ତା'ର ମା' ଉପରେ ନିର୍ଭର କରିଥାଏ । ଶିଶୁ ତା'ର ମା' କୋଳରେ ଥିବାବେଳେ ଖୁସି ଅନୁଭବ କରେ ଏବଂ ମା' କୋଳରେ ନ ଥିବାବେଳେ ଅତ୍ୟଧିକ ଦୁଃଖ, କ୍ଲେଶ ବା ଯନ୍ତ୍ରଣା ଅନୁଭବରେ । ଶିଶୁକୁ ତିନିମାସ ହେଲାବେଳକୁ ତାଠାରେ ଉଦ୍ଦୀପନା କ୍ରମାଗତ ଭାବରେ ଚାଲୁ ରହିଥାଏ ଏବଂ ସେ ମଧ୍ୟ ଉଲ୍ଲାସ ଏବଂ ଯନ୍ତ୍ରଣା ଅନୁଭବ କରେ । ଏହି ସମୟରେ ସେ ଅନ୍ୟମାନଙ୍କର ମୁହଁକୁ ଦେଖି ପ୍ରଫୁଲ୍ଲିତ ହୁଏ । ଏହି ପ୍ରଫୁଲ୍ଲିତ ଭାବ ପରବର୍ତ୍ତୀ ସମୟରେ ହସ ବା ଅନଳରେ ପରିଣତ ହୁଏ । ୬ ମାସ ପରେ ଶିଶୁର ଆବେଗର ପରିପ୍ରକାଶକୁ ଉପଲବ୍ଧି କରିହୁଏ । ଏହି ସମୟରେ ଶିଶୁଠାରେ ଦୁଃଖଦାୟକ ପରିସ୍ଥିତିରେ କାନ୍ଦ ନ ଥାଇ ତାହା ରାଗ, କ୍ରୋଧ ଓ ଭୟରେ ରୂପାନ୍ତରିତ ହୋଇଥାଏ । ବୟସ ବୃଦ୍ଧି ହେଲେ ଶିଶୁଠାରେ କ୍ରୋଧ ପରିଲକ୍ଷିତ ହୋଇଥାଏ । ଯଦି ସେ ରାଗିଥାଏ, ତେବେ ସେ ଫିଙ୍ଗାଫୋପଡ଼ା କରିଥାଏ ଏବଂ ଦ୍ରବ୍ୟଗୁଡ଼ିକୁ ଭାଙ୍ଗିଥାଏ । ଯେତେବେଳେ ଶିଶୁ କଥା କୁହେ, ସେତେବେରେ ତା'ର

ଆବେଗଗୁଡ଼ିକୁ ସେ ଭାଷାରେ ପ୍ରକାଶ କରେ । ଦୁଇବର୍ଷ ବେଳକୁ ତା'ଠାରେ ସ୍ନେହ ଓ ଶ୍ରଦ୍ଧାର ଆବେଗ ପରିଲକ୍ଷିତ ହୋଇଥାଏ, ସେ ତା'ର ମା', ବାପା ଓ ସୁପରିଚିତ ବ୍ୟକ୍ତିମାନଙ୍କୁ ଭଲ ପାଏ ।

ତେଣୁ ଶୈଶବାବସ୍ଥାରେ ଯେଉଁ ସବୁ ଆବେଗ ପରିଲକ୍ଷିତ ହୁଏ, ସେଗୁଡ଼ିକ ହେଉଛି ଅବିଭେଦ ଓ ବିଶୃଙ୍ଖଳିତ । କିନ୍ତୁ ଶିଶୁର ଅଭିବୃଦ୍ଧିରେ ପରିପକ୍ୱତା ଆସିଲେ ତା'ର ଆବେଗଗୁଡ଼ିକରେ ବିଭେଦତା ଦେଖାଯାଏ । ଉଦାହରଣସ୍ୱରୂପ ଜନ୍ମର କିଛିଦିନ ପରେ ଶିଶୁ ତା'ର ଆନନ୍ଦ ଓ ସନ୍ତୋଷ ସ୍ମିତହାସ୍ୟ ଦ୍ୱାରା ପରିପ୍ରକାଶ କରେ । ମାତ୍ର କିଛି ସପ୍ତାହ ପରେ ଶିଶୁ ତା'ର କଷ୍ଟ ଓ କ୍ଷୁଧାକୁ କାନ୍ଦିବାଦ୍ୱାରା ପ୍ରକାଶ କରିଥାଏ । ତେଣୁ ପ୍ରଥମେ ଶିଶୁଠାରେ ଆବେଗର କୌଣସି ପାର୍ଥକ୍ୟ ପରିଲକ୍ଷିତ ହୋଇ ନ ଥାଏ । ଶିଶୁର ଅଭିବୃଦ୍ଧି ହେତୁ, ତା'ର ଆବେଗିକ ପରିପ୍ରକାଶ ପରିମାର୍ଜିତ ହୋଇଥାଏ ।

୨.୩.୨. ଶୈଶବାବସ୍ଥାରେ ସାମାଜିକ ବିକାଶ :

ମଣିଷ ଏକ ସାମାଜିକ ପ୍ରାଣୀ । ସାମାଜିକତା ମନୁଷ୍ୟର ସହଜାତ ଓ ଅନ୍ତର୍ନିହିତ ପ୍ରବୃତ୍ତି । ସମାଜରେ ବାସ କରିବା ନିମିତ୍ତ ଶିଶୁକୁ ସମାଜ ସହିତ ଖାପ ଖୁଆଇ ଚଳିବାକୁ ପଡ଼େ । ଜନ୍ମଲାଭ ପରେ ଶିଶୁର କ୍ରମଶଃ ବୟସ ବୃଦ୍ଧି ସଙ୍ଗେ ସଙ୍ଗେ ଶାରୀରିକ ଅଭିବୃଦ୍ଧି ଘଟିଥାଏ । ଫଳତଃ ସେ କ୍ରମଶଃ ତା'ର ପରିବାର, ଆତ୍ମୀୟସ୍ୱଜନ, ପଡ଼ୋଶୀ ଓ ଶେଷରେ ସମାଜରେ ବିଭିନ୍ନ ବ୍ୟକ୍ତିଙ୍କ ସହିତ ସମ୍ପର୍କ ସ୍ଥାପନ କରି ଗୋଟିଏ ସାମାଜିକ ପ୍ରାଣୀ ଭାବରେ ବିବେଚିତ ହୋଇଥାଏ । ମନୁଷ୍ୟ ସମାଜ ବିନା ବଞ୍ଚିବା କଷ୍ଟକର । ସାମାଜିକ ବିକାଶ କହିଲେ ଆମେ ବୁଝୁ ଯେ ଶିଶୁମାନଙ୍କ ମଧ୍ୟରେ ସାମାଜିକ ଆଚରଣର ପରିପ୍ରକାଶ । ଶିଶୁ ସମାଜରେ ବସବାସ କରୁଥିବା ଅନ୍ୟ ବ୍ୟକ୍ତିମାନଙ୍କ ଦ୍ୱାରା ପ୍ରଭାବିତ ହୋଇଥାଏ ।

ବ୍ୟକ୍ତିର ସାମାଜିକ ବିକାଶ ଶୈଶବାବସ୍ଥାରେ ହିଁ ଆରମ୍ଭ ହୋଇଥାଏ । ଜନ୍ମର କିଛି ମାସ ମଧ୍ୟରେ ଶିଶୁ ତା'ର ଭାବପ୍ରକାଶ କରିବା ପାଇଁ କେତେକ ସରଳ ଆଚରଣ ପରିପ୍ରକାଶ କରିଥାଏ । ତା'ପରେ ପରେ ନିଜର ପ୍ରତିକ୍ରିୟା ଓ ଭାବପ୍ରକାଶ କରିବା ପାଇଁ କାନ୍ଦିବା, ହସିବା, ଅସ୍ପଷ୍ଟ ଶବ୍ଦ ଏବଂ ଅନୁକରଣମୂଳକ ଆଚରଣ ପ୍ରଦର୍ଶନ କରିଥାଏ । ଏହି ଆଚରଣ ମାଧ୍ୟମରେ ଶିଶୁମାନେ ସାମାଜିକ ସମ୍ପର୍କ ସ୍ଥାପନ କରିଥାଆନ୍ତି । ଏହି ଆଚରଣଗୁଡ଼ିକ ଶିଶୁମାନଙ୍କ ମଧ୍ୟରେ ସ୍ୱାଭାବିକ ଭାବରେ ଦେଖାଯାଇଥାଏ । ବୟସ ବୃଦ୍ଧି ହେତୁ ଶିଶୁର ଆଚରଣଗୁଡ଼ିକ ନିର୍ଦ୍ଦିଷ୍ଟ ବସ୍ତୁଆଡ଼କୁ ନିର୍ଦ୍ଦେଶିତ ନ ହୋଇ ବ୍ୟକ୍ତିମାନଙ୍କ ଆଡ଼କୁ ନିର୍ଦ୍ଦେଶିତ ହୁଏ ।

ଶୈଶବାବସ୍ଥାରେ ଶିଶୁ ଅତିମାତ୍ରାରେ ବ୍ୟକ୍ତି କୈନ୍ଦ୍ରିକ ହୋଇଥାଏ । ଜନ୍ମହେବା ପରେ ଶିଶୁ ନିଜର ଆବଶ୍ୟକତା ପୂରଣ କରିବା ପାଇଁ କାନ୍ଦେ । ଶିଶୁ ଦୁଇମାସ ହେଲାବେଳକୁ ମାନବ ସ୍ୱରକୁ ଜାଣିପାରେ ଓ ଈଷତ୍ ହାସ୍ୟ ପ୍ରକାଶ କରେ । ୩ ମାସ ବେଳକୁ ନିଜର ମା'କୁ ଚିହ୍ନିପାରେ ଓ ମା'ଠାରୁ ଅଲଗା ହେଲେ କାନ୍ଦେ । ୪ ମାସ ହେଲାବେଳକୁ ସେ କେତେକ ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କ ପ୍ରତି ଆକୃଷ୍ଟ ହୁଏ ଓ ସେମାନଙ୍କ ମେଳରେ ରହିବାକୁ ଆନନ୍ଦ ପ୍ରକାଶ କରେ । ପଞ୍ଚମ ମାସରେ ସେ ସ୍ନେହପୂର୍ଣ୍ଣ ବାକ୍ୟ ଓ କ୍ରୋଧାନ୍ୱିତ ବାକ୍ୟ ମଧ୍ୟରେ ପ୍ରଭେଦ ବୁଝିପାରେ । ଜନ୍ମର ୬ ମାସରୁ ୮ ମାସ ମଧ୍ୟରେ ପିତାମାତା ଓ ପରିବାରର ଅନ୍ୟ ସଦସ୍ୟମାନଙ୍କ ପ୍ରତି ତା'ର ଅନୁରାଗ ସୃଷ୍ଟି ହୁଏ । ଏମାନଙ୍କୁ ନ ଦେଖିଲେ ସେ ଦୁଃଖ ପ୍ରକାଶ କରେ । ପରିଚିତ ବ୍ୟକ୍ତିମାନଙ୍କୁ ସ୍ମିତହାସ୍ୟ ଦ୍ୱାରା ଗ୍ରହଣ କରେ । ସେ ଅନ୍ୟମାନଙ୍କର କଥା, କାର୍ଯ୍ୟ ଓ ଭାବଭଙ୍ଗୀକୁ ଅନୁକରଣ କରିଥାଏ । ଏକବର୍ଷ ବେଳକୁ ପରିବାରର ସଦସ୍ୟମାନଙ୍କ ବ୍ୟତୀତ ଅନ୍ୟମାନଙ୍କ ପ୍ରତି ମଧ୍ୟ ତା'ର ଅନୁରାଗ ପ୍ରକାଶ ପାଇଥାଏ । ଶିଶୁ ପ୍ରଥମେ ପରିବାରର ସଦସ୍ୟମାନଙ୍କ ସହିତ ସାମାଜିକ

ଭାବର ଆଦାନ ପ୍ରଦାନ କରେ ଏବଂ ପରବର୍ତ୍ତୀ ପର୍ଯ୍ୟାୟରେ ଏହି ଧାରାକୁ ଅନ୍ୟମାନଙ୍କ କ୍ଷେତ୍ରରେ ପ୍ରୟୋଗ କରି ସାମାଜିକ ଆଦୃତ ଲାଭ କରେ । ତେଣୁ ପ୍ରଥମେ ଶିଶୁ ବ୍ୟକ୍ତିକୈନ୍ଦ୍ରିକ ଥାଏ କିନ୍ତୁ ପରବର୍ତ୍ତୀ ପର୍ଯ୍ୟାୟରେ ଏହି ସ୍ୱଭାବ କମିଯାଇ ସମାଜକୈନ୍ଦ୍ରିକ ମନୋଭାବ ଜାଗ୍ରତ ହୁଏ । ୨ ବା ୩ ବର୍ଷ ପରେ ଶିଶୁ ମଧ୍ୟରେ କେତେକ ସାମାଜିକ ଓ ଅସାମାଜିକ ଗୁଣ ପ୍ରକାଶ ପାଇଥାଏ । ସେମାନଙ୍କ ମଧ୍ୟରେ ଶତ୍ରୁତା, କଳହ, ସହଯୋଗିତା, ଅନୁକରଣ ଇତ୍ୟାଦି ଅନ୍ୟତମ ଅଟେ । ଶିଶୁର ସାମାଜିକ ଆଚରଣ ପିତାମାତା ଓ ଅନ୍ୟ ବ୍ୟକ୍ତିମାନଙ୍କ ଆଚରଣ ଦ୍ୱାରା ଯେପରି ପ୍ରଭାବିତ ହୋଇଥାଏ, ସେହିପରି ଶିଶୁ ଅନ୍ୟମାନଙ୍କର ଆଚରଣକୁ ମଧ୍ୟ ପ୍ରଭାବିତ କରିଥାଏ ।

୨.୩.୩ ପରବର୍ତ୍ତୀ ବାଲ୍ୟାବସ୍ଥାରେ ବୃଦ୍ଧି ଓ ବିକାଶ :

ଶିଶୁ ଜୀବନର ୭ ବର୍ଷରୁ ୧୨ ବର୍ଷ ପର୍ଯ୍ୟନ୍ତ ପର୍ଯ୍ୟାୟକୁ ପରବର୍ତ୍ତୀ ବା ଉତ୍ତର ବାଲ୍ୟାବସ୍ଥା କହନ୍ତି । ମନୋବିଜ୍ଞାନୀମାନେ ଏହି ପର୍ଯ୍ୟାୟକୁ ଦଳ-ଗଠନ ବୟସ କହିଥାନ୍ତି, କାରଣ ଶିଶୁର ଦୃଷ୍ଟି ଘର, ପିତାମାତାଙ୍କ ଉପରେ ନ ରହି ଖେଳ ସାଥୀ ପାଖ ପଡ଼ିଶାରେ ରହୁଥିବା ସାଥୀ ଆଡ଼କୁ ଯାଏ । ପରବର୍ତ୍ତୀ ବାଲ୍ୟାବସ୍ଥାରେ ଶାରୀରିକ, ମାନସିକ, ସାମାଜିକ ଓ ଆବେଗିକ ବିକାଶ କିପରି ହୁଏ, ତାହା ନିମ୍ନରେ ବର୍ଣ୍ଣନା କରାଯାଇଛି ।

୨.୩.୪. ପରବର୍ତ୍ତୀ ବାଲ୍ୟାବସ୍ଥାରେ ଶାରୀରିକ ବିକାଶ :

Physical development in late childhood.

ଏହି ପର୍ଯ୍ୟାୟରେ ଶାରୀରିକ ବୃଦ୍ଧି ଓ ବିକାଶ ଧୀର ଓ ସମବେଗରେ ହୁଏ । ଗୋଟିଏ ଶିଶୁର ହାରାହାରି ଉଚ୍ଚତା ପ୍ରାୟ ୫୮ ଇଞ୍ଚ ଏବଂ ଓଜନ ପ୍ରାୟ ୯୫ରୁ ୧୦୦ ପାଉଣ୍ଡ ଭିତରେ ହୋଇଥାଏ । ପ୍ରାୟ ଶିଶୁଟି ଡେଙ୍ଗା ହେବାକୁ ଲାଗେ । କାରଣ ଏହି ସମୟରେ ଗୋଡ଼ର ବୃଦ୍ଧି ଗଣ୍ଡିର ବୃଦ୍ଧି ଅପେକ୍ଷା ବିଶେଷ ଭାବେ କ୍ଷିପ୍ରତର ହୁଏ । ଶରୀରର ବିଭିନ୍ନ ଜାଗାରେ ବୃଦ୍ଧି ଯୋଗୁଁ ଶିଶୁର ସର୍ବୋପରି ମୁଖମଣ୍ଡଳ ଓ ଚେହେରାରେ ପରିବର୍ତ୍ତନ ଘଟେ । ଏହି ପର୍ଯ୍ୟାୟରେ ମାଂସପେଶୀୟ ବୃଦ୍ଧି ବହୁତ ଭଲ ଭାବେ ହୁଏ । ମାଂସପେଶୀ କଠିନ ହୁଅନ୍ତି ଓ ପେଶୀୟ ଦକ୍ଷତା ବା କୌଶଳ ଆହୁରି ନିର୍ଦ୍ଦିଷ୍ଟ ହୋଇଯାଏ । ଶିଶୁ ତା'ର ଅଙ୍ଗପ୍ରତ୍ୟଙ୍ଗ ଉପରେ ଚାଲିବା ବେଳେ ନିୟନ୍ତ୍ରଣ ରକ୍ଷା କରିପାରେ । ଶିଶୁଟି ଖୁବ୍ ଜୋର୍‌ରେ ଦୌଡ଼ିପାରେ, ଶୀଘ୍ର ଗଛ ଚଢ଼ିପାରେ ଓ ପାଣିରେ ପହଁରିପାରେ । ବିଭିନ୍ନ ପ୍ରକାର ବାହ୍ୟ ଖେଳ ଯଥା ହକି, କ୍ରିକେଟ, ସ୍କେଟିଂ ଆଦିରେ ନିଜକୁ ନିୟୋଜିତ କରିପାରେ । ଶରୀରର ଆନୁପାତିକ ବୃଦ୍ଧି ଅନୁସାରେ ମୁହଁର ଆକାରରେ ମଧ୍ୟ ପରିବର୍ତ୍ତନ ଘଟେ । ପିଲାଳିଆ ଚେହେରାର ପରିବର୍ତ୍ତନ ଘଟି ମୁହଁଟି ଲମ୍ବା ଓ ଅଣଓସାରିଆ ହୁଏ । ପିଲାମାନଙ୍କର ଦୁଧ ଦାନ୍ତ ବଦଳରେ ସ୍ଥାୟୀ ଦାନ୍ତ ଉଠେ । ଆଖିଗୁଡ଼ିକ ଲମ୍ବା ଓ କୋଣାକାର ଆକୃତି ଧରନ୍ତି । ଏହି ସମୟରେ ଶିଶୁ ବଂଶଗତ ଉଚ୍ଚତା ଅନୁସାରେ ବଢ଼େ । ମସ୍ତିଷ୍କର ପାଦଦେଶରେ ଥିବା ପୋଷକ ଗ୍ରନ୍ଥିରୁ ରସକ୍ଷରଣ ଯୋଗୁଁ ଦେହ ତଥା ଉଚ୍ଚତାର ବୃଦ୍ଧି ହୋଇଥାଏ । ଏହି ରସର କ୍ଷରଣ ବେଶି ହେଲେ ପିଲା ଡେଙ୍ଗା ଓ କମ୍ ହେଲେ ପିଲା ବାଙ୍ଗରା ହୁଏ । ଅବୟବ ଗୁଡ଼ିକର ଆକାର ଅନୁପାତରେ ପରିବର୍ତ୍ତନ ଦେଖାଯାଏ । ଦୁଧ ଦାନ୍ତ ପଡ଼ି ସ୍ଥାୟୀ ଦାନ୍ତର ସୃଷ୍ଟି ହେବା ଦ୍ୱାରା ମୁହଁର ଆକାର ମଧ୍ୟ ବଦଳି ଯାଏ । ଓଠର ବୃଦ୍ଧି ହେତୁ କପାଳର ଓସାର କମିଯାଏ । ଛାତି ଓସାରିଆ, ବେକ ଲମ୍ବା ଓ ଅଣ୍ଟା ମୋଟା ହୁଏ । ଏହି ସମୟରେ ପ୍ରାୟ ବୃଦ୍ଧି ତିନି ଭାଗରେ ହୁଏ । ସେଗୁଡ଼ିକ ହେଲା ସ୍ନାୟୁଗତ, ଲସିକାଗତ ଓ ଯୌନଗତ ।

ପରବର୍ତ୍ତୀ ବାଲ୍ୟାବସ୍ଥାରେ ମସ୍ତିଷ୍କର ଆକାର ମେରୁଦଣ୍ଡ ଓ ସୁଷୁମ୍ନାକାଣ୍ଡ ଆଦି ଅତି ଦ୍ରୁତଗତିରେ ୬ବର୍ଷ ହେବା ପର୍ଯ୍ୟନ୍ତ ବୃଦ୍ଧିପାଇଥାଏ । ତା' ପରବର୍ତ୍ତୀ ଦୁଇବର୍ଷରେ ଏହା କମିଯାଏ ଓ ୩/୪ ବର୍ଷ ବୟସ ପରେ ସ୍ନାୟୁଜନିତ ବିକାଶ ଆପାତତଃ ମନ୍ଥର ଗତିରେ ହୋଇଥାଏ । ଏହା ସ୍ନାୟୁଗତ ବୃଦ୍ଧି ରୂପେ ଅଭିହିତ ।

ଲସିକାଗତ ବୃଦ୍ଧିରେ ପ୍ରାୟ ୧୨ ବର୍ଷ ପର୍ଯ୍ୟନ୍ତ ଶିଶୁର ବୃଦ୍ଧି ଦ୍ରୁତ ହୁଏ । ଲସିକାଗ୍ରନ୍ଥି ଗୁଡ଼ିକ ସକ୍ରିୟ ହୁଅନ୍ତି । ବାରବର୍ଷ ପରେ ଏପରି ବୃଦ୍ଧି ମଧ୍ୟ ବନ୍ଦ ହୋଇଯାଏ ।

ଯୌନଗତ ବୃଦ୍ଧିରେ ପ୍ରଥମ ଦୁଇବର୍ଷ ଯାଏ ଯୌନାଙ୍ଗର ଧୀରେ ବୃଦ୍ଧି ଘଟି ବାରବର୍ଷ ବେଳକୁ ଏଥିରେ ଅଳ୍ପ ପରିବର୍ତ୍ତନ ଦେଖାଯାଏ ।

ପରବର୍ତ୍ତୀ ବାଲ୍ୟାବସ୍ଥାରେ ଶାରୀରିକ ବିକାଶ ଦେଖି ଶିକ୍ଷାକ୍ଷେତ୍ରରେ ଅନେକ ଗଠନମୂଳକ ପଦକ୍ଷେପ ନିଆଯିବା ଉଚିତ । ଶିଶୁର ବ୍ୟକ୍ତିଗତ ସ୍ୱାସ୍ଥ୍ୟ ପ୍ରତି ଏ ଅବସ୍ଥାରେ ବିଶେଷ ଧ୍ୟାନ ଦିଆଯିବା ଦରକାର । ଶାରୀରିକ ବିକାଶ ଶିଶୁର ଶିକ୍ଷଣ, ବ୍ୟକ୍ତିତ୍ୱ ଓ ଉପଯୋଜନ ପ୍ରକ୍ରିୟାକୁ ପ୍ରଭାବିତ କରେ । ତେଣୁ ଏହି ଅବସ୍ଥାରେ ଶାରୀରିକ ଶିକ୍ଷାର ପ୍ରଚଳନ ପ୍ରତ୍ୟେକ ବିଦ୍ୟାଳୟରେ କରାଯିବା ଉଚିତ, ଯାହାଦ୍ୱାରା ଶିଶୁର ଶାରୀରିକ କ୍ଷମତା ବଢ଼ାଯାଇପାରିବ । ସ୍ୱାସ୍ଥ୍ୟରକ୍ଷା ଶିକ୍ଷା ମଧ୍ୟ ଅତୀବ ଜରୁରୀ । ଏ ବୟସରେ ଶବ୍ଦ ଜ୍ଞାନ ଓ ଭାଷାର ବ୍ୟବହାର ଯଥେଷ୍ଟ ବୃଦ୍ଧି ପାଉଥିବାରୁ ବିଦ୍ୟାଳୟରେ ପାଠପଢ଼ା ସହିତ ବିଭିନ୍ନ କାର୍ଯ୍ୟ ଓ ଖେଳ କସରତ କରିବା ଦରକାର ।

୨.୩.୫. ପରବର୍ତ୍ତୀ ବାଲ୍ୟାବସ୍ଥାରେ ମାନସିକ ବିକାଶ :

ଏହି ସୋପାନରେ ମାନସିକ ବିକାଶର କ୍ଷିପ୍ରଗତି ହୁଏ । ପିଆଜେଙ୍କ ମତାନୁଯାୟୀ ଏହାକୁ ସ୍ଥୂଳ ସଂକାର୍ଯ୍ୟ ପର୍ଯ୍ୟାୟ ବା ମୂର୍ତ୍ତ୍ୟବସ୍ତୁ ବ୍ୟବହାର ସୋପାନ (Concrete operational stage) କହନ୍ତି । ଏହି ପର୍ଯ୍ୟାୟରେ ମାନସିକ ବିକାଶର ଗତି ବହୁତ କ୍ଷିପ୍ର । ଚିନ୍ତା ଓ ଯୁକ୍ତି ଶକ୍ତିର ବିକାଶ ହେତୁ ଶିଶୁ ନିଜ ବିଷୟ ବ୍ୟତୀତ ବାହାର ପରିବେଶ ବିଷୟରେ ଭଲ ଭାବରେ ଚିନ୍ତା କରିପାରେ । ସମସ୍ୟା ସମାଧାନ ପାଇଁ ତତ୍ତ୍ୱ ସମ୍ବଳିତ ଯୁକ୍ତି ପ୍ରୟୋଗ କରେ । ଯୁକ୍ତିତର୍କର ଧାରା ଅଧିକ ଶୃଙ୍ଖଳିତ ହୁଏ ।

ଏହି ସୋପାନରେ ମାନସିକ ବିକାଶର ପ୍ରଧାନ ବୈଶିଷ୍ଟ୍ୟ ହେଉଛି ଯେ, ଶିଶୁ ନିଜକୁ ଅନେକ ପ୍ରକାରର କାର୍ଯ୍ୟକଳାପ ମଧ୍ୟରେ ନିଜକୁ ନିୟୋଜିତ କରିବା । ମାନସିକ ସ୍ତରରେ ହେଉ ବା ଶାରୀରିକ ସ୍ତରରେ ହେଉ, ଶିଶୁ ନିଜେ ସବୁ କାମ କରିବାକୁ ଭଲପାଏ । ଶିଶୁ ସଦାବେଳେ ସବୁ ପ୍ରକାରର କାର୍ଯ୍ୟବିଧି ବା ପ୍ରକ୍ରିୟା ପଦ୍ଧତିକୁ ପ୍ରଣାଳୀ ଆକାରରେ ଦେଖେ । ପ୍ରତ୍ୟେକ ବିଷୟରେ ସତ୍ୟତା ନିମନ୍ତେ ବ୍ୟଗ୍ର ହୋଇଉଠେ । ଯେକୌଣସି ବିଷୟରୁ ସିଦ୍ଧାନ୍ତ ଗ୍ରହଣ କରିପାରେ । ନିଜର ବୁଦ୍ଧି ଖଟାଇ ତୁଳନାତ୍ମକ ବିଚାର କରିପାରେ । ସେ ଅଧିକ ଯୁକ୍ତିଯୁକ୍ତ ଭାବେ ଚିନ୍ତାକରି ସମସ୍ୟାର ସମାଧାନ କରିପାରେ ।

ଏହି ପର୍ଯ୍ୟାୟରେ ମଧ୍ୟ ଶିଶୁ ଅନେକ ବାସ୍ତବଧର୍ମୀ ବସ୍ତୁର ପରସ୍ପର ସହ ସଂପର୍କ ହୃଦବୋଧ କରିପାରେ । ବେରିଲିନ୍ (୧୯୫୭) ଙ୍କ ଭାଷାରେ ଜ୍ଞାନାତ୍ମକ ପରିକଳ୍ପନାକୁ ଚାରୋଟି ନିର୍ଦ୍ଦିଷ୍ଟ ବିଭାଗରେ ବିଭକ୍ତକରଣ କରାଯାଇପାରେ । ଯଥା – ବିତର୍କର ସମାପ୍ତିକରଣ (Closure), ପାଶ୍ଚାଦ୍‌ଗାମୀକରଣ (reversibility) ସଂପର୍କଯୋଗ୍ୟ (associative) ଓ ଚିହ୍ନଟକରଣ (identity) ସମାପ୍ତିକରଣ ହେଉଛି ସେହି ପ୍ରକ୍ରିୟା ଯାହା ଫଳରେ ଦୁଇଟି ଜିନିଷ ମିଶ୍ରଣରେ ଏକ ତୃତୀୟ ଜିନିଷର ସୃଷ୍ଟି କରିହେବ । ଯଥା – ପୁରୁଷ + ସ୍ତ୍ରୀ = ସବୁ ମଣିଷ । ପଶ୍ଚାଦ୍‌ଗାମୀକରଣ ପ୍ରକ୍ରିୟାରେ ଯେକୌଣସି ପ୍ରକ୍ରିୟା ଅନ୍ୟ ଏକ ବିପରୀତ ଧର୍ମୀ ପ୍ରକ୍ରିୟାକୁ ବାଦ୍

ଦେଇପାରେ । ଯଥା – (୩ + ୪) + ୫ = ୩ + (୪ +୫) = ୫ + (୩ +୪) ଏଠାରେ ୩ଟି ଯାକ କ୍ଷେତ୍ରରେ ଫଳାଫଳ [illegible] ୩ + ୪ + ୫ = ୧୨ । ସଂଖ୍ୟାଗୁଡ଼ିକୁ ବିଭିନ୍ନ ପ୍ରକାରର ଲେଖିଲେ ମଧ୍ୟ ଯୋଗଫଳ ସେହି ୧୨ ଓ ଚିହ୍ନଟୀକରଣ [illegible] ସଦାବେଳେ ଏକ ନକରାତ୍ମକ ଅର୍ଥ ରହିଛି । ଅର୍ଥାତ୍ ଯେତେବେଳେ କୌଣସି ସଂଖ୍ୟା ସହିତ ତା'ର ବିପରୀତକୁ ଯୋଡ଼ାଯାଏ [illegible] ଶୂନ ହୋଇଯାଏ । ଉଦାହରଣ ୨ + (–୨) = ୦ ।

ଏହି ପର୍ଯ୍ୟାୟରେ ଶିଶୁ ବସ୍ତୁଗୁଡ଼ିକର ଶ୍ରେଣୀ ବିଭାଗ କରିପାରେ । ଉଚ୍ଚତା ଓ ଓଜନ ମାତ୍ରା ଅନୁସାରେ ବସ୍ତୁଗୁଡ଼ିକୁ [illegible] ରଖିପାରେ । ଯୁକ୍ତିଯୁକ୍ତ ଭାବେ ଚିନ୍ତା କରିପାରେ । କାରଣ ଓ ଫଳାଫଳର ସଂପର୍କ ଲେଖିପାରେ । ବାସ୍ତବତାର ପରିପ୍ରକାଶ [illegible] ସ୍ତରରେ ବେଶି ହୁଏ ।

ପରବର୍ତ୍ତୀ ବାଲ୍ୟାବସ୍ଥାରେ ଶିଶୁ ଅନେକ ଭାଷା ଶିକ୍ଷାକରେ । ଭାଷା ହେଉଛି ବୌଦ୍ଧିକ ବିକାଶର ପରିପ୍ରକାଶ ଓ [illegible] ଅନୁଭବ ଓ ଭାବପ୍ରକାଶର ସାଧନ । ଏହି ପର୍ଯ୍ୟାୟରେ ସେ ସାମାଜିକତା ଗୁଣ ଶିଖେ । ନିଜ ମନ ମଧ୍ୟରେ ସାଙ୍କେତିକ [illegible] ପ୍ରୟୋଗ କରିପାରେ । ପିଲାମାନେ ଖେଳୁଆଡ଼ ମନୋବୃତ୍ତି ପୋଷଣ କରନ୍ତି ଓ ଥଟ୍ଟା, ମଜା, ସାହସିକତାର କାହାଣୀ, [illegible] କୁହେଳିକାପୂର୍ଣ୍ଣ ପ୍ରିୟ କଥାରେ ଆଗ୍ରହ ପ୍ରକାଶ କରନ୍ତି । ଆହୁରି ମଧ୍ୟ ଶିଶୁମାନେ ନିଜକୁ ସୃଜନଶୀଳ ଓ ଉତ୍ପାଦନକ୍ଷମ କାର୍ଯ୍ୟରେ [illegible] ନିୟୋଜିତ କରିଥାନ୍ତି । ଉପଯୋଜନ ମୂଳକ କ୍ଷମତାର ମଧ୍ୟ ବିକାଶ ଏହି ସମୟରେ ହୁଏ । ଶିଶୁର ଅଭିରୁଚି, ପଢ଼ିବା ଶୈଳୀ, [illegible] ଆହରଣ ଶୈଳୀ ଏହି ଅବସ୍ଥାରେ ଭିନ୍ନ ଭିନ୍ନ ହୋଇଯାଉଥିବାରୁ ବ୍ୟକ୍ତିଗତ ତାରତମ୍ୟ ଏହି ପର୍ଯ୍ୟାୟରେ ସ୍ପଷ୍ଟ ଭାବେ ବାରି ହୋଇଯାଏ ।

ପରବର୍ତ୍ତୀ ବାଲ୍ୟାବସ୍ଥାରେ ମାନସିକ ବିକାଶ ସମ୍ବନ୍ଧୀୟ ଜ୍ଞାନ ଶିକ୍ଷା କ୍ଷେତ୍ରରେ ବହୁତ ଉପଯୋଗୀ । ଜ୍ଞାନର ପରିଧି [illegible] ନିମନ୍ତେ ଶିକ୍ଷକଙ୍କୁ ଶିଶୁମାନଙ୍କ ପାଇଁ ବିଭିନ୍ନ ରକମର ଅନୁଭୂତି ସଂପନ୍ନ କାର୍ଯ୍ୟ କରାଇବାକୁ ପଡ଼ିବ । ଶିଶୁମାନଙ୍କୁ ବିଭିନ୍ନ [illegible] ଦେଇ ଶ୍ରେଣୀ ବିଭାଗ କରିବାରେ ସାହାଯ୍ୟ କରାଯାଇପାରିବ । ଭାଷା ଓ ଅକ୍ଷର ଶିକ୍ଷା ପାଇଁ ସୁଯୋଗ ସୃଷ୍ଟି କରାଯାଇପାରିବ । [illegible] ଭାବନା ଓ ପ୍ରତ୍ୟୟ ଗଠନ ପୂର୍ବରୁ ଶିଶୁକୁ ଯଥେଷ୍ଟ ବାସ୍ତବ ବା ପ୍ରତ୍ୟକ୍ଷ ଅଭିଜ୍ଞତା ପ୍ରଦାନ କରିବା ଦରକାର । ଶିଶୁ ପ୍ରସ୍ତୁତ [illegible] ପର୍ଯ୍ୟନ୍ତ କୌଣସି ବିଷୟରେ ଶିକ୍ଷା ଦିଆଯିବା ଉଚିତ ନୁହେଁ । ପୁସ୍ତକଗତ ବିଦ୍ୟା, ବାଚନିକ ପରୀକ୍ଷା ଆଦି ଆଦୌ ଗ୍ରହଣୀୟ [illegible] । ଶିଶୁର ବୁଦ୍ଧି ଉଦ୍ରେକ କରିବା ପାଇଁ ବିଦ୍ୟାଳୟ କାର୍ଯ୍ୟକ୍ରମ ବକ୍ତୃତା ବା ତର୍କ ପ୍ରତିଯୋଗିତା, ବିଭିନ୍ନ ବିଷୟରେ ଆଲୋଚନା, [illegible] ସୃଜନାତ୍ମକ ଲେଖା ଓ ପଢ଼ା ଆଦି ପଦ୍ଧତିର ଉପଯୋଗ ଏହି ସୋପାନ ପାଇଁ ବେଶ୍ ତାତ୍ପର୍ଯ୍ୟପୂର୍ଣ୍ଣ । ଯେହେତୁ ସଂରକ୍ଷଣ, ବିଶ୍ଳେଷଣ [illegible] ଓ ଏକତ୍ରୀକରଣ ପ୍ରକ୍ରିୟା ମାନସିକ କ୍ରିୟାକୁ ଏହି ସୋପାନରେ ତ୍ୱରାନ୍ୱିତ କରେ, ସେହି ହେତୁରୁ ଶିକ୍ଷକଙ୍କୁ ବିଦ୍ୟାଳୟ ପରିବେଶରେ [illegible] ଉପସର୍ଗୀକୃତ କରିବାକୁ ପଡ଼ିବ ଓ ଶିଶୁମାନଙ୍କୁ ପ୍ରତ୍ୟକ୍ଷ ପର୍ଯ୍ୟବେକ୍ଷଣ ଅନୁଭୂତି ଗ୍ରହଣ କରିବାର ପଦ୍ଧତି ସବୁକୁ ସଂକ୍ଷିପ୍ତ ଭାବରେ [illegible] ଜ୍ଞାନ ଆହରଣ କରିବାକୁ ପ୍ରୋତ୍ସାହନ ଦେବା ଉଚିତ ।

୨.୩.୬. ପରବର୍ତ୍ତୀ ବାଲ୍ୟାବସ୍ଥାରେ ସାମାଜିକ ବିକାଶ :

ଏହି ପର୍ଯ୍ୟାୟରେ ଶିଶୁ ଘରଛାଡ଼ି ବିଦ୍ୟାଳୟକୁ ଆସିଥାଏ । ଫଳରେ ନିଜ ଉପରୁ ସେ ପରିବାରର ଆଧିପତ୍ୟ [illegible] ଦେବାକୁ ଚାହେଁ । ବିଦ୍ୟାଳୟରେ ପାଠ ଓ ପାଠ୍ୟୋତ୍ତର କାର୍ଯ୍ୟ ଯଥା – ପରିଭ୍ରମଣ, ସାଂସ୍କୃତିକ ଉତ୍ସବ ଆଦିରେ ଭାଗ [illegible] ସାମାଜିକ ଗୁଣର ବିକାଶ କରନ୍ତି । ପାଠ, ଖେଳ ଓ ଅନ୍ୟାନ୍ୟ କାର୍ଯ୍ୟରେ ତାଙ୍କ ତାଙ୍କ ମଧ୍ୟରେ ପ୍ରତିଯୋଗିତା ସଦା [illegible] ଚାଲିଥାଏ । ପ୍ରତ୍ୟେକେ ନିଜର ଶ୍ରେଷ୍ଠତ୍ୱ ବଜାୟ ରଖିବାକୁ ଚେଷ୍ଟା କରନ୍ତି । ଦଳବଦ୍ଧ ରୂପେ କାର୍ଯ୍ୟ କରିବାକୁ ଶିଶୁ ମନରେ [illegible]

ଅନୁରକ୍ତ ଉଦ୍ଦୀପନା ଓ ସ୍ୱତନ୍ତ୍ର ଭାବଧାରା ପ୍ରସ୍ଫୁଟିତ ହୋଇଥାଏ । ତେଣୁ ଦଳଗତ ନିୟମକୁ ସେ ବିନା ଦ୍ୱିଧାରେ ମାନି ନିଏ ଓ ସେହି ଅନୁସାରେ କାର୍ଯ୍ୟକରେ ।

ଏହି ସମୟରେ ଅନ୍ୟ ଏକ ବିଶିଷ୍ଟ ଘଟଣା ହେଲା, ଶିଶୁମାନେ ନିଜର ଶିକ୍ଷକ ତଥା ପିତାମାତାଙ୍କ ରୁଚି ସହ ଏକମତ ନ ହେଲେ ଦୁହିଁଙ୍କ ମଧ୍ୟରେ ଶୀତଳଯୁଦ୍ଧ ଆରମ୍ଭ ହୁଏ । ଶିଶୁ ପିତାମାତା, ଅଭିଭାବକ ଓ ଶିକ୍ଷକ ଅପେକ୍ଷା ସାଙ୍ଗସାଥୀମାନଙ୍କୁ ବିଶେଷ ପ୍ରାଧାନ୍ୟ ଦିଏ । କିନ୍ତୁ ଉଭୟ ମୂଲ୍ୟ ବୋଧ ଉପରେ ଗୁରୁତ୍ୱ ପ୍ରଦାନ କରି, ଅଭିଭାବକ ତଥା ଗୁରୁ ସ୍ଥାନୀୟ ବ୍ୟକ୍ତିଙ୍କ ସ୍ନେହ ସହାନୁଭୂତି ଅର୍ଜନ କରି ସେମାନଙ୍କ ଉପଦେଶର ଭାରସାମ୍ୟ ରକ୍ଷା କରି ଚଳିଲେ ସାମାଜିକ ବିକାଶ ଘଟେ । ଯେଉଁଠାରେ ତା'ର ବ୍ୟକ୍ତିତ୍ୱର ଅବହେଳା ହୁଏ, ସେଠି ଶିଶୁ ଅସାମାଜିକ ହୋଇଯାଏ ।

ପରବର୍ତ୍ତୀ ବାଲ୍ୟାବସ୍ଥାରେ ପହଞ୍ଚିବା ବେଳକୁ ଶିଶୁ ମନରେ ଦଳଗତ ମନୋଭାବ ଅତି ଉଚ୍ଚସ୍ତରରେ ପହଞ୍ଚି ସାରିଥାଏ । ଦଳ ପାଇଁ ତା'ର ଆନୁଗତ୍ୟ ଏତେ ପ୍ରକଟିତ ହୁଏ ଯେ, ସେ ଦଳ ପାଇଁ ନିଜକୁ ଉତ୍ସର୍ଗ କରିବାରେ ପଶ୍ଚାତ୍‌ପଦ ହୁଏ ନାହିଁ । ଏପରିକି ଦଳ ପାଇଁ କେହି ଅହିତ ଚିନ୍ତା କଲେ, ସେ ତାକୁ କ୍ଷମା କରେ ନାହିଁ । ଆବଶ୍ୟକ ହେଲେ ଏହି ଦଳ ପାଇଁ ସେ ତା'ର ନିଜର ପିତାମାତା, ପଡ଼ୋଶୀମାନଙ୍କ ସହିତ ଅପ୍ରିୟ ହେବାକୁ ମଧ୍ୟ ପଛାଇ ନ ଥାଏ ।

ଶିକ୍ଷାର ମୂଳ ଲକ୍ଷ୍ୟ ହେଉଛି ମନୁଷ୍ୟତ୍ୱର ବିକାଶ ଓ ଚରିତ୍ର ଗଠନ । ତେଣୁ ଶିକ୍ଷା ତଥା ଅନ୍ୟାନ୍ୟ ସାମାଜିକ କାର୍ଯ୍ୟ ମାଧ୍ୟମରେ ଶିଶୁ ମନରେ ନୈତିକତାର ବିକାଶ ଶିକ୍ଷାର ପରମ ଲକ୍ଷ୍ୟ । ତା' ମନରୁ ଦୁଶ୍ଚିନ୍ତା, ଭୟ ଓ ହୀନମନ୍ୟତା ଦୂର କରି ତା'ର ସ୍ୱାଧୀନତା ତଥା ସ୍ୱାତନ୍ତ୍ର୍ୟ ବଜାୟ ରଖିବାକୁ ଉଭୟ ଶିକ୍ଷକ ଓ ଅଭିଭାବକ କର୍ତ୍ତବ୍ୟ କରିବା ଉଚିତ । ସାଧୁତା, ସହଯୋଗିତା, ସହନଶୀଳତା, ସତ୍ୟବାଦିତା ଓ ଦେଶଭକ୍ତି ଆଦି ଗୁଣ ତା' ମନରେ ଜାଗରୁକ କରିବାର ଉପାୟ ଖୋଜି ବାହାର କରିବାକୁ ହେବ । ଗୃହ ଓ ବିଦ୍ୟାଳୟ ପରିବେଶରେ କଥନଭଙ୍ଗୀ, ପୋଷାକ ପରିଚ୍ଛଦ ଚାଲିଚଳନ, ରୀତିନୀତିର ଆଦର୍ଶ ଶିକ୍ଷାଦାନ କରିବାକୁ ପଡ଼ିବ । ଏଥିପାଇଁ ବିଶେଷ ପ୍ରଶିକ୍ଷଣ ଓ ଅଭିଜ୍ଞତା ଅପରିହାର୍ଯ୍ୟ ।

ଶିଶୁକୁ ଏ ସୋପାନରେ ଅଧିକ ସ୍ୱାଧୀନତା ଦେବା ଉଚିତ, ଯାହାଫଳରେ ସେ ବିଭିନ୍ନ ପ୍ରକାର ଅନୁଭୂତି ଗ୍ରହଣ କରିପାରିବ । ଦଳଗତ ଚିନ୍ତା, ଦଳବଦ୍ଧ ଭାବେ କାର୍ଯ୍ୟକରିବା ଆଦି ପ୍ରୋତ୍ସାହନ ଦେଲେ ଶିଶୁର ସାମାଜିକତା ଗୁଣ ବିଶେଷ ବୃଦ୍ଧି ପାଏ ।

ଆହୁରି ମଧ୍ୟ ଏ ବୟସରେ ଉଭୟ ବାଳକ ଓ ବାଳିକା ମଧ୍ୟରେ ପାରସ୍ପରିକ ସ୍ନେହ ସହାନୁଭୂତି ଓ ସହଯୋଗ ରକ୍ଷା କରିବା ଉଚିତ । କାରଣ ଏହି ବୟସରେ ମନୋବିଜ୍ଞାନ ଦୃଷ୍ଟିକୋଣରୁ ଉଭୟ ଉଭୟଙ୍କ ପ୍ରତି ବିଶେଷ ଅନୁରକ୍ତି ପ୍ରକାଶ କରିଥାନ୍ତି । ଏକ ସୁଚିନ୍ତିତ ଉପାୟ ଓ ସମାଜ ।ଦ୍ଧତ ପନ୍ଥା ସାହାଯ୍ୟରେ ତାଙ୍କର ସାମାଜିକୀକରଣ କରିବା ଉଚିତ ।

୨.୩.୭ ପରବର୍ତ୍ତୀ ବାଲ୍ୟାବସ୍ଥାରେ ଆବେଗିକ ବିକାଶ :

ଉତ୍ତର ବାଲ୍ୟାବସ୍ଥାରେ ଶିଶୁର ଆବେଗିକ ବିକାଶ ପର୍ଯ୍ୟାୟକୁ ଧୈର୍ଯ୍ୟ ଓ ନିୟନ୍ତ୍ରଣର ପର୍ଯ୍ୟାୟରୂପେ ଅଭିହିତ କରାଯାଏ । କାରଣ ସେହି ପର୍ଯ୍ୟାୟରେ ଶିଶୁର ଆବେଗଗୁଡ଼ିକ ଉପରେ ନିୟନ୍ତ୍ରଣ ରହେ । ଆଦ୍ୟବାଲ୍ୟାବସ୍ଥାରେ ଦେଖା ଦେଇଥିବା ଆବେଗଗୁଡ଼ିକ ଯଥା – ଭୟ, କ୍ରୋଧ, ଈର୍ଷା ପରବର୍ତ୍ତୀ ଅବସ୍ଥାରେ ପରିବର୍ତ୍ତିତ ହୋଇ ପ୍ରେମ, ସ୍ନେହ, ଘୃଣା ଆଦିରେ ରୂପାନ୍ତରିତ ହୋଇଥାନ୍ତି । ଦଶବର୍ଷ ବୟସର

ଏକ ଶିଶୁ ଆଜ୍ଞାଧୀନ ହୁଏ । ବନ୍ଧୁତା ବତ୍ସଳ ଗୁଣ ଦେଖାଏ ଓ କେବେ ହେଲେ ନିଜର ମା' ବିରୁଦ୍ଧରେ ଆବେଗିକ ଲକ୍ଷଣ ଦେଖାଏ ନାହିଁ । ଏହି ବୟସରେ ତା'ର ଆବେଗ ଗୁଡ଼ିକର ବ୍ୟବହାର ସଂପୂର୍ଣ୍ଣ ରୂପେ ବୁଦ୍ଧିମାନ ଭାବରେ ପ୍ରକାଶ ପାଇଥାଏ । ନିଜର ରାଗ ରୋଷକୁ ଲୁଚାଇ ରଖିପାରେ ନାହିଁ । ଡରିବା ସମୟରେ ଧୈର୍ଯ୍ୟର ସହିତ ସାହସିକତା ପ୍ରଦର୍ଶନ କରେ ।

ଏହି ସମୟରେ ଶିଶୁ ବିଶେଷ ଭାବେ ଆତ୍ମ ମର୍ଯ୍ୟାଦାପ୍ରିୟ ହୋଇଥାଏ । ତେଣୁ ଅନ୍ୟ କାହାର ଆକ୍ଷେପ, ଅସୂୟା, ସେ ସହ୍ୟ କରିପାରେ ନାହିଁ କି ତା' ମନରେ ଥିବା ଈର୍ଷା ଓ ଅସୂୟା ମନୋଭାବ ଥିଲେ ସେ ଧୈର୍ଯ୍ୟର ସହିତ ସେ ପରିସ୍ଥିତିର ମୁକାବିଲା କରେ । ପ୍ରତ୍ୟେକ କଥାକୁ ଗୁରୁତ୍ୱ ଦେଇ ସେ ବୁଝେ । ପରବର୍ତ୍ତୀ ବାଲ୍ୟାବସ୍ଥାରେ ଶିଶୁମାନେ ନିଜ ନିଜର ଅତି ପ୍ରିୟ ବସ୍ତୁକୁ ସ୍ନେହ ଓ ଆଦର କରିଥାନ୍ତି । ତା'ର ଆନନ୍ଦ ଓ ସୁଖ ସେ ସ୍ମିତହାସ୍ୟ ମାଧ୍ୟମରେ ପ୍ରକାଶ କରିଥାଏ ଓ ଏହି ଅବସ୍ଥାରେ ସେ ଛଳନା କରିବାକୁ ଶିଖେ ।

ଆବେଗ ବିକାଶ ସାଧନରେ ଶିକ୍ଷାର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଶିଶୁର ଆବେଗିକ ବିକାଶ ବିଭିନ୍ନ ଉପାଦାନ ଉପରେ ନିର୍ଭର କରେ । ସେଥିମଧ୍ୟରୁ ପାରିବାରିକ ବାତାବରଣ, ଅଭିଭାବକ, ବିଦ୍ୟାଳୟ ଅନ୍ୟତମ । ଗବେଷଣାରୁ ଜଣାପଡ଼ିଛି ଯେ ପରିବାରର ପିତାମାତାଙ୍କର ଚାଲିଚଳନ, ଆଚାର ବ୍ୟବହାର, ମାର୍ଜିତ କଥା, ପାରସ୍ପରିକ ସଂପର୍କ ବହୁ ମାତ୍ରାରେ ଆବେଗିକ ବିକାଶ ଉପରେ ପ୍ରଭାବ ପକାଏ । ଶୈକ୍ଷିକ ନିହିତାର୍ଥ ଦୃଷ୍ଟିରୁ ଶିଶୁର ଉପଯୁକ୍ତ ଆବେଗିକ ବିକାଶ ପାଇଁ ନିମ୍ନୋକ୍ତ ବିଷୟଗୁଡ଼ିକ ପ୍ରତି ବିଶେଷ ଧ୍ୟାନ ଦିଆଯିବା ଦରକାର ।

୧. ଆବେଗର ସଂପୂର୍ଣ୍ଣ ବିକାଶ ନିମନ୍ତେ ବିଦ୍ୟାଳୟ ପାଠ୍ୟକ୍ରମ ବିଭିନ୍ନ ପ୍ରକାର ସହ ପାଠ୍ୟକ୍ରମ ସଂପନ୍ନ ହେବା ଉଚିତ ।

୨. ପାଠ୍ୟକ୍ରମ ଚାହିଦା ଅନୁଯାୟୀ ପରିବର୍ତ୍ତନଶୀଳ, ଶିକ୍ଷାର୍ଥୀ କୈନ୍ଦ୍ରିକ ଓ ପ୍ରଗତିଶୀଳ ହେବା ଉଚିତ ।

୩. ଶିକ୍ଷାକାଳ ଏକ ପରିମାର୍ଜିତ ବାତାବରଣ ମଧ୍ୟରେ ହେବା ଉଚିତ । ଯେଉଁଠାରେ ସ୍ନେହ, ଆଦର ମମତା ଓ ସହାନୁଭୂତି ରହିଛି ।

୪. ଶିକ୍ଷଣ ପ୍ରକ୍ରିୟା ମାଧ୍ୟମରେ ଶିକ୍ଷକ ଆବେଗର କାରଣକୁ ଆବିଷ୍କାର କରିବା ବିଧେୟ ।

୫. ସୁସ୍ଥ ବାତାବରଣ ମଧ୍ୟରେ ସୁସ୍ଥ ପ୍ରତିଯୋଗିତା, ଆଲୋଚନା ଓ ଶିକ୍ଷକ ଅଭିଭାବକ ସଂଘର ପାରସ୍ପରିକ ସୌହାର୍ଦ୍ଦ୍ୟପୂର୍ଣ୍ଣ ଗଠନମୂଳକ ଉପଦେଶ ଦରକାର । ଯଦ୍ୱାରା ଶିଶୁ ନିଜର ବ୍ୟକ୍ତିତ୍ୱ ସମ୍ବନ୍ଧରେ ଅବଗତ ହୋଇ ପାରିବ ।

୨.୪.୦ କୈଶୋର ଅବସ୍ଥାରେ ବୃଦ୍ଧି ଓ ବିକାଶ

ବ୍ୟକ୍ତି ଜୀବନରେ କୈଶୋରାବସ୍ଥା ଏକ ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟାୟ । ଏହି ଅବସ୍ଥାକୁ ଯୌବନାବସ୍ଥା ବା ପୌଗଣ୍ଡାବସ୍ଥା ମଧ୍ୟ କୁହାଯାଏ । କବିମାନେ ଏହି ସୋପାନର ମହତ୍ତ୍ୱକୁ ଉପଲବ୍ଧି କରି ଏହାକୁ ବସନ୍ତ ଋତୁ ଭାବେ ବର୍ଣ୍ଣନା କରିଛନ୍ତି । ପ୍ରାୟ ୧୨ ବର୍ଷ ବେଳକୁ ବାଳକ ଓ ବାଳିକାମାନଙ୍କର ଶୀରା ପ୍ରଶୀରାରେ ଏକ ଶିହରଣ ବା ଜୁଆର ସୃଷ୍ଟି ହୋଇଥାଏ । ଏହାକୁ ଯୌବନ ବୋଲି କୁହାଯାଏ । Adolescence ଶବ୍ଦଟି ଲାଟିନ୍ ଭାଷାର 'Adolescere' ଶବ୍ଦରୁ ଆସିଅଛି । ଏହାର ଅର୍ଥ ହେଉଛି 'ପରିପକ୍ୱ ହେବା' । ଏହା ବାଲ୍ୟାବସ୍ଥା ଓ ପୌଢ଼ ଅବସ୍ଥାର ଏକ ମଧ୍ୟବର୍ତ୍ତୀକାଳୀନ ଅବସ୍ଥା । ଅନ୍ୟ ଅର୍ଥରେ କହିବାକୁ ଗଲେ ଏହା ଯୌବନ ଅବସ୍ଥାଠାରୁ ଆରମ୍ଭ ହୁଏ ଏବଂ ଶେଷ ହୁଏ ଯେତେବେଳେ ବ୍ୟକ୍ତି ଜଣେ ପୌଢ଼ହୋଇ ସମାଜରେ ନିଜର ଦାୟିତ୍ୱ ସମ୍ପାଦନ କରି ଚଳିବାକୁ ସକ୍ଷମ ହୁଏ । କୈଶୋର ଅବସ୍ଥା ସାଧାରଣତଃ ୧୨ ବର୍ଷ ବୟସରୁ ଆରମ୍ଭ ହୋଇ ୧୯ କିମ୍ବା ୨୦ ବର୍ଷ ପର୍ଯ୍ୟନ୍ତ ବ୍ୟାପିଥାଏ । କୈଶୋର ଅବସ୍ଥାର ଆରମ୍ଭ ସାଂସ୍କୃତିକ ଓ ଶାରୀରିକ ପରିବେଶ ଅନୁଯାୟୀ ପୃଥକ୍ ହୋଇଥାଏ । ବାଲ୍ୟାବସ୍ଥା ଅପେକ୍ଷା କୈଶୋର ଅବସ୍ଥାର ବୃଦ୍ଧି ଦ୍ରୁତ ଗତିରେ ହୋଇଥାଏ । ଜୀବନକାଳ ଭିତରେ ଏହି

କିଶୋରର ବିକାଶ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । କାରଣ ଏହି ସମୟରେ ଶାରୀରିକ, ମାନସିକ, ସାମାଜିକ ଓ ଆବେଗାତ୍ମକ ବିକାଶ ତୀବ୍ର ହୋଇଥାଏ । ଉକ୍ତ ସୋପାନରେ ଶାରୀରିକ ବିକାଶ ସାର୍ବଭୌମିକ ହୋଇଥିବାସ୍ଥଳେ ମାନସିକ, ସାମାଜିକ ଓ ଆବେଗାତ୍ମକ ବିକାଶ ସାଂସ୍କୃତିକ ପୃଷ୍ଠଭୂମି ଉପରେ ନିର୍ଭର କରିଥାଏ । ଉକ୍ତ ସୋପାନଟିକୁ ସାଧାରଣତଃ ୩ଟି ଉପ ସୋପାନରେ ବିଭକ୍ତ କରାଯାଏ । ଯଥା– (୧) ପ୍ରାକ୍-କୈଶୋର ଅବସ୍ଥା (୧୨ରୁ ୧୪ ବର୍ଷ) ଏବଂ (୨) ମଧ୍ୟ-କୈଶୋର ଅବସ୍ଥା (୧୪ରୁ ୧୭ ବର୍ଷ) ଏବଂ (୩) ଉତ୍ତର-କୈଶୋର ଅବସ୍ଥା (୧୭ରୁ ୧୯ କିମ୍ବା ୨୦ ବର୍ଷ) । କୁହାଯାଏ କୈଶୋର ଅବସ୍ଥା ହେଉଛି ଶିକ୍ଷା ଆଦର୍ଶର ବୟସ । ଏହି ସମୟରେ କିଶୋର ଓ କିଶୋରୀମାନେ ନୂତନ ଚିନ୍ତାଧାରାମାନ ସୃଷ୍ଟି କରିବା ସଙ୍ଗେ ସଙ୍ଗେ ବାସ୍ତବ ପରିବେଶରେ କିଛି ମାତ୍ରାରେ ସମଯୋଜନ ପ୍ରତିଷ୍ଠା କରି ଚଳିବାକୁ ସକ୍ଷମ ହୋଇଥାଆନ୍ତି । ବିକାଶର ବିଭିନ୍ନ ଦିଗରେ ଅନେକଗୁଡ଼ିଏ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନମାନ ପରିଲିକ୍ଷିତ ହୁଏ ।

୨.୪.୧ ଶାରୀରିକ ବୃଦ୍ଧି ଓ ବିକାଶ

ବାଳକ ଓ ବାଳିକାମାନେ ବାଲ୍ୟାବସ୍ଥାକୁ ଅତିକ୍ରମ କରି କୈଶୋର ଅବସ୍ଥାରେ ପଦାର୍ପଣ କରିବା ମାତ୍ରେ ସେମାନଙ୍କର ଦ୍ରୁତ ଶାରୀରିକ ଅଭିବୃଦ୍ଧି ଓ ବିକାଶ ଘଟେ । ଯୌନଗତଃ କାର୍ଯ୍ୟାବଳୀ କୈଶୋର ଅବସ୍ଥାର ଆରମ୍ଭରୁ ଦେଖାଯାଏ । ଏହି ଅବସ୍ଥାରେ ଶାରୀରିକ ପରିବର୍ତ୍ତନ ସଙ୍ଗେ ସଙ୍ଗେ ଯୌନଗତଃ ପରିବର୍ତ୍ତନ ମଧ୍ୟ ଘଟିଥାଏ । କିଶୋର ଓ କିଶୋରୀମାନଙ୍କର ଉଚ୍ଚତା, ଓଜନ, ଗଠନ ଓ ଶାରୀରିକ ଅନୁପାତରେ ଦ୍ରୁତ ପରିବର୍ତ୍ତନ ହୁଏ । ଯୌନଗତଃ ବିକାଶ ହେବା ସଙ୍ଗେ ସଙ୍ଗେ କେତେଗୁଡ଼ିଏ ହର୍‌ମୋନର ସ୍ରାବ ହୋଇଥାଏ । ଉକ୍ତ ହର୍‌ମୋନ୍‌ର ସ୍ରାବ ଯୋଗୁଁ ସେମାନଙ୍କର ପ୍ରାଥମିକ ଓ ଗୌଣ ଯୌନଗତଃ ଲକ୍ଷଣ ଗୁଡ଼ିକ ବିକାଶ ଲାଭ କରେ । ପ୍ରାଥମିକ ଯୌନଗତଃ ଲକ୍ଷଣଗୁଡ଼ିକ ସିଧାସଳଖ ପ୍ରଜନନ ସହିତ ଜଡ଼ିତ । କିଶୋରୀମାନଙ୍କ କ୍ଷେତ୍ରରେ ପ୍ରଜନନ ସହିତ ଜଡ଼ିତ ଅଙ୍ଗ ପ୍ରତ୍ୟଙ୍ଗ ଗୁଡ଼ିକର ଦ୍ରୁତ ବିକାଶ ଘଟେ ଏବଂ ଏହି ସୋପାନର ଶେଷ ବେଳକୁ ସେହିସବୁ ଅଙ୍ଗ ପ୍ରତ୍ୟଙ୍ଗ ଗୁଡ଼ିକର ପରିପକ୍ୱତା ଘଟିଥାଏ । କିଶୋରମାନଙ୍କ କ୍ଷେତ୍ରରେ ସେମାନଙ୍କର ପ୍ରଜନନ ପ୍ରକ୍ରିୟା ସହିତ ଜଡ଼ିତ ଅଙ୍ଗ ପ୍ରତ୍ୟଙ୍ଗ ଗୁଡ଼ିକର ବୃଦ୍ଧି-ବିକାଶ ଘଟି ଉକ୍ତ ସୋପାନର ଶେଷ ବେଳକୁ ସମ୍ପୂର୍ଣ୍ଣ ପରିପକ୍ୱତା ଲାଭ କରେ । ବାଳକମାନଙ୍କ କ୍ଷେତ୍ରରେ ସେମାନଙ୍କ ମୁହଁରେ ଓ ଛାତିରେ କେଶ ଉଠିଥାଏ ଓ ସ୍ୱର ଗମ୍ଭୀର ହୋଇଥାଏ । ଝିଅମାନଙ୍କର ସ୍ତନର ଅଭିବୃଦ୍ଧି ଘଟେ ଓ ନିତମ୍ବ ପ୍ରଶସ୍ତ ହୁଏ । ସେମାନଙ୍କର ସ୍ୱର ମଧୁର ହୁଏ ।

ଶାରୀରିକ ବୃଦ୍ଧି ବିକାଶକୁ ଅନୁଶୀଳନ କଲେ ଦେଖାଯାଏ ଯେ ପୁଅମାନଙ୍କ ଅପେକ୍ଷା ଝିଅମାନେ ସାଧାରଣତଃ ଗୋଟିଏ ବର୍ଷ ଆଗରୁ କୈଶୋର ଅବସ୍ଥାରେ ପଦାର୍ପଣ କରିଥାଆନ୍ତି । ସୁତରାଂ ଗୋଟିଏ ବର୍ଷ ଆଗରୁ ଝିଅମାନଙ୍କର ଦ୍ରୁତ ଶାରୀରିକ ପରିବର୍ତ୍ତନ ପରିଲିକ୍ଷିତ ହୁଏ । ସାଧାରଣତଃ ୧୨ ବର୍ଷ ବୟସରୁ ଝିଅମାନଙ୍କର ଏବଂ ୧୩ ବର୍ଷ ବୟସ ବେଳକୁ ପୁଅମାନଙ୍କର ଦ୍ରୁତ ଶାରୀରିକ ବୃଦ୍ଧି ବିକାଶ ଘଟିଥାଏ । କିଶୋର ଅବସ୍ଥାର ପ୍ରଥମ ପର୍ଯ୍ୟାୟରେ ଝିଅମାନେ ପୁଅମାନଙ୍କୁ ଉଚ୍ଚତା ଓ ଓଜନରେ ଟପି ଯାଆନ୍ତି । ପ୍ରାୟ ୧୮ ବର୍ଷ ବେଳକୁ ଝିଅମାନଙ୍କର ଉଚ୍ଚତା ଜଣେ ବୟସ୍କ ମହିଳାର ଉଚ୍ଚତା ସହିତ ସମକକ୍ଷ ହୋଇଥାଏ । ପ୍ରାୟ ୨୦ ବର୍ଷ ବେଳକୁ ପୁଅମାନେ ଜଣେ ବୟସ୍କ ବ୍ୟକ୍ତିର ଉଚ୍ଚତା ସହିତ ସମକକ୍ଷ ହୋଇଥା'ନ୍ତି । କିଶୋର ଅବସ୍ଥାର ଶେଷ ପର୍ଯ୍ୟାୟରେ ପୁଅମାନେ ଉଚ୍ଚତା ଓ ଓଜନରେ ଝିଅମାନଙ୍କୁ ଟପି ଯାଆନ୍ତି । ସାଧାରଣତଃ କୈଶୋର ଅବସ୍ଥାର ଶେଷବେଳକୁ ପୁଅମାନେ ଝିଅମାନଙ୍କ ଅପେକ୍ଷା ଅଧିକ ଉଚ୍ଚତା ଓ ଓଜନର ହୋଇଥା'ନ୍ତି । ପ୍ରାୟ ୨୦ ବର୍ଷ ବେଳକୁ ଉଭୟ କିଶୋର ଓ କିଶୋରୀମାନଙ୍କର ମସ୍ତିଷ୍କର ଓଜନ ପରିସମାପ୍ତି ହୁଏ । ଏହି ସୋପାନର ଶେଷ ବେଳକୁ ମୁଣ୍ଡଟି ସମୁଦାୟ ଶରୀରର ଏକ ଅଷ୍ଟମାଂଶ (୧/୮) ହୋଇଥାଏ । ଓଜନ କଥା ବିଚାର କଲେ ଜଣାଯାଏ, ସେମାନଙ୍କର ଓଜନ ଜଣେ ବୟସ୍କ ବ୍ୟକ୍ତିର ଓଜନ ସହିତ ସମକକ୍ଷ ହୁଏ । ସୋପାନର ଶେଷ ପର୍ଯ୍ୟାୟରେ ସମସ୍ତ କିଶୋର ଓ କିଶୋରୀ ଏକ ପ୍ରକାରର ଓଜନ ଧାରଣ କରିନଥା'ନ୍ତି । ଏଥିରୁ ବ୍ୟକ୍ତିଗତ ପାର୍ଥକ୍ୟ ପରିଲିକ୍ଷିତ ହୁଏ । ଦାନ୍ତ ଉଠିବା ସମ୍ପର୍କରେ ଜଣାଯାଏ ଯେ ପ୍ରାୟ ୧୭ ବର୍ଷ

ବେଳକୁ ସେମାନଙ୍କର ଜ୍ଞାନ ଦାନ୍ତ ଉଠିବା ଶେଷ ହୁଏ । ଉକ୍ତ ସୋପାନର ଶେଷ ବେଳକୁ ଶରୀରର ମାଂସପେଶୀ ଗୁଡ଼ିକ ଯେତିକି ବଡ଼ ଆକାର ହେବାକଥା ହୋଇଥାଏ । ଏଗୁଡ଼ିକ କାଠିନ୍ୟପ୍ରାପ୍ତ ହୁଏ ଓ ହାଡ଼ ସହିତ ଦୃଢ଼ଭାବେ ବାନ୍ଧି ହୋଇଥାଏ । ଖାଦ୍ୟ ପରିପାକ, ଶ୍ୱାସକ୍ରିୟା ଓ ରକ୍ତ ସଞ୍ଚାଳନ ସହିତ ଜଡ଼ିତ ପ୍ରତ୍ୟେକ ଆଭ୍ୟନ୍ତରୀଣ ଅବୟବ ଗୁଡ଼ିକର ଆକାର ଓ କାର୍ଯ୍ୟକାରୀତା ଶକ୍ତି ପରିପକ୍ୱତା ହାସଲ କରିଥାଆନ୍ତି । ଶାରୀରିକ ବୃଦ୍ଧି ବିକାଶ ସହିତ ଅସ୍ଥିଗତ ବୃଦ୍ଧି ବିକାଶ ମଧ୍ୟ ସମ୍ପାଦିତ ହୋଇଥାଏ । କୈଶୋର ଅବସ୍ଥାର ଶେଷ ବେଳକୁ ସେଗୁଡ଼ିକର ସଂଖ୍ୟା, ଆକାର, ଓଜନ ଓ କାଠିନ୍ୟତାର ପରିସମାପ୍ତି ଘଟେ ।

୨.୪.୨ ଶାରୀରିକ ବିକାଶର ଶିକ୍ଷାଗତ ମୂଲ୍ୟ

ଶିକ୍ଷା କ୍ଷେତ୍ରରେ ଶାରୀରିକ ବୃଦ୍ଧି ଓ ବିକାଶ ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ଭାବେ ବିଚାର କରାଯାଏ । କୈଶୋର ଅବସ୍ଥାରେ ଶାରୀରିକ ବୃଦ୍ଧି ଓ ବିକାଶ ଏବଂ ତା'ର ବୈଶିଷ୍ଟ୍ୟଗୁଡ଼ିକ ସଂକ୍ଷେପରେ ଆଲୋଚନା କରାଯାଇଛି । ବର୍ତ୍ତମାନ ପ୍ରଶ୍ନ ଉଠୁଛି କୈଶୋର ଅବସ୍ଥାରେ ବିକାଶ ଲାଭ କରିଥିବା ଲକ୍ଷଣଗୁଡ଼ିକୁ ଅନୁଧ୍ୟାନ କରି ବିଦ୍ୟାଳୟର ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ କିପରି ସେମାନଙ୍କର ପୂର୍ଣ୍ଣାଙ୍ଗ ବ୍ୟକ୍ତିତ୍ୱର ବିକାଶ କରାଯାଇପାରିବ ? ଏଥିପାଇଁ ଶାରୀରିକ ବୃଦ୍ଧି ଓ ବିକାଶ ସମ୍ପର୍କିତ ନିୟମଗୁଡ଼ିକୁ ଶିକ୍ଷକ ଭଲଭାବେ ଅବଗତ ହେବା ଦରକାର । ଏଥିପାଇଁ ଶିକ୍ଷକମାନେ ବିଦ୍ୟାଳୟ ମାନଙ୍କରେ ଆବଶ୍ୟକୀୟ ପାଠ୍ୟକ୍ରମ ଓ ସହ ପାଠ୍ୟକ୍ରମ କାର୍ଯ୍ୟାବଳୀ ଗୁଡ଼ିକୁ ପ୍ରବର୍ତ୍ତନ କରି ଉକ୍ତ ସୋପାନର ଛାତ୍ରଛାତ୍ରୀ ମାନଙ୍କର ଉପଯୁକ୍ତ ଶାରୀରିକ ଅଭିବୃଦ୍ଧି ଘଟାଇବା ସଙ୍ଗେ ସଙ୍ଗେ ଶିକ୍ଷଣକୁ ଫଳପ୍ରଦ କରିପାରିବେ ।

- ଶିକ୍ଷକମାନେ ଅନୁଭବ କରିବା ଉଚିତ୍ ଯେ ଶାରୀରିକ ବୃଦ୍ଧି ଓ ବିକାଶରେ ବ୍ୟକ୍ତିଗତ ତାରତମ୍ୟ ରହିଛି । ଭିନ୍ନ ଭିନ୍ନ ପିଲାମାନଙ୍କର ବୃଦ୍ଧି ଓ ବିକାଶ ଭିନ୍ନ ଭିନ୍ନ ହାରରେ ହୋଇଥାଏ । ସୁତରାଂ ବିଭିନ୍ନ କିଶୋର-କିଶୋରୀ ମାନଙ୍କ ପାଇଁ ଭିନ୍ନ ଭିନ୍ନ ଧରଣର ଶୈକ୍ଷିକ କାର୍ଯ୍ୟକ୍ରମ ପ୍ରଚଳନ କରାଯିବା ଦରକାର । ଏପରିକି ସେମାନଙ୍କର ଶାରୀରିକ ପାର୍ଥକ୍ୟ ଅନୁଯାୟୀ ପାଠ୍ୟକ୍ରମ ଓ ସହ ପାଠ୍ୟକ୍ରମ ପ୍ରସ୍ତୁତି ହେବା ଦରକାର ।
- ସାଧାରଣତଃ କିଶୋର ଓ କିଶୋରୀମାନେ ସେମାନଙ୍କର ଶାରୀରିକ ବିକାଶ ସମ୍ପର୍କରେ ଆଗ୍ରହୀ ଓ ସଚେତନ ଥାଆନ୍ତି । ତେଣୁ ବିଦ୍ୟାଳୟ ମାନଙ୍କରେ ସେମାନଙ୍କର ଶାରୀରିକ ପରୀକ୍ଷା ପାଇଁ ଶିକ୍ଷକମାନେ ବ୍ୟବସ୍ଥା କରିବା ଦରକାର । ବିଦ୍ୟାଳୟ ମାନଙ୍କରେ ମଧ୍ୟ ଛାତ୍ରଛାତ୍ରୀ ମାନଙ୍କୁ ଶାରୀରିକ ଶିକ୍ଷା ଓ ସ୍ୱାସ୍ଥ୍ୟଶିକ୍ଷା ଦେବା ଦରକାର ।
- ଉତ୍ତମ ଶାରୀରିକ ବିକାଶ ଉତ୍କୃଷ୍ଟ ଖାଦ୍ୟ ଉପରେ ନିର୍ଭର କରେ । ବିଦ୍ୟାଳୟରେ ପଢୁଥିବା କିଛି ଛାତ୍ରଛାତ୍ରୀ ଗରିବ ପରିବାରରୁ ଆସିଥାଆନ୍ତି । ସୁତରାଂ ଛାତ୍ରାବାସ ଓ ମଧ୍ୟାହ୍ନ ଭୋଜନରେ ଛାତ୍ରଛାତ୍ରୀମାନଙ୍କୁ ଉନ୍ନତ ମାନର ଖାଦ୍ୟ ଯୋଗାଇଦେବା ଦରକାର । ଦ୍ରୁତ ଶାରୀରିକ ବୃଦ୍ଧି ଯୋଗୁଁ ଅଧିକ ପରିମାଣର ସୁଷମ ଖାଦ୍ୟ ଆବଶ୍ୟକ ହୋଇଥାଏ । ତେଣୁ ପରିବାରରେ ଅଭିଭାବକମାନେ ସେମାନଙ୍କ ବୟସ୍କ ପିଲାମାନଙ୍କୁ ସୁଷମ ଖାଦ୍ୟ ଓ ପାନୀୟ ଯୋଗାଇ ଦେବା ଉଚିତ୍ ।
- କିଶୋର କିଶୋରୀମାନେ ଅନେକ ସମସ୍ୟାର ସମ୍ମୁଖୀନ ହୋଇଥା'ନ୍ତି । ସେଗୁଡ଼ିକ ମଧ୍ୟରୁ ଯୌନ ସମସ୍ୟା ଅନ୍ୟତମ । ତେଣୁ ସେମାନଙ୍କୁ ବିଦ୍ୟାଳୟ ମାନଙ୍କରେ ଯୌନଶିକ୍ଷା ଓ ନୈତିକଶିକ୍ଷା ଦେବାର ବ୍ୟବସ୍ଥା କରାଯିବା ପାଥେୟ । ଏହା ଫଳରେ ସେମାନଙ୍କର ଯୌନ ସମ୍ପର୍କରେ ଏକ ସକାରାତ୍ମକ ଓ ସୁସ୍ଥ ମନୋବୃତ୍ତି ସୃଷ୍ଟି ହୋଇପାରିବ ।
- ଉପଯୁକ୍ତ ଶାରୀରିକ ଅଭିବୃଦ୍ଧି ପାଇଁ ବିଦ୍ୟାଳୟ ମାନଙ୍କରେ କେତେଗୁଡ଼ିଏ କୁଟୀର ଶିଳ୍ପ ଯଥା - କାଠ କାମ, ବଗିଚା କାମ ଓ କୃଷି ଇତ୍ୟାଦିକୁ ପ୍ରଚଳନ କରିବା ଦରକାର । ଏତଦ୍‌ବ୍ୟତୀତ ଖେଳକସରତ, ଯୋଗାସନ, ପ୍ରାଣାୟାମ,

ଡ୍ରିଲ୍, ଜାତୀୟ ସମର ଶିକ୍ଷାର୍ଥୀବାହିନୀ ପରି ବହୁମୁଖୀ କାର୍ଯ୍ୟକ୍ରମ ଗୁଡ଼ିକ ପ୍ରଚଳନ କରାଯିବା ଦରକାର । ଏହା ଦ୍ୱାରା ଶିକ୍ଷାର୍ଥୀ ମାନଙ୍କର ଅଙ୍ଗ ପ୍ରତ୍ୟଙ୍ଗ ଓ ମାଂସପେଶୀ ଗୁଡ଼ିକର ଉପଯୁକ୍ତ ଅଭିବୃଦ୍ଧି ହୋଇପାରିବ ।

- କିଶୋର କିଶୋରୀମାନଙ୍କର ଶୋଇବା, ବସିବା ଓ ଲେଖିବାର ଶୈଳୀ କିପରି ହେବା ଦରକରା ସେ ସମ୍ବନ୍ଧରେ ଶିକ୍ଷାର୍ଥୀମାନଙ୍କୁ ଶିକ୍ଷାଦେବା ଦରକାର । ନଚେତ୍ ସେମାନଙ୍କର ମେରୁଦଣ୍ଡ ଓ ଅନ୍ୟାନ୍ୟ ଅସ୍ଥି ଉପରେ କୁପ୍ରଭାବ ପଡ଼ିବ ।
- ପ୍ରତ୍ୟେକ ବିଦ୍ୟାଳୟରେ ସ୍ୱାସ୍ଥ୍ୟ ସମ୍ପର୍କରେ ପରାମର୍ଶ କ୍ଲିନିକ୍ ଖୋଲାଯିବା ଦରକାର । ଯେଉଁ ଯୁବକ ଓ ଯୁବତୀ ମାନଙ୍କର ସ୍ୱାସ୍ଥ୍ୟ ସମ୍ବନ୍ଧରେ ସମସ୍ୟାମାନ ରହିଛି, ସେଗୁଡ଼ିକୁ ଚିହ୍ନଟ କରି ନିରାକରଣ ଜନିତ ପରାମର୍ଶ ଦିଆଯାଇପାରିବ ।
- ସୁସ୍ଥ ଶରୀର ଗଠନ ପାଇଁ ନିୟମିତ ଭାବେ ଖାଦ୍ୟ ଖାଇବା ଓ ବିଶ୍ରାମ ନେବା ନିହାତି ଦରକାର । ଠିକ୍ ସମୟରେ ଖାଇବା ଓ ଶୋଇବା ପାଇଁ ପରାମର୍ଶ ଦିଆଯିବା ଦରକାର । ଏତଦ୍‌ବ୍ୟତୀତ ସେମାନେ କିପରି ପରିଷ୍କାର ପରିଚ୍ଛନ୍ନ ରହିବେ ଓ ସ୍ୱାସ୍ଥ୍ୟ ସମ୍ବନ୍ଧରେ ସଚେତନ ହେବେ, ତାହା ଶିକ୍ଷା ପାଇବା ଦରକାର ।

୨.୪.୩ ମାନସିକ ବା ବୌଦ୍ଧିକ ବିକାଶ

ଶିକ୍ଷଣ କ୍ଷେତ୍ରରେ ମାନସିକ ବିକାଶର ଗୁରୁତ୍ୱ ଯଥେଷ୍ଟ । ଉପଯୁକ୍ତ ମାନସିକ ବିକାଶ ନ ଘଟିଲେ ଏକ ନିର୍ଦ୍ଦିଷ୍ଟ ସ୍ତର ପାଇଁ ଧାର୍ଯ୍ୟ କରାଯାଇଥିବା ବିଷୟବସ୍ତୁ ସମ୍ପର୍କରେ ଶିକ୍ଷଣ ସମ୍ଭବ ହୋଇନଥାଏ । ଶୈଶବ ଅବସ୍ଥା ଏବଂ ପୂର୍ବ ବାଲ୍ୟାବସ୍ଥାରେ ମାନସିକ ବିକାଶ କ୍ଷିପ୍ର ହୋଇଥାଏ । ଉତ୍ତର ବାଲ୍ୟାବସ୍ଥାରେ ପଦାର୍ପଣ କଲେ ମାନସିକ ଦକ୍ଷତା ଗୁଡ଼ିକର ବିକାଶ ନ ହୋଇ ପ୍ରାୟ ସ୍ଥିର ରହେ । କୈଶୋର ଅବସ୍ଥାର ପ୍ରାରମ୍ଭରୁ ପୁନଶ୍ଚ ମାନସିକ ଦକ୍ଷତା ଗୁଡ଼ିକର ଦ୍ରୁତ ବିକାଶ ଆରମ୍ଭ ହୁଏ । ମାନସିକ ଦକ୍ଷତା ଗୁଡ଼ିକର କାର୍ଯ୍ୟକାରିତା କଥା ବିଚାର କଲେ ଜଣାଯାଏ ଯେ ଉକ୍ତ ସୋପାନରେ ସେସବୁ ଶୀର୍ଷ ସୀମାରେ ପହଞ୍ଚିଯାଏ । ତାର୍କିକ ଚିନ୍ତାଧାରା, ଅବାସ୍ତବ ପରିକଳ୍ପନା, ଏକାଗ୍ରତା ଇତ୍ୟାଦି ଏହି ସୋପାନର ଶେଷବେଳୁ ସର୍ବାଧିକ ହୋଇଥାଏ । ବୁଦ୍ଧି ଶକ୍ତି ମଧ୍ୟ ଉକ୍ତ ସୋପାନର ଶେଷ ପୂର୍ବରୁ ସର୍ବାଧିକ ସ୍ତରରେ ପହଁଞ୍ଚିଥାଏ । କିଶୋର କିଶୋରୀମାନେ କୌଣସି ଘଟଣାର କାରଣ ଏବଂ କୌଣସି ପ୍ରଶ୍ନର ଉତ୍ତର ଖୋଜିବାକୁ ସକ୍ଷମ ହୁଅନ୍ତି । କୌଣସି ଘଟଣା କିପରି ଘଟୁଛି ଓ କାହିଁକି ଘଟୁଛି, ସେଗୁଡ଼ିକର କାରଣ ଓ ଉତ୍ତର ବିଜ୍ଞାନ ଭିତ୍ତିକ ଭାବେ ଖୋଜିବାକୁ ସକ୍ଷମ ହୁଏ । ସେମାନଙ୍କର ଜଟିଳ ଧରଣର ଭାବନା ଓ ପର୍ଯ୍ୟବେକ୍ଷଣା ଶକ୍ତିର ଯଥେଷ୍ଟ ବିକାଶ ଘଟେ । ଏହି ସୋପାନରେ ସେମାନଙ୍କଠାରେ ଉତ୍କୃଷ୍ଟ ପରିକଳ୍ପନା ଶକ୍ତି ସୃଷ୍ଟି ହୁଏ । ଏହି ସୋପାନରେ ହିଁ କବି, ଲେଖକ, ଦାର୍ଶନିକ, ବୈଜ୍ଞାନିକ ଓ କଳାକାର ମାନଙ୍କର ସୃଷ୍ଟି ହୋଇଥାଏ ।

ବାଲ୍ୟାବସ୍ଥା ଅପେକ୍ଷା ଯୌବନାବସ୍ଥାରେ କିଶୋର କିଶୋରୀମାନେ କାର୍ଯ୍ୟରେ ବେଶି ସମୟ ମନୋଯୋଗ ଦେଇଥା'ନ୍ତି । ଯେଉଁଥିପାଇଁ ସେମାନେ ଶ୍ରେଣୀରେ ଅଧିକ ସମୟ ମନନିବେଶ କରିପାରନ୍ତି । ଅବାଞ୍ଛିତ କାର୍ଯ୍ୟ ଉପରେ ସମୟ ନ ଦେଇ ଆବଶ୍ୟକୀୟ କାର୍ଯ୍ୟ ଉପରେ ସମୟ ଦେଇଥା'ନ୍ତି । ଦୁଇଟି କାର୍ଯ୍ୟ ମଧ୍ୟରୁ କେଉଁ କାର୍ଯ୍ୟପ୍ରତି କେତେ ପରିମାଣର ସମୟ ଦେବାକଥା ତାହା ସେ ସଠିକ୍ ଭାବେ ସ୍ଥିର କରିଥାଏ । ଉକ୍ତ ସୋପାନରେ ନୂତନ ଶିକ୍ଷଣ ପାଇଁ ଉପଯୁକ୍ତ ମନେରଖିବାର କୌଶଳ ପ୍ରୟୋଗ କରିବାକୁ ସକ୍ଷମ ହୋଇଥାଏ । ନୂତନ କୌଶଳ, ଦକ୍ଷତା ଓ ଜ୍ଞାନର ବିକାଶ ଯୋଗୁଁ ସମସ୍ୟା ସମାଧାନ ଶକ୍ତିର ବିକାଶ ଘଟେ । ଫଳରେ ଦୈନନ୍ଦିନ ଜୀବନରେ ଦେଖାଯାଉଥିବା ସମସ୍ୟାଗୁଡ଼ିକୁ ସମାଧାନ କରିବାକୁ ସକ୍ଷମ ହୁଏ । ସେମାନଙ୍କର ବୋଧଶକ୍ତିର ଯଥେଷ୍ଟ ବିକାଶ ଘଟେ । ଅଧିକ ଜଟିଳ ଧରଣର ସମସ୍ୟାକୁ ସମାଧାନ କରିବାପାଇଁ ସେ ଚିନ୍ତା କରେ । ଏହି ସୋପାନରେ ସେମାନଙ୍କର ଭାବ ଆଦାନ ପ୍ରଦାନ କରିବାର ଦକ୍ଷତା ଯଥେଷ୍ଟ ବିକାଶ ଲାଭ କରିଥାଏ । ଦୈନନ୍ଦିନ ଜୀବନରେ ସେମାନେ ଅନେକ ନିଷ୍ପତ୍ତି ନେଇଥା'ନ୍ତି । ସାଧାରଣତଃ ବାଲ୍ୟାବସ୍ଥାରେ ଅଭିଭାବକମାନେ ଧାର୍ଯ୍ୟ

କରିଥିବା ନୀତି ନିୟମଗୁଡ଼ିକୁ ବିନା ପ୍ରଶ୍ନରେ ଗ୍ରହଣ କରିଥାଏ । କିନ୍ତୁ କୈଶୋର ଅବସ୍ଥାରେ ସେସବୁ ନୀତିନିୟମ ଗୁଡ଼ିକୁ କେତେଦୂର ଠିକ୍ ତାହାକୁ ପରୀକ୍ଷା ନୀରିକ୍ଷା କରେ ଏବଂ ଆବଶ୍ୟକ ହେଲେ ତା'ଉପରେ ପ୍ରଶ୍ନ ଉଠାଏ । କେଉଁଟି ଠିକ୍ ଓ କେଉଁଟି ଭୁଲ, କେଉଁଟି ଗ୍ରହଣଯୋଗ୍ୟ ଓ କେଉଁଟି ଗ୍ରହଣଯୋଗ୍ୟ ନୁହେଁ ତାହା ସେ ବିଚାର କରିବାକୁ ସକ୍ଷମ ହୋଇଥାଏ । ବିଭିନ୍ନ ବିଷୟବସ୍ତୁ ଓ ଘଟଣା ସମ୍ପର୍କରେ ଆହରଣ କରିଥିବା ଇନ୍ଦ୍ରିୟାନୁଭୂତି ଓ ପ୍ରତ୍ୟକ୍ଷ ଜ୍ଞାନ ଅଧିକ ସଠିକ୍ ହୋଇଥାଏ । କାରଣ ଯେଉଁ ଅଙ୍ଗପ୍ରତ୍ୟେଙ୍ଗ ମାନଙ୍କ ମାଧ୍ୟମରେ ଇନ୍ଦ୍ରିୟାନୁଭୂତି ଓ ପ୍ରତ୍ୟକ୍ଷ ଜ୍ଞାନ ଅର୍ଜନ କରିଥାଏ, ସେଗୁଡ଼ିକର କାର୍ଯ୍ୟକାରିତା ଶକ୍ତିର ଯଥେଷ୍ଟ ବିକାଶ ଘଟିଥାଏ । ସେମାନଙ୍କର ପ୍ରତ୍ୟହ ଜ୍ଞାନ ବିଶ୍ୱସ୍ତ ଓ ମତାମତ ଓ ସାଂସ୍କୃତିକ ଚିନ୍ତାଧାରା ଦ୍ୱାରା ପ୍ରଭାବିତ ହୋଇଥାଏ ।

୨.୪.୪ ମାନସିକ ବିକାଶର ଶିକ୍ଷାଗତ ମୂଲ୍ୟ :-

ଶିକ୍ଷା କ୍ଷେତ୍ରରେ ମାନସିକ ଦକ୍ଷତାର ଆବଶ୍ୟକତା ଅଧିକ । କୈଶୋର ଅବସ୍ଥାରେ ଆବଶ୍ୟକତା, ସମସ୍ୟା ଓ ବୈଶିଷ୍ଟ୍ୟ ଅନ୍ୟାନ୍ୟ ସୋପାନ ଠାରୁ ଭିନ୍ନ । ଉକ୍ତ ସୋପାନରେ ମାନସିକ ବିକାଶ ସମ୍ବନ୍ଧୀୟ ଜ୍ଞାନ ଶିକ୍ଷକଙ୍କ ପାଇଁ ନିହାତି ଆବଶ୍ୟକ । ସେମାନଙ୍କର ସମସ୍ୟା ଓ ଆବଶ୍ୟକତାକୁ ବିଚାର କରି ଉପଯୁକ୍ତ ମାନସିକ ବିକାଶ ଘଟାଇବା ଦରକାର । ସେସବୁକୁ ବିଚାର କରି ଶିକ୍ଷକ ନିମ୍ନଲିଖିତ ପଦକ୍ଷେପ ନେବା ବିଧେୟ । କିଶୋର କିଶୋରୀ ମାନଙ୍କର ଉପଯୁକ୍ତ ମାନସିକ ବିକାଶ ନିମନ୍ତେ ବିଦ୍ୟାଳୟ ଗୁଡ଼ିକ ସୁସ୍ଥ ପରିବେଶ ସୃଷ୍ଟି କରିବା ଦରକାର । ସୁସ୍ଥ ପରିବେଶରେହିଁ ସେମାନଙ୍କର ମାନସିକ ଦକ୍ଷତା ଗୁଡ଼ିକର ଉପଯୁକ୍ତ ବିକାଶ ହୋଇପାରିବ । ଭଲ ପାଠାଗାର ଓ ପରୀକ୍ଷାଗାର ସେମାନଙ୍କୁ ଯୋଗାଇ ଦେବା ଦରକାର । ସ୍ୱାଧୀନଭାବେ ଆଲୋଚନା କରିବାର ସୁଯୋଗ ମଧ୍ୟ ସେମାନଙ୍କୁ ଦେବା ଦରକାର । ଏତଦ୍‌ବ୍ୟତୀତ ଗୋଷ୍ଠୀଗତ ବିଭିନ୍ନ କାର୍ଯ୍ୟକ୍ରମରେ ସେମାନଙ୍କୁ ସାମିଲ୍ କରିବା ଆବଶ୍ୟକ ।

- ଏହି ସୋପାନରେ ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କର ସୃଜନଶୀଳ ଦକ୍ଷତାର ବିକାଶ ପାଇଁ ବିଦ୍ୟାଳୟ ସମସ୍ତ ସୁବିଧା ସୁଯୋଗ ଯୋଗାଇଦେବା ବିଧେୟ । ଏତଦ୍‌ବ୍ୟତୀତ ସେମାନଙ୍କର ବହୁମୁଖୀ ପ୍ରତିଭାର ବିକାଶ ପାଇଁ ସଙ୍ଗୀତ, ନୃତ୍ୟ, ଚିତ୍ର, କଳା, କୁଟୀର ଶିଳ୍ପ ଇତ୍ୟାଦିକୁ ପ୍ରଚଳନ କରିବା ଦରକାର ।
- ଉକ୍ତ ସୋପାନରେ ଶିକ୍ଷଣର ଘୋଷା ସ୍ମୃତି ଉପରେ ଗୁରୁତ୍ୱ ଦେବା ଉଚିତ୍ ନୁହେଁ । ବିଷୟବସ୍ତୁକୁ ବୁଝି ମନେରଖିବା ଉପରେ ପ୍ରାଧାନ୍ୟ ଦେବା ଦରକାର ।
- ଶ୍ରେଣୀଗୃହ ଶିକ୍ଷା ଦାନରେ ଏ ବୟସର ଶିକ୍ଷାର୍ଥୀମାନେ ପ୍ରତ୍ୟକ୍ଷ ଭାବେ ଅଂଶଗ୍ରହଣ କରି ଶିକ୍ଷା ଗ୍ରହଣ କରିବା ଉପରେ ଗୁରୁତ୍ୱ ଦିଆଯିବା ଦରକାର ।
- ସେମାନଙ୍କର ଭାବନା ଓ ଚିନ୍ତନ ଶକ୍ତିର ପରିବ୍ୟାପ୍ତି ପାଇଁ ପରୀକ୍ଷାଗାର ଏବଂ ପରୀକ୍ଷଣ ଉପରେ ଗୁରୁତ୍ୱ ଦେବା ଦରକାର । ସେମାନଙ୍କର ଚିନ୍ତନ ଓ କଳ୍ପନା ଶକ୍ତିର ବିକାଶ ନିମନ୍ତେ କେତେଗୁଡ଼ିଏ ଉନ୍ନତମାନର ପ୍ରକଳ୍ପମାନ ଦିଆଯିବା ଉଚିତ୍ ।
- ବିଦ୍ୟାଳୟ ମାନଙ୍କରେ ଏ ବୟସର ପିଲାମାନଙ୍କ ପାଇଁ ତର୍କ, ଆଲୋଚନା, ପ୍ରତିଦ୍ୱନ୍ଦିତା, ଆଲୋଚନାଚକ୍ର ଓ ସୃଜନଶୀଳ ଲିଖନ ସୁବିଧା ଯୋଗାଇଦେବା ଦରକାର । ଏସବୁ କାର୍ଯ୍ୟାବଳୀ ଶିକ୍ଷାର୍ଥୀ ମାନଙ୍କର ଉପଯୁକ୍ତ ମାନସିକ ବିକାଶରେ ସହାୟକ ହେବ ।
- ଉଭୟ ଅଭିଭାବକ ଓ ଶିକ୍ଷକମାନେ ଏ ବୟସର ପିଲାମାନଙ୍କ ପାଇଁ ସମସ୍ୟା ସମାଧାନ ଜନିତ ପରିସ୍ଥିତିମାନ ସୃଷ୍ଟି କରିବା ଦରକାର । ଏହାଦ୍ୱାରା ସେମାନେ ଉନ୍ନତମାନର ଓ ବାସ୍ତବ ଧରଣର ଅଭିଜ୍ଞତା ଅର୍ଜନ କରିବାକୁ ସକ୍ଷମ ହେବେ ।

ସାଧାରଣତଃ ଏ ବୟସର ଶିକ୍ଷାର୍ଥୀମାନେ ସ୍ୱାଧୀନତା ଚାହିଁଥା'ନ୍ତି । ସୁତରାଂ, ଶିକ୍ଷକମାନେ ପିଲାମାନଙ୍କୁ ଆତ୍ମ-ଅଧ୍ୟୟନ ଏବଂ ଆତ୍ମ-ପ୍ରକାଶର ସମସ୍ତ ସୁବିଧା ସୁଯୋଗ ଦେବା ଦରକାର । ଯଦି ଶିକ୍ଷକମାନେ ପିଲାମାନଙ୍କୁ ଶ୍ରେଣୀଗୃହ ଓ ବିଦ୍ୟାଳୟରେ ବିଭିନ୍ନ ଯୋଜନା ପ୍ରସ୍ତୁତିରେ ସାମିଲ୍ କରିବେ ତେବେ ତାହା ଅଧିକ ଭଲହେବ ।

ସ୍ୱରଚିତ କବିତା ପଠନ, ତର୍କସଭା, ବିଭିନ୍ନ ପ୍ରବନ୍ଧ ପ୍ରତିଯୋଗିତା, ବ୍ୟକ୍ତିଗତ ବକୃତା ପ୍ରତିଯୋଗିତା, ସେମିନାର, ଡ୍ରାମା ଇତ୍ୟାଦିର ଆୟୋଜନ ହେବାଦ୍ୱାରା ଛାତ୍ରଛାତ୍ରୀମାନେ ନିଜର ସୃଜନୀ ଶକ୍ତିର ପରିଚୟ ପ୍ରଦାନ କରିବା ପାଇଁ ସୁଯୋଗ ପାଇବେ ।

୨.୪.୫ ଆବେଗାତ୍ମକ ବିକାଶ :-

ମୁଖ୍ୟତଃ ବ୍ୟକ୍ତି ହେଉଛି ଏକ ଆବେଗମୟ ପ୍ରାଣୀ, ଆମର ଆବେଗ ଆମର ବ୍ୟବହାରକୁ ନିୟନ୍ତ୍ରଣ କରିଥାଏ । ପ୍ରାଣୀର ଆବେଗ ତାକୁ ଆଭ୍ୟନ୍ତରୀଣ ଭାବେ ନିଜକୁ ସମଯୋଜନ ପ୍ରତିଷ୍ଠା କରି ଚଳିବାକୁ ଏବଂ ଆତ୍ମସନ୍ତୋଷ ପାଇବାରେ ସହାୟକ ହୋଇଥାଏ । ବେଳେ ବେଳେ ଆବେଗ ଗୁଡ଼ିକ ଆମକୁ ସମସ୍ୟାରେ ପକାଇଥା'ନ୍ତି ଏବଂ ଯନ୍ତ୍ରଣା ଦେଇଥା'ନ୍ତି । ପୁଣି ବେଳେ ବେଳେ ସେଗୁଡ଼ିକ ଆମ ପାଇଁ ଉପଯୋଗୀ ହୋଇଥାଏ । ଏହା ଅତ୍ୟନ୍ତ ଶକ୍ତିଶାଳୀ, ବିଭିନ୍ନ ପରିବେଶ ଓ ପରିସ୍ଥିତିରେ ଭାରସାମ୍ୟ ରକ୍ଷା କରି ଚଳିବାରେ ଏହା ସହାୟକ ହୋଇଥାଏ । ସଂଘର୍ଷପୂର୍ଣ୍ଣ ପରିବେଶରେ ବଞ୍ଚି ରହିବା ଏବଂ ବିଭିନ୍ନ କ୍ଷେତ୍ରରେ ଜୟଯୁକ୍ତ ହେବାରେ ଏହାର ପ୍ରାଧାନ୍ୟ ରହିଛି । ସରସ ସୁନ୍ଦର ଜୀବନଯାପନରେ ଏହା ସହାୟକ ହୋଇଥାଏ । କୈଶୋର ଅବସ୍ଥାରେ ଆବେଗ ଅତ୍ୟନ୍ତ ତୀବ୍ର ହୋଇଥାଏ । ଏହି ସୋପାନରେ ଆବେଗ ଏତେ ଶକ୍ତିଶାଳୀ ଓ ବିପଦ୍‌ଜନକ ହୋଇଥାଏ ଯେ ତାହା ଅନ୍ୟ କୌଣସି ସୋପାନରେ ଦେଖାଯାଏ ନାହିଁ । ଏହି ବୟସରେ ଆବେଗ ଉପରେ ନିୟନ୍ତ୍ରଣ ଆଣିବା ଏକ ଦୁରୁହ ବ୍ୟାପାର । ପୁନଶ୍ଚ ଦେଖାଯାଏ ଯେ ଏହି ସମୟରେ ଆବେଗ ଗୁଡ଼ିକ ବାରମ୍ବାର ଏବଂ ଖୁବ୍ ଶୀଘ୍ର ପରିବର୍ତ୍ତନ ହୁଏ । ତେଣୁ କୈଶୋର ଅବସ୍ଥାରେ ଆବେଗରେ ସ୍ଥିରତା ନଥାଏ । ଏହା ସେମାନଙ୍କୁ ବିଷର୍ଣ୍ଣ କରିଦିଏ । ବେଳେ ବେଳେ ସେମାନେ ଖୁବ୍ ଖୁସି ଅନୁଭବ କରନ୍ତି ଓ ପୁଣି ବେଳେ ବେଳେ ଖୁବ୍ ଦୁଃଖ ଅନୁଭବ କରନ୍ତି । କିନ୍ତୁ ସେ ଦୁଃଖ ଓ ଆନନ୍ଦ ବେଶୀ ସମୟ ଧରି ରହି ନଥାଏ ।

କୈଶୋର ଅବସ୍ଥାରେ ଆବେଗ ଅତ୍ୟନ୍ତ ତୀବ୍ର, ଅଯୌକ୍ତିକର ଏବଂ ନିୟନ୍ତ୍ରଣ ମୁକ୍ତ ହୋଇଥାଏ । ଶାରୀରିକ ଓ ଶାରୀରିକ ଗ୍ରନ୍ଥୀ ଗୁଡ଼ିକର କାର୍ଯ୍ୟରେ ପରିବର୍ତ୍ତନ ଯୋଗୁଁ ଆବେଗ ଗୁଡ଼ିକ ଉଦ୍‌ବେଗଜନକ ହୋଇଥାଏ । ଏତଦ୍‌ବ୍ୟତୀତ ସାମାଜିକ ଚାପ, ନୂତନ ପରିବେଶର ସମ୍ମୁଖୀନ, ନୂତନ ସାମାଜିକ ଆଶା ଇତ୍ୟାଦି କାରକଗୁଡ଼ିକ ଆବେଗିକ ବିକାଶରେ ପ୍ରମୁଖ ଭୂମିକା ଗ୍ରହଣ କରିଥା'ନ୍ତି । କୈଶୋର ଅବସ୍ଥାରେ ଶେଷ ପର୍ଯ୍ୟାୟରେ ସେମାନେ ଆବେଗିକ ପରିପକ୍ୱତା ହାସଲ କରିଥା'ନ୍ତି । ତେଣୁ ସେମାନେ ସମାଜରେ ଗ୍ରହଣଯୋଗ୍ୟ ହେବା ପରି ଆବେଗ ପ୍ରଦର୍ଶନ କରିଥା'ନ୍ତି । ଆବେଗ ପରିପ୍ରକାଶ ପୂର୍ବରୁ ପାରିପାର୍ଶ୍ୱିକ ଅବସ୍ଥାକୁ ଭଲ ଭାବରେ ପରୀକ୍ଷା ନିରୀକ୍ଷା କରିଥା'ନ୍ତି । ଏଥିରୁ ସେମାନଙ୍କର ଆବେଗର ପରିପକ୍ୱତା ହୋଇଛି ବୋଲି ପ୍ରମାଣ ମିଳେ ।

ଉକ୍ତ ସୋପାନରେ କେତେଗୁଡ଼ିଏ ଲକ୍ଷଣ ଦେଖାଯାଏ । ଯେଉଁ ଲକ୍ଷଣଗୁଡ଼ିକ ସେମାନଙ୍କର ସୁସ୍ଥ ଆବେଗକୁ ପ୍ରତିହତ କରେ । ସେସବୁ ଲକ୍ଷଣ ଗୁଡ଼ିକ ହେଲା-ଅଧିକ ମାତ୍ରାରେ ନଖ କାମୁଡ଼ିବା, ଆଙ୍ଗୁଠି ଚୁଚୁମିବା, ଓଠ କାମୁଡ଼ିବା, ନାକ ଘଷିବା, ମୁଣ୍ଡର କେଶକୁ ଛାଟିବା ଇତ୍ୟାଦି ।

ପରିବେଶରୁ ମିଳୁଥିବା ଅଭିଜ୍ଞତା ସେମାନଙ୍କର ଆବେଗାତ୍ମକ ବିକାଶକୁ ଜଟିଳ କରିଥାଏ । ସେମାନଙ୍କର ବାହ୍ୟିକ ଆବେଗାତ୍ମକ ପରିପ୍ରକାଶରୁ ସେମାନଙ୍କୁ ଠିକ୍ ଭାବେ ବୁଝିବା ସମ୍ଭବ ନୁହେଁ । ତେଣୁ ସେମାନଙ୍କର ଆଭ୍ୟନ୍ତରୀଣ ଦିଗକୁ ଅନୁଧ୍ୟାନ କରି ଆବେଗକୁ ବୁଝିବାକୁ ପଡ଼େ । ଉକ୍ତ ସୋପାନରେ ଅବାସ୍ତବ ବସ୍ତୁକୁ ନେଇ ଆବେଗାତ୍ମକ ଭାବନାର ପରିପ୍ରକାଶ

କରିଥା'ନ୍ତି । ସେମାନଙ୍କର ଆବେଗାତ୍ମକ ଭାବନାର ଦିଗ ଅଧିକ ପ୍ରସସ୍ଥ ହୁଏ । ଯୌବନାବସ୍ଥାର ଶେଷ ପର୍ଯ୍ୟାୟରେ ସେମାନେ ବିଭିନ୍ନ ପରିସ୍ଥିତିରେ ସୃଷ୍ଟି ହେଉଥିବା ମାନସିକ ଯନ୍ତ୍ରଣା ଓ ଦ୍ୱନ୍ଦ୍ୱକୁ ସହ୍ୟ କରିବାକୁ ସକ୍ଷମ ହୁଅନ୍ତି । ଅନ୍ୟର ଆବେଗାତ୍ମକ ଭାବନାକୁ ବୁଝିବାକୁ ସକ୍ଷମ ହୁଅନ୍ତି ଏବଂ ଅନ୍ୟମାନଙ୍କ ସହିତ ଭାବର ଆଦାନ ପ୍ରଦାନ କରନ୍ତି । ଅନ୍ୟର ଭାବନାକୁ ଗ୍ରହଣ କରନ୍ତି ଓ ସମ୍ମାନ ଦିଅନ୍ତି । ଆବଶ୍ୟକସ୍ଥଳେ ଅନ୍ୟର ଆବେଗାତ୍ମକ ଭାବନାକୁ ପ୍ରଶଂସା କରନ୍ତି । ଅନ୍ୟମାନଙ୍କର ଚରିତ୍ରର ଦୋଷ ଓ ଦୁର୍ବଳତାକୁ ଚିହ୍ନଟ କରିବା ସଙ୍ଗେ ସଙ୍ଗେ ଭଲ ଗୁଣକୁ ମଧ୍ୟ ଚିହ୍ନଟ କରିଥା'ନ୍ତି । ବେଳେବେଳେ ନିଃସଙ୍ଗ ଭାବେ ନିଜ ଘରେ ରହିବାକୁ ଚାହିଁଥା'ନ୍ତି ।

୨.୪.୬ ଆବେଗାତ୍ମକ ବିକାଶର ଶିକ୍ଷାଗତ ମୂଲ୍ୟ

ଆବେଗ ଗୁଡ଼ିକର ସଫଳତା ପାଇବାପାଇଁ ଏବଂ ସେଗୁଡ଼ିକର କୁପ୍ରଭାବକୁ ଦୂର କରିବା ପାଇଁ ଆବେଗ ଗୁଡ଼ିକୁ ସଠିକ୍ ନିୟନ୍ତ୍ରଣ କରିବା ନିହାତି ଜରୁରୀ । ନିୟନ୍ତ୍ରଣ କରିବା ଅର୍ଥ ନୁହେଁ, ଆବେଗ ଗୁଡ଼ିକୁ ଅବଦମିତ କରିବା ବା ପ୍ରତିହତ କରିବା । ବରଂ ସେଗୁଡ଼ିକୁ ରଚନାତ୍ମକ ଭାବେ ସୁପରିଚାଳନା କରିବା । ଯୌବନାବସ୍ଥାରେ ଆବେଗ ଗୁଡ଼ିକର ଉପଯୁକ୍ତ ବିକାଶ ନିମନ୍ତେ ନିମ୍ନଲିଖିତ ପଦକ୍ଷେପମାନ ନେବା ଉଚିତ୍ ।

- ସାଧାରଣତଃ କିଶୋର-କିଶୋରୀମାନେ ପ୍ରଶଂସା, ସାମାଜିକ ପ୍ରତିଷ୍ଠା ଓ ଅନୁମୋଦନ ପ୍ରିୟ ଅଟନ୍ତି । ସୁତରାଂ ଅଭିଭାବକ ଓ ଶିକ୍ଷକମାନେ ଏହି ଆକାଂକ୍ଷା ଓ ଅଭିଳାଷକୁ ସମ୍ମାନ ଦେବା ଦିଗରେ ଯତ୍ନବାନ୍ ହେବା ଉଚିତ୍ ।
- ଏହି ବୟସର ପିଲାମାନଙ୍କର ମନସ୍ତତ୍ତ୍ୱକୁ ଅଧ୍ୟୟନ କରି ପିତାମାତା, ଆତ୍ମୀୟ ସ୍ୱଜନ ତଥା ଶିକ୍ଷକମାନେ ସେମାନଙ୍କ ପ୍ରତି ସ୍ନେହ, ଶ୍ରଦ୍ଧା ଓ ଆଦର୍ଶ ଆଚରଣ ପ୍ରଦର୍ଶନ ପୂର୍ବକ ସେମାନଙ୍କର ଦୋଷତ୍ରୁଟି ସଂଶୋଧନ କଲେ ସେମାନେ ଉପଯୁକ୍ତ ମାର୍ଗରେ ପରିଚାଳିତ ହୋଇପାରିବେ ।
- ଜୀବନର ଅଭିଳାଷଗୁଡ଼ିକୁ ସେମାନଙ୍କର ଦକ୍ଷତା ଓ ଆଗ୍ରହ ଅନୁଯାୟୀ ସ୍ଥିର କରିବାକୁ ପରାମର୍ଶ ପ୍ରଦାନ କରିବା ଆବଶ୍ୟକ । ନଚେତ୍ ଅଭିଳାଷ ପୂରଣ କ୍ଷେତ୍ରରେ ସେମାନଙ୍କର ନୈରାଶ୍ୟ ମନୋଭାବ ସୃଷ୍ଟି ହେବ ।
- କିଶୋର-କିଶୋରୀ ମାନଙ୍କର ବ୍ୟକ୍ତିଗତ ପାର୍ଥକ୍ୟକୁ ବିଚାରକୁ ନେଇ ସେମାନଙ୍କର ପ୍ରତିଭାର ଉନ୍ମେଷ ନିମନ୍ତେ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ବହୁବିଧ ପାଠ୍ୟକ୍ରମ ଓ ସହପାଠ୍ୟକ୍ରମ କାର୍ଯ୍ୟାବଳୀର ପ୍ରଚଳନ କରାଯିବା ଦରକାର । ଏଥିପାଇଁ ଶିକ୍ଷା କର୍ତ୍ତୃପକ୍ଷ ଓ ଶିକ୍ଷକମାନେ ଧ୍ୟାନଦେବା ବିଧେୟ ।
- ଉକ୍ତ ବୟସର ଛାତ୍ରଛାତ୍ରୀ ମାନଙ୍କର ଦୁଃଖ, ବିଷାଦ ଓ ବିଫଳତାର କାରଣ ଜାଣିବା ପାଇଁ ପ୍ରତ୍ୟେକ କାର୍ଯ୍ୟକୁ ବାରମ୍ବାର ପରୀକ୍ଷା ଓ ତହିଁରେ ବିଶ୍ଳେଷଣ କରିବା ପାଇଁ ସେମାନଙ୍କୁ ଉତ୍ସାହିତ କରିବା ଦରକାର । ଏଥିସହିତ ଉପଯୁକ୍ତ ଉପାୟ ଅବଲମ୍ବନ କରି ସଫଳତା ଅର୍ଜନ କରିବା ପାଇଁ ପରାମର୍ଶ ପ୍ରଦାନ କରିବା ଉଚିତ୍ ।
- ସାଧାରଣତଃ କିଶୋର- କିଶୋରୀମାନେ ସ୍ୱାଧୀନ ଚେତା ଓ ଆତ୍ମସମ୍ମାନ ଚାହିଁଥା'ନ୍ତି । ତେଣୁ ସେମାନଙ୍କୁ ବିଭିନ୍ନ କଟକଣାରେ ବାନ୍ଧି ରଖିବା ଦ୍ୱାରା ସେମାନଙ୍କର ସ୍ୱାଧୀନତା କ୍ଷୁର୍ଣ୍ଣ ହୁଏ । ଫଳରେ ସେମାନଙ୍କର ବିଦ୍ରୋହ ମନୋଭାବ ସୃଷ୍ଟି ହୁଏ ଓ କ୍ରୋଧଜାତ ହୁଏ । ତେଣୁ ସେମାନଙ୍କୁ ସ୍ୱାଧୀନତା ପ୍ରଦାନ କରିବା ନିତ୍ୟାନ୍ତ ଆବଶ୍ୟକ ।
- ଏହି ବୟସର ପିଲାମାନଙ୍କର ଯୌନ ଓ କାମ ଲାଳସା ଆବେଗକୁ ସୁପରିଚାଳନା ଉଦ୍ଦେଶ୍ୟରେ ସେମାନଙ୍କୁ କ୍ରୀଡ଼ା-କସରତ, କାବ୍ୟ-କବିତା ଲିଖନ, ପତ୍ର-ପତ୍ରିକା ପଠନ, ଚିତ୍ରାଙ୍କନ, ନୃତ୍ୟ ଓ ସଙ୍ଗୀତ ତଥା ସାମାଜିକ କାର୍ଯ୍ୟରେ ନିୟୋଜିତ କରିବା ଦରକାର । ଏହା ସହିତ ଯୌନଶିକ୍ଷା ମାଧ୍ୟମରେ ସଚେତନତା ସୃଷ୍ଟି କରି ଯୌନ ଆବେଗକୁ ଉପଯୁକ୍ତ ମାର୍ଗରେ ନିୟନ୍ତ୍ରଣ କରିବା ଉଚିତ୍ ।

- କୈଶୋର ଅବସ୍ଥାରେ ଛାତ୍ରଛାତ୍ରୀ ମାନଙ୍କର ଆବେଗ ଗୁଡ଼ିକର ସୁନିୟନ୍ତ୍ରଣ ନିମନ୍ତେ ଏବଂ ବିଭିନ୍ନ ଦୁଶ୍ଚିନ୍ତାରୁ ଦୂରେଇ ରଖିବା ପାଇଁ ସେମାନଙ୍କୁ ମହାପୁରୁଷ ମାନଙ୍କ ଜୀବନୀ ସମ୍ପର୍କିତ ଚର୍ଚ୍ଚା, ଦେଶପ୍ରେମ କାର୍ଯ୍ୟର ସଫଳ ଉଦାହରଣର ଉପସ୍ଥାପନ, ଆଧ୍ୟାତ୍ମକ ଅନୁଚିନ୍ତାର ଚର୍ଚ୍ଚା ତଥା ସାମାଜିକ ସମସ୍ୟା ସମ୍ପର୍କିତ ଆଲୋଚନା ଭଳି ବିଭିନ୍ନ କାର୍ଯ୍ୟକ୍ରମରେ ନିୟୋଜିତ କରିବା ଉଚିତ୍ ।
- ଶିକ୍ଷାର୍ଥୀ ମାନଙ୍କର ଆତ୍ମଶୃଙ୍ଖଳା ଜ୍ଞାନର ବିକାଶ ଓ ଆତ୍ମପ୍ରତିଷ୍ଠା କରିବା ପାଇଁ ସ୍ୱାୟତ୍ତଶାସନ ବ୍ୟବସ୍ଥା ବିଦ୍ୟାଳୟରେ ପ୍ରଚଳନ କରାଯିବା ଆବଶ୍ୟକ ।
- ଶିକ୍ଷକମାନଙ୍କର ଆବେଗାତ୍ମକ ବ୍ୟବହାର ଶିକ୍ଷାର୍ଥୀମାନଙ୍କୁ ପ୍ରଭାବିତ କରିଥାଏ । ସୁତରାଂ ଶିକ୍ଷକମାନେ ସେମାନଙ୍କର ଆବେଗାତ୍ମକ ବ୍ୟବହାରକୁ ନିୟନ୍ତ୍ରଣ କରିବା ବିଧେୟ । ଶିକ୍ଷକମାନେ ମଧ୍ୟ ଶୈକ୍ଷିକ କାର୍ଯ୍ୟକଳାପରେ ନିରପେକ୍ଷତା ଅବଲମ୍ବନ କରିବା ଉଚିତ୍ ।

୨.୪.୭ କିଶୋର ଅବସ୍ଥାରେ ସାମାଜିକ ବିକାଶ

ଯୌବନ ବା କୈଶୋର ଅବସ୍ଥା ହେଉଛି ଦ୍ରୁତ ପରିବର୍ତ୍ତନ ଏବଂ ବିଭିନ୍ନ ପରିସ୍ଥିତି ଓ ପରିବେଶ ସହିତ ଖାପଖୁଆଇ ଚଳିବାର ସୋପାନ । ସାମାଜିକ ବିକାଶ କ୍ଷେତ୍ରରେ ଏହି ସୋପାନ ସବୁଠାରୁ ବେଶୀ ଗୁରୁତ୍ୱ ବହନ କରିଥାଏ । ବ୍ୟକ୍ତି ମୁଖ୍ୟତଃ ଏକ ସାମାଜିକ ପ୍ରାଣୀ । ସମାଜ ବ୍ୟାତିରେକ ବ୍ୟକ୍ତିର ସ୍ଥିତିକୁ ପରିକଳ୍ପନା କରିବା ଅସମ୍ଭବ । ସମାଜରେ ସେ ଜନ୍ମନିଏ, କାର୍ଯ୍ୟ ସମ୍ପାଦନ କରେ ଓ ସେହି ସମାଜରେ ହିଁ ତା'ର ପ୍ରଗତି ହୁଏ । ସମାଜରେ ବିଭିନ୍ନ ବ୍ୟକ୍ତି ସଂସ୍ଥା ଓ ପରିସ୍ଥିତି ସହିତ ସମଯୋଜନ ପ୍ରତିଷ୍ଠା କରି ଚଳିବାପାଇଁ ତା'ର ସାମାଜିକ ବିକାଶ ନିତାନ୍ତ ଆବଶ୍ୟକ ।

ଉକ୍ତ ସୋପାନରେ ସାଙ୍ଗସାଥୀମାନଙ୍କର ପ୍ରଭାବ, ସାମାଜିକ ବ୍ୟବହାରରେ ପରିବର୍ତ୍ତନ, ନୂତନ ଦଳଗଠନ, ସାଙ୍ଗସାଥୀ ଚୟନରେ ନୂତନ ମୂଲ୍ୟବୋଧ ଉପରେ ପ୍ରାଧାନ୍ୟ ଇତ୍ୟାଦି ସାମାଜିକ ବିକାଶର ଲକ୍ଷଣମାନ ଦେଖାଯାଏ । ଏହା ଏପରି ଏକ ସମୟ ଯେଉଁଥିରେ ପିତାମାତାମାନଙ୍କର ପ୍ରଭାବ ସେମାନଙ୍କ ଉପରେ ହ୍ରାସ ପାଇଥାଏ ଏବଂ ସାଙ୍ଗସାଥୀମାନଙ୍କର ପ୍ରଭାବ ବେଶୀ ଅନୁଭୂତ ହୁଏ । ପିତାମାତାଙ୍କ ଅପେକ୍ଷା ଅଧିକ ସମୟ ସାଙ୍ଗମାନଙ୍କ ଗହଣରେ ବିତାଇବାକୁ ଚାହିଁଥା'ନ୍ତି । ଯାହାଦ୍ୱାରା କି ସେମାନେ ପିତାମାତାଙ୍କ ପ୍ରଭାବରୁ ମୁକ୍ତ ରହି ସାଙ୍ଗସାଥୀଙ୍କ ଗହଣରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାପାଇଁ ଚାହାଁନ୍ତି । ସେମାନେ ଭାବନ୍ତି ଯେ ସମବୟସର ସାଙ୍ଗମାନେ ହେଉଛନ୍ତି ସେମାନଙ୍କର ବାସ୍ତବ ଦୁନିଆ । ସାଙ୍ଗମାନେ ଯେଉଁ ପ୍ରକାରର ପୋଷାକ ପିନ୍ଧନ୍ତି, ତାହାକୁ ଅନୁକରଣ କରି ପିନ୍ଧିଥାଏ, ଯେଉଁ ଶୈଳୀରେ କଥାବାର୍ତ୍ତା କରନ୍ତି ସେହି ଶୈଳୀରେ ସେ ମଧ୍ୟ କଥାବାର୍ତ୍ତା କରେ ଏବଂ ସେମାନଙ୍କର ଜୀବନ ଶୈଳୀକୁ ସେ ଆଦରି ନେଇଥାଏ । ସହଯୋଗ ମନୋଭାବ ଏହି ସମୟରେ ଶୀର୍ଷ ସୀମାରେ ପହଁଞ୍ଚିଥାଏ । ନିଜ ସାଙ୍ଗସାଥୀ ଦଳ, ସମାଜ ଓ ଦେଶର ସ୍ୱାର୍ଥପାଇଁ ସେ ନିଜର ସ୍ୱାର୍ଥକୁ ଜଳାଞ୍ଜଳୀ ଦେବାକୁ ପ୍ରସ୍ତୁତ ଥାଏ । ଏହି ସମୟରେ ସମବୟସ ପିଲାମାନଙ୍କର ନିକଟତର ହେବାକୁ ଚାହିଁଥାଏ । ଯାହାକି ତାକୁ ସାଙ୍ଗମେଳ ଗଠନ କରିବାକୁ ଅଭିପ୍ରିତ କରାଏ । ବାଲ୍ୟାବସ୍ଥାରେ ବାଳକ ବାଳିକାମାନେ ଯେପରି ସାଙ୍ଗସାଥୀ ଚୟନ କରନ୍ତି, ଉକ୍ତ ସୋପାନରେ କିଶୋର କିଶୋରୀମାନେ ମଧ୍ୟ ସାଙ୍ଗସାଥୀ ଚୟନ କରନ୍ତି । କିନ୍ତୁ ଉକ୍ତ ସୋପାନରେ ସେମାନେ ନିଜର ମନୋବୃତ୍ତି, ଆଗ୍ରହ, ମୂଲ୍ୟବୋଧ ଓ ବ୍ୟକ୍ତିତ୍ୱ ପରି ମନୋବିଜ୍ଞାନ ଭିତ୍ତିକ ଗୁଣଗୁଡ଼ିକୁ ବିଚାରକୁ ନେଇ ସାଥୀ ଚୟନ କରିଥା'ନ୍ତି । ସେମାନେ ମଧ୍ୟ ସାଙ୍ଗସାଥୀ ଚୟନରେ ସମବୟସ ଏବଂ ନିଜ ପରିବାରର ସାମାଜିକ ଓ ଅର୍ଥନୈତିକ ଅବସ୍ଥା ସହିତ ସାମଞ୍ଜସ୍ୟ ଥିବା ପରିବାରର ପିଲାଙ୍କୁ ବିଚାରକୁ ନେଇଥା'ନ୍ତି । ପୁଅମାନେ ଯେ କେବଳ ପୁଅମାନଙ୍କ ସହିତ ସାଙ୍ଗ ହୁଅନ୍ତି ତାହା ନୁହେଁ, ସେମାନେ ମଧ୍ୟ ଝିଅମାନଙ୍କ ସହିତ ବନ୍ଧୁତା ପ୍ରତିଷ୍ଠା କରିଥା'ନ୍ତି । ଝିଅମାନଙ୍କ କ୍ଷେତ୍ରରେ ମଧ୍ୟ ତାହା ପରିଲକ୍ଷିତ ହୁଏ । ସେମାନଙ୍କର ସାମାଜିକ ବିକାଶର ଧାରା ପ୍ରାୟତଃ ଯୌନଗତ ଆବଶ୍ୟକତା ଓ ଇଚ୍ଛାଶକ୍ତି ଦ୍ୱାରା ପ୍ରଭାବିତ ହୋଇଥାଏ ।

ବନ୍ଧୁତା ଓ ସାମାଜିକ ସଫଳତା ଆତ୍ମ ପରିଚୟ ସୃଷ୍ଟି କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରନ୍ତି । ଏହି ଆତ୍ମ ପରିଚୟ ହେଉଛି ସାମାଜିକ ବିକାଶର ଏକ ମୁଖ୍ୟ ସାଧନ । ସାଙ୍ଗସାଥୀ, ଶିକ୍ଷକ, ପଡ଼ୋଶୀ ଏବଂ ସମାଜର ଅନ୍ୟମାନଙ୍କ ସହିତ ସଂସ୍ପର୍ଶରେ ଆସି ତା'ର ଆତ୍ମ ପରିଚୟର ବିକାଶ ଘଟେ । ନିଜ ପିତାମାତାଙ୍କ ବିନା ସାହାଯ୍ୟ ଓ ସହଯୋଗରେ ନିଜର ପରିଚୟ ସୃଷ୍ଟି କରିବାକୁ ଚାହିଁଥାଏ । ଏହା ଫଳରେ ସେମାନେ ନିଜର ବ୍ୟକ୍ତିଗତ ଢଙ୍ଗରେ ଚିନ୍ତା କରିବା ତଥା ନିଜର ଆଦର୍ଶ ଓ ବିଶ୍ୱାସକୁ ସ୍ଥାପନ କରିବାକୁ ସକ୍ଷମ ହୋଇଥା'ନ୍ତି । ଏହି ସୋପାନରେ ଆବେଗର ତୀବ୍ରତା ଅଧିକ ଥାଏ । ଆବେଗାତ୍ମକ ବ୍ୟବହାର ଯୁବକ ଯୁମତୀମାନଙ୍କର ସାମାଜିକ ବ୍ୟବହାରକୁ ପ୍ରଭାବିତ କରେ । ଜଣେ ଯୁବକ ବା ଯୁବତୀ ଅଧିକ ପ୍ରତିକ୍ରିୟାଶୀଳ, ଆଦର୍ଶବାଦୀ ଓ ସମାଜ ସଂସ୍କାରକ ହୋଇଥାଏ । ଅବଶ୍ୟ ଯୁବକମାନଙ୍କ ଅପେକ୍ଷା ଯବତୀମାନେ କମ୍ ପ୍ରତିକ୍ରିୟାଶୀଳ ହୋଇଥା'ନ୍ତି । ଦୁସ୍ଥ, ଗରିବ ଓ ନିର୍ଯାତିତଙ୍କ ପ୍ରତି ସେମାନଙ୍କ ମନରେ ଦୟା ମନୋଭାବ ସୃଷ୍ଟି ହୁଏ । ସାମାଜିକ ଓ ଗୋଷ୍ଠୀଗତ କାର୍ଯ୍ୟପ୍ରତି ସକାରାତ୍ମକ ମନୋଭାବ ପୋଷଣ କରନ୍ତି ।

୨.୪.୮ ସାମାଜିକ ବିକାଶର ଶିକ୍ଷାଗତ ମୂଲ୍ୟ

ବ୍ୟକ୍ତି ହେଉଛି ସମାଜର ଏକ ଅବିଚ୍ଛେଦ୍ୟ ଅଙ୍ଗ । ସାମାଜିକ ଦକ୍ଷତା ଜନ୍ମଗତ ନୁହେଁ । ଜନ୍ମପରେ ଶିଶୁଟି ବିଭିନ୍ନ ବ୍ୟକ୍ତିଙ୍କ ସଂସ୍ପର୍ଶରେ ଆସି ସାମାଜିକ ଦକ୍ଷତାର ବିକାଶଲାଭ କରେ । କୈଶୋର ଅବସ୍ଥାରେ ସାମାଜିକ ବିକାଶର ପରିସର ଅଧିକ ବ୍ୟାପ୍ତ ହୋଇଥାଏ । ସୁତରାଂ ସାମାଜିକ ବିକାଶ ଅଧିକମାତ୍ରାରେ ହୋଇଥାଏ । ସମାଜର ବିକାଶପାଇଁ ସାମାଜିକ ଦକ୍ଷତାର ବିକାଶ ଏକାନ୍ତ ଆବଶ୍ୟକ । ଉକ୍ତ ସୋପାନରେ ଶିକ୍ଷାର୍ଥୀମାନଙ୍କୁ ସାମାଜିକୀକରଣ କରିବା ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ । ଏଥିପାଇଁ ଅଭିଭାବକ ଶିକ୍ଷକମାନେ ନିମ୍ନଲିଖିତ ପଦକ୍ଷେପ ନେବା ବିଧେୟ ।

- ସାମାଜିକ କାର୍ଯ୍ୟକ୍ରମଗୁଡ଼ିକ ଶିକ୍ଷାର୍ଥୀମାନଙ୍କୁ ପରସ୍ପରର ନିକଟତର କରିଥାଏ ଏବଂ ସେମାନଙ୍କଠାରେ ଆତ୍ମୀୟ ଓ ଏକତା ମନୋଭାବ ସୃଷ୍ଟି କରିଥାଏ । ତେଣୁ ବିଦ୍ୟାଳୟମାନଙ୍କରେ ବିଭିନ୍ନ ପର୍ବପର୍ବାଣୀ ଓ ସାଂସ୍କୃତିକ କାର୍ଯ୍ୟକ୍ରମମାନ ପାଳନ କରାଯିବା ଦରକାର । ସେମାନେ ମିଳିତଭାବେ ଏସବୁ କାର୍ଯ୍ୟକ୍ରମଗୁଡ଼ିକୁ ପାଳନ କରିବାଦ୍ୱାରା ସେମାନଙ୍କର ସହଯୋଗ ଓ ସହନଶୀଳତା ପରି ସାମାଜିକ ଦକ୍ଷତାର ବିକାଶ ଘଟିପାରିବ । ଏତଦ୍‌ବ୍ୟତୀତ ଶିକ୍ଷାର୍ଥୀମାନେ ମଧ୍ୟ ନିଜର ଐତିହ, ସଂସ୍କୃତି ଓ ପରମ୍ପରା ବିଷୟରେ ଅବଗତ ହୋଇପାରିବେ ।
- ବିଦ୍ୟାଳୟ ମାନଙ୍କରେ ଖେଳକସରତ, ତର୍କସଭା, ଆଲୋଚନା ଚକ୍ର, ଡ୍ରାମା, ପରିଭ୍ରମଣ ଓ ପ୍ରଦର୍ଶନୀ ପରି ଦଳୀୟ କାର୍ଯ୍ୟକ୍ରମମାନ ଆୟୋଜନ କରାଯିବା ଦରକାର । ଏସବୁ କାର୍ଯ୍ୟାବଳୀ ଦ୍ୱାରା କିଶୋର କିଶୋରୀମାନଙ୍କର ସାମାଜିକ ଦାୟିତ୍ୱବୋଧ ବଢ଼ିବା ସଙ୍ଗେ ସଙ୍ଗେ ସେମାନଙ୍କର ନେତୃତ୍ୱ ଦକ୍ଷତାର ବିକାଶ ଘଟିବ ।
- ବିଦ୍ୟାଳୟ ଓ ଗୋଷ୍ଠୀ ମଧ୍ୟରେ ସୁସମ୍ପର୍କ ପ୍ରତିଷ୍ଠା ହେବା ଦରକାର । ଉକ୍ତ ବୟସର ଶିକ୍ଷାର୍ଥୀମାନଙ୍କୁ ନେଇ ବିଭିନ୍ନ ପ୍ରକାର ଗୋଷ୍ଠୀ ଉନ୍ନୟନ ଜନିତ କାର୍ଯ୍ୟକ୍ରମମାନ ସମ୍ପାଦନ କରିବା ଦରକାର । ନିକଟରେ ଥିବା ଗ୍ରାମ୍ୟସଡ଼କ ଓ ପୁଷ୍କରିଣୀ ସଫା କରିବା, ସ୍ୱେଚ୍ଛାସେବୀ ଭାବେ ଗାଁର ମେଳାରେ ପରିଚାଳନା କାର୍ଯ୍ୟ କରିବା, ଜନଗହଳିପୂର୍ଣ୍ଣ ସ୍ଥାନରେ ଭିଡ଼କୁ ନିୟନ୍ତ୍ରଣ କରିବା ଇତ୍ୟାଦି କାର୍ଯ୍ୟରେ କିଶୋର କିଶୋରୀମାନଙ୍କୁ ନିୟୋଜିତ କରିବା ଦରକାର । ଏହା ଫଳରେ ସେମାନଙ୍କର ଦାୟିତ୍ୱବୋଧର ବିକାଶ ଘଟିପାରିବ । ଏତଦ୍‌ବ୍ୟତୀତ ଶିକ୍ଷାର୍ଥୀମାନେ ମଧ୍ୟ ସାଧାରଣ ଲୋକଙ୍କର ବାସ୍ତବଜୀବନ ସମ୍ପର୍କରେ ଅବଗତ ହୋଇପାରିବେ ।
- ବିଦ୍ୟାଳୟର ବିଭିନ୍ନ କାର୍ଯ୍ୟକ୍ରମ ପରିଚାଳନା ସମୟରେ କିଶୋର-କିଶୋରୀମାନଙ୍କର ମିଳାମିଶାକୁ ବାରଣ ନ କରି ସେମାନଙ୍କ ଉପରେ ସତର୍କ ଦୃଷ୍ଟି ରଖି କାର୍ଯ୍ୟକ୍ରମ ଗୁଡ଼ିକୁ ପରିଚାଳନା କରିବା ଉଚିତ୍ ।

- ବିଦ୍ୟାଳୟ ଓ ମହାବିଦ୍ୟାଳୟମାନଙ୍କରେ ଶିକ୍ଷାର୍ଥୀମାନଙ୍କୁ ଦାୟିତ୍ୱ ସମ୍ପନ୍ନ ନାଗରିକ ରୂପେ ପ୍ରତିଷ୍ଠା କରିବା ଉଦ୍ଦେଶ୍ୟରେ ଶିକ୍ଷାର୍ଥୀ ସହଯୋଗ ସମିତି, କାର୍ଯ୍ୟାଳୟ, ପୁସ୍ତକ ବ୍ୟାଙ୍କ, ଶିକ୍ଷାର୍ଥୀ ପରିଷଦ ଓ ସ୍ୱ-ସରକାର ଗଠନ ବ୍ୟବସ୍ଥା କରାଯିବା ଦରକାର । ସେମାନେ ଏକାଠି ବସି ଏଗୁଡ଼ିକର ପରିଚାଳନା ପାଇଁ ଯୋଜନା ପ୍ରସ୍ତୁତି କରିବେ ଏବଂ ଯୋଜନା ଅନୁସାରେ ସେଗୁଡ଼ିକୁ କାର୍ଯ୍ୟକାରୀ କରିବେ । ଫଳରେ ଭବିଷ୍ୟତ ଜୀବନରେ ବିଭିନ୍ନ ଦାୟିତ୍ୱକୁ ସଫଳଭାବେ ପରିଚାଳନା କରିବାକୁ ସକ୍ଷମ ହେବା ସଙ୍ଗେ ସଙ୍ଗେ ସେମାନଙ୍କର ସାମାଜିକ ଦକ୍ଷତାର ବିକାଶ ଘଟିପାରିବ ।
- ଉପଯୁକ୍ତ ସାମାଜିକ ବିକାଶ ପାଇଁ ବିଦ୍ୟାଳୟରେ ଏକ ଗଣତାନ୍ତ୍ରିକ ପରିବେଶ ସୃଷ୍ଟି ହେବା ଦରକାର । ଶିକ୍ଷକମାନେ ଗଣତାନ୍ତ୍ରିକ ମନୋଭାବ ପୋଷଣ କରିବା ଦରକାର । ଏହା ଫଳରେ ଶିକ୍ଷାର୍ଥୀମାନେ ସ୍ୱାଧୀନ ଚେତା ହୋଇ କାର୍ଯ୍ୟ ସମ୍ପାଦନ କରିପାରିବେ ।
- ନୈତିକତାର ବିକାଶ ସାମାଜିକ ବିକାଶକୁ ପ୍ରଭାବିତ କରିଥାଏ । ତେଣୁ ଶିକ୍ଷକମାନେ ଏ ବୟସର ପିଲାମାନଙ୍କ ନିକଟରେ ନୈତିକ ଆଦର୍ଶ ସମ୍ବଳିତ ବ୍ୟବହାର ପ୍ରଦର୍ଶନ କରିବା ଦରକାର । ଏହାଦ୍ୱାରା ଶିକ୍ଷାର୍ଥୀମାନଙ୍କର ଉତ୍ତମ ସାମାଜିକ ବିକାଶ ସମ୍ଭବ ହୋଇପାରିବ ।
- କିଶୋର-କିଶୋରୀମାନଙ୍କର ଆଗ୍ରହ ଓ ରୁଚି ଅନୁଯାୟୀ ସେମାନଙ୍କୁ ବିଭିନ୍ନ ସାମାଜିକ କାର୍ଯ୍ୟରେ ନିୟୋଜିତ କରାଯିବା ବିଧେୟ ।
- କିଶୋର ବୟସର ଶିକ୍ଷାର୍ଥୀମାନଙ୍କର ସାମାଜିକ ବିକାଶ ପାଇଁ ମହାପୁରୁଷ ଓ ସାମାଜବାଦୀମାନଙ୍କର ଜୀବନୀ ଉପରେ ଆଧାରିତ ବିଷୟବସ୍ତୁକୁ ପାଠ୍ୟକ୍ରମରେ ଅନ୍ତର୍ଭୁକ୍ତ କରାଯିବା ଦରକାର । ଏହାଦ୍ୱାରା ଶିକ୍ଷାର୍ଥୀମାନେ ମହାପୁରୁଷ ଓ ସମାଜସେବୀଙ୍କର ସମାଜ ପ୍ରତି ଥିବା ଅବଦାନକୁ ବୁଝିପାରିବେ ଏବଂ ସେମାନଙ୍କଠାରେ ସାମାଜିକ ଦକ୍ଷତାର ବିକାଶ ଘଟିବ ।

୨.୪.୯ ବୃଦ୍ଧି ଓ ବିକାଶର ଶୈକ୍ଷିକ ତାତ୍ପର୍ଯ୍ୟ :

ଶିକ୍ଷକ, ଶିକ୍ଷାର୍ଥୀ ତଥା ଅଭିଭାବକମାନଙ୍କ ପାଇଁ ବୃଦ୍ଧି ଓ ବିକାଶର ନିୟମ ଓ ବୈଶିଷ୍ଟ୍ୟ ଜାଣିବା ଅତୀବ ଗୁରୁତ୍ୱପୂର୍ଣ୍ଣ । କାରଣ ଶିଶୁର ବିଭିନ୍ନ ବିକଶିତ ପର୍ଯ୍ୟାୟର ଚାହିଦା ଅନୁଯାୟୀ ଶିକ୍ଷା ପ୍ରଣାଳୀ ପ୍ରଚଳନ କରିବା ବିଧେୟ । ବୃଦ୍ଧି ଓ ବିକାଶ ସମ୍ବଳିତ ଜ୍ଞାନ ଜଣେ ଶିକ୍ଷକଙ୍କୁ ନିମ୍ନୋକ୍ତ ଉପାୟରେ ସାହାଯ୍ୟ କରିପାରେ ।

- ଯେହେତୁ ବୃଦ୍ଧି ସମସ୍ତଙ୍କ ପାଇଁ ସମାନ ନୁହେଁ, ଶିଶୁ ଶିଶୁ ମଧ୍ୟରେ ବ୍ୟକ୍ତିଗତ ତାରତମ୍ୟ ରହିବା ସ୍ୱାଭାବିକ । ତେଣୁ ସବୁ ପିଲାଙ୍କୁ ଏକାପ୍ରକାରର ଶିକ୍ଷାଦାନ, ଶିକ୍ଷଣ ପଦ୍ଧତି ପ୍ରଯୁଜ୍ୟ ହୋଇନପାରେ । ତେଣୁ ବ୍ୟକ୍ତି ସ୍ୱାତନ୍ତ୍ର୍ୟ ଶିକ୍ଷଣ ପ୍ରଣାଳୀ (Indivisualised instruction) ର ଆବଶ୍ୟକତା ବହୁତ ବେଶି ଉପଲବ୍ଧି ହୁଏ । ଦକ୍ଷତା ଅନୁଯାୟୀ ଦଳଗଠନ କରି ଶିକ୍ଷାଦାନ ପ୍ରଣାଳୀ ମଧ୍ୟ ବହୁତ ଉପକାରରେ ଆସେ ।

- ଜୀବନର ପ୍ରଥମ ସୋପାନରେ ଦ୍ରୁତବୃଦ୍ଧିର ମଧ୍ୟ ଅନେକ ଶୈକ୍ଷିକ ତାତ୍ପର୍ଯ୍ୟ ରହିଛି । ବିଦ୍ୟାଳୟର ସୁଖଦାୟକ ଓ ଅନୁକୂଳ ବାତାବରଣ ତଥା ଶିକ୍ଷକଙ୍କ ସାହାଯ୍ୟ ଜରିଆରେ ଶିଶୁ ନିଜର ଅନ୍ତର୍ନିହିତ ଶକ୍ତିର ବିକାଶ କରିବାରେ ସମର୍ଥ ହୁଏ ।

- ଶିଶୁର ସ୍ୱତନ୍ତ୍ର ବ୍ୟକ୍ତିତ୍ୱର ବିକାଶ ପରିପ୍ରେକ୍ଷୀରେ ତା'ର ବୃଦ୍ଧି ଓ ବିକାଶକୁ ଲକ୍ଷ୍ୟ କରି ବିଦ୍ୟାଳୟରେ ଅନେକ ନୂତନତା ଭରା କ୍ରିୟାକଳାପର ଅବତାରଣା କରାଯାଇ ଶିଶୁର ଅନ୍ତର୍ନିହିତ ଦକ୍ଷତାର ପରିପ୍ରକାଶ କରି ହେବ ।

- ବ୍ୟକ୍ତିଗତ ତାରତମ୍ୟର ଜ୍ଞାନ ଶିକ୍ଷକଙ୍କୁ ସ୍ୱତନ୍ତ୍ର ଶିକ୍ଷଣ ପଦ୍ଧତି ଅବଲମ୍ବନରେ ସାହାଯ୍ୟ କରିପାରିବ । ସୁତରାଂ ଶିକ୍ଷାର୍ଥୀର ଚାହିଦା ଅନୁଯାୟୀ ଶିକ୍ଷକ ଶିକ୍ଷାଦାନ କରିପାରିବେ ।

- ଯେହେତୁ ପ୍ରତ୍ୟେକ ଶିଶୁର ବିକାଶ ଢାଞ୍ଚା ଭିନ୍ନ ଭିନ୍ନ, ସେହେତୁ ଶିଶୁ ବଢ଼ିଲେ ତା'ର ମାନସିକ ବିକାଶ କିପରି ହେବ ଓ ତଦନୁଯାୟୀ କି ପ୍ରକାର ଶିକ୍ଷା ତା' ପାଇଁ ଉପଯୁକ୍ତ ହେବ, ଏ ବିଷୟରେ କଳନା କରି ହେବ । ଏହା ଶିଶୁର ବ୍ୟବହାରଗତ ଆଚରଣ ନିର୍ଦ୍ଧାରଣ କରିବାରେ ଶିକ୍ଷକଙ୍କୁ ସାହାଯ୍ୟ କରିବ ।

- ବ୍ୟବହାରଗତ ଆଚରଣରେ ପରିବର୍ତ୍ତନ ଶିକ୍ଷଣ ଓ ପରିପକ୍ୱତା ଉପରେ ନିର୍ଭର କରେ । ପରିପକ୍ୱତା ଶିକ୍ଷଣ ପାଇଁ ଆବଶ୍ୟକ ମୂଳଦୁଆର ଭିତ୍ତିଭୂମି । ତେଣୁ ଜୀବନର ପ୍ରାରମ୍ଭ ସମୟରେ ଅଭ୍ୟାସ ଏକ ପ୍ରଧାନ ସ୍ଥାନ ଅଧିକାର କରେ । ଏଭଳି ଅଭ୍ୟାସ ଶିଶୁ ମନରେ ଆତ୍ମ ବିଶ୍ୱାସ ଜନ୍ମାଏ ଓ ଆବଶ୍ୟକୀୟ ଆଗ୍ରହ, ରୁଚି ଓ ଆବେଗ ସୃଷ୍ଟି କରିଥାଏ । ତେଣୁ ଶିକ୍ଷକ ଅଭ୍ୟାସ ଓ କାମକୁ ଶିକ୍ଷଣ-ଶିକ୍ଷାଦାନରେ ପ୍ରାଧାନ୍ୟ ଦିଅନ୍ତି ।

- ଯେହେତୁ ବୃଦ୍ଧି ଓ ବିକାଶ ବଂଶାନୁଗୁଣ ଓ ପରିବେଶର ସମନ୍ୱୟରେ ସଂଘଟିତ ହୁଏ, ଶିଶୁର ବିକାଶ ପାଇଁ ଆବଶ୍ୟକୀୟ ସୁସ୍ଥ ବାତାବରଣ ସୃଷ୍ଟି କରିବା ଏକାନ୍ତ ବିଧେୟ । ତେଣୁ ବିଦ୍ୟାଳୟର ଆନୁଷ୍ଠାନିକ ବାତାବରଣକୁ ସମୃଦ୍ଧ କରିବାକୁ ପଡ଼ିଥାଏ । ଶିକ୍ଷକ ସେହି ଦୃଷ୍ଟିରୁ ବିଦ୍ୟାଳୟର ବାତାବରଣକୁ ଶୃଙ୍ଖଳିତ କରି ଶିଶୁର ଶାରୀରିକ, ମାନସିକ, ସାମାଜିକ ଓ ଆବେଗିକ ବିକାଶ କରିବାରେ ସହାୟକ ହୋଇଥାନ୍ତି ।

ମୁଖ୍ୟ ଅବଧାରଣା :

ବୃଦ୍ଧି ଓ ବିକାଶ

- ବୃଦ୍ଧି ଶାରୀରିକ କିନ୍ତୁ ବିକାଶ ସର୍ବାଙ୍ଗୀନ ଉନ୍ନତିକୁ ବୁଝାଏ ।
- ଆକାରରେ ପରିବର୍ତ୍ତନ ହିଁ ବୃଦ୍ଧି କିନ୍ତୁ କାର୍ଯ୍ୟ ସଂପାଦନରେ ଉନ୍ନତି ହେଉଛି ବିକାଶ ।
- ଜୀବକୋଷ ବହୁଗୁଣିତ ହେବା ବୃଦ୍ଧି କିନ୍ତୁ ବିଭିନ୍ନ ଅଂଶର ସାଙ୍ଗଠନିକ ପରିବର୍ତ୍ତନ ହିଁ ବିକାଶ ।
- ବୃଦ୍ଧି ପରିମାଣାତ୍ମକ କିନ୍ତୁ ବିକାଶ ଉଭୟ ଗୁଣାତ୍ମକ ଓ ପରିମାଣାତ୍ମକ ।
- ବୃଦ୍ଧି ଆଜୀବନ ନୁହେଁ କିନ୍ତୁ ବିକାଶ ମୃତ୍ୟୁ ପର୍ଯ୍ୟନ୍ତ ଘଟିଥାଏ ।
- ବୃଦ୍ଧି ଓ ବିକାଶ ଅଙ୍ଗାଙ୍ଗୀ ଭାବେ ଜଡ଼ିତ ।

ବୃଦ୍ଧିର ନିୟମ

- ବୃଦ୍ଧି ନିରବିଚ୍ଛିନ୍ନ ଓ କ୍ରମାଗତ ।
- ବୃଦ୍ଧିର ହାର ସଦାବେଳେ ସମାନ ନୁହେଁ ।
- ଆଦ୍ୟ ବୟସରେ ବୃଦ୍ଧିର ହାର ଅଧିକ ।
- ବୃଦ୍ଧି ସଦାବେଳେ ସାଧାରଣରୁ ନିର୍ଦ୍ଦିଷ୍ଟକୁ ଅଭିମୁଖୀ
- ସମୁଦାୟ ଭାବେ ଶରୀରର ବୃଦ୍ଧି ଘଟେ ।

ବିକାଶର ନିୟମ

- ବିକାଶ ନିରବଚ୍ଛିନ୍ନ ଓ ଏକ ସ୍ୱତନ୍ତ୍ର ଢାଞ୍ଚାରେ ଘଟେ ।
- ପରିବେଶ ଓ ବଂଶଗତ ପ୍ରାଧାନ୍ୟ ନେଇ ବିକାଶ ଘଟେ ।
- ବିକାଶ ଏକ ଏକୀକରଣ ଓ ବିଭେଦୀକରଣ ପ୍ରକ୍ରିୟା ।
- ବିକାଶ କେତେକ ନିର୍ଦ୍ଦିଷ୍ଟ ସ୍ତର ଦେଇ ଗତିକରେ ।
- ବିକାଶ ବହୁମାତ୍ରାରେ ଶିକ୍ଷଣ ଓ ପରିପକ୍ୱତା ଉପରେ ନିର୍ଭର କରେ ।
- ବିକାଶର ଭବିଷ୍ୟ କଳନା କରିବା ସମ୍ଭବ ।
- ବିକାଶ ଅନେକ କାରକ ଦ୍ୱାରା ପ୍ରଭାବିତ ।

ଆଦ୍ୟ ବାଲ୍ୟାବସ୍ଥା (ଶାରୀରିକ ବିକାଶ)

- ଶାରୀରିକ ବୃଦ୍ଧି ଶୈଶବାବସ୍ଥା ଅପେକ୍ଷା ଧୀର ।
- ମାଂସପେଶୀ ଜନିତ ବୃଦ୍ଧି ବହୁତ ଦୃଷ୍ଟ ।
- ଲାଳଗ୍ରନ୍ଥିରେ ଆଖି ଦେଖାଣିଆ ବୃଦ୍ଧି ।

ମାନସିକ ବିକାଶ

- ମାନସିକ ଆନ୍ତଃକୈନ୍ଦ୍ରିକ ଓ ତତ୍‌କ୍ଷଣିକ ଅନ୍ତର୍ଦୃଷ୍ଟି ସମ୍ବଳିତ ।
- ପେଶୀୟ ବୃଦ୍ଧିରୁ ଯୁକ୍ତିଯୁକ୍ତ ଚିନ୍ତନକୁ ସ୍ଥାନାନ୍ତରିତ ।
- କଥିତ ଭାଷାର ଖୁବ୍ ଶୀଘ୍ର ବିକାଶ ।
- ତଥ୍ୟ ପ୍ରତ୍ୟୟ ସୃଷ୍ଟିର ସୁଯୋଗ ।
- ଶିଶୁ ପ୍ରଶ୍ନ ପଚାରିବା ଆରମ୍ଭ କରେ ।

- ଇନ୍ଦ୍ରିୟଲବ୍ଧ ପ୍ରତ୍ୟକ୍ଷ ଜ୍ଞାନ ଆହରଣ କିନ୍ତୁ ପାର୍ଥକ୍ୟ ଜାଣିପାରେ ନାହିଁ ।
- ସଂରକ୍ଷଣ ତଥ୍ୟର ବିକାଶ ଓ ପ୍ରତୀକ ଖେଳନାର ବ୍ୟବହାର ।

ସାମାଜିକ ବିକାଶ

- ଆତ୍ମକୈନ୍ଦ୍ରିକ ମନୋବୃତ୍ତିରୁ ମନପସନ୍ଦ ମୁତାବକ ପ୍ରାକ୍‌ଦଳ ପର୍ଯ୍ୟାୟକୁ ଉନ୍ନୀତ ।
- ସ୍ୱାଧୀନତା ଚାହେଁ ଓ କର୍ତ୍ତୃତ୍ୱ ଜାହିର ପସନ୍ଦ କରେ ନାହିଁ ।
- ନିଜର ପ୍ରଶଂସା ଓ ପରିଚିତି ଚାହେଁ ।
- ଲିଙ୍ଗ ଭିତ୍ତିକ କାର୍ଯ୍ୟରେ ବିଭେଦତା ଆଣି ଦଳ ଗଠନ କରି କାର୍ଯ୍ୟକରେ ।
- ସାମାଜିକ ଆଚରଣର ଭିତ୍ତିଭୂମି ଗଢ଼ିଉଠେ
- ଭାଗନେଇ ଦଳ ଗଠନ କରେ ।
- ମନୋବୃତ୍ତି ଜରିଆରେ ଅନ୍ୟମାନଙ୍କ ସହ ମିଶେ ।

ଆବେଗିକ ବିକାଶ

- ଏହା ଏକ ଉନ୍ନତ ଧରଣର ଆବେଗିକ ଭରା ବ୍ୟକ୍ତିତ୍ୱର ବିକାଶ ପର୍ଯ୍ୟାୟ ।
- ରାଗ, ଭୟ, ହିଂସା, ବିରକ୍ତି, ସ୍ନେହ ଓ କୌତୁହଳ ଆଦି ବିକାଶର ଉଦ୍ରେକ ହୁଏ ।
- ଆବେଗ ଗୁଡ଼ିକ ବହୁ ମାତ୍ରାରେ ଗଭୀର କ୍ଷଣସ୍ଥାୟୀ ଓ ସଦାସର୍ବଦା ବିକଶିତ ହୁଏ ।
- ଈର୍ଷା ଆବେଗ ଏହି ଅବସ୍ଥାରେ ସାଧାରଣ ଏବଂ ଭୟ ଓ କ୍ରୋଧ ସାଧାରଣତଃ ଘଡ଼ଘଡ଼ି, ଅନ୍ଧାର, ପଶୁ ଓ ନିଜର ଜିନିଷ ନେଇ ହୋଇଥାଏ ।

ଉତ୍ତରାବାଲ୍ୟାବସ୍ଥା

ଶାରୀରିକ ବିକାଶ

- ଧୀରସ୍ଥିର ଓ ମନ୍ଥର ଓ ସମାନ ଧରଣର ଶାରୀରିକ ବୃଦ୍ଧି ।
- ବିକାଶ ଧାରାବାହିକ ଓ ଏକାଧରଣର ।
- ମାଂସ ପେଶୀୟ ଅନୁକୂଳନ ଉନ୍ନତ ଧାରଣର ।
- ଗତି ଉପରେ ନିୟନ୍ତ୍ରଣ ।
- ବାହୁ ଓ ଗୋଡ଼ ଲମ୍ବରେ ବଢ଼େ ।
- ପୁଅ ଓ ଝିଅଙ୍କ ମଧ୍ୟରେ ଭିନ୍ନ ମାନର ଅଭିବୃଦ୍ଧି ଓ ବିକାଶ ।

ମାନସିକ ବିକାଶ

- ଖୁବ୍ କ୍ଷିପ୍ର ଓ ପ୍ରତ୍ୟକ୍ଷ ଜ୍ଞାନ ଆହରଣ ।
- ସଂରକ୍ଷଣ ଓ ଶ୍ରେଣୀ ବିଭାଗ କରଣ ସମ୍ବଳିତ ହୃଦବୋଧ ।
- ଯୁକ୍ତିଯୁକ୍ତ ଚିନ୍ତନର ଅୟମାରମ୍ଭ ।
- ଭାଷା ବିକାଶ ଉନ୍ନତ ।
- ବିଭିନ୍ନ ପ୍ରକାର ରୁଚି, ଅଭିଳାଷ, ସ୍ପଷ୍ଟ ଭାବେ ପ୍ରତୀୟମାନ ।
- ଚିନ୍ତାଶକ୍ତି ଓ ଯୁକ୍ତି ଶକ୍ତିର ବିକାଶ ।

ସାମାଜିକ ବିକାଶ

- ଖେଳ ସାଥୀ ଓ ଦଳଗଠନ ।

- ସ୍ୱୀକୃତି ଓ ସମ୍ମତି ବା ଅନୁମୋଦନ ପାଇଁ ଇଚ୍ଛା ।
- ନେତୃତ୍ୱର ବିକାଶ ।
- ଏକଚାଟିଆ ମନୋବୃତ୍ତିର ମଧ୍ୟ ବିକାଶ ।
- ସାଧାରଣ ସଦାଚାର ପ୍ରତ୍ୟୟର ବିକାଶ ।

ଆବେଗିକ ବିକାଶ

- ଆବେଗିକ ବିକାଶର କେତେକ ଯୁକ୍ତିଯୁକ୍ତ କାରଣ ସହ ବିକାଶ ।
- ପ୍ରେମ୍, ସ୍ନେହ, ଭୟ ଓ ଘୃଣା ଭଳି ଆବେଗିକ ବିକାଶର ସୃଷ୍ଟି ।
- ବାହ୍ୟପ୍ରକାଶରେ କ୍ରମାଗତ ଅବନତି ।
- ସୁଖପ୍ରଦ ଆବେଗର ସୃଷ୍ଟି ।
- ଆବେଗିକ ପ୍ରକାଶ ଜାଜଲ୍ୟମାନ ।
- ପୋଷା ଜିନିଷ ପ୍ରତି ଅନୁରକ୍ତି ।
- ଭାଇ ଭଉଣୀ ମଧ୍ୟରେ ଈର୍ଷା ମନୋଭାବ ସୃଷ୍ଟ ।

କୈଶୋର ଅବସ୍ଥା

- Adolescence ଶବ୍ଦଟି ଲାଟିନ୍ ଭାଷାର "Adolescere" ଶବ୍ଦରୁ ଆସିଛି, ଯାହାର ଅର୍ଥ ହେଉଛି "ପରିପକ୍ୱ ହେବା" ।
- ଏହା ହେଉଛି ବାଲ୍ୟାବସ୍ଥା ଓ ପୌଢ଼ାବସ୍ଥାର ମଧ୍ୟବର୍ତ୍ତି ସୋପାନ ।
- ପ୍ରାୟ ୧୨ ବର୍ଷ ବୟସରୁ ୧୯/୨୦ ବର୍ଷ ବୟସ ପର୍ଯ୍ୟନ୍ତ ବ୍ୟାପ୍ତ ।
- କୈଶୋର ଅବସ୍ଥା ତିନୋଟି ଉପ ସୋପାନରେ ବିଭକ୍ତ ।
- ଏହା ଏକ ଦ୍ରୁତ ବୃଦ୍ଧି ଓ ବିକାଶର ସୋପାନ ଏବଂ ଜୀବନର ଏକ ଗୁରୁତ୍ୱପୂର୍ଣ୍ଣ ସୋପାନ ।
- କୈଶୋର ଅବସ୍ଥା ଏକ ଆଦର୍ଶର ବୟସ ।
- ନୂତନ ଚିନ୍ତାଧାରାର ସୃଷ୍ଟି ହୋଇଥାଏ ।

ଶାରୀରିକ ବୃଦ୍ଧି ଓ ବିକାଶ

- ଦ୍ରୁତ ଶାରୀରିକ ବୃଦ୍ଧି ଓ ବିକାଶ ଘଟେ ।
- ଯୌନଗତ ଲକ୍ଷଣମାନ ଦେଖାଯାଏ ।
- ସୋପାନର ପ୍ରଥମ ପର୍ଯ୍ୟାୟରେ ଝିଅମାନଙ୍କ ଉଚ୍ଚତା ଓଜନ ପୁଅମାନଙ୍କ ଅପେକ୍ଷା ଅଧିକ ହୁଏ, କିନ୍ତୁ ଶେଷ ପର୍ଯ୍ୟାୟରେ ପୁଅମାନେ ଝିଅମାନଙ୍କୁ ଉଚ୍ଚତା ଓ ଓଜନରେ ଟପି ଯାଆନ୍ତି ।
- ସମସ୍ତ ବାହ୍ୟିକ ଓ ଆଭ୍ୟନ୍ତରୀଣ ଅବୟବ ଗୁଡ଼ିକର ପରିପକ୍ୱତା ଏହି ସୋପାନର ଶେଷ ବେଳକୁ ପ୍ରାୟ ପରିସମାପ୍ତି ହୋଇଥାଏ ।

ଶୈକ୍ଷିକ ମୂଲ୍ୟ

- ଶାରୀରିକ ପାର୍ଥକ୍ୟ ଅନୁଯାୟୀ ଶୈକ୍ଷିକ କାର୍ଯ୍ୟକ୍ରମ ଗୁଡ଼ିକ ସ୍ୱତନ୍ତ୍ର ହେବା ଦରକାର ।
- ଶାରୀରିକ ପରୀକ୍ଷା, ଶାରୀରିକ ଶିକ୍ଷା ଓ ସ୍ୱାସ୍ଥ୍ୟ ଶିକ୍ଷା ଆବଶ୍ୟକ ।
- ସୁଷମ ଖାଦ୍ୟ ଓ ପାନୀୟର ଆବଶ୍ୟକ ।

- ଯୌନ ଶିକ୍ଷା ଓ ନୈତିକ ଶିକ୍ଷାର ବ୍ୟବସ୍ଥା ହେବା ଉଚିତ୍ ।
- ବିଭିନ୍ନ ପ୍ରକାର କୁଟୀର ଶିଳ୍ପରେ ନିୟୋଜିତ କରାଇବା ।
- ନିୟମିତ ଖାଦ୍ୟ ଗ୍ରହଣ ଓ ବିଶ୍ରାମ ପାଇଁ ପରାମର୍ଶ ।

ମାନସିକ ବା ବୌଦ୍ଧିକ ବିକାଶ

- ଜଟିଳ ଧରଣର ଭାବନା ଓ ପର୍ଯ୍ୟବେକ୍ଷଣ ଶକ୍ତିର ଯଥେଷ୍ଟ ବିକାଶ ଘଟେ ।
- ସୋପାନର ଶେଷ ବେଳକୁ ଅଧିକାଂଶ ମାନସିକ ବିକାଶର ପରିସମାପ୍ତି ହୋଇଥାଏ । ଅନ୍ତର୍ନିହିତ ଦକ୍ଷତାର ପରିପ୍ରକାଶ ହୋଇଥାଏ ।
- ଏକାଗ୍ରତ ବୃଦ୍ଧି ଯୋଗୁଁ ଅଧିକ ସମୟ କାର୍ଯ୍ୟରେ ମନୋନିବେଶ କରିଥାଏ ।
- ଜଟିଳ ଧରଣର ସମସ୍ୟାଗୁଡ଼ିକୁ ସମାଧାନ କରିବାକୁ ସକ୍ଷମ ହୁଏ ।
- ପରୀକ୍ଷା ନିରୀକ୍ଷା କରି ନିଷ୍ପତ୍ତି ଗ୍ରହଣ କରିଥାଏ ।

ଶୈକ୍ଷିକ ମୂଲ୍ୟ

- ସମସ୍ୟା ଓ ଆବଶ୍ୟକତା ଅନୁଯାୟୀ ମାନସିକ ବିକାଶ ଉପରେ ଗୁରୁତ୍ୱ ଆରୋପ ।
- ସୁସ୍ଥ ପରିବେଶ ଉପରେ ଗୁରୁତ୍ୱ ।
- ସୃଜନଶୀଳ ଦକ୍ଷତା ଓ ବହୁମୁଖୀ ପ୍ରତିଭାର ବିକାଶ ଉପରେ ପ୍ରାଧାନ୍ୟ ।
- ପ୍ରତ୍ୟକ୍ଷ ଅଂଶଗ୍ରହଣ ଓ ବୋଧ ଶକ୍ତି ଉପରେ ଗୁରୁତ୍ୱ ।
- ଚିନ୍ତା ଓ ଜଳ୍ପନା ଶକ୍ତିର ବିକାଶ ପାଇଁ ପରୀକ୍ଷଣ ଓ ପ୍ରକଳ୍ପ ଉପରେ ପ୍ରାଧାନ୍ୟ ।
- ଆଲୋଚନା, ତର୍କ ଓ ପ୍ରତିଦ୍ୱନ୍ଦିତା ଇତ୍ୟାଦି ଉପରେ ଗୁରୁତ୍ୱ ।
- ଶିକ୍ଷାର୍ଥୀମାନଙ୍କୁ ସ୍ୱାଧୀନତା ଦେବା ଦରକାର ।

ଆବେଗାତ୍ମକ ବିକାଶ

- ଯୌବନାବସ୍ଥାର ପ୍ରଥମାର୍ଦ୍ଧ ଓ ମଧ୍ୟଭାଗରେ ଆବେଗ ଉପରେ ନିୟନ୍ତ୍ରଣ ନ ଥାଏ ।
- ଆବେଗ ଅତ୍ୟନ୍ତ ଶକ୍ତିଶାଳୀ ଓ ବିପଜ୍ଜନକ ହୋଇଥାଏ ।
- ଆବେଗ ଗୁଡ଼ିକ ବାରମ୍ବାର ଓ ଖୁବ୍ ଶୀଘ୍ର ପରିବର୍ତ୍ତନ ହୁଏ ।
- ସୋପାନର ଶେଷ ପର୍ଯ୍ୟାୟରେ ଆବେଗ ଉପରେ ନିୟନ୍ତ୍ରଣ ଆସେ ।

ଶୈକ୍ଷିକ ମୂଲ୍ୟ

- କିଶୋର ଓ କିଶୋରୀମାନଙ୍କର ଅଭିଳାଷ ଓ ଆକାଙ୍କ୍ଷା ପ୍ରତି ସମ୍ମାନ ପ୍ରଦାନ ।
- ସ୍ନେହ, ଶ୍ରଦ୍ଧା ଓ ଆଦର୍ଶ ଆଚରଣ ପ୍ରଦର୍ଶନ ଦ୍ୱାରା ଦୋଷ ତ୍ରୁଟି ସଂଶୋଧନ ।
- ଜୀବନର ଅଭିଳାଷ ଗୁଡ଼ିକ ସେମାନଙ୍କର ଦକ୍ଷତା ଓ ଆଗ୍ରହ ଅନୁଯାୟୀ ସ୍ଥିର କରିବାକୁ ପରାମର୍ଶ ।
- ବ୍ୟକ୍ତିଗତ ପାର୍ଥକ୍ୟକୁ ବିଚାର କରି ପାଠ୍ୟକ୍ରମ ଓ ସହ-ପାଠ୍ୟ କ୍ରମ ପ୍ରଚଳନ ଉପରେ ଗୁରୁତ୍ୱ ।
- କିଶୋର ଓ କିଶୋରୀମାନଙ୍କୁ ସ୍ୱାଧୀନତା ପ୍ରଦାନ ।
- ଆବେଗର ସୁପରିଚାଳନା ନିମନ୍ତେ ବିଭିନ୍ନ ସହ ପାଠ୍ୟକ୍ରମ କାର୍ଯ୍ୟରେ ନିୟୋଜିତ କରିବା ।
- ଶିକ୍ଷକମାନେ ନିଜର ଆବେଗାତ୍ମକ ବ୍ୟବହାରକୁ ନିୟନ୍ତ୍ରଣ କରି ଶିକ୍ଷାର୍ଥୀମାନଙ୍କ ନିକଟରେ ଆଦର୍ଶ ହେବେ ।

ସାମାଜିକ ବିକାଶ

- ସାମାଜିକ ଦୃଷ୍ଟିକୋଣରୁ ଏହା ହେଉଛି ଦ୍ରୁତ ପରିବର୍ତ୍ତନ ଏବଂ ବିଭିନ୍ନ ପରିବେଶ ଓ ପରିସ୍ଥିତି ସହିତ ଖାପ ଖୁଆଇ ଚଳିବାର ସୋପାନ ।
- ସାଙ୍ଗସାଥୀଙ୍କର ପ୍ରଭାବ ପିତାମାତାମାନଙ୍କ ଅପେକ୍ଷା ଅଧିକ ଥାଏ ।
- ଦଳୀୟ ମନୋଭାବ ମାତ୍ରାଧିକ ଥାଏ ଓ ଦଳୀୟ ନେତୃତ୍ୱ ନେବାକୁ ଚାହିଁଥାଏ ।
- ଅଧିକାଂଶ ସମୟ ସାଙ୍ଗସାଥୀମାନଙ୍କ ସହ କଟାଇବାକୁ ଚାହେଁ ।
- ନିଜ ସାଙ୍ଗସାଥୀ ଦଳ, ସମାଜ ଓ ଦେଶର ସ୍ୱାର୍ଥ ପାଇଁ ନିଜ ସ୍ୱାର୍ଥକୁ ଜଳାଞ୍ଜଳି ଦେବାକୁ ପ୍ରସ୍ତୁତ ଥାଏ ।
- ଯୌନଗତ ଆବଶ୍ୟକତା ଓ ଇଚ୍ଛା ଶକ୍ତି ଦ୍ୱାରା ପ୍ରଭାବିତ ହୋଇ ଉଭୟ ପୁଅ ଓ ଝିଅ ପରସ୍ପର ସହିତ ସମ୍ପର୍କ ସ୍ଥାପନ କରିଥା'ନ୍ତି ।
- ଆତ୍ମ ପରିଚୟ ପାଇଁ ପ୍ରୟାସ କରେ ।
- ଦୁଃସ୍ଥ, ଗରିବ ଓ ନିର୍ଯ୍ୟାତିତଙ୍କ ପାଇଁ ସମବେଦନା ଜଣାଇବା ।

ଶୈକ୍ଷିକ ମୂଲ୍ୟ

- ବିଦ୍ୟାଳୟରେ ବିଭିନ୍ନ ପର୍ବ ପର୍ବାଣୀ ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ ପାଳନ ।
- ଖେଳ କସରତ, ତର୍କ ସଭା, ଆଲୋଚନା ଚକ୍ର ଭ୍ରମଣ ଓ ପ୍ରଦର୍ଶନୀ ପରି ଦଳୀୟ କାର୍ଯ୍ୟକ୍ରମର ପ୍ରଚଳନ ।
- ଗୋଷ୍ଠୀ ଉନ୍ନୟନ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବା ପାଇଁ ସୁଯୋଗ ଦେବା ।
- ସହଯୋଗ ସମିତି, ପୁସ୍ତକ ଭଣ୍ଡାର ଶିକ୍ଷାର୍ଥୀ ପରିଷଦ ଓ ସ୍ୱ-ସରକାର ଗଠନ ଉପରେ ପ୍ରାଧାନ୍ୟ ।
- ନୈତିକତାର ବିକାଶ ଉପରେ ଗୁରୁତ୍ୱ ।
- ମହାପୁରୁଷ ଓ ସମାଜସେବୀଙ୍କ ଜୀବନୀ ଉପରେ ଆଧାରିତ ବିଷୟବସ୍ତୁକୁ ପାଠ୍ୟକ୍ରମରେ ଅନ୍ତର୍ଭୁକ୍ତ ।

ବୃଦ୍ଧି ଓ ବିକାଶର ଶୈକ୍ଷିକ ତାତ୍ପର୍ଯ୍ୟ

- ଶାରୀରିକ ବୃଦ୍ଧି ଅନୁଯାୟୀ ଆବଶ୍ୟକୀୟ ଚିକିତ୍ସା ପ୍ରଦାନ ।
- ଶିଶୁର ପାରିବାରିକ ଅବସ୍ଥା ବୁଝି ଶିଶୁର ବିକାଶ ପାଇଁ ଉପଦେଶ ପ୍ରଦାନ ।
- ଖେଳ କସରତ ଓ କାରିଗରୀ କାମ ଜରିଆରେ ଶାରୀରିକ ବୃଦ୍ଧିରେ ବିକାଶ ।
- ସାମାଜିକ ବିକାଶ ନିମନ୍ତେ ଭାଷା ଶିକ୍ଷା ଉପରେ ଗୁରୁତ୍ୱ ପ୍ରଦାନ ।
- ଉନ୍ନତ ସାଂସ୍କୃତିକ ପରିବେଶର ସୃଷ୍ଟି ଓ ପାଥେୟ ପ୍ରଦାନ ।
- ଦଳୀୟ ଅଭିଜ୍ଞତା ପୋଷଣ କରିବାରେ ସାହାଯ୍ୟ ପ୍ରଦାନ ।
- ପଡ଼ୋଶୀଙ୍କ ପ୍ରତି ଆଗ୍ରହ, ମନୋଭାବ, କହିବାର ଶୈଳୀ ପ୍ରଭୃତି କ୍ଷେତ୍ରରେ ଯତ୍ନପରୋନାସ୍ତି ଶିକ୍ଷାଦାନ ।
- ସାମାଜିକ ପ୍ରକ୍ରିୟା ବିକାଶ ଦିଗରେ ବିଦ୍ୟାଳୟର ଭୂମିକା ନିର୍ଣ୍ଣୟ ।
- ଦଳର ନେତୃତ୍ୱ ଓ ଆତ୍ମ ବିଶ୍ୱାସ ବୃଦ୍ଧି ପାଇଁ ପ୍ରୋତ୍ସାହନ ପ୍ରଦାନ ।
- ସୃଜନୀ ଶକ୍ତିର ବିକାଶ ପାଇଁ ବିଦ୍ୟାଳୟରେ ଆନୁସଙ୍ଗିକ କାର୍ଯ୍ୟକ୍ରମ ଗ୍ରହଣ ।
- ସାମାଜିକୀକରଣ ଉପରେ ଗୁରୁତ୍ୱ ପ୍ରଦାନ ।
- ବିଦ୍ୟାଳୟରେ ଶିକ୍ଷାର୍ଥୀଙ୍କ ମାନସମ୍ମାନ ରକ୍ଷା ।

— ✿ —

ପ୍ରଶ୍ନାବଳୀ

1. ନିମ୍ନରେ ପ୍ରଦତ୍ତ ପ୍ରତ୍ୟେକ ଉପପ୍ରଶ୍ନ ତଳେ, ତାହାର ଚାରିଟି ବିକଳ୍ପ ଉତ୍ତର ଦିଆଯାଇଛି । ମାତ୍ର ତନ୍ମଧ୍ୟରୁ ଗୋଟିଏ ଉତ୍ତର ହିଁ ଠିକ୍ । ସେହି ଠିକ୍ ଉତ୍ତରଟିକୁ ବାଛି ତୁମ ଉତ୍ତର ଖାତାରେ ଲେଖ ।

(କ) ନିମ୍ନଲିଖିତ କେଉଁ ବୟସ/ପର୍ଯ୍ୟାୟରେ ଏକ ବ୍ୟକ୍ତିର ଅଭିବୃଦ୍ଧି ବଳ ହୋଇଥାଏ ?

(i) ଏକୋଇଶି ବର୍ଷ, (ii) ପରିପକ୍ୱତା

(iii) ପଚାଁଶ ବର୍ଷ (iv) ପ୍ରୌଢ଼ାବସ୍ଥା

(ଖ) ନିମ୍ନଲିଖିତ ବୟସ ସୀମା ମଧ୍ୟରୁ କେଉଁଟି କୈଶୋର ଅବସ୍ଥାର ବୟସ ସୀମାକୁ ସୂଚୀତ କରେ ?

(i) ୧୨ରୁ ୨୧ ବର୍ଷ (ii) ୧୨ରୁ ୨୦ ବର୍ଷ

(iii) ୧୪ରୁ ୨୦ ବର୍ଷ (iv) ୨୦ରୁ ୨୫ ବର୍ଷ ପର୍ଯ୍ୟନ୍ତ

(ଗ) ଶୈଶବାବସ୍ଥାର ବୟସ ସୀମା କେତେ ?

(i) ଜନ୍ମରୁ ତିନିବର୍ଷ ପର୍ଯ୍ୟନ୍ତ (ii) ଜନ୍ମରୁ ୪ ବର୍ଷ ପର୍ଯ୍ୟନ୍ତ

(iii) ୧ରୁ ୩ ବର୍ଷ ପର୍ଯ୍ୟନ୍ତ (iv) ୨ରୁ ୫ ବର୍ଷ ପର୍ଯ୍ୟନ୍ତ

(ଘ) "Adolescence" ଶବ୍ଦଟି କେଉଁ ଲାଟିନ ଶବ୍ଦରୁ ଆସିଅଛି ?

(i) Adolescare (ii) Adolescere

(iii) Adolescent (iv) Adult

(ଙ) ନିମ୍ନଲିଖିତ ମଧ୍ୟରୁ କେଉଁଟିକୁ "ଚାପ ଓ ଗୁରୁତ୍ୱର" ସୋପାନ କୁହାଯାଏ ?

(i) ବାଲ୍ୟାବସ୍ଥା (ii) ଶୈଶବ ଅବସ୍ଥା

(iii) ପୌଢ଼ାବସ୍ଥା (iv) କୈଶୋର ଅବସ୍ଥା

2. ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ପ୍ରାୟ ଗୋଟିଏ ଲେଖାଏଁ ବାକ୍ୟରେ ଦିଅ ।

(i) ଅଭିବୃଦ୍ଧି ଓ ବିକାଶ ମଧ୍ୟରେ ଥିବା ଯେକୌଣସି ଏକ ପାର୍ଥକ୍ୟ ଉଲ୍ଲେଖ କର ।

(ii) କେଉଁ ବୟସରେ ବାଳିକାମାନେ ସାଧାରଣତଃ ପୂର୍ଣ୍ଣ ଶାରୀରିକ ବୃଦ୍ଧି ଲାଭ କରନ୍ତି ।

(iii) ଅଭିବୃଦ୍ଧିର କୌଣସି ଏକ ସାଧାରଣ ନିୟମ ଲେଖ ।

(iv) ଆଦ୍ୟ ବାଲ୍ୟାବସ୍ଥାର ବୟସ ସୀମା ଲେଖ ।

(v) ବୌଦ୍ଧିକ ଅଭିବୃଦ୍ଧି କ'ଣ ?

(vi) ବିକାଶ କହିଲେ କ'ଣ ବୁଝାଏ ?

(vii) ବିକାଶ ପଥରେ ବାଧା ସୃଷ୍ଟି କରୁଥିବା କୌଣସି ଗୋଟିଏ ଉପାଦାନର ନାମ ଲେଖ ।

(viii) କେଉଁ ସୋପାନରେ ଆବେଗଗୁଡ଼ିକ ଅତ୍ୟନ୍ତ ଶକ୍ତିଶାଳୀ ଓ ବିପଦ୍‌ଜନକ ଥା'ନ୍ତି ?

(ix) କୈଶୋର ଅବସ୍ଥାରେ ସାମାଜିକ ବିକାଶର ଯେକୌଣସି ଏକ ମୁଖ୍ୟ ବୈଶିଷ୍ଟ୍ୟ ଉଲ୍ଲେଖ କର ।

(x) ସାଧାରଣତଃ କେଉଁ ବୟସରେ ପୁଅ ଓ ଝିଅମାନେ ଶାରୀରିକ ପରିପକ୍ୱତା ହାସଲ କରନ୍ତି ?

(xi) କେଉଁ ସୋପାନରେ ବୁଦ୍ଧି ଶକ୍ତି ସର୍ବାଧିକ ସ୍ତରରେ ପହଞ୍ଚିଥାଏ ?

(xii) କୈଶୋର ଅବସ୍ଥାରେ ଆବେଗାତ୍ମକ ବିକାଶର ଯେକୌଣସି ଗୋଟିଏ ମୁଖ୍ୟ ବୈଶିଷ୍ଟ୍ୟ ଉଲ୍ଲେଖ କର ।

3. ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ପ୍ରାୟ ଦୁଇଟି ଲେଖାଏଁ ବାକ୍ୟରେ ଦିଅ ।

(i) ବିକାଶର କୌଣସି ଦୁଇଟି ସାଧାରଣ ନିୟମ ଲେଖ ।

(ii) ପିଲାମାନଙ୍କର ସାମାଜିକ ବିକାଶରେ ବିଦ୍ୟାଳୟର ତିନୋଟି ଭୂମିକା ସଂକ୍ଷେପରେ ବୁଝାଅ ।

(iii) ଅଭିବୃଦ୍ଧି ଓ ବିକାଶ ମଧ୍ୟରେ ଥିବା ଯେକୌଣସି ଦୁଇଟି ପ୍ରଭେଦ ଦର୍ଶାଅ ।

(iv) ଆବେଗିକ ବିକାଶ କ'ଣ ? ଏ ପ୍ରକାର ବିକାଶର ଯେକୌଣସି ଦୁଇଟି ଉଦାହରଣ ଦିଅ ।

(v) ଶୈଶବାବସ୍ଥାରେ ବୌଦ୍ଧିକ ବିକାଶ କିପରି ସଂଘଟିତ ହୁଏ ବୁଝାଇ ଲେଖ ।

(vi) କୈଶୋର ଅବସ୍ଥାରେ ଶାରୀରିକ ବୃଦ୍ଧି ଓ ବିକାଶର ଯେକୌଣସି ଦୁଇଟି ମୁଖ୍ୟ ବୈଶିଷ୍ଟ୍ୟ ଲେଖ ।

(vii) କିଶୋରମାନଙ୍କର ମାନସିକ ବିକାଶ କ୍ଷେତ୍ରରେ ବିଦ୍ୟାଳୟର ଯେକୌଣସି ଦୁଇଟି ଭୂମିକା ଉଲ୍ଲେଖ କର ।

(viii) କିଶୋରମାନଙ୍କର ସାମାଜିକ ବିକାଶ କ୍ଷେତ୍ରରେ ଶିକ୍ଷକଙ୍କର ତିନୋଟି ଭୂମିକା ଉଲ୍ଲେଖ କର ।

(ix) କୈଶୋର ଅବସ୍ଥାର ତିନୋଟିଯାକ ଉପସୋପାନର ନାମ ଲେଖ ।

4. ନିମ୍ନଲିଖିତ ପ୍ରତ୍ୟେକ ଉପପ୍ରଶ୍ନର ଉତ୍ତର ଛଅଗୋଟି ବାକ୍ୟରେ ପ୍ରଦାନ କର ।

(i) ମଣିଷର ପାଞ୍ଚ ସ୍ତରୀୟ ବିକାଶ ବୟସ ସୀମା ସହ ଉଲ୍ଲେଖ କର ।

(ii) ଅଭିବୃଦ୍ଧି ଓ ବିକାଶ ମଧ୍ୟରେ ପ୍ରଭେଦ ଦର୍ଶାଅ ।

(iii) ଶିଶୁର ଶାରୀରିକ ଅଭିବୃଦ୍ଧି କିପରି ସାଧିତ ହୁଏ ।

(iv) ବିକାଶ ଓ ଅଭିବୃଦ୍ଧି ମଧ୍ୟରେ ଥିବା ସମ୍ପର୍କଗୁଡ଼ିକ ଆଲୋଚନା କର ।

(v) ବାଲ୍ୟାବସ୍ଥାରେ ସାମାଜିକ ବିକାଶର ବିଭିନ୍ନ ଦିଗ ବିଷୟରେ ଆଲୋଚନା କର ।

(vi) ଶୈଶବ ଅବସ୍ଥାରେ ମାନସିକ ବିକାଶର ବିଭିନ୍ନ ଦିଗଗୁଡ଼ିକ ସମ୍ପର୍କରେ ଆଲୋଚନା କର ।

(vii) କୈଶୋର ଅବସ୍ଥାର ଆବେଗାତ୍ମକ ବିକାଶର ଶୈକ୍ଷିକ ମୂଲ୍ୟ ଗୁଡ଼ିକୁ ସଂକ୍ଷେପରେ ଆଲୋଚନା କର ।

(viii) କୈଶୋର ଅବସ୍ଥାର ଶାରୀରିକ ବୃଦ୍ଧି ଓ ବିକାଶର ଶୈକ୍ଷିକ ମୂଲ୍ୟଗୁଡ଼ିକୁ ସଂକ୍ଷେପରେ ଆଲୋଚନା କର ।

5. ନିମ୍ନଲିଖିତ ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଦିଅ ।

(i) ବୃଦ୍ଧି ଓ ବିକାଶ କ'ଣ ? ବୃଦ୍ଧି ଓ ବିକାଶ ମଧ୍ୟରେ ସାମଞ୍ଜସ୍ୟ ଓ ପ୍ରଭେଦ ଦର୍ଶାଅ ।

(ii) ବିକାଶର ସାଧାରଣ ନିୟମ ଆଲୋଚନା କର ।

(iii) ବିକାଶର ଶୈକ୍ଷିକ ତାତ୍ପର୍ଯ୍ୟ ଆଲୋଚନା କର ।

(iv) ଉତ୍ତର ବାଲ୍ୟାବସ୍ଥାରେ ଶାରୀରିକ ବୃଦ୍ଧି ଓ ବିକାଶର ଲକ୍ଷଣ ଲେଖ ।

(v) ଆବେଗ କ'ଣ ? ଶିଶୁର ଆଦ୍ୟ ବାଲ୍ୟାବସ୍ଥାରେ ଉଦ୍ରେକ ହେଉଥିବା ଆବେଗଗୁଡ଼ିକର ଲକ୍ଷଣ ବର୍ଣ୍ଣନା କର ।

(vi) ସାମାଜିକୀକରଣ କହିଲେ କ'ଣ ବୁଝାଯାଏ ? ଆଦ୍ୟବାଲ୍ୟାବସ୍ଥାରେ ସାମାଜିକ ବିକାଶର ଲକ୍ଷଣ ଲେଖ ।

(vii) ଶୈଶବ ଅବସ୍ଥାର ଶାରୀରିକ ବୃଦ୍ଧି ଓ ବିକାଶ ବର୍ଣ୍ଣନା କର ।

(viii) ଶୈକ୍ଷିକ ମୂଲ୍ୟ ସହିତ କୈଶୋର ଅବସ୍ଥାର ସାମାଜିକ ବିକାଶକୁ ଆଲୋଚନା କର ।

ତୃତୀୟ ଅଧ୍ୟାୟ

ଶିକ୍ଷା ଓ ସମାଜ

(Education & Society)

ଉଦ୍ଦେଶ୍ୟ:

ଏହି ଅଧ୍ୟାୟଟିକୁ ପଢ଼ିବା ପରେ ଶିକ୍ଷାର୍ଥୀମାନେ ନିମ୍ନଲିଖିତ ଦକ୍ଷତାଗୁଡ଼ିକୁ ହାସଲ କରିବେ ।

- ସମାଜ କ'ଣ ତାହା ବ୍ୟାଖ୍ୟା କରିପାରିବେ ।
- ସମାଜ ଓ ବ୍ୟକ୍ତି ପାଇଁ ଶିକ୍ଷାର ଆବଶ୍ୟକତା ସମ୍ବନ୍ଧରେ ବର୍ଣ୍ଣନା କରିପାରିବେ ।
- ସମାଜକୁ ବ୍ୟକ୍ତି-ଉପଯୋଗୀ ଏବଂ ବ୍ୟକ୍ତିକୁ ଶୃଙ୍ଖଳିତ କରିବା ଦିଗରେ ଶିକ୍ଷାକୁ ପ୍ରୟୋଗ କରିପାରିବେ ।
- ଶିକ୍ଷା ଓ ସମାଜ ମଧ୍ୟରେ ଥିବା ସମ୍ପର୍କକୁ ବ୍ୟାଖ୍ୟା କରିପାରିବେ ।
- ସାମାଜିକ ପରିବ ର୍ତ୍ତନର କାହିଁକି ଆବଶ୍ୟକତା ଅଛି ତାହା ବୁଝାଇ ପାରିବେ ।
- ସାମାଜିକ ପରିବ ର୍ତ୍ତନ ଦିଗରେ ଶିକ୍ଷା ଏକ ବଳିଷ୍ଠ ମାଧ୍ୟମ ତାହା ବୁଝାଇ ପାରିବେ ।
- ଭାରତୀୟ ସମାଜରେ ଘଟିଥିବା ପରିବ ର୍ତ୍ତନ ଗୁଡ଼ିକୁ ଅନୁଶୀଳନ କରିପାରିବେ ।
- ସାମାଜିକ ଗତିଶୀଳତାର ଉଦାହରଣ ଦେଇ ପାରିବେ ।
- ନାଗରିକତା ପାଇଁ ଶିକ୍ଷା ଅପରିହାର୍ଯ୍ୟ ଏହା ବର୍ଣ୍ଣନା କରିପାରିବେ ।
- ସାମାଜିକୀ-କରଣ ଦିଗରେ ଶିକ୍ଷାର ଏକାନ୍ତ ଆବଶ୍ୟକ ତାହା ଉଦାହରଣ ମାଧ୍ୟମରେ ବୁଝାଇ ପାରିବେ ।
- ସମାଜର ଅଗ୍ରଗତି ଦିଗରେ ଶିକ୍ଷାକୁ ପ୍ରୟୋଗ କରିପାରିବେ ।
- ସୁନାଗରିକ ହେବାପାଇଁ ଶିକ୍ଷା କିପରି ସାହାଯ୍ୟ କରେ ତାହା ବୁଝାଇ ପାରିବେ ।
- ଲିଙ୍ଗଗତ ସାମ୍ୟତା ଓ ଲିଙ୍ଗଗତ ବୈଷମ୍ୟର ଗୁରୁତ୍ୱକୁ ଉପଲବ୍ଧି କରିପାରିବେ ।
- ପୁରୁଷ ଓ ନାରୀମାନଙ୍କ ମଧ୍ୟରେ ଥିବା ବିଭିନ୍ନତାର କ୍ଷେତ୍ର ବା ପରିସର ଦର୍ଶାଇ ପାରିବେ ।
- ଲିଙ୍ଗଗତ ବୈଷମ୍ୟର କାରଣ ପରିଣାମକୁ ବୁଝାଇ ପାରିବେ ।
- ଲିଙ୍ଗଗତ ବୈଷମ୍ୟର ନିରାକରଣରେ ଶିକ୍ଷାର ଭୂମିକାକୁ ଉଦାହରଣ ଦେଇ ବୁଝାଇ ପାରିବେ ।
- ଜଗତୀକରଣର ଅର୍ଥ ବୁଝାଇ ପାରିବେ ।
- ଶିକ୍ଷା, ଶିକ୍ଷାର୍ଥୀ ଓ ଶିକ୍ଷାୟତନ ଉପରେ ଜଗତୀକରଣର ପ୍ରଭାବ ବର୍ଣ୍ଣନା କରିପାରିବେ ।
- ଶିକ୍ଷା ଉପରେ ଜଗତୀକରଣର ପ୍ରତିକୂଳ ପ୍ରଭାବକୁ ଆଲୋଚନା କାରିପାରିବେ ।

ଶିକ୍ଷା ଓ ସମାଜ

3.0 ସମାଜ କ'ଣ

ସମାଜ କହିଲେ ଏକ ପରିସର, ଯେଉଁଠି ମଣିଷ ଶିଶୁ ଜନ୍ମହୋଇ ବଢ଼ି ଜଣେ ବ୍ୟକ୍ତିରେ ପରିଣତ ହୁଏ । ଏହି ପରିସରର ମୁଖ୍ୟତଃ ଦୁଇଟି ଭାଗ ରହିଛି । ପ୍ରଥମଟି ହେଉଛି ସ୍ଥୂଳଭାଗ, ଯାହା ମଣିଷର ଶାରୀରିକ ଆବଶ୍ୟକତା ଗୁଡ଼ିକର ପରିପୂରଣ ପାଇଁ ଉପାଦାନ ଯୋଗାଏ । ଦ୍ୱିତୀୟଟି ସୂକ୍ଷ୍ମଭାଗ, ଯେଉଁଥିରୁ ଖାଦ୍ୟ ସଂଗ୍ରହ କରି ମନ ପରିପୁଷ୍ଟ ହୁଏ ଓ ଅନ୍ତର୍ନିହିତ ପ୍ରତିଭା ବିକଶିତ ହୁଏ । ମଣିଷ ଶିଶୁର ସୁରକ୍ଷା ଓ ଅଭିବୃଦ୍ଧି ପାଇଁ ଅନ୍ୟ ପ୍ରାଣୀଙ୍କ ତୁଳନାରେ ଅଧିକ ସମୟ ଦରକାର ହୋଇଥାଏ । ଏଣୁ ଦୁର୍ବଳ ଶିଶୁକୁ ସୁରକ୍ଷିତ କରି ତାକୁ ବ ୍ରବା ଓ ବଢ଼ିବା ପାଇଁ ସାହାଯ୍ୟ କରିବା ପାଇଁ ସମାଜ ସୃଷ୍ଟି ହୋଇଛି । ସମୟକ୍ରମେ ମଣିଷ ଏକ ସାମାଜିକ ପ୍ରାଣୀରେ ପରିଣତ ହୋଇଛି । ସମାଜକୁ ଦୃଢ଼ ଓ ଦୀର୍ଘସ୍ଥାୟୀ କରିବା ଉଦ୍ଦେଶ୍ୟରେ ସେ ନିଜର ଗୁଣ ଓ ଯୋଗ୍ୟତା ଗୁଡ଼ିକୁ ବିନିଯୋଗ କରିଛି । ବ୍ୟକ୍ତିର ବିକାଶ ଓ ସମାଜର ବିକାଶ ଅଙ୍ଗାଙ୍ଗୀ ଭାବେ ଜଡ଼ିତ ।

ପରିବାର ହେଉଛି ମାନବ ସମାଜର କ୍ଷୁଦ୍ରତମ ଅଣୁ । ପ୍ରାଗୈତିହାସିକ ଯୁଗରେ ମା' ଓ ଶିଶୁର ସମ୍ପର୍କକୁ ଅଧାର କରି ପରିବାର ସୃଷ୍ଟି ହେଲା । ଏଣୁ ତାହା ଥିଲା ମାତୃକୈନ୍ଦ୍ରିକ ପରିବାର । ସମୟକ୍ରମେ ପରିବେଶ ଓ ପରିସ୍ଥିତି ଅନୁଯାୟୀ, ବିଭିନ୍ନ ସମସ୍ୟା ଓ ସମାଧାନର ପନ୍ଥାନୁଯାୟୀ ପରିବାରର ରୂପ ବଦଳିଚାଲିଲା । ଜଳବାୟୁ, ଖାଦ୍ୟସଂଗ୍ରହ ପ୍ରଣାଳୀ, ଭୌଗୋଳିକ ପରିବେଶ ଓ ପରିବ ର୍ତ୍ତନ, ଜୀବିକାରେ ପରିବ ର୍ତ୍ତନ, ନାରୀ ଓ ପୁରୁଷ ମଧ୍ୟରେ ଶ୍ରମ ବିଭାଜନ, ନୂତନ ଉଦ୍ଭାବନ ଓ ଆବିଷ୍କାର, ବ୍ୟକ୍ତିଗତ ସମ୍ପ ି ଓ ରାଷ୍ଟ୍ରର ଉତ୍ପ ି ଆଦି ଦ୍ୱାରା ସମାଜ ପରିବ ର୍ତ୍ତିତ ହେଲା । ସମାଜର ସଂରଚନା ଓ ନୀତିନିୟମ ଅନୁଯାୟୀ ପରିଭାଷା ମଧ୍ୟ ବଦଳିଗଲା । ଆଧୁନିକ ଚିନ୍ତାଧାରା ଅନୁଯାୟୀ ସମାଜ କହିଲେ ବହୁଲୋକ ଓ ବହୁଗୋଷ୍ଠୀଙ୍କର ଏକ ସମ୍ପର୍କର ଗୁଚ୍ଛ ।

ପ୍ରତ୍ୟେକ ସମାଜର କିଛି ନୀତିନିୟମ, ପରମ୍ପରା ଓ ମୂଲ୍ୟବୋଧ ଅଛି । ଯାହା ମଣିଷର, ଆଚାର ଓ ବ୍ୟକ୍ତିତ୍ୱକୁ ପ୍ରଭାବିତ କରେ । ପ୍ରାୟତଃ ବ୍ୟକ୍ତିର ବ୍ୟକ୍ତିତ୍ୱ ଓ ଜୀବନଶୈଳୀ ସାମାଜିକ ବିଚାରଧାରାକୁ ଆଧାର କରିଥାଏ । କେତେକେ କ୍ଷେତ୍ରରେ ସାମାଜିକ ପରମ୍ପରା ଓ ବ୍ୟକ୍ତିଗତ ଜୀବନର ମୂଲ୍ୟବୋଧ ମଧ୍ୟରେ ପ୍ରଭେଦ ଦେଖାଯାଏ ଓ ସେଥିପାଇଁ ସଂଘର୍ଷ ଘଟିଥାଏ । ଏହି କ୍ଷେତ୍ରରେ ଶିକ୍ଷାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଉଦାହରଣସ୍ୱରୂପ ସାମନ୍ତବାଦୀ ସମାଜ ଓ ଗଣତାନ୍ତ୍ରିକ ବ୍ୟକ୍ତି, ଧର୍ମୀୟ ସମାଜ ଓ ଧର୍ମ-ନିରପେକ୍ଷ ବ୍ୟକ୍ତି, ପୁଞ୍ଜିବାଦୀ ସମାଜ ଓ ଶ୍ରମିକର ମାନବିକ ମର୍ଯ୍ୟାଦା ମଧ୍ୟରେ ବେଳେ ବେଳେ ସଂଘର୍ଷ ଦେଖାଯାଏ । ଏହିଭଳି ସଂଘର୍ଷର ପରିସ୍ଥିତିରେ ଶିକ୍ଷା ଏକ ସମାଧାନ ଆଣିପାରେ । ଗ୍ରାମ୍ୟ ସମାଜ ଓ ସହରୀସମାଜ ମଧ୍ୟରେ ଥିବା ପାର୍ଥକ୍ୟକୁ ମଧ୍ୟ ଶିକ୍ଷା କମାଇ ଦେଇପାରେ । ଶିକ୍ଷିତ ବ୍ୟକ୍ତି ତାଙ୍କ ଉଚ୍ଚ ଚିନ୍ତାଧାରା ଓ ସ୍ୱତନ୍ତ୍ର ବିଚାର ଦ୍ୱାରା ସମାଜର ଉନ୍ନତି କରିଥା'ନ୍ତି ।

3.1 ଶିକ୍ଷା ଓ ସମାଜ ମଧ୍ୟରେ ସମ୍ପର୍କ

ବ ର୍ମାନ ଆମେ ଏକବିଂଶ ଶତାବ୍ଦୀରେ ବାସ କରୁଛେ । ଆମର ସମାଜ ଶହଶହ ବର୍ଷଧରି ବଦଳିବା ପରେ ଆଜିର ସ୍ଥିତିରେ ପହ ଞ୍ଚି । ସମାଜ-ପରିବ ର୍ତନ ମୂଳରେ ଯେଉଁସବୁ କାରଣ ରହିଛି ସେଗୁଡ଼ିକ ମଧ୍ୟରେ 'ଶିକ୍ଷା' ଅତି ଗୁରୁତ୍ୱପୂର୍ଣ୍ଣ । ସମାଜବିଜ୍ଞାନୀମାନେ କହନ୍ତି ବ୍ୟକ୍ତିର ଆବଶ୍ୟକତା ହେତୁ ଶିକ୍ଷା ସୃଷ୍ଟି ହୋଇନାହିଁ; ବରଂ ବ୍ୟକ୍ତି ଯେଉଁ ସମାଜର ସଦସ୍ୟ, ସେହି ସମାଜର ଆବଶ୍ୟକତା ଅନୁଯାୟୀ ଶିକ୍ଷା ଆରମ୍ଭ ହୋଇଛି । ଜନ୍ ଡିୱି, ଗ୍ରୀନ, ହର୍ଟନ ଓ ବ୍ୟାଙ୍କସ୍ ଆଦି ଶିକ୍ଷାବିତ୍‌ଙ୍କ ମତରେ– ସମାଜ ପରିବ ର୍ତନଶୀଳ । ଜ୍ଞାନ କେବେହେଲେ ନିରପେକ୍ଷ ନୁହେଁ । ଜ୍ଞାନ ସମାଜର ସ୍ଥିତାବସ୍ଥାକୁ ବଜାୟ ରଖେ ନଚେତ୍ ସମାଜର ପରିବ ର୍ତନ ପାଇଁ ନୂଆ ଦିଗଟିଏ ସ୍ଥିର କରିଦିଏ ।

ଶିକ୍ଷା ଓ ସମାଜ ପରସ୍ପର ଉପରେ ନିର୍ଭରଶୀଳ । ଶିକ୍ଷା ଓ ସମାଜ ପରସ୍ପରର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ନିର୍ଣ୍ଣୟ କରନ୍ତି, ପରସ୍ପରର ମାଧ୍ୟମ ରୂପେ କାର୍ଯ୍ୟ କରନ୍ତି ଓ ଉଭୟେ ଉଭୟକୁ ପ୍ରଭାବିତ କରନ୍ତି । ଶିକ୍ଷାଦ୍ୱାରା ସମାଜ ବଦଳେ । ସମାଜ ଦ୍ୱାରା ନୂତନ ଶିକ୍ଷା ପ୍ରବ ର୍ତିତ ହୁଏ । ସମାଜର ପରମ୍ପରା ଓ ସଂସ୍କୃତି ଶିକ୍ଷା ମାଧ୍ୟମରେ ନୂଆ ପିଢ଼ି ମଧ୍ୟରେ ସ ରିତ ହୁଏ । ଉଦାହରଣତଃ ପ୍ରାଚୀନ ଭାରତରେ ବ୍ରାହ୍ମଣ ମାନଙ୍କ ପାଇଁ ଓ ବୌଦ୍ଧ-ଶ୍ରମଣ ମାନଙ୍କ ପାଇଁ ଅଲଗା ଶିକ୍ଷାନୁଷ୍ଠାନ କାର୍ଯ୍ୟ କରୁଥିଲା । ସେଠାରେ ମୁଖ୍ୟତଃ ଧର୍ମ, ଦର୍ଶନ, ପ୍ରଥା, ପରମ୍ପରା, ଜୀବନ ବ ବାର ଶୈଳୀ ଉପରେ ଶିକ୍ଷା ଦିଆଯାଉଥିଲା । ଏଭଳି ପାରମ୍ପାରିକ ଶିକ୍ଷାଦ୍ୱାରା ବୌଦ୍ଧସମାଜ ଓ ବ୍ରାହ୍ମଣ୍ୟ ସମାଜର ସାମାଜିକ ବ୍ୟବସ୍ଥା ଦୀର୍ଘକାଳ ଯାଏ ପ୍ରାୟତଃ ସ୍ଥିର ରହିଥିଲା । ଲୋକଙ୍କର ଖାଦ୍ୟ, ପାନୀୟ, ବସ୍ତ୍ର ଠାରୁ ଆରମ୍ଭ କରି ଆଚରଣ, ବ୍ୟବହାର, ବିଶ୍ୱାସ ଓ ଧାରଣା ପର୍ଯ୍ୟନ୍ତ ଜୀବନର ମୂଳବିଚାର ଗୁଡ଼ିକ ମୋଟେ ପରିବ ର୍ତିତ ହେଉନଥିଲା । ପ୍ରାଚୀନ ଯୁଗର ପାରମ୍ପାରିକ ଶିକ୍ଷାର ଧ୍ୱଂସାବଶେଷ ସ୍ୱରୂପ ଏବେ ମଧ୍ୟ କେତେକ ଧର୍ମୀୟ ଅନୁଷ୍ଠାନ କେବଳ ଧର୍ମଶିକ୍ଷା ହିଁ ପ୍ରଦାନ କରୁଛନ୍ତି ।

ଶିକ୍ଷାର ଅନେକ ଉପାଦାନ ସମାଜରୁ ଆସେ, ଯେପରିକି ବିଷୟବସ୍ତୁ ବା ପାଠ୍ୟ, ଶିକ୍ଷା ପ୍ରଦାନର ଶୈଳୀ, ଶିକ୍ଷକ, ଶିକ୍ଷା ଉପକରଣ, ମୂଲ୍ୟବୋଧ ଓ ଶିକ୍ଷାନୁଷ୍ଠାନର ପରିବେଶ ଇତ୍ୟାଦି । ହିନ୍ଦୁ ସମାଜର ଶିକ୍ଷାରେ ଗୀତା, ପୁରାଣ ଓ ବେଦ ଆଦି ପାଠ୍ୟ ବିଷୟ ରହିବା ବା ଇସ୍‌ଲାମ ପାଠ୍ୟକ୍ରମରେ କୋରାନ୍‌କୁ ଅନ୍ତର୍ଭୁକ୍ତ କରିବା ସ୍ୱାଭାବିକ । ଏକ ଧର୍ମନିରପେକ୍ଷ ରାଷ୍ଟ୍ରର ଶିକ୍ଷାବ୍ୟବସ୍ଥାରେ କୌଣସି ଧର୍ମକୁ ଉତ୍କୃଷ୍ଟ ବା ନିକୃଷ୍ଟ ଦର୍ଶାଇବା ଭଳି ପାଠ୍ୟକ୍ରମ ରହେନାହିଁ । ଧର୍ମ-ନିରପେକ୍ଷ ଶିକ୍ଷାନୁଷ୍ଠାନରେ କୌଣସି ଧର୍ମର ଚିହ୍ନ ରହେନାହିଁ । ଉଦାହରଣସ୍ୱରୂପ ତୁର୍କୀ ସାଧାରଣତନ୍ତ୍ର ଏକଦା ଧର୍ମନିରପେକ୍ଷ ରାଷ୍ଟ୍ର ଥିବାରୁ ଏହାର ସ୍କୁଲ୍ କଲେଜରେ 'ହିଜବ୍' ବା ଝିଅମାନଙ୍କର ମୁଣ୍ଡ ଓ ସମ୍ମୁଖ ଭାଗକୁ ଘୋଡ଼ାଇ ରଖିବାର ଧର୍ମୀୟ ପ୍ରଥାକୁ ନିଷେଧ କରାଯାଇଥିଲା । ସମ୍ପ୍ରତି ଇଟାଲୀର କେତେକ ବିଦ୍ୟାଳୟରେ କ୍ରୁଶ ଚିହ୍ନ ରହିଥିବାରୁ ଏହା ବିରୁଦ୍ଧରେ ଆନ୍ଦୋଳନ ଆରମ୍ଭ ହୋଇଛି । ଭାରତରେ ଅତୀତର ସାମାଜିକ ବିଚାର ଅନୁଯାୟୀ କଠୋର ପରିଶ୍ରମ ଓ ବେତ ପ୍ରହାରରେ ପିଲାଙ୍କୁ ଶିକ୍ଷା ଦିଆଯାଉଥିଲା । ବୈଜ୍ଞାନିକ ବିଚାର ଓ ଶିଶୁ ମନସ୍ତ ତ୍ତ୍ୱ ଉପରେ ଆଧାରିତ ବ ର୍ତମାନର ଶିକ୍ଷାକୁ ଦଣ୍ଡମୁକ୍ତ କରାଯାଇଛି । ଅତୀତରେ ଅରଣ୍ୟର ଆଶ୍ରମ ଥିଲା ଶିକ୍ଷାର ପରିବେଶ । ବ ର୍ତମାନ ସବୁ ପିଲାଙ୍କର ଶିକ୍ଷା ଅଧିକାର ଥିବାରୁ ଗ୍ରାମ ଓ ସହରର ପ୍ରତି ଜନବସତି ନିକଟରେ ଶିକ୍ଷା ପ୍ରଦାନର ବ୍ୟବସ୍ଥା କରାଯାଇଛି । ଗଣତାନ୍ତ୍ରିକ

ବିଚାର ଅନୁଯାୟୀ ସ୍କୁଲରେ ବହୁ-ଭାଷିକ ଶିକ୍ଷା ବ୍ୟବସ୍ଥା ମଧ୍ୟ ପ୍ରଚଳନ କରାଯାଇଛି । ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତଙ୍କୁ ଶିକ୍ଷା ଦେବାର ବ୍ୟବସ୍ଥା କରାଯାଇଛି ।

3.1.1 ଶିକ୍ଷା ଓ ମାନବ ସମ୍ବଳ

ଶିକ୍ଷା ସମାଜର ଉନ୍ନତି ପାଇଁ ମାନବ-ସମ୍ବଳ ପ୍ରସ୍ତୁତ କରେ । ସମାଜ ମାନବ-ସମ୍ବଳର ଉପଯୁକ୍ତ ବିନିଯୋଗ ନିମନ୍ତେ ସୁଯୋଗ ସୃଷ୍ଟି କରେ । ବର୍ଣ୍ଣ-ବିଭାଜିତ ଓ ଜାତିପ୍ରଥା ନିୟମରେ ଚାଲୁଥିବା ଅତୀତର ଭାରତୀୟ ସମାଜ ପାଇଁ ଶିକ୍ଷା ବ୍ୟବସ୍ଥା ପୂଜା-ପାଠରେ ଦକ୍ଷ ପୁରୋହିତ ଓ ଅସ୍ତ୍ର-ଚାଳନାରେ ସୁଦକ୍ଷ ବୀର ସୃଷ୍ଟି କରୁଥିଲା । ଆଧୁନିକ ଶିକ୍ଷା-ବ୍ୟବସ୍ଥା ଡାକ୍ତର, ଶିକ୍ଷକଙ୍କଠାରୁ ଆରମ୍ଭ କରି ବ୍ୟବସାୟ, ରାଜନୀତି, କମ୍ପ୍ୟୁଟର ବିଜ୍ଞାନ ଆଦି ବିଭିନ୍ନ ଦକ୍ଷତା ହାସଲ୍ କରୁଥିବା ମାନବ-ସମ୍ବଳ ସୃଷ୍ଟି କରୁଛି ।

ଶିକ୍ଷା ଓ ସମାଜ ମଧ୍ୟରେ ଦ୍ୱନ୍ଦ୍ୱର ଅନେକ ଉଦାହରଣ ମଧ୍ୟ ରହିଛି । ସ୍ୱାଧୀନତା ପୂର୍ବବ ୀ ସମୟରେ ବ୍ରିଟିଶ୍ ସରକାରଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଶିକ୍ଷାକୁ ଭାରତୀୟ ସମାଜ ଦୃଢ଼ ବିରୋଧ କରିଥିଲା । ନାରୀ ଶିକ୍ଷାର ପ୍ରଚଳନକୁ କଠୋର ସମାଲୋଚନା କରାଯାଉଥିଲା । ଆଧୁନିକ ଯୁଗରେ ମଧ୍ୟ କୈଶୋର ଶିକ୍ଷା ବିରୁଦ୍ଧରେ ସାମାଜିକ ପ୍ରତିକ୍ରିୟା ପ୍ରକଟିତ ହୋଇଛି ।

3.1.2 ସାମାଜିକ ପରିବ ର୍ତ୍ତନ ଓ ସାମାଜିକ ନିୟନ୍ତ୍ରଣ ପାଇଁ ଶିକ୍ଷା

ପରିବ ର୍ତ୍ତନ ହେଉଛି ପ୍ରକୃତିର ନିୟମ ଓ ଜୀବନର ଲକ୍ଷଣ । ଯେହେତୁ ମଣିଷ ପରିବ ର୍ତ୍ତନଶୀଳ ସେହେତୁ ମଣିଷ ସୃଷ୍ଟ ସମାଜ ମଧ୍ୟ ପରିବ ର୍ତ୍ତନଶୀଳ । ସାମାଜିକ ପରିବ ର୍ତ୍ତନ ଦୁଇ ପ୍ରକାରର ରହିଛି– ପ୍ରଥମତଃ ଅଗ୍ରଗତି ଓ ଦ୍ୱିତୀୟଟି ପଶ୍ଚାତଗତିରେ ପରିବ ର୍ତ୍ତନ । ସମାଜ ଯେତେବେଳେ ନିଜକୁ ଉନ୍ନତି ଓ ବିକାଶର ମାର୍ଗରେ ପରିବ ର୍ତ୍ତିତ କରିବାକୁ ଚେଷ୍ଟା କରେ ଓ ଏଥିପାଇଁ ଶିକ୍ଷାକୁ ବ୍ୟବହାର କରେ, ତାହାକୁ ଅଗ୍ରଗତି କୁହାଯାଏ । ଶିକ୍ଷା ମାଧ୍ୟମରେ ବୈଜ୍ଞାନିକ ଚିନ୍ତାଧାରାର ବିକାଶ ହୁଏ ଓ ସମାଜର ନୀତିନିୟମ, ପରମ୍ପରା, ବିଶ୍ୱାସ ଓ ଧାରଣାଗୁଡ଼ିକୁ ବିଶ୍ଳେଷଣ କରାଯାଏ, କ୍ଷତିକାରକ ପ୍ରଥା ବା ପରମ୍ପରାକୁ ନିଷେଧ କରାଯାଏ । ଏହା ହେଉଛି ସମାଜର ବିକାଶର ଲକ୍ଷଣ । ଉଦାହରଣସ୍ୱରୂପ ଏକଦା ନାରୀଙ୍କୁ ଶିକ୍ଷାରୁ ବ ିତ କରି ରଖିବା, ଅସୂର୍ଯ୍ୟଂ ପଶ୍ୟା କରି ରଖିବା ଆମ ସମାଜର ଆଦର୍ଶ ଥିଲା । ସ୍ୱାଧୀନତା ପୂର୍ବରୁ ନାରୀଶିକ୍ଷାର ପ୍ରଚଳନ କରାଗଲା । ଶିକ୍ଷିତା ନାରୀ ଗଣତାନ୍ତ୍ରିକ ପ୍ରକ୍ରିୟାରେ ଭାଗନେଲେ ଓ ବିଭିନ୍ନ କ୍ଷେତ୍ରରେ ସକ୍ରିୟ ଯୋଗଦାନ ଦେଲେ । ନାରୀଶିକ୍ଷା ଦ୍ୱାରା ସମାଜର ନିମ୍ନଲିଖିତ ପରିବ ର୍ତ୍ତନ ଗୁଡ଼ିକ ସମ୍ଭବ ହେଲା–

(୧) ଶିଶୁ ଜନ୍ମହାର ଓ ଶିଶୁ ମୃତ୍ୟୁହାର କମିଛି ।

(୨) ସାକ୍ଷରତା ହାର ବଢ଼ିଛି ।

(୩) ପରିବାରର ଆୟ ବଢ଼ିବା ଦ୍ୱାରା ଦାରିଦ୍ର୍ୟ କିଛି ପରିମାଣରେ କମିଛି ।

(୪) ରୋଗକୁ ଦେବୀ ବା ଠାକୁରାଣୀ କହିବା ଠାରୁ ଭୂତ, ପ୍ରେତ ଆଦି ଅନ୍ଧବିଶ୍ୱାସର ବହୁ ପରିମାଣରେ କମିଛି ।

(୫) ଏକକ ପରିବାର, ବ୍ୟକ୍ତିବାଦ, ନଗର ସଭ୍ୟତା ଦୃଢ଼ ହୋଇଛି ।

(୬) ପୁରୁଷର ଏକାଧିକାର ଭଳି ଅଗଣତାନ୍ତ୍ରିକ ମୂଲ୍ୟବୋଧର ଧାରା ବ୍ୟାହତ ହୋଇଛି ।

(୭) ବୈଜ୍ଞାନିକ ମନୋଭାବର ପ୍ରସାର ଘଟିଛି । ଇତ୍ୟାଦି ଇତ୍ୟାଦି

ଊନବିଂଶ ଶତାବ୍ଦୀରେ ପାଶ୍ଚାତ୍ୟ ଶିକ୍ଷାର ପ୍ରସାର ଦ୍ୱାରା ଏକ ନୂତନ ବିଚାରଧାରା ଭାରତୀୟ ସମାଜର ପ୍ରବାହିତ ହୋଇଥିଲା । ତର୍କବାଦ, ମାନବିକତା, ଗଣତନ୍ତ୍ର, ମାନବିକ ମର୍ଯ୍ୟାଦା ଓ ଅଧିକାର, ସାର୍ବଭୌମତା ଆଦି ଭାରତର ଜାତି-ବିଭାଜିତ, ସାମନ୍ତବାଦୀ ସମାଜକୁ ପ୍ରଭାବିତ କରିଥିଲା । ଏହି ବିଚାରଧାରା ଭାରତୀୟମାନଙ୍କୁ ନିଜ ସମାଜର ଦୋଷଗୁଣ ଗୁଡ଼ିକୁ ବିଶ୍ଳେଷଣ କରିବାର ପ୍ରେରଣା ଦେଲା । ଏଣୁ ସେ ସମୟରେ ବ୍ରାହ୍ମସମାଜ, ଆର୍ଯ୍ୟସମାଜ, ପ୍ରାର୍ଥନାସମାଜ ଆଦି ଅନୁଷ୍ଠାନ ଗୁଡ଼ିକ ସମାଜ ପରିବର୍ତ୍ତନ ଦିଗରେ କାମ କଲେ । ସତୀପ୍ରଥାର ବିଲୋପ, ନରବଳି, ଶିଶୁ ହତ୍ୟାର ଉଚ୍ଛେଦ, ବିଧବା-ବିବାହ ଆଇନ୍ ପ୍ରଚଳନ କରାଗଲା । ନାରୀକୁ ସମାଜର ଜଣେ ସଦସ୍ୟ ରୂପେ ସ୍ୱୀକୃତି ଦେବା ଓ ଭାରତର ନାଗରିକ ରୂପେ ଗଣିବା ଭଳି ଦୁଇଟି ମୁଖ୍ୟ ପରିବର୍ତ୍ତନ ଭାରତୀୟ ସମାଜରେ ସଂଘଟିତ ହେଲା ।

ଭାରତୀୟ ସମାଜରେ ଜାତିପ୍ରଥା ଏକ ବହୁ ପ୍ରାଚୀନ ପରମ୍ପରା । ଜଣେ ଯେଉଁ ଜାତିରେ ଜନ୍ମ ହୋଇଥାଏ ସେହି ଅନୁସାରେ ତା'ର ସାମାଜିକ ସ୍ତର ନିର୍ଦ୍ଧାରିତ ହୋଇଆସିଛି ଓ ସେହି ଅନୁସାରେ ତାକୁ ସମ୍ପତ୍ତି, ବୃତ୍ତି, ଧର୍ମ ଓ ନୈତିକ ଅଧିକାର ମିଳିଛି । ଏହାଦ୍ୱାରା ସମାଜର ସଦସ୍ୟ ମାନଙ୍କର ଅଧିକାର, କର୍ତ୍ତବ୍ୟ ଓ ତ୍ରୁଟି ପାଇଁ ଦଣ୍ଡନୀତିରେ ମଧ୍ୟ ବୈଷମ୍ୟ ରହିଛି । ମଣିଷକୁ ଉଚ୍ଚ ବା ନୀଚ ସ୍ତରର ବୋଲି ବିଚାର କରାଯାଇ ଆସିଛି । ଏସବୁ ଚିନ୍ତାଧାରା ଗଣତାନ୍ତ୍ରିକ ବିଚାରର ପରିପନ୍ଥୀ । ପାଶ୍ଚାତ୍ୟ ଶିକ୍ଷାର ପ୍ରଭାବ ହେତୁ ଗଣତାନ୍ତ୍ରିକ ବିଚାର ପ୍ରସାରିତ ହୋଇଛି ଓ ଶିକ୍ଷିତ ଗୋଷ୍ଠୀ ଜାତିପ୍ରଥାର କ୍ଷତିକାରକ ପ୍ରଭାବରୁ କିଛି ପରିମାଣରେ ମୁକ୍ତ ହୋଇଛନ୍ତି । ଯେପରିକି ଜାତିପ୍ରଥା ଅନୁଯାୟୀ କୌଳିକ ବୃତ୍ତିରେ ରହିବାର ବାଧ୍ୟବାଧକତା ନାହିଁ । ବିଭିନ୍ନ ଜାତି ଓ ବିଭିନ୍ନ ଧର୍ମ ମଧ୍ୟରେ ବିବାହ ସମ୍ଭବ ହୋଇଛି ଇତ୍ୟାଦି । ସାମାଜିକ ପରିବର୍ତ୍ତନ ଦିଗରେ ଶିକ୍ଷାର ଭୂମିକାକୁ ନିମ୍ନ ପ୍ରକାରେ ବୁଝାଯାଇପାରିବ–

(୧) ସଂସ୍କୃତିରେ ପରିବର୍ତ୍ତନ

(୨) ପରିବେଶର ନିୟନ୍ତ୍ରଣ

(୩) ମୂଲ୍ୟବୋଧର ପ୍ରସାର

(୪) ମାନବ-ସମ୍ବଳ ସୃଷ୍ଟି

(୫) ଲିଙ୍ଗ-ବୈଷମ୍ୟ ଓ ଜାତି-ପ୍ରଥାର ନ-କାରାତ୍ମକ ପ୍ରଭାବ ହ୍ରାସ

(୬) ଧର୍ମୀୟ ମୌଳବାଦ ଓ ଅସହିଷ୍ଣୁତାକୁ ଦୁର୍ବଳ କରୁଛି

(୭) ସାମ୍ପ୍ରଦାୟିକ ହିଂସା ଭଳି କ୍ଷତିକାରକ ଘଟଣାର ହ୍ରାସ

(୮) ବିଶ୍ୱରେ ସଂଗଠିତ ସାମାଜିକ ସମସ୍ୟା ଓ ପରିବ ର୍ନ ବିଷୟରେ ଜ୍ଞାନ ଓ ସଚେତନତା ସୃଷ୍ଟି

(୯) ରାଜନୀତି, ଧର୍ମନୀତି, ଅର୍ଥନୀତି, ବିଜ୍ଞାନ ଆଦିର ପ୍ରଭାବ ଓ ପ୍ରତିକ୍ରିୟା ସମ୍ବନ୍ଧରେ ସଚେତନ କରିବା ।

(୧୦) ସର୍ବୋପରି ଶିକ୍ଷାର୍ଥୀ ଭିତରେ ଏବ ବିଶ୍ଳେଷଣାତ୍ମକ ମନ ବା ସାମର୍ଥ୍ୟ ତିଆରି କରୁଛି ଯାହାଦ୍ୱାରା ଯେ କୌଣସି ଉପାଦାନ ସମାଜ ପାଇଁ ହିତକର କି କ୍ଷତିକାରକ ତାହା ସେ ଜାଣିପାରିବ ଓ ଜୀବନ ଶୈଳୀରେ ପରିବ ର୍ନ ଆଣିପାରିବ ।

(୧୧) ବ୍ୟକ୍ତିକୁ ସ୍ୱାବଲମ୍ବୀ କରାଇବାରେ ସାହାଯ୍ୟ କରିଛି ।

ଆଧୁନିକ ଭାରତର ବିଶ୍ୱବିଦ୍ୟାଳୟ ଶିକ୍ଷାକୁ ସାମାଜିକ ପରିବ ର୍ନ ପାଇଁ ଶିକ୍ଷା କହିଲେ ଅତ୍ୟୁକ୍ତ ହେବନାହିଁ ।

3.1.3 ନାଗରିକତା ଓ ସାମାଜିକୀକରଣ ପାଇଁ ଶିକ୍ଷା

ନାଗରିକତ୍ୱ ସଦାସର୍ବଦା ରାଷ୍ଟ୍ର ସହିତ ଜଡ଼ିତ । ପ୍ରତ୍ୟେକ ରାଷ୍ଟ୍ର ତା'ର ସମ୍ବିଧାନରେ ନାଗରିକତ୍ୱର ସଂଜ୍ଞା ଲିପିବଦ୍ଧ କରିଥାଏ । ଜଣେ ବ୍ୟକ୍ତିକୁ ନାଗରିକ ରୂପେ ଗଣିବା ପାଇଁ ସାମ୍ବିଧାନିକ ନୀତିନିୟମ ଅନୁସରଣ କରିବାକୁ ପଡ଼ିବ ।

ଭାରତ ଏକ ଗଣତାନ୍ତ୍ରିକ, ଧର୍ମନିରପେକ୍ଷ ସାଧାରଣତନ୍ତ୍ର ହୋଇଥିବାରୁ ଏହାର ନାଗରିକମାନଙ୍କର କେତେକ ମୌଳିକ ଅଧିକାର ରହିଛି । ଏହା ସହିତ କିଛି କ ର୍ବ୍ୟ ଓ ଦାୟିତ୍ୱ ମଧ୍ୟ ଅଛି । ଯେଉଁ ଶିକ୍ଷା ବ୍ୟକ୍ତି ମଧ୍ୟରେ ନାଗରିକତ୍ୱକୁ ବିକଶିତ କରେ, ତାହାହିଁ ଦେଶପାଇଁ ଉପଯୁକ୍ତ ଶିକ୍ଷା । ଆଧୁନିକ ଭାରତର ଶିକ୍ଷା ନିମ୍ନଲିଖିତ କାର୍ଯ୍ୟଗୁଡ଼ିକ ସାଧନ କରୁଛି–

(୧) ଶିକ୍ଷାର୍ଥୀ ମାନଙ୍କୁ ସାମ୍ବିଧାନିକ ବିଧି ବ୍ୟବସ୍ଥା ସମ୍ବନ୍ଧରେ ସଚେତନ କରାଉଛି । ନିଜର ବ୍ୟକ୍ତିଗତ ଜୀବନରେ ଜଣେ କିଭଳି ଗଣତାନ୍ତ୍ରିକ, ଧର୍ମ-ନିରପେକ୍ଷ ହୋଇପାରିବ, ପ୍ରତ୍ୟେକ ବ୍ୟକ୍ତିର ମୂଲ୍ୟ ବୁଝିପାରିବ ସେ ଆଦର୍ଶ ଶିକ୍ଷାରୁ ମିଳୁଛି ।

(୨) ନାଗରିକ ହିସାବରେ ନିଜର ମୌଳିକ ଅଧିକାର ଓ ଦେଶପ୍ରତି କ ର୍ବ୍ୟ ପରାୟଣତା ସମ୍ବନ୍ଧରେ ଜାଣୁଛି ଓ ସାବ୍ୟସ୍ତ କରୁଛି ।

(୩) ଆମ ସମାଜ ଗଣତାନ୍ତ୍ରିକ କି ନୁହେଁ ତାହା ପରୀକ୍ଷା କରି ନର୍ଣ୍ଣୟ ନେଇପାରୁଛି ।

(୪) ଦେଶର ରାଜନୀତି, ଧର୍ମ, ଶିକ୍ଷା, ଅର୍ଥନୀତି, ପ୍ରଶାସନ ଆଦିକୁ ଗଣତାନ୍ତ୍ରିକ ଓ ଲୋକାଭିମୁଖୀ କରିବା ଦିଗରେ ପଦକ୍ଷେପ ନେବାର ସାମର୍ଥ୍ୟ ଶିକ୍ଷାରୁ ହିଁ ମିଳୁଛି ।

(୫) ସାମ୍ବିଧାନିକ ଅଧିକାର ଉଲ୍ଲଂଘନ ହେଲେ, ସେ କ୍ଷେତ୍ରରେ ବିହିତ ପଦକ୍ଷେପ ନେବାକୁ ଶିକ୍ଷା ତାକୁ ସଶକ୍ତ କରୁଛି ।

(୬) ପ୍ରାଥମିକ ବିଦ୍ୟାଳୟରୁ ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ପ୍ରତି ସ୍ତରରେ ପାଠ୍ୟ ବିଷୟର ଅନ୍ତର୍ନିହିତ ମୂଲ୍ୟବୋଧ ରୂପେ ସାମ୍ବିଧାନିକ ଆଦର୍ଶକୁ ରଖାଯାଇଛି ।

(୭) ଶିକ୍ଷାନୁଷ୍ଠାନ, ଶୈକ୍ଷିକ ପରିବେଶ, ଶିକ୍ଷଣ ପ୍ରକ୍ରିୟାକୁ ସମ୍ବିଧାନ-ଆଦର୍ଶ-ଅଭିମୁଖୀ କରାଯାଇଛି ।

(୮) ଜାତୀୟ ବିକାଶ ପାଇଁ ଯୋଜନା ପ୍ରଣୟନ ପ୍ରକ୍ରିୟାରେ ଜଣେ କିପରି ଯୋଗ ଦେଇପାରିବ ସେ ସମ୍ବନ୍ଧୀୟ ଜ୍ଞାନ, ଦକ୍ଷତା, ସାମର୍ଥ୍ୟ ଓ ବିଚାରବୋଧ ଆମ ଦେଶର ଶିକ୍ଷା ଶିକ୍ଷାର୍ଥୀ ମଧ୍ୟରେ ସୃଷ୍ଟି କରିପାରୁଛି ।

(୯) ଜାତୀୟ ସଂହତି ଲକ୍ଷ୍ୟରେ କାମ କରିବାକୁ ପ୍ରତ୍ୟେକ ଶିକ୍ଷାର୍ଥୀ (ପ୍ରେରିତ ହେଉଛନ୍ତି) ଶିକ୍ଷାରୁ ପ୍ରେରଣା ପାଉଛନ୍ତି । ବହୁଧର୍ମ, ବହୁଭାଷା, ବହୁଜାତି ଓ ବହୁ ସଂସ୍କୃତିର ଦେଶ ଭାରତ । ଏଣୁ ପ୍ରତ୍ୟେକ ନାଗରିକ ପାଇଁ ଜାତୀୟ ସଂହତି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ । ଏହି କାରଣରୁ ଭାରତରେ ରାଜ୍ୟ ଗୁଡ଼ିକର କ୍ଷମତା ତୁଳନାରେ କେନ୍ଦ୍ରର କ୍ଷମତା ଅଧିକ । ସାମ୍ବିଧାନିକ ବ୍ୟବସ୍ଥାକୁ ବୁଝି କାର୍ଯ୍ୟ କରିବା ପାଇଁ ଶିକ୍ଷା ହିଁ ଯୁବ ସମାଜକୁ ଉପଯୁକ୍ତ ନାଗରିକ କରି ଗଢୁଛି ।

3.1.4 ସାମାଜିକୀକରଣ ପାଇଁ ଶିକ୍ଷା

ମନୁଷ୍ୟ ଏକ ପ୍ରାକୃତିକ ସୃଷ୍ଟି ଓ ସମ୍ଭାର । ପ୍ରକୃତି-ସୃଷ୍ଟ ମଣିଷ ଭିତରେ ଅନେକ ପ୍ରବୃ ି ରହିଥାଏ । ତା' ଶରୀରର ଜୀବକୋଷରେ ଥିବା ଗୁଣସୂତ୍ର ଆଧାରରେ ମଣିଷ ଶିଶୁ ଭିତରେ ଅନବରତ ବହୁ ଶାରୀରିକ (ଜୈବିକ) ଓ ମାନସିକ କ୍ରିୟା ପ୍ରତିକ୍ରିୟା ସଂଘଟିତ ହେଉଥାଏ । ସେହି ଅନୁସାରେ ତା'ର ଆଚରଣ ଓ ବ୍ୟବହାର ମଧ୍ୟ ପ୍ରକଟିତ ହୁଏ । କିନ୍ତୁ ମଣିଷର ଜନ୍ମନେବା, ବ ିବା, ଜୀବନର ଲକ୍ଷ୍ୟ ସ୍ଥିରକରି ତଦନୁଯାୟୀ କାର୍ଯ୍ୟ କରିବା, ଏ ସମସ୍ତ ଘଟଣା ତା'ର ଚାରିପାଖର ସମାଜ ଉପରେ ହିଁ ବେଶୀ ପରିମାଣରେ ନିର୍ଭର କରେ । ବିନା ସମାଜରେ ମଣିଷ ବ ି ପାରିବ ନାହିଁ । ଏଣୁ ସେ ସମାଜ ଗଠନ କରିଛି । ସମାଜ-ନିର୍ଦ୍ଧାରିତ ଅନେକ ଗୁଣ ତା'ଠାରେ ବିକଶିତ ହେଲେ ହିଁ ତାକୁ ସାମାଜିକ କୁହାଯିବ । ଏହିସବୁ ସାମାଜିକ ଗୁଣାବଳୀର ବିକାଶ, ସାମାଜିକ ବ୍ୟବହାର ଓ ଚାଲିଚଳଣର ପ୍ରକାଶ ପାଇଁ ଯେଉଁ ଶିକ୍ଷାର ଆବଶ୍ୟକତା ରହିଛି ତାହାକୁ ସାମାଜିକୀକରଣ ପାଇଁ ଶିକ୍ଷା କୁହାଯାଏ । ହସିବା, କାନ୍ଦିବାଠାରୁ ଆରମ୍ଭ କରି ଛୋଟମାନଙ୍କୁ ସ୍ନେହ କରିବା ଓ ବୟସ୍କ ବା ଜ୍ୟେଷ୍ଠ ମାନଙ୍କୁ ସମ୍ମାନ ଜଣାଇବା, ସାମାଜିକ ପର୍ବପର୍ବାଣୀରେ ଭାଗନେବା ବା ଜଟିଳତମ ପରିସ୍ଥିତିରେ ଉପଯୁକ୍ତ ବ୍ୟବହାର ପ୍ରଦର୍ଶନ କରିବା ଭଳି ବହୁ ଦକ୍ଷତା ଶିକ୍ଷାଦ୍ୱାରା ଶିଶୁ ଭିତରେ ସ ିତ ହୁଏ । ସାମାଜିକୀକରଣ ଦିଗରେ ବାପା ମା, ବନ୍ଧୁବାନ୍ଧବ, ପଡ଼ୋଶୀ ଆଦି ଯେତିକି ସାମର୍ଥ୍ୟ ପିଲା ଭିତରେ ସୃଷ୍ଟି କରନ୍ତି, ତାହା ଯଥେଷ୍ଟ ନୁହେଁ । ଶିକ୍ଷା ମାଧ୍ୟମରେ ସାମାଜିକୀକରଣର ଉପାଦାନ ଗୁଡ଼ିକୁ ସଂଗଠିତ କରାଯାଏ । ପାଠ୍ୟପୁସ୍ତକ, ବିଦ୍ୟାଳୟ, ପ୍ରଶିକ୍ଷଣ ଅନୁଷ୍ଠାନ ଓ ଶିକ୍ଷକର ବ୍ୟକ୍ତିତ୍ୱରୁ ମଧ୍ୟ ପିଲା ଏହି ଶିକ୍ଷା ପାଇଥାଏ ।

ନୈତିକ ଶିକ୍ଷା, ମୂଲ୍ୟବୋଧ ଶିକ୍ଷା, ଭାଷାଶିକ୍ଷା, ସାମାଜିକ ପାଠ ବା ସାମାଜିକ ବିଜ୍ଞାନ, ପ୍ରୋଜେକ୍ଟ ପ୍ରସ୍ତୁତି, ବିଦ୍ୟାଳୟ ପରିବେଶ ବିଦ୍ୟାଳୟରେ ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମରୁ ଆହରଣ କରୁଥିବା ଜ୍ଞାନ ଓ ଦକ୍ଷତା ଦ୍ୱାରା ଜଣେ ସମାଜର ଉପଯୁକ୍ତ ସଦସ୍ୟରେ ପରିଣତ ହୁଏ । ସମାଜର ଅଗ୍ରଗତି ଓ ବିକାଶ ଦିଗରେ ଚିନ୍ତାକରେ ଓ ସକ୍ରିୟ ଯୋଗଦାନ କରେ ।

ଶିକ୍ଷା ଓ ସମାଜ ପରସ୍ପର ସହିତ ଏପରି ସଂଯୁକ୍ତ ଯେ, ଜଣେ ଶିକ୍ଷିତ ଓ ସାମାଜିକ ବ୍ୟକ୍ତି, ଗୋଟିଏ ଦିଗରେ ସମାଜସଚେତନ, ମାର୍ଜିତ ଓ ଉନ୍ନତ ବ୍ୟକ୍ତିତ୍ୱର ଅଧିକାରୀ ହୁଅନ୍ତି । ପୁଣି ଅପର ଦିଗରେ ତା'ର ଅନ୍ତର୍ନିହିତ ପ୍ରତିଭାର ବିକାଶ ଘଟେ ଓ ସେ ଏକ ପରିପୂର୍ଣ୍ଣ ବ୍ୟକ୍ତିତ୍ୱରେ ପରିଣତ ହୁଏ । ସମାଜର ଉନ୍ନତି ସାଧନ କରିବା ତା'ର ଏକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ରୂପେ ଗ୍ରହଣ କରେ ।

ଶିକ୍ଷାବିତ୍ ଜେମ୍ସ ବ୍ୟାଙ୍କସ୍‌ଙ୍କ ମତରେ "ଜ୍ଞାନ ନିର୍ମାଣର ଏକ ଗୁରୁତ୍ୱପୂର୍ଣ୍ଣ ଲକ୍ଷ୍ୟ ହେଉଛି ସମାଜର ଉନ୍ନତି ସାଧନ କରିବା ।"

3.1.5 ସାମାଜିକ ଗତିଶୀଳତା ପାଇଁ ଶିକ୍ଷା

ଗତିଶୀଳ ସମାଜ କହିଲେ, ଏହାର ମୁଖ୍ୟ ଦିଗଗୁଡ଼ିକରେ ପରିବର୍ତ୍ତନ ହେଉଥିବ । ପରିବାରର ଗଠନ, ବିଭିନ୍ନ ଜାତି ଓ ଗୋଷ୍ଠୀ ମଧ୍ୟରେ ସମ୍ପର୍କ, ଧର୍ମ, ଭାଷା, ସଂସ୍କୃତି ଓ ଜୀବିକା ଆଦିରେ ପରିବର୍ତ୍ତନ ହେଉଥିବ । ଗୋଟିଏ ପରମ୍ପରାରେ ସମାଜ ବାନ୍ଧିହୋଇ ଗୋଟିଏ ସ୍ଥିତିରେ ଅଚଳ ରହୁନଥିବ । ବରଂ ପରିବେଶ, ପରିସ୍ଥିତି ଅନୁଯାୟୀ ସଂସ୍କୃତିରେ ପରିବର୍ତ୍ତନ ହେଉଥିବ । ଯେପରିକି ଭାରତୀୟ ସମାଜର ଭିତ୍ତିଭୂମି ବିବାହ ବ୍ୟବସ୍ଥା ଏହା ମଧ୍ୟରେ ବଦଳି ସାରିଛି । କେବଳ ଅନ୍ୟଜାତି ନୁହେଁ, ଅନ୍ୟଧର୍ମରେ ବିବାହକୁ ମଧ୍ୟ ବହୁଲୋକ ସ୍ୱୀକୃତି ଦେଉଛନ୍ତି ଓ ଭାରତର ଆଇନ୍ ବ୍ୟବସ୍ଥା ଏହାକୁ ସ୍ୱୀକାର କରିଛି । ସମାଜର ସବୁ ବର୍ଗର ଲୋକଙ୍କର ବିକାଶ ପାଇଁ ପଥ ରହିଥିଲେ, ସମାଜ ଗତିଶୀଳ ହୋଇପାରିବ । ଅଶିକ୍ଷିତ ଓ ଅଳ୍ପ ଶିକ୍ଷିତ ଲୋକେ ଶିକ୍ଷିତ ହୋଇପାରୁଥିବେ । ଦରିଦ୍ର ଲୋକଙ୍କର ଅର୍ଥନୈତିକ ବିକାଶ ହୋଇପାରିବ । ଯେଉଁ ପରମ୍ପରାଗୁଡ଼ିକ ସାମାଜିକ ସଂହତିରେ ବାଧାଦିଏ ତାହାକୁ ସମାଜ ଛାଡ଼ିପାରୁଥିବ । ନୂଆଜ୍ଞାନ, ନୂଆ ବିଚାର, ନୂଆ ଭାଷା-ସଂସ୍କୃତିକୁ ଗ୍ରହଣ କରିପାରୁଥିବ । ବିଶ୍ୱର କୌଣସି ପରମ୍ପରା, ଜୀବନ-ଧାରାକୁ ଉତ୍କୃଷ୍ଟ ବା ନିକୃଷ୍ଟ ନ ଭାବି ଭିନ୍ନ ଓ ସ୍ୱତନ୍ତ୍ର ବୋଲି ସ୍ୱୀକାର କରିବା ହେଉଛି ମୁକ୍ତ ସମାଜର ଲକ୍ଷଣ । ମୁକ୍ତ ସମାଜ ଏକ ପରମ୍ପରାବଦ୍ଧ ସମାଜଠାରୁ ଅଧିକ ଗତିଶୀଳ ।

ଶିକ୍ଷା ଶିଶୁ ଭିତରେ ଏକ ବୈଜ୍ଞାନିକ ମନୋଭାବ ସୃଷ୍ଟି କରେ । ତା'ର ଜ୍ଞାନ, ଦକ୍ଷତା, ବିଚାରକୁ ଶାଣିତ କରେ, ଯଦ୍ୱାରା ସେ ସମାଜକୁ ଅନୁଶୀଳନ କରିପାରେ ଓ ଉପଯୁକ୍ତ ମୂଲ୍ୟବୋଧକୁ ଗ୍ରହଣ କରିପାରେ । ଶିଶୁର ବିକଶିତ ଭାବନା, ପ୍ରତିଭା, ଆକାଂକ୍ଷା ଓ ସଫଳତାର ଆଧାରରେ ସମାଜ ଗତିଶୀଳ ହୁଏ । ଶିଶୁ ଏକ ଶିକ୍ଷିତ, ସଚେତନ, କର୍ମପ୍ରବଣ ବ୍ୟକ୍ତିରେ ପରିଣତ ହୋଇଯାଏ ଓ ସମାଜ-ପରିବର୍ତ୍ତନ ପାଇଁ ମାନବ-ସମ୍ବଳ ରୂପେ କାର୍ଯ୍ୟକରେ । ଅତୀତରେ ଇଂରାଜୀ ଶିକ୍ଷାର ପ୍ରଚଳନ ଭାରତୀୟ ସମାଜକୁ ଗତିଶୀଳ କରିଥିଲା । ଆଧୁନିକ ଭାରତୀୟ ଶିକ୍ଷା ମଧ୍ୟ ଏହି ଦିଗରେ

ଉଦ୍ଦିଷ୍ଟ । ଶିକ୍ଷା ବ୍ୟବସ୍ଥା ଦ୍ୱାରା ଯେତେବେଳେ ନୂଆ ପ୍ରକାରର ବୃ ି ବା ଚାକିରୀ ପାଇଁ ପିଲାମାନଙ୍କୁ ପ୍ରସ୍ତୁତ କରାଯାଉଛି, ତାହାଦ୍ୱାରା ମଧ୍ୟ ପୁରୁଣା ପାରମ୍ପରିକ ଜାତିଆଣ ସମାଜ ବଦଳିଯାଉଛି । ଉଦାହରଣତଃ ବଡ଼ ବଡ଼ ଶିଳ୍ପ, ବ୍ୟାଙ୍କ ଭଳି ଅର୍ଥନୈତିକ ସଂସ୍ଥା, ପର୍ଯ୍ୟଟନ ଭଳି ଚାକିରୀ କ୍ଷେତ୍ର (ସର୍ଭିସ୍ ସେକ୍ଟର), ଅଭିନୟ, ବିଜ୍ଞାପନ, ଟି.ଭି., ସିନେମା, ଗଣମାଧ୍ୟମ ଭଳି ସଂସ୍ଥା ଗୁଡ଼ିକରେ ଯଉଁ ପ୍ରଶିକ୍ଷିତ ଯୁବଗୋଷ୍ଠୀ କାର୍ଯ୍ୟ କରୁଛନ୍ତି ସେମାନେ ପାରମ୍ପାରିକ ବିଚାରରୁ ଉର୍ଦ୍ଧ୍ୱକୁ ଉଠିବା ଦରକାର ହେଉଛି । ଶିକ୍ଷା ବିଭିନ୍ନ ବୃ ି ସୃଷ୍ଟି କରିଛି । ସେହି ବୃ ିରେ ନିୟୋଜିତ ହେବାପାଇଁ ପିଲାଙ୍କୁ ପ୍ରଶିକ୍ଷିତ କରୁଛି । ଫଳସ୍ୱରୂପ ସମାଜ ବହୁମୁଖୀ ଉଦ୍ଦେଶ୍ୟ ନେଇ ଗତି କରୁଛି ।

ଏଣୁ ଶିକ୍ଷା ମୂଲ୍ୟବୋଧରେ ପରିବ ର୍ତ୍ତନ ଆଣୁଛି । କାର୍ଯ୍ୟ ଦକ୍ଷତାରେ ପରିବ ର୍ତ୍ତନ ଆଣୁଛି ଓ ଏସବୁର ପ୍ରଭାବ ହେତୁ ସମାଜ ବଦଳୁଛି ।

●

3.1.6 ସାମାଜିକ ନିୟନ୍ତ୍ରଣ ପାଇଁ ଶିକ୍ଷା

ସାମାଜିକ ନିୟନ୍ତ୍ରଣ ଦିଗରେ ଶିକ୍ଷାର ଯେଉଁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ରହିଛି, ତାହାକୁ ଅନ୍ୟ କୌଣସି ମାଧ୍ୟମରେ ହାସଲ କରାଯାଇପାରିବ ନାହିଁ । ସେଗୁଡ଼ିକ ହେଉଛି–

(୧) ସମାଜର ମୌଳିକ ମୂଲ୍ୟବୋଧ ଗୁଡ଼ିକ ଶିକ୍ଷା ମାଧ୍ୟମରେ ପ୍ରସାରିତ କଲେ, ଶିଶୁମାନେ ଅସାମାଜିକ ବିଚାର ଓ ଆଚରଣରୁ ମୁକ୍ତ ରହିପାରିବେ ।

(୨) ସାମାଜିକ ସଂହତି ରହିପାରିବ ।

(୩) ସାମାଜିକ ସମ୍ବଳ ଗୁଡ଼ିକ ସମାଜର ସବୁ ବର୍ଗଙ୍କର ଆବଶ୍ୟକତା ଅନୁଯାୟୀ କାର୍ଯ୍ୟରେ ଲାଗିପାରିବ । ସବୁ ଗୋଷ୍ଠୀର ଲୋକେ ଶିକ୍ଷିତ, ସଚେତନ ଓ ଉପାର୍ଜନକ୍ଷମ ହୋଇପାରିଲେ ସାମାଜିକ ସମ୍ବଳର ସୁବିନିଯୋଗ ହୋଇପାରିବ ।

(୪) ସ୍ୱଚ୍ଛଳ, ଧନୀ ବା ଶକ୍ତିଶାଳୀ ଲୋକଙ୍କ ଦ୍ୱାରା ଦରିଦ୍ର ଓ ଦୁର୍ବଳ ଗୋଷ୍ଠୀଙ୍କ ଉପରେ ହେଉଥିବା ଶୋଷଣ କେବଳ ଶିକ୍ଷା ଦ୍ୱାରା ହିଁ ନିୟନ୍ତ୍ରିତ ହୋଇପାରିବ ।

ଶିକ୍ଷା ଏଭଳି ଏକ ମାଧ୍ୟମ ଯାହାଦ୍ୱାରା ଆବଶ୍ୟକ ଅନୁଯାୟୀ ବ୍ୟକ୍ତି ଓ ସମାଜ ଉପଯୁକ୍ତ ନିୟନ୍ତ୍ରଣ କରାଯାଇପାରିବ । ବ୍ୟକ୍ତିର ଯଥେଚ୍ଛାଚାର ଅପରାଧ ପ୍ରବଣତା ଦ୍ୱାରା ସମାଜ କ୍ଷତିଗ୍ରସ୍ତ ହେବା ପୂର୍ବରୁ ଶିକ୍ଷା ଦ୍ୱାରା ବ୍ୟକ୍ତିକୁ ବଦଳାଇ ହେବ । ସେହିପରି ଶିକ୍ଷା ବ୍ୟବସ୍ଥା ଦ୍ୱାରା ପୁରୁଣା ବିଚାରଗୁଡ଼ିକୁ ମାର୍ଜିତ କରି ନୂଆ ସମାଜ ଗଢ଼ିହେବ ।

ଭାରତରେ ପ୍ରଚଳିତ ବିଶ୍ୱବିଦ୍ୟାଳୟ ଶିକ୍ଷାର ବହୁମୁଖୀ ଉଦ୍ଦେଶ୍ୟ ମଧ୍ୟରୁ ପ୍ରାଥମିକ ସ୍ତରରେ ଥିବା ଗୋଟିଏ ଉଦ୍ଦେଶ୍ୟ ହେଉଛି ଶିଶୁର ଆଚରଣ ଓ ବ୍ୟବହାରରେ ପରିବ ର୍ତ୍ତନ, ଅର୍ଥାତ୍ ବିଦ୍ୟାଳୟ ଶିକ୍ଷା ଦ୍ୱାରା ଶିକ୍ଷିତ ଶିଶୁଟିଏ ଭବିଷ୍ୟତରେ କିପରି ଅସାମାଜିକ ହେବ ନାହିଁ ବା ଚୋର, ହତ୍ୟାକାରୀ, ଧର୍ଷଣକାରୀ ବା ଦୁର୍ନୀତିଗ୍ରସ୍ତ ହେବନାହିଁ, କେଉଁଭଳି ଭାବରେ ନାରୀ ଓ ବୟସ୍କ ଲୋକଙ୍କ ସହିତ ଉପଯୁକ୍ତ ବା ସମାଜ-ଅନୁମୋଦିତ ବ୍ୟବହାର କରିବ, ତାହା ଶିକ୍ଷା ଦ୍ୱାରା ସମ୍ଭବ । ଠିକ୍ ସେହିପରି ଭାବରେ ଉଚ୍ଚଶିକ୍ଷାର ଏକ ଉଦ୍ଦେଶ୍ୟ ରହିଛି ଯେ ଶିକ୍ଷାଦ୍ୱାରା ଆହରିତ ଜ୍ଞାନ ସମାଜର ବିକାଶ ଦିଗରେ ପ୍ରୟୋଗ କରାଯିବ । ଏଣୁ ଉଚ୍ଚଶିକ୍ଷିତ ବ୍ୟକ୍ତିମାନଙ୍କର ଜ୍ଞାନ, ମୂଲ୍ୟବୋଧ ଓ ଦକ୍ଷତା ସାମାଜିକ ନିୟନ୍ତ୍ରଣ ସହିତ ସମତାଳରେ ଗତି କରିଥାଏ ।

3.2.0 ଲିଙ୍ଗଗତ ବୈଷମ୍ୟ ଓ ଶିକ୍ଷାର ଭୂମିକା

ଉପକ୍ରମ –

ପ୍ରତ୍ୟେକ ରାଷ୍ଟ୍ରର ସାମାଜିକ, ଅର୍ଥନୈତିକ, ରାଜନୈତିକ ପ୍ରଗତିରେ ପୁରୁଷମାନଙ୍କ ପରି ନାରୀମାନଙ୍କର ଅବଦାନ ଖୁବ୍ ଗୁରୁତ୍ୱପୂର୍ଣ୍ଣ । କାରଣ ଗୋଟିଏ ଜାତି ବା ସମାଜର ନିରନ୍ତର ବିକାଶ ଓ ସମୃଦ୍ଧି ପାଇଁ ପୁରୁଷ ଓ ନାରୀ ନିର୍ବିଶେଷରେ

ଲିଙ୍ଗଗତ ସମାନତାର ଆବଶ୍ୟକତାକୁ ଆଜି ପ୍ରାୟ ସମସ୍ତେ ଅନୁଭବ କରୁଅଛନ୍ତି । ସମାଜରେ ପୁରୁଷ ଓ ନାରୀକୁ ସମାନ ସୁବିଧା ସୁଯୋଗ ନ ଦେଇ କୌଣସି ଜାତି ସମୃଦ୍ଧ ହୋଇପାରି ନାହିଁ । ଯଦି ସମାଜର କୌଣସି ଗୋଟିଏ କ୍ଷେତ୍ରରେ ନାରୀମାନେ ପୁରୁଷମାନଙ୍କଠାରୁ ପଛରେ ରହିଯାଆନ୍ତି ତେଣୁ ରାଷ୍ଟ୍ରର ବିକାଶ ପ୍ରକୃତ ଅର୍ଥରେ ହୋଇପାରିବ ନାହିଁ । ଏଥିପ୍ରତି ସମଗ୍ର ମାନବ ସମାଜ ସଚେତନ ହେବା ଆବଶ୍ୟକ । କାରଣ ଏ ପ୍ରକାର ମିଳିତ ବିକାଶ ଶୂନ୍ୟରେ ବା ବିନା ଭିତ୍ତିଭୂମିରେ ସମ୍ଭବ ନୁହେଁ । ଏଥିପାଇଁ ନାରୀମାନଙ୍କୁ ବିଶେଷ କରି ଶିକ୍ଷା, ସ୍ୱାସ୍ଥ୍ୟ, ରାଜନୀତି, ଅର୍ଥନୀତି ଆଦି କ୍ଷେତ୍ରରେ ସମାନ ସୁଯୋଗ ଯୋଗାଇ ଦିଆଯିବା ଉଚିତ୍ । ଏଥିପାଇଁ ପୁରୁଷ ମାନଙ୍କ ସହିତ ନାରୀମାନଙ୍କର ମଧ୍ୟ ସମସ୍ତ କ୍ଷେତ୍ରରେ ଆବଶ୍ୟକତା ଅନୁଯାୟୀ ଦକ୍ଷତାର ବିକାଶ ଏକାନ୍ତ ଆବଶ୍ୟକ ।

ଅନ୍ୟ ପକ୍ଷରେ ଆମ ଦେଶ ଏକ ଗଣତାନ୍ତ୍ରିକ ରାଷ୍ଟ୍ର । ନାରୀମାନେ ସାମାଜିକ, ରାଜନୈତିକ, ଅର୍ଥନୈତିକ ସଶକ୍ତିକରଣ ଠାରୁ ଦୂରେଇ ଗଲେ ଆମ ଗଣତାନ୍ତ୍ରିକ ଆଦର୍ଶ ତିଷ୍ଠି ପାରିବ ନାହିଁ । କାରଣ ପୁରୁଷମାନଙ୍କ ପରି ନାରୀମାନଙ୍କର ସହଯୋଗୀତା, ସହଭାଗୀତା, ପ୍ରତିନିଧିତ୍ୱ, ସକ୍ରିୟ ଅଂଶଗ୍ରହଣ ଆଦି ଗଣତାନ୍ତ୍ରିକ ସାମାଜିକ ବ୍ୟବସ୍ଥାକୁ ସୁଦୃଢ଼ କରିବ ନିଶ୍ଚୟ । ସେଥିପାଇଁ ନାରୀ ସ୍ୱାଧୀନତା, ନାରୀ ମାନଙ୍କର ସମାନ ଅଧିକାର, ସମାନ ସୁଯୋଗ ଆଦି ପ୍ରତ୍ୟେକ ସମାଜର ପ୍ରଗତିର ପ୍ରଧାନ କାରଣ ଭାବରେ ବିବେଚନା କରାଯାଉଅଛି ।

ଏତଦ୍‌ବ୍ୟତୀତ ଆଉ ଟିକେ ଆମ ଇତିହାସକୁ ରୋମନ୍ଥନ କଲେ ଦେଖିବା ଯେ ନାରୀମାନଙ୍କ ପାଇଁ ୧୯୯୫ ମସିହାରେ ଚୀନର ବେଜିଂଠାରେ ଅନୁଷ୍ଠିତ ଚତୁର୍ଥ ବିଶ୍ୱ ସମ୍ମିଳନୀରେ "ବେଜିଂ ଘୋଷଣନାମା" ଗୃହିତ ହେବାର ଦୁଇ ଦଶନ୍ଧି ଏହା ଭିତରେ ବିତିଗଲାଣି । ଅନ୍ୟ ପକ୍ଷରେ ୨୦୦୦ ମସିହାରେ ଆଠ ଗୋଟି "ସହସ୍ରାବ୍ଦୀ ବିକାଶ ଲକ୍ଷ୍ୟ" (Millenium Development Goal) ସ୍ଥିର କରାଯିବାର ମଧ୍ୟ ପନ୍ଦର ବର୍ଷ ବିତିଗଲାଣି । ଏହିସବୁ ଗୁରୁତ୍ୱପୂର୍ଣ୍ଣ ଘୋଷଣାନାମାରେ ନାରୀମାନଙ୍କର ସମାନତା ଓ ନାରୀ ସଶକ୍ତିକରଣକୁ ବିଶେଷ ଅଗ୍ରାଧିକାର ଦିଆଯାଇଅଛି । ଏଥିପାଇଁ ସଦସ୍ୟ ଥିବା ପ୍ରାୟ ସମସ୍ତ ଦେଶରେ ଅନେକ ନୀତି ଓ ଅନେକ ଯୋଜନା ଘୋଷଣା ତଥା କାର୍ଯ୍ୟକାରୀ କରାଯାଇଅଛି । କିନ୍ତୁ ନିକଟରେ ପ୍ରକାଶିତ ଏ ସବୁର ରିପୋର୍ଟରେ ଏହାର ସଫଳତା ବିଶେଷ ଉତ୍ସାହ ପ୍ରଦ ତଥା ଆଶାନୁରୂପ ହୋଇପାରି ନାହିଁ ବୋଲି ସୂଚନା ମିଳୁଛି ।

ଉପରୋକ୍ତ ଆଲୋଚନାରୁ ପ୍ରତ୍ୟେକ ସମାଜରେ ନାରୀ ଓ ପୁରୁଷମାନଙ୍କ ମଧ୍ୟରେ ଲିଙ୍ଗଗତ ସାମ୍ୟତାର ଗୁରୁତ୍ୱ ଏବ ଲିଙ୍ଗଗତ ବୈଷମ୍ୟର କୁପ୍ରଭାବରୁ ଆମ ସମାଜକୁ ରକ୍ଷା କରିବାର ଆବଶ୍ୟକତା ସହଜରେ ଅନୁମେୟ ।

3.2.1 ଲିଙ୍ଗଗତ ବୈଷମ୍ୟର ଅର୍ଥ –

ଭାରତ ଭଳି ଏକ ବିକାଶୋନ୍ମୁଖୀ, ରାଷ୍ଟ୍ରରେ ପୁରୁଷ କୈନ୍ଦ୍ରିକ ସାମାଜିକ ବ୍ୟବସ୍ଥା ଯୋଗୁଁ ଲିଙ୍ଗଗତ ବୈଷମ୍ୟ ବିଶେଷ ଭାବରେ ଅନୁଭୂତ ହୋଇଥାଏ । ମାତୃ ଗର୍ଭରେ ଭ୍ରୂଣ ସଂଚାର ଠାରୁ ମୃତ୍ୟୁ ପର୍ଯ୍ୟନ୍ତ, ଆମ ଦେଶର ନାରୀମାନେ ବିଶେଷ ଭାବରେ ଏହି ବିଷମତାର ସାମନା କରନ୍ତି ଏବଂ ଶୀକାର ହୋଇଥା'ନ୍ତି । ଆମ ଦେଶର ଜାତୀୟ ବିକାଶର

ଧାରାରେ ପୁରୁଷ ମାନଙ୍କ ପରି ନାରୀମାନେ ବିଶେଷ ଭୂମିକା ଗ୍ରହଣ କରୁଥିଲେ ମଧ୍ୟ ଆଜିର ପୁରୁଷ କୈନ୍ଦ୍ରିକ ସମାଜରେ ତାହାକୁ ବିଶେଷ ସୀକୃତି ପ୍ରଦାନ କରାଯାଉନାହିଁ ।

ମିଳିତ ଜାତିସଂଘ ମାନବ ବିକାଶ ବିବରଣୀ (୨୦୧୩) ଅନୁଯାୟୀ ବିଶ୍ୱର ୧୮୭ଟି ଦେଶ ମଧ୍ୟରେ ଆମ ଭାରତ ଲିଙ୍ଗଗତ ବୈଷମ୍ୟ ସୂଚକରେ ୧୩୨ ତମ ସ୍ଥାନରେ ଅଛି । ଭାରତୀୟ ସମାଜରେ ସାଧାରଣତଃ ସାମାଜିକ, ରାଜନୈତିକ, ଶିକ୍ଷା, ସ୍ୱାସ୍ଥ୍ୟ, ଶ୍ରମ ଓ ନିଯୁକ୍ତି କ୍ଷେତ୍ରରେ ଏହି ଲିଙ୍ଗଗତ ବୈଷମ୍ୟକୁ ବିଶେଷ ଭାବରେ ଉପଲବ୍ଧି କରାଯାଇଥାଏ । ତେଣୁ ବ ର୍ତ୍ତମାନ ସମାଜର ସବୁ କ୍ଷେତ୍ରରେ ପୁରୁଷ ମାନଙ୍କ ପରି ନାରୀମାନଙ୍କୁ ସମାନ ସୁବିଧା ସୁଯୋଗ ଦିଆଯିବା ପାଇଁ ଗୁରୁତ୍ୱ ଆରୋପ କରାଯାଉଅଛି । ଏହି କ୍ରମରେ ଲିଙ୍ଗଗତ ସାମ୍ୟତା ଓ ଲିଙ୍ଗଗତ ବୈଷମ୍ୟର ଧାରଣା ଆମ ମନରେ ସୃଷ୍ଟି ହୋଇଛି ଏବଂ ଆଜି ସମସ୍ତେ ଉକ୍ତ ଧାରଣାକୁ ଭିନ୍ନ ଭିନ୍ନ ଭାବରେ ଆଲୋଚନା କରି ଗୁରୁତ୍ୱ ଦେଉଛନ୍ତି ।

ବାସ୍ତବରେ ମନୁଷ୍ୟର ଦୈବିକ ସଂରଚନା ଦୃଷ୍ଟିକୋଣରୁ ବିଚାର କଲେ ଆମେ ଲିଙ୍ଗଗତ ବୈଷମ୍ୟକୁ ସାଧାରଣ ଭାବରେ ଅନୁଭବ କରିଥାଉ । ଉକ୍ତ ବୈଷମ୍ୟକୁ ଆଧାର କରି ଆମେ ମନୁଷ୍ୟକୁ ପୁରୁଷ ଓ ନାରୀ ଏହି ଦୁଇ ଜାତିରେ ବିଭକ୍ତ କରିଥାଉ ଏବଂ ଏହି ବୈଷମ୍ୟ ବୈଷମ୍ୟ ଈଶ୍ୱର ଦ ଭାବି ସହଜରେ ଆମେ ଗ୍ରହଣ କରିଥାଉ । ଅନ୍ୟ ପକ୍ଷରେ ଲିଙ୍ଗଗତ ବୈଷମ୍ୟକୁ ବିଚାର କଲେ ଏହା ଆମ ସମାଜରେ ନାରୀ ବା ମହିଳା ମାନଙ୍କ ପ୍ରତି ଥିବା ଭିନ୍ନ ତଥା ନ୍ୟୁନ ମନୋଭାବକୁ ସୂଚିତ କରିଥାଏ । ଏହି ଆଧାରରେ ଲିଙ୍ଗଗତ ବୈଷମ୍ୟ ଈଶ୍ୱର ଦ ନୁହେଁ ବରଂ ଏହା ଏକ ସାମାଜିକ ଦୃଷ୍ଟିକୋଣର ପୃଷ୍ଠଭୂମିରେ ସୃଷ୍ଟି ହୋଇଥାଏ ଏବଂ ବିଭିନ୍ନ ସମାଜରେ ଭିନ୍ନ ଭିନ୍ନ ଭାବରେ ପ୍ରତୀୟମାନ ହୋଇଥାଏ । ଏହି ଲିଙ୍ଗଗତ ବୈଷମ୍ୟକୁ ମଣିଷ ବା ସମାଜ ଚାହିଁଲେ ପରିବ ର୍ତ୍ତନ କରି ଲିଙ୍ଗଗତ ସାମ୍ୟତା ସୃଷ୍ଟି କରିପାରିବ ।

ଉକ୍ତ ଆଧାରରେ ବିଚାର କଲେ ଲିଙ୍ଗ ଭି ିରେ ବ୍ୟକ୍ତିବିଶେଷ ମାନଙ୍କ ମଧ୍ୟରେ ଦେଖା ଦେଉଥିବା ବିଭେବ, ପ୍ରଭେଦ, ଭିନ୍ନତା ତଥା ଅସମାନତାକୁ ଲିଙ୍ଗଙ୍ଗତ ବୈଷମ୍ୟ କୁହାଯାଏ । ଅନ୍ୟ ଅର୍ଥରେ ବିଚାର କଲେ ଲିଙ୍ଗ ସମାନତା, ସମାନ ଅଧିକାର, ସମାନ ସୁବିଧା ସୁଯୋଗ ଆଦିକୁ ଗ୍ରହଣ ନ କରିବା ବା କାର୍ଯ୍ୟ ନ କରିବାକୁ ସାଧାରଣତଃ ଲିଙ୍ଗଗତ ବୈଷମ୍ୟ ଭାବରେ ବିଚାର କରାଯାଏ । ଏହି ଲିଙ୍ଗଗତ ବୈଷମ୍ୟ ସାଧାରଣତଃ ପୁରୁଷ ଓ ନାରୀ ମଧ୍ୟରେ ଦେଖା ଯାଉଥିବା ଭିନ୍ନ ମନୋଭାବ । ଭିନ୍ନ ଭିନ୍ନ ସୁବିଧା ସୁଯୋଗ, ଭିନ୍ନ ଚିନ୍ତାଧାରା ଆଦିକୁ ବୁଝାଇଥାଏ । ମଣିଷ ମାନଙ୍କ ମଧ୍ୟରେ ନାରୀ ମାନଙ୍କ ପ୍ରତି ଥିବା ଭିନ୍ନ ଚିନ୍ତାଧାରା, ମନୋଭାବ ଆଦି ପ୍ରତ୍ୟେକ ସାମଜରେ ପୁରୁଷ ଏବଂ ନାରୀ ମାନଙ୍କ ମଧ୍ୟରେ ଅନେକ ତାରତମ୍ୟ ତଥା ପ୍ରଭେଦ ସୃଷ୍ଟି କରିଥାଏ । ଯାହା ଫଳରେ ନାରୀମାନେ ସମାଜର ମୁଖ୍ୟ ସ୍ରୋତରେ ପୁରୁଷମାନଙ୍କ ସହ ସହଭାଗୀ ହୋଇପାରନ୍ତି ନାହିଁ । ଏହା ମଧ୍ୟ ବ୍ୟକ୍ତିଗତ କ୍ଷେତ୍ରଠାରୁ ଆରମ୍ଭ କରି ପାରିବାରିକ, ସାମାଜିକ ତଥା ରାଷ୍ଟ୍ରୀୟ ପ୍ରଗତି ତଥା ବିକାଶରେ ଅନେକ ସମସ୍ୟା ସୃଷ୍ଟି କରିଥାଏ ।

ଉଦାହରଣସ୍ୱରୂପ ପୃଥିବୀରେ ସମୁଦାୟ ଜନସଂଖ୍ୟାର ପ୍ରାୟ ଅର୍ଦ୍ଧାଧିକ ମହିଳା ଅଟନ୍ତି । ସମଗ୍ର ପୃଥିବୀର ଦୁଇ-ତୃତୀୟାଂଶ କର୍ମ ମହିଳାମାନେ କରନ୍ତି କିନ୍ତୁ ସମଗ୍ର ପୃଥିବୀର ସମୁଦାୟ ଆୟର ମାତ୍ର ଏକ ଦଶମାଂଶ ମହିଳାମାନେ

ଉପଯୋଗ କରନ୍ତି । ସମଗ୍ର ପୃଥିବୀରେ ଦୁଇ-ତୃତୀୟାଂଶ ମହିଳା ନିରକ୍ଷର ଏବଂ ସମୁଦାୟ ସମ୍ପତ୍ତିର ମାତ୍ର ଏକ ପ୍ରତିଶତ ଭାଗର ଅଧିକାରୀ ମହିଳା ଅଟନ୍ତି । ସମଗ୍ର ପୃଥିବୀରେ ମାତ୍ର ଏକ-ଚତୁର୍ଥାଂଶ ପରିବାରର ମୁଖ୍ୟ ମହିଳା ସଦସ୍ୟ ଅଟନ୍ତି ଏବଂ ଅବଶିଷ୍ଟ ପରିବାରର ମୁଖ୍ୟ ପୁରୁଷ ଅଟନ୍ତି । ଏହିପରି ଆମେ ଅନେକ ଉଦାହରଣକୁ ପ୍ରତ୍ୟେକ ସମାଜରେ ଅନୁଭବ କରିପାରିବା ଯାହାକି ପୁରୁଷ ଓ ମହିଳାମାନଙ୍କ ଭିତରେ ଏକ ବିରାଟ ବ୍ୟବଧାନ ତିଆରି କରି ସମାଜରେ ଅନେକ କୃତିମ ସମସ୍ୟା ସୃଷ୍ଟି କରୁଛି । ଆମ ସମାଜରେ ପୁରୁଷ ଏବଂ ମହିଳାମାନଙ୍କ ଭିତରେ ଥିବା ଏହି ବିଭିନ୍ନତା ବା ପ୍ରଭେଦକୁ ଲିଙ୍ଗଗତ ବୈଷମ୍ୟ ଭାବରେ ବିଚାର କରାଯାଇଥାଏ ।

ସେଥିପାଇଁ ସମାଜର ସବୁ କ୍ଷେତ୍ରରେ ମହିଳା ମାନଙ୍କ ପ୍ରତି ଥିବା ଭିନ୍ନ ଓ ନ୍ୟୁନ ମନୋଭାବକୁ ଦୂର କରି ଲିଙ୍ଗଗତ ସମତା ସୃଷ୍ଟି କରିବାକୁ ଏବଂ ପୁରୁଷ ସାଥୀରେ ମହିଳାମାନଙ୍କୁ ମାନବ ଜାତିର ବିକାଶର ମୁଖ୍ୟ ସ୍ରୋତରେ ସମ୍ପୃକ୍ତ କରାଯିବା ପାଇଁ ନିରନ୍ତର ପ୍ରଚେଷ୍ଟା କରାଯାଉଅଛି ।

3.2.2 ଲିଙ୍ଗଗତ ବୈଷମ୍ୟର କ୍ଷେତ୍ର ପରିସର –

ଲିଙ୍ଗଗତ ବୈଷମ୍ୟ ସାଧାରଣତଃ ନିମ୍ନଲିଖିତ ପ୍ରମୁଖ କ୍ଷେତ୍ରରେ ବିଶେଷ ଭାବରେ ପରିଲିକ୍ଷିତ ହୋଇଥାଏ ।

(୧) ଜନସଂଖ୍ୟା –

ଜନସଂଖ୍ୟା ପୁରୁଷ ଓ ମହିଳା ମାନଙ୍କର ଅନୁପାତକୁ ଲିଙ୍ଗାନୁପାତ ବା ଲିଙ୍ଗଗତ ସଂରଚନା କୁହାଯାଏ । ୨୦୧୧ ଜଣଗଣନା ଅନୁଯାୟୀ ଆମ ଭାରତରେ ପ୍ରତି ୧୦୦୦ ପୁରୁଷରେ ୯୪୦ ଜଣ ମହିଳା ଅଛନ୍ତି ଯାହାକି ଉଦ୍‌ବେଗର କାରଣ ହୋଇଅଛି ଏବଂ ଏହି ବୈଷମ୍ୟ ବିଭିନ୍ନ ପ୍ରକାର ସାମାଜିକ, ରାଜନୈତିକ ତଥା ଅର୍ଥନୈତିକ ସମସ୍ୟାମାନ ସୃଷ୍ଟି କରି ଆମ ପ୍ରଗତିରେ ଅନ୍ତରାୟ ହୋଇଅଛି । ପୃଥିବୀର ଉନ୍ନତ ଦେଶମାନଙ୍କରେ ସାଧାରଣତଃ ପୁରୁଷ ତୁଳନାରେ ମହିଳାମାନଙ୍କ ସଂଖ୍ୟା ଅଧିକ ଥିବାବେଳେ ଆମ ଦେଶରେ ଏହାର ବ୍ୟତିକ୍ରମ ଦେଖା ଦେଉଛି । କନ୍ୟାଭ୍ରୂଣ ହତ୍ୟା, ପ୍ରସୂତି ଜନିତ ମୃତ୍ୟୁ, ନିରକ୍ଷରତା, ଦୁର୍ବଳ ଆର୍ଥିକ ବ୍ୟବସ୍ଥା, ନିମ୍ନ ସାମାଜିକ ପରିସ୍ଥିତି, କନ୍ୟା ଶିଶୁମାନଙ୍କର ଯତ୍ନର ଅଭାବ, ଅପପୃଷ୍ଟି, ଶିଶୁ ମୃତ୍ୟୁହାର ଓ ସଚେତନତାର ଅଭାବ ଆଦି ଉକ୍ତ ବ୍ୟତିକ୍ରମର ପ୍ରମୁଖ କାରଣ ଭାବରେ ଦେଖାଦେଇଛି । ଅବଶ୍ୟ ଆ ଳିକ ଭିତ୍ତିରେ ବା ଆମ ଦେଶର ବିଭିନ୍ନ ରାଜ୍ୟରେ ଏହି ବୈଷମ୍ୟର ଭିନ୍ନତା ପରିଲିକ୍ଷିତ ହୁଏ । ଉଦାହରଣସ୍ୱରୂପ କେରଳ ରାଜ୍ୟରେ ମହିଳାଙ୍କ ସଂଖ୍ୟା ପୁରୁଷ ତୁଳନାରେ ସର୍ବାଧିକ । ଏହି ରାଜ୍ୟରେ ପ୍ରତି ୧୦୦୦ ପୁରୁଷରେ ୧୦୫୮ ମହିଳା ଅଛନ୍ତି । ଏତଦ୍‌ବ୍ୟତୀତ ଓଡ଼ିଶା, ମଣିପୁର, ଆନ୍ଧ୍ରପ୍ରଦେଶ, କର୍ଣ୍ଣାଟକ, ତାମିଲ୍‌ନାଡୁ ଓ ଉ ରପ୍ରଦେଶ ଆଦି ରାଜ୍ୟର ଲିଙ୍ଗାନୁପାତ ଜାତୀୟ ଅନୁପାତଠାରୁ ଅଧିକ ଥିବାବେଳେ ପଞ୍ଜାବ, ହରିୟାନା, ମହାରାଷ୍ଟ୍ର, ଗୁଜୁରାଟ, ଆସାମ, ପଶ୍ଚିମବଙ୍ଗ ଆଦି ରାଜ୍ୟର ଏହି ଅନୁପାତ ଜାତୀୟ ଅନୁପାତଠାରୁ ଯଥେଷ୍ଟ କମ୍ ଅଟେ । ଆମ ଓଡ଼ିଶାରେ ୨୦୧୧ ଜନଗଣନା ଅନୁଯାୟୀ ପ୍ରତି ୧୦୦୦ ଜଣ ପୁରୁଷରେ ୬୭୮ ଜଣ ମହିଳା ରହିଛନ୍ତି ଏବଂ ଏହି ଅନୁପାତ ବିଗତ ଜନଗଣନା ତୁଳନାରେ ହ୍ରାସ ପାଇଛି ଯାହାକି ବିଶେଷ ଉଦ୍‌ବେଗର କାରଣ ଅଟେ ।

(୨) ସାକ୍ଷରତା –

ସାକ୍ଷରତାର ସଂରଚନା ଦୃଷ୍ଟିରୁ ଭାରତରେ ପୁରୁଷ ଓ ମହିଳା ସାକ୍ଷରତା ହାରରେ ମଧ୍ୟ ବୈଷମ୍ୟ ଦେଖାଯାଇଥାଏ । ୨୦୧୧ ଜନଗଣନା ଅନୁଯାୟୀ ଭାରତରେ ମୋଟ ସାକ୍ଷରତା ହାର ୭୪% କୁ ବୃଦ୍ଧି ପାଇଥିବାବେଳେ ପୁରୁଷ ସାକ୍ଷରତା ହାର ୮୨.୪% ଓ ମହିଳା ସାକ୍ଷରତା ହାର ୬୫.୪୬% ରହିଅଛି । ଯାହାକି ସାମାନ୍ୟ ଉତ୍ସାହଜନକ ହେଲେ ମଧ୍ୟ ଆନୁପାତିକ ଦୃଷ୍ଟିରୁ ଏହା ନୈରାଶ୍ୟଜନକ ଅଟେ । କାରଣ ସ୍ୱାଧୀନତାର ୭୦ ବର୍ଷ ପରେ ଏହି ସ୍ଥିତି ଆମ ଦେଶରେ ଆଶାନୁରୂପ ହୋଇନାହିଁ । ଆମ ରାଜ୍ୟ ଓଡ଼ିଶାରେ ମୋଟ ସାକ୍ଷରତା ହାର ୭୨.୦୯% ହୋଇଥିବାବେଳେ ପୁରୁଷ ଓ ମହିଳାଙ୍କ ସାକ୍ଷରତା ହାର ଯଥାକ୍ରମେ ୮୧.୦୬% ଓ ୬୪.୦% ଅଟେ । ପୁନଶ୍ଚ ଗ୍ରାମା ଳ ଓ ସହରା ଳରେ ମଧ୍ୟ ଏହି ସାକ୍ଷରତା ହାର ଭିନ୍ନ ଅଟେ ।

(୩) କନ୍ୟା ସନ୍ତାନର ଯତ୍ନ ଓ ସ୍ୱାସ୍ଥ୍ୟରକ୍ଷା –

ଆମ ଦେଶରେ ୧ ରୁ ୧୫ ବର୍ଷ ବୟସର ପୁତ୍ର ସନ୍ତାନଙ୍କ ତୁଳନାରେ କନ୍ୟା ସନ୍ତାନ ମାନଙ୍କର ଜନ୍ମ ସମୟର ମୃତ୍ୟୁ ଆଶଙ୍କା ୭୫% ଅଧିକ ଅଟେ । ମିଳିତ ଜାତିସଂଘର ଅର୍ଥନୈତିକ ଓ ସାମାଜିକ ବ୍ୟାପାର ବିଭାଗ ତରଫରୁ ୧୫୦ଟି ଦେଶରେ କରାଯାଇଥିବା ଏକ ଅନୁଧ୍ୟାନ ଅନୁଯାୟୀ ଭାରତ ଓ ଚୀନ୍‌ରେ ପୁତ୍ର ସନ୍ତାନ ତୁଳନାରେ କନ୍ୟା ସନ୍ତାନର ମୃତ୍ୟୁ ହାର ସର୍ବାଧିକ । ଭାରତବର୍ଷରେ ମହିଳା ମାନଙ୍କର ଜୀବନ ଅବଧି ମଧ୍ୟ ଅନ୍ୟ ଦେଶ ତୁଳନାରେ କମ୍ ଅଟେ । ବିଶେଷ କରି ଗ୍ରାମା ଳରେ ମହିଳମାନେ ମୁଖ୍ୟତଃ ପୁଷ୍ଟିକର ଖାଦ୍ୟ ପାଇବା କ୍ଷେତ୍ରରେ ବିଶେଷ ପାତର ଅନ୍ତର ନୀତି ଅନୁସୃତ ହୋଇଥାଏ ଏବଂ କନ୍ୟା ସନ୍ତାନର ଯତ୍ନ, ଲାଳନ ପାଳନ, ସେବା ତଥା ସ୍ୱାସ୍ଥ୍ୟ ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥାଏ । ଯାହାଫଳରେ ଭାରତରେ କନ୍ୟା ସନ୍ତାନ ମାନଙ୍କର ମୃତ୍ୟୁହାର ବୃଦ୍ଧି ପାଇବା ଏବଂ ସେମାନଙ୍କର ସଂଖ୍ୟା ହ୍ରାସ ପାଇଁ ମୁଖ୍ୟତଃ ଏହାର ସାମାଜିକ ଓ ସାଂସ୍କୃତିକ ବିଧି ବ୍ୟବସ୍ଥା ଅଧିକ ଦାୟୀ । ଏହାର ଫଳସ୍ୱରୂପ ପରିବାର, ଗୋଷ୍ଠୀ ସମୁଦାୟ, ସଂପ୍ରଦାୟ ତଥା ସମାଜର ବ୍ୟବସ୍ଥା ମଧ୍ୟରେ କନ୍ୟା ସନ୍ତାନ ମାନଙ୍କ ପ୍ରତି ଭିନ୍ନ ଦୃଷ୍ଟିଭଙ୍ଗୀ ସହ ବ୍ୟବହାର ପାତର ଅନ୍ତର ପ୍ରଦର୍ଶନ କରାଯାଇଥାଏ । ସେହିପରି ମାତୃ ମୃତ୍ୟୁହାର ମଧ୍ୟ ଅଧିକ ଥିବାରୁ ୧୫ ରୁ ୪୯ ବର୍ଷ ମଧ୍ୟରେ ମହିଳାମାନେ ବିଶେଷତଃ ଶକ୍ତିହୀନତା, ରକ୍ତହୀନତା ଓ ଅପପୁଷ୍ଟିର ଶିକାର ହୋଇ ଅନେକ ସ୍ୱାସ୍ଥ୍ୟଗତ ସମସ୍ୟାର ସମ୍ମୁଖୀନ ହୋଇଥାଆନ୍ତି ।

(୪) ଅର୍ଥନୈତିକ ସ୍ଥିତି –

ଆମ ଦେଶ ଭାରତର ଅର୍ଥନୈତିକ କ୍ଷେତ୍ରଟିକୁ ଅନୁଧ୍ୟାନ କଲେ ପ୍ରତୀୟମାନ ହୁଏ ଯେ ଶ୍ରମ ଓ ନିଯୁକ୍ତି କ୍ଷେତ୍ରରେ ମହିଳା ମାନଙ୍କର ଅଂଶଗ୍ରହଣ ମଧ୍ୟ ପୁରୁଷ ତୁଳନାରେ ବହୁତ କମ୍ ଅଟେ । ଭାରତ ସରକାରଙ୍କ ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟର ୨୦୧୧-୧୨ ସୂଚନା ଅନୁଯାୟୀ ସହରା ଳରେ ମହିଳା ମାନଙ୍କର କର୍ମ କ୍ଷେତ୍ରରେ ଅଂଶଗ୍ରହଣ ମାତ୍ର ୧୪% ଥିବାବେଳେ ପୁରୁଷ ମାନଙ୍କର ୫୫% ରହିଅଛି । ତେଣୁ ଅର୍ଥନୈତିକ ଦୃଷ୍ଟିକୋଣରୁ ଯଦିଓ ମହିଳାମାନେ ସମାନ ଭାବରେ ସମ୍ବଳ ତଥା ସୁବିଧା ସୁଯୋଗର ସମାନ ଅଂଶୀଦାର ହେବା କଥା କିନ୍ତୁ ନିରକ୍ଷରତା, ଦାରିଦ୍ର୍ୟ,

ସାମାଜିକ ବିଧିବ୍ୟବସ୍ଥା, ଲିଙ୍ଗଗତ ଦୈବିକ ସଂରଚାନ ଦୃଷ୍ଟିରୁ ମହିଳାମାନେ ଏସବୁଥିରେ ବ ିତ ହୋଇ ଆର୍ଥିକ ସ୍ଥିତିରେ ଦୁର୍ବଳ ଅଟନ୍ତି । ଏତଦ୍‌ବ୍ୟତୀତ ଆମ ପୁରୁଷ କୈନ୍ଦ୍ରିକ ସମାଜରେ ମହିଳାମାନେ ସମ୍ପତ୍ତି ଅଧିକାରରୁ ବିଶେଷ ଭାବରେ ବ ିତ ହୋଇଥା'ନ୍ତି ଫଳରେ ଅର୍ଥନୈତିକ କ୍ଷେତ୍ରରେ ଥିବା ଏହି ଲିଙ୍ଗଗତ ବୈଷମ୍ୟ ସମାଜରେ ବିଭିନ୍ନ ପ୍ରକାର ସମସ୍ୟା ସୃଷ୍ଟି କରି ବିକାଶ ପଥରେ ଅନ୍ତରାୟ ହୋଇଥାଏ । ଅବଶ୍ୟ ସମ୍ପତ୍ତି ଅଧିକାର ସମ୍ପର୍କିତ ଆଇନ ପ୍ରଚଳନ ହେବାଦ୍ୱାରା ମହିଳାମାନେ ଉପକୃତ ହେବାକୁ ଯାଉଥିଲେ ।

(୫) ରାଜନୈତିକ ପ୍ରତିନିଧିତ୍ୱ –

ବିଗତ ଦୁଇ ଦଶନ୍ଧି ମଧ୍ୟରେ ବିଶ୍ୱରେ ସର୍ବୋଚ୍ଚ ବିଧି ନିର୍ଦ୍ଧାରକ ରାଜନୈତିକ ଅନୁଷ୍ଠାନ ମାନଙ୍କରେ ମହିଳା ମାନଙ୍କର ପ୍ରତିନିଧିତ୍ୱ ପୂର୍ବୋପେକ୍ଷା ଦ୍ୱିଗୁଣିତ ହୋଇଅଛି ସତ କିନ୍ତୁ ଉକ୍ତ ମହିଳା ପ୍ରତିନିଧିତ୍ୱ ସମୁଦାୟ ଜନପ୍ରତିନିଧିତ୍ୱର ମାତ୍ର ୨୨ ପ୍ରତିଶତ ଅଟେ । ଭାରତରେ ୧୯୬୩ ମସିହାର ୭୩ ତମ ଓ ୭୪ ତମ ସମ୍ବିଧାନ ସଂଶୋଧନ ମାଧ୍ୟମରେ ତ୍ରିସ୍ତରୀୟ ପ ାୟତରାଜ ବ୍ୟବସ୍ଥାରେ ଯଦିଓ ମହିଳା ମାନଙ୍କର ରାଜନୀତିକ ପ୍ରତିନିଧିତ୍ୱର ହାର ବୃଦ୍ଧି ପାଇଛି ତଥାପି ଉଚ୍ଚ ସ୍ତରୀୟ ନିଷ୍ପତ୍ତି ବା ନୀତି ନିର୍ଦ୍ଧାରଣରେ ମହିଳା ମାନଙ୍କର ଭୂମିକା ବିଶେଷ ସନ୍ତୋଷଜନକ ହୋଇପାରି ନାହିଁ । ଫଳରେ ଆମର ଜାତୀୟ ବିକାଶରେ ମହିଳା ମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲେ ମଧ୍ୟ ଆମ ପୁରୁଷ କୈନ୍ଦ୍ରିକ ସମାଜରେ ଉକ୍ତ ଲିଙ୍ଗଗତ ବୈଷମ୍ୟ ଯୋଗୁଁ ତାହାକୁ ସ୍ୱୀକୃତି ପ୍ରଦାନ କରାଯାଇ ବିଶେଷ ଭାବରେ ଗ୍ରହଣ କରାଯାଉ ନାହିଁ ।

3.2.3 ଲିଙ୍ଗଗତ ବୈଷମ୍ୟର କାରଣ –

ସମୟକ୍ରମରେ ସମାଜର ଭିନ୍ନ ଭିନ୍ନ ଅବସ୍ଥା ତଥା ବ୍ୟବସ୍ଥାରେ ଉକ୍ତ ଲିଙ୍ଗଗତ ବୈଷମ୍ୟ ବିଭିନ୍ନ ଭାବରେ ପ୍ରତୀୟମାନ ହୋଇଥାଏ । ଏଗୁଡ଼ିକ ସାଧାରଣତଃ ସମାଜର ବିଧିବ୍ୟବସ୍ଥା, ସମାଜର ଗତି ଓ ସ୍ଥିତି ଏବଂ ମନୁଷ୍ୟମାନଙ୍କର ଚିନ୍ତା ଚେତନା ଦ୍ୱାରା ବିଶେଷ ପ୍ରଭାବିତ ହୋଇ ନିର୍ଦ୍ଧାରିତ ହୋଇଥାଏ । ଯାହାକି ଉକ୍ତ ଲିଙ୍ଗଗତ ବୈଷମ୍ୟର କାରଣ ଭାବରେ ବିବେଚନା କରାଯାଇଥାଏ । ସେଥିମଧ୍ୟରୁ କେତେଗୁଡ଼ିଏ ପ୍ରମୁଖ କାରଣମାନ ନିମ୍ନମତେ ପ୍ରଦାନ କରାଯାଇଅଛି ।

(୧) ସାମାଜିକ ପ୍ରଥା, ପରମ୍ପରା ତଥା ଚଳଣି

(୨) ପାରିବାରିକ ସ୍ଥିତି ଏବଂ ପୃଷ୍ଠଭୂମି

(୩) ଧାର୍ମିକ ଓ ସାଂସ୍କୃତିକ ବିଚାରବୋଧ

(୪) ଅନ୍ଧ-ବିଶ୍ୱାସ ଓ କୁସଂସ୍କାର

(୫) ସଂକୀର୍ଣ୍ଣ ମାନସିକତା ଓ ମନୋବୃତ୍ତି

(୬) ସଂକୀର୍ଣ୍ଣ ଦୃଷ୍ଟିଭଙ୍ଗୀ

(୭) କର୍ତ୍ତବ୍ୟ ଓ ଅଧିକାରର ଅସଙ୍ଗତି

(୮) ରାଜନୈତିକ ବିଧି ବ୍ୟବସ୍ଥା

(୯) ନିରକ୍ଷରତା ତଥା ଶିକ୍ଷା ଓ ସଚେତନତାର ଅଭାବ ।

(୧୦) ଦୁର୍ବଳ ଆର୍ଥିକ ବ୍ୟବସ୍ଥା ତଥା ଦାରିଦ୍ର୍ୟ ଓ ବେରୋଜଗାରୀ

(୧୧) ସଂକୀର୍ଣ୍ଣ ମନୋଭାବ ଓ ଚିନ୍ତାଧାରା

ଉପରୋକ୍ତ କାରଣ ଗୁଡ଼ିକ ସାଧାରଣତଃ ପୁରୁଷ ଓ ନାରୀ ମାନଙ୍କ ମଧ୍ୟରେ ଲିଙ୍ଗଗତ ବୈଷମ୍ୟ ବା ତାରତମ୍ୟ ସୃଷ୍ଟି କରିଥାଏ ଏବଂ ଏହା ପରିବାରରୁ ଆରମ୍ଭ କରି ଶିକ୍ଷାନୁଷ୍ଠାନ, ସାମାଜିକ ପ୍ରତିଷ୍ଠାନ, ଧର୍ମାନୁଷ୍ଠାନ, ଅର୍ଥନୀତି, ରାଜନୀତି ଆଦି କ୍ଷେତ୍ରରେ ବହୁ ଭାବରେ ଅନୁଭୂତ ହୋଇଥାଏ ।

3.2.4 ଲିଙ୍ଗଗତ ବୈଷମ୍ୟର ପରିଣାମ –

ଲିଙ୍ଗଗତ ବୈଷମ୍ୟ ବିଭିନ୍ନ ପ୍ରକାର ଅସଙ୍ଗତି, ବିଡମ୍ବନା, ତଥା ସମସ୍ୟାମାନ ତିଆରି କରି ବ୍ୟକ୍ତିର ଉନ୍ନତି ତଥା ସମାଜର ପ୍ରଗତିରେ ବିଶେଷ ପ୍ରତିବନ୍ଧକ ସୃଷ୍ଟି କରିଥାଏ ଏବଂ ଏହାର କୁପରିଣାମ ଗୁଡ଼ିକ ନିମ୍ନମତେ ପରିଦୃଷ୍ଟ ହୋଇଥାଏ ।

(୧) ସାମାଜିକ ବିଶୃଙ୍ଖଳା ସୃଷ୍ଟି ଓ ସାମାଜିକ ପ୍ରଗତିର ଅବରୋଧ

(୨) ପାରିବାରିକ ତଥା ସାମାଜିକ ହିଂସା ଏବଂ ଅପରାଧୀକରଣର ବ୍ୟାପକତା

(୩) ସାମାଜିକ, ରାଜନୈତିକ ତଥା ଅର୍ଥନୈତିକ ଅସନ୍ତୁଳନତା ଓ ଅସଙ୍ଗତି

(୪) କନ୍ୟା ଭ୍ରୂଣ ହତ୍ୟା ଏବଂ କନ୍ୟା ସନ୍ତାନର ଅସୁରକ୍ଷା

(୫) ଯୌନ ବ୍ୟଭିଚାର ତଥା ଅପରାଧର ବହୁଳତା

(୬) ଜନ୍ମ ଓ ମୃତ୍ୟୁର ଅସଙ୍ଗତି ।

(୭) ମୂଲ୍ୟବୋଧର ଅବକ୍ଷୟ ଏବଂ ନୈତିକ ଅଧୋପତନ

(୮) ଅର୍ଥନୈତିକ ପ୍ରଗତିର ଅବରୋଧ

(୯) ଜାତୀୟ ବିକାଶର ପ୍ରତିରୋଧ

(୧୦) ଜାତୀୟ ସଂହତିର ଗତିରୋଧ

(୧୧) ମାନବୀୟ ଅଧିକାର ବିପନ୍ନ

(୧୨) ଗଣତାନ୍ତ୍ରିକ ଆଦର୍ଶର ପ୍ରତିରୋଧ

3.2.5 ଲିଙ୍ଗଗତ ବୈଷମ୍ୟ ନିରାକରଣର ଉପାୟ –

ସାମାଜିକ, ଅର୍ଥନୈତିକ ତଥା ରାଜନୈତିକ କ୍ଷେତ୍ରରେ ପୁରୁଷ ମାନଙ୍କ ଭଳି ନାରୀମାନଙ୍କର ସହଭାଗୀତା, ସକ୍ରିୟ ଅଂଶଗ୍ରହଣ ଓ ପ୍ରତିନିଧିତ୍ୱ ଭାରତ ଭଳି ଏକ ବୃହତ ଗଣତାନ୍ତ୍ରିକ ରାଷ୍ଟ୍ରକୁ ସୁଦୃଢ଼ କରିପାରିବ ଏହା ନିଃସନ୍ଦେହ । ପ୍ରତ୍ୟେକ ସ୍ତରରେ ଓ ପ୍ରତ୍ୟେକ କ୍ଷେତ୍ରରେ ନାରୀ-ସ୍ୱାଧୀନତା, ନାରୀମାନଙ୍କର ସମାନ ଅଧିକାର ଓ ସମାନ ସୁଯୋଗ ଆଦି ଆମ ସାମାଜିକ ପ୍ରଗତିର ମୂଳ କାରଣ ଅଟେ । ତେଣୁ ସେମାନଙ୍କୁ ସକ୍ଷମ ସଚେତନ କରି ସେମାନଙ୍କର ସଶକ୍ତିକରଣ ପାଇଁ ଆମ ଦେଶରେ ଅନେକ ନୀତି ନିୟମ ପ୍ରଣୟନ କରାଯାଇ ବିଭିନ୍ନ ଯୋଜନା ମାନ କାର୍ଯ୍ୟକାରୀ କରାଯାଉଅଛି ।

ଏହି କ୍ରମରେ ୨୦୦୧ରେ ମହିଳା ସଶକ୍ତିକରଣ ପାଇଁ ଜାତୀୟ ନୀତି ପ୍ରଣୟନ କରାଯାଇ ନ୍ୟାୟିକ ଓ ବିଚାର ବ୍ୟବସ୍ଥାରେ, ଆର୍ଥିକ ଓ ସାମାଜିକ ସ୍ତରରେ, ଶିକ୍ଷା ଓ ସ୍ୱାସ୍ଥ୍ୟ ଆଦି କ୍ଷେତ୍ରରେ ମହିଳା ମାନଙ୍କୁ ଅଧିକ ସଚେତନ ତଥା ସକ୍ଷମ କରିବାକୁ ଉଦ୍ୟମ କରାଯାଇଅଛି । ଏହାଛଡ଼ା ମହିଳା ବିକାଶ ସମବାୟ ନିଗମ (MVSN), ମହିଳା ସ୍ୱୟଂସହାୟକ ଗୋଷ୍ଠୀ (WSHG), ମିଶନଶକ୍ତି, ସ୍ୱାଧାର ଯୋଜନା, କୃଷି ଶକ୍ତି ଯୋଜନା, ଜାତୀୟ ଓ ରାଜ୍ୟ ସ୍ତରରେ ମହିଳା ଆୟୋଗ ଗଠନ, ଏବଂ "ବେଟୀ ବଚାଓ, ବେଟୀ ପଢ଼ାଓ" ଆଦି ଜନ ହିତକର କାର୍ଯ୍ୟକ୍ରମ ଗୁଡ଼ିକ ମଧ୍ୟ ଲିଙ୍ଗଗତ ବୈଷମ୍ୟକୁ ଦୂର କରିବା ପାଇଁ କରାଯାଉଅଛି । ସେମାନଙ୍କ ମଧ୍ୟରେ ଶିକ୍ଷା ଓ ସଚେତନତା ବିକାଶ କରି ସେମାନଙ୍କୁ ସବୁ କ୍ଷେତ୍ରରେ ଦକ୍ଷ ଓ ସଶକ୍ତ କରାଇବାର ନିରନ୍ତର ପ୍ରଚେଷ୍ଟା କରାଯାଉଛି ।

ଲିଙ୍ଗଗତ ବୈଷମ୍ୟକୁ ଦୂର କରିବାପାଇଁ ଆମ ସମ୍ବିଧାନର ଧାରା ୧୪- ସମାନ ଅଧିକାର, ଧାରା ୧୫(କ)- ଲିଙ୍ଗ ଭେଦରେ ପାତର ଅନ୍ତର ନ କରିବା, ଧାରା-୧୬, ଲିଙ୍ଗ ଭେଦରେ ସମସ୍ତଙ୍କୁ ସମାନ ସୁବିଧା ସୁଯୋଗ ପ୍ରଦାନ, ଧାରା ୩୯(ଘ)- ସମାନ କାମକୁ ସମାନ ଦରମା/ ମଜୁରୀ, ଧାରା ୧୫(୩)- ମହିଳା ଓ ଶିଶୁ ମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା ପ୍ରଦାନ ଆଦି ବ୍ୟବସ୍ଥାମାନ କାର୍ଯ୍ୟକାରୀ ହେଉଅଛି । ଏତଦ୍‌ବ୍ୟତୀତ ଆନ୍ତଃର୍ଜାତୀୟ ସ୍ତରରେ ମଧ୍ୟ ଗତ ବର୍ଷ (୨୦୧୫) ନ୍ୟୁୟର୍କଠାରେ ଅନୁଷ୍ଠିତ ମିଳିତ ଜାତିସଂଘ (UNO) ର "୨୦୧୫ ପରବ ର୍ 1 ବିକାଶ କାର୍ଯ୍ୟସୂଚୀ" ସମ୍ମିଳନୀରେ ସତରଟି ଲକ୍ଷ ବିଶିଷ୍ଟ ନିରନ୍ତର ବିକାଶର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଅଛି । ଏହାର ପ୍ରତ୍ୟେକଟି ଲକ୍ଷ୍ୟ ହାସଲରେ ବାଳିକା ଓ ମହିଳାମାନେ ଯେପରି ବିଶେଷ ଭାବରେ ଉପକୃତ ହେବେ ସେଥିପ୍ରତି ବିଶେଷ ଧ୍ୟାନ ଦିଆଯାଇଅଛି ଏବଂ ଏହିସବୁ ଲକ୍ଷ୍ୟ ଠିକ୍ ଭାବରେ ହାସଲ ହୋଇପାରିଲେ ୨୦୩୦ ମସିହା ବେଳକୁ ବିଶ୍ୱସ୍ତରରେ ଅନେକ ସମସ୍ୟାର ସହଜ ସମାଧାନ ହୋଇପାରିବ ବୋଲି ଆଶା ବ୍ୟକ୍ତ କରାଯାଇଅଛି ।

ଜାତୀୟ ଓ ଅନ୍ତଃର୍ଜାତୀୟ ସ୍ତରରେ ଏତେସବୁ ବ୍ୟବସ୍ଥା ଗ୍ରହଣ କରାଯାଇଥିଲେ ମଧ୍ୟ ସମଗ୍ର ବିଶ୍ୱରେ ଦେଖାଦେଇଥିବା ଲିଙ୍ଗଗତ ବୈଷମ୍ୟକୁ ଦୂର କରିବା ପାଇଁ ବ୍ୟକ୍ତିବିଶେଷ, ନେତୃବୃନ୍ଦ, ବିଭିନ୍ନ ସାମାଜିକ, ଧାର୍ମିକ, ରାଜନୈତିକ ପ୍ରତିଷ୍ଠାନ ଗୁଡ଼ିକର ଆନ୍ତରିକ ଉଦ୍ୟମ ସହ ନିମ୍ନରେ ଆଲୋଚିତ ଶିକ୍ଷାର ଭୂମିକା ଗୁଡ଼ିକ ମଧ୍ୟ ଅତି ଗୁରୁତ୍ୱପୂର୍ଣ୍ଣ ଅଟେ ।

3.2.6 ଲିଙ୍ଗଗତ ବୈଷମ୍ୟ ନିରାକରଣରେ ଶିକ୍ଷାର ଭୂମିକା–

ଆଜିର ସମାଜରେ ଲିଙ୍ଗଗତ ବୈଷମ୍ୟର କୁପରିଣାମ ଗୁଡ଼ିକୁ ପ୍ରାୟ ସମସ୍ତେ ଅନୁଭବ କରୁଛନ୍ତି ଏବଂ ଏହାର ଦୂରୀକରଣ ପାଇଁ ବିଭିନ୍ନ ପ୍ରୟାସ କରାଯାଇଥିଲେ ମଧ୍ୟ ଏହାର ଲକ୍ଷ୍ୟ ହାସଲରେ ଆମେ ଅସମର୍ଥ ହେଉଅଛୁ । ଏଥିପାଇଁ ଅନେକ କାରଣ ଦାୟୀ ହୋଇଥିଲେ ମଧ୍ୟ ଶିକ୍ଷା ଓ ସଚେତନତାର ଅଭାବ ଏକ ପ୍ରମୁଖ କାରଣ ଭାବରେ ବିବେଚନା କରାଯାଇଅଛି । ସେଥିପାଇଁ ଉକ୍ତ ସମସ୍ୟାର ସୁସମାଧାନ ପାଇଁ ପ୍ରତ୍ୟେକ ବ୍ୟକ୍ତିବିଶେଷକୁ ଉପଯୁକ୍ତ ଶିକ୍ଷା ପ୍ରଦାନ କରି ସେମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ ବିଶେଷ ଗୁରୁତ୍ୱ ପ୍ରଦାନ କରାଯାଉଅଛି । କାରଣ ଶିକ୍ଷା ଏକ ସାମାଜିକ ପ୍ରକ୍ରିୟା ଏବଂ ସାମାଜିକ କାର୍ଯ୍ୟ ମଧ୍ୟ । ପ୍ରତ୍ୟେକ ସମାଜରେ ମନୁଷ୍ୟର ଆଚରଣର ଆବଶ୍ୟକୀୟ ପରିବ ର୍ତନ କରି ସେମାନଙ୍କୁ ସମୟୋପଯୋଗୀ ତଥା ସମାଜୋପଯୋଗୀ କରିବା ପାଇଁ ଶିକ୍ଷାର ଗୁରୁତ୍ୱ ତଥା ଆବଶ୍ୟକତାକୁ ସବୁ ସମୟରେ ଉପଲବ୍ଧି କରାଯାଇଅଛି । ସେଥିପାଇଁ ସାମାଜିକ ପରିବ ର୍ତନ ଓ ସାମାଜିକ ନିୟନ୍ତ୍ରଣରେ ଶିକ୍ଷାକୁ ଏକ ଫଳପ୍ରଦ ମାଧ୍ୟମ ଭାବରେ ବିବେଚନା କରାଯାଇଥାଏ ।

ଶିକ୍ଷା ଏକ ମାଧ୍ୟମ ଭାବରେ ଶିଶୁ ବା ବ୍ୟକ୍ତିର ମନୋବୃ ି, ଆଗ୍ରହ, ବିଶ୍ୱାସ, ଚିନ୍ତା ତଥା ଚେତନା ଆଦିର ଆବଶ୍ୟକୀୟ ପରିବ ର୍ତନ କରି ବିକାଶ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ତେଣୁ ଆରମ୍ଭରୁ ଉପଯୁକ୍ତ ଶିକ୍ଷା ମାଧ୍ୟମରେ ସମାଜରେ ଦେଖାଦେଉଥିବା ଲିଙ୍ଗଗତ ବୈଷମ୍ୟର ସ୍ଥିତି, ସମସ୍ୟା ଏବଂ ଏହାର କୁପରିଣାମ ସମ୍ପର୍କରେ ଶିଶୁ ମଧ୍ୟରେ ସଚେତନତା ସୃଷ୍ଟି କରାଯାଇପାରିବ । ଫଳରେ ଭବିଷ୍ୟତର ନାଗରିକ ତଥା ବ ର୍ତମାନର ଶିକ୍ଷାର୍ଥୀ ଲିଙ୍ଗଗତ ବୈଷମ୍ୟ ସମ୍ବନ୍ଧରେ ଏକ ସ୍ଥୁଳ ଧାରଣା ସୃଷ୍ଟି କରି ସଚେତନ ହେବା ସଙ୍ଗେ ସଙ୍ଗେ ଅନ୍ୟମାନଙ୍କୁ ତଦ୍‌ଜନିତ ସମସ୍ୟାର ସମାଧାନ ପାଇଁ ଅନୁପ୍ରାଣିତ କରିବାକୁ ସମର୍ଥ ହୋଇପାରିବ । ଏହି କ୍ରମରେ ଲିଙ୍ଗଗତ ବୈଷମ୍ୟ ଦୂର କରିବା ପାଇଁ ଶିକ୍ଷାର ଭୂମିକା ଗୁଡ଼ିକୁ ନିମ୍ନମତେ ଆଲୋଚନା କରାଯାଇଅଛି ।

3.2.7 ଲିଙ୍ଗଗତ ବୈଷମ୍ୟ ଓ ଶିକ୍ଷାର ଉଦ୍ଦେଶ୍ୟ –

ଲିଙ୍ଗଗତ ବୈଷମ୍ୟର ସ୍ୱରୂପ, ପରିସର ଏବଂ ପରିଣାମକୁ ଆଧାର କରି ଶିକ୍ଷାର ନିମ୍ନୋକ୍ତ ଲକ୍ଷ୍ୟ ଗୁଡ଼ିକ ଉପରେ ଗୁରୁତ୍ୱ ଆରୋପ କରାଯିବା ଉଚିତ୍ ।

(୧) ଲିଙ୍ଗଗତ ବୈଷମ୍ୟର ସ୍ଥିତି ଓ ଏହାର ସମସ୍ୟା ଗୁଡ଼ିକୁ ବିଭିନ୍ନ ସ୍ତରରେ ଜାତୀୟ ତଥା ଆନ୍ତଃଜାତୀୟ ଦୃଷ୍ଟିକୋଣରୁ ବିସ୍ତୃତ ଭାବରେ ଅନୁସନ୍ଧାନ କରି ଉପସ୍ଥାପନ କରିବା ।

(୨) ଉପଯୁକ୍ତ ଜ୍ଞାନ, ଧାରଣା, ମନୋବୃ ି, ବିଚାରବୋଧ ଆଦିର ବିକାଶକୁ ଆଧାର କରି ସମାଜରେ ଦେଖାଦେଉଥିବା ଲିଙ୍ଗଗତ ବୈଷମ୍ୟର ପରିଣାମ ପ୍ରତି ସଚେତନତା ସୃଷ୍ଟି କରିବା ।

(୩) ଲିଙ୍ଗଗତ ବୈଷମ୍ୟ ଯୋଗୁଁ ସମାଜରେ ଦେଖାଯାଉଥିବା ସମସ୍ୟାଗୁଡ଼ିକୁ ଅନୁଧ୍ୟାନ କରି ଏହାର ଉପଯୁକ୍ତ ସମାଧାନ କରିବା ।

(୪) ସମାଜରେ ପୁରୁଷ ଏବଂ ନାରୀ ମଧ୍ୟରେ ଥିବା ସହସମ୍ବନ୍ଧ ତଥା ନିର୍ଭରଶୀଳତା ବିଷୟରେ ଜ୍ଞାନ ଆହରଣ କରି ସମାଜର ପ୍ରଗତିରେ ସେମାନଙ୍କର ସହଯୋଗୀତା ତଥା ସହଭାଗୀତାର ଆବଶ୍ୟକତାକୁ ଅନୁଭବ କରିବା ମାଧ୍ୟମରେ ଆଚରଣଗତ ପରିବ ର୍ନ କରିବା ।

(୫) ଲିଙ୍ଗଗତ ବୈଷମ୍ୟ ଓ ତଦ୍‌ସଂପୃକ୍ତ ସମସ୍ୟା ଗୁଡ଼ିକୁ ଅଧ୍ୟୟନ କରି ଦକ୍ଷତାର ବିକାଶ ଆଧାରରେ ମୌଳିକ ଜ୍ଞାନ ଆହରଣ କରିବା ଓ କୌଶଳ ହାସଲ ପାଇଁ ସୁଯୋଗ ସୃଷ୍ଟି କରିବା ।

(୬) ଲିଙ୍ଗଗତ ବୈଷମ୍ୟକୁ ଦୂର କରି ଏକ ସୁସ୍ଥ ସୁନ୍ଦର ପ୍ରଗତିଶୀଳ ମାନବ ସମାଜ ଗଠନ ପାଇଁ ଆବଶ୍ୟକୀୟ ଉପଯୁକ୍ତ ଅଭିବୃ ି, ମନୋବୃ ି ଓ ଦୃଢ଼ ଇଚ୍ଛା ଶକ୍ତିର ବିକାଶ ସାଧନ କରିବା ।

(୭) ଜାତୀୟ ବିକାଶର ମୁଖ୍ୟ ସ୍ରୋତରେ ପୁରୁଷ ଓ ନାରୀମାନଙ୍କୁ ସମାନ ଭାବରେ ସାମିଲ କରିବାର ସୁଯୋଗ ସୃଷ୍ଟି କରିବା ।

3.2.8 ଲିଙ୍ଗଗତ ବୈଷମ୍ୟ ଶିକ୍ଷା-ପାଠ୍ୟକ୍ରମ–

ଲିଙ୍ଗଗତ ବୈଷମ୍ୟ ଏବଂ ଏହାର ପରିସର ସମ୍ବନ୍ଧୀୟ ଶିକ୍ଷା ମୁଖ୍ୟତଃ ଏକ ଅନ୍ତଃବିଭାଗୀୟ ଅଧ୍ୟୟନ ଅଟେ । ଏହାର ଅଧ୍ୟୟନର ପରିସର ମଧ୍ୟରେ ସମାଜ ବିଜ୍ଞାନ, ରାଜନୀତି ବିଜ୍ଞାନ, ମନୋବିଜ୍ଞାନ, ଅର୍ଥନୀତି ବିଜ୍ଞାନ, ଜୀବ ବିଜ୍ଞାନ, ସ୍ୱାସ୍ଥ୍ୟ ବିଜ୍ଞାନ ଆଦି ବିଷୟବସ୍ତୁ ଗୁଡ଼ିକ ଅନ୍ତର୍ଭୁକ୍ତ । ଲିଙ୍ଗଗତ ବୈଷମ୍ୟ ଏବଂ ଏହାର ପରିଣାମର ଗୁରୁତ୍ୱକୁ ଉପଲବ୍ଧି କରି ଉକ୍ତ ସମସ୍ୟାର ସମାଧାନ ଉଦ୍ଦେଶ୍ୟରେ ଶିକ୍ଷାବିତ୍‌ମାନେ ଏଥିସମ୍ବନ୍ଧୀୟ ବିଭିନ୍ନ ବିଷୟବସ୍ତୁ ଗୁଡ଼ିକୁ ଉପରୋକ୍ତ ବିଷୟର ପାଠ୍ୟକ୍ରମରେ ଉପଯୁକ୍ତ ସ୍ଥାନ ଦେବାପାଇଁ ଗୁରୁତ୍ୱ ଆରୋପ କରିଅଛନ୍ତି । ଏହି କ୍ରମରେ ପ୍ରାଥମିକ ସ୍ତରରୁ ବିଶ୍ୱବିଦ୍ୟାଳୟ ସ୍ତର ପର୍ଯ୍ୟନ୍ତ ବିଭିନ୍ନ ପାଠ୍ୟକ୍ରମରେ ଜନସଂଖ୍ୟା ଶିକ୍ଷା, ନାରୀଶିକ୍ଷା, ନାରୀ ସଶକ୍ତିକରଣ, ବାଳିକା ଶିକ୍ଷା, ପାରିବାରିକ ତଥା ଘରୋଇ ହିଂସା, ମହିଳା ସୁରକ୍ଷା ତଥା ତାଲିମ୍, ସାମାଜିକ ପରିବ ର୍ନ, ସାମାଜିକ ନିୟନ୍ତ୍ରଣ, ସାମାଜିକ ପରିଚାଳନା ଏବଂ ମହିଳା ମାନଙ୍କର ଶିକ୍ଷା ଓ ସ୍ୱାସ୍ଥ୍ୟ ଆଦି ସମସ୍ୟା ସମ୍ବନ୍ଧୀୟ ବିଭିନ୍ନ ବିଷୟବସ୍ତୁ ଉପରେ ବିସ୍ତୃତ ଆନୁଷ୍ଠାନିକ ଶିକ୍ଷା ପ୍ରଦାନ କରାଯିବା ତଥା ଗବେଷଣା ପାଇଁ ଗୁରୁତ୍ୱ ପ୍ରଦାନ କରାଯାଇଛି । ଏହାଦ୍ୱାରା ଶିକ୍ଷାର୍ଥୀମାନଙ୍କୁ ଉକ୍ତ ସମ୍ବେଦନଶୀଳ ପ୍ରସଙ୍ଗ ଉପରେ ଅଧ୍ୟୟନ କରି ବିଶେଷ ଭାବରେ ସଚେତନ କରାଯିବାର ବ୍ୟବସ୍ଥା କରାଯାଇଅଛି ।

3.2.9 ଲିଙ୍ଗଗତ ବୈଷମ୍ୟ ଓ ଶିକ୍ଷା-ସହପାଠ୍ୟକ୍ରମ–

ଲିଙ୍ଗଗତ ବୈଷମ୍ୟର ଗୁରୁତ୍ୱକୁ ଉପଲବ୍ଧି କରି ଏହାର କୁପରିଣାମ ପ୍ରତି ଶିକ୍ଷାର୍ଥୀ ମାନଙ୍କୁ ସଚେତନ କରିବା ପାଇଁ ଆମ ଶିକ୍ଷା ବ୍ୟବସ୍ଥାର ସହପାଠ୍ୟକ୍ରମରେ ବିଭିନ୍ନ କାର୍ଯ୍ୟକ୍ରମ ମାନ ନିମ୍ନମତେ କାର୍ଯ୍ୟକାରୀ କରାଯିବା ଉଚିତ୍ ।

(୧) ଲିଙ୍ଗଗତ ବୈଷମ୍ୟ ସମ୍ବନ୍ଧୀୟ ବିଭିନ୍ନ ତଥ୍ୟ, ସମସ୍ୟା, ପରିଣାମ ଓ ଏହାର ସମାଧାନ ପାଇଁ ଶିକ୍ଷାର୍ଥୀମାନଙ୍କୁ ଅବଗତ କରାଇବା ଉଦ୍ଦେଶ୍ୟରେ ବିଦ୍ୟାଳୟକୁ ବିଭିନ୍ନ ଶିକ୍ଷାବିତ୍ ବିଶେଷଜ୍ଞ ତଥା ନେତୃ ସ୍ଥାନୀୟ ବ୍ୟକ୍ତି ବିଶେଷଙ୍କୁ ନିମନ୍ତ୍ରଣ କରି ଆଲୋଚନାର କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରାଯିବା ଉଚିତ୍ ।

(୨) ଆଲୋଚନା ସଭା ଓ କର୍ମଶାଳା – ବିଦ୍ୟାଳୟ ଏବଂ ମହାବିଦ୍ୟାଳୟରେ ଲିଙ୍ଗଗତ ବୈଷମ୍ୟ, ଲିଙ୍ଗଗତ ସାମ୍ୟତା, ନାରୀ ସଶକ୍ତିକରଣ, କନ୍ୟାଭ୍ରୂଣ ହତ୍ୟା ଓ ନାରୀ ନିର୍ଯ୍ୟାତନା, ବାଳିକା ଶିକ୍ଷା ଏବଂ ସେମାନଙ୍କର ବିଭିନ୍ନ ସମସ୍ୟା ସମ୍ବନ୍ଧୀୟ କର୍ମଶାଳା, ଆଲୋଚନା ସଭା ଆଦିର ଆୟୋଜ କରାଯିବା ଉଚିତ୍ । ଫଳରେ ଏଥିରେ ଶିକ୍ଷାର୍ଥୀମାନେ ସକ୍ରିୟ ଭାବରେ ଅଂଶଗ୍ରହଣ କରି ସେମାନଙ୍କର ଦୈନନ୍ଦିନ ଜୀବନରେ ଅନୁଭୁତ ହେଉଥିବା ତଦ୍‌ସମ୍ବନ୍ଧୀୟ ସମସ୍ୟା ସହ ଅବଗତ ହୋଇ ସମାଧାନର ମାର୍ଗ ନିର୍ଦ୍ଧାରଣ କରିବାପାଇଁ ସମର୍ଥ ହେବେ ।

(୩) ଗୁରୁତ୍ୱପୂର୍ଣ୍ଣ ଦିବସଗୁଡ଼ିକର ପାଳନ – ବିଦ୍ୟାଳୟର ପରିସରରେ ଲିଙ୍ଗଗତ ବୈଷମ୍ୟ ସହ ସଂପୃକ୍ତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଦିବସ ଯଥା– ଜାତୀୟ ବାଳିକା ଶିଶୁ ଦିବସ (ଜାନୁୟାରୀ ୨୪ ତାରିଖ), ବିଶ୍ୱ ମହିଳା ଦିବସ (ମାର୍ଚ୍ଚ ୮ ତାରିଖ), ବିଶ୍ୱ ସ୍ୱାସ୍ଥ୍ୟ ଦିବସ (ଏପ୍ରିଲ୍ ୬ ତାରିଖ), ବିଶ୍ୱ ଜନସଂଖ୍ୟା ଦିବସ (ଜୁନ୍ ୧୧ ତାରିଖ), ବିଶ୍ୱ ସାକ୍ଷରତା ଦିବସ (ସେପ୍ଟେମ୍ବର ୮ ତାରିଖ), ଆନ୍ତଃର୍ଜାତୀୟ ବାଳିକା ଶିଶୁ ଦିବସ (ଅକ୍ଟୋବର ୧୧ ତାରିଖ), ବିଶ୍ୱ ଏଡ୍‌ସ ଦିବସ (ଡିସେମ୍ବର ୧ ତାରିଖ) ଆଦି ପାଳନ କରାଯିବା ଅବସରରେ ଶିକ୍ଷାର୍ଥୀମାନଙ୍କୁ ସେ ଦିବସ ଗୁଡ଼ିକର ଗୁରୁତ୍ୱ ଓ ସେଥିସହ ଲିଙ୍ଗଗତ ବୈଷମ୍ୟ ଏବଂ ଏହାର ପରିଣାମର ସମ୍ପର୍କ ବିଷୟରେ ଶିକ୍ଷାର୍ଥୀ ମାନଙ୍କୁ ସଚେତନ କରାଯିବା ଉଚିତ୍ ।

(୪) ପ୍ରତିଯୋଗିତା – ଲିଙ୍ଗଗତ ବୈଷମ୍ୟକୁ ଦୂର କରିବା ନିମନ୍ତେ ସେଥିପ୍ରତି ସଚେତନ କରିବା ପାଇଁ ଶିକ୍ଷାର୍ଥୀମାନଙ୍କ ମଧ୍ୟରେ ବିଭିନ୍ନ ପ୍ରକାର ତର୍କସଭା, ବକୃତା, କବିତା ଆବୃ ି ଓ ପ୍ରବନ୍ଧ ଲିଖନ ତଥା ଚିତ୍ରାଙ୍କନ ପ୍ରତିଯୋଗିତା ମାନ ଆୟୋଜନ କରାଯିବା ଉଚିତ ।

(୫) ବିଦ୍ୟାଳୟ ତଥା ମହାବିଦ୍ୟାଳୟରେ ବାଳିକା ମାନଙ୍କ ପାଇଁ ଆତ୍ମସୁରକ୍ଷା ପ୍ରଶିକ୍ଷଣ, ଆତ୍ମ-ସମ୍ମାନ ପ୍ରଶିକ୍ଷଣ ଓ ସେମାନଙ୍କର ଦକ୍ଷତା ବିକାଶ ପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଗୁଡ଼ିକୁ କାର୍ଯ୍ୟକାରୀ କରାଯିବା ଉଚିତ୍ ।

(୬) ବାଳିକା ମାନଙ୍କ ପାଇଁ ବିଦ୍ୟାଳୟ, ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟ, ରାଜ୍ୟ ତଥା ଜାତୀୟ ଓ ଆନ୍ତଃର୍ଜାତୀୟ ସ୍ତରରେ ମହିଳା ତଥା ବାଳିକା ମାନଙ୍କର ସ୍ୱତନ୍ତ୍ର ନେତୃତ୍ୱ ଓ ପ୍ରଶିକ୍ଷଣ ଶିବିର ମାନ ଆୟୋଜନ କରାଯିବା ଉଚିତ୍ ।

ଏତଦ୍‌ଭିନ୍ନ ଅଣଆନୁଷ୍ଠାନିକ ଶିକ୍ଷା ବ୍ୟବସ୍ଥା ଏବଂ ସରକାରୀ, ବେସରକାରୀ ତଥା ସ୍ୱେଚ୍ଛାସେବୀ ସଂଘଠନ ଓ ଗଣମାଧ୍ୟମ ମାନଙ୍କର ବିଭିନ୍ନ ପ୍ରକାର ପଦକ୍ଷେପ ଦ୍ୱାରା ଲିଙ୍ଗଗତ ବୈଷମ୍ୟ ସମ୍ବନ୍ଧୀୟ ସଚେତନତା ସୃଷ୍ଟି କରିବା ପାଇଁ ସଫଳ ପ୍ରୟାସ ନିମ୍ନମତେ କରାଯିବା ଆବଶ୍ୟକ ।

(୧) ନାରୀମାନଙ୍କର ସୁରକ୍ଷା ଏବଂ ସେମାନଙ୍କର ସହଯୋଗୀତା ଓ ସହଭାଗୀତା ସମ୍ବନ୍ଧରେ ଶିକ୍ଷାର୍ଥୀ ଓ ଜନସାଧାରଣଙ୍କୁ ସମୟୋଚିତ ସଚେତନତା ତଥା ଏହାର ସମାଧାନ ପାଇଁ ସରକାରୀ, ବେସରକାରୀ, ସ୍ୱେଚ୍ଛାସେବୀ ଓ ଗଣମାଧ୍ୟମ ଗୁଡ଼ିକ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ମାନ ଗ୍ରହଣ କରିବା ଉଚିତ୍ ।

(୨) ଶିକ୍ଷା, ସ୍ୱାସ୍ଥ୍ୟ ତଥା ସାମାଜିକ କ୍ଷେତ୍ରରେ ଦେଖାଯାଉଥିବା ଲିଙ୍ଗଗତ ବୈଷମ୍ୟକୁ ଦୂର କରିବା ପାଇଁ ସବୁ ସ୍ତରରେ ବିଭିନ୍ନ ପ୍ରକାର ପଦକ୍ଷେପ ମାନ ଗ୍ରହଣ କରାଯିବା ଆବଶ୍ୟକ ।

(୩) ସାକ୍ଷରତା ଓ ଜନସଂଖ୍ୟା କ୍ଷେତ୍ରରେ ଲିଙ୍ଗଗତ ତାରତମ୍ୟକୁ ହ୍ରାସ କରିବା ପାଇଁ ବିଭିନ୍ନ ଯୋଜନା ପ୍ରଣୟନ କରିବା ।

(୪) ବିଦ୍ୟାଳୟ ସ୍ତରରେ ବାଳିକା ମାନଙ୍କ ପାଇଁ ଉର୍ଦ୍ଦିଷ୍ଟ ଶିକ୍ଷାର ଅପଚୟ ଓ ଆବଦ୍ଧତାକୁ ଦୂର କରିବା ।

(୫) ବାଳିକା ମାନଙ୍କର ସ୍ୱାସ୍ଥ୍ୟ ସମସ୍ୟା ତଥା ଏହାର ନିରାକରଣ ପାଇଁ ସଚେତନତା ସୃଷ୍ଟି କରିବା ।

(୬) କନ୍ୟାଭ୍ରୂଣ ହତ୍ୟା ଏବଂ କନ୍ୟାସନ୍ତାନ ପ୍ରତି ଥିବା ସଂକୀର୍ଣ୍ଣ ମନୋଭାବକୁ ଦୂର କରିବା ।

(୭) ମହିଳା ମାନଙ୍କୁ ସବୁ ପ୍ରକାର ହିଂସା, ଅପରାଧରୁ ମୁକ୍ତ କରିବା ସହ ସେମାନଙ୍କର ସୁରକ୍ଷା ପ୍ରତି ବିଶେଷ ବ୍ୟବସ୍ଥା ଗ୍ରହଣ କରିବା ।

(୮) ପାରିବାରିକ ତଥା ଆ ଳିକ, ଜାତୀୟ ଓ ଆନ୍ତଃର୍ଜାତୀୟ ସ୍ତରରେ ନୀତି ନିର୍ଦ୍ଧାରଣ, ସକ୍ରିୟ ଅଂଶଗ୍ରହଣ କରିବା ପାଇଁ ସବୁ କ୍ଷେତ୍ରରେ ପୁରୁଷମାନଙ୍କ ସହ ମହିଳା ମାନଙ୍କ ପାଇଁ ସମାନ ସୁଯୋଗ ସୃଷ୍ଟି କରିବା ।

(୯) ବାଳିକା ମାନଙ୍କର ସୁରକ୍ଷିତ ଜୀବନ, ଶ୍ରମ ଓ ନିଯୁକ୍ତି କ୍ଷେତ୍ରରେ ସ୍ୱାଧୀନତା ତଥା ନେତୃତ୍ୱ ନେବା ଅଧିକାରକୁ ସୁନିଶ୍ଚିତ କରିବା ପାଇଁ ଉପଯୁକ୍ତ ଶିକ୍ଷା, ଦକ୍ଷତା, ପ୍ରଶିକ୍ଷଣ, ପ୍ରଯୁକ୍ତି ବିଦ୍ୟା ଆହରଣ ସମ୍ବନ୍ଧୀୟ ବିଭିନ୍ନ ଶିକ୍ଷଣ କାର୍ଯ୍ୟକ୍ରମ ଗୁଡ଼ିକୁ ପ୍ରାଧାନ୍ୟ ଦିଆଯାଇ ଅଧିକ ଉତ୍ସାହିତ କରାଯିବା ଉଚିତ୍ ।

(୧୦) କିଶୋରୀ ବାଳିକାମାନଙ୍କର ଉପଯୁକ୍ତ ସ୍ୱାସ୍ଥ୍ୟ ଓ ପରିପୃଷ୍ଟି ପ୍ରତି ବିଶେଷ ଧ୍ୟାନ ଦେଇ ସ୍ୱତନ୍ତ୍ର କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରିବା ।

(୧୧) ସମାଜରେ ବାଲ୍ୟ ବିବାହ ଓ ମହିଳାଙ୍କ ପ୍ରତି ଅତ୍ୟାଚାର ଆଦିକୁ ଦୂର କରିବା ପାଇଁ ସାମାଜିକ, ଅର୍ଥନୈତିକ ଏବଂ ନୀତି ନିର୍ଦ୍ଧାରକ ପ୍ରତିଷ୍ଠାନ ମଧ୍ୟରେ ସୁସମ୍ପର୍କ ସ୍ଥାପନ ପୂର୍ବକ ବିଭିନ୍ନ ବିଧି ବ୍ୟବସ୍ଥାକୁ କାର୍ଯ୍ୟକାରୀ କରିବା ।

(୧୨) ମହିଳା ମାନଙ୍କର ନାଗରିକ ଓ ରାଜନୈତିକ ଅଂଶଗ୍ରହଣ ତଥା ସୃଜନଶୀଳ ଶକ୍ତି ଓ ଦକ୍ଷତାର ବିକାଶ ଏବଂ ପରିପ୍ରକାଶ ପାଇଁ ସାଧାରଣ ଓ ସାମାଜିକ ସ୍ତରରେ ସୁଯୋଗ ସୃଷ୍ଟି କରିବା ପାଇଁ କାର୍ଯ୍ୟ କରିବା ।

(୧୩) ମହିଳା ସଶକ୍ତିକରଣ କାର୍ଯ୍ୟକ୍ରମର କାର୍ଯ୍ୟକାରିତାକୁ ଧାରାବାହିକ ଭାବରେ ବିଭିନ୍ନ ସ୍ତରରେ ଉପଯୁକ୍ତ ସମୀକ୍ଷା କରି ବିଭିନ୍ନ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ।

(୧୪) ସମସ୍ତ ବାଳିକା ମାନଙ୍କ ପାଇଁ ଅବୈତନିକ ବାଧ୍ୟତାମୂଳକ ସାର୍ବଜନୀନ ପ୍ରାଥମିକ ଶିକ୍ଷାକୁ ସୁନିଶ୍ଚିତ କରିବା ।

(୧୫) ରାଜ୍ୟ ଜାତୀୟ ତଥା ଆନ୍ତର୍ଜାତୀୟ କ୍ଷେତ୍ରରେ ଉତ୍କର୍ଷ ସାଧନ କରିଥିବା ମହିଳା ମାନଙ୍କର ଜୀବନୀ ଓ କାର୍ଯ୍ୟାଳବୀ ଉପରେ କର୍ମଶାଳା, ପ୍ରଦର୍ଶନୀ ଓ ଫିଲ୍ସ ସୋ କରାଯିବା ଆବଶ୍ୟକ ।

ଉପସଂହାର–

ଲିଙ୍ଗଗତ ସାମ୍ୟତା ଓ ବୈଷମ୍ୟ ସମ୍ବନ୍ଧୀୟ ବିଭିନ୍ନ ପ୍ରକାର ଆଲୋଚନା, ପର୍ଯ୍ୟାଲୋଚନା ତଥା ସମାଲୋଚନା ଅପେକ୍ଷା ଏହାର ଗୁରୁତ୍ୱକୁ ସବୁ ସ୍ତରରେ ଉପଲବ୍ଧି କରି ଏଥିପ୍ରତି ସମସ୍ତ ଜନସାଧାରଣ, ଶିକ୍ଷକ, ଶିକ୍ଷାର୍ଥୀ, ଅଭିଭାବକ, ପ୍ରଶାସକ, ଜନନାୟକ, ସମାଜସେବୀ ସ୍ୱେଚ୍ଛାସେବୀ ଆଦି ସବୁ ବର୍ଗର ବ୍ୟକ୍ତି ବିଶେଷ ସଚେତନ ଓ କର୍ମତତ୍ପର ହେବା ଏକାନ୍ତ ଆବଶ୍ୟକ । କାରଣ ଲିଙ୍ଗ ଭିତରେ ପୁରୁଷ ଓ ମହିଳାମାନଙ୍କ ମଧ୍ୟରେ କୌଣସି ବିଭେଦତାପୂର୍ଣ୍ଣ ମନୋଭାବ ନ ରଖି ସେମାନଙ୍କର ସମାନ ଅଧିକାର ସମାନ ଅଂଶଗ୍ରହଣ ମାଧ୍ୟମରେ ଉପଯୁକ୍ତ ସହଯୋଗିତା ଓ ସହଭାଗୀତାକୁ ଆଧାର କରି ସମାଜର ପ୍ରଗତି କଥା ଚିନ୍ତାକରି କାର୍ଯ୍ୟକାରୀ କରିବା ସମସ୍ତଙ୍କର ମିଳିତ ସହଯୋଗ ତଥା ପ୍ରଚେଷ୍ଟା ମାଧ୍ୟମରେ ସମ୍ଭବ ହୋଇପାରିବ । ନାରୀ ଅବଳା ଓ ଦୁର୍ବଳା ନୁହେଁ, ସେ ଶକ୍ତିମୟୀ । 'ବିନାଶ୍ରୟେ ନ ବ ର୍ତେ କବିତା ବନିତା ଲତା'ର ଉକ୍ତିକୁ ବଦଳାଇବାକୁ ହେବ । ନାରୀ ସକଳ ଶକ୍ତିର ଆଧାର ଓ ପୂଜ୍ୟା- ଏଭଳି ଚିନ୍ତାଧାରା ସୃଷ୍ଟି ପୂର୍ବକ ସମାଜରେ ଉଭୟ ନାରୀ ଓ ପୁରୁଷ ବିକାଶ ମୁଦ୍ରାର ଦୁଇ ପାର୍ଶ୍ୱ ଓ ପରସ୍ପରର ପରିପୂରକ । ଉଭୟଙ୍କର ସମଚିନ୍ତା, ସହଯାତ୍ରା, ସମଭାବ ଓ କର୍ମ ଦ୍ୱାରା ସମାଜ ପରିପୃଷ୍ଟ ହେବ ।

3.3 ଜଗତୀକରଣ ଓ ଶିକ୍ଷା ଉପରେ ଏହାର ପ୍ରଭାବ

ମନୁଷ୍ୟ ଏକ ସାମାଜିକ ପ୍ରାଣୀ । ସମାଜ ବିନା ସେ ବ ୍ରବା ଅସମ୍ଭବ । ସଂପ୍ରତି ଆମ୍ଭେ ସମସ୍ତେ ଏକ ସାମାଜିକ ତଥା ସାଂସ୍କୃତିକ ପରିବ ର୍ତନ ମଧ୍ୟରେ ଗତି କରୁଛେ । ବିଜ୍ଞାନ ଓ କାରିଗରୀ ଶିକ୍ଷାର ଅଗ୍ରଗତି ଫଳରେ ପରିବ ର୍ତନର ବେଗ ଆଶାତୀତ ଭାବେ କ୍ଷିପ୍ରତର ହେଉଅଛି । ପୃଥିବୀର ସମସ୍ତ ଦେଶ ପରସ୍ପର ଉପରେ ଅଧିକ ନିର୍ଭରଶୀଳ ହୋଇଛନ୍ତି । ଯାହା ଫଳରେ ଗୋଟିଏ ଦେଶର ଅର୍ଥନୀତି ବା ବୈଜ୍ଞାନିକ ବିକାଶଧାରା ଅନ୍ୟ ଦେଶକୁ ପ୍ରଭାବିତ କରିବା ଦେଖା ଦେଉଛି । ଦେଶ ଦେଶ ଭିତରେ ସୀମା ସରହଦ ସଂକୁଚିତ ହେଲା ଭଳି ପ୍ରତୀୟମାନ ହେଉଛି । ଗୋଟିଏ ଦେଶର ସଂସ୍କୃତି, ଭାଷା, ବୈଭବ ଅନ୍ୟ ଦେଶରେ ପ୍ରତିଫଳିତ ହେବାରେ ଲାଗିଛି । ସୁତରାଂ ଦେଶ ଦେଶ ମଧ୍ୟରେ ସଂଯୁତ ଶିକ୍ଷା, ଜ୍ଞାନ, ବୈଜ୍ଞାନିକ ଧାରଣା ଯନ୍ତ୍ରପାତି ତଥା କାରିଗରୀ ବିଦ୍ୟା, ଅର୍ଥନୀତି, ବାଣିଜ୍ୟ କାରବାର, କର୍ମ ନିପୁଣତା, ସେବା ଓ ସହଯୋଗର ଅଦାନ ପ୍ରଦାନ ହେବାଦ୍ୱାରା ସମଗ୍ର ପୃଥିବୀ ବା ବିଶ୍ୱ ଏକ ପରିବାର ସଦୃଶ୍ୟ ପ୍ରତୀୟମାନ ହେଉଅଛି । ଦେଶ ଦେଶ ମଧ୍ୟରେ ବିକାଶ ନିମି ପ୍ରତିଯୋଗିତା ମନୋଭାବ ମଧ୍ୟ ପରିଲିକ୍ଷିତ ହେଉଅଛି । କୌଣସି ଦେଶ ଅନ୍ୟ ଦେଶକୁ ଛାଡ଼ି ଉନ୍ନତି କରିବା ଭଳି ଅବସ୍ଥାରେ ନାହାନ୍ତି ।

ଆମ୍ଭ ଭାରତୀୟ ପ୍ରାଚୀନ ସଂସ୍କୃତି ଓ ସଭ୍ୟତାର ମୂଳମନ୍ତ୍ର ହେଉଛି । 'ବସୁଧୈବ କୁଟୁମ୍ବକମ୍' ଅର୍ଥାତ୍ ବସୁଧାରେ ସମସ୍ତ ମାନବଜାତି ଏକ ପରିବାର ଭୁକ୍ତ । ଆଧୁନିକ ସଭ୍ୟତା ଓ ସଂସ୍କୃତିରେ ଏହାର ମହ ୍ତ୍ୱ ପ୍ରତିପାଦିତ ହୋଇଛି । ବୈଜ୍ଞାନିକ ଉଦ୍ଭାବନ ତଥା କାରିଗରୀ କୌଶଳର ବିକାଶଧାରା ସମଗ୍ର ପୃଥିବୀକୁ ଏକ ଯୌଥ ପାରିବାରିକ ବନ୍ଧନରେ ଏକତ୍ରୀକରଣ କଲାଭଳି ଭାବନା ଜାଗ୍ରତ ହୋଇଛି । ଦେଶ ଦେଶ ମଧ୍ୟରେ ଯେଉଁ ଐକ୍ୟ ବିଶ୍ୱ ଭାବଧାରା ଉଦ୍ରେକ ହୋଇଯାଇଛି ତାହା କେବଳ ଉଦାରିକରଣର ଚେତନା ଓ ଜଗତୀକରଣର ଭାବନାର ଉନ୍ମେଷ ମାତ୍ର ।

3.3.1 ଜଗତୀକରଣର ଅର୍ଥ :

ଜଗତୀକରଣ ହେଉଛି ଏକ ବିଶ୍ୱବ୍ୟାପି ପରିଦୃଶ୍ୟମାନ ଅନୁଭୂତି । ଏହା ହେଉଛି ଏକ ଅର୍ଥନୈତିକ ପ୍ରକ୍ରିୟା ଯାହାର ଲକ୍ଷ୍ୟ ହେଉଛି ଏକୀଭୂତ ଆନ୍ତର୍ଜାତିକ ବଜାର ସୃଷ୍ଟି କରିବା ଯେଉଁଠି କୌଣସି ଜାତୀୟତାବାଦର ବାଧାବିଘ୍ନ ତଥା ପ୍ରତିବନ୍ଧକତା ନଥାଏ । ଦେଶ ଦେଶ ମଧ୍ୟରେ କୌଣସି ବାଣିଜ୍ୟିକ କାରବାରରେ ବାଧାବନ୍ଧନ ନଥିବ ଏବଂ ବହୁ ରାଷ୍ଟ୍ରୀୟ କମ୍ପାନୀ ମାନଙ୍କର ପୁଞ୍ଜିନିବେଶକୁ ପ୍ରେତ୍ସାହନ ଦିଆଯାଉଥିବ । ବିଶିଷ୍ଟ ସମାଜବିଜ୍ଞାନୀ ଓ୍ୱାଟସ୍‌ଙ୍କ ମତରେ ଜଗତୀକରଣ ଏକ ସାମାଜିକ ପ୍ରକ୍ରିୟା ଯାହାର ଲକ୍ଷ୍ୟ ହେଉଛି ଏକ ବିଶ୍ୱପରିପ୍ରେକ୍ଷୀୟ ସମାଜ ସୃଷ୍ଟି କରିବା ଯେଉଁ ସମାଜ ପୃଥିବୀର ସମସ୍ତ ସଂସ୍କୃତି ଓ ସଭ୍ୟତାର ପୃଷ୍ଠଭୂମି ଉପରେ ଆଧାରିତ ହେବ ।

ରାଜନୀତି ବିଜ୍ଞାନୀ ଇୟନା କ୍ଲାର୍କଙ୍କ ମତରେ ଜଗତୀକରଣ ଏକ ରାଜନୈତିକ ପ୍ରକ୍ରିୟା ଯାହାର ମୂଳ ଲକ୍ଷ୍ୟ ହେଲା ଆନ୍ତର୍ଜାତିକ ସମ୍ପର୍କକୁ ଦୃଢ଼ିଭୂତ କରିବା ଓ ବିଚ୍ଛିନ୍ନତାବାଦୀ ଶକ୍ତିର ପ୍ରାଧାନ୍ୟକୁ ପ୍ରତିହତ କରିବା । ଜଗତୀକରଣର ସଂଜ୍ଞା ଦେବାକୁ ଯାଇ ଇୟାନ କ୍ଲାର୍କ କୁହନ୍ତି ଯେ, 'ଜଗତୀକରଣ ହେଉଛି ଆନ୍ତର୍ଜାତିକ ଆଦାନ ପ୍ରଦାନର ତୀବ୍ରତା ଓ ବ୍ୟାପକତାର ପ୍ରବାହ । ସେ ପୁନଶ୍ଚ କୁହନ୍ତି ଯେ, ଜଗତୀକରଣର ଏକାର୍ଥବୋଧକ ଶବ୍ଦ ଗୁଡ଼ିକ ହେଉଛି ପାରସ୍ପରିକ ନିର୍ଭରଶୀଳତା, ଉନ୍ନତି ଓ ପାରସ୍ପାରିକ ବୁଝାମଣା । ଏହାର ବିପରୀତବୋଧକ ଶବ୍ଦ ଗୁଡ଼ିକ ହେଉଛି ବିଚ୍ଛିନ୍ନତା, ସଂକୀର୍ଣ୍ଣତା, ଆ ଳିକତା ଜାତୀୟତା, ସ୍ଥାନୀୟତା ଓ ନିଃସଙ୍ଗତା ।

ଉପରୋକ୍ତ ଆଲୋଚ୍ୟ ବିଷୟବସ୍ତୁକୁ ଅନୁଶୀଳନ କଲେ ଜଣାଯାଏ ଯେ, ଜଗତୀକରଣ ଏକ ବ୍ୟାପକ ଅର୍ଥ ସମ୍ବଳିତ ଶବ୍ଦ । ଏହି ଜଗତୀକରଣ ହେଉଛି ଏକ ପ୍ରକ୍ରିୟା ଯେଉଁଥିରେ ଆନ୍ତର୍ଜାତିକ ତଥା ଭୌଗୋଳିକ ସୀମାରେଖା ଓ ସମୟର ସଂକୁ ନ ଘଟିଥାଏ । ଏଥିରେ ଏକ ବିଶ୍ୱ ବଜାରର ସୃଷ୍ଟି ହୋଇଥାଏ ଯେଉଁଠାରେ କୌଣସି ବାଧାବିଘ୍ନ ପରିଲିକ୍ଷିତ ହୁଏ ନାହିଁ । ସବୁ ଦେଶଗୁଡ଼ିକ ଏହି ଆନ୍ତର୍ଜାତିକ/ ବିଶ୍ୱ ଅର୍ଥନୈତିକ ବଜାରର ଉପଭୋକ୍ତା ଅଟନ୍ତି । ସବୁ ଦେଶ ଗୁଡ଼ିକ ଛୋଟ ବଡ଼ ନିର୍ବିଶେଷରେ, ସେମାନଙ୍କର ଅର୍ଥନୀତିରେ ଉଦାରିକରଣ ପନ୍ଥା ଅନୁସରଣ କରନ୍ତି ଏବଂ ଆନ୍ତର୍ଜାତିକ ବିଶ୍ୱ ଅର୍ଥନୈତିକ ବଜାରରେ ମୁକ୍ତ ପୁଞ୍ଜିନିବେଶ କରି ବାଣିଜ୍ୟିକ ସମ୍ପର୍କ ଓ ସେବା ବୃଦ୍ଧି କରନ୍ତି । ଏହି ପ୍ରକ୍ରିୟାରେ କୌଣସି ଦେଶ କ୍ଷୟକ୍ଷତିର ସମ୍ମୁଖୀନ ହୋଇ ନଥାନ୍ତି ଅଥବା ଜୟ ପରାଜୟର ବିବେଚନା କରି ନଥାନ୍ତି ।

ସମଗ୍ର ପୃଥିବୀର ବିଂଶ ଶତାବ୍ଦୀର ଶେଷାର୍ଦ୍ଧରେ ଆରମ୍ଭ ହୋଇଥିବା ଘରୋଇକରଣ ପ୍ରକ୍ରିୟା ଓ ଉଦାରୀକରଣ ପ୍ରକ୍ରିୟାର ପ୍ରଭାବରେ ଜଗତୀକରଣର ସୃଷ୍ଟି ।

3.3.2 ଶିକ୍ଷା ଉପରେ ଜଗତୀକରଣର ପ୍ରଭାବ

ଶିକ୍ଷା ଉପରେ ଜଗତୀକରଣର ସମସ୍ତ ପ୍ରଭାବ ଗୁଡ଼ିକ ମୁଖ୍ୟତଃ ଚାରୋଟି କାର୍ଯ୍ୟ ପ୍ରଣାଳୀମାଧ୍ୟମରେ ଆଲୋଚନା କରାଯାଇପାରିବ । ସେଗୁଡ଼ିକ ହେଲା– (୧) ସୀମାପାର ଯୋଗାଣ (Cross-border supply), (୨) ବୈଦେଶିକ

ବ୍ୟବହାରିକତା (Consumption abroad), (୩) ବାଣିଜ୍ୟିକ ଉପସ୍ଥିତି (Commercial Presence), ଏବଂ (୪) ବ୍ୟକ୍ତିବିଶେଷଙ୍କ ଉପସ୍ଥିତି (Presence of natural Person) ।

୧. ସୀମାପାର ଯୋଗାଣ (Cross-border Supply)–

ବ ର୍ତ୍ତମାନ କୌଣସି ଦେଶର ଶିକ୍ଷା କେବଳ ସେହି ଦେଶରେ ସୀମିତ ନାହିଁ । ଯେକୌଣସି ଦେଶର ଶିକ୍ଷା ଅନ୍ୟ ଦେଶର ଶିକ୍ଷାର୍ଥୀମାନେ ଗ୍ରହଣ କରିବାକୁ ସୁଯୋଗ ପାଉଛନ୍ତି । ଜଗତୀକରଣ ପାଇଁ ଏହା ସମ୍ଭବ ହୋଇପାରୁଛି । କମ୍ପ୍ୟୁଟରକୃତ ବାସ୍ତବ ଶ୍ରେଣୀକକ୍ଷ (Vertual Classroom) ଦ୍ୱାରା କୌଣସି ଦେଶର ଶିକ୍ଷା ଅନ୍ୟ ଦେଶର ଶିକ୍ଷାର୍ଥୀମାନଙ୍କୁ ସହଜରେ ମିଳିପାରୁଛି । ଦୂରଗାମୀ ଶିକ୍ଷା (Distance education) ସହାୟତାରେ ଯେକୌଣସି ଦେଶର ଶିକ୍ଷାର୍ଥୀ ଅନ୍ୟ ଦେଶରୁ ଶିକ୍ଷା ପାଇବା ପାଇଁ ସକ୍ଷମ ହେଉଛନ୍ତି । ଉଦାହରଣସ୍ୱରୂପ– ଇନ୍ଦିରାଗାନ୍ଧି ଜାତୀୟ ମୁକ୍ତ ବିଶ୍ୱବିଦ୍ୟାଳୟ ମାଧ୍ୟମରେ ଦେଶ ଓ ବିଦେଶର ଶିକ୍ଷାର୍ଥୀମାନେ ଶିକ୍ଷାଗ୍ରହଣ କରିବାରେ ସୁଯୋଗ ପାଉଛନ୍ତି ।

(୨) ବୈଦେଶିକ ବ୍ୟବହାରିକତା (Consumption abroad)–

କୌଣସି ଦେଶର ଶିକ୍ଷାର୍ଥୀ ଅନ୍ୟ ଗୋଟିଏ ଦେଶର ଶିକ୍ଷାନୁଷ୍ଠାନରେ ନାମ ଲେଖାଇ ପାଠ ପଢ଼ିବାରେ କୌଣସି ବାଧବିଘ୍ନ ନାହିଁ । ଏହା କେବଳ ଜଗତୀକରଣ ପାଇଁ ସମ୍ଭବ ହୋଇପାରିଛି । ଉଦାହରଣସ୍ୱରୂପ ଜଣେ ଭାରତୀୟ ଶିକ୍ଷାର୍ଥୀ ଆମେରିକାର କୌଣସି ବିଶ୍ୱବିଦ୍ୟାଳୟରେ ନାମଲେଖାଇ ଶିକ୍ଷାଲାଭ କରିବାକୁ ସକ୍ଷମ ହୋଇପାରୁଛି ।

(୩) ବାଣିଜ୍ୟିକ ଉପସ୍ଥିତି (Commercial Presence)–

ଜଗତୀକରଣ ଯୋଗୁଁ ବାଣିଜ୍ୟିକ ଉଦ୍ଦେଶ୍ୟ ନେଇ ବହୁ ରାଷ୍ଟ୍ରୀୟ କମ୍ପାନୀମାନେ ଦେଶ ବିଦେଶ ମାନଙ୍କର ବିଦ୍ୟାଳୟ ଶିକ୍ଷାଠାରୁ ଆରମ୍ଭ କରି ବିଶ୍ୱବିଦ୍ୟାଳୟ ଶିକ୍ଷାନୁଷ୍ଠାନମାନ ପ୍ରତିଷ୍ଠା କରି ଶିକ୍ଷା ଦେବା ସମ୍ଭବ ହୋଇପାରିଛି । ଉକ୍ତ କମ୍ପାନୀଗୁଡ଼ିକ ନିଜସ୍ୱ ପୁଞ୍ଜି ବିନିଯୋଗ ଦ୍ୱାରା ଉନ୍ନତମାନର ଶିକ୍ଷାନୁଷ୍ଠାନ ପ୍ରତିଷ୍ଠାକରି ଶିକ୍ଷା ଦେଇପାରୁଛନ୍ତି ।

(୪) ପ୍ରକୃତ ବ୍ୟକ୍ତି ବିଶେଷଙ୍କ ଉପସ୍ଥିତି (Presence of natural Person)

କୌଣସି ଦେଶର ଶିକ୍ଷକ ବା ଶିକ୍ଷୟିତ୍ରୀ ଅନ୍ୟ କୌଣସି ଦେଶରେ ଅଧ୍ୟାପନା କରିବାର ସୁଯୋଗ ପାଇପାରୁଛନ୍ତି । ଉଦାହରଣସ୍ୱରୂପ– ଭାରତରେ କୌଣସି ଏକ ଶିକ୍ଷକ ଇଂଲଣ୍ଡର କୌଣସି ଏକ ଶିକ୍ଷାନୁଷ୍ଠାନରେ ଶିକ୍ଷକତା କରିପାରୁଛନ୍ତି ।

3.3.3 ଶିକ୍ଷା ଉପରେ ଜଗତୀକରଣର ଅନୁକୂଳ ପ୍ରଭାବ

ଶିକ୍ଷା ଉପରେ ଜଗତୀକରଣର ଅନୁକୂଳ ପ୍ରଭାବ ଉଭୟ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ଉପଲବ୍ଧ ହେଉଛି । ଏହାର ପ୍ରଭାବ ନିର୍ଦ୍ଦିଷ୍ଟ ଭାବେ ଶିକ୍ଷାର୍ଥୀ, ଶିକ୍ଷକ ଓ ଶିକ୍ଷାନୁଷ୍ଠାନ ଉପରେ ପଡୁଛି । ଏହାର ପ୍ରଭାବ ଗୁଡ଼ିକୁ ନିମ୍ନରେ ଆଲୋଚନା କରାଗଲା ।

(କ) ଶିକ୍ଷାର୍ଥୀ ଉପରେ ଜଗତୀକରଣର ପ୍ରଭାବ :–

ଶୈକ୍ଷିକ ଦୃଷ୍ଟିକୋଣରୁ ଜଗତୀକରଣର ଅର୍ଥ ଜ୍ଞାନର ଜଗତୀକରଣକୁ ବୁଝାଏ । ସାରା ବିଶ୍ୱରେ ଜ୍ଞାନର ବିସ୍ତାରଣ ଆହରଣ ଚାଲିରହିଛି । ପ୍ରତି ମୁହୂର୍ତ୍ତରେ ନୂଆ ନୂଆ ତତ୍ତ୍ୱ, ମତବାଦ, ନିୟମ ଓ ସୂତ୍ର, ଆବିଷ୍କାର ଓ ଉଦ୍ଭାବନ ହୋଇ ଚାଲିଛି । ଶିକ୍ଷାର୍ଥୀମାନେ ଏସବୁକୁ ସହଜରେ ଓ କମ ସମୟରେ କମ୍ପ୍ୟୁଟର ଓ ଇଣ୍ଟରନେଟ୍ ମାଧ୍ୟମରେ ଉପଲବ୍ଧି କରିପାରୁଛନ୍ତି । ଜଗତୀକରଣ ପାଇଁ ଏହା ସମ୍ଭବ ହୋଇପାରିଛି । ଏହା ବ୍ୟତୀତ ଶିକ୍ଷାର୍ଥୀମାନେ ନିଜେ ସୃଷ୍ଟି କରୁଥିବା ତତ୍ତ୍ୱ, ମତବାଦ ଓ ଜ୍ଞାନକୁ ଅନ୍ୟମାନଙ୍କ ଅବଗତି ନିମନ୍ତେ କମ୍ପ୍ୟୁଟର କୃତ ସାମାଜିକ ସଂଯୋଜିତ ପରିଚାଳନା ବ୍ୟବସ୍ଥା (Social networking) ମାଧ୍ୟମରେ ପଠାଇବା ପାଇଁ ସକ୍ଷମ ହୋଇପାରୁଛନ୍ତି । ଫଳରେ ଶିକ୍ଷାର୍ଥୀମାନେ ଅନ୍ୟମାନଙ୍କ ମତବାଦକୁ ଆହରଣ କରିବା ସଙ୍ଗେ ସଙ୍ଗେ ନିଜର ମତବାଦକୁ ଆଖପାଖରେ ପହଞ୍ଚାଇ ପାରୁଛନ୍ତି ।

ଜଗତୀକରଣ ଦ୍ୱାରା ଗୋଟିଏ ଦେଶର ଶିକ୍ଷାର୍ଥୀ ଅନ୍ୟ ଦେଶର ଜ୍ଞାନ ଆହରଣ କରିବାର ସୁଯୋଗ ପାଇପାରୁଛି । ଫଳତଃ ଗୋଟିଏ ଦେଶର ଶିକ୍ଷାର୍ଥୀ ଅନ୍ୟ ଦେଶରେ ରହି ବିନା ବାଧାବିଘ୍ନରେ ପାଠ ପଢ଼ି ପାରୁଛି । ଜଗତୀକରଣ ବିଶ୍ୱ ବିଦ୍ୟାଳୟ ସ୍ତରରେ ଗବେଷଣା ପାଇଁ ପର୍ଯ୍ୟାପ୍ତ ସୁବିଧା ଓ ସୁଯୋଗ ସୃଷ୍ଟି କରିପାରିଛି । ଯାହାଫଳରେ ଗୋଟିଏ ଦେଶର ଶିକ୍ଷାର୍ଥୀ ଅନ୍ୟ ଦେଶର ଶିକ୍ଷାର୍ଥୀମାନଙ୍କ ସହିତ ମିଶି ଆନ୍ତର୍ଜାତିକ ଗୁରୁତ୍ୱ ବହନ କରୁଥିବା ଜଟିଳ ସମସ୍ୟାର ସମାଧାନ ପାଇଁ ଗବେଷଣା କରିପାରୁଛନ୍ତି ।

ଅର୍ଥନୈତିକ ଜଗତୀକରଣ ଦ୍ୱାରା ବହୁ ରାଷ୍ଟ୍ରର କମ୍ପାନୀ ମାନଙ୍କରେ ଚାକିରୀ କ୍ଷେତ୍ରରେ ପର୍ଯ୍ୟାପ୍ତ ସୁଯୋଗ ସୃଷ୍ଟି ହୋଇପାରିଛି । ଅନେକ କୃତି ଓ ଦକ୍ଷ ଶିକ୍ଷାର୍ଥୀମାନେ ଏହି ସୁଯୋଗର ସଦୁପଯୋଗ କରିବା ସଙ୍ଗେ ସଙ୍ଗେ ବହୁ ରାଷ୍ଟ୍ରୀୟ କମ୍ପାନୀରେ ଚାକିରୀ କରି ନିଜର ଜୀବିକା ନିର୍ବାହ କରିପାରୁଛନ୍ତି ।

(ଖ) ଶିକ୍ଷାୟତନ ଉପରେ ଜଗତୀକରଣର ପ୍ରଭାବ :–

ଶିକ୍ଷାର ଲକ୍ଷ୍ୟ, ପାଠ୍ୟକ୍ରମ, ଶୈକ୍ଷିକ ପ୍ରଣାଳୀ ଓ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଭୂମିକା ସର୍ବଦା ସମାଜର ଆବଶ୍ୟକତା ଓ ଶିକ୍ଷାର୍ଥୀର ଚାହିଦା ଉପରେ ପର୍ଯ୍ୟବେସିତ । ଜଗତୀକରଣ ଶିକ୍ଷାର୍ଥୀକୁ ଏକ ବିକ୍ରୟଯୋଗ୍ୟ ବସ୍ତୁ ଭାବରେ ବିଚାର କରିବା ସଙ୍ଗେ ସଙ୍ଗେ ଏହାର ବିକ୍ରି ଯୋଗ୍ୟତା ଉପରେ ଗୁରୁତ୍ୱ ଆରୋପ କରିଛି । ଜଗତୀକରଣ ବଜାରରେ ଶିକ୍ଷାର୍ଥୀକୁ ବିକ୍ରୟଯୋଗ୍ୟ କରିବା ପାଇଁ ସମଗ୍ର ବିଶ୍ୱର ଶିକ୍ଷାୟତନ ଗୁଡ଼ିକ ସେମାନଙ୍କର ଶୈକ୍ଷିକ ଲକ୍ଷ୍ୟ, ପାଠ୍ୟକ୍ରମ ଓ ଶୈକ୍ଷିକ ପ୍ରଣାଳୀ ପରିବର୍ତ୍ତନ କରିଛନ୍ତି ।

ଜଗତୀକରଣ ପରୀପ୍ରେକ୍ଷୀରେ ଶିକ୍ଷାର୍ଥୀମାନଙ୍କ ମଧ୍ୟରେ ସଚ୍ଚୋଟ ଓ ନିଷ୍ଠାପର ମାନସିକତା, ଏକାଗ୍ରତା, ସମାଲୋଚନାମୂଳକ ଚିନ୍ତନ ଶକ୍ତି, ଉଦ୍ଭାବନା ଶକ୍ତି, ସୃଜନ ଶକ୍ତି, ଆତ୍ମ ସଂଯମତା, ସହଯୋଗ ଭିତ୍ତିକ କାର୍ଯ୍ୟ ଦକ୍ଷତା, ପ୍ରତିଶ୍ରୁତି ବଦ୍ଧତା, ପ୍ରୟୋଗାତ୍ମକ ଶକ୍ତି, ସମସ୍ୟା ସମାଧାନ କରିବାର ଦକ୍ଷତା ଓ ତାତ୍ପର୍ଯ୍ୟପୂର୍ଣ୍ଣ ଭାବରେ ଭାବ ଆଦାନ ପ୍ରଦାନ ଦକ୍ଷତା ଇତ୍ୟାଦି ଗୁଣର ବିକାଶ କରିବା ବର୍ତ୍ତମାନ ଶୈକ୍ଷିକ ଲକ୍ଷ୍ୟ ଭାବରେ ଗୁରୁତ୍ୱ ବହନ କରୁଛି । ଶିକ୍ଷାର୍ଥୀମାନେ

କି କି ଜ୍ଞାନ ଆହରଣ କରିଛନ୍ତି ତାହା ବ ର୍ମାନ ଯୁଗରେ ଅର୍ଥହୀନ ହୋଇପଡ଼ିଛି । ବରଂ ଶିକ୍ଷାର୍ଥୀ ଯାହା ଜାଣିଛି ତାହାଦ୍ୱାରା ସେ କ'ଣ କରିପାରିବ ତାହା ଗୁରୁତ୍ୱପୂର୍ଣ୍ଣ ହୋଇଅଛି । ଏଣୁ ଜଗତୀକରଣ ପରୀପ୍ରେକ୍ଷିରେ ବିଶ୍ୱର ସମସ୍ତ ଶିକ୍ଷାନୁଷ୍ଠାନ ସେମାନଙ୍କର ଶୈକ୍ଷିକ ଲକ୍ଷ୍ୟରେ ପରିବ ର୍ତନ କରିବାକୁ ବାଧ ହୋଇଛନ୍ତି ।

ଜଗତୀକରଣର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଶିକ୍ଷାନୁଷ୍ଠାନ ଗୁଡ଼ିକ ସେମାନଙ୍କର ପାଠ୍ୟକ୍ରମରେ ପରିବ ର୍ତନ ଆଣିବାକୁ ପ୍ରୟାସ ଜାରି ରଖିଛନ୍ତି । ଶିକ୍ଷାନୁଷ୍ଠାନମାନଙ୍କରେ ପ୍ରଚଳିତ ପାଠ୍ୟକ୍ରମ ସହିତ ନୂତନ ପାଠ୍ୟକ୍ରମ ଯଥା– ବ୍ୟବସାୟ ପରିଚାଳନା ଶିକ୍ଷା, କମ୍ପ୍ୟୁଟର ବିଜ୍ଞାନ ଶିକ୍ଷା, ଏକତ୍ରୀକୃତ ବ୍ୟବସାୟ କୌଶଳ ଭି ିକ ଶିକ୍ଷା, ଭାବ ଆଦାନ ପ୍ରଦାନ ଭି ିକ ବିଜ୍ଞାନ, ଅନ୍ତଃରାଷ୍ଟ୍ରୀୟ ସମ୍ପର୍କ, ଅନ୍ତଃରାଷ୍ଟ୍ରୀୟ ବ୍ୟବସାୟ, ପରିବେଶ ସମସ୍ୟା ସମ୍ବନ୍ଧୀୟ ଶିକ୍ଷା, ପର୍ଯ୍ୟଟନ ଶିକ୍ଷା ପ୍ରଭୃତି ପାଠ୍ୟକ୍ରମର ପ୍ରଚଳନ ସାରା ବିଶ୍ୱରେ ସମସ୍ତ ଶିକ୍ଷାନୁଷ୍ଠାନମାନଙ୍କରେ ପରିଲିକ୍ଷିତ ହେଉଛି । ସର୍ବୋପରି ବ ର୍ମାନ ଭାରତ ସମେତ ବିଶ୍ୱର ସମସ୍ତ ଶିକ୍ଷାନୁଷ୍ଠାନ ଗୁଡ଼ିକ ନିଜ ନିଜର ପାଠ୍ୟକ୍ରମ ଗୁଡ଼ିକୁ ବିଶ୍ୱସ୍ତରୀୟ କରିବାପାଇଁ ସମସ୍ତ ପ୍ରକାର ପ୍ରଚେଷ୍ଟା ଜାରି ରଖିଛନ୍ତି ।

3.3.4 ଶିକ୍ଷା ଉପରେ ଜଗତୀକରଣର ପ୍ରତିକୂଳ ପ୍ରଭାବ :–

ଜଗତୀକରଣର ଶିକ୍ଷା ଉପରେ ଅନୁକୂଳ ପ୍ରଭାବ ପରିଲିକ୍ଷିତ ହେଉଥିଲେ ମଧ ଏହାର ପ୍ରତିକୂଳ ପ୍ରଭାବ ଅଛି । ସେଗୁଡ଼ିକ ନିମ୍ନରେ ପ୍ରଦ କରାଗଲା ।

ପ୍ରଥମତଃ ଜଗତୀକରଣ ଶିକ୍ଷାନୁଷ୍ଠାନମାନଙ୍କ ମଧ୍ୟରେ ଗୋଟିଏ ପ୍ରତିଯୋଗିତାମୂଳକ ବାତାବରଣ ସୃଷ୍ଟି କରିଛି । ପ୍ରତିଯୋଗିତା ହାରିବା ଓ ଜିତିବାର ସମ୍ଭାବନା ମଧ୍ୟରେ ପରିଚାଳିତ ହୋଇଥାଏ । ହାରିବାର ସମ୍ଭାବନାକୁ କଦାପି ଏଡ଼ାଇ ଦିଆଯାଇପାରିବ ନାହିଁ । ଯଦିଓ ସମସ୍ତ ଶିକ୍ଷାନୁଷ୍ଠାନ ଗୁଡ଼ିକ ଜଗତୀକରଣର ଆବଶ୍ୟକତାକୁ ଦୃଷ୍ଟିରେ ରଖି ସେମାନଙ୍କର ଭି ିଭୂମି, ପାଠ୍ୟକ୍ରମ, ଶିକ୍ଷାଦାନ ପ୍ରଣାଳୀ ଓ ଶୈକ୍ଷିକ ପରିବେଶକୁ ପରିବ ର୍ତନ କରିବାରେ ଚେଷ୍ଟିତ, ତଥାପି ଭବିଷ୍ୟତରେ ଶିକ୍ଷାର୍ଥୀମାନଙ୍କୁ ଆକୃଷ୍ଟ ନ କରିପାରିବାର ଭୟ ଦେଇ ଗତି କରୁଛନ୍ତି, ଯାହା ଏକ ସୁସ୍ଥ ଶୈକ୍ଷିକ ପରିବେଶର ପରିପନ୍ଥୀ ଅଟେ ।

ଦ୍ୱିତୀୟତଃ, ଜଗତୀକରଣ ଯୋଗୁଁ ବହୁରାଷ୍ଟ୍ରୀୟ କମ୍ପାନୀମାନେ ଶିକ୍ଷାକୁ ବ୍ୟବସାୟୀକରଣ କରିବାକୁ ଅନେକ ଗୁଡ଼ିଏ ଘରୋଇ ଶିକ୍ଷାନୁଷ୍ଠାନ ଖୋଲିଛନ୍ତି । ଗୁଣାତ୍ମକ ଶିକ୍ଷା ନାମରେ ଘରୋଇ ଶିକ୍ଷାନୁଷ୍ଠାନ ଗୁଡ଼ିକ ଶିକ୍ଷାର୍ଥୀମାନଙ୍କଠାରୁ ପ୍ରଚୁର ଅର୍ଥ ବାଧତାମୂଳକ ଭାବେ ଆଦାୟ କରୁଛନ୍ତି । ଫଳରେ ଗରୀବ ଶ୍ରେଣୀୟ ଶିକ୍ଷାର୍ଥୀମାନେ ସେ ସବୁ ଶିକ୍ଷାନୁଷ୍ଠାନରେ ଅଧ୍ୟୟନ କରିବାପାଇଁ ବ ିତ ହେଉଛନ୍ତି । ଏଣୁ ଜଗତୀକରଣ ଶିକ୍ଷା କ୍ଷେତ୍ରରେ ଧନୀ ଓ ଦରିଦ୍ର ମଧ୍ୟରେ ଏକ ବିଭେଦର ପ୍ରାଚୀର ସୃଷ୍ଟି କରିବାକୁ ଯାଉଛି କହିଲେ କିଛି ଅତ୍ୟୁକ୍ତି ହେବନାହିଁ । ଏହା ସମସ୍ତଙ୍କ ପାଇଁ ସମାନ ଶିକ୍ଷା ସୁଯୋଗ ଭାବଧାରାର ବିରୋଧାତ୍ମକ ଅଟେ ।

ତୃତୀୟତଃ ଜଗତୀକରଣର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଘରୋଇ ଶିକ୍ଷାନୁଷ୍ଠାନ ଗୁଡ଼ିକ ସେମାନଙ୍କର ଭି ିଭୂମି ଓ ପାଠ୍ୟକ୍ରମକୁ ଯଥାଶୀଘ୍ର ପରିବ ର୍ତନ କରି ଶିକ୍ଷାର୍ଥୀମାନଙ୍କୁ ବହୁଳ ମାତ୍ରାରେ ଆକୃଷ୍ଟ କରିପାରୁଥିବାବେଳେ ସରକାରୀ

ଶିକ୍ଷାନୁଷ୍ଠାନ ଗୁଡ଼ିକ ପାଣ୍ଠି ଅଭାବରୁ ନିଜ ନିଜର ଭି ିଭୂମି ଓ ପାଠ୍ୟକ୍ରମକୁ ଯଥାଶୀଘ୍ର ପରିବ ର୍ନ କରି ଶିକ୍ଷାର୍ଥୀମାନଙ୍କୁ ଆକୃଷ୍ଟ କରିବାରେ ବହୁବିଧ ସମସ୍ୟାର ସମ୍ମୁଖୀନ ହୋଇଛନ୍ତି । ଫଳତଃ ସରକାରୀ ଶିକ୍ଷାନୁଷ୍ଠାନ ଗୁଡ଼ିକ ଘରୋଇ ଶିକ୍ଷାନୁଷ୍ଠାନ ସହିତ ପ୍ରତିଯୋଗିତା କରିବାରେ ବହୁ ପଛରେ ପଡ଼ିଯାଇଛନ୍ତି । ଏହା ଜଗତୀକରଣର ପ୍ରତିକୂଳ ପ୍ରଭାବ ବ୍ୟତୀତ ଆଉ କିଛି ନୁହେଁ ।

ଚତୁର୍ଥରେ ଜଗତୀକରଣ ଯୋଗୁଁ ଅଧିକାଂଶ ଶିକ୍ଷାର୍ଥୀମାନେ ଚିରାଚରିତ ତଥା ଐତିହ୍ୟ ଓ ପରମ୍ପରା ସମ୍ବନ୍ଧୀୟ ପାଠ୍ୟକ୍ରମ ଅଧ୍ୟୟନ କରିବାପାଇଁ ଆଗ୍ରହ ପ୍ରକାଶ କରୁ ନାହାନ୍ତି । ଫଳରେ କଳା, ସାହିତ୍ୟ, ଦର୍ଶନ, ସଂସ୍କୃତି ଓ ସାମାଜିକ ବିଜ୍ଞାନ ସମ୍ବନ୍ଧୀୟ ପାଠ୍ୟକ୍ରମ ଅଧ୍ୟୟନ ପାଇଁ ସେ ସବୁ ବିଭାଗରେ ଶିକ୍ଷାର୍ଥୀମାନଙ୍କ ସଂଖ୍ୟା ଦିନକୁ ଦିନ ହ୍ରାସ ପାଇବାରେ ଲାଗିଛି । ଯଦିଓ ଏକ ସୁସ୍ଥ ସମାଜ ପାଇଁ ଉପରୋକ୍ତ ପାଠ୍ୟକ୍ରମର ଅଧ୍ୟୟନ ନିହାତି ଆବଶ୍ୟକ, ତଥାପି ଶିକ୍ଷାର୍ଥୀମାନଙ୍କର ଅନାଗ୍ରହ ଦୃଷ୍ଟିରୁ ଏ ସବୁ ପାଠ୍ୟକ୍ରମ ବିଭାଗର ଭବିଷ୍ୟତ ସଂକଟାପନ୍ନ ଅଟେ ।

ସାରାଂଶ :

ଶିକ୍ଷା ଓ ସମାଜ ପରସ୍ପରର ପରିପୂରକ । ସମାଜର ଆବଶ୍ୟକତା ଅନୁଯାୟୀ ଶିକ୍ଷା ବ୍ୟବସ୍ଥା ସୃଷ୍ଟି କରାଯାଏ । ଶିକ୍ଷା ବ୍ୟବସ୍ଥାର ବିଭିନ୍ନ ଉପାଦାନ ସମାଜ ଉପରେ ନିର୍ଭର କରି ଉନ୍ନତ ତଥା ସୁଚାରୁରୂପେ ପରିଚାଳିତ ହୁଏ । କେବଳ ଯେ ସମାଜର ମୂଲ୍ୟବୋଧ, ପରମ୍ପରା ଓ ନୀତିଶିକ୍ଷା ଗୁଡ଼ିକୁ ଶିକ୍ଷା ବ୍ୟବସ୍ଥା ମାଧ୍ୟମରେ ପରବ ର୍ତ୍ତୀ ପିଢ଼ିକୁ ସ ରିତ କରାଯାଏ ତାହା ନୁହେଁ, ଏଗୁଡ଼ିକ ଶିକ୍ଷା ପରିମାର୍ଜିତ ଓ ବିକଶିତ କରି ପ୍ରସାର କରେ । ସମାଜର କେତେକ କ୍ଷତିକାରକ ପୁରୁଣା ବ୍ୟବସ୍ଥାକୁ ଶିକ୍ଷାଦ୍ୱାରା ଦୂର କରାଯାଏ । ପ୍ରଚଳିତ ହିତକର ବିଚାର ଓ ନୂଆ ବ୍ୟବସ୍ଥାକୁ ଶିକ୍ଷାଦ୍ୱାରା ବ୍ୟାପକ କରାଯାଏ ।

ସମାଜ ସର୍ବଦା ଗତିଶୀଳ । ପରିବ ର୍ତ୍ତନ ହିଁ ପ୍ରଗତିଶୀଳ ସମାଜର ଲକ୍ଷଣ । ସାମାଜିକ ଅଗ୍ରଗତି ହେଉଛି, ଶିକ୍ଷାର ଲକ୍ଷ୍ୟ, ଦାୟିତ୍ୱ ଓ ପ୍ରଭାବ । ପ୍ରାଚୀନ ଯୁଗରୁ ଆଜି ପର୍ଯ୍ୟନ୍ତ ଭାରତୀୟ ସମାଜରେ ସଂଘଟିତ ପରିବ ର୍ତ୍ତନ ଗୁଡ଼ିକ ଶିକ୍ଷାକୁ ମାଧ୍ୟମ କରି ଆସିଛି । ପ୍ରାଚୀନ ଭାରତରେ ସମାଜରେ ଧର୍ମୀୟ ରୀତିନୀତି, ଜାତିପ୍ରଥା ଓ ଲିଙ୍ଗ-ବୈଷମ୍ୟର ପ୍ରାଧାନ୍ୟ ଥିଲା । ମଧ୍ୟଯୁଗର ସାମନ୍ତବାଦୀ, ଧର୍ମାନ୍ଧ ସମାଜ ଆଧୁନିକ ଯୁଗର ଗଣତାନ୍ତ୍ରିକ ମୂଲ୍ୟବୋଧକୁ ଆପଣେଇ ନେଇଛି । ସମାଜର ନୀତିନିୟମରେ ନିଜକୁ ଶୃଙ୍ଖଳିତ କରି ଉ ମ ବ୍ୟକ୍ତି ରୂପେ ଜୀବନଧାରଣ କରିବା ଦିଗରେ ଶିକ୍ଷା ସହାୟକ ହୁଏ । ପୁନର୍ବାର ରାଷ୍ଟ୍ରର ଉ ମ ନାଗରିକ ଭାବରେ ଦାୟିତ୍ୱ ନିର୍ବାହ କରିବା ପାଇଁ ଶିକ୍ଷାରୁ ହିଁ ଜ୍ଞାନ, ଦକ୍ଷତା ଓ ସାମର୍ଥ୍ୟ ମିଳେ । ନିଜର ଅଧିକାର ଓ ଦାୟିତ୍ୱ ସମ୍ବନ୍ଧରେ ସଚେତନ ହେବାପରେ, ସମସ୍ୟା ସମାଧାନର ପନ୍ଥାଗୁଡ଼ିକୁ ଆବଶ୍ୟକସ୍ଥଳେ ବିନିଯୋଗ କରିବାପରେ, ଜଣେ ପରିପୂର୍ଣ୍ଣ ବ୍ୟକ୍ତିରେ ପରିଣତ ହୁଏ । ସାମାଜିକ ପ୍ରଥା ପରମ୍ପରା ପ୍ରତିପାଳନ ସହିତ, ରାଷ୍ଟ୍ରୀୟ ସମ୍ପ ିର ସୁରକ୍ଷା, ସାମ୍ବିଧାନିକ ମୂଲ୍ୟବୋଧ ଓ ନୀତିୟମ ଅନୁଯାୟୀ ସୁ ନାଗରିକ ଭାବରେ ଦେଶର ବିକାଶ ସକ୍ରିୟ ସହଯୋଗ କରିବା ଜଣେ ଶିକ୍ଷିତ ବ୍ୟକ୍ତି ପକ୍ଷରେ ହିଁ ସମ୍ଭବ । ନିଜର ଉନ୍ନତି କରିବା ସହିତ ପରିବାର, ସମାଜ, ଦେଶ ଓ ବିଶ୍ୱ ପାଇଁ ଚିନ୍ତା କରିବା ଓ କାମ କରିବାର ସାମର୍ଥ୍ୟ ଶିକ୍ଷାରୁ ହିଁ ମିଳେ ।

ଆଧୁନିକ ଭାରତୀୟ ସମାଜ ଧର୍ମ-ନିରପେକ୍ଷ :–

ପ୍ରତ୍ୟେକ ଭାରତୀୟ ନାଗରିକର ଯେକୌଣସି ଧର୍ମ ଗ୍ରହଣ କରିବାର ସ୍ୱାଧୀନତା ଅଛି । ଆଜିର ସମାଜରେ ନାରୀ ପୁରୁଷ ମଧ୍ୟରେ ବୈଷମ୍ୟ କମିଛି । ଜାତି, ଧର୍ମ, ବର୍ଣ୍ଣ, ଲିଙ୍ଗ ନିର୍ବିଶେଷରେ ସମସ୍ତଙ୍କର ସମାନ ଅଧିକାର ରହିଛି । ଭାରତୀୟ ସମାଜ ମାନବିକ ମର୍ଯ୍ୟାଦା, ମାନବିକ ଅଧିକାର, ପରିବେଶ ସୁରକ୍ଷା ଆଦି ମୂଲ୍ୟବୋଧ ଉପରେ ଅଧିକ ଗୁରୁତ୍ୱ ଦେଇଛି । ବୈଜ୍ଞାନିକ ମନୋଭାବର ପ୍ରସାର ହେତୁ ଧର୍ମୀୟ ମୌଳବାଦ କମିଛି ।

ଭାରତର ବିଶ୍ୱବିଦ୍ୟାଳୟ ଶିକ୍ଷା ବ୍ୟବସ୍ଥା ସାମାଜିକ ନିୟନ୍ତ୍ରଣ ଦିଗରେ ଅନେକ ସଫଳତା ହାସଲ କରିଛି । ସମାଜ ପାଇଁ କ୍ଷତିକାରକ ବ୍ୟବସ୍ଥା ଗୁଡ଼ିକୁ ପରିବ ର୍ତ୍ତନ କରାଯାଇଛି । ହିଂସା, ନିର୍ଯ୍ୟାତନା ଆଦି ଅସାମାଜିକ ଘଟଣା ଗୁଡ଼ିକୁ ରୋକିବା ଦିଗରେ ଲୋକଙ୍କୁ ଶିକ୍ଷିତ ଓ ସଚେତନ କରାଯାଇଛି । ପ୍ରଶାସନ, ନ୍ୟାୟାଳୟ ଓ ବିଭିନ୍ନ

ବ୍ୟବସ୍ଥା ମାଧ୍ୟମରେ ଦରିଦ୍ର ଓ ଦୁର୍ବଳ ଗୋଷ୍ଠୀଙ୍କ ଉପରେ ହେଉଥିବା ଶୋଷଣ ଓ ନିର୍ଯ୍ୟାତନାକୁ ନିୟନ୍ତ୍ରଣ କରାଯାଉଛି । ଆଇନ ପ୍ରଣୟନ କରି ଗଣତନ୍ତ୍ରର ଉଲ୍ଲଂଘନ ଓ ଅପରାଧକୁ ରୋକାଯାଇଛି ।

ଲିଙ୍ଗଗତ ବୈଷମ୍ୟର ଗୁରୁତ୍ୱ –

- ସମାଜ ଓ ରାଷ୍ଟ୍ରର ବିକାଶରେ ପୁରୁଷ ଏବଂ ନାରୀ ଉଭୟଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ।
- ଗଣତାନ୍ତ୍ରିକ ଆଦର୍ଶକୁ ସୁଦୃଢ଼ କରିବା ପାଇଁ ଲିଙ୍ଗ ଭେଦରେ ପୁରୁଷ ଓ ନାରୀ ମାନଙ୍କ ମଧ୍ୟରେ ଭିନ୍ନତା ଅପେକ୍ଷା ସହଭାଗୀତା ବିଶେଷ ଆବଶ୍ୟକ ।
- ସାମାଜିକ ଶୃଙ୍ଖଳା, ସାମାଜିକ ବିକାଶ କ୍ଷେତ୍ରରେ ଲିଙ୍ଗଗତ ବୈଷମ୍ୟ ଅନ୍ତରାୟ ହୋଇଥାଏ ଯାହାକି ଦୂର ହେବା ଜରୁରୀ ।
- ପୁରୁଷ ଓ ନାରୀ ଉଭୟଙ୍କର ସମାନ ଅଧିକାର, ସମାନ ଅଂଶଗ୍ରହଣ ଏକ ସୁସ୍ଥ, ସୁନ୍ଦର ଓ ସମୃଦ୍ଧ ସମାଜ ଗଠନରେ ସହାୟକ ଅଟେ ।

ଲିଙ୍ଗଗତ ବୈଷମ୍ୟର ଅର୍ଥ :–

- ଲିଙ୍ଗ ଭିତ୍ତିରେ ମନୁଷ୍ୟ ମାନଙ୍କ ମଧ୍ୟରେ ଦେଖା ଦେଉଥିବା ଉନ୍ନତି ଓ ପ୍ରଭେଦକୁ ଲିଙ୍ଗଗତ ବୈଷମ୍ୟ କୁହାଯାଏ ।
- ପୁରୁଷ ଓ ନାରୀ ମଧ୍ୟରେ ଥିବା ଦୈବିକ ବିବିଧତା ଓ ଗୁଣସୂତ୍ର ଜନିତ ଭିନ୍ନତାକୁ ଲିଙ୍ଗଗତ ବୈଷମ୍ୟ କୁହାଯାଏ ଯାହାକି ନିର୍ଦ୍ଦିଷ୍ଟ ଏବଂ ଈଶ୍ୱର ଦତ୍ତ ବୋଲି ବିଚାର କରାଯାଏ ।
- ସାମାଜିକ ପୃଷ୍ଠଭୂମିରେ ପୁରୁଷ ଓ ନାରୀ ମାନଙ୍କ ମଧ୍ୟରେ ଥିବା ଭିନ୍ନ ମନୋଭାବ, ଭିନ୍ନ ସୁବିଧା ସୁଯୋଗ, ଭିନ୍ନ ଚିନ୍ତା ଚେତନାକୁ ଲିଙ୍ଗଗତ ବୈଷମ୍ୟ କୁହାଯାଏ ଯାହାକି ମନୁଷ୍ୟ ସୃଷ୍ଟ ଏବଂ ପରିବର୍ତ୍ତନୀୟ ।

ଲିଙ୍ଗଗତ ବୈଷମ୍ୟର କ୍ଷେତ୍ର / ପରିସର :–

- ଜନସଂଖ୍ୟା
- ସାକ୍ଷରତା
- କନ୍ୟା ସନ୍ତାନର ଯତ୍ନ ଓ ସ୍ୱାସ୍ଥ୍ୟରକ୍ଷା
- ଅର୍ଥନୈତିକ ସ୍ଥିତି ଓ ଗୁରୁତ୍ୱ
- ରାଜନୈତିକ ପ୍ରତିନିଧିତ୍ୱ

ଲିଙ୍ଗଗତ ବୈଷମ୍ୟର କାରଣ :–

- ସାମାଜିକ ପ୍ରଥା ଓ ପରମ୍ପରା ତଥା ଚଳଣି
- ପାରିବାରିକ ସ୍ଥିତି ଓ ପୃଷ୍ଠଭୂମି

- ଭିନ୍ନ ବିଚାରବୋଧ
- କୁସଂସ୍କାର ଓ ଅନ୍ଧ ବିଶ୍ୱାସ
- ସଂକୀର୍ଣ୍ଣ ଦୃଷ୍ଟିଭଙ୍ଗୀ ଓ ଚିନ୍ତାଧାରା
- ଦୁର୍ବଳ ଆର୍ଥିକ ଅବସ୍ଥା
- ରାଜନୈତିକ ବିଧି ବ୍ୟବସ୍ଥା
- ନିରକ୍ଷରତା

ଲିଙ୍ଗଗତ ବୈଷମ୍ୟର ପରିଣାମ :–

- ସାମାଜିକ ବିଶୃଙ୍ଖଳା
- ସାମାଜିକ ହିଂସା ଅପରାଧର ବ୍ୟାପକତା
- ସାମାଜିକ ଅସଙ୍ଗତି
- କନ୍ୟାଭ୍ରୁଣ ହତ୍ୟା ଓ ଯୌନ ବ୍ୟଭିଚାର
- ଜନ୍ମ ମୃତ୍ୟୁର ଅସଙ୍ଗତ
- ମୂଲ୍ୟବୋଧର ଅବକ୍ଷୟ
- ଅର୍ଥନୈତିକ ଅବରୋଧ
- ଜାତୀୟ ବିକାଶର ପ୍ରତିରୋଧ ଓ ଜାତୀୟ ସଂହତିର ଗତିରୋଧ
- ଗଣତାନ୍ତ୍ରିକ ଆଦର୍ଶର ପ୍ରତିରୋଧ

ଲିଙ୍ଗଗତ ବୈଷମ୍ୟର ନିରାକରଣରେ ଶିକ୍ଷାର ଭୂମିକା :–

- ଲିଙ୍ଗଗତ ବୈଷମ୍ୟର ସ୍ଥିତି ଅନୁଧ୍ୟାନ କରି ଉପସ୍ଥାପନ କରିବା
- ଉପଯୁକ୍ତ ଜ୍ଞାନ, ଧାରଣା, ବିଚାରବୋଧର ବିକାଶ ମାଧ୍ୟମରେ ଲିଙ୍ଗଗତ ବୈଷମ୍ୟର ପରିଣାମ ପ୍ରତି ସଚେତନତା ସୃଷ୍ଟ କରିବା
- ଲିଙ୍ଗଗତ ବୈଷମ୍ୟର ସମସ୍ୟା ଅନୁଧ୍ୟାନ କରି ସମାଧାନ କରିବା
- ପୁରୁଷ ଓ ନାରୀ ମାନଙ୍କ ମଧ୍ୟରେ ସହାଯୋଗିତା ଓ ସହଭାଗୀତାକୁ ସୁନିଶ୍ଚିତ କରିବା
- ସମାଜର ପ୍ରଗତିରେ ପୁରୁଷ ଓ ନାରୀମାନଙ୍କୁ ସକ୍ରିୟ ଅଂଶଗ୍ରହଣକୁ ଉତ୍ସାହିତ କରିବା
- ଜାତୀୟ ବିକାଶରେ ପୁରୁଷ ଓ ନାରୀମାନଙ୍କୁ ସମାନ ସୁଯୋଗ ପ୍ରଦାନ କରିବା

- ଶିକ୍ଷା ଗ୍ରହଣରେ ଲିଙ୍ଗଗତ ଭେଦଭାବକୁ ଉଠାଇ ଦେବା ଆବଶ୍ୟକ
- ନାରୀ ଓ ପୁରୁଷ ଉଭୟଙ୍କର ଉତ୍କର୍ଷତା ବିଷୟରେ ତଥା ଜାତୀୟ କାର୍ଯ୍ୟାବଳୀ, ସାମାଜିକ, ଅର୍ଥନୈତିକ, ବୈଜ୍ଞାନିକ ଓ ରାଜନୀତିକ କ୍ଷେତ୍ରରେ ଥିବା ଅବଦାନ ସମ୍ବଳିତ ଲେଖା ବିଭିନ୍ନ ପୁସ୍ତକ ଓ ପାଠ୍ୟକ୍ରମରେ ପ୍ରକାଶ ପାଇବା ଆବଶ୍ୟକ

ଲିଙ୍ଗଗତ ବୈଷମ୍ୟ ଓ ଶିକ୍ଷା ପାଠ୍ୟକ୍ରମ :–

- ଏହା ଏକ ଅନ୍ତଃବିଭାଗୀୟ ଅଧ୍ୟୟନ
- ସମାଜ ବିଜ୍ଞାନ, ରାଜନୈତିକ, ଅର୍ଥନୀତି ବିଜ୍ଞାନ, ମନୋବିଜ୍ଞାନଜୀବ ବିଜ୍ଞାନ, ସ୍ୱାସ୍ଥ୍ୟ ବିଜ୍ଞାନ ଆଦି ବିଷୟ ଗୁଡ଼ିକ ଏହାର ପରିସରଭୁକ୍ତ
- ନାରୀ ସଶକ୍ତିକରଣ, ଜନସଂଖ୍ୟା ଶିକ୍ଷା, ବାଳିକା ଶିକ୍ଷା ଆଦି ବିଷୟବସ୍ତୁ ବିଦ୍ୟାଳୟର ପାଠ୍ୟକ୍ରମରେ ଅନ୍ତର୍ଭୂକ୍ତ ହେବା ଆବଶ୍ୟକ
- ଆଦର୍ଶ ଓ ପ୍ରତିଭାଶାଳୀ ମହିଳାଙ୍କର ଅବଦାନ ବିଭିନ୍ନ କ୍ଷେତ୍ରରେ ବିଭିନ୍ନ ସମାଜକୁ ଦିଗଦର୍ଶନ ଦେଇଛି ତାକୁ ପୁସ୍ତକରେ ସ୍ଥାନିତ କରିବା ।

ଲିଙ୍ଗଗତ ବୈଷମ୍ୟ ଓ ସହପାଠ୍ୟକ୍ରମ :–

- ଆଲୋଚନା ଓ କର୍ମଶାଳାର ଆୟୋଜନ କରିବା
- ଗୁରୁତ୍ୱପୂର୍ଣ୍ଣ ଦିବସ ଗୁଡ଼ିକୁ ପାଳନ କରିବା
- ଶିକ୍ଷାର୍ଥୀମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ମାନ ଆୟୋଜନ କରିବା ।
- ବାଳିକା ଆତ୍ମ-ସୁରକ୍ଷା ପ୍ରଶିକ୍ଷଣ ପ୍ରଦାନ କରିବା
- ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ମହିଳା ଓ ବାଳିକାମାନଙ୍କ ପାଇଁ ସ୍ୱତନ୍ତ୍ର ନେତୃତ୍ୱ ଓ ପ୍ରଶିକ୍ଷଣ ଶିବିର ମାନ ଆୟୋଜନ କରିବା
- ସବୁ ବାଳିକା ମାନଙ୍କ ପାଇଁ ବାଧ୍ୟତାମୂଳକ ପ୍ରାଥମିକ ଶିକ୍ଷା ସୁନିଶ୍ଚିତ କରିବା

ଜଗତୀକରଣ ଓ ଶିକ୍ଷା ଉପରେ ଏହାର ପ୍ରଭାବ :–

ଆନ୍ତର୍ଜାତିକ ଆଦାନ ପ୍ରଦାନର ତୀବ୍ରତା ଓ ବ୍ୟାପକତାକୁ ଜଗତୀକରଣ ବୁଝାଏ । ଶିକ୍ଷା ଉପରେ ଜଗତୀକରଣର ପ୍ରଭାବ ଗୁଡ଼ିକ ମୁଖ୍ୟତଃ ଚାରୋଟି କାର୍ଯ୍ୟ ପ୍ରଣାଳୀ ମଧ୍ୟରେ ଆଲୋଚନା କରାଯାଇ ପାରିବ । ସେଗୁଡ଼ିକ ହେଲା– ସୀମାପାର ଯୋଗାଣ, ବୈଦେଶିକ ବ୍ୟବହାରିକତା, ବାଣିଜ୍ୟିକ ଉପସ୍ଥିତି ଓ ପ୍ରକୃତ ବ୍ୟକ୍ତିବିଶେଷଙ୍କ ଉପସ୍ଥିତି ଶିକ୍ଷାର୍ଥୀ ଓ ଶିକ୍ଷାୟତନ ଉପରେ ଜଗତୀକରଣର ଅନୁକୂଳ ପ୍ରଭାବ ପରିଲିଖିତ ହେଉଥିବା ସଙ୍ଗେ ସଙ୍ଗେ ଏହାର ପ୍ରତିକୂଳ ପ୍ରଭାବ ମଧ୍ୟ ଅନୁଭବ ହେଉଛି ।

ପ୍ରଶ୍ନାବଳୀ

୧. ନିମ୍ନ ପ୍ରଦ ବିକଳ୍ପ ଉ ର ମଧ୍ୟରୁ ଠିକ୍ ଉ ରଟି ବାଛି ଲେଖ ।

(କ) କେଉଁ କାରଣରୁ ସମାଜର ସୃଷ୍ଟି ହୋଇଥିଲା ?

(i) ମଣିଷର ପ୍ରତିଭା ବିକାଶ ପାଇଁ

(ii) ମଣିଷ ଶିଶୁର ସୁରକ୍ଷା ଓ ବିକାଶ ପାଇଁ

(iii) ଗୋଷ୍ଠୀ ଗଠନ କରି ଯୁଦ୍ଧ କରିବା ପାଇଁ

(iv) ଧର୍ମ ପ୍ରଚାର କରିବା ପାଇଁ

(ଖ) ସମାଜ ମଣିଷର କେଉଁ ଆବଶ୍ୟକତା ପୂରଣ କରେ ?

(i) ଉଚ୍ଚ ଆକାଂକ୍ଷାକୁ ପୂରଣ କରେ

(ii) ଆଧ୍ୟାତ୍ମିକ ଇଚ୍ଛାକୁ ପୂରଣ କରେ

(iii) ଖୁସି ରହିବାର ଇଚ୍ଛାକୁ ପୂରଣ କରେ

(iv) ଦେହ ଓ ମନର ଆବଶ୍ୟକତାକୁ ପୂରଣ କର ।

(ଗ) ସମାଜ ପରିବ ର୍ତ୍ତନଶୀଳ କାହିଁକି ?

(i) ଜଳବାୟୁରେ ପରିବ ର୍ତ୍ତନ ହେତୁ

(ii) ଯେହେତୁ ମଣିଷ ପରିବ ର୍ତ୍ତନଶୀଳ

(iii) ଦେଶର ନୀତିନିୟମ ଅନୁଯାୟୀ

(iv) ଶିକ୍ଷାର ପ୍ରଭାବରୁ ସମାଜ ପରିବ ର୍ତ୍ତନଶୀଳ

(ଘ) ନିମ୍ନଲିଖିତ ମଧ୍ୟରୁ କେଉଁଟି ଲିଙ୍ଗଗତ ବୈଷମ୍ୟର ଅର୍ଥ ସହ ସଂପୃକ୍ତ ନୁହେଁ ?

(i) ପୁରୁଷ ଓ ନାରୀ ମଧ୍ୟରେ ଦୈବିକ ବୈଶିଷ୍ଟ୍ୟର ତାରତମ୍ୟ

(ii) ପୁରୁଷ ଓ ନାରୀ ମଧ୍ୟରେ ସମାଜ ପ୍ରଦ ଭୂମିକାର ତାରତମ୍ୟ

(iii) ପୁରୁଷ ଓ ନାରୀ ମଧ୍ୟରେ ଥିବା ସାଂସ୍କୃତିକ ଭୂମିକାର ତାରତମ୍ୟ

(iv) ବାଳକ ଓ ବାଳିକା ମାନଙ୍କ ମଧ୍ୟରେ ଶିକ୍ଷା ସୁଯୋଗର ତାରତମ୍ୟ

(ଙ) ନିମ୍ନଲିଖିତ ମଧ୍ୟରୁ କେଉଁ ଲିଙ୍ଗଗତ ବୈଷମ୍ୟର କୁ ପରିଣାମ ନୁହେଁ ?

(i) ଲିଙ୍ଗ ଅନୁପାତରେ ବ୍ୟବଧାନ ବୃଦ୍ଧି

(ii) କନ୍ୟାଭ୍ରୂଣ ହତ୍ୟା

(iii) କନ୍ୟା ସନ୍ତାନକୁ ଜନ୍ମ ଦେବା

(iv) ଯୌନଗତ ଶୋଷଣ

(ଚ) ନିମ୍ନୋକ୍ତ କେଉଁ କାରଣ ପାଇଁ ସାମାଜିକ ଶୃଙ୍ଖଳା ଓ ସାମାଜିକ ପ୍ରଗତି ତ୍ୱରାନ୍ୱିତ ହୋଇଥାଏ ?

(i) ଯଦି ପୁରୁଷମାନେ ସମାଜରେ ଅଧିକ ସକ୍ରିୟ ଭୂମିକା ଗ୍ରହଣ କରନ୍ତି ।

(ii) ଯଦି ନାରୀମାନେ ସମାଜରେ ଅଧିକ ସକ୍ରିୟ ଭୂମିକା ଗ୍ରହଣ କରନ୍ତି ।

(iii) ଯଦି ଉଭୟ ପୁରୁଷ ଓ ନାରୀ ନିଜ ନିଜର ସ୍ୱାର୍ଥ ହାସଲ ପାଇଁ ସକ୍ରିୟ ଭୂମିକା ଗ୍ରହଣ କରନ୍ତି ।

(iv) ଉପରୋକ୍ତ ମଧ୍ୟରୁ କେଉଁଟି ବି ନୁହେଁ ।

(ଛ) ନିମ୍ନରେ ଥିବା ସମ୍ଭାବ୍ୟ ଉ ର ମଧ୍ୟରୁ କେଉଁଟି ଜଗତୀକରଣରୁ ଅନ୍ତର୍ଭୁକ୍ତ ନୁହେଁ ।

(i) ଆନ୍ତର୍ଜାତିକ ବାଣିଜ୍ୟିକ କାରବାର

(ii) ଆନ୍ତର୍ଜାତିକ ସମ୍ପର୍କକୁ ଦୃଢ଼ିଭୂତ କରିବା

(iii) ଜାତୀୟ ସଂହତିକୁ ଦୃଢ଼ିଭୂତ କରିବା

(iv) ବିଶ୍ୱ ପରିପ୍ରେକ୍ଷୀୟ ସମାଜ ସୃଷ୍ଟି କରିବା

୨. ଠିକ୍ ଉ ର ବାଛି ଶୂନ୍ୟସ୍ଥାନ ପୂରଣ କର ।

(କ) ଲିଙ୍ଗଗତ ବୈଷମ୍ୟର ଏକ ବୈଶିଷ୍ଟ୍ୟ _____ ଅଟେ ।

(ସାର୍ବଜନୀନତା, ଦୈବିକ ବିଷମତା, ଜନ୍ମଗତ ପ୍ରବୃ ି)

(ଖ) ଯୌନ ଶୋଷଣ ଲିଙ୍ଗଗତ ବୈଷମ୍ୟର ଏକ _____ ଅଟେ ।

(କାରଣ, ନିରାକରଣ, ପରିଣାମ)

(ଗ) ଲିଙ୍ଗଗତ ବୈଷମ୍ୟ _____ ଅଟେ ।

(ଭଗବାନଙ୍କ ଅବଦାନ, ପ୍ରକୃତିର ନିୟମ, ସାମାଜିକ ଅଭ୍ୟାସର ପରିଣାମ)

(ଘ) ଲିଙ୍ଗଗତ ସମତାର ବିକାଶ ପାଇଁ ଗୋଟିଏ ଭଲ ଉପାୟ ଅଟେ ।

(ନାରୀ ସଶକ୍ତିକରଣକୁ ଗୁରୁତ୍ୱ ଦେବା, ପୁରୁଷ ମାନଙ୍କର ସାମାଜିକ କ୍ଷମତାକୁ ସଂକୁଚିତ କରିବା, ପୁରୁଷ ଅପେକ୍ଷା ନାରୀ ମାନଙ୍କୁ ସମାଜରେ ଅଗ୍ରାଧିକାର ଦେବା)

୩. ଗୋଟିଏ ବାକ୍ୟରେ ଉ ର ଲେଖ ।

(କ) ଲିଙ୍ଗଗତ ବୈଷମ୍ୟର ଅର୍ଥ କ'ଣ ?

(ଖ) ଲିଙ୍ଗଗତ ବୈଷମ୍ୟର ଏକ ବୈଶିଷ୍ଟ୍ୟ ଉଲ୍ଲେଖ କର ।

(ଗ) ଲିଙ୍ଗଗତ ବୈଷମ୍ୟକୁ ଦୂର କରିବାର ଏକ ଉପଯୁକ୍ତ ଉପାୟ ଲେଖ ।

(ଘ) ଲିଙ୍ଗଗତ ବୈଷମ୍ୟର ପା ଟି କୁ ପରିଣାମ ଉଲ୍ଲେଖ କର ।

(ଙ) ଲିଙ୍ଗଗତ ବୈଷମ୍ୟର ଏକ କାରଣ ଲେଖ ।

(ଚ) ଲିଙ୍ଗଗତ ବୈଷମ୍ୟ କହିଲେ ତୁମେ କ'ଣ ବୁଝ ?

(ଛ) ଲିଙ୍ଗଗତ ବୈଷମ୍ୟର ତିନୋଟି ବୈଶିଷ୍ଟ୍ୟ ଉଲ୍ଲେଖ କର ।

(ଜ) ଲିଙ୍ଗଗତ ବୈଷମ୍ୟର ପା ଟି କାରଣ ଦର୍ଶାଅ ।

(ଝ) ଲିଙ୍ଗଗତ ବୈଷମ୍ୟର ପା ଟିକୁ ପରିଣାମ ଉଲ୍ଲେଖ କର ।

(ଞ) ଲିଙ୍ଗଗତ ବୈଷମ୍ୟର ତିନୋଟି ଉପାୟ ଆଲୋଚନା କର ।

(ଟ) ଜଗତୀକରଣ କହିଲେ କ'ଣ ବୁଝୁଛ ?

(ଠ) ସୀମାପାର ଯୋଗାଣ କ'ଣ ?

(ଡ) ବାଣିଜ୍ୟିକ ଉପସ୍ଥିତି କହିଲେ କ'ଣ ବୁଝ ?

୪. ଦୁଇ ବା ତିନୋଟି ବାକ୍ୟରେ ଉ ର ଦିଅ ।

(କ) ଧର୍ମନିରପେକ୍ଷ ଶିକ୍ଷା କ'ଣ ?

(ଖ) ସାମାଜିକ ଗତିଶୀଳତା କ'ଣ ?

(ଗ) ସାମାଜିକ ଗତିଶୀଳତା ପାଇଁ ଶିକ୍ଷା କେଉଁଭଳି ସହାୟକ ହୁଏ ?

(ଘ) ସାମାଜିକ ନିୟନ୍ତ୍ରଣ ଦିଗରେ ଶିକ୍ଷାକୁ କିଭଳି ବ୍ୟବହାର କରାଯିବ ?

୫. ପ୍ରତ୍ୟେକ ପ୍ରଶ୍ନର ଉ ର ୧୦୦ଟି ଶବ୍ଦ ମଧ୍ୟରେ ଲେଖ ।

(କ) ବହୁଭାଷିକ ଶିକ୍ଷା ବ୍ୟବସ୍ଥାର ଆବଶ୍ୟକତା ଗୁଡ଼ିକୁ ଆଲୋଚନା କର ।

(ଖ) ନାଗରିକତା ପାଇଁ ଶିକ୍ଷାର ଲକ୍ଷ୍ୟ ଗୁଡ଼ିକୁ ବର୍ଣ୍ଣନା କର ।

(ଗ) ଲିଙ୍ଗଗତ ବୈଷମ୍ୟ କ'ଣ ? ଏହାର ସ୍ୱରୂପ ଆଲୋଚନା କର ।

(ଘ) ଲିଙ୍ଗଗତ ବୈଷମ୍ୟର ବିଭିନ୍ନ କ୍ଷେତ୍ରଗୁଡ଼ିକୁ ଆଲୋଚନା କର ।

(ଙ) ଲିଙ୍ଗଗତ ବୈଷମ୍ୟର କାରଣ ଓ ପରିଣାମ ଗୁଡ଼ିକୁ ଆଲୋଚନା କର ।

(ଚ) ଲିଙ୍ଗଗତ ବୈଷମ୍ୟକୁ ଦୂର କରିବା ପାଇଁ ଶିକ୍ଷାର ଭୂମିକା ବର୍ଣ୍ଣନା କର ।

(ଛ) ଶିକ୍ଷା ଉପରେ ଜଗତୀକରଣର ପ୍ରଭାବ ଗୁଡ଼ିକ ଆଲୋଚନା କର ।

(ଜ) ଶିକ୍ଷା ଉପରେ ଜଗତୀକରଣର ପ୍ରତିକୂଳ ପ୍ରଭାବ ଗୁଡ଼ିକୁ ବର୍ଣ୍ଣନା କର ।

●

TEACHING OF ENGLISH

Learning Objectives :

After reading this chapter, the learner will be able to :

- acquire knowledge of the importance and values of teaching English.
- understand the aims and objectives of teaching English.
- get acquainted with practical implications of various methods of teaching English.
- appreciate various methods of teaching English.

4.1.1. Introduction :

English enjoys a unique place in school curriculum in India. It is also an important language for inter-region communication. History says that English was an integral part of the educational set up of the country. Macaulay's Minute of 1835 also recommended English as the medium of instruction in schools. Even in the sphere of administration, English is used as the main language in the present century.

It is being used as the medium of instruction in institution of higher education. Despite increasing popularity of Hindi over the years, English is an important medium of communication, between states and the union. In some states it is also used as official language.

In our country, people speak in different languages. But the importance of English in India should be realised from the point of view of the fact that it is an international language, a link language and a language of communication. So the importance of English in a multilingual country like India cannot be reduced to unimportance.

English occupies a key position to the modern knowledge. It is very important in the field of adminisration, education and in all fields. It occupies a privileged position in India.

English is the world's most widely spoken language. It is the most common language of communication in the international sphere. English is the standard language of international conferences. A knowledge of English makes a person a citizen of the world.

English has also occupied an important place in the language scene of India. English language has a rich literature and it embraces so many departments of knowledge. The importance of English in educational institutions for our country has been realised on the ground that it is an international language, a link language, a library language and it is considered to be a window to the rapid progress of technology and advanced scientific knowledge. The need for inclusion of English in the school curriculum starting from the elementary level to the tertiary level arises for the following reasons.

4.1.2. Importance of English Language :-

1. English is an international language :

The importance of English for Indian students should be realised on the fact that it is an international language. It is the language of the United Nations Organisation. It is a language which is understood in all the countries of the world. English is used in almost all international fields of trade, commerce, science and technology. The university Education Commission (1948 – 49) observed; English is a language which is rich in literature humanistic, scientific and technical. If under sentimental urges we give up English, we would cut ourselves off from the living stream of ever growing knowledge. Unable to have access to this knowledge, our standard would fast detoriate and our participation in the world movements of thought would become negligible. English is the only means of preventing our isolation from the world and we will act unwisely if we allow ourselves to be enveloped in the dark curtain of ignorance.

2. English as a window of the world :

Pandit Nehru once pointed out, "English is our major window of the world." It is rightly described as a window on the rapid progress of science and technology of the world. It is through this language that we have distilled the essence of modern knowledge in all fields of human activity. English is the only means of preventing our isolation from the world. English language has connected the eastern and western culture. In fact, it will not be wrong to say that English is a window through which we are able to see the scientific, technological, agricultural, commercial and literary developments taking place in the world.

3. English is the link- language :

English has been accepted as the link language in our country. It is an important language for inter-region communication, social communication and communication in international trade and commerce. It is the language of communication. Thus, the importance of English in a multilingual country like India cannot be ignored. It is a powerful unifying factor in our national

life. Because no Indian language, not even Hindi could assume the status of a common language to interact with.

4. English is a library language :

Report of the Kothari Commission (1964 - 66) say that English should be learned as a library language by the Indian students. Much of the world's richest literature in all branches of knowledge is found in this language. It is through English that we maintain the high level of our intellectual and scientific training and achievement. No nation can rely solely on its own indigenous share of social, cultural and technological development.

The above discussion reveals that English has occupied an important place in the language scene of our country. In the light of this careful observation it is possible to conclude some of the important points on the values of teaching English at various stages of education in our country.

(1) English language develops a feeling of internationalism for national integration and international understanding.

(2) English language is the best medium of communication throughout the world.

(3) Study of English language is essential for the progress and development of knowledge.

(4) World - peace can be established through this language.

(5) It helps to widen our outlook and make us liberal, generous and broad - minded.

(6) It helps to widen the horizon of our experience by keeping contact with our neighbouring countries.

(7) English language develops the internal as well as external aspects of our personality.

(8) English language helps in the diffusion of culture of different countries which enriches world civilisation.

The above discussion reveals that the teaching of English has been recognised as essential in all stages of education in our country. The study of English is bound to play an important role in Indian education. Hence, the value of the teaching English language is clear from the analysis of the above discussion.

Today, English has become one of the major languages of world. Among the languages used in India, English also occupies a dignified position.

4.1.3. Aims and objectives of teaching English :

A teacher before teaching any subject should know the aims and objectives of the subject. A teacher without a pre-conceived knowledge of aims is just like a vessel which has no harbour to reach or it is just like a traveller, who does not know where he wants to go. Therefore, we

should fix our destination first. The determination of aims will help the teacher to decide about the methods and devices which he will adopt to accomplish the task that he had set before him. Aims are the direct out-come of the purposes from which a certain activity must be conducted. Aims give direction to the activity. In teaching English it is highly desirable to know exactly what one is hoping to achieve. In other words the teacher should consider what he is trying to do when he is teaching Englsh.

The aims of teaching English in India must be quite different from those which are considered necessary for an English child. But in our country English is taught as a foreign language. A careful lanaguage teacher can decide about aims of teaching the language. A teacher of English may have some general aims and certain specific objective. The general aims are those which are common to all the lessons and which are achieved on long- term basis at the end of the schooling. The specific objectives are specific to particular lesson. Thus the specific objectives may vary from lesson to lesson. These objectives are so planned that they can be achieved at the end of lesson.

General Aims :

In teaching English, there are some general aims. We know that in our country, English is taught as a foreign language. Hence the main aim of teaching English should be to help children to acquire practical command of English so that it may be useful to them in everyday life.

The study of every language has four important aspects. These are :

(1) Phonetic Aspect

(2) Semantic Aspect

(3) Graphic Aspect

(4) Phonetic - cum - Graphic Aspect.

(1) The Phonetic aspect : The Phonetic aspect refers to speech and pronunciation. It means listening and speaking. Listening and speaking are audio-lingual skills. This is otherwise known as sound aspect.

(2) The Semantic aspect : The Semantic aspect refers to the meaning of the words and their interrelationships in a sentence. In English language, each word conveys different meaning when used in different situations in sentences. So the aim of teaching should be to enable the students to learn the use of the words in English, their types and how they are fitted into sentences.

(3) The Graphic aspect : The Graphic aspect refers to the written shapes of the language. Writing is an important language skill. When we talk about the skill of writing in English we generally mean handwriting. The aim is to develop good handwriting in English.

(4) The Phonetic - cum - Graphic aspect : The Phonetic - cum - Graphic aspect refers to the reading side of the language. It states that the learner will acquire the knowledge of reading the English script. The aim is to enable the learner to read or recognise the letters as well as to pronounce the letters in English. Because reading involves the association of symbol, sound and sense. It involves recognition of graphic symbols and the corresponding vocal sounds and their association with definite meaning.

All these above four aspects are related to one another. They cannot work in isolation. They must function in coordination with one another. In language learning, four language skills are involved. These skills are :

– listening and understanding

– reading and understanding

– speaking and

– writing.

As discussed above all the four aspects of language such as Phonetic, Semantic, Graphic and Phonetic-cum-Graphic aspect correspond to these four language skills. These four linguistic abilities or skills are also related to one another and each helps other in its acquisition. So the general aims of teaching English may be to enable the pupil

– to understand spoken English

– to understand written English

– to speak in English and

– to write in English.

These four general aims correspond to the four linguistic abilities such as listening, reading, speaking, reading and writing. Thus the teacher of English should aim at developing these four language abilities such as : (i) listening, (ii) speaking, (iii) reading and (iv) writing. These four language skills have to be mastered for the sake of satisfactory and accurate exchange of ideas. An efficient teacher knows the component parts of each skill and should try to develop each one of them. To achieve the linguistic aim, the learner must start using the language in (a) speaking, (b) reading and (c) writing.

(a) Listening skill : A skill involves three processes, namely, receiving knowledge, fixing it in memory by repetition and using it in practice. When a child is exposed to situation presenting sights and sounds, it listens to the sounds of speech, imitates and speaks the same words. So sufficient exposure should be given to the learners to speak the language. The teacher can develop such listening skill in learners through group discussions, dictations, listening to talks,

radio talks and lectures. For this the discourses are to be made interesting and the teacher should be meticulous to train the learners to be attentive while listening to such things.

(b) Speaking : Language is primarily speech. This means that language is primarily learnt by listening.. This listening is naturally followed by speaking. Speaking comes after listening but before reading and writing. The child learns English by speaking in the language first before he can read and write in the language. Therefore, the child should be able to express himself through short, simple sentence.. He should be able to talk about events, places, things and persons in simple English. He is to teach English pronunciation, structures and words as graded in the syllabus. He should use flash cards for teaching reading.

(c) Reading : Reading involves association of symbol, sound and sense. It involves recognition of graphic symbols and the corresponding vocal sound and their association with definite meaning. Reading as a model of expression in learning English means responding to verbal symbols after they have been given written shapes. So the pupil should be able to read well and read with comprehension. Reading has three aims, namely, to gain information, to have pleasure and to share feelings. Therfore reading is most important aspect of teaching English language.

(d) Writing : Writing is an important language skill. While teaching English for political prupose pupils must be given the ability to write simple and correct English. The aim is to enable the pupils to write on simple topics of day to day life.

When these language skills are developed, we can say that the pupils have learnt the language. The teacher should give equal importance to each skills or abilities. The above are the important general aims of teaching English in our country. These aims are far too general to be of practical help to a teacher in the classroom. They are useful only for general guidance.

Specific objectives :

Besides the above general aims, the English teacher should have clear and definite aims for each lesson. These are called specific objectives. Specific objectives end in certain behavioural changes in the learner and these are the learning outcomes. Specific objectives help a teacher to know what exactly he is supposed to achieve. This means, when the teacher knows what exactly he is supposed to achieve, his teaching is directed towards the achievement of that specific objective.

In English specific subjects vary from lesson to lesson. There may be various objectives in a lesson. So a specific objective should usually be decided upon the beginning of the preparation of a lesson. This will help in the planning of his methods of teaching. After selecting a specific

objective for a lesson, the teacher should strive his utmost to achieve it.

As said earlier, in English, specific objectives vary from lesson to lesson while the general aim may remain the same. An example may be given here for better understanding. For lesson on composition, the general aims are, inculcating the ability to understand, the ability to speak, the ability to read and the ability to write. But the specific objectives will be different from those of a reading lesson. For example, if a teacher selects “Present continuous Tense” on Grammer. The general aim may be “to teach some grammar”. His specific objective may be “to illustrate the present continuous tense and to have it well practised.” Likewise a lesson on “Reading comprehension” may aim at :

– comprehension of some new items of vocabulary.

– improvement of oral expression.

– ability to read well with proper pauses.

– reading in simple sentences the material taught.

A clear and definite objective is absolutely essential for success of a teaching lesson. The teacher can plan his lesson according to the specific point in his mind. The technique of choosing a very specific objective for each lesson is a most fruitful aid to better teaching. It gives focus and therefore concentration. It gives clarity and therefore better understanding. It gives precision and therefore more firmly established progress.

4.1.4. Methods of Teaching English :

Teaching is a complex task. It is of paramount importance that the teacher should know his task to make his teaching a success. The teacher has plenty of work to do. This is done in accordance with the aims. These aims determine the methods of teaching. In teaching English it is desirable for the teacher to know exactly :

– What he hopes to achieve and

– how he is going to achieve it.

The first task of the teacher (what he hopes to achieve) correspond to the aims of teaching where the other task (how he is going to achieve it) to the methods of teaching the subject. The problem of aims is intimately connected with that of methods and devices. There are various methods of teaching English which have been tried out by various teachers at various levels of education. These are :

(A) Translation Method

(B) The Direct Method

(C) The Structural Approach

(A) The Translation Method : The translation method is often called the Grammar translation method. It is one of the oldest method of teaching English. This method is still followed in most of our schools. It is felt that the vocabulary and phrases of the foreign language can be interpreted through translating to meaning into the mother- tongue. As a matter of fact, there is no better test of knowledge of English than translation from the mother-tongue into English. In United States, this method is known as the Perussian Method. The translation method is based on the following principles.

Principles :-

(1) Mother- tongue is used in translation method.

(2) The foreign words and phrases are best understood through translation.

(3) The structure of English language can be easily learnt.

(4) The foreign phraseology is best assimilated in the process of interpretation.

The translation method gives stress on reading the words, phrases and idioms and these are learnt through mothertongue. English is taught through the medium of mothertongue. The teacher translates every word phrase and sentence from English into the mother tongue of the child. The pupils are also required to translate sentences from their mother-tongue into English. The pupil must be made to understand that every sentence in the mother- tongue must have a corresponding sentence in English. It is often seen that a sentence in mother-tongue can be broken into two in English or two sentences in mother-tongue may be combined to express thought in one sentence in English. So in translation method, there can never be a one to one relationship between mother-tongue and English. Translation provides training in expressing given ideas in English and in definiteness and accuracy.

The translation method aims at teaching grammar in a systematic way. In this method grammar is taught deductively and prescriptiviely. That is, rules are presented and then practised through translation. The structures of the foreign language are compared and contrasted with those of the mother- tongue. Therefore this method is known as the Grammar Translation Method.

Advantages of Translation Method :

Following are the advantages of the translaion method.

1. Translation method gives stress on exercise in learning and using English through mother tongue.
2. It provides training in expressing given ideas in English and in definiteness and accuray.
3. It enables a better understanding of words, phrases and idioms which can be translated into the mothertongue.
4. In this method, foreign phrasiology is quickly explained. Translation interprets the words and phrases of the foreign language in the best possible manner.
5. This method saves a good deal of time.
6. This methods ensures accuracy. Because, the pupils learn the accurate meanings of words.
7. The comprehension of the children can be tested easily by this method.
8. The working knowledge of mother-tongue helps him to learn the grammar of a foreign language.
9. Translation from the foreign language into the mother-tongue enables the pupils to develop vocabulary very quickly.
10. In translation method much importance is given on skill-wise reading and writing than speaking and listening.

Limitations of Translation Method :-

Following are the limitations of the translation method.

1. This method neglects the natural way of learning a language i.e. listening, speaking. Hence, the method does nothing to enhance a students communicative ability in the language.
2. It makes the whole of teaching work dull and dry. The learner does not take part actively in the learning process.
3. This method fails to create direct contact between thought and expressions. The children first think in their mother-tongue and than try to convert their ideas into English.
4. This method ignores all consideration of phonetic pronunciation and fluency in speech.
5. There is no opportunity for silent reading in this method. It does not help the pupils for self- learning in future.
6. As this method gives importance to the use of mothertongue, the method is unsuitable for mixed linguistic groups.
7. There is little chance of teacher-student interaction and student- student interaction.

Inspite of all the above limilations the translation method is being continued to be popular in our country particularly for the poor attainment of our pupils in English. The teacher is the dominating personality in the class room. He should make it clear to the pupils that in translation they are to translate thoughts, not words. They must be asked to understand the meaning of the passage in the mothertongue, assimilate the thought and then express it in suitable words in English. So the translation method is basically an adoptation of techniques used to teach classical languages.

(B) The Direct Method : The Direct Method was introduced in India in the early 20th century. It came as a reaction against the Translation Method with a distinct grammatical bias. This method is otherwise known as the reformed method. The Direct Method is a method in which the pupil is expected to learn the new language in a natural manner like his mother-tongue. It is a method in which an attempt is made to teach English without the mediation of the mother - tongue. It does this by establishing a direct and immediate bond between the English word, phrase or idiom and its meaning. In other words, the method connects a new word or expression of the child directly with what it stands for or with his experience. It is a method of teaching a foreign language through conversation, discussion and reading in the language itself without the use of pupils language. Suppose in a reading lesson to lower class, a new word 'kite' occurs. If we associate it with its intermediate in the vernacular this meaning is taught indirectly. So this is indirect method. But on the other hand, if we associate the word with an actual kite or with the picture of a kite, we are teaching the meaning directly. If such a direct association is not possible, the teacher can explain the meaning of new words by giving synonyms, definitions, explanations or by inference from the context.

Important Features of the Direct Method :

Following are the essential features of the Direct Method.

1. Direct Method is opposed to the Translation Method both in theory and in practice. The learner will use the language without translating it into his mother - tongue.
2. In this method the expression is associated with the experience of the pupils. They become able to express their ideas in spoken English. Mother-tongue has no place in this method as it obstructs the learning of foreign language.
3. The sentence is the unit of teaching This method follows the principle that the unit of speech should be sentence and not the word. The teacher presents each sentence with the help of appropriate action, situation or pictorial aids.

4. The Direct Method lays stress on the oral aspect of English. So oral expression receives much attention in the class.
5. Pronunciation is to be taught systematically on more or less phonetic basis. The meanings of new words are taught by means of direct objects, actions or in natural contexts.
6. There is no place of cramming of words and their meanings. Pupils are taught words and their meanings through perception.
7. Grammar is taught indirectly and inductively. The functional grammer finds a place in the scheme of teaching through the direct method.
8. The new knowledge is imparted and practised in the English atmosphere of the class. In the classroom, questions are raised in English, answers are given in English and all explanations are given in English, never in the mother-tongue. In this way an english atmosphere is created in the teaching - learning situation.
9. The method gives an active command over the language by filling in the gap between active and passive vocabulary of the learners.
10. The direct method depends on the material association between the word and teaching. Words are choosen from names of things and actions of common day-to day experiences. The teaching of vocabulary is progressive. In the teaching of vocabulary the learners proceed from the near to the remote, from the concrete to the abstract and from the immediate environment to the distant. Concrete vocabulary is taught through demonstration of real objects, models, pictures, photographs and abstract vocabulary is taught through association of ideas.
11. The direct method is used in the teaching of four language skills, namely, listening, speaking, reading and writing. All these skills are taught sequentially. It is believed that primary manifestations like listening and speaking should be taught befor reading and writing as there is greater transfer from listening to speaking, from speaking to reading and reading to writing.

Techniques of Teaching English followed in the Direct Method :

The teacher uses certain techniques in the class while following the Direct Method. These techniques are as follows :

1. **The Techniques of Conversation :** There is always conversation between the teacher and pupils as well as conversation among pupils. So it is a method of teaching a foreign language through conversation.
2. **Technique of Leadership and guidance :** The teacher takes the lead in presenting new sentence and then guides the pupils to speak and learn. So the pupils are exposed to good speech in the class.

3. The teacher should proceed from simple to difficult structures and words and from concrete words and ideas to abstract ones.
4. Constant use of “look and say” keeps the pupils attentive and active in the class.
5. The teacher should encourage the pupils to speak and wirte English without thinking of the expression in the mother-tongue. In other words, mother-tongue should not be used by the teachers and students in the English class.
6. The words and sentences are presented in action or with the help of audio-visual aids such as picture, models, actual objects etc.

Objectives of the Direct Method :

1. This method helps to understand written and spoken English. The learner will use the language without translating it into his mother-tongue. In short the objevtive of teaching English through Direct Method is to enable the children to obtain a real command over the language.
2. This method aims at developing the speaking ability of the pupils. The pupils will speak and read English using acceptable pronunciation and intonation of English.
3. The direct method aims at teaching english directly. It seeks to establish association between experience and expression.
4. The objective is to enable the pupils to learn the mechanics of writing.

Merits of the Direct Method :

1. The Direct Method makes the study of english interesting and living.
2. It is the natural method which is really useful for teaching english to beginners.
3. The three linguistic skills such as reading, writing and speaking are developed simultaneously.
4. It emphasises on the spoken language. This is very important for language mastery.
5. It develops the capacity of the pupils to think in english and expressed ideas in correct english.
6. It follows the natural way of learning language. The child listens and speaks. He acquires fluency in english speech.
7. The technique adopted in this method calls for alertness and activity on the part of pupils.
8. There is an ample scope for the use of audio-visual aids. The use of objects, illustrations, actions and demonstrations makes the lessons concrete.

Demerits of the Direct Method :

There are certain limitations of the Direct Method.

1. This method is not suitable for teaching all the english words. There are innumerable words which cannot be interpreted directly in english without wastage of time and effort. Only a limited number of english words can be taught through this method.
2. In certain cases it becomes very difficult to convey the right meaning of an english word without using mother-tongue.
3. Every teacher cannot be expected to teach with the direct method. It requires teachers who are skilled in handling language material.
4. Pupils do not get sufficient opportunity for written work. So their writing skill is not properly developed. Speech is given importance at the cost of reading and writing.
5. Grammar teaching is neglected as there is no provision for systematic teaching of grammar. So this method discards the teaching of formal grammar.
6. This method is expensive method as it requires sufficient teaching aids.
7. All vocabulary items cannot be taught through direct association.
8. It lays stress on student's command on language. Without systematic reading lessons are writing work.

Inspite of a number of demerits the Direct Method is very useful for the beginners. In this method the teacher proceeds from simple to difficult words and from concrete words to abstract ones. The students are exposed to good speech in the class as a result there is much scope of the development of a sound language background for the learner. Here emphasis is given on oral while teaching the beginners. Students are encouraged to speak English all the time during the English class.

(C) The Structural Approach :

In the present day education, modern english teaching puts emphasis on the structural approach. It should be noted here that structural approach is an approach and it is not a method. An approach determines the sequence of learning expriences and steps necessary to achieve the objectives. But the methods are the tools that are used to achieve the objectives in order to achieve the objectives. In an approach to the teaching of language, much emphasis is laid on the system of the language and how does it operate.

Structural approach is more suitable for teaching a language. It is known as the Aural-oral approach. This is a new technique of teaching English. This technique is based on the principle that in the early stages of language learning the students should be told about the essential

tools of the languages. The tools can be mastered only by practising their use. So in order to learn a language correctly, one has to master the words and structutres used in that language.

In language learning, the teacher is required to develop the four-fold skills. These skills are :– skill of understanding, skill of speaking, skill of reading and skill of writing. Structure approach is generally adopted by the language teacher to achieve these objectives.

Structures should not be confused with sentence and combination of words. A sentence is a combination of meaningful words which are joined together as per the rules of grammar. But a structure is not always necessarily a sentence. Structure tells us how to join words to make it meaningful.

Words put in a particular order make a structure. In other words, the different arrangements of patterns of words are called structures. There are four types of structures.

(a)	Sentence pattern	–	He is reading the book.
(b)	Phrase pattern	–	Under the table, for some time etc.
(c)	Formula	–	Thank you. Excuse me etc.
(d)	Idioms	–	In front of, in order to, in spite of etc.

English is best learnt by knowing its structures. In English, the words are much less important than the ways in which words are put together. People communicate with one another not by using isolated sounds and words but by using combinations of words in a definite pattern.

There are a large number of structures in English. It is very difficult on the part of the learner to master all the structures all at once. So, in teaching of English, structural approach means teaching certain selected structures in a certain order. It has been mentioned earlier that a method is concerned with the presentation of materials and an approach is concerned with the selection and gradation of materials. In other words, an approach tells us what to teach and a method tells us how to teach. So the method that is to be followed in teaching structures is called the aural-oral method or the audio-lingual method. At the elementary stage, structure approach is the most suitable method to teach English to the beginners. The idea behind the technique is that in the early stage of language learning, the students should be told about the essential tools of the language. These tools can only be mastered through repeated use.

Principles of structural approach :

English is structurally speaking, an analytic language. It is called structural approach because an English teacher takes an attempt to teach this language in a scientific manner. It teaches the students the art of using the language for communication. So there are some principles of structural approach which are to be kept in mind while teaching English to the

beginners. These principles are as follows :–

(1) Emphasis on grammatical rule : Every structure has an important grammatical rule or point. The teacher must make the learners thoroughly familiar with the given structures in three forms-spoken, printed and written. The teacher must see that while teaching through structural approach the learner has used it naturally and he is able to apply it to a new familiar situation. Thererfore, structures help the students to have common on written and spoken English.

(2) Importance on speech : The teacher must give importance to speech. The development of ther ability to speak the language is the fundamental principle of structural approach. So the teacher must have a knowledge of English phonetics. His pronunciation must be perfect so that the learner can speak English with good intonation.

(3) Importance on drilling of structures : Structural approach gives importance on drilling, exposition and practice both aural and oral. The structures must be repeated in meaningful contexts taking illustrative sentences from the experiences and activities of the learners. Structures can be drilled individually or in a group. Substitution table must be used to drill the structures. Immediate feedback should be given to the pupils during drilling and practice.

(4) Teaching new vocabulary in actual situations : The teacher should give a model sentence in which the word is used. A structure may be presented by various techniques like giving examples, showing pictures and other aids, dramatisation, creating situations and through play-way. The structural approach is sometimes called the situational approach. This aproach heavily depends upon the fact that a language is best learnt through practice in real situations. The teacher should make use of the real situation in the classroom involving the structure.

(5) Emphasis on pupil's activity : The structural approach lays stress on the pupil's activity rather than the activity of the teacher. The learner actively participates in drilling of structures with correctness and intensively which lead to habit formation.

Besides the above principles, this approach is also based on the following steps.

(1) Selection of structures : Selection of the structures is very important factor in structural approach. Hence, structures should be properly selected. Without proper selection of the structures, it is not possible to provide good knowledge to the learners. There are some important criteria for selection of structures. These are :

(i) Usefulness : The usefulness of a particular structure depends upon the frequency with which it is used and its helpfulness in further building of the language.

(ii) Simplicity : The simplicity of a structure depends on its form and meaning. Simple structures should be taught first and the difficult ones afterwards. Here, the principle of "proceed from simple to complex" is to be followed.

(iii) Teachability : Teachability refers to the possibility of demonstration in a realistic

situation. In other words, a structure, which is possible to be demonsrated in a realistic situation, can be called 'Teachable'. From the following examples we can know which is teachable and which is not.

(a) I am putting the book on the table.

(b) I come to school at 10 every day.

The first structure is more easily teachable because it can be demonstrated in realistic situation. But the second structure is quite difficult to be demonstrated.

(2) Gradation : The second important step is grading of structures. The structures should be properly graded. Grading of structures means to put the teaching material in a suitable order. The principle of proceeding from simple to complex can be applied in grading structures. It means, in teaching English, simple structure should be taught first and then difficult ones. The gradation of structure should be gradual. It should start with present continuous tense and go to past perfect continuous tense. While grading the material, chronological age, mental level, educational, social and cultural background of the children are to be kept in mind.

(3) Content material : Sometimes, it is criticised that this approach does not give importance to content material. But some authors have seriously opposed to this statement. They hold the view that content words are given due importance in this method. But this content materials should be based on situation that are used by the teacher.

(4) Opportunities for use : The learner has to be given maximum opportunity and situations for using the structures.Then only the learner can acquire mastery over the particular structure.

(5) Situational Teaching : In structural approach, situational teaching occupies an important place. This approach depends upon the fact that a language is best learnt through practice in real situations. Therefore, the structural approach is sometimes called the situational approach. The teacher has to create sufficient situations in the classrooms so that the students get opportunities to use the structure again and again. Thus, situational teaching is nothing but giving the students practical bias to their learning. The teacher should make use of the real situation in the classroom. Sometimes he may also create artificial situation in the classroom involving the structure. The teacher may create situation by using pictures, drawing pictures on the blackboard and by gestures and actions. There must be close association between the structure and the situation.

In structural approach, the teachers teach in language not matter. The aim is to build a solid foundation of language habits such as speaking, reading, writing and understanding. Therefore, this approach is only applicable to teach English in lower classes.

Teaching Language Skills

Teaching of Listening Skill – Listening skill lays the foundation of all other skills.

Therefore, it is needed to develop listening skill in learners first. As per the nature of the child, when he is subjected to a situation, he listens automatically and notices what is happening, converts them into meaning and imitate. Thus the child learns to speak at home. For teacing listening skill the teacher should first allow to listen to the language for a longer period. He should be asked anything. Sufficient listening exposure should be given to the learners to speak the language. For this the teacher has to be resourceful in initiating group discussions. The students should be given dictations. While they would be prepared for taking down the notes, they listen first and then write. Recorded speeches may also help in developing listening skills in students. Long explanations are to be avoided. Long discourses also are to be avoided as they may be boring and they may develop fatique in learners. At the early stages of learning English, the teacher should be meticulous enough to train the children in developing listening skills through talks, telling stories and singing rhymes with proper pronunciation.

Teaching of Speaking Skill :- The pupil learns to express himself in correct English, only when he is able to speak. Hence the teacher is required to engage the students in oral work, conversation with the beginners. In this oral work the teacher will teach correct pronunication, structures and words as graded in the syllabus using objects, pictures and picture dictionary. The classroom situation is to be made realistic meaningful and contextual. The teacher may also use flash cards, alphabet cards for teaching reading simultaneously.

Teaching of Reading Skill :- Reading skill is linked with the learner's abilities in speaking and writing. Reading skill has three aims to be fulfilled, namely, gaining information, deriving pleasure and sharing feelings. Reading is both, a process of conceptual experience and perceptual. Concepts are formed through his interaction with the environment where as perceptual experience in confined to formation of relationship and formation of concepts. Reading consists of three things, first recognising the symbols, second translating those symbols into particular sounds and the third, understanding the meaning of those sounds. At the initial stages, therefore, the learners should be engaged to read aloud, which enables the child for practice in correct pronunciation. In advising the students to read aloud teacher can esure that the pupils utter words clearly with proper accent and intonation. He is to ensure also the time taken by the pupils so as to know the speed of the learner in understanding. The ability to read silently may be considered good if the learner reads 400 - 1000 words silently. The teacher is to encourage reading by the learners independently with pride and joy.

The various methods of teaching reading are; the alphabetic method, the phonic method, the word method, the sentence method and the story method. In the alphabetic method alphabets are learnt first where as in the phonic method the child learns sound and then words through sounds. In the word method, a word is presented first as a unit of teaching. The sentence method implies presentation of the whole sentence first and then the words. In the story

method, a story is presented to teach the reading skill for the beginners.

Teaching of Writing Skill : Writing is believed to be the most important skill for its use in communication with people in any part of the world through writing personal or commercial letters. In writing the sentence patterns, structures, words learnt in speech and reading are fixed in memory. Whatever is written that remains ever permanent, until the materials are destroyed. Therefore writing demands care, exactness, correctness and thoroughness. Writing may be taught in two stages; good handwriting and good composition work. For teaching writing, the teacher is to train the students for good handwriting.

The mechanics of writing consists of the following features :-

– Student is to be said to have an upright posture.
– Student is to be trained to learn to hold the writing material between the thumb and the first two fingers.
– He is to be advised to place the piece of paper in front of him being slightly inclined to the left.
– The size of the letters are be to be made the same.
– He is to be advised to leave space in between words and lines.
– Proper punctuation marks are to be given as and where necessary.

For good composition work the teacher may encourage his pupils to make designs of the matching exercises given in boxes to be expressed in sentences as follows :

The pupils	are	playing	football
			in the garden
			in the Sun

The learner is to be encouraged to frame as many sentences as he can. For this specific cards may be used where parts of a sentences will be written and the student is to be advised to arrange them in correct sentences. This will serve both composition writing purpose and play. Use of substitution tables, dictation etc will serve the purpose of the teaching of composition work.

4.1.5. Teaching Aids :

Teaching becomes lively and enjoyable when taught through the use of teaching aids. In English different kinds of aids are used. They are text books, work books, picture cards, alphabet cards, linguaphone, over head projecter, cassette player, CDs and Radio and television. Use of aids sustain the pupils interest for long and they find ample scope for active participation. Although the most common and important teaching aid is blackboard, yet teachers use many

kinds of aids. Balck boards are used for display of charts, pictures, writing of words and sentences. The pupils may also be asked to write on it for developing self confidence and self competence. The special aids used in eaching of English are discussed below.

Picture Cards – These cards refer to the cards printed with lively pictures of animals birds, flowers, automobiles and deserts, rivers mountain ranges, valleys, industries etc. The learners read their names from the pictures and conceptalise what they are. The most important concepts like beautiful places of natural word, cloud sky, many other important concepts can be introduced to the students through these picture cards. Action pictures can also be presented during the teaching of English like, boys playing football, riding horses, climbing mountains, flowing of rivers, farmers ploughing the fields, fistermen casting their nets for catching fish etc. English language is a foreign language for the learners. It becomes very difficult on the part of both the teachers and the students to understand the important words, concepts written in English. Such words and pictures can therefore be exposed by illustration.

Alphabet Cards – These cards are used to teach alphabets and words. Each alphabet is printed on a card with coloured ink and cards are of equal sizes with colourful get up. Through play, these cards can be used for teaching of English to the beginners. Learners can be taught different words by engaging them in word making plays whre they are asked to join different cards for learning a word or a sentence. Correct spelling of different words can also be taught through the cards.

Linguaphone – This is a very good teaching device to teach to the students correct speech, correct pronunciation and correct mode of speaking English language. Through linguaphones, the learners are failitated in going through the book lines. Students will see the sentences from the book and hear simultaneously the same sentences from the linguaphone which have been prerecorded. They listen to the recorded speech and imitate the sound. Thus linguaphones are widely used for correct speach habits in learners.

Over head Projectors – These aids are used to project small pictures on a very big screen. Contextual lines, pictures, words can be written in transparencies and can be projected on a big screen for clear comprehension of those things. As the learners use both seeing and understanding, their perceptual experiences help them to learn permanently. It makes teaching enjoyable and durable. Here the task of the teacher becomes easier as the teacher is certain about the clear vision of the learners is the back teaches.

Cassette Players – This is an audio aid for teaching English. Materials can be listened through this aid. For development of correct speech habits, these aids are widely used.

Specifically nursery rhymes, recitation of poems, dialogues, conversations can be introduced to the learners through these audio aids. This device is used for correction work also is promunciation.

Radio and Television – Presently a new dimension has been introduced in the teaching of English by special educational programmes broadcast at the Radio stations and televised through Educational TVs. Specific time table has been fixed for both educational broadcast and television works. All schools are provided with such timetable and through operation blackboard programmes almost all the schools are provided with radio sets and television sets National and State institutes of educational technologies produce educational programmes of all subjects.

Through INSAT programmes direct tablelink programmes are organised at the central level to clarify any doubt in English. Teacher training, skills in presenting lessons, how to teach with new technologies are taught through table links.

HIGHLIGHTS :

Values of Teaching English :-

(1) *English is an international language.*

(2) *English as a window of the world.*

(3) *English is the link language.*

(4) *English is a library language.*

Aims and objectives of teaching English :-

(1) *General aims*

(a) To understand spoken English

(b) To understand written English

(c) To speak in English

(d) To write in English

(2) *Sepcific objectives :*

Specific objectives varies from lesson to lesson and is based on clarity, precision.

Techniques of Teaching English in Direct Method :-

(1) *The techniques of conversation.*

(2) *The teachings of leadership and guidance.*

(3) *Proceeding from simple to difficult structures.*

(4) *Constant use of 'look and say'*

(5) *Encouraging the students to speak and write English.*

(6) *Presenting the words and structures with the help of audio-visual aids.*

Objectives of the Direct Method of teaching English :-

(1) *To understand written and spoken English.*

(2) *To develop the speaking ability of the pupils.*

(3) *To establish association between exprience and expression.*

(4) *To the learn the mechanics of writing.*

Principle of structural approach in teaching English :-

(1) *Emphasis on grammatical rule*

(2) *Importance on speech*

(3) *Importance on driling of structures*

(4) *Teaching new vocabulary in actual situation*

(5) *Emphasis on pupil's activity*

Steps of structural approach

The approach is based on

(I) *the selection of structures which is based on the characteristics of usefulness, simplicity, teachability,*

(II) *Gradation of structures*

(III) *Content materials*

(IV) *Opportunities for use*

(V) *Situational Teaching*

Teaching Language skills

These can be developed through the following procedures.

Listening – Listening exposure to students Recorded voice for correct pronuciation talks, telling stories, singing rhymes.

Speaking – Oral work
conversation
structures in graded form

picture dicitionary

Reading – Practice in correct pronunciation methods like alphabetic, phonic, word sentence and story to be adopted. Reading aloued is to be practised stess on words.

Writing – Good handwrting

Good composition works.

Teaching Aids in English :

(i) Picture cards

(ii) Alphabet cards

(iii) Linguaphone

(iv) Over head Projectors

(v) Cassette players

(vi) Radio & Television.

QUESTIONS

1. Choose and write the correct answer from the options given below.

a) Which among the following is not a linguistic skill ?

i) Reading ii) writing

iii) Thinking iv) Listening

b) Which among the following is an international language ?

i) Sanskrit ii) Hindi

iii) Odia iv) English

2. Answer the following bit questions in one sentence each.

a) Which is the most suitable technique of teaching English at primary stage ?

b) Give an example of English structure.

c) State one linguistic skill of teaching English.

d) State one limitation of structural approach of teaching English.

3. **Answer the following bit questions in two or three sentences each.**

a) State any three aims of teaching English at primary stage.

b) Mention any three advantages of teaching English through Direct Method.

c) Mention any three limitations of teaching English through Translation method.

4. Answer the following bit questions in six sentences each.

a) Discuss briefly the four linguistic skills of teaching English.

b) Briefly discuss the use of audio and visual aids in teaching English at primary stage.

c) Mention the principles of structural approach in teaching English.

5. Answer the following questions.

a) Discuss the aims and objectives of teaching English at primary stage

b) Discuss the importance of Direct method of teaching English.

c) What is structural approach ? Outline the steps of teaching English through structural

ଏଥିପାଇଁ ମହାତ୍ମାଗାନ୍ଧୀ ମାତୃଭାଷାକୁ ମାତୃକ୍ଷୀର ସହ ତୁଳନା କରି ଶିଶୁର ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ଏହା ଏକାନ୍ତ ଆବଶ୍ୟକ ବୋଲି କହିଛନ୍ତି ।

ସମାଜରେ ମନୁଷ୍ୟ ବାସ କରେ । ନିଜର ଭାବ ପ୍ରକାଶ ନିମନ୍ତେ ସେ ମାତୃଭାଷାକୁ ମାଧ୍ୟମ ରୂପେ ଗ୍ରହଣ କରିଥାଏ । ଏହାଦ୍ୱାରା ସହଜରେ ଓ ସ୍ୱଚ୍ଛନ୍ଦରେ ସେ ଭାବ ପ୍ରକାଶ କରିପାରେ । ସେହିପରି ଅନ୍ୟର ଭାବକୁ ସେ ମାତୃଭାଷା ମାଧ୍ୟମରେ ସହଜରେ ବୁଝିପାରେ । ସେଥିପାଇଁ ମହାତ୍ମାଗାନ୍ଧୀ ବିଦ୍ୟାଳୟର ଶିକ୍ଷାଦାନର ମାଧ୍ୟମ ରୂପେ ମାତୃଭାଷା ସପକ୍ଷରେଦୃଢ଼ ଦାବୀ ଉପସ୍ଥାପନ କରିଥିଲେ ଓ ତାଙ୍କଦ୍ୱାରା ପ୍ରଚଳିତ ମୌଳିକ ଶିକ୍ଷାରେ ଏହାକୁ ଶିକ୍ଷାଦାନର ମାଧ୍ୟମ ଓ ଏକ ବାଧ୍ୟତାମୂଳକ ବିଷୟ ରୂପେ ଗ୍ରହଣ କରିଥିଲେ ।

ଏ ସଂପର୍କରେ Karl Vossler ତାଙ୍କର ପୁସ୍ତକ ରେ କହିଛନ୍ତି –

"Many Languages can be studied and acquired, but only that one can be immediately experienced which was used at the time at which one worked one's way from the state of infant to that of a member of a language community."

ମାତୃଭାଷା ଦେଶାତ୍ମବୋଧ ଜାଗ୍ରତ କରିଥାଏ । ବ୍ୟକ୍ତିର ବିଚାର କ୍ଷମତା ଓ ସ୍ପଷ୍ଟ ଅଭିବ୍ୟକ୍ତି ଆବେଗ ସହ ଏହା ଜଡ଼ିତ । ଏଣୁ ଉତ୍ତମ ନାଗରିକ ଗଠନରେ ମାତୃଭାଷା ସହାୟକ ହୋଇଥାଏ । ମାତୃଭାଷାରେ ରଚିତ ବିଭିନ୍ନ ରଚନାର ଦେଶପ୍ରେମ ଓ ସାଂସ୍କୃତିକ ଚେତନା ବ୍ୟକ୍ତି ଉପରେ ଗଭୀର ରେଖାପାତ କରିଥାଏ ।

ପ୍ରତ୍ୟେକ ଜାତିର ଆଶା, ଆକାଙ୍କ୍ଷା, ସୁଖ ଦୁଃଖ ଚିନ୍ତା ଚେତାନାର ସମ୍ୟକ ପ୍ରତିଫଳନ ହୋଇଥାଏ, ସେ ଜାତିର ଭାଷା ଓ ସାହିତ୍ୟରେ । ଏହା ସମାଜର ରୂପରେଖ ପ୍ରଦାନ କରିଥାଏ । ପ୍ରତ୍ୟେକ ଜାତିକୁ ଚିହ୍ନିବା ପାଇଁ ତାହାର ଭାଷା ଓ ସାହିତ୍ୟକୁ ଅଧ୍ୟୟନ କରିବାକୁ ହେବ ।

ବ୍ୟକ୍ତି ନିଜର ମାତୃଭାଷା ଅଧ୍ୟୟନ କରିବା ଫଳରେ ତାହାର ଜାତୀୟତାର ଅଭିବୃଦ୍ଧି ହୋଇଥାଏ । ଦୈନନ୍ଦିନ ଜୀବନର ଘଟଣା ପ୍ରବାହ ସ୍ପଷ୍ଟ ଚିତ୍ରମାନ ସାହିତ୍ୟରେ ରହିଛି, ଅତୀତର ଗୌରବ କିମ୍ବା ପରାଜୟର ଗ୍ଲାନି ସାହିତ୍ୟରେ ବର୍ଣ୍ଣିତ । ତେଣୁ ବ୍ୟକ୍ତି ଜୀବନକୁ ଏହା ବହୁବିଧ ଭାବରେ ପ୍ରଭାବିତ କରିଥାଏ ।

ଚରିତ୍ର ଗଠନରେ ମାତୃଭାଷାର ଅବଦାନ ଅନସ୍ୱୀକାର୍ଯ୍ୟ । ସାହିତ୍ୟରେ ଥାଏ କାବ୍ୟିକ ନ୍ୟାୟ । ଏହା ହେଉଛି– ଦୋଷୀ ପରିଶେଷରେ ଦଣ୍ଡିତ ହୁଏ ଓ ନିର୍ଦ୍ଦୋଷୀ ପୁରସ୍କୃତ ହୁଏ । ନିଜ ଜନ୍ମମାଟିର କାହାଣୀରେ ଏଇ ସତ୍ୟର ପ୍ରଭାବ ଯୋଗୁ ବ୍ୟକ୍ତିର ଚରିତ୍ର ଗଠିତ ହୋଇଥାଏ ।

ମାତୃଭାଷାରେ ରଚିତ ସାହିତ୍ୟ ମାନବିକ ଗୁଣାବଳୀର ସମ୍ୟକ ଓ ସ୍ପଷ୍ଟ ବର୍ଣ୍ଣନା କରିଥାଏ । ବ୍ୟକ୍ତି ଜୀବନକୁ ମାନବିକ ଗୁଣାବଳୀ କିପରି ପୁଷ୍ଟଳ ଓ ଗୌରବ ମଣ୍ଡିତ କରିପାରେ ତାହାର ସ୍ପଷ୍ଟ ଚିତ୍ର ଥାଏ ସାହିତ୍ୟରେ । ଏହାର ପ୍ରଭାବରେ ଅନ୍ୟମାନେ ମଧ୍ୟ ଉତ୍ତମ ମାନବ ହେବା ନିମନ୍ତେ ଚେଷ୍ଟିତ ହୁଅନ୍ତି । ଯୁଗେଯୁଗେ ରାଜନୈତିକ ପ୍ରଭାବ, ଅର୍ଥନୈତିକ ଦର୍ଶନ, ଧର୍ମୀୟ ନୀତି ନିୟମମାନ ବ୍ୟକ୍ତିକୁ ପ୍ରଭାବିତ କରୁଛନ୍ତି । ଦୁର୍ନୀତି, ଭ୍ରଷ୍ଟାଚାର, ଧର୍ମାନ୍ଧତା କିମ୍ବା ଅର୍ଥନୈତିକ ଅସମତା ଯୋଗୁ ସୃଷ୍ଟି ହେଉଥିବା ସମସ୍ୟାମାନ ସାହିତ୍ୟରେ ସମାଲୋଚିତ ହୋଇଥାଏ । ଅନ୍ୟାୟ ବିରୁଦ୍ଧରେ ସାହିତ୍ୟ ସ୍ୱର ଉତ୍ତୋଳନ କରିଥାଏ । ବ୍ୟକ୍ତି ଜୀବନକୁ ଏହା ଗଭୀର ଭାବରେ ପ୍ରଭାବିତ କରିଥାଏ ଓ ବ୍ୟକ୍ତିର ଚିନ୍ତା, ଚେତନା, କର୍ମ ଓ ସାଧନାରେ ଏହା ମଧ୍ୟ ପ୍ରତିଫଳିତ ହୋଇଥାଏ । ଏତଦ୍‌ବ୍ୟତୀତ ମାତୃଭାଷା ସପକ୍ଷରେ ମଧ୍ୟ ଶିକ୍ଷାବିତ୍ ଗଣ ମତ ପ୍ରଦାନ କରିଛନ୍ତି । ବିଶିଷ୍ଟ ଶିକ୍ଷାବିତ୍ Ry burn କହିଛନ୍ତି, It is true then what we can't have true education in our schools or for that matter in our universities either, until the mother- tongue is given its rightful place in the Curriculum and in the life of the pupils and students."

ଯେ ପର୍ଯ୍ୟନ୍ତ ବିଦ୍ୟାଳୟ କିମ୍ବା ବିଶ୍ୱବିଦ୍ୟାଳୟ ପାଠ୍ୟକ୍ରମରେ ତଥା ଶିକ୍ଷାର୍ଥୀମାନଙ୍କର ଜୀବନରେ ମାତୃଭାଷା ଉପଯୁକ୍ତ ସ୍ଥାନ ଲାଭ କରି ପାରି ନାହିଁ ସେ ପର୍ଯ୍ୟନ୍ତ ଯଥାର୍ଥ ଶିକ୍ଷା ବ୍ୟବସ୍ଥା କରିବା ଅସମ୍ଭବ ଅଟେ ।

ମୁଦାଲିୟର କମିଶନ୍ ୧୯୫୩ ମସିହାରେ ମାତୃଭାଷା ଓ ଆଞ୍ଚଳିକ ଭାଷାର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପଲବ୍ଧି କରିଥିଲେ ଓ ଶିକ୍ଷାଦାନର ମାଧ୍ୟମ ରୂପେ ଏହାକୁ ଗ୍ରହଣ କରିବା ନିମନ୍ତେ ସୁପାରିଶ୍ କରିଥିଲେ ।

କୋଠାରୀ କମିଶନ୍ ୧୯୬୬ ମସିହାରେ ମାତୃଭାଷା ସପକ୍ଷରେ ସୁପାରିଶ୍ କରିଥିଲେ । ଜାତୀୟ ଶିକ୍ଷାନୀତି ୧୯୮୬ ମସିହାରେ ମାତୃଭାଷାକୁ ଏକ ଗୁରୁତ୍ୱପୂର୍ଣ୍ଣ ଆସନ ପ୍ରଦାନ କରି କେବଳ ମାତୃଭାଷା ମାଧ୍ୟମରେ ଶିଶୁର ସୃଜନୀ ଶକ୍ତି ବିକଶିତ ହୋଇ ପାରିବ ବୋଲି ଦୃଢ଼ ଭାବରେ ମତବ୍ୟକ୍ତ କରିଥିଲେ । ଅନ୍ୟଭାଷା ମାଧ୍ୟମରେ ଶିଶୁର ଚିନ୍ତା କଳ୍ପନା ଶକ୍ତି ବିକଶିତ ହେବା ସମ୍ଭବ ନୁହେଁ । ମାତୃଭାଷା ମାଧ୍ୟମରେ ମୌଖିକ ଭାବରେ ପ୍ରଶ୍ନୋତ୍ତର ତଥା ବକ୍ତୃତା ପ୍ରଦାନ ଦ୍ୱାରା ଶିଶୁର ସୃଜନୀ ଶକ୍ତିର ଉପଯୁକ୍ତ ବିକାଶ ସମ୍ଭବ ହୁଏ ।

ବାଲ୍ୟକାଳରୁ ଆରମ୍ଭ କରି ମନୁଷ୍ୟ ଯେଉଁ ଭାଷା ବ୍ୟବହାର କରିଥାଏ ସେହି ଭାଷାଦ୍ୱାରା ସେ ଶୀଘ୍ର ଅଭିଜ୍ଞତା ହାସଲ କରିଥାଏ । ଜୀବନରେ ଅନ୍ୟାନ୍ୟ ଭାଷା ଶିକ୍ଷାକରିଥିଲେ ମଧ୍ୟ ସେ ସମସ୍ତ ମନୁଷ୍ୟକୁ ଏପରି ସାହାଯ୍ୟ କରିପାରନ୍ତି ନାହିଁ ।

ଭାରତୀୟ ରାଜନୀତିରେ ଭାଷାରେ ଶିକ୍ଷା ସଂପର୍କୀୟ ଆଲୋଚନା ବାରମ୍ବାର କରାଯାଇଛି । ସେଥିପାଇଁ Central Advisory Board of Education ଭାଷାଶିକ୍ଷା ସଂପର୍କରେ ତ୍ରୀଭାଷୀ ସୂତ୍ର ସ୍ଥିର କରି ୧୯୫୬ ମସିହାରେ ସୁପାରିଶ୍ କରିଥିଲେ ଓ ତାହା ୧୯୬୧ ମୁଖ୍ୟମନ୍ତ୍ରୀ ସମ୍ମିଳନୀରେ ଗୃହୀତ ହୋଇଥିଲା । କୋଠାରୀ କମିଶନ ମଧ୍ୟ ଏହାକୁ ସ୍ୱୀକୃତି ପ୍ରଦାନ କରି ପ୍ରାଥମିକ ସ୍ତରରେ ମାତୃଭାଷା ସହ ହିନ୍ଦୀ ବା ଇଂରାଜୀ ଅଧ୍ୟୟନ ପ୍ରତି ଗୁରୁତ୍ୱ ଆରୋପଣ କରିଥିଲେ । କମିଶନ୍ ମତ ଦେଲେ ଯେ ବିଦ୍ୟାଳୟ ପାଠ୍ୟକ୍ରମରେ ନିମ୍ନ ଭାଷାଗୁଡ଼ିକ ଅନ୍ତର୍ଭୁକ୍ତ କରାଯିବ ।

୧ – ମାତୃଭାଷା ବା ଆଞ୍ଚଳିକ ଭାଷା

୨ – ରାଷ୍ଟ୍ରଭାଷା ବା ସହଯୋଗୀ ରାଷ୍ଟ୍ରଭାଷା

୩ – ଆଧୁନିକ ଆର୍ଯ୍ୟଭାଷା ବା ଆଧୁନିକ ବୈଦେଶିକ ଭାଷା ।

ଓଡ଼ିଶାର ସ୍ଥାୟୀ ଅଧିବାସୀମାନଙ୍କର ମାତୃଭାଷା ହେଉଛି ଓଡ଼ିଆ । ଅନେକ ଅଣଓଡ଼ିଆ ମଧ୍ୟ ଓଡ଼ିଆରେ କଥୋପକଥନ କରିଥାଆନ୍ତି । ତେଣୁ ସେମାନେ ଓଡ଼ିଆକୁ ଆଞ୍ଚଳିକ ଭାଷାଭାବରେ ଶିକ୍ଷାକରିପାରିବେ । ତେଣୁ ମୋଟ ଉପରେ ବର୍ତ୍ତମାନ ଓଡ଼ିଆ ଭାଷା ଓଡ଼ିଶାରେ ବିଦ୍ୟାଳୟମାନଙ୍କରେ ପ୍ରଥମଭାଷା ରୂପେ ସ୍ୱୀକୃତି ଲାଭ କରି ପାରିଛି ।

ଏତଦ୍‌ବ୍ୟତୀତ ବିଦ୍ୟାଳୟଠାରୁ ଆରମ୍ଭ କରି ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ଓଡ଼ିଶାରେ ଓଡ଼ିଆଭାଷା ସମସ୍ତ ବିଷୟ ଶିକ୍ଷାର ମାଧ୍ୟମ ରୂପେ ଗୃହୀତ ହୋଇଅଛି । ବର୍ତ୍ତମାନ ଛାତ୍ରଛାତ୍ରୀମାନେ ଓଡ଼ିଆରେ କିମ୍ବା ଇଂରାଜୀରେ ବିଭିନ୍ନ ବିଷୟମାନ ଶିକ୍ଷାଲାଭ କରି ପରୀକ୍ଷାରେ ଉତ୍ତର ଲେଖୁଛନ୍ତି । ସେଥିପାଇଁ ସରକାରୀ ଉଦ୍ୟମରେ ପୁସ୍ତକମାନ ଛପାଯାଇ ଛାତ୍ରଛାତ୍ରୀମାନଙ୍କୁ ଯୋଗାଇ ଦିଆଯାଉଛି ।

ବର୍ତ୍ତମାନ ସରକାର ଓଡ଼ିଆ ଭାଷାକୁ ସରକାରୀ ଭାଷାରୂପେ ଗ୍ରହ କରିଅଛନ୍ତି । ତେଣୁ ଓଡ଼ିଆ ଭାଷା ଶିକ୍ଷା ବିଶେଷ ଭାବରେ ପ୍ରୋତ୍ସାହନ ଲାଭ କରିପାରିଛି ।

ଓଡ଼ିଆ ଭାଷା ଓ ସାହିତ୍ୟ ମଧ୍ୟ ଅନ୍ୟାନ୍ୟ ଭାଷା ଓ ସାହିତ୍ୟ ଭଳି ସମତାଳରେ ଉନ୍ନତିକରି ପାରିଛି । ଓଡ଼ିଆ ଭାଷାର ସମ୍ବାଦପତ୍ର, ପତ୍ର ପତ୍ରିକା ଓ ନୂତନ ପୁସ୍ତକ ମାନ ବହୁ ସଂଖ୍ୟାରେ ପ୍ରକାଶିତ ହେଉଛି । ତେଣୁ ବିଦ୍ୟାଳୟ ବା ବିଶ୍ୱବିଦ୍ୟାଳୟ ନିମନ୍ତେ ନୂତନ ବିଷୟବସ୍ତୁ ନିର୍ଦ୍ଧାରଣ କରିବାରେ କିଛି ଅସୁବିଧା ହେଉ ନାହିଁ । ଫଳତଃ ଛାତ୍ରଛାତ୍ରୀମାନେ ନୂତନ ବିଷୟବସ୍ତୁ ପାଠ କରିବାର ସୁଯୋଗଲାଭ କରି ପାରୁଛନ୍ତି ଓ ନୂତନ ପୁସ୍ତକ ତଥା ପତ୍ରପତ୍ରିକା ଅଧ୍ୟୟନ କରି ନିଜର ଜ୍ଞାନ ବୃଦ୍ଧି କରି ପାରୁଛନ୍ତି ।

ବିଂଶ ଶତାବ୍ଦୀର ପ୍ରଥମ ଦଶକରେ ଓଡ଼ିଆ ପୁସ୍ତକ ବା ପତ୍ରପତ୍ରିକା ସଂଖ୍ୟା ଖୁବ୍ ସୀମିତ ଥିଲା । ଏକବିଂଶ ଶତାବ୍ଦୀରପ୍ରଥମ ଦଶକରେ ଏହା ଆଶାତୀତ ଭାବରେ ବୃଦ୍ଧି ଲାଭ କରି ପାରିଛି ଓ ଓଡ଼ିଶାର ଶିକ୍ଷାନୁଷ୍ଠାନ, ପାଠାଗାରମାନଙ୍କରେ ବର୍ତ୍ତମାନ ଓଡ଼ିଆ ପୁସ୍ତକ ସଂଖ୍ୟା ସର୍ବାଧିକ ଅଟେ । ତେଣୁ ଓଡ଼ିଆ ଭାଷା ଓ ସାହିତ୍ୟ ଅଧ୍ୟୟନ ନିମନ୍ତେ ଛାତ୍ରଛାତ୍ରୀମାନେ ପ୍ରେରଣା ଲାଭ କରି ପାରୁଛନ୍ତି ।

୪.୨.୨.ମାତୃଭାଷା ଶିକ୍ଷାଦାନର ଲକ୍ଷ୍ୟ

ପୂର୍ବ ଅଧ୍ୟାୟରେ ମାତୃଭାଷାର ଗୁରୁତ୍ୱ ସମ୍ବନ୍ଧରେ ଆଲୋଚନା କରାଯାଇଅଛି । ମଣିଷ ଜୀବନର ସ୍ଥିତି ଓ ଜୀବନ ଧାରା ସହିତ ମାତୃଭାଷା ଅଙ୍ଗାଙ୍ଗୀଭାବେ ସଂପୃକ୍ତ । ମାତୃଭାଷା ଆମର ହୃଦୟର ଭାଷା । ପାଠ୍ୟକ୍ରମର ପ୍ରତ୍ୟେକ ବିଷୟ ଶିକ୍ଷା ଦେବାବେଳେ ଯେଭଳି ତାହାର ଲକ୍ଷ୍ୟ ପ୍ରତି ସମୂଚିତ ଧ୍ୟାନ ଦିଆଯାଏ, ସେଭଳି ମାତୃଭାଷା ଶିକ୍ଷାଦାନବେଳେ ମଧ୍ୟ ଶିକ୍ଷକ ମାତୃଭାଷାର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପଲବ୍ଧି କରି ତାହାକୁ କାର୍ଯ୍ୟକାରୀ କରିବା ଭଳି ଲକ୍ଷ୍ୟ ଧାର୍ଯ୍ୟ କରିବା ଉଚିତ । ଲକ୍ଷ୍ୟ ନିର୍ଦ୍ଧାରଣ ସମୟରେ ଶିକ୍ଷାର୍ଥୀର ବୟସ ଅଭିଜ୍ଞତା ମାନସିକ ଶକ୍ତି ଓ ସାମର୍ଥ୍ୟ, ପୂର୍ବଜ୍ଞାନ ଓ ସର୍ବୋପରି ତାର ପରିବେଶକୁ ଦୃଷ୍ଟି ରଖିବା ନିତାନ୍ତ ବିଧେୟ । ପ୍ରତ୍ୟେକ ଲକ୍ଷ୍ୟ ସମ୍ପାଦନକ୍ଷମ ହେବା ବାଞ୍ଛନୀୟ । ଲକ୍ଷ୍ୟଗୁଡ଼ିକ ମଧ୍ୟ ପ୍ରଚଳିତ ଯୁଗର ରୁଚି ସାମାଜିକ ସଂସ୍କୃତି ଓ ରୀତିନୀତି ଉପରେ ଯଥେଷ୍ଟ ଗୁରୁତ୍ୱ ପ୍ରଦାନ କରୁଥିବା ଉଚିତ ।

ମାତୃଭାଷା ଶିକ୍ଷାର ପ୍ରଧାନ ଲକ୍ଷ୍ୟ ହେଲା ବ୍ୟକ୍ତିତ୍ୱର ବିକାଶ ସାଧନ । ଅବଶ୍ୟ ସମଗ୍ର ଶିକ୍ଷାପ୍ରଣାଳୀର ଲକ୍ଷ୍ୟ ମଧ୍ୟ ସାମାଜିକ ପରିସର ମଧ୍ୟରେ ବ୍ୟକ୍ତିତ୍ୱ ବିକାଶ ସାଧନ ପାଇଁ ଉଦ୍ଦିଷ୍ଟ । ସବୁ ବିଷୟ ଅପେକ୍ଷା ମାତୃଭାଷାରେ ଏହାର ଅବଦାନ ଅପେକ୍ଷାକୃତ ବେଶୀ । ଏହା ମାତୃଭାଷାର ଗୁରୁତ୍ୱ ଆଲୋଚନା କଲାବେଳେ ସ୍ପଷ୍ଟଭାବେ ସୂଚିତ ହୋଇଛି । ମାତୃଭାଷା ମାଧ୍ୟମରେ ଶିକ୍ଷାର୍ଥୀ ମାନଙ୍କୁ ମହାପୁରୁଷମାନଙ୍କ ଆଦର୍ଶରେ ଅନୁପ୍ରାଣିତ କରି ଆଦର୍ଶ ଜୀବନ ଗଠନ କରିବାର ଉଦ୍ୟମ କରାଯାଏ । ମାତୃଭାଷାରେ ବର୍ଣ୍ଣିତ କାବ୍ୟ, ନାଟକ, ପୁରାଣ, ମହାଭାରତ ପାଠକରି ଶିକ୍ଷାର୍ଥୀ ଅନୀତିରୁ ନୀତିକୁ, ଅସତ୍‌ରୁ ସତ୍‌କୁ ଓ ଅଧର୍ମରୁ ଧର୍ମକୁ ଆଦରି ନେବାର ବହୁ ଜ୍ୱଳନ୍ତ ଉଦାହରଣ ରହିଛି । ମାତୃଭାଷାରେ ପରିପକ୍ୱତା ଓ ପୂର୍ଣ୍ଣତା ଶିକ୍ଷାର୍ଥୀ ଜୀବନର ସୁସବ୍ୟକ୍ତିତ୍ୱ ବିକାଶରେ ପ୍ରଧାନ ସହାୟକ । ତେଣୁ ଶିକ୍ଷାର୍ଥୀମାନଙ୍କୁ ମାତୃଭାଷା ବିଷୟରେ ଶିକ୍ଷାଦାନ ବେଳେ ଯେଉଁ ଯେଉଁ ଲକ୍ଷ୍ୟ ସ୍ଥିରୀକୃତ ହେବା ବିଧେୟ, ସେ ସଂପର୍କରେ ଏଠାରେ ଆଲୋଚନା କରାଯାଇଛି । ଏଠାରେ ସୂଚାଇ ଦିଆଯାଇପାରେ ଯେ, କୌଣସି ନିର୍ଦ୍ଦିଷ୍ଟ ବିଷୟ ପାଇଁ ପାଠ୍ୟଯୋଜନା ପ୍ରସ୍ତୁତ କରିବା ପୂର୍ବରୁ ନିର୍ଦ୍ଦିଷ୍ଟ ସ୍ତରର ଶିକ୍ଷାର୍ଥୀଙ୍କଠାରୁ କ'ଣ ଆଶା କରାଯାଏ, ତାହା ପ୍ରଥମେ ସ୍ଥିରୀକୃତ ହୁଏ । ଏଗୁଡ଼ିକ ସାଧାରଣ ଲକ୍ଷ୍ୟ ନାମରେ ଅଭିହିତ । ପ୍ରତ୍ୟେକ ସାଧାରଣ ଲକ୍ଷ୍ୟ ଗୁଡ଼ିକର ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇ ନିର୍ଦ୍ଦିଷ୍ଟ ଭାବରେ ଶିକ୍ଷାର୍ଥୀ ମାନଙ୍କଠାରୁ କ'ଣ ଆଶା କରାଯାଏ, ତାହା ସ୍ଥିର କରାଯାଇଥାଏ । ଏଗୁଡ଼ିକୁ ବିଶେଷ ଲକ୍ଷ୍ୟ ବା ନିର୍ଦ୍ଦିଷ୍ଟ ଲକ୍ଷ୍ୟ ବୋଲି କୁହାଯାଏ । ତେଣୁ ମାତୃଭାଷା ଶିକ୍ଷା ଦାନ ପାଇଁ ସାଧାରଣ ଲକ୍ଷ୍ୟ ଓ ବିଶିଷ୍ଟ ଲକ୍ଷ୍ୟ କ'ଣ କ'ଣ ହେବା ଦରକାର, ତାହା ନିମ୍ନରେ ଆଲୋଚିତ । ମାତୃଭାଷା, ଭାଷାଶିକ୍ଷାର ବିଧିବିଧାନ, ନିୟମର ଅନ୍ତର୍ଗତ । ଭାଷାଶିକ୍ଷା ମୁଖ୍ୟତଃ କୌଶଳାତ୍ମକ, ଅର୍ଥାତ୍ ଭାଷା ଶିକ୍ଷା ଜରିଆରେ କେତେକ ନିର୍ଦ୍ଦିଷ୍ଟ ଦକ୍ଷତା ହାସଲ କରାଯାଇ ଥାଏ । ତେଣୁ ମାତୃଭାଷା ଜରିଆରେ ମଧ୍ୟ ଏହି ସବୁ ଦକ୍ଷତାର ବିକାଶ ସାଧନ କରାଯାଏ । ମାତୃଭାଷା ଶିକ୍ଷାଦାନ କଲାବେଳେ ଉଭୟ ସାଧାରଣ ଲକ୍ଷ୍ୟ ଓ ବିଶିଷ୍ଟ ଲକ୍ଷ୍ୟକୁ ବିଚାରକୁ ନେଇ ଶିକ୍ଷକ ଶିକ୍ଷାଦାନ କରନ୍ତି । ନିମ୍ନଲିଖିତ ଲକ୍ଷ୍ୟକୁ ନେଇ ମାତୃଭାଷା ଶିକ୍ଷାଦାନ କାର୍ଯ୍ୟ ସଂପାଦନ କରାଯାଏ ।

(ଓଡିଆ ଭାଷା ସାହିତ୍ୟ) ଶିକ୍ଷାଦାନର ଲକ୍ଷ୍ୟ

ମାତୃଭାଷାଶିକ୍ଷାରେ ସର୍ବନିମ୍ନ ଶିକ୍ଷଣସ୍ତର ଦୃଷ୍ଟିରୁ ନିମ୍ନୋକ୍ତ ଲକ୍ଷ୍ୟଗୁଡ଼ିକ ନିର୍ଦ୍ଧାରିତ ହୋଇଛି । ପ୍ରତ୍ୟେକ ଲକ୍ଷ୍ୟକୁ ଶିକ୍ଷଣ ଅନୁଭୂତି ବା ବିଶେଷ ଲକ୍ଷ୍ୟରେ ପ୍ରକାଶିତ କରାଯାଇଛି ।

୧. ମାତୃଭାଷା ଜରିଆରେ ଶବଣ, କଥନ, ପଠନ, ଲିଖନ ଆଦି ଚାରୋଟି ମୌଳିକ କୌଶଳର ବିକାଶ ସାଧନ ।

ଶ୍ରବଣ ଦକ୍ଷତାର ବିକାଶ ସାଧନ ହେଲେ, ଶିକ୍ଷାର୍ଥୀମାନେ

- ଜନପ୍ରିୟ ଗୀତ କବିତା, ସରଳଗଳ୍ପ ଆଦି ଶ୍ରଦ୍ଧାରେ ଶୁଣିବେ ।
- ବକ୍ତାମାନଙ୍କର ଭାଷଣ, କଥୋପକଥନ, ଆବୃତ୍ତି ଇତ୍ୟାଦି ମନଯୋଗ ଦେଇ ଶୁଣିବେ ଓ ବୁଝିବେ ।
- ଛନ୍ଦାୟିତ ଗୀତ, ସୁଲଳିତ ସ୍ୱର ମନଧ୍ୟାନ ଦେଇ ଶୁଣିବେ ଓ ଗାଇବେ ।
- ମନ ମୁତାବକ ନିଜର ପ୍ରିୟ ଶବ୍ଦ ଗୁଡିକୁ କାନଦେଇ ଶୁଣିବେ ।
- କୌଣସି ନିର୍ଦ୍ଦେଶ, ପରାମର୍ଶକୁ ଶୁଣି ବୁଝି କାର୍ଯ୍ୟରେ ପରିଣତ କରିବେ ।

କଥନ ଦକ୍ଷତାର ବିକାଶ ସାଧନ ଶିକ୍ଷାର୍ଥୀଙ୍କର ନିମ୍ନୋକ୍ତ ଆଚରଣଗତ ବ୍ୟବହାରରୁ ସୁସ୍ପଷ୍ଟ ହୋଇ ପାରିବ । ଶିକ୍ଷାର୍ଥୀମାନେ

- ଠିକ୍ ଭାବରେ ଉଚ୍ଚାରଣ କରିବେ ।
- ସରଳ ଭାବରେ ମନର ଭାବନାକୁ ପ୍ରକାଶ କରିପାରିବେ ।
- ଶବ୍ଦ, ପଦ ବା ଗୀତ ଆବୃତ୍ତି କରିବେ ।
- ପ୍ରଶ୍ନ ପଚାରିଲେ ତା'ର ଉତ୍ତର ଦେବେ ।
- ଜାଣିଥିବା ବା ଶୁଣିଥିବା ବିଷୟ ଉପରେ କହିପାରିବେ ।
- ବକ୍ତା ସହିତ ସାଧାରଣ କଥୋକଥନ ବୁଝିବେ ।
- ମନଯୋଗ ସହକାରେ ଅନ୍ୟମାନଙ୍କର ବକ୍ତବ୍ୟ ଶୁଣି ଅନୁକରଣ କରି କହିବେ ।
- ବିଷୟବସ୍ତୁରୁ ଭାବ ଓ ଅନୁଭୂତି ଗ୍ରହଣ କରିବେ ।
- ବକ୍ତବ୍ୟରୁ ସ୍ୱରର ଆରୋହ, ଅବରୋହ ଧରି ଅର୍ଥ ଅବଗତ ହେବେ ।

ପଠନ ଦକ୍ଷତାର ବିକାଶ ସାଧନ ନିମ୍ନୋକ୍ତ ଆଚରଣଗତ ବ୍ୟବହାର ପ୍ରଦର୍ଶନ ଜରିଆରେ ହୋଇ ପାରିବ । ଶିକ୍ଷାର୍ଥୀ;

- ବର୍ଣ୍ଣମାଳାର ଅକ୍ଷରଗୁଡିକୁ ଚିହ୍ନିପାରିବେ ।
- ନିର୍ଭୁଲ୍ ଭାବେ ପଢ଼ିପାରିବେ ।
- ପଠିତାଂଶରେ ଥିବା ଶବ୍ଦର ଉଚ୍ଚାରଣ ଠିକ୍ ଭାବେ କରିବେ ।
- ପଠିତାଂଶକୁ ଉଚ୍ଚସ୍ୱରରେ ପରିଷ୍କାର ଭାବରେ ଉଚ୍ଚାରଣ କରି ପଢ଼ିବେ ।
- ଆବଶ୍ୟକ ସ୍ଥଳେ ଧ୍ୱନିର ଉତ୍ଥାନ ପତନ କରି ପଢ଼ିବେ ।
- ପଠିତାଂଶରେ ଥିବା ବିରାମ ଚିହ୍ନ ଓ ଅନ୍ୟାନ୍ୟ ଚିହ୍ନ ସମୂହକୁ ଚିହ୍ନ ଆବଶ୍ୟକ ମତେ ପଢ଼ିବେ ।
- ଛାପା ହୋଇଥିବା ଅକ୍ଷର ପଢ଼ିବେ ।
- ବୟସୋପଯୋଗୀ ବହି, ପତ୍ରିକା ପଢ଼ିପାରିବେ ।

ଲିଖନ ଦକ୍ଷତାର ବିକାଶ ସାଧନ ନିମ୍ନୋକ୍ତ ଆଚରଣଗତ ବ୍ୟବହାର ପ୍ରଦର୍ଶନରେ ସ୍ପଷ୍ଟ ହେବ ।

ଶିକ୍ଷାର୍ଥୀ;

- ଅକ୍ଷର, ମାତ୍ରାଯୁକ୍ତ ଅକ୍ଷର, ସ୍ୱରବର୍ଣ୍ଣ ତଥା ବ୍ୟଞ୍ଜନବର୍ଣ୍ଣ ଦେଖି ଲେଖିବେ ।
- ଶବ୍ଦ ବା ବାକ୍ୟକୁ ପୁସ୍ତକରୁ ଦେଖି ଅବିକଳ ନକଲ କରିପାରିବେ ।
- ଶ୍ରୁତଲିଖନ ଲେଖିବେ ।
- ହସ୍ତାକ୍ଷର ଛରିଆରେ ଜଣା, ଅଜଣା ଶବ୍ଦ ଲେଖିପାରିବେ ।
- ଲେଖିବା ବେଳେ ବିରାମଚିହ୍ନ, ପ୍ରଶ୍ନବାଚୀ ଚିହ୍ନ, କମା ଓ ବିନ୍ଦୁ ଦେଇ ଲେଖିପାରିବେ ।
- ପରିମିତ ବେଗରେ ନିର୍ଦ୍ଦିଷ୍ଟ ବିଷୟରେ ଲେଖିପାରିବେ ।
- ଭାଷାରେ ବ୍ୟାକରଣଗତ ଅଶୁଦ୍ଧି ନ ଥାଇ ଲେଖିବେ ।
- ଲେଖାରେ ସଂହତି ରକ୍ଷା କରି ପାରିବେ ।
- ବିଭିନ୍ନ ପ୍ରକାରର ବାକ୍ୟ ଗଠନ କରିପାରିବେ ।
- ସରଳ ଓ ଶିଷ୍ଟ ଭାଷା ବ୍ୟବହାର କରିପାରିବେ ।
- ମନୋଭାବକୁ ସଂକ୍ଷେପରେ ଲିଖିତାକାରରେ ପ୍ରକାଶ କରିପାରିବେ ।
- ବିଭିନ୍ନ ପ୍ରକାରର ବାକ୍ୟ ଗଠନ କରିପାରିବେ ।
- ସରଳ ଓ ଶିଷ୍ଟ ଭାଷା ବ୍ୟବହାର କରିପାରିବେ ।
- ମନୋଭାବକୁ ସଂକ୍ଷେପରେ ଲିଖିତାକାରରେ ପ୍ରକାଶ କରିପାରିବେ ।

୨. ଧାରଣାର ବୋଧଗମ୍ୟତା ସଂପର୍କରେ ସହାୟତା ପ୍ରଦାନ

ଶିକ୍ଷାର୍ଥୀ;

- କଥିତ ଓ ଲିଖିତ ବିଷୟବସ୍ତୁକୁ ମନେପକାଇ ପାରିବେ ।
- ଶୁଣିଥିବା ଗଳ୍ପ, ଲୋକକଥା ମନେ ପକାଇ ପାରିବେ ।
- ବିଷୟବସ୍ତୁଟିଏ ପଢ଼ିସାରି ବୋଧଜ୍ଞାନ ପରିମାପକ ପ୍ରଶ୍ନର ଉତ୍ତର ଦେଇ ପାରିବେ ।
- କୌଣସି ଏକ ବିଷୟବସ୍ତୁ ପଢ଼ିସାରିବା ପରେ ତାର ସାରକଥା ଲେଖିବେ, ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଦେଇ ପାରିବେ ।
- ମାତୃଭାଷାରୁ ଅନ୍ୟଭାଷକୁ ଓ ଅନ୍ୟଭାଷାରୁ ମାତୃଭାଷାକୁ ଅନୁବାଦ କରିପାରିବେ ।
- ମାତୃଭାଷାର ମୌଳିକ ଉପାଦାନ ଗୁଡିକ ସମ୍ବନ୍ଧରେ ଜ୍ଞାନ ଅର୍ଜନ କରିବେ ।

୩. ମାତୃଭାଷା ଛରିଆରେ ମୌଳିକ ଚିନ୍ତାଧାରା ଓ ସୃଜନଶୀଳତା ପ୍ରକଟିତ ହେବାର ଉତ୍ସାହ ପ୍ରଦାନ :

ଶିକ୍ଷାର୍ଥୀ;

- ନିଜ ଅନୁଭୂତିର ସ୍ୱ-ପ୍ରକାଶ ପାଇଁ ଉପଯୁକ୍ତ ଭାଷାର ବ୍ୟବହାର ଶିଖିବେ
- ନିଜ ଅନୁଭୂତିକୁ କଳ୍ପନା ରଂଜିତ କରି ନୂତନତା ସୃଷ୍ଟି କରିବେ
- ସ୍ୱାଧୀନଭାବ ପ୍ରକାଶ କରିବା ପାଇଁ ଭାଷା ଓ ଶୈଳୀର ପ୍ରୟୋଗ କରିବେ ।

– ମାତୃଭାଷାରେ ଲିଖିତ ସାହିତ୍ୟର ସୌନ୍ଦର୍ଯ୍ୟ ଉପଭୋଗ କରିପାରିବେ ।

– ଛନ୍ଦ, ଅଳଙ୍କାର ଓ ଅନ୍ୟାନ୍ୟ ଆଙ୍ଗିକ ସୌନ୍ଦର୍ଯ୍ୟ ଗ୍ରହଣ କରିବେ ।

୪ । ସ୍ୱ– ଶିକ୍ଷଣର ବିକାଶ ସାଧନ :–

ଶିକ୍ଷାର୍ଥୀ ନିଜେ ଶବ୍ଦକୋଷର ବ୍ୟବହାର କରି ଶିଖିବେ, ଅଭିଧାନ, ଛବିଳ ଜ୍ଞାନକୋଷ ବ୍ୟବହାର କରିବାକୁ ସମର୍ଥ ହେବେ

୫ । ଭାଷା ବ୍ୟବହାର ସଂପର୍କରେ ସାମର୍ଥ୍ୟ ପ୍ରଦାନ –

– ଶିକ୍ଷାର୍ଥୀ, କଥିତ ଭାଷା କହିବାବେଳେ ଶିଷ୍ଟାଚାର ଓ ଭଦ୍ର ନୀତିନିୟମର ବ୍ୟବହାର କରିବାକୁ ସମର୍ଥ ହେବେ ।

– ଧ୍ୟାନ ସହକାରେ ଶୁଣିବା ପାଇଁ ସମର୍ଥ ହେବେ ।

– ଔପଚାରିକ ଓ ଅନୌପଚାରିକ ଭାଷାର ଯଥାଯଥ ପ୍ରୟୋଗ କରିବାର ସାମର୍ଥ୍ୟ ଅର୍ଜନ କରିବେ ।

୬ । ବ୍ୟାକରଣର ପ୍ରୟୋଗ ସଂପର୍କରେ ସଚେତନତା ପ୍ରଦାନ –

– ଶିକ୍ଷାର୍ଥୀ, ଶବ୍ଦର ବିଭିନ୍ନ ପ୍ରୟୋଗ ସମ୍ବନ୍ଧରେ ଜାଣିବେ ।

– ସମୋଚ୍ଚାରିତ ଶବ୍ଦ ମଧ୍ୟରେ ଅର୍ଥଗତ ବିଭେଦତା ସଂପର୍କରେ ସଚେତନ ହେବେ ।

– ବିଭିନ୍ନ ଶବ୍ଦମାନଙ୍କ ଭିତରେ ଥିବା ଅର୍ଥଗତ ସମ୍ବନ୍ଧ ବିଷୟରେ ଜାଣିବେ ।

– ରୁଢ଼ିପ୍ରୟୋଗ, ଶବ୍ଦକୁ ବ୍ୟବହାର କରି ବାକ୍ୟ ରଚନା କରିବେ ।

– ବାକ୍ୟରେ ପଦମାନଙ୍କର ବ୍ୟବହାରିକ ନିୟମବୁଝି ପ୍ରୟୋଗ କରିବାକୁ ସମର୍ଥ ହେବେ ।

– ମାତୃଭାଷାର ସର୍ବନିମ୍ନ ଶିକ୍ଷଣ ସ୍ତର ଦୃଷ୍ଟିରୁ ଉପରୋକ୍ତ ଲକ୍ଷ୍ୟଗୁଡ଼ିକ ନିର୍ଦ୍ଧାରିକ ହୋଇଛି । ତେଣୁ ଉପରୋକ୍ତ ଲକ୍ଷ୍ୟଗୁଡ଼ିକ ବ୍ୟତୀତ ମାତୃଭାଷା ଶିକ୍ଷାଦାନରେ ଆହୁରି କେତେକ ବିଶେଷ ଲକ୍ଷ୍ୟମଧ୍ୟ ରହିଛି ସେଗୁଡ଼ିକ ନିମ୍ନରେ ଆଲୋଚନା କରାଯାଇଛି ।

୭ । ମାତୃଭାଷା ଅଧ୍ୟୟନ ଜରିଆରେ ଶିକ୍ଷାର୍ଥୀମାନେ ସାହିତ୍ୟର ସୌନ୍ଦର୍ଯ୍ୟ ଉପଭୋଗ କରିବେ ଓ ଜ୍ଞାନ ଅର୍ଜନ କରିବେ ।

୮ । – ଶିକ୍ଷାର୍ଥୀମାନେ ବିଗତ ଯୁଗର ମନୀଷୀଙ୍କର ଅଭିଜ୍ଞତାକୁ ଭିତ୍ତି କରି ସଭ୍ୟତା ଓ ସଂସ୍କୃତିର ସୁରକ୍ଷା ଓ ବିକାଶ ନିମିତ୍ତ ଅନୁକୂଳ ମନୋଭାବ ପୋଷଣ କରିବେ

– ଆହରିତ ମାନବିକ ଗୁଣାବଳୀ ଓ ମୂଲ୍ୟବୋଧକୁ ନିଜର ଆଚରଣରେ ପ୍ରତିଫଳିତ କରିପାରିବେ ।

୯ । ମାତୃଭାଷାରେ ଥିବା ସୃଜନାତ୍ମକ ରଚନା ପାଠକରିବା ମାଧ୍ୟମରେ ଶିକ୍ଷାର୍ଥୀମାନେ ନିଜର ସୌନ୍ଦର୍ଯ୍ୟ ଚେତନାର ବିକାଶ କରିବେ ।

୧୦ । ଭାଷା ଓ ସାହିତ୍ୟର ଅଧ୍ୟୟନ ଦ୍ୱାରା ଶିକ୍ଷାର୍ଥୀମାନେ ଦେଶପ୍ରେମ, ଆନ୍ତର୍ଜାତିକ ସଦ୍‌ଭାବ ଓ ବିଶ୍ୱମୈତ୍ରୀଭାବରେ ଉଦ୍‌ବୁଦ୍ଧ ହେବେ ।

୧୧ । ମାତୃଭାଷା ଅଧ୍ୟୟନ ଦ୍ୱାରା ଶିକ୍ଷାର୍ଥୀମାନେ ନିଜର ବହୁମୁଖୀ ବ୍ୟକ୍ତିତ୍ୱ ବିକାଶ ଦିଗରେ ଚେଷ୍ଟିତ ହେବେ ।

୧୨ । ଶିକ୍ଷାର୍ଥୀମାନେ ମାତୃଭାଷା ଓ ଓଡ଼ିଆର ସାହିତ୍ୟର ମୌଳିକ ଉପାଦାନ ଯଥା ଭାଷାଜ୍ଞାନର ଉପାଦାନ, ସାହିତ୍ୟିକ ଉପାଦାନ, ସାହିତ୍ୟିକ ଆଙ୍ଗିକ ଭେଦ ଓ ମୌଖିକ ପ୍ରକାଶଭଙ୍ଗୀ ଆଦିରେ ଜ୍ଞାନ ଅର୍ଜନ କରିବେ ।

ମାତୃଭାଷାରେ ଶ୍ରବଣ, କଥନ, ପଠନ ଓ ଲିଖନ ଦକ୍ଷତାର ବିକାଶ

ଶ୍ରବଣ ଦକ୍ଷତା ବିକାଶ କରାଯାଇପାରିବ କିପରି ?

ଶିଶୁ ପ୍ରଥମେ ଭାଷା ଶୁଣେ ଓ ତାପରେ କହିବାକୁ ଚେଷ୍ଟାକରେ । ବିଭିନ୍ନ ଲୋକଙ୍କଠାରୁ ଶୁଣି ଶୁଣି ତାର ଭାଷା କହିବା ଆରମ୍ଭ କରେ । ତେଣୁ ଶ୍ରବଣ ଦକ୍ଷତାର ବିକାଶ ପାଇଁ ନିମ୍ନୋକ୍ତ ପ୍ରଣାଳୀଗୁଡ଼ିକ ଉପରେ ଗୁରୁତ୍ୱ ଦିଆଯିବା ଉଚିତ ।

(୧) ଗଳ୍ପକଥନ – ଶିଶୁମାନେ ଗଳ୍ପପ୍ରେମୀ । ବିଭିନ୍ନ ପ୍ରକାରର ଗଳ୍ପ ଶୁଣିବାକୁ ବିଶେଷ ଆଗ୍ରହ ପ୍ରକାଶ କରନ୍ତି । ତେଣୁ ପ୍ରଥମଶ୍ରେଣୀ ଠାରୁ ଏହି ଗଳ୍ପ କଥନ ଆରମ୍ଭ କରାଯାଏ । ଶିକ୍ଷାର୍ଥୀ ନିଜେ କିପରି ଗଳ୍ପଟିଏ କହିଚାଲିବ ଶିକ୍ଷକ ଚେଷ୍ଟା କରନ୍ତି । ଗଳ୍ପକଥନ ବିଭିନ୍ନ ପଦ୍ଧତିରେ କରାଯାଇପାରିବ । କ୍ରମାନ୍ୱୟରେ ଗୋଟିଏ ଗଳ୍ପର ବିଭିନ୍ନ ଛବି ଦେଖାଇ ଗଳ୍ପ କହିବାକୁ ଶିଶୁମାନଙ୍କୁ ଶିକ୍ଷକ ପ୍ରୋତ୍ସାହନ ଦେଇପାରିବେ । ବିଭିନ୍ନ ପ୍ରକାରର ଗଳ୍ପ ଶିଶୁମାନଙ୍କୁ କହିବାକୁ ମଧ୍ୟ ପ୍ରେରଣା ଦେବେ ।

(୨) ଅନୁକରଣ – ଶୁଣିବା ସହିତ ଦେଖି ଦେଖି ମଧ୍ୟ ଶିଶୁମାନଙ୍କୁ ଅନୁକରଣ କରିବା ପାଇଁ ସୁଯୋଗ ଦିଆଯାଇପାରିବ । ପ୍ରତ୍ୟେକ ଶିଶୁ ଅନୁକରଣ ପ୍ରିୟ । ଘରେ, ବାହାରେ ଓ ବିଦ୍ୟାଳୟରେ ଅନ୍ୟମାନଙ୍କୁ ଅନୁକରଣ କରି ଶିଶୁ ନିଜର କହିବା କ୍ଷମତା ବଢ଼ାଏ ।

(୩) ଆବୃତ୍ତି – ବର୍ଣ୍ଣ ବା ଅର୍ଥ ଜାଣି ନଥିବା ବିଭିନ୍ନ ଛନ୍ଦାୟିତ ଗୀତିକବିତା ଆବୃତ୍ତି କରାଗଲେ ଶିଶୁ ଶୁଣି ଶୁଣି ଗୀତ ମନେରଖି ପାରନ୍ତି । ଏଥିପାଇଁ ଅନେକ ଗୀତି କବିତା ରହିଛି । "କାଉତ କଳା, କୋଇଲି କଳା, କଳା କଜଳପାତି"– ଏଭଳି ଛନ୍ଦାୟିତ ଗୀତି କବିତା ଶୁଣିବାରେ ସେମାନଙ୍କ ଆଗ୍ରହ ବେଶୀ । ଏବଂ ଏସବୁ ଶୁଣି ଶୁଣି ମନେ ରଖିବା ପାଇଁ ଶିକ୍ଷକ ଚେଷ୍ଟା କରିବେ ।

କଥନ ଦକ୍ଷତାର ବିକାଶ ପଦ୍ଧତି

କଥନ ଦକ୍ଷତାର ବିକାଶ ପାଇଁ ଶିକ୍ଷକ ନିମ୍ନୋକ୍ତ ପ୍ରଣାଳୀଗୁଡ଼ିକ ଅବଲମ୍ବନ କରିପାରିବେ ।

(୧) ବାରମ୍ବାର ଅଭ୍ୟାସ ଓ ପୁନରାବୃତ୍ତି – ଭାଷାକୁ ଠିକ୍ ଭାବରେ ଶୁଣି କହିବା ଏକ ବିଶେଷ ଦକ୍ଷତା । ଏଥି ସକାଶେ ପିଲାମାନଙ୍କୁ ବାରମ୍ବାର ପୁନରାବୃତ୍ତି ଯୋଗେ ଅଭ୍ୟାସ କରିବାକୁ ଦେବା ଦରକାର ।

(୨) ପ୍ରଶ୍ନୋତ୍ତର – ପ୍ରଶ୍ନ ପଚାରି ଶିଶୁମାନଙ୍କଠାରୁ ଉତ୍ତର ଆଦାୟ ବଳରେ କଥନ ଦକ୍ଷତାର ବିକାଶ ହୋଇପାରିବ । ପିଲାମାନେ ଉତ୍ତର ଦେବାରେ ଅସମର୍ଥ ହେଲେ ଶିକ୍ଷକ ଯଥାର୍ଥ ଉତ୍ତର ଦେଇ ପ୍ରଶ୍ନୋତ୍ତର ଅନୁଶୀଳନ କରିବେ, ଶିକ୍ଷକ ସହାନୁଭୂତି ସହ ଶିକ୍ଷାର୍ଥୀମାନଙ୍କର ଭୁଲ୍ ଉତ୍ତରକୁ ସଂଶୋଧନ କରିବା ଉଚିତ । ଏହାଦ୍ୱାରା ସେମାନଙ୍କର ମୌଖିକ ଭାବରେ ଭାବପ୍ରକାଶ କ୍ଷମତା ଅର୍ଜନ ସମ୍ଭବପର ହୁଏ ଓ ଶିକ୍ଷାର୍ଥୀମାନେ ଆଲୋଚନାରେ ସକ୍ରିୟ ଅଂଶ ଗ୍ରହଣ କରିପାରନ୍ତି ।

(୩) କବିତା ଆବୃତ୍ତି – ପୁସ୍ତକରେ ଥିବା ଛୋଟ ଛୋଟ ଗୀତ, କବିତା ଆବୃତ୍ତି କରିବା ପାଇଁ ଶିକ୍ଷକ ପ୍ରୋତ୍ସାହନ ଦେଲେ ଶିଶୁମାନଙ୍କର ଉଚ୍ଚାରଣର ଶୁଦ୍ଧତା ଓ କଥନ ଦକ୍ଷତାର ଅଭିବୃଦ୍ଧି ଘଟେ ।

(୪) ଅଭିନୟ – ଅନୁକରଣ କରି ଅଭିନୟ କରିବା ପାଇଁ ସୁଯୋଗ ଦେଲେ ଶିକ୍ଷାର୍ଥୀମାନଙ୍କର କଥନ ଦକ୍ଷତାର ବିକାଶ ଘଟେ ।

(୫) କଥୋପକଥନ – ଶିଶୁ–ଶିଶୁ ମଧ୍ୟରେ ବିଭିନ୍ନ କଥୋପକଥନ ପ୍ରକ୍ରିୟାକୁ ଶିକ୍ଷକ ମଧ୍ୟ ଉତ୍ସାହିତ କଲେ ଶିକ୍ଷାର୍ଥୀମାନଙ୍କର ଭାଷାଜ୍ଞାନ ବଢ଼େ । ସେମାନେ ମୌଖିକ ଭାବରେ ଭାବପ୍ରକାଶ ପାଇଁ ଦକ୍ଷତା ଅର୍ଜନ କରିଥାନ୍ତି ।

(୬) ଶବ୍ଦଗଠନ ଓ ବାକ୍ୟଗଠନ ଖେଳ – ଏହାଦ୍ୱାରା ମଧ୍ୟ ଶିକ୍ଷକ କଥନ ଦକ୍ଷତାର ବିକାଶ ଘଟାଇ ପାରିବେ । ଶିକ୍ଷକ ଗୋଟିଏ ଗୋଟିଏ ବାକ୍ୟ କହି ଗଳ୍ପ ଆରମ୍ଭ କରିବେ ଓ ପ୍ରତ୍ୟେକ ପିଲା ଗୋଟିଏ ଗୋଟିଏ ବାକ୍ୟ ଯୋଗ କରି ଗଳ୍ପର ପୂର୍ଣ୍ଣ ବିବରଣୀ

ଦେଇ ପାରିବେ । ଶବ୍ଦ ଗଠନ ଖେଳରେ ଶିକ୍ଷାର୍ଥୀମାନଙ୍କୁ ଗୋଟିଏ ଗୋଟିଏ ଅକ୍ଷର କୁହାଯିବ ଓ ସେହି ଅକ୍ଷରକୁ ପ୍ରଥମେ ରଖି କେତୋଟି ଶବ୍ଦ କହିବାକୁ ଶିକ୍ଷକ ଚେଷ୍ଟା କରିବେ । ଉଦାହରଣ : – ଅ– ରୁ କେତୋଟି ଶବ୍ଦ ଶିଶୁମାନେ କହିବେ । ଯଥା – ଅରଟ, ଅଖ, ଅବାନ୍ତର ଇତ୍ୟାଦି ।

ପଠନ ଦକ୍ଷତାର ବିକାଶ ପଦ୍ଧତି –

ଶିଶୁ ମନରେ ପଠନ ସ୍ପୃହା ଯେତେ ବଳବତ୍ତର ହେବ ସେତେ ଅଧିକ ସେ ପଢ଼ିବ ଓ ଜ୍ଞାନର ପରିସୀମା ସେତିକି ବଢ଼ିବ । ବ୍ୟକ୍ତି ଜ୍ଞାନୀ ଓ ପଣ୍ଡିତ ହେବାକୁ ଇଚ୍ଛା କଲେ ବହୁ ତଥ୍ୟ ସମ୍ବଳିତ ପୁସ୍ତକ ପଢ଼ିବା ଦରକାର । ଶୁଦ୍ଧ ଭାଷା ଓ ଉନ୍ନତ ଶୈଳୀ ଶିକ୍ଷା ନିମିତ୍ତ ପଠନ ଅପରିହାର୍ଯ୍ୟ । ପଠନ ଶିକ୍ଷାର୍ଥୀର ଚିନ୍ତା ବିକଶିତ ଓ ଉନ୍ନତ କରେ । ପଠନ ଦ୍ୱାରା ଶିକ୍ଷାର୍ଥୀ ଚିତ୍ତବିନୋଦନ କରେ । ସମ୍ବାଦ ସଂଗ୍ରହଣ, ଭାଷା ଶିକ୍ଷଣ ପାଇଁ ପଠନ ହିଁ ଦରକାର । ତେଣୁ ପଠନ ଶିକ୍ଷାଦେବା ନିମିତ୍ତ ନାନା ପ୍ରକାର ପଦ୍ଧତି ଅନୁସୃତ ହୁଏ । ସେଗୁଡ଼ିକର ଆଲୋଚନା ନିମ୍ନରେ ପ୍ରଦତ୍ତ ହେଲା ।

(୧) ଜୀବଜନ୍ତୁ, ନଈ, ନାଳ, ପର୍ବତ, ସହର, ବନ୍ଦର ପ୍ରଭୃତିର ଚିତ୍ର ଦେଖାଇ ପ୍ରତ୍ୟେକ ଚିତ୍ର ତଳେ ଚିତ୍ରଟିର ନାମ ଲେଖି ଶିକ୍ଷକ ଶିକ୍ଷାର୍ଥୀଙ୍କୁ ପଢ଼ିବାକୁ ନିର୍ଦ୍ଦେଶ ଦେବେ । ଶିକ୍ଷାର୍ଥୀ ଚିତ୍ରଟିକୁ ଦେଖି ପ୍ରତ୍ୟେକ ଶବ୍ଦ ପଢ଼ି ଉଭୟ ଶବ୍ଦ ଓ ତାର ସଂକେତକୁ ଜାଣିପାରିବେ ।

(୨) ପଢ଼ା ବହିର ବିଭିନ୍ନ ଶବ୍ଦ, ବାକ୍ୟ ଓ ଛୋଟ ଛୋଟ ଗୀତ ଆଦିକୁ ଶିକ୍ଷକ ପଢ଼ି ଶୁଣାଇବେ ଓ ତାପରେ ଶିଶୁମାନଙ୍କୁ ପୁନରାବୃତ୍ତି କରିବାପାଇଁ କହିବେ ।

(୩) ବଡ଼ ବଡ଼ ଅକ୍ଷରରେ ଲେଖାଯାଇଥିବା ପ୍ରାଚୀର ପତ୍ର, ଶିଶୁ ପତ୍ରିକା, ଖବର କାଗଜ ଇତ୍ୟାଦିକୁ ପଢ଼ିବାକୁ ଶିକ୍ଷାର୍ଥୀମାନଙ୍କୁ ସୁଯୋଗ ଦେଇ ଶିକ୍ଷକ ପଠନ ଦକ୍ଷତାର ବିକାଶ ଘଟାଇ ପାରିବେ ।

(୪) ଉଚ୍ଚ ପଠନ ଓ ନୀରବ ପଠନ ଦ୍ୱାରା ଶିକ୍ଷାର୍ଥୀମାନଙ୍କର ଭାଷାର ଶୁଦ୍ଧତା ଓ ସ୍ପଷ୍ଟ ଉଚ୍ଚାରଣରେ ଦକ୍ଷତା ଲାଭ ହୁଏ । ପାଠକ ଶବ୍ଦଗୁଡ଼ିକୁ ଉଚ୍ଚପଠନ ଜରିଆରେ ପଢ଼ି ନିଜର ପଠନ ଦକ୍ଷତା ବୃଦ୍ଧି କରିଥାନ୍ତି ।

(୫) ପଠନ ଦକ୍ଷତାର ବିକାଶ ପାଇଁ ଶିକ୍ଷକ ଛୋଟ ଛୋଟ ଗଳ୍ପବହି ପାଠ୍ୟ ପୁସ୍ତକ ଆଦି ପଢ଼ିବାପାଇଁ ଶିକ୍ଷାର୍ଥୀଙ୍କୁ ପାଥେୟ ଯୋଗାଇ ପାରିବେ ।

ଲିଖନ ଦକ୍ଷତାର ବିକାଶ ପଦ୍ଧତି

ଲିଖନ ଏକ ଜଟିଳ କ୍ରିୟା । ଏଥିରେ ସବୁକାମ ଯଥା ଶ୍ରବଣ, କଥନ, ପଠନ ସବୁ ଏକ ସମୟରେ ହୁଏ । ତେଣୁ ଏହି ତିନୋଟି ପ୍ରକ୍ରିୟାପରେ, ଲିଖନ ଶିକ୍ଷା ଦିଆଯାଏ । ଶିଶୁଟିଏ ଏକ ସଙ୍ଗରେ ଶବ୍ଦଟିଏ ଶୁଣି, ତାକୁ ବୁଝି, ଚିହ୍ନଟ କରି, ପାଟିକରି ଉଚ୍ଚାରଣ କରେ ଓ ତାପରେ ଲେଖେ । ହାତ ଓ ଆଙ୍ଗିଠି ଦ୍ୱାରା ଲିଖନ କ୍ରିୟା ସଂପାଦିତ ହୋଇଥାଏ । ଏହି ଦୃଷ୍ଟିରୁ ହାତ ଓ ଆଙ୍ଗୁଠିର ମାଂସପେଶୀ ନିୟନ୍ତ୍ରଣରେ ଶିଶୁକୁ ତାଲିମ ଦିଆଯାଏ । ନିୟମିତ ଅଭ୍ୟାସ ବଳରେ ଶିଶୁର ଲିଖନ ଦକ୍ଷତା ବିକଶିତ ହୁଏ ।

(୧) ଲିଖନରେ କୌଶଳ ହାସଲ କରିବା ପାଇଁ ଶିଶୁର ହସ୍ତାକ୍ଷର ଲିଖନ ଅପରିହାର୍ଯ୍ୟ । ନିର୍ଭୁଲ ଭାବେ ପ୍ରତ୍ୟେକଟି ଅକ୍ଷରକୁ ଗୋଲ ଗୋଲ କରି ଲେଖିବା ହସ୍ତାକ୍ଷର ଲିଖନର ପ୍ରଧାନ ଉଦ୍ଦେଶ୍ୟ । ତେଣୁ ଶିକ୍ଷକ ଦୃଷ୍ଟିଦେବେ ଯେପରି ଶିଶୁମାନେ:

– ପ୍ରତ୍ୟେକ ଅକ୍ଷରର ଆକାର ସମାନ କରି ଲେଖିବେ ।

– ଶବ୍ଦ ଶବ୍ଦ ମଧ୍ୟରେ ଉଚିତ ବ୍ୟବଧାନ ରଖିବେ ।

– ବାକ୍ୟଟିଏ ଲେଖିବାବେଳେ ଉପଯୁକ୍ତ ବିରାମ ଚିହ୍ନ ଦେଇ ଲେଖିବେ ।

– ଧାଡ଼ିଗୁଡ଼ିକୁ ସିଧାକରି ଲେଖିବେ ।

(୨) ଶ୍ରୁତଲିଖନ ଦ୍ୱାରା ଶିକ୍ଷକ ଲିଖନର କୌଶଳର ବିକାଶ ଘଟାଇ ପାରିବେ । ଏହାଦ୍ୱାରା ଶିକ୍ଷାର୍ଥୀ ଉଭୟ କାନ ଓ ହାତକୁ ସକ୍ରିୟ କରିପାରନ୍ତି ।

(୩) ସରଳ ରଚନା ଲିଖନ ପ୍ରଣାଳୀରେ ମଧ୍ୟ ଲିଖନ ଦକ୍ଷତାର ବିକାଶ ଘଟେ । ଏଥିରେ ଶିକ୍ଷକ ଛାତ୍ର ନିଜ ଅଙ୍ଗେ ନିଭାଇଥିବା କାର୍ଯ୍ୟର ବର୍ଣ୍ଣନା କରିବାକୁ କହିପାରିବେ । ଅନେକ ସ୍ଥଳରେ କୌଣସି ଗୋଟିଏ ଛାତ୍ରକୁ କାମଦେଇ, ସେ କଣ କରୁଛି-ଏ ବିଷୟରେ ଅନ୍ୟମାନଙ୍କୁ ଲେଖିବାକୁ କହି ପାରିବେ ।

(୪) ସୃଜନାତ୍ମକ ରଚନା ଲେଖିବାରେ ଉତ୍ସାହ ଦେଲେ ଶିକ୍ଷାର୍ଥୀଙ୍କର ଲିଖନ ଦକ୍ଷତାର ବିକାଶ ଘଟିପାରିବ । ଏହା ଉଚ୍ଚ ଶ୍ରେଣୀମାନଙ୍କରେ ପ୍ରଯୁଜ୍ୟ । ଶିକ୍ଷାର୍ଥୀ ଶୁଦ୍ଧ ଓ ସରଳ ଭାଷାରେ ନିଜର ମନର ଭାବ ପ୍ରକାଶ କରିବାରେ ସକ୍ଷମ ହେଲେ ସୃଜନାତ୍ମକ ରଚନା ଲେଖି ପାରିବେ । ଏଥିରେ ଶିକ୍ଷାର୍ଥୀ ନିଜ ମନରୁ ଚିନ୍ତା ଓ କଳ୍ପନା ଶକ୍ତିର ପ୍ରୟୋଗ କରି ଲେଖି ପାରିବେ । ଏଥିପାଇଁ ଶିକ୍ଷାର୍ଥୀଙ୍କୁ ବିଭିନ୍ନ ରଚନା ଶୈଳୀ ସହିତ ଶିକ୍ଷକ ପରିଚିତ କରାଇବେ ଓ ଶିକ୍ଷାର୍ଥୀଙ୍କ ନିଜ ନିଜ ମୌଳିକ ଶୈଳୀର ବିକାଶ ଘଟାଇବା ଦିଗରେ ଦୃଷ୍ଟି ଦେବେ ।

ମାତୃଭାଷା ଶିକ୍ଷାଦାନ ସମୟରେ ଛାତ୍ରଛାତ୍ରୀମାନେ ଯେପରି ପଠନ ଓ ଲିଖନ ଅଭ୍ୟାସରେ ନିୟମିତ ହେବେ ଓ ଦୈନନ୍ଦିନ ଜୀବନର ବିଭିନ୍ନ ପରିସ୍ଥିତିରେ ମାତୃଭାଷାର ବ୍ୟବହାର କରି ଭାବରେ ଆଦାନ ପ୍ରଦାନ ନିମନ୍ତେ ସକ୍ଷମ ହେବେ ସେଥିପ୍ରତି ଶିକ୍ଷକ ଯତ୍ନବାନ ହେବେ । ଏତଦ୍‌ବ୍ୟତୀତ ପାଠ୍ୟପୁସ୍ତକ ବ୍ୟତୀତ ଲାଇବ୍ରେରୀରୁ ବିଭିନ୍ନ ପୁସ୍ତକ ଯେପରି ଛାତ୍ରଛାତ୍ରୀ ମାନେ ପଢ଼ି ପାରିବେ ସେଥିପାଇଁ ଶିକ୍ଷକ ବ୍ୟବସ୍ଥା କରିବା ଉଚିତ । ଉନ୍ନତ ଭାଷା ହିଁ ସୁସମୃଦ୍ଧ ମାନବ ସଂସ୍କୃତିର ପରିଚାୟକ । ସେଥିପାଇଁ କବି କହିଛନ୍ତି -

"ଉଚ୍ଚ ହେବା ପାଇଁ କର ଯେବେ ଇଚ୍ଛା ।
ଉଚ୍ଚ କର ଆଗ ନିଜ ମାତୃଭାଷା ।"

୪.୨.୩. ଶିକ୍ଷାଦାନ ପଦ୍ଧତି

ମାତୃଭାଷା ଶିକ୍ଷାଦାନ ପଦ୍ଧତି ଛାତ୍ରଛାତ୍ରୀଙ୍କର ମନସ୍ତାତ୍ତ୍ୱିକ ଦିଗ ପ୍ରତି ଧ୍ୟାନ ଦେଇ ନିରୂପଣ କରାଯାଇଥାଏ । ଅତୀତରେ ଶିକ୍ଷାଦାନ ସମୟରେ ବିଷୟବସ୍ତୁ ପ୍ରତିଗୁରୁତ୍ୱ ଦିଆଯାଉଥିଲା ଓ ଶିକ୍ଷକ ନିଜର ଇଚ୍ଛା ଅନୁସାରେ ସ୍ୱ ପଦ୍ଧତିରେ ପାଠଦାନ କରୁଥିଲେ । ମୁଖ୍ୟତଃ ଅନୁବାଦ କିମ୍ବା ଅନ୍ୱୟ ମାଧ୍ୟମରେ ଶିକ୍ଷାଦାନ କରାଯାଉଥିଲା । ଶିଶୁର ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ଦୃଷ୍ଟି ଦିଆଯାଉ ନଥିଲା । ଶିକ୍ଷାଦାନ ପ୍ରତି ଛାତ୍ରଛାତ୍ରୀମାନଙ୍କୁ ଆଗ୍ରହୀ କରାଇବା ନିମନ୍ତେ ଶିକ୍ଷକ କୌଣସି ପଦକ୍ଷେପ ନେଉ ନଥିଲେ । ମୁଖସ୍ଥ କରି ମନେ ରଖିବା ଥିଲା ଶିକ୍ଷାଦାନର ଅନ୍ୟତମ ମୁଖ୍ୟ ଉଦ୍ଦେଶ୍ୟ ।

ଆଧୁନିକ ଶିକ୍ଷାଦାନ ପଦ୍ଧତି ଶିଶୁକୈନ୍ଦ୍ରିକ ଓ ଏଥିରେ ଶିଶୁର ସର୍ବାଙ୍ଗୀନ ବିକାଶ ଗୁରୁତ୍ୱ ଦିଆଯାଇଥାଏ । ସେଥିପାଇଁ ଆବଶ୍ୟକୀୟ ଉପକରଣର ସାହାଯ୍ୟ ନେଇ ଶିଶୁକୁ ଆଗ୍ରହୀ କରାଯାଏ । ଆଧୁନିକ ପଦ୍ଧତି ଗୁଡ଼ିକ ମଧ୍ୟରେ ଦତ୍ତକର୍ମ ପଦ୍ଧତି (Assignment Mtehod) ପ୍ରକଳ୍ପ ପଦ୍ଧତି (Project Method) ପ୍ରଭୃତି ରହିଅଛି । ଶିକ୍ଷାଦାନ ନିମନ୍ତେ J. F. Herbart ଙ୍କର ପଞ୍ଚସୋପାନ ପଦ୍ଧତି ମନସ୍ତତ୍ତ୍ୱ ଭିତ୍ତିକ ହୋଇଥିବାରୁ ଶିକ୍ଷକମାନେ ଏହାକୁ ଅବଲମ୍ବନ କରି ଥାଆନ୍ତି । ସେଗୁଡ଼ିକ ହେଲା ।

୧- Preparation- ପ୍ରସ୍ତୁତି ।

୨ - Presentation - ପାଠଦାନ ।

୩- Comparison - ତୁଳନା କରିବା

୪- Generalisation - ସିଦ୍ଧାନ୍ତୀକରଣ

୫- Application - ପ୍ରୟୋଗ

ପରବର୍ତ୍ତୀ କାଳରେ ଏହି ପଞ୍ଚସୋପାନ ପଦ୍ଧତି ତ୍ରିସୋପାନ ପଦ୍ଧତିରେ ପରିଣତ କରାଯାଇଛି । ଯଥା –

୧– ଉପକ୍ରମ

୨ –.ଉପସ୍ଥାପନ

୩ – ପ୍ରୟୋଗ

ଏହି ସୋପାନ ଗୁଡ଼ିକର ଅନୁସରଣ କରାଯାଇ ବର୍ତ୍ତମାନ ଗଦ୍ୟ, ପଦ୍ୟ ଓ ଅନ୍ୟାନ୍ୟ ବିଷୟଗୁଡ଼ିକ ପଢ଼ାଯାଉ ଅଛି । ଉପକ୍ରମ ସୋପାନରେ ଛାତ୍ରଛାତ୍ରୀମାନଙ୍କୁ ନୂତନ ପାଠ ଗ୍ରହଣ ନିମନ୍ତେ ଆଗ୍ରହୀ କରାଯାଇଥାଏ । ପୂର୍ବଜ୍ଞାନ ପରୀକ୍ଷା କରାଯାଇ ନୂତନ ବିଷୟ ସଂପର୍କରେ ସୂଚନା ମଧ୍ୟ ଦିଆଯାଇଥାଏ ।

ଉପସ୍ଥାପନରେ ଶିକ୍ଷକ ନୂତନ ବିଷୟ ବସ୍ତୁର ଶିକ୍ଷାଦାନ କରିଥାଆନ୍ତି । ଏଥିପାଇଁ କେତେକ ଉପସୋପାନ ରହିଅଛି । ସେଗୁଡ଼ିକ ପରେ ବର୍ଣ୍ଣନା କରାଯିବ.। ପ୍ରୟୋଗ ସୋପାନରେ ଛାତ୍ରଛାତ୍ରୀମାନେ ବିଷୟବସ୍ତୁକୁ କେତେଦୂର ହୃଦୟଙ୍ଗମ କଲେ ତାହା ପରୀକ୍ଷା କରାଯାଏ ।

ପାଠଦାନକୁ ସରସ ସୁନ୍ଦର କରିବା ନିମନ୍ତେ, ମଡେଲ ଓ ବିଭିନ୍ନ ଦୃଶ୍ୟ ଶ୍ରାବ୍ୟ ଉପକରଣ ଗୁଡ଼ିକ ବ୍ୟବହୃତ ହୁଏ । ଶିକ୍ଷକ ମଧ୍ୟ ପ୍ରଶ୍ନୋତ୍ତର ମାଧ୍ୟମରେ ବିଷୟବସ୍ତୁର ଆଲୋଚନା କରି ଥାଆନ୍ତି । ଶିକ୍ଷାଦାନ ଏକ କଳା । ଏଥିପାଇଁ ଶିକ୍ଷକଙ୍କର କୌଶଳ ଓ ସୃଜନୀ ଶକ୍ତିର ଆବଶ୍ୟକତା ରହିଅଛି ।

ଗଦ୍ୟ ସାହିତ୍ୟ ଶିକ୍ଷାଦାନ

ସାହିତ୍ୟର ଗଦ୍ୟ ବିଭାଗ ଶିକ୍ଷାର୍ଥୀମାନଙ୍କ ନିମନ୍ତେ ଅତ୍ୟନ୍ତ ଦରକାରୀ । କାରଣ ଗଦ୍ୟମାଧ୍ୟମରେ ଭାବ ଗ୍ରହଣ ଓ ଭାବ ପ୍ରକାଶ କରିବା ସମ୍ଭବ । ଗଦ୍ୟ ମାଧ୍ୟମରେ ବିଭିନ୍ନ ବିଷୟଗୁଡ଼ିକ ମଧ୍ୟ ଅଧ୍ୟୟନ କରି ଅର୍ଥ ବୁଝିବା ନିମନ୍ତେ ଛାତ୍ରଛାତ୍ରୀମାନେ ସକ୍ଷମ ହେବା ଉଚିତ । ତେଣୁ ନିମ୍ନ ଉଦ୍ଦେଶ୍ୟଗୁଡ଼ିକ ଗଦ୍ୟ ସାହିତ୍ୟ ଶିକ୍ଷାଦାନ ସମୟରେଶିକ୍ଷକ ମନେ ରଖିବା ଉଚିତ ।

୧– ନୂତନ ଶବ୍ଦମାନଙ୍କର ଅର୍ଥ, ବ୍ୟାକରଣ ଗତ ବୈଶିଷ୍ଟ୍ୟ ଓ ଶବ୍ଦଗୁଡ଼ିକର ବ୍ୟବହାର ବିଷୟ ଜଣାଇବା ।

୨– ବାକ୍ୟଗଠନ ଶିକ୍ଷାଦାନ କରିବା ।

୩– ବିଭିନ୍ନ ବିଷୟ ରଚନା କରିବାର କୌଶଳ ଶିକ୍ଷାଦାନ କରିବା ।

୪– ବିଭିନ୍ନ ପ୍ରକାରର ଶୈଳୀ ସହ ପରିଚିତ କରାଇବା ।

୫– ଗଦ୍ୟର ବିଷୟୁ ବସ୍ତୁ ସଂପର୍କରେ ଜ୍ଞାନ ପ୍ରଦାନ କରିବା ।

୬– ଓଡ଼ିଶାର ସଂସ୍କୃତି ସହ ପରିଚିତ କରାଇବା ।

୭ – ଛାତ୍ରଛାତ୍ରୀମାନଙ୍କର ମାନବୀୟ ଗୁଣ ବିକଶିତ କରାଇବା ।

୮ – ଗଦ୍ୟ ସାହିତ୍ୟ ପ୍ରତି ଅନୁରାଗ ବୃଦ୍ଧି କରାଇବା ।

୯ – ଶୁଦ୍ଧ ଉଚ୍ଚାରଣ ଓ ପଠନକୌଶଳ ଶିକ୍ଷା ଦେବା ।

୧୦– ଶୁଦ୍ଧ ଲିଖନ ନିମନ୍ତେ ପ୍ରେରଣା ପ୍ରଦାନ କରିବା ।

୧୧– ମୌଖିକ ଉତ୍ତର ପ୍ରାଞ୍ଜଳ ଭାବରେ ପ୍ରଦାନ କରିବା ନିମନ୍ତେ ଶିକ୍ଷା ଦେବା ।

୧୨– ଓଡ଼ିଆ ଭାଷା ସଂପର୍କରେ ସମ୍ୟକ୍ ଜ୍ଞାନ ପ୍ରଦାନ କରିବା ।

ଗଦ୍ୟ ସାହିତ୍ୟ ଅଧ୍ୟାପନା ପ୍ରଣାଳୀ

ପୂର୍ବ ଆଲୋଚନା ଅନୁସାରେ ପାଠଦାନର ତିନୋଟି ସୋପାନ ଗଦ୍ୟ ସାହିତ୍ୟ ଅଧ୍ୟାପନାରେ ଅନୁସୃତ ହୋଇଥାଏ । ସେଗୁଡ଼ିକ ନିମ୍ନରେ ଆଲୋଚନା କରାଗଲା ।

ଉପକ୍ରମ –

ପାଠଦାନର ପ୍ରଥମ କାର୍ଯ୍ୟ ହେଉଛି ଉପକ୍ରମ । ଏହା ମଧ୍ୟ ଖୁବ୍‌ଗୁରୁତ୍ୱପୂର୍ଣ୍ଣ ଅଟେ । କାରଣ ଶିକ୍ଷକ ଶ୍ରେଣୀଗୃହକୁ ପ୍ରବେଶ କରିବା ପୂର୍ବରୁ ପିଲାମାନେ ମାନସିକ ସ୍ତରରେ ବହୁମୁଖୀ ହୋଇ ପାଠ ଗ୍ରହଣ ନିମନ୍ତେ ଆଗ୍ରହୀ ନ ଥାନ୍ତି । ଶିକ୍ଷକ ଶ୍ରେଣୀରେ ପ୍ରବେଶ କରି ପାଠଦାନ ପୂର୍ବରୁ ଉପକ୍ରମ ସୋପାନରେ ପ୍ରଥମେ ସେମାନଙ୍କୁ ପାଠଗ୍ରହଣ ନିମନ୍ତେ ଆଗ୍ରହୀ କରାଇବା ସଂଗେ ସଂଗେ ସେମାନଙ୍କ ମନକୁ ଏକମୁଖୀ କରାଇବା ଆବଶ୍ୟକ ହୁଏ । ଏତଦ୍‌ବ୍ୟତୀତ ପାଠଦାନ ନିମନ୍ତେ ଆବଶ୍ୟକୀୟ ପରିବେଶ ମଧ୍ୟ ସୃଷ୍ଟି କରିବା ଦରକାର । ସେଥିପାଇଁ ଶିକ୍ଷକ ଏହି ସୋପାନରେ ନିମ୍ନ ବିଷୟଗୁଡ଼ିକ ପ୍ରତି ଧ୍ୟାନ ଦେବା ଉଚିତ ।

ଶ୍ରେଣୀ ସଜ୍ଜା ଓ ଶୃଙ୍ଖଳା ବିଧାନ

ଶିକ୍ଷା ଗ୍ରହଣ ଏକ ମାନସିକ ପ୍ରକ୍ରୟା । ତେଣୁ ଶ୍ରେଣୀ ଗୃହର ବାତାବରଣ ଉପଯୁକ୍ତ ଭାବରେ ଶୃଙ୍ଖଳିତ ହୋଇଥିବା ଦରକାର । ଛାତ୍ରାତ୍ରୀମାନେ ନିଜ ନିଜ ଆସନରେ ଶୃଙ୍ଖଳିତ ଭାବରେ ବସିଥିବା ଆବଶ୍ୟକ । ଶିକ୍ଷକ ଏ ସମସ୍ତ ଦିଗପ୍ରତି ସଚେତନ ହୋଇ କେହି ବିଶୃଙ୍ଖଳିତ ଥିଲେ ତାହା ସଜାଡ଼ି ବେଳେ ।

ପାଠଦାନ ବିଷୟ ପ୍ରତି ଅନୁରାଗ ବର୍ଦ୍ଧନ କରାଇବା

ସାଧାରଣତଃ ପିଲାମାନେ ପାଠ ପଢ଼ିବାରେ ଆଗ୍ରହ ପ୍ରକାଶ କରି ନଥାନ୍ତି । ସେମାନଙ୍କୁ ସର୍ବପ୍ରଥମେ ଶିକ୍ଷଣ ପ୍ରତି ଅଭିପ୍ରେରିତ କରିବା ଆବଶ୍ୟକ । ସେଥିପାଇଁ ବିଭିନ୍ନ ପ୍ରକାରର ଶ୍ରାବ୍ୟ ଦୃଶ୍ୟ ଉପକରଣର ସାହାଯ୍ୟ ନିଆଯାଇ ପାରିବ । ଶିଶୁମାନେ ଗଳ୍ପ ଶୁଣିବା ନିମନ୍ତେ ଆଗ୍ରହ ପ୍ରକାଶ କରନ୍ତି । ତେଣୁ ଗଳ୍ପ କଥନ ପ୍ରଣାଳୀରେ ପାଠଦାନ ଆରମ୍ଭ କରାଯାଇ ସେମାନଙ୍କ ମନରେ ଆଗ୍ରହ ସୃଷ୍ଟି କରାଯାଇ ପାରିବ । ପିଲାମାନଙ୍କର ଅତୀତ ଅନୁଭୂତି ଓ ଅଭିଜ୍ଞତା ଶିକ୍ଷଣକୁ ପ୍ରଭାବିତ କରେ । ଏହାକୁ ନୂତନ ଶିକ୍ଷଣ ପ୍ରତି ସମ୍ପର୍କିତ କରି ଶିକ୍ଷାର୍ଥୀମାନଙ୍କର ଅଭିପ୍ରେରଣ ବୃଦ୍ଧି କରିହେବ । ଶିକ୍ଷଣ ବିଷୟ ସଂପର୍କରେ ସାମାନ୍ୟ ସୂଚନା ଦେଲେ ପିଲାମାନେ ଅଧିକ ଜାଣିବା ନିମନ୍ତେ ମଧ୍ୟ ପ୍ରସ୍ତୁତ ହୋଇ ଥାଆନ୍ତି ।

କୌଣସି ବିଷୟର ଶିକ୍ଷଣ ନିମନ୍ତେ ଶିକ୍ଷାର୍ଥୀମାନଙ୍କର ଉପଯୁକ୍ତ ଯୋଗ୍ୟତା ଥିବା ଆବଶ୍ୟକ । ପୂର୍ବ ପଠିତ ବିଷୟ ସଂପର୍କରେ ସେମାନେ ସଠିକ ଜ୍ଞାନ ଲାଭ କରି ନଥିଲେ ନୂତନ ବିଷୟକୁ ଗ୍ରହଣ କରିବା ସମ୍ଭବ ହୁଏ ନାହିଁ । ଯେ କୌଣସି ବିଷୟ ଗୋଟିଏ ପିରିୟଡ୍‌ରେ ପଢ଼ାଇବା ଅସମ୍ଭବ । ଏଣୁ ପ୍ରଶ୍ନୋତ୍ତର ମାଧ୍ୟମରେ ପୂର୍ବଜ୍ଞାନ ପରୀକ୍ଷା କରିବା ଆବଶ୍ୟକ । ଏହାଦ୍ୱାରା ନୂତନ ବିଷୟ ଗ୍ରହଣ କରିବା ନିମନ୍ତେ ପିଲାମାନେ ମାନସିକ ସ୍ତରରେ ପ୍ରସ୍ତୁତ ହୁଅନ୍ତି ।

ଏତଦ୍‌ବ୍ୟତୀତ ଭ୍ରମଣ, ପର୍ଯ୍ୟବେକ୍ଷଣ, ଯାଦୁଘର, ପାଠାଗାର ପ୍ରଭୃତିର ଉପଯୋଗ କରାଯାଇ ବିଦ୍ୟାର୍ଥୀମାନଙ୍କୁ ଅଭିପ୍ରେରିତ କରିବା ବିଧେୟ ।

ଉଦ୍ଦେଶ୍ୟ ଜ୍ଞାପନ :

ଶିକ୍ଷକ ନିଜ ଅଭିଜ୍ଞତା ଅନୁସାରେ ବିଷୟବସ୍ତୁ ଗୁରୁତ୍ୱ ବିଚାର କରି ଉପକ୍ରମ ନିମନ୍ତେ ଉପାୟ ସ୍ଥିର କରିବେ । ଛାତ୍ରଛାତ୍ରୀମାନେ ନୂତନ ଶିକ୍ଷଣ ନିମନ୍ତେ ଆଗ୍ରହୀ ହେବା ପରେ ଶିକ୍ଷକ ପାଠଦାନର ପ୍ରସଙ୍ଗ ସଂପର୍କରେ ସୂଚନା ଦେବେ । ବିଷୟର ନାମ କଳାପଟା ସ୍ଥିତ ପ୍ରସଙ୍ଗ ସ୍ଥାନରେ ଲେଖିବେ । ଶିକ୍ଷଣର ଉଦ୍ଦେଶ୍ୟ ସମ୍ପର୍କରେ ଏଠାରେ ମଧ୍ୟ ସଂକ୍ଷିପ୍ତ ଭାବରେ ସୂଚନା ଦେବା

ଉଚିତ । ଏହାଦ୍ୱାରା ଛାତ୍ରଛାତ୍ରୀମାନେ ବିଷୟ ବସ୍ତୁ ଶିକ୍ଷଣର ଉଦ୍ଦେଶ୍ୟ ସମ୍ପର୍କରେ ସାମାନ୍ୟ ଜ୍ଞାନଲାଭ କରି ଅଧିକ ଜାଣିବା ପାଇଁ ଅଭିପ୍ରେରିତ ହୁଅନ୍ତି ।

ଉପସ୍ଥାପନ :

ଉପକ୍ରମ ପରେ ପ୍ରସଙ୍ଗର ଉପସ୍ଥାପନ କରାଯାଇଥାଏ । ବିଷୟବସ୍ତୁର ପୃଷ୍ଠଭୂମି ସମ୍ପର୍କରେ ସୂଚନା ଦେବା ଏବଂ ଲେଖକଙ୍କର ପରିଚୟ ପ୍ରଦାନ କରିବାର ଆବଶ୍ୟକତା ମଧ୍ୟ ଅନୁଭୂତ ହୁଏ । ବିଶେଷତଃ ଅନେକ ବିଷୟ ରହିଛି ଯାହାର ପୃଷ୍ଠଭୂମି ସଂପର୍କରେ ସମ୍ୟକ୍ ସୂଚନା ଦେବା ପରେ ଏହାକୁ ବୁଝିହୁଏ । ପୌରାଣିକ, ଐତିହାସିକ କିମ୍ବା କିମ୍ବଦନ୍ତୀ ମୂଳକ ଗଳ୍ପାଂଶ ଗୁଡ଼ିକ ଏହି ଶ୍ରେଣୀର । ବିଷୟବସ୍ତୁର ଉପସ୍ଥାପନର ପ୍ରଥମରେ ଲେଖକଙ୍କର ପରିଚୟ ଓ କୃତି ସମ୍ପର୍କରେ ସଂକ୍ଷେପରେ ସୂଚନା ଦେବା ବିଧେୟ । ବିଷୟର ଅବଶିଷ୍ଟାଂଶ ଶିକ୍ଷାଦାନ ସମୟରେ ଏହାର ଆବଶ୍ୟକତା ନାହିଁ । ଏହାପରେ ନିମ୍ନ ଉପସୋପାନ ଅନୁସୃତ ହେବ ।

(କ) ଶିକ୍ଷକଙ୍କର ଆଦର୍ଶ ସରବ ପଠନ :-

ଶିକ୍ଷାଦାନର ଏହା ଏକ ବିଶିଷ୍ଟ ଅଙ୍ଗ ରୂପେ ବିବେଚିତ ହୁଏ । ଅର୍ଥ ଅବବୋଧ ନିମନ୍ତେ ଆଦର୍ଶ ଉଚ୍ଚପଠନ ସାହାଯ୍ୟ କରେ । ସେଥିପାଇଁ ଭାବବ୍ୟଞ୍ଜକ ଭାବରେ ବିରାମ ଚିହ୍ନ ପ୍ରତି ଲକ୍ଷ୍ୟ କରି ଶିକ୍ଷକ ସ୍ପଷ୍ଟ ଉଚ୍ଚାରଣ ସହ ବିଷୟବସ୍ତୁକୁ ପାଠ କରିବେ । ଶିକ୍ଷକଙ୍କର ପଠନ ଶୈଳୀକୁ ଛାତ୍ରଛାତ୍ରୀମାନେ ଲକ୍ଷ୍ୟ କରିବା ନିମନ୍ତେ ଶିକ୍ଷକ ପୂର୍ବରୁ ନିର୍ଦ୍ଦେଶ ଦେଇଥିବେ ।

(ଖ) ଛାତ୍ରଛାତ୍ରୀମାନଙ୍କର ଉଚ୍ଚ ପଠନ :-

ଶିକ୍ଷକ ଯେଉଁ ଭଳି ଉଚ୍ଚ ପଠନ କଲେ ତଦନୁସାରେ ଛାତ୍ରଛାତ୍ରୀମାନେ ଉଚ୍ଚ ସ୍ୱରରେ ଉପଯୁକ୍ତ ବିରାମ ଚିହ୍ନ ପ୍ରତି ଲକ୍ଷ୍ୟ ରଖି ଭାବ ବ୍ୟଞ୍ଜକ ଭାବରେ ବିଷୟବସ୍ତୁକୁ ପାଠ କରିବେ । ପଠନ ସମୟରେ କେହି ତ୍ରୁଟି କଲେ ତାହା ଅନ୍ୟ ପିଲାଙ୍କ ଦ୍ୱାରା ସଂଶୋଧନ କରାଯିବ । ଏହି ସମୟରେ ପିଲାମାନେ ଉପଯୁକ୍ତ ଶୃଙ୍ଖଳା ରକ୍ଷା କରି ନିଜ ନିଜର ପାଠ୍ୟପୁସ୍ତକ ପ୍ରତି ଦୃଷ୍ଟି ନିବେଶ କରିଥିବା ଉଚିତ । ଏହାଦ୍ୱାରା ଛାତ୍ରଛାତ୍ରୀମାନେ ଶୁଦ୍ଧ ଉଚ୍ଚାରଣ, ପଠନଶୈଳୀ, ବିରାମ ଚିହ୍ନ ପ୍ରତି ଧାରଣା ଲାଭ କରିବେ ।

(ଗ) ଶବ୍ଦ କାଠିନ୍ୟ ଦୂରୀକରଣ ଓ ଶବ୍ଦାନୁଶୀଳନ :-

ବିଷୟ ବସ୍ତୁରେ ଅନେକ ନୂତନ ଶବ୍ଦ ରହିଥାଏ । ସେଗୁଡ଼ିକର ଅର୍ଥ ପିଲାମାନେ ଜାଣି ନ ଥାନ୍ତି । ଶିକ୍ଷକ ସେଗୁଡ଼ିକୁ କଳାପଟାରେ ଲେଖି ଦେବେ । କଠିନ ଶବ୍ଦ ଜାଣିବା ନିମନ୍ତେ ଶିକ୍ଷକ ଛାତ୍ରଛାତ୍ରୀମାନଙ୍କୁ ପଚାରି ପାରନ୍ତି । ତା ପରେ ଗୋଟିଏ ଗୋଟିଏ ଶବ୍ଦକୁ ବାକ୍ୟ କରି ତାହାର ଅର୍ଥ ପିଲାଙ୍କୁ ବୁଝାଇ ଦେବେ । ଏଥିପାଇଁ ବିଭିନ୍ନ ଉଦାହରଣ, ଗଳ୍ପ କିମ୍ବା ବର୍ଣ୍ଣନା ମାଧ୍ୟମରେ ଶିକ୍ଷକ ନୂତନ ଶବ୍ଦକୁ ବାଖ୍ୟା କରିବେ । ବିଭିନ୍ନଚିତ୍ର, ମଡେଲ, ମାନଚିତ୍ର, ଚାର୍ଟ ପ୍ରଭୃତି ମଧ୍ୟ ବ୍ୟବହାର କରି ନୂତନ ଶବ୍ଦର ଅର୍ଥ ନିର୍ଦ୍ଧାରଣ କରାଯାଇପାରିବ । ତାପରେ ପିଲାମାନଙ୍କ ସାହାଯ୍ୟରେ ନୂତନ ଶବ୍ଦକୁ ବାକ୍ୟରେ ବ୍ୟବହାର କରାଯିବ । ପିଲାମାନେ କହିଥିବା ବାକ୍ୟକୁ ଆବଶ୍ୟକ ପଡ଼ିଲେ ଅଳ୍ପ ସଂଶୋଧନ କରି ଶିକ୍ଷକ କଳାପଟାରେ ଲେଖିଦେବେ । ଏହାଦ୍ୱାରା ଛାତ୍ରଛାତ୍ରୀମାନେ ନୂତନ ଶବ୍ଦର ବ୍ୟବହାର ଜାଣିପାରିବେ । ସେମାନଙ୍କର ଭାଷା ଜ୍ଞାନ ଓ ବ୍ୟାକରଣ ଜ୍ଞାନ ବୃଦ୍ଧି ହେବ ଏବଂ ସୃଜନୀଶକ୍ତି ବିକଶିତ ହେବ । ସେମାନେ ନୂତନ ପ୍ରବାଦ, ପ୍ରବଚନ, ଢ଼ଗ ଢମାଳି ସମ୍ପର୍କରେ ଜ୍ଞାନ ଲାଭ କରିବେ ଓ ଶବ୍ଦର ବିପରୀତ ଅର୍ଥବୋଧକ ଓ ସମ ଅର୍ଥବୋଧକ ଶବ୍ଦଗୁଡ଼ିକ ମଧ୍ୟ ଜାଣିପାରିବେ ।

(ଘ) ଛାତ୍ରଛାତ୍ରୀମାନଙ୍କର ନୀରବ ପଠନ :-

ଏହି ସୋପାନରେ ଛାତଛାତ୍ରୀମାନେ ବିଷୟବସ୍ତୁକୁ ନୀରବରେ ପାଠ କରି ତାହାର ଅର୍ଥ ବୁଝିବା ନିମନ୍ତେ ଚେଷ୍ଟା କରିବେ । ଏହି ସମୟରେ ସେମାନେ କୌଣସି ଗୁଞ୍ଜନ କରିବେ ନାହିଁ । ପୂର୍ବରୁ ନୂତନ ଶବ୍ଦଗୁଡ଼ିକର ଅର୍ଥ ବୁଝିଥିବାରୁ ବିଷୟବସ୍ତୁ ସଂପର୍କରେ ସେମାନେ ଜ୍ଞାନ ଲାଭ କରିପାରିବେ । ଏହାଦ୍ୱାରା ଛାତ୍ରଛାତ୍ରୀମାନେ ସ୍ୱଚେଷ୍ଟା ବଳରେ ଅର୍ଥବୁଝନ୍ତି ।

(ଙ) ବୋଧଜ୍ଞାନ ପରୀକ୍ଷା :-

ନୀରବ ପଠନ ପରେ ବିଷୟବସ୍ତୁଟିକୁ ଛାତ୍ରଛାତ୍ରୀମାନେ କେତେଦୂର ହୃଦୟଙ୍ଗମ କଲେ ତାହା ଜାଣିବା ନିମନ୍ତେ ଶିକ୍ଷକ କେତେକ ପ୍ରଶ୍ନ ପଚାରିବେ, ଯେଉଁ ପ୍ରଶ୍ନର ଉତ୍ତର ଶ୍ରେଣୀରେ କୌଣସି ପିଲା ଦେଇ ନ ପାରିବେ ଶିକ୍ଷକ ତାହାର ଉତ୍ତର କହିଦେବେ । ଶିକ୍ଷକ ଏହି ପ୍ରଶ୍ନଗୁଡ଼ିକୁ ସରଳ, ବୋଧଗମ୍ୟ ଓ କ୍ଷୁଦ୍ର ବାକ୍ୟରେ ପଚାରିବେ । ପ୍ରଶ୍ନଗୁଡ଼ିକ ବିଷୟବସ୍ତୁର ଘଟଣା, ଶୈଳୀ, ମତବାଦ, ଚରିତ୍ର କିମ୍ବା ରସ ସଂପର୍କିତ ହେବା ଉଚିତ । ଏହାଦ୍ୱାରା ଛାତ୍ରଛାତ୍ରୀମାନେ ବିଷୟବସ୍ତୁକୁ ସଂପୂର୍ଣ୍ଣରୂପେ ହୃଦୟଙ୍ଗମ କରିପାରିବେ । ସେମାନଙ୍କର ଚିନ୍ତା ଓ କଳ୍ପନା ଶକ୍ତି ବିକଶିତ ହେବ । ସେମାନେ ମୌଖିକ ପ୍ରଶ୍ନୋତ୍ତର ଦେଉଥିବାରୁ ସେମାନଙ୍କର ପ୍ରକାଶନ ଶୈଳୀ ଓ ସୃଜନୀଶକ୍ତି ବିକଶିତ ହୋଇପାରିବ । ବିଭିନ୍ନ ଚରିତ୍ର ଓ ଘଟଣା ସମ୍ପର୍କରେ ତୁଳନାତ୍ମକ ଆଲୋଚନା କରି ପାରିବେ । ଏହି ସୋପାନରେ ଛାତ୍ରଛାତ୍ରୀମାନେ ସ୍ୱାଧୀନ ମତ ଓ ସ୍ୱ ଅନୁଭୂତି ପ୍ରକାଶ କରିବାର ସୁଯୋଗ ଲାଭ କରନ୍ତି । ଲେଖକଙ୍କର ଅନୁଭୂତି ଓ ଚିନ୍ତା ସହ ନିଜକୁ ସାମିଲ କରି ପାରନ୍ତି ।

୩- ପ୍ରୟୋଗ :

ଶିକ୍ଷା ଗ୍ରହଣରେ ଶିକ୍ଷାର୍ଥୀମାନେ କେତେଦୂର ସଫଳକାମୀ ହେଲେ ତାହା ଜାଣିବା ନିମନ୍ତେ କେତେକ ଲବ୍ଧଜ୍ଞାନ ପରିମାପକ ପ୍ରଶ୍ନ ପଚାରି ଉତ୍ତର ଆଦାୟ କରିବା ପରେ ପାଠଦାନ କାର୍ଯ୍ୟ ସମାପ୍ତ କରିବେ । ପ୍ରତ୍ୟେକ ପ୍ରଶ୍ନ ବିଶେଷ ଲକ୍ଷ୍ୟ ଉପରେ ଆଧାରିତ ହୋଇଥିବା ଦରକାର । ଏହାଦ୍ୱାରା ଶିକ୍ଷାର୍ଥୀମାନଙ୍କର ଶିକ୍ଷଣାନୁଭୂତି ପରୀକ୍ଷା କରାଯାଇପାରେ । ଏହି ପ୍ରଶ୍ନଗୁଡ଼ିକ ସାଧାରଣତଃ ବିଷୟବସ୍ତୁରେ ଥିବା ତଥ୍ୟ ଆଧାରିତ, ଭାଷା ଓ ବ୍ୟାକରଣ ସମ୍ବନ୍ଧୀୟ ଓ ଭାବ ତଥା ମୌଳିକ ଚିନ୍ତାଧାରା ପରିମାପକ ସଂପନ୍ନ ହୋଇପାରେ ।

କବିତା ଶିକ୍ଷାଦାନ :

କବି ହୃଦୟର ଆବେଗାତ୍ମକ ଅଭିବ୍ୟକ୍ତି ହେଉଛି କବିତା । ଯୁଗେ ଯୁଗେ କବିମାନେ ଖୋଜିଛନ୍ତି ରସଗ୍ରାହୀ ବିଦଗ୍ଧ ପାଠକ । କାରଣ କବିତାର ଭାବ ହୃଦୟଙ୍ଗମ କରିବା ପାଇଁ ପ୍ରଥମେ କବି ପ୍ରାଣର ଆବେଗକୁ ଅନୁଭବ କରିବା ଆବଶ୍ୟକ ।

କାବ୍ୟ କବିତା ହୃଦୟର ସୂକ୍ଷ୍ମ ତନ୍ତ୍ରୀକୁ ସ୍ପର୍ଶ କରି ବ୍ୟକ୍ତିର ସୌନ୍ଦର୍ଯ୍ୟ ଚେତନା ଓ ସଂବେଦନଶୀଳତାକୁ ବିକଶିତ କରାଇଥାଏ । ତେଣୁ କାବ୍ୟ କବିତାର ଭାବକୁ ଅନୁଭବ କରିବା ଆବଶ୍ୟକ ।

କବିତା ପଠନର ଉପକାରିତା ସଂପର୍କରେ ଆଳଙ୍କାରିକ ମାନେ ବହୁ ପୂର୍ବରୁ ବର୍ଣ୍ଣନା କରି ଅଛନ୍ତି । ମମ୍ମଟ କହିଛନ୍ତି- କାବ୍ୟ ଫଳରେ ଯଶ ଲାଭ, ଧନ ଲାଭ, ବ୍ୟବହାର ଜ୍ଞାନ ଲାଭ ଓ ଅମଙ୍ଗଳ କ୍ଷୟ ହେବା ସଙ୍ଗେ ସଙ୍ଗେ ଏହାର ପାଠକ ପ୍ରବୃତ୍ତିର କୁଫଳ ଓ ନିବୃତ୍ତିର ସୁଫଳ ସମ୍ପର୍କରେ ଜାଣିପାରେ । ଏହା ମଧ୍ୟ କାନ୍ତା- ସମ୍ମିତ ମନୋହର ବାକ୍ୟ ଦ୍ୱାରା ଉପଦେଶ ପ୍ରଦାନ କରିଥାଏ ।

କବିତା ପାଠ ଦାନ ପୂର୍ବରୁ ଶିକ୍ଷକ ଶ୍ରେଣୀ ଗୃହରେ ଏକ କାବ୍ୟିକ ପରିବେଶ ସୃଷ୍ଟିକରି କବିତା ପାଠ ଦାନର ନିମ୍ନ ଉଦ୍ଦେଶ୍ୟଗୁଡ଼ିକ ପୂରଣ ନିମନ୍ତେ ଯତ୍ନବାନ ହେବା ଉଚିତ ।

କବିତା ପାଠ ଦାନର ଉଦ୍ଦେଶ୍ୟ :-

୧- ଛାତ୍ରଛାତ୍ରୀମାନେ କବିତାରେ ଭାବଗ୍ରହଣ ସହ ଆନନ୍ଦ ଉପଲବ୍ଧି କରିବେ ।

୨- କବିତାର ଆବେଗ, ଅନୁଭୂତିକୁ ହୃଦୟଙ୍ଗମ କରିବେ ।

୩ - କବିତାର ଶୈଳୀ ସହ ପରିଚିତ ହେବେ ।

୪- କବିଙ୍କର ବର୍ଣ୍ଣନା ଚାତୁରୀ ପାଣ୍ଡିତ୍ୟ ପ୍ରତି ଆକୃଷ୍ଟ ହେବେ ।

୫ - ରସ ଉପଲବ୍ଧି କରିପାରିବେ ।

୬ - ସୃଜନଶୀଳତାର ଅଭିବୃଦ୍ଧି ଘଟାଇବାରେ ସକ୍ଷମ ହେବେ ।

୭ - କବିତା ଅଧ୍ୟୟନ ନିମନ୍ତେ ଆଗ୍ରହ ଜନ୍ମାଇବେ ।

୮ - ଦେଶର ଐତିହ୍ୟ ଓ ସଂସ୍କୃତି ସହ ପରିଚିତ ହେବେ ।

୯ - ମାନବିକତା ଓ ନୈତିକତା ଅଭିବୃଦ୍ଧି ଘଟାଇବାରେ ସକ୍ଷମ ହେବେ ।

୧୦ - ଓଡ଼ିଆ ସାହିତ୍ୟ ଓ ଭାଷା ପ୍ରତି ଛାତ୍ରଛାତ୍ରୀମାନଙ୍କର ଅନୁରାଗ ବୃଦ୍ଧି ପାଇଁ ଚେଷ୍ଟିତ ରହିବେ ।

୧୧ - ସାହିତ୍ୟରେ ଉଚ୍ଚତର ଅଧ୍ୟୟନ ନିମନ୍ତେ ଆଗ୍ରହ ବଢ଼ାଇବେ ।

କବିତା ଶିକ୍ଷାଦାନ ପ୍ରଣାଳୀ

କବିତା ଶିକ୍ଷାଦାନ ନିମନ୍ତେ ଭିନ୍ନ ଭିନ୍ନ ପ୍ରଣାଳୀ ରହିଅଛି । ତନ୍ମଧ୍ୟରୁ ନିମ୍ନପ୍ରଣାଳୀମାନ ସାଧାରଣତଃ ଅନୁସୃତହୁଏ ।

୧ - ଆବୃତ୍ତି ପ୍ରଣାଳୀ : - ପ୍ରାଥମିକ ସ୍ତରରେ ଶିଶୁ ଯେତେବେଳେ କବିତାର ଅର୍ଥ ଓ ଭାବ ଗ୍ରହଣ ନିମନ୍ତେ ସମର୍ଥ ନୁହେଁ; କେବଳ ମାତ୍ର ଆବୃତ୍ତି ଦ୍ୱାରା କବିତା ଶିକ୍ଷା କରାଯାଏ । କବିତାର ଶବ୍ଦ ସଂଯୋଜନା ଓ ପଦ ଲାଳିତ୍ୟ ପ୍ରତି ଶିଶୁ ଆକୃଷ୍ଟ ହୋଇଥାଏ । ଅନେକ କବିତାର ଗାନ ଯୋଗ୍ୟତା ଥାଏ । ଏଭଳି କବିତା ଶିକ୍ଷାଦାନ ସମୟରେ ଶିକ୍ଷକ ଉପଯୁକ୍ତ ସ୍ୱର ଓ ତାଳରେ ଏହାକୁ ଗାନ କରି ପାରିବେ । ଶିଶୁମାନେ କବିତାକୁ ବାରମ୍ବାର ଆବୃତ୍ତି କରି କିମ୍ବା ଗାନ କରି ଶିକ୍ଷା କରନ୍ତି । ଏହା ନିମ୍ନ ଶ୍ରେଣୀ ନିମନ୍ତେ ଉପଯୋଗୀ ମାତ୍ର ଉଚ୍ଚଶ୍ରେଣୀ ନିମନ୍ତେ ଆଂଶିକ ଭାବରେ ବ୍ୟବହୃତ ହୁଏ ।

୨- ବକ୍ତୃତା ପ୍ରଣାଳୀ :- ଶିକ୍ଷକ ପ୍ରଥମେ କବିତାକୁ ଆବୃତ୍ତି କରନ୍ତି ଓ ତାପରେ କବିତା ସଂପର୍କରେ ବ୍ୟାଖ୍ୟା ସହ ଛାତ୍ରଛାତ୍ରୀମାନଙ୍କୁ ବୁଝାଇ ଥାଆନ୍ତି । ଶିକ୍ଷକ ଏହି ପ୍ରଣାଳୀରେ ଦକ୍ଷତାର ସହ ବକ୍ତୃତା ଦିଅନ୍ତି ଓ ଛାତ୍ରଛାତ୍ରୀମାନେ ନୀରବ ଶ୍ରୋତା ଭାବରେ ଶ୍ରେଣୀରେ ବସିଥାଆନ୍ତି । ଏହି ପ୍ରଣାଳୀ ସାଧାରଣତଃ ମହାବିଦ୍ୟାଳୟମାନଙ୍କରେ ଅନୁସୃତ ହୋଇଥାଏ । ମାଧ୍ୟମିକ ଓ ପ୍ରାଥମିକ ସ୍ତର ନିମନ୍ତେ ମନଃସ୍ତତ୍ତ୍ୱ ଦୃଷ୍ଟିରୁ ଏହା ଉପଯୁକ୍ତ ନୁହେଁ ।

୩- ଅନ୍ୱୟ ପ୍ରଣାଳୀ :- ଏହି ପ୍ରଣାଳୀରେ ଶିକ୍ଷକ କବିତାକୁ ଆବୃତ୍ତି କରି ପ୍ରତ୍ୟେକ ପଦକୁ ଅନ୍ୱୟ କରି ଅର୍ଥ ବୁଝାଇ ଥାଆନ୍ତି । ମୁଖ୍ୟତଃ ଏହି ପ୍ରଣାଳୀରେ ପଦ୍ୟକୁ ଗଦ୍ୟରୂପ ଦେଇ ଅର୍ଥ ନିର୍ଣ୍ଣୟ କରନ୍ତି । ଏହି ପ୍ରଣାଳୀରେ କବିତାର ଭାବ, ରସବୋଧ ଓ ସୌନ୍ଦର୍ଯ୍ୟ ଚେତନା ଗ୍ରହଣ କରିବାରେ ବାଧା ସୃଷ୍ଟି ହୁଏ । ଏହା ମଧ୍ୟ ଶ୍ରେଣୀର କାବ୍ୟିକ ପରିବେଶକୁ ନଷ୍ଟ କରିଥାଏ ।

୪-ସମୀକ୍ଷା ପ୍ରଣାଳୀ ବା ରସବୋଧ ଓ ଆଲୋଚନା ମୂଳକ ପ୍ରଣାଳୀ : କବିତାର ରସବୋଧ କରିବା କବିତା ପାଠଦାନର ମୁଖ୍ୟ ଉଦ୍ଦେଶ୍ୟ । ତେଣୁ ଏହି ପ୍ରଣାଳୀ ବିଶେଷ ଭାବରେ ଅନୁସୃତ ହୋଇଥାଏ । ଏହା ହର୍ବର୍ଟଙ୍କର ପଞ୍ଚସୋପାନର ପରିବର୍ତ୍ତିତ ପ୍ରଣାଳୀ ଅଟେ । ଏହି ପ୍ରଣୀଳୀର ଗଦ୍ୟ ଶିକ୍ଷାଦାନ ଭଳି ତିନିଗୋଟି ସୋପାନ ରହିଅଛି ।

ଉପକ୍ରମ : କବିତା ପାଠଦାନର ଏହା ପ୍ରଥମ ସୋପାନ । ଶିକ୍ଷକ ଶ୍ରେଣୀ ଗୃହକୁ ଆସି ପ୍ରଥମେ ଶ୍ରେଣୀର ସାଜସଜ୍ଜା ଓ ଶୃଙ୍ଖଳା ପ୍ରତି ଦୃଷ୍ଟି ଦେବେ । ତାପରେ ପାଠଦାନ ପ୍ରତି ଆକୃଷ୍ଟ କରିବା ନିମନ୍ତେ ବିଷୟବସ୍ତୁ ଅନୁସାରେ ଚିତ୍ର ମଡ଼େଲ, ଫିଲ୍ମ ଷ୍ଟ୍ରିପ୍ ପ୍ରଭୃତି ବ୍ୟବହାର କରି ପାରିବେ । ଏଗିଡ଼ିକ ଦେଖି ପିଲାମାନେ ଶ୍ରେଣୀର କାର୍ଯ୍ୟକ୍ରମ ପ୍ରତି ଧ୍ୟାନ ଦେବେ କିମ୍ବା ଏହି ସୋପାନରେ ସମଭାବାପନ୍ନ କବିତାର ଆବୃତ୍ତି କରି ଶ୍ରେଣୀ ଗୃହରେ ଏକ କାବ୍ୟିକ ପରିବେଶ ସୃଷ୍ଟି କରାଯାଇ ପାରିବ । ଯାହା ଫଳରେ ପିଲାମାନେ ପଠିତ କବିତାର ରସ ଗ୍ରହଣରେ ସମର୍ଥ ହୋଇ ପାରିବେ । କେତେକ କବିତା ସଂପୂର୍ଣ୍ଣ ଭାବରେ ଗୋଟିଏ ପିରିଅଡ୍‌ରେ ପାଠଦାନ କରି ସାରିବା ଅସମ୍ଭବ ଅଟେ । ତେଣୁ ପୂର୍ବ ପଠିତାଂଶ ସଂପର୍କୀୟ ପ୍ରଶ୍ନ ପଚାରି କବିତା ପାଠଦାନ ଆରମ୍ଭ କରାଯିବା

ଉଚିତ । କେତେକ କ୍ଷେତ୍ରରେ ଉପକ୍ରମ ସୋପାନରେ କବିତାର ବିଷୟ ବସ୍ତୁ ସଂପର୍କରେ ସୂଚନା ପ୍ରଦାନ କରାଯାଇଥାଏ କିମ୍ବା କବିଙ୍କ ଜୀବନର ଏକ ବିଶିଷ୍ଟ ଘଟଣା ଆଲୋଚନା କରାଯାଇଥାଏ । କବିଙ୍କ ଜୀବନର ଘଟଣାରେ ବିଷୟବସ୍ତୁ ସହ କବିତାର ସାମଞ୍ଜସ୍ୟ ଥିବା ଆବଶ୍ୟକ ।

ମୁଖ୍ୟତଃ ପରିସ୍ଥିତି ଓ କବିତାର ବିଷୟବସ୍ତୁକୁ ଲକ୍ଷ୍ୟ କରି ଉପକ୍ରମର ପ୍ରଣାଳୀ ସ୍ଥିର କରାଯାଇଥାଏ । ଶିକ୍ଷକ ନିଜର କଳ୍ପନା ଶକ୍ତି ଓ ସୃଜନୀଶକ୍ତି ସାହାଯ୍ୟରେ ଉପକ୍ରମକୁ ସରସ ସୁନ୍ଦର ଓ ଭାବ ବ୍ୟଞ୍ଜକ କରିବା ଉଚିତ । ଯେପରି ଛାତ୍ରଛାତ୍ରୀମାନେ ଏହାପରେ ନିର୍ଦ୍ଦିଷ୍ଟ ପ୍ରସଙ୍ଗରେ ଉପନୀତ ହୋଇ ପାରିବେ ।

ଉଦ୍ଦେଶ୍ୟ ଜ୍ଞାପନ :

ଉପକ୍ରମ ସୋପାନରେ ଆବଶ୍ୟକୀୟ ପ୍ରଣାଳୀ ଅନୁସରଣ କରି ବିଦ୍ୟାର୍ଥୀମାନଙ୍କୁ ଅଭିପ୍ରେରିତ କରି ସାରିବା ପରେ ଶିକ୍ଷକ କବିତାର ନାମ ଘୋଷଣା ପୂର୍ବକ କଳାପଟାସ୍ଥିତ ପ୍ରସଙ୍ଗ ସ୍ଥାନରେ ଲେଖିବେ ।

ଉପସ୍ଥାପନା :

ନୂତନ କବିତାର ପାଠଦାନ ଆରମ୍ଭରେ କବିଙ୍କ ପରିଚୟ ଓ କୃତି ସଂପର୍କରେ ସୂଚନା ଦେବା ଉଚିତ । ଏହାଦ୍ୱାରା କବି ମାନସ ସହ ଛାତ୍ରଛାତ୍ରୀଗଣ ପରିଚିତ ହୁଅନ୍ତି । ଅନେକ କବିତା ମଧ୍ୟ ବଡ଼ ବଡ଼ କାବ୍ୟରୁ ଆସିଥାଏ । କେତେକ ମଧ୍ୟ ପୌରାଣିକ କିମ୍ବା ଐତିହାସିକ ବିଷୟବସ୍ତୁକୁ ନେଇ ରଚିତ । ଏଭଳି କବିତାର ପୃଷ୍ଠଭୂମି ପ୍ରଦାନ କରିବା ଏକାନ୍ତ ଆବଶ୍ୟକ । ପାଠଦାନ ଆରମ୍ଭରେ ଏହା ଆଲୋଚନା କରାଯିବ ମାତ୍ର କବିତାର ଅବଶିଷ୍ଟାଂଶ ପାଠଦାନ ସମୟରେ କବି ପରିଚୟ ଦେବା କିମ୍ବା ପୃଷ୍ଠଭୂମି ସଂପର୍କରେ ଅବଗତ କରାଇବା ଅନାବଶ୍ୟକ ।

ଶିକ୍ଷକ ମଧ୍ୟ ସତର୍କତା ଅବଲମ୍ବନ କରି ଯେଉଁ କବିତାର ବିଷୟବସ୍ତୁ ସହ ଛାତ୍ରଛାତ୍ରୀମାନେ ପୂର୍ବରୁ ପରିଚିତ ଥିବେ କିମ୍ବା କବିଙ୍କର ଅନ୍ୟଲେଖା ସେ ସମସ୍ତ ଅନୁଧ୍ୟାନ କରି ଏହାକୁ ସଂପୂର୍ଣ୍ଣ ପରିହାର କରିବେ ।

ଏହାପରେ ନିମ୍ନ ଉପସୋପାନମାନ ଅବଲମ୍ବନ କରି ଉପସ୍ଥାପନ କରାଯିବ ।

ଶିକ୍ଷକଙ୍କର ଆଦର୍ଶ ଉଚ୍ଚ ପଠନ :

ଶିକ୍ଷକ କବିତାକୁ ଭାବବ୍ୟଞ୍ଜକ ଭାବରେ ଉଚ୍ଚସ୍ୱରରେ ଆବୃତ୍ତି କରିବେ । ଏହି ପଠନ କବିତାର ରସ ଗ୍ରହଣରେ ସହାୟକ ହୋଇଥାଏ । କବି ଯେଉଁ ଭାବେ ଓ ଆବେଗର ସନ୍ତୁଳନରେ କବିତାଟିକୁ ସୃଷ୍ଟି କରିଥାଆନ୍ତି, ଶିକ୍ଷକ ତାହାକୁ ପରିସ୍ଫୁଟ କରିବା ଉଚିତ । ତେଣୁ ଶିକ୍ଷକଙ୍କର ଉଚ୍ଚ ପଠନ ଆଦର୍ଶ ସ୍ଥାନୀୟ ହେବା ଆବଶ୍ୟକ । ଫଳରେ ଅନେକ ସମୟରେ କବିତାର ଅର୍ଥ ଅବବୋଧରେ ଏହା ସହାୟକ ହୁଏ ।

ଶିକ୍ଷକ ପ୍ରଥମେ ସମଗ୍ର କବିତାକୁ ପଢ଼ି ପରେ ସେ ଦିନର ପାଠ୍ୟାଂଶକୁ ପଢ଼ିବା ଉଚିତ । କାରଣ କବିତାର ଭାବ ସାମଗ୍ରିକ ଭାବରେ ସମଗ୍ର କବିତାରେ ରହିଥାଏ । କବିତାଟିର କିଛି ଅଂଶ ପଢ଼ିଲେ ରସ ଗ୍ରହଣରେ ବାଧା ସୃଷ୍ଟି ହୋଇଥାଏ । ମାତ୍ର କବିତାଟି ଯଦି ଅତ୍ୟନ୍ତ ଦୀର୍ଘ ହୋଇଥାଏ, ଶିକ୍ଷକ ପ୍ରଥମରେ କବିତାର ଅର୍ଥ ଓ ଭାବ ଅନୁସାରେ ଏହାକୁ କିଛି ଅଂଶରେ ବିଭକ୍ତ କରି ସେଦିନର ପାଠ୍ୟାଂଶ ସମ୍ବଳିତ ଅଂଶକୁ ପାଠ କରି ପାରନ୍ତି ।

କଠିନ, ପୁରାତନ ଓ ଅପ୍ରଚଳିତ ଶବ୍ଦର ସ୍ପଷ୍ଟୀକରଣ :

ଅନେକ କବିତାରେ କଠିନ ଅପ୍ରଚଳିତ ଓ ପୁରାତନ ଶବ୍ଦମାନ ରହିଥାଏ । କବିତାର ଶବ୍ଦଗୁଡ଼ିକର ଅନୁଶୀଳନ କରିବା ଦ୍ୱାରା ରସ ଗ୍ରହଣରେ ଅସୁବିଧା ସୃଷ୍ଟ ହେବ । ତେଣୁ ଶବ୍ଦାନୁଶୀଳନ ନ କରି କେବଳ ଶବ୍ଦର ଅର୍ଥ ଶିକ୍ଷକ କଳାପଟାରେ ଲେଖିଦେବା

ଉଚିତ । ଭାଷାଜ୍ଞାନ ବୃଦ୍ଧିକରିବା ଏହାର ଉଦ୍ଦେଶ୍ୟ ନୁହେଁ । କେବଳ କବିତା ଅବବୋଧ ନିମନ୍ତେ ଏହାର ଆବଶ୍ୟକତା ଅନୁଭୂତ ହୁଏ । ଯଦି ଶବ୍ଦକାଠିନ୍ୟ ହେତୁ କବିତାର ଭାବ ଗ୍ରହଣ କରିବାରେ ଅସୁବିଧା ହୁଏ, ତେବେ ଶିକ୍ଷକ ନିଜେ ସେହି କଠିନ ଶବ୍ଦର ଅର୍ଥ ହିଁ ପ୍ରକାଶ କରିବେ, କିନ୍ତୁ ସେହି ଶବ୍ଦକୁ ପ୍ରୟୋଗ କରି ଗଦ୍ୟ ଶିକ୍ଷାଭଳି ବାକ୍ୟଗଠନ କିମ୍ବା ଶବ୍ଦର ଅନୁଶୀଳନ କରିବେ ନାହିଁ । କାରଣ ଏହା ଶିକ୍ଷାଦାନର ପରିବେଶକୁ ନଷ୍ଟ କରିଦିଏ । ଏହା ହେଉଛି ଗଦ୍ୟ ଶିକ୍ଷାଦାନ ଓ ପଦ୍ୟ ଶିକ୍ଷାଦାନ ମଧ୍ୟରେ ପ୍ରଭେଦ ।

ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ନୀରବ ପଠନ

କବିତାକୁ ନୀରବରେ ପାଠକରି ଏହାର ଭାବ ଓ ଅର୍ଥ ଗ୍ରହଣ ନିମନ୍ତେ ଶିକ୍ଷକ ଛାତ୍ରଛାତ୍ରୀମାନଙ୍କୁ ନିର୍ଦ୍ଦେଶ ଦେଇ ଏହି ସମୟରେ କେହି ଯେପରି ମୃଦୁ ଗୁଞ୍ଜନ ନ କରନ୍ତି, ସେଥିପ୍ରତି ସାବଧାନ କରାଇ ଦେବେ । ପ୍ରାଥମିକ ସ୍ତରର ଛାତ୍ରମାନେ କବିତାର ଅର୍ଥ ବୁଝି ପାରିବେ ନାହିଁ । ତେଣୁ ସେମାନଙ୍କୁ ଉଚ୍ଚ ସ୍ୱରରେ ଆବୃତ୍ତି କରିବା ନିମନ୍ତେ ଶିକ୍ଷକ ନିର୍ଦ୍ଦେଶ ଦେବେ । ମାତ୍ର ଉଚ୍ଚ ପ୍ରାଥମିକ ସ୍ତର ଓ ମାଧ୍ୟମିକ ସ୍ତରରେ ନୀରବ ପଠନ କରାଇବା ଉଚିତ । ଗଦ୍ୟ ଭଳି ନୀରବ ପଠନ ପୂର୍ବରୁ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା କବିତାର ଉଚ୍ଚ ପଠନ କରାଇବା ଉଚିତ ନୁହେଁ । ଏହାଦ୍ୱାରା କବିତାର ରସ ଆସ୍ୱାଦନରେ ବାଧା ସୃଷ୍ଟି ହୁଏ । ତେଣୁ ନୀରବ ପଠନ ଓ କବିତାର ଅନୁଶୀଳନପରେ ଉଚ୍ଚ ପଠନ କରିବା ବିହିତ ।

ଭାବ ଓ ରସବୋଧ–ମୂଳକ ପ୍ରଶ୍ନାବଳୀ

ଶିକ୍ଷକ ଏହି ସୋପାନରେ କେତେକ ପ୍ରଶ୍ନଦ୍ୱାରା ଛାତ୍ରଛାତ୍ରୀମାନେ କବିତାଂଶକୁ କେତେଦୂର ହୃଦୟଙ୍ଗମ କରିଛନ୍ତି ଜାଣି ପାରିବେ ଓ କୌଣସି ଅଂଶ ବୁଝି ପାରି ନଥିଲେ କେତେକ ଆଲୋଚନାମୂଳକ ପ୍ରଶ୍ନ ମାଧ୍ୟମରେ ସେଗୁଡ଼ିକୁ ବୁଝାଇଦେବେ । କବିତାର ରସ, ଭାବ, ଶୈଳୀ, କଳ୍ପନା, ଚିନ୍ତାଧାରା, ଶବ୍ଦ ସଂଯୋଜନା ପ୍ରଭୃତି ସହ ଏହି ସୋପାନରେ ପିଲାମାନଙ୍କୁ ପରିଚିତ କରାଇବା ଆବଶ୍ୟକ । ଏହି ସୋପାନରେ ଛବି ମଡ଼େଲ ବା ଅନ୍ୟାନ୍ୟ ଦୃଶ୍ୟ ଶ୍ରାବ୍ୟ ଉପକରଣର ସାହାଯ୍ୟ ନିଆଯିବ । କବିତାର ତୁଳନାତ୍ମକ ଆଲୋଚନା କରିବା ନିମନ୍ତେ ଶିକ୍ଷକ ଅନ୍ୟାନ୍ୟ କବିତାର ସଦୃଶ ପଂକ୍ତିମାନ ଉଦ୍ଧାର କରି ପାରିବେ । ଏହି ସୋପାନରେ ଶିକ୍ଷକ ଯେଉଁ ପ୍ରଶ୍ନଗୁଡ଼ିକ ପଚାରିବେ ସେଗୁଡ଼ିକ ସରଳ ସଂକ୍ଷିପ୍ତ ଓ କବିତାର କ୍ରମ ଅନୁସାରେ ପ୍ରସ୍ତୁତ ହୋଇଥିବା ଦରକାର ।

ଶିକ୍ଷକଙ୍କ ଦ୍ୱାରା ରସାନୁସାରୀ ଆବୃତ୍ତି :

ଅନେକ କବିତାର ସ୍ୱର ଓ ଛନ୍ଦ ଥାଏ । ଶିକ୍ଷକ କବିତାକୁ ଉପଯୁକ୍ତ ସ୍ୱରରେ ଗାନ କରି ପାରିଲେ ରସ ଉପଲବ୍ଧି କରିବା ସହ ଛାତ୍ରଛାତ୍ରୀମାନେ ଏହାର ଭାବବୋଧରେ ଆତ୍ମବିଭୋର ହୋଇ ପଡ଼ିବେ । କାରଣ ପୂର୍ବ ସୋପାନ ଗୁଡ଼ିକରେ ସେମାନେ ଏହାର ଅର୍ଥ, ଭାବ ଓ ରସ ସହ ପରିଚିତ ହୋଇଥିବେ । ଶିକ୍ଷକ ଗାନ କରିବା ଫଳରେ ଏହା ଅଧିକ ଘନୀଭୂତ ହେବ । ଶିକ୍ଷକ ନିଜେ ଗାନ କରି ନ ପାରିଲେ ଅନ୍ୟ ଗାୟକଙ୍କ ସାହାଯ୍ୟରେ ଟେପ୍‌ରେକର୍ଡ଼ ନେଇ ଶ୍ରେଣୀରେ ତାହା ବଜାଇ ପାରିବେ । ଏଥିପାଇଁ ମଧ୍ୟ ବାଦ୍ୟ ଯନ୍ତ୍ରର ସାହାଯ୍ୟ ନିଆଯାଇ ପାରିବ । ଯେଉଁ କବିତାର ଗାନ ଯୋଗ୍ୟତା ନ ଥିବ, ତାହାକୁ ରସାନୁସାରୀ ଆବୃତ୍ତି କରି ଶିକ୍ଷକ ଏହାର ମାଧୁରୀ ଛାତ୍ରଛାତ୍ରୀମାନଙ୍କୁ ଉପଲବ୍ଧ କରାଇବେ ।

ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଉଚ୍ଚପଠନ :

ଶିକ୍ଷକଙ୍କର ଆବୃତ୍ତିକୁ ଅନୁସରଣ କରି ଉପଯୁକ୍ତ ଭାବରେ ଗାନ କରିବାପାଇଁ କିମ୍ବା ଆବୃତ୍ତି କରିବା ପାଇଁ ଛାତ୍ରଛାତ୍ରୀଙ୍କୁ ଶିକ୍ଷକ ନିର୍ଦ୍ଦେଶ ଦେବେ । ଯେଉଁ ପିଲା ଏହାକୁ ଠିକ୍ ଆବୃତ୍ତି କରି ପାରିବ ଶିକ୍ଷକ ତାହାକୁ ନିର୍ଦ୍ଦେଶ ଦେବା ଉଚିତ । ଅନ୍ୟମାନେ ତାହାର ପଠନ ଶୈଳୀକୁ ଅନୁସରଣ କରିବେ ।

ପ୍ରୟୋଗ

କବିତା ପାଠଦାନ ପରେ ଉଦ୍ଦେଶ୍ୟଗୁଡ଼ିକ କେତେଦୂର ସଫଳ ହୋଇଛି ତାହା ଜାଣିବା ପାଇଁ ଶିକ୍ଷକ କେତେକ ପ୍ରଶ୍ନ ପଚାରିବେ । ମୁଖ୍ୟତଃ କବିତାର ଭାବ ଓ ରସ ଗ୍ରହଣରେ ଛାତ୍ରଛାତ୍ରୀମାନେ କେତେଦୂର ସମର୍ଥ ହୋଇଛନ୍ତି ତାହା ଏଠାରେ ପରୀକ୍ଷା କରାଯାଏ । ଶିକ୍ଷକ ପାଠଦାନରେ କେତେଦୂର ସଫଳ ହୋଇଛନ୍ତି ଲବ୍ଧଜ୍ଞାନ ପରୀକ୍ଷା ତାହା ସୂଚାଇ ଦିଏ । ଏଥିରେ ଯେଉଁ ପ୍ରଶ୍ନ ପଚରାଯାଇପାରିବ, ସେଗୁଡ଼ିକ ମୁଖ୍ୟତଃ ଭାବଧାରା, କବିଙ୍କ ବର୍ଣ୍ଣନା ଚାତୁରୀ, ତାତ୍ପର୍ଯ୍ୟପୂର୍ଣ୍ଣ ଶବ୍ଦର ପ୍ରୟୋଗ ଓ କବିତାର ସୌନ୍ଦର୍ଯ୍ୟ ଉପଲବ୍ଧିସୂଚକ ସମ୍ବନ୍ଧୀୟ ହେବା ଆବଶ୍ୟକ ।

ବ୍ୟାକରଣ ଶିକ୍ଷାଦାନ ପଦ୍ଧତି

ମନୁଷ୍ୟର ଭାବ ପ୍ରକାଶ ନିମନ୍ତେ ଭାଷା ହେଉଛି ମାଧ୍ୟମ । ସମୟକ୍ରମେ ଭାଷାର ସୃଷ୍ଟି ଓ ବିନାଶ ହୋଇଛି । ଭାଷା ପରିବର୍ତ୍ତନଶୀଳ । ଭାଷାର ଚଳନ୍ତି ରୂପ ଅନୁଧ୍ୟାନ କରି ବିଦ୍ୱାନଗଣ ବ୍ୟାକରଣ ରଚନା କରିଛନ୍ତି । ଛାତ୍ରଛାତ୍ରୀଗଣ ଏହାକୁ ଅଧ୍ୟୟନ କରି ଭାଷାର ସ୍ୱରୂପ ସଂପର୍କରେ ଜାଣି ପାରିବେ । ତେଣୁ ଉଚ୍ଚ ପ୍ରାଥମିକ ସ୍ତରରୁ ଓଡ଼ିଆ ବ୍ୟାକରଣ ଶିକ୍ଷା ଦେବା ନିମନ୍ତେ ଓଡ଼ିଶାରେ ବ୍ୟବସ୍ଥା ରହିଛି ।

ଓଡ଼ିଆ ବ୍ୟାକରଣ ଶିକ୍ଷାଦାନର ଉଦ୍ଦେଶ୍ୟ (ଉଚ୍ଚପ୍ରାଥମିକ)

ଶିକ୍ଷାର୍ଥୀମାନେ ;

୧ – ବ୍ୟାକରଣର ବିଭିନ୍ନ ସୂତ୍ର ସଂପର୍କରେ ଶିକ୍ଷାଲାଭ ଓ ଏହି ସୂତ୍ର ପ୍ରୟୋଗର କୌଶଳ ଶିକ୍ଷା କରିବେ ।

୨ – ଓଡ଼ିଆ ଭାଷାରେ ଜ୍ଞାନ ବୃଦ୍ଧି ଓ ବ୍ୟାକରଣ ଅଧ୍ୟୟନ ନିମନ୍ତେ ଆଗ୍ରହ ବୃଦ୍ଧି କରିବେ ।

୩ – ନୂତନ ଶବ୍ଦ ଗଠନ ତଥା କୃଦନ୍ତ, ତଦ୍ଧିତ, ସନ୍ଧି, ଯୁଗ୍ମ ଶବ୍ଦ ସମୋଚ୍ଚାରିତ ଶବ୍ଦ ସମ୍ପର୍କରେ ଜ୍ଞାନ ଲାଭ ଓ ଶବ୍ଦର ପ୍ରୟୋଗ କୌଶଳ ଶିକ୍ଷାରେ ପାରଙ୍ଗମ ହେବେ ।

୪ – ବାକ୍ୟର ପ୍ରକାର ଭେଦ ସମ୍ପର୍କରେ ଜାଣିବେ ।

୫ – କ୍ରିୟା, ସମାସ ସମ୍ପର୍କରେ ଜାଣିବେ ।

୬ – ବାକ୍ୟର ରୂପାନ୍ତର କରିବା କୌଶଳ ଶିକ୍ଷା କରିବେ ।

୭ – ଉକ୍ତି ପରିବର୍ତ୍ତନ ସମ୍ପର୍କରେ ଶିକ୍ଷାଲାଭ କରିବେ ।

୮ – ପ୍ରବଚନର ବ୍ୟବହାର କରି ବାକ୍ୟ ଗଠନ କୌଶଳ ଶିକ୍ଷା କରିବାରେ କ୍ଷମତା ହାସଲ କରିବେ ।

୯ – ବାକ୍ୟର ବିଶ୍ଳେଷଣ ପୂର୍ବକ ପ୍ରତ୍ୟେକ ପଦର ଚିହ୍ନଟ କରିବାରେ ସମର୍ଥ ହେବେ ।

୧୦ – ଓଡ଼ିଆ ଧ୍ୱନି, ବର୍ଣ୍ଣ, ଫଳା ଓ ଯୁକ୍ତ ବ୍ୟଞ୍ଜନ ସଂପର୍କରେ ଜ୍ଞାନ ପାଇବେ ।

ବ୍ୟାକରଣ ଶିକ୍ଷାଦାନ ପ୍ରଣାଳୀ :

ଶିକ୍ଷକ ସାଧାରଣତଃ ବ୍ୟାକରଣ ପଢ଼ାଇବା ସମୟରେ ଆରୋହ ଓ ଅବରୋହ ପ୍ରଣାଳୀ ଅନୁସରଣ କରିବା ଉଚିତ ।

ଆରୋହ ପ୍ରଣାଳୀ :

ବିଭିନ୍ନ ଉଦାହରଣକୁ ପ୍ରୟୋଗ କରି ଏକ ସିଦ୍ଧାନ୍ତରେ ଉପନୀତ ହେବା ପ୍ରଣାଳୀକୁ ଆରୋହ ପ୍ରଣାଳୀ କୁହାଯାଏ । ଭାଷାର ବିଭିନ୍ନ ପ୍ରକାରର ପ୍ରୟୋଗ ରହିଛି । ଏହି ପ୍ରୟୋଗଗୁଡ଼ିକୁ ପରୀକ୍ଷା କରି କେତେକ ନିର୍ଦ୍ଦିଷ୍ଟ ସତ୍ୟ ନିର୍ଣ୍ଣୟ କରାଯାଇପାରିବ । ଏହି ସତ୍ୟଗୁଡ଼ିକ ବ୍ୟାକରଣର ସୂତ୍ରନାମରେ ପିଲାମାନେ ମନେ ରଖନ୍ତି ।

ଉଦାହରଣ –

ମନେକର ଶିକ୍ଷକ ସନ୍ଧି ପଢ଼ାଇବେ । ସେଥିପାଇଁ କେତେକ ଉଦାହରଣ ପ୍ରଥମେ କଳାପଟାରେ ନିମ୍ନ ପ୍ରକାରର ଲେଖି ସନ୍ଧିରେ ଏହାର ରୂପ କେଉଁ ପ୍ରକାରର ପରିବର୍ତ୍ତିତ ହେଉଛି ତାହା ପଚାରିବେ ।

ବିଦ୍ୟା + ଆଳୟ = ବିଦ୍ୟାଳୟ

ନର + ଅସୁର = ନରାସୁର

ଦେବ + ଆନନ୍ଦ = ଦେବାନନ୍ଦ

ଚିତ୍ର + ଆଳୟ = ଚିତ୍ରାଳୟ

ପ୍ରତ୍ୟେକ ଉଦାହରଣରେ ଯେଉଁ ପରିବର୍ତ୍ତନ ମାନ ହେଉଛି ସେଗୁଡ଼ିକ ଶିକ୍ଷକ ବିଶ୍ଳେଷଣ କରି ପିଲାମାନଙ୍କ ସାହାଯ୍ୟରେ ନିର୍ଦ୍ଦିଷ୍ଟ ସିଦ୍ଧାନ୍ତ ବା ସୂତ୍ର ନିର୍ଣ୍ଣୟ କରିବେ ।

ଏହି ଉଦାହରଣର ସୂତ୍ର ନିମ୍ନ ପ୍ରକାରର ହେବ ।

ସୂତ୍ର :– 'ଅ' ବା 'ଆ' ପରେ 'ଅ' ବା 'ଆ' ଥିଲେ ଦୁହେଁ ମିଶି 'ଆ' ହୋଇ ପୂର୍ବ ବର୍ଣ୍ଣରେ ଯୁକ୍ତ ହୁଅନ୍ତି ।

ଏହି ସୂତ୍ରର ପ୍ରୟୋଗ କରିବା ନିମନ୍ତେ ଶିକ୍ଷକ ଆଉ କେତେକ ଶବ୍ଦ ପଚାରି ପିଲାମାନଙ୍କୁ ସନ୍ଧି ବିଚ୍ଛେଦ କରିବା ପାଇଁ ନିର୍ଦ୍ଦେଶ ଦେବେ । ଏହା ଫଳରେ ପିଲାମାନେ ସୂତ୍ରର ପ୍ରୟୋଗ କରି ଶିଖିବେ ଓ ସୂତ୍ରକୁ ମନେ ରଖିବା ସହଜ ହେବ ।

ଉପାଦେୟତା ଓ ଦୋଷ ଦୁର୍ବଳତା

ଆରୋହ ପ୍ରଣାଳୀ ଅବଲମ୍ବନ କରି ବ୍ୟାକରଣ ପଢ଼ାଇଲେ ଛାତ୍ରଛାତ୍ରୀମାନେ ବିଶେଷ ଉପକୃତ ହୁଅନ୍ତି । କାରଣ ଏହି ପ୍ରଣାଳୀରେ ଛାତ୍ରଛାତ୍ରୀମାନେ ନିଜ ଚେଷ୍ଟା ବଳରେ ଶବ୍ଦର ପରିବର୍ତ୍ତନ ଲକ୍ଷ୍ୟ କରି ସୂତ୍ର ନିର୍ଣ୍ଣୟ କରନ୍ତି । ଏହା ମନୋବିଜ୍ଞାନ ସମ୍ମତ ଓ ପିଲାମାନଙ୍କର ଆଗ୍ରହ ବୃଦ୍ଧି କରିବାରେ ସାହାଯ୍ୟ କରେ । କୌଣସି ସୂତ୍ରକୁ ମୁଖସ୍ଥ କରିବାର ଆବଶ୍ୟକତା ପଡ଼େ ନାହିଁ । ପ୍ରତ୍ୟେକ ସୂତ୍ରକୁ ସେମାନେ ବୁଝି ପାରନ୍ତି । ତେଣୁ ବ୍ୟାକରଣର ନିରସତା ଜଣାପଡ଼େ ନାହିଁ ବରଂ ବ୍ୟାକରଣ ପ୍ରତି ପିଲାମାନଙ୍କର ଆଗ୍ରହ ବୃଦ୍ଧି ହୋଇଥାଏ । ଫଳରେ ଓଡ଼ିଆ ଭାଷାରେ ସେମାନଙ୍କର ଜ୍ଞାନ ବୃଦ୍ଧି ହୁଏ । ଅନ୍ୟପକ୍ଷରେ ଏହା ସମୟ ସାପେକ୍ଷ ଓ ଶିକ୍ଷକ ଏହି ପ୍ରଣାଳୀରେ ପଢ଼ାଇବା ନିମନ୍ତେ ବିଶେଷ ପରିଶ୍ରମ କରି ପୂର୍ବରୁ ପ୍ରସ୍ତୁତ ହୁଅନ୍ତି । ମାତ୍ର ଏହି ପ୍ରଣାଳୀର ଉପାଦେୟତାର ଆଧିକ୍ୟ ଯୋଗୁ ସାଧାରଣତଃ ବ୍ୟାକରଣ ଶିକ୍ଷାଦାନର ଆଧୁନିକ ପ୍ରଣାଳୀ ରୂପେ ଏହା ସ୍ୱୀକୃତ ।

ଅବରୋହ ପ୍ରଣାଳୀ

କୌଣସି ଏକ ସତ୍ୟ ବା ସିଦ୍ଧାନ୍ତକୁ ବିଭିନ୍ନ କ୍ଷେତ୍ରରେ ପ୍ରୟୋଗ କରାଯାଇ ଏହାର ସତ୍ୟତା ଜାଣିହୁଏ । ସେଥିପାଇଁ ଶିକ୍ଷକ ପ୍ରଥମେ ସୂତ୍ରଟିକୁ କଳାପଟାରେ ଲେଖିଦେବେ । ତାପରେ ବିଭିନ୍ନ ଉଦାହରଣ ମାଧ୍ୟମରେ ଏହି ସୂତ୍ରକୁ ବୁଝାଇଦେବେ । ଏହାର ନାମ ଅବରୋହ ପ୍ରଣାଳୀ ଅଟେ ।

ଉଦାହରଣ :–

ପ୍ରଥମେ ଶିକ୍ଷକ କଳାପଟାରେ ବ୍ୟାକରଣର ଯେଉଁ ବିଷୟ ପଢ଼ାଇବେ ତାହାର ସୂତ୍ରକୁ ଲେଖିଦେବେ ।

ଦ୍ୱିଗୁ ସମାସ

ସୂତ୍ର :– ଯେଉଁ ସମାସରେ ସଂଖ୍ୟା ବାଚକ ଶବ୍ଦ ପ୍ରଥମେ ଥାଏ ଏବଂ ସମାସ ନିଷ୍ପନ୍ନ ପଦ ସମଷ୍ଟିକୁ ବୁଝାଏ ତାକୁ ଦ୍ୱିଗୁ ସମାସ କୁହାଯାଏ ।

ଯଥା :–

ତ୍ରିନାଥର ସମାହାର = ତ୍ରିନାଥ

ତ୍ରି ଫଳର ସମାହାର = ତ୍ରିଫଳା

ପଞ୍ଚ ଅମୃତର ସମାହାର = ପଞ୍ଚାମୃତ

ଶତ ଅବ୍ଦର ସମାହାର = ଶତାବ୍ଦୀ

ଶିକ୍ଷକ ଏହି ଉଦାହରଣ ଗୁଡ଼ିକୁ ବୁଝାଇ ଏଗୁଡ଼ିକର ଆରମ୍ଭରେ ତ୍ରି, ପଞ୍ଚ, ଶତ ରହିଛି ଓ ଏଗୁଡ଼ିକ ସଂଖ୍ୟା ବାଚକ ଶବ୍ଦ ଅଟନ୍ତି ବୋଲି କହିବେ ।

ଏହାପରେ ଶିକ୍ଷକ ଏହି ସୂତ୍ରର ଅଭ୍ୟାସ କରାଇବା ନିମନ୍ତେ ପିଲାଙ୍କୁ ଆଉ କେତେକ ଦ୍ୱିଗୁ ସମାସର ଉଦାହରଣ ଦେବା ନିମନ୍ତେ ପଚାରିବେ ।

ଉପାଦେୟତା

ଏହାର ବ୍ୟବହାର ସହଜ ଓ କମ୍ ସମୟରେ ବ୍ୟାକରଣର ସମସ୍ତ ବିଷୟ ଶିକ୍ଷାଦେଇ ହେବ । ସାଧାରଣତଃ ଶିକ୍ଷକମାନେ ପୂର୍ବରୁ ପ୍ରସ୍ତୁତ ହୋଇ ନଥାନ୍ତି । ଏହି ପ୍ରଣାଳୀରେ ସୂତ୍ରକୁ ବୁଝି ମନେ ରଖିବା ପାଇଁ ପିଲାମାନେ ମୁଖସ୍ଥ କରନ୍ତି । ସାଧାରଣତଃ ଆରୋହ ପ୍ରଣାଳୀରେ ସୂତ୍ରକୁ ନିର୍ଣ୍ଣୟ କରି ଅବରୋହ ପ୍ରଣାଳୀରେ ଉଦାହରଣ ଗୁଡ଼ିଏ ଆଲୋଚନା କରିବା ଉଚିତ । ଏହି ପ୍ରଣାଳୀ ଆରୋହ ପ୍ରଣାଳୀର ବିପରୀତ ଅଟେ । ବ୍ୟାକରଣର ସୂତ୍ରକୁ ଭଲଭାବରେଏହି ପ୍ରଣାଳୀରେ ବିଶ୍ଳେଷଣ କରି ପିଲାମାନେ ଅଭ୍ୟାସ କରି ଥାଆନ୍ତି ।

ଦୋଷ ଦୁର୍ବଳତା :-

ଅବରୋହ ପ୍ରଣାଳୀ ପିଲାମାନଙ୍କର ଆଗ୍ରହ ବୃଦ୍ଧି କରିପାରେ ନାହିଁ । ଏହା ଶିକ୍ଷକ କୈନ୍ଦ୍ରିକ ଓ ନିରସ ଅଟେ । ସୂତ୍ରଗୁଡ଼ିକ ମୁଖସ୍ଥ କରିବାକୁ ପଡୁଥିବାରୁ ମସ୍ତିଷ୍କ ଅଯଥା ଭାରାକ୍ରାନ୍ତ ହୁଏ । ସୂତ୍ରଟି ଭୁଲିଗଲେ ମନେ ପକାଇବା ସହଜ ହୁଏ ନାହିଁ । ଏହା ମନୋବିଜ୍ଞାନ ସମ୍ମତ ନୁହେଁ ।

ତେଣୁ ଶ୍ରେଣୀ କକ୍ଷରେ ସଫଳ ଶିକ୍ଷାଦାନ ନିମନ୍ତେ ଆରୋହ ଓ ଅବରୋହ ଉଭୟ ପ୍ରଣାଳୀର ମିଶ୍ରିତ ପ୍ରଣାଳୀରେ ଶିକ୍ଷାଦାନ କଲେ ବ୍ୟାକରଣ ଶିକ୍ଷାଦାନ ସଫଳ ହୋଇ ପାରିବ । ସାଧାରଣତଃ ଆରୋହ ପ୍ରଣାଳୀ ଅବଲମ୍ବନ କରି ସୂତ୍ର ନିର୍ଣ୍ଣୟ କରାଯିବ । ଅବରୋହ ପ୍ରଣାଳୀ ଅବଲମ୍ବନ କରି ସେହି ସୂତ୍ରକୁ ବିଭିନ୍ନ ଉଦାହରଣରେ ପ୍ରୟୋଗ କରାଯିବ ।

୫.୨.୪.ପାଠ୍ୟୋପକରଣ

ଶିକ୍ଷାଦାନ ଏକ କଳା । ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷଣ ନିମନ୍ତେ ଅଭିପ୍ରେରିତ କରିବା ପରେ କୁଶଳୀ ଶିକ୍ଷକ ଶିକ୍ଷାଦାନ କରିଥାଏ । ବିନା ଉପକରଣରେ ଶିକ୍ଷଣ ପ୍ରକ୍ରିୟା ସରସ ସୁନ୍ଦର ହୋଇ ପାରିବ ନାହିଁ । କାରଣ ଶିକ୍ଷାଦାନ ପୂର୍ବରୁ ଛାତ୍ରଛାତ୍ରୀମାନେ ନିଜ ନିଜର ଚିନ୍ତାଧାରା ଓ ଭାବନା ମଧ୍ୟରେ ରହିଥାନ୍ତି । ସେମାନଙ୍କ ମନକୁ ଶିକ୍ଷଣ ପ୍ରକ୍ରିୟା ପ୍ରତି ଆଗ୍ରହାନ୍ୱିତ କରିବା ନିମନ୍ତେ ପାଠ୍ୟୋପକରଣ ଆବଶ୍ୟକ ହୁଏ ପ୍ରତ୍ୟେକ ପିଲାର ମନକୁ ଆକର୍ଷିତ କରିପାରିବା ଭଳି ଉପକରଣ ଦରକାର । ନିମ୍ନରେ ଏହାର ପ୍ରକାର ଭେଦ ସଂପର୍କରେ ଆଲୋଚନା କରାଗଲା ।

ପାଠ୍ୟୋପକରଣକୁ ଶ୍ରାବ୍ୟ ଦୃଶ୍ୟ ସାଧନ ସାମଗ୍ରୀ କୁହାଯାଏ । ଏଗୁଡ଼ିକୁ ମୁଖ୍ୟତଃ ତିନି ଶ୍ରେଣୀରେ ବିଭକ୍ତ କରାଯାଇଛି ।

୧- ଶ୍ରାବ୍ୟ ଉପକରଣ :- ରେଡ଼ିଓ, ଗ୍ରାମ୍‌ଫୋନ୍, ଟେପ୍ ରେକର୍ଡର

୨- ଦୃଶ୍ୟ ଉପକରଣ :- କଳାପଟା, ବୁଲେଟିନ୍ ବୋର୍ଡ଼, ଚିତ୍ର, ଆର୍ଟ, ମାନଚିତ୍ର, ଗ୍ଲୋବ୍, ମଡେଲ, ଛାପା ପଦାର୍ଥ, ଖେଳଣା, କଣ୍ଢେଇ, ସ୍ଲାଇଡ୍

୩ – ଦୃଶ୍ୟ – ଶ୍ରାବ୍ୟ – ଉପକରଣ :– ଦୂରଦର୍ଶନ, ନାଟ୍ୟାଭିନୟ, ଚଳଚ୍ଚିତ୍ର, ଭିଡ଼ିଓ ଟେପ୍

ଏଠାରେ ପାଠ୍ୟୋପକରଣ ଗୁଡ଼ିକ ସଂପର୍କରେ ବିଶେଷ ଆଲୋଚନା କରାଗଲା ।

୧ – **କଳାପଟା** :– ଶିକ୍ଷାଦାନ ନିମନ୍ତେ ଏହା ଏକ ବିଶିଷ୍ଟ ଉପକରଣ । ପ୍ରତ୍ୟେକ ଶ୍ରେଣୀ କକ୍ଷରେ ଛାତ୍ରମାନଙ୍କ ସମ୍ମୁଖରେ ଏହା ରହିଥାଏ । ଶିକ୍ଷକ ଓ ଛାତ୍ରମାନେ ଏଥିରେ କିଛି ଲେଖି ଥାଆନ୍ତି କିମ୍ବା ଆବଶ୍ୟକୀୟ ଚିତ୍ର ଅଙ୍କନ କରିଥାଆନ୍ତି । ଶିକ୍ଷକମାନେ ପ୍ରତ୍ୟେକ ବିଷୟରେ ପଢ଼ାଇବା ନିମନ୍ତେ କଳାପଟାର ସାହାଯ୍ୟ ନିଅନ୍ତି । ମାତୃ ଭାଷା ଶିକ୍ଷାଦାନ କାଳରେ ଏଥିରେ ଅକ୍ଷର ଠାରୁ ଆରମ୍ଭ କରି ନୂତନ ଶବ୍ଦ, ଶବ୍ଦାର୍ଥ, କବିଙ୍କ ନାମ ଓ ପରିଚୟ ପ୍ରଭୃତି ସମସ୍ତ ନୂଆ ବିଷୟ କଳାପଟାରେ ଲେଖାଯାଏ । ବ୍ୟାକରଣ ଶିକ୍ଷାଦାନ କାଳରେ ସମସ୍ତ ଉଦାହରଣ ଓ ସୂତ୍ର ଗୁଡ଼ିକ ମଧ୍ୟ ଏଥିରେ ଲେଖାଯାଏ ।

୨ – **ବୁଲେଟିନ୍ ବୋର୍ଡ଼** :– ଏହା ଏକ ପ୍ରଦର୍ଶନୀ ବୋର୍ଡ଼ । ପିଲାମାନେ ନିଜ ନିଜର ଲେଖାମାନ ଶିକ୍ଷକଙ୍କ ଦ୍ୱାରା ସଂଶୋଧିତ କରାଇ ସାରି ଗୋଲ ଗୋଲ ଅକ୍ଷରରେ, କାଗଜର ଗୋଟିଏ ପାଖରେ ଲେଖି ବୁଲେଟିନ୍ ବୋର୍ଡ଼ ନିମନ୍ତେ ଦାଖଲ କରନ୍ତି । ଶିକ୍ଷକ ଏହି ଲେଖାଗୁଡ଼ିକ ବୁଲେଟିନ୍ ବୋର୍ଡ଼ର ଅଠା ସାହାଯ୍ୟରେ ମଡ଼ାଇ ଥାନ୍ତି । ପ୍ରାୟ ଏକମାସ ଧରି ଏହି ଲେଖାମାନ ବୁଲେଟିନ୍ ବୋର୍ଡ଼ରେ ରହେ· ଓ ବିଦ୍ୟାଳୟର ପିଲାମାନେ ଏଗୁଡ଼ିକୁ ପଢ଼ନ୍ତି । ଫଳରେ ଯେଉଁ ପିଲାମାନଙ୍କ ଲେଖା ବୁଲେଟିନ୍ ବୋର୍ଡ଼ରେ ଥାଏ ସେମାନେ ଉତ୍ସାହିତ ହୁଅନ୍ତି ଓ ଅଧିକ ଲେଖା ଲେଖନ୍ତି । ଏହାଦ୍ୱାରା ସେମାନଙ୍କର ସାହିତ୍ୟ ପ୍ରତି ଆଗ୍ରହ ବୃଦ୍ଧି ହୁଏ । ସେମାନେ ମାତୃଭାଷାର ପାଠ୍ୟପୁସ୍ତକ ବ୍ୟତୀତ ଅନ୍ୟାନ୍ୟ ପୁସ୍ତକମାନ ପଢ଼ନ୍ତି ଓ ସେମାନଙ୍କର ସୃଜନୀ ଶକ୍ତି ଅଭିବୃଦ୍ଧି ହୋଇଥାଏ ।

୩– **ଚିତ୍ର** :– ପାଠ୍ୟ ବିଷୟବସ୍ତୁ ଅନୁସାରେ ବିଭିନ୍ନ ରଂଗ ସାହାଯ୍ୟରେ ଶିକ୍ଷକ ସାହିତ୍ୟ ଶିକ୍ଷା ନିମନ୍ତେ ଚିତ୍ର ଅଙ୍କନ କରି ଶ୍ରେଣୀ ଗୃହରେ ବ୍ୟବହାର କରିବା ଉଚିତ । ଏ ଗୁଡ଼ିକ ଶିକ୍ଷା କ୍ଷେତ୍ରରେ ଛାତ୍ରଛାତ୍ରୀମାନଙ୍କୁ ଆକୃଷ୍ଟ କରିବା ନିମନ୍ତେ ବିଶେଷ ଭାବରେ ସହାୟକ ହୋଇ ଥାଆନ୍ତି । ଚିତ୍ରଗୁଡ଼ିକ ନୂତନ, ଆକର୍ଷଣୀୟ ହେବା ଉଚିତ । ପଛ ଧାଡ଼ିରେ ବସିଥିବା ପିଲା ମଧ୍ୟ ଏହାକୁ ସ୍ପଷ୍ଟ ଭାବରେ ଦେଖି ପାରିବା ଭଳି ଆକାରର ହେବା ଦରକାର । ପୁରୁଣା ଚିତ୍ର ବ୍ୟବହାର କରିବା ଅନୁଚିତ । ବଜାରରେ ଯେଉଁ ଛପାଚିତ୍ର ଗୁଡ଼ିକ କିମ୍ବା କ୍ୟାଲେଣ୍ଡରମାନ ମିଳେ ସେଗୁଡ଼ିକ ପିଲାମାନେ ଆଗରୁ ଦେଖିଥାଇ ପାରନ୍ତି । ତେଣୁ ସେଗୁଡ଼ିକ ସେମାନଙ୍କୁ ଆକର୍ଷିତ କରିପାରେ ନାହିଁ । ତେଣୁ ଯଥାସମ୍ଭବ ସେଗୁଡ଼ିକୁ ବ୍ୟବହାର ନ କରି ନୂଆ ଚିତ୍ର ପ୍ରସ୍ତୁତ କରି ବ୍ୟବହାର କରିବା ଉଚିତ । ଏଥିପାଇଁ ଚିତ୍ରଶିଳ୍ପୀଙ୍କର ସାହାଯ୍ୟ ନିଆଯାଇପାରେ ।

୪ – **ଚିତ୍ରଲେଖା ସାମଗ୍ରୀ** :– ଆରେଖ (Diagram), ଆଲେଖ (Graph), ପ୍ରାଚୀର ପତ୍ର(Posters), ରେଖାଚିତ୍ର(Chart), ବ୍ୟଙ୍ଗଚିତ୍ର (Cartoons) ପ୍ରଭୃତି ଶିକ୍ଷା କ୍ଷେତ୍ରରେ ମଧ୍ୟ ବ୍ୟବହାର କରାଯାଇ ପାରିବ । ଏତଦ୍‌ବ୍ୟତୀତ ବିଭିନ୍ନ ମାଗାଜିନ୍ ପ୍ରଭୃତିରେ ଛପାଚିତ୍ର ସଂଗ୍ରହ କରି ଏକ ନୂଆପ୍ରକାରର ଶିକ୍ଷାଦାନ ଉପକରଣ ଉପଯୋଗୀ ଚିତ୍ର ପ୍ରସ୍ତୁତ କରାଯାଇ ପାରିବ । ଏହା ଖୁବ୍ ସହଜ ଓ ବିନା ମୂଲ୍ୟରେ ପ୍ରସ୍ତୁତ କରାଯାଏ । ଏଥିପାଇଁ ଶିକ୍ଷକ ଯତ୍ନବାନ୍ ହେବା ଉଚିତ ।

୫– **କଣ୍ଢେଇ, ନମୂନା, ପ୍ରତିରୂପ,** ବାସ୍ତବ ପଦାର୍ଥ । ପାଠ୍ୟୋପକରଣ ରୂପେ ବାସ୍ତବ ପଦାର୍ଥ ମିଳିଲେ ବ୍ୟବହାର କରାଯାଇପାରିବ । ନଚେତ୍ କଣ୍ଢେଇ କିମ୍ବା ବାସ୍ତବ ପଦାର୍ଥ ପଦାର୍ଥର ନମୂନା, ପ୍ରତିରୂପ ପ୍ରଭୃତି ଦେଖାଇ ପିଲାମାନଙ୍କ ମନରେ ଧାରଣା ସୃଷ୍ଟି କରାଯାଇ ପାରିବ । କଳା ମାଣିକ କବିତା ପ୍ରତିରୂପ ନ ଦେଖାଇଲେ ପିଲାମାନେ ଏହାର ରଙ୍ଗ ସଂପର୍କରେ ଦୃଢ଼ ଧାରଣା ପାଇ ପାରିବେ ନାହିଁ ବରଂ ଏହା କଳା ରଙ୍ଗର ହୋଇଥିବା ଧାରଣାସେମାନଙ୍କର ବଦ୍ଧ ମୂଳ ହୋଇଯିବ । ଅନେକ ପଦାର୍ଥ ଏବେ ପାଇବା ଅସମ୍ଭବ । ଅନେକ ଜୀବ ମଧ୍ୟ ବିଲୁପ୍ତ ହୋଇ ଗଲେଣି । ତେଣୁ ଡାଏନୋସରର କଣ୍ଢେଇ ବା ଚିତ୍ର, ତାଜମହଲର ମଡ଼େଲ ବା ଚିତ୍ର ଦେଖାଇ ପିଲାମାନଙ୍କ ମନରେ ଧାରଣା ସୃଷ୍ଟି କରିବା ଉଚିତ ।

୬ – **ମୁଦ୍ରିତ ସାମଗ୍ରୀ :–** ଯୁଗେ ଯୁଗେ ଏହାର ଅବଦାନ ଶିକ୍ଷା କ୍ଷେତ୍ରରେ ରହିଅଛି । ମ୍ୟାପ୍, ଆଟ୍‌ଲାସ, ବିଭିନ୍ନ ପୁସ୍ତକ, ପତ୍ରପତ୍ରିକା, ସମ୍ବାଦପତ୍ର, ହ୍ୟାଣ୍ଡ ବୁକ୍, ଜ୍ଞାନକୋଷ, ଅଭିଧାନ ପ୍ରଭୃତି ଏହି ଶ୍ରେଣୀର ଅଟେ । ଶିକ୍ଷାର୍ଥୀ ଆଗ୍ରହୀ ହୋଇ ଏଗୁଡ଼ିକ ସାହାଯ୍ୟରେ ନିଜନିଜର ଜ୍ଞାନର ପରିସୀମା ବୃଦ୍ଧି କରିପାରିବେ ।

୭ – **ସ୍ଲାଇଡ୍, ଫିଲ୍ମଷ୍ଟ୍ରିପ୍,ଅସ୍ୱଚ୍ଛ ଓ ଶିରୋପରି ପ୍ରକ୍ଷେପଣ :–** ଶିକ୍ଷାଦାନକୁ ସରସ ସୁନ୍ଦର ଓ ଚିତ୍ତାକର୍ଷକ କରିବା ପାଇଁ ସ୍ଲାଇଡ୍, ଫିଲ୍ମଷ୍ଟ୍ରିପ୍ ସାହାଯ୍ୟରେ କିମ୍ବା ଓପେକ୍ ପ୍ରୋଜେକ୍ଟରରେ ଅସ୍ୱଚ୍ଛ ଚିତ୍ର ପ୍ରଭୃତି ସାହାଯ୍ୟରେ ଶିକ୍ଷକ ବିଭିନ୍ନ ଦୃଶ୍ୟ ପ୍ରଦର୍ଶନ କରିଥାଆନ୍ତି । ଶିକ୍ଷକ ଶିରୋପରି ପ୍ରକ୍ଷେପଣ ସାହାଯ୍ୟରେ ସ୍ଲାଇଡ୍‌ରେ ଛୋଟ ଆକାରରେ ଲେଖି ତାହାର ପ୍ରତିଛବି ପରଦାରେ ପିଲାମାନଙ୍କୁ ବଡ଼ ଆକାରରେ ଦେଖାଇ ପାରନ୍ତି । ମାତୃଭାଷା ଶିକ୍ଷାରେ ବିଭିନ୍ନ ଅକ୍ଷର, ଶବ୍ଦ, ଶବ୍ଦାର୍ଥ ଓ ବାକ୍ୟ ପ୍ରଭୃତି ପିଲାମାନଙ୍କୁଏହା ସାହାଯ୍ୟରେ ଜଣାଇ ହେବ ।

୮ – **ପରିଭ୍ରମଣ, ଯାଦୁଘର,ପ୍ରଦର୍ଶନ –** ଛାତ୍ରଛାତ୍ରୀମାନଙ୍କୁ ପରିଭ୍ରମଣ ଦ୍ୱାରା ବିଭିନ୍ନ ସ୍ଥାନ ଦେଖାଇବା ଦ୍ୱାରା ସେମାନଙ୍କର ପ୍ରତ୍ୟକ୍ଷ ଜ୍ଞାନ ଲାଭ ହୁଏ । ବିଦ୍ୟାଳୟର ପ୍ରଦର୍ଶନୀରେ ମଧ୍ୟ ଅନେକ ବିଷୟ ଜାଣିହୁଏ । ଯାଦୁଘର ହେଉଛି ପ୍ରାଚୀନ ପଦାର୍ଥ ମାନଙ୍କର ସଂରକ୍ଷିତ ହୋଇଥିବା ସ୍ଥାନ । ପ୍ରାଚୀନ କାଳର ମୂର୍ତ୍ତି, ତମ୍ବାପଟା ସନନ୍ଦ, ହତିଆର, ବ୍ୟବହାର କରୁଥିବା ପଦାର୍ଥ, ତାଳପତ୍ର ପୋଥି ପ୍ରଭୃତି ଏଥିରେ ରହିଥାଏ । ଏଗୁଡ଼ିକ ଜ୍ଞାନ ବୃଦ୍ଧିରେ ସହାୟକ ହୋଇଥାଆନ୍ତି ।

୯ – **ଗ୍ରାମଫୋନ୍, ଟେପ୍ ରେକର୍ଡର –**ଏଗୁଡ଼ିକ ଶ୍ରାବ୍ୟ ଉପକରଣର ଅନ୍ତର୍ଭୁକ୍ତ । ଟେପ୍‌ରେକର୍ଡର ସାହାଯ୍ୟରେ ଶିକ୍ଷକ ସ୍ୱାଧୀନ ଭାବରେ କବିତାର ଆବୃତ୍ତି, ସଂଗୀତ ଗାନ କିମ୍ବା ଗଦ୍ୟର ଆଦର୍ଶ ଉଚ୍ଚ ପଠନ କରି ପାରିବେ । ଶିକ୍ଷାଦାନରେ ଏହା ଶିକ୍ଷକ ନିମନ୍ତେ ବିଶେଷ ସହାୟକ ହୋଇଥାଏ । ଅନେକ ସମୟରେ ସମଭାବାପନ୍ନ ସଂଗୀତର କ୍ୟାସେଟ୍ ମଧ୍ୟ ଟେପ୍ ରେକର୍ଡ଼ରେ ବ୍ୟବହାର କରାଯାଇଥାଏ । ଅନେକ ବିଷୟରେ ନାଟ୍ୟରୂପ କିମ୍ବା ସାହିତ୍ୟରେ ଥିବା ଏକାଙ୍କିକାକୁ ଏହା ସାହାଯ୍ୟରେ ଉପସ୍ଥାପନ କରାଯାଇପାରିବ ।

୧୦ – **ରେଡ଼ିଓ –** ରେଡ଼ିଓର କାର୍ଯ୍ୟକ୍ରମ ମଧ୍ୟରେ ଶିକ୍ଷା କାର୍ଯ୍ୟକ୍ରମ ରହିଅଛି । ଏହାର ନାମ ବିଦ୍ୟାଳୟ କାର୍ଯ୍ୟକ୍ରମ । ଏହା ବ୍ୟତୀତ ଶିକ୍ଷା ଓ ଶିକ୍ଷକ କାର୍ଯ୍ୟକ୍ରମ, ନାଟକ, ସଂଗୀତ, ଗଳ୍ପ, ସାହିତ୍ୟ ସଂସଦର କାର୍ଯ୍ୟକ୍ରମ ମାନ ରେଡ଼ିଓରେ ପ୍ରଚାରିତ ହୁଏ । ଏଗୁଡ଼ିକ ଶୁଣି ଛାତ୍ରମାନଙ୍କର ସାହିତ୍ୟ ଜ୍ଞାନ ବୃଦ୍ଧି ହୋଇଥାଏ । ଶିକ୍ଷକମାନେ ମଧ୍ୟ ଏଥିରୁ ଉପକୃତ ହୋଇ ଥାଆନ୍ତି । ଛାତ୍ର ଶିକ୍ଷକମାନଙ୍କର ସୃଜନୀ ଶକ୍ତିର ଅଭିବୃଦ୍ଧି ହେବାରେ ରେଡ଼ିଓ ସାହାଯ୍ୟ କରିଥାଏ । ଅବଶ୍ୟ ଶିକ୍ଷାଦାନ ନିମନ୍ତେ ଶିକ୍ଷକ ରେଡ଼ିଓକୁ ନିଜ ଇଚ୍ଛା ଅନୁସାରେ ବ୍ୟବହାର କରି ପାରିବେ ନାହିଁ । ମାତ୍ର ଏହାର ସାହିତ୍ୟିକ କାର୍ଯ୍ୟକ୍ରମମାନ ସାହିତ୍ୟ ପ୍ରୀତି ଜାଗ୍ରତ କରାଇ ବିଦ୍ୟାଳୟରେ ମାତୃଭାଷା ଶିକ୍ଷା ପ୍ରତି ପିଲାମାନଙ୍କୁ ଆଗ୍ରହାନ୍ୱିତ କରାଇଥାଏ ।

୧୧ – **ଦୂରଦର୍ଶନ –** ଦୂରଦର୍ଶନର କାର୍ଯ୍ୟକ୍ରମ ଗୁଡ଼ିକ ଦୃଶ୍ୟ ଓ ଶ୍ରାବ୍ୟ ହେଉଥିବାରୁ ଶିକ୍ଷଣ ପ୍ରକ୍ରିୟାରେ ଏହା ବିଶେଷ ସହାୟକ ହୋଇଥାଏ । ବର୍ତ୍ତମାନ Vedio Tape ସାହାଯ୍ୟରେ ଆବଶ୍ୟକୀୟ ଚିତ୍ର ଓ ବାଣୀର ଉପସ୍ଥାପନ କରିବା ସମ୍ଭବପର ହୋଇ ପାରୁଛି । ଏଥିରେମଧ୍ୟ ଛାପା ସାମଗ୍ରୀ, ଚିତ୍ର, ସ୍ଲାଇଡ୍ ପ୍ରଭୃତି ବିଭିନ୍ନ ସାଧନ ସାମଗ୍ରୀକୁ ଉପଯୋଗ କରିହେବ । ଦୂରଦର୍ଶନର ଶିକ୍ଷା କାର୍ଯ୍ୟକ୍ରମ ରହିଅଛ । ଏତଦ୍‌ବ୍ୟତୀତ ଏହାର ସଂଗୀତ, ନାଟକ ଓ ସାହିତ୍ୟ ପତ୍ରିକା କାର୍ଯ୍ୟକ୍ରମ ଗୁଡ଼ିକ ସାହିତ୍ୟ ଜ୍ଞାନ ବୃଦ୍ଧିରେ ସହାୟକ ହୋଇଥାନ୍ତି । ଓଡ଼ିଆ ଅକ୍ଷର ଶିକ୍ଷା, ଉଚ୍ଚାରଣ ଶିକ୍ଷା ଓ ପଠନ ଶିକ୍ଷା ନିମନ୍ତେ ଏହାର ଉପଯୋଗିତା ଅନସ୍ୱୀକାର୍ଯ୍ୟ । ଶିକ୍ଷା ବିଷୟକ ଚଳଚିତ୍ର ପ୍ରସ୍ତୁତ କରି ତାହାର ପ୍ରଦର୍ଶନ ଅପେକ୍ଷା ବର୍ତ୍ତମାନ ଦୂରଦର୍ଶନ ଅଧିକ ଶକ୍ତିଶାଳୀ ମାଧ୍ୟମ ରୂପେ ବିବେଚିତ ହେଉଅଛି । ଚଳଚିତ୍ର ଭଳି ଦୂରଦର୍ଶନରେ ବାସ୍ତବ ଚିତ୍ର ଉପସ୍ଥାପନ କରାଯାଉଛି ।

୧୨– **ଚଳଚ୍ଚିତ୍ର :–** ଚଳଚିତ୍ରରେ ଗୀତ, ନୃତ୍ୟ, ନାଟକ ମାଧ୍ୟମରେ ବିଷୟବସ୍ତୁ ଉପସ୍ଥାପନ କରାଯାଇ ପାରିବ । ମୁଖ୍ୟତଃ ଏଥିରେ ଥାଏ ଜୀବନ୍ତ ଅଭିନୟ ଓ ବିଭିନ୍ନ ସ୍ଥାନର ପ୍ରକୃତ ଦୃଶ୍ୟର ଚିତ୍ର । ଶିକ୍ଷା ଚଳଚିତ୍ର ନିର୍ମାଣ କରି ଶିକ୍ଷକ ଉପସ୍ଥାପନ କରି

ପାରିବେ । ଏଥିପାଇଁ ସମୟ ଓ ଶ୍ରମର ଆବଶ୍ୟକତା ରହିଅଛି । ଅର୍ଥ ମଧ୍ୟ ଦରକାର । ସାଧାରଣତଃ ଶିକ୍ଷା ଚଳଚ୍ଚିତ୍ରମାନ NIET ଓ SIET ପ୍ରସ୍ତୁତ କରି ଥାଆନ୍ତି । ସେଗୁଡ଼ିକ ପ୍ରଦର୍ଶନ କରାଯାଇପାରିବ । ମାତ୍ର ଏଗୁଡ଼ିକୁ ପାଇବା ମଧ୍ୟ କଷ୍ଟକର । ତେଣୁ ଏହା ଏକ ଶକ୍ତିଶାଳୀ ଶିକ୍ଷା ମାଧ୍ୟମ ହେଲେ ମଧ୍ୟ ଏହାର ବ୍ୟବହାର ସୀମିତ ହୋଇ ପଡ଼େ ।

୧୩- **ନାଟ୍ୟାଭିନୟ :-** ସାହିତ୍ୟର କେତେକ ବିଷୟକୁ ଅଭିନୟ ମାଧ୍ୟମରେ ଶିକ୍ଷା ଦେଇ ହେବ । କୌଣସି ଗୀତ ବା କାହାଣୀର ଉପସ୍ଥାପନାରେ ଏହା ଏକ ପ୍ରଣାଳୀ ରୂପେ ଗ୍ରହଣ କରାଯାଇ ପାରିବ । ପିଲାମାନେ ଅଭିନୟରେ ଅଂଶ ଗ୍ରହଣ କରିବେ । ଅନ୍ୟର ଅଭିନୟ ଦେଖିବା ଓ ନିଜେ ଅଭିନୟ କରିବାରେ ଅତ୍ୟନ୍ତ ଆନନ୍ଦ ମିଳେ । ତେଣୁ ଏହାର ପ୍ରଭାବରେ ଶିକ୍ଷଣ ପ୍ରକ୍ରିୟା ଜୀବନ୍ତ, ଚିରସ୍ଥାୟୀ ଓ ଆନନ୍ଦ ପ୍ରଦାୟକ ହୋଇଥାଏ । ଛାତ୍ରଛାତ୍ରୀମାନଙ୍କର କାର୍ଯ୍ୟ ମାଧ୍ୟମରେ ଶିକ୍ଷଣ ଯୋଗୁ ଏହା ଏକ ଆଗ୍ରହ ବର୍ଦ୍ଧକ ପ୍ରଣାଳୀ ତଥା ଶିକ୍ଷା ମାଧ୍ୟମ ରପେ ବିବେଚନା କରାଯାଇପାରେ ।

ଶିକ୍ଷକ ନିଜେନାଟ୍ୟାଭିନୟ ନିମନ୍ତେ ସଂଳାପ ଲେଖି ପିଲାମାନଙ୍କୁ ଅଭିନୟ ଓ ସଂଳାପ ଉଚ୍ଚାରଣ ଶିକ୍ଷା ଦେବେ ।ଏହାର ପ୍ରଦର୍ଶନ ନିମନ୍ତେ ଆବଶ୍ୟକୀୟ ବ୍ୟବସ୍ଥା କରିବେ ।

୧୪ - **ମୁକ୍ତ ଅଭିନୟ :-** ନାଟ୍ୟାଭିନୟ ନିମନ୍ତେ ରଙ୍ଗମଞ୍ଚର ସାହାଯ୍ୟ ନିଆଯାଇପାରିବ କିମ୍ବା ମୁକ୍ତ ସ୍ଥାନରେ ମଧ୍ୟ ଏହା ଅଭିନୀତ ହୋଇପାରିବ । ଛୋଟ ପିଲାମାନଙ୍କ ନିମନ୍ତେ ଏହା ବିଶେଷ ଉପଯୋଗୀ । କାରଣ ଏଥିରେ ବେଶ ପରିପାଟୀ ବା ସାଜସଜ୍ଜାର ବିଶେଷ ପ୍ରୟୋଜନ ନ ଥାଏ । ଛୋଟ ଛୋଟ କାହାଣୀ, ଗୀତ, ଏକାଙ୍କିକାକୁ ମୁକ୍ତ ଅଭିନୟ ମାଧ୍ୟମରେ ପ୍ରଦର୍ଶନ କରାଯାଇପାରିବ । ଏଥିରେ ଶିକ୍ଷକ ବହୁତ ପରିଶ୍ରମ କରି ଥାଆନ୍ତି ଓ ପିଲାମାନେ ମଧ୍ୟ ନିଜେ ଆଗ୍ରହର ସହ ଶିକ୍ଷା ଲାଭ କରି ଅଭିନୟ କରନ୍ତି ।

୧୫ - **ଆଲୋଚନା ଓ ପ୍ରଦର୍ଶନ :-** ଆଲୋଚନା ଓ ପ୍ରଦର୍ଶନ (Discussion and Demonstration) ମାଧ୍ୟମରେ ଭାଷା ଓ ସାହିତ୍ୟ ପ୍ରତି ଛାତ୍ରଛାତ୍ରୀମାନଙ୍କୁ ଆଗ୍ରହାନ୍ୱିତ କରାଇ ହେବ । ଦଳଗତ ଆଲୋଚନା (Group Discussion) ରେ ଭାଗ ନେଇ ପିଲାମାନେ ଯାହା ଆଲୋଚନାରେ ପ୍ରକାଶ କରିବେ ତାହା ସେମାନଙ୍କର ନିଜସ୍ୱ । ତେଣୁ ଏହା ସେମାନଙ୍କର ସୃଜନୀଶକ୍ତିର ବିକାଶ କରିଥାଏ । ତର୍କ ପ୍ରତିଯୋଗିତା (Debate) ସେମାନଙ୍କର ଭାଷା ବିଜ୍ଞାନ, ଉଚ୍ଚାରଣ ଓ ପ୍ରକାଶନ ଶୈଳୀ, ଭାଷଣ ପ୍ରଦାନର ଦକ୍ଷତା ବୃଦ୍ଧି କରିଥାଏ ।

୧୬ - **ସାହିତ୍ୟ ସଭା ଓ ପତ୍ରିକା ପ୍ରକାଶନ :-** ବିଦ୍ୟାଳୟରେ ସାହିତ୍ୟ ସଂସଦ ଗଠନ କରି ପ୍ରତ୍ୟେକ ସପ୍ତାହ ଶେଷରେ ସାହିତ୍ୟ ଆଲୋଚନା ସଭା କରାଇବା ଆବଶ୍ୟକ । ଏହା ଛାତ୍ରଛାତ୍ରୀମାନଙ୍କର ସାହିତ୍ୟ ଓ ମାତୃଭାଷା ପ୍ରୀତି ଜାଗ୍ରତ କରିଥାଏ ।

ବିଦ୍ୟାଳୟର ମୁଖପତ୍ର ପ୍ରକାଶନ ଦ୍ୱାରା ଭାଷା ଓ ସାହିତ୍ୟ ଶିକ୍ଷା କ୍ଷେତ୍ରରେ ତଥା ସୃଜନଶୀଳତାର ବିକାଶରେ ସହାୟକ ହୋଇଥାଏ । ଛାତ୍ରଛାତ୍ରୀମାନେ ମାତୃଭାଷାରେ ଅଧିକ ଜ୍ଞାନଲାଭ ନିମନ୍ତେ ଯତ୍ନବାନ ହୁଅନ୍ତି ।

ସାରାଂଶ :

ମାତୃଭାଷାର ଗୁରୁତ୍ୱ ଓ ବିଦ୍ୟାଳୟ ପାଠ୍ୟକ୍ରମରେମାତୃଭାଷା *(ଓଡ଼ିଆର ସ୍ଥାନ)*

ମାତୃଭାଷା ଜନନୀ ସଦୃଶ ବ୍ୟକ୍ତିଜୀବନକୁ ଗଠନ କରିଥାଏ । ଓଡ଼ିଆ ଭାଷା ସୁପ୍ରାଚୀନ ଓ ଏହାର ସାହିତ୍ୟ ମଧ୍ୟ ସମୁନ୍ନତ । ମାତୃଭାଷାର ନିମ୍ନ ବର୍ଣ୍ଣିତ ମୂଲ୍ୟବୋଧ ଯୋଗୁ ବିଦ୍ୟାଳୟ ପାଠ୍ୟକ୍ରମରେ ଏହାର ଗୁରୁତ୍ୱପୂର୍ଣ୍ଣ ସ୍ଥାନ ରହିଛି ।

୧ – ମାତୃଭାଷା ମାଧ୍ୟମରେଭାବ ପ୍ରକାଶ ଓ ଭାବ ଗ୍ରହଣ ସହଜଅଟେ ।

୨– ମାତୃଭାଷା ଦେଶାତ୍ମବୋଧ ଜାଗ୍ରତ କରିଥାଏ ।

୩ – ମାତୃଭାଷା ଜାତୀୟ ଚିନ୍ତନରେ ଉଦ୍‌ବୁଦ୍ଧ କରିଥାଏ ।

୪– ଚରିତ୍ର ଗଠନରେ ମାତୃଭାଷାର ଅବଦାନ ରହିଛି ।

୫ – ମାତୃଭାଷା ମାନବିକ ଗୁଣ ଶିକ୍ଷା ଦିଏ ।

୬ – ଅନ୍ୟାୟ ବିରୁଦ୍ଧରେ ବ୍ୟକ୍ତିକୁ ମାତୃଭାଷା ସଚେତନ କରାଏ ।

୭ – ମାତୃଭାଷା ଦ୍ୱାରା ଯଥାର୍ଥ ଶିକ୍ଷା ବ୍ୟବସ୍ଥା ସମ୍ଭବହୋଇପାରେ ।

୮ – ମାତୃଭାଷା ସୃଜନୀ ଶକ୍ତିର ବିକାଶ କରିଥାଏ ।

୯ – ମାତୃଭାଷା ମାଧ୍ୟମରେ ଅଭିଜ୍ଞତା ହାସଲ କରିବା ସହଜ ଅଟେ ।

ଏଥିପାଇଁ CAB ଯେଉଁ ତ୍ରିଭାଷୀ ସୂତ୍ର ନିର୍ଣ୍ଣୟ କରିଥିଲେ ବିଦ୍ୟାଳୟ ପାଠ୍ୟକ୍ରମରେ ମାତୃଭାଷା ପ୍ରଥମ ଭାଷା ରୂପେ ସ୍ୱୀକୃତି ଲାଭ କରିଛି । ତେଣୁ ଓଡ଼ିଶାରେ ଓଡ଼ିଆ ପ୍ରଥମ ଭାଷା ରୂପେ ପଢ଼ାଯାଉଛି । ଯେଉଁ ଅଣ ଓଡ଼ିଆମାନେ ଓଡ଼ିଶାରେ ବାସ କରୁଛନ୍ତି ସେମାନେ ଓଡ଼ିଆକୁ ଆଞ୍ଚଳିକ ଭାଷା ରୂପେ ଅଧ୍ୟୟନ କରୁଛନ୍ତି । ଓଡ଼ିଆ ସରକାରୀ ଭାଷା ରୂପେ ସ୍ୱୀକୃତି ଲାଭ କରିଛି । ଓଡ଼ିଆରେ ଅନେକ ପୁସ୍ତକ ଓ ପତ୍ରପତ୍ରିକା ପ୍ରକାଶିତ ହୋଇ ଶିକ୍ଷା କ୍ଷେତ୍ରରେ ପୁସ୍ତକର ଚାହିଦା ପୂରଣ କରିପାରିଛି ।

ମାତୃଭାଷା ଶିକ୍ଷାଦାନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ

୧ – ଭାଷାଜ୍ଞାନର କୌଶଳ ଯଥା– ଶ୍ରବଣ, କଥନ,ପଠନ, ଲିଖନର ବିକାଶ ଘଟାଇବା ।

୨ – ଭାଷାଜ୍ଞାନ ବୃଦ୍ଧି କରିବା ।

୩ – ଓଡ଼ିଆ ସଂସ୍କୃତି, ଐତିହ୍ୟ ଓ ସାମାଜିକ ମୂଲ୍ୟବୋଧ ସହ ପରିଚିତ କରାଇବା ।

୪ – ଛନ୍ଦ, ଅଳଙ୍କାର ଓ ବ୍ୟାକରଣ ସଂପର୍କରେ ଶିକ୍ଷାଦାନ ।

୫ – ସାହିତ୍ୟର ରସ ଓ ଭାବ ଉପଲବ୍ଧି କରାଇବା ।

୬– ଓଡ଼ିଆ ଭାଷା ଓ ସାହିତ୍ୟ ପ୍ରତି ଅନୁରାଗ ବର୍ଦ୍ଧନ କରିବା ।

୭ – ସାହିତ୍ୟର ବର୍ଣ୍ଣନା ଚାତୁରୀ ଓ ସୌନ୍ଦର୍ଯ୍ୟାନୁଭୂତି ପ୍ରତି ଆକୃଷ୍ଟ କରାଇବା ।

୮ – ଦେଶାତ୍ମବୋଧ ଜାଗ୍ରତ କରାଇବା

୯ – ସୃଜନୀ ଶକ୍ତିର ଅଭିବୃଦ୍ଧି କରାଇବା ।

୧୦ – ମାତୃଭାଷା ପ୍ରତି ଆଗ୍ରହ ବୃଦ୍ଧି ଓ ଉଚ୍ଚତର ଅଧ୍ୟୟନ ନିମନ୍ତେ ପ୍ରେରଣା ପ୍ରଦାନ କରିବା ।

ମାତୃଭାଷାରେ ଶ୍ରବଣ, କଥନ, ପଠନ ଓ ଲିଖନ ଦକ୍ଷତା ବିକାଶ :–

ଶ୍ରବଣ – ଗଳ୍ପ କଥନ, ଅନୁକରଣ, ଆବୃତ୍ତି

କଥନ – ବାରମ୍ବାର ଅଭ୍ୟାସ ଓ ପୁନରାବୃତ୍ତି, ପ୍ରଶ୍ନୋତ୍ତର, କବିତା ଆବୃତ୍ତି, ଅଭିନୟ, କଥୋପକଥନ

ପଠନ – ଚିତ୍ର ପଠନ, ଶବ୍ଦର ପୁନରାବୃତ୍ତି, ପ୍ରାଚୀର ପତ୍ର ପାଠ, ଉଚ୍ଚ ପଠନ, ନୀରବ ପଠନ

ଲିଖନ – ହସ୍ତାକ୍ଷର ଲିଖନ, ଶ୍ରୁତଲିଖନ, ସୃଜନାତ୍ମକ ରଚନା ଲିଖନ

ଶିକ୍ଷାଦାନ ପଦ୍ଧତି : –

ଗଦ୍ୟସାହିତ୍ୟ ଶିକ୍ଷାଦାନ

୧ – ଉପକ୍ରମ

୨ – ଉପସ୍ଥାପନ

(କ) ଶିକ୍ଷକଙ୍କର ଉଚ୍ଚ ଆଦର୍ଶ ପଠନ ।

(ଖ) ଛାତ୍ରଛାତ୍ରୀମାନଙ୍କର ଉଚ୍ଚ ପଠନ ।

(ଗ) ଶବ୍ଦାନୁଶୀଳନ

(ଘ) ଛାତ୍ରଛାତ୍ରୀମାନଙ୍କର ନୀରବ ପଠନ

(ଙ) ବୋଧଜ୍ଞାନ ପରୀକ୍ଷା

୩– ପ୍ରୟୋଗ

କବିତା ଶିକ୍ଷାଦାନ

୧ – ଉପକ୍ରମ

୨ – ଉପସ୍ଥାପନ

(କ) ଶିକ୍ଷକଙ୍କର ଉଚ୍ଚ ଆଦର୍ଶ ପଠନ

(ଖ) କଠିନ, ପୁରାତନ ଓ ଅପ୍ରଚଳିତ ଶବ୍ଦର ସ୍ପଷ୍ଟୀକରଣ

(ଗ) ଛାତ୍ରଛାତ୍ରୀମାନଙ୍କର ନୀରବ ପଠନ

(ଘ) ଭାବ ଓ ରସ ବୋଧ ମୂଳକ ପ୍ରଶ୍ନାବଳୀ

(ଙ) ଶିକ୍ଷକଙ୍କ ଦ୍ୱାରା ରସାନୁସାରୀ ଆବୃତ୍ତି

(ଚ) ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଉଚ୍ଚ ପଠନ

୩ – ପ୍ରୟୋଗ

ବ୍ୟାକରଣ ଶିକ୍ଷାଦାନ :

ଏହାର ପାଠଦାନ ନିମନ୍ତେ ୧ – ଆରୋହ ଓ ୨ – ଅବରୋହ ପ୍ରଣାଳୀ ଅନୁସୃତ ହୁଏ ।

ଆରୋହ ପ୍ରଣାଳୀ :– ବିଭିନ୍ନ ଉଦାହରଣକୁ ପ୍ରୟୋଗ କରି ଏକ ସିଦ୍ଧାନ୍ତରେ ଉପନୀତ ହେବାକୁ ଆରୋହ ପ୍ରଣାଳୀ କୁହାଯାଏ ।

ଅବରୋହ ପ୍ରଣାଳୀ :– କୌରସି ଏକ ସିଦ୍ଧାନ୍ତକୁ ବିଭିନ୍ନ କ୍ଷେତ୍ରରେ ପ୍ରୟୋଗ କରି ଏହାର ସତ୍ୟତାକୁ ପ୍ରତିପାଦନକରିବା ହେଉଛି ଅବରୋହ ପ୍ରଣାଳୀ ।

ପାଠ୍ୟୋପକରଣ

ପାଠ୍ୟୋପକରଣକୁ ତିନିଭାଗରେ ବିଭକ୍ତ କରାଯାଏ ।

୧ – ଶ୍ରାବ୍ୟ ଉପକରଣ – ରେଡ଼ିଓ, ଗ୍ରାମ୍‌ଫୋନ୍, ଟେପ୍ ରେକର୍ଡ଼ର ।

୨– ଦୃଶ୍ୟ ଉପକରଣ – କଳାପଟା, ଚିତ୍ର, ମଡେଲ, ମାନଚିତ୍ର, ଚିତ୍ରଲେଖା, ବୁଲେଟନ୍, ବୋର୍ଡ, ନମୂନା, ମୁଦ୍ରିତ ସାମଗ୍ରୀ ପ୍ରଭୃତି

୩ – ଦୃଶ୍ୟ – ଶ୍ରାବ୍ୟ ଉପକରଣ – ଦୂରଦର୍ଶନ, ଚଳଚ୍ଚିତ୍ର ପ୍ରଭୃତି ।

ପ୍ରଶ୍ନାବଳୀ

1. ନିମ୍ନ ପ୍ରଦତ୍ତ ସମ୍ଭାବ୍ୟ ଉତ୍ତରଗୁଡ଼ିକ ମଧ୍ୟରୁ ଠିକ୍ ଉତ୍ତରଟି ବାଛି ଲେଖ ।

(କ) ଶିଶୁ କେଉଁ ଭାଷା ମାଧ୍ୟମରେ ନିଜର ମନୋଭାବକୁ ସମ୍ପୂର୍ଣ୍ଣ ଓ ସହଜ ଭାବରେ ପରିପ୍ରକାଶ କରିଥାଏ ?

(i) ରାଷ୍ଟ୍ରଭାଷା (ii) ମାତୃଭାଷା

(iii) ଆଞ୍ଚଳିକ ଭାଷା (iv) ଆନ୍ତର୍ଜାତିକ ଭାଷା

(ଖ) ''ମାତୃଭାଷା ମାତୃକ୍ଷୀର ସହ ସମାନ'' - ଏହି ଉକ୍ତିଟି କିଏ କହିଥିଲେ ?

(i) ମହାତ୍ମାଗାନ୍ଧୀ (ii) ରବୀନ୍ଦ୍ରନାଥ ଟାଗୋର

(iii) ଶ୍ରୀଅରବିନ୍ଦ (iv) ଗୋପବନ୍ଧୁ ଦାସ

2. ନିମ୍ନଲିଖିତ ସମସ୍ତ ଉପପ୍ରଶ୍ନର ଉତ୍ତର ଗୋଟିଏ ଲେଖାଏଁ ବାକ୍ୟରେ ଲେଖ ।

(i) ପଞ୍ଚ ସୋପାନ ପ୍ରଣାଳୀ କିଏ ନିର୍ଣ୍ଣୟ କରିଥିଲେ ?

(ii) ଗଦ୍ୟ ସାହିତ୍ୟ ପ୍ରଣାଳୀ କିଏ ନିର୍ଣ୍ଣୟ କରିଥିଲେ ?

(iii) ପଦ୍ୟ ସାହିତ୍ୟ ଶିକ୍ଷାଦାନର ଗୋଟିଏ ମୁଖ୍ୟ ଉଦ୍ଦେଶ୍ୟ ଲେଖ ।

(iv) ମାତୃଭାଷା ଶିକ୍ଷାଦାନରେ ବ୍ୟବହୃତ ହେଉଥିବା ଗୋଟିଏ ଦୃଶ୍ୟ ପାଠ୍ୟୋପକରଣର ନାମ ଲେଖ ।

3. ନିମ୍ନପ୍ରଦତ୍ତ ପ୍ରତ୍ୟେକ ଉପପ୍ରଶ୍ନର ଉତ୍ତର ଦୁଇ ବା ତିନିଗୋଟି ବାକ୍ୟରେ ପ୍ରଦାନ କର ।

(i) ତ୍ରିଭାଷୀ ସୂତ୍ର କହିଲେ କ'ଣ ବୁଝାଯାଏ ?

(ii) ଉପକ୍ରମ ସୋପାନରେ ଛାତ୍ରଛାତ୍ରୀମାନଙ୍କର ପୂର୍ବଜ୍ଞାନ କାହିଁକି ପରୀକ୍ଷା କରାଯାଏ ?

(iii) ଗଦ୍ୟ ସାହିତ୍ୟ ଶିକ୍ଷାଦାନରେ ଆଦର୍ଶ ଉଚ୍ଚପଠନ କାହିଁକି କରାଯାଏ ?

(iv) ମାତୃଭାଷା ଶିକ୍ଷାଦାନରେ ବ୍ୟବହୃତ ହେଉଥିବା ତିନିଗୋଟି ଶ୍ରାବ୍ୟ ଉପକରଣର ନାମ ଲେଖ ।

4. ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ପ୍ରତ୍ୟେକଟିକୁ ପ୍ରାୟ ଛଅଟି ଲେଖାଏଁ ବାକ୍ୟରେ ଲେଖ ।

(i) ପ୍ରାଥମିକ ସ୍ତରରେ ମାତୃଭାଷା ଶିକ୍ଷାଦାନ ନିମିତ୍ତ କି କି ଦକ୍ଷତାର ବିକାଶ ଘଟାଯିବା ଆବଶ୍ୟକ ଓ କାହିଁକି ?

(ii) ପ୍ରାଥମିକ ସ୍ତରରେ ଓଡ଼ିଆ ବ୍ୟାକରଣ ଶିକ୍ଷାଦାନର ଉଦ୍ଦେଶ୍ୟଗୁଡ଼ିକ ଲେଖ ।

(iii) ମାତୃଭାଷା ଶିକ୍ଷାଦାନରେ ବ୍ୟବହୃତ ହେଉଥିବା ଦୃଶ୍ୟ ଓ ଶ୍ରାବ୍ୟ ପାଠ୍ୟୋପକରଣ ସମ୍ପର୍କରେ ସଂକ୍ଷେପରେ ଆଲୋଚନା କର ।

5. ନିମ୍ନଲିଖିତ ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଦିଅ ।

(i) ମାତୃଭାଷା ଶିକ୍ଷାଦାନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବର୍ଣ୍ଣନା କର ।

(ii) ପ୍ରାଥମିକ ସ୍ତରରେ ଗଦ୍ୟ ସାହିତ୍ୟ ଶିକ୍ଷାଦାନର ବିଭିନ୍ନ ସୋପାନଗୁଡ଼ିକ ଆଲୋଚନା କର ।

(iii) ପ୍ରାଥମିକ ସ୍ତରରେ ପଦ୍ୟ ସାହିତ୍ୟ ଶିକ୍ଷାଦାନର ବିଭିନ୍ନ ସୋପାନଗୁଡ଼ିକ ଆଲୋଚନା କର ।

(ଗ) ଗଣିତ ଶିକ୍ଷାଦାନ ପଦ୍ଧତି

ଏହି ପରିଚ୍ଛେଦର ପରିସମାପ୍ତି ପରେ ଶିକ୍ଷାର୍ଥୀମାନେ

- ପ୍ରାଥମିକ ବିଦ୍ୟାଳୟ ପାଠ୍ୟକ୍ରମରେ ଗଣିତ ଶିକ୍ଷାର ଆବଶ୍ୟକତା ଓ ଗୁରୁତ୍ୱ ସମ୍ବନ୍ଧରେ ଧାରଣା ପାଇବେ,
- ଗଣିତ ଶିକ୍ଷାର ବ୍ୟାବହାରିକ, ଶୃଙ୍ଖଳାଗତ ଓ ସାଂସ୍କୃତିକ ମୂଲ୍ୟଗୁଡ଼ିକ ବିଷୟରେ ଜାଣିବେ;
- ପ୍ରାଥମିକ ସ୍ତରରେ ଗଣିତ ଶିକ୍ଷାଦାନର ନିର୍ଦ୍ଦିଷ୍ଟ ଲକ୍ଷ୍ୟଗୁଡ଼ିକ ଉଲ୍ଲେଖ କରିବେ
- ଗଣିତ ଶିକ୍ଷାଦାନରେ ବିଶ୍ଳେଷଣାତ୍ମକ ଓ ସଂଶ୍ଳେଷଣାତ୍ମକ, ଆରୋହୀ ଓ ଅବରୋହୀ ଏବଂ କାର୍ଯ୍ୟକଳାପ ପଦ୍ଧତି ଗୁଡ଼ିକର ବ୍ୟବହାର ସଦୃଷ୍ଟାନ୍ତ ବୁଝାଇବେ,
- ଗଣିତ ପାଠ ସକାଶେ ବ୍ୟବହୃତ ଶିକ୍ଷଣ ସାମଗ୍ରୀ ଗୁଡ଼ିକ ସହ ପରିଚିତ ହେବେ ।

୪.୩.୧ ଉପକ୍ରମ

ମନୁଷ୍ୟର ମସ୍ତିଷ୍କ ଓ ଗଣିତ ଉଭୟେ ଏକାଠି ସୃଷ୍ଟି ହେଲା ଭଳି ପ୍ରତୀୟମାନ ହୁଅନ୍ତି । ପୃଥିବୀରେ ସଭ୍ୟତାର ବିକାଶ ସହିତ ଗଣିତର ବିକାଶ ମଧ୍ୟ ଘଟିଛି । ମାନବଜାତି ଭଳି ଗଣିତ କାହିଁ କେତେ ପୁରାତନ । ଏହା ନିଜସ୍ୱ ଢଙ୍ଗରେ ମାନବଜାତିର କଲ୍ୟାଣ ସାଧନ ପାଇଁ ଅବଦାନ ଦେଇ ଆସିଛି । ବୌଦ୍ଧିକ, ସୌନ୍ଦର୍ଯ୍ୟବୋଧ, ସାଂସ୍କୃତିକ କିମ୍ବା ବ୍ୟାବହାରିକ ଦୃଷ୍ଟିକୋଣରୁ ଦେଖିବାକୁ ଗଲେ ଗଣିତର ଅବଦାନର ପଟାନ୍ତର ନାହିଁ । ବର୍ଟ୍ରାଣ୍ଡ୍ ରସେଲ୍‌ଙ୍କ ଭାଷାରେ, ଗଣିତ ସର୍ବଦା ଶିକ୍ଷାର୍ଥୀ ଠାରେ ଯୁକ୍ତିଯୁକ୍ତ ବିଶ୍ୱାସ ତଥା ସତ୍ୟ ଆଧାରିତ ନିଶ୍ଚିତତାକୁ ଜାଗ୍ରତ କରାଇ ତାକୁ ଉଦ୍ଦୀପିତ କରିଥାଏ । ବାସ୍ତବିକ ଗଣିତ ବହୁ ଦର୍ଶକଙ୍କୁ ଆକୃଷ୍ଟ କରୁଥିବା କ୍ରୀଡ଼ା ନୁହେଁ । ଅନ୍ୟମାନଙ୍କ ଅବଦାନରୁ ସୃଷ୍ଟ ଗଣିତର ପଠନ ଅବା ପର୍ଯ୍ୟବେକ୍ଷଣ ଦ୍ୱାରା ଗଣିତ ଶିକ୍ଷଣ ହୁଏ ନାହିଁ । ଗଣିତ ଶିକ୍ଷା ଶିକ୍ଷାର୍ଥୀକୁ ଚିନ୍ତା କରିବା, ଯୁକ୍ତି ବାଢ଼ିବା, ବିଶ୍ଳେଷଣ କରିବା ଏବଂ ସ୍ପଷ୍ଟ ଭାବେ ନିଜ ଧାରଣା ବ୍ୟକ୍ତ କରିବାକୁ ସୁଯୋଗ ଦିଏ । ଶିକ୍ଷଣ ପ୍ରକ୍ରିୟାରେ ଗଣିତର ମୁଖ୍ୟ ଭୂମିକା ଦୃଷ୍ଟିରୁ ଗଣିତ ଶିକ୍ଷାକୁ ବିଦ୍ୟାଳୟ ପାଠ୍ୟକ୍ରମରେ ଅଧିକ ଗୁରୁତ୍ୱ ଦିଆଯାଇଛି ।

୪.୩.୨ ପ୍ରାଥମିକ ସ୍ତରରେ ଗଣିତ ଶିକ୍ଷା

ଗଣିତ ଶିକ୍ଷାଦାନ ସାଧାରଣ ଶିକ୍ଷାର ଏକ ଅଙ୍ଗବିଶେଷ କହିଲେ ଅତ୍ୟୁକ୍ତି ହେବ ନାହିଁ । ସାଧାରଣ ଶିକ୍ଷା ମୁଖ୍ୟତଃ ପଠନ, ଲିଖନ ଓ ଗଣନକୁ ହିଁ ବୁଝାଏ । ତନ୍ମଧ୍ୟରୁ ଗଣନ ବ୍ୟକ୍ତିର ନିତିଦିନିଆ ଜୀବନରେ ନିହାତି ଅପରିହାର୍ଯ୍ୟ । ସଂକୀର୍ଣ୍ଣ ଅର୍ଥରେ ଗଣନ କେତେକ ଗାଣିତିକ କୌଶଳ ଆୟତ୍ତ କରିବାକୁ ବୁଝାଇଥାଏ । ଛାତ୍ରଛାତ୍ରୀମାନେ ନିଜେ ସମ୍ମୁଖୀନ ହେଉଥିବା ସଂଖ୍ୟାସୂଚକ ଓ ସ୍ଥାନ ସମ୍ବନ୍ଧୀୟ ସମସ୍ୟାଗୁଡ଼ିକୁ ଶୀଘ୍ର ଓ ଠିକ୍ ଭାବେ ସମାଧାନ କରିବା ପାଇଁ ଯେପରି ସମର୍ଥ ହୋଇପାରିବେ ସେଥିପାଇଁ ପ୍ରାଥମିକ ଗଣିତ ଉଦ୍ଦିଷ୍ଟ । ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀ ହେଉଛି ପ୍ରାଥମିକ ଗଣିତ ପାଇଁ ପ୍ରାରମ୍ଭିକ ସ୍ତର । ଏହାକୁ ପ୍ରାଥମିକ ଗଣିତ ପାଇଁ ପ୍ରସ୍ତୁତି ବୋଲି ଧରାଯାଏ । ଏହି ପ୍ରସ୍ତୁତି ସମୟକାଳ ମଧ୍ୟରେ ପିଲାମାନେ ମୁଖ୍ୟତଃ ଚାରୋଟି ପ୍ରକାରର ଅନୁଭୂତିମୂଳକ ଶିକ୍ଷଣ କରିଥାନ୍ତି, ଯଥା:

୧. ବସ୍ତୁଗୁଡ଼ିକର ଆକାର, ଦୈର୍ଘ୍ୟ, ବେଧ, ଓଜନ ଏବଂ ଘନ ପରିମାଣ ସଜାଇବା, ବୃହତ୍ତର, କ୍ଷୁଦ୍ରତର, ଏକାପରି, ଭାରି, ସବୁଠୁ ଭାରି ଇତ୍ୟାଦି ଶବ୍ଦଗୁଡ଼ିକୁ ବ୍ୟବହାର କରି ବିଭିନ୍ନ ସଂପର୍କକୁ ବୁଝାଇବା ।

୨. ଆକାର, ଆକୃତି, ଦୈର୍ଘ୍ୟ ଇତ୍ୟାଦି ଭେଦରେ ବସ୍ତୁଗୁଡ଼ିକୁ ବିଭିନ୍ନ ବିଭାଗରେ ବିଭକ୍ତ କରିବା ।

୩. ଗୋଟିଏ ନିର୍ଦ୍ଦିଷ୍ଟ ସ୍ଥାନରୁ ଦୂରତା ଅନୁଯାୟୀ କୌଣସି ବସ୍ତୁ ବା ବ୍ୟକ୍ତିର ଅବସ୍ଥାନକୁ ତୁଳନା କରିବା ଏବଂ ନିକଟ, ଦୂର, ନିକଟତମ ଇତ୍ୟାଦି ଶବ୍ଦ ବ୍ୟବହାର କରି ତାହାକୁ ପ୍ରକାଶ କରିବା ।

୪. ଗଠନ, ରଙ୍ଗ, ସ୍ଥିତି ଏବଂ ପରିମାଣ ସମ୍ବନ୍ଧୀୟ ସରଳ ସଂରଚନାକୁ ବୁଝିବା ଏବଂ ସେଗୁଡ଼ିକର ପୁନରାବୃତ୍ତି କରିବା ।

ଉପରୋକ୍ତ ଚାରିପ୍ରକାରର ଅନୁଭୂତିମୂଳକ ଶିକ୍ଷଣ ଯୋଗୁଁ ପିଲାମାନେ ଗଣିତ ଅଧ୍ୟୟନରେ ଆନନ୍ଦ ଓ ଉଦ୍ଦୀପନା ପାଇବାକୁ ସମର୍ଥ ହୋଇଥାନ୍ତି । ଉଭୟ ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀର ଏହି ଅନୁଭୂତି ସାହାଯ୍ୟରେ ତୃତୀୟ, ଚତୁର୍ଥ ଓ ପଞ୍ଚମ ଶ୍ରେଣୀରେ ଗାଣିତିକ ଧାରଣା ଏବଂ ସମସ୍ୟା ସମାଧାନ ପାଇଁ ପିଲାମାନଙ୍କ ଠାରେ ଆବଶ୍ୟକ ପ୍ରସ୍ତୁତି ସୃଷ୍ଟି କରାଯାଏ । ତୃତୀୟରୁ ପଞ୍ଚମଶ୍ରେଣୀ ପର୍ଯ୍ୟନ୍ତ ଗଣିତ ଶିକ୍ଷାରେ ମୁଖ୍ୟତଃ ତିନୋଟି ଗାଣିତିକ ଦକ୍ଷତା, ଯଥା: ମାନସିକ ଭାବରେ ଗାଣିତିକ କୌଶଳ, କଳନା କରିବାର କୌଶଳ, ଆକାର ଓ ସ୍ଥାନଗତ ସଂପର୍କକୁ ଅନ୍ତର୍ଭୁକ୍ତ କରାଯାଇଛି । ଏହି ଦକ୍ଷତାଗୁଡ଼ିକରେ ସମ୍ପୂର୍ଣ୍ଣ ରୂପେ ପାରଦର୍ଶିତା ହାସଲ କଲେ, ପିଲାମାନେ ସେମାନଙ୍କ ପରବର୍ତ୍ତୀ ଦୈନିକ ଜୀବନରେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟାକୁ ସମାଧାନ କରିବାରେ ସେହି ଗାଣିତିକ ଧାରଣା ତଥା କୌଶଳଗୁଡ଼ିକୁ ପ୍ରୟୋଗ କରିପାରିବେ । ଯଥାର୍ଥରେ ଏହା ପ୍ରତ୍ୟେକଙ୍କ ନିମିତ୍ତ ପ୍ରତିଦିନିଆ ଗଣିତ । ପିଲାମାନେ ନିଜ ଘରେ ବିଦ୍ୟାଳୟରେ ଏବଂ ସମାଜରେ ସମ୍ମୁଖୀନ ହେଉଥିବା ଗାଣିତିକ ସମସ୍ୟାଗୁଡ଼ିକୁ ନିର୍ଭୁଲ ଭାବେ ସମାଧାନ କରିବା ପାଇଁ ସକ୍ଷମ ହୁଅନ୍ତି ।

ଷଷ୍ଠ ଓ ସପ୍ତମ ଶ୍ରେଣୀରେ ଗଣିତ ଶିକ୍ଷା ମାଧ୍ୟମିକ ସ୍ତରର ଗଣିତ ପାଇଁ ଏକ ମୂଳଦୁଆ ସୃଷ୍ଟି କରେ । ସୁତରାଂ ମଧ୍ୟବିଦ୍ୟାଳୟ ସ୍ତରର ଗଣିତ ଶିକ୍ଷଣ ପ୍ରାଥମିକ ଓ ମାଧ୍ୟମିକ ଗଣିତ ମଧ୍ୟରେ ଏକ ସଂଯୋଗ ସେତୁ ଭଳି କାର୍ଯ୍ୟ କରେ ।

୪.୩.୩ ଗଣିତ ଶିକ୍ଷାଦାନର ମୂଲ୍ୟ

ଆମେ ଯେଉଁ ବସ୍ତୁର ମୂଲ୍ୟବୋଧ କରିଥାଉ ତାହା ପ୍ରତି ଲକ୍ଷ୍ୟ ମଧ୍ୟ ରଖୁ । 'ମୂଲ୍ୟ' କହିଲେ କୌଣସି ବସ୍ତୁର ବାଞ୍ଛନୀୟତାକୁ ହିଁ ବୁଝାଯାଏ । ମୂଲ୍ୟ ହେଉଛି ଲକ୍ଷ୍ୟର ଉତ୍ସ ଏବଂ ଅନ୍ୟ ପକ୍ଷରେ ଲକ୍ଷ୍ୟ ହେଉଛି ମୂଲ୍ୟର ନିର୍ଣ୍ଣାୟକ । ସେହିରୂପେ ଆମେ ଗଣିତ ଶିକ୍ଷା ପ୍ରତି ଲକ୍ଷ୍ୟ ରଖିଥାଉ କାରଣ ଆମେ ଏହାର ବାଞ୍ଛନୀୟତା ବା ମୂଲ୍ୟ ବିଷୟରେ ବେଶ୍ ସଚେତନ । ଗଣିତ ଶିକ୍ଷାର ଲକ୍ଷ୍ୟ ତଥା ଏହାର ଶିକ୍ଷାଦାନ ପଦ୍ଧତିଗୁଡ଼ିକର ସଠିକ୍ ନିର୍ଦ୍ଧାରଣ କରିବାକୁ ହେଲେ ଏହା ଶିକ୍ଷା ଦେବାର କାରଣଗୁଡ଼ିକ ବିଷୟରେ ଏକ ସ୍ପଷ୍ଟ ଧାରଣାର ଆବଶ୍ୟକତା ରହିଛି । ଏହି କାରଣଗୁଡ଼ିକୁ ମୁଖ୍ୟତଃ ତିନୋଟି ଶ୍ରେଣୀରେ ବିଭକ୍ତ କରାଯାଇପାରେ , ଯଥା: ବ୍ୟାବହାରିକ ମୂଲ୍ୟ, ଶୃଙ୍ଖଳାଗତ ମୂଲ୍ୟ, ଏବଂ ସାଂସ୍କୃତିକ ମୂଲ୍ୟ । ନିମ୍ନ ଅନୁଚ୍ଛେଦମାନଙ୍କରେ ଏଗୁଡ଼ିକର ଆଲୋଚନା କରାଯାଇଛି ।

ଗଣିତର ବ୍ୟାବହାରିକ ମୂଲ୍ୟ

ଆମ ସମାଜ ପ୍ରଯୁକ୍ତି ବିଦ୍ୟାର ଯୁଗ ଆଡ଼କୁ ମୁହାଁଇଛି । ଏଣିକି ବ୍ୟକ୍ତି ପକ୍ଷରେ କେବଳ କେତେକ ଗାଣିତିକ କୌଶଳ ଆୟତ୍ତ କରିବା ଯଥେଷ୍ଟ ହେବ ନାହିଁ, ଆମର ଦରକାର ଗଣିତ ବିଦ୍ୟାରେ ସମ୍ପୂର୍ଣ୍ଣ ପାରଙ୍ଗମ ବ୍ୟକ୍ତି । ସୁତରାଂ ଗୁଣାତ୍ମକ ଭାବରେ ଉନ୍ନତମାନର ଗଣିତ ଶିକ୍ଷା ଯେ ଆଜି ଅପରିହାର୍ଯ୍ୟ ଏଥିରେ ମତଦ୍ୱୈଧର ଅବକାଶ ନାହିଁ ।

ଏମାନୁଏଲ କ୍ୟାଣ୍ଟଙ୍କ ଭାଷାରେ, ବିଜ୍ଞାନ କେବଳ ସଠିକ୍ ହୋଇପାରିବ ଯେତେଦୂର ପର୍ଯ୍ୟନ୍ତ ଏହା ଗଣିତକୁ ସଦୁପଯୋଗ କରୁଥିବ । ବାସ୍ତବିକ୍ ବିଜ୍ଞାନ କ୍ଷେତ୍ରରେ ଅଗ୍ରଗତି କେବଳ ଗଣିତ ଶାସ୍ତ୍ର ସହିତ ଏହାର ଯୋଗସୂତ୍ରରୁ ହିଁ ସମ୍ଭବ ହୋଇ ପାରିଛି । ଉଦାହରଣସ୍ୱରୂପ, ଜ୍ୟୋତିର୍ବିଜ୍ଞାନ ଓ ପଦାର୍ଥ ବିଜ୍ଞାନ ହେଉଛି ସବୁଠୁଁ ସଠିକ୍ ବିଜ୍ଞାନ । ଯେହେତୁ ଏହି ଉଭୟ ଶାସ୍ତ୍ରରେ ଗଣିତର ବହୁଳ ବ୍ୟବହାର ପରିଲକ୍ଷିତ । ଏହାଛଡ଼ା ରସାୟନ ବିଜ୍ଞାନ, ଭୂତତ୍ତ୍ୱ ବିଜ୍ଞାନ ଓ ଶରୀରକ୍ରିୟା ତତ୍ତ୍ୱ ବିଜ୍ଞାନରେ ମଧ୍ୟ ଗଣିତର ବ୍ୟବହାର ଲକ୍ଷ୍ୟ କରାଯାଏ । ସଂକ୍ଷେପରେ, ପ୍ରତ୍ୟକ୍ଷ ଭାବେ ପରିଦୃଷ୍ଟ ପ୍ରକୃତିର ସତ୍ୟ ବା ଘଟଣାଗୁଡ଼ିକ ହୃଦୟଙ୍ଗମ କରିବାରେ ଗାଣିତିକ ଜ୍ଞାନ ନିହାତି ଅପରିହାର୍ଯ୍ୟ ।

ବର୍ତ୍ତମାନ ହେଉଛି ଯନ୍ତ୍ରର ଯୁଗ । ଆମର ଅଭ୍ୟାସଗତ ବ୍ୟବହାର ବା ଉପଭୋଗରେ ଲାଗୁଥିବା ସମସ୍ତ ଦ୍ରବ୍ୟର ବହୁଳ ଉତ୍ପାଦନ ତଥା ବିତରଣ, ଯାନ୍ତ୍ରିକ, ସ୍ଥପତି, ଭେଷଜ, କୃଷି, ଜୀବ ରସାୟନ, ଜାହାଜ ବା ବିମାନ ପରିଚାଳନା ଓ ସର୍ବେକ୍ଷଣ ଆଦି ବୈଷୟିକ ବିଜ୍ଞାନଗୁଡ଼ିକ ଉପରେ ନିର୍ଭରଶୀଳ ଯାହାକି ଗାଣିତିକ ଭିତ୍ତିଭୂମି ଉପରେ ଅଳ୍ପେ ବହୁତେ ପ୍ରତିଷ୍ଠିତ । ଅଧିକନ୍ତୁ, ଏହି ଯାନ୍ତ୍ରିକ ଓ ବୈଷୟିକ ବିଜ୍ଞାନର ପ୍ରଭାବ ଓ ତତ୍‌ସଙ୍ଗେ ସଙ୍ଗେ ଗଣିତ ଶାସ୍ତ୍ରର ପ୍ରଭାବ ମଧ୍ୟ ଏତେ ବୃଦ୍ଧି ପାଇଛି ଯେ ବିଶ୍ୱର ପ୍ରଗତିଶୀଳ ରାଷ୍ଟ୍ରଗୁଡ଼ିକ ବର୍ତ୍ତମାନ ବାଣିଜ୍ୟ ତଥା ଶିଳ୍ପ କ୍ଷେତ୍ରରେ ସର୍ବାଧିକ ଆଧିପତ୍ୟ ବିସ୍ତାର ଲାଗି ପରସ୍ପର ମଧ୍ୟରେ ପ୍ରତିଯୋଗିତା ଆରମ୍ଭ କରିଦେଇଛନ୍ତି ।

ଆମର ସଭ୍ୟତାର ବିକାଶରେ ଗଣିତର ଆବଶ୍ୟକତା ସହିତ ପ୍ରତ୍ୟେକ ବ୍ୟକ୍ତି କ୍ଷେତ୍ରରେ ମଧ୍ୟ ଏହାର ଆବଶ୍ୟକତା କେତେ ତାହା ସହଜରେ ଅନୁମେୟ । ବ୍ୟକ୍ତିର ଜୀବନରେ ଗଣିତ ଏହାର ପ୍ରାଧାନ୍ୟ ବିସ୍ତାର କରି ଆସିଛି । ବୃତ୍ତି, ସମ୍ପତ୍ତି କ୍ରୟ ବିକ୍ରୟ, ଭୋଜି ଆୟୋଜନ, ବିବାହ ବ୍ରତ, ବଜାର ସଉଦା, ଆୟକର ଓ ଅନ୍ୟାନ୍ୟ ଖଜଣା ଆଦି ଦାଖଲ, କିମ୍ବା ଯେକୌଣସି ଦେଣନେଣ ହିସାବ ଆଦି ଯାବତୀୟ କାର୍ଯ୍ୟରେ ଗାଣିତିକ ବିଚାର ପ୍ରତ୍ୟେକଙ୍କ ମନକୁ ପ୍ରଭାବିତ କରିଥାଏ । ନିତିଦିନିଆ ଜୀବନରେ ଆମ୍ଭମାନଙ୍କୁ ସମୟ, ମୂଲ୍ୟ, ମଜୁରୀ, ହାର, ଖାଦ୍ୟ ଦ୍ରବ୍ୟାଦି ପରିମାଣ, ଭଡ଼ା, ଶତକଡ଼ା ହିସାବ, ଇପ୍ସିତ ଲକ୍ଷ୍ୟ, ଆଦାନପ୍ରଦାନ, ପାରିଶ୍ରମିକ, ରିହାତି, ଆୟବ୍ୟୟ ଅଟକଳ ଆଦି ସ୍ଥିର କରିବାକୁ ପଡ଼ିଥାଏ । ଏଥିରେ ଗାଣିତିକ ଜ୍ଞାନର ସମ୍ପୂର୍ଣ୍ଣ ଆବଶ୍ୟକତା ରହିଛି । ବିଶେଷକରି କମ୍ପ୍ୟୁଟର୍‌ର ବ୍ୟାପକ ପ୍ରସାର ଫଳରେ ଆମ୍ଭମାନଙ୍କ ଜୀବନରେ ଗଣିତର ବ୍ୟାବହାରିକ ମୂଲ୍ୟ ଅଧିକ ବୃଦ୍ଧି ପାଇଛି ।

ଗଣିତର ଶୃଙ୍ଖଳାଗତ ମୂଲ୍ୟ

ଗଣିତ ଶାସ୍ତ୍ର ହେଉଛି ବ୍ୟକ୍ତିର ଆତ୍ମନିୟନ୍ତ୍ରଣ ପାଇଁ ଜୀବନ ମାର୍ଗ ବା ପ୍ରଶିକ୍ଷଣ; ଏହା ଏକ ଜ୍ଞାନର ଶାଖା, ଅଧ୍ୟୟନର ବିଷୟ । ଗଣିତ ମୁଖ୍ୟତଃ ବ୍ୟକ୍ତିର ମାନସିକ ପ୍ରଶିକ୍ଷଣ ପାଇଁ ଉଦ୍ଦିଷ୍ଟ । କେବଳ ତଥ୍ୟ ସମ୍ବଳିତ ଜ୍ଞାନ ପ୍ରଦାନ କରିବାରେ ଏହାର ଭୂମିକା ବରଂ ଗୌଣ କହିଲେ ଚଳେ । ଅର୍ଥାତ୍ ଗଣିତ ଶିକ୍ଷାର ଉଦ୍ଦେଶ୍ୟ କେବଳ ଜ୍ଞାନ ଅର୍ଜନ ନୁହେ; ବରଂ ଯୁକ୍ତି ଯୁକ୍ତ ଭାବେ ଚିନ୍ତା କରିବା, ବୁଝିପାରିବା ଓ ସିଦ୍ଧାନ୍ତରେ ପହଞ୍ଚିବା ସାମର୍ଥ୍ୟକୁ ବିକଶିତ କରାଇବା ହେଉଛି ଏହାର ମୁଖ୍ୟ ଉଦ୍ଦେଶ୍ୟ । ଏହାଦ୍ୱାରା ଛାତ୍ରଛାତ୍ରୀମାନେ ସେମାନଙ୍କ ମାନସିକ ବିକାଶ ଧାରାକୁ ସୁଶୃଙ୍ଖଳିତ କରାଇଥାଆନ୍ତି । ଏହା କିପରି ସମ୍ଭବ ହୋଇଥାଏ ତାହା ନିମ୍ନ ଅନୁଚ୍ଛେଦଗୁଡ଼ିକରେ ଆଲୋଚନା କରାଗଲା ।

ସରଳତା

ଶିକ୍ଷାଦାନର ଏକ ସାଧାରଣ ନୀତି ହେଲା ଶିକ୍ଷାର୍ଥୀଙ୍କୁ ସରଳରୁ ଜଟିଳକୁ ଅଗ୍ରସର କରାଇବା । ଏହି ନୀତି ଗଣିତ ଶିକ୍ଷା କ୍ଷେତ୍ରରେ ମଧ୍ୟ ପ୍ରଯୁଜ୍ୟ । ପିଲାମାନଙ୍କୁ ଆରମ୍ଭରୁ ଅତି ଜଟିଳ ଗାଣିତିକ ଅଭ୍ୟାସରେ ସଂପୃକ୍ତ ନକରାଇ ସରଳ ମାନସାଙ୍କ ମାଧ୍ୟମରେ ଶିକ୍ଷା ଦେଲେ ତାହା ଅଧିକ ଫଳପ୍ରଦ ହୋଇଥାଏ । ପ୍ରାଥମିକ ଗଣିତ ପାଇଁ ପ୍ରସ୍ତୁତି ଯେତେ ସରଳ ଓ ସୁଗମ ହେବ ତାହା ବ୍ୟାବହାରିକ ଗଣିତ ବିଦ୍ୟା ହାସଲ କରିବାରେ ପିଲାଙ୍କୁ ସେତିକି ସହାୟକ ହେବ ।

ସଠିକତା

ଗଣିତ ଅଧ୍ୟୟନ ସର୍ବଦା ସଠିକ୍ ଯୁକ୍ତି, ଚିନ୍ତା ଓ ବିଚାର ଉପରେ ଗୁରୁତ୍ୱ ଦିଏ । ଏଥିରେ ଅସ୍ପଷ୍ଟତା, ଅନିର୍ଦ୍ଦିଷ୍ଟତା ବା ଅନିଶ୍ଚିତତାର ଆଦୌ ସ୍ଥାନ ନାହିଁ । ଗଣିତ ଶାସ୍ତ୍ରର ସୌନ୍ଦର୍ଯ୍ୟ ସହ ସଠିକତା ଘନିଷ୍ଠଭାବେ ଜଡ଼ିତ କହିଲେ ଅତ୍ୟୁକ୍ତି ହେବ ନାହିଁ । ଛାତ୍ରର ଗାଣିତିକ ଶିକ୍ଷଣ ତାହାର ସଠିକତା ପ୍ରତି ପସନ୍ଦକୁ ଅଧିକ ସକ୍ରିୟ କରାଏ ଯାହାକି ତା'ର ପରବର୍ତ୍ତୀ ଜୀବନଧାରାକୁ ଗଭୀର ଭାବେ ପ୍ରଭାବିତ କରେ ।

ନିଶ୍ଚୟତା

ଯେ କୌଣସି ଗାଣିତିକ କାର୍ଯ୍ୟର ଫଳାଫଳ କେବଳ ଠିକ୍ ଅବା ଭୁଲ୍ ବୋଲି କୁହାଯାଇ ପାରେ । ଗଣିତରେ ଉତ୍ତରଗୁଡ଼ିକ ସ୍ପଷ୍ଟ ଓ ନିର୍ଭୁଲ, ଏହା ଉପରେ ଶିକ୍ଷକ ଓ ଛାତ୍ର ମଧ୍ୟରେ କୌଣସି ମତପାର୍ଥକ୍ୟର ସ୍ଥାନ ନାହିଁ । ଗାଣିତିକ ଶିକ୍ଷଣ ଛାତ୍ର ଠାରେ ଏକ ନିଶ୍ଚିତ ହେବାର ପ୍ରବୃତ୍ତି ସୃଷ୍ଟି କରିଥାଏ ।

ମୌଳିକତା

ଗାଣିତିକ ବିଚାର ସଂପୂର୍ଣ୍ଣ ଭାବେ ଛାତ୍ରର ମୌଳିକ ଚିନ୍ତନ ଉପରେ ଆଧାରିତ, କିନ୍ତୁ ଆଗରୁ ପଢ଼ିଥିବା ଅବା ଶୁଣିଥିବା ଧାରଣା ଉପରେ ନୁହେଁ । ଜଣେ ଛାତ୍ର କେବଳ ଘୋଷି କରି ଗାଣିତିକ ଦକ୍ଷତା ହାସଲ କରି ନପାରେ । ପରନ୍ତୁ ସେ ଜଣେ ମୌଳିକ ଭାବୁକ ଭାବେ ନିଜର ସମସ୍ୟା ସୃଷ୍ଟି କରି ଓ ତାହାର ସମାଧାନ କରି ନିଜର ଗାଣିତିକ ଦକ୍ଷତାର ପରିଚୟ ଦେଇଥାଏ । ଯେତେବେଳେ ସେ କୌଣସି ନୂତନ ସମସ୍ୟାର ସମ୍ମୁଖୀନ ହୁଏ, ତାର ମୌଳିକତା ହିଁ ତାକୁ ସମସ୍ୟାଟିର ସମାଧାନ କରିବାରେ ସାହାଯ୍ୟ କରେ ।

ଦୈନନ୍ଦିନ ଜୀବନର ବିଚାର ସହ ସାଦୃଶ୍ୟ

ଜୀବନ ହିଁ ସମସ୍ୟା ବହୁଳ, ଏବଂ ପ୍ରତ୍ୟେକଙ୍କୁ ସେଗୁଡ଼ିକର ସମ୍ମୁଖୀନ ହେବାକୁ ତଥା ସମାଧାନ କରିବାକୁ ପଡ଼ିଥାଏ । ଯେକୌଣସି ଗାଣିତିକ ସମସ୍ୟା ଭଳି ଦୈନନ୍ଦିନ ଜୀବନ ସମସ୍ୟାଗୁଡ଼ିକର ସମାଧାନ ନିମିତ୍ତ ସ୍ୱଚ୍ଛ ଓ ସଠିକ୍ ଚିନ୍ତନର ଆବଶ୍ୟକତା ରହଛି । ଜଣେ ଗଣିତର ଛାତ୍ର ଯେପରି ଏକ ଦୁଃସାଧ ପରିସ୍ଥିତିକୁ ସାହସର ସହିତ ସମାଧାନ କରିଥାଏ, ଜଣେ ବ୍ୟକ୍ତିଙ୍କୁ ତାଙ୍କ ଦୈନନ୍ଦିନ ଜୀବନ ସମସ୍ୟା କ୍ଷେତ୍ରରେ ଅନୁରୂପ ଅନୁକ୍ରିୟା ଦେଖାଇବାକୁ ପଡ଼େ । ତାଙ୍କର ସଫଳତାର ଅସଲ ଚାବିକାଠି ହେଲା ତାଙ୍କର ସ୍ୱଚ୍ଛ ଓ ସଠିକ୍ ଚିନ୍ତନ । ବହୁ ପରିମାଣରେ ଗାଣିତିକ କାର୍ଯ୍ୟ, ବିଚାର ଉପରେ ହିଁ ପର୍ଯ୍ୟବେସିତ । ବିଶେଷକରି ଜ୍ୟାମିତି ପାଇଁ ଏହା ଅଧିକ ପ୍ରଯୁଜ୍ୟ । ଗାଣିତିକ ତଥ୍ୟଗୁଡ଼ିକ ପରସ୍ପର ସହ ଯୁକ୍ତିସଙ୍ଗତ ଭାବେ ସଂଯୁକ୍ତ । ସୁତରାଂ ଯେକୌଣସି ଗାଣିତିକ ପ୍ରସଙ୍ଗକୁ ଯଦି ଯୁକ୍ତିଯୁକ୍ତ ଭାବେ ଉପସ୍ଥାପନ କରାଯାଏ ତେବେ ଜଣେ ସାଧାରଣ ଛାତ୍ରର ମଧ୍ୟ ଗଣିତର ସରଳ ବିଚାରଧାରା ଗୁଡ଼ିକ ବେଶ୍ ବୋଧଗମ୍ୟ ହୋଇପାରେ । ସଂକ୍ଷେପରେ କୁହାଯାଇପାରେ ଯେ ଗଣିତ ଶିକ୍ଷା ବ୍ୟକ୍ତିର ମନକୁ ପ୍ରଶିକ୍ଷିତ ତଥା ସୁଶୃଙ୍ଖଳିତ କରାଏ ।

ଗଣିତର ସାଂସ୍କୃତିକ ମୂଲ୍ୟ

ଗଣିତର ବିଷୟବସ୍ତୁ ଅପେକ୍ଷା ଅଧିକ ଗୁରୁତ୍ୱପୂର୍ଣ୍ଣ ହେଉଛି ଏହା ସରଳ, ସ୍ପଷ୍ଟ ତଥା ପ୍ରକାରଗତ ଭାବେ ପ୍ରଦର୍ଶନ କରୁଥିବା ନିର୍ଦ୍ଦିଷ୍ଟ ଚିନ୍ତାଧାରା, ଯାହାକି ଆମ୍ଭମାନଙ୍କର ସଂସ୍କୃତିର ଏକ ଅବିଚ୍ଛେଦ୍ୟ ଅଙ୍ଗ । ସଂସ୍କୃତି ହେଉଛି ସମାଜରେ ବଜାୟ ରହିଥିବା ଚିନ୍ତାଧାରା, ରାଜନୀତି, ସାହିତ୍ୟ, କଳା, ଧର୍ମଭାବନା, ଶିକ୍ଷା ଇତ୍ୟାଦିର ଉନ୍ନତ ତଥା ବିକାଶିତ ଅବସ୍ଥା ଯାହାକି ସମାଜର ସମସ୍ତ ବ୍ୟକ୍ତିଙ୍କୁ ପ୍ରତିନିଧିତ୍ୱ କରେ । ଅର୍ଥାତ୍ ସମାଜର କଳା, ଚିନ୍ତାଧାରା, ବିଶ୍ୱାସ ତଥା ପରମ୍ପରା ସମୂହର ଏକ ଶୃଙ୍ଖଳିତ ଏକକ ହେଉଛି ସଂସ୍କୃତି ।

ଗଣିତ ହେଉଛି ସଭ୍ୟତା ତଥା ସଂସ୍କୃତିର ଦର୍ପଣ ସଦୃଶ । କୌଣସି ଦେଶର ସଭ୍ୟତା ଓ ସଂସ୍କୃତି ଲୋକମାନଙ୍କର ଗାଣିତିକ ଜ୍ଞାନରେ ହିଁ ପ୍ରତିଫଳିତ ହୋଇଥାଏ । ଗଣିତ ଶାସ୍ତ୍ରର ବିକାଶ ସହ ତାଳ ଦେଇ କୃଷି, ଇଞ୍ଜିନିୟରିଂ, ସର୍ବେକ୍ଷଣ, ଭେଷଜ ଶାସ୍ତ୍ର, ଶିଳ୍ପ ଆଦି କ୍ଷେତ୍ରରେ ଆଶାତୀତ ଅଗ୍ରଗତି ଘଟିଅଛି । ଏହାର ପ୍ରଭାବ ଆମ ସଂସ୍କୃତିରେ ସହଜ ଭାବେ ପରିଦୃଷ୍ଟ । ଗଣିତ ଶାସ୍ତ୍ର ଯେହେତୁ ଉପରୋକ୍ତ କ୍ଷେତ୍ରମାନଙ୍କରେ ଏକ ଅଦୃଶ୍ୟ ପ୍ରଭାବ ବିସ୍ତାର କରିଆସିଛି, ପରୋକ୍ଷରେ ଏହା ସାଂସ୍କୃତିକ ପରିବର୍ତ୍ତନରେ ଏକ ଅଗ୍ରଣୀ ଭୂମିକା ଗ୍ରହଣ କରିଆସିଛି । ମୌଳିକତା, ଅନୁପାତ, ପ୍ରତିସାମ୍ୟ, ସାଦୃଶ୍ୟ, ସୁଶୃଙ୍ଖଳା ପ୍ରଭୃତି ଗାଣିତିକ କାର୍ଯ୍ୟପ୍ରଣାଳୀ ବା ଢଙ୍ଗ ବିବିଧ ସାଂସ୍କୃତିକ କଳା ଓ ସ୍ଥାପତ୍ୟରେ ପରିସ୍ଫୁଟ । ସଂସ୍କୃତିର ସଂରକ୍ଷଣ, ଅଗ୍ରଗତି ଓ ସଞ୍ଚାରଣ କରିବାରେ ଗଣିତର ଭୂମିକା ତାତ୍ପର୍ଯ୍ୟପୂର୍ଣ୍ଣ ।

୪.୩.୪ ପ୍ରାଥମିକ ସ୍ତରରେ ଗଣିତ ଶିକ୍ଷାଦାନର ଲକ୍ଷ୍ୟ

ଗଣିତର ବ୍ୟାବହାରିକ, ଶୃଙ୍ଖଳାଗତ, ଓ ସାଂସ୍କୃତିକ ମୂଲ୍ୟଗୁଡ଼ିକ ଆଧାରରେ ଗଣିତ ଶିକ୍ଷାଦାନର ବ୍ୟାବହାରିକ ଲକ୍ଷ୍ୟ, ଶୃଙ୍ଖଳାଗତ ଲକ୍ଷ୍ୟ, ତଥା ସାଂସ୍କୃତିକ ଲକ୍ଷ୍ୟଗୁଡ଼ିକର ବ୍ୟାଖ୍ୟା କରାଯାଇପାରେ । ଜ୍ଞାନ ଓ କୌଶଳ ଅର୍ଜନ ବ୍ୟାବହାରିକ ଲକ୍ଷ୍ୟର ଅନ୍ତର୍ଭୁକ୍ତ । ସେହିଭଳି ବୌଦ୍ଧିକ ଅଭ୍ୟାସ ଓ ସାମର୍ଥ୍ୟ ଗଠନ ଶୃଙ୍ଖଳାଗତ ଲକ୍ଷ୍ୟର ଅନ୍ତର୍ଭୁକ୍ତ । ଗ୍ରହଣଯୋଗ୍ୟ ମନୋଭାବ, ସୂକ୍ଷ୍ମାନୁଭବୀ ସମାଲୋଚନା ଓ କୌଣସି ବିଷୟରେ କୌତୁହଳ, ଜାଣିବା ପାଇଁ ଉଦ୍‌ବେଗ ଆଦି ସାଂସ୍କୃତିକ ଲକ୍ଷ୍ୟର ଅନ୍ତର୍ଭୁକ୍ତ । ଉପରୋକ୍ତ ତିନୋଟି ଶ୍ରେଣୀର ପ୍ରମୁଖ ଲକ୍ଷ୍ୟଗୁଡ଼ିକର ସବିଶେଷ ବର୍ଣ୍ଣନାରୁ ଆମେ ପ୍ରାଥମିକ ସ୍ତରରେ ଗଣିତ ଶିକ୍ଷାଦାନର ସାଧାରଣ ଲକ୍ଷ୍ୟଗୁଡ଼ିକ ବିଷୟରେ ସୂଚନା ପାଇ ପାରିବା । ଏହି ସାଧାରଣ ଲକ୍ଷ୍ୟଗୁଡ଼ିକ ହେଲା –

ପ୍ରାଥମିକ ପାଠ ଶେଷରେ ଛାତ୍ରଛାତ୍ରୀମାନେ

- ବିଭିନ୍ନ ଗାଣିତିକ ଧାରଣା, ନିୟମ, ପ୍ରକ୍ରିୟା, ସଙ୍କେତ ଇତ୍ୟାଦି ଜାଣିବେ ଓ ବୁଝିବେ;
- ଯୁକ୍ତି ଯୁକ୍ତ ଭାବେ ଚିନ୍ତା କରିବେ, ବିଚାର କରିବେ, ବିଶ୍ଳେଷଣ ଓ ସଂଶ୍ଳେଷଣ କରିବେ ଓ ଠିକ୍ ଫଳାଫଳ ନିର୍ଦ୍ଧାରଣ କରିବେ ;
- ସମୁଚିତ ଚିହ୍ନ ବ୍ୟବହାର କରି ମୌଖିକ କଥନକୁ ଗାଣିତିକ ଭାଷା, ସାରଣୀ ଏବଂ ରେଖାଚିତ୍ରରେ ପ୍ରକାଶ କରିବେ;
- ଅଙ୍କନ, ମାପ, ହିସାବ, ଅଟକଳ ନିର୍ଣ୍ଣୟ, ପ୍ରଦର୍ଶନ ଆଦି କୌଶଳ ହାସଲ କରିବେ;
- ଦୈନନ୍ଦିନ ଜୀବନର ସାଧାରଣ ସମସ୍ୟା ସମାଧାନ କରିବାରେ ଗାଣିତିକ ମୌଳିକ ଧାରଣା ଓ କୌଶଳକୁ ପ୍ରୟୋଗ କରିବେ;
- କ୍ରମାନ୍ୱୟତା, ସଂରଚନା ଆଦିକୁ ଚିହ୍ନି ପାରିବେ ଏବଂ ଜ୍ୟାମିତିକ ଆକାର ଓ ସ୍ଥାନ ସଂପର୍କକୁ ବୁଝିବେ;
- ଗଣିତ ପ୍ରତି ଏକ ସ୍ଥାୟୀ ଆଗ୍ରହ, ଦୃଢ଼ ବିଶ୍ୱାସ, ସୌନ୍ଦର୍ଯ୍ୟାତ୍ମକ ବିଚାରସମ୍ବୃତ ଅନୁଭୂତି ଓ ଅନୁରାଗ ପ୍ରଦର୍ଶନ କରିବେ;
- ନିୟମାନୁବର୍ତ୍ତିତା, ପୁନଃପୁନଃ ଚେଷ୍ଟା, ସହିଷ୍ଣୁତା, ଆତ୍ମନିର୍ଭରଶୀଳତା ଓ ଅଧ୍ୟବସାୟ ଆଦି ପ୍ରବୃତ୍ତି ପ୍ରଦର୍ଶନ କରିବେ;
- ଗାଣିତିକ କୌତୁକ, କ୍ରୀଡ଼ା, ଧନ୍ଦା ଓ କାର୍ଯ୍ୟକଳାପ ପ୍ରତି ଆଗ୍ରହ ଦେଖାଇବେ;
- ମାଧ୍ୟମିକ ସ୍ତରର ଗଣିତ ଶିକ୍ଷା ପାଇଁ ନିଜକୁ ପ୍ରସ୍ତୁତ କରିବେ ।

ଗଣିତ ଶିକ୍ଷାଦାନର ଏହି ସାଧାରଣ ଲକ୍ଷ୍ୟଗୁଡ଼ିକ କେବଳ ଶୈକ୍ଷିକ ଉଦ୍ଦେଶ୍ୟ ସମ୍ବନ୍ଧୀୟ ବିସ୍ତୃତ ଉକ୍ତି ମାତ୍ର, ଯାହାକି ଅଭିଳଷିତ ଦକ୍ଷତାଗୁଡ଼ିକୁ ସୂଚାଇ ଥାଆନ୍ତି । ନିର୍ଦ୍ଦିଷ୍ଟ ଗାଣିତିକ ବିଷୟବସ୍ତୁ ଓ ତତ୍ ସଂପୃକ୍ତ ଶିକ୍ଷଣ ଅନୁଭୂତିର ସଂଗଠନ କଲା ବେଳେ ଏହି ମୁଖ୍ୟ ଲକ୍ଷ୍ୟଗୁଡ଼ିକୁ ଏକାଧିକ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ଭାବେ ପ୍ରକାଶ କରାଯାଏ । ନିର୍ଦ୍ଦିଷ୍ଟ ଲକ୍ଷ୍ୟର ଉକ୍ତିଗୁଡ଼ିକୁ ସ୍ପଷ୍ଟ ଭାବେ ଶିକ୍ଷାର୍ଥୀର ଆଚରଣସୂଚକ ଶବ୍ଦ ଦ୍ୱାରା ବ୍ୟକ୍ତ କରାଯାଏ । ଯାହାଫଳରେ ଶିକ୍ଷଣ ପରେ ଶିକ୍ଷାର୍ଥୀ କି କି ଆଚରଣ ଦେଖାଇବ ତାହା ଏହି ନିର୍ଦ୍ଦିଷ୍ଟ ଲକ୍ଷ୍ୟଗୁଡ଼ିକ ହିଁ ସୂଚାଇଥାଆନ୍ତି । ଗଣିତ ଶିକ୍ଷାଦାନର କେତେକ ସାଧାରଣ ଲକ୍ଷ୍ୟ ତଥା ଏହାର ସ୍ପଷ୍ଟୀକରଣ ନିମ୍ନରେ ପ୍ରଦାନ କରାଯାଇଛି ।

୧. ଗାଣିତିକ ପଦ, ଧାରଣା, ସଙ୍କେତ, ସଂଜ୍ଞା, ନିୟମ, ପ୍ରକ୍ରିୟା ଓ ସୂତ୍ରଗୁଡ଼ିକ ବିଷୟରେ ଜ୍ଞାନ

ସ୍ପଷ୍ଟୀକରଣ : ଏହି ଜ୍ଞାନସ୍ତରୀୟ ଲକ୍ଷ୍ୟ ସାଧନ ପ୍ରଦର୍ଶନ ନିମିତ୍ତ, ଶିକ୍ଷାର୍ଥୀ

୧.୧ ଗାଣିତିକ ପଦ, ଧାରଣା, ସଙ୍କେତ, ସଂଜ୍ଞା, ନିୟମ, ପ୍ରକ୍ରିୟା ଓ ସୂତ୍ରଗୁଡ଼ିକ ମନେରଖିବେ;

୧.୨ ଗାଣିତିକ ପଦ, ଧାରଣା, ସଙ୍କେତ, ସଂଜ୍ଞା, ନିୟମ, ପ୍ରକ୍ରିୟା ଓ ସୂତ୍ରଗୁଡ଼ିକ ଚିହ୍ନାଇ ଦେବେ;

୨. ଗାଣିତିକ ପଦ, ଧାରଣା, ସଙ୍କେତ, ସଂଜ୍ଞା, ନିୟମ, ପ୍ରକ୍ରିୟା ଓ ସୂତ୍ରଗୁଡ଼ିକର ସମ୍ୟକ୍‌ବୋଧ

ସ୍ପଷ୍ଟୀକରଣ : ଏହି ସମ୍ୟକ୍ ବୋଧ ସ୍ତରୀୟ ଲକ୍ଷ୍ୟ ସାଧନ ପ୍ରଦର୍ଶନ ନିମିତ୍ତ, ଶିକ୍ଷାର୍ଥୀ

୨.୧ ଗାଣିତିକ ତଥ୍ୟଗୁଡ଼ିକ ଉଦାହରଣ ସାହାଯ୍ୟରେ ବୁଝାଇବେ;

୨.୨ ଗାଣିତିକ ତଥ୍ୟଗୁଡ଼ିକରେ ତ୍ରୁଟି ଦର୍ଶାଇବେ ଓ ଏହାକୁ ସଂଶୋଧନ କରିବେ;

୨.୩ କୌଣସି ବିଶେଷ ଭାବ ପ୍ରକାଶକ ପଦ ବା ସଙ୍କେତ ଗୁଡ଼ିକ ମଧ୍ୟରେ ତୁଳନା କରିବେ;

୨.୪ ବିବିଧ ଧାରଣାଗୁଡ଼ିକ ମଧ୍ୟରେ ସାଦୃଶ୍ୟ ବା ପାର୍ଥକ୍ୟ ଦର୍ଶାଇବେ;

୨.୫ ଗାଣିତିକ ତଥ୍ୟ ଓ ନିୟମଗୁଡ଼ିକୁ କୌଣସି ମାନଦଣ୍ଡ ଅନୁଯାୟୀ ବିଭାଗୀକରଣ କରିବେ;

୨.୬ ଦତ୍ତ ତଥ୍ୟାବଳୀ ମଧ୍ୟରେ ଥିବା ସମ୍ବନ୍ଧ ଦର୍ଶାଇବେ;

୨.୭ ସମୁଚିତ ଚିହ୍ନ ବ୍ୟବହାର କରି ମୌଖିକ କଥନକୁ ଗାଣିତିକ ଭାଷା ଏବଂ ରେଖାଚିତ୍ରରେ ଅବା ବିପରୀତ ଭାବରେ ପ୍ରକାଶ କରିବେ;

୨.୮ ଯୁକ୍ତିଯୁକ୍ତ ଭାବେ ଠିକ୍ ଫଳାଫଳ ନିର୍ଦ୍ଧାରଣ କରିପାରିବେ ଏବଂ ମାପର ଅଟକଳ କରିବେ;

୩. ସଠିକ୍ ହିସାବ, ଜ୍ୟାମିତିକ ଚିତ୍ର ଓ ଲେଖଚିତ୍ର ଅଙ୍କନ ଏବଂ ଗାଣିତିକ ସାରଣୀ, ବିବରଣ ଫର୍ଦ୍ଦ, ରେଖାଚିତ୍ର ପଠନ ଆଦି କୌଶଳ ଅର୍ଜନ

ସ୍ପଷ୍ଟୀକରଣ : ଏହି କୌଶଳ ସମ୍ବନ୍ଧୀୟ ଲକ୍ଷ୍ୟ ସାଧନ ପ୍ରଦର୍ଶନ ନିମିତ୍ତ, ଶିକ୍ଷାର୍ଥୀ

୩.୧ ଶୀଘ୍ର ଓ ଠିକ୍ ଭାବେ ହିସାବ କରିବେ;

୩.୨ ଗାଣିତିକ ସରଞ୍ଜାମଗୁଡ଼ିକ ଦକ୍ଷତାର ସହ ବ୍ୟବହାର କରିବେ;

୩.୩ ସମୁଚିତ ପରିମାପକ ଏକକ ସହ ଓଜନ, ଦୈର୍ଘ୍ୟ, ଦୂରତା, ଆକୃତି, ଧାରଣ ଶକ୍ତି, ଆୟତନ, ଓ ସମୟ ଆଦିକୁ ବିଭିନ୍ନ ଯନ୍ତ୍ର ଓ ଉପରକଣ ସାହାଯ୍ୟରେ ମାପ କରିବେ;

୩.୪ ସହଜରେ ନିଜ ବିଚାର ଅନୁସାରେ ଚିତ୍ର ଅଙ୍କନ କରିପାରିବେ;

୩.୫ ସ୍ପଷ୍ଟୀକରଣ ଅବା ସ୍କେଲ ଅନୁଯାୟୀ ଚିତ୍ର ନିର୍ଭୁଲ ଭାବେ ଆଙ୍କି ପାରିବେ;

୩.୬ ଗାଣିତିକ ସାରଣୀ, ବିବରଣ ଫର୍ଦ୍ଦ ଓ ରେଖାଚିତ୍ରଗୁଡ଼ିକ ପଢ଼ି ବ୍ୟାଖ୍ୟା କରିବେ;

୪. ଦୈନନ୍ଦିନ ଜୀବନର ସାଧାରଣ ସମସ୍ୟା ସମାଧାନ କରିବାରେ ଗାଣିତିକ ମୌଳିକ ଧାରଣା ଓ କୌଶଳ ଆଦିର ପ୍ରୟୋଗ

ସ୍ପଷ୍ଟୀକରଣ : ଏହି ପ୍ରୟୋଗସ୍ତରୀୟ ଲକ୍ଷ୍ୟ ସାଧନ ପ୍ରଦର୍ଶନ ନିମିତ୍ତ, ଶିକ୍ଷାର୍ଥୀ;

୪.୧ ସମସ୍ୟାର ବିଶ୍ଳେଷଣ କରି କଣ ନିର୍ଣ୍ଣୟ କରିବାକୁ ହେବ ତାହା ସ୍ଥିର କରିବେ;

୪.୨ ଦତ୍ତ ତଥ୍ୟ ପର୍ଯ୍ୟାପ୍ତ କି ନୁହେଁ ତାହା ଆକଳନ କରିବେ;

୪.୩ ବିଭିନ୍ନ ତଥ୍ୟ ମଧ୍ୟରେ ଥିବା ସମ୍ପର୍କ ସ୍ଥାପନ କରିପାରିବେ;

୪.୪ କୌଣସି ସମସ୍ୟାର ସମାଧାନ ନିମିତ୍ତ ପ୍ରଚଳିତ ପଦ୍ଧତି ସ୍ଥିର କରିବେ;

୪.୫ ଦୃଷ୍ଟାନ୍ତ ଦ୍ୱାରା ସାଧାରଣ ନିୟମର ନିର୍ଦ୍ଧାରଣ କରିପାରିବେ;

୪.୬ ସାଧାରଣ ସତ୍ୟରୁ ନିର୍ଦ୍ଦିଷ୍ଟ ପରିସ୍ଥିତି ବିଷୟରେ ସତ୍ୟାସତ୍ୟ ନିର୍ଣ୍ଣୟ କରିବେ ।

ଏଠାରେ କେବଳ ଜ୍ଞାନ, ସମ୍ୟକ୍ ବୋଧ, କୌଶଳ ଓ ପ୍ରୟୋଗ ଆଦି ସମ୍ବନ୍ଧୀୟ ଲକ୍ଷ୍ୟ ଓ ତାହାର ସ୍ପଷ୍ଟୀକରଣ ଉଲ୍ଲେଖ କରାଯାଇଅଛି । ଉଚ୍ଚତର ବୌଦ୍ଧିକ ଲକ୍ଷ୍ୟ ଏବଂ ଆବେଗିକ ଲକ୍ଷ୍ୟ ଇତ୍ୟାଦିର ସ୍ପଷ୍ଟୀକରଣ ଏହି ଆଲୋଚନାରୁ ବାଦ୍ ଦିଆଯାଇଛି ।

୪.୩.୫ ଗଣିତ ଶିକ୍ଷାଦାନ ପଦ୍ଧତି

ନିର୍ଦ୍ଦିଷ୍ଟ ଲକ୍ଷ୍ୟ ହାସଲ ପାଇଁ ଶିକ୍ଷଣ ଅନୁଭୂତିଗୁଡ଼ିକୁ ଏକ ନିର୍ଦ୍ଦିଷ୍ଟ ଢଙ୍ଗରେ ସଂଗଠିତ କରି ଶିକ୍ଷାର୍ଥୀଙ୍କ ସମ୍ମୁଖରେ ଉପସ୍ଥାପନ କରିବାକୁ ଏକ ପଦ୍ଧତି ଆଖ୍ୟା ଦିଆଯାଏ । ଗଣିତ ଶିକ୍ଷାଦାନ କ୍ଷେତ୍ରରେ ଯେଉଁ କେତୋଟି ପଦ୍ଧତି ଅନୁସୃତ ହୋଇଥାଏ ତାହା ହେଲା -(୧) ବିଶ୍ଳେଷଣ ଓ ସଂଶ୍ଳେଷଣ, (୨) ଆରୋହୀ ଓ ଅବରୋହୀ ଏବଂ (୩) କାର୍ଯ୍ୟକଳାପ ଭିତ୍ତିକ ପଦ୍ଧତି । ଏଗୁଡ଼ିକର ବିଶଦ ଆଲୋଚନା ନିମ୍ନ ଅନୁଚ୍ଛେଦଗୁଡ଼ିକରେ ଦିଆଯାଇଛି ।

ବିଶ୍ଳେଷଣ ଓ ସଂଶ୍ଳେଷଣ ପଦ୍ଧତି

ବିଶ୍ଳେଷଣ ପଦ୍ଧତିରେ ଶିକ୍ଷାର୍ଥୀ 'ଅଜ୍ଞାତ'ରୁ 'ଜ୍ଞାତ'ଆଡ଼କୁ ଅଗ୍ରସର ହୋଇଥାଏ । କିନ୍ତୁ ସଂଶ୍ଳେଷଣ ପଦ୍ଧତିରେ ଶିକ୍ଷାର୍ଥୀ 'ଜ୍ଞାତ'ରୁ 'ଅଜ୍ଞାତ' ଆଡ଼କୁ ଅଗ୍ରସର ହୁଏ । ଯଦି ଧରାଯାଏ 'A' ସତ୍ୟ ଅଟେ, ତେଣୁ 'B' ସତ୍ୟ ହେବ ସୁତରାଂ 'C' ମଧ୍ୟ ତ୍ୟ ।' ଏହା ହେଲା ସଂଶ୍ଳେଷଣର ଧାରା । ଅନ୍ୟପକ୍ଷରେ ବିଶ୍ଳେଷଣର ଧାରା ଠିକ୍ ବିପରୀତ, ଯଥା 'C' ସତ୍ୟ ହୋଇପାରେ ଯଦି 'B' ସତ୍ୟ ହୁଏ । 'B' ସତ୍ୟ ହେବ ଯଦି 'A' ସତ୍ୟ ହୁଏ । କିନ୍ତୁ 'A' ସତ୍ୟ ଅଟେ, ସୁତରାଂ 'C' ମଧ୍ୟ ସତ୍ୟ ।' ସଂଶ୍ଳେଷଣ ପଦ୍ଧତିରେ ଜ୍ଞାତ ସତ୍ୟଗୁଡ଼ିକୁ ଏକାଠି କରାଯାଏ । ଏହି ଏକତ୍ରୀକରଣରୁ ଆମେ ଅନ୍ୟ ଏକ ସତ୍ୟ ପ୍ରତ୍ୟକ୍ଷ କରୁ ଯାହାକି ଆମ ପାଇଁ ପୂର୍ବରୁ ଅଜ୍ଞାତ ଥିଲା । ବିଶ୍ଳେଷଣ ପଦ୍ଧତିରେ ଆମେ କୌଣସି ଜଟିଳ ବିଷୟ ବସ୍ତୁକୁ ସୁଚିନ୍ତିତ ଭାବେ ଭାଙ୍ଗି ତାହାର ଅଂଶଗୁଡ଼ିକରେ ପରିଣତ କରୁ ଯଦ୍ୱାରା କି ଏହି ଅଂଶ ବିଶେଷର ସତ୍ୟତା ବା ଅସତ୍ୟତା ସହଜରେ ନିର୍ଣ୍ଣୟ କରାଯାଇ ପାରିବ ।

ବିଶ୍ଳେଷଣ ଓ ସଂଶ୍ଳେଷଣ ପଦ୍ଧତିଗୁଡ଼ିକ ବିଚାର ତଥା ତର୍କର ଆଶ୍ରୟ ନେଇଥାନ୍ତି ଯାହା ଫଳରେ ଏକାଧିକ ସମ୍ବନ୍ଧଗୁଡ଼ିକର ଆବିଷ୍କାର ହୋଇଥାଏ । ଯେକୌଣସି ପ୍ରସ୍ତାବ ବାକ୍ୟରେ ଦୁଇଟି ମୁଖ୍ୟ ଅଂଶ ହେଲା : (୧) ପ୍ରାକ୍-କଳ୍ପନା ବା ଅନୁମାନ, ଯଥା ପ୍ରସ୍ତାବ-ବାକ୍ୟରେ ଦିଆଯାଇଥିବା ତଥ୍ୟ, ଏବଂ (୨) ସିଦ୍ଧାନ୍ତ, ଯଥା: ଯେଉଁ ଫଳାଫଳରେ ଆମେ ପହଞ୍ଚି ଥାଉ ଅବା ଯାହା ପ୍ରମାଣ୍ୟ । ଜ୍ୟାମିତିରେ ସଂଶ୍ଳେଷଣାତ୍ମକ ପ୍ରମାଣ ଗୁଡ଼ିକ ସାଧାରଣତଃ ଏକ ପ୍ରାକ୍-କଳ୍ପନାରୁ ଆରମ୍ଭ ହୋଇ ଏକ ସିଦ୍ଧାନ୍ତରେ ଶେଷ ହୋଇଥାଏ । କିନ୍ତୁ ଉପରୋକ୍ତ ପ୍ରମାଣର ବିଶ୍ଳେଷଣ ପ୍ରଦର୍ଶନ ସିଦ୍ଧାନ୍ତରୁ ଆରମ୍ଭ ହୋଇ ପ୍ରାକ୍ କଳ୍ପନାରେ ଶେଷ ହୁଏ । ପ୍ରଚଳିତ ଜ୍ୟାମିତି ବହିରେ ଦିଆଯାଇଥିବା ଯୁକ୍ତିମୂଳକ ପ୍ରମାଣଗୁଡ଼ିକ ସାମାନ୍ୟ କଥନ, ଦତ୍ତ, ପ୍ରମାଣ୍ୟ, ଅଙ୍କନ (ଆବଶ୍ୟକ ସ୍ଥଳେ) ଓ ପ୍ରମାଣ ଆଦି କ୍ରମାନୁଯାୟୀ ଉପସ୍ଥାପନ କରାଯାଇଥାଏ । ଏଗୁଡ଼ିକ ହେଉଛି ସଂଶ୍ଳେଷିତ ଧାରା । ବିଶ୍ଳେଷିତ ଧାରା ସାଧାରଣତଃ ଏହି ବହିରୁ ବାଦ୍ ଦିଆଯାଇଥାଏ ।

ନିମ୍ନ ଉଦାହରଣ ଗୁଡ଼ିକରୁ ଏହି ଉଭୟ ପଦ୍ଧତି ବିଷୟରେ ଆମର ଧାରଣା ଅଧିକ ସ୍ପଷ୍ଟ ହୋଇପାରିବ ।

ଉଦାହରଣ ୧: ଯଦି ଦୁଇଟି ସଂଖ୍ୟାର ଯୋଗଫଳ ୪୦ ଓ ବିୟୋଗଫଳ ୮ ହୁଏ ତେବେ ସଂଖ୍ୟା ଦୁଇଟି କେତେ ହେବ ?

ବିଶ୍ଳେଷଣାତ୍ମକ ପ୍ରଶ୍ନ	ସମ୍ଭାବ୍ୟ ଉତ୍ତର
୧. ସଂଖ୍ୟାଦୁଇଟିର ଯୋଗଫଳ କେତେ ?	- ୪୦
୨. ଯେକୌଣସି ଦୁଇଟି ସଂଖ୍ୟା କୁହ ଯାହା ଯୋଗ କଲେ ଯୋଗଫଳ ୪୦ ହେବ ।	- ୨୦ ଓ ୨୦, ୧୦ ଓ ୩୦, ୨୫ ଓ ୧୫ ଇତ୍ୟାଦି
୩. ସଂଖ୍ୟା ଦ୍ୱୟ ୨୦ ଓ ୨୦ ହେଲେ, ତାହା ଠିକ୍ ହେବ କି ?	- ନା, କାରଣ ସଂଖ୍ୟାଦ୍ୱୟର ବିୟୋଗଫଳ ୮ ନୁହେଁ
୪. ସଂଖ୍ୟା ଦୁଇଟି ସମାନ କି ଅସମାନ ହେବ ?	- ଅସମାନ, ଗୋଟିଏ ଅନ୍ୟଠାରୁ ବୃହତ୍ତର

୫. ଗୋଟିଏ ସଂଖ୍ୟାଠାରୁ କେତେ ବୃହତ୍ତର ହେବ ?

୬. ବିୟୋଗ ଫଳ ୮ ସ୍ଥାନରେ ଯଦି ଗୋଟିଏ ସଂଖ୍ୟା ଅନ୍ୟଠାରୁ ୮ ବୃହତ୍ତର ଲେଖାଯାଏ ତେବେ ପ୍ରଶ୍ନଟି କ'ଣ ହେବ ?

୭. ତେବେ ଏହି ପ୍ରଶ୍ନର ସମାଧାନ କିପରି ହେବ ? ସଂଖ୍ୟା ଦୁଇଟି କେତେ ?

୮. ଏହି ଫଳାଫଳକୁ ପ୍ରଶ୍ନର ଦତ୍ତାଂଶ ସହ ମିଳାଅ ।

- ୮, କାରଣ ସଂଖ୍ୟାଦ୍ୱୟର ବିୟୋଗଫଳ ୮
- ଯଦି ଦୁଇଟି ସଂଖ୍ୟାର ଯୋଗଫଳ ୪୦ ଓ ତନ୍ମଧ୍ୟରୁ
- ଗୋଟିଏ ସଂଖ୍ୟା ଅନ୍ୟଠାରୁ ୮ ବୃହତ୍ତର, ତେବେ ସଂଖ୍ୟା ଦୁଇଟି କେତେ ହେବ ?
- ବୃହତ୍ତର ସଂଖ୍ୟାଟି ପାଇଁ ବଳକା ମୂଲ୍ୟ ୮କୁ ଯୋଗଫଳ ୪୦ରୁ ବାଦ୍ ଦେଇ, ଅବଶିଷ୍ଟ ୩୨କୁ ଦୁଇଭାଗ କଲେ ଭାଗଫଳ ଯାହା ସାନ ସଂଖ୍ୟାଟି ତାହା ହେବ ।
- ସାନ ସଂଖ୍ୟା = ୩୨ ÷ ୨ = ୧୬ ଓ

  ବଡ଼ସଂଖ୍ୟା = ୧୬ + ୮ = ୨୪

ସଂଶ୍ଳେଷଣାତ୍ମକ ସମାଧାନ

୧. ସଂଖ୍ୟାଦ୍ୱୟ ଯଥାକ୍ରମେ x ଓ y ହେଉ; $x > y$

୨. $x + y = ୪୦$ ..... (i)

୩. $x - y = ୮$ ..... (ii)

୪. (i) ଓ (ii) ଯୋଗ କରି, $୨x = ୪୮$, ଅତଏବ $x = ୨୪$

୫. (i)ରୁ (ii)କୁ ବିୟୋଗ କରି, $୨y = ୩୨$, ଅତଏବ $y = ୧୬$
(କିମ୍ବା (i) ରେ xର ମୂଲ୍ୟ ବସାଇ ଅବା (ii)ରେ xର ମୂଲ୍ୟ ବସାଇ yର ମୂଲ୍ୟ ନିର୍ଣ୍ଣୟ କରାଯାଇପାରେ)

୬. ସୁତରାଂ, ସଂଖ୍ୟାଦ୍ୱୟ ଯଥାକ୍ରମେ ୨୪ ଓ ୧୬ ହେବ ।

ଉଦାହରଣ ୨ : ଯଦି a:b::c:d ହୁଏ, ତେବେ ପ୍ରମାଣ କର ଯେ (a-b):(a+b)::(c-d):(c+d)

ବିଶ୍ଳେଷଣ ପଦ୍ଧତି : $(a-b):(a+b)::(c-d):(c+d) \Rightarrow \frac{(a-b)}{(a+b)} = \frac{(c-d)}{(c+d)}$

$\frac{(a-b)}{(a+b)} = \frac{(c-d)}{(c+d)}$ ସତ୍ୟ ହେବ, ଯଦି $(a-b)(c+d)=(c-d)(a+b)$

କିମ୍ବା, $ac-bc+ad-bd=ac-ad+bc-bd$

କିମ୍ବା, $-bc+ad=-ad+bc$

କିମ୍ବା, $ad+ad=bc+bc$

କିମ୍ବା, $2ad=2bc$

କିମ୍ବା, $ad=bc$

କିମ୍ବା, $\frac{a}{b} = \frac{c}{d}$

କିମ୍ବା, a:b::c:d ସତ୍ୟ ହୁଏ ।

କିନ୍ତୁ ପ୍ରଶ୍ନାନୁସାରେ,

a:b::c:d ସତ୍ୟ ଅଟେ । ସୁତରାଂ, (a-b):(a+b)::(c-d):(c+d) ସତ୍ୟ ।

ସଂଶ୍ଳେଷଣ ପଦ୍ଧତି : ଦତ୍ତ a:b::c:d $\Rightarrow \frac{a}{b} = \frac{c}{d}$

ଉଭୟ ପାର୍ଶ୍ୱରୁ ୧ ବିୟୋଗ କରି, $\frac{a}{b}-1 = \frac{c}{d}-1 \Rightarrow \frac{a-b}{b} = \frac{c-d}{d}$.....(i)

ଉଭୟ ପାର୍ଶ୍ୱରେ ୧ ଯୋଗ କରି, $\frac{a}{b}+1 = \frac{c}{d}+1 \Rightarrow \frac{a+b}{b} = \frac{c+d}{d}$.....(ii)

(i)କୁ (ii) ଦ୍ୱାରା ହରଣ କରି, $\frac{a-b}{b} \div \frac{a+b}{b} = \frac{c-d}{d} \div \frac{c+d}{d}$

$$\Rightarrow \frac{a-b}{b} \times \frac{b}{a+b} = \frac{c-d}{d} \times \frac{d}{c+d}$$

$$\Rightarrow \frac{a-b}{a+b} = \frac{c-d}{c+d} \Rightarrow (a-b):(a+b)::(c-d):(c+d)$$

ବିଶ୍ଳେଷଣ ଓ ସଂଶ୍ଳେଷଣ ପଦ୍ଧତିର ଶୈକ୍ଷିକ ମୂଲ୍ୟ

ବିଶ୍ଳେଷଣ ଓ ସଂଶ୍ଳେଷଣ ପଦ୍ଧତିଦ୍ୱୟ ଠିକ୍ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ ସଦୃଶ । ବିଶ୍ଳେଷଣ ମୁଖ୍ୟତଃ ଏକ ଆବିଷ୍କାର ମୂଳକ ପଦ୍ଧତି ଏବଂ କୌଣସି ସମସ୍ୟାର ସମାଧାନର ଆବିଷ୍କାର କରିବାକୁ ହିଁ ଏହା ଉଦ୍ଦିଷ୍ଟ । ସମସ୍ୟାର ଅର୍ଥପୂର୍ଣ୍ଣ ଅଂଶ ଚିହ୍ନଟ କରିବା, ପୂର୍ବଜ୍ଞାନ ସହ ସଂପର୍କ ସ୍ଥାପନ କରିବା, ସମାଧାନର ପନ୍ଥା ଅନୁମାନ କରିବା ଓ ମାନସିକ ସ୍ତରରେ ତାକୁ ପରୀକ୍ଷା କରିବା ଆଦି ବିଶ୍ଳେଷଣ ପଦ୍ଧତିର ଅନ୍ତର୍ଭୁକ୍ତ । ଏହା ଯଥାର୍ଥରେ ଏକ ଗଣିତଜ୍ଞଙ୍କ ଅନୁସୃତ ପଦ୍ଧତି । ଅନ୍ୟପକ୍ଷରେ ସଂଶ୍ଳେଷଣ ହେଉଛି ଅନ୍ୟ ଏକ ବିପରୀତ ପଦ୍ଧତି ଯାହା ମାଧ୍ୟମରେ ଗାଣିତିକ ସମସ୍ୟାର ସମାଧାନ ଧାରାକୁ ଶୃଙ୍ଖଳିତ ଭାବରେ ଏକତ୍ର କରାଯାଏ । ସାଧାରଣ ବିଚାରରେ ଏହା ବିଶ୍ଳେଷଣ ଅପେକ୍ଷା ଅଧିକ ଶୃଙ୍ଖଳିତ ଓ ଗ୍ରାହ୍ୟ । ମାନସିକ ଶକ୍ତିର ପରିପୋଷକ ଭାବେ ବିଶ୍ଳେଷଣର ସ୍ଥାନ ଗଣିତ ଶିକ୍ଷାରେ ଅତି ଶୀର୍ଷରେ ଥିଲେ ବି ସମାଧାନକୁ ସରଳ ଓ ସାବଲୀଳ ଭାବରେ ପ୍ରକାଶ କରିବା ପାଇଁ ସଂଶ୍ଳେଷଣ ପଦ୍ଧତି ନିହାତି ଅପରିହାର୍ଯ୍ୟ । ସୁତରାଂ ଶିକ୍ଷାର୍ଥୀର ଚିନ୍ତା ଓ ଯୁକ୍ତି କରିବା କ୍ଷମତାକୁ ପରିପୁଷ୍ଟ କରାଇବାକୁ ହେଲେ ଶିକ୍ଷକ ତାକୁ ପ୍ରଥମେ ବିଶ୍ଳେଷଣ ପଦ୍ଧତି ମାଧ୍ୟମରେ ଅଭ୍ୟାସ କରାନ୍ତି । ପରେ ପରେ ସଂଶ୍ଳେଷଣ ପଦ୍ଧତି ମାଧ୍ୟମରେ ସମସ୍ୟା ସମାଧାନକୁ ଏକ ସୁଶୃଙ୍ଖଳ ଓ କ୍ରମିକ ଧାରାରେ ଉପସ୍ଥାପନ କରାଇଥାନ୍ତି । ବିଶ୍ଳେଷଣ ଓ ସଂଶ୍ଳେଷଣ ପରସ୍ପର ପରିପୂରକ ଓ ଉଭୟ ପଦ୍ଧତିର ସମାନ ଗୁରୁତ୍ୱ ରହିଛି ।

ବିଶ୍ଳେଷଣ ଓ ସଂଶ୍ଳେଷଣ ପଦ୍ଧତିର ଏକ ତୁଳନାତ୍ମକ ବିବରଣୀ ନିମ୍ନରେ ପ୍ରଦାନ କରାଗଲା ।

ବିଶ୍ଳେଷଣ ପଦ୍ଧତି	ସଂଶ୍ଳେଷଣ ପଦ୍ଧତି
୧. ଏହା ସିଦ୍ଧାନ୍ତ (ଅଜ୍ଞାତ)ରୁ ଦତ୍ତ (ଜ୍ଞାତ) ଆଡ଼କୁ ଅଗ୍ରସର କରାଏ ।	୧. ଏହା ଦତ୍ତ (ଜ୍ଞାତ)ରୁ ସିଦ୍ଧାନ୍ତ (ଅଜ୍ଞାତ) ଆଡ଼କୁ ଅଗ୍ରସର କରାଏ ।
୨. ଏଥିରେ ସିଦ୍ଧାନ୍ତଟିକୁ ଅର୍ଥପୂର୍ଣ୍ଣ ଅଂଶରେ ଭାଙ୍ଗି ଦିଆଯାଏ ଏବଂ ଏହି ଭଗ୍ନାଂଶକୁ ଦତ୍ତ ତଥ୍ୟ ସହ ସମ୍ବନ୍ଧିତ କରାଯାଏ । ଏଥିପାଇଁ ଶିକ୍ଷାର୍ଥୀ ନିଜର ଅନ୍ତର୍ଦୃଷ୍ଟି ଓ ଆରୋହୀ ଚିନ୍ତନ ପ୍ରୟୋଗ କରନ୍ତି ।	୨. ଏଥିରେ ସମାଧାନ ଧାରାକୁ ଶୃଙ୍ଖଳିତ ଭାବରେ ଏକତ୍ର କରାଯାଏ । ଏଥିପାଇଁ ଶିକ୍ଷାର୍ଥୀ ଅବରୋହୀ ଚିନ୍ତନ ପ୍ରୟୋଗ କରନ୍ତି ।
୩. ଏହା ହେଉଛି ଏକ ଆବିଷ୍କାରମୂଳକ ପଦ୍ଧତି । ଏକ ସୁଚିନ୍ତିତ ଉପାୟରେ ସମସ୍ୟା ସମାଧାନର ପନ୍ଥା ନିର୍ଣ୍ଣୟ କରାଯାଏ ।	୩. ଏହି ପଦ୍ଧତିରେ ଆବିଷ୍କୃତ ତଥ୍ୟାବଳୀକୁ ଏକ ଯୁକ୍ତି ସଙ୍ଗତ ଢାଞ୍ଚାରେ ଉପସ୍ଥାପନ କରାଯାଇଥାଏ ।
୪. ଏହା ଅଧିକ ଦୀର୍ଘ, ଜଟିଳ, ମନ୍ଥର, ପରୋକ୍ଷ ଏବଂ ପ୍ରଯତ୍ନ-ପ୍ରମାଦ ଦ୍ୱାରା ପ୍ରଭାବିତ ।	୪. ଏହା ପରିମାର୍ଜିତ, କ୍ଷିପ୍ର, ସହଜସାଧ୍ୟ ଓ ସୁସଙ୍ଗଠିତ ।
୫. ମନସ୍ତାତ୍ତ୍ୱିକ ବିଚାର, ଶିକ୍ଷାର୍ଥୀର ସକ୍ରିୟ ଅଂଶଗ୍ରହଣ, ସୁସଂଗଠିତ ଚିନ୍ତନ ତଥା ଯୁକ୍ତି ଆଦି ଦୃଷ୍ଟିକୋଣରୁ ଏହା ଅଧିକ ମହତ୍ତ୍ୱପୂର୍ଣ୍ଣ ।	୫. ଏହା ଏକ ଯୁକ୍ତିଯୁକ୍ତ ପଦ୍ଧତି, ଅଧିକନ୍ତୁ ଏହା ଧାରାଗୁଡ଼ିକର ମୁଖସ୍ଥୀକରଣକୁ ଉତ୍ସାହିତ କରିଥାଏ ।
୬. ଏହା ସଂଶ୍ଳେଷଣ ପ୍ରକ୍ରିୟାର ଅଗ୍ରଗାମୀ ।	୬. ଏହା ବିଶ୍ଳେଷଣ ପ୍ରକ୍ରିୟାର ଅନୁଗାମୀ ।

ଆରୋହୀ ଓ ଅବରୋହୀ ପଦ୍ଧତି

ଆରୋହୀ ପଦ୍ଧତିରେ ଶିକ୍ଷାର୍ଥୀ 'ନିର୍ଦ୍ଦିଷ୍ଟ'ରୁ 'ସାଧାରଣ'କୁ, 'ବାସ୍ତବ'ରୁ 'ଅମୂର୍ତ୍ତ' କୁ ଅଗ୍ରସର ହୋଇଥାଏ । ବିଭିନ୍ନ କ୍ଷେତ୍ରରେ କୌଣସି କଥା ସତ୍ୟ ବୋଲି ପ୍ରତିପାଦିତ ହେଲେ ତାହାକୁ ସାଧାରଣ ସତ୍ୟ ବୋଲି ଗ୍ରହଣ କରିବା ହିଁ ହେଉଛି ଆରୋହୀ ପଦ୍ଧତି । ଏହି ପଦ୍ଧତିରେ ଯେଉଁ ମୁଖ୍ୟ ପ୍ରକ୍ରିୟାଟି ସଂଶ୍ଳିଷ୍ଟ ତାହା ହେଲା ଆରୋହୀ ଚିନ୍ତନ । ଗଣିତ ଶାସ୍ତ୍ରରେ ଏହାର ବ୍ୟାପକ ପ୍ରୟୋଗ ପରିଲକ୍ଷିତ ହୁଏ । ବିଶେଷତଃ ଜ୍ୟାମିତିକ ଉପପାଦ୍ୟଗୁଡ଼ିକର ପରୀକ୍ଷାମୂଳକ ପ୍ରମାଣ ଏହି ପଦ୍ଧତି ଉପରେ ଆଧାରିତ । ଏଥିରେ ସାଧାରଣତଃ ତିନିଗୋଟି ଚିତ୍ର ସାହାଯ୍ୟରେ ଜ୍ୟାମିତିକ ସମ୍ବନ୍ଧର ପରୀକ୍ଷା କରାଯାଏ । ପ୍ରତ୍ୟେକ କ୍ଷେତ୍ରରେ ଯଦି ସମ୍ପର୍କ ଏକ ପ୍ରକାରର ହୁଏ ତେବେ ତାହାକୁ ସିଦ୍ଧାନ୍ତ ବୋଲି ଗ୍ରହଣ କରାଯାଏ । ଏହିପରି ଭାବରେ ନିର୍ଦ୍ଦିଷ୍ଟ ତଥ୍ୟ ବା ଉଦାହରଣଗୁଡ଼ିକରୁ ସିଦ୍ଧାନ୍ତୀକରଣ, ବା ସାଧାରଣ ସତ୍ୟ/ସାଧାରଣ ନିୟମ ପ୍ରତିପାଦନ ହେଉଛି ଆରୋହୀ ପଦ୍ଧତି । ଏହାକୁ **ଉଦାହରଣ-ନିୟମ** ପଦ୍ଧତି କହିଲେ ଭୁଲ୍ ହେବ ନାହିଁ । ନିମ୍ନ ଉଦାହରଣ ଦ୍ୱୟରୁ ଏହା ଅଧିକ ସ୍ପଷ୍ଟ ହେବ ।

ଉଦାହରଣ ୩

ଶିକ୍ଷକ ପିଲାମାନଙ୍କୁ ଯେକୌଣସି ତିନିଗୋଟି ତ୍ରିଭୁଜର ଚିତ୍ର ଅଙ୍କନ କରିବାକୁ କହିବେ । ତାପରେ ପ୍ରତ୍ୟେକ ତ୍ରିଭୁଜର କୋଣତ୍ରୟ ମାପି ତାହାର ସମଷ୍ଟି କେତେ ହେଉଛି ପରୀକ୍ଷା କରିବେ ।

ପରୀକ୍ଷା ସାରଣୀ

ଚିତ୍ର ନଂ	∠କ	∠ଖ	∠ଗ	∠କ+∠ଖ+∠ଗ
୧	୨୫°	୬୭°	୮୮°	୧୮୦°
୨	୬୦°	୨୦°	୧୦୦°	୧୮୦°
୩	୧୨୦°	୨୭°	୩୩°	୧୮୦°

ସିଦ୍ଧାନ୍ତ : ଯେ କୌଣସି ତ୍ରିଭୁଜର କୋଣତ୍ରୟର ସମଷ୍ଟି ଦୁଇ ସମକୋଣ ।

ଉଦାହରଣ ୪

ଶିକ୍ଷକ ପିଲାମାନଙ୍କୁ ନିମ୍ନଲିଖିତ ଦ୍ୱିପଦ ବିଶିଷ୍ଟ ରାଶିଗୁଡ଼ିକର ଗୁଣଫଳ ନିର୍ଣ୍ଣୟ କରିବାକୁ କହିବେ:

$(a+b)x(a+b)$ = କେତେ ?

$(m+n)x(m+n)$ = କେତେ ?

$(x+y)x(x+y)$ = କେତେ ?

ପିଲାମାନଙ୍କର ଉତ୍ତର ହେବ :

$(a+b)x(a+b) = (a+b)^2 = a^2+2ab+b^2$

$(m+n)x(m+n) = (m+n)^2 = m^2+2mn+n^2$

$(x+y)x(x+y) = (x+y)^2 = x^2+2xy+y^2$

ତା'ପରେ ଶିକ୍ଷକ ପିଲାମାନଙ୍କୁ ଏହି ତିନିଗୋଟି ଉତ୍ତରରୁ କ'ଣ ସାଧାରଣ ସତ୍ୟ ଲକ୍ଷ୍ୟ କଲେ ବୋଲି ପଚାରିବେ । ଆବଶ୍ୟକ ହେଲେ ପିଲାମାନଙ୍କୁ ସାମାନ୍ୟ ଆଭାସ ମଧ୍ୟ ଦିଆଯାଇପାରେ ।

ସିଦ୍ଧାନ୍ତ : ଯେତେବେଳେ ଏହି ଦ୍ୱିପଦ ବିଶିଷ୍ଟ ରାଶିକୁ ତାହାରି ସହିତ ଗୁଣନ କରାଯାଏ, ଗୁଣଫଳଟି ଏକ ନିର୍ଦ୍ଦିଷ୍ଟ ଢାଞ୍ଚାର ହୋଇଥାଏ । ଦ୍ୱିପଦ ବିଶିଷ୍ଟ ରାଶିର ବର୍ଗ = ୧ମ ପଦର ବର୍ଗ + ୧ମ ଓ ୨ୟ ପଦର ଗୁଣଫଳର ୨ ଗୁଣ + ୨ୟ ପଦର ବର୍ଗ । ଅନ୍ୟପକ୍ଷରେ ଅବରୋହୀ ପଦ୍ଧତିରେ ଶିକ୍ଷାର୍ଥୀ 'ସାଧାରଣ' ରୁ 'ନିର୍ଦ୍ଦିଷ୍ଟ'କୁ 'ଅମୂର୍ତ୍ତ'ରୁ 'ବାସ୍ତବ'କୁ ଅଗ୍ରସର ହୋଇଥାଏ । ନିର୍ଦ୍ଦିଷ୍ଟ କ୍ଷେତ୍ରରେ ଯୁକ୍ତିସଙ୍ଗତ ନିଗମନକୁ ଅବରୋହୀ ପଦ୍ଧତି କୁହନ୍ତି । ଏହି ପଦ୍ଧତିରେ ସଂଶ୍ଳିଷ୍ଟ ଥିବା ମୁଖ୍ୟ ପ୍ରକ୍ରିୟାଟି ହେଲା ଅବରୋହଣାତ୍ମକ ଚିନ୍ତନ । ଏଠାରେ ସାଧାରଣ ସତ୍ୟ, ସୂତ୍ର ଅବା ନିୟମ ଜଣାଥାଏ ଓ ନିର୍ଦ୍ଦିଷ୍ଟ ଉଦାହରଣଟିରେ ତାକୁ ପ୍ରୟୋଗ କରି ସମାଧାନ ପଥରେ ଅଗ୍ରସର ହେବାକୁ ହୁଏ । ନିୟମରୁ ଆରମ୍ଭ ହୋଇ ଉଦାହରଣରେ ସମାପ୍ତ ହେଉଥିବାରୁ ଏହାକୁ **ନିୟମ-ଉଦାହରଣ** ପଦ୍ଧତି ମଧ୍ୟ କୁହାଯାଏ । ନିମ୍ନ ଉଦାହରଣଦ୍ୱୟରୁ ଏହା ଅଧିକ ସ୍ପଷ୍ଟ ହେବ ।

ଉଦାହରଣ ୫

କଖଗ ତ୍ରିଭୁଜରେ 'କ' କୋଣର ପରିମାଣ ୪୦° ଓ 'ଖ' କୋଣର ପରିମାଣ ୧୦୨° ହେଲେ, 'ଗ' କୋଣର ପରିମାଣ କେତେ ?

ସମାଧାନ: ନିୟମ ଅନୁଯାୟୀ, ତ୍ରିଭୁଜର ତିନି କୋଣର ସମଷ୍ଟି ଦୁଇ ସମକୋଣ ସହ ସମାନ ।

କଖଗ △ରେ ∠କ+∠ଖ+∠ଗ =୧୮୦°

∴ ∠ଗ =୧୮୦°-(∠କ+∠ଖ) = ୧୮୦°-(୪୦°+୧୦୨°) = ୧୮୦°-୧୪୨°=୩୮°

ଉଦାହରଣ ୬

$(4+3k)$ର ବର୍ଗଫଳ ନିର୍ଣ୍ଣୟ କର ।

ସମାଧାନ: ସୂତ୍ରାନୁଯାୟୀ (୧ମ ପଦ+୨ୟ ପଦ)^2 = (୧ମ ପଦ)^2 +2(୧ମ ପଦx୨ୟ ପଦ)+(୨ୟ ପଦ)^2

ଏଠାରେ ୧ମ ପଦ = 4, ୨ୟ ପଦ = 3k,

$\therefore (4+3k)^2 = (4)^2+2(4x3k)+(3k)^2 = 16+24k+9k^2$

ଆରୋହୀ ଓ ଅବରୋହୀ ପଦ୍ଧତିର ଶୈକ୍ଷିକ ମୂଲ୍ୟ

ଗାଣିତିକ ଧାରଣା, ସୂତ୍ର, ନୀତି, ନିୟମ ଓ ଅପସାରଣ ଆଦି ଶିକ୍ଷଣରେ ଉଭୟ ଆରୋହୀ ତଥା ଅବରୋହୀ ପଦ୍ଧତି ଗୁରୁତ୍ୱପୂର୍ଣ୍ଣ । ଏକଥା ସତ ଯେ ଗଣିତ ଶାସ୍ତ୍ରରେ ଆରୋହୀ ପଦ୍ଧତି ଅପେକ୍ଷା ଅବରୋହୀ ପଦ୍ଧତିର ପ୍ରୟୋଗ ଅଧିକ । ପୂର୍ବ ପ୍ରଦର୍ଶିତ ସୂତ୍ରଗୁଡ଼ିକ ଦ୍ୱାରା ଗାଣିତିକ ସମସ୍ୟାର ସମାଧାନ ଏକ ସଂକ୍ଷିପ୍ତ ଓ ବ୍ୟାବହାରିକ ପଦ୍ଧତି । ଏକ ସମଘନାକୃତି ବସ୍ତୁର ଘନଫଳର ସୂତ୍ର ମନେରଖିଥିଲେ ଜଣକୁ ଘନଫଳ ନିର୍ଣ୍ଣୟ କରିବାକୁ ଯଥେଷ୍ଟ କମ୍ ସମୟ ଲାଗିଥାଏ । ଅନ୍ୟପକ୍ଷରେ, ସୂତ୍ରର ନିର୍ଦ୍ଧାରଣ ବା ପ୍ରମାଣ ସଙ୍ଗେ ସଙ୍ଗେ ଶିକ୍ଷାର୍ଥୀର ଧାରଣା ଦୃଢ଼ୀକରଣ ପାଇଁ ଆରୋହୀ ପଦ୍ଧତି ନିହାତି ଅପରିହାର୍ଯ୍ୟ । ଅବରୋହୀ ପଦ୍ଧତିରେ ସୂତ୍ରଗୁଡ଼ିକ ନିର୍ଭୁଲ ଭାବେ ମନେରଖିବାର ଆବଶ୍ୟକତା ଥିବା ସ୍ଥଳେ ଆରୋହୀ ପଦ୍ଧତିରେ ସେସବୁର ଆବଶ୍ୟକତା ନଥାଏ । କେତେକ ଗାଣିତିକ କାର୍ଯ୍ୟ ପାଇଁ ଅବରୋହୀ ପଦ୍ଧତି ଅଧିକ ଜରୁରୀ ହେଲେ ବି ଉକ୍ତ କାର୍ଯ୍ୟର ପୂର୍ବରୁ ଆରୋହୀ ପଦ୍ଧତିରେ ଶିକ୍ଷଣ କରାଗଲେ ତାହା ଅଧିକ ଫଳପ୍ରଦ ହୋଇଥାଏ । ସେଥିପାଇଁ ଶିକ୍ଷକ ପିଲାମାନଙ୍କୁ ଆରୋହୀ ପଦ୍ଧତିରେ ଶିକ୍ଷାଦାନ କରି ସେମାନଙ୍କ ଦ୍ୱାରା ସୂତ୍ର ନିର୍ଣ୍ଣୟ କରାଇଥାନ୍ତି । ପିଲାମାନେ ପରବର୍ତ୍ତୀ ପର୍ଯ୍ୟାୟରେ ଅବରୋହୀ ପଦ୍ଧତି ମାଧ୍ୟମରେ ଗାଣିତିକ ସମସ୍ୟାଗୁଡ଼ିକର ସମାଧାନ କରିଥାନ୍ତି ।

ଆରୋହୀ ଓ ଅବରୋହୀ ପଦ୍ଧତିର ଏକ ତୁଳନାତ୍ମକ ବିବରଣୀ ନିମ୍ନରେ ଦିଆଗଲା ।

ଆରୋହୀ ପଦ୍ଧତି	ଅବରୋହୀ ପଦ୍ଧତି
୧. ଶିକ୍ଷାର୍ଥୀ ନିର୍ଦ୍ଦିଷ୍ଟରୁ ସାଧାରଣକୁ, ବାସ୍ତବରୁ ଅମୂର୍ତ୍ତକୁ ଅଗ୍ରସର ହୁଏ ।	୧. ଶିକ୍ଷାର୍ଥୀ ସାଧାରଣରୁ ନିର୍ଦ୍ଦିଷ୍ଟକୁ, ଅମୂର୍ତ୍ତରୁ ବାସ୍ତବକୁ ଅଗ୍ରସର ହୁଏ ।
୨. ସିଦ୍ଧାନ୍ତୀକରଣ କିମ୍ବା ସୂତ୍ର ନିର୍ଦ୍ଧାରଣ ଶିକ୍ଷାର୍ଥୀ ଦ୍ୱାରା ହେଉଥିବାରୁ ଏହା ସହଜରେ ମନେରହେ ।	୨. ସାଧାରଣ ନିୟମ, ସୂତ୍ର ଇତ୍ୟାଦି ଶିକ୍ଷାର୍ଥୀଙ୍କୁ ପ୍ରଥମେ ମନେ ରଖିବାକୁ ପଡ଼ିଥାଏ ଯାହାକି ପରେ ଭୁଲିଯିବାର ସମ୍ଭାବନା ରହିଛି ।
୩. ଏହା ପର୍ଯ୍ୟବେକ୍ଷଣ ଓ ପ୍ରତ୍ୟକ୍ଷ ଅନୁଭୂତିରୁ ଆରମ୍ଭ ଓ ସୂତ୍ର ନିର୍ଦ୍ଧାରଣରେ ଶେଷ ହୁଏ ।	୩. ଏହା ସୂତ୍ର ବା ନିୟମରୁ ଆରମ୍ଭ ହୁଏ । ସୂତ୍ର ପ୍ରୟୋଗ ଓ ଅଭ୍ୟାସରେ ଏହା ସୀମିତ ।
୪. ଏହା ଶିକ୍ଷାର୍ଥୀର ଆବଶ୍ୟକତା ଓ ଆଗ୍ରହ ପ୍ରତି ଯତ୍ନଶୀଳ । ଏହା ଏକ ବିକାଶମୂଳକ ପଦ୍ଧତି ।	୪. ଏହା ଶିକ୍ଷାର୍ଥୀଙ୍କୁ କେତେକ ଗାଣିତିକ ତଥ୍ୟ, ନୀତି, ନିୟମ, ସୂତ୍ର ଇତ୍ୟାଦିକୁ ମନେ ରଖିବାକୁ ବାଧ୍ୟ କରେ ।
୫. ଏହା ଅଧିକ କଷ୍ଟସାଧ୍ୟ, ଦୀର୍ଘ ଓ ସମୟସାପେକ୍ଷ ।	୫. ଏହା ସଂକ୍ଷିପ୍ତ ଓ ସ୍ୱଳ୍ପ ସମୟବିଶିଷ୍ଟ ।
୬. ଏହାକୁ ଉଦାହରଣ-ନିୟମ ପଦ୍ଧତି ମଧ୍ୟ କୁହାଯାଏ ।	୬. ଏହାକୁ ନିୟମ-ଉଦାହରଣ ପଦ୍ଧତି ମଧ୍ୟ କୁହାଯାଏ ।

କାର୍ଯ୍ୟକଳାପ ଭିତ୍ତିକ ପଦ୍ଧତି

କାର୍ଯ୍ୟ ମାଧ୍ୟମରେ ଶିକ୍ଷଣ ପିଲାମାନଙ୍କୁ ଅଧିକ ସକ୍ରିୟ କରାଏ, ସେମାନଙ୍କୁ ଅଧିକ ଚିନ୍ତା ଓ ଯୁକ୍ତି କରିବାର ସୁଯୋଗ ଦିଏ,ଓ କୌଣସି ଶୈକ୍ଷିକ କାର୍ଯ୍ୟରେ ସେମାନଙ୍କୁ ଜଡ଼ିତ କରାଏ । ସଫଳ ଗଣିତ ଶିକ୍ଷାର ଅସଲ ଚାବିକାଠି ହେଲା ଶିକ୍ଷାର୍ଥୀର ବିବିଧ ଗଣିତ ଶିକ୍ଷଣପ୍ରଦ କାର୍ଯ୍ୟରେ ସକ୍ରିୟ ଅଂଶଗ୍ରହଣ । ସେଥିପାଇଁ ପ୍ରାଥମିକ ଗଣିତ ଶିକ୍ଷାରେ କାର୍ଯ୍ୟକଳାପ ଭିତ୍ତିକ ପଦ୍ଧତିର ଭୂମିକା ଅଧିକ ମହତ୍ତ୍ୱପୂର୍ଣ୍ଣ । ଏହା ମୁଖ୍ୟତଃ ଦୁଇଟି ମନସ୍ତାତ୍ତ୍ୱିକ ଦୃଷ୍ଟିକୋଣ ସହ ସଂଶ୍ଳିଷ୍ଟ, ତାହା ହେଲା -ଶିକ୍ଷାର୍ଥୀକୈନ୍ଦ୍ରିକ ଶିକ୍ଷଣ ପ୍ରକ୍ରିୟା ଏବଂ କାର୍ଯ୍ୟଭିତ୍ତିକ ଶିକ୍ଷଣ ପ୍ରକ୍ରିୟା ।

ଶିକ୍ଷାର୍ଥୀକୈନ୍ଦ୍ରିକ ଶିକ୍ଷଣ ପ୍ରକ୍ରିୟାରେ ଶିକ୍ଷାର୍ଥୀ ହିଁ ଶିକ୍ଷା କାର୍ଯ୍ୟକ୍ରମର କେନ୍ଦ୍ରବିନ୍ଦୁ, କିନ୍ତୁ ଶିକ୍ଷକ ନୁହନ୍ତି । ଶିକ୍ଷାର୍ଥୀମାନଙ୍କର ପ୍ରୟୋଜନ, ଆଗ୍ରହ, କ୍ଷମତା, ବିଶେଷଗୁଣ ଓ ମନୋଭାବ ଆଦିକୁ ଆଧାର କରି ଶିକ୍ଷଣ ଅନୁଭୂତି ସଂଗଠିତ ହୋଇଥାଏ । ଶିକ୍ଷକଙ୍କୁ ଶିକ୍ଷଣ ପ୍ରକ୍ରିୟାର ସହାୟକ ଓ ଶିକ୍ଷଣ ପରିସ୍ଥିତିର ସଂଗଠକ ଭାବେ ଶିକ୍ଷାର୍ଥୀର କୌତୂହଳ ଓ ସ୍ୱାଧୀନ ଚିନ୍ତାକୁ ଜାଗ୍ରତ କରାଇବାକୁ ତଥା ସମସ୍ୟା ସମାଧାନ କୌଶଳର ବିକାଶ ଘଟାଇବାକୁ ହୋଇଥାଏ । ଏହାଦ୍ୱାରା ଶିକ୍ଷାର୍ଥୀ ଆବଶ୍ୟକ ଜ୍ଞାନକୌଶଳ, ମନୋଭାବ ଏବଂ ମୂଲ୍ୟବୋଧ ଅର୍ଜନ କରିବାରେ ସକ୍ଷମ ହୁଏ ।

କାର୍ଯ୍ୟ ଭିତ୍ତିକ ଶିକ୍ଷଣ ପ୍ରକ୍ରିୟାରେ ଶିକ୍ଷାଦାନ ଅପେକ୍ଷା ଶିକ୍ଷଣପ୍ରକ୍ରିୟା ଉପରେ ଅଧିକ ଗୁରୁତ୍ୱ ଦିଆଯାଏ । ଅର୍ଥାତ୍ କିପରି ଶିଖିବାକୁ ହୁଏ ତାହାର କୌଶଳକୁ ଶିକ୍ଷାର୍ଥୀ ହାସଲ କରେ । ଶିକ୍ଷଣ କୌଶଳକୁ ଆୟତ୍ତ କରିବା ଦ୍ୱାରା ଶିକ୍ଷାର୍ଥୀ ନିଜେ ନିଜେ ଶିଖିପାରେ ।

କାର୍ଯ୍ୟକଳାପ ଭିତ୍ତିକ ପଦ୍ଧତିରେ ଶିକ୍ଷାର୍ଥୀଙ୍କର ଶିକ୍ଷକଙ୍କ ଦ୍ୱାରା ପ୍ରଦର୍ଶନକୁ ନକଲ, ଉଚ୍ଚ ଆବୃତ୍ତି ଅଥବା ଘୋଷିକରି ଶିଖିବା, କୌଣସି ସୂତ୍ରକୁ ମନେରଖିବା ଆଦିର ପ୍ରୟୋଜନ ନଥାଏ । ବରଂ କୌଣସି ଅମୂର୍ତ୍ତ ଧାରଣାକୁ ଅଧିକ ବାସ୍ତବ ରୂପ ଦେବାକୁ ବିବିଧ ବସ୍ତୁ, ଶିକ୍ଷଣ ସହାୟକ ସାମଗ୍ରୀ, ଖେଳ ଆଦିର ପ୍ରୟୋଜନ ହୋଇଥାଏ । ଶିକ୍ଷକଙ୍କ ଭୂମିକା ଏଠାରେ ଗୌଣ ହେଲେ ମଧ୍ୟ ତାଙ୍କର ସୃଜନଶୀଳତାକୁ ହିଁ ଗାଣିତିକ କାର୍ଯ୍ୟାବଳୀର ନିର୍ବାଚନ ଓ ସଂଗଠନ କରିବାରେ ତଥା ଶିକ୍ଷାର୍ଥୀକୁ ମାର୍ଗ ଦର୍ଶନ କରିବାରେ ସହାୟକ ହୋଇଥାଏ । କାର୍ଯ୍ୟକଳାପ ଭିତ୍ତିକ ପଦ୍ଧତିରେ ଗଣିତ ଶିକ୍ଷାଦାନ ପୂର୍ବରୁ ଶିକ୍ଷକ ନିମ୍ନଲିଖିତ କେତୋଟି ପ୍ରଶ୍ନ ପ୍ରତି ଦୃଷ୍ଟି ଦିଅନ୍ତି :

୧. କାର୍ଯ୍ୟଟି କେଉଁ ଗାଣିତିକ ବିଷୟବସ୍ତୁ ସହ ସଂପୃକ୍ତ ?

୨. କାର୍ଯ୍ୟଟିର ଲକ୍ଷ୍ୟ କ'ଣ ?

୩. କାର୍ଯ୍ୟଟିରେ ଶିକ୍ଷାର୍ଥୀଙ୍କ ଅଂଶଗ୍ରହଣର ସ୍ୱରୂପ କ'ଣ ? (ଯଥା: ବ୍ୟକ୍ତିଗତ ବା ଦଳଗତ)

୪. କାର୍ଯ୍ୟଟି ପାଇଁ କେଉଁ ଉପକରଣ ଆବଶ୍ୟକ ? (ଯଥା: କାଠି, ଗୋଲି, କାଗଜ, କଲମ)

୫. କାର୍ଯ୍ୟଟିରେ କିଛି ଲେଖା କାମ ଅଛି ବା ସମ୍ଭବ କି ?

କାର୍ଯ୍ୟକଳାପ ଭିତ୍ତିକ ପଦ୍ଧତିରେ ଗଣିତ ଶିକ୍ଷଣର କେତେକ ଉଦାହରଣ ନିମ୍ନରେ ପ୍ରଦାନ କରାଯାଇଛି ।

ଉଦାହରଣ ୭ : ମିଶାଣ–ଫେଡ଼ାଣ–ଗୁଣନ–ହରଣ ଖେଳ

ଏହି ଖେଳ ପାଇଁ ଆବଶ୍ୟକୀୟ ଉପକରଣ ହେଲା ଏକ ସ୍ଲେଟ, ଦୁଇଟି ସମଘନାକୃତି ଗୋଟି ଯାହାର ପାର୍ଶ୍ୱଗୁଡ଼ିକ ୦ରୁ ୫ ପର୍ଯ୍ୟନ୍ତ ଲେଖାଥିବ ଏବଂ ବିଭିନ୍ନ ରଙ୍ଗର ଚକ୍ ଖଡ଼ି ଇତ୍ୟାଦି । ପାର୍ଶ୍ୱସ୍ଥ ଚିତ୍ର ଭଳି ସ୍ଲେଟ୍‌ରେ ବିଭିନ୍ନ ସଂଖ୍ୟା ଲେଖାଯିବ । ଏକ ସମୟରେ ଦୁଇରୁ ଚାରିଜଣ ପିଲା ଏହି ଖେଳରେ ଭାଗ ନେଇ ପାରିବେ । ପ୍ରତ୍ୟେକ ପିଲା ଏକ ନିର୍ଦ୍ଦିଷ୍ଟ ରଙ୍ଗର ଚକ୍‌ଖଡ଼ି ନେବେ । ପ୍ରତ୍ୟେକଙ୍କୁ ଦୁଇଟି ଗୋଟିକୁ ଗଡ଼ାଇବାକୁ କୁହାଯିବ । ଗୋଟିଦ୍ୱୟ ଯେଉଁ ଦୁଇଟି ସଂଖ୍ୟା ଦେଖାନ୍ତି, ତାହାର ମିଶାଣ, ଫେଡ଼ାଣ, ଗୁଣନ ଅବା ହରଣ କରାଯାଇ (ପିଲା ଯାହା ଚାହିଁବେ) ଫଳ ନିର୍ଣ୍ଣୟ କରିବେ । ଯଦି ଫଳାଙ୍କ ସ୍ଲେଟ ଉପରେ ଥିବା ସଂଖ୍ୟା ମଧ୍ୟରେ ଥାଏ ତେବେ ପିଲାଟି ନିଜ ଚକ୍‌ଖଡ଼ିରେ ତାହାକୁ ଗୋଲ ବୁଲାଇ ଚିହ୍ନିତ କରିବେ । ଏହିଭଳି ସେ ଫଳାଙ୍କ ନିର୍ଣ୍ଣୟରେ ଭୁଲ୍ ନକରୁଥିବା ପର୍ଯ୍ୟନ୍ତ ଅବା ଫଳାଙ୍କଟି ସ୍ଲେଟ୍‌ରେ ମିଳିବା ପର୍ଯ୍ୟନ୍ତ କ୍ରମାନ୍ୱୟରେ ଖେଳୁଥିବେ । ନଚେତ୍ ଦ୍ୱିତୀୟ ପିଲାର ପାଳି ପଡ଼ିଥାଏ । ସ୍ଲେଟ୍‌ରେ ଥିବା ସମସ୍ତ ସଂଖ୍ୟା ଚିହ୍ନିତ ସରିବା ପର୍ଯ୍ୟନ୍ତ ଏହି ଖେଳ ଚାଲୁରହେ । ପରିଶେଷରେ ଯେଉଁ ପିଲାର ସ୍ଲେଟ ଉପରେ ସର୍ବାଧିକ ଚିହ୍ନ ଥିବ । ସେ ବିଜୟୀ ହେଲେ ବୋଲି ଧରାଯିବ ।

୦	୭	୧୪	୮	୪	୧୫	୧
୩	୫	୧୦	୧	୬	୮	୦
୧୨	୨	୯	୧୧	୪	୧	୧୫
୮	୧୨	୧	୨	୧୦	୩	୧୨
୨	୧୪	୪	୧୧	୯	୫	୬
୧୫	୧୦	୩	୧୨	୫	୭	୧୧
୭	୧୪	୯	୬	୧୩	୧୦	୪

ଉଦାହରଣ ୮ : ଗଣନାଯନ୍ତ୍ର ବ୍ୟବହାର କରି ସ୍ଥାନୀୟମାନ ଶିକ୍ଷଣ

ସଂଖ୍ୟାରେ ଅଙ୍କର ସ୍ଥାନୀୟମାନ ବିଷୟରେ ଧାରଣା ଶିକ୍ଷା ଦେବା ପାଇଁ ଗଣନାଯନ୍ତ୍ରର ବ୍ୟବହାର କରାଯାଏ । ଏକ କାଠପଟାରେ ଦୁଇଟି ପାଖାପାଖି ଭୂଲମ୍ବ ବିଶିଷ୍ଟ ଦୁଇଟି ସ୍ତମ୍ଭ ଥାଏ । ଗୋଟିଏ ଦଶକ ସ୍ଥାନକୁ ସୂଚାଉଥିବା ସ୍ଥଳେ ଅନ୍ୟଟି ଏକକ ସ୍ଥାନକୁ ସୂଚାଏ । ରନ୍ଧ୍ରଯୁକ୍ତ ଗୋଲି ବ୍ୟବହାର କରି ଏକ ଅଙ୍କ ବିଶିଷ୍ଟ ସଂଖ୍ୟା ଯଥା–୫,୬,୯ ପ୍ରଭୃତି ନିମ୍ନମତେ ଦର୍ଶାଇ ଦିଆଯାଇପାରେ ।



ବର୍ତ୍ତମାନ ସେ ଗଣନାଯନ୍ତ୍ରରେ ୧୦ ଦର୍ଶାଇ ପାରିବେ କି ନାହିଁ ପଚାରନ୍ତୁ । ଏକକ ଘର ସ୍ତମ୍ଭରେ ୧୦ଟି ଗୋଲି ରହି ନପାରେ ବୋଲି ଜାଣିବାରେ ଶିକ୍ଷାର୍ଥୀଙ୍କୁ ସାହାଯ୍ୟ କରନ୍ତୁ । ଏକକ ଘର ସ୍ତମ୍ଭରେ ଅତିବେଶିରେ ୯ଟି ଗୋଲି ରହିବ । ତେଣୁ ଗଣନା ଯନ୍ତ୍ରରେ ୧୦ ଦର୍ଶାଇବା ପାଇଁ ଆମେ ଦଶକ ଘର ସ୍ତମ୍ଭରେ ୧ଟି ଗୋଲି ରଖିବା । ଦର୍ଶକ ସ୍ତମ୍ଭରେ ଗୋଟିଏ ଗୋଲି ଏକକ ସ୍ତମ୍ଭର ୧୦ଟି ଗୋଲି ସହ ସମାନ । ଏଣୁ ଗଣନାଯନ୍ତ୍ରରେ ୧୦ ନିମ୍ନ ରୂପେ ଦର୍ଶାଯାଇଛି ।



ଏହି ଅନୁଯାୟୀ ୧୧ରୁ ୯୯ ପର୍ଯ୍ୟନ୍ତ ଦୁଇ ଅଙ୍କ ବିଶିଷ୍ଟ ସଂଖ୍ୟାମାନ ଗଣନାଯନ୍ତ୍ରରେ ନିମ୍ନମତେ ଦର୍ଶାଯିବ । ଯଥା-୨୭, ୭୦, ୯୯ ଇତ୍ୟାଦି ।



ଦୁଇରୁ ଅଧିକ ସ୍ତମ୍ଭ ଥିବା ଗଣନାଯନ୍ତ୍ର ପ୍ରସ୍ତୁତ କରି ସ୍ଥାନୀୟମାନ ଧାରଣାକୁ ତିନିଅଙ୍କ ଚାରିଅଙ୍କ ବିଶିଷ୍ଟ ସଂଖ୍ୟାକୁ ସମ୍ପ୍ରସାରିତ କରାଯାଇ ପାରେ । ପରେ ପରେ ଦଶମିକକୁ ମଧ୍ୟ ସ୍ଥାନୀୟମାନ ଧାରଣାର ସମ୍ପ୍ରସାରଣ କରାଯାଇ ପାରିବ ।

କାର୍ଯ୍ୟକଳାପ ଭିତ୍ତିକ ପଦ୍ଧତିର ଶୈକ୍ଷିକ ମୂଲ୍ୟ

ପ୍ରାଥମିକ ଗଣିତ ଶିକ୍ଷାରେ କାର୍ଯ୍ୟକଳାପ ଭିତ୍ତିକ ପଦ୍ଧତିର ଅନୁସରଣ ଅତି ମହତ୍ତ୍ୱପୂର୍ଣ୍ଣ । ସାଧାରଣ ଶ୍ରେଣୀଗୃହରେ ପାରମ୍ପରିକ ଶିକ୍ଷାଦାନ ପରିସ୍ଥିତି ଠାରୁ ଏହା ସ୍ୱତନ୍ତ୍ର । ଶିକ୍ଷକଙ୍କର ପାରମ୍ପରିକ ଭୂମିକା ଅନୁସାରେ ସେ ବିଦ୍ୟାର୍ଥୀମାନଙ୍କୁ କେବଳ ବିଷୟବସ୍ତୁ ଓ ଜ୍ଞାନ ଯୋଗାଇ ଥାଆନ୍ତି । କାର୍ଯ୍ୟଭିତ୍ତିକ ପଦ୍ଧତିରେ ଶିକ୍ଷକଙ୍କର ଭୂମିକା ଭିନ୍ନ ଅଟେ । ସେ ଜଣେ ସହାୟକ ଓ ମାର୍ଗ ପ୍ରଦର୍ଶକ ରୂପେ ପିଲାମାନଙ୍କୁ ଯଥାର୍ଥ ଶିକ୍ଷଣ ଅଭିଜ୍ଞତା ଓ ପରିବେଶ ଯୋଗାଇ ଥାଆନ୍ତି ଯଦ୍ୱାରା ଶିକ୍ଷାର୍ଥୀମାନେ ପ୍ରତ୍ୟକ୍ଷ ପ୍ରତିକ୍ରିୟା ଓ

ପର୍ଯ୍ୟବେକ୍ଷଣ ମାଧ୍ୟମରେ ତଥ୍ୟ ସଂଗ୍ରହ କରିପାରିବେ ଏବଂ ସିଦ୍ଧାନ୍ତ ଓ ଉପସଂହାରରେ ଉପନୀତ ହେବାର ମୌଳିକ କୌଶଳଗୁଡ଼ିକ ହାସଲ କରିବେ । ଏହି ପଦ୍ଧତିରେ ଗଣିତ ଶିକ୍ଷଣ ଶିକ୍ଷାର୍ଥୀଙ୍କୁ ଅଧିକ ସକ୍ରିୟ ଓ ଅଭିପ୍ରେରିତ କରାଏ । ବିଶେଷକରି ପ୍ରାଥମିକ ସ୍ତରରେ ଶିକ୍ଷାର୍ଥୀମାନେ ଅଧିକ ଖେଳପ୍ରିୟ । ସେମାନଙ୍କୁ ଖେଳ ଦୁନିଆରୁ ଗଣିତ ଦୁନିଆକୁ ଆକର୍ଷିତ କରିବାକୁ ହେଲେ ଏହି ପଦ୍ଧତିଟି ବୋଧହୁଏ ଅସଲ କୁହୁକ ଭଳି ହେବ । ସଂକ୍ଷେପରେ କହିବାକୁ ଗଲେ କାର୍ଯ୍ୟଭିତ୍ତିକ ପଦ୍ଧତି ନିମ୍ନଲିଖିତ ଗୁଣ ପାଇଁ ଅଧିକ ମହତ୍ତ୍ୱପୂର୍ଣ୍ଣ, ଯଥା –

- କୌତୁହଳଜନକ
- ଅର୍ଥପୂର୍ଣ୍ଣ
- ବିବିଧ ଗାଣିତିକ ଦକ୍ଷତାର ଅଭିବୃଦ୍ଧି
- ସମସ୍ୟା ତଥା ଆହ୍ୱାନକୁ ସମ୍ମୁଖୀନ ହେବାର ଅନୁକୂଳ ମନୋଭାବ
- ସୃଜନାତ୍ମକ ବା ସ୍ୱାଧୀନ ଚିନ୍ତାର ବିକାଶ
- ଆତ୍ମ-ଶିକ୍ଷଣ

୪.୩.୬ ଗଣିତ ଶିକ୍ଷା ନିମିତ୍ତ ଶିକ୍ଷଣ ସାମଗ୍ରୀ

ସଫଳ ଗଣିତ ଶିକ୍ଷାଦାନ ନିମିତ୍ତ ବିବିଧ ଶିକ୍ଷଣ ସାମଗ୍ରୀର ବ୍ୟବହାର ଏକାନ୍ତ ଆବଶ୍ୟକ । ଗଣିତର ଅମୂର୍ତ୍ତ ଧାରଣାସବୁକୁ ବୁଝାଇବାରେ ବାସ୍ତବ ବସ୍ତୁର ପ୍ରୟୋଗ ଓ ଉପଯୋଗିତା ଅଧିକ ଗୁରୁତ୍ୱପୂର୍ଣ୍ଣ । ଏଗୁଡ଼ିକ ଶିକ୍ଷକଙ୍କୁ ତାଙ୍କ ଶିକ୍ଷାଦାନରେ ସହାୟକ ହେବା ସଂଗେ ସଂଗେ ଶିକ୍ଷାର୍ଥୀମାନଙ୍କୁ ଗଣିତ ଶିକ୍ଷଣ ପ୍ରତି ଆକୃଷ୍ଟ କରାଏ । ଶିକ୍ଷାଦାନ-ଶିକ୍ଷଣ ପ୍ରକ୍ରିୟାର ଏହା ଉଭୟ ଅନୁପୂରକ ଓ ପରିପୂରକ କହିଲେ ଭୁଲ ହେବ ନାହିଁ ।

ଶିକ୍ଷଣ ସାମଗ୍ରୀ ଗୁଡ଼ିକର ବିଭାଗୀକରଣ ବିଭିନ୍ନ ଦୃଷ୍ଟିକୋଣରୁ କରାଯାଇ ପାରିବ ଯଥା –

- ମୁଦ୍ରିତ ମାଧ୍ୟମ ଓ ଅଣମୁଦ୍ରିତ ମାଧ୍ୟମ
- ପ୍ରତିଫଳନ ମାଧ୍ୟମ ଓ ବିନା ପ୍ରତିଫଳନ ମାଧ୍ୟମ
- ଦୃଶ୍ୟ, ଶ୍ରାବ୍ୟ ଓ ଦୃଶ୍ୟ-ଶ୍ରାବ୍ୟ ମାଧ୍ୟମ
- ବିନା ଖର୍ଚ୍ଚ, ସାମାନ୍ୟ ଖର୍ଚ୍ଚ ଓ ଅଧିକ ଖର୍ଚ୍ଚରେ ପ୍ରସ୍ତୁତ ମାଧ୍ୟମ

ଉପରୋକ୍ତ ବିଭାଗୀକରଣ ସତ୍ତ୍ୱେ ବିଭିନ୍ନ ପ୍ରକାରର ଶିକ୍ଷଣ ସାମଗ୍ରୀକୁ ମୋଟାମୋଟି ଭାବେ ନିମ୍ନ ପକାରେ ମଧ୍ୟ ବିଭାଗୀକରଣ କରାଯାଇପାରେ । ଯଥା-

- ମୁଦ୍ରିତ ମାଧ୍ୟମ – ଯଥା: ପାଠ୍ୟପୁସ୍ତକ, କାର୍ଯ୍ୟ ପୁସ୍ତିକା, ଅଭ୍ୟାସପୁସ୍ତିକା ଇତ୍ୟାଦି
- ବିନା ଯନ୍ତ୍ରରେ ବ୍ୟବହୃତ ସାମଗ୍ରୀ-ଯଥା: ଖେଳନା ଓ ଖେଳ ସାମଗ୍ରୀ, ଚାର୍ଟ, ମାନଚିତ୍ର, ଲେଖଚିତ୍ର, ଛବି, ପ୍ରତିରୂପ, ନମୁନା ଇତ୍ୟାଦି
- ଯନ୍ତ୍ର ବ୍ୟବହୃତ ସାମଗ୍ରୀ – ଯଥା: ସ୍ଲାଇଡ, ଓଭରହେଡ, ପ୍ରୋଜେକ୍ଟର, ଅଡିଓ/ଭିଡ଼ିଓ ଡିସ୍କ, କମ୍ପ୍ୟୁଟର ବା ଇଣ୍ଟରନେଟ୍ ଇତ୍ୟାଦି
- ଗଣମାଧ୍ୟମ – ଯଥା: ଚଳଚ୍ଚିତ୍ର, ରେଡିଓ ଓ ଦୂରଦର୍ଶନ ଇତ୍ୟାଦି
- କ୍ରିୟାଶୀଳ ସାମଗ୍ରୀ – ଯଥା: କ୍ଷେତ୍ରଭ୍ରମଣ, ଗାଣିତିକ କ୍ରୀଡ଼ା, କୁଇଜ୍, ଗୋଲକଧନ୍ଦା ଇତ୍ୟାଦି

ପ୍ରାଥମିକ ଗଣିତ ଶିକ୍ଷାରେ ବ୍ୟବହୃତ କେତେକ ଶିକ୍ଷଣ ସାମଗ୍ରୀ ବିଷୟରେ ନିମ୍ନ ଅନୁଚ୍ଛେଦ ଗୁଡ଼ିକରେ ଆଲୋଚନା କରାଯାଇଛି ।

ପାଠ୍ୟପୁସ୍ତକ, କାର୍ଯ୍ୟପୁସ୍ତିକା ଓ ଅଭ୍ୟାସ ପୁସ୍ତିକା

ଗଣିତ ପାଠ ପାଇଁ ମଞ୍ଜୁରିପ୍ରାପ୍ତ ପାଠ୍ୟପୁସ୍ତକର ଆବଶ୍ୟକତା ଉଭୟ ଶିକ୍ଷକ ଓ ଛାତ୍ର ଉପଲବ୍ଧି କରିଥାନ୍ତି । ପ୍ରତ୍ୟେକ ଶ୍ରେଣୀ ପାଇଁ ପାଠସୂଚୀ ଅନୁଯାୟୀ ପାଠ୍ୟପୁସ୍ତକ ରଚନା କରାଯାଇଛି । ପାଠ୍ୟପୁସ୍ତକଟି ଗଣିତ ଶିକ୍ଷକଙ୍କ ପାଇଁ ପଥପ୍ରଦର୍ଶିକା କହିଲେ ଭୁଲ୍ ହେବ ନାହିଁ ପାଠ୍ୟପୁସ୍ତକର ବିଷୟବସ୍ତୁ ଓ ତାହାର ପରିସରକୁ ଦୃଷ୍ଟିରେ ରଖି ସେ ପିଲାମାନଙ୍କ ପାଇଁ ପ୍ରୟୋଜନୀୟ ଶିକ୍ଷଣ ଅନୁଭୂତି ସଂଗଠିତ କରନ୍ତି । ବିଦ୍ୟାଳୟ ସମୟ ବାହାରେ ସ୍ୱ-ଅଧ୍ୟୟନ ତଥା ଗୃହକର୍ମ ପାଇଁ ପାଠ୍ୟପୁସ୍ତକ ଶିକ୍ଷାର୍ଥୀମାନଙ୍କୁ ସାହାଯ୍ୟ କରିଥାଏ । ପାଠ୍ୟପୁସ୍ତକରେ ବିଭିନ୍ନ ବିଷୟବସ୍ତୁ ଉପରେ ଦିଆଯାଇଥିବା ବିଶଦ ଆଲୋଚନା, ଏଥିରେ ଥିବା ସଚିତ୍ର ଉଦାହରଣ, ଆଦର୍ଶ ପ୍ରଶ୍ନୋତ୍ତର, ଅଭ୍ୟାସ ପ୍ରଶ୍ନାବଳୀ ଓ ଉତ୍ତରମାଳା ଶିକ୍ଷାର୍ଥୀ ପାଇଁ ନିହାତି ଉପାଦେୟ । କେତେକ କ୍ଷେତ୍ରରେ ପାଠ୍ୟପୁସ୍ତକ ଛଡ଼ା ସହାୟକ ପୁସ୍ତିକାମାନ ପ୍ରସ୍ତୁତ କରାଯାଇଥାଏ । କାର୍ଯ୍ୟପୁସ୍ତିକା ଓ ଅଭ୍ୟାସ ପୁସ୍ତିକା ଏହାର ଅନ୍ତର୍ଭୁକ୍ତ । କାର୍ଯ୍ୟପୁସ୍ତିକାରେ କେତେକ ନମୂନା ଗାଣିତିକ କାର୍ଯ୍ୟକଳାପର ଉପସ୍ଥାପନା କରାଯାଇଥାଏ । ଏହାଛଡ଼ା ଘରେ ଶିକ୍ଷାର୍ଥୀମାନେ ନିଜେ କେତେକ କାର୍ଯ୍ୟକଳାପ କିପରି କରିପାରିବେ ତାହାର ସୂଚନା ଏଥିରେ ଦିଆଯାଇଥାଏ । ଅଭ୍ୟାସପୁସ୍ତିକାରେ ବିବିଧପ୍ରକାରର ବସ୍ତୁନିଷ୍ଠ ପ୍ରଶ୍ନ ଓ ସମସ୍ୟାମାନ ସ୍ଥାନ ପାଇଥାଏ । ଏଗୁଡ଼ିକ ବିଭିନ୍ନ ସେଟ୍ ଆକାରରେ ଥାଆନ୍ତି । ଛାତ୍ରମାନେ ନିଜର ସାମର୍ଥ୍ୟ ଅନୁଯାୟୀ ଏହି ବିବିଧ ସେଟ୍ ଦେଇ ଅଗ୍ରସର ହୁଅନ୍ତି । ଆଦର୍ଶ ଉତ୍ତରମାଳାରୁ ସେମାନେ ନିଜର ସଫଳତା ବା ବିଫଳତା ବିଷୟରେ ଅବଗତ ହୋଇଥାନ୍ତି ।

କଳାପଟା ଓ କଳାପଟା ଆକୃତି କପଡ଼ା

ଗଣିତ ଶିକ୍ଷକଙ୍କ ପାଇଁ ନିତ୍ୟ ବ୍ୟବହାର୍ଯ୍ୟ କଳାପଟା ହେଉଛି ଅତି ପରିଚିତ ଶିକ୍ଷଣ ସାମଗ୍ରୀ । ଗଣିତ ପାଠଦାନର ସର୍ବାଧିକ ସମୟ ହିଁ କଳାପଟା କାର୍ଯ୍ୟରେ କଟିଥାଏ । ଆବଶ୍ୟକସ୍ଥଳେ ଶିକ୍ଷାର୍ଥୀକୁ ତାର ଉତ୍ତର କଳାପଟାରେ ଲେଖିବା ପାଇଁ ଶିକ୍ଷକ ସୁଯୋଗ ଦେଇଥାନ୍ତି । କଳାପଟାରେ ଲିଖିତ ଉତ୍ତରକୁ ସଂଶୋଧନ କରି ଅନ୍ୟ ପିଲାମାନଙ୍କୁ ପ୍ରଦର୍ଶନ କରିବା ଶିକ୍ଷକଙ୍କ ପକ୍ଷେ ସହଜ ହୋଇଥାଏ । ବିଭିନ୍ନ ରଙ୍ଗର ଚକ୍‌ଖଡ଼ି ବ୍ୟବହାର କରି ଶିକ୍ଷକ ମୁଖ୍ୟ ଧାରଣାଗୁଡ଼ିକ ଅଧିକ ସ୍ପଷ୍ଟ କରାଇଥାଆନ୍ତି । ଡଷ୍ଟର୍‌ର ବ୍ୟବହାର କରି କଳାପଟା କାର୍ଯ୍ୟ ଆବଶ୍ୟକସ୍ଥଳେ ଲିଭାଇ ହୁଏ । ସୀମିତ ସମୟ ମଧ୍ୟରେ ଦୀର୍ଘ କଳାପଟା କାର୍ଯ୍ୟର ଆବଶ୍ୟକତା ଥିଲେ କଳାପଟା ଆକୃତି କପଡ଼ାର ସାହାଯ୍ୟ ନିଆଯାଏ । ଏହାକୁ ପୂର୍ବରୁ ଲେଖି ଗୁଡ଼ାଇ କରି ଶ୍ରେଣୀକୁ ଆଣିହେବ । ଶିକ୍ଷାଦାନର ଶେଷ ପର୍ଯ୍ୟାୟରେ ପିଲାମାନଙ୍କୁ ଯେଉଁ ମୂଲ୍ୟାୟନ ପ୍ରଶ୍ନାବଳୀ ଦିଆଯାଏ ତାହା ସାଧାରଣତଃ ଏହି କଳାପଟା ଆକୃତି କପଡ଼ାରେ ଲେଖିକରି ଆଣିବା ସହଜସାଧ୍ୟ । କେତେକ କ୍ଷେତ୍ରରେ କବ୍‌ଜାଲଗା କଳାପଟା ଘୂର୍ଣ୍ଣାୟମାନ କଳାପଟା, ବର୍ତ୍ତୁଳାକାର କଳାପଟା, ପିରାମିଡ ଆକୃତି କଳାପଟା ବା ଲେଖଚିତ୍ର କଳାପଟା ମଧ୍ୟ ବ୍ୟବହୃତ ହୋଇଥାଏ ।

ଜ୍ୟାମିତିକ ଉପକରଣ

ଜ୍ୟାମିତି ଶିକ୍ଷଣରେ ବ୍ୟବହୃତ ଉପକରଣଗୁଡ଼ିକ ମଧ୍ୟରେ ସ୍କେଲ, ପେନସିଲ, ପ୍ରୋଟ୍ରାକ୍ଟର, କମ୍ପାସ, ସେଟ୍‌ସ୍କୋୟାର ଇତ୍ୟାଦି ନିହାତି ଅପରିହାର୍ଯ୍ୟ । ଶିକ୍ଷକ ପିଲାମାନଙ୍କୁ ଉପରୋକ୍ତ ଉପକରଣ ଗୁଡ଼ିକ ସହଜ ଓ ଦକ୍ଷତାର ସହ ବ୍ୟବହାର କରିବା ଶିଖାଇ ଥାଆନ୍ତି । ଶିକ୍ଷାର୍ଥୀ ଶିକ୍ଷକଙ୍କୁ ଅନୁକରଣ କରି ଜ୍ୟାମିତିକ ଉପକରଣ ସାହାଯ୍ୟରେ ବିଭିନ୍ନ ଜ୍ୟାମିତିକ ଚିତ୍ର ଅଙ୍କନ ତଥା ପରିମାପ କରିବାକୁ ସକ୍ଷମ ହୋଇଥାଏ । ଜ୍ୟାମିତିକ ଉପକରଣ ବିନା ଶିକ୍ଷାର୍ଥୀର ଅଙ୍କନ ଓ ମାପନ କାର୍ଯ୍ୟ ଅସମ୍ଭବ ।

ଗଣିତ ଉପକରଣ ସମୂହ

ଗଣିତ ଉପକରଣ ସମୂହ (ମ୍ୟାଥମେଟିକ୍ସ କିଟ୍) କହିଲେ ଅନେକଗୁଡ଼ିଏ ବାସ୍ତବ ବସ୍ତୁକୁ ବୁଝାଏ ଯାହାକି ଗଣିତ ଶିକ୍ଷଣ ସହ ସଂପୃକ୍ତ, ଯଥା-ମାଟି, ଗୋଲି, ସଂଖ୍ୟା କାର୍ଡ଼, ଗୁଣନ ଖନ୍ଦା, କାଠି, ରଙ୍ଗୀନ ବଲ୍, ମଞ୍ଜି, ଖେଳନା ଟଙ୍କାପଇସା, ଓଜନ, ଗଣନାଯନ୍ତ୍ର (ଆବାକସ୍), ସ୍ଥାନୀୟମାନ ସାରଣୀ ଇତ୍ୟାଦି । ଏହି ତାଲିକା ସହ କେତେକ ସଂସ୍ଥାମାନଙ୍କ ଦ୍ୱାରା ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ

ଉପକରଣଗୁଡ଼ିକୁ ମଧ୍ୟ ଯୋଡ଼ା ଯାଇପାରେ । କାର୍ଯ୍ୟକଳାପ ଭିତ୍ତିକ ଗଣିତ ଶିକ୍ଷଣରେ ଏସବୁ ଉପକରଣ ଗୁଡ଼ିକ ନିହାତି ଅପରିହାର୍ଯ୍ୟ ।

ପ୍ରତିରୂପ

ପ୍ରତିରୂପ (ମଡେଲ୍) ହେଉଛି କୌଣସି ପଦାର୍ଥର ତିନି ପରିସର ବିଶିଷ୍ଟ (ଥ୍ରି ଡାଇମେନ୍‌ସନାଲ) ଏକ ପ୍ରତିକୃତି ବା ନମୁନା । ଆବଶ୍ୟକତା ଅନୁଯାୟୀ ଏହା ପ୍ରକୃତ ପଦାର୍ଥର ଅବିକଳ, ବୃହଦାୟତନ ଅଥବା କ୍ଷୁଦ୍ରାୟତନ ବିଶିଷ୍ଟ ହୋଇପାରେ । ମାଟି, ମହମ, କାଠ, ସୋଲ, କାଗଜ ଇତ୍ୟାଦିରେ ଶିକ୍ଷଣ ଉପଯୋଗୀ ପଦାର୍ଥ, ଯଥା: ଆୟତଘନ, ସମଘନ, କୋନ୍, ସିଲିଣ୍ଡର, ପ୍ରିଜମ୍, ପିରାମିଡ୍, ଗୋଲକ ଇତ୍ୟାଦି ପ୍ରସ୍ତୁତ କରାଯାଇପାରେ । ଶିକ୍ଷାର୍ଥୀମାନେ ନିଜେ ଏହାକୁ ବ୍ୟବହାର କରି ଏହାର ଗାଣିତିକ ବା ଜ୍ୟାମିତିକ ଗୁଣାବଳୀ ବିଷୟରେ ପ୍ରତ୍ୟକ୍ଷ ଜ୍ଞାନ ଓ ସମ୍ୟକ୍‌ବୋଧ ଅର୍ଜନ କରିଥାନ୍ତି ।

ଚିତ୍ର, ସାରଣୀ, ବିବରଣୀ ଫର୍ଦ୍ଦ

ଯେକୌଣସି ଅମୂର୍ତ୍ତ ଗାଣିତିକ ସମ୍ବନ୍ଧଗୁଡ଼ିକୁ ଅଧିକ ଅର୍ଥପୂର୍ଣ୍ଣ କରାଇବା ପାଇଁ ଚିତ୍ର, ସାରଣୀ, ଲେଖଚିତ୍ର ଓ ବିବରଣ ଫର୍ଦ୍ଦ ଇତ୍ୟାଦିର ବ୍ୟବହାର କରାଯାଇଥାଏ । ବିବିଧ ପ୍ରତ୍ୟୟଗୁଡ଼ିକର ଶ୍ରେଣୀବିଭାଗକୁ ବୁଝାଇବାକୁ ଶିକ୍ଷକ ବିଭାଗୀକରଣ ବିବରଣ ଫର୍ଦ୍ଦର ସହାୟତା ନିଅନ୍ତି, ଯଥା: ସଂଖ୍ୟା ପ୍ରକରଣ, ଜ୍ୟାମିତିକ ଚିତ୍ରଗୁଡ଼ିକର ପ୍ରକାର ଭେଦ ଇତ୍ୟାଦି । ସାରଣୀବଦ୍ଧ ବିବରଣ ଫର୍ଦ୍ଦ ସାଧାରଣତଃ ସଂଖ୍ୟାତ୍ମକ ତଥ୍ୟ ବା ସୂଚନା ପ୍ରଭୃତିକୁ ଅନ୍ତର୍ଭୁକ୍ତ କରିଥାଏ । ଗୁଣନଖନ୍ଦା, ପରିସଂଖ୍ୟାନ ସଂକ୍ରାନ୍ତ ସାରଣୀ, ଉପପାଦ୍ୟଗୁଡ଼ିକର ପରୀକ୍ଷାମୂଳକ ସାରଣୀ, ଶତକଡ଼ା ସଂକ୍ରାନ୍ତ ସାରଣୀ ପ୍ରଭୃତି ଏହି ଶ୍ରେଣୀର ଅନ୍ତର୍ଭୁକ୍ତ । ସୁପରିକଳ୍ପିତ ବିବରଣ ଫର୍ଦ୍ଦ ମୁଖ୍ୟତଃ ଦୃଶ୍ୟ ମାଧ୍ୟମ ଅଟେ, ଯାହାକି ଶିକ୍ଷକଙ୍କ ସୁଦୀର୍ଘ ବ୍ୟାଖ୍ୟାନର ବିକଳ୍ପ ଭାବେ ଶିକ୍ଷାର୍ଥୀଙ୍କୁ ଅନେକ କିଛି ସ୍ପଷ୍ଟ ଧାରଣା ଦେଇଥାଏ । ବିବରଣ ଫର୍ଦ୍ଦକୁ ଅଧିକ ଆକର୍ଷଣୀୟ କରିବା ପାଇଁ ବିବିଧ ରଙ୍ଗର ବ୍ୟବହାର କରାଯାଇପାରେ । ପୂର୍ବ ପ୍ରସ୍ତୁତ ବିବରଣ ଫର୍ଦ୍ଦଗୁଡ଼ିକ ଶିକ୍ଷକଙ୍କର ଶ୍ରମ ଓ ସମୟକୁ କେତେକାଂଶରେ ବଞ୍ଚାଇ ଥାଏ । କଳାପଟା କାର୍ଯ୍ୟ ପରିବର୍ତ୍ତେ ସେ ସମୟ ସମୟରେ ବିବରଣ ଫର୍ଦ୍ଦ ସାହାଯ୍ୟରେ ସୁଦୀର୍ଘ ତଥ୍ୟମାନ ଅଳ୍ପେଶରେ ଉପସ୍ଥାପନ କରି ପାରନ୍ତି ।

ଶିକ୍ଷଣ ସାମଗ୍ରୀଗୁଡ଼ିକର ଶୈକ୍ଷିକ ମୂଲ୍ୟ

ଗଣିତ ଶିକ୍ଷାଦାନରେ ଶିକ୍ଷଣ ସାମଗ୍ରୀକୁ ବାଦ୍ ଦେଇ ଶିକ୍ଷଣ କାର୍ଯ୍ୟ କରାଯାଇ ନପାରେ । ଶିକ୍ଷଣ ସାମଗ୍ରୀ ଦ୍ୱାରା ଗଣିତ ଶିକ୍ଷା ସରସ, ଚିତ୍ତାକର୍ଷକ, ଅର୍ଥପୂର୍ଣ୍ଣ ଓ ଆନନ୍ଦମୟ ହୋଇଥାଏ । ଗଣିତରେ ଥିବା ଅଧିକାଂଶ ଅମୂର୍ତ୍ତ ପ୍ରତ୍ୟୟ, ସୂତ୍ର, ନିୟମ ଆଦି ଯୋଗୁଁ ଅଧିକାଂଶ ଛାତ୍ର ଗଣିତ ପ୍ରତି ବିମୁଖ ଜଣାପଡ଼ନ୍ତି । ଶିକ୍ଷକଙ୍କର ଶିକ୍ଷଣ ସାମଗ୍ରୀଗୁଡ଼ିକ ମାଧ୍ୟମରେ ଶିକ୍ଷାଦାନ ହିଁ ଏଭଳି ନୈରାଶ୍ୟଜନକ ପରିସ୍ଥିତିକୁ ସୁଧାରି ପାରିବ । ଶିକ୍ଷଣ ସାମଗ୍ରୀର ବ୍ୟବହାର ଦ୍ୱାରା ଛାତ୍ର ଛାତ୍ରୀମାନଙ୍କର ଅଭିଜ୍ଞତା ବୃଦ୍ଧିପାଏ । ଏହା ସେମାନଙ୍କୁ ଆଗ୍ରହାନ୍ୱିତ କରିବା ସଂଗେ ସଂଗେ ଗଣିତ ଶିକ୍ଷଣରେ ସକ୍ରିୟ ଅଂଶଗ୍ରହଣ ପାଇଁ ପ୍ରେରଣା ଦେଇଥାଏ ।

ସାରାଂଶ

୧. ପ୍ରାଥମିକ ପାଠ୍ୟକ୍ରମରେ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ ଭାବେ ଗଣିତ ପାଠ ବେଶ୍ ଜଣାଶୁଣା । ଏହାର ବ୍ୟାବହାରିକ, ଶୃଙ୍ଖଳାଗତ ଓ ସାଂସ୍କୃତିକ ମୂଲ୍ୟ ହିଁ ଗଣିତ ଶିକ୍ଷାଦାନର ମହତ୍ତ୍ୱକୁ ପ୍ରତିପାଦନ କରିଥାଏ ।

୨. ଗଣିତ ଶିକ୍ଷାର ମୂଲ୍ୟକୁ ଆଧାର କରି ଏହାର ଶୈକ୍ଷିକ ଲକ୍ଷ୍ୟଗୁଡ଼ିକ ନିର୍ଦ୍ଧାରଣ କରାଯାଇଥାଏ । ନିର୍ଦ୍ଦିଷ୍ଟ ଗାଣିତିକ ବିଷୟବସ୍ତୁ ଓ ତତ୍ ସଂପୃକ୍ତ ଶିକ୍ଷଣ ଅନୁଭୂତିର ସଂଗଠନ କଲାବେଳେ ଏହି ଲକ୍ଷ୍ୟଗୁଡ଼ିକୁ ଏକାଧିକ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ଭାବେ ପ୍ରକାଶ କରାଯାଏ ।

୩. ନିର୍ଦ୍ଦିଷ୍ଟ ଲକ୍ଷ୍ୟର ଉକ୍ତିଗୁଡ଼ିକୁ ସ୍ପଷ୍ଟ ଭାବେ ଶିକ୍ଷାର୍ଥୀର ଆଚରଣସୂଚକ ଶବ୍ଦ ଦ୍ୱାରା ବ୍ୟକ୍ତ କରାଯାଏ ।

୪. ଗଣିତ ଶିକ୍ଷାଦାନରେ ମୁଖ୍ୟତଃ ତିନୋଟି ଶ୍ରେଣୀର ପଦ୍ଧତି ଅନୁସୃତ ହୋଇଥାଏ । ତାହା ହେଲା ବିଶ୍ଳେଷଣ ଓ ସଂଶ୍ଳେଷଣ ପଦ୍ଧତି, ଆରୋହୀ ବା ଅବରୋହୀ ପଦ୍ଧତି ଏବଂ କାର୍ଯ୍ୟକଳାପ ଭିତ୍ତିକ ପଦ୍ଧତି ।

୫. ଗଣିତ ଶିକ୍ଷାଦାନକୁ ଅଧିକ ସରସ, ଅର୍ଥପୂର୍ଣ୍ଣ ଓ ଆନନ୍ଦମୟ କରିବା ପାଇଁ ବିବିଧ ଶିକ୍ଷଣ ସାମଗ୍ରୀର ଉପଯୋଗିତା ରହିଛି । ସେଗୁଡ଼ିକ ମଧ୍ୟରୁ କେତେକ ମୁଖ୍ୟ ଶିକ୍ଷଣ ସାମଗ୍ରୀ ହେଲା ପାଠ୍ୟପୁସ୍ତକ, କାର୍ଯ୍ୟପୁସ୍ତିକା ଓ ଅଭ୍ୟାସ ପୁସ୍ତିକା, କଳାପଟା ଓ କଳାପଟା ଆକୃତି କପଡ଼ା, ଜ୍ୟାମିତିକ ଉପକରଣ, ଗଣିତ ଉପକରଣ ସମୂହ, ପ୍ରତିରୂପ, ଚିତ୍ର, ସାରଣୀ ଓ ବିବରଣ ଫର୍ଦ୍ଦ ଇତ୍ୟାଦି ।

ପ୍ରଶ୍ନାବଳୀ

1. ନିମ୍ନରେ ପ୍ରଦତ୍ତ ପ୍ରତ୍ୟେକ ଉପପ୍ରଶ୍ନ ତଳେ, ତାହାର ଚାରିଟି ବିକଳ୍ପ ଉତ୍ତର ଦିଆଯାଇଛି । ମାତ୍ର ତନ୍ମଧ୍ୟରୁ ଗୋଟିଏ ଉତ୍ତର ହିଁ ଠିକ୍ । ସେହି ଠିକ୍ ଉତ୍ତରଟିକୁ ବାଛି ତୁମ ଉତ୍ତର ଖାତାରେ ଲେଖ ।

(କ) କେଉଁ ସ୍ତରଗୁଡ଼ିକର ପ୍ରାଥମିକ ଗଣିତ ଶିକ୍ଷା ଦିଆଯାଏ ?

(i) ୩ୟ ଏବଂ ଚତୁର୍ଥ ଶ୍ରେଣୀ

(ii) ପ୍ରଥମ ଓ ୨ୟ ଶ୍ରେଣୀ

(iii) ଦ୍ୱିତୀୟ ଓ ତୃତୀୟ ଶ୍ରେଣୀ

(iv) ଚତୁର୍ଥ ଓ ପଞ୍ଚମ ଶ୍ରେଣୀ

(ଖ) ନିମ୍ନୋକ୍ତ ଉକ୍ତିମାନଙ୍କ ମଧ୍ୟରୁ କେଉଁଟି ଗଣିତର ପ୍ରୟୋଗାତ୍ମକ ମୂଲ୍ୟବୃଦ୍ଧି ପାଇଁ ଦାୟୀ ଅଟନ୍ତି ?

(i) କମ୍ପ୍ୟୁଟରର ଉଦ୍ଭାବନ

(ii) ପ୍ରାଥମିକ ସ୍ତରରେ ଗଣିତ ଶିକ୍ଷାଦାନ

(iii) ବଜାର ଦର ବୃଦ୍ଧି

(iv) ଗୃହପୋକରଣର ଅଧିକ କ୍ରୟ ଓ ବିକ୍ରୟ

(ଗ) ନିମ୍ନୋକ୍ତ ଉକ୍ତିମାନଙ୍କ ମଧ୍ୟରୁ କେଉଁଟି ଗଣିତର ସାଂସ୍କୃତିକ ମୂଲ୍ୟବୋଧ ସହ ସଂଶ୍ଳିଷ୍ଟ ନୁହେଁ ?

(i) ସଭ୍ୟତାର ବିକାଶ

(ii) ସଂସ୍କୃତିର କ୍ରମ ବିକାଶ ସଂଶ୍ଳିଷ୍ଟ ବୃତ୍ତି

(iii) କଳା ଓ ସ୍ଥାପତ୍ୟର କ୍ରମବିକାଶ

(iv) ଗଣିତ ଶିକ୍ଷାଦାନରେ ଯୁକ୍ତି ଶକ୍ତିର ପ୍ରୟୋଗ

(ଘ) ନିମ୍ନୋକ୍ତ ଉକ୍ତିମାନଙ୍କ ମଧ୍ୟରୁ କେଉଁଟି ପ୍ରାଥମିକ ସ୍ତରରେ ଗଣିତ ଶିକ୍ଷାଦାନର ଲକ୍ଷ୍ୟ ସହିତ ସଂପୃକ୍ତ ନୁହେଁ ?

(i) ଦଶମିକ ଓ ଭଗ୍ନାଂଶ ବ୍ୟବହାରର ସାମର୍ଥ୍ୟ

(ii) ବୀଜଗାଣିତିକ ସମୀକରଣର ସମାଧାନ

(iii) ଜୈବିକ ସମ୍ବନ୍ଧୀୟବୋଧ

(iv) ଦୈନନ୍ଦିନ ଜୀବନରେ ଗାଣିତିକ ସମସ୍ୟାର ସମାଧାନ

2. ନିମ୍ନଲିଖିତ ସମସ୍ତ ଉପପ୍ରଶ୍ନର ଉତ୍ତର ଗୋଟିଏ ଲେଖାଏଁ ବାକ୍ୟରେ ଲେଖ ।

(i) ଗଣିତ ଶିକ୍ଷାଦାନର କେଉଁ ପଦ୍ଧତିରେ ଶିଶୁକେନ୍ଦ୍ରିକ ଶିକ୍ଷାଦାନ ଉପରେ ଗୁରୁତ୍ୱ ଦିଆଯାଇଥାଏ ?

(ii) ଗଣିତ ଶିକ୍ଷାଦାନର କେଉଁ ପଦ୍ଧତିରେ ସୂତ୍ରର ବ୍ୟବହାର ଉପରେ ଗୁରୁତ୍ୱ ଦିଆଯାଇଥାଏ ।

(iii) ଗଣିତ ଶିକ୍ଷାଦାନର କେଉଁ ପଦ୍ଧତି ''ପ୍ରାକ୍‌କଳ୍ପନାରୁ ସିଦ୍ଧାନ୍ତକୁ ଗତିକରିବା'' ଉପରେ ଗୁରୁତ୍ୱ ଦେଇଥାଏ ?

(iv) ଗଣିତ ଶିକ୍ଷାଦାନର କେଉଁ ପଦ୍ଧତି ''ନିର୍ଦ୍ଦିଷ୍ଟରୁ ସାଧାରଣ ଆଡ଼କୁ ଗତି କରିବା'' ଉପରେ ଗୁରୁତ୍ୱ ଦେଇଥାଏ ?

3. ନିମ୍ନପ୍ରଦତ୍ତ ପ୍ରତ୍ୟେକ ଉପପ୍ରଶ୍ନର ଉତ୍ତର ଦୁଇ ବା ତିନିଗୋଟି ବାକ୍ୟରେ ପ୍ରଦାନ କର ।

(i) ପ୍ରାଥମିକ ସ୍ତରରେ ଗଣିତ ଶିକ୍ଷାଦାନର ଯେ କୌଣସି ଦୁଇଟି ଗୁରୁତ୍ୱ ଲେଖ ।

(ii) ପ୍ରାଥମିକ ସ୍ତରରେ ଗଣିତ ଶିକ୍ଷାଦାନର ଯେକୌଣସି ଗୋଟିଏ ଲକ୍ଷ ଲେଖ ।

(iii) ଗଣିତ ଶିକ୍ଷାଦାନରେ ଆରୋହୀ ପଦ୍ଧତି ଓ ଅବରୋହୀ ପଦ୍ଧତି ମଧ୍ୟରେ ଥିବା ଯେକୌଣସି ଦୁଇଟି ପାର୍ଥକ୍ୟ ଦର୍ଶାଅ ।

(iv) ଗଣିତ ଶିକ୍ଷାଦାନରେ ବିଶ୍ଳେଷଣ ପଦ୍ଧତିର ଗୁରୁତ୍ୱ ସଂକ୍ଷେପରେ ବୁଝାଅ ।

4. ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ପ୍ରତ୍ୟେକଟିକୁ ପ୍ରାୟ ଛଅଟି ଲେଖାଏଁ ବାକ୍ୟରେ ଲେଖ ।

(i) ଗଣିତରେ ଥିବା ଯେକୌଣସି ବିଷୟରେ ଜ୍ଞାନ ଓ ପ୍ରୟୋଗ_ଉପରେ ଆଧାରିତ ବସ୍ତୁନିଷ୍ଠ ପ୍ରଶ୍ନ ପ୍ରସ୍ତୁତ କର ।

(ii) ପ୍ରାଥମିକ ସ୍ତରରେ ପାଟୀଗଣିତ ଶିକ୍ଷାଦାନର ଉଦ୍ଦେଶ୍ୟଗୁଡ଼ିକ ଲେଖ ।

(iii) ଗଣିତ ଶିକ୍ଷାଦାନର ଆରୋହୀପଦ୍ଧତି କଣ ବୁଝାଅ ।

(iv) ଉଚ୍ଚ ପ୍ରାଥମିକ ଶ୍ରେଣୀରେ ଜ୍ୟାମିତି ଶିକ୍ଷାଦାନର ଲକ୍ଷଗୁଡ଼ିକ ଲେଖ ।

5. ନିମ୍ନଲିଖିତ ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଦିଅ ।

(i) ବିଦ୍ୟାଳୟରେ ଏକ ବିଷୟବସ୍ତୁଭାବେ ଗଣିତର ଗୁରୁତ୍ୱ ଉଦାହରଣ ଦେଇ ବୁଝାଅ ।

(ii) ପ୍ରାଥମିକ ସ୍ତରରେ ଗଣିତ ଶିକ୍ଷାଦାନର ଲକ୍ଷଗୁଡ଼ିକ ଆଲୋଚନା କର ।

(iii) ଗଣିତ ଶିକ୍ଷାଦାନରେ ଥିବା ଆରୋହୀ ଓ ଅବରୋହୀ ପଦ୍ଧତି ମଧ୍ୟରେ ଥିବା ପାର୍ଥକ୍ୟଗୁଡ଼ିକ ଦର୍ଶାଅ ।

(ଘ) ବିଜ୍ଞାନ ଶିକ୍ଷାଦାନ ପଦ୍ଧତି

ଉଦ୍ଦେଶ୍ୟ

ଉକ୍ତ ଅଧ୍ୟାୟର ଅଧ୍ୟାପନ ପରେ ଶିକ୍ଷାର୍ଥୀମାନେ ନିମ୍ନୋକ୍ତ ବିଷୟରେ ଜାଣିପାରିବେ ।

- ବିଜ୍ଞାନର ତଥ୍ୟ/ପ୍ରତ୍ୟୟ ସମ୍ବନ୍ଧରେ ଜ୍ଞାନ ଆହରଣ କରି ବିଜ୍ଞାନ ଶିକ୍ଷାଦାନର ଗୁରୁତ୍ୱ ସମ୍ବନ୍ଧରେ ଅବଗତ ହେବେ ।
- ବିଜ୍ଞାନ ଶିକ୍ଷାଦାନର ବିଭିନ୍ନ ମୂଲ୍ୟବୋଧ ଜାଣିବେ ।
- ବିଜ୍ଞାନ ଶିକ୍ଷାଦାନରେ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଜାଣିବେ ।
- ବିଭିନ୍ନ ପ୍ରକାରର ଶିକ୍ଷାଦାନ ପଦ୍ଧତି ସମ୍ବନ୍ଧରେ ହୃଦବୋଧ କରି ବିଭିନ୍ନ ପରିସ୍ଥିତିରେ ସେମାନଙ୍କର ପ୍ରୟୋଗ ଜାଣିବେ ।
- ବିଜ୍ଞାନ ଶିକ୍ଷାଦାନରେ ଶିକ୍ଷା ସାଧନ ସମଗ୍ରୀର ଗୁରୁତ୍ୱ ସମ୍ବନ୍ଧରେ ଅବଗତ ହେବେ ।
- ବିଜ୍ଞାନ ପ୍ରତ୍ୟୟଗୁଡ଼ିକୁ ବିଶ୍ଳେଷଣ କରିବାକୁ ଉପଯୁକ୍ତ ଶିକ୍ଷା ସାଧନ ସାମଗ୍ରୀର ନିର୍ବାଚନ ଓ ବ୍ୟବହାର ବିଷୟରେ ଜାଣିବେ ।

୪.୪.୧ ବିଜ୍ଞାନ କ'ଣ ?

ମାନବ ସଭ୍ୟତାର ଅଭ୍ୟୁତ୍‌ଥାନ ଦିନଠାରୁ ମଣିଷ ଅନବରତ ନିଜ ପରିବେଶରେ ଥିବା ବିଭିନ୍ନ ପ୍ରକାର ପଦାର୍ଥ ବିଷୟରେ ଜାଣିବା ପାଇଁ ଚେଷ୍ଟିତ ହୋଇଆସିଛି । ମାନବ ଶିଶୁ ଜନ୍ମ ମୁହୂ ର୍ତ୍ତରୁ ପ୍ରକୃତି କୋଳରେ ପରିପାଳିତ ହୋଇଥାଏ ଏବଂ ସମାଜ ଓ ଆବେଷ୍ଟନୀ ଏଇ ଦୁଇ ଦିଗ ତା'ର ମନରେ ଯେଉଁ ବିପୁଳ ପ୍ରଭାବ ପକାନ୍ତି, ତାହା ଶିଶୁ ମନରେ ଜ୍ଞାନ କ୍ଷୁଧା ଉଦ୍ରେକ କରେ । ନିରବଚ୍ଛିନ୍ନ ଭାବେ ଶିଶୁ ପ୍ରକୃତିର ଏ ରହସ୍ୟ ଭେଦ କରିବା ପାଇଁ ଯତ୍ନଶୀଳ ଭାବେ ବିଭିନ୍ନ ପର୍ଯ୍ୟାଲୋଚନା, ପରୀକ୍ଷଣ ଜରିଆରେ ତଥ୍ୟ ଓ ପ୍ରତ୍ୟୟ ସଂଗ୍ରହ କରେ । ଏହିଭଳି ଶିକ୍ଷାତଥ୍ୟକୁ ମାନବ ନିଜର ଦୈନନ୍ଦିନ ଜୀବନରେ ପ୍ରୟୋଗ କରି ଶିଖେ । ପାଠ୍ୟକ୍ରମର ଉଦ୍‌ବ ର୍ତ୍ତନ ଅଧ୍ୟୟନ କଲେ ଶିକ୍ଷା କ୍ଷେତ୍ରରେ ଏଭଳି ସଭ୍ୟତାର ଆବଶ୍ୟକତା କ୍ରମାଗତ ଅଧିକରୁ ଅଧିକତର ଅନୁଭୂତ ହେବାର ସ୍ପଷ୍ଟ ନିଦର୍ଶନ ମିଳେ । ପ୍ରକୃତପକ୍ଷେ ଦେଖିବାକୁ ଗଲେ ବିଜ୍ଞାନ ହେଉଛି ଆମେ ବାସ କରୁଥିବା ପୃଥିବୀର ଓ ତା'ର ଚାରିପାଖେ ଥିବା ପରିବେଷ୍ଟନୀର ବ୍ୟାଖ୍ୟାନ ସକାଶେ ଏକ ଉପାୟ । ଯେଉଁ ପଦ୍ଧତିରେ ପ୍ରକୃତି ସମ୍ବନ୍ଧରେ ଏକ ପୁଙ୍ଖାନୁପୁଙ୍ଖ ବିଶ୍ଳେଷଣ କରି ଜ୍ଞାନ ଆହରଣ କରାଯାଇପାରେ, ତାହାହିଁ ହେଉଛି ବିଜ୍ଞାନ ।

ବିଜ୍ଞାନର ସଂଜ୍ଞା ଭିନ୍ନ ଭିନ୍ନ ବ୍ୟକ୍ତି ଭିନ୍ନ ଭିନ୍ନ ଉପାୟରେ ପ୍ରଦାନ କରିଛନ୍ତି । ଫ୍ରିଜ୍‌ପ୍ୟାଟ୍ରିକ (1960)ଙ୍କ ମତାନୁଯାୟୀ 'ବିଜ୍ଞାନ ଏକ କ୍ରମବର୍ଦ୍ଧିଷ୍ଣୁ ଓ ଅଭିଜ୍ଞତାସିଦ୍ଧ ପର୍ଯ୍ୟବେକ୍ଷଣର ଅସୀମ ଧାରା ଯାହାଦ୍ୱାରା ଧାରଣା ଓ ତ ୍ୱର ସୂତ୍ର ନିର୍ଣ୍ଣୟ କରାଯାଇପାରେ । ଅଧିକ ଇନ୍ଦ୍ରିୟାନୁଭବିକ ଅଭିଜ୍ଞତା ସିଦ୍ଧ ପର୍ଯ୍ୟବେକ୍ଷଣ ଦ୍ୱାରା ଏଗୁଡ଼ିକର ପରିବ ର୍ତ୍ତନ ମଧ୍ୟ କରାଯାଇପାରେ । ସେହି ଦୃଷ୍ଟିରୁ ବିଜ୍ଞାନ ହେଉଛି ଉଭୟ ଏକ ଜ୍ଞାନପିଣ୍ଡ ଏବଂ ଆହରଣର ଏକ ପ୍ରକ୍ରିୟା ।

କୋନା (Konant) କହନ୍ତି, " ବିଜ୍ଞାନ ହେଉଛି ଆମେ ବାସ କରୁଥିବା ବିଶ୍ୱର ବ୍ୟାଖ୍ୟାନ ପାଇଁ ଏକ ଉପାୟ ।" ଏହାର ଦୁଇଟି ଦିଗ; ସ୍ଥିତିଶୀଳ ଓ ଗତିଶୀଳ । ସ୍ଥିତିଶୀଳ ମତବାଦୀମାନଙ୍କ ଭାଷାରେ ବିଜ୍ଞାନ ହେଉଛି ସାଂପ୍ରତିକ ତ ୍ୱ, ନୀତି, ନିୟମ ତଥା ବିପୁଳ ଶୃଙ୍ଖଳିତ ତଥ୍ୟଗୁଡ଼ିକୁ ନେଇ ଗଠିତ । କିନ୍ତୁ ଗତିଶୀଳ ମତବାଦୀ କହନ୍ତି ଯେ ନିର୍ଦ୍ଦିଷ୍ଟ ପଦ୍ଧତି ଅନୁଯାୟୀ କାର୍ଯ୍ୟ କରିବା ହେଉଛି ବିଜ୍ଞାନ ।

ବିଜ୍ଞାନ ଏକ ଜ୍ଞାନପିଣ୍ଡ ବା ଜ୍ଞାନର ଭଣ୍ଡାର । ଶିକ୍ଷାଦାନ କ୍ଷେତ୍ରରେ ବୈଜ୍ଞାନିକମାନଙ୍କ ଦ୍ୱାରା ବୈଜ୍ଞାନିକ ପଦ୍ଧତିରେ ଲବ୍ଧ ତଥ୍ୟ ରୂପେ ବିଜ୍ଞାନକୁ ପ୍ରୟୋଗ କରାଯାଏ । କେତେକ ତଥ୍ୟ, ନୀତି, ତ ୍ୱ ଓ ନିୟମକୁ ନେଇ ବିଜ୍ଞାନ ଗଠିତ । ତଥ୍ୟଗୁଡ଼ିକ ସତ୍ୟତା ଉପରେ ଆଧାରିତ । ସେଗୁଡ଼ିକ ଉପରେ କୌଣସି ବାଦାନୁବାଦ କରାଯାଇପାରେ ନାହିଁ । ତଥ୍ୟ ହେଉଛି ସତ୍ୟ, ଅପରିବ ର୍ତ୍ତନୀୟ ଓ ନିର୍ବିବାଦୀୟ ।

ବିଜ୍ଞାନର ସ୍ୱରୂପ ବ୍ୟାପକ । ବିଜ୍ଞାନ ଏକ ବିଷୟ ନୁହେଁ ବରଂ ମୌଳିକ କାର୍ଯ୍ୟ ପଦ୍ଧତି ରୂପେ ପରିଗଣିତ । ଏହା କାର୍ଯ୍ୟ କରିବା ଓ ଚିନ୍ତା କରିବାର ଏକ ପ୍ରକାର ଦୃଷ୍ଟିଭଙ୍ଗୀ ବା ମନୋଭାବ । ଜ୍ଞାନ ଓ କୌଶଳ ଆହରଣ ଏହାର ଏକ ଅଂଶବିଶେଷ

ସଂକ୍ଷେପରେ କହିଲେ :

- ବିଜ୍ଞାନ ଏକ ବିଷୟବସ୍ତୁ ତଥା ଜ୍ଞାନର ଭଣ୍ଡାର
- ବିଜ୍ଞାନ ଏକ କାର୍ଯ୍ୟଧାରା
- ବିଜ୍ଞାନ ଏକ ଫଳଫଳ ।

ଅନେକ ପାଠ୍ୟ ବିଷୟ, ତଥ୍ୟ ଓ ନୀତି ନିୟମ ଧରି ଏହା ଅନ୍ୟାନ୍ୟ ପାଠ୍ୟ ବିଷୟ ଭଳି ଏକ ବିଷୟ ହାଇଥିବା ଦୃଷ୍ଟିରୁ ଏହା ଜ୍ଞାନର ଭଣ୍ଡାର ରୂପେ ପରିଗଣିତ । ବୈଜ୍ଞାନିକ ପଦ୍ଧତି ଅବଲମ୍ବନ କରି ନୂତନ ତଥ୍ୟ, ନିୟମ ଆଦି ଆବିଷ୍କାର କରାଯାଉଥିବାରୁ ଏହା ଏକ କାର୍ଯ୍ୟଧାରା ଓ ପଦ୍ଧତି ମାଧ୍ୟମରେ ଅନେକ ସ୍ୱାର୍ଥ ସାଧନ କରାଯାଇପାରେ । ବୈଜ୍ଞାନିକ ତଥ୍ୟ ଓ ବିଜ୍ଞାନ ସମ୍ବନ୍ଧୀୟ ଜ୍ଞାନ ମାନବ ସମାଜ ପ୍ରତି ବିଜ୍ଞାନର ଅବଦାନ ବା ଫଳାଫଳ ରୂପେ ପରିଗଣିତ । କାର୍ଯ୍ୟଧାରା ଓ ଫଳାଫଳ ମଧ୍ୟରେ ଘନିଷ୍ଠ ସମ୍ବନ୍ଧ ରହିଛି । ଶିକ୍ଷାଦାନ ଦୃଷ୍ଟିରୁ ବିଚାର କଲେ ପଦ୍ଧତିକୁ ହିଁ ବିଜ୍ଞାନ ବୋଲି ବିବେଚନା କରିବା ଶ୍ରେୟସ୍କର । କାରଣ ବୈଜ୍ଞାନିକ ତଥ୍ୟ ଓ ସତ୍ୟକୁ ମୁଖସ୍ଥ କରି ବିଜ୍ଞାନୀ ହେବା ସମ୍ଭବ ବରଂ ସମସ୍ୟା ସମାଧାନ, ପ୍ରକୃତି ଅଧ୍ୟୟନ ତଥା ବିବିଧ ବସ୍ତୁ ଗଠନର ବାସ୍ତବ ଓ ପ୍ରତ୍ୟକ୍ଷ ଅନୁଭୂତି ବିଜ୍ଞାନ ଦ୍ୱାରା କରିପାରିଲେ ଶିକ୍ଷାର ପ୍ରକୃତ ଲକ୍ଷ୍ୟ ହାସଲ ହୋଇପାରିବ ।

୪.୪.୨ ପ୍ରାଥମିକ ବିଦ୍ୟାଳୟ ପାଠ୍ୟକ୍ରମରେ ବିଜ୍ଞାନର ସ୍ଥାନ

ବିଜ୍ଞାନର ବ୍ୟାବହାରିକ ମୂଲ୍ୟ ଯୋଗୁଁ ବିଜ୍ଞାନାର ମହ ୍ୱ ଅନ୍ୟାନ୍ୟ ପାଠ୍ୟ ବିଷୟ ଗୁଡ଼ିକ ଠାରୁ ସର୍ବାଧିକ । ପ୍ରାଥମିକ ସ୍ତରରୁ ଏହା ଏକ ବାଧ୍ୟତାମୂଳକ ବିଷୟ ରୂପେ ପଠିତ ହେଉଛି । କୌଣସି ଗୋଟିଏ ବିଷୟ ପାଠ୍ୟକ୍ରମର ଅନ୍ତର୍ଭୁକ୍ତ ହେବା ପାଇଁ ବୌଦ୍ଧିକ, ବ୍ୟାବହାରିକ, ବୃ ିଗତ, ସାଂସ୍କୃତିକ, ନୈତିକ ଓ ସୌନ୍ଦର୍ଯ୍ୟବୋଧାତ୍ମକ ମୂଲ୍ୟ ଥିବା ଆବଶ୍ୟକ । ବିଜ୍ଞାନଶିକ୍ଷା ଦ୍ୱାରା ବୈଜ୍ଞାନିକ ପଦ୍ଧତିରେ ତାଲିମ ଓ ବୈଜ୍ଞାନିକ ମନୋବୃ ିର ବିକାଶ ଭଳି କେତେକ ମୂଲ୍ୟବାନ ବିଷୟ ଶିକ୍ଷାଲାଭ କରାଯାଏ । ବିଜ୍ଞାନ ଓ କାରିଗରୀ ବିଜ୍ଞାନର ଦ୍ରୁତ ପ୍ରଗତି ଯୋଗୁଁ ବିଦ୍ୟାଳୟ ମାନଙ୍କରେ ପ୍ରଗତି ଭି ିକ ବିଜ୍ଞାନ ଶିକ୍ଷାର ବ୍ୟବସ୍ଥା ଅନିବାର୍ଯ୍ୟ ହୋଇପଡ଼ିଛି ।

ବିଦ୍ୟାଳୟ ସ୍ତରରୁ ବିଜ୍ଞାନ ଶିକ୍ଷା ପ୍ରଚଳନ ଏକ ମୁଖ୍ୟ ପ୍ରସଙ୍ଗ ଓ ଆଧୁନିକ ଶିକ୍ଷାର ମୂଳ ଲକ୍ଷ୍ୟ । ମାଧ୍ୟମିକ ଶିକ୍ଷା କମିଶନ (୧୯୫୪-୫୬)ଙ୍କ ମତାନୁଯାୟୀ ମାଧ୍ୟମିକ ବିଦ୍ୟାଳୟର ପ୍ରତ୍ୟେକ ବିଦ୍ୟାର୍ଥୀ ସାଧାରଣ ବିଜ୍ଞାନକୁ ଏକ ବାଧ୍ୟତାମୂଳକ ବିଷୟ ରୂପେ ଅଧ୍ୟୟନ କରିବା ଉଚିତ । କୋଠରୀ କମିଶନ (୧୯୬୪-୬୬)ଙ୍କ ମତାନୁସାରେ ବ ର୍ତ୍ତମାନ ପରିପ୍ରେକ୍ଷୀରେ ବିଜ୍ଞାନ ଶିକ୍ଷା ପ୍ରତ୍ୟେକ ଶିଶୁ ପାଇଁ ଅପରିହାର୍ଯ୍ୟ । ବିଜ୍ଞାନ ଓ ଗଣିତ ସମସ୍ତଙ୍କ ପାଇଁ ବାଧ୍ୟତାମୂଳକ ହେବା ଉଚିତ । କିନ୍ତୁ ବିଶେଷ ଭାବେ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ସ୍ତରରେ ବିଜ୍ଞାନ ଶିକ୍ଷା ଶିଶୁର ପରିବେଶ ସହିତ ସମ୍ପର୍କିତ ଓ ଜ୍ଞାନଭି ିକ ହେବା ଉଚିତ । ଏହାଦ୍ୱାରା ପ୍ରାଥମିକ ସ୍ତରରେ ଶିଶୁ ଆନ୍ତର୍ଜାତିକ କ୍ଷେତ୍ରରେ ବ୍ୟବହୃତ ବୈଜ୍ଞାନିକ ମାପ ଓ ବ୍ୟବହାର ବିଷୟରେ ସ୍ପଷ୍ଟଜ୍ଞାନ ଆହରଣ କରିପାରିବେ ଓ ବିଜ୍ଞାନ ଶିକ୍ଷାଦ୍ୱାରା ନିଜର ବୌଦ୍ଧିକ ବିକାଶ ବା ମାନସିକ ବିକାଶର ଉନ୍ନତି ଘଟାଇ ଚିନ୍ତା ଶକ୍ତି, ଯୁକ୍ତିଶକ୍ତି ଓ ସୃଜନୀ ଶକ୍ତିର କ୍ରମାଗତ ବିକାଶ ଓ ଉନ୍ନତି ଘଟାଇ ପାରିବେ ।

ପ୍ରାଥମିକ ବିଦ୍ୟାଳୟରେ ବିଜ୍ଞାନ ଶିକ୍ଷାର ଗୁରୁତ୍ୱ ଏହାର ବିଭିନ୍ନ ମୂଲ୍ୟଗୁଡ଼ିକ ମଧ୍ୟରୁ ସ୍ପଷ୍ଟ ପ୍ରତୀୟମାନ । ବିଜ୍ଞାନ ଶିକ୍ଷାଦ୍ୱାରା ଶିଶୁର ଜ୍ଞାନଗତ ବିକାଶ, କର୍ମଗତ ବିକାଶ ଓ ଭାବଗତ ବିକାଶ ହୋଇପାରେ । ଜ୍ଞାନଗତ ବିକାଶରେ ଜ୍ଞାନକୁ ଗ୍ରହଣ କରି ସେମାନଙ୍କର ପରିମାର୍ଜନୀ ଓ ପରିବର୍ଦ୍ଧନ କରିବା, ବିଜ୍ଞାନରେ କର୍ମ କୁଶଳତା ପ୍ରଦର୍ଶନ କରି କର୍ମଗତ ବିକାଶ ଓ ଶିଶୁର ବିଜ୍ଞାନ ପ୍ରତି କୌତୁହଳ ଓ ଅନୁରାଗ ସୃଷ୍ଟି କରି ଭାଗବତ ବିକାଶ ଘଟାଇବା ବିଜ୍ଞାନ ଶିକ୍ଷାର ପ୍ରଧାନ ଉଦ୍ଦେଶ୍ୟ । ଏହାର ମୂଲ୍ୟବୋଧଗୁଡ଼ିକ ଯୋଗୁଁ ପ୍ରାଥମିକ ସ୍ତରରେ ଏହାର ଗୁରୁତ୍ୱ ବେଶି ।

୪.୪.୩ ବିଜ୍ଞାନ ଶିକ୍ଷାର ମୂଲ୍ୟବୋଧ ?

ବିଦ୍ୟାଳୟ ପାଠ୍ୟକ୍ରମରେ ବିଜ୍ଞାନ ଏକ କୈନ୍ଦ୍ରିକ ବିଷୟ ରୂପେ ସ୍ଥାନ ପାଇଛି । ଏହା ଏକ ବାଧ୍ୟତାମୂଳ ବିଷୟ ଭାବେ ପରିଗଣିତ । କୌଣସି ଏକ ପାଠ୍ୟ ବିଷୟ ପାଠ୍ୟକ୍ରମର ଅନ୍ତର୍ଭୁକ୍ତ ହେବା ପାଇଁ ବୌଦ୍ଧିକ, ବ୍ୟାବହାରିକ, ବୃ ିଗତ, ସାଂସ୍କୃତିକ ନୈତିକ ଓ ସୌନ୍ଦର୍ଯ୍ୟାତ୍ମକ ମୂଲ୍ୟବୋଧ ସମ୍ପନ୍ନ ହେବା ଆବଶ୍ୟକ । ବ ର୍ତ୍ତମାନ ପରିପ୍ରେକ୍ଷୀରେ ବିଜ୍ଞାନ ଓ କାରିଗରୀ ବିଜ୍ଞାନର ଦ୍ରୁତ ପ୍ରଗତି ଯୋଗୁଁ ବିଦ୍ୟାଳୟମାନଙ୍କରେ ବିଜ୍ଞାନ-ଭି ିକ ଶିକ୍ଷାର ବ୍ୟବସ୍ଥା ଅନିବାର୍ଯ୍ୟ ହୋଇପଡ଼ିଛି । ଶିକ୍ଷାର ମୌଳିକ ଲକ୍ଷ୍ୟ ବୌଦ୍ଧିକ ବିକାଶ ବୋଲି ପରିଗଣନା କରାଯାଏ । ସମାଜରେ ଏହାର କ୍ରମବର୍ଦ୍ଧିଷ୍ଣୁ ଗୁରୁତ୍ୱ ଯୋଗୁଁ ବିଜ୍ଞାନ ପାଠ୍ୟକ୍ରମରେ ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ହୋଇପାରିଛି । ବୌଦ୍ଧିକ ମୂଲ୍ୟ ବ୍ୟତିରେକେ ବିଜ୍ଞାନ ଶିକ୍ଷାଦାନର ଅନ୍ୟାନ୍ୟ ମୂଲ୍ୟବୋଧଗୁଡ଼ିକ ମଧ୍ୟ ବଡ଼ ଗୁରୁତ୍ୱପୂର୍ଣ୍ଣ । ତେଣୁ ବିଜ୍ଞାନର ଶିକ୍ଷା ମୂଲ୍ୟବୋଧକୁ ନିମ୍ନରେ ବର୍ଣ୍ଣନା କରାଗଲା ।

୧. **ବୌଦ୍ଧିକ ମୂଲ୍ୟ –** ମଣିଷ ଚେତନାର ପରିସ୍ଫୁଟନ ଘଟି ନୂତନ ପ୍ରକାର ଚିନ୍ତାଶକ୍ତି ତଥା ବିଚାରଶକ୍ତି ଜରିଆରେ ଜ୍ଞାନ ଆହରଣ କରିବା ପ୍ରକ୍ରିୟାରେ ବିଜ୍ଞାନର ପରିପ୍ରକାଶ ହିଁ ବୌଦ୍ଧିକ ମୂଲ୍ୟର ପରିଚାୟକ । ବିଜ୍ଞାନ ଅଧ୍ୟୟନ ଫଳରେ ପରିବେଶରେ ଥିବା ବିଭିନ୍ନ ବସ୍ତୁ ସମୂହ ଜାଣିବା ପାଇଁ ଏକ ବାସ୍ତବ ଅନ୍ତର୍ଦୃଷ୍ଟି ସୃଷ୍ଟି ବିଜ୍ଞାନ ଦ୍ୱାରା ହିଁ ସମ୍ଭବପର । ବିଜ୍ଞାନର ନିଜର ଶୃଙ୍ଖଳା ରହିଛି ଓ ଏହା ଆବେଗ ଓ କୁସଂସ୍କାରର ବଶବ ୀ ନ କରାଇ ସିଦ୍ଧାନ୍ତରେ ଉପନୀତ ହେବାକୁ ଶିକ୍ଷାଦିଏ ।

ଜ୍ଞାନଗତ ବିକାଶ ବୌଦ୍ଧିକ ମୂଲ୍ୟର ଏକ ପ୍ରକୃଷ୍ଟ ଉଦାହରଣ । ଏଥିରେ ଜ୍ଞାନର ବିକାଶରେ ବିଭିନ୍ନ ସ୍ତର ଲକ୍ଷ୍ୟ କରାଯାଇପାରେ । ତାହା ହେଉଛି ସ୍ମରଣ ଓ ବୋଧ । ଜ୍ଞାନ ଗ୍ରହଣରେ ପ୍ରଥମ ସୋପାନକୁ ସ୍ମରଣ କୁହାଯାଇପାରେ । କାରଣ ଅନେକ ବିଷୟବସ୍ତୁର ଗ୍ରହଣ ହିଁ କେବଳ ସ୍ମରଣ ସ୍ତରରେ ସୀମିତ । ନିର୍ଦ୍ଦିଷ୍ଟ ତଥ୍ୟ, ବିଭିନ୍ନ ବୈଜ୍ଞାନିକ ଶବ୍ଦ, ଧାରଣା, ନିୟମ, ସୂତ୍ର, ଇତ୍ୟାଦିକୁ ସ୍ମରଣ ରଖିବା ଏହି ସ୍ତରର ଉଦ୍ଦେଶ୍ୟ । ଏହାଦ୍ୱାରା ବୁଦ୍ଧି ତୀକ୍ଷ୍ଣ ହୁଏ । ବୌଦ୍ଧିକ ଦୃଷ୍ଟିକୋଣରୁ ଏଭଳି ସ୍ମରଣ କୈନ୍ଦ୍ରିକ ଜ୍ଞାନଗ୍ରହଣ ବୋଧ କୈନ୍ଦ୍ରିକ କରିବା ଦରକାର । କୌଣସି ବୈଜ୍ଞାନିକ ତଥ୍ୟ କିପରି ହେଲା, କାହିଁକି ହେଲା, ସମ୍ପର୍କ ହେଲେ କ'ଣ ହେବ ଇତ୍ୟାଦି ଜ୍ଞାନର ଆତ୍ମୀକରଣ ଜ୍ଞାନ ବିକାଶରେ ସହାୟକ ହୁଏ । ବୈଜ୍ଞାନିକ ଚିନ୍ତାଧାରା ପରିସ୍ଫୁଟନ ବୌଦ୍ଧିକ ମୂଲ୍ୟର ଅନ୍ୟ ଏକ ପ୍ରକୃଷ୍ଟ ନିଦର୍ଶନ । ବିଜ୍ଞାନ ଶିକ୍ଷା ଦ୍ୱାରା ଶିଶୁର ବୌଦ୍ଧିକ ବିକାଶ, ଚିନ୍ତାଶକ୍ତିର ବିକାଶ, ପ୍ରୟୋଗାତ୍ମକ ଜ୍ଞାନର ବିକାଶ ସମ୍ଭବପର । ଏହି ହେତୁରୁ ବିଜ୍ଞାନ ଶିକ୍ଷା ଶିଶୁକୁ ବୌଦ୍ଧିକ ଦୃଷ୍ଟିକୋଣରୁ ସଚ୍ଚୋଟ ଓ ସମାଲୋଚନାତ୍ମକ ପର୍ଯ୍ୟବେକ୍ଷକ ଓ ବିଚାରକ୍ଷମ କରାଏ । ଏଭଳି ଚିନ୍ତାଶକ୍ତି ଓ ବିଚାରଶକ୍ତି ପାଇଁ ପାଥେୟ ଯୋଗାଉଥିବା ବିଜ୍ଞାନ ଶିକ୍ଷାର ବୌଦ୍ଧିକ ମୂଲ୍ୟ ବିଶେଷଭାବେ ପରିସ୍ଫୁଟ ହେଉଥିବାରୁ ବିଦ୍ୟାଳୟ ସ୍ତରରେ ବିଜ୍ଞାନ ଶିକ୍ଷା ଏକ ବାଧ୍ୟତାମୂଳକ ବିଷୟ ରୂପେ ପରିଗଣିତ ହୋଇପାରିଛି ।

୨. **ବ୍ୟାବହାରିକ ମୂଲ୍ୟ –** ବିଜ୍ଞାନର ବ୍ୟାବହାରିକ ମୂଲ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ଆମର ସମସ୍ତ ଜୀବନକାଳ ବିଜ୍ଞାନ ଦ୍ୱାରା ନିୟନ୍ତ୍ରିତ । ଆମ ଜୀବନ ଓ କାର୍ଯ୍ୟ ସହ ବିଜ୍ଞାନ ଏତେ ନିବିଡ଼ ଭାବରେ ଜଡ଼ିତ ଯେ ଏହା ବ୍ୟତିରେକେ ଆମର ଏ ପୃଥିବୀ ପୃଷ୍ଠରେ ବ ୁବା ଅସମ୍ଭବ । ବିଜ୍ଞାନର ପ୍ରୟୋଗରେ ପୃଥିବୀର ପ୍ରାକୃତିକ ଶକ୍ତି ଭଣ୍ଡାରଗୁଡ଼ିକ ଉପଯୋଗ ବିନିଯୋଗ କରାଯାଇ ମଣିଷ ସମାଜର ହିତ ଉଦ୍ଦେଶ୍ୟରେ ବ୍ୟବହାର କରାଯାଇପାରୁଛି । ପ୍ରକୃତି ଗର୍ଭରୁ ଅନୁସନ୍ଧାନ ଦ୍ୱାରା ମୂଲ୍ୟବାନ ପଦାର୍ଥ ବାହାର କରାଯାଇପାରିଛି ଓ ମୃତଲୋକକୁ ମଧ୍ୟ ପ୍ରାୟ ପୁନଃ ଜୀବନଦାନ କରାଯାଇପାରୁଛି । ଆଣବିକ ଶକ୍ତିର ବିନିଯୋଗ କରାଯାଇ ମଣିଷ ସମାଜର ହିତ ଉଦ୍ଦେଶ୍ୟରେ ବ୍ୟବହାର କରାଯାଇପାରୁଛି । ଏଭଳି ବିଜ୍ଞାନର ବ୍ୟାବହାରିକ ମୂଲ୍ୟ ଦୈନନ୍ଦିନ ଜୀବନରେ ବହୁଳ ପରିମାଣରେ ପରିଲିକ୍ଷିତ ହେଉଛି । ମଣିଷ ଜୀବନରେ ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ପ୍ରତ୍ୟେକ କ୍ଷେତ୍ରରେ ବିଜ୍ଞାନର ବ୍ୟାବହାରିକ ମୂଲ୍ୟ ଯଥେଷ୍ଟ ବେଶି । ଖାଦ୍ୟ, ବସ୍ତ୍ର ଓ ବାସଗୃହ ବ୍ୟତୀତ ଅନ୍ୟାନ୍ୟ ସମସ୍ତ ବିଷୟରେ ବିଜ୍ଞାନର ବ୍ୟାବହାରିକ ବହୁଳ ।

୩. **ନୈତିକ ମୂଲ୍ୟ –** ସତ୍ୟ ହିଁ ବିଜ୍ଞାନର ଅତ୍ୟାବଶ୍ୟକ ସ ି । ସତ୍ୟ ବ୍ୟତିରେକେ ବିଜ୍ଞାନରେ କୃତକାର୍ଯ୍ୟ ଅସମ୍ଭବ । ବୈଜ୍ଞାନିକ ଯଦି ନିଜର ପରୀକ୍ଷା, ପର୍ଯ୍ୟବେକ୍ଷଣ, ସିଦ୍ଧାନ୍ତରେ ମିଥ୍ୟା ଯୋଗାନ୍ତି, ତେବେ ତାହା ପ୍ରତାରଣା ସହ ସମତୁଲ୍ୟ । ଆତ୍ମନିର୍ଭରଶୀଳତା, ସଚ୍ଚୋଟ ପଣିଆ, ଏକାଗ୍ରତା, ନିଷ୍ଠା, ଅନୁସନ୍ଧିତ୍ସା ଓ କ ର୍ତ୍ତବ୍ୟପରାୟଣତା ବୈଜ୍ଞାନିକ ମନୋବୃ ିର ପରାକାଷ୍ଠା ଅସୀମ ଧୈର୍ଯ୍ୟ, ସହନଶୀଳତା ଓ ପରୀକ୍ଷା ମାଧ୍ୟମରେ ସତ୍ୟାସତ୍ୟ ନିରୂପଣ କରିବା ଇତ୍ୟାଦି

ନୈତିକ ଗୁଣାବଳୀଗୁଡ଼ିକ ବିଜ୍ଞାନର ଅବିଚ୍ଛେଦ୍ୟ ତଥ୍ୟ । ତେଣୁ ନୈତିକ ଦୃଷ୍ଟିକୋଣରୁ ବିଚାର କରାଗଲେ, ବିଜ୍ଞାନ ନୈତିକ ମୂଲ୍ୟ ପ୍ରଦାନ କରିବାରେ ପ୍ରଧାନ ସହାୟକ ।

୪. ବୃତ୍ତିଗତ ମୂଲ୍ୟ – ଅନେକଗୁଡ଼ିଏ ବୃତ୍ତି ପାଇଁ ବିଜ୍ଞାନ ଅଧ୍ୟୟନ ସର୍ବାଦୌ ଆବଶ୍ୟକ । ଡାକ୍ତରୀ ସେବା, ଇଂଜିନିୟରିଂ ସେବା, ମହାକାଶ ବିଜ୍ଞାନୀ, ପାରିପାର୍ଶ୍ୱିକ ବିଜ୍ଞାନୀ, ପଶୁବିଜ୍ଞାନୀ, ପ୍ରାଣୀବିଜ୍ଞାନୀ, ଭୂତତ୍ତ୍ୱ ବିଜ୍ଞାନୀ, ରସାୟନ ବିଜ୍ଞାନୀ, ଭୌତିକ ବିଦ୍ୟା ବିଜ୍ଞାନୀ, ଆଣବିକ ବିଜ୍ଞାନୀ ସମସ୍ତେ ବିଜ୍ଞାନର ବୃତ୍ତିଗତ ମୂଲ୍ୟର ପରିଚାୟକ । ବିଜ୍ଞାନ ଅଧ୍ୟୟନ ବଳରେ ମଣିଷ ନିଜର ବଞ୍ଚିରହିବା ସକାଶେ ସମସ୍ତ ସେବା କରିବା ସଙ୍ଗେ ସଙ୍ଗେ ଅନେକ ଉପକାରୀ ଅଭିରୁଚି ସୃଷ୍ଟି କରିପାରୁଛି । ଏମିତି କୌଣସି କାମ ନାହିଁ, ଯେଉଁଥିରେ କି ବିଜ୍ଞାନର ପ୍ରବେଶ ନାହିଁ । ଏପରି ଗୃହ ନିର୍ମାଣ, ଖାଦ୍ୟପ୍ରସ୍ତୁତ, ପାନୀୟ, ବିଳାସମୟ ଜୀବନଯାପନ ଆଦିରେ ବିଜ୍ଞାନର ସ୍ପଷ୍ଟ ଚିତ୍ର ପ୍ରସ୍ଫୁଟିତ । ଏଭଳି ବିଜ୍ଞାନ ଅନେକ କ୍ଷେତ୍ରରେ ପୃଥିବୀ ପାଇଁ ବୃତ୍ତିଗତ ପାଥେୟ ଯୋଗାଇ ପାରୁଛି ।

୫. ସାଂସ୍କୃତିକ ମୂଲ୍ୟ – କୌଣସି ଦେଶ ବା ଜାତିର ସଂସ୍କୃତି ଓ ପରମ୍ପରା ନିର୍ଣ୍ଣୟ କରିବାରେ ବିଜ୍ଞାନର ଯଥେଷ୍ଟ ଭୂମିକା ରହିଛି । ମଣିଷ ସମାଜର ଜୀବନଯାତ୍ରା, ଚିନ୍ତାଧାରା ଓ ମନୋଭାବ ଏତେ ବହୁଳ ଭାବରେ ବିଜ୍ଞାନ ଦ୍ୱାରା ପ୍ରଭାବିତ ଯେ ଦେଶର ସାମାଜିକ ତଥା ରାଜନୈତିକ ଚିତ୍ରପଟରେ ବହୁ ପରିବର୍ତ୍ତନ ପ୍ରତୀୟମାନ ହେଉଛି । ବିଜ୍ଞାନ ସ୍ୱତଃପୂତ ଭାବେ ପ୍ରକୃତିକୁ ନିୟନ୍ତ୍ରଣ କରିପାରୁଛି । ବୈଜ୍ଞାନିକ ବିକାଶର ଇତିହାସ, ରୋମାଞ୍ଚକର କାର୍ଯ୍ୟାବଳୀ ତଥା ବିଶ୍ୱର ବୈଚିତ୍ର୍ୟ ଆବିଷ୍କାର ଦିଗରେ ବିଜ୍ଞାନର ସାଂସ୍କୃତିକ ମୂଲ୍ୟ ନିହିତ । ବର୍ତ୍ତମାନ ପରିପ୍ରେକ୍ଷୀରେ ବିଜ୍ଞାନ ସାହାଯ୍ୟରେ ଦେଶ ଦେଶ ମଧ୍ୟରେ ସଂସ୍କୃତିର ଆଦାନ ପ୍ରଦାନ, ବୈଚିତ୍ର୍ୟ ଶିକ୍ଷା, ଜାତି ଜାତି ମଧ୍ୟରେ ସ୍ନେହ ସଦ୍‌ଭାବ ରକ୍ଷା ସବୁ ବିଜ୍ଞାନର ସାଂସ୍କୃତିକ ମୂଲ୍ୟର ପରିଚୟ ଦିଏ । ବିଜ୍ଞାନ ଦେଶ ଓ ଦେଶର ସଂସ୍କୃତି ଓ ଆଧ୍ୟାତ୍ମିକ ପରମ୍ପରାର ଏକ ଅଭିନ୍ନ ଓ ଅବିଚ୍ଛେଦ୍ୟ ଅଂଶ ।

୬. ସୌନ୍ଦର୍ଯ୍ୟବୋଧ ମୂଲ୍ୟ – ବିଜ୍ଞାନ ଏକ କଳା ଓ ଜଣେ ବୈଜ୍ଞାନିକ ହେଉଛନ୍ତି ଏକ କଳାକାର । ଅଧିକ ସଚେତନତା, ଚେଷ୍ଟା, ବିଚାର ଓ ବୁଦ୍ଧିମତାର ପ୍ରୟୋଗ କରି ଜଣେ କଳାକାର ସୌନ୍ଦର୍ଯ୍ୟବୋଧ କାର୍ଯ୍ୟ ସୃଷ୍ଟି କରିପାରେ । ସତ୍ୟର ଅନ୍ୱେଷଣ ପାଇଁ ବିଜ୍ଞାନ ଉର୍ଦ୍ଦିଷ୍ଟ । ବୈଜ୍ଞାନିକ ପ୍ରକୃତିର ଏକତା ପ୍ରକାଶ କରି ପ୍ରକୃତ ଆନନ୍ଦ ଲାଭ କରେ । ସାର୍ବଜନୀନ ନୀତି ଓ ବ୍ୟାପକ ତତ୍ତ୍ୱର ଅନ୍ୱେଷଣ ସୌନ୍ଦର୍ଯ୍ୟାତ୍ମକ ଅଭିପ୍ରାୟର ପରିପ୍ରକାଶ ରୂପେ ବିଦିତ । ସୌନ୍ଦର୍ଯ୍ୟାତ୍ମକ ଗୁଣ ନ ଥାଇ କୌଣସି ବୈଜ୍ଞାନିକ ତତ୍ତ୍ୱ ପ୍ରସ୍ତୁତ ହୋଇନାହିଁ । ସତ୍ୟ ହିଁ ସୌନ୍ଦର୍ଯ୍ୟ ଓ ସତ୍ୟର ଅନୁସନ୍ଧାନ ହିଁ ବିଜ୍ଞାନ । ତେଣୁ ବିଜ୍ଞାନର ସୌନ୍ଦର୍ଯ୍ୟବୋଧ ମୂଲ୍ୟ ବିଶେଷ ଭାବେ ଉର୍ଦ୍ଦିଷ୍ଟ ।

୭. ବୈଜ୍ଞାନିକ ପଦ୍ଧତିରେ ତାଲିମ – ବିଜ୍ଞାନ ଅଧ୍ୟୟନ ସମୟରେ ବିଦ୍ୟାର୍ଥୀ ଏକ ସ୍ୱତନ୍ତ୍ର ପ୍ରଣାଳୀରେ ତାଲିମ ପାଏ । ଏହାକୁ ବୈଜ୍ଞାନିକ ପଦ୍ଧତି କହନ୍ତି । ବୈଜ୍ଞାନିକ ପଦ୍ଧତିରେ କେତୋଟି ନିର୍ଦ୍ଦିଷ୍ଟ ସୋପାନ ରହିଛି । ସେଗୁଡ଼ିକ ହେଲେ- ସମସ୍ୟାର ପର୍ଯ୍ୟବେକ୍ଷଣ କରିବା, ସମସ୍ୟାର ସମାଧାନ ପାଇଁ ତଥ୍ୟ ସଂଗ୍ରହ କରିବା, ତନ୍ମଧ୍ୟରୁ ବିଭିନ୍ନ କାରଣ ଖୋଜିବା ଓ ନିର୍ଦ୍ଦିଷ୍ଟ କାରଣଟିକୁ ପରୀକ୍ଷା କରି ଜାଣିବା, ସିଦ୍ଧାନ୍ତ ଗ୍ରହଣ କରିବା ଏବଂ ତା'ର ଉପରେ ପର୍ଯ୍ୟବସିତ ମୂଳନୀତି ସ୍ଥିର କରି ଉପଯୁକ୍ତ କ୍ଷେତ୍ରରେ ତାକ୍ଷର ପ୍ରୟୋଗ କରିବା ।

୮. **ବୈଜ୍ଞାନିକ ମନୋବୃତ୍ତିର ବିକାଶ –** ନିର୍ମଳ ମନ, ବିଚାର, ଅନ୍ଧ ବିଶ୍ୱାସରୁ ନିଜକୁ ଦୂରେଇ ରଖିବା, ସମାଲୋଚନା ମୂଳକ ପର୍ଯ୍ୟବେକ୍ଷଣ କରିବା ବୈଜ୍ଞାନିକ ମନୋବୃତ୍ତିର ପରିଚାୟକ । ଏଗୁଡ଼ିକର ଉପଯୁକ୍ତ ବିକାଶ ଶିକ୍ଷାର୍ଥୀ ମନରେ କୌତୁହଳ, ଉଦ୍ଦୀପନା, ଆତ୍ମପ୍ରକାଶ ଓ ସୃଜନଶୀଳତା ସୃଷ୍ଟି କରେ ।

୪.୪.୪ ବିଜ୍ଞାନ ଶିକ୍ଷାଦାନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ

ବିଜ୍ଞାନ ଶିକ୍ଷାଦାନର ଲକ୍ଷ୍ୟ ସୁଦୂର ପ୍ରସାରୀ । ଯେକୌଣସି ଶିକ୍ଷା କାର୍ଯ୍ୟକ୍ରମ ସେ ସମୟର ଚାହିଦା ମୁତାବକ । ତେଣୁ ଯୁଗ ବଦଳିବା ସଙ୍ଗେ ସଙ୍ଗେ ଶିକ୍ଷାର ସଂଜ୍ଞାରେ ମଧ୍ୟ ପରିବର୍ତ୍ତନ ଘଟୁଥିବାରୁ ବିଜ୍ଞାନ ଶିକ୍ଷା ମଧ୍ୟ ଯୁଗପୋଯୋଗୀ ହେବା ଆବଶ୍ୟକ । ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାର ଦ୍ରୁତ ବିକାଶ, ବିଜ୍ଞାନକୁ ବିଦ୍ୟାଳୟ ପାଠ୍ୟକ୍ରମରେ ଅଙ୍ଗାଙ୍ଗୀ ଭାବେ ଜଡ଼ିତ କରିଛି । ବିଜ୍ଞାନ ଶିକ୍ଷାଦାନର ଶୈକ୍ଷିକ ଲକ୍ଷ୍ୟର ସଂଜ୍ଞା ହେଉଛି, ଶିକ୍ଷା ମାଧ୍ୟମରେ ବ୍ୟକ୍ତିର ବ୍ୟବହାରରେ ଆବଶ୍ୟକ ପରିବର୍ତ୍ତନ ଆଣି ଦୈନନ୍ଦିନ ଜୀବନରେ ବିଭିନ୍ନ ସମସ୍ୟାର ସମାଧାନ କରିବାକୁ ସକ୍ଷମ କରାଇବା । ଶିକ୍ଷାର ଲକ୍ଷ୍ୟ କେତେଦୂର ସାଧିତ ହୋଇପାରିଛି, ତାହା ଶିକ୍ଷାର୍ଥୀର ବ୍ୟବହାରଗତ ଆଚରଣରେ ପରବର୍ତ୍ତନରୁ ସୃଷ୍ଟି ହୁଏ । ଯାହା ମୂଲ୍ୟାୟନ ଦ୍ୱାରା ଜଣାପଡ଼େ । ମାଧ୍ୟମିକ ବିଦ୍ୟାଳୟ ବିଜ୍ଞାନ କମିଶନ ବିଦ୍ୟାଳୟ ସ୍ତରରେ ପ୍ରୟୋଗାତ୍ମକ ବିଜ୍ଞାନ ଉପରେ ବିଶେଷ ଗୁରୁତ୍ୱ ପ୍ରଦାନ କରିଛନ୍ତି । ଅର୍ଥାତ୍ ବିଜ୍ଞାନ ଶିକ୍ଷାର ଲକ୍ଷ୍ୟ ହେଉଛି ବୈଜ୍ଞାନିକ ତଥ୍ୟ ତଥା ନିୟମର ବ୍ୟବହାରିକ ପ୍ରୟୋଗ ପାଇଁ ଶିକ୍ଷାର୍ଥୀଙ୍କୁ ଜ୍ଞାନ ପ୍ରଦାନ କରିବା । ଜାତୀୟ ବିଜ୍ଞାନ ଶିକ୍ଷକ ସଂଘ (୧୯୬୧)ଙ୍କ ମତାନୁଯାୟୀ ବିଜ୍ଞାନ ଶିକ୍ଷାର ଲକ୍ଷ୍ୟ ନିମ୍ନୋକ୍ତ ବିଷୟଗୁଡ଼ିକ ଉପରେ ପର୍ଯ୍ୟବେସିତ ହେବା ଉଚିତ । ଯଥା-

- ବୈଜ୍ଞାନିକ ପ୍ରକୃତି ଓ ସ୍ୱରୂପ ଉପରେ ଜ୍ଞାନ ଆହରଣ
- ଗାଣିତିକ, ପର୍ଯ୍ୟବେକ୍ଷଣାତ୍ମକ ତଥା ପରୀକ୍ଷା କୌଶଳ ନିର୍ଦ୍ଧରଣ କ୍ଷମତାର ଅଭିବୃଦ୍ଧି ଘଟାଇବା ।
- ବିଜ୍ଞାନ ଓ ସମାଜ ମଧ୍ୟରେ ଅନ୍ତର୍ନିହିତ ସମ୍ପର୍କ ସମ୍ବନ୍ଧରେ ଅବଧାରଣା ସୃଷ୍ଟି କରିବା ଓ
- ବୈଜ୍ଞାନିକ ପ୍ରତ୍ୟୟ ଓ ତଥ୍ୟ ଗୁଡ଼ିକର ଅନୁଶୀଳନ ପୂର୍ବକ ବିଜ୍ଞାନର ଅବଦାନ ଧାରଣାର ଉନ୍ନତି ଘଟାଇବା ।

ବିଜ୍ଞାନ ଶିକ୍ଷାଦାନରେ ଶୈକ୍ଷିକ ଲକ୍ଷ୍ୟ ନିର୍ଦ୍ଧାରଣ ପାଇଁ ଯେଉଁ ଉତ୍ସ ବିଚାର କରାଯାଏ, ତାହା ଦର୍ଶନିକ, ମନସ୍ତାତ୍ତ୍ୱିକ, ସାମାଜିକ ଓ ବୈଜ୍ଞାନିକ ପୃଷ୍ଠଭୂମି ସମ୍ପନ୍ନ ହେବା ଦରକାର । କିନ୍ତୁ କୌଣସି ଶୈକ୍ଷିକ ଲକ୍ଷ୍ୟର ପ୍ରଧାନ ଉତ୍ସ ହେଲା ଶିକ୍ଷାର୍ଥୀର ଆବଶ୍ୟକତା, ବିଷୟବସ୍ତୁର ପ୍ରକୃତି ଓ ସାମାଜିକ ପରିବେଷ୍ଟନୀର ଚାହିଦା । ଉ ମ ଲକ୍ଷ୍ୟଗୁଡ଼ିକର ପ୍ରଧାନ ଲକ୍ଷଣ ହେଉଛି-

ଲକ୍ଷ୍ୟଗୁଡ଼ିକ ନିର୍ଦ୍ଦିଷ୍ଟ ହେବେ, ସ୍ପଷ୍ଟ ଭାବେ ପ୍ରକାଶିତ ହେବେ, ସାମାଜ ତଥା ମଣିଷ ପାଇଁ ଉପକାରୀ ହୋଇଥିବେ, ଦ୍ୱିରୁକ୍ତି ନ ଥିବ ଓ ସାଧାରଣ ଶିକ୍ଷାର ଲକ୍ଷ୍ୟାନୁସାରୀ ହେବା ଆବଶ୍ୟକ । ଶୈକ୍ଷିକ ଲକ୍ଷ୍ୟଗୁଡ଼ିକ ତିନୋଟି ବିଭାଗରେ ପଞ୍ଜୀକୃତ । ଯଥା- ଜ୍ଞାନାତ୍ମକ ବିଭାଗ, ଭାବାତ୍ମକ ବିଭାଗ ଓ ମନଶ୍ଚାଳକ ବିଭାଗ । ପ୍ରତ୍ୟେକ ଶୈକ୍ଷିକ ଲକ୍ଷ୍ୟର ଦୁଇଟି ସ୍ୱତନ୍ତ୍ର ବିଭାଗ ରହିଛି । ସେଗୁଡ଼ିକ ହେଲେ- ବ୍ୟବହାରର ରୂପାନ୍ତରୀକରଣ ଅଂଶ ଓ ବିଷୟବସ୍ତୁ ଅଂଶ । ଉଭୟ ଅଂଶର ଆବଶ୍ୟକତା ଅନୁଯାୟୀ ବର୍ଗୀକରଣ କରାଯାଏ । ଏହା ସାଧାରଣତଃ ବ୍ୟବହାରଗତ ପରିବର୍ତ୍ତନ ଅନୁଯାୟୀ ବର୍ଗୀକରଣ

କରାଯାଏ । ଶିକ୍ଷା ଯେହେତୁ ଶିକ୍ଷାର୍ଥୀ ମନରେ ବ୍ୟବହାରଗତ ପରିବ ର୍ନ ଆଣିବା ଲକ୍ଷ୍ୟ ରଖେ, ସେହି ହେତୁରୁ ବ୍ୟାବହାରିକ ପରିବ ର୍ନକୁ ଭି ିକରି ଶୈକ୍ଷିକ ଲକ୍ଷ୍ୟର ବର୍ଗୀକରଣ କରାଯାଇଛି । କାରଣ ଏହା ପର୍ଯ୍ୟବେକ୍ଷଣ କରାଯାଇପାରିବ ଓ ବର୍ଣ୍ଣନା କରାଯାଇପାରିବ ।

ଜ୍ଞାନାତ୍ମକ ବିଭାଗ ଲକ୍ଷ୍ୟ ସାଧାରଣତଃ ଜ୍ଞାନର ସ୍ମରଣ ଓ ଚିହ୍ନଟକରଣ ତଥା ବୌଦ୍ଧିକ ଦକ୍ଷତା ଓ କୌଶଳର ବିକାଶକୁ କୁହାଯାଏ, ଭାବାତ୍ମକ ବିଭାଗ ଲକ୍ଷ୍ୟ ଶିକ୍ଷାର୍ଥୀର ଆଗ୍ରହ, ମନୋବୃ ି, ମୂଲ୍ୟବୋଧ ଇତ୍ୟାଦିକୁ ବୁଝାଏ ଏବଂ ମନଶ୍ଚାଳକ ବିଭାଗରେ ଅନୁକରଣ, ପରିଚାଳନା, ଯୁକ୍ତିଯୁକ୍ତତା ନିର୍ଦ୍ଧାରଣ ସ୍ପଷ୍ଟ ଭାବେ ବ୍ୟକ୍ତ କରିବା ଓ ସ୍ୱାଭାବିକୀକରଣ ଆଦି ଅନ୍ତର୍ଭୁକ୍ତ । ତିନୋଟି ବିଭାଗରୁ ଭାବାତ୍ମକ ବିଭାଗରେ ଅନ୍ତର୍ଗତ ବ୍ୟବହାର ଗତ ଆଚରଣ ବର୍ଣ୍ଣନା କରିବା ବଡ଼ କଷ୍ଟସାଧ । ନିମ୍ନରେ ପ୍ରତ୍ୟେକ ବିଭାଗରେ ଅନ୍ତର୍ଗତ ଶୈକ୍ଷିକ ଲକ୍ଷ୍ୟ ଓ ସେମାନଙ୍କର ବ୍ୟବହାରଗତ ଆଚରଣ ପ୍ରଦ ହୋଇଛି ।

(i) ଜ୍ଞାନାତ୍ମକ ବିଭାଗ (Cognitive domain) :

ବିଦ୍ୟାଳୟସ୍ତରରେ ଜ୍ଞାନାତ୍ମକ ବିଭାଗ ସାଧାରଣତଃ ୩ଟି ମୁଖ୍ୟ ଉପବିଭାଗରେ ବିଭକ୍ତ କରାଯାଇଛି । ଯଥା- ଜ୍ଞାନ, ବୋଧ ଓ ପ୍ରୟୋଗ । ବ୍ଲୁମଙ୍କ ମତାନୁଯାୟୀ ଜ୍ଞାନାତ୍ମକ ବିଭାଗକୁ ସରଳରୁ ଜଟିଳ କ୍ରମରେ ଛଅ ଭାଗରେ ବିଭକ୍ତ କରାଯାଇଛି । ଯଥା- ଜ୍ଞାନ, ବୋଧ, ପ୍ରୟୋଗ, ବିଶ୍ଳେଷଣ, ସଂଶ୍ଳେଷଣ ଓ ମୂଲ୍ୟାୟନ । ଶେଷ ତିନୋଟି ଉଚ୍ଚତମ ମାନସିକ ପ୍ରକ୍ରିୟାର ଅନ୍ତର୍ଗତ ।

ଜ୍ଞାନ – ଏହା ବିଜ୍ଞାନ ଶିକ୍ଷାଦାନର ଏକ ପ୍ରଧାନ ଲକ୍ଷ୍ୟ । ପ୍ରଧାନ ଲକ୍ଷ୍ୟଗୁଡ଼ିକ ମଧ୍ୟରେ ଜ୍ଞାନ ହେଉଛି ସରଳତମ । ଶିକ୍ଷାର୍ଥୀ ଯଦି ବିଜ୍ଞାନ ସମ୍ବନ୍ଧୀୟ ତଥ୍ୟ, ଧାରଣା, ପ୍ରତ୍ୟୟ ଓ ତ ୍ୱ ସବୁ ମନେପକାଇ ମୌଖିକ ଭାବେ ସଠିକ ଉ ର ଦିଅନ୍ତି, ତେବେ ତାଙ୍କର ବିଜ୍ଞାନ ବିଷୟରେ ଜ୍ଞାନ ଅଛି ବୋଲି କୁହାଯାଏ । ତେଣୁ କେଉଁ ପ୍ରକାରର ବ୍ୟବହାର ଗତ ଆଚରଣ ବିଦ୍ୟାର୍ଥୀ ପାଖରେ ଦେଖିଲେ ତାହାର ଜ୍ଞାନଲାଭ ହୋଇଛି ବୋଲି ଜାଣିହୁଏ, ସେସବୁକୁ ଶୈକ୍ଷିକ ଉଦ୍ଦେଶ୍ୟରେ ବ୍ୟବହାରଗତ ଆଚରଣ ବୋଲି କୁହାଯାଏ । ଯଥା- ଶିକ୍ଷାର୍ଥୀ;

- ଦୈନନ୍ଦିନ ଜୀବନରେ ବ୍ୟବହୃତ ମୌଳିକ ଧାରଣା ଓ ନୀତି,
- ବିଜ୍ଞାନ ସାହିତ୍ୟ ବୁଝିବା ପାଇଁ ତଥ୍ୟାବଳୀ,
- ଉଦ୍ଭିଦ ଓ ପ୍ରାଣୀ ମଧ୍ୟରେ ପରସ୍ପର ନିର୍ଭରଶୀଳତା,
- ବିଜ୍ଞାନର ବିଭିନ୍ନ ଶାଖା ଓ ତାଙ୍କ ମଧ୍ୟରେ ଥିବା ପରସ୍ପରର ସମ୍ବନ୍ଧ ଓ ନିର୍ଭରଶୀଳତା,
- ପ୍ରାକୃତିକ ପରିବେଶ ଜ୍ଞାନ ଆହରଣ,
- ପୃଥିବୀର ଉତ୍ପ ି ଓ ଗ୍ରହ ନକ୍ଷତ୍ର ଆଦି ସୌରଜଗତ ସମ୍ବନ୍ଧରେ ଧାରଣା,
- ମାନବ ଶରୀରର ସାଧାରଣ ତ ୍ୱ ଓ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଧାରଣା, ବିଷୟରେ ଅବଗତ ହେବେ ।

ବୋଧ – ବିଜ୍ଞାନ ସମ୍ବନ୍ଧୀୟ ତଥ୍ୟ, ନିୟମ, ଧାରଣା, ଆଦିକୁ ଭଲ ରୂପେ ହୃଦୟଙ୍ଗମ କରିବା ବା ଆତ୍ମୀକରଣ କରିବାକୁ ବୋଧ କହନ୍ତି । ଅର୍ଥାତ୍ ଶିକ୍ଷାର୍ଥୀଙ୍କୁ ପଚରା ଗଲେ ଶିକ୍ଷାର୍ଥୀ ସେଗୁଡ଼ିକର ଉ ର ନିର୍ଭୁଲ ଭାବେ ନିଜେ ବୁଝି ଅନ୍ୟକୁ ବୁଝାଇ ପାରିବାରେ ସକ୍ଷମ ହେଲେ ବୋଧଶକ୍ତିର ବିକାଶ ହୋଇଛି ବୋଲି ଜଣାପଡ଼େ । ସରଳରୁ ଜଟିଳତା କ୍ରମରେ ବୋଧର ସ୍ଥାନ ୨ୟ । ନିମ୍ନଲିଖିତ ବ୍ୟବହାରଗତ ଆଚରଣ ଶିକ୍ଷାର୍ଥୀର ବୋଧଶକ୍ତିର ପରିଚୟ ପ୍ରଦାନ କରେ । ଯଥା : ଶିକ୍ଷାର୍ଥୀ;

- କୌଣସି ଏକ ନୀତି ବା ନିୟମର ଦୃଷ୍ଟାନ୍ତ ଦେଇପାରିବେ,
- କୌଣସି ଏକ ତଥ୍ୟ ବା ପ୍ରତ୍ୟୟର ବର୍ଣ୍ଣନାର ମୂଲ୍ୟାୟନ କରିବାରେ ସକ୍ଷମ ହେବେ,
- ବିଭିନ୍ନ ପରିସ୍ଥିତିରେ ଥିବା ଦୋଷତ୍ରୁଟି । ଭ୍ରମ ସଂଶୋଧନ କରିବାରେ ସମର୍ଥ ହେବେ,
- କାରଣ ଓ ଫଳାଫଳ ମଧ୍ୟରେ ସମ୍ପର୍କ ନିର୍ଣ୍ଣୟ କରିପାରିବେ,
- ନିୟମାନୁଯାୟୀ ଦ ପାଠ୍ୟର ବର୍ଗୀକରଣ କରିବାରେ କୃତକାର୍ଯ୍ୟ ହେବେ,
- ଭାଷାକୁ ସଂକେତରେ ଓ ସଂକେତରୁ ଭାଷାକୁ ରୂପାନ୍ତର କରିବାରେ ସମର୍ଥ ହେବେ,
- ସମସ୍ୟାର ସମାଧାନ କରିବେ,
- କୌଣସି ଏକ ତଥ୍ୟର ବ୍ୟାଖ୍ୟା କରିପାରିବେ ଓ
- ବୈଜ୍ଞାନିକ ତଥ୍ୟ ଓ ପ୍ରତ୍ୟୟ ଯଥାର୍ଥତା ପରୀକ୍ଷା କରି ଜାଣିପାରିବେ ।

ପ୍ରୟୋଗ – ବିଜ୍ଞାନ ସମ୍ବନ୍ଧୀୟ ଲବ୍ଧଜ୍ଞାନକୁ ନୂତନ ପରିପ୍ରେକ୍ଷୀରେ ଉପଯୁକ୍ତ ଭାବେ ପ୍ରୟୋଗ କରିବାର କୌଶଳକୁ ପ୍ରୟୋଗ କୁହାଯାଏ । ଏହାର ଅର୍ଥ ହେଉଛି ଶିକ୍ଷାର୍ଥୀ ବିଜ୍ଞାନ ସମ୍ବନ୍ଧୀୟ ବିଷୟବସ୍ତୁ ଯାହା ପଢ଼ିଛନ୍ତି, ସେସବୁକୁ ନୂତନ ପରିସ୍ଥିତିରେ ଉପଯୁକ୍ତ ଭାବେ ବିନିଯୋଗ କରିପାରିବେ । ଏହା ପ୍ରୟୋଗ ଭି ିକ ଲକ୍ଷ୍ୟ ରୂପେ ବିଜ୍ଞାନ ଶିକ୍ଷାଦାନରେ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଅଧିକାର କରିଛି । ନିମ୍ନଲିଖିତ ବ୍ୟବହାରଗତ ଆଚରଣରୁ ଶିକ୍ଷାର୍ଥୀମାନଙ୍କ ମନରେ ପ୍ରୟୋଗାତ୍ମକ ଦକ୍ଷତା ବିକଶିତ ହୋଇଥିବାର ଜଣାପଡ଼େ । ଶିକ୍ଷାର୍ଥୀମ ମାନେ;

- ତଥ୍ୟର ବିଶ୍ଳେଷଣ
- ନୂତନଭାବ ସୃଷ୍ଟି କରିପାରୁଥିବା ଦକ୍ଷତା,
- କାର୍ଯ୍ୟ ଓ କାରଣ ମଧ୍ୟରେ ସମ୍ବନ୍ଧ ସ୍ଥାପନ,
- ଦ ତଥ୍ୟରୁ କଳନା କରିବାର ଦକ୍ଷତା,
- କୌଣସି ତଥ୍ୟର ପୁଙ୍ଖାନୁପୁଙ୍ଖ ବିଶ୍ଳେଷଣ କରିପାରିବା କ୍ଷମତା,

- ନୂତନ ଜିନିଷ ବା ତଥ୍ୟ ସୃଷ୍ଟି କରିପାରିବାର ସାମର୍ଥ୍ୟ,
- ପୂର୍ବସୂଚନାର ଯଥାର୍ଥତା ପ୍ରତିପାଦନ,
- ସମସ୍ୟା ସମାଧାନରେ ମୌଳିକ ନୀତି ଗୁଡ଼ିକର ସଂପୃକ୍ତକରଣ,
- ଗ୍ରାଫ୍, ଚାର୍ଟ ଓ ସାରଣୀର ବ୍ୟବହାର କରି ଯଥାର୍ଥତା ପ୍ରତିପାଦନ,
- ପର୍ଯ୍ୟବେକ୍ଷଣର ବ୍ୟାଖ୍ୟାନ ଆଦି କ୍ଷେତ୍ରରେ ନିଜର ପାରଙ୍ଗମତା ଦେଖାଇପାରିବେ ।

(ii) ଭାବାତ୍ମକ ବିଭାଗ (Affective domain) :

ଏହାକୁ ଆବେଗିକ ଲକ୍ଷ୍ୟ ମଧ୍ୟ କହନ୍ତି । ଏଥିରେ ଶିକ୍ଷାର୍ଥୀର ବୈଜ୍ଞାନିକ ମନୋଭାବ ବା ଦୃଷ୍ଟିକୋଣ, ବିଜ୍ଞାନ ପ୍ରତି ଆଗ୍ରହ ପ୍ରଦର୍ଶନ, ବିଜ୍ଞାନର ଅବଦାନର ମୂଲ୍ୟବୋଧ ଆଦି ଭାବାତ୍ମକ ଲକ୍ଷ୍ୟ ପରିସରଭୁକ୍ତ । ଶିକ୍ଷାର୍ଥୀମାନଙ୍କ ମନରେ ବୈଜ୍ଞାନିକ ମନୋବୃତ୍ତି ସୃଷ୍ଟି କରି, ଆଗ୍ରହ ଓ ଅଭ୍ୟାସ ବିକାଶ କରାଇବା ତଥା ବୈଜ୍ଞାନିକ ତଥ୍ୟର ବ୍ୟବହାର ଜାଣିପାରିବା ଲକ୍ଷ୍ୟ ବିଜ୍ଞାନ ଶିକ୍ଷାଦାନରେ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଅଧିକାର କରିଛନ୍ତି ।

(iii) ମନଶ୍ଚାଳକ ବିଭାଗ (Psycho-Motor domain) :

ଏହି ବିଭାଗରେ ବିଜ୍ଞାନ ସମ୍ବନ୍ଧୀୟ ଘଟଣା କିମ୍ବା ପରୀକ୍ଷାଗୁଡ଼ିକୁ ନିଷ୍ଠା ଓ ଏକାଗ୍ରତାର ସହ ପର୍ଯ୍ୟବେକ୍ଷଣ କରିବା, ପରୀକ୍ଷଣ ଦକ୍ଷତା ବା କୌଶଳ ବିକାଶ କରିବା, ବିଜ୍ଞାନ ସମ୍ବନ୍ଧୀୟ ନମୁନା, ପ୍ରତିକୃତି, ଉପକରଣ, ସରଞ୍ଜାମ, ଯନ୍ତ୍ରପାତି, ପରୀକ୍ଷା ଆଦିର ସ୍ପଷ୍ଟ ଓ ଠିକ୍ ଚିତ୍ର ଅଙ୍କନ କରିବା, ବୋଧଭିତ୍ତିକ ତଥା ଆତ୍ମୀକରଣ କରିଥିବା ବିଜ୍ଞାନ ସମ୍ବନ୍ଧୀୟ ବିଷୟବସ୍ତୁକୁ ଚିତ୍ର ମାଧ୍ୟମରେ ଠିକ୍ ରୂପେ ପ୍ରକାଶ କରିବା, ଚିତ୍ରଗୁଡ଼ିକୁ ଚିହ୍ନିତ କରିବା, ଚିତ୍ରାଙ୍କନ ଦକ୍ଷତା ଓ କୌଶଳ ଆଦି ଅନ୍ତର୍ଭୁକ୍ତ । ଦେଖିବାକୁ ଗଲେ ସବୁ ପ୍ରକାରର କୌଶଳ ଯଥା ପରୀକ୍ଷଣ କୌଶଳ, ଗଠନ କୌଶଳ, ମାନଚିତ୍ର ଅଙ୍କନ କୌଶଳ ସମସ୍ୟା ସମାଧାନର କୌଶଳ ଓ ପର୍ଯ୍ୟବେକ୍ଷ କୌଶଳ ସବୁ କର୍ମାଶ୍ଚାଳକ ବିଭାଗରେ ଅନ୍ତର୍ଭୁକ୍ତ ।

ଉପରୋକ୍ତ ଶୈକ୍ଷିକ ଲକ୍ଷ୍ୟ ସହିତ ବିଜ୍ଞାନ ଶିକ୍ଷାଦାନର ଆହୁରି ଅନେକ ଶୈକ୍ଷିକ ଲକ୍ଷ୍ୟ ରହିଛି । ଯଥା -

(କ) ବୈଜ୍ଞାନିକ ପଦ୍ଧତିରେ ତାଲିମ

ବୈଜ୍ଞାନିକ ପଦ୍ଧତିରେ ଶିକ୍ଷାର୍ଥୀକୁ ତାଲିମ ଦେବା ବିଜ୍ଞାନ ଶିକ୍ଷାର ଏକ ଉଦ୍ଦେଶ୍ୟ । ଏହା ଦ୍ୱାରା ଶିକ୍ଷାର୍ଥୀକୁ ସମସ୍ୟାର ସମାଧାନ ପାଇଁ ଏକ ଉର୍ଦ୍ଦିଷ୍ଟ ପ୍ରକ୍ରିୟାରେ ତାଲିମ ଦିଆଯାଇଥାଏ । ଏହା ଏକ ଅନୁସନ୍ଧାନ ଓ ଅନ୍ୱେଷଣ ଭିତ୍ତିକ ପଦ୍ଧତି ବା କାର୍ଯ୍ୟଧାରା । କୌଣସି ବିଷୟବସ୍ତୁର ଆଲୋଚନା ଓ ଗବେଷଣା ବୈଜ୍ଞାନିକ ପଦ୍ଧତି ମାଧ୍ୟମରେ ହେଲେ ତାହା ଦ୍ୱାରା ଲବ୍ଧଜ୍ଞାନ ଧ୍ରୁବସତ୍ୟ ହୁଏ । ବୈଜ୍ଞାନିକ ମନୋଭାବର ପରିପ୍ରକାଶ ଏହି ପଦ୍ଧତି ଦ୍ୱାରା ହୁଏ, ତେଣୁ ଏହି ପଦ୍ଧତି ସହ ଶିକ୍ଷାର୍ଥୀମାନଙ୍କୁ ପରିଚିତ କରାଇବା ଶିକ୍ଷାର ଏକ ମୁଖ୍ୟ ଲକ୍ଷ୍ୟ, ଚିନ୍ତାଶକ୍ତି, ଯୁକ୍ତିଶକ୍ତି ସୃଜନଶକ୍ତି, ସମସ୍ୟା ସମାଧାନ ଦକ୍ଷତା ଆଦିର ବିକାଶ ନିମି ଏହି ପଦ୍ଧତି ଶିକ୍ଷା କ୍ଷେତ୍ରରେ ଅପରିହାର୍ଯ୍ୟ ।

(ଖ) ଅବରସ ପାଇଁ କାର୍ଯ୍ୟର ବ୍ୟବସ୍ଥା

ବିଜ୍ଞାନ ଶିକ୍ଷାର ଏକ ଲକ୍ଷ୍ୟ ହେଲା ଶିକ୍ଷାର୍ଥୀମାନଙ୍କୁ ଅବସର ସମୟର ସଦୁପଯୋଗ କରିବାର ବନ୍ଦୋବସ୍ତ କରିବା । ଏହି ଅବସରରେ ବିନିଯୋଗ ଉ ମ କାର୍ଯ୍ୟ ଶିକ୍ଷାର୍ଥୀମାନଙ୍କ ମନରେ ଏକ ଚିରାଚରିତ ଅଭ୍ୟାସ ଆଦି କେତେକ କ୍ରିୟାକଳାପ ଦ୍ୱାରା ସୃଷ୍ଟି କରାଯାଇପାରିବ । ଉଦାହରଣସ୍ୱରୂପ ଶିକ୍ଷାର୍ଥୀ ବ୍ୟବହାର ଉପଯୋଗୀ ବସ୍ତୁ ଯଥା- କାଳି, ସାବୁନ, ବୁଟ୍ ପଲିସ୍ ଆଦି ତିଆରି କରିବା ପାଇଁ ଶିକ୍ଷାଦାନ କରାଯାଇପାରିବ । ବିଭିନ୍ନ ପ୍ରକାର ବୈଜ୍ଞାନିକ କାର୍ଯ୍ୟ ଶିକ୍ଷାର ଅନ୍ତର୍ଗତ ହେଲେ ଶିକ୍ଷାର୍ଥୀ ଭବିଷ୍ୟତ ଜୀବନରେ କିଛି କାର୍ଯ୍ୟ କରି ଅବସର ସମୟର ଏକ ସଫଳ ଉପଯୋଗ କରିପାରିବେ ।

(ଗ) ଉନ୍ନତ ଜୀବନଯାପନ ପାଇଁ ତାଲିମ -

ବିଜ୍ଞାନରୁ ଶିକ୍ଷାର୍ଥୀ ମଣିଷର ସୁସ୍ଥତା, ସ୍ୱାସ୍ଥ୍ୟ ରକ୍ଷାର ନିୟମମାନ ଜାଣି ଏକ ଉନ୍ନତ ସୁସ୍ଥ ଜୀବନଯାପନ ପାଇଁ ତାଲିମ ପାଇବା ଉଚିତ ଓ ଏହା ବିଜ୍ଞାନ ଶିକ୍ଷାଦ୍ୱାରା ହିଁ ସମ୍ଭବପର । ବିଜ୍ଞାନ ପାଠପଢ଼ି ଶିକ୍ଷାର୍ଥୀ ନିଜ ଶରୀରର ଉ ମ ଯତ୍ନ ନେବା ସଙ୍ଗେ ସଙ୍ଗେ ପରିବେଶର ଉନ୍ନତିକରଣ ପାଇଁ ସକ୍ଷମ ହୋଇଥାନ୍ତି । ବିଭିନ୍ନ ସଂକ୍ରାମକ ରୋଗର ଦାଉରୁ ରକ୍ଷା ପାଇବା, ରୋଗ ନିରାକରଣ କରିବା ଆଦି ବିଷୟରେ ଶିକ୍ଷା ପାଇଲେ ଶିକ୍ଷାର୍ଥୀ ନିଜର, ନିଜ ପରିବାରର ତଥା ସମାଜର ଓ ସାମାଜିକ ପରିବେଶର ଉନ୍ନତ ସାଧନ କରିପାରିବେ । ତେଣୁ ଶିକ୍ଷାର୍ଥୀମାନଙ୍କୁ ଉ ମ ନାଗରିକ ଭାବେ ସାମାଜିକ, ପାରିବାରିକ, ଅର୍ଥନୈତିକ ଓ ପ୍ରାକୃତିକ ପରିବେଶରେ ଉନ୍ନତ ଧରଣର ଜୀବନ ମାନ ସହ ଚଳିବାକୁ ବିଜ୍ଞାନ ଶିକ୍ଷାଦାନ ଅତୀବ ଆବଶ୍ୟକ ।

(ଘ) ପରବ ର୍ତ୍ତୀ ଜୀବନରେ ବୃତ୍ତିଧାରା ପାଇଁ ମୂଳଭିତ୍ତି ପ୍ରସ୍ତୁତ କରିବା -

ବିଜ୍ଞାନ ଶିକ୍ଷାଦ୍ୱାରା ଶିକ୍ଷାର୍ଥୀ ନିଜର ବୃତ୍ତି ପନ୍ଥା ନିର୍ଦ୍ଧାରଣ କରିବାକୁ ମଧ୍ୟ ସକ୍ଷମ ହୋଇଥାଏ । ବିଜ୍ଞାପ ପାଠ ପଢ଼ିଲେ ଶିକ୍ଷାର୍ଥୀ ଏକ ବୈଜ୍ଞାନିକଳ, ଯନ୍ତ୍ରୀ, ଡାକ୍ତର ବା ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାରେ ବିଶେଷଜ୍ଞ ହେବା ଭଳି ଅନେକ ଧନ୍ଦାଗତ କାର୍ଯ୍ୟ ସମ୍ବନ୍ଧରେ ତାଲିମ ପାଏ । ସୁତରାଂ ଯେଉଁମାନେ କୌଣସି ଏଭଳି ବୃତ୍ତି ଅବଲମ୍ବନ କରିବାକୁ ଇଚ୍ଛା କରନ୍ତି, ସେମାନଙ୍କୁ ବିଜ୍ଞାନ ଶିକ୍ଷାଦାନ କରବା ଆବଶ୍ୟକ । ତେଣୁ ବିଜ୍ଞାନ ଶିକ୍ଷାଦାନର ଅନ୍ୟ ଏକ ଲକ୍ଷ୍ୟ ହେଲା, ଶିକ୍ଷାର୍ଥୀଙ୍କୁ ପରବ ର୍ତ୍ତୀ ଜୀବନରେ ବିଶେଷଜ୍ଞ ହେବାରେ ସୁଯୋଗ ଓ ପ୍ରେରଣା ଦେବା ।

ବିଭିନ୍ନ ସ୍ତରରେ ବିଜ୍ଞାନ ଶିକ୍ଷାଦାନର ଉଦ୍ଦେଶ୍ୟ

ତାରାଦେବୀ ବିବରଣୀ (୧୯୫୬) ଅନୁସାରେ ବିଜ୍ଞାନ ଶିକ୍ଷାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବିଭିନ୍ନ ସ୍ତର ପାଇଁ ନିର୍ଦ୍ଦିଷ୍ଟ ଭାବେ ସୁପାରିଶ କରାଯାଇଛି ।

ପ୍ରାଥମିକ ସ୍ତରରେ ବିଜ୍ଞାନ ଶିକ୍ଷାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ନିମ୍ନରେ ଲିଖିତ । ଯଥା -

- ଶିକ୍ଷାର୍ଥୀମାନଙ୍କ ମନରେ ପ୍ରକୃତି ପାଇଁ ଆଗ୍ରହ ଓ ସଦିଚ୍ଛା ଜାଗରୁକ କରି ତା'ର ଭୌତିକ ଓ ସାମାଜିକ ପରିବେଷ୍ଟନୀକୁ ସମୃଦ୍ଧ କରିବା ।

- ସେମାନଙ୍କ ମନରେ କ୍ରମାନୁସାରେ ଚିନ୍ତାଶକ୍ତିର ବିକାଶ କରି ବିଜ୍ଞାନ ତଥ୍ୟର ପର୍ଯ୍ୟବେକ୍ଷଣ, ଆବିଷ୍କାର ଓ ବର୍ଗୀକରଣ କରିବାର ଅଭ୍ୟାସର ବିକାଶ ଘଟାଇବା ।
- ଶିକ୍ଷାର୍ଥୀର ଚିନ୍ତାଶକ୍ତି, ସୃଜନୀଶକ୍ତି ଓ ପରିଚାଳନା ଦକ୍ଷତା ବଢ଼ାଇବା ।
- ପରିଷ୍କାର ଓ ପରିଚ୍ଛନ୍ନତା ମନୋବୃ ି ପୋଷଣ କରିବା ଓ ଉ ମ ସ୍ୱାସ୍ଥ୍ୟ ସମ୍ବଳିତ ଅଭ୍ୟାସଗୁଡ଼ିକର ସୃଷ୍ଟି ଓ ପ୍ରଚଳନ କରାଇବା ।

ମାଧ୍ୟମିକ ସ୍ତରରେ ବିଜ୍ଞାନ ଶିକ୍ଷାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବହୁତ ସ୍ପଷ୍ଟ । ପ୍ରାଥମିକ ସ୍ତର ପାଇଁ ଯେଉଁ ଯେଉଁ ଉଦ୍ଦେଶ୍ୟ ବର୍ଣ୍ଣିତ । ତାହା ସହିତ ଅନ୍ୟାନ୍ୟ ଉଦ୍ଦେଶ୍ୟ ମଧ୍ୟ ବିଚାର କରାଯାଇଛି ଯଥା -

- ପ୍ରକୃତି ଓ ବିଜ୍ଞାନ ସମ୍ବନ୍ଧରେ ଜ୍ଞାନ ଆହରଣ
- ବୈଜ୍ଞାନିକ ତଥ୍ୟର ସାର୍ବଜନୀକରଣ ପାଇଁ ଦକ୍ଷତାର ବିକାଶ ଓ ଉକ୍ତ ଜ୍ଞାନ ପ୍ରୟୋଗ କରି ଦୈନନ୍ଦିନ ଜୀବନର ସମସ୍ୟାର ସମାଧାନ ।
- ଦୈନନ୍ଦିନ ଜୀବନରେ ବିଜ୍ଞାନର ପ୍ରଭାବ ସମ୍ବନ୍ଧରେ ହୃଦବୋଧୀକରଣ
- ବିଜ୍ଞାନ ସମ୍ମତ ରୁଚି ସମ୍ପନ୍ନ କାର୍ଯ୍ୟରେ ଶିକ୍ଷାର୍ଥୀଙ୍କୁ ନିୟୋଜିତ କରିବାକୁ ଆଗ୍ରହ ପରିବର୍ଦ୍ଧନ
- ବିଶିଷ୍ଟ ବୈଜ୍ଞାନିକମାନଙ୍କର ଜୀବନୀ ପାଠ ଜାରିଆରେ ସେମାନଙ୍କ ଜଗତକୁ ଦାନ ଓ ସେମାନଙ୍କର ବିସ୍ମୟକର ଉଦ୍ଭାବନ ସମ୍ବନ୍ଧରେ ଶିକ୍ଷାର୍ଥୀମାନଙ୍କୁ ଅନୁପ୍ରେରଣା ପ୍ରଦାନ ।

ଉଚ୍ଚ ବିଦ୍ୟାଳୟ ସ୍ତରରେ ବିଜ୍ଞାନ ଶିକ୍ଷାଦାନ ଲକ୍ଷ୍ୟ ବହୁତ ସୁସ୍ପଷ୍ଟ । ଏହି ସ୍ତରରେ ବିଜ୍ଞାନ ଶିକ୍ଷାର ଲକ୍ଷ୍ୟ ହେଉଛି -

- ଶିକ୍ଷାର୍ଥୀମାନଙ୍କର କର୍ମମୟ ଜୀବନ ସହିତ ବିଜ୍ଞାନର ଅବଦାନକୁ ସଂଶ୍ଳିଷ୍ଟ କରାଇ ସେମାନଙ୍କୁ ସେଭଳି ଏକ ପରିବ ିତ ବାତାବରଣ ସହ ଖାପଖୁଆଇ ଚଳିବାକୁ ପ୍ରୋତ୍ସାହନ ଦେବା ।
- ବୈଜ୍ଞାନିକ ମନୋବୃ ିର ବିକାଶ ପାଇଁ ଶିକ୍ଷାର୍ଥୀମାନଙ୍କୁ ବୈଜ୍ଞାନିକ ପ୍ରଣାଳୀ ସହିତ ଓତଃପ୍ରୋତଃ ଭାବେ ଜଡ଼ିତ କରାଇବା ।
- ବୈଜ୍ଞାନିକ ବିକାଶର କ୍ରମ ଉଦ୍ଭବ ବିଷୟରେ ହୃଦବୋଧ କରିବା ନିମି ଶିକ୍ଷାର୍ଥୀମାନଙ୍କୁ ଐତିହାସକ ପରିପ୍ରେକ୍ଷୀରେ ବିଜ୍ଞାନ ସମ୍ବଳିତ ଜ୍ଞାନ ପ୍ରଦାନ କରିବା ।

ଏହାଛଡ଼ା ବିଭିନ୍ନ ସ୍ତରରେ ବିଜ୍ଞାନ ଶିକ୍ଷାଦାନର ଲକ୍ଷ୍ୟ କ'ଣ ହେବା ଉଚିତ ତାହା କୋଠାରୀ କମିଶନ ତାଙ୍କ ରିପୋର୍ଟରେ ପ୍ରକାଶ କରିଛନ୍ତି । କୋଠରୀ କମିଶନ ରିପୋର୍ଟ (୧୯୬୪-୬୬)ରେ କୁହାଯାଇଛି ଯେ, ପ୍ରାଥମିକ ସ୍ତରରେ ବିଜ୍ଞାନ ଶିକ୍ଷାର ଲକ୍ଷ୍ୟ ଶିକ୍ଷାର୍ଥୀର ପାରପାର୍ଶ୍ୱିକ ବାତାବରଣକୁ ନେଇ କେନ୍ଦ୍ରିତ ହେବା ଦରକାର । ପାଠ ତା'ର ପ୍ରାକୃତିକ, ସାମାଜିକ ଓ ଜୈବିକ ପରିବେଶକୁ ନେଇ ସଂଶ୍ଳିଷ୍ଟ ହେବା ଆବଶ୍ୟକ ଏବଂ ଏହା ଏକ ବାଧ୍ୟତାମୂଳକ ବିଷୟ ରୂପେ

ପ୍ରାଥମିକସ୍ତର ପାଇଁ ଉର୍ଦ୍ଦିଟ୍ଟ ପାଠକ୍ରମରେ ଏକ ଅଙ୍ଗ ହେବା ଉଚିତ । ଉଚ୍ଚ ପ୍ରାଥମିକ ସ୍ତରରେ ବିଜ୍ଞାନ ଶିକ୍ଷାର ଲକ୍ଷ୍ୟ ମାନସିକ ସ୍ତରରେ ଜଡ଼ିତ ହୋଇ ଶିକ୍ଷାର୍ଥୀକୁ ଉଚ୍ଚଶିକ୍ଷା ପାଇବାରେ ସହାୟକ ହେବା ଉଚିତ । ଏହି ସ୍ତରରେ ବିଜ୍ଞାନ ଶିକ୍ଷାଦାନ କଲାବେଳେ ବିଜ୍ଞାନର ବିଭିନ୍ନ ବିଭାଗୀକରଣ ସହ ଶିକ୍ଷାର୍ଥୀମାନଙ୍କୁ ଗୋଟିଏ ଗୋଟିଏ ବିଭାଗର ବିଶେଷଜ୍ଞ ରୂପେ ଗଢ଼ି ତୋଳିବାକୁ ଉର୍ଦ୍ଦିଷ୍ଟ ହେବା ଆବଶ୍ୟକ ।

ଜାତୀୟ ଶିକ୍ଷାନୀତି (୧୯୮୬)ରେ ପ୍ରାଥମିକ ସ୍ତର ପାଇଁ ବିଜ୍ଞାନ ଶିକ୍ଷାଦାନର ଲକ୍ଷ୍ୟ କ'ଣ କ'ଣ ହେବ ବର୍ଣ୍ଣନା କରାଯାଇଛି ।

ବିଜ୍ଞାନ ଶିକ୍ଷାଦାନ ଦ୍ୱାରା ଶିକ୍ଷାର୍ଥୀ –

- ଇନ୍ଦ୍ରିୟ ଲବ୍ଧ ଜ୍ଞାନ ଦ୍ୱାରା ତା'ର ନିଜର ଅତି ନିକଟରେ ପରିବେଶକୁ ବୁଝିବାକୁ ସୁଯୋଗ ପାଇବେ ।
- ପରିବେଶ ସମ୍ପର୍କିତ ବିଭିନ୍ନ ତଥ୍ୟ ସମ୍ବନ୍ଧରେ ପ୍ରଶ୍ନ ପ୍ରସ୍ତୁତି କରିବାକୁ ସୁଯୋଗ ପାଇବେ ।
- ପରିବେଶକୁ ପର୍ଯ୍ୟବେକ୍ଷଣ, ଲିପିବଦ୍ଧ କରି ଅବିକଳ ଭାଷାରେ ମୌଖିକ ବା ଲିଖିତ ଆକାରରେ ପରିପ୍ରକାଶ କରିବେ ।
- ବିଭିନ୍ନ ଘଟଣା, ପ୍ରତ୍ୟୟ, ସାମାଜିକ ତଥା ପାରିପାର୍ଶ୍ୱିକ ତଥ୍ୟର ବର୍ଗୀକରଣ କରିପାରିବେ ।
- କୌଣସି ଏକ ପ୍ରଧାନ ଗୁଣ ଉପରେ ବିଭିନ୍ନ ବସ୍ତୁର ବିଭାଗୀକରଣ କରିପାରିବେ ।
- ଏକ ବିମୂ ର୍ଣ୍ଣ ପରିସ୍ଥିତିରେ ବୈଜ୍ଞାନିକ ତଥ୍ୟର ବିଶ୍ଳେଷଣ କରି ସେଥିରୁ ପରିବର୍ତ୍ତିତ ପରିକଳ୍ପନା ସୃଷ୍ଟି କରିପାରିବେ ।
- ବିମୂ ର୍ଣ୍ଣ ପରିସ୍ଥିତିର ଅନୁଧ୍ୟାନ ବଳରେ ଭବିଷ୍ୟ କଳନା କରିପାରିବେ ।
- ସରଳ ସରଳ ପରୀକ୍ଷାର ସୂତ୍ରଧରି ନୂତନ ଢା ।ରେ ସମସ୍ୟାର ସମାଧାନ କରିପାରିବେ ।
- ବୈଜ୍ଞାନିକ ଘଟଣା ଓ ତଥ୍ୟ ଉପରେ ଆଧାର କରି ସିଦ୍ଧାନ୍ତ ଗ୍ରହଣ କରିପାରିବେ ।
- ପ୍ରାକୃତିକ ସମ୍ବଳର ଅବକ୍ଷୟ ଓ ପ୍ରଦୂଷଣ ନ ହେବା ପାଇଁ ବିହିତ ପଦକ୍ଷେପ ନେଇପାରିବେ ।
- ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାର ଅବଦାନକୁ ସମାଜର ଅର୍ଥନୈତିକ, ସାମାଜିକ ବିକାଶ କ୍ଷେତ୍ରରେ ବିନିଯୋଗ କରିପାରିବେ ।

୪.୪.୫ ବିଜ୍ଞାନ ଶିକ୍ଷାଦାନ ପଦ୍ଧତି

ବିଜ୍ଞାନ ଶିକ୍ଷାର ଆବଶ୍ୟକତା ଓ ଉପାଦେୟତା ପୃଥିବୀପୃଷ୍ଠରେ ବସବାସ କରୁଥିବା ସମସ୍ତ ପ୍ରାଣୀ ପାଇଁ ଯେ ଅପରିହାର୍ଯ୍ୟ- ଏଥିରେ କାହାର ଦ୍ୱିମତ ନାହିଁ । ବିଜ୍ଞାନ ଶିଶୁର ଦୈନନ୍ଦିନ ଜୀବନରେ ଯଥେଷ୍ଟ ପ୍ରଭାବ ପକାଇଛି । ତେଣୁ

ବିଜ୍ଞାନ ଶିକ୍ଷା ନିତାନ୍ତ ଆବଶ୍ୟକ ଓ ଶିକ୍ଷକ କିଭଳି ଉପାୟରେ ବିଭିନ୍ନ ବୈଜ୍ଞାନିକ ତଥ୍ୟକୁ ଶୃଙ୍ଖଳିତ କରି ଶ୍ରେଣୀ ଗୃହରେ ପରିବେଷଣ କରିପାରିବେ ତାହା ଶିକ୍ଷକଙ୍କ କ ର୍ବ୍ୟ । ଯେଉଁ ଉପାୟରେ ବିଷୟ ବସ୍ତୁକୁ ବିଦ୍ୟାର୍ଥୀର ମନରେ ପ୍ରବେଶ କରାଯାଏ, ତାହାହିଁ ହେଉଛି ଶିକ୍ଷାଦାନ ପଦ୍ଧତି । ପଦ୍ଧତି ହେଉଛି ଶିକ୍ଷାଦାନର ଏକ ମାଧ୍ୟମ । ଶିକ୍ଷକ ଏହାର ସଦୁପଯୋଗ କରିପାରିଲେ ଶିକ୍ଷାଦାନର ଲକ୍ଷ୍ୟ ହାସଲ ହେବ । ଅଧ୍ୟାପନାର ମୂଳ ଉଦ୍ଦେଶ୍ୟ ହେଉଛି ଶିଶୁକୁ ଶିକ୍ଷଣ ନିମନ୍ତେ ଆଗ୍ରହ, ଅଭିପ୍ରେରଣା ଓ ଉତ୍ସାହ ପ୍ରଦାନ କରିବା । ସଫଳ ଚିନ୍ତନ ଓ ଯୋଜନାବଦ୍ଧ ପ୍ରସ୍ତୁତ ଫଳ ସ୍ୱରୂପରେ ସଫଳ ପାଠଦାନ ସମ୍ଭବପର ହୋଇପାରେ । ଶିକ୍ଷାଦାନ ବ ର୍ତ୍ତମାନ ଶିକ୍ଷାର୍ଥୀ କୈନ୍ଦ୍ରିକ ଯାହା ଭାଗୀଦାର ହୋଇ ଶିକ୍ଷକ ଓ ଶିକ୍ଷାର୍ଥୀ ଉଭୟେ ଶିକ୍ଷା ଗ୍ରହଣ କରିଥାନ୍ତି । ବୈଜ୍ଞାନିକ ତଥ୍ୟ ଓ ପ୍ରତ୍ୟୟ ପ୍ରଦାନ କରିବା ନିମି ବ ର୍ତ୍ତମାନ ଶିକ୍ଷାଦାନ ବ୍ୟତିରେକେ ଶିକ୍ଷଣ ଉପରେ ବିଶେଷ ଗୁରୁତ୍ୱ ପ୍ରଦାନ କରାଯାଉଛି । ଅର୍ଥାତ୍ ଶିକ୍ଷାର୍ଥୀ କେତେ ଉ ମ ରୂପେ ଶିଖିପାରିବ ସେୟା ହିଁ ବିଶେଷ ଗୁରୁତ୍ୱପୂର୍ଣ୍ଣ । ତେଣୁ କୌଣସି ପ୍ରକାର ଶିକ୍ଷଣ ପଦ୍ଧତିକୁ ନିର୍ଦ୍ଦିଷ୍ଟ ରୂପେ ଗ୍ରହଣ କରାଯାଇ ନପାରେ ବରଂ ବିଭିନ୍ନ ପରିସ୍ଥିତିର ଚାହିଦା ଅନୁଯାୟୀ ଭିନ୍ନ ଭିନ୍ନ ପଦ୍ଧତି ବ୍ୟବହାର କରିବା ଆବଶ୍ୟକ । ତେଣୁ ଉପଯୁକ୍ତ ଶିକ୍ଷାଦାନ ନିମନ୍ତେ ଉପଯୁକ୍ତ ଶିକ୍ଷଣ ପଦ୍ଧତି ଦରକାର । ମାଧ୍ୟମିକ ଶିକ୍ଷା ଆୟୋଗଙ୍କ ମତାନୁଯାୟୀ ଯଦି ଉପଯୁକ୍ତ ଶିକ୍ଷକଙ୍କ ଦ୍ୱାରା ଉପଯୁକ୍ତ ଶିକ୍ଷଣ ପଦ୍ଧତି ବ୍ୟବହାର ପୂର୍ବକ ଶିକ୍ଷାଦାନ କରାନଯାଏ, ତେବେ ସର୍ବୋତ୍କୃଷ୍ଟ ପାଠକ୍ରମ ମଧ୍ୟ ଅସଫଳ ହୁଏ ।

ପଦ୍ଧତିର ସଫଳ ରୂପାୟନ ନିମ୍ନୋକ୍ତ ଲକ୍ଷ୍ୟଗୁଡ଼ିକ ଉପରେ ନିର୍ଭର କରେ ।

- କାର୍ଯ୍ୟଭାସ ପାଇଁ ଉପଯୁକ୍ତ ବିବେଚିତ ମନୋବୃ ି ଓ ମୂଲ୍ୟବୋଧ ସ ାର କରିବା ।

- କୌଣସି କାର୍ଯ୍ୟ କରିବା ପାଇଁ ଘନ ସଂଶ୍ଳିଷ୍ଟ ହେବା ଓ ଏହାକୁ ସାଧୁ ଉପାୟରେ ଓ ସଫଳ ଭାବରେ ସମ୍ପନ୍ନ କରିବାକୁ ଶିଶୁମାନଙ୍କୁ ପ୍ରୋତ୍ସାହିତ କରିବା ।

- ସ୍ୱଅଧ୍ୟୟନ, ଚିନ୍ତନ ଓ ତା'ର ସ୍ପଷ୍ଟ ପରିପ୍ରକାଶ ପାଇଁ ଶିକ୍ଷାର୍ଥୀମାନଙ୍କୁ ସୁଯୋଗ ଦେବା ।

- ଶିକ୍ଷାର୍ଥୀମାନଙ୍କୁ ପ୍ରତ୍ୟକ୍ଷ ଅନୁଭୂତି ଯୋଗାଇବା ।

- ଶିକ୍ଷାର୍ଥୀର ପ୍ରାକ୍ ଅନୁଭୂତି, ମାନସିକ ବିକାଶର ସ୍ତରକୁ ଆଖି ଆଗରେ ରଖି ପାଠଦାନ କରିବା ।

- ଶିକ୍ଷାର୍ଥୀ ନିଜେ କିପରି ଆବିଷ୍କାର କରି ପାଠଦାନକୁ ସେହି ମାର୍ଗରେ ପରିଚାଳିତ କରିପାରିବେ, ସେଥିପାଇଁ ପ୍ରୋତ୍ସାହନ ଦେବା ।

ଉପରୋକ୍ତ ଲକ୍ଷ୍ୟ ଉପରେ ପର୍ଯ୍ୟବେସିତ ବିଭିନ୍ନ ପାଠଦାନ ପଦ୍ଧତି ସମ୍ବନ୍ଧରେ କିପରି ଉପଯୁକ୍ତ ଭାବେ ଶିକ୍ଷାଦାନ କରାଯାଇପାରିବ । ସେ ବିଷୟରେ ନିମ୍ନରେ ବିଭିନ୍ନ ପଦ୍ଧତିର ପର୍ଯ୍ୟାଲୋଚନା କରାଯାଇଛି ।

(୧) ପର୍ଯ୍ୟବେକ୍ଷଣ ପଦ୍ଧତି (Observation Method)

ବିଜ୍ଞାନ ଶିକ୍ଷାଦାନ ପଦ୍ଧତି ରୂପେ ପର୍ଯ୍ୟବେକ୍ଷଣ ପଦ୍ଧତିରେ ସ୍ଥାନ ଅତୀବ ଗୁରୁତ୍ୱପୂର୍ଣ୍ଣ । ବସ୍ତୁ ବା ପରିବେଶକୁ ପ୍ରତ୍ୟକ୍ଷ ଭାବେ ପର୍ଯ୍ୟବେକ୍ଷଣ କରି ତାହା ଉପରେ ଶିକ୍ଷାର୍ଥୀ ନିଜର ଧାରଣା ସୃଷ୍ଟି କରେ । ଏହା ଶିଶୁକୁ ପ୍ରତ୍ୟକ୍ଷ ଭାବେ

ଧାରଣା ସୃଷ୍ଟି କରିବାରେ ସହାୟକ ହେଉଥିବାରୁ ଶିଶୁ ଉ ମ ଭାବେ ଶିକ୍ଷାଲାଭ କରିପାରେ । ପ୍ରାଥମିକ ସ୍ତର ପାଇଁ ଉର୍ଦ୍ଦିଷ୍ଟ ବିଜ୍ଞାନ କାର୍ଯ୍ୟକ୍ରମ ଓ ବିଷୟବସ୍ତୁ ଶିକ୍ଷାର୍ଥୀର ପର୍ଯ୍ୟବେକ୍ଷଣ ପାଇଁ ଉପଯୁକ୍ତ । ପାଗ ପର୍ଯ୍ୟବେକ୍ଷଣ, ପରିବେଶ ଅନୁଧ୍ୟାନ ଦ୍ୱାରା ପ୍ରକୃତିର ବିଭିନ୍ନ ଉପାଦାନ ସମ୍ବନ୍ଧୀୟ ତଥ୍ୟ ପ୍ରାଥମିକ ସ୍ତର ପାଇଁ ଉର୍ଦ୍ଦିଷ୍ଟ । ଏଗୁଡ଼ିକୁ ଶିକ୍ଷାର୍ଥୀ ପର୍ଯ୍ୟବେକ୍ଷଣ କରି ଟିପ୍ପଣୀ ଲେଖେ ଓ ଆଲୋଚନାରେ ଭାଗ ନିଏ ।

ପର୍ଯ୍ୟବେକ୍ଷଣ ପ୍ରକ୍ରିୟା ଦୁଇ ପ୍ରକାରର । ଏକପ୍ରକାର ପର୍ଯ୍ୟବେକ୍ଷଣ ପ୍ରକ୍ରିୟାରେ ଶିକ୍ଷକ ନିଜେ ପରିବେଶର ବସ୍ତୁ ସବୁକୁ ସଂଗୃହୀତ କରି ଶିକ୍ଷାର୍ଥୀମାନଙ୍କୁ ପର୍ଯ୍ୟବେକ୍ଷଣ କରାଇବାରେ ସହାୟକ ହେବେ । ସେଗୁଡ଼ିକ ବିଷୟରେ ସେମାନେ ପ୍ରତ୍ୟକ୍ଷ ଭାବେ ଯାହା ଦେଖିଲେ, ତାକୁ ଲେଖିବେ ଓ ବିଭିନ୍ନ ବସ୍ତୁ ସମ୍ବନ୍ଧରେ ଧାରଣା ଜନ୍ମାଇବେ । ଶିକ୍ଷକ ତାଙ୍କୁ ବିଭିନ୍ନ ପ୍ରକାରର ପ୍ରଶ୍ନ ପଚାରି ସେମାନେ କ'ଣ ବୁଝିଲେ ତା'ର ମୂଲ୍ୟାୟନ କରିବେ । ଏଥିରେ ଶିକ୍ଷାର୍ଥୀ ବ୍ୟକ୍ତିଗତ ଭାବେ ନିଜର ପ୍ରତ୍ୟକ୍ଷ ଅନୁଭୂତି ଦ୍ୱାରା ଜ୍ଞାନ ଆହରଣ କରୁଥିବାରୁ ଏହାକୁ ସହଭାଗୀ ପର୍ଯ୍ୟବେକ୍ଷଣ (Participant Observation) କୁହାଯାଏ ।

ଅଂଶଗ୍ରହଣ କରି ନଥିବାର ପର୍ଯ୍ୟବେକ୍ଷଣ (Non Participant Observation) ପଦ୍ଧତିରେ ଶିକ୍ଷାର୍ଥୀ ସଦାବେଳେ ଶିକ୍ଷକଙ୍କ ଦ୍ୱାରା ନିୟନ୍ତ୍ରିତ ଭାବେ ଉପଦେଶ ପାଇଁ ବିଭିନ୍ନ ପ୍ରାକୃତିକ ପରିବେଶ ଓ ବିଭାଗର ଅନୁଧ୍ୟାନ କରେ । ମଣିଷ ଶରୀର ଅନ୍ତର୍ଦେଶୀୟ ଗଠନର ଏକ ଚାର୍ଟକୁ ପର୍ଯ୍ୟବେକ୍ଷଣ କଲାବେଳେ ଶିକ୍ଷାର୍ଥୀ ଶିକ୍ଷକଙ୍କର ସହାୟତା ଆବଶ୍ୟକ କରେ । ଶିକ୍ଷକ ଏସବୁ ଗୁଡ଼ିକ ବିଷୟରେ ସୂଚନା ଦେଇ ବିଭିନ୍ନ ତଥ୍ୟର ବର୍ଣ୍ଣନା କରିଥାନ୍ତି । ଯାହାକୁ ଶିକ୍ଷାର୍ଥୀ ଖାତାରେ ଲିପିବଦ୍ଧ କରେ ଓ ବସ୍ତୁଟି ବିଷୟରେ ସ୍ଥୁଳ ଧାରଣା ଆହରଣ କରେ । ଅର୍ଥାତ୍ ଶିକ୍ଷକ ସେମାନଙ୍କ ସହିତ ପର୍ଯ୍ୟବେକ୍ଷଣ ପ୍ରକ୍ରିୟାରେ ଭାଗ ନେଇ କ'ଣ କ'ଣ ତଥ୍ୟ ପର୍ଯ୍ୟବେକ୍ଷଣ ସମୟରେ ଶିକ୍ଷାର୍ଥୀ ଜାଣିଲେ ବା ଲିପିବଦ୍ଧ କଲେ, ତା'ର ତଦାରଖ କରିବେ ଓ ପର୍ଯ୍ୟବେକ୍ଷଣ ନିର୍ଭୁଲ । ଯଥାର୍ଥ ଓ ସ୍ପଷ୍ଟ ହୋଇଛି କି ନାହିଁ, ସେ ବିଷୟରେ ଧାରଣା ଦେବେ ।

ପର୍ଯ୍ୟବେକ୍ଷଣ ପଦ୍ଧତିର ସୋପାନ

ପର୍ଯ୍ୟବେକ୍ଷଣ ପଦ୍ଧତିରେ ନିମ୍ନୋକ୍ତ ପ୍ରଧାନ ପ୍ରଧାନ ସୋପାନ ଗୁଡ଼ିକ ହେଲେ-

- ପର୍ଯ୍ୟବେକ୍ଷଣ ପାଇଁ ଯୋଜନା
- ଶୃଙ୍ଖଳିତ ପର୍ଯ୍ୟବେକ୍ଷଣ
- ପ୍ରାସଙ୍ଗିକ ସିଦ୍ଧାନ୍ତ ଗ୍ରହଣ ଓ ତଥ୍ୟର ବିଶ୍ଳେଷଣ
- ସିଦ୍ଧାନ୍ତ ନିରୂପଣ

ପର୍ଯ୍ୟବେକ୍ଷଣ ପାଇଁ ଯୋଜନା ସୋପାନରେ ଶିକ୍ଷକଙ୍କୁ ପର୍ଯ୍ୟବେକ୍ଷଣ ପାଇଁ ବିଭିନ୍ନ ପାଥେୟ ଯୋଜନା କରିବାକୁ ପଡ଼େ । ଶିକ୍ଷକ 'ଫୁଲ' ବିଷୟରେ ଅଧ୍ୟାପନା କରିବାକୁ ଚାହୁଁଥିଲେ, ତାଙ୍କୁ ବିଭିନ୍ନ ପ୍ରକାରର ଫୁଲ ସଂଗ୍ରହ କରିବାକୁ ପଡ଼ିବ ଓ ସେଥିରେ ଫୁଲର କେଉଁ କେଉଁ ଅଂଶ ପର୍ଯ୍ୟବେକ୍ଷଣ ପରିସର ଭୁକ୍ତ ହେବେ, ସେ ବିଷୟରେ ଯୋଜନା କରିବାକୁ ପଡ଼ିବ ।

ପ୍ରତ୍ୟକ୍ଷ ପର୍ଯ୍ୟବେକ୍ଷଣ ପାଇଁ ତା'ପରେ ଶିକ୍ଷକ ପ୍ରତ୍ୟେକ ଶିକ୍ଷାର୍ଥୀଙ୍କୁ ସୁଯୋଗ ପ୍ରଦାନ କରିବେ । ସେମାନେ ବ୍ୟକ୍ତିଗତ ବା ସମଷ୍ଟିଗତ ଭାବେ ତା'ର ପର୍ଯ୍ୟବେକ୍ଷଣ ପୂର୍ବକ କି ଜ୍ଞାନ ଆହରଣ କଲେ ତାହା ଲିପିବଦ୍ଧ କରିବେ ।

ତୃତୀୟ ସୋପାନରେ ପର୍ଯ୍ୟବେକ୍ଷଣ ଲବ୍ଧ ଜ୍ଞାନକୁ ସେମାନେ ଅନୁଶୀଳନ ଓ ବିଶ୍ଳେଷଣ କରିବେ ଓ ତା'ପରେ ଚତୁର୍ଥରେ ସେଗୁଡ଼ିକର ବିବରଣ ପ୍ରସ୍ତୁତ କରି ସେଥିରୁ ସିଦ୍ଧାନ୍ତ ଗ୍ରହଣ କରିବେ ।

ପର୍ଯ୍ୟବେକ୍ଷଣ ସମ୍ବନ୍ଧୀୟ କେତେକ ନିୟମାବଳୀ

ବିଜ୍ଞାନ ଶିକ୍ଷାଦାନରେ ଶିକ୍ଷକ ପର୍ଯ୍ୟବେକ୍ଷଣ ପଦ୍ଧତି ଅବଲମ୍ବନ କରିବାକୁ ଗଲେ ନିମ୍ନୋକ୍ତ ନିୟମାବଳୀ ସମ୍ବନ୍ଧରେ ଅଭିହିତ ହେବା ଦରକାର ।

୧. ପର୍ଯ୍ୟବେକ୍ଷଣର ଉଦ୍ଦେଶ୍ୟ ସମ୍ବନ୍ଧରେ ଶିକ୍ଷାର୍ଥୀ ଅବହିତ ରହିବେ ।

୨. ଶିକ୍ଷାର୍ଥୀମାନଙ୍କୁ ବିଶେଷ ଭାବେ କେଉଁ କେଉଁ ତଥ୍ୟ ପର୍ଯ୍ୟବେକ୍ଷଣ କରିବାକୁ ହେବ, ସେ ବିଷୟରେ ନିର୍ଦ୍ଦେଶନା ଦେଲେ ।

୩. ଶିକ୍ଷାର୍ଥୀମାନେ ବ୍ୟକ୍ତିଗତ ଓ ସାମୂହିକ ଭାବେ ପର୍ଯ୍ୟବେକ୍ଷଣ କରିପାରିବାର ସୁଯୋଗ ଦେବେ ।

୪. ଶିକ୍ଷାର୍ଥୀମାନେ ଚିନ୍ତା କରି ଉ ର ଦେବା ପାଇଁ ଶିକ୍ଷକ ସୁଯୋଗ ଦେବେ ।

୫. ପର୍ଯ୍ୟବେକ୍ଷଣ କରି ସିଦ୍ଧାନ୍ତ ନିରୂପଣ କରିବାରେ ଶିକ୍ଷକ ଶିକ୍ଷାର୍ଥୀମାନଙ୍କର ସହାୟକ ହେବେ ।

୬. ପ୍ରାସଙ୍ଗିକ ତଥ୍ୟ ସଂଗ୍ରହର ପଥ ପ୍ରଦର୍ଶନ କରିବାରେ ଶିକ୍ଷକ ଶିକ୍ଷାର୍ଥୀଙ୍କୁ ସୁଯୋଗ ଦେବେ ।

୭. ବିଶ୍ଳେଷଣ କରି ସିଦ୍ଧାନ୍ତ ନିରୂପଣ କରିବା ପାଇଁ ଶିକ୍ଷାର୍ଥୀଙ୍କୁ ସୁଯୋଗ ଦେବେ ।

୮. ଉପଯୁକ୍ତ ନିର୍ଦ୍ଦେଶ ଓ ପ୍ରଶ୍ନ ଜରିଆରେ ଶିକ୍ଷାର୍ଥୀମାନଙ୍କ ମନରେ ଚିନ୍ତା କରିବା ଲାଗି ସୁଯୋଗ ପ୍ରଦାନ କରିବେ ।

ପର୍ଯ୍ୟବେକ୍ଷଣ ପଦ୍ଧତିର ଉପାଦେୟତା

୧. ବିଭିନ୍ନ ପ୍ରାକୃତିକ ତଥ୍ୟର ପର୍ଯ୍ୟବେକ୍ଷଣ ପାଇଁ ଶିକ୍ଷାର୍ଥୀମାନଙ୍କର ଆଗ୍ରହ ବଢ଼ାଇବାରେ ପର୍ଯ୍ୟବେକ୍ଷଣ ପଦ୍ଧତି ସାହାଯ୍ୟ କରେ ।

୨. ଦେଖିଚାହିଁ ଶିଖିବା ଦୃଷ୍ଟିରୁ ଜ୍ଞାନ ଅଧିକ ଫଳପ୍ରଦ ହୁଏ ।

୩. ଶିକ୍ଷାଦାନ ପ୍ରକ୍ରିୟା ସଫଳ ରୂପେ ସମ୍ପାଦନା କରାଯାଇପାରେ ।

୪. ପର୍ଯ୍ୟବେକ୍ଷଣ ଶିକ୍ଷାର୍ଥୀରୁ ଅଭିରୁଚି ବିଚାରକୁ ନିଆଯାଉଥିବାରୁ ଶିକ୍ଷଣ ଫଳାଫଳ ଫଳପ୍ରଦ ହୁଏ ।

୫. ଶିକ୍ଷାର୍ଥୀ ନିଜର ହାତ ଓ କୌଶଳ ବ୍ୟବହାର କରି ପରିବେଶରୁ ଜ୍ଞାନ ପାଏ, ତେଣୁ ପରିଶ୍ରମର ସାର୍ଥକତା ଉପଲବ୍ଧି କରେ ।

୬. ବୈଜ୍ଞାନିକ ପଦ୍ଧତିରେ ପର୍ଯ୍ୟବେକ୍ଷଣ, ବିଶ୍ଳେଷଣ ଓ ସିଦ୍ଧାନ୍ତ ନିରୂପଣ କରିବାରେ ସୁଯୋଗ ମିଳୁଥିବାରୁ ଶିକ୍ଷାର୍ଥୀମାନଙ୍କ ମନରେ ଉପଯୁକ୍ତ ବୈଜ୍ଞାନିକ ମନୋବୃ ି ସୃଷ୍ଟି କରାଯାଇପାରେ ।

୭. ବ୍ୟକ୍ତିଗତ ଭାବେ ଶିକ୍ଷା ଗ୍ରହଣ କରିବା ସଙ୍ଗେ ସଙ୍ଗେ ଗୋଷ୍ଠୀଗତ ଭାବେ ପର୍ଯ୍ୟାଲୋଚନା କରିବାର ସୁଯୋଗ ମିଳୁଥିବାରୁ ଶିକ୍ଷାର୍ଥୀମାନଙ୍କ ମନରେ ଗୋଷ୍ଠୀଗତ ଭାବନା ଜାଗରୁକ ହେବାରେ ସାହାଯ୍ୟ କରେ ।

ପର୍ଯ୍ୟବେକ୍ଷଣ ପଦ୍ଧତିରେ ଦୋଷତ୍ରୁଟି

୧. ସମୟ ସାପେକ୍ଷ - ପର୍ଯ୍ୟବେକ୍ଷଣ କରିବା, ତଥ୍ୟ ସଂଗ୍ରହ କରିବାରେ ଅନେକ ସମୟ ଲାଗିପାରେ । ବିଶେଷ କରି ଉଦ୍ଭିଦ ଓ ଶରୀର ବିଜ୍ଞାନ ଅନ୍ତର୍ଭୁକ୍ତ କେତେକ ପାଠ୍ୟକ୍ରମ ଶ୍ରେଣୀ କକ୍ଷରେ ସୀମିତ ସମୟ ମଧ୍ୟରେ ପଢ଼ାଯାଞ୍ଚଇ ପାରିବ ନାହିଁ ।

୨. ଶିକ୍ଷକଙ୍କ ପାଇଁ ବହୁତ କଷ୍ଟକର ବ୍ୟାପାର - କୌଣସି ଏକ ତଥ୍ୟର ସୂତ୍ର ଜାଣିବା ପାଇଁ ଜଣେ ଶିକ୍ଷକ ଶ୍ରେଣଇର ସବୁ ଶିକ୍ଷାର୍ଥୀ ପର୍ଯ୍ୟବେକ୍ଷଣ କରୁଛନ୍ତି କି ନାହିଁ ନିରୀକ୍ଷଣ କରିବା ମଧ୍ୟ କଷ୍ଟକର ।

୩. ସଦାବେଳେ ସମ୍ଭବପର ନୁହେଁ - ବର୍ଷର ସବୁ ସମୟରେ ପର୍ଯ୍ୟବେକ୍ଷଣ କରିବା ସହଜ ନୁହେଁ । ପରିବେଶ ବିଜ୍ଞାନ ସମ୍ବନ୍ଧୀୟ ମୂଳତ ୍ୱ ଓ ତଥ୍ୟ ଶିକ୍ଷାଦାନ କଲାବେଳେ ପରିବେଶର ଅନୁକୂଳ ପାଗର ବ୍ୟବସ୍ଥା ରହିବା ଦରକାର ।

୪. କେତେକ ନିର୍ଦ୍ଦିଷ୍ଟ ପାଠ୍ୟବସ୍ତୁ ପାଇଁ ଏହା ନିର୍ଦ୍ଦିଷ୍ଟ - ଉଦ୍ଭିଦ, ପ୍ରାଣୀ, ଖଣିଜ ସମ୍ପଦ ଓ ସମୂଳ ଇତ୍ୟାଦି ପାଠ୍ୟ ପର୍ଯ୍ୟବେକ୍ଷଣ ପଦ୍ଧତିର ପରିସରଭୁକ୍ତ ହୋଇପାରେ । କିନ୍ତୁ ଅନେକ ପାଠ ଏହାର ପରିସରଭୁକ୍ତ ନ ହୋଇପାରେ ।

୨. ପ୍ରଦର୍ଶନ ମୂଳକ ଆଲୋଚନା ପଦ୍ଧତି (Demonstration cum Discussion Method)

ଏହି ପଦ୍ଧତି ମଧ୍ୟ ପ୍ରଦର୍ଶନ ଓ ବ୍ୟାଖ୍ୟାନ ପଦ୍ଧତି ରୂପେ ପରିଚିତ । ଉକ୍ତ ପଦ୍ଧତିରେ ଶିକ୍ଷକ ପରୀକ୍ଷଣ ଜରିଆରେ ଶିକ୍ଷାର୍ଥୀମାନଙ୍କୁ ପ୍ରତ୍ୟେକ ସୋପାନ ବିଷୟରେ ବୁଝାଇଥାନ୍ତି । ପ୍ରଥମେ ପ୍ରଦର୍ଶନ କରାନ୍ତି ଓ ତା'ପରେ ବିଭିନ୍ନି ସୋପାନକୁ ପ୍ରାଞ୍ଜଳ ରୂପେ ଆଲୋଚନା କରି ଶିକ୍ଷାର୍ଥୀମାନଙ୍କୁ ଶିକ୍ଷାଦାନ କରିଥାନ୍ତି । ଅର୍ଥାତ୍ ଯେଉଁ ବୈଜ୍ଞାନିକ ପଦ୍ଧତି ଦ୍ୱାରା ପାଠ୍ୟବସ୍ତୁ ବା ବୈଜ୍ଞାନିକ ତଥ୍ୟ ଓ ପ୍ରତ୍ୟୟକୁ ନମୁନା ଓ ପରୀକ୍ଷଣ ମାଧ୍ୟମରେ ଉପସ୍ଥାପନା କରାଯାଇ, ପର୍ଯ୍ୟବେକ୍ଷଣ ତଥା ଆଲୋଚନା ମାଧ୍ୟମରେ ତା'ର ସମୀକ୍ଷଣ ଓ ସତ୍ୟାସତ୍ୟ ନିରୂପଣ କରାଯାଏ, ତାକୁ ପ୍ରଦର୍ଶନ ମୂଳକ ଆଲୋଚନା ପଦ୍ଧତି କୁହାଯାଏ । ଶ୍ରେଣୀ କକ୍ଷରେ ଶିକ୍ଷକ ପ୍ରଥମେ ପରୀକ୍ଷା କରି ଶିକ୍ଷାର୍ଥୀମାନଙ୍କୁ ଦେଖାଇବେ ଓ ସେମାନେ କ'ଣ ଦେଖିଲେ ତାହାହିଁ ଆଲୋଚନା କରିବେ । ପ୍ରଦର୍ଶନ ସମୟରେ ଶିକ୍ଷାର୍ଥୀମାନଙ୍କୁ ସକ୍ରିୟ ଭାବେ ଆଲୋଚନାରେ ଭାଗ ନେବାକୁ କହିବେ । ତେଣୁ ଶିକ୍ଷାର୍ଥୀମାନେ ନିଜେ ପର୍ଯ୍ୟବେକ୍ଷଣ କରି ଶିକ୍ଷକଙ୍କର ଆଲୋଚନାରେ ସକ୍ରିୟ ଭାଗ ନେଇପାରନ୍ତି । ଫଳରେ ଶିକ୍ଷାଦାନ ମୂ ର୍ରୁ ଅମୂ ର୍କୁ ଧାରଣା ଉପରେ ପର୍ଯ୍ୟବସିତ ହୁଏ । ଏହି ପଦ୍ଧତିରେ ଶିକ୍ଷାଦାନର ଶୈଳୀ ସନ୍ଦେଶ ପ୍ରଦାନ ଓ କିପରି ସଂଘଟିତ ସେ ବିଷୟରେ ପ୍ରଦର୍ଶନ କରିଥାନ୍ତି । ତେଣୁ ପଦ୍ଧତିଟି ଅନ୍ୟାନ୍ୟ ପଦ୍ଧତି ଗୁଡ଼ିକ ଅପେକ୍ଷା ବହୁତ ଉପାଦେୟ ବୋଲି ଗଣାଯାଏ ।

ସଫଳ ପ୍ରଦର୍ଶନ ବୈଶିଷ୍ଟ୍ୟ ବା ନୀତି

୧. କୌଣସି ଏକ ପ୍ରଦର୍ଶନ ଯଦି ଯଥାସମ୍ଭବ ବହୁ ପୂର୍ବରୁ ଯୋଜନାବଦ୍ଧରେ ଅଭ୍ୟାସ କରାଯାଇଛି, ତାହାକୁ ଏକ ସଫଳ ପ୍ରଦର୍ଶନ ବୋଲି କୁହାଯାଇପାରେ । ରୀତିମତ ଅଭ୍ୟାସ ପ୍ରଦର୍ଶକଙ୍କ ମନରେ ବିଶ୍ୱାସ ଜନ୍ମାଏ । ଯଦି ଏହା ପୂର୍ବରୁ ଅଭ୍ୟାସ ପୂର୍ବକ ପରୀକ୍ଷା କରା ନଯା. ତେବେ ସମ୍ଭବତଃ ଶ୍ରେଣୀ ଗୃହରେ ଅଧ୍ୟାପନା ସମୟରେ ପ୍ରଦର୍ଶନ ବିଫଳ ହୋଇପାରେ । ଏଭଳି ପରିସ୍ଥିତି ଶ୍ରେଣୀ ଗୃହରେ ଉପୁଜିଲେ ତାହା ଉଭୟ ଶିକ୍ଷାର୍ଥୀ ଓ ଶିକ୍ଷକଙ୍କ ପାଇଁ ଅମଙ୍ଗଳ ବୋଲି ଧରା ହୁଏ । ଏପରିକି ପୂର୍ବରୁ ଅଭ୍ୟାସ କରିଥିଲେ ମଧ୍ୟ ପରୀକ୍ଷା ବେଳେବେଳେ ଫଳବତୀ ହୋଇପାରେ ନାହିଁ । ସେପରି ସ୍ଥଳରେ ଶିକ୍ଷକ ତା'ର ସମ୍ଭାବ୍ୟ କାରଣଗୁଡ଼ିକୁ ଖୋଜି ବାହାର କରି ଶିକ୍ଷାର୍ଥୀଙ୍କ ମନରୁ ସନ୍ଦେହ ଦୂର କରିବାରେ ପ୍ରସ୍ତୁତ ହେବେ, ଯାହା ଶିକ୍ଷାର୍ଥୀ ମନରେ ଅଭିପ୍ରେରଣା ଜନ୍ମାଏ ଓ ସମସ୍ୟା ସମାଧାନ ନିମନ୍ତେ ଦୃଢ଼ତା ଓ ବିଶ୍ୱାସ ସୃଷ୍ଟି କରେ ।

୨. ଶ୍ରେଣୀ ଗୃହରେ ପ୍ରଦର୍ଶନ ସକାଶେ ଯେଉଁ ଉପକରଣ ବ୍ୟବହାର କରାଯାଏ, ତାହା ସବୁ ଶିକ୍ଷାର୍ଥୀ ଦେଖିପାରିଲା ଭଳି ବଡ଼ ଆକାରର ହେବା ଦରକାର । ଏମିତି ଏକ ସ୍ଥାନରେ ପରୀଣ ହେବା ଉଚିତ, ଯାହା ଶ୍ରେଣୀର ସମସ୍ତ ଶିକ୍ଷାର୍ଥୀ ସ୍ପଷ୍ଟ ଭାବରେ ଦେଖି ପାରିବେ ।

୩. ପ୍ରତ୍ୟେକ ପ୍ରଦର୍ଶନ ଏକ ସ୍ୱତଃସିଦ୍ଧ ଓ ପ୍ରକୃଷ୍ଟ ଉଦ୍ଦେଶ୍ୟ ସମ୍ପନ୍ନ ହେବା ଆବଶ୍ୟକ ।

୪. ପ୍ରଦର୍ଶନର ଫଳାଫଳ ବହୁତ ଶୀଘ୍ର ସ୍ପଷ୍ଟ ଭାବେ ଜଣାପଡୁଥିବା ଉଚିତ । ଯେଉଁ ପ୍ରଦର୍ଶନ ଗୁଡ଼ିକ ସମୟ ସାପେକ୍ଷ ଓ ଫଳାଫଳ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ଜଣାପଡ଼େ ନାହିଁ, ସେଥିପ୍ରତି ଶିକ୍ଷାର୍ଥୀଙ୍କର ଆଗ୍ରହ କମିଯିବା ସ୍ୱାଭାବିକ । ତେଣୁ ସୁଚିନ୍ତିତ ଉପାୟରେ ପ୍ରଦର୍ଶନର ସଫଳ ରୂପାୟନ କରିବା ଉଚିତ ।

୫. ପ୍ରଦର୍ଶନକୁ ମନୋନିବେଶ ପୂର୍ବକ ପ୍ରତ୍ୟେକ ଶିକ୍ଷାର୍ଥୀ ଅନୁଧ୍ୟାନ କରିବା ଲାଗି ଶିକ୍ଷକ ନିର୍ଦ୍ଦେଶ ଦେବେ । ପ୍ରତ୍ୟେକ ପ୍ରଦର୍ଶନ ପରେ ଶିକ୍ଷାର୍ଥୀ ପ୍ରଶ୍ନମାନ ପଚାରି ଆଲୋଚନା କରିବା ଆବଶ୍ୟକ ଓ ଆଲୋଚନାରେ ଶିକ୍ଷାର୍ଥୀମାନଙ୍କର ସକ୍ରିୟ ସହଯୋଗ ନିତାନ୍ତ ବିଧେୟ ।

୬. ପ୍ରଦର୍ଶନ ସମ୍ପର୍କିତ ଚିତ୍ର, ଫଳାଫଳ ଓ ପ୍ରାସଙ୍ଗିକ ବଷୟ ସବୁକୁ କଳାପଟାରେ ଲିପିବଦ୍ଧ କରିବା ଉଚିତ । ଶିକ୍ଷାର୍ଥୀମାନଙ୍କୁ ପ୍ରଦର୍ଶନ ପୂବରୁ ତା'ର ଫଳାଫଳ କହିଦେବା ନିଷିଦ୍ଧ ଏବଂ ଏଥିପାଇଁ ବ୍ୟବହୃତ ଉପକଣମାନ କ୍ରମାନ୍ୱୟରେ ଗୋଟିଏ ପରେ ଗୋଟିଏ ବ୍ୟବହାର କରାଯିବା ଉଚିତ । ପ୍ରଥମେ ପ୍ରତ୍ୟେକ ଶିକ୍ଷାର୍ଥୀଙ୍କୁ ଉପକରଣ ବିଷୟରେ ପରିଚିତ କରାଇ ପ୍ରଦର୍ଶନ ଟେବୁଲ ଉପରେ ଉପକରଣଗୁଡ଼ିକୁ ଗୋଟିକ ଗୋଟିଏ ଦେଖାଇବା ଉଚିତ । ଏହା ଫଳରେ ଶିକ୍ଷାର୍ଥୀ ମନରେ ଉତ୍କଣ୍ଠା ପ୍ରକାଶ ପାଇବ ।

ପ୍ରଦର୍ଶନ ଆଲୋଚନା ପଦ୍ଧତିର ପ୍ରୟୋଗ

ଉକ୍ତ ପଦ୍ଧତିଟି ଶିକ୍ଷାର୍ଥୀଙ୍କର ମନେ ରଖିବା ଓ ଜ୍ଞାନର ପରିସର ବର୍ଦ୍ଧନ କରିବା ପାଇଁ ଉର୍ଦ୍ଦିଷ୍ଟ । ଏହାଦ୍ୱାରା ବୈଜ୍ଞାନିକ ସତ୍ୟ ପ୍ରତିପାଦନ, ବୈଜ୍ଞାନିକ କୌଶଳ ଓ ପ୍ରଣାଳୀ ପ୍ରଦର୍ଶନ, ସମସ୍ୟା ସମାଧାନ ତଥା ତଥ୍ୟର ବ୍ୟାଖ୍ୟା ଓ ସ୍ପଷ୍ଟୀକରଣ ପାଇଁ ଅତୀବ ପ୍ରୟୋଜନ । ତେଣୁ ନିମ୍ନୋକ୍ତ ବିଷୟଗୁଡ଼ିକ ଏହି ପଦ୍ଧତିରେ ପଢ଼ାଯାଇପାରିବ ।

ପ୍ରାଥମିକ ସ୍ତରରେ ସୌରଜଗତ, ସୂର୍ଯ୍ୟପରାଗ ଓ ଚନ୍ଦ୍ରଗ୍ରହଣ, କାର୍ଯ୍ୟ, ବଳ ଓ ଶକ୍ତି, ବାୟୁ ଓ ତାହାର ଉପାଦାନ, ମିଶ୍ରଣ ଓ ଏହାର ପୃଥକୀକରଣ ଆଦି ପାଠ୍ୟ ବିଷୟ ଶୃଙ୍ଖଳିତ ଭାବେ ଅଧ୍ୟାପନା କରାଯାଇପାରେ । ପ୍ରକୃତ ତଥ୍ୟ ସମ୍ବନ୍ଧୀୟ ପାଠ ମଧ୍ୟ ବିଭିନ୍ନ ଚିତ୍ର, ମାନଚିତ୍ର ପ୍ରଦର୍ଶନ ପୂର୍ବକ ଏହି ପଦ୍ଧତିରେ ପଢ଼ାଯାଇପାରିବ । କୌଣସି ପରୀକ୍ଷଣ ସମ୍ବନ୍ଧରେ ଏକ ସଚିତ୍ର ବର୍ଣ୍ଣନା ଦିଆଯାଇପାରେ । ଜୀବଜଗତ, ଉଦ୍ଭିଦ ଜଗତ ଓ ପ୍ରାଣୀଜଗତ ସମ୍ବନ୍ଧରେ ବିଷଦ ଜ୍ଞାନ ଏହି ପଦ୍ଧତି ଜରିଆରେ ପ୍ରଦାନ କରାଯାଇପାରିବ ।

ମଣିଷ ଶରୀର, ଶରୀରତ ୍ୱ, ସ୍ୱାସ୍ଥ୍ୟରକ୍ଷା ମଧ୍ୟ ଉପରୋକ୍ତ ପଦ୍ଧତି ଅବଲମ୍ବନ କରାଯାଇ ଅଧ୍ୟାପନା କରାଯାଇପାରିବ ।

ଏହି ପଦ୍ଧତିରେ ଶିକ୍ଷାଦାନ କରିବା ପାଇଁ ଏକ ନିର୍ଦ୍ଦିଷ୍ଟ ଶୈଳୀ ଅଛି । ଏଥିପାଇଁ ଶିକ୍ଷକଙ୍କୁ ତିନୋଟି ସୋପାନରେ ଶିକ୍ଷାଦାନ କରିବାକୁ ପଡ଼ିବ । ସେଗୁଡ଼ିକ ହେଲେ, ଉପକ୍ରମ, ଉପସ୍ଥାପନ ଓ ପ୍ରୟୋଗ । ଉପକ୍ରମ ସୋପାନରେ ଶିକ୍ଷକ ପ୍ରଥମେ ଯୋଜନା କରି ବିଷୟବସ୍ତୁକୁ ଶିକ୍ଷାର୍ଥୀଙ୍କ ପାଇଁ ମନୋରମ ତଥା ଆକର୍ଷଣୀୟ କରିବାକୁ ଚାହିଁବେ । ଉପକ୍ରମର ଉଦ୍ଦେଶ୍ୟ ହେଉଛି ଶିକ୍ଷାର୍ଥୀମାନଙ୍କୁ ଅଭିପ୍ରେରିତ କରିବା, ପୂର୍ବଜ୍ଞାନ ସହିତ ନୂତନ ଜ୍ଞାନର ସମନ୍ୱୟ ସ୍ଥାପନ କରିବା । ଏଭଳି ସମନ୍ୱୟ ବ୍ୟକ୍ତିଗତ ଅଭିଜ୍ଞତା ମାଧ୍ୟମରେ, ଚିତ୍ର ମାଧ୍ୟମରେ ବା କୌତୁହଳପ୍ରଦ ଉଦାହରଣ ମାଧ୍ୟମରେ କରାଯାଇପାରେ । କିନ୍ତୁ ବିଜ୍ଞାନରେ ଉପକ୍ରମ ସାଧାରଣତଃ ସମସ୍ୟା ଆକାରରେ କରିବା ଉଚିତ ।

ଉପକ୍ରମ ପରେ ଉପସ୍ଥାପନ । ଜଣେ ଉ ମ ଶିକ୍ଷକ ନିଜର ପାଠ୍ୟ ବିଷୟବସ୍ତୁକୁ ଉ ମ ରୂପେ ଉଦାହରଣ ଓ ବ୍ୟାଖ୍ୟା ମାଧ୍ୟମରେ କରିବା ଉଚିତ । ପ୍ରତ୍ୟେକ ପ୍ରଦର୍ଶନରେ ଶିକ୍ଷକ ଚିରାଚରିତ ଭାବେ ପ୍ରଶ୍ନୋ ର ମାଧ୍ୟମରେ ଶିକ୍ଷାର୍ଥୀ ସହ ଆଲୋଚନା କରିବେ । ପ୍ରଶ୍ନଗୁଡ଼ିକୁ ଶିକ୍ଷକ ଏପରି ଭାବେ ପଚାରିବା ଦରକାର, ଯେପରି ପ୍ରତ୍ୟେକ ପ୍ରଶ୍ନର ଉ ର ଏକତ୍ର କ୍ରମାନ୍ୱୟରେ ଲେଖିଲେ ତା'ର ସେହି ଶିକ୍ଷାଦାନ ତଥ୍ୟର ମୂଳତ ୍ୱକୁ ବୁଝାଇବ । ସବୁ ସାରକଥାକୁ ସଂକ୍ଷିପ୍ତ ଭାବେ କଳାପଟାରେ ଲେଖିବାକୁ ପଡ଼େ । ଏସବୁକୁ ଶିକ୍ଷାର୍ଥୀ କରୁଛି କି ନାହିଁ, ତାହା ଶିକ୍ଷକଙ୍କୁ ତଦାରଖ କରିବାକୁ ପଡ଼େ ।

ପ୍ରୟୋଗ ସୋପାନରେ ଶିକ୍ଷାର୍ଥୀର ହୃଦବୋଧ ଶକ୍ତି ଜ୍ଞାନ ଶକ୍ତି ଓ କୌଶଳ ଉଦ୍ଦେଶ୍ୟକୁ ପର୍ଯ୍ୟବସିତ କରି ବିଭିନ୍ନ ପ୍ରକାର ପ୍ରଶ୍ନ ପଚାରି ପରୀକ୍ଷା କରାଯାଏ ।

ପ୍ରଦର୍ଶନ ଆଲୋଚନା ପଦ୍ଧତିର ଉପାଦେୟତା

୧. ଏହା ମନସ୍ତାତ୍ତ୍ୱିକ ଭିତ୍ତିଭୂମି ଉପରେ ପର୍ଯ୍ୟବସିତ । କାରଣ ଏହି ପଦ୍ଧତିରେ ଶିକ୍ଷାର୍ଥୀମାନଙ୍କୁ ମୂର୍ତ୍ତ ବସ୍ତୁ ପ୍ରଦର୍ଶନ କରି ବିମୂର୍ତ୍ତ ତଥ୍ୟ ସଂଗ୍ରହ କରାଯାଏ । ତେଣୁ ଏହା ମିଥ୍ୟା କଳ୍ପନା ନୁହେଁ । ଶିକ୍ଷାର୍ଥୀମାନେ ଇନ୍ଦ୍ରିୟ ଲବ୍ଧ ଜ୍ଞାନ ଆହରଣ କରିଥାନ୍ତି ।

୨. ଏହା ମଧ୍ୟ ଅର୍ଥନୈତିକ ଦୃଷ୍ଟିରୁ ସୁଲଭ । କାରଣ ଗୋଟିଏ ଶ୍ରେଣୀ କକ୍ଷରେ ଅଳ୍ପ ସମୟ ଭିତରେ ବହୁତ ଶିକ୍ଷାର୍ଥୀଙ୍କୁ ଗୋଟିଏ ପରୀକ୍ଷା ଦେଖାଇ ଜ୍ଞାନ ଆହରଣ କରିବା ସୁଯୋଗ ଦିଆଯାଏ । ସେହି ଦୃଷ୍ଟିରୁ ଅର୍ଥ ଓ ସମୟର ବିନିଯୋଗ ଏଥିରେ ଖୁବ୍ କମ ।

୩. ଅନେକ ବିଜ୍ଞାନ ସମ୍ମତ ପରୀକ୍ଷଣ ବହୁତ କଷ୍ଟସାଧ ଓ ଜୀବନ ଉପରେ ଆ ଆଣିପାରେ । ପରୀକ୍ଷଣ ପଦ୍ଧତିରେ ସବୁ ଛାତ୍ରଛାତ୍ରୀଙ୍କ ଜୀବନ ବିପନ୍ନ ହୋଇପାରେ । ଗୋଟିଏ ପରୀକ୍ଷଣ କରି ଶିକ୍ଷକ ଶିକ୍ଷାର୍ଥୀମାନଙ୍କୁ ପାଠଦାନ କରୁଥିବାରୁ ଏହା ବିଶେଷ ଉପଯୋଗୀ । ଆର୍ଥିକ ସ୍ୱଚ୍ଛଳତା ଦୃଷ୍ଟିରୁ ପରୀକ୍ଷା ପାଇଁ ବ୍ୟବହୃତ ଉପକରଣଗୁଡ଼ିକୁ ମଧ୍ୟ କିଣାଯାଇ ପାରି ଗୋଟିଏ ପରୀକ୍ଷା ମାଧ୍ୟମରେ ସବୁ ଶିକ୍ଷାର୍ଥୀଙ୍କୁ ତଥ୍ୟ ପ୍ରଦାନ କରାଯାଇପାରିବ ।

୪. ଅନେକଗୁଡ଼ିଏ ପରୀକ୍ଷା ଗୋଟିଏ ପିରିୟଡ୍‌ରେ କରି ପ୍ରଦର୍ଶନ ପୂର୍ବକ ଆଲୋଚନା ତା'ପରେ କରାଯାଇପାରିବ । ଫଳରେ ସେ ଦୃଷ୍ଟିରୁ ମଧ୍ୟ ଏହା ବିଶେଷ ଉପଯୋଗୀ ।

ପ୍ରଦର୍ଶନ ଆଲୋଚନା ପଦ୍ଧତିର ଦୋଷତ୍ରୁଟି

ଉକ୍ତ ପଦ୍ଧତିର ଅନେକ ଉପାଦେୟତା ସତ୍ତ୍ୱେ, କେତେକ ଦୋଷ ଦୁର୍ବଳତା ମଧ୍ୟ ରହିଛି ।

୧. ପଦ୍ଧତି ଶିକ୍ଷକ କୈନ୍ଦ୍ରିକ, ଶିଶୁ କୈନ୍ଦ୍ରିକ ନୁହେଁ ।

୨. କାର୍ଯ୍ୟକରି ଶିକ୍ଷା ମୂଳନୀତି ଏହାଦ୍ୱାରା ସାର୍ଥକ ଲାଭ କରିପାରେ ନାହିଁ ।

୩. ସମସ୍ତ ଶିକ୍ଷାର୍ଥୀଙ୍କୁ ଏଥିରେ ସମାନ ସୁଯୋଗ ପ୍ରଦାନ କରାଯାଇପାରେ ନାହିଁ, କାରଣ ପ୍ରଦର୍ଶନ ସମୟରେ ସବୁ ପିଲା ଆଲୋଚନାରେ ଭାଗ ନେବା ସମ୍ଭବ ନୁହେଁ ।

୪. ସମସ୍ତ ଶିକ୍ଷାର୍ଥୀ ସମାନ ଦକ୍ଷତା ସମ୍ପନ୍ନ ନୁହଁନ୍ତି । ତେଣୁ ପ୍ରଦର୍ଶନ କାର୍ଯ୍ୟକ୍ରମକୁ ସମସ୍ତେ ହୃଦବୋଧ କରିବା ସମ୍ଭବ ନୁହେଁ ।

୫. ଶିକ୍ଷକଙ୍କ ପ୍ରସ୍ତୁତି ପାଇଁ ବିଜ୍ଞାନାଗାରର ଆବଶ୍ୟକତା ରହିଛି ।

୬. ପରୀକ୍ଷା ପ୍ରଦର୍ଶନ ପାଇଁ ଯନ୍ତ୍ରପାତି ଯୋଗାଡ଼ କରିବା କଷ୍ଟକର ବ୍ୟାପାର ।

୭. ପାଠ୍ୟକ୍ରମ ସଂଶ୍ଳିଷ୍ଟ ସମସ୍ତ ବିଷୟ ଉକ୍ତ ପଦ୍ଧତି ସାହାଯ୍ୟରେ ଶିକ୍ଷାଦାନ କରିବା ସମ୍ଭବପର ନୁହେଁ ।

୩. ସମସ୍ୟା ସମାଧାନ ମୂଳକ ପଦ୍ଧତି (Problem Solving Method)

ବିଜ୍ଞାନ ଶିକ୍ଷାଦାନ କ୍ଷେତ୍ରରେ ଏହି ପଦ୍ଧତିର ମୂଲ୍ୟ ବହୁ ଗୁରୁତ୍ୱପୂର୍ଣ୍ଣ । କାରଣ ଏହି ପଦ୍ଧତିରେ ଛାତ୍ର ତଥ୍ୟ ଆହରଣ କରେ, ବୈଜ୍ଞାନିକ ପଦ୍ଧତି ବ୍ୟବହାର କରେ, ବୈଜ୍ଞାନିକ ମନୋବୃତ୍ତିର ବିକାଶ ଓ ଉଦ୍ରେକ ସହ ଶିକ୍ଷାର୍ଥୀ ନିଜର ବୋଧଶକ୍ତି, କୌଶଳଶକ୍ତି ଓ ପ୍ରୟୋଗାତ୍ମକ ଦକ୍ଷତା ହାସଲ କରେ । କିନ୍ତୁ ସମସ୍ୟାଟିକୁ ଭଲ ଭାବେ ଉପସ୍ଥାପନ କରିବା ଶିକ୍ଷକଙ୍କ କାର୍ଯ୍ୟ । ଶ୍ରେଣୀର ସମସ୍ତ ଶିକ୍ଷାର୍ଥୀ ସମସ୍ୟାଟିକୁ ଯେପରି ହୃଦୟଙ୍ଗମ କରିପାରିବେ, ସେଥିପାଇଁ ଏହା ସ୍ପଷ୍ଟ ଓ ସରଳ ଭାବେ ଉପସ୍ଥାପନ କରାଯିବା ଉଚିତ । ପ୍ରଶ୍ନଟିକୁ ବା ସମସ୍ୟାଟିକୁ ଏଭଳି ଭାବେ ଉପସ୍ଥାପନା କରାଯିବା ଉଚିତ ଯେପରି ସମସ୍ୟାଟିର ସମାଧାନର ଖିଅ ସେଥିରୁ ବାହାରିପାରିବ । ଉଦାହରଣସ୍ୱରୂପ ଶିକ୍ଷାର୍ଥୀଙ୍କୁ ପଚରା ଯାଇପାରେ ଯେ, 'ଅଦା ଗଛର କଡେଁ ଅଂଶ ।' ଏହି ସମସ୍ୟାଟିର ସମାଧାନ ନିମନ୍ତେ ଶିକ୍ଷକଙ୍କୁ ଗଛର ଚେର, କାଣ୍ଡ, ପତ୍ର ଓ ଫଳ ସମ୍ବନ୍ଧୀୟ

ତଥ୍ୟ ସଂଗ୍ରହ କରିବାକୁ ଉପଦେଶ ଦେବାକୁ ହୁଏ ଓ ଶିକ୍ଷାର୍ଥୀମାନେ ଅଦାର ପ୍ରଧାନ ଗୁଣ ଦେଖି ଏହା ଗଛର କେଉଁ ଅଂଶ ବୋଲି ଠିକ୍ ଉ ର ଦେଇଥାନ୍ତି । ଶିକ୍ଷାର୍ଥୀମାନେ ଉତ୍ସାହିତ ହୋଇ ଅଦା ବିଷୟରେ ଜାଣିବାକୁ ଅଧିକ ଆଗ୍ରହୀ ହେବେ ।

୧. **ସମସ୍ୟାର ସମ୍ବେଦନ –** ଏହି ସୋପାନରେ ଶିକ୍ଷାର୍ଥୀ ପାଇଁ ଅନୁକୂଳ ପରିସ୍ଥିତି ସୃଷ୍ଟି କରିଥାନ୍ତି । ଶିକ୍ଷକ ପରୀକ୍ଷା ସାହାଯ୍ୟରେ ବା ଉଦାହରଣ ମାଧ୍ୟମରେ ସମସ୍ୟାଟିକୁ ଉପସ୍ଥାପନ କରିଥାନ୍ତି ବା ଉଦାହରଣ ମାଧ୍ୟମରେ ସମସ୍ୟାଟିକୁ ଉପସ୍ଥାପନ କରିଥାନ୍ତି । ପ୍ରାଥମିକ ସ୍ତରରେ ଶିକ୍ଷକ ଶିକ୍ଷାର୍ଥୀମାନଙ୍କୁ କେତେଗୁଡ଼ିଏ ଉଦ୍ଭିଦର ଉତ୍ପନ୍ନ ଜନିଷ ଯଥା- ଅଦା, ପିଆଜ, ଆଳୁ, ଖମ୍ବଆଳୁ, ମୂଳା ଇତ୍ୟାଦି ଦେଖାଇ ଏଗୁଡ଼ିକ ଗଛର କେଉଁ ଅଂଶ ବୋଲି ପଚାରି ପାରନ୍ତି । ଅଦାଟିଏ ଦେଖାଇ ଶିକ୍ଷକ ଏହା ଗଛର କେଉଁ ଅଂଶ ବୋଲି ପଚାରି ପାରନ୍ତି । ଯେହେତୁ ଅଦା ମାଟି ତଳେ ହୁଏ, ସବୁଜ ରଙ୍ଗର ହୋଇଥାଏ ଓ ଏଥିରୁ ନୂଆ ଗଜା ବାହାରେ, ଏହା ଶିକ୍ଷାର୍ଥୀଙ୍କ ମନରେ ସନ୍ଦେହ ସୃଷ୍ଟି କରିପାରେ । ତେଣୁ ଏହାକୁ ସମସ୍ୟା ରୂପରେ ଶିକ୍ଷକ ଶ୍ରେଣୀ କକ୍ଷରେ ଉପସ୍ଥାପନ କରିପାରନ୍ତି, ଯେଉଁଥିରୁ କି ଶିକ୍ଷାର୍ଥୀ ସମସ୍ୟା ସମ୍ବନ୍ଧରେ ସମ୍ବେଦନଶୀଳ ହୋଇଉଠେ ଓ ଅନୁଭୂତି ଗ୍ରହଣ କରେ ।

୨. **ସମସ୍ୟାର ବିଶ୍ଳେଷଣ –** ଏହା ସମସ୍ୟା ସମାଧାନର ଦ୍ୱିତୀୟ ସୋପାନ । ଏଥିରେ ଶିକ୍ଷାର୍ଥୀ ସମସ୍ୟାଟିର ସଂଜ୍ଞା ଲେଖେ ଓ ସମସ୍ୟାଟିର କୈନ୍ଦ୍ରିକ ଶବ୍ଦଗୁଡ଼ିକୁ ସରଳ ଓ ନିର୍ଦ୍ଦିଷ୍ଟ ଭାଷାରେ ଲେଖେ । ତା'ପରେ ତାକୁ କ୍ଷୁଦ୍ର କ୍ଷୁଦ୍ର ଅଂଶରେ ବିଶ୍ଳେଷଣ କରିବାକୁ ଲାଗିପଡ଼େ । ସମସ୍ୟାଟିରେ ଥିବା କୈନ୍ଦ୍ରିକ ଶବ୍ଦଗୁଡ଼ିକ ଯଥା - କାଣ୍ଡ, ମୂଳ, ପତ୍ର, ମଞ୍ଜି ଆଦିର ସଂଜ୍ଞା ଲେଖେ ଓ ଉଦାହରଣ ମାଧ୍ୟମରେ ବୁଝିବାକୁ ଚେଷ୍ଟା କରେ । ପ୍ରତ୍ୟେକର ବିଶେଷ ଗୁଣ ଲେଖେ ।

୩. **ପ୍ରମାଣ ସଂଗ୍ରହ –** ଶିକ୍ଷକ କୈନ୍ଦ୍ରିକ ଶବ୍ଦ ଜରିଆରେ ଉଦାହରଣ ଦେଇ କେତେକ ବ୍ୟାଖ୍ୟା କରନ୍ତି । ଦରକାର ସ୍ଥଳେ ପରୀକ୍ଷଣ ମଧ୍ୟ କରନ୍ତି । ଏହି ସୋପାନର ଶିକ୍ଷକ ଶିକ୍ଷାର୍ଥୀଙ୍କୁ ଦିଗ୍‌ଦର୍ଶନ ଦେଇଥାନ୍ତି ଉପରୋକ୍ତ ଉଦାହରଣରେ ଅଦା ଖଣ୍ଡର ବିଶେଷ ଲକ୍ଷଣ ବର୍ଣ୍ଣନା କରନ୍ତି ଓ ପ୍ରତ୍ୟେକ ବିଶେଷ ଲକ୍ଷଣଗୁଡ଼ିକ ଲିପିବଦ୍ଧ କରି ରଖାଯାଏ । ଉଭୟ ଶିକ୍ଷକ ଓ ଶିକ୍ଷାର୍ଥୀ ମିଳିମିଶି ପ୍ରତ୍ୟେକ ଲକ୍ଷଣକୁ ଟିକିନିଖି ଭାବେ ପରୀକ୍ଷା ନିରୀକ୍ଷା କରିଥାନ୍ତି ଓ ସେଥିରୁ ଉପଯୁକ୍ତ ଉ ର ଖୋଜି ବାହାର କରିବାରେ ପରସ୍ପର ସହଯୋଗ କରି ସିଦ୍ଧାନ୍ତରେ ଉପନୀତ ହୁଅନ୍ତି ।

୪. **ଆନୁମାନିକ ପରକଳ୍ପନା ଗଠନ –** ପରବ ର୍ତ୍ତୀ ସୋପାନରେ ଶିକ୍ଷାର୍ଥୀମାନେ ଅନେକଗୁଡ଼ିକ ପରିକଳ୍ପନା ଗଢ଼ନ୍ତି । ଯଥା -

- ଅଦା ଗଛର ଏକ ମୂଳ ହୋଇପାରେ, କାରଣ ଏହା ମାଟି ତଳେ ବଢୁଛି ଓ ଏହାର ଛୋଟ ଛୋଟ ଚେର ଅଛି ।
- ଏହା ମଧ୍ୟ ଏକ କାଣ୍ଡର ଉଦାହରଣ ହୋଇପାରେ, କାରଣ ଏହାର ଉପରେ Scale leaves ରହିଛି ।
- ଏହା ଏକ ମଞ୍ଜି ମଧ୍ୟ ହୋଇପାରେ, କାରଣ ଏହାକୁ ମାଟି ତଳେ ପୋତିଲେ ଏଥିରୁ ନୂଆ ଗଛ ବାହାରେ । ଏଭଳି ଶିକ୍ଷାର୍ଥୀମାନେ ଅନେକଗୁଡ଼ିଏ ପରିକଳ୍ପନା ଗଢ଼ିପାରିବେ ।

୫. ପରିକଳ୍ପନା ପରୀକ୍ଷଣ ଓ ଉପଯୁକ୍ତ ପରିକଳ୍ପନାର ବ୍ୟାଖ୍ୟାନ – ଏହି ସୋପାନର ପ୍ରତ୍ୟେକ ପରିକଳ୍ପନାର ଯଥାର୍ଥତା ନିରୂପଣ କରି ସବୁଠାରୁ ବେଶ୍ ଭଲ ରୂପେ ଗ୍ରହଣୀୟ ପରିକଳ୍ପନାକୁ ଗ୍ରହଣ କରାଯାଏ ଓ ଅନ୍ୟାନ୍ୟ ପରିକଳ୍ପନାକୁ ବାଦ୍ ଦିଆଯାଏ । ଗ୍ରହଣୀୟ ପରିକଳ୍ପନାକୁ ଯୁକ୍ତିଯୁକ୍ତ ପରୀକ୍ଷଣ ଓ ପ୍ରମାଣ ସହ ଗ୍ରହଣ କରାଯାଏ ।

୬. ସିଦ୍ଧାନ୍ତ ଗ୍ରହଣ – ପରୀକ୍ଷିତ ଓ ସତ୍ୟାସତ୍ୟ ନିରୂପିତ ପରିକଳ୍ପନା ହିଁ ସିଦ୍ଧାନ୍ତ । ବିଭିନ୍ନ ଉଦାହରଣ ମାଧ୍ୟମରେ ସିଦ୍ଧାନ୍ତ ଗ୍ରହଣ କରାଯାଏ । ଅର୍ଥାତ୍ ଅଦା ଖଣ୍ଡ ଗୋଟିଏ କାଣ୍ଡ ବୋଲି ପ୍ରମାଣ କରାଯାଏ ।

୭. ବାସ୍ତବ କ୍ଷେତ୍ରରେ ପ୍ରୟୋଗ – ଏହାକୁ ଆଧାର କରି ଶିକ୍ଷକ ସେ ତଥ୍ୟର ବାସ୍ତବ କ୍ଷେତ୍ରରେ ପ୍ରୟୋଗ କରିବାକୁ ଶିକ୍ଷାର୍ଥୀମାନଙ୍କୁ ଦିଗ୍‌ଦର୍ଶନ ଦିଅନ୍ତି ।

ସମସ୍ୟା ସମାଧାନ ପଦ୍ଧତିର ଉପାଦେୟତା

୧. ଏହା ଦଳୀୟ ଶିକ୍ଷଣ ପାଇଁ ସୁଯୋଗ ପ୍ରଦାନ କରେ ।

୨. ଜଣେ ଶିକ୍ଷାର୍ଥୀର ଚିନ୍ତନ ଶକ୍ତି ତଥା ସୃଜନୀ ଶକ୍ତିର ବିକାଶ କ୍ଷେତ୍ରରେ ଏହି ପଦ୍ଧତି ବହୁଳ ଉପାଦେୟ ।

୩. ଏହା ଶିକ୍ଷାର୍ଥୀଙ୍କ ମନରେ ଅନୁସନ୍ଧିତ୍ସା, ଅନ୍ୱେଷଣ ଅନୁଶୀଳନ ଓ ମୂଲ୍ୟାୟନ ପାଇଁ ଅପୂର୍ବ ସୁଯୋଗ ପ୍ରଦାନ କରେ ।

୪. ନୂଆ ଜିନିଷ ଶଖିବା ପାଇଁ ଏହା ଅଭିପ୍ରେରଣା ଜନ୍ମାଏ ।

୫. ଏହା ସ୍ୱାଧୀନ ଭାବରେ ଚିନ୍ତା ପାଇଁ ଖୋରାକ ଯୋଗାଏ ।

ଦୋଷ ତ୍ରୁଟି

୧. ଶିକ୍ଷାର୍ଥୀ ବହୁଳ ଶ୍ରେଣୀ ପାଇଁ ଏକ ସମୟ ସାପେକ୍ଷ ।

୨. ଶିକ୍ଷକର ଭୂମିକା ଯଥେଷ୍ଟ ଗୁରୁତ୍ୱପୂର୍ଣ୍ଣ ଓ ଏ ପଦ୍ଧତିରେ ଶିକ୍ଷାଦାନ ପାଇଁ ଶିକ୍ଷକଙ୍କୁ ଆଗରୁ ଚେଷ୍ଟିତ ହେବାକୁ ପଡ଼ିବ ।

୩. ବିଜ୍ଞାନର ସବୁ ପାଠ ଏ ପଦ୍ଧତି ସାହାଯ୍ୟରେ ପଢ଼ାଯାଇ ପାରିବ ନାହିଁ ।

ବିଜ୍ଞାନ ଶିକ୍ଷାଦାନ ପାଇଁ ଆହୁରି ଅନେକ ପଦ୍ଧତି ରହିଛି । ଯଥା- ପ୍ରକଳ୍ପ ପଦ୍ଧତି, କ୍ଷେତ୍ର ପରିଭ୍ରମଣ ପଦ୍ଧତି, ଆବିଷ୍କାର ମୂଳକ ପଦ୍ଧତି ଇତ୍ୟାଦି । ପ୍ରକଳ୍ପ ହେଉଛି ଏକ ସମସ୍ୟା ଜନିତ କାର୍ଯ୍ୟ ଯାହାକୁ ସ୍ୱତନ୍ତ୍ର ପ୍ରାକୃତିକ ପରିବେଶର ସମ୍ପାଦନ କରାଯାଏ । ଶିକ୍ଷକଙ୍କ ପ୍ରେରଣା, ଶିକ୍ଷାର୍ଥୀମାନଙ୍କର ସ୍ୱାଧୀନ ଚେତନା ଓ କାର୍ଯ୍ୟ ପ୍ରତି ଆଗ୍ରହ ଏ ପ୍ରକାର ଶିକ୍ଷାଦାନକୁ ଆଗେଇ ନିଏ । କ୍ଷେତ୍ର ପରିଭ୍ରମଣ ପଦ୍ଧତିରେ ଶିକ୍ଷାର୍ଥୀ ବିଦ୍ୟାଳୟର ପରିସର ବହିର୍ଭୁକ୍ତ ପ୍ରଧାନ ସ୍ଥାନ, କଳକାରଖାନା, ପ୍ରାକୃତିକ ପରିବେଶ, ଯାଦୁଘର, ଉଦ୍ଭିଦ ଉଦ୍ୟାନ ଇତ୍ୟାଦି ସ୍ଥାନକୁ ଯାଇ ବିଜ୍ଞାନ ବିଷୟରେ ଅଧ୍ୟୟନ କରିବାକୁ ସୁଯୋଗ ପାଆନ୍ତି । ଏହାକୁ କ୍ଷେତ୍ର ପରିଭ୍ରମଣ ପଦ୍ଧତି କହନ୍ତି ।

୪.୪.୬ ବିଜ୍ଞାନ ଶିକ୍ଷାଦାନ ସହାୟକ ସାମଗ୍ରୀ

ବିଜ୍ଞାନ ଶିକ୍ଷାଦାନକୁ ସରଳ, ସଫଳ ଓ ସୁନ୍ଦର କରିବାକୁ ହେଲେ ଶିକ୍ଷାର୍ଥୀମାନଙ୍କୁ ବାସ୍ତବ ଅନୁଭୂତି ଯୋଗାଇବା ନିହାତି ଦରକାର । କିନ୍ତୁ ବିଦ୍ୟାଳୟ ପରିବେଶ ମଧ୍ୟରେ ଶିକ୍ଷାର୍ଥୀମାନଙ୍କୁ ପ୍ରତ୍ୟକ୍ଷ ଅଭିଜ୍ଞତା ଯୋଗାଇବା କଷ୍ଟକର । ସୁତରାଂ ବିଜ୍ଞାନ ଶିକ୍ଷକ ଶିକ୍ଷାର୍ଥୀମାନଙ୍କୁ ବିଭିନ୍ନ ବିଷୟ ଶୁଣାଇ, ଦେଖାଇ, ପରୀକ୍ଷା କରି ଶିକ୍ଷାଦାନ କରିଥାନ୍ତି । ଫଳରେ ଶିକ୍ଷାଦାନ ସଫଳ, ମୂ ର୍ତ୍ତ ଓ ସୁନ୍ଦର ହୋଇଥାଏ । ଶିକ୍ଷାର୍ଥୀମାନଙ୍କର ଇନ୍ଦ୍ରିୟ ଲବ୍ଧଜ୍ଞାନ ଯେ ଚିରନ୍ତନ ଏଥିରେ ଦ୍ୱିରୁକ୍ତି ନାହିଁ । ଇନ୍ଦ୍ରିୟମାନେ ପ୍ରଥମେ ଶିକ୍ଷାର୍ଥୀଙ୍କ ମନରେ ଅନୁଭବ ସୃଷ୍ଟି କରନ୍ତି, ଯାହା ମନରେ ପରେ ଏକ ପ୍ରତ୍ୟୟ ଗଠନ କରିବାରେ ସାହାଯ୍ୟ କରେ । ଏଭଳି କ୍ଷେତ୍ରରେ ଶିକ୍ଷକଙ୍କର ଶିକ୍ଷାଦାନରେ ଶ୍ରାବ୍ୟଦୃଶ୍ୟ ଶିକ୍ଷଣ ସହାୟକ ସାମଗ୍ରୀ ବ୍ୟବହାର କରିଥାନ୍ତି । ଶିକ୍ଷାଦାନ କ୍ଷେତ୍ରରେ ଶିକ୍ଷଣ ସହାୟକ ସାମଗ୍ରୀର ଉପାଦେୟତା ଅନେକ । ଏଗୁଡ଼ିକ ନିମ୍ନରେ ବର୍ଣ୍ଣନା କରାଯାଇଛି ।

୧. ଶିକ୍ଷକ ସାମଗ୍ରୀଗୁଡ଼ିକ ଉତ୍କୃଷ୍ଟ ଧ୍ୟାନ ଆକର୍ଷଣ, ପ୍ରେରଣାଦାୟକ ଓ ଆଗ୍ରହ ଉଦ୍ରେକକାରୀ ବସ୍ତୁ । ଏଗୁଡ଼ିକ ଶିକ୍ଷାର୍ଥୀମାନଙ୍କର ଦୃଷ୍ଟି ଆକର୍ଷଣ କରିଥାନ୍ତି, ଫଳରେ ଶିକ୍ଷାର୍ଥୀମାନେ ଶାରୀରିକ ଓ ମାନସିକ କାର୍ଯ୍ୟ କରିବାକୁ ଅଧିକ ଉତ୍ସାହିତ ହୁଅନ୍ତି ।

୨. ଶିକ୍ଷଣ ସାମଗ୍ରୀଗୁଡ଼ିକର ବ୍ୟବହାର ଶିକ୍ଷାର୍ଥୀମାନଙ୍କୁ ପ୍ରତ୍ୟକ୍ଷ ଅଭିଜ୍ଞତା ପାଇବାରେ ସୁଯୋଗ ପ୍ରଦାନ କରିଥାନ୍ତି । କେତେକ ବାସ୍ତବ ଜିନିଷ ଯଥା ନମୁନା, ନିଦର୍ଶନ, ପରୀକ୍ଷା, ଚିତ୍ର, ମଡେଲ ଓ ଚାର୍ଟ ଆଦିର ବ୍ୟବହାର କରି ଶିକ୍ଷକ ଶ୍ରେଣୀ ଗୃହରେ ବାସ୍ତବ ଚିତ୍ର ପ୍ରଦାନ କରିବାରେ ସଫଳ ହୋଇପାରନ୍ତି ।

୩. ଶିକ୍ଷଣ ସାମଗ୍ରୀ ଆହୁରି ମଧ୍ୟ ଶିକ୍ଷାର୍ଥୀଙ୍କ ମନରେ ଇନ୍ଦ୍ରିୟାନୁଭବିକ ଅନୁଭବ (Vicarious experience) ଯୋଗାଏ । ଉଦାହରଣସ୍ୱରୂପ ଶିକ୍ଷାର୍ଥୀ ଚନ୍ଦ୍ରଙ୍କ ବିଷୟରେ ଜାଣିବା ପାଇଁ ପୃଷ୍ଠରେ ଅବତରଣ କରିପାରିବେ ନାହିଁ, ହେଲେ ଏଠାରେ ମଡେଲ ସାହାଯ୍ୟରେ ପ୍ରତ୍ୟକ୍ଷ ଅନୁଭୂତି ବଦଳରେ ଇନ୍ଦ୍ରିୟାନୁଭବିକ ଅନୁଭବ ପାଠଦାନ କରାଗଲେ ଏହା ସରଳ ସୁନ୍ଦର ଓ ଉପଭୋଗ୍ୟ ହୋଇପାରିବ ।

୪. ଶିକ୍ଷଣ ସାମାଗ୍ରୀଗୁଡ଼ିକ ଦ୍ୱାରା ମୌଖିକ ବକ୍ତୃତା, ବାକ୍ୟାଂଶ ବା ଶବ୍ଦର ଅର୍ଥହୀନ ବ୍ୟବହାରକୁ ହ୍ରାସ କରି ଧାରଣାଗୁଡ଼ିକ ବିଷୟରେ ସ୍ପଷ୍ଟୀକରଣ ଦିଆଯାଇପାରେ ଓ ଶିକ୍ଷଣରେ ଉପଯୁକ୍ତ ଇନ୍ଦ୍ରିୟାନୁଭୂତ ଜ୍ଞାନ (Perception) ଅର୍ଜନ କରାଯାଇପାରେ । କୌଣସି ଏକ ପରୀକ୍ଷାର ବର୍ଣ୍ଣନା ପ୍ରୟୋଜନ ହୁଏ ନାହିଁ, ଯଦି ପରୀକ୍ଷାଟି ଶ୍ରେଣୀ କକ୍ଷରେ ନିଦର୍ଶନ ପୂର୍ବକ ଶିକ୍ଷାର୍ଥୀଙ୍କ ସମ୍ମୁଖରେ କରାଯାଇପାରେ ।

୫. ଶିକ୍ଷଣ ସାମଗ୍ରୀଗୁଡ଼ିକ ଶିକ୍ଷାଦାନର ଏକରକମତା ବା ଗତାନୁଗତିକତା ଭଙ୍ଗ କରିଥାନ୍ତି । କାରଣ ଶ୍ରେଣୀକକ୍ଷରେ ବିଭିନ୍ନ ରକମର ପତ୍ର ବିଷୟରେ ଶିକ୍ଷାଦାନ କଲାବେଳେ, ଶିକ୍ଷାର୍ଥୀମାନେ ନିଜେ ନିକଟସ୍ଥ ପରିବେଶରୁ ବିଭିନ୍ନ ପ୍ରକାରର ପତ୍ର ସଂଗ୍ରହ କରିପାରିବେ ଓ ଏଥିରୁ ବିଭିନ୍ନ ପ୍ରକାରର ପତ୍ରର ଆକାର, ଗଠନ ଓ କାର୍ଯ୍ୟ ସମ୍ବନ୍ଧରେ ଅବଗତ ହେବେ ।

ଏଭଳି ଶିକ୍ଷାଦାନ ପ୍ରକୃତିକୁ ଅନାବରଣ କରିବାରେ ସାହାଯ୍ୟ କରିବା ସଙ୍ଗେ ସଙ୍ଗେ ଶିକ୍ଷଣ ପ୍ରକ୍ରିୟାକୁ ଏକ ସହଯୋଗୀ ପ୍ରକ୍ରିୟାରେ ପରିଣତ କରିଥାଏ ଓ ନୀରବତା ଦୂର ହୋଇ ବିବିଧତା ସୃଷ୍ଟି ହୁଏ ।

୬. ଶିକ୍ଷଣ ସାମଗ୍ରୀଗୁଡ଼ିକ ଶ୍ରେଣୀକକ୍ଷରେ ସ୍ୱାଧୀନତାର ସୁଯୋଗ ପ୍ରଦାନ କରିଥାନ୍ତି । କାରଣ ଏଗୁଡ଼ିକ ଦେଖି ଶିକ୍ଷାର୍ଥୀ ସେ ବିଷୟରେ ପ୍ରଶ୍ନ ପଚାରି ପାରିବେ, ସମାଲୋଚନା କରିପାରିବେ ବା କୌଣସି ଏକ ପାଠ ବିଷୟରେ ଆଲୋଚନା କରିପାରିବେ । ଯାହା ଶିକ୍ଷଣ ପ୍ରକ୍ରିୟାକୁ ବ୍ୟକ୍ତିଗତ ଭାବେ ଶିକ୍ଷାର୍ଥୀଙ୍କ ଚାହିଦା ପୂରଣ କରି ତ୍ୱରାନ୍ୱିତ ଓ ସଫଳ କରେ । ଶିକ୍ଷାର୍ଥୀମାନେ ଶିକ୍ଷଣ ସାମଗ୍ରୀ ଗୁଡ଼ିକୁ ସ୍ପର୍ଶ, ଅନୁଭବ ଓ ପରିଚାଳନା କରିବା ପାଇଁ ସୁଯୋଗ ଲାଭ କରନ୍ତି ଓ ସ୍ୱଇଚ୍ଛା ତଥା ଶକ୍ତି ଅନୁସାରେ କାମ କରନ୍ତି ।

୭. ଶିକ୍ଷଣ ସାମଗ୍ରୀ ଦ୍ୱାରା ଶିକ୍ଷାର୍ଥୀଙ୍କ ମନରେ ବୈଜ୍ଞାନିକ ପ୍ରବୃ ି ଓ ବୈଜ୍ଞାନିକ ପଦ୍ଧତିର ଶୈଳୀ ବିଷୟରେ ଭାବନା ସୃଷ୍ଟି କରାଯାଇପାରେ ।

୮. ଜଣେ ଶିକ୍ଷକ ଶିକ୍ଷଣ ସାମଗ୍ରୀ ସାହାଯ୍ୟରେ ବହୁ ଛାତ୍ରଛାତ୍ରୀଙ୍କୁ ସହଜରେ ଶିକ୍ଷା ଦେଇପାରନ୍ତି ।

୫.୪.୭ ପ୍ରାଥମିକ ସ୍ତରରେ ବିଜ୍ଞାନ ଶିକ୍ଷାଦାନ ପାଇଁ ଆବଶ୍ୟକୀୟ ଶିକ୍ଷଣ ସାମଗ୍ରୀ

ଶିକ୍ଷାଦାନକୁ ସଫଳ ଓ ସାର୍ଥକ କରିବା ପାଇଁ ଯେଉଁ ସାଧନ ସାମଗ୍ରୀ ଓ ମାଧ୍ୟମର ଉପଯୋଗ କରାଯାଇଥାଏ, ସେଗୁଡ଼ିକ ମଧ୍ୟରେ ଅଧିକାଂଶ ଦୃଶ୍ୟ ଶ୍ରାବ୍ୟ ଉପକରଣ । କାରଣ ପ୍ରତ୍ୟକ୍ଷ ଅନୁଭୂତି ହିଁ ଜ୍ଞାନ ଲାଭ କରିବାରେ ସବୁଠାରୁ ବେଶି ଉପାଦେୟ ।

ଶିକ୍ଷଣ ସାଧନ ସାମଗ୍ରୀ ସାଧାରଣତଃ ତିନି ଭାଗରେ ବିଭକ୍ତ । ଯଥା- ଦୃଶ୍ୟ ସାଧନ ସାମଗ୍ରୀ, ଶ୍ରାବ୍ୟ ସାଧନ ସାମଗ୍ରୀ ଓ ଦୃଶ୍ୟଶ୍ରାବ୍ୟ ସାଧନ ସାମଗ୍ରୀ ।

ଦୃଶ୍ୟ ସାଧନ ସାମଗ୍ରୀ – ଚକ୍ଷୁ ଇନ୍ଦ୍ରିୟ ଦ୍ୱାରା ଯେଉଁ ଜିନିଷ ଅନୁଭୂତ ହୁଏ ଓ ଶିକ୍ଷାର୍ଥୀ ଦେଖି ଚାହିଁ ଯେଉଁ ଅନୁଭବ ପରିପ୍ରକାଶ କରି ଜ୍ଞାନ ଆହରଣ କରେ, ସେହି ପ୍ରକାର ସାଧନ ସାମଗ୍ରୀକୁ ଦୃଶ୍ୟ ସାଧନ ସାମଗ୍ରୀ କୁହାଯାଏ । ଯଥା- ଚକ୍‌ବୋର୍ଡ଼ ଚାର୍ଟ, କଳାପଟା, ମାନଚିତ୍ର, ଚିତ୍ର, ମଡେଲ ବା ନମୁନା, ଚଳଚ୍ଚିତ୍ର, ଫିଲ୍‌ମ୍‌ସ, ସ୍ଲାଇଡ଼୍‌ସ, ବୁଲେଟିନ୍ ବୋର୍ଡ଼, ଫ୍ଲାନେଲବୋର୍ଡ଼, ଏପିଡାଏସ୍କୋପ୍, କ୍ଷୁଦ୍ର ପ୍ରୋଜେକ୍ଟର ଓ ଓଭରହେଡ୍ ପ୍ରୋଜେକ୍ଟର ଏଗୁଡ଼ିକ ଶିକ୍ଷଣ ପଦ୍ଧତିକୁ ବିଶେଷ ଭାବରେ ସାହାଯ୍ୟ କରୁଥିବାରୁ ଶିକ୍ଷା କ୍ଷେତ୍ରରେ ଏଗୁଡ଼ିକର ଅବଦାନ ବିଶେଷ ଗୁରୁତ୍ୱପୂର୍ଣ୍ଣ । ବିଜ୍ଞାନ ଶିକ୍ଷାଦାନ ପାଇଁ ସେଗୁଡ଼ିକରୁ କେତୋଟି ନିର୍ଦ୍ଦିଷ୍ଟ ଶିକ୍ଷଣ ସାଧନ ସାମଗ୍ରୀ ନିମ୍ନରେ ଆଲୋଚନା କରାଯାଇଛି ।

ଚକ୍‌ବୋର୍ଡ଼ – କଳାପଟା ବିଦ୍ୟାଳୟର ଶ୍ରେଣୀ ଗୃହରେ ଥିବା ଏକ ଅତ୍ୟାବଶ୍ୟକ ସମ୍ବଳ କହିଲେ ଅତ୍ୟୁକ୍ତ ହେବ ନାହିଁ । ଏହା ଏବେ ଆଉ କେବଳ କଳା ନୁହେଁ । ଏହା ବହୁ ରଙ୍ଗରେ ପ୍ରାପ୍ତ । ଏଥିରେ ବିଭିନ୍ନ ରଙ୍ଗ ଚକ୍‌ରେ ଲେଖାଲେଖି କରି ଶ୍ରେଣୀରେ ଶିକ୍ଷାଦାନ କରାଯାଇପାରିବ । ଶ୍ରେଣୀ ଗୃହର କାନ୍ଥରେ ଏହା ଲଗାଯାଇପାରିବ ବା ବିଭିନ୍ନ ପରିସ୍ଥିତିରେ ଏହାକୁ ବିଭିନ୍ନ ଜାଗାରେ ଟଙ୍ଗାଇ ମଧ୍ୟ ଏଥି ଉପରେ ଲେଖାଲେଖି କରାଯାଇପାରିବ । ଶିକ୍ଷକ ପାଠ୍ୟଦାନ ସମ୍ପର୍କିତ

ଯେକୌଣସି ଲେଖା ଚକ୍‌ବୋର୍ଡ଼ ଉପରେ ଲେଖିପାରିବେ, ଯାହା ଫଳରେ କି ଶ୍ରେଣୀର ପ୍ରତ୍ୟେକ ଶିକ୍ଷାର୍ଥୀ ଶିକ୍ଷାଦାନରେ ଅଂଶ ଗ୍ରହଣ କରିପାରିବେ । ଶିକ୍ଷାର୍ଥୀମାନଙ୍କ ସାହାଯ୍ୟରେ ଶିକ୍ଷଣ ମଧ୍ୟ ଏକ ପାଠ୍ୟ ଏକକର ଜ୍ଞାନ, ଅବବୋଧ, ଆଗ୍ରହ, ମନୋଭାବ, କୌଶଳ ବା ବିଭିନ୍ନ ସଂଜ୍ଞା ଓ ଚିନ୍ତାଧାରା ଚକ୍‌ବୋର୍ଡ଼ ଉପରେ ଲେଖିପାରିବେ । ଶିକ୍ଷାର୍ଥୀମାନେ ଏହା ଉପରେ ବିଭିନ୍ନ ଚିତ୍ର ବା ରେଖାଙ୍କନ କରିପାରିବେ । ଶିକ୍ଷାର୍ଥୀଙ୍କର ଦୃଷ୍ଟି ଆକର୍ଷଣ ପାଇଁ ବିଭିନ୍ନ ରଙ୍ଗର ଚକ୍‌ରେ ଏହି ଚକ୍‌ବୋର୍ଡ଼ରେ ଲେଖାଯାଇପାରିବ । ଛୋଟ ଛୋଟ ଶ୍ରେଣୀର ଶିଶୁମାନଙ୍କ ପାଇଁ ଚକ୍‌ବୋର୍ଡ଼ ଅପେକ୍ଷାକୃତ ଭାବେ ଅଧିକ ଗୁରୁତ୍ୱପୂର୍ଣ୍ଣ ।

ଚାର୍ଟ (ମାନଚିତ୍ର) ଚିତ୍ର ଇତ୍ୟାଦି – କୌଣସି ଶବ୍ଦ କାଠିନ୍ୟ ଦୂରୀକରଣ ଦିଗରେ ଏଗୁଡ଼ିକର ସହାୟତା ବେଶ୍ ଗୁରୁତ୍ୱପୂର୍ଣ୍ଣ । ମଣିଷ ଶରୀର ଅନ୍ତର୍ଗଠନ, ବିଭିନ୍ନ ପ୍ରକାରର ପ୍ରାଣୀ, ସୌରଜଗତ ଓ ଲୁହା କାରଖାନାର ବ୍ଲାଷ୍ଟ ଫର୍ନେସ ଇତ୍ୟାଦି ବିଷୟରେ ଧାରଣା ପ୍ରଦାନ କରିବାକୁ ଗଲେ ଉକ୍ତ ସାଧନ ସାମଗ୍ରୀଗୁଡ଼ିକର ଉପାଦେୟତା ବିଶେଷ ଭାବରେ ଉପଲବ୍ଧ ହୁଏ । ଶିକ୍ଷାର୍ଥୀଙ୍କ ମନରେ ଏଗୁଡ଼ିକ ପର୍ଯ୍ୟବେକ୍ଷଣ ଶୈଳୀ, କୌଶଳ ଇତ୍ୟାଦି ପୋଷଣ କରନ୍ତି । ଏଗୁଡ଼ିକ ଦ୍ୱାରା ଶିକ୍ଷାର୍ଥୀ ବିଷୟବସ୍ତୁ ପ୍ରକୃତ ସ୍ପଷ୍ଟ ଧାରଣା ଅବଗତ ହେବାରେ ସହାୟକ ହୋଇଥାନ୍ତି ।

ଚଳଚ୍ଚିତ୍ର ଓ ଫିଲ୍‌ମ୍‌ଷ୍ଟ୍ରିପ୍ – ପ୍ରୋଜେକ୍ଟର ବା ଏପିଡ଼ାଏସ୍କୋପ୍ ସାହାଯ୍ୟରେ ଗୋଟି ଫିଲିମ୍‌ଷ୍ଟ୍ରିପ୍‌ର ସଫଳ ବିନିଯୋଗ କରାଯାଇପାରେ । ଫିଲମ୍‌ଷ୍ଟ୍ରିପ୍‌ରେ ସ୍ଥିରଚିତ୍ର ଉଠାଯାଇଥାଏ ଓ ଏଗୁଡ଼ିକ ଗୋଟିକ ପରେ ଗୋଟିଏ ହୋଇ ମାଳା ଆକାରରେ ଥାଏ । ଏଗୁଡ଼ିକ ସମସ୍ତେ ସ୍ଥିର ଚିତ୍ର । ଏଗୁଡ଼ିକୁ ଦେଖାଇବା ପାଇଁ ଫିଲମ୍‌ଷ୍ଟ୍ରିପ୍ ପ୍ରୋଜେକ୍ଟର ବ୍ୟବହାର କରାଯାଏ ।

ଶିକ୍ଷକ ନିଜର ଶିକ୍ଷାଦାନ ମଧ୍ୟରେ ଏହାକୁ ଦେଖାଇଲାବେଳେ ଶିକ୍ଷାର୍ଥୀର ଆଗ୍ରହ ବୃଦ୍ଧିପ୍ରାପ୍ତ ହୋଇଥାଏ । ଚିତ୍ରରେ ଥିବା ନୂତନତା ତଥା ଚିତ୍ରଗୁଡ଼ିକ ବଡ଼ ଆକାରରେ ପଡୁଥିବାରୁ ଶ୍ରେଣୀର ସମସ୍ତ ଶିକ୍ଷାର୍ଥୀ ଅକ୍ଳେଶରେ ଏହାକୁ ଦେଖିପାରନ୍ତି । ଫଟୋ ବା ଅନ୍ୟ ଯେକୌଣସି ଚିତ୍ର ଶ୍ରେଣୀ ମଧ୍ୟରେ ଜଣକ ପରେ ଜଣେ ଶିକ୍ଷାର୍ଥୀକୁ ଦେଖାଇବାରେ ବହୁ ସମୟର ଅପବ୍ୟୟ ହୋଇଥାଏ । ଶ୍ରେଣୀକକ୍ଷରେ ମଧ୍ୟ ବିଶୃଙ୍ଖଳା ହେବାର ଯଥେଷ୍ଟ ସମ୍ଭାବନା ରହେ । କିନ୍ତୁ ଏଭଳି ଚିତ୍ରକୁ ଫିଲମ୍‌ଷ୍ଟ୍ରିପ୍ ଦ୍ୱାରା ଦେଖାଇଲେ ଶ୍ରେଣୀର ସମସ୍ତ ଶିକ୍ଷାର୍ଥୀ ସମାନ ସୁବିଧା ପାଇବାରେ ସମର୍ଥ ହୋଇପାରନ୍ତି ।

ଫ୍ଲାନେଲ୍‌ବୋର୍ଡ଼ (Flannel Board)

ଏହା ଏକ କାଠପଟା, ଯାହାକୁ ଫେଲ୍‌ଟ୍ ବା ଉଲ୍ ମିଶା କନା ବା ଖଦି କନାରେ ଆବୃ କରାଯାଇ ପ୍ରସ୍ତୁତ କରାଯାଇଥାଏ । କୌଣସି ଚିତ୍ର ବା ଲେଖାଥିବା କାଗଜ ପଛରେ ଏହିପରି କଳା ଲଗାଇ ବୋର୍ଡ଼ରେ ରଖି ଦିଆଯାଏ । ଫଳରେ ମସୃଣ ହୋଇନଥିବା ଦୁଇଟି ଉପାଦାନର ପରସ୍ପର ସହିତ ଘର୍ଷଣ ଘଟି ଚିତ୍ର ଥିବା ପଦାର୍ଥଟି ଫ୍ଲାନେଲ୍ ବୋର୍ଡ଼ ଉପରେ ଲାଗି ରହିରହେ । ଏହାକୁ ଅକ୍ଳେଶରେ ଲଗାଯାଇପାରେ ଓ ଛଡ଼ାଯାଇପାରେ ।

ଏହି ବୋର୍ଡ଼ର ସୁଲଭତା, ଅନାୟାସ ବ୍ୟବହାର ଓ ପ୍ରଦର୍ଶନ କରିବା ପାଇଁ ଯୁକ୍ତିଯୁକ୍ତତା ଦୃଷ୍ଟିରୁ ଏଭଳି ସାମଗ୍ରୀ ଶିକ୍ଷାକେନ୍ଦ୍ରରେ ବିଶେଷ ଉପଯୋଗୀ । ବିଜ୍ଞାନ ଶିକ୍ଷାଦାନ ସମୟରେ ସମସ୍ତ ପ୍ରକାର ଚିତ୍ର ତଥା ତଥ୍ୟଗୁଡ଼ିକୁ ଏଥିରେ ଲଗାଇ ଶିକ୍ଷକ ପାଠଦାନକୁ ସହଜ ଓ ସୁବୋଧ କରିପାରିବେ । ଚିତ୍ରଟିକୁ ଭଲ ଭାବରେ ଦେଖି ଜ୍ଞାନ ଆହରଣ କରୁଥିବାରୁ

ଶିକ୍ଷାର୍ଥୀମାନେ ଏହାଦ୍ୱାରା ବିଶେଷ ଭାବେ ଉପକୃତ ହୋଇପାରନ୍ତି । ଭଲ ଭାବରେ ସମସ୍ତେ ଦେଖିପାରିବା ଭଳି ଫ୍ଲାନେଲ୍‌ବୋର୍ଡ଼କୁ ଉଚ୍ଚ ଜାଗାରେ ବା କଳାପଟାରେ ଲଗାଯାଇପାରେ ।

ବୁଲେଟିନ୍ ବୋର୍ଡ଼ (Bulletin Board)

ଏହା ମଧ୍ୟ ଏକ ବୋର୍ଡ଼, ଯେଉଁଥିରେ ବିଭିନ୍ନ ପ୍ରକାର ସାମଗ୍ରୀ ଲଗାଯାଇ ପ୍ରଦର୍ଶନ କରାଯାଇପାରିବ । ତେଣୁ ଏହାକୁ ଏକ Display Board ବୋଲି ମଧ୍ୟ କୁହାଯାଏ । ଶିକ୍ଷାଦାନ ତଥା ଶିକ୍ଷଣ ପାଇଁ ଏହାର ଆବଶ୍ୟକତା ମଧ୍ୟ ଅପରିସୀମ । ଏହା ସାହାଯ୍ୟରେ ଶିକ୍ଷକ ବିଭିନ୍ନ ପ୍ରକାରର ଛବି, ଲେଖା, ଫଟୋ, ଚାର୍ଟ ଓ ନମୁନା ଇତ୍ୟାଦି ଶିକ୍ଷଣ ସାମଗ୍ରୀ ସବୁ ପ୍ରଦର୍ଶନ କରାଯାଏ ।

ବୁଲେଟିନ୍ ବୋର୍ଡ଼କୁ ବିଦ୍ୟାଳୟର ଦର୍ପଣ କହିଲେ ଅତ୍ୟୁକ୍ତି ହେବ ନାହିଁ । ବିଦ୍ୟାଳୟରେ ସମ୍ପାଦିତ ହେଉଥିବା କାର୍ଯ୍ୟାବଳୀକୁ ଏଥିରେ ପ୍ରଦର୍ଶନ କରାଯାଏ । କୌଣସି ପରିଦର୍ଶକ ବିଦ୍ୟାଳୟରେ ପ୍ରବେଶ କଲାପରେ ଏହାକୁ ଦେଖି ବିଦ୍ୟାଳୟ ସମ୍ବନ୍ଧରେ ସ୍ପଷ୍ଟ ଜ୍ଞାନ ଓ ସ୍ଥୂଳଧାରଣା କରିପାରନ୍ତି । ବିଜ୍ଞାନ ଶିକ୍ଷାଦାନ କ୍ଷେତ୍ରରେ ବୁଲେଟିନ୍ ବୋର୍ଡ଼ରେ ବିଜ୍ଞାନ ସମ୍ବନ୍ଧୀୟ କୌତୁହଳପ୍ରଦ ଘଟଣାବଳୀ ବିଜ୍ଞାନ ବହି, କାର୍ଟୁନ, ଚିତ୍ର ଓ ଫଟୋଗ୍ରାଫ ଆଦି ପ୍ରଦର୍ଶିତ କରାଯାଇ ଶିକ୍ଷାଦାନ କରାଯାଇପାରିବ ।

ଶ୍ରାବ୍ୟ ଶିକ୍ଷାସାଧନ ସାମଗ୍ରୀ

ଯେଉଁ ସାଧନ ସାମଗ୍ରୀଗୁଡ଼ିକ କେବଳ ଶୁଣିବା ପାଇଁ ବ୍ୟବହାର କରାଯାଏ, ତାକୁ ଶ୍ରାବ୍ୟ ଶିକ୍ଷାସାଧନ ସାମଗ୍ରୀ କୁହାଯାଏ । ଯଥା- ରେଡ଼ିଓ ଓ ଟେପ୍‌ରେକର୍ଡ଼ର ।

ବିଦ୍ୟାଳୟରେ ଶ୍ରେଣୀକକ୍ଷରେ ଅନୁଭୂତିକୁ ସାର୍ଥକ ଓ ସଫଳ କରିବା ପାଇଁ ରେଡ଼ିଓର ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ । ଆକାଶବାଣୀ ଜରିଆରେ ଶିକ୍ଷକ ତଥା ଶିକ୍ଷାର୍ଥୀଙ୍କ ପାଇଁ ଅତି ଗୁରୁତ୍ୱପୂର୍ଣ୍ଣ ବିଜ୍ଞାନ ବିଷୟ ପ୍ରଚାରିତ ହୋଇପାରିବ । ଏହାଦ୍ୱାରା ବୈଜ୍ଞାନିକ ମୂଲ୍ୟବୋଧ ଥିବା ଭାଷଣ ଓ ଆଲୋଚନାମାନ ପ୍ରଚାରିତ ହେଉଛି ।

କିନ୍ତୁ ପରୀକ୍ଷା କରି ଓ ଦେଖି ବିଜ୍ଞାନ ଶିକ୍ଷାଲାଭ ହେଉଥିବାରୁ ଆକାଶବାଣୀ ଜାରିଆରେ ପ୍ରସାରିତ ହେଉଥିବା ବିଜ୍ଞାନ ପ୍ରଚାର ବ୍ୟକ୍ତିଗତ ପରୀକ୍ଷାଗାରର କାର୍ଯ୍ୟ ଓ ଶ୍ରେଣୀଗୃହର ପ୍ରଦର୍ଶନ ସହ ସମକକ୍ଷ ହୋଇନପାରେ । ବେତାରଯନ୍ତ୍ର ଦ୍ୱାରା ସାରା ପୃଥିବୀରେ ବା ଁ। ମୁହୂ ଁକେ ବ୍ୟାପିଯାଏ । ଏହାଦ୍ୱାରା ଶିକ୍ଷାର୍ଥୀମାନଙ୍କର ମନରେ ସହଯୋଗ ମନୋବୃ ିର ବିକାଶ ହୁଏ । ଜୀବନ୍ତ ବର୍ଣ୍ଣନା ଶିକ୍ଷାର୍ଥୀ ଜ୍ଞାନକୁ ରୁଦ୍ଧିମନ୍ତ କରେ । ଗୃହରେ ନୀରବତା ଓ ନିରସତାକୁ ଭଙ୍ଗ କରି ଏହା ବିବିଧତା ଆଣିବାରେ ସାହାଯ୍ୟ କରେ ।

ଟେପ୍‌ରେକର୍ଡ଼ର ହେଉଛି ଅନ୍ୟ ଏକ ଶ୍ରାବ୍ୟ ଯନ୍ତ୍ର (audio aid) ପାଠର ଉପକ୍ରମ ସ୍ତରରେ ଏହାର ବିନିଯୋଗ କରାଯାଇପାରେ । କେତେକ ପ୍ରସିଦ୍ଧ ବୈଜ୍ଞାନିକମାନଙ୍କ ଭାଷଣକୁ ଟେପ୍ କରି ଆବଶ୍ୟକ ବେଳେ କେତେକ ବିଜ୍ଞାନ ପ୍ରସଙ୍ଗ ଉପରେ ଶ୍ରେଣୀ ଗୃହରେ ଉପସ୍ଥାପନ କରାଯାଇପାରେ । ଯେକୌଣସି ବିଷୟକୁ ଥରେ ଟେପ୍ ରେକର୍ଡ଼ କରି ଆବଶ୍ୟକତା ଅନୁଯାୟୀ ଅନେକଥର ଶୁଣାଯାଇପାରେ ।

ଶ୍ରାବ୍ୟ ଓ ଦୃଶ୍ୟ ସାଧନ ସାମଗ୍ରୀ (Audio-visual aids)

ଏ ପ୍ରକାର ଉପକରଣ ଉଭୟ ଦର୍ଶନେନ୍ଦ୍ରିୟ ଓ ଶ୍ରବଣେନ୍ଦ୍ରିୟ ଉଭୟକୁ ବ୍ୟବହାର କରୁଥିବାରୁ ଏଗୁଡ଼ିକ ଶ୍ରାବ୍ୟଦୃଶ୍ୟ ସାଧନ ସାମଗ୍ରୀ ରୂପେ ପରିଚିତ । ସେଗୁଡ଼ିକର ଉଦାହରଣ ହେଲା- ଚଳଚ୍ଚିତ୍ର ବା Films ଓ ଦୂରଦର୍ଶନ Television ।

ଚଳଚ୍ଚିତ୍ର ବା films ଶିକ୍ଷାର୍ଥୀଙ୍କ ଧାରଣାକୁ ସ୍ପଷ୍ଟ ବା ସ୍ଥାୟୀ ଓ ସ୍ୱାଭାବିକ କରିବାରେ ସାହାଯ୍ୟ କରିପାରୁଛି । ଏଗୁଡ଼ିକ ପ୍ରତ୍ୟେକ୍ଷ ଭାବରେ ଶ୍ରେଣୀ ଗୃହରେ ଉପସ୍ଥାପନା କରାଯାଇପାରୁଛି ଓ କାର୍ଯ୍ୟ ଉପରେ ପର୍ଯ୍ୟବେସିତ କରି ଏ ପ୍ରକାର film ଗୁଡ଼ିକୁ ବିଭିନ୍ନ ପ୍ରକାରର ଚଳଚ୍ଚିତ୍ରରେ ବିଭକ୍ତୀକରଣ କରାଯାଇପାରେ । ଯଥା ଶ୍ରେଣୀଗୃହ ଚଳଚ୍ଚିତ୍ର (Class room films), ଶିଳ୍ପ ଚଳଚ୍ଚିତ୍ର (Industrial films), ବିଦ୍ୟାଳୟ ପ୍ରସ୍ତୁତ ଚଳଚ୍ଚିତ୍ର (School made films) ପ୍ରାମାଣିକ ଚଳଚ୍ଚିତ୍ର (Documentary films) ଓ ସମ୍ବାଦ ଚଳଚ୍ଚିତ୍ର (News-reels) ଶ୍ରେଣୀଗୃହ ଚଳଚ୍ଚିତ୍ର ଗୁଡ଼ିକ ମଧ୍ୟ ଅନେକ ଭାଗରେ ବିଭକ୍ତ । ଯଥା- Process films (ପ୍ରକ୍ରିୟାକରଣ ଚଳଚ୍ଚିତ୍ର), General Information films (ସାଧାରଣ ସୂଚନା ଚଳଚ୍ଚିତ୍ର), Skill displaying films (କୌଶଳ ପ୍ରଦର୍ଶନ ଚଳଚ୍ଚିତ୍ର), Repetition films (ପୁନରାବୃ ି ଚଳଚ୍ଚିତ୍ର) ଓ Life history films (ଜୀବନୀ ଚଳଚ୍ଚିତ୍ର), Process films ଗୁଡ଼ିକ ସାଧାରଣତଃ ପ୍ରକ୍ରିୟାକରଣ, ଶରୀରର ଅନ୍ତଃଗଠନ, ଯଥା- ରକ୍ତ ସ ାଳନ, ଶ୍ୱାସକ୍ରିୟା ଇତ୍ୟାଦି ଦେଖାଯାଇପାରେ । ଅନେକ ପ୍ରକାର ପ୍ରାକୃତିକ ଦୃଶ୍ୟାବଳୀ ଯଥା- ବର୍ଷା ଓ ଋତୁ ପରିବ ର୍ତ୍ତନ କିପରି ହୁଏ ଇତ୍ୟାଦି ପାଠ ପଢ଼ାଯାଇପାରେ । ଏତଦ୍‌ବ୍ୟତୀତ ସାଧାରଣ ସୂଚନା ପ୍ରଦାନ, କୌଶଳ ପ୍ରଦର୍ଶନ, ଜୀବନୀ, ଲୁହା ବା ସାର କାରଖାନାର କାର୍ଯ୍ୟକ୍ରମ ଇତ୍ୟାଦି ଫିଲମ୍ ସାହାଯ୍ୟରେ ପଢ଼ାଯାଇପାରେ । ବିଭିନ୍ନ ରକମର କଳକାରଖାନା ଗଠନ ଓ ଉତ୍ପାଦନ, ବିଭିନ୍ନ ଖେଳ ଖବର, ବନ୍ୟା, ବାତ୍ୟା ଖବର ଆଦି ଚଳଚ୍ଚିତ୍ର ସାହାଯ୍ୟରେ ପ୍ରଦାନ କରାଯାଇପାରେ । ବିଜ୍ଞାନ ଅନ୍ୟ ଯେକୌଣସି ଉଦ୍ଭାବନ ଚଳଚ୍ଚିତ୍ରର ସମକକ୍ଷ ହୋଇନପାରେ ।

ଟେଲିଭିଜନ ହେଉଛି ଏକ ଶ୍ରାବ୍ୟ ଦୃଶ୍ୟ ଉପକରଣ ଯାହା ଉଭୟ ବେତାର ଓ ଚଳଚ୍ଚିତ୍ର ପରି କାମ କରେ । ଚଳଚ୍ଚିତ୍ର ଭଳି ଏହାର ସୁବିଧା ରହିଛି ଓ ମନସ୍ତାତ୍ତ୍ୱିକ ଦୃଷ୍ଟିକୋଣରୁ ଏହା ଏକ ଉତ୍କୃଷ୍ଟ ମାଧ୍ୟମ । ଏହା ଦ୍ୱାରା ବାସ୍ତବ କ୍ଷେତ୍ରରେ କୁଶଳୀ ଶିକ୍ଷକ ତଥା ଉନ୍ନତ ବିଜ୍ଞାନଗାରର ଅଭାବ ଦୂରୀକରଣ କରାଯାଇପାରିଛି । ଶିକ୍ଷକ ମଧ୍ୟ ନିଜକୁ ନିଜେ ଆତ୍ମ ଅନୁଶୀଳନ କରିବାରେ ସମର୍ଥ ହୋଇପାରିବେ । କିନ୍ତୁ ଏପ୍ରକାର ଉପକରଣ ପ୍ରୟୋଗ କରି ଶ୍ରେଣୀ କକ୍ଷରେ ଶିକ୍ଷାଦାନ କଲେ ବ୍ୟକ୍ତିଗତ ବିଭେଦତାର ଦୂରୀକରଣ ସମ୍ଭବପର ହୋଇ ନପାରେ ।

ମୁଖ୍ୟ ଅବଧାରଣା

ବିଦ୍ୟାଳୟରେ ବିଜ୍ଞାନ ପାଠକ୍ରମର ଗୁରୁତ୍ୱ :- ନିମ୍ନୋକ୍ତ ମୂଲ୍ୟ ଗୁଡ଼ିକ ବିଦ୍ୟାଳୟରେ ବିଜ୍ଞାନ ପାଠକ୍ରମ ଗୁରୁତ୍ୱ ବହୁତ ବେଶି । ବୌଦ୍ଧିକ ମୂଲ୍ୟ, ବ୍ୟାବହାରିକ ମୂଲ୍ୟ, ନୈତିକ ମୂଲ୍ୟ, ବୃତ୍ତିଗତ ମୂଲ୍ୟ, ସାଂସ୍କୃତିକ ମୂଲ୍ୟ, ସୌନ୍ଦର୍ଯ୍ୟ ବୋଧ ମୂଲ୍ୟ ବୈଜ୍ଞାନିକ ପଦ୍ଧତିରେ ତାଲିମ ଓ ବୈଜ୍ଞାନିକ ମନୋବୃତ୍ତିର ବିକାଶ ।

ପ୍ରାଥମିକ ସ୍ତରରେ ବିଜ୍ଞାନ ଶିକ୍ଷାଦାନ ଲକ୍ଷ୍ୟ ଓ ଉଦ୍ଦେଶ୍ୟ :-

ମୁଖ୍ୟ ଉଦ୍ଦେଶ୍ୟ - ଜ୍ଞାନାତ୍ମକ ବିଭାଗ - ଜ୍ଞାନ, ବୋଧଶକ୍ତିର ବିକାଶ, କୌଶଳ ବା ଦକ୍ଷତା ହାସଲ ଓ ପ୍ରୟୋଗ ।

ଭାବାତ୍ମକ ବିଭାଗ - ବୈଜ୍ଞାନିକ ମନୋବୃତ୍ତିର ପୋଷଣ ଅଭ୍ୟାସ ଓ ଅଭିରୁଚିର ବିକାଶ, ବିଜ୍ଞାନର ଅବଦାନ ପ୍ରତି ଉତ୍କଣ୍ଠା ।

ଅନ୍ୟାନ୍ୟ - ବୈଜ୍ଞାନିକ ପଦ୍ଧତିରେ ତାଲିମ, ଅବସରର ଉପଯୁକ୍ତ ବିନିଯୋଗ, ଜୀବନପନ୍ଥା ନିର୍ଦ୍ଧାରଣରେ ଦାନ ।

ବିଜ୍ଞାନ ଶିକ୍ଷାଦାନ ପଦ୍ଧତି – ନର୍ଯ୍ୟବେକ୍ଷଣ, ପ୍ରଦର୍ଶନ ଓ ବ୍ୟାଖ୍ୟାନ ସମସ୍ୟା ସମାଧାନ ମୂଳକ ଓ ପ୍ରକଳ୍ପ ପଦ୍ଧତି ।

ଶିକ୍ଷଣ ସାଧନ ସାମଗ୍ରୀ – ଶ୍ରାବ୍ୟ - ରେଡ଼ିଓ, ଟେପ୍‌ରେକର୍ଡ଼ର

ଦୃଶ୍ୟ - ଚକ୍‌ବୋର୍ଡ଼, ବୁଲେଟିନ୍, ବୋର୍ଡ଼

ମ୍ୟାପ୍ - ଫିଲ୍‌ମ, ଚଳଚ୍ଚିତ୍ର, ସ୍ଲାଇଡ୍

ଶ୍ରାବ୍ୟ ଓ ଦୃଶ୍ୟ - ଫିଲ୍‌ମ ଓ ଟେଲିଭିଜନ

ପ୍ରଶ୍ନାବଳୀ

1. ନିମ୍ନରେ ପ୍ରଦ ପ୍ରତ୍ୟେକ ଉପପ୍ରଶ୍ନ ତଳେ, ତାହାର ଚାରିଟି ବିକଳ୍ପ ଉ ର ଦିଆଯାଇଛି । ମାତ୍ର ତନ୍ମଧ୍ୟରୁ ଗୋଟିଏ ଉ ର ହିଁ ଠିକ୍ । ସେହି ଠିକ୍ ଉ ରଟିକୁ ବାଛି ତୁମ ଉ ର ଖାତାରେ ଲେଖ ।

(କ) ନିମ୍ନୋକ୍ତ ଉକ୍ତିମାନଙ୍କ ମଧ୍ୟରୁ କେଉଁଟି ବିଜ୍ଞାନର ବୌଦ୍ଧିକ ମୂଲ୍ୟ ବୃଦ୍ଧି ପାଇଁ ଦାୟୀ ନୁହନ୍ତି ?

(i) ସ୍ୱଚ୍ଛ ବିଚାର

(ii) ପର୍ଯ୍ୟବେକ୍ଷଣରେ ପ୍ରଶିକ୍ଷଣ

(iii) ଚିନ୍ତା ଓ ବିଚାର ଶକ୍ତି

(iv) ଶାରୀରିକ ସୁସ୍ୱାସ୍ଥ୍ୟାବସ୍ଥା

(ଖ) ନିମ୍ନୋକ୍ତ ଉକ୍ତିମାନଙ୍କ ମଧ୍ୟରୁ କେଉଁଟି ପ୍ରାଥମିକ ସ୍ତରରେ ବିଜ୍ଞାନ ଶିକ୍ଷାର ଉଦ୍ଦେଶ୍ୟ ଅନ୍ତର୍ଭୁକ୍ତ ନୁହନ୍ତି ?

(i) ପରିଷ୍କାର ଓ ସୁବ୍ୟବସ୍ଥିତ ଅଭ୍ୟାସ

(ii) ସୁସ୍ଥ ଜୀବନଯାପନର ଅଭ୍ୟାସ ସଂଚାର କରିବା

(iii) ପର୍ଯ୍ୟବେକ୍ଷଣର ଅଭ୍ୟାସର ବୃଦ୍ଧି କରିବା

(iv) ଶିକ୍ଷାର୍ଥୀମାନଙ୍କର କାର୍ଯ୍ୟଧାରା ସହିତ ପରିଚିତ କରାଇବା

(ଗ) ନିମ୍ନୋକ୍ତ ଉକ୍ତିମାନଙ୍କ ମଧ୍ୟରୁ କେଉଁଟି ସହଭାଗୀ ପର୍ଯ୍ୟବେକ୍ଷଣର ଅନ୍ତର୍ଭୁକ୍ତ ନୁହନ୍ତି ?

(i) ଶିକ୍ଷାର୍ଥୀମାନଙ୍କୁ ଗୋଟିଏ ଫୁଲର ଗଠନ, ରଙ୍ଗ, ଆକୃତି ଇତ୍ୟାଦି ବିଷୟରେ ନିର୍ଦ୍ଦେଶନା ଦେବା ।

(ii) ଶିକ୍ଷାର୍ଥୀମାନଙ୍କୁ ଗୋଟିଏ ଫୁଲର ଆକୃତି ଓ ଗଠନ ସମ୍ବନ୍ଧରେ ପଚାରିବା

(iii) ଶିକ୍ଷାର୍ଥୀମାନଙ୍କର ଏକ ସ୍ୱଚ୍ଛ ବୋଧ ଉପଲବ୍ଧିର ମୂଲ୍ୟାଙ୍କନ କରିବା

(iv) ଶିକ୍ଷକଙ୍କର ଦ୍ୱାରା ତଥ୍ୟଗୁଡ଼ିକର ବ୍ୟାଖ୍ୟା କରିବା

2. ନିମ୍ନଲିଖିତ ସମସ୍ତ ଉପପ୍ରଶ୍ନର ଉ ର ଗୋଟିଏ ଲେଖାଏଁ ବାକ୍ୟରେ ଲେଖ ।

(i) ଗୋଟିଏ ପର୍ଯ୍ୟବେକ୍ଷଣ ପଦ୍ଧତିର ମୁଖ୍ୟ ବିଭାଜନ ଦୁଇଟି କ'ଣ ?

(ii) ଆଲୋଚନା ତଥା ପର୍ଯ୍ୟବେକ୍ଷଣ ପଦ୍ଧତିର ଗୋଟିଏ ସୋପାନ ଲେଖ ।

(iii) ପ୍ରାଥମିକ ସ୍ତରରେ ବ୍ୟବହୃତ ହେଉଥିବା ବିଜ୍ଞାନ ଶିକ୍ଷାରେ ଯେ କୌଣସି ଗୋଟିଏ ଉପକରଣର ଉଦାହରଣ ଦିଅ ।

(iv) ବିଜ୍ଞାନ ପାଠ୍ୟକ୍ରମର ଗୋଟିଏ ମୂଲ୍ୟ ଲେଖ ।

ଖ. ନିମ୍ନପ୍ରଦ ପ୍ରତ୍ୟେକ ଉପପ୍ରଶ୍ନର ଉ ର ଦୁଇ ବା ତିନିଗୋଟି ବାକ୍ୟରେ ପ୍ରଦାନ କର ।

(i) ବିଦ୍ୟାଳୟରେ ବିଜ୍ଞାନ ଶିକ୍ଷାଦାନର ଯେ କୌଣସି ଦୁଇଟି ମୂଲ୍ୟବୋଧ ଲେଖ ।

(ii) ପ୍ରାଥମିକ ସ୍ତରରେ ବିଜ୍ଞାନ ଶିକ୍ଷାଦାନର ଯେ କୌଣସି ତିନୋଟି ଲକ୍ଷ ଲେଖ ।

(iii) ପର୍ଯ୍ୟବେକ୍ଷଣ ପଦ୍ଧତି କହିଲେ କ'ଣ ବୁଝ ?

(iv) ଏକ ଉ ର ପ୍ରଦର୍ଶନମୂଳକ ପଦ୍ଧତିର ମୂଳନୀତି କ'ଣ ଲେଖ ?

ଗ. ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉ ର ପ୍ରତ୍ୟେକଟିକୁ ପ୍ରାୟ ଛଅଟି ଲେଖାଏଁ ବାକ୍ୟରେ ଲେଖ ।

(i) ବିଜ୍ଞାନର ବୈଶିଷ୍ଟ୍ୟ ଆଲୋଚନା କର ।

(ii) ବିଜ୍ଞାନ ଶିକ୍ଷାଦ୍ୱାରା କେଉଁ ମୂଲ୍ୟବୋଧ ଜାଗ୍ରତ ହୁଏ ।

(iii) ପ୍ରାଥମିକ ସ୍ତରରେ ସାଧାରଣ ବିଜ୍ଞାନ ଶିକ୍ଷାର ଉଦ୍ଦେଶ୍ୟ ବର୍ଣ୍ଣନା କର ।

(iv) ପର୍ଯ୍ୟବେକ୍ଷଣ ପଦ୍ଧତିର ଉପାଦେୟତା ବର୍ଣ୍ଣନା କର ।

ଘ. ନିମ୍ନଲିଖିତ ପ୍ରତ୍ୟେକ ପ୍ରଶ୍ନର ଉ ର ଦିଅ ।

(i) ''ବିଜ୍ଞାନୀମାନେ ଯାହା କରନ୍ତି, ସେଥିରୁ ବିଜ୍ଞାନର ପ୍ରକୃତି ହୃଦୟଙ୍ଗମ କରିହେବ''-ବିଶ୍ଳେଷଣ କର ।

(ii) ବିଜ୍ଞାନ କ'ଣ ? ଏହାର ପ୍ରକୃତି ଆଲୋଚନା କର ।

(iii) ପ୍ରାଥମିକ ସ୍ତରରେ ବିଜ୍ଞାନ ଶିକ୍ଷାଦାନର ଲକ୍ଷ ଓ ଉଦ୍ଦେଶ୍ୟ ବର୍ଣ୍ଣନା କର ।

(iv) ପ୍ରାଥମିକ ସ୍ତରରେ ବିଜ୍ଞାନ ଶିକ୍ଷାଦାନର ଗୁରୁତ୍ୱ କ'ଣ ?

(v) ଜାତୀୟ ଶିକ୍ଷାନୀତି ୧୯୮୬ରେ ପ୍ରଣୀତ ବିଜ୍ଞାନ ଶିକ୍ଷାଦାନ ପାଇଁ ଶୈକ୍ଷିକ ଲକ୍ଷଗୁଡ଼ିକ ଉଲ୍ଲେଖ କର ।

(vi) ପର୍ଯ୍ୟବେକ୍ଷଣ କ'ଣ ? ଏହାର ଉପାଦେୟତା ଓ ଦୋଷତ୍ରୁଟି ବର୍ଣ୍ଣନା କର ।

(vii) ପ୍ରଦର୍ଶନମୂଳକ ପଦ୍ଧତିର ଉପାଦେୟତା ଓ ଦୋଷତ୍ରୁଟି ବର୍ଣ୍ଣନା କର ।

(viii) ବିଜ୍ଞାନ ଶିକ୍ଷାଦାନର ବିଭିନ୍ନ ପ୍ରକାରର ଶିକ୍ଷାସାଧନ ସାମଗ୍ରୀର ଉପାଦେୟତା ଉଦାହରଣ ସହ ବୁଝାଅ ।

●

(ଙ) ଇତିହାସ ଶିକ୍ଷାଦାନ ପଦ୍ଧତି

ଉଦ୍ଦେଶ୍ୟ

ଇତିହାସ ଶିକ୍ଷାଦାନ ଦ୍ୱାରା ଛାତ୍ରଛାତ୍ରୀମାନେ ନିମ୍ନୋକ୍ତ ବିଷୟରେ ଜାଣିପାରିବେ ।

- ଇତିହାସର ଅର୍ଥ ଏବଂ ପ୍ରକୃତି ବା ସ୍ୱଭାବ ।
- ଇତିହାସ ଶିକ୍ଷାଦାନର ମୂଲ୍ୟ ଏବଂ ଉଦ୍ଦେଶ୍ୟ ।
- ବିଜ୍ଞାନ ଶିକ୍ଷାଦାନରେ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଜାଣିବେ ।
- ବିଭିନ୍ନ ଶିକ୍ଷାସ୍ତରରେ ଇତିହାସ ଶିକ୍ଷାଦାନରେ ବ୍ୟବହାର କରାଯାଉଥିବା ବିଭିନ୍ନ ପ୍ରକାରର ଶିକ୍ଷାଦାନ ପଦ୍ଧତି ବିଷୟରେ ଜ୍ଞାନ ।
- ବିଭିନ୍ନ ପ୍ରକାରର ଐତିହାସକ ମାନଚିତ୍ର, ଚାର୍ଟ ଏବଂ ଇତିହାସ ଶିକ୍ଷାଦାନରେ ବ୍ୟବହୃତ ଶିକ୍ଷାଦାନ ସହାୟକ ସାମଗ୍ରୀମାନଙ୍କ ବିଷୟରେ ଧାରଣା ।
- ଏକ ନିର୍ଦ୍ଦିଷ୍ଟ ପଦ୍ଧତି ଦ୍ୱାରା ଗୋଟିଏ ପାଠଟୀକା ଯୋଜନା ପ୍ରସ୍ତୁତି ତରଣ ।

୪.୫.୧ ଉପକ୍ରମ :

ବିଦ୍ୟାଳୟ ଶିକ୍ଷାରେ ଇତିହାସ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ ରୂପେ ପରିଗଣିତ ଅଟେ । ବିଦ୍ୟାଳୟ ସ୍ତରରେ ସମାଜ ବିଜ୍ଞାନ ଅଧୀନରେ ରହି ସାମ୍ପ୍ରତିକ ସମାଜରେ ଦେଖାଯାଉଥିବା ବିବ ର୍ନ ଆଣିବାରେ କେଉଁ ଶକ୍ତି ଏବଂ କାରକମାନ ଦାୟୀ ସେମାନଙ୍କ ବିଷୟରେ ଇତିହାସ ଆଲୋଚନା କରିବାକୁ ପ୍ରବ ର୍ତ୍ତାଇ ଥାଏ । ଇତିହାସ ଅଧ୍ୟୟନ ଦ୍ୱାରା ଛାତ୍ରଛାତ୍ରୀମାନେ ଧର୍ମ, ନୈତିକ, ସାଂସ୍କୃତିକ ଐତିହ୍ୟ ଏବଂ ଦେଶପ୍ରେମ ବିଷୟରେ ଶିକ୍ଷା କରିଥାନ୍ତି ଏବଂ ଏହା ମଧ୍ୟ ଉଦାହରଣ ମାଧ୍ୟମରେ ଦର୍ଶନ ଶାସ୍ତ୍ର ଅଧ୍ୟୟନ କରିବାରେ ସାହାଯ୍ୟ କରିଥାଏ ।

୪.୫.୨ ଇତିହାସର ଅର୍ଥ ଏବଂ ସଂଜ୍ଞା :

ଇତିହାସ ଶବ୍ଦଟି ଗ୍ରୀକ୍ ଶବ୍ଦ 'ହିଷ୍ଟୋରିଆ'ରୁ ଉଦ୍ଧାର କରାଯାଇଛି । ଯାହାକୁ ସଂକ୍ଷେପରେ ଅତୀତରେ ଯାହା ଘଟିଯାଇଛି ତାହାକୁ ବୁଝାଏ । ଅନ୍ୟ ଅର୍ଥରେ କହିଲେ ପ୍ରତ୍ୟେକ ଜିନିଷର ଏ ପର୍ଯ୍ୟନ୍ତ ଯାହା ଘଟିଯାଇଛି ତାହାକୁ ଇତିହାସ କୁହାଯାଏ । ତେଣୁ ଯେକୌଣସି ରାଜନୈତିକ, ଅର୍ଥନୈତିକ, ସାମାଜିକ ଏବଂ ସାଂସ୍କୃତିକ ଘଟଣା ଯାହାକି ଏ ପୃଥିବୀ ବକ୍ଷରେ ଏ ପର୍ଯ୍ୟନ୍ତ ଘଟିଯାଇଛି, ତାହାକୁ ଇତିହାସର ପରିସରରେ ଅନ୍ତର୍ଭୁକ୍ତ କରାଯାଏ ।

ପ୍ରଥମେ ଇତିହାସକୁ ଗଳ୍ପ ଆକାରରେ ମନୁଷ୍ୟ, ରାଜ ଏବଂ ଶାସକମାନଙ୍କ ଦ୍ୱାରା ଶୋଷିତ ହେଉଥିବାର ବର୍ଣ୍ଣନାକୁ ବୁଝାଉଥିଲା । ସମୟ କ୍ରମେ ଲୋକମାନେ ଇତିହାସର ସତ୍ୟତାକୁ ଜାଣିବାକୁ ଆଗ୍ରହୀ ହେଲେ । ହେରୋଡୋଟସ୍, ଜଣେ ବିଶିଷ୍ଟ ଗ୍ରୀକ୍ ଦାର୍ଶନିକ ନିଜ ଦ୍ୱାରା ରଚି ପର୍ସିୟାନ ଯୁଦ୍ଧର ଇତିହସା ନାମକ ଏକ ପୁସ୍ତକ ରଚନା କରି ଇତିହାସର ଜନକ ରୂପେ ପରିଚିତ ହେଲେ । ତାଙ୍କ ଦ୍ୱାରା ରଚିତ ଏହି ଇତିହାସ ପୁସ୍ତକ ଇତିହାସ ବିଷୟରେ ପ୍ରଥମ ପୁସ୍ତକ ହେଲା ।

ଇତିହାସର ସଂଜ୍ଞା - ନିମ୍ନୋକ୍ତ ସଂଜ୍ଞାମାନ ଇତିହାସର ଅର୍ଥକୁ ଭଲ ଭାବରେ ବୁଝିବାରେ ସହାୟକ ହୋଇଥାଏ । ସେଗୁଡ଼ିକ ହେଲା- ଆରିଷ୍ଟୋଟଲଙ୍କ ମତରେ - "ଇତିହାସ ଅପରିବର୍ତ୍ତିତ ଅତୀତର ଏକ ତଥ୍ୟ ।" ଏଠାରେ 'ଅତୀତ' ଏବ ଏହାର ବର୍ତ୍ତମାନ ପ୍ରତି ଉପାଦେୟତା ଉପରେ ଗୁରୁତ୍ୱ ଦିଆଯାଇଥାଏ । ବାକନଙ୍କ ମତରେ - "ଐତିହାସିକ ଜ୍ଞାନ ପ୍ରଜ୍ଞା ପ୍ରଦାନ କରିଥାଏ ।" ମେଧାବୀମାନେ ଯଥା- ଲେକି ଏବଂ ଲେବ୍‌ନିଦ୍‌ଙ୍କ ମତରେ ଇତିହାସକୁ ନୈତିକ ବିଦ୍ରୋହମାନଙ୍କର ଏକ ବର୍ଣ୍ଣନାତ୍ମକ ତଥ୍ୟ ରୂପେ ଧରାଯାଇଥାଏ ।" ସେଲିଙ୍କ ମତରେ- "ଇତିହାସ ହେଉଛି ଅତୀବ ରାଜନୀତି ଏବଂ ରାଜନୀତି ହେଉଛି ବର୍ତ୍ତମାନର ଇତିହାସ ।" ରାଧାକ୍ରିଷ୍ଣନନଙ୍କ ମତରେ - "ଇତିହାସ ଗୋଟିଏ ଜାତି ବା ବର୍ଗର ମନ ।" ଘାଟେଙ୍କ ଭାଷାରେ - "ଇତିହାସ ଆମ ସମ୍ପୂର୍ଣ୍ଣ ଅତୀତର ଏକ ବୈଜ୍ଞାନିକ ଅଧ୍ୟୟନ ଏବଂ ତଥ୍ୟ ।"

ବହୁ ବର୍ଷ ତଳେ ସିଶେରୋ, ଇତିହାସର ସଂଜ୍ଞା ନିରୂପରଣ କଲାବେଳେ କହିଛନ୍ତି ଯେ, ଇତିହାସ ହେଉଛି ସମୟର ସାକ୍ଷୀ ଏବଂ ସତ୍ୟର ଆଲୋକ ।" କ୍ରୋସଙ୍କ ମତରେ - "ଇତିହାସ ଅତୀତ ବିଷୟରେ ଏକ ସାମ୍ପ୍ରତିକ ଭାବନା ଏବଂ ଇତିହାସ ହେଉଛି ଭାବନା ଏବଂ ଅନ୍ୟ କିଛି ନୁହେଁ ।" ନେପୋଲିୟନ ଇତିହାସକୁ "ସର୍ବସମ୍ମତ କାଳ୍ପନିକ ଗାଥା" ବୋଲି କହିଛନ୍ତି । ନେହେରୁଙ୍କ ଭାଷାରେ- "ଇତିହାସ ହେଉଛି ମନୁଷ୍ୟର ସବୁ ସମୟର ପ୍ରକୃତି ଏବଂ ଏହାର ଉପାଦାନ ସହିତ ସଂଘର୍ଷର ବିବରଣୀ ।" ମନୁଷ୍ୟକୁ ତା'ର ନିଜ ସମ୍ପ୍ରଦାୟର କେତେକ ଲୋକ ଯେଉଁମାନେ କି ମନୁଷ୍ୟକୁ ନିମ୍ନଗାମୀ କରାଇବାକୁ ଚାହିଁବା ସଙ୍ଗେ ସଙ୍ଗେ ସେମାନଙ୍କର ନିଜର ସୁବିଧା ପାଇଁ ମନୁଷ୍ୟକୁ ଶୋଷଣ କରିବାକୁ ଚାହାନ୍ତି, ତାଙ୍କ ବିରୁଦ୍ଧରେ ମନୁଷ୍ୟ ଜାରି ରଖିଥିବା ବିଦ୍ରୋହକୁ ଇତିହାସ କୁହାଯାଏ ।

ଇତିହାସ, ସାଧାରଣତଃ ମନୁଷ୍ୟ ସମାଜର ତଥା ତା'ର ପରିବେଶର ଅଧ୍ୟୟନ କରିବାକୁ ବୁଝାଇଥାଏ । ଜନ୍‌ତୁଇଙ୍କ ଭାଷାରେ ଇତିହାସ ଅଧ୍ୟୟନ ଅତୀତର ସାମାଜିକ ଜୀବନର ସୀମାହୀନ ନିୟମ ଏବଂ ଶକ୍ତି ପାଇଁ ତାହାକୁ ବର୍ତ୍ତମାନ ସ୍ଥିତିରେ ବ୍ୟାଖ୍ୟା କରିବା ପାଇଁ ଏବଂ ଏହାକୁ ଭବିଷ୍ୟତକୁ ପ୍ରସାରିତ କରିବା ଇତ୍ୟାଦି ଜାଣିବା ପାଇଁ ଗୁରୁତ୍ୱପୂର୍ଣ୍ଣ ଅଟେ ।

ଏହାର ସାରାଂଶରେ କୁହାଯାଇପାରେ ଯେ, ଇତିହାସ ମନୁଷ୍ୟ ସମାଜର ବିବର୍ତ୍ତନର ତଥ୍ୟ । ଏହା ମନୁଷ୍ୟ ଜୀବନର ପ୍ରାରମ୍ଭରୁ ଘଟିଯାଇଥିବା ଘଟଣାମାନ ଯାହାକି ମନୁଷ୍ୟ ସମାଜର ବିବର୍ତ୍ତନ ପାଇଁ ଦାୟୀ ତାହାର ବୈଜ୍ଞାନିକ ଅଧ୍ୟୟନକୁ ବୁଝାଏ । ଏ ପୃଥିବୀର ସୃଷ୍ଟି ଦିଗରୁ ଏପର୍ଯ୍ୟନ୍ତ ଘଟିଯାଇଥିବା ଘଟଣାମାନଙ୍କୁ ନେଇ ଏକ ନାଟକ । କାରଣ ସାରା ପୃଥିବୀ ମନୁଷ୍ୟ ସମାଜର ବାସସ୍ଥାନ । ତେଣୁ ଇତିହାସ ଏହାର ଡେଣାକୁ ସାରା ବିଶ୍ୱକୁ ବିସ୍ତାରିତ କରିଛି । ଇତିହାସ ସାରା ମନୁଷ୍ୟ ସମାଜରେ ଘଟିଯାଇଥିବା ଘଟଣାମାନଙ୍କର ଏକ ପୂର୍ଣ୍ଣ ଚିତ୍ର ଉପସ୍ଥାପନ କରିଥାଏ ।

ସ୍ମରଣାତୀତ କାଳରୁ ଇତିହାସ ମନୁଷ୍ୟ ସମାଜର ପ୍ରଗତିର କଥା ରୂପେ ଧରାଯାଇଥାଏ । ଶେଷରେ ନେହେରୁଙ୍କ ଭାଷାରେ - "ମନୁଷ୍ୟର ଯାଯାବର ଜୀବନ ପ୍ରଣାଳୀରୁ ସଭ୍ୟତା ଭିତ୍ତିକ ଜୀବନଯାପନ ପ୍ରଣାଳୀ ଇତିହାସର ବିଷୟବସ୍ତୁ ରୂପେ ପରିଗଣିତ ହେଲା ।"

ଐତିହାସିକମାନେ ସେମାନଙ୍କର ସୁବିଧା ପାଇଁ ଇତିହାସକୁ କେତୋଟି ଭାଗରେ ବିଭକ୍ତି କରିଛନ୍ତି । ସେମାନେ ବିଭିନ୍ନ ଭି ିରେ ଏହାକୁ ବିଭିନ୍ନ ଭାଗରେ ବିଭକ୍ତ କରିଥିଲେ । ସେମାନଙ୍କ ମଧ୍ୟରୁ କେତେକ ଏହାକୁ ପ୍ରଥମରେ ଭୌଗୋଳିକ ପରିସୀମା ଦୃଷ୍ଟିକୋଣରୁ ଇତିହାସକୁ ଆନ୍ତର୍ଜାତିକ ଇତିହାସ, ଜାତୀୟ ଇତିହାସ ଏବଂ ଆ ଳିକ ଇତିହାସ ରୂପେ ବିଭାଗୀକରଣ କରିଥିଲେ ।

ଦ୍ୱିତୀୟରେ ସମୟକୁ ଭି ିକରି କେତେକ ଐତିହାସିକ ଇତିହାସକୁ ପ୍ରାଚୀନ, ମଧ୍ୟଯୁଗୀୟ ଏବଂ ଆଧୁନିକ ଭାଗରେ ବିଭକ୍ତ କରିଥିଲେ । ତୃତୀୟରେ ଅବସ୍ଥାକୁ ଭି ିକରି ସେମାନେ ରାଜନୈତିକ ଇତିହାସ, ସାମ୍ବିଧାନିକ ଇତିହାସ, ଅର୍ଥନୈତିକ ଇତିହାସ, ସାମାଜିକ ଇତିହାସ, ନ୍ୟାୟିକ ଇତିହାସ, ସାମରିକ ଇତିହାସ, ବୌଦ୍ଧିକ ଇତିହାସ, ଭୌଗୋଳିକ ଇତିହସା ଇତ୍ୟାଦି ଭାଗରେ ବିଭାଗୀକରଣ କରିଥିଲେ । ତେଣୁ ଉପରୋକ୍ତ ଆଲୋଚନାରୁ ଜଣାଯାଏ ଯେ ଇତିହାସ ବିଦ୍ୟାଳୟ ପାଠ୍ୟକ୍ରମରେ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ପାଇବାକୁ ହକଦାର ଅଟେ । ଇତିହାସ ଉଭୟ କଳା ଓ ବିଜ୍ଞାନର ଅନ୍ତର୍ଭୁକ୍ତ । ସତ୍ୟାସତ୍ୟ ଉପରେ ପ୍ରତିଷ୍ଠିତ ସଂଜ୍ଞା ହେଉଛି ବିଜ୍ଞାନ ଓ ଏହି ସତ୍ୟାସତ୍ୟର ବର୍ଣ୍ଣନା ହେଉଛି କଳା । ଐତିହାସିକ ତଥ୍ୟକୁ ଜୀବନ୍ତ କରି ରୂପରେଖ ଦେବା ହେଉଛି କଳା ବିଦ୍ୟାର ମୁଖ୍ୟକାର୍ଯ୍ୟ । ଝାନ୍‌ସୀ ରାଣୀ ଲକ୍ଷ୍ମୀବାଈଙ୍କ ବୀରତ୍ୱ କାହାଣୀ, ସ୍ୱାଧୀନତା ସଂଗ୍ରାମର ରଥୀ ଶହୀଦ ଭଗତସିଂହ ଇତ୍ୟାଦି ଐତିହାସିକ ତଥ୍ୟଗୁଡ଼ିକୁ ରୂପଦେଇ ଜୀବନ୍ତ କରାଯାଇପାରେ । ଶାହାଜାହାନ ଓ ମମ୍‌ତାଜ ବେଗମ୍‌ଙ୍କ ଅମର ପ୍ରେମକାହାଣୀ ରୋମା କ କରାଯାଇପାରେ । ତେଣୁ ଇତିହାସ ଉଭୟେ କଳା ଓ ବିଜ୍ଞାନ ।

୪.୫.୩ ଇତିହାସ ଶିକ୍ଷାର ମୂଲ୍ୟ

ଇତିହାସ ଶିକ୍ଷାଦାନ କେତୋଟି ଲକ୍ଷ୍ୟ ଏବଂ ମୂଲ୍ୟ ସହିତ ସଂଶ୍ଳିଷ୍ଟ ହୋଇଥାଏ । ଲକ୍ଷ୍ୟ ଏକ ଚେତନଶୀଳ ଅଭିପ୍ରାୟ ଯାହାକୁ କୌଣସି କାର୍ଯ୍ୟ କରିବା ସମୟରେ ଆମେ ମନେ ରଖିଥାଉ । କେବଳ ସେହି ଉଦ୍ଦେଶ୍ୟର ପରିପୂରଣ ପାଇଁ ଆମେ କାର୍ଯ୍ୟଟିଏ କହିଥାଉ । କାର୍ଯ୍ୟ କରିବା ସମୟରେ ବା କାର୍ଯ୍ୟଟି କରିସାରିବା ପରେ ଯେଉଁ ଫଳପ୍ରାପ୍ତ ହୁଏ, ତାହାହିଁ ମୂଲ୍ୟ । ଅନ୍ୟ ଭାଷାରେ କହିବାକୁ ଗଲେ ଯେଉଁ ମୁଖ୍ୟ ଫଳପ୍ରାପ୍ତି ଆଶରେ ଏବଂ ଯେଉଁ କଥାକୁ ସବୁବେଳେ ମନେରଖି କୌଣସି କାର୍ଯ୍ୟ କରାଯାଏ, ତାହାକୁ ସେହି କାର୍ଯ୍ୟର ଲକ୍ଷ୍ୟ ବୋଲି କୁହାଯାଏ । ଲକ୍ଷ୍ୟଗୁଡ଼ିକ ନିଜେ ନିଜର ଶେଷ ରୂପେ ଧରାଯାଇଥାଏ, କିନ୍ତୁ ମୂଲ୍ୟଗୁଡ଼ିକ ଲକ୍ଷ୍ୟମାନଙ୍କର ଫଳାଫଳ ରୂପେ ପରିଗଣିତ ଅଟେ । ମୂଲ୍ୟଗୁଡ଼ିକ ନିଜେ ନିଜର ଶେଷ ରୂପେ ଧରାଯାଇଥାଏ, କିନ୍ତୁ ମୂଲ୍ୟଗୁଡ଼ିକ ଲକ୍ଷ୍ୟମାନଙ୍କର ଫଳାଫଳ ରୂପେ ପରିଗଣିତ ଅଟେ । ମୂଲ୍ୟଗୁଡ଼ିକ ବାସ୍ତବତା ଉପରେ ପର୍ଯ୍ୟବେସିତ ଏବଂ ଏଗୁଡ଼ିକ ପରୀକ୍ଷଣର ଫଳାଫଳ ଅଟେ । ଏହିଗୁଡ଼ିକ ଶିକ୍ଷାଦାନ ପରେ ଲାଭ କରାଯାଇଥାଏ ।

ଇତିହାସ ଶିକ୍ଷାଦାନ କରୁଥିବା ଶିକ୍ଷକମାନେ ଇତିହାସ ଶିକ୍ଷାଦାନର ମୂଲ୍ୟମାନଙ୍କ ବିଷୟରେ ଭଲ ଭାବରେ ଜାଣିବା ଦରକାର । ଏହି ମୂଲ୍ୟମାନଙ୍କର ପ୍ରକୃତ ଲାଭ ପାଇଁ ସେମାନେ କେତେକ ଧାରଣାମାନ ବିକାଶ କରିବା ଦରକାର । ତେଣୁ ଇତିହାସ ଶିକ୍ଷାଦାନର ମୂଲ୍ୟଗୁଡ଼ିକ ନିମ୍ନରେ ଆଲୋଚନା କରାଗଲା ।

୧. ନୈତିକ ମୂଲ୍ୟ – ଇତିହାସ ନୈତିକତା ବିଷୟରେ ଶିକ୍ଷାଦାନ କରିଥାଏ, ଯାହାକି ମନୁଷ୍ୟର ଦୈନନ୍ଦିନ ଜୀବନରେ ବ୍ୟବହାର କରାଯାଇଥାଏ । ଠିକ୍ ଏବଂ ଭୁଲ୍‌ର ନୈତିକ ନିୟମମାନ ଯାହାକି ସବୁ ସମୟରେ ଚାଲି ରହିଛି ତାହା ଇତିହାସ ଶିକ୍ଷାଦାନ ମାଧ୍ୟମରେ ଉପସ୍ଥାପିତ କରାଯାଇଥାଏ । ବିଶିଷ୍ଟ ନୈତିକ ମୂଲ୍ୟମାନ ଯଥା- ବୀରତ୍ୱ, ସ୍ୱାର୍ଥ-ତ୍ୟାଗ, କାର୍ଯ୍ୟ ପ୍ରତି ତ୍ୟାଗ ବା ନିଷ୍ଠା ଦେଶପ୍ରେମ ବା ଦେଶ ପ୍ରତି ଉତ୍ସର୍ଗ ଇତ୍ୟାଦି ମାନ ଇତିହାସ ଶିକ୍ଷାଦାନ ଦ୍ୱାରା ବିକାଶ କରାଯାଇଥାଏ ।

୨. ସାଂସ୍କୃତିକ ମୂଲ୍ୟ – ଇତିହାସ ମନୁଷ୍ୟର ମନକୁ ନିର୍ମଳ କରିବା ପାଇଁ ଏକ ଉପାୟ ରୂପେ ପରିଗଣିତ ଅଟେ । ପରିବର୍ତ୍ତିତ ସାମାଜିକ ଏବଂ ସାଂସ୍କୃତିକ ଧାରାମାନ ନୂଆ ଅଭ୍ୟାସ ଏବଂ ନୂଆ ପ୍ରଥାରେ ଫଳନ ହେବା ଜାଣିବାରେ ଇତିହାସ ଶିକ୍ଷାଦାନ ସାହାଯ୍ୟ କରେ । ଏହା ମଧ୍ୟ ଅତୀତକୁ ଭିତ୍ତିକରି ବର୍ତ୍ତମାନର ସଂସ୍କୃତିକୁ ଜାଣିବାରେ ସାହାଯ୍ୟ କରେ ।

୩. ରାଜନୈତିକ ମୂଲ୍ୟ – ସେଲିଙ୍କ ଭାଷାରେ - "ଐତିହାସିକମାନେ ରାଜନୈତିକ ଦଳର ରାଜନୀତିଜ୍ଞ ରୂପେ ପରିଗଣିତ ଅଟନ୍ତି । ଯେଉଁଥିପାଇଁ କି ଇତିହାସକୁ ଅତୀତ ରାଜନୀତି ରୂପେ ଗ୍ରହଣ କରାଯାଇଥାଏ । ଗୋଟିଏ ସାମ୍ରାଜ୍ୟର ଉତ୍‌ଥାନ ବା ପତନର ପଛରେ କେଉଁ ରାଜନୀତି ଅଛି ତାହା ବର୍ଣ୍ଣନା କରେ ଯାହାକି ରାଜନୈତିକ ଦୂରଦୃଷ୍ଟିର ବିକାଶ କରିବା ପାଇଁ ଭିତ୍ତିଭୂମି ପ୍ରଦାନ କରିଥାଏ ।

୪. ଶୃଙ୍ଖଳାଗତ ମୂଲ୍ୟ – ଛାତ୍ରର ମାନସିକ ତାଲିମ ଯଥା- ତୁଳନାତ୍ମକ ଏବଂ ବିରୋଧାତ୍ମକ, ତଥ୍ୟର ପରୀକ୍ଷା ଏବଂ ବ୍ୟାଖ୍ୟା, କାରଣ ସହିତ ଫଳାଫଳକୁ ସଂଯୋଗ କରିବା ଏବଂ ସତ୍ୟକୁ ଦ୍ୱନ୍ଦ୍ୱାତ୍ମକ ତଥ୍ୟରୁ ବାହାର କରିବା ମାନ ଇତିହାସ ଶିକ୍ଷାଦାନ ଦ୍ୱାରା ସାଧିତ ହୋଇଥାଏ । ଏହା ସହିତ ଇତିହାସ ଶିକ୍ଷାଦାନ ଏକ ବ୍ୟାପକାତ୍ମକ ମାନସିକ ବା ବୌଦ୍ଧିକ ତାଲିମ ଦିଏ ଯାହାଦ୍ୱାରା କି ସେମାନଙ୍କର ମନେ ରଖିବାର ଶକ୍ତି, କଳ୍ପନା ଏବଂ ଯୁକ୍ତି ପ୍ରମାଣ ଶକ୍ତିର ବିକାଶ ହୁଏ ।

୫. ଅଭିଯୋଗ ମୂଳକ ମୂଲ୍ୟ – ସମସ୍ତ ପ୍ରକାର ସାମାଜିକ ସମସ୍ୟାର ସମାଧାନମାନ ଇତିହାସକୁ ଉଦ୍ଧାର କରାଯାଇଥାଏ । କାରଣ ଏହା ସମ୍ବାଦ ପ୍ରଦାନ କରିବାର ଏକ ସୌନ୍ଦର୍ଯ୍ୟପୂର୍ଣ୍ଣ ଇତିହାସ । ଏହା ବାସ୍ତବ ଅଧ୍ୟୟନ କରିବାକୁ ଉତ୍ସାହ ପ୍ରଦାନ କରିବା ସହିତ ଶିକ୍ଷାର୍ଥୀମାନଙ୍କୁ ବୁଝିବାରେ ନୂଆ ଦିଗଟିଏ ଯୋଗ କରିଥାଏ । ସମ୍ବାଦ ପ୍ରଦାନର ଗନ୍ତାଘର ରୂପେ ଏହା ପାଠକମାନଙ୍କର ମନକୁ ବ୍ୟାପକ କରିଥାଏ ଏବଂ ଚିନ୍ତା କରିବା ଶକ୍ତିର ଅବସ୍ଥା, ଅଭ୍ୟାସ ଓ ଉପାୟମାନ ସେମାନଙ୍କୁ ଦେଖାଇଥାଏ । ଏହା ମଧ୍ୟ ନୂଆ ସମ୍ବାଦ ଜାଣିବାରେ ସାହାଯ୍ୟ କରିବା ସହିତ ପକ୍ଷପାତିତାକୁ ଦୂର କରିବାରେ ସାହାଯ୍ୟ କରିଥାଏ ।

୬. ଜାତିୟତା ମୂଲ୍ୟବୋଧ – ବିକାଶମୁଖୀ ପିଲାମାନଙ୍କ ମନରେ ଦେଶପ୍ରେମ ଭାବର ବିକାଶ କରିବା ପାଇଁ ଇତିହାସ ଏକ କାର୍ଯ୍ୟସାଧକ ବସ୍ତୁ ରୂପେ କାର୍ଯ୍ୟ କରିଥାଏ । ଏହା ମଧ୍ୟ ଭଲ ପାଇବା ଏବଂ ଦେଶପ୍ରତି ଅଧିକାରଭୁକ୍ତ ମନୋଭାବ ଜାଗ୍ରତ କରାଇବାରେ ସାହାଯ୍ୟ କରିଥାଏ । ଇତିହାସ ଶିକ୍ଷାଦାନ ମାଧ୍ୟମରେ ପିଲାମାନେ ଅତୀତର ବିଶିଷ୍ଟ ଜାତୀୟତାବାଦୀ ନେତାମାନେ ଯଥା- ଗାନ୍ଧିଜୀ, ନେହେରୁ, ଶିବାଜୀ, ରାଣାପ୍ରତାପ, ଲକ୍ଷ୍ମୀବାଈ, ନେତାଜୀ ଏବଂ

ଅନ୍ୟମାନଙ୍କର ଜୀବନୀ ଓ କାର୍ଯ୍ୟକଳାପ ବିଷୟରେ ଜାଣିପାରନ୍ତି, ଯାହାକି ପିଲାମାନଙ୍କୁ ଅନୁକରଣ କରିବାରେ ଉତ୍ସାହ ପ୍ରଦାନ କରେ । ପିଲାମାନେ ମଧ୍ୟ ସେମାନଙ୍କର ଆ ଳିକ ଦେଶପ୍ରେମୀ ଯଥା- ବୀର ସୁରେନ୍ଦ୍ରସାଏ, ବକ୍ସି ଜଗବନ୍ଧୁ ବିଦ୍ୟାଧର, ଉତ୍କଳମଣୀ ଗୋପବନ୍ଧୁ ଦାଶ, ମଧୁସୂଦନ ଦାସ ଇତ୍ୟାଦି ଏବଂ ସେମାନଙ୍କର କାର୍ଯ୍ୟକଳାପ ଓ ଜୀବନୀରୁ ଉତ୍ସାହ ପାଇଥାନ୍ତି । ତେଣୁ ଇତିହାସ ଶିକ୍ଷାଦାନ ପିଲାମାନଙ୍କ ମଧ୍ୟରେ ଏକ ବଳିଷ୍ଠ ଦେଶପ୍ରେମ ଭାବ ଜାଗ୍ରତ କରିଥାଏ ।

୭. ଆନ୍ତର୍ଜାତିକ ମୂଲ୍ୟ – ଜାତୀୟତା ମୂଲ୍ୟ ଭଳି, ଇତିହାସ ପାଠକ ପାଠିକାମାନଙ୍କ ମଧ୍ୟରେ ଆନ୍ତର୍ଜାତିକ ମୂଲ୍ୟର ବିକାଶ କରିଥାଏ । ଏହାର ଅଧ୍ୟୟନ ଦ୍ୱାରା ପାଠକ ପାଠିକାମାନେ ଅନ୍ୟ ଦେଶର ଲୋକମାନଙ୍କ ପ୍ରତି ବନ୍ଧୁତ୍ୱପୂର୍ଣ୍ଣ ମନୋଭାବ ବିକାଶ କରିବା ସଙ୍ଗେ ସଙ୍ଗେ ସେମାନଙ୍କର ସଂସ୍କୃତି, ଜୀବନଯାପନ କରିବାର ପ୍ରଣାଳୀ ପ୍ରତି ମଧ୍ୟ ବନ୍ଧୁତ୍ୱପୂର୍ଣ୍ଣ ମନୋଭାବ ପ୍ରକାଶ କରିଥାନ୍ତି । ଏହା ସେମାନଙ୍କ ମନରେ ଏକ ବଳିଷ୍ଠ ଆନ୍ତର୍ଜାତିକ ମନୋଭାବ ଉଦ୍ରେକ କରିବାରେ ଉତ୍ସାହ ପ୍ରଦାନ କରିଥାଏ । ବିଭିନ୍ନ ଦେଶମାନ ଅନ୍ୟ ଦେଶମାନଙ୍କ ଉପରେ ନିର୍ଭର କରିବା ଏବଂ ପରସ୍ପର ପରସ୍ପରମାନଙ୍କ ଉପରେ ନିର୍ଭର କରିବାର ଜ୍ଞାନପ୍ରଦାନ କରିବା ସହିତ ବିଶ୍ୱନାଗରିକତାର ଧାରଣା ସୃଷ୍ଟି କରିବା ପାଇଁ ଉତ୍ସାହ ପ୍ରଦାନ କରିଥାଏ ।

୮. ଶୈକ୍ଷିକ ମୂଲ୍ୟ – ବ ର୍ତ୍ତମାନର ସ୍ଥିତିକୁ ଆକ୍ଷେପ କରି ଏହା କୁହାଯାଇପାରେ ଯେ ଇତିହାସ ଶିକ୍ଷାଦାନରୁ ଶୈକ୍ଷିକ ମୂଲ୍ୟ ଗ୍ରହଣ କରାଯାଇପାରେ । କାରଣ ସମସ୍ତ ପ୍ରକାରର ବୈଜ୍ଞାନିକ ଗବେଷଣା ଓ ଉଦ୍ଭାବନ ଗାଣିତିକ ପ୍ରକ୍ରିୟାର ବିକାଶ ଇତ୍ୟାଦିମାନ ଶୈକ୍ଷିକ ମୂଲ୍ୟର ପରିସରରେ ଆସିଥାଏ । ତେଣୁ ଇତିହାସକୁ ଏକ କ୍ଷଣସ୍ଥାୟୀ କ୍ୟାନ୍‌ଭାସ ରୂପେ ଧରାଯାଇଥାଏ ଯେଉଁଠାରେ କି ଅନ୍ୟ ବିଷୟରେ ପଢ଼ା ଯାଉଥିବା ବିଷୟ ବସ୍ତୁକୁ ମଧ୍ୟ ଯୋଗାଡ଼ କରାଯାଇପାରିଥାଏ ।

୪.୫.୪ ଇତିହାସ ଶିକ୍ଷାଦାନର ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ :

ବିଦ୍ୟାଳୟ ପାଠ୍ୟକ୍ରମରେ ଅନ୍ତର୍ଭୁକ୍ତ କରାଯାଇଥିବା ଯେକୌଣସି ବିଷୟର କେତୋଟି ଲକ୍ଷ୍ୟ ଥାଏ, ଯାହା ପାଇଁ ସେହି ବିଷୟଟି ଅଧ୍ୟୟନ କରାଯାଇଥାଏ । କାରଣ ନିର୍ଦ୍ଧାରିତ ଲକ୍ଷ୍ୟର ମନୁଷ୍ୟ ଜୀବନର ସବୁ ସ୍ତରରେ ମହାନ ଗୁରୁତ୍ୱ ରହିଛି । ଶିକ୍ଷକମାନେ ବିଭିନ୍ନ ସ୍ତର ପାଇଁ ଲକ୍ଷ୍ୟ ବିଷୟରେ ଭଲ ଭାବରେ ସ୍ପଷ୍ଟ ହେବା ଦରକାର । ଆମେ ଯେତେବେଳେ ପିଲାମାନଙ୍କୁ ଔପଚାରିକ ଶିକ୍ଷା ଦେଉଛୁ, ସେତେବେଳେ ଆମକୁ ଭାବିବାକୁ ପଡ଼ିବ ଯେ ପିଲାମାନଙ୍କୁ ଦିଆଯାଉଥିବା ଯେକୌଣସି ବିଷୟର ଶିକ୍ଷଣ ଅନୁଭୂତି କେତେ ଭାବରେ ଫଳପ୍ରଦ ହେଲା, ଯାହାକୁ କି ସେହି ବିଷୟର ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ ରୂପେ ଧରାଯାଇଥାଏ । ଏହି ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟମାନ ପାଠ୍ୟକ୍ରମର ବିଭିନ୍ନ ବିଷୟମାନଙ୍କର ସୂଚୀପତ୍ରମାନଙ୍କୁ ନିୟନ୍ତ୍ରଣ କରିଥାଏ । ତେଣୁ ଯେକୌଣସି ବିଷୟର ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ ସେହି ବିଷୟର ପାଠ୍ୟକ୍ରମ ପ୍ରସ୍ତୁତ କରିବାରେ ମୁଖ୍ୟ ଉପାଦାନ ହୋଇଥାଏ । ତେଣୁ ଶିକ୍ଷକ ଭାବରେ ଆମକୁ ସ୍ଥିର କରିବାକୁ ପଡ଼ିବ ଯେ, ଗୋଟିଏ ବିଷୟ ପଢ଼ିସାରିଲା ପରେ ପିଲାମାନେ କ'ଣ ଜାଣିବେ, କ'ଣ କରିବେ ଏବଂ କ'ଣ ହେବେ ।

ଯେକୌଣସି ବିଷୟର ଅର୍ଥପୂର୍ଣ୍ଣ ଏବଂ ବିଶେଷତ୍ୱ ଥିବା ବିଷୟ, ପଦ୍ଧତି ସହିତ ମୂଲ୍ୟାୟନ ଧାରାମାନ ଚୟନ କରିବାକୁ ହେଲେ ସେହି ବିଷୟର ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟକୁ ପ୍ରଥମେ ଚୟନ କରିବାର ଇତିହାସ ଆବଶ୍ୟକ ହୁଏ ।

କାରଣ ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟମାନ ପ୍ରକୃତ କମ୍ପାସ୍ ପରି ଶିକ୍ଷାର ପ୍ରଗତି ଆଣିଥାନ୍ତି । ତେଣୁ ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ ସମଗ୍ର ଶିକ୍ଷାଦାନ ପ୍ରକ୍ରିୟାର ପ୍ରଗତି ପାଇଁ ଚାବିକାଠି ରୂପେ କାର୍ଯ୍ୟ କରେ ।

ଉପରୋକ୍ତ ଆଲୋଚନାରୁ ଜଣାପଡ଼େ ଯେ ଇତିହାସ ଶିକ୍ଷାଦାନ ମାଧ୍ୟମରେ ଯେଉଁ ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟମାନ ହୃଦବୋଧ କରାଯିବାକୁ ଚିନ୍ତା କରାଯିବା ଦରକାର, ସେ ବିଷୟରେ ଏକ ଉଦ୍ୟମ କରାଯାଇଛି । ଇତିହାସ ଶିକ୍ଷାଦାନର ନିର୍ଦ୍ଦିଷ୍ଟ ଲକ୍ଷ୍ୟମାନ ମଧ୍ୟ ଏହାର ସାଧାରଣ ଲକ୍ଷ୍ୟମାନଙ୍କ ସହିତ ସମାନ୍ତରାଳରେ ରଖାଯାଇ ବିକାଶ କରାଯାଇଥାଏ । ସେଗୁଡ଼ିକ ନିମ୍ନରେ ଆଲୋଚନା କରାଗଲା ।

୧. ଐତିହାସିକ ଘଟଣା ବିଷୟରେ ଜ୍ଞାନ – ଅତୀତ ବିଷୟରେ ଜ୍ଞାନଲାଭ କରିବା ଇତିହାସ ଶିକ୍ଷାଦାନର ଗୋଟିଏ ଲକ୍ଷ୍ୟ ହେବା ଦରକାର । ଏହି ଜ୍ଞାନ ଗୁରୁତ୍ୱପୂର୍ଣ୍ଣ ଧାରଣା, ଘଟଣା, ଆଦର୍ଶ, ସମସ୍ୟାମାନ, ଧାରାମାନ, ବ୍ୟକ୍ତିତ୍ୱମାନ, ସମୟମାନ ଏବଂ ବର୍ଣ୍ଣନା ଇତ୍ୟାଦିକୁ ଅନ୍ତର୍ଭୁକ୍ତ କରିଥାଏ, ଯେଉଁ ଗୁଡ଼ିକକି କାରଣ ଭି ିକ ହୋଇ ବ ର୍ତ୍ତମାନ ସହିତ ଅତୀତକୁ ସଂଯୋଗ କରିଥାଏ ଏବଂ ସାମାଜିକ ଦଳମାନଙ୍କର ଭବିଷ୍ୟବାଣୀ କରିବାରେ ସାହାଯ୍ୟ କରିଥାଏ ।

୨. ଐତିହାସିକ ଧାରଣା, ନିୟମ, ଧାରାମାନ ଏବଂ ଘଟଣାମାନଙ୍କୁ ବୁଝିବାର ସକ୍ଷମ ହେବା – ଅତୀତର ଗୁରୁତ୍ୱପୂର୍ଣ୍ଣ ଧାରଣା, ଘଟଣା ଏବଂ ଧାରାମାନ ବିଷୟରେ ଖାଲି ଜ୍ଞାନଲାଭ କରିବାରେ ଯଥେଷ୍ଟ ହେବ ନାହିଁ ବରଂ ଛାତ୍ରଛାତ୍ରୀମାନେ ସେହି ବିଷୟରେ ବୁଝିବା ସହିତ ସେମାନଙ୍କ ମଧ୍ୟରେ ଥିବା କାରଣ ଫଳାଫଳ ସମ୍ପର୍କକୁ ଅନ୍ତର୍ଦୃଷ୍ଟି ଦେବା ମଧ୍ୟ ନିହାତି ଦରକାର । ଏହା ପିଲାମାନଙ୍କ ମଧ୍ୟରେ କାରଣଭି ିକ ସମ୍ପର୍କ, ଭେଦଭାବ କରିବାର ଦକ୍ଷତା, ତଥ୍ୟକୁ ଶ୍ରେଣୀଭୁକ୍ତ କରିବା, ଦୋଷତ୍ରୁଟିମାନଙ୍କୁ ବାହାର କରିବା, ମୁଖ୍ୟାଂଶ ବାହାର କରିବା ଏବଂ ବ୍ୟାଖ୍ୟା କରିବାର ଜ୍ଞାନ ଇତ୍ୟାଦିମାନ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବିକାଶ କରାଇଥାଏ ।

୩. ବିଶିଷ୍ଟ ବ୍ୟକ୍ତିମାନଙ୍କର ଇତିହାସ ପ୍ରତି ଥିବା ଅବଦାନମାନଙ୍କୁ ଗ୍ରହଣ କରିବା ବା ପସନ୍ଦ କରିବା – ଶିକ୍ଷାଦାନର ବିଷୟବସ୍ତୁ ନିର୍ଦ୍ଧାରଣ କରିବାରେ ବିଶିଷ୍ଟ ବ୍ୟକ୍ତିମାନଙ୍କର ଏଥିପ୍ରତି ଅବଦାନ, ଇତିହାସ ଶିକ୍ଷାଦାନର ବିଷୟବସ୍ତୁ ନିର୍ଦ୍ଧାରଣ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଅବଦାନ ଥାଏ । ବିଭିନ୍ନ ଐତିହାସିକ ଧାରଣା ଏବଂ ଘଟଣାବଳୀ ମଧ୍ୟରେ ଥିବା କାରଣ ଭି ିକ ସମ୍ପର୍କକୁ ଜାଣିବାରେ ଯଥେଷ୍ଟ ସହାୟ ହୋଇଥାଏ । ଏହି ଲକ୍ଷ୍ୟର କେତେକ ପ୍ରାସଙ୍ଗିକ ଲକ୍ଷ୍ୟ ଥାଏ- ଜାତୀୟ ସଂହତି, ଆନ୍ତର୍ଜାତିକ ବୁଝାମଣା ଇତ୍ୟାଦିମାନଙ୍କୁ ହୃଦବୋଧ କରିବାରେ ଅବଦାନ ଥାଏ । ତେଣୁ ବିଶିଷ୍ଟ ବ୍ୟକ୍ତିମାନଙ୍କର ସାମାଜିକ ଦଳମାନଙ୍କ ପ୍ରତି ଥିବା ଅବଦାନମାନଙ୍କୁ ବୁଝିବା ଏବଂ ଗ୍ରହଣ କରିବା ଇତିହାସ ଶିକ୍ଷାଦାନର ଏକ ଲକ୍ଷ୍ୟ ଅଟେ ।

୪. ସମୟ ଏବଂ ସ୍ଥାନ ବିଷୟରେ ଜ୍ଞାନ ଲାଭ କରିବା – ଐତିହାସିକ ଘଟଣାବଳୀମାନ ସବୁବେଳେ ସମୟ ଏବଂ ସ୍ଥାନକୁ ନେଇ ଘଟିଥାଏ । ତେଣୁ ସମୟର ପର୍ଯ୍ୟାୟକ୍ରମ ଏବଂ ଐତିହାସିକ ଘଟଣାଳବୀମାନଙ୍କର ଭୌଗୋଳିକ ଅବସ୍ଥିତି ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବିକାଶ କରିବା ଆବଶ୍ୟକ, ଯାହାକି ଐତିହାସିକ ଘଟଣାବଳୀମାନଙ୍କ ମଧ୍ୟରେ ଥିବା କାରଣ ଭି ିକ ସମ୍ପର୍କ ବିଷୟରେ ସାହାଯ୍ୟ କରିଥାଏ । ଇତିହାସର ଛାତ୍ରଛାତ୍ରୀମାନେ ଐତିହାସିକ ଘଟଣାବଳୀମାନଙ୍କର ସମୟର ପର୍ଯ୍ୟାୟକ୍ରମ ବିଷୟରେ ଜାଣିବା ଦରକାର, ଯାହାଦ୍ୱାରା କେଉଁ ଘଟଣାଟି ପ୍ରଥମେ ଘଟିଥିଲା ଏବଂ କେଉଁଟି

ପରେ ଘଟିଥିଲା ଇତିହାସ ଶିକ୍ଷା ଦ୍ୱାରା ଜାଣିହୁଏ । ଏହା ସହିତ ଭୌଗୋଳିକ ଅବସ୍ଥିତିକୁ ଭିତ୍ତିକରି ଘଟଣାବଳୀମାନଙ୍କ ମଧ୍ୟରେ ଥିବା ସମୟର ଶୂନ୍ୟସ୍ଥାନ ଜାଣିବାରେ ମଧ୍ୟ ସାହାଯ୍ୟ କରେ । ତେଣୁ ଐତିହାସିକ ଘଟଣାବଳୀମାନଙ୍କର ସମୟର ପର୍ଯ୍ୟାୟକ୍ରମ ଏବଂ ଭୌଗୋଳିକ ଅବସ୍ଥିତି ଇତିହାସ ଶିକ୍ଷାଦାନର ଏକ ଲକ୍ଷ୍ୟ ହେବା ଦରକାର ।

୫. ଇତିହାସ ପଢ଼ିବାରେ ପିଲାମାନଙ୍କ ମଧ୍ୟରେ ଆଗ୍ରହର ବିକାଶ କରିବା – ଯେକୌଣସି ବିଷୟ ପଢ଼ିବାରେ ଅହେତୁକ ଆଗ୍ରହ ସୃଷ୍ଟି କରିବା ସେହି ବିଷୟ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଲକ୍ଷ୍ୟ ରୂପେ ପରିଗଣିତ ଅଟେ । କାରଣ ଆଗ୍ରହ ଯେକୌଣସି ପ୍ରକାରର ଶିକ୍ଷାଦାନକୁ ଫଳପ୍ରଦ କରିବାର ଏକ ପ୍ରାକ୍ ଅବସ୍ଥା ଏବଂ ଗୁରୁତ୍ୱପୂର୍ଣ୍ଣ ନିଦର୍ଶନ ରୂପେ ଧରାଯାଇଥାଏ । ତେଣୁ ଇତିହାସର ବିଷୟବସ୍ତୁ ଏପରି ଭାବରେ ଉପସ୍ଥାପନ କରିବା ଦରକାର ଯେପରି ଶିକ୍ଷାର୍ଥୀମାନଙ୍କ ମଧ୍ୟରେ ସ୍ୱାଭାବିକ ଭାବେ ଆଗ୍ରହ ସୃଷ୍ଟି ହୋଇପାରିବ ।

ଉପରୋକ୍ତ ଲକ୍ଷ୍ୟମାନଙ୍କ ବ୍ୟତୀତ, ଇତିହାସ ଶିକ୍ଷାଦାନର ମଧ୍ୟ ନିମ୍ନୋକ୍ତ ଲକ୍ଷ୍ୟମାନ ଅଛି, ଯେଉଁଗୁଡ଼ିକ କି ଇତିହାସ ଶିକ୍ଷାଦାନର ଗୌଣ ଲକ୍ଷ୍ୟ ରୂପେ ଗ୍ରହଣ କରାଯାଇଥାଏ । ଏହି ଲକ୍ଷ୍ୟମାନଙ୍କୁ ସେମାନଙ୍କର ଦୃଢ଼ ସାମାଜିକ ଭିତ୍ତିଭୂମି ଯୋଗୁଁ ଗୁରୁତ୍ୱ ପ୍ରଦାନ କରାଯାଇଥାଏ । ସେଗୁଡ଼ିକ ହେଲା -

୧. ଜାତୀୟ ସଂହତି ବା ଏକତାର ଭାବ ଉଦ୍ରେକ କରିବା – ଭାରତ ଏପରି ଏକ ଦେଶ ଯେଉଁଠାରେ କି ଭାଷା, ଧର୍ମ, ସଂସ୍କୃତି, ଭୌଗୋଳିକ ଅ ଳ, ସାମାଜିକ - ଅର୍ଥନୈତିକ ଅବସ୍ଥା ଏବଂ ଆହୁରି ଅନେକ କ୍ଷେତ୍ରରେ ବିଭିନ୍ନତା ଦେଖାଯାଇଥାଏ । ତେଣୁ ଏହିସବୁ କ୍ଷେତ୍ରରେ ବିଭିନ୍ନତା ଦେଖା ଯାଉଥିବାରୁ ଲୋକମାନଙ୍କ ମଧ୍ୟରେ ସଂହତି ବା ଏକତାର ଅଭାବ ଦେଖାଯାଇଥାଏ, ଯାହାଦ୍ୱାରା ଦେଶ ଦୁଃଖ ଏବଂ ଦୁର୍ଗତି ଅବସ୍ଥାରେ ପଡ଼ିଛି । ତେଣୁ ଏହି ସମସ୍ତ ପ୍ରକାରର ବିଭିନ୍ନତା ମଧ୍ୟରେ ଏକତା ବା ସଂହତି ଆଣିବାରେ ଇତିହାସ ଶିକ୍ଷାଦାନ ସାହାଯ୍ୟ କରିଥାଏ । କାରଣ ଇତିହାସ ଶିକ୍ଷାଦାନ ସଂହତି ବା ଏକତା ଆଣିବାରେ ଯେଉଁ କାରକମାନ ଦାୟୀ ସେମାନଙ୍କୁ ଦୂର କରିବା ପାଇଁ ସ୍ୱତନ୍ତ୍ର ସୁବିଧାମାନ ପ୍ରଦାନ କରିଥାଏ । ଇତିହାସ ଦେଶର ଗୋଟିଏ କୋଣର ଛାତ୍ରଛାତ୍ରୀମାନଙ୍କୁ ଅନ୍ୟ ଗୋଟିଏ କୋଣର ସଂସ୍କୃତି, ଭାଷା, ଘଟଣାମାନଙ୍କ ବିଷୟରେ ଜଣାଇଥାଏ ଏବଂ ଏହାଦ୍ୱାରା ପିଲାମାନଙ୍କ ମନରେ ଏକତାର ଭାବ ସୃଷ୍ଟି ହୋଇଥାଏ ।

୨. ଆନ୍ତର୍ଜାତିକ ବୁଝାମଣାର ଉଦ୍ରେକ କରିବା – ବିଜ୍ଞାନ ଏବଂ ବୈଷୟିକ ଜ୍ଞାନର ବିକାଶ ଦ୍ୱାରା ପୃଥିବୀ ସମସ୍ତଙ୍କ ପାଇଁ ନିକଟବର୍ତ୍ତୀ ହେବା ସହିତ ଛୋଟ ହୋଇଯାଇଛି । ଏହା ହେବା ଦ୍ୱାରା ଅତି କମ୍ ସମୟରେ ଗୋଟିଏ ଦେଶର ଲୋକମାନେ ବୈଷୟିକ କୌଶଳ ମାଧ୍ୟମରେ ଅନ୍ୟ ଏକ ଦେଶର ଲୋକମାନଙ୍କ ସହିତ ଯୋଗାଯୋଗ କରିବା ସହିତ ସେମାନଙ୍କ ପାଖରେ ମଧ୍ୟ ପହଞ୍ଚି ପାରୁଛନ୍ତି । ଅସୌଭାଗ୍ୟବସତ, ସେହି ସମୟରେ କେତେକ ଦେଶ ଅନ୍ୟ କେତେକ ଦେଶମାନଙ୍କ ସହିତ ବିବାଦରେ ଜଡ଼ିତ ରହୁଛନ୍ତି । ବର୍ତ୍ତମାନ ସମ୍ପୂର୍ଣ୍ଣ ଧ୍ୱଂସର ଯେଉଁ ଆତଙ୍କ ସୃଷ୍ଟି ହେଉଛି, ତାହା କେବଳ ପରମାଣୁ ଯୁଦ୍ଧମାନଙ୍କ ଯୋଗୁଁ ବୋଲି ଆମେ ଆଡ଼େଇ ଦେଇପାରିବା ନାହିଁ ।

ତେଣୁ ଏସବୁ ପରିସ୍ଥିତିକୁ ଦୂର କରିବାକୁ ହେଲେ ପିଲାମାନଙ୍କ ମଧ୍ୟରେ ଏବଂ ଲୋକମାନଙ୍କ ମଧ୍ୟରେ ଆନ୍ତର୍ଜାତିକ ବୁଝାମଣାର ଭାବ ବିକାଶ କରିବା ଏକାନ୍ତ ଆବଶ୍ୟକ ।

ଇତିହାସ ଶିକ୍ଷାଦାନ କମ୍ ଉଦ୍ୟମରେ ସବୁ ଦେଶମାନଙ୍କ ବିଷୟରେ ଜ୍ଞାନଲାଭ କରିବାରେ ସ୍ୱତନ୍ତ୍ର ସୁବିଧାମାନ ପ୍ରଦାନ କରିଥାନ୍ତି । ତେଣୁ ଇତିହାସ ଅଧ୍ୟୟନ ଦ୍ୱାରା ବିଭିନ୍ନ ଦେଶର ଲୋକମାନେ ଉଭୟ ଉଭୟଙ୍କ ଦେଶର ସଂସ୍କୃତି, ଅଭ୍ୟାସ ଏବଂ ବିକାଶମାନ ଅଧିକ ଜାଣିପାରନ୍ତି ଏବଂ ବିଭିନ୍ନ ଉପାଦାନରେ ଥିବା ବିଭିନ୍ନତା ମଧ୍ୟରେ ପୋଲ ସୃଷ୍ଟି କରିଥାନ୍ତି । ଏହା ଏକ ସୁ ଭାବନା ଯେ ଇତିହାସ ଏକ ବିଷୟ ଭାବେ ଦେଶ- ଦେଶମାନଙ୍କ ମଧ୍ୟରେ ଥିବା କୁସଂସ୍କାର ଓ ପକ୍ଷପାତିତା ଦୂର କରିଥାଏ । ଏହା ଦେଶ ଦେଶ ମଧ୍ୟରେ ଅନ୍ତ ନିର୍ଭରଶୀଳତା ଭାବ ବିକାଶ କରିବା ସହିତ ଅସଂହତି ଭାବର ଦୂର କରିବା ପାଇଁ କୁହେ । ଲୋକମାନଙ୍କ ମଧ୍ୟରେ ଦେଶ ନେଇଥିବା ସଂକୀର୍ଣ୍ଣ ଦେଶପ୍ରେମ ଭାବକୁ ଦୂର କରି 'ବିଶ୍ୱନାଗରିକତା (ବା) ବସୁଧୈବ କୁଟୁମ୍ବକମ୍ ମନୋଭାବ ଉଦ୍ରେକ କରିଥାଏ । ତେଣୁ ଆନ୍ତର୍ଜାତିକ ବୁଝାମଣାର ବିକାଶ ଇତିହାସ ଶିକ୍ଷାଦାନର ଏକ ଲକ୍ଷ୍ୟ ରୂପେ ଗ୍ରହଣ କରାଯାଇଥାଏ ।

୩. ସମାଲୋଚନା ମୂଳକ ଏବଂ ଯୁକ୍ତିଯୁକ୍ତ ଚିନ୍ତା କରିବାର ଦକ୍ଷତା ବିକାଶ କରିବା – ଇତିହାସ ଅଧ୍ୟୟନ 'ଭଲ' କିମ୍ବା 'ମନ୍ଦ'. 'ଗୁଣ' ଏବଂ 'ଦୋଷ' ମଧ୍ୟରେ ପାର୍ଥକ୍ୟ ଆଣିବାରେ ଛାତ୍ରଛାତ୍ରୀମାନଙ୍କୁ ସକ୍ଷମ କରାଯାଇଥାଏ । ଏହା ଛାତ୍ରଛାତ୍ରୀମାନଙ୍କର ଯୁକ୍ତିଯୁକ୍ତ ଏବଂ ଠିକ୍ କ୍ରମରେ ବିଷୟକୁ ଉପସ୍ଥାପନ କରିବା ସହିତ ଚିନ୍ତା କରିବା ଏବଂ ବିଚାର କରିବା ଦକ୍ଷତାର ବିକାଶ କରିଥାଏ । ହିଲିଙ୍କ ଭାଷାରେ - 'ବୌଦ୍ଧିକ ଶୃଙ୍ଖଳାର ପରିସରରେ ଇତିହାସ ଅଧ୍ୟୟନ ଛାତ୍ରଛାତ୍ରୀମାନଙ୍କୁ ବୁଝିବା ଏବଂ ପ୍ରକାଶ କରିବା, ଘଟଣାମାନଙ୍କୁ ଗୁରୁତ୍ୱ ଦେବା, ସାଧାରଣ ଏବଂ ଗୁରୁତ୍ୱପୂର୍ଣ୍ଣ ଘଟଣାକୁ ଅଲଗା କରିବା, ପ୍ରଚାର ଏବଂ ସତ୍ୟ ମଧ୍ୟରେ ପାର୍ଥକ୍ୟ ଆଣିବା ପାଇଁ ତାଲିମ ପ୍ରଦାନ କରିଥାଏ ।

ଇତିହାସ ଶିକ୍ଷାଦାନ ଠିକ୍ ଚିନ୍ତା କରିବାର ଶକ୍ତିବିକାଶ କରିବା ସହିତ ତଥ୍ୟମାନଙ୍କର ସଂଗ୍ରହ ଏବଂ ସମ୍ପର୍କ ସ୍ଥାପନ କରିଥାଏ । ଯେଉଁ ଐତିହାସିକ ତଥ୍ୟମାନ ଘଟଣାମାନଙ୍କ ଉପରେ ପର୍ଯ୍ୟବେସିତ ହୋଇଥାଏ, ଛାତ୍ରଛାତ୍ରୀମାନେ ସେଗୁଡ଼ିକୁ ଭଲ ଭାବରେ ବୁଝିପାରନ୍ତି । ସେମାନେ ଐତିହାସିକ ଘଟଣାବଳୀମାନଙ୍କୁ ସେମାନଙ୍କର କାରଣ - ଫଳାଫଳ ଭିତ୍ତିରେ ବିଶ୍ଳେଷଣ କରିବାକୁ ଚେଷ୍ଟା କରନ୍ତି । ତେଣୁ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ସମାଲୋଚନାମୂଳକ ଏବଂ ଯୁକ୍ତିଯୁକ୍ତ ଚିନ୍ତା କରିବାର ଦକ୍ଷତା ବିକାଶ କରିବା ଇତିହାସ ଶିକ୍ଷାଦାନ ଏକ ଗୌଣ ଲକ୍ଷ୍ୟ ରୂପେ ଗ୍ରହଣ କରାଯାଇଥାଏ ।

୪. ବ୍ୟବହାରିକ ଦକ୍ଷତାମାନ ବିକାଶ କରିବା – ଛାତ୍ରଛାତ୍ରୀମାନେ କିପରି ଇତିହାସ ଶିକ୍ଷାଦାନର ଶିକ୍ଷାଦାନ ସହାୟକ ସାମଗ୍ରୀ ପ୍ରସ୍ତୁତ କରିବା ଏବଂ ବ୍ୟବହାର କରିବା ଯଥା- ମାନଚିତ୍ର, ଚାର୍ଟ, ପ୍ରତିରୂପ, ସମୟ ରେଖା ଇତ୍ୟାଦି ମାନଙ୍କର ବ୍ୟବହାର କରିବାର ଦକ୍ଷତା ବିକାଶ କରାଇଥାଏ । ଏହା ସହିତ ବିଭିନ୍ନ ଐତିହାସିକ ଉତ୍ସମାନଙ୍କର ପ୍ରଦର୍ଶନ କରିବାରେ ମଧ୍ୟ ସେମାନେ ସୁଯୋଗ ପାଇଥାନ୍ତି ।

ଇତିହାସ ଅଧ୍ୟୟନ ଦ୍ୱନ୍ଦ୍ୱ ଭିତ୍ତିକ ଧାରାମାନଙ୍କ ବିଷୟରେ ଆଲୋଚନା କରିବା ଏବଂ ତାହାର ସମାଧାନ କରିବାର ଦକ୍ଷତା ଜାଣିବାରେ ସାହାଯ୍ୟ କରିଥାଏ ।

୫. ସୁସ୍ଥ ସାମାଜିକ ମନୋଭାବର ବିକାଶ କରିବା – ଇତିହାସ ଶିକ୍ଷାଦାନ ସୁସ୍ଥ ସାମାଜିକ ମନୋଭାବର ବିକାଶ ସାଧନ କରିବାରେ ପିଲାମାନଙ୍କୁ ସାହାଯ୍ୟ କରିଥାଏ । ଦେଶପ୍ରେମ ଭାବ, ବିଶ୍ୱ ନାଗରିକତା ଏବଂ ଅନ୍ୟମାନଙ୍କର ମତାମତ, ଆଦର୍ଶ ବିଶ୍ୱାସ ଏବଂ ଜୀବନ ପ୍ରଣାଳୀକୁ ସମ୍ମାନ ଦେବାର ବିକାଶ ଇତିହାସ ଶିକ୍ଷାଦାନ ଦ୍ୱାରା ହୋଇଥାଏ ।

ଏହା ମଧ୍ୟ ସୁନାଗରିକତାର ଅଭ୍ୟାସ ପିଲାମାନଙ୍କ ମଧ୍ୟରେ ବିକାଶ କରିଥାଏ, ଯାହାକି ଆମ ସ୍ୱାଧୀନ ଭାରତ ପାଇଁ ଭଲ ଭାବରେ ଦରକାର ।

୪.୫.୫ ପ୍ରାଥମିକ ବିଦ୍ୟାଳୟ ପାଠ୍ୟକ୍ରମରେ ଇତିହାସର ସ୍ଥାନ :

ଉପରେ ଆଲୋଚନା କରାଯାଇଥିବା ଇତିହାସ ଶିକ୍ଷାଦାନର ଲକ୍ଷ୍ୟମାନ ସାଧାରଣ ରୂପେ ଗ୍ରହଣ କରାଯାଇଥାଏ, ଯାହାକି ପ୍ରାଥମିକ ବିଦ୍ୟାଳୟ ସ୍ତରର ପାଠ୍ୟକ୍ରମ ପ୍ରସ୍ତୁତକାରୀ, ଶିକ୍ଷକ ଏବଂ ମୂଲ୍ୟାୟନକାରୀମାନଙ୍କୁ ସ୍ପଷ୍ଟ ଏବଂ ବାସ୍ତବ ଉପଦେଶ ଦେଇ ପରିଥାଏ । କାରଣ ଇତିହାସ ଅଧ୍ୟୟନ ବିଦ୍ୟାଳୟସ୍ତରର ଗୋଟିଏ ସ୍ତରରୁ ଅନ୍ୟ ଗୋଟିଏ ସ୍ତରର ପିଲାମାନଙ୍କର ମାନସିକ ଏବଂ ସାମାଜିକ ପରିପକ୍ୱତାରେ ଭିନ୍ନତା ଆଣିଥାଏ ।

ପ୍ରାଥମିକ ସ୍ତରର ଛାତ୍ରଛାତ୍ରୀମାନଙ୍କର ବୌଦ୍ଧିକ ପରିପକ୍ୱତା ଏପରି ଯେ ସେମାନେ ଗୁଣବାଚକ ବିଷୟମାନଙ୍କୁ ବୁଝିବାରେ ସକ୍ଷମ ହୋଇପାରନ୍ତି ନାହିଁ ଏବଂ ଅବରୋହ ଭାବେ ଚିନ୍ତା କରିବା ପ୍ରକ୍ରିୟାରେ ଭଲ ଭାବରେ ନିଜକୁ ଅନ୍ତର୍ଭୁକ୍ତ କରିପାରନ୍ତି ନାହିଁ । କିନ୍ତୁ ସେହି ସମୟରେ ସେମାନଙ୍କ ଚତୁଃପାର୍ଶ୍ୱରେ ଥିବା ଜିନିଷ ଏବଂ ବସ୍ତୁମାନଙ୍କ ବିଷୟରେ ଜାଣିବା ସହିତ ସେମାନଙ୍କ ମଧ୍ୟରେ କାରଣଭିତ୍ତିକ ସମ୍ପର୍କକୁ ସ୍ଥାପନ କରିବାକୁ ଆଗ୍ରହ କରନ୍ତି । ସେମାନେ ମଧ୍ୟ ଗପ ଶୁଣିବା ପାଇଁ ବହୁତ ଆଗ୍ରହ କରନ୍ତି ଯେହେତୁ ଏହା ପରିଚିତ କରାଇବା ସହିତ ବିଶ୍ୱାସୀ ହେବା ପାଇଁ ସୁବିଧା ସୁଯୋଗମାନ ପ୍ରଦାନ କରିଥାଏ । ତେଣୁ ଶିକ୍ଷକମାନେ ଏହି ସ୍ତରର ପିଲାମାନଙ୍କ ପାଖରେ ଥିବା ପ୍ରାକୃତିକ ପ୍ରକୃତିମାନଙ୍କୁ ଠିକ୍ ଭାବରେ କାର୍ଯ୍ୟରେ ଲଗାଇବା ଦରକାର ।

ଏହା ଦେଖାଯାଇଛି ଯେ କେତେକ ପିଲା ପ୍ରାଥମିକ ଶିକ୍ଷା ନ ସରୁଣୁ ସେମାନେ ପାଠପଢ଼ା ବନ୍ଦ କରି ଦିଅନ୍ତି । ତେଣୁ ସେମାନେ ବିଦ୍ୟାଳୟ ଛାଡ଼ିବା ପୂର୍ବରୁ ସେମାନଙ୍କୁ ବହୁଳ ଭାବରେ ଐତିହାସିକ ଜ୍ଞାନଦେବା ଦରକାର ଯାହାକି ସେମାନଙ୍କୁ ଦେଶର ଦାୟିତ୍ୱବାନ ନାଗରିକ ହେବାରେ ସାହାଯ୍ୟ କରିବ । ଇତିହାସ ଶିକ୍ଷାଦାନ ପ୍ରାଥମିକ ବିଦ୍ୟାଳୟ ପାଠ୍ୟକ୍ରମରେ ଏକ ଗୁରୁତ୍ୱପୂର୍ଣ୍ଣ ଏବଂ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଥାଏ । ଆମ ସାଂସ୍କୃତିକ ପରମ୍ପରା ବା ଐତିହ୍ୟର ମୁଖ୍ୟ ଉପାଦାନ ବିଷୟରେ ଗଳ୍ପ ଏବଂ ବର୍ଣ୍ଣନା ଓ ବିଶିଷ୍ଟ ବ୍ୟକ୍ତିମାନ, ଘଟଣା ଏବଂ ବିକାଶମାନ ଯାହାକି ଲୋକମାନଙ୍କର ଜୀବନକୁ ଭାରତ ଓ ଅନ୍ୟ ଦେଶମାନଙ୍କରେ ପ୍ରସ୍ତୁତ କରିବାରେ ସାହାଯ୍ୟ କରିଥାଏ । ଏହା ଇତିହାସ ପାଠ୍ୟକ୍ରମର ଏକ ଭାଗ ଭାବେ ପ୍ରାଥମିକସ୍ତରର ସାମାଜିକ ବିଜ୍ଞାନର ଅଧ୍ୟୟନରେ ଅନ୍ତର୍ଭୁକ୍ତ କରାଯିବା ଦରକାର । ପିଲାଟି ଉଚ୍ଚପ୍ରାଥମିକ ସ୍ତରରେ ଭାରତର ଅତୀତକୁ ଏହାର ମୁଖ୍ୟ ଉପାଦାନମାନ ଯଥା- ସାମାଜିକ, ସାଂସ୍କୃତିକ ଏବଂ ବୈଜ୍ଞାନିକ ବିକାଶ ଭିତ୍ତିରେ ଅଧ୍ୟୟନ କରିବା ଦରକାର ।

୪.୫.୬ ଇତିହାସ ଶିକ୍ଷାଦାନର ପଦ୍ଧତିମାନ :

ଇତିହାସ ଶିକ୍ଷାଦାନର ପ୍ରକୃତ ଏବଂ ଉପଯୁକ୍ତ ଶିକ୍ଷାଦାନ ପଦ୍ଧତିମାନ ଇତିହାସ ଶିକ୍ଷାଦାନକୁ ସରଳ, ବୋଧଗମ୍ୟ ଏବଂ ଫଳପ୍ରଦ କରିଥାଏ । ପଦ୍ଧତି କେତେକ ଉପଦେଶ ଭିତ୍ତିକ କାର୍ଯ୍ୟ ଯାହାକି ସାରଣୀଭୁକ୍ତ ହୋଇ ପିଲାମାନଙ୍କର ପଢ଼ାରେ ଫଳିତ ହୋଇଥାଏ । ଏହା ଏକ ପ୍ରକ୍ରିୟା ଯାହା ଶିକ୍ଷଣକୁ ଫଳପ୍ରଦ କରାଇଥାଏ । ଶିକ୍ଷଣକୁ ଅତି ସୁନ୍ଦର,

ବୋଧଗମ୍ୟ ଏବଂ ଫଳପ୍ରଦ କରିବାକୁ ହେଲେ ଶିକ୍ଷକ ଯେଉଁ ବିଷୟରେ ଶିକ୍ଷାଦାନ କରୁଥିବେ ସେ ବିଷୟରେ ଜ୍ଞାନଥିବା ସହିତ ଉପଯୁକ୍ତ ପଦ୍ଧତି ଚୟନ କରିବାରେ ମଧ୍ୟ ଜ୍ଞାନ ଅର୍ଜନ କରିବା ଦରକାର ।

ଏହି ପରିପ୍ରେକ୍ଷୀରେ ମାଧ୍ୟମିକ ଶିକ୍ଷା ଆୟୋଗ (୧୯୫୨-୫୩) ମତବ୍ୟକ୍ତ କରେ ଯେ, "ସବୁ ମୁଖ୍ୟ ଫଳପ୍ରଦ ପାଠ୍ୟକ୍ରମକୁ ଉପଯୁକ୍ତ ଶିକ୍ଷକ ଏବଂ ଶିକ୍ଷାଦାନ ପଦ୍ଧତି ଦ୍ୱାରା ଜୀବନ୍ତ ରୂପ ଦିଆଯାଇପାରେ ।" କାରଣ ଉପଯୁକ୍ତ ଶିକ୍ଷାଦାନ ପଦ୍ଧତି ଫଳପ୍ରଦ ଶିକ୍ଷଣ ପାଇଁ ସୁଯୋଗ ପ୍ରଦାନ କରେ । ଏଥିପାଇଁ ଉ ମ ଶିକ୍ଷକମାନଙ୍କର ଶିକ୍ଷାଦାନ ପଦ୍ଧତିମାନଙ୍କ ବିଷୟରେ ଯଥେଷ୍ଟ ପରିମାଣର ଜ୍ଞାନଥିବା ଦରକାର । କିନ୍ତୁ କୌଣସି ଗୋଟିଏ ନିର୍ଦ୍ଦିଷ୍ଟ ଇତିହାସ ଶିକ୍ଷାଦାନ ପଦ୍ଧତି ଶିକ୍ଷାଦାନ ପ୍ରକ୍ରିୟାକୁ ଫଳପ୍ରଦ କରିନଥାଏ, ଯେଉଁଥିପାଇଁ ଇତିହାସ ଶିକ୍ଷାଦାନରେ ବିଭିନ୍ନ ସ୍ତର ପାଇଁ ବିଭିନ୍ନ ପ୍ରକାରର ଉପଯୁକ୍ତ ପଦ୍ଧତି ମାନ ନିର୍ଣ୍ଣୟ କରାଯାଇଛି । ଶିକ୍ଷାଦାନ ପଦ୍ଧତି ଚୟନ କରିବାରେ ଶିକ୍ଷକ ଛାତ୍ରଛାତ୍ରୀମାନଙ୍କର ଆଗ୍ରହ, ସେମାନଙ୍କର ଶିକ୍ଷଣସ୍ତର ବା ଶ୍ରେଣୀ ଏବଂ ପଢ଼ାଉଥିବା ବିଷୟକୁ ଯଥେଷ୍ଟ ଦୃଷ୍ଟି ଦେବା ଦରକାର ।

ଇତିହାସ ଶିକ୍ଷାଦାନରେ ବିଭିନ୍ନ ପ୍ରକାରର ଶିକ୍ଷାଦାନ ପଦ୍ଧତିମାନ ଅଛି । ଶିକ୍ଷକଙ୍କର ଏହି ପଦ୍ଧତିମାନଙ୍କର ବିଷୟରେ ଯଥେଷ୍ଟ ଜ୍ଞାନ ଥିବା ଦରକାର, ଯାହାଦ୍ୱାରା କି ଇତିହାସ ଶିକ୍ଷାଦାନର ଲକ୍ଷ୍ୟ, ଉଦ୍ଦେଶ୍ୟ ଓ ମୂଲ୍ୟବୋଧମାନଙ୍କୁ ହୃଦ୍‌ବୋଧ କରିବାରେ ଏହା ଯଥେଷ୍ଟ ସହାୟ ହୋଇଥାଏ । ଇତିହାସ ଶିକ୍ଷାଦାନ ପାଇଁ ବର୍ଣ୍ଣିତ ହୋଇଥିବା ଶିକ୍ଷାଦାନ ପଦ୍ଧତିମାନ ଯେଉଁ ଗୁଡ଼ିକର କି ପ୍ରାଥମିକ ସ୍ତର ପାଇଁ ଯଥେଷ୍ଟ ଉପାଦେୟତା ଅଛି ସେଗୁଡ଼ିକ ନିମ୍ନରେ ଆଲୋଚନା କରାଗଲା ।

୧. ଗଳ୍ପ କଥନ ପଦ୍ଧତି – ପିଲା ହେଉ ବା ବୁଢ଼ା ହେଉ ସମସ୍ତେ ଗପ ଶୁଣିବାକୁ ଭଲ ପାଆନ୍ତି । ଏହା ଗଳ୍ପ କଥାନ ବା ଗପ କରିବାର ଇତିହାସ ଶିକ୍ଷାଦାନରେ ବ୍ୟବହାର କରାଯାଉଥିବା ଭଲ ଶିକ୍ଷାଦାନ ପଦ୍ଧତିମାନଙ୍କ ମଧ୍ୟରୁ ଅନ୍ୟତମ । ପା ବର୍ଷରୁ ବାରବର୍ଷ ବୟସର ପିଲାମାନେ ଗପ ଶୁଣିବାକୁ ବେଶି ଭଲ ପାଆନ୍ତି । ତେଣୁ ତାଙ୍କର ଏହି ଗପ ଶୁଣିବାକୁ ଗୁରୁତ୍ୱ ଦେଇ ଗଳ୍ପ କଥନ ପଦ୍ଧତିକୁ ପ୍ରାଥମିକ ସ୍ତରର ପିଲାମାନଙ୍କୁ ପଢ଼ାଇବାର ମୁଖ୍ୟ ପଦ୍ଧତି ରୂପେ ପରିଗଣିତ କରାଯାଏ ।

ଯଦି ଶିକ୍ଷକ ପିଲାମାନଙ୍କୁ ଅତୀତର ବିଭିନ୍ନ ସମୟର ବିଶିଷ୍ଟ ଲୋକମାନଙ୍କର ଜୀବନୀ ଏବଂ କାର୍ଯ୍ୟକଳାପ ବା କୃତିତ୍ୱ ବିଷୟରେ କୁହନ୍ତି, ତେବେ ଏହା ପିଲାମାନଙ୍କ ମଧ୍ୟରେ ନିଶ୍ଚିତ ରୂପେ ଆଗ୍ରହ ସୃଷ୍ଟି କରିବା ସହିତ କଳ୍ପନା କରିବାର ଦକ୍ଷତା ବିକାଶ ପାଇଁ ଉତ୍ସାହିତ କରାଏ । ଉପକଥା, କିମ୍ବଦନ୍ତୀ ଏବଂ ସତ୍ୟଗଳ୍ପମାନଙ୍କୁ ଗପ ଆକାରରେ କୁହାଯିବା ଦ୍ୱାରା ଏହି ପିଲାମାନଙ୍କର କଳ୍ପନା କରିବାର ଶକ୍ତି ବା ଦକ୍ଷତାର ବିକାଶ କରାଏ । ଏହା ବଣମଣିଷ, ଗୁମ୍ଫା ମଣିଷ, ଅଭିମନ୍ୟୁ, ରାମଚନ୍ଦ୍ର, ଅଶ୍ୱିନୀ କୁମାର, ଯୀଶୁ, ବୁଦ୍ଧ ଏବଂ ଅଶୋକ ଆଦି ମହାମାନବମାନଙ୍କର ଗଳ୍ପ ହୋଇପାରେ । ଏହିସବୁ ଶିକ୍ଷାଦାନ କଲାବେଳେ ଶିକ୍ଷକ ଏହାକୁ ଗପର ଆକାର ଦେବା ପାଇଁ ସମସ୍ତ ପଦକ୍ଷେପ ଅବଲମ୍ବନ କରିବା ଦରକାର । ତେଣୁ ଛାତ୍ରଛାତ୍ରୀମାନେ ସେମାନଙ୍କର କଳ୍ପନାର ଶକ୍ତି ସହିତ ବିଗତ ଦିନମାନଙ୍କୁ ଯେଉଁ ସମୟରେ ସେହ ଐତିହାସିକ ଘଟଣାମାନ ଘଟି ଯାଇଥିଲା, ସ୍ମରଣ କରି ମନରେ କଳ୍ପନା ଶକ୍ତି ଜାଗ୍ରତ କରିପାରିବେ ।

ଗଳ୍ପ କଥନ ପ୍ରଣାଳୀ ଏକ ବର୍ଣ୍ଣନାତ୍ମକ ପ୍ରଣାଳୀ ଯାହାଦ୍ୱାରା ଛାତ୍ରଛାତ୍ରୀମାନେ ଘଟଣାମାନଙ୍କୁ କାର୍ଯ୍ୟକ୍ରମେ ପୁନର୍ଗଠନ କରିଥାନ୍ତି । ଯେକୌଣସି ଗପର କଳ୍ପନାତ୍ମକ ବର୍ଣ୍ଣନା ଗଳ୍ପ କଥାନ କଳାକୁ ସୁନ୍ଦର କରିଥାଏ । ଶିକ୍ଷକ ଗଳ୍ପକଥନ ପଦ୍ଧତି ମାଧ୍ୟମରେ ଶିକ୍ଷାଦାନକୁ ସଫଳ କରାଇବାକୁ ହେଲେ ଏହି କଳା ଜାଣିବା ଦରକାର । ଗଳ୍ପ ଉପସ୍ଥାପନା ସମ୍ପୂର୍ଣ୍ଣ ଭାବେ

କାର୍ଯ୍ୟକ୍ରମ କରିବା ପାଇଁ ଶିକ୍ଷକଙ୍କର ଭାଷା ଏବଂ ଉଚ୍ଚାରଣ କରିବାର ଦକ୍ଷତା ଥିବା ଦରକାର, ଯାହାଦ୍ୱାରା କି ସେ କହୁଥିବା ଗପମାନ ଛାତ୍ରଛାତ୍ରୀମାନଙ୍କ ପାଇଁ ମନ ମୁଗ୍ଧକର ହୋଇପାରିବ । ଶିକ୍ଷକଙ୍କର ଗଳ୍ପ କଥନ ଭାବରେ ଐତିହାସିକ ଘଟଣାବଳୀ, ଭାଷା ଏବଂ ଲକ୍ଷ୍ୟ ଗୁଡ଼ିକ ସ୍ପଷ୍ଟ ଭାବରେ ବୁଝିବାରେ ଦଖଲ ଥିବା ଦରକାର ।

ଏହି ପଦ୍ଧତି ମାଧ୍ୟମରେ ଶିକ୍ଷାଦାନକୁ ସୁଫଳ କରିବାକୁ ହେଲେ ଗଳ୍ପମାନଙ୍କର ଚୟନ ଉପରେ ଗୁରୁତ୍ୱ ଦେବା ଦରକାର । ଗଳ୍ପମାନଙ୍କର ଚୟନ ଛାତ୍ରଛାତ୍ରୀମାନଙ୍କର ଶ୍ରେଣୀ ବା ଶିକ୍ଷାସ୍ତରକୁ ନେଇ ଚୟନ କରିବା ଦରକାର ଯେଉଁମାନଙ୍କ ପାଇଁକି ସେ ଗଳ୍ପ ଉର୍ଦ୍ଦିଷ୍ଟ । ଗଳ୍ପଗୁଡ଼ିକ ଭଲ ଭାବରେ ଫଳପ୍ରଦ ହେବ ଯଦି ଏହାକୁ ସମୟାନୁକ୍ରମେ ଉପସ୍ଥାପନ କରାଯାଏ । ଗଳ୍ପମାନ ସତ୍ୟଗଳ୍ପ, ଉପକଥା ଏବଂ କିମ୍ବଦନ୍ତୀ ଆକାରରେ ଉପସ୍ଥାପନ କରାଯାଏ । କିନ୍ତୁ ଶିକ୍ଷକ ଯେତେବେଳେ ଗଳ୍ପକଥନ ପଦ୍ଧତିରେ ଉପକଥା ଏବଂ କିମ୍ବଦନ୍ତୀ ଆକାରରେ ପଢ଼ାନ୍ତି ସେତେବେଳେ ସେ ନିଜେ ବିଷୟ ଭି ିକ ହୋଇ ଶିକ୍ଷାଦାନ କରିବା ଦରକାର ।

ଗଳ୍ପ – କଥନ ପଦ୍ଧତିର ଗୁଣ ବା ଉପକାରିତା – ଗଳ୍ପ କଥନ ପଦ୍ଧତି ମାଧ୍ୟମରେ ଇତିହାସ ଶିକ୍ଷାଦାନକୁ ଫଳପ୍ରଦ କରିବାକୁ ହେଲେ ଏହା ଶିକ୍ଷକମାନଙ୍କର ଗଳ୍ପମାନଙ୍କୁ ଚୟନ ଏବଂ ସେମାନଙ୍କର ଉପସ୍ଥାପନ ଉପରେ ବିଶେଷ ଗୁରୁତ୍ୱ ଦେବାକୁ ପଡ଼ିଥାଏ । ଗଳ୍ପ କଥନ ପଦ୍ଧତିର ଉପଯୋଗିତା ହେଲା -

୧. ଏହି ଶିକ୍ଷାଦାନ ପଦ୍ଧତି ପ୍ରାଥମିକସ୍ତରର ଶିକ୍ଷାର୍ଥୀମାନଙ୍କ ମଧ୍ୟରେ ପାଠ ପଢ଼ିବାକୁ ଆଗ୍ରହ ସୃଷ୍ଟି କରେ ।

୨. ଏହି ପଦ୍ଧତି ଶିକ୍ଷାର୍ଥୀମାନଙ୍କ ମଧ୍ୟରେ କଳ୍ପନା ଶକ୍ତିର ବିକାଶ ସାଧନ କରିଥାଏ ।

୩. ଏହା ପିଲାମାନଙ୍କ ମଧ୍ୟରେ ଭଲ ଗୁଣମାନ ଯଥା - ସତ୍ୟତା, ତ୍ୟାଗ ସହିତ ଅଧିକାର ଜାହିର କରିବା, ସହଯୋଗୀ ମନୋଭାବ ଏବଂ ଅନ୍ୟ ଗୁଣମାନଙ୍କର ବିକାଶ କରାଇଥାଏ ।

ଗଳ୍ପ କଥନ ପଦ୍ଧତିର ଦୋଷ - ଉପରୋକ୍ତ ବର୍ଣ୍ଣିତ ଗୁଣ ବା ଉପକାରିତା ସ ୍ୱେ ଏହି ଶିକ୍ଷାଦାନ ପଦ୍ଧତିର କେତେକ ଦୋଷ ବା ଅପକାରିତାମାନ ଅଛି । ସେଗୁଡ଼ିକ ହେଲା -

୧. ଏହି ପଦ୍ଧତି ମାଧ୍ୟମରେ ଶିକ୍ଷାଦାନ କଲାବେଳେ ଶିକ୍ଷକ ଭଲ ଭାବରେ ସଚେତନ ହେବା ଦରକାର ।

୨. ଗୁଣବାଚକ ନିୟମ ଏବଂ ତ ୍ୱମାନ ଏହି ପଦ୍ଧତି ମାଧ୍ୟମରେ ଶିକ୍ଷାଦାନ କରିହୁଏ ନାହିଁ ।

୩. ଏହି ପଦ୍ଧତି ଉଚ୍ଚଶ୍ରେଣୀ ପିଲାମାନଙ୍କର ବ୍ୟବହାରରେ ଆସେ ନାହିଁ ।

୪. ଗଳ୍ପ କଥନ ପଦ୍ଧତି ମାଧ୍ୟମରେ ଇତିହାସ ପଢ଼ାଇବା ଦ୍ୱାରା ଏହା ଇତିହାସକୁ ବିକୃତ ବା ବିରୂପ କରାଇଥାଏ ।

୨. ବର୍ଣ୍ଣନା ଓ ଆଲୋଚନାମୂଳକ ପଦ୍ଧତି – ବର୍ଣ୍ଣନା ଓ ଆଲୋଚନାମୂଳକ ପଦ୍ଧତି ଇତିହାସ ଶିକ୍ଷାଦାନର ଏକ ଗୁରୁତ୍ୱପୂର୍ଣ୍ଣ ପଦ୍ଧତି ରୂପେ ପରିଗଣିତ ଅଟେ । ଏହା ଅଳ୍ପ ବହୁତେ ବର୍ଣ୍ଣନା ଓ ପ୍ରଶ୍ନ- ଉ ର ଧାରାର ମିଳିତ ଉଦ୍ୟମରେ ସୃଷ୍ଟି ହୋଇଥାଏ । ଏହି ପଦ୍ଧତିରେ ଶିକ୍ଷକ ଐତିହାସିକ ଘଟଣାବଳୀମାନଙ୍କୁ ସମୟାନୁକ୍ରମରେ ବର୍ଣ୍ଣନା କରିବା ସହିତ

ସେଥିରେ ହେଉଥିବା ଆଲୋଚନାରେ ଅଂଶଗ୍ରହଣ କରିବାକୁ ସୁଯୋଗ ପ୍ରଦାନ କରୁଥିଲେ । ଏହି ଶିକ୍ଷାଦାନ ପଦ୍ଧତିଟି ଉଚ୍ଚଶ୍ରେଣୀର ପିଲାମାନଙ୍କ ପାଇଁ ଦରକାର ।

ବିଷୟଟି ବର୍ଣ୍ଣନା କଲାବେଳେ ଶିକ୍ଷକ ଛାତ୍ରଛାତ୍ରୀମାନଙ୍କୁ ଏପରି ଭାବରେ ପ୍ରଶ୍ନ ପଚାରିବା ଦରକାର ଯେ ଯେପରି ତାହା ସେମାନଙ୍କର ବର୍ଣ୍ଣନା କରାଯାଉଥିବା ବିଷୟରେ ପ୍ରଗତିମୂଳକ ବିକାଶ ଆଣିବାରେ ଆଗଭର କରାଇଥାଏ । ଛାତ୍ରଛାତ୍ରୀମାନେ ବଢ଼ି କିଶୋରାବସ୍ଥାରେ ପହ ନ୍ତି ଏବଂ ସେତେବେଳକୁ ସେମାନେ ବହି, ଅନ୍ୟ ସହାୟକ ଉପକରଣମାନ ବିଭିନ୍ନ ପତ୍ରପତ୍ରିକା ଏବଂ ଅନ୍ୟାନ୍ୟ ପାଠ୍ୟୋପକରଣ ମାଧ୍ୟମରେ ଆସି ବିଭିନ୍ନ ପ୍ରକାରର ଅନୁଭୂତି ଲାଭ କରିଥାନ୍ତି । ଏହା ହେବା ଦ୍ୱାରା ସେମାନେ ନିଜେ ସାମାଜିକ ପ୍ରକାଶକ ଭାବେ ସେ ବିଷୟରେ କରାଯାଉଥିବା ଆଲୋଚନାରେ ସକ୍ରିୟ ଭାବେ ଅଂଶଗ୍ରହଣ କରିଥାନ୍ତି । ଆଲୋଚନା ପାଇଁ ପିଲାଙ୍କୁ ପଚରା ଯାଇଥିବା ପ୍ରଶ୍ନମାନ ଗୋଟିଏ ଘଟଣା ବିଷୟରେ ଭଲ ଭାବରେ ଜାଣିବାକୁ ଅଭିପ୍ରେରଣା ପ୍ରଦାନ କରିଥାଏ । ଏହି ପଦ୍ଧତିରେ ଜଣା ଏବଂ ଅଜଣା ବିଷୟ ମଧ୍ୟରେ ସଂହତି ଏବଂ ସମନ୍ୱୟ ସୃଷ୍ଟି କରିବା ପାଇଁ ଯଥେଷ୍ଟ ସୁଯୋଗ ଥାଏ ।

ଏହା କେତେକ ଗୁରୁତ୍ୱପୂର୍ଣ୍ଣ ଶିକ୍ଷାଦାନ ଉପକରଣମାନ ଥାଏ- ମାନଚିତ୍ର, ଚାର୍ଟ, ଛବି, ପ୍ରତିରୂପ ଏବଂ ସମୟରେଖା ଇତ୍ୟାଦି ଦ୍ୱାରା ଶିକ୍ଷାଦାନ କରାଯାଏ । ଯଦି ଗୋଟିଏ ନିମ୍ନ ଶ୍ରେଣୀରେ ଏହି ପଦ୍ଧତି ମାଧ୍ୟମରେ ଶିକ୍ଷାଦାନ କରାଯାଏ, ତେବେ ସେଠାରେ ଅଧିକ ବର୍ଣ୍ଣନା କରିବା ସହିତ କମ ଆଲୋଚନା କରାଯାଇଥାଏ । ଯଦି ଗୋଟିଏ ଉଚ୍ଚଶ୍ରେଣୀରେ ଏହି ପଦ୍ଧତି ଅବଲମ୍ବନ କରାଯାଏ, ତାହାହେଲେ ସେଠାରେ ଅଧିକ ଆଲୋଚନା କରାଯିବା ସହିତ କମ ବର୍ଣ୍ଣନା କରିବାକୁ ପଡ଼ିଥାଏ ।

୨. ବର୍ଣ୍ଣନା ଓ ଆଲୋଚନାମୂଳକ ପଦ୍ଧତିର ଗୁଣ – ବର୍ଣ୍ଣନା ଓ ଆଲୋଚନାମୂଳକ ପଦ୍ଧତି ଇତିହାସ ଶିକ୍ଷାଦାନକୁ ଫଳପ୍ରଦ କରିବା ପାଇଁ ଏକ ବ୍ୟାବହାରିକ ପଦ୍ଧତି ରୂପେ ନିମ୍ନୋକ୍ତ ଗୁଣ ବା ଉପକାରିତାମାନ ପରିଲିକ୍ଷିତ ହୋଇଥାଏ । ସେଗୁଡ଼ିକ ହେଲା-

୧. ଏହି ଶିକ୍ଷାଦାନ ପଦ୍ଧତି ଶିକ୍ଷଣ ପ୍ରକ୍ରିୟକୁ ଏକ ପାରସ୍ପାରିକ କ୍ରିୟା ଏବଂ ମନମୁଗ୍ଧକର କରିଥାଏ । ବର୍ଣ୍ଣନା ସମୟରେ ଯେଉଁ ପ୍ରଶ୍ନମାନ ପଚରା ଯାଇଥାଏ, ତାହା ପିଲାମାନଙ୍କ ମଧ୍ୟରେ ଆଗ୍ରହ ସୃଷ୍ଟି କରିଥାଏ । ସେମାନେ ସକ୍ରିୟ ଯୋଗଦାନକାରୀ ହେବା ସହିତ ସେମାନଙ୍କ ଶିକ୍ଷଣକୁ ସକ୍ରିୟ, ହର୍ଷୋତ୍ଫୁଲ ଏବଂ ମନମୁଗ୍ଧକର କରାଯାଇଥାଏ ।

୨. ଏହି ପଦ୍ଧତି ଶିକ୍ଷାର୍ଥୀମାନଙ୍କର କଳ୍ପନା, ସମାଲୋଚନାମୂଳକ ଚିନ୍ତା ଏବଂ ବିଚାର କରିବା ଶକ୍ତିର ବିକାଶ କରିଥାଏ ।

୩. ଏହି ପଦ୍ଧତି ଇତିହାସ ଶିକ୍ଷାଦାନକୁ ସରଳ ଏବଂ ଉଦ୍ଦେଶ୍ୟମୂଳକ କରିଥାଏ ।

୪. ଏହି ପଦ୍ଧତି ଆଲୋଚନା ସମୟରେ ଦେଖା ଯାଉଥିବା ସନ୍ଦେହମାନ ଦୂର କରିବାରେ ଯଥେଷ୍ଟ ସୁଯୋଗ ପ୍ରଦାନ କରିଥାଏ ।

ବର୍ଣ୍ଣନା ଓ ଆଲୋଚନାମୂଳକ ପଦ୍ଧତିର ଦୋଷ – ଯଦିଓ ଏହି ଶିକ୍ଷାଦାନ ପଦ୍ଧତିର ଉପରୋକ୍ତ ଗୁଣ ବା ଉପକାରିତାମାନ ଥାଏ, ଏହା ଦୋଷ ଦୁର୍ବଳତା ବା ଅପକାରିତାରୁ ବ ିତ ନୁହେଁ । ସେଗୁଡ଼ିକ ହେଲା -

୧. ଏହି ପଦ୍ଧତି ଗଧ ଓ ଧୀରମତି ଶିକ୍ଷାର୍ଥୀମାନଙ୍କୁ ସେମାନଙ୍କର ପାଠ ପଢ଼ାରେ ସହାୟ ହୋଇନଥାଏ ।

୨. ଯେଉଁ ଶିକ୍ଷାର୍ଥୀମାନେ ଲଜ୍ଜାଶୀଳ ସେମାନଙ୍କୁ ଏହି ପଦ୍ଧତି ପ୍ରଜୁର୍ଯ୍ୟ ନୁହେଁ ।

ଏହି ଦୁଇଟି ଦୋଷକୁ ଦୂର କରିହେବ ଯଦି ପଦ୍ଧତିଟି ଜଣେ ଦକ୍ଷ ଏବଂ ତାଲିମପ୍ରାପ୍ତ ଶିକ୍ଷକ ଦ୍ୱାରା ବ୍ୟବହାର କରାଯାଏ ।

୩. ଡ୍ରାମ ବା ଅଭିନୟ ପଦ୍ଧତି – ଛୋଟ ପିଲାମାନେ ବେଳେବେଳେ ଅନ୍ୟମାନଙ୍କୁ ଅନୁସରଣ କରିଥାନ୍ତି, ଯାହାକି ସେମାନଙ୍କର ଜନ୍ମଗତ ଗୁଣ ରୂପେ ଧରାଯାଇଥାଏ । ଶିକ୍ଷଣର କେତେକ ଉପାଦାନ ସୃଷ୍ଟି ହୁଏ, ଯେତେବେଳେ ଛାତ୍ରଛାତ୍ରୀମାନେ ଅନୁକରଣ କରିବାକୁ ଚେଷ୍ଟା କରନ୍ତି । ଭାଷାରୁ ହସିବା ପର୍ଯ୍ୟନ୍ତ ଏବଂ ଖାଇବାରୁ ଚାଲିବା ପର୍ଯ୍ୟନ୍ତ ଏ ସମସ୍ତ ଅଭ୍ୟାସ ଏବଂ ବ୍ୟବହାରମାନ ଅନୁକରଣର ପ୍ରଭାବରୁ ବ ି ନଥାନ୍ତି । ତେଣୁ ଏହି ଅନୁକରଣକୁ ଭି ିକରି ଏହା ଜଣାଯାଏ ଯେ ଅଭିନୟର ପ୍ରବୃ ି ବହୁଥିବା ପିଲାମାନଙ୍କର ଉପରେ ପ୍ରଭାବ ବିସ୍ତାର କରିଥାଏ । ପିଲାର ଅନୁକରଣ କରିବାର ଲକ୍ଷଣ ଏବଂ ଅଭିନୟ ପ୍ରବୃ ି ଇତିହାସ ଶିକ୍ଷାଦାନରେ ଅଭିନୟ ପଦ୍ଧତିକୁ ଜନ୍ମ ଦେଇଛି ।

ଡ୍ରାମା ବା ଅଭିନୟ କହିଲେ କିଛି କରିବାକୁ ବୁଝାଏ । ଅଭିନୟରେ ପିଲାଟି କିଛି କହିବାକୁ ଉଦ୍ୟମ କରେ । ତେଣୁ ଇତିହାସ ଶିକ୍ଷାଦାନରେ ଅଭିନୟ କହିଲେ ଅତୀତର ଏକ ଅନୁଭୂତିକୁ ପୁନର୍ଗଠନ କରି ଐତିହାସିକ ଘଟଣାବଳୀମାନଙ୍କୁ ଉପସ୍ଥାପନ କରିବାର ଏକ ଉଦ୍ୟମ । ଇତିହାସ ଏକ ବିଷୟ ଭାବେ ଅଭିନୟ ପାଇଁ ଯଥେଷ୍ଟ ସୁଯୋଗ ପ୍ରଦାନ କରିଥାଏ ଏବଂ ଐତିହାସିକ ତଥ୍ୟମାନଙ୍କର ଉପସ୍ଥାପନ ଭଲ ଭାବରେ ଫଳପ୍ରଦ, ଜୀବନ୍ତ ଏବଂ ମନମୁଗ୍ଧ କରିଥାଏ ।

ଇତିହାସର ଅଭିନୟଭି ିକ ଉପସ୍ଥାପନ ଦୁଇଟି ଉପାୟରେ ହୋଇଥାଏ, ଯଥା - 'ତତ୍‌କ୍ଷଣାତ୍ ବା ପୂର୍ବରୁ ପ୍ରସ୍ତୁତ ନହୋଇ ଅଭିନୟ କରିବା' ଏବଂ 'ପ୍ରସ୍ତୁତ ଅଭିନୟ କରିବା' । ତତ୍‌କ୍ଷଣାତ୍ ବା ପୂର୍ବରୁ ପ୍ରସ୍ତୁତ ନହୋଇ ଅଭିନୟ ପ୍ରକ୍ରିୟାରେ ଐତିହାସିକ ବିଷୟଟି କାର୍ଯ୍ୟ ବା ଅଭିନୟ ବିନା ପୂର୍ବ ପ୍ରସ୍ତୁତିରେ ଉପସ୍ଥାପନ କରାଯାଇଥାଏ । ଏହା ଶିକ୍ଷକଙ୍କ ଦ୍ୱାରା ନିଜେ ବା କେତେକ ପ୍ରଭାବଶାଳୀ ପିଲାମାନଙ୍କ ଦ୍ୱାରା ଉପସ୍ଥାପନ କରାଯାଇଥାଏ ।

ପ୍ରସ୍ତୁତି ଅଭିନୟ ପ୍ରକ୍ରିୟାରେ, ପ୍ରକ୍ରିୟାଟି ସମ୍ପୂର୍ଣ୍ଣ ଭାବେ ଯୋଜନାବଦ୍ଧ ହୋଇ ପୂର୍ବରୁ ପ୍ରସ୍ତୁତ ହୋଇଥାଏ । ବିଷୟ ଚୟନ ପରେ ଭୂମିକାମାନ ଅଭିନୟରେ ଯୋଗଦାନ କରୁଥିବା ପିଲାମାନଙ୍କ ମଧ୍ୟରେ ବ । ଯାଇଥାଏ ଏବଂ ସେମାନେ କେଉଁ ଡାଇଲଗ୍‌ମାନ କହିବେ, ତାହା ମଧ୍ୟ ବ ନ କରାଯାଇଥାଏ । ଏହି ସମସ୍ତ ପ୍ରସ୍ତୁତି ଅଭିନୟର ଉପସ୍ଥାପନ ପୂର୍ବରୁ କରାଯାଇଥାଏ ।

ଅଭିନୟ ପଦ୍ଧତିର ଉପକାରିତା – ଅଭିନୟ ଇତିହାସ ଶିକ୍ଷାଦାନର ଏକ ପଦ୍ଧତି ଭାବରେ ଶିକ୍ଷାଦାନକୁ ଜୀବନ୍ତ ଏବଂ ମନ ମୁଗ୍ଧକର କରିଥାଏ । ଏହି ଶିକ୍ଷାଦାନ ପଦ୍ଧତିର ନିମ୍ନୋକ୍ତ ଉପକାରିତାମାନ ପରିଲିକ୍ଷିତ ହୋଇଥାଏ । ସେଗୁଡ଼ିକ ହେଲା-

୧. ଅଭିନୟ ଶିକ୍ଷାଦାନ ପଦ୍ଧତି 'କାର୍ଯ୍ୟ ମାଧ୍ୟମରେ ଶିକ୍ଷଣ'କୁ ଉତ୍ସାହିତ କରିଥାଏ, ଏହା ଦ୍ୱାରା ପିଲାମାନଙ୍କ ମଧ୍ୟରେ ପଢ଼ାପ୍ରତି ଯଥେଷ୍ଟ ଆଗ୍ରହ ସୃଷ୍ଟି କରିଥାଏ ।

୨. ଏକ କାର୍ଯ୍ୟଭିତ୍ତିକ ଶିକ୍ଷଣ ପ୍ରକ୍ରିୟା ରୂପେ ଏହି ଶିକ୍ଷାଦାନ ପଦ୍ଧତି ପିଲାମାନଙ୍କର ଚିନ୍ତା ଓ କଳ୍ପନା ଶକ୍ତିର ବିକାଶ କରିଥାଏ । ଏହା ମଧ୍ୟ କାର୍ଯ୍ୟ ମାଧ୍ୟମରେ ଐତିହାସିକ ଜ୍ଞାନ ଲାଭ କରିବାରେ ସାହାଯ୍ୟ କରିଥାଏ ।

୩. ଐତିହାସିକ ତଥ୍ୟ ଏବଂ ଘଟଣାବଳୀମାନ ଅଭିନୟ ମାଧ୍ୟମରେ ଉପସ୍ଥାପନ କରିବା ଦ୍ୱାରା ଛାତ୍ରଛାତ୍ରୀ ଏବଂ ଶିକ୍ଷକଙ୍କୁ ମାନବିକତା ଭାବନାର ହୃଦବୋଧ କରିବାରେ ସାହାଯ୍ୟ କରିଥାଏ ।

୪. ଏହି ଶିକ୍ଷାଦାନ ପଦ୍ଧତି ଶିକ୍ଷାଦାନକୁ ବାସ୍ତବ ରୂପ ଦେବା ସହିତ ପଢ଼ିବା ଏବଂ ବୁଝି ମନେରଖିବାର ଆଗ୍ରହ ପିଲାମାନଙ୍କ ମଧ୍ୟରେ ସୃଷ୍ଟି କରିଥାଏ ।

୫. ଶେଷ କିନ୍ତୁ ନ୍ୟୁନତମ ନୁହେଁ, ଅଭିନୟ ଇତିହାସ ଶିକ୍ଷାଦାନର ଏକ ପଦ୍ଧତି ଭାବେ ପିଲାମାନଙ୍କ ମଧ୍ୟରେ ହୃଦବୋଧ ଏବଂ ଆତ୍ମବିଶ୍ୱାସର ସହିତ କହିବାର କଳା ବିକାଶ କରନ୍ତି । ଏହା ସହିତ ଇନ୍ଦ୍ରିୟମାନଙ୍କର ସାହାଯ୍ୟରେ ପଢ଼ିବା ପାଇଁ ମଧ୍ୟ ସୁପାରିଶ କରେ ।

ଅଭିନୟ ପଦ୍ଧତିର ଅପକାରିତା - ଉପରୋକ୍ତ ଉପକାରିତା ସହିତ ଏହି ପଦ୍ଧତିରେ ନିମ୍ନୋକ୍ତ ଦୋଷତ୍ରୁଟି ଦେଖାଯାଇଥାଏ ସେଗୁଡ଼ିକ ହେଲା -

୧. ଅଭିନୟ ଶିକ୍ଷାଦାନ ପଦ୍ଧତିଟି ଉଚ୍ଚଶ୍ରେଣୀର ପିଲାମାନଙ୍କ ପାଇଁ ଉପଯୁକ୍ତ ନୁହେଁ ଏବଂ ସବୁ ବିଷୟମାନ ଏହି ପଦ୍ଧତି ଦ୍ୱାରା ଶିକ୍ଷାଦାନ କରିବାର ସୁଯୋଗ ନଥାଏ । ତେଣୁ କେବଳ କେତେକ ବିଷୟ ଏହି ପଦ୍ଧତି ମାଧ୍ୟମରେ ନିମ୍ନ ଶ୍ରେଣୀର ପିଲାମାନଙ୍କ ପାଇଁ ଉପସ୍ଥାପନ କରାଯାଇଥାଏ ।

୨. ଏହି ପଦ୍ଧତି ଏକ ସମୟସାପେକ୍ଷ ପ୍ରକ୍ରିୟା । ବେଳେବେଳେ ଅତିରିକ୍ତ ଖର୍ଚ୍ଚ ଦରକାର କରେ ।

୩. ଅଭିନୟ ଶିକ୍ଷାଦାନ ପଦ୍ଧତି ପୂରାପୁରି ଭାବେ ଶିକ୍ଷକମାନଙ୍କ ଉପରେ ନ୍ୟସ୍ତ ରହେ । କାରଣ ଯଦି ଶିକ୍ଷକ ଦକ୍ଷ ନୁହଁନ୍ତି, ତେବେ ଏହି ପଦ୍ଧତି ମାଧ୍ୟମରେ ଶିକ୍ଷାଦାନ ଜୀବନ୍ତ ଏବଂ ମନମୁଗ୍ଧକର ହୋଇନଥାଏ । ତେଣୁ ଐତିହାସିକ ତଥ୍ୟମାନ ବିକୃତ ଆକାର ଦେବାରେ ବହୁ ସମ୍ଭାବନା ଥାଏ । କିନ୍ତୁ ଯଦି ବିଦ୍ୟାଳୟରେ ଏକ ଦକ୍ଷ ଶିକ୍ଷକ ଥାଆନ୍ତି, ତେବେ ଏହି ପଦ୍ଧତି ପିଲାମାନଙ୍କ ପାଇଁ ଫଳପ୍ରଦ ହୋଇଥାଏ ।

୪. ଉତ୍ସ ବା ସୂତ୍ର ପଦ୍ଧତି - ଉତ୍ସ ବା ସୂତ୍ର ପଦ୍ଧତି ଇତିହାସ ଶିକ୍ଷାଦାନର ଅନ୍ୟ ଏକ ପଦ୍ଧତି ରୂପେ ପରିଗଣିତ । ଏହା ଏକ କାର୍ଯ୍ୟ ପଦ୍ଧତି ଏବଂ ଇତିହାସ ପଢ଼ାରେ ମଧ୍ୟ ଗ୍ରହଣ କରାଯାଏ । ଏହି ଶିକ୍ଷାଦାନ ପଦ୍ଧତିରେ ଛାତ୍ରଛାତ୍ରୀମାନେ ତାଙ୍କ ପାଖରେ ଥିବା ଉତ୍ସ ଉପକରଣମାନଙ୍କର ସାହାଯ୍ୟରେ ଇତିହାସ ସୃଷ୍ଟି କରିଥାନ୍ତି ।

ଏହା ସାଧାରଣରେ ଏକ ପ୍ରଶ୍ନ ଉଠେ ଯେ, ଐତିହାସିକମାନେ କିପରି ଅତୀତ ବିଷୟରେ ସଠିକ୍ ତଥ୍ୟ ପାଆନ୍ତି ? ଏକ ବିଂଶ ଶତାବ୍ଦୀର ମନୁଷ୍ୟ ଅତୀତରେ ଘଟିଥିବା ଘଟଣାମାନଙ୍କରେ ବ୍ୟକ୍ତିଗତ ଜ୍ଞାନ ନଥାଇ ତା' ପାଖରେ ମିଳିଥିବା

ସମ୍ଭାବିତ ସାମଗ୍ରୀମାନଙ୍କର ପ୍ରକୃତ ବ୍ୟବହାର ଦ୍ୱାରା ଯେକୌଣସି ବିଷୟରେ ଏକ ସଠିକ୍ ଐତିହାସିକ ବର୍ଣ୍ଣନା କରିପାରେ । ଉଦାହରଣସ୍ୱରୂପ - 'ଅଶୋକଙ୍କର କଳିଙ୍ଗ ଆକ୍ରମଣ ଏବଂ ବୌଦ୍ଧଧର୍ମର ପ୍ରସାର' ବିଷୟରେ ଥିବା ତଥ୍ୟମାନଙ୍କର ସଂଗ୍ରହଦ୍ୱାରା ପ୍ରସ୍ତୁତ ହୋଇପାରିଥାଏ ।

ଉତ୍ସ ବା ସୂତ୍ର ପଦ୍ଧତି ଏକ ଗୁରୁତ୍ୱପୂର୍ଣ୍ଣ ପଦ୍ଧତି, ଏହା ଉଚ୍ଚଶ୍ରେଣୀର ପିଲାମାନଙ୍କୁ ଐତିହାସିକ ଘଟଣାବଳୀମାନଙ୍କର ପ୍ରକୃତ ରୂପରେଖ ପ୍ରସ୍ତୁତ କରିବାରେ ସାହାଯ୍ୟ କରିଥାଏ । ଏଥିପାଇଁ ସେମାନେ ଉତ୍ସ ସମ୍ବନ୍ଧୀୟ ସାମଗ୍ରୀ ଯଥା - ଆତ୍ମଜୀବନୀ, ସମ୍ବାଦପତ୍ର, ପ୍ରତିମୂର୍ତ୍ତି, ଶିଳାଲିପି, ପୁରୁଣା ଦସ୍ତାବିଜ, ବସ୍ତ୍ର, କୀର୍ତ୍ତି, ମୁଦ୍ରା, ପଥରମ ସ୍ତମ୍ଭ ଇତ୍ୟାଦିମାନଙ୍କ ସାହାଯ୍ୟରେ ଐତିହାସିକ ଘଟଣାବଳୀକୁ ନେଇ ଏକ ଭଲ ଟୀକା ପ୍ରସ୍ତୁତ କରିଥାନ୍ତି । ଏହି ପଦ୍ଧତି ନିମ୍ନ ପ୍ରାଥମିକ ସ୍ତରରେ କମ ଭାବରେ ବ୍ୟବହାର କରାଯାଏ । ଶିକ୍ଷକମାନେ ଏହି ସ୍ତରରେ ପିଲାମାନଙ୍କୁ କେତେକ ଉତ୍ସ ବିଷୟରେ ଜାଣିବାକୁ ପ୍ରବର୍ତ୍ତାଇ ଥାଆନ୍ତି, ଯାହାଦ୍ୱାରାକି ଇତିହାସକୁ ଏକ ଘଟଣାଭିତ୍ତିକ ବିଷୟ ରୂପେ ଗ୍ରହଣ କରାଯାଇଥାଏ ।

ଉତ୍ସ ପଦ୍ଧତିର ଉପଯୋଗିତା – ଉତ୍ସ ପଦ୍ଧତିରେ ନିମ୍ନୋକ୍ତ ଉପଯୋଗିତା ପରିଲିକ୍ଷିତ ହୋଇଥାଏ ।

୧. ଇତିହାସ ଶିକ୍ଷାଦାନର ଏହି ପଦ୍ଧତି ଐତିହାସିକ ତଥ୍ୟମାନଙ୍କୁ ପ୍ରକୃତ ରୂପ ପ୍ରଦାନ କରିଥାଏ । ସତ୍ୟ ଏବଂ ବାସ୍ତବତା ବିଷୟରେ ହୃଦବୋଧ କରିବାରେ ଏହା ଶିକ୍ଷାର୍ଥୀମାନଙ୍କୁ ସାହାଯ୍ୟ କରିଥାଏ ।

୨. ଏକ କାର୍ଯ୍ୟଭିତ୍ତିକ ପଦ୍ଧତି ଭାବରେ ଇତିହାସ ବିଷୟକୁ କିଛି କାମ କରି ପଢ଼ିବା ପାଇଁ ଏହା ସୁଯୋଗ ପ୍ରଦାନ କରିଥାଏ । ସଂଗ୍ରହାଳୟ, ଐତିହାସିକ କୀର୍ତ୍ତି ଇତ୍ୟାଦିମାନ ଦର୍ଶନ କରିବା ଦ୍ୱାରା ଶିକ୍ଷାର୍ଥୀମାନଙ୍କ ମନରେ ଏହା ଆଗ୍ରହ ସୃଷ୍ଟି କରିଥାଏ । ବିଦ୍ୟାଳୟରେ ଏକ ସଂଗ୍ରହାଳୟ ସ୍ଥାପନ କରିବା ପାଇଁ ଏହା ମଧ୍ୟ ପିଲାମାନଙ୍କୁ ଉତ୍ସାହିତ କରିଥାଏ ।

୩. ଏହା ଦଳଗତ ଭାବେ କାମ କରିବା ଓ ଦଳଗତ ଭାବନା ସୃଷ୍ଟି କରିବା ପାଇଁ ଉତ୍ସାହିତ କରିଥାଏ ।

୪. ଐତିହାସିକ ତତ୍ୟ ସଂଗ୍ରହ ଏବଂ ଐତିହାସିକ ମନୋଭାବ ବିକାଶ କରିବାରେ ଏହି ପଦ୍ଧତି ପିଲାମାନଙ୍କୁ ଅନ୍ତର୍ଦୃଷ୍ଟି ମନୋଭାବ ପ୍ରଦାନ କରିଥାଏ ।

୫. ଭବିଷ୍ୟତରେ ଐତିହାସିକ ଗବେଷଣା କରିବାକୁ ଏହା ପିଲାମାନଙ୍କୁ ଉତ୍ସାହିତ କରିଥାଏ ।

୬. ଯଦିଓ ଏହି ପଦ୍ଧତି ଉଚ୍ଚଶ୍ରେଣୀର ପିଲାମାନଙ୍କ ପାଇଁ ଉପଯୁକ୍ତ, ଏହା ମଧ୍ୟ ନିମ୍ନଶ୍ରେଣୀର ପିଲାମାନଙ୍କ ପାଇଁ ସେମାନଙ୍କର ଆ ଳିକ ଇତିହାସ ପଢ଼ିବାରେ ବ୍ୟବହାର କରାଯାଇଥାଏ । ଏହା ଇତିହାସ ଶିକ୍ଷାଦାନକୁ ବାସ୍ତବ ଏବଂ ପୂର୍ଣ୍ଣବୋଧ କରିଥାଏ ।

ଉତ୍ସ ପଦ୍ଧତିର ଦୋଷତ୍ରୁଟି – ଉତ୍ସ ପଦ୍ଧତିର ନିମ୍ନୋକ୍ତ ଦୋଷ ପରିଲିକ୍ଷିତ ହୋଇଥାଏ । ଯଥା -

୧. ଏହି ଶିକ୍ଷାଦାନ ପଦ୍ଧତି ନିମ୍ନଶ୍ରେଣୀର ପିଲାମାନଙ୍କ ପାଇଁ ଉପଯୁକ୍ତ ନୁହେଁ ।

୨. ବେଳେବେଳେ ଐତିହାସିକ ଉତ୍ସ ବା ସୂତ୍ରମାନଙ୍କୁ ସଠିକ୍ ଭାବରେ ବ୍ୟାଖ୍ୟା କରିବାରେ କଷ୍ଟସାଧ୍ୟ ହୋଇଥାଏ ।

୩. ଏହି ପଦ୍ଧତି ଶିକ୍ଷକଙ୍କ ପକ୍ଷରେ ବହୁଳ ଭାବରେ ଦକ୍ଷତା ରହିବାର ଆବଶ୍ୟକତା କରେ ।

୪. ଏହା ନିଜେ ଏକ ପୂର୍ଣ୍ଣାଙ୍ଗ ପଦ୍ଧତି ରୂପେ ଗ୍ରହଣୀୟ ନୁହେଁ । କାରଣ ବେଳେବେଳେ ଗୋଟିଏ ବିଷୟକୁ ଶେଷ କରିବା ପାଇଁ ଶିକ୍ଷକ ଅନ୍ୟ ପଦ୍ଧତିମାନଙ୍କର ମଧ୍ୟ ସାହାଯ୍ୟ ନେଇଥାନ୍ତି ।

୫. ସବୁ ବିଷୟମାନଙ୍କୁ ଏହି ପଦ୍ଧତି ଦ୍ୱାରା ଶିକ୍ଷାଦାନ କରିବା ସମ୍ଭବ ହୋଇନଥାଏ ।

୬. ଏହା ଏକ ଅର୍ଥ ଉପରେ ପର୍ଯ୍ୟବେସିତ ଏବଂ ସମୟ ସାପେକ୍ଷ ପଦ୍ଧତି ରୂପେ ପରିଗଣିତ ଅଟେ ।

୫. ପ୍ରକଳ୍ପ ପଦ୍ଧତି - ପ୍ରୋଜେକ୍ଟ ବା ଯୋଜନା ପଦ୍ଧତି ଇତିହାସ ଶିକ୍ଷାଦାନରେ ବ୍ୟବହାର କରାଯାଉଥିବା ପଦ୍ଧତିମାନଙ୍କ ମଧ୍ୟରୁ ଅନ୍ୟତମ । ଏହା ମଧ୍ୟ ଏକ କାର୍ଯ୍ୟଭିତ୍ତିକ ପଦ୍ଧତି ରୂପେ ପରିଗଣିତ ଅଟେ । ଆମେରିକାର ବିଶିଷ୍ଟ ଦାର୍ଶନିକ ଏବଂ ଶିକ୍ଷାବିତ 'ଜନ୍‌ଡୁଇ' ଏହି ଶିକ୍ଷାଦାନ ପଦ୍ଧତିର ମୁଖ୍ୟ ପ୍ରବର୍ତ୍ତକ ଅଟନ୍ତି । ତାଙ୍କ ମତରେ ପ୍ରୋଜେକ୍ଟ ଏକ କାର୍ଯ୍ୟକୁ ବୁଝାଏ ଯାହାକି ପିଲାମାନଙ୍କର ଏକ ସମସ୍ୟା ବା ଆବଶ୍ୟକତାର ସମାଧାନ ପାଇଁ ନିଆଯାଇଥାଏ ।

ବିଶିଷ୍ଟ ଶିକ୍ଷାବିତ୍ କିଲ୍‌ପାଟ୍ରିକ୍‌ଙ୍କ ମତରେ - 'ପ୍ରୋଜେକ୍ଟ ଏପରି ଏକ ସହୃଦୟପୂର୍ଣ୍ଣ ଅଭିପ୍ରାୟଯୁକ୍ତ କ୍ରିୟା, ଯାହା ପ୍ରାକୃତିକ ସ୍ଥିତିରେ କରାଯାଇଥାଏ । ବାଲାର୍ଡ଼ାଙ୍କ ମତରେ- 'ପ୍ରୋଜେକ୍ଟ ବାସ୍ତବିକ ଜୀବନର ଏକ ଛୋଟ ଅଂଶ, ଯାହାକୁ ବିଦ୍ୟାଳୟରେ ପ୍ରତିପାଦିତ କରାଯାଇଥାଏ । ବ୍ୟାପକ ଅର୍ଥରେ କହିବାକୁ ଗଲେ- 'କର୍ମଶାଳା ପଦ୍ଧତି' ଏବଂ 'ଉତ୍ସ ପଦ୍ଧତି' ମାନ ଦ୍ୱାରା ପ୍ରୋଜେକ୍ଟ ପ୍ରଣାଳୀ ମାଧ୍ୟମରେ ପଢ଼ା ଯାଇଥାଏ । କିନ୍ତୁ ଏହି ଦୁଇ ପଦ୍ଧତିମାନଙ୍କର କାର୍ଯ୍ୟକଳାପମାନ ପାଠ୍ୟଭିତ୍ତିକ ହୋଇଥିବାବେଳେ ପ୍ରୋଜେକ୍ଟ ପଦ୍ଧତିରେ ପାଠ୍ୟଭିତ୍ତିକ କାର୍ଯ୍ୟାବଳୀ ଅପେକ୍ଷା ବାସ୍ତବ କାର୍ଯ୍ୟାବଳୀ ଉପରେ ଗୁରୁତ୍ୱ ଦିଆଯାଉଥିଲା । ଏହି ପଦ୍ଧତି କାର୍ଯ୍ୟ କରିବା ମାଧ୍ୟମରେ ଶିକ୍ଷଣ, ଜୀବନଯାପନ କରିବା ମାଧ୍ୟମରେ ଶିକ୍ଷଣ ଏବଂ ସଂଘ, ସହଯୋଗ ଏବଂ କାର୍ଯ୍ୟ ମାଧ୍ୟମରେ ଶିକ୍ଷଣ ଇତ୍ୟାଦି ନିୟମମାନ ଉପରେ ପର୍ଯ୍ୟବେସିତ ହୋଇଥିଲା । ଏହା ନିର୍ଦ୍ଦିଷ୍ଟ କାର୍ଯ୍ୟ, ଉଦ୍ଦେଶ୍ୟ ଏବଂ ଅନୁଭୂତି ଉପରେ ପର୍ଯ୍ୟବେସିତ ହୋଇଥିଲା ।

ଇତିହାସ ଶିକ୍ଷାଦାନର ଅନେକ କାର୍ଯ୍ୟାବଳୀମାନ ପ୍ରୋଜେକ୍ଟ ବା ଯୋଜନା ମାଧ୍ୟମରେ ସାଧିତ ହୋଇଥାଏ । ସେଗୁଡ଼ିକ ହେଲା - ଜାଗାପୁରି, ଭ୍ରମଣ, କାର୍ଡ଼ବୋର୍ଡ଼ ପ୍ରସ୍ତୁତି, ମାଟି କାଠରେ ପ୍ରତିରୂପମାନ ତିଆରି କରିବା, ଐତିହାସିକ ଛବି ପ୍ରସ୍ତୁତ କରିବା ଇତ୍ୟାଦି ।

ପ୍ରକଳ୍ପ ପଦ୍ଧତିରେ ବିଭିନ୍ନ ସୋପାନମାନ - ଏହି ପଦ୍ଧତିରେ ନିମ୍ନୋକ୍ତ ସୋପାନମାନଙ୍କୁ ନେଇ ଇତିହାସ ଶିକ୍ଷାଦାନ କରାଯାଏ ।

୧. ପ୍ରକଳ୍ପ ସୃଷ୍ଟି କରିବା

୨. ପ୍ରକଳ୍ପ ନିର୍ବାଚନ କରିବା

୩. ଯୋଜନା ପ୍ରସ୍ତୁତ କରିବା

୪. କାର୍ଯ୍ୟ ସମ୍ପାଦନା କରିବା

୫. ମୂଲ୍ୟାଙ୍କନ କରିବା ଏବଂ

୬. ବିବରଣୀ ପ୍ରସ୍ତୁତ କରିବା

ପ୍ରକଳ୍ପ ପଦ୍ଧତିର ଉପଯୋଗିତା

୧. ଏହି ଶିକ୍ଷାଦାନ ପଦ୍ଧତି ସମନ୍ୱୟ ଆକାରରେ ଜ୍ଞାନପ୍ରଦାନ କରିବା ସହିତ ଶିକ୍ଷାର୍ଥୀମାନଙ୍କ ମଧ୍ୟରେ ପଢ଼ିବା ପାଇଁ ଆଗ୍ରହ ସୃଷ୍ଟି କରିଥାନ୍ତି ।

୨. ଏହା ଏକ କାର୍ଯ୍ୟଭିତ୍ତିକ ପଦ୍ଧତି ହୋଇଥିବାରୁ ଐତିହାସିକ ତଥ୍ୟମାନଙ୍କୁ ଶୀଘ୍ର ମନେ ରଖିବାରେ ଏହା ସାହାଯ୍ୟ କରେ ।

୩. ଏହି ଶିକ୍ଷାଦାନ ପଦ୍ଧତି ସହଯୋଗ, ଅନ୍ତଃ ନିର୍ଭରଶୀଳତା ଏବଂ ମାତମତର ଆପୋଷ ଆଦାନପ୍ରଦାନ ଇତ୍ୟାଦି ମୂଲ୍ୟମାନ ପିଲାମାନଙ୍କ ମଧ୍ୟରେ ବିକାଶ କରିଥାଏ ।

୪. ଏହି ପଦ୍ଧତି ସ୍ୱ-ଶିକ୍ଷଣ ଏବଂ ନିଜର ସକ୍ଷମ ଅନୁସାରେ ଶିକ୍ଷଣ ଓ ଆତ୍ମବିଶ୍ୱାସ ବିକାଶ କରିବାରେ ସୁଯୋଗ ପ୍ରଦାନ କରିଥାଏ ।

୫. ଉଚ୍ଚଶ୍ରେଣୀୟ ପିଲାମାନଙ୍କ ପାଇଁ ଏହି ଶିକ୍ଷାଦାନ ପଦ୍ଧତି ଅତି ଦରକାରୀ ଅଟେ ।

ପ୍ରକଳ୍ପ ପଦ୍ଧତିର ଦୋଷତ୍ରୁଟି

୧. ପ୍ରୋଜେକ୍ଟ ବା ପ୍ରକଳ୍ପ ପଦ୍ଧତି ଏକ ସମୟ ସାପେକ୍ଷ । ପାଠ୍ୟକ୍ରମର ଯେଉଁ ଭାଗଟି ଏହି ପଦ୍ଧତି ଦ୍ୱାରା ପଢ଼ାଯାଏ ଏବଂ ତା' ପାଇଁ ଯେତିକି ସମୟ ଦିଆଯାଇଥାଏ, ତାହା ସେହି ପରିମାଣରେ ପିଲାମାନଙ୍କ ପାଇଁ ବିଶେଷ ଭାବରେ ଦରକାରୀ ହୋଇନଥାଏ ।

୨. ଏହି ପଦ୍ଧତି ମାଧ୍ୟମରେ ସବୁ ବିଷୟମାନ ପଢ଼ାଯାଇପାରେ ନାହିଁ ।

୩. ଅଭ୍ୟାସ କାର୍ଯ୍ୟ କରିବା ଏବଂ ଅନୁସରଣ ଭିତ୍ତିକ ଅଭ୍ୟାସ କରିବା ପାଇଁ ଏହି ପଦ୍ଧତିଟି ସୁଯୋଗ ପ୍ରଦାନ କରିନଥାଏ ।

୪. ନିମ୍ନ ଶ୍ରେଣୀର ପିଲାମାନଙ୍କ ପାଇଁ ଉକ୍ତ ପଦ୍ଧତିଟି ଉପଯୁକ୍ତ ନୁହେଁ ।

୪.୫.୭. ଇତିହାସ ଶିକ୍ଷାଦାନର ସହାୟକ ସାମଗ୍ରୀ :

ଇତିହାସ ଶିକ୍ଷକମାନେ ଶ୍ରେଣୀ ପ୍ରକୋଷ୍ଠରେ ଇତିହାସକୁ ପୁନର୍ଗଠନ କରିବାକୁ କଷ୍ଟସାଧ୍ୟ ହୋଇଥାଏ । ଏହି କଷ୍ଟ ବା ଅସୁବିଧାକୁ ଦୂର କରିବା ପାଇଁ ଶିକ୍ଷକ ନିଜ ଶିକ୍ଷାଦାନରେ ଶିକ୍ଷାଦାନ ସହାୟକ ସାମଗ୍ରୀମାନଙ୍କର ବ୍ୟବହାର କରେ । କାରଣ ଏହି ସାମଗ୍ରୀମାନଙ୍କର ବ୍ୟବହାର ଜୀବନ୍ତ ବାସ୍ତବତା ଦେବାରେ ଯଥେଷ୍ଟ ଅବଦାନ ଥାଏ । ବିଜ୍ଞାନ ଓ ବୈଷୟିକ ଜ୍ଞାନ କୌଶଳର ବିକାଶ ମନୁଷ୍ୟ ଜୀବନ ଏବଂ ଅନୁଭୂତିର ସବୁ କ୍ଷେତ୍ରରେ ସୁଯୋଗ ସୁବିଧା ପ୍ରଦାନ କରିବାରେ ଅବଦାନ ଥାଏ । ତେଣୁ ବିଜ୍ଞାନ ଓ ବୈଷୟିକ ଜ୍ଞାନ କୌଶଳର ପ୍ରଭାବ ଯୋଗୁଁ- ଶିକ୍ଷା କ୍ଷେତ୍ରରେ ବ୍ୟବହାର କରାଯାଉଥିବା ପୁରୁଣା

ଶିକ୍ଷାଦାନ ପଦ୍ଧତିମାନଙ୍କୁ ପରିବ ର୍ନ କରାଯାଇ ଆଧୁନିକ ଶିକ୍ଷାଦାନ ପଦ୍ଧତି ମାନ ପ୍ରୟୋଗ କରାଯାଇଛି । ଏହି ଆଧୁନିକ ଶିକ୍ଷାଦାନ ପଦ୍ଧତିମାନଙ୍କୁ ମଧ୍ୟ ଇତିହାସ ଶିକ୍ଷାଦାନ କ୍ଷେତ୍ରରେ ପ୍ରୟୋଗ କରାଯାଇଥାଏ । ଏହି ଆଧୁନିକ ଶିକ୍ଷାଦାନ ପଦ୍ଧତି ମାନଙ୍କ ମଧ୍ୟରେ ଶିକ୍ଷାଦାନ ସାମଗ୍ରୀର ବହୁଳ ବ୍ୟବହାର ଏକ ବଳିଷ୍ଠ ଭୂମିକା ଗ୍ରହଣ କରିଥାଏ, ଯାହା ସାହାଯ୍ୟରେ ଅତୀତକୁ ଆମେ ଜୀବନ୍ତ ବା ବାସ୍ତବ ରୂପ ପ୍ରଦାନ କରିଥାଉ ।

ତେଣୁ ଇତିହାସ ଶିକ୍ଷାଦାନ ଫଳପ୍ରଦ ହେବା ପାଇଁ ଏହି ଶିକ୍ଷାଦାନରେ ବିଭିନ୍ନ ପ୍ରକାରର ଶିକ୍ଷାଦାନ ସହାୟକ ସାମଗ୍ରୀମାନଙ୍କୁ ଇତିହାସ ଶିକ୍ଷକ ଜଣକ ବ୍ୟବହାର କରି ଶିକ୍ଷାଦାନ କରିବା ଉଚିତ ।

ଇତିହାସ ଶିକ୍ଷାଦାନରେ ବ୍ୟବହାର କରାଯାଉଥିବା ଶିକ୍ଷଣ ସାମଗ୍ରୀର ଗୁରୁତ୍ୱ :

ଇତିହାସ ଶିକ୍ଷାଦାନ ବ୍ୟବହାର କରାଯାଉଥିବା ଶିକ୍ଷାଦାନ ସହାୟକ ସାମଗ୍ରୀମାନଙ୍କର ଗୁରୁତ୍ୱମାନ ନିମ୍ନରେ ପ୍ରଦାନ କରାଗଲା ।

ଶିକ୍ଷଣ ସାମଗ୍ରୀଗୁଡ଼ିକ

୧. ଇତିହାସ ଶିକ୍ଷାଦାନକୁ ମନମୁଗ୍ଧକର ଏବଂ ଫଳପ୍ରଦ କରାଇବାରେ ଗୁରୁତ୍ୱ ଯଥେଷ୍ଟ ଅଧିକ ।

୨. ଶିକ୍ଷାଦାନ ପ୍ରତି ଦୃଷ୍ଟିଦେବା, ନିୟମିତ ହେବା ଏବଂ ସାଧୁତା ଭାବ ପ୍ରକାଶ କରିବା ପାଇଁ ଶିକ୍ଷାର୍ଥୀମାନଙ୍କୁ ପ୍ରବ ର୍ତ୍ତାଇଥାନ୍ତି ।

୩. ଶିକ୍ଷାଦାନ କରାଯାଉଥିବା ବିଷୟବସ୍ତୁକୁ ବାସ୍ତବ ରୂପ ପ୍ରଦାନ କରିଥାନ୍ତି ।

୪. ଶିକ୍ଷାଦାନ କରାଯାଉଥିବା ବିଷୟବସ୍ତୁ ଉପରେ ସିଧାସଳଖ ଅନୁଭୂତି ଶିକ୍ଷାର୍ଥୀମାନଙ୍କୁ ପ୍ରଦାନ କରିଥାନ୍ତି ।

୫. ଶିକ୍ଷାଦାନ ପ୍ରକ୍ରିୟାକୁ ସରଳ ଏବଂ ସୁନ୍ଦର କରିଥାନ୍ତି ।

୬. ପିଲାମାନଙ୍କର ଚିନ୍ତା ଏବଂ କଳ୍ପନା କରିବାର ଶକ୍ତି ବିକାଶ କରିବା ସହିତ ବୈଜ୍ଞାନିକ ମନୋଭାବର ଉଦ୍ରେକ କରିଥାନ୍ତି ।

୭. ଶିକ୍ଷାଦାନ କ୍ଷେତ୍ରରେ ପିଲାମାନଙ୍କ ମଧ୍ୟରେ ମନୋବିଜ୍ଞାନ ମନୋଭାବ ଏବଂ ଚିନ୍ତାଧାରାର ଉଦ୍ରେକ କରିଥାନ୍ତି ।

୮. ପିଲାମାନଙ୍କ ମଧ୍ୟରେ ସମୟ ଜ୍ଞାନ ଏବଂ ସ୍ଥାନ ଭାବନାର ବିକାଶ କରିଥାନ୍ତି ।

ଶିକ୍ଷାଦାନ ସହାୟକ ସାମଗ୍ରୀମାନଙ୍କର ବିଭାଗୀକରଣ

ଇତିହାସ ଶିକ୍ଷାଦାନରେ ବ୍ୟବହାର କରାଯାଉଥିବା ଶିକ୍ଷାଦାନ ସହାୟକ ସାମଗ୍ରୀମାନଙ୍କୁ ନିମ୍ନୋକ୍ତ ଶ୍ରେଣୀର ବିଭକ୍ତ କରାଯାଇଛି । ସେଗୁଡ଼ିକ ହେଲା -

୧. ଶ୍ରାବ୍ୟ ସହାୟକ ସାମଗ୍ରୀ :- ଶ୍ରାବ୍ୟ ସହାୟକ ସାମଗ୍ରୀର ଶିକ୍ଷାର୍ଥୀମାନେ ଶୁଣି ଶିକ୍ଷାଗ୍ରହଣ କରିଥାନ୍ତି । ବିଭିନ୍ନ ଶ୍ରାବ୍ୟ ସାମଗ୍ରୀମାନଙ୍କ ମଧ୍ୟରେ ରେଡ଼ିଓ, ଗ୍ରାମୋଫୋନ୍, ଟେପରେକର୍ଡ଼ର ଇତ୍ୟାଦି ଇତିହାସ ଶିକ୍ଷାଦାନରେ ସହାୟକ ହୋଇଥାଏ ।

୨. ଦୃଶ୍ୟ ସହାୟକ ସାମଗ୍ରୀ :- ଦୃଶ୍ୟ ସହାୟକ ସାମଗ୍ରୀର ଶିକ୍ଷାର୍ଥୀମାନେ ଦେଖି ଶିକ୍ଷାଗ୍ରହଣ କରିଥାନ୍ତି । ବିଭିନ୍ନ ଦୃଶ୍ୟ ସହାୟକ ସାମଗ୍ରୀ ମଧ୍ୟରେ କଳାପଟା, ଛବି, ପ୍ରତିରୂପ (ମଡ଼େଲ), ମାନଚିତ୍ର, ରେଖାଚିତ୍ର, ସ୍କେଚ, ଫଟୋସ୍ଲାଇଡ୍, ଗ୍ଲୋବ୍, ସମୟ ରେଖା, ସମୟାନୁକ୍ରମଚାର୍ଟ ଇତ୍ୟାଦି ଅନ୍ତର୍ଭୁକ୍ତ କରାଯାଇଥାଏ ।

୩. ଶ୍ରାବ୍ୟ-ଦୃଶ୍ୟ ସାମଗ୍ରୀ :- ଶ୍ରାବ୍ୟ-ଦୃଶ୍ୟ ସହାୟକ ସାମଗ୍ରୀର ଶିକ୍ଷାର୍ଥୀମାନେ ଦେଖି ଏବଂ ଶୁଣି ଶିକ୍ଷା ଗ୍ରହଣ କରିଥାନ୍ତି । ବିଭିନ୍ନ ଶ୍ରାବ୍ୟ-ଦୃଶ୍ୟ ସହାୟକ ସାମଗ୍ରୀ ମଧ୍ୟରେ ସିନେମା ବା ଚଳଚ୍ଚିତ୍ର, ଟି.ଭି. ଡ୍ରାମା ଇତ୍ୟାଦି ଅନ୍ତର୍ଭୁକ୍ତ କରାଯାଇଥାଏ ।

ଏହାବ୍ୟତୀତ ଶିକ୍ଷାଦାନ ସହାୟକ ସାମଗ୍ରୀମାନଙ୍କୁ ଦୁଇ ଭାଗରେ ବିଭକ୍ତ କରାଯାଇଛି । ଯଥା - ପ୍ରୋଜେକ୍ଟ ଟେଡ୍ ଏବଂ 'ନନ୍‌ପ୍ରୋଜେକ୍ଟଟେଡ୍ ସହାୟକ ସାମଗ୍ରୀ । ପ୍ରୋଜେକ୍ଟଟେଡ୍ ସାମଗ୍ରୀମାନେ ଫିଲ୍ମ-ଷ୍ଟ୍ରିମ୍, ସ୍ଲାଇଡ୍, ପ୍ରୋଜେକ୍ଟର, ଓଭର ହେଡ୍ ପ୍ରୋଜେକ୍ଟର ଏବଂ ନନ୍‌ପ୍ରୋଜେକ୍ଟଟେଡ୍, ସାମଗ୍ରୀ ଭାବରେ ଗ୍ରାଫିକ୍ ଉପକରଣ, ପ୍ରଦର୍ଶନୀ ଉପକରଣ, ପ୍ରଦର୍ଶନ ବୋର୍ଡ଼ ଏବଂ ମାନଚିତ୍ରମାନ ଅନ୍ତର୍ଭୁକ୍ତ କରାଯାଇଥାଏ ।

ଶ୍ରେଣୀଗୃହରେ ବ୍ୟବହାର କରାଯାଉଥିବା ଶିକ୍ଷାଦାନ ସହାୟକ ସାମଗ୍ରୀମାନଙ୍କୁ ଶ୍ରାବ୍ୟ-ଦୃଶ୍ୟ ଶିକ୍ଷାଦାନ ସାମଗ୍ରୀ ରୂପେ ବିବେଚିତ କରାଯାଇଥାଏ । ନିମ୍ନୋକ୍ତ ପୃଷ୍ଠାମାନଙ୍କରେ ଇତିହାସ ଶିକ୍ଷାଦାନରେ ବ୍ୟବହାର କରାଯାଉଥିବା କେତେକ ଶିକ୍ଷାଦାନ ସହାୟକ ସାମଗ୍ରୀମାନଙ୍କ ବିଷୟରେ ଆଲୋଚନା କରାଗଲା ।

୧. ସମୟ ରେଖା – ପିଲାମାନଙ୍କ ମଧ୍ୟରେ ସମୟଜ୍ଞାନ ସୃଷ୍ଟି କରିବା ଇତିହାସ ଶିକ୍ଷାଦାନର ଅତିକଷ୍ଟ ସମସ୍ୟାମାନଙ୍କ ମଧ୍ୟରୁ ଅନ୍ୟତମ । କାରଣ ଯେକୌଣସି ଘଟଣାର ସମୟ ଜାଣିବା ଏହି ଶିକ୍ଷାଦାନ ପାଇଁ ଗୁରୁତ୍ୱପୂର୍ଣ୍ଣ ହୋଇଥିଲେ ମଧ୍ୟ ସମୟ ଜ୍ଞାନର ଧାରଣା ବିଷୟରେ ବୁଝିବା ପିଲାମାନଙ୍କ ପକ୍ଷେ ବହୁ କଷ୍ଟସାଧ୍ୟ ହୋଇଥାଏ । ସମୟ ରେଖାରେ ତାରିଖମାନଙ୍କୁ ଖାଲି ସେମିତି ଲେଖିଦେଲେ ଯଥା- ଖ୍ରୀ.ପୂ. ୫୫୬ ବା ୫୨୬ ଖ୍ରୀଷ୍ଟାବ୍ଦ କିଛି ବାସ୍ତବ ଅର୍ଥ ପିଲାମାନଙ୍କୁ ଦେଇନଥାଏ । ଯେକୌଣସି ପିଲାମାନଙ୍କୁ ସମୟ ରେଖା ସାହାଯ୍ୟରେ ସମୟ ଜ୍ଞାନର ବିକାଶ କରାଯାଇନଥାଏ । ସେତେବେଳେ ପର୍ଯ୍ୟନ୍ତ ସେମାନେ ଗୁରୁତ୍ୱ ଦିଆଯାଇଥିବା ସମୟକୁ ମନେରଖିବା ବ୍ୟତୀତ ବୁଝି ନଥାନ୍ତି । ତେଣୁ ଶିକ୍ଷକ ଏବଂ ପିଲାମାନେ ସମୟରେଖା ସହିତ ସମୟର ସମ୍ପର୍କ ଯଥା- ଦୂରତ୍ୱ, ସମୟ ଏବଂ ଅବସ୍ଥିତିର ଗୁରୁତ୍ୱ ବୁଝିବା ଦରକାର । ସମୟରେଖା ଗୋଟିଏ ଘଟଣାର ଦୂରତ୍ୱ, ସମୟ ଏବଂ ଅବସ୍ଥିତିର ଏକ ସମୟର ରେଖାଙ୍କିତ ଉପସ୍ଥାପନ ।

ଏଠାରେ ଦୂରତ୍ୱ ଘଟଣାଟି ଘଟିଥିବା ସମୟ ଏବଂ ବ ର୍ତ୍ତମାନ ସମୟ ମଧ୍ୟରେ ଶୂନ୍ୟକୁ ବୁଝାଇଥାଏ । କେତେ ପରିମାଣର ସମୟ ଘଟଣମାନ ଘଟିବାକୁ ଦେଇଥାଏ ସେ ବିଷୟରେ ଜଣାଇଥାଏ । 'ଅବସ୍ଥିତି' କୌଣସି ଏକ ସମୟର ଐତିହାସିକ ଘଟଣା ଏବଂ ବ୍ୟକ୍ତିମାନଙ୍କୁ ବୁଝାଇଥାଏ । ତେଣୁ ସମୟରେଖା କୌଣସି ନିର୍ଦ୍ଦିଷ୍ଟ ଘଟଣାବଳୀକୁ ସ୍ପଷ୍ଟ ଭାବରେ

ନିର୍ଦ୍ଦିଷ୍ଟ କରିବା ପାଇଁ ତାହାକୁ ସମୟ ରେଖାରେ ଦେଖାଇଥାଏ । ସମୟରେଖା ଏକ ଦୃଶ୍ୟ ସହାୟକ ଶିକ୍ଷାଦାନ ସହାୟକ ସାମଗ୍ରୀ ଯାହାକି ସମୟଜ୍ଞାନକୁ ସ୍ଥୁଳ ବିଶେଷଜ୍ଞାନରେ ରୂପାନ୍ତରିତ କରିଥାଏ । ଏହାଦ୍ୱାରା ସମୟର ସମୟାନୁକ୍ରମ ଏବଂ ଦୂରତ୍ୱ ସହିତ ଅବସ୍ଥିତି ଭଲ ଭାବରେ ଜାଣି ହୋଇଥାଏ । ପିଲାମାନଙ୍କ ମଧ୍ୟରେ ସମୟ ଜ୍ଞାନର ଉଦ୍ରେକ କରାଇବା ଭାରି ସହଜ ଏବଂ ଐତିହାସିକ ତାରିଖ ଏବଂ ଘଟଣା ବିଷୟରେ ବୈଜ୍ଞାନିକ ଜ୍ଞାନ ବିକାଶ କରିବାରେ ସମୟରେଖା ସାହାଯ୍ୟ କରିଥାଏ ।

ଇତିହାସ ଶିକ୍ଷାଦାନରେ ବିଭିନ୍ନ ପ୍ରକାରର ସମୟରେଖାମାନ ବ୍ୟବହାର କରାଯାଇଥାଏ । ଯଥା - ଅଗ୍ରଗାମୀ ସମୟରେଖା, ପଶ୍ଚାତଭିମୁଖୀ ସମୟରେଖା, ଚିତ୍ର ଭି ିକ ଏବଂ ତୁଳାନାତ୍ମକ ସମୟରେଖା । ଅଗ୍ରଗାମୀ ସମୟରେଖା ଘଟଣାମାନଙ୍କର ସମୟାନୁକ୍ରମକୁ ଅତୀତରୁ ବ ର୍ତ୍ତମାନ ଭାବରେ ଉପସ୍ଥାପନ କରିଥାଏ । ପଶ୍ଚାତଭିମୁଖୀ ସମୟରେଖାରେ



ଚିତ୍ର -୧ ଚିତ୍ରଭିତ୍ତିକ ସମୟରେଖା

ବ ର୍ତ୍ତମାନରୁ ଅତୀତକୁ ଭି ିକରି ଘଟଣାମାନ ଉପସ୍ଥାପନ କରାଯାଇଥାଏ । ଚିତ୍ରଭି ିକ ସମୟରେଖାରେ ଐତିହାସିକ ଘଟଣାବଳୀ, ବ୍ୟକ୍ତିତ୍ୱମାନ ଆଲୋକ ଚିତ୍ର ମାଧ୍ୟମରେ ସମୟରେଖାର ଅଗ୍ରଭାଗରେ ଉପସ୍ଥାପନ କରାଯାଇଥାଏ । ଏହି ପ୍ରକାରର ସମୟରେଖା ସାଧାରଣତଃ ନିମ୍ନଶ୍ରେଣୀମାନଙ୍କରେ ବ୍ୟବହାର କରାଯାଇଥାଏ । ତୁଳନାତ୍ମକ ସମୟରେଖା ବିଭିନ୍ନ ଦେଶର ଏକ ସମୟରେ ଘଟିଥିବା ଘଟଣାମାନଙ୍କୁ ଉପସ୍ଥାପନ କରାଇଥାଏ । ଏହି ପ୍ରକାରର ସମୟରେଖା ଉଚ୍ଚଶ୍ରେଣୀର ପିଲାମାନଙ୍କ ପାଇଁ ଉପଯୁକ୍ତ ଅଟେ । ଚିତ୍ରଭି ିକ ସମୟରେଖାର ଏକ ପ୍ରତିରୂପ ନିମ୍ନରେ ପ୍ରଦ କରାଗଲା ।

ସମୟ ରେଖାର କୌଣସି ନିର୍ଦ୍ଦିଷ୍ଟ ଘଟଣାବଳୀକୁ ସ୍ପଷ୍ଟ ଭାବରେ ନିର୍ଦ୍ଦିଷ୍ଟ କରିବା ପାଇଁ ତାହା ଯେଉଁ ଶତାବ୍ଦୀର ଘଟଣା, ତାହାକୁ ଦଶ ସମାନ ବିଭାଗରେ ବିଭକ୍ତ କରାଯାଏ, ଫଳରେ ପ୍ରତ୍ୟେକ ବିଭାଗ ଦଶବର୍ଷର ବ୍ୟବଧାନକୁ ଚିହ୍ନିତ କରେ । ସେହିପରି ବେଳେବେଳେ ଏହି ଉପବିଭାଗକୁ ପୁନର୍ବାର ଦଶ ସମାନ ଭାଗରେ ବିଭକ୍ତ କରାଯାଏ । ପ୍ରତ୍ୟେକ ବିଭାଗ ଗୋଟିଏ ବର୍ଷର ବ୍ୟବଧାନ ବ୍ୟବଧାନ ପାଇଁ ଉର୍ଦ୍ଦିଷ୍ଟ । ଆଲୋଚିତ କୌଣସି ପ୍ରସଙ୍ଗରେ ବହୁ ଘଟଣାବଳୀ ସମ୍ପର୍କରେ ଉଲ୍ଲେଖ ଥିଲେ ଏବଂ ଏହି ଘଟଣାବଳୀ ବିଭିନ୍ନ ମସିହାରେ ଘଟିଥିଲେ, ନିର୍ଦ୍ଦିଷ୍ଟ ଶତାବ୍ଦୀ ବ୍ୟବଧାନରେ ସବୁ ଘଟଣା ସ୍ପଷ୍ଟ ଭାବରେ ଚିହ୍ନିତ କରିହୁଏ ନାହିଁ । ତେଣୁ ଉକ୍ତ ଶତାବ୍ଦୀକୁ ପରିବର୍ଦ୍ଧିତ କରି ମୁଖ୍ୟ ସମୟ ରେଖାର ସମାନ୍ତରାଳ ଭାବରେ ରହିଥିବା ଆଉ ଏକ ରେଖା ସହ ଏହାକୁ ନିର୍ଦ୍ଦିଷ୍ଟ କରାଯାଇପାରେ । କୌଣସି ପ୍ରସଙ୍ଗ ଦୁଇଟି ଶତାବ୍ଦୀ ସହ ସମ୍ପୃକ୍ତ ଥିଲେ ଉକ୍ତ ଦୁଇ ଶତାବ୍ଦୀର ବ୍ୟବଧାନକୁ ପରିବର୍ଦ୍ଧିତ କରାଯାଇପାରେ । କିନ୍ତୁ ଏପରି ଏକ ସମୟରେଖା ବ୍ୟବହାର କରିବା ପୂର୍ବରୁ ପିଲାମାନଙ୍କୁ ଏ ସମ୍ପର୍କରେ ସ୍ପଷ୍ଟ ଧାରଣା ଦିଆଯିବା ଦରକାର । ସମୟ ସମ୍ପର୍କରେ ଉପଯୁକ୍ତ ଧାରଣା ଦେବା ପାଇଁ ସାନରେଖା ଓ ବର୍ଦ୍ଧିତ ରେଖା ମଧ୍ୟରେ ନିମ୍ନରେ ବାବରଙ୍କ ଶାସନକାଳର କେତେକ ଘଟଣାବଳୀ ପ୍ରଦର୍ଶନ କରିବା ପାଇଁ ଏକ ସମୟରେଖା ନିମ୍ନରେ ପ୍ରଦ କରାଗଲା ।

୨. ଛବି ବା ଚିତ୍ର – ସାଧାରଣତଃ ପିଲାମାନଙ୍କର ଚିତ୍ର ବା ଛବିମାନଙ୍କ ପ୍ରତି ସ୍ୱତନ୍ତ୍ର ଦୁର୍ବଳତା ଥାଏ । ଚିତ୍ରଗୁଡ଼ିକ ଗୁଣବାଚକ ଧାରଣାଗୁଡ଼ିକ ବୁଝିବାରେ ସହାୟକ ହୋଇଥାଏ । ନିମ୍ନ ଶ୍ରେଣୀର ପିଲାମାନେ ଇତିହାସକୁ ଭଲ ଭାବରେ ବୁଝିବାରେ ଛବିମାନ ସାହାଯ୍ୟ କରିଥାଏ, କାରଣ ଛବିମାନ ଇତିହାସ ବିଷୟମାନଙ୍କୁ ବାସ୍ତବ ରୂପ ଦେଇଥାଏ ।

ଛବିମାନ ଦୃଶ୍ୟ ସହାୟକ ଶିକ୍ଷାଦାନ ସହାୟକ ସାମଗ୍ରୀ ଭାବରେ ଐତିହାସିକ ଘଟଣାବଳୀମାନଙ୍କର ଉପସ୍ଥାପନକୁ ବାସ୍ତବ ଏବଂ ମନମୁଗ୍ଧକର କରିଥାଏ । ଗୋଟିଏ ମନୁଷ୍ୟର ଶାରୀରିକ ଏବଂ ସାମାଜିକ କାର୍ଯ୍ୟକଳାପ ତା'ର ଶାରୀରିକ ଏବଂ ପ୍ରାକୃତିକ ପରିବେଶକୁ ଭି ିକରି ବୁଝିବାରେ ଏହା ସାହାଯ୍ୟ କରିଥାଏ । ତେଣୁ ଛବି ଇତିହାସ ଶିକ୍ଷାଦାନର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ ।

ଇତିହାସ ଶିକ୍ଷାଦାନର ବିଭିନ୍ନ ପ୍ରକାରର ଛବିମାନ ବ୍ୟବହାର କରାଯାଇଥାଏ । ଯଥା- ପୋଷ୍ଟକାର୍ଡ଼ ଛବି, ଛବିଚାର୍ଟ, ନକ୍ସା, ଚିତ୍ର ଇତ୍ୟାଦି । ଛବି ପୋଷ୍ଟକାର୍ଡ଼ମାନ ବିଭିନ୍ନ ଐତିହାସିକ ଘଟଣା, କୀ ିର ସ୍ଥାନ, ବ୍ୟକ୍ତିତ୍ୱ ଏବଂ ଘଟଣାମାନଙ୍କ ଉପରେ ଆଧାରିତ ହୋଇ ପ୍ରସ୍ତୁତ କରାଯାଇଥାଏ । ଏହି ପ୍ରକାରର ଛବି ଶୀଘ୍ର ଏବଂ ଭଲ ଭାବରେ ବଜାରରେ ମିଳିଥାଏ । ସେହିପରି ଛବିଚାର୍ଟ ମଧ୍ୟ ବଜାରରେ ମିଳିଥାଏ, ଯେଉଁଠାରେ କି ଐତିହାସିକ ତଥ୍ୟ, ବ୍ୟକ୍ତିତ୍ୱ ଏବଂ ଘଟଣାବଳୀମାନ ଏକତ୍ରିତ କରାଯାଇ ଉପସ୍ଥାପନ କରାଯାଏ । ନକ୍ସା ଚିତ୍ରମାନଙ୍କରେ ଗୁଣବାଚକ ଧାରଣା ଏବଂ ଆଦର୍ଶମାନ ଛବି ଆକାରରେ



Fig. 2 – Preparation of a time line

ଉପସ୍ଥାପନ କରାଯାଏ । ଏହି ପ୍ରକାରର ଚିତ୍ରମାନ ପିଲାମାନଙ୍କ ମଧ୍ୟରେ ମୌଳିକ ଚିନ୍ତାର ବିକାଶ କରିବା ସହିତ ଉଚ୍ଚଶ୍ରେଣୀର ପିଲାମାନଙ୍କୁ ଭଲ ଭାବରେ ସାହାଯ୍ୟ କରିଥାଏ ।

ଛବିଗୁଡ଼ିକ ହାତରେ ଅଙ୍କାଯାଇପାରେ କିମ୍ବା ଛପାଯାଇ ପାରିଥାଏ । ଛବିମାନଙ୍କର ବ୍ୟବହାର ଦ୍ୱାରା ଇତିହାସ ଶିକ୍ଷାଦାନକୁ ସଫଳ କରିବାକୁ ହେଲେ ଶିକ୍ଷକ ଛବିମାନଙ୍କୁ ଭଲ ଭାବରେ ଦେଖିବା ପାଇଁ ପିଲାମାନଙ୍କୁ ଅନୁମତି ଦେବା ଦରକାର । ଏହାଦ୍ୱାରା ସେମାନେ ଭଲ ଭାବରେ ଅନୁଧ୍ୟାନ କରିପାରିବେ । ଶିକ୍ଷକ ଛବିମାନଙ୍କୁ ଗୋଟିଏ ପରେ ଗୋଟିଏ ଦେଖି ସମୟାନୁକ୍ରମରେ ସଜାଡ଼ିବା ଦରକାର । ସେ ଶ୍ରେଣୀ ଗୃହରେ ବ୍ୟବହାର କରାଯାଉଥିବା ଛବିମାନଙ୍କ ବିଷୟ ଉପରେ ଅଧ୍ୟୟନ କରିବା ଦରକାର । ବହୁ ଛବିମାନ ଅଛି ଯେଉଁଗୁଡ଼ିକ କି ପିଲାମାନଙ୍କୁ ଦେଖାଇବା ସମ୍ଭବପର ନୁହେଁ । ତେଣୁ ଶିକ୍ଷକ ଯତ୍ନର ସହିତ ବିଷୟ ଭିତ୍ତିକ ବା ଉପଯୋଗୀ ଛବିମାନଙ୍କୁ ଚୟନ କରି ଶିକ୍ଷାଦାନରେ ବ୍ୟବହାର କରିବା ଦରକାର । ବିଭିନ୍ନ ପ୍ରକାରର ଛବି ସଂଗ୍ରହ କରିବା ପାଇଁ ଶିକ୍ଷକ ପିଲାମାନଙ୍କୁ ଉତ୍ସାହିତ କରିବା ଦରକାର, ଯାହାକି ସେମାନଙ୍କର ସୃଜନଶୀଳ ଶକ୍ତିର ବିକାଶ କରିବାରେ ସାହାଯ୍ୟ କରିଥାଏ ।

ଶ୍ରେଣୀ ଗୃହରେ ବ୍ୟବହାର କରାଯାଉଥିବା ଛବିମାନ ଗୁଣାତ୍ମକ ହେବା ସହିତ ଆକାରରେ ବଡ଼ ହେବା ଉଚିତ ଯାହାଦ୍ୱାରା ଇତିହାସ ଶିକ୍ଷାଦାନ ବାସ୍ତବରୂପ ଧାରଣ କରିଥାଏ । ତେଣୁ ଶ୍ରେଣୀଗୃହରେ ଛବିମାନଙ୍କର ବ୍ୟବହାର ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଥାଏ । ଏଠାରେ କୁହାଯାଇପାରେ ଯେ ଗୋଟିଏ ପ୍ରକୃତ ଉପଯୋଗୀତା ସମ୍ପନ୍ନ ଛବିର ମୂଲ୍ୟ ଦଶହଜାର ଶବ୍ଦ ସହିତ ସମାନ ଅଟେ ।

୩. ଚାର୍ଟ – ଚାର୍ଟ ଏକ ବ୍ୟାପକ ଶିକ୍ଷାଦାନ ସହାୟକ ସାମଗ୍ରୀ ଯାହାକି ଛବି, ରେଖାଙ୍କିତ, ନାମାଙ୍କିତ ଏବଂ ମୌଳିକ ସାମଗ୍ରୀମାନଙ୍କର ସମ୍ମିଶ୍ରଣ ଅଟେ । ଏହା ଏକ ନିୟମାନୁକ୍ରମ ଏବଂ ଯୁକ୍ତିଯୁକ୍ତ ପଦ୍ଧତି ଯାହାକି ମୁଖ୍ୟ ତଥ୍ୟ ଏବଂ ଧାରଣାମାନଙ୍କ ମଧ୍ୟରେ ଥିବା ସମ୍ପର୍କକୁ ପ୍ରଦର୍ଶନ କରାଇଥାଏ । ଏହା ସମ୍ବନ୍ଧଯୁକ୍ତ ବିକାଶ, ପ୍ରଗତି ଏବଂ ସଙ୍ଗଠନ ଇତ୍ୟାଦିକୁ ତୁଳନା ଏବଂ ବିରୁଦ୍ଧାଚରଣ କରିବାରେ ସାହାଯ୍ୟ କରେ । ଏହି ଶିକ୍ଷାଦାନ ସହାୟକ ସାମଗ୍ରୀ ଐତିହାସିକ ଘଟଣାମାନଙ୍କୁ ଏକ ପୂର୍ଣ୍ଣାଙ୍ଗ ସମୟାନୁକ୍ରମ ଏବଂ ଯୁକ୍ତିଯୁକ୍ତ ଭାବରେ ଉପସ୍ଥାପନ କରିବାରେ ଶିକ୍ଷକଙ୍କୁ ସାହାଯ୍ୟ କରେ ।

ଚାର୍ଟଗୁଡ଼ିକୁ କେତେ ଭାଗରେ ବିଭକ୍ତ କରାଯାଇଛି । ଯଥା - ତାଲିକାଚାର୍ଟ, ବଂଶାବଳୀ ସମ୍ବନ୍ଧୀୟ ଚାର୍ଟ, ଧାରାବାହିକ ଚାର୍ଟ ଏବଂ ସମୟାନୁକ୍ରମ ଚାର୍ଟ ଇତ୍ୟାଦି ।

ତାଲିକା ବା ଟେବୁଲ ଚାର୍ଟମାନ ଏପରି ଚାର୍ଟ ଯେଉଁଥିରେ ଐତିହାସିକ ତଥ୍ୟାବଳୀଗୁଡ଼ିକ ଏକ ତାଲିକା ଟେବୁଲ ଆକାରରେ ଉପସ୍ଥାପନ କରାଯାଏ । ଏପରି ପିଲାମାନେ ଏହାକୁ ଦେଖି ଐତିହାସିକ ବିଷୟରେ ଏକ ବ୍ୟାପକ ଜ୍ଞାନ ପାଇଥାଆନ୍ତି । ବିଭିନ୍ନ ପ୍ରକାରର ଐତିହାସିକ ଘଟଣା ଏବଂ ତଥ୍ୟମାନ ବିଷୟମାନଙ୍କ ଉପରେ ପର୍ଯ୍ୟବେସିତ ହୋଇ ବିଭିନ୍ନ ଭାଗରେ ଉପସ୍ଥାପନ ହୋଇଥାଏ ।

ବଂଶାବଳୀ ସମ୍ବନ୍ଧୀୟ ଚାର୍ଟମାନଙ୍କରେ କୌଣସି ରାଜ୍ୟ, ରାଜବଂଶ ଏବଂ ଅନ୍ୟାନ୍ୟ ଐତିହାସିକ ତଥ୍ୟମାନ ଉପସ୍ଥାପନ କରାଯାଇଥାଏ । ରେଖାଙ୍କିତ ଭାବରେ ଗୋଟିଏ ସମ୍ରାଜ୍ୟର ବୃଦ୍ଧି ଓ ବିକାଶକୁ ଉପସ୍ଥାପନ କରିବା ପାଇଁ ଏହା ବ୍ୟବହାର କରାଯାଇଥାଏ । ସଂକ୍ଷେପରେ କହିବାକୁ ଗଲେ ଐତିହାସିକ ବିଷୟମାନଙ୍କର ସାରାଂଶ ନିର୍ଣ୍ଣୟ କରିବାରେ ଏହା ସାହାଯ୍ୟ କରେ । ଉଦାହରଣସ୍ୱରୂପ ଆମେ ମୋଗଲ ସାମ୍ରାଜ୍ୟ ଉପରେ ଏକ ବଂଶାବଳୀ ଚାର୍ଟ ପ୍ରସ୍ତୁତ କରିପାରିବା ଯାହାକି ବାବରଙ୍କଠାରୁ ଆରମ୍ଭ ହୋଇଥାଏ ।

ଧାରାବାହିକ ଚାର୍ଟମାନଙ୍କରେ ସାଙ୍ଗଠନିକ ଉପାଦାନ, ପ୍ରଶାସନିକଧାରା ଏବଂ ପ୍ରଶାସନିକ ବିଭିନ୍ନ ଅଙ୍ଗ ବା ସଂସ୍ଥାମାନଙ୍କ ମଧ୍ୟରେ ଥିବା ଅନ୍ତଃ-ସମ୍ପର୍କର ବର୍ଣ୍ଣନା ପ୍ରଦ ଥାଏ । ଏହି ପ୍ରକାରର ଚାର୍ଟ ସବୁ ଶ୍ରେଣୀର ପିଲାମାନଙ୍କୁ ନଗର ବିଜ୍ଞାନ ପଢ଼ାଇବାରେ ସାହାଯ୍ୟ କରିଥାଏ ।

ସମୟାନୁକ୍ରମଚାର୍ଟ ଐତିହାସିକ ଘଟଣାବଳୀ ଓ ସେମାନଙ୍କର ବିକାଶଗୁଡ଼ିକୁ ଏକ ସମୟାନୁକ୍ରମ ଢା ।ରେ ଉପସ୍ଥାପନ କରିଥାଏ । ଏହି ପ୍ରକାରର ଚାର୍ଟ ପିଲାମାନଙ୍କ ମଧ୍ୟରେ ଭଲ ଭାବରେ ସମୟ ଜ୍ଞାନ ଉଦ୍ରେକ କରିବା ସହିତ ଗୋଟିଏ ନିର୍ଦ୍ଦିଷ୍ଟ ସମୟ ସହିତ ଅନ୍ୟ ସମୟ ସହିତ ସମ୍ପର୍କ ସ୍ଥାପନ କରିବାରେ ସାହାଯ୍ୟ କରିଥାଏ । ବିଭିନ୍ନ ଉପାଦାନମାନ ଯଥା- ରାଜନୈତିକ ବିକାଶ, ଧର୍ମ ସମ୍ବନ୍ଧୀୟ ଆନ୍ଦୋଳନ, ସାଂସ୍କୃତିକ ପରିବ ର୍ତ୍ତନ, ବୈଦେଶିକ ସମ୍ପର୍କମାନ ଏହି ଚାର୍ଟରେ ସମୟାନୁକ୍ରମରେ ବିଶ୍ଳେଷଣ କରାଯାଇ ଉପସ୍ଥାପନ କରାଯାଇଥାଏ ।

୪. ମଡ଼େଲ ବା ପ୍ରତିରୂପ - ମଡ଼େଲ ବା ପ୍ରତିରୂପ ଗୋଟିଏ ବସ୍ତୁ ଏକ ଅବିକଳ ନକଲ । ଏହା ପ୍ରକୃତ ଐତିହାସିକ ବସ୍ତୁର ଏକ ବାସ୍ତବ ପ୍ରତିନିଧି । ଏହା ବସ୍ତୁର ଏକ ସ୍ୱୀକୃତ ପ୍ରାପ୍ତ ଅନୁକରଣ । ଆବଶ୍ୟକତା ଅନୁସାରେ ପ୍ରତିରୂପର ଆକାର ବଡ଼ ବା ଛୋଟ କରାଯାଇପାରେ । ଐତିହାସିକ ବିଷୟବସ୍ତୁ ଉପସ୍ଥାପନ ପାଇଁ ଅତୀତର ରେକର୍ଡ଼ ବା ମୌଳିକ ପଦାର୍ଥମାନ ମିଳିବା ବହୁ କଷ୍ଟକର ଯାହାକି ସବୁ ବିଦ୍ୟାଳୟମାନଙ୍କରେ ମିଳିବା ସମ୍ଭବପର ନୁହେଁ । ତେଣୁ ପ୍ରତିରୂପମାନ ଇତିହାସ ଶିକ୍ଷାଦାନର ବାସ୍ତବତାର ବଦଳ ରୂପେ କାର୍ଯ୍ୟ କରିଥାନ୍ତି । ଅତିକମ ସମୟରେ ଏବଂ ସହଜ ଉପାୟରେ ବିଷୟବସ୍ତୁ ଏବଂ କେତେକ ଐତିହାସିକ ଧାରଣା ଉପସ୍ଥାପନା କରିବାର ଏହି ପ୍ରତିରୂପମାନ ସକ୍ଷମ ହୋଇଥାନ୍ତି । ମଡ଼େଲ ବା ପ୍ରତିରୂପମାନ ନିମ୍ନ ଶ୍ରେଣୀମାନଙ୍କରେ ବହୁ ବ୍ୟବହାରରେ ଆସିଥାଏ ।

ମନୁଷ୍ୟ ଜୀବନର ବିଭିନ୍ନ ଉପାଦାନ ଉପରେ ମଡ଼େଲମାନ ବିକାଶ କରିହେବ । ଯଥା - ରାଜନୈତିକ, ସାମାଜିକ, ଅର୍ଥନୈତିକ, ଧାର୍ମିକ, ସାଂସ୍କୃତିକ ଇତ୍ୟାଦି ମଡ଼େଲ ବା ପ୍ରତିରୂପ ମାନ ତିଆରି କରାଯାଇପାରେ ବା କିଣାଯାଇପାରେ । ଇତିହାସ ଶିକ୍ଷାଦାନରେ ମଡ଼େଲ ବା ପ୍ରତିରୂପମାନଙ୍କର ସଫଳ ବ୍ୟବହାର କରିବା ପାଇଁ ସେଗୁଡ଼ିକରେ ସଠିକତା, ସହଜ, ଉପଯୋଗୀ, ଆଗ୍ରହୀ, ସ୍ୱଳ୍ପଖର୍ଚ୍ଚ ଏବଂ ସହଜରେ ମିଳିପାରିବା ଭଳି ଗୁଣମାନ ଥିବା ଦରକାର ।

ଇତିହାସ ଶିକ୍ଷାଦାନର ଯେକୌଣସି ବିଷୟଟି ପଢ଼ାଇଲାବେଳେ ଆମକୁ ଦେଖିବାକୁ ପଡ଼ିବ ଯେ ସେ ବିଷୟଟି ପଢ଼ାଇବା ପାଇଁ ଯେଉଁ ମଡ଼େଲ ବା ପ୍ରତିରୂପମାନ ନିଆଯାଇଛି, ସେଗୁଡ଼ିକ ସେହି ବିଷୟ ଉପରେ ପର୍ଯ୍ୟବେସିତ କି ନୁହେଁ । ତେଣୁ ପ୍ରତିରୂପମାନଙ୍କର ଅଯଥା ବ୍ୟବହାରରୁ ସବୁବେଳେ ଦୂରେଇ ରଖିବା ଦରକାର । ଏହା ସହିତ ପିଲାମାନଙ୍କୁ ଏପରି ପ୍ରତିରୂପମାନ ପ୍ରସ୍ତୁତ କରିବାକୁ ଉତ୍ସାହିତ କରିବା ଦରକାର ଯାହାଦ୍ୱାରାକି ସେମାନେ 'କାମ କରି ଶିକ୍ଷଣ' କରିବାର ଭାବନା ବିକାଶ କରିପାରିବେ ।

୫. ବାସ୍ତବ ବସ୍ତୁ - ବସ୍ତୁ କହିଲେ ସାଧାରଣତଃ ବାସ୍ତବ ଜିନିଷମାନଙ୍କୁ ବୁଝାଉଥାଏ, ଯାହାକି ପ୍ରାକୃତିକ ଅବସ୍ଥାମାନଙ୍କରୁ ସ୍ଥାନାନ୍ତରିତ କରିବା ସହିତ ସଂଗ୍ରହ କରାଯାଇଥାଏ । ମୁଦ୍ରା, ଟିକେଟ୍, ପୁରୁଣାକାଳିଆ ଜନିଷମାନ ବାସ୍ତବ ବସ୍ତୁମାନଙ୍କର ଉଦାହରଣ ଅଟେ । ଏହା ଇତିହାସ ଶିକ୍ଷାଦାନରେ ସଫଳ ଭାବରେ ବ୍ୟବହାର କରାଯାଏ । ବସ୍ତୁମାନଙ୍କୁ ମଧ୍ୟ ନମୁନା

ଆକାରରେ ଉପସ୍ଥାପନ କରାଯାଏ, ବାସ୍ତବ ବସ୍ତୁମାନଙ୍କୁ ପ୍ରାକୃତିକ ଅବସ୍ଥିତି ଏବଂ ପରିବେଶମାନଙ୍କରୁ ସଂଗ୍ରହ କରାଯାଇଥାଏ ।

ଇତିହାସ ଶିକ୍ଷାଦାନରେ ବାସ୍ତବ ବସ୍ତୁ ବା ନମୁନା ବ୍ୟବହାର ଦ୍ୱାରା ଶିକ୍ଷାଦାନକୁ ବାସ୍ତବ, ମନମୁଗ୍ଧ କରି ହେବା ସହିତ ଐତିହାସିକ ଧାରଣାମାନଙ୍କୁ ଭଲ ଭାବେ ବୁଝି ପଢ଼ିବାରେ ଅଭିପ୍ରେରଣା ମିଳେ । ସେଥିପାଇଁ ସାଧାରଣରେ ଏହା କୁହାଯାଇପାରେ ଯେ 'ହାତରେ ଥିବା ଗୋଟିଏ ପକ୍ଷୀ ବସାରେ ଥିବା ଦୁଇଟି ପକ୍ଷୀର ସହିତ ସମାନ ଅଟନ୍ତି ।' ବାସ୍ତବ ବସ୍ତୁମାନଙ୍କର ବ୍ୟବହାର ମନୁଷ୍ୟର ପା ଗୋଟି ଇନ୍ଦ୍ରିୟ ଯଥା- ଛୁଇଁବା, ଦେଖିବା, ଶୁଣିବା, ଆଘ୍ରାଣ କରିବା ଏବଂ ଚାଖିବା ମାନ ସନ୍ତୁଷ୍ଟ ଲାଭ କରିଥାନ୍ତି । ତେଣୁ ବାସ୍ତବ ବସ୍ତୁମାନଙ୍କର ବ୍ୟବହାର ଇତିହାସ ଶିକ୍ଷାଦାନକୁ ଜୀବନ୍ତ ଏବଂ ମନମୁଗ୍ଧକର କରିଥାନ୍ତି ।

ମୁଖ୍ୟ ଅବଧାରଣା

ଇତିହାସ କ'ଣ ? :- ଇତିହାସ ଅପରିବର୍ତ୍ତିତ ଅତୀତର ଏକ ତଥ୍ୟ, ଇତିହାସ ହେଉଛି ଅତୀତ ରାଜନୀତି ଓ ରାଜନୀତି ହେଉଛି ବର୍ତ୍ତମାନର ଇତିହାସ । ଇତିହାସ ଅଧ୍ୟୟନ ଅତୀତର ବ୍ୟାଖ୍ୟାନ । ଇତିହାସ ଉଭୟ କଳା ଓ ବିଜ୍ଞାନ ।

ଇତିହାସ ଶିକ୍ଷାଦାନର ଗୁରୁତ୍ୱ :- ନୈତିକ ମୂଲ୍ୟ, ସାଂସ୍କୃତିକ ମୂଲ୍ୟ, ରାଜନୈତିକ ମୂଲ୍ୟ, ଶୃଙ୍ଖଳାଗତ ମୂଲ୍ୟ, ଜାତୀୟତା ମୂଲ୍ୟବୋଧ, ଆନ୍ତର୍ଜାତିକ ମୂଲ୍ୟ ।

ଇତିହାସ ଶିକ୍ଷାଦାନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ :-

ଜ୍ଞାନ - ଐତିହାସିକ ଘଟଣାବଳୀ, ଧାରଣା, ନିୟମ, ମହାମନିଷୀଙ୍କ ଅବଦାନ, ସମୟ ଓ ସ୍ଥାନ ବିଷୟରେ ଜ୍ଞାନ ।

ବୋଧ - ଘଟଣାର ଅନୁଶୀଳନ, ଏକତାର ଉଦ୍ରେକ, ଯୁକ୍ତିଯୁକ୍ତ ଚିନ୍ତା ସମାଲୋଚନା ଓ ଉ ମ ନାଗରିକତ୍ୱର ପରିପ୍ରକାଶ ।

ପ୍ରୟୋଗ - ଆଗ୍ରହ ସୃଷ୍ଟି, ବ୍ୟାଖ୍ୟା ଓ ବିଶ୍ଳେଷଣ ତଥା ତଦନୁରୂପ ପଥ ପ୍ରବର୍ତ୍ତନ ଓ ଗ୍ରହଣ ।

କୌଶଳ - ମାନଚିତ୍ର ଅଧ୍ୟୟନ, ପର୍ଯ୍ୟବେକ୍ଷଣ, ଚିତ୍ରାଙ୍କନ କୌଶଳ ।

ଇତିହାସ ଶିକ୍ଷାଦାନ ପଦ୍ଧତି - ଗଳ୍ପକଥନ, ଆଲୋଚନା, ପ୍ରକଳ୍ପ, ଅଭିନୟ ।

ଇତିହାସ ଶିକ୍ଷାଦାନ ସାମଗ୍ରୀ - ଦୃଶ୍ୟ, ଶ୍ରାବ୍ୟ ଓ ଦୃଶ୍ୟ ଶ୍ରାବ୍ୟ ଉପକରଣ ସମୟ ରେଖା ଓ ତା'ର ପ୍ରୟୋଗ ।

ପ୍ରଶ୍ନାବଳୀ

୧. ନିମ୍ନରେ ପ୍ରଦତ୍ତ ପ୍ରତ୍ୟେକ ଉପ ପ୍ରଶ୍ନ ତଳେ, ତାହାର ଚାରିଟି ବିକଳ୍ପ ଉତ୍ତର ଦିଆଯାଇଛି । ମାତ୍ର ତନ୍ମଧ୍ୟରୁ ଗୋଟିଏ ଉତ୍ତର ହିଁ ଠିକ୍ । ସେହି ଠିକ୍ ଉତ୍ତରଟିକୁ ବାଛି ତୁମ ଉତ୍ତର ଖାତାରେ ଲେଖ ।

(a) କେଉଁ ଗ୍ରୀକ୍ ଶବ୍ଦରୁ 'ହିଷ୍ଟ୍ରି' ଶବ୍ଦଟିର ଉତ୍ପତ୍ତି ହୋଇଛି ?

(କ) ହିଷ୍ଟୋରିଆ (ଖ) ହିଷ୍ଟ୍ରିୟା (ଗ) ହିଷ୍ଟୋରି (ଘ) ହିଷ୍ଟ୍ରି

(b) ନିମ୍ନଲିଖିତ କେଉଁଟି ଇତିହାସ ଶିକ୍ଷାଦାନର ନୈତିକ ମୂଲ୍ୟର ଏକ ଅଙ୍ଗ ?

(କ) ନୀତି (ଖ) ସଂସ୍କୃତି (ଗ) ରାଜନୀତି (ଘ) ରାଷ୍ଟ୍ରନୀତି

୨. ନିମ୍ନଲିଖିତ ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଗୋଟିଏ ଲେଖାଏଁ ବାକ୍ୟରେ ଲେଖ ।

(i) ଇତିହାସର ସଂଜ୍ଞା ଲେଖ ।

(ii) ଇତିହାସ ଶିକ୍ଷାଦାନର ଯେ କୌଣସି ଗୋଟିଏ ଲକ୍ଷ ଲେଖ ।

(iii) ଇତିହାସ ଶିକ୍ଷାଦାନର ଯେ କୌଣସି ଗୋଟିଏ ମୂଲ୍ୟ ଲେଖ ।

(iv) ସମୟ ରେଖା କ'ଣ ?

(v) ଗଳ୍ପକଥନ ପଦ୍ଧତି କହିଲେ କ'ଣ ବୁଝ ?

(vi) ଇତିହାସ ଶିକ୍ଷାଦାନରେ ବ୍ୟବହୃତ ହେଉଥିବା ଗୋଟିଏ ସହାୟକ ସାମଗ୍ରୀର ନାମ ଲେଖ ।

(vii) ଇତିହାସ ଶିକ୍ଷାଦାନରେ ପ୍ରାଥମିକ ସ୍ତରର ପିଲାମାନଙ୍କ ପାଇଁ କେଉଁ ପଦ୍ଧତିଗୁଡ଼ିକ ଅବଲମ୍ବନ କରାଯାଇଥାଏ ।

(viii) ଉତ୍ସ ପଦ୍ଧତି କହିଲେ କ'ଣ ବୁଝ ?

୩. ନିମ୍ନଲିଖିତ ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଦୁଇ ବା ତିନୋଟି ବାକ୍ୟରେ ଲେଖ ।

(i) ଇତିହାସ ଶିକ୍ଷାଦାନର ଯେ କୌଣସି ଦୁଇଟି ଲକ୍ଷ କ'ଣ ଲେଖ ?

(ii) ଇତିହାସ ଶିକ୍ଷାଦାନର ଯେ କୌଣସି ଦୁଇଟି ମୂଲ୍ୟ ନିରୂପଣ କର ।

(iii) ଇତିହାସ ଶିକ୍ଷାଦାନରେ ଗଳ୍ପକଥନ ପଦ୍ଧତିର ଯେ କୌଣସି ଦୁଇଟି ଉପକାରିତା ଲେଖ ।

(iv) ଇତିହାସ ଶିକ୍ଷାଦାନରେ ଉତ୍ସ ପଦ୍ଧତି କ'ଣ ?

(v) ଇତିହାସ ଶିକ୍ଷାଦାନରେ ବ୍ୟବହୃତ ଶିକ୍ଷଣ ସାମଗ୍ରୀଗୁଡ଼ିକର ବିଭାଗୀକରଣ କର ।

୪. ନିମ୍ନରେ ପ୍ରଦତ୍ତ ପ୍ରଶ୍ନଗୁଡ଼ିକର ଉତ୍ତର ପ୍ରତ୍ୟେକଟିକୁ ଛଅଟି ବାକ୍ୟରେ ଲେଖ ।

(i) ଇତିହାସ ପଠନ କାହିଁକି ଆବଶ୍ୟକ ?

(ii) ବିଦ୍ୟାଳୟ ପାଠ୍ୟକ୍ରମରେ ଇତିହାସ ଶିକ୍ଷାଦାନର ଗୁରୁତ୍ୱ ଦର୍ଶାଅ ।

(iii) ଇତିହାସ ଶିକ୍ଷାଦାନର ଯେକୌଣସି ୪ଟି ଲକ୍ଷ୍ୟ ବୁଝାଅ ।

(iv) ପିଲାମାନଙ୍କ ମଧ୍ୟରେ କିପରି ସମୟଜ୍ଞାନ ବୃଦ୍ଧି କରାଯାଇପାରିବ ।

(v) ଇତିହାସ ଶିକ୍ଷାଦାନରେ ଶିକ୍ଷା ଉପକରଣର ବିଭକ୍ତିକରଣ କର ଏବଂ ପ୍ରତ୍ୟେକର ଉଦାହରଣ ଦିଅ ।

୫. ନିମ୍ନରେ ପ୍ରଦତ୍ତ ପ୍ରଶ୍ନଗୁଡ଼ିକର ଉତ୍ତର ପ୍ରତ୍ୟେକଟିକୁ ଛଅଟି ବାକ୍ୟରେ ଲେଖ ।

(i) ଇତିହାସ ଶିକ୍ଷାଦାନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଆଲୋଚନା କର ।

(ii) ପ୍ରାଥମିକ ସ୍ତରରେ ଇତିହାସ ଶିକ୍ଷାଦାନ ପାଇଁ କେଉଁ ପଦ୍ଧତି ଉପଯୁକ୍ତ ଏବଂ କାହିଁକି ?

(iii) ଗଳ୍ପକଥନ ପଦ୍ଧତି କ'ଣ ? ଏହାର ଉପକାରୀତା ଓ ଦୋଷତ୍ରୁଟି ଆଲୋଚନା କର ।

(iv) ବର୍ଣ୍ଣନା ତଥା ଆଲୋଚନାମୂଳକ ପଦ୍ଧତିର ଉପକାରୀତା ବିଷୟରେ ଆଲୋଚନା କର ।

(v) ଅଭିନୟ ମାଧ୍ୟମରେ ଓ ଗୁରୁତ୍ୱ ଆଲୋଚନା କର ।

(vi) ଇତିହାସର ଏକ ଉପଯୁକ୍ତ ପ୍ରସଙ୍ଗ ଶିକ୍ଷାଦାନରେ ତୁମେ କିପରି ପ୍ରକଳ୍ପ ପଦ୍ଧତି ପ୍ରୟୋଗ କରିବ, ଆଲୋଚନା କର ।

– ୦ –

(ଚ) ଭୂଗୋଳ ଶିକ୍ଷାଦାନ ପଦ୍ଧତି

ଉଦ୍ଦେଶ୍ୟ

ଏହି ଅଧ୍ୟାୟରେ ଅଧ୍ୟୟନ ପରେ ଶିକ୍ଷାର୍ଥୀମାନେ

- ଭୂଗୋଳ କ'ଣ ଜାରିପାରିବେ ।
- ବିଦ୍ୟାଳୟ ପାଠ୍ୟକ୍ରମରେ ଭୂଗୋଳର ସ୍ଥାନ କିପରି ଗୁରୁତ୍ୱପୂର୍ଣ୍ଣ, ସେ ବିଷୟରେ ଜାଣିବେ ।
- ଭୂଗୋଳ ପାଠର ମୂଲ୍ୟବୋଧଗୁଡ଼ିକ ବିଷୟରେ ଅବଗତ ହେବେ ।
- ଭୂଗୋଳ ଶିକ୍ଷଣର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ବନ୍ଧରେ ଜାଣିବେ ।
- ଭୂଗୋଳ ଶିକ୍ଷାଦାନ ପାଇଁ ଉର୍ଦ୍ଦିଷ୍ଟ ପଦ୍ଧତିଗୁଡ଼ିକ କ'ଣ ଓ ସ୍ଥଳ ବିଶେଷରେ କେଉଁ ପଦ୍ଧତି ପ୍ରଯୁର୍ଯ୍ୟ ସେ ବିଷୟରେ ସମ୍ୟକ୍ ଧାରଣା ପାଇବେ ।
- ଭୂଗୋଳ ପାଠ ସକାଶେ ବ୍ୟବହୃତ ଶିକ୍ଷଣ ସାମଗ୍ରୀ ଯଥା - ଦୃଶ୍ୟ, ଶ୍ରାବ୍ୟ ଓ ଦୃଶ୍ୟ-ଶ୍ରାବ୍ୟ ଉପକରଣ ଗୁଡ଼ିକର ସଫଳ ଉପଯୋଗ କରିବା ଶିଖିବେ ।

୪.୬.୧ ଭୂଗୋଳ କ'ଣ ?

ବିଶ୍ୱର ସର୍ବଶ୍ରେଷ୍ଠ ସୃଷ୍ଟି ହେଉଛି ମଣିଷ । ଇତର ପ୍ରାଣୀମାନଙ୍କ ଅପେକ୍ଷା ଏହା ବହୁଗୁଣରେ ଶ୍ରେୟ । ଏହି ମାନବ ଜୀବନର ସଫଳତା ଉ ମ ଶିକ୍ଷା ଉପରେ ନିର୍ଭର କରେ । ପ୍ରକୃତ ଶିକ୍ଷାର ଉଦ୍ଦେଶ୍ୟ ହେଉଛି ବ୍ୟକ୍ତିତ୍ୱ ଗଠନ ଏବଂ ଏହା ପ୍ରତ୍ୟକ୍ଷ ଭାବରେ ସମାଜ କୈନ୍ଦ୍ରିକ । ସମାଜକୁ ବାଦ ଦେଲେ ବ୍ୟକ୍ତିତ୍ୱର ପରାକାଷ୍ଠା ଦୃଷ୍ଟ ହୋଇପାରେନା । ସମଗ୍ର ଜାତି ଏକ । ପ୍ରତ୍ୟେକ ବ୍ୟକ୍ତି ସମଗ୍ର ପୃଥିବୀର ଅଧିବାସୀମାନଙ୍କ ଭିତରୁ ଜଣେ । ତେଣୁ ପୃଥିବୀର ସ୍ଥିତି ଓ ସମଗ୍ର ମାନବ ଜାତି ଐକ୍ୟବଦ୍ଧ ରୂପେ ରହିଆସିଛନ୍ତି । ସମଗ୍ର ବିଶ୍ୱ ମଣିଷର ବାସଭୂମି ଓ ସମଗ୍ର ବିଶ୍ୱବାସୀ ଗୋଷ୍ଠୀ, ଜାତି, ସଂପ୍ରଦାୟ ଓ ଧର୍ମ ଭୁଲିଯାଇ ଏଭଳି ଐକ୍ୟବଦ୍ଧ ଜୀବନଯାପନ କରିବା ଆବଶ୍ୟକ । ଶିକ୍ଷାବିତ୍‌ମାନେ ମତ ଦିଅନ୍ତି, ଏଭଳି ଉଦ୍ଦେଶ୍ୟ ସାଧନ କରିବା ଦୂରୁହ ବ୍ୟାପାର ନୁହେଁ । ଭୂଗୋଳ ପାଠ ଦ୍ୱାରା ଏଭଳି ମନୋବୃ ିର ବିକାଶ ସାଧନ ହୋଇପାରିବ । କାରଣ ଭୂଗୋଳ ପାଠଦ୍ୱାରା ଶିଶୁ ନିଜ ଦେଶ, ମହାଦେଶ ଓ ପୃଥିବୀ ବିଷ୍ରୟରେ ବହୁବିଧ ଜ୍ଞାନ ଅର୍ଜନ କରିବାକୁ ସମର୍ଥ ହୁଏ । ସାରା ପୃଥିବୀକୁ ନିଜର ବାସଭୂମି ବୋଲି ଜାଣିବାକୁ ସୁଯୋଗ ପାଏ ।

ଭୂଗୋଳର ଅର୍ଥ ହେଉଛି 'ପୃଥିବୀର ବର୍ଣ୍ଣନା' । ପୃଥିବୀ ନାନା ରକମର ପ୍ରାଣୀ ଓ ପଦାର୍ଥରେ ଭରପୂର । ପୃଥିବୀର ପରିବେଶ, ପୃଥିବୀର ମଣିଷ, ପୃଥିବୀର ନଦୀ, ହ୍ରଦ, ପର୍ବତ, ସାଗର, ମରୁଭୂମି ସବୁ ଏହି ପଦାର୍ଥର ଅନ୍ତର୍ଗତ । ମଣିଷ ପୃଥିବୀରେ ବସବାସ କରେ । ଏହା ସହିତ ଅନେକ ଜୀବ ବା ପ୍ରାଣୀ ଓ ଉଦ୍ଭିଦ ଏହି ପରିବେଶ ମଧ୍ୟରେ ଅନ୍ତର୍ଭୁକ୍ତ । ତେଣୁ ଅନ୍ୟପକ୍ଷରେ କହିଲେ ଭୂଗୋଳ ହେଉଛି ମଣିଷ ପରିବେଶର ଏକ ଅଧ୍ୟୟନ, ଏହି ପରିବେଶ ତା'ର ପ୍ରାକୃତିକ, ସାମାଜିକ, ସାଂସ୍କୃତିକ ତଥା ଚିରନ୍ତନ କାର୍ଯ୍ୟାଧାରା ମଧ୍ୟରେ ସୀମିତ । ତେଣୁ ଅନେକେ ମତ ଦିଅନ୍ତି ଯେ ଭୂଗୋଳ ପାଠ ପୃଥିବୀରେ ବସବାସ କରୁଥିବା ପ୍ରାଣୀ ଓ ଉଦ୍ଭିଦ ତଥା ଜୈବିକ ଓ ଅଜୈବିକ ପଦାର୍ଥର ଏକ ଅନୁଧ୍ୟାନ ଓ ଅନୁଶୀଳନ । ଆହୁରି ମଧ୍ୟ ପୃଥିବୀର କେତେକ ସ୍ଥାନ ବିସ୍ତୀର୍ଣ୍ଣ, କେତେକ ମରୁ ଅ ଳ, କେତେକ ନଦୀ ଉପତ୍ୟକା, କେତେକ ମାଳଭୂମି, କେତେକ ଜନବହୁଳ ଓ କେତେକ ଜନବିରଳ । ପ୍ରତ୍ୟେକ ଅ ଳ ଉନ୍ନତନ୍ନ ବିଶ୍ଳେଷଣ ଦ୍ୱାରା ଜ୍ଞାନ ଆହରଣ ହେଉଛି ଭୂଗୋଳର ପରିସର ଅନ୍ତର୍ଭୁକ୍ତ । ଏଭଳି ସ୍ଥାନଗୁଡ଼ିକର ମାନବ ତଥା ଜୀବଜଗତର ସ୍ଥିତି ଉପରେ ବହୁଳ ପ୍ରଭାବ ରହିଛି । ତେଣୁ ପ୍ରକୃତ ପକ୍ଷରେ ଦେଖିବାକୁ ଗଲେ ଭୂଗୋଳରେ ସ୍ଥାନ ଅପେକ୍ଷା ମଣିଷର ପ୍ରାଧାନ୍ୟ ବହୁମାତ୍ରାରେ ସ୍ୱୀକାର୍ଯ୍ୟ ହେଉଛି । କୌଣସି ଏକ ସ୍ଥାନର ଭୂପ୍ରକୃତି, ଜଳବାୟୁ ଓ ପ୍ରାକୃତିକ ବିଭବ ସେହି ସ୍ଥାନର ଅଧିବାସୀମାନଙ୍କର ଜୀବିକା, ଖାଦ୍ୟ, ପୋଷାକ, ଚାଲିଚଳନ ତଥା ଆଚାର ବ୍ୟବହାରରେ ପ୍ରତିଫଳିତ । କେଉଁ ପରିବେଶ କିପରି ଭାବରେ ମଣିଷ ଜୀବନକୁ ନିୟନ୍ତ୍ରିତ କରୁଛି, ତାହା ହିଁ ଭୂଗୋଳ ପାଠର ବିଷୟବସ୍ତୁ । ପୃଥିବୀର ମାନବ ସମାଜ ତଥା ଜୀବଜଗତର ପ୍ରକୃତି ସହିତ ଏଭଳି ନିବିଡ଼ ସମ୍ପର୍କ ଭୂଗୋଳ ପାଠ ଦ୍ୱାରା ବୋଧ କରାଯାଇପାରେ । ତେଣୁ ଭୂଗୋଳର ସଂଜ୍ଞା ଯେ ପୃଥିବୀର ଏକ ବର୍ଣ୍ଣନା, ଅକ୍ଷରେ ଅକ୍ଷରେ ସତ୍ୟ । ଅନ୍ୟ କେତେକଙ୍କ ମତରେ ଭୂଗୋଳର ସଂଜ୍ଞା ହେଉଛି, ମନୁଷ୍ୟ ଓ ପୃଥିବୀ ମଧ୍ୟରେ ଥିବା ନିବିଡ଼ ସମ୍ବନ୍ଧର ଏକ ବୈଜ୍ଞାନିକ ଆଲୋଚନା ଓ ବିଶ୍ଳେଷଣ ।

ବ ର୍ତ୍ତମାନ ପରିପ୍ରେକ୍ଷୀରେ ଭୂଗୋଳ ସଂଜ୍ଞା ପରିବର୍ତ୍ତିତ ଓ ପରିମାର୍ଜିତ ହୋଇଯାଇଛି । ଏହାର ପରିସର ବହୁତ ବ୍ୟାପକ । ପ୍ରକୃତି ଉପରେ ମଣିଷର ପ୍ରଭୁତ୍ୱ ବିସ୍ତାର ଏବେ ସହଜ ସାଧ୍ୟ ହୋଇପାରିଛି । କାରଣ ଆଜିର ମଣିଷ ବିଜ୍ଞାନ ବଳରେ ମରୁଭୂମିର ବିସ୍ତୀର୍ଣ୍ଣ ବାଲୁକାରାଶିକୁ ଜଳସେଚନ ଓ କୃତ୍ରିମ ସାର ପ୍ରୟୋଗ କରି ସବୁ ଶ୍ୟାମଳା କରିପାରିଛି । ଦୁର୍ଗମ ପାର୍ବତ୍ୟ ଅ ଳକୁ ସମତଳ ଅ ଳରେ ପରିଣତ କରିପାରିଛି । ଦୁର୍ଭେଦ୍ୟ ବରଫାବୃତ ଅ ଳ ମଧ୍ୟ ବାସୋପଯୋଗୀ କରିପାରିଛି । ପୃଥିବୀ ପୃଷ୍ଠ, ଭୂତ୍ୱକ୍, ଶିଳାସ୍ତର ତଥା ପୃଥିବୀକୁ ଘେରି ରହିଥିବା ବାୟୁମଣ୍ଡଳ, ସୌରଜଗତ ସମ୍ବନ୍ଧରେ ବିଶେଷ ଭାବେ ଜ୍ଞାନ ଅର୍ଜନ କରି ମାନବ କଲ୍ୟାଣାର୍ଥେ ବିନିଯୋଗ କରିପାରିଛି । ମଣିଷର ଏ ଅପୂର୍ବ ଉପଲବ୍ଧି ଓ କୃତି ସାରା ବିଶ୍ୱ ପାଇଁ ଜ୍ଞାନର ଭଣ୍ଡାର ସାଜିପାରିଛି । ତେଣୁ ସାରା ବିଶ୍ୱରେ ଜୀବନର ପ୍ରତ୍ୟେକ କ୍ଷେତ୍ରରେ ମଣିଷ ଓ ତା'ର ପରିବେଶ ମଧ୍ୟରେ ନିହିତ ଥିବା କ୍ରିୟା ଓ ପ୍ରକ୍ରିୟାର ଏକ ଜୀବନ୍ତ ଓ ସାର୍ଥକ ଆଲୋଚନା ହିଁ ଭୂଗୋଳ ।

ବିଭିନ୍ନ ଶିକ୍ଷାବିତ୍ ଭିନ୍ନ ଭିନ୍ନ ପ୍ରକାରରେ ଭୂଗୋଳର ସଂଜ୍ଞା ଲେଖିଛନ୍ତି । ଫେୟାରାଗ୍ରିଭ୍ (୧୯୫୮) କହନ୍ତି; ପୃଥିବୀର ବିରାଟ ସ । ତଥା ଏହାର ପ୍ରାକୃତିକ ଓ ସାମାଜିକ ପରିବେଶ ନିଖୁଣ ଚିତ୍ରଣ ଦ୍ୱାରା ଦେଶର ଭବିଷ୍ୟତ ନାଗରିକମାନଙ୍କୁ ପ୍ରଶିକ୍ଷଣ ଦ୍ୱାରା ଜ୍ଞାନ ପ୍ରଦାନ କରିବା ଭୂଗୋଳର ପ୍ରଧାନ କାର୍ଯ୍ୟ । ବାର୍କର (୧୯୫୮)ଙ୍କ ମତାନୁଯାୟୀ ମଣିଷ ତା'ର ପରିବେଶରେ ଥିବା ପ୍ରାକୃତିକ ବାତାବରଣ ସହ ଖାପଖୁଆଇ ନିଜକୁ ଚଳାଇବାରେ ଆବଶ୍ୟକ ଜ୍ଞାନ

ଭୂଗୋଳର ପରିସରଭୁକ୍ତ । ହେଟ୍‌ନର (୧୯୨୭) କହନ୍ତି ଯେ, ପୃଥିବୀ ପୃଷ୍ଠରେ ବିଭିନ୍ନ ଆ ଳିକ ପ୍ରଭେଦତାର ବିଜ୍ଞାନ ହିଁ ଭୂଗୋଳ । ବ୍ରିଟିଶ ଭୌଗୋଳିକ (୧୯୫୦)ଙ୍କ ମତରେ ଭୂଗୋଳ ପୃଥିବୀ ପୃଷ୍ଠରେ ପରିଦୃଷ୍ଟ ହେଉଥିବା ଆ ଳିକ ପ୍ରଭେଦତାର ବିଜ୍ଞାନ । ଆମେରିକାନ୍ ମହାବିଦ୍ୟାଳୟ ଅଭିଧାନ (୧୯୬୦)ଙ୍କ ମତ ଅନୁଯାୟୀ ଭୂଗୋଳ ହେଉଛି ପୃଥିବୀ ପୃଷ୍ଠର ଏକ ବାସବୀୟ ପ୍ରଭେଦତାର ବିଜ୍ଞାନ । ଏଥିରେ ବିଭିନ୍ନ ଅ ଳର ଜଳବାୟୁ, ମୃ ିକା, ଜନସଂଖ୍ୟା, ଶିଳ୍ପ, ଭୂମି ତଥା ଅନ୍ୟାନ୍ୟ ଜୈବିକ ପଦାର୍ଥର ଏକ ବୈଜ୍ଞାନିକ ଆଲୋଚନା ଓ ବିଶ୍ଳେଷଣ ନିହିତ । କିନ୍ତୁ ଏଭଳି ସଂଜ୍ଞା ଅନ୍ୟାନ୍ୟ ପାଠ୍ୟକ୍ରମ ଯଥା ଜୀବବିଜ୍ଞାନ, ଉଦ୍ଭିଦ ବିଜ୍ଞାନର ଅନ୍ତର୍ଭୁକ୍ତ ହୋଇଥିବାରୁ ଏହା ବହୁ ଚର୍ଚ୍ଚିତ । ଆଧୁନିକ ଭୌଗୋଳିକମାନଙ୍କ ଭାଷାରେ, ଭୂଗୋଳ ହେଉଛି ମନୁଷ୍ୟ ଓ ତା'ର ପରିବେଶ ମଧ୍ୟରେ ଥିବା କ୍ରିୟା ପ୍ରକ୍ରିୟାର ଏକ ଜୀବନ୍ତ ଓ ସାର୍ଥକ ଆଲୋଚନା । ଏହା ମନୁଷ୍ୟ ଜୀବନ ଓ ତା' ଉପରେ ପ୍ରକୃତିର ପ୍ରଭାବ । ପ୍ରକୃତି ଉପରେ ମଣିଷର ପ୍ରତିକ୍ରିୟା ଓ ତାହାର ସଫଳତା ମାନବ ଜୀବନକୁ ସୁସଙ୍ଗତ ଓ ଉନ୍ନତ କରି ଗଢ଼ି ତୋଳିବାରେ କିଭଳି ଏକ ଶକ୍ତି ସମ୍ବଳିତ, ତାହାହିଁ ଭୂଗୋଳ । ଭୂଗୋଳ ହେଉଛି ଏକ ପ୍ରାକୃତିକ ଓ ସାମାଜିକ ଜୀବନ, ଯାହା ମଣିଷ ତା'ର ପରିବେଶ ମଧ୍ୟରେ ନିହିତ ପାରସ୍ପରିକ କ୍ରିୟାର ବର୍ଣ୍ଣନାରେ ହିଁ ଜଡ଼ିତ

ଭୂଗୋଳ ସ୍ୱରୂପ (Nature of Geography)

ଭୂଗୋଳ ବହୁବିଧ ତଥ୍ୟ ସମ୍ବଳିତ ଓ ଏହି ତଥ୍ୟ ପ୍ରାୟ ପ୍ରତ୍ୟେକ ବିଜ୍ଞାନ ବିଷୟରୁ ହିଁ ଆନୀତ । ଜ୍ୟୋତିର୍ବିଦ୍ୟା, ଭୂ-ବିଦ୍ୟା, ସାଗର ବିଦ୍ୟା, ପ୍ରାଣୀ ବିଜ୍ଞାନ, କୃଷି ବିଜ୍ଞାନ ଇତ୍ୟାଦିର ବହୁ ତଥ୍ୟ ଆଦିରୁ ଭୂଗୋଳ ସ୍ୱୟଂ ପୁଷ୍ଟ । ନୃତ ୍ୱ, ଅର୍ଥନୀତି, ରାଜନୀତି, ଇତିହାସ, ସମାଜ ବିଜ୍ଞାନ ପ୍ରଭୃତିରୁ ମଧ୍ୟ ବହୁ ବିଷୟ ଆହରଣ କରି ଭୂଗୋଳ ଏକ ପ୍ରାକୃତିକ ତଥା ମାନବିକ ବିଜ୍ଞାନ ରୂପେ ପରିଗଣିତ ।

ପ୍ରାଚୁର୍ଯ୍ୟଭରା ବୈଚିତ୍ର୍ୟମୟ ସୃଷ୍ଟିର ଧାରାବାହିକ ପରିବ ର୍ତ୍ତନ, ମାନବ ସମାଜ ଓ ସଭ୍ୟତାରେ ମଧ୍ୟ ପରିବ ର୍ତ୍ତନ ଆଣିପାରୁଛି । ବିଜ୍ଞାନ ବଳରେ ଭୂ-ପ୍ରକୃତି ବଦଳି ପାରୁଛି, ନିର୍ଜନ ମାଳଭୂମି କୋଳାହଳମୟ ନଗରୀରେ ପରିଗଣିତ ହେଉଛି । ଭୂଗୋଳ ବିଦ୍ୟା ଏଭଳି ପରିବ ର୍ତ୍ତନ ସହିତ ଜଡ଼ିତ । ତେଣୁ ଏହା ଏକ ଗତିଶୀଳ ଓ ପରିବ ର୍ତ୍ତନଶୀଳ ବିଷୟ ଅଟେ । ଅନ୍ୟ କୌଣସି ବିଷୟ ଏହିଭଳି ପରିବ ର୍ତ୍ତନ ମଧ୍ୟରେ ଗତି କରେ ନାହିଁ । ତେଣୁ ଯଥାର୍ଥରେ କୁହାଯାଉଛି ଯେ ଭୂଗୋଳ ହେଉଛି ପ୍ରାକୃତିକ ଓ ମାନବିକ ବିଜ୍ଞାନର ମିଳନସ୍ଥଳ ।

୪.୬.୨ ବିଦ୍ୟାଳୟ ପାଠ୍ୟକ୍ରମରେ ଭୂଗୋଳର ସ୍ଥାନ (Place of Geography in school curriculum)

ଭୂଗୋଳ ଉଭୟ ଏକ କଳା ଓ ଏକ ବିଜ୍ଞାନ । କାରଣ ଭୂଗୋଳର ବିଷୟବସ୍ତୁ ମଣିଷ ଚାରିପାଖରେ ଥିବା ପ୍ରାକୃତିକ, ସାମାଜିକ ପରବେଶକୁ ନେଇ ଗଠିତ ଏବଂ ଏପରି କୌଣସିତ ତଥ୍ୟ ଭୂଗୋଳରେ ନାହିଁ ଯାହାକି ବୈଜ୍ଞାନିକ ସତ୍ୟ ଉପରେ ପ୍ରତିଷ୍ଠିତ ନୁହେଁ । ଭୂଗୋଳର ପ୍ରାଧାନ୍ୟ ବହୁଗୁଣରେ ଉପଲବ୍ଧ । ଭୂଗୋଳର ପ୍ରାକୃତିକ, ସାମାଜିକ, ଅର୍ଥନୈତିକ, ରାଜନୈତିକ ଗୁରୁତ୍ୱ ଯୋଗୁଁ ଭୂଗୋଳ ବିଦ୍ୟାଳୟ ପାଠ୍ୟକ୍ରମରେ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଅଧିକାର କରିଛି । ବିଦ୍ୟାଳୟ ପାଠ୍ୟକ୍ରମରେ ଭୂଗୋଳ ବିଷୟରେ ସ୍ଥାନ ନିମ୍ନୋକ୍ତ କାରଣ ଯୋଗୁଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ।

(କ) ବ୍ୟବହାରିକ ଗୁରୁତ୍ୱ (Practical Importance)

ଭୂଗୋଳ ଅଧ୍ୟୟନର ବାସ୍ତବ କ୍ଷେତ୍ରରେ ବହୁତ ପ୍ରଭାବ ରହିଛି । କାରଣ ଏହା ପଢ଼ିବା ଦ୍ୱାରା ଜଣେ ଶିକ୍ଷାର୍ଥୀ ନିଜ ପରିସ୍ଥିତି ଓ ଅବସ୍ଥାନ ସମ୍ବନ୍ଧରେ ଅଭିହିତ ହେବା ସଙ୍ଗେ ସଙ୍ଗେ ବିଶ୍ୱସାରା ବସବାସ କରୁଥିବା ଅଧିବାସୀଙ୍କ ସମ୍ପର୍କରେ ସମ୍ୟ୍ ଜ୍ଞାନ ଅର୍ଜନ କରିପାରେ । ବିଭିନ୍ନ ଦେଶର ଜଳବାୟୁ, ଉତ୍ପନ୍ନ ଦ୍ରବ୍ୟ, ପ୍ରାକୃତିକ ଓ ଖଣିଜ, ଗମନାଗମନ, ଲୋକମାନଙ୍କର ରୀତିନୀତି ଓ ଚାଲିଚଳନ ସମ୍ବନ୍ଧରେ ଜ୍ଞାନ ପାଏ । ଏହାଦ୍ୱାରା ସେ ତା'ର ଭବିଷ୍ୟତ ପନ୍ଥା ନିର୍ଦ୍ଧାରଣ କରିବାରେ ସମର୍ଥ ହୁଏ । ଏଭଳି ଜ୍ଞାନ ଶିକ୍ଷାର୍ଥୀର ଦୈନନ୍ଦିନ ବ୍ୟାବହାରିକ ଜୀବନରେ ବହୁତ ସାହାଯ୍ୟ କରିଥାଏ । ତେଣୁ ବିଦ୍ୟାଳୟ ପାଠ୍ୟକ୍ରମରେ ଏହାର ସ୍ଥାନ ବହୁ ଗୁରୁତ୍ୱପୂର୍ଣ୍ଣ ।

(ଖ) ଅର୍ଥନୈତିକ ମୂଲ୍ୟ (Economic Importance)

ଭୂଗୋଳ ଅଧ୍ୟୟନ ଦ୍ୱାରା ଆମେ ବିଭିନ୍ନ ଦେଶର ଭୂଗୋଳର ଏକ ତୁଳନାତ୍ମକ ବିବରଣୀ ପ୍ରଦାନ କରିପାରୁ । ଗୋଟିଏ ଦେଶର ଭୂଗୋଳ ଅଧ୍ୟାପନା ବେଳେ ଶିକ୍ଷକ ତାହାର ଅର୍ଥନୈତିକ, ସାମାଜିକ ତଥା ରାଜନୈତିକ ସମସ୍ୟା ବିଶ୍ଳେଷଣ କରିବା ଦରକାର ପଡ଼େ । କୌଣସି ଦେଶର ଅର୍ଥନୈତିକ ସ୍ଥିତି କିପରି ହୋଇଛି ଓ ଏହାକୁ ଏହି ଦେଶର ପ୍ରାକୃତିକ ସମ୍ବଳ କିଭଳି ଭାବେ ଅର୍ଥନୈତିକ କ୍ଷେତ୍ରରେ ଆତ୍ମନିର୍ଭରଶୀଳ କରିପାରିଛି ସେ ବିଷୟରେ ବଶଦ ତଥ୍ୟ ମିଳିପାରେ ।

(ଗ) ରାଜନୈତିକ ତଥା ସାମାଜିକ ପ୍ରାଧାନ୍ୟ (political and Social Importance)

ଭୂଗୋଳ ଅଧ୍ୟୟନ ଦ୍ୱାରା ଶିକ୍ଷାର୍ଥୀର ରାଜନୈତିକ ତଥା ସାମାଜିକ ମୂଲ୍ୟବୋଧ ବଢ଼େ । କାରଣ ଶିକ୍ଷାର୍ଥୀଟିଏ ଭୂଗୋଳ ପାଠରେ ବିଭିନ୍ନ ଦେଶ, ସେମାନଙ୍କର ରାଜନୈତିକ ସ୍ଥିତି, ଅର୍ଥନୈତିକ ତଥା ସାମାଜିକ ସ୍ଥିତି ସମ୍ବନ୍ଧରେ ପଢ଼େ । ବିଭିନ୍ନ ଦେଶର ଅଧିବାସୀ ଓ ପିଲାମାନଙ୍କର କାର୍ଯ୍ୟକଳାପ ବିଷୟରେ ମଧ୍ୟ ଅବଗତ ହୁଏ । ତେଣୁ ସେ ପୃଥିବୀର ବିଭିନ୍ନ ସମସ୍ୟା ଜାଣିପାରେ ଓ ବିଭିନ୍ନ ଦେଶର ଅଧିବାସୀ ସେମାନଙ୍କ ଚାଲିଚଳନ, ଆଚାର ବ୍ୟବହାର, କାର୍ଯ୍ୟକଳାପ ଆଦି ପଢ଼ିବା ଦ୍ୱାରା ଶିକ୍ଷାର୍ଥୀମାନଙ୍କର ସାମାଜିକ ମୂଲ୍ୟବୋଧ ବଢ଼େ । ତା'ର ଜ୍ଞାନର ପରିସର ବୃଦ୍ଧି ହୁଏ । ମାନବିକତା ବିକାଶର ପଥ ମଧ୍ୟ ପ୍ରଶସ୍ତ ହୁଏ । ରାଜନୈତିକ ସ୍ତରରେ ଭୂଗୋଳ ପାଠ ଶିଶୁ ମନରେ ଆନ୍ତର୍ଜାତିକ ସଦ୍‌ଭାବର ମୂଳଦୁଆ ପକାଏ । କାରଣ ବିଭିନ୍ନ ଦେଶର ବାଣିଜ୍ୟ ବ୍ୟବସାୟ, ଯାନବାହନ, ପରସ୍ପରର ନିର୍ଭରଶୀଳତା ଆଦି ପାଠ ଭୂଗୋଳର ବିଷୟବସ୍ତୁ । ଏହା ପଢ଼ିବା ଦ୍ୱାରା ବିଶ୍ୱର ଆମଦାନୀ, ରପ୍ତାନୀ, ଦେଶର ଅର୍ଥନୈତିକ ମାନଦଣ୍ଡ, ରାଜନୈତିକ ଦୃଷ୍ଟିକୋଣ, ସାମାଜିକ ସମସ୍ୟା ଆଦି ବିଷୟରେ ଜ୍ଞାନ ଲାଭ ହୁଏ, ଯାହାଦ୍ୱାରା ଶିକ୍ଷାର୍ଥୀମାନେ ସେ ସବୁ ଦେଶର ବିଭିନ୍ନ ସମସ୍ୟା ବିଷୟରେ ଅବଗତ ହୋଇପାରନ୍ତି । ଲୋକମାନେ ପରସ୍ପର ଭିତରେ ଦୟା, କୃତଜ୍ଞତା ଜ୍ଞାପନ କରିବାରେ ସହାୟକ ହୁଅନ୍ତି । ଏପରି ସାହାଯ୍ୟରେ ଛାତ୍ରଛାତ୍ରୀମାନେ ବିଭିନ୍ନ ଦେଶର ଅଧିବାସୀଙ୍କ ଜୀବନଯାପନ ପ୍ରଣାଳୀ ଦୁଃଖ, ଦୁର୍ଦ୍ଦଶା, ବିପଦ ଆପଦରେ ସହାନୁଭୂତିଶୀଳ ହେବା ଆଦି ଗୁଣ ଅର୍ଜନ କରିପାରନ୍ତି । ଫଳରେ ସେମାନଙ୍କ ମନରେ ମାନବିକତାର ବିକାଶ ସମ୍ଭବପର ହୁଏ ।

(ଘ) ସାଂସ୍କୃତିକ ତଥା ଜ୍ଞାନାତ୍ମକ ଗୁରୁତ୍ୱ (Cultural and Intellectual Importance)

ଭୂଗୋଳ ଅଧ୍ୟୟନ ଶିକ୍ଷାର୍ଥୀ ମନରେ ଚିନ୍ତନଶକ୍ତି ବିକାଶ କରିବାରେ ସହାୟକ ହୁଏ । ଯାହାଦ୍ୱାରା ଶିକ୍ଷାର୍ଥୀ ବିଭିନ୍ନ ଦେଶର ସଂସ୍କୃତ ଓ ଜ୍ଞାନଦଣ୍ଡର ବିକାଶ ଓ ପ୍ରାଧାନ୍ୟ ବିଷୟରେ ଜ୍ଞାନ ଆହରଣ କରିପାରେ । ଜଣେ ଶିକ୍ଷାର୍ଥୀ ଯେତେବେଳେ ଗୋଟିଏ ଦେଶର ନଦୀ, ପର୍ବତ, ଜଙ୍ଗଲ ଇତ୍ୟାଦି ବିଷୟରେ ଜ୍ଞାନ ଆହରଣ କରେ, ତାହା ସେମାନଙ୍କ ସମ୍ବନ୍ଧରେ ବହୁଳ କଳ୍ପନା କରିବାକୁ ସୁଯୋଗ ପ୍ରଦାନ କରେ । ବିଭିନ୍ନ ଭୌଗୋଳିକ ଘଟଣାର ସତ୍ୟାସତ୍ୟ ଅନୁସନ୍ଧାନ ଜରିଆରେ ଯୁକ୍ତିଯୁକ୍ତ, ବିଚାର ବିବେଚନା ଓ ଅନ୍ୟାନ୍ୟ କୌଶଳ ଓ ଧାରଣା ଅର୍ଜନ କରନ୍ତି । ସେଭଳି ଜ୍ଞାନ ତାଙ୍କୁ ସେହି ଦେଶର ସଂସ୍କୃତି ସମ୍ବନ୍ଧରେ ଜ୍ଞାନ ଲାଭ କରିବାରେ ସହାୟକ ହୁଏ । ପ୍ରାକୃତିକ ଓ ସାଂସ୍କୃତିକ ପରିବେଶ ଶିକ୍ଷାର୍ଥୀ ମନରେ ଖୁବ୍ ଉ ମ ଧରଣର ଚିନ୍ତାଶକ୍ତି ଓ ଯୁକ୍ତିଶକ୍ତିର ବିକାଶ ଘଟିଥାଏ । ତେଣୁ ଭୂଗୋଳ ଅଧ୍ୟୟନ ବିଦ୍ୟାଳୟ ସ୍ତରରେ ନିତାନ୍ତ ସ୍ପୃହଣୀୟ । ଶିକ୍ଷଣୀୟ ବିଷୟମାନଙ୍କ ମଧ୍ୟରେ ଯୋଗାଯୋଗ ଭୂଗୋଳ ଦ୍ୱାରା ସ୍ଥାପିତ ହୁଏ । ଏହା କଳା, ବିଜ୍ଞାନ ତଥା ଦର୍ଶନରେ ଭରପୁର । ପ୍ରାକୃତିକ ଓ ମାନବିକ ବିଷୟମାନଙ୍କର ସଙ୍ଗମ ସ୍ଥଳ ହେଉଛି ଭୂଗୋଳ । ଏହିଭଳି ଭୂଗୋଳର ବ୍ୟାପକ ପରିସର ଶିଶୁ ମନର ଓ ଜ୍ଞାନର ପରିସରକୁ ବିସ୍ତାରିତ କରେ ।

(ଙ) ଅନ୍ୟାନ୍ୟ ବିଷୟ ଜାଣିବା ଗୁରୁତ୍ୱ (Importance in understanding other subjects)

ଭୂଗୋଳରେ ଜ୍ଞାନ ବଳରେ ଶିକ୍ଷାର୍ଥୀ ଅନ୍ୟାନ୍ୟ କେତେକ ବିଷୟ ଯଥା - ସାହିତ୍ୟ, ଇତିହାସ, ସାମଜ ବିଜ୍ଞାନ, ଅର୍ଥନୀତି, ନୃତ ୍ୱ, ଜୀବବିଜ୍ଞାନ, ପଦାର୍ଥ ବିଜ୍ଞାନ ତଥା ପ୍ରାଣୀବିଜ୍ଞାନ ଆଦି ବିଭିନ୍ନ ବିଷୟରେ ସମ୍ୟକ୍ ଜ୍ଞାନ ଅର୍ଜନ ଓ ହୃଦ୍‌ବୋଧ କରିବାରେ ସଫଳ ହୁଏ । ନୂଆ ନୂଆ କଥା ଦେଖିବା, ଶୁଣିବା ଓ ଜାଣିବା ପାଇଁ ଶିଶୁ ମନରେ କୌତୁହଳ ଜନ୍ମେ । ଇତିହାସ, ସାହିତ୍ୟ ପ୍ରଭୃତି ବିଷୟଗୁଡ଼ିକର ଅଧ୍ୟୟନ ସହଜ ଓ ସୁବୋଧ କରିବାରେ ଭୂଗୋଳ ଏକ ପୃଷ୍ଠଭୂମି ରୂପେ କାର୍ଯ୍ୟ କରେ ।

(ଚ) ଜୀବିକା ଉପାର୍ଜନ କରିବାର ଗୁରୁତ୍ୱ (Importance for earning a livelihood)

ଭୂଗୋଳ ଅଧ୍ୟୟନ ମଧ୍ୟ ବହୁ ଲୋକଙ୍କ ପାଇଁ ଜୀବିକାର୍ଜନର ସହାୟକ ହୋଇପାରିଛି । ଶିକ୍ଷକତା, ନଗର ଯୋଜନା, ପରିମାପ କାର୍ଯ୍ୟ, ମାନଚିତ୍ର ପ୍ରସ୍ତୁତି, ବାଣିଜ୍ୟ କାରବାର, ଶିକ୍ଷା ପ୍ରତିଷ୍ଠା ଓ ନୌଚାଳନ ଆଦିବ୍ୟବସାୟ କାର୍ଯ୍ୟରେ ଭୂଗୋଳ ଜ୍ଞାନର ଆବଶ୍ୟକତା ବହୁଳ ଭାବରେ ପ୍ରୟୋଜନ । ଅର୍ଥନୈତିକ, ସାମାଜିକ, ସାଂସ୍କୃତିକ ଓ ଆଧ୍ୟାତ୍ମିକ ବିକାଶ ସାଧନ ନିମନ୍ତେ ଭୂଗୋଳ ପାଠ ଏକ ଉପଯୁକ୍ତ କ୍ଷେତ୍ର ପ୍ରସ୍ତୁତ କରେ । ତେଣୁ ବିଦ୍ୟାଳୟ ପାଠ୍ୟକ୍ରମରେ ଭୂଗୋଳର ସ୍ଥାନ ଅନିବାର୍ଯ୍ୟ ।

୪.୬.୩ ଭୂଗୋଳ ଶିକ୍ଷାଦାନର ମୂଲ୍ୟବୋଧ (Values of Teaching Geography)

ଭୂଗୋଳ ଶିକ୍ଷାଦାନର ଗୁରୁତ୍ୱ ବ ର୍ତ୍ତମାନ ପରିପ୍ରେକ୍ଷୀରେ ଅପରିହାର୍ଯ୍ୟ, କାରଣ ଏହାଦ୍ୱାରା ଶିକ୍ଷାର୍ଥୀ ଦେଶର ତଥା ଅନ୍ୟାନ୍ୟ ରାଜ୍ୟମାନଙ୍କର ଅର୍ଥନୈତିକ ବୃଦ୍ଧି, ଉତ୍ପାଦନକ୍ଷମତା କୌଶଳ, ଯୋଜନା, ପୁନର୍ବାସ ଯୋଜନା, ସାମାଜିକ

ମଙ୍ଗଳ ଆଦିର କଳନା କରିବା ସହଜ ଓ ସୁଗମ ହୁଏ । ତେଣୁ ଭୂଗୋଳର ଜ୍ଞାନ କୌଣସି ଦେଶର ଅର୍ଥନୀତି ଓ ପ୍ରଗତି ନିର୍ଦ୍ଧାରଣ ରୂପେ କାର୍ଯ୍ୟ କରେ । ସେହି ଦୃଷ୍ଟିରୁ ଭୂଗୋଳ ଶିକ୍ଷାଦାନର ମୂଲ୍ୟବୋଧ ନିର୍ଦ୍ଧାରଣ ନିତାନ୍ତ ପ୍ରୟୋଜନ ।

୧. ବ୍ୟାବହାରିକ ମୂଲ୍ୟବୋଧ (Utilitarian Value) - ଭୂଗୋଳ ଅଧ୍ୟୟନରେ ବ୍ୟାବହାରିକ ମୂଲ୍ୟବୋଧ ରହିଛି । ଏହାଦ୍ୱାରା କୌଣସି ଦେଶର ଭୌଗୋଳିକସ୍ଥିତି ଓ ସେ ଦେଶର ଲୋକଙ୍କ ଜୀବନଯାପନ ପ୍ରଣାଳୀ, ଅର୍ଥନୈତିକ ଓ ସାମାଜିକ କାର୍ଯ୍ୟକଳାପରେ ସମନ୍ୱୟ ଅଣାଯାଇପାରେ । ଅନ୍ୟାନ୍ୟ କଳା ବିଷୟ ଯଥା- ଇତିହାସ, ସାମାଜିକ ବିଜ୍ଞାନ ଓ ଅର୍ଥନୀତି ଭୂଗୋଳ ବିନା ସମ୍ପୂର୍ଣ୍ଣ ହୋଇପାରିବେ ନାହିଁ । କୌଣସି ଦେଶର ପ୍ରାକୃତିକ ପରିବେଶ ଅଧ୍ୟୟନ କଲେ ସେ ଦେଶର ଜନସଂଖ୍ୟା, ଭୂମି ଓ ଚାଷଜମି ଉପରେ ଜନସଂଖ୍ୟାର ପ୍ରଭାବ, ଜମି, ଜଳ ତଥା ପ୍ରାକୃତିକ ସମ୍ବଳର ଦୁରୂପଯୋଗ ଆଦି ପଢ଼ିବା ଦରକାର ଓ ଏହା କେବଳ ଭୂଗୋଳ ଅଧ୍ୟୟନ ଦ୍ୱାରା ହିଁ ସମ୍ଭବପର । ତେଣୁ ଭୂଗୋଳ ଶିକ୍ଷାଦାନ ବ୍ୟାବହାରିକ ମୂଲ୍ୟବୋଧ ପ୍ରଦାନ କରିବାରେ ଏକ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ ।

୨. ଶୈକ୍ଷିକ ମୂଲ୍ୟବୋଧ (Educative Value) - ବ ର୍ତ୍ତମାନ ପରିପ୍ରେକ୍ଷୀରେ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ଦୂରଦୂରାନ୍ତର ବିଭିନ୍ନ ଦେଶକୁ ଅତି ନିକଟତର କରିପାରିଛି । ଏହା ଭୂଗୋଳ ଜ୍ଞାନ ଦ୍ୱାରା ହିଁ କେବଳ ସମ୍ଭବପର । ଶିକ୍ଷାର୍ଥୀମାନେ ନିଜ ନିଜ ଦେଶର ପ୍ରାକୃତିକ ସମ୍ବନ୍ଧ ବିଷୟରେ ଧାରଣା ପାଇପାରିବେ । ଶିକ୍ଷାର୍ଥୀ ଜଳବାୟୁ, ପାଗ ଇତ୍ୟାଦି ବିଷୟରେ ଜ୍ଞାନ ଅର୍ଜନ କରିପାରିବେ । ତେଣୁ ଭୂଗୋଳ ପାଠ ସେମାନଙ୍କର ଜ୍ଞାନର ପରସିର ପରିମାର୍ଜିତ କରିବାରେ ସାହାଯ୍ୟ କରେ ।

୩. ବୌଦ୍ଧିକ ମୂଲ୍ୟବୋଧ (Intelectual Value) - ବୌଦ୍ଧିକ କ୍ଷେତ୍ରରେ ମଧ୍ୟ ଭୂଗୋଳ ଅଧ୍ୟୟନ ଶିକ୍ଷାର୍ଥୀର ମାନସିକ ଦୃଷ୍ଟିକୋଣରୁ ପରିମାର୍ଜିତ କରିପାରେ । ଏହାଦ୍ୱାରା ଶିକ୍ଷାର୍ଥୀ ମନରେ ଏକ ଅନୁଶୀଳନାତ୍ମକ ମନୋବୃ ି ସୃଷ୍ଟି ହୁଏ ଓ ଶିକ୍ଷାର୍ଥୀ ପୃଥିବୀର ସମସ୍ୟା ତା'ର ଅନ୍ତର୍ନିହିତ ଶକ୍ତି ଓ ଦକ୍ଷତା ଅନୁଯାୟୀ ବିଶ୍ଳେଷଣ କରିପାରେ । ଶିକ୍ଷାର୍ଥୀର କଳ୍ପନାଶକ୍ତି, ପର୍ଯ୍ୟବେକ୍ଷଣଶକ୍ତି, ଚିନ୍ତାଶକ୍ତି ଓ ଯୁକ୍ତିଶକ୍ତିର ବିକାଶ ଭୂଗୋଳ ଅଧ୍ୟୟନ ଦ୍ୱାରା ପୂରାମାତ୍ରାରେ ହୁଏ । ଭୂମି, ସମୁଦ୍ର ତଥା ପ୍ରାକୃତିକ ପରିବେଶ ସମ୍ବନ୍ଧୀୟ ଜ୍ଞାନ ଶିକ୍ଷାର୍ଥୀମାନଙ୍କ ମନରେ ଅନ୍ତର୍ଦୃଷ୍ଟି ଜାଗରୁକ କରେ, ଯାହା ଫଳରେ ଶିକ୍ଷାର୍ଥୀ ଅନେକ ଗୁରୁତ୍ୱପୂର୍ଣ୍ଣ ବିଷୟ ଯଥା - ସମ୍ବଳର ବ୍ୟବହାର, ଭୂମିର ଉପଯୋଗ, ଆତ୍ମରକ୍ଷା ପାଇଁ ପ୍ରସ୍ତୁତ ତଥା ଅର୍ଥନୈତିକ ବିକାଶ ଓ ଉତ୍ପାଦନ କ୍ଷମତା ବିଷୟରେ ଚିନ୍ତା କରିପାରେ । ଏହାଦ୍ୱାରା ସେ ବିଭିନ୍ନ ଜଟିଳ ସମସ୍ୟାଗୁଡ଼ିକର ସମାଧାନ କରିପାରେ ।

୪. ସୌନ୍ଦର୍ଯ୍ୟବୋଧ ଜ୍ଞାନ (Arthetic Value) - ଭୂଗୋଳ ଅଧ୍ୟୟନ ଶିକ୍ଷାର୍ଥୀ ମନରେ ସୌନ୍ଦର୍ଯ୍ୟବୋଧ ଜାଗରିତ କରେ । ସତ୍ୟ ଶିବ ସୁନ୍ଦରର ଉପାସନା କରି ପ୍ରକୃତି ପାଇଁ ତା'ର କ ର୍ତ୍ତବ୍ୟ, ପ୍ରକୃତିର ଯତ୍ନ ଓ ସୁରକ୍ଷା ସମ୍ବନ୍ଧରେ ସଚେତନ ହୁଏ । ଭୂଗୋଳର ଶିକ୍ଷାର୍ଥୀମାନଙ୍କ ପାଇଁ ପୃଥିବୀର ବିଭିନ୍ନ ପ୍ରାକୃତିକ ଦୃଶ୍ୟ, ଭୂଦୃଶ୍ୟ ଆଦି ଉପଭୋଗ କରିବାର ଏକ ସଫଳ ଉପଯୋଗ ହୋଇପାରେ ।

୫. ସାଂସ୍କୃତିକ ମୂଲ୍ୟବୋଧ (Cultural Value) - ଭୂଗୋଳ ଶିକ୍ଷାର୍ଥୀର ମନରେ ଅଜ୍ଞାତ ପାଠ ଜାଣିବାକୁ ମନୋଭାବ ସୃଷ୍ଟି କରେ । ଦେଶ ଦେଶ ମଧ୍ୟରେ ନିବିଡ଼ ସମ୍ପର୍କ ଜାଣିବାରେ ଏହା ସହାୟକ ହୁଏ । ଆ ଳିକ ବୈଷମ୍ୟ ହିଁ

ସଂସ୍କୃତିରେ ବିଭେଦତା ଆଣିଛି ଏହା ଶିକ୍ଷାର୍ଥୀ ଜାଣିପାରେ । ସାରା ପୃଥିବୀ ସେହି ଏକ ବୋଲି ବିବେଚନା କରିବା ସହଜ ହୁଏ ।

୬. ବୈଷୟିକ ମୂଲ୍ୟବୋଧ (Vocational Value) - ଭୂଗୋଳ ଅଧ୍ୟୟନ ମଧ୍ୟ ଶିକ୍ଷାର୍ଥୀ ମନରେ ବୈଷୟିକ ମୂଲ୍ୟବୋଧ ଜାଗରିତ କରେ । ପାଣିପାଗ ସମ୍ବନ୍ଧୀୟ ବିଜ୍ଞାନ, ଦୂରବ ୀ ପାଗ ଅଧ୍ୟୟନ, ସମ୍ବଳର ବିନିଯୋଗ ଆଦି ଧନ୍ଦା ଭୂଗୋଳ ଅଧ୍ୟୟନ ଦ୍ୱାରା ଗ୍ରହଣ କରାଯାଇପାରିବ ।

୪.୬.୪ ଭୂଗୋଳ ଶିକ୍ଷାଦାନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ

ଯେକୌଣସି ପାଠଦାନରେ ଲକ୍ଷ୍ୟ ଓ ଉଦ୍ଦେଶ୍ୟର ଗୁରୁତ୍ୱ ବେଶି । କାରଣ ଶିକ୍ଷା ହେଉଛି ଲକ୍ଷ୍ୟାଭିମୁଖୀ । ଏହାରି ଉପରେ ବିଷୟବସ୍ତୁର ଶିକ୍ଷାଦାନ ପ୍ରଣାଳୀ ନିର୍ଭରଶୀଳ । କାରଣ ଶିକ୍ଷାର ସଫଳ ରୂପାୟନ ତା'ର ଲକ୍ଷ୍ୟ ଉପରେ ନିର୍ଭର କରେ । ଭୂଗୋଳ ଶିକ୍ଷାର ଲକ୍ଷ୍ୟ ଦୁଇଟି । ସେଗୁଡ଼ିକ ହେଲେ ବ୍ୟବହାରିକ ଲକ୍ଷ୍ୟ ଓ ସାଂସ୍କୃତିକ ଲକ୍ଷ୍ୟ । ବ୍ୟବହାରିକ ଲକ୍ଷ୍ୟ ଭୂଗୋଳ ଶିକ୍ଷା ଦ୍ୱାରା ଜୀବନରେ ସମସ୍ୟା ସମାଧାନ କରି ଭବିଷ୍ୟତ ନାଗରିକମାନଙ୍କୁ ଚିନ୍ତା କରି ସାମାଜିକ ତଥା ରାଜନୈତିକ କ୍ଷେତ୍ରରେ ସିଦ୍ଧହସ୍ତ କରାଇବାରେ ଅଭିପ୍ରେତ । ନିମ୍ନୋକ୍ତ ଲକ୍ଷ୍ୟଗୁଡ଼ିକ ବ୍ୟବହାରିକ ଲକ୍ଷ୍ୟର ଅନ୍ତର୍ଭୁକ୍ତ । ଶିକ୍ଷାର୍ଥୀମାନେ ଚିନ୍ତାଶକ୍ତି ଓ ବୁଦ୍ଧିଶକ୍ତି ଜରିଆରେ ଭୂଗୋଳ ବିଷୟକ ଜ୍ଞାନ ଅର୍ଜନ କରିବା । ଯଥା -

- ଭୂମି, ଜଳ ଓ ଶସ୍ୟ ଆଦିର ଜ୍ଞାନ,
- ଶିଳ୍ପ ଓ କୃଷିଜାତ ଦ୍ରବ୍ୟର ବିକାଶ ସମ୍ବନ୍ଧୀୟ ଜ୍ଞାନ,
- ଜୀବନକୁ ପ୍ରଭାବିତ କରୁଥିବା ଭୌଗୋଳିକ କାରକ,
- ଦୈନନ୍ଦିନ ଜୀବନର ସମସ୍ୟା ସମାଧାନ,
- ଦୈନନ୍ଦିନ ଜୀବନରେ ଘଟୁଥିବା ସମସ୍ୟା ବହୁଳ ଘଟଣାର ସମାଧାନ,

ସାଂସ୍କୃତିକ ଲକ୍ଷ୍ୟଗୁଡ଼ିକ ହେଲା;

- ଦେଶପ୍ରେମ ମନୋଭାବ ଜାଗରଣ କରିବା,
- ପ୍ରକୃତି ପ୍ରତି ସ୍ନେହ, ଶ୍ରଦ୍ଧା ଜନ୍ମାଇବା,
- ପ୍ରାକୃତିକ ନୈସର୍ଗିକ ସୌନ୍ଦର୍ଯ୍ୟ ହୃଦବୋଧ କରିବା ପାଇଁ ଦକ୍ଷତାର ବିକାଶ କରିବା ।
- ସହଯୋଗ ଜରିଆରେ ବିଶ୍ୱଭ୍ରାତୃତ୍ୱ ମନୋବୃ ି ଜାଗ୍ରତ କରାଇବା,
- ସାମାଜିକ, ରାଜନୈତିକ ସମସ୍ୟାଗୁଡ଼ିକର ଆନ୍ତର୍ଜାତିକ ବୁଝାମଣା ଜରିଆରେ ସମାଧାନ କରିବା ।

ଭୂଗୋଳ ଶିକ୍ଷାଦାନର ସଫଳତା ଏହାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପରେ ନିର୍ଭର କରେ । ତେଣୁ ପ୍ରତ୍ୟେକ ବିଷୟର ସ୍ୱତନ୍ତ୍ର ଭାବେ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ରହିଛି । ଉଦ୍ଦେଶ୍ୟ ହେଉଛି କୌଣସି ଏକ ପାଠର ଶିକ୍ଷଣ ଉପଲବ୍ଧ ବ୍ୟବହାରଗତ

ଆଚରଣ । ପ୍ରତ୍ୟେକ ଶିକ୍ଷଣ ଲକ୍ଷ୍ୟର ବିଭିନ୍ନ ବ୍ୟବହାରିକ ଆଚରଣ ରହିଛି ଏଗୁଡ଼ିକ ଶିକ୍ଷଣ ଫଳାଫଳ ରୂପେ ସ୍ୱୀକାର୍ଯ୍ୟ । ଶିକ୍ଷାର ଲକ୍ଷ୍ୟ ୩ ଭାଗରେ ବିଭକ୍ତ ଯଥା - ଜ୍ଞାନାତ୍ମକ, ଭାବାତ୍ମକ ତଥା ଆବେଗାତ୍ମକ, ମାନସିକ ପେଶୀୟ ସମ୍ପର୍କୀୟ ବା ମନଶ୍ଚାଳକ ସମ୍ପର୍କିତ । ଏସବୁ ଗୁଡ଼ିକ ଶିଶୁର ବ୍ୟବହାର ଗତ ଆଚରଣରେ ପ୍ରକାଶ କରାଯାଇପାରେ । ସେଗୁଡ଼ିକୁ ନିମ୍ନରେ ପ୍ରଦ ହେଲା -

ଜ୍ଞାନାତ୍ମକ

୧. ଶିଶୁର ମାନସିକ ଦକ୍ଷତାର ବିକାଶ ସାଧନ – ପର୍ଯ୍ୟବେକ୍ଷଣ, ଚିନ୍ତା, କଳ୍ପନା, ଯୁକ୍ତି ଓ ବିଚାର ବିବେଚନା ଆଦି ମାନସିକ ପ୍ରକ୍ରିୟାର ଅନ୍ତର୍ଗତ । ପର୍ଯ୍ୟବେକ୍ଷଣ ପାଇଁ ଭୂଗୋଳ ପାଠର ପ୍ରାକୃତିକ, ସାମାଜିକ ପରିବେଷ୍ଟନୀ, ବିଭିନ୍ନ ମାନଚିତ୍ର, ମଡ଼େଲ, ରିଲିଫ୍ ମ୍ୟାପ୍ ଓ ଚାର୍ଟ ଆଦି ଅନୁକୂଳ । ଏସବୁ ପର୍ଯ୍ୟବେକ୍ଷଣ କରି ଶିଶୁ ପୃଥିବୀ ସମ୍ବନ୍ଧରେ ଜ୍ଞାନ ଅର୍ଜନ କରେ । ଉପଯୁକ୍ତ ପର୍ଯ୍ୟବେକ୍ଷଣ ବିନା ବୋଧଶକ୍ତି ଓ ଧାରଣା ଶିଶୁ ମନରେ ଦୃଢ଼ୀଭୂତ ହୋଇପାରେ ନାହିଁ । ଧାରଣା ସ୍ପଷ୍ଟ ନ ହେଲେ ଚିନ୍ତାର ଉଦ୍ରେକ ହୋଇପାରେ ନାହିଁ । ଚିନ୍ତା ନ ହେଲେ କୌଣସି ପାଠ ବିଷୟରେ ସତ୍ୟାନୁସନ୍ଧାନ ହୋଇପାରେ ନାହିଁ । ଗ୍ଲୋବ ମାନଚିତ୍ର, ଚଳଚ୍ଚିତ୍ର ଆଦିରୁ ଶିଶୁ ପର୍ଯ୍ୟବେକ୍ଷଣ କରି ଭୌଗୋଳିକ ତଥ୍ୟ ତଥା- ପ୍ରତ୍ୟୟର ଧାରଣା କରିପାରେ । ତେଣୁ ଭୂଗୋଳ ପାଠ ଜାରିଆରେ ଶିଶୁ ମନରେ ମାନସିକ ଶକ୍ତିର ବିକାଶ ସାଧନ କରିବା ସମ୍ଭବପର ହୁଏ । ପର୍ଯ୍ୟବେକ୍ଷଣ ପରେ ଶିକ୍ଷାର୍ଥୀମାନଙ୍କର ବିଷୟବସ୍ତୁ ଆଲୋଚନା ଓ ପୁନରାଲୋଚନା ଶିଶୁମାନଙ୍କ ମନରେ ମଧ୍ୟ ସ୍ମୃତିଶକ୍ତିର ବିକାଶ କରେ । ସ୍ମୃତି ହେଉଛି ଜ୍ଞାନ ଆହରଣର ପ୍ରଥମ ସୋପାନ ।

ଭୂଗୋଳ ପାଠରେ ଯୁକ୍ତି ଓ ବିଶ୍ଳେଷଣ ମାଧ୍ୟମରେ ମଧ୍ୟ ଶିକ୍ଷାର୍ଥୀମାନେ ଜ୍ଞାନ ଆହରଣ କରନ୍ତି । କୌଣସି ଏକ ଅ ଳ ଘନଜନବସତି ପୂର୍ଣ୍ଣ ବା କୌଣସ ଏକ ଅ ଳ ବରଫାବୃ କାହିଁକି, ଏସବୁ ପ୍ରଶ୍ନର ଉ ର ଖୋଜିବାକୁ ଯାଇ ଶିଶୁମାନେ ସେହି ଭୌଗୋଳିକ ତଥ୍ୟ ପଛରେ କି କି କାରଣ ନିହିତ ଅଛି, ତା'ର ଅନୁସନ୍ଧାନ ଓ ଅନୁଶୀଳନ କରିଥାନ୍ତି । ଫଳରେ ସେମାନଙ୍କର ଚିନ୍ତାଶକ୍ତି, ବିଚାର ଶକ୍ତି ଓ ଯୁକ୍ତିଶକ୍ତିର ଉନ୍ନତି ଘଟେ । ଅନେକ ପରିସ୍ଥିତିରେ ଭୂଗୋଳ ପାଠ ଆହରଣ ବେଳେ ମଧ୍ୟ ଗୋଟିଏ ପରିସ୍ଥିତି ସହିତ ଅନ୍ୟ ପରିସ୍ଥିତିର ତୁଳନା କରିବାକୁ ପଡ଼ିଥାଏ । ଏହି ଧରଣର ତୁଳନା, ବିଶ୍ଳେଷଣ, ଚିନ୍ତାଶକ୍ତି, ଯୁକ୍ତିଶକ୍ତି, ବିଚାର ଓ ବିବେଚନା ଶକ୍ତିଦ୍ୱାରା ଶିଶୁର ମାନସିକ ଶକ୍ତିର ବିକାଶ ଓ ବିସ୍ତାର ହୋଇଥାଏ ।

୨. ଶିଶୁର ଜ୍ଞାନଭଣ୍ଡାର ପରିପୁଷ୍ଟି ସାଧନ – ଭୂଗୋଳ ଶିକ୍ଷା ଜରିଆରେ ଶିକ୍ଷାର୍ଥୀମାନେ ନିଜର ଜ୍ଞାନଭଣ୍ଡାର ବୃଦ୍ଧି କରିବାରେ ସକ୍ଷମ ହେବେ । ପୃଥିବୀର ନଦୀ ଉପତ୍ୟକା, ହ୍ରଦ, ସାଗର, ଉପସାଗର, ସହର, ବନ୍ଦର, ପ୍ରଭୃତି ବିଷୟରେ ଜ୍ଞାନ ଆହରଣ କରି ଜ୍ଞାନର ପରିସରକୁ ପରିବର୍ଦ୍ଧିତ ତତା ପରିମାର୍ଜିତ କରିପାରିବେ । ଭୂଗୋଳ ପାଠ ଜରିଆରେ ଶିକ୍ଷାର୍ଥୀମାନେ ଦିନରାତି, ଋତୁ ପରିବ ର୍ତ୍ତନ, ବାୟୁ ଚକ୍ର, ଦିଗ ନିରୂପଣ ତଥା ବୃଷ୍ଟି ମାପକଯନ୍ତ୍ର ସାହାଯ୍ୟରେ ବୃଷ୍ଟିର ପରିମାଣ ମାପିବା ଆଦି ଦୈନନ୍ଦିନ କାର୍ଯ୍ୟରେ ମଧ୍ୟ ସଫଳତା ହାସଲ କରିପାରିବେ । ଏଭଳି ଅନେକ ବିଷୟରେ ବହୁତ ଜ୍ଞାନ ଅର୍ଜନ କରିପାରିବେ । ଯାହା ତାଙ୍କ ବ୍ୟବହାରିକ ଜୀବନରେ ସାହାଯ୍ୟ କରିପାରେ ।

ଭାବାତ୍ମକ

୩. ଭୌଗୋଳିକ ମନୋବୃତ୍ତିର ଗଠନ ଓ ବିକାଶ – ଭୂଗୋଳ ଶିକ୍ଷା ପାଇଁ ଭୌଗୋଳିକ ମନୋବୃତ୍ତି ପ୍ରତ୍ୟେକ ଶିକ୍ଷାର୍ଥୀଙ୍କ ପାଇଁ ଦରକାର । କୌଣସି ଏକ ପ୍ରାକୃତିକ ପରିବେଶ ଅନୁଶୀଳନ ଜରିଆରେ ଏଭଳି ମନୋବୃତ୍ତି ସୃଷ୍ଟି କରାଯାଇପାରେ । ଉଦାହରଣସ୍ୱରୂପ କେଉଁ ଜାଗାରେ ଶିକ୍ଷାନୁଷ୍ଠାନ ଗଢ଼ି ଉଠିବା ସମ୍ଭବପର ଓ ସୁବିଧାଜନକ ହେବ ଭୂଗୋଳ ଶିକ୍ଷା ଦ୍ୱାରା ଉ ର ଦେବା ସମ୍ଭବ । ଏଥିପାଇଁ ତା'ର ପ୍ରାକୃତିକ ପରିବେଶର ଅନୁଧ୍ୟାନ ଓ ପର୍ଯ୍ୟବେକ୍ଷଣ ଲୋଡ଼ା । ପର୍ଯ୍ୟବେକ୍ଷଣ ଲବ୍ଧ ଜ୍ଞାନର ଅନୁଶୀଳନ ଓ ସମସ୍ୟା ସମାଧାନ ପାଇଁ ବିକଳ୍ପ ସଂଗ୍ରହ ଉପଯୁକ୍ତ ମନୋବୃତ୍ତି ଦ୍ୱାରା ହିଁ ସମ୍ଭବ ହୁଏ । ମନୋବୃତ୍ତି ସଦାବେଳେ ବିଜ୍ଞାନ ସମ୍ମତ । କୌଣସି ଗୋଟିଏ ଘଟଣା କାହିଁକି, କିପରି, କେତେବେଳେ ଘଟେ ସବୁ ମନୋବୃତ୍ତିର ପରିଚୟ ଦିଏ । ତେଣୁ କୌଣସି ମତେ ଶିକ୍ଷାରେ ଅନୁସନ୍ଧିତ୍ସା ପୂର୍ବକ ପ୍ରକୃତିର ଉପୂନ୍ନ ହେବା ହିଁ ମନୋବୃତ୍ତି ଥିବାର ପରିଚୟ ଦିଏ । ତେଣୁ ଭୂଗୋଳ ପାଠ ଦାନ ଦ୍ୱାରା ଭୌଗୋଳିକ ମନୋବୃତ୍ତି ବିକାଶ କରାଯାଇପାରିବ ।

୪. ଭୂଗୋଳ ଶିକ୍ଷାଦାନ ଦ୍ୱାରା ଅର୍ଥନୈତିକ ଦକ୍ଷତା ବିକାଶ ହାସଲ – ଭୂଗୋଳ ପାଠ ଶିଶୁ ମନରେ ଅର୍ଥନୈତିକ ଦକ୍ଷତା ବୃଦ୍ଧି କରିବାରେ ସହାୟକ ହୋଇପାରେ । ଏହାଦ୍ୱାରା କୌଣସି ଅ ଳର ସାମାଜିକ, ରାଜନୈତିକ ତଥା ଅର୍ଥନୈତିକ କ୍ଷେତ୍ରରେ ଭିତ୍ତିଭୂମି ପ୍ରତିଷ୍ଠା କରିବାରେ ଭୂଗୋଳ ଶିକ୍ଷାର ଅବଦାନ ବହୁତ ବେଶି । ଆ ଳିକ ଭୂଗୋଳ, ଭୌଗୋଳିକ ପରିବେଶ ଯଥା- ଭୂପୃଷ୍ଠ, ପ୍ରାକୃତିକ ସମ୍ପଦ ଆଦି ବିଭିନ୍ନ ଦେଶର ଅର୍ଥନୈତିକ ପରିସ୍ଥିତିକୁ କିପରି ସମୃଦ୍ଧ କରିଛି, ତାହା ଶିକ୍ଷାର୍ଥୀମାନଙ୍କ ମନରେ ଅର୍ଥନୈତିକ ଦକ୍ଷତା କିପରି ବିକାଶ କରାଯାଇପାରିବ ସେ ବିଷୟରେ ପ୍ରେରଣା ଜନ୍ମାଏ ।

୫. ଶିକ୍ଷାର୍ଥୀ ମନରେ ସୌନ୍ଦର୍ଯ୍ୟବୋଧ ଭାବର ବିକାଶ ସାଧନ – ବିଶ୍ୱର ବିଭିନ୍ନ ସ୍ଥାନରେ ପ୍ରାକୃତିକ ଦୃଶ୍ୟରାଜିର ବିକ୍ଷିପ୍ତ ବର୍ଣ୍ଣନା ଭୂଗୋଳ ପାଠରେ କରାଯାଇଥାଏ । ପୃଥିବୀର ନଦ, ନଦୀ, ହ୍ରଦ, ସାଗର, ପର୍ବତ, ଉପତ୍ୟକା, ଅରଣ୍ୟ, ଉ ୁଙ୍ଗ ଶିଖରୀମାଳା, ଉଚ୍ଚ ପାହାଡ଼, ବରଫ ଆଚ୍ଛାଦିତ ପାର୍ବତ୍ୟଶ୍ରେଣୀ ସବୁ ପାଠକଲେ, ପ୍ରକୃତିର ସୌନ୍ଦର୍ଯ୍ୟ ବିଷୟରେ ଶିକ୍ଷାର୍ଥୀ ଜ୍ଞାନ ପାଏ । ନିଜେ ଦେଖି, ପ୍ରକୃତିର ଛବି ଅଙ୍କନ କରି ପୃଥିବୀର ପ୍ରାକୃତିକ ଦୃଶ୍ୟରାଜି ଶିଶୁକୁ ଆତ୍ମବିଭୋର କରେ । ଫଳରେ ସେହି ସ୍ଥାନ ପ୍ରତି ଆକର୍ଷଣ ରହେ । ଶିକ୍ଷାର୍ଥୀ ମନରେ ପ୍ରାକୃତିକ ସୌନ୍ଦର୍ଯ୍ୟର ସେଭଳି ରୂପରେଖ ବହୁବିଧ କଳ୍ପନା କରିବାରେ ଶିକ୍ଷାର୍ଥୀର ସହାୟକ ହୁଅନ୍ତି । ଏସବୁ ଜିନିଷ ଶିକ୍ଷାର୍ଥୀ ମନରେ ସୌନ୍ଦର୍ଯ୍ୟବୋଧର ବିକାଶ ଘଟାଇବା ପାଇଁ ସମର୍ଥ ହୁଏ ।

୬. ଶିଶୁର ଉ ମ ନାଗରିକତା ଗୁଣ ସମ୍ପନ୍ନ ଜ୍ଞାନର ବିକାଶ – ବର୍ତ୍ତମାନର ଶିକ୍ଷାପ୍ରଣାଳୀ ଶିଶୁକୁ ଏକ ଉ ମ ନାଗରିକ ରୂପେ ଗଢ଼ି ତୋଳିବାରେ ସଂକଳ୍ପବଦ୍ଧ । ଏ ଗୁଣ ଭୂଗୋଳ ପାଠ ଦ୍ୱାରା ହିଁ ବିକଶିତ ହୋଇଥାଏ । କାରଣ, ଭୂଗୋଳ ବିଷୟରେ ଚିନ୍ତନ, ସତ୍ୟର ଅନୁସନ୍ଧାନ, ବୈଜ୍ଞାନିକ ଦୃଷ୍ଟିକୋଣ ସମ୍ପନ୍ନ ବିଚାରଶକ୍ତି, ଜଟିଳ ସମସ୍ୟାଗୁଡ଼ିକର ସମାଧାନ, ବ୍ୟକ୍ତିଗତ ତଥା ଜାତୀୟ ଜୀବନରେ ସଚେତନଶୀଳତା ଓ ତର୍କତା ଅବଲମ୍ବନ ଇତ୍ୟାଦି ବିକଶିତ ହୋଇପାରେ, ଯାହା ଗଣତାନ୍ତ୍ରିକ ରାଷ୍ଟ୍ରରେ ଏକ ନାଗରିକ ପାଇଁ ସବୁଠାରୁ ଭଲ ଗୁଣ ରୂପେ ବିବେଚିତ । ତେଣୁ ଭୂଗୋଳ ଅଧ୍ୟୟନ ଦ୍ୱାରା ଶିଶୁ ମନରେ ଉ ମ ନାଗରିକତା ସମ୍ପନ୍ନ ଗୁଣ ଜାଗରିତ କରାଇବା, ଭୂଗୋଳ ଶିକ୍ଷାର ପ୍ରଧାନ ଲକ୍ଷ୍ୟ ।

୭. ଶିକ୍ଷାର୍ଥୀ ମନରେ ଆନ୍ତର୍ଜାତିକ ମନୋଭାବର ସୃଷ୍ଟି – ଆନ୍ତର୍ଜାତିକ ମନୋଭାବ ସୃଷ୍ଟି ଭୂଗୋଳ ଶିକ୍ଷାଦାନର ଏକ ପ୍ରଧାନ ଲକ୍ଷ୍ୟ । ଦେଶ ଦେଶ ମଧ୍ୟରେ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ, ଯାତାୟତ ଓ ଗମନାଗମନର ସୁବିଧା, ସମ୍ବାଦ ପ୍ରଚାର ପୃଥିବୀରେ ଶାନ୍ତି ପ୍ରତିଷ୍ଠା ପରିକଳ୍ପେ ମିଳିତ ଜାତି ସଂଘର ଅବଦାନ, ଟେଲିଭିଜିନ ଓ ଟେଲିଲିଙ୍କ୍ ଆଦି ବିଭିନ୍ନ ଗଣମାଧ୍ୟମ ଯୋଗୁଁ ପୃଥିବୀର ଦୂରତା ଆଜି ବହୁତ ନ୍ୟୂନ ମନେ ହୋଇପାରୁଛି । ପୃଥିବୀର ପ୍ରତ୍ୟେକ ଶିଶୁଠାରେ ବିଶ୍ୱ ମନୋଭାବର ସୃଷ୍ଟି କରାଯାଇପାରୁଛି । ସେହି ହେତୁରୁ ଆନ୍ତର୍ଜାତିକ ଭାବର ସୃଷ୍ଟି ଓ ପୋଷଣ ଭୂଗୋଳ ଶିକ୍ଷାର ଏକ ବିଶିଷ୍ଟ ଉଦ୍ଦେଶ୍ୟ । ଭୂଗୋଳ ପାଠଦ୍ୱାରା ପୃଥିବୀର ସବୁ ଦେଶ ମଧ୍ୟରେ ଥିବା ଘନିଷ୍ଠ ସମ୍ବନ୍ଧକୁ ଉପଲବ୍ଧି କରିବାର ସୁଯୋଗ ପାଏ ଓ ସମଗ୍ର ପୃଥିବୀର କଥା ଭାବିବାକୁ ପ୍ରେରଣା ପାଏ । ଫଳରେ ତା'ର ମନରେ ବିଶ୍ୱ ମନୋଭାବ ସୃଷ୍ଟି ହୁଏ । ବିଭିନ୍ନ ଦେଶର ଅଧିବାସୀଙ୍କର କଥା, ଚାଲିଚଳନ, ସେମାନଙ୍କର ଜୀବନଯାପନ ପ୍ରଣାଳୀ ମାନବ ସଭ୍ୟତା ଓ ମାନବ ସଂସ୍କୃତି ଆଦି ବିଶ୍ୱ ପ୍ରେମ ସୃଷ୍ଟି କରିବାରେ ସହାୟକ ହୁଏ ।

ମନଶ୍ଚାଳକାତ୍ମକ

୮. ଭୌଗୋଳିକ ପରିଭାଷା ସମ୍ବନ୍ଧରେ ଜ୍ଞାନ ଲାଭର ବିକାଶ – ଭୂଗୋଳର ଏକ ସ୍ୱତନ୍ତ୍ର ପରିଭାଷା ରହିଛି । ଉଦାହରଣସ୍ୱରୂପ ମାନଚିତ୍ର ଓ ଗ୍ଲୋବ୍‌ର ପ୍ରାକୃତିକ ଭୌଗୋଳିକ ପରିବେଶ ଚିହ୍ନଟ କରିବାକୁ ସ୍ୱତନ୍ତ୍ର ଚିହ୍ନ ଓ ସଙ୍କେତ ବ୍ୟବହାର କରାଯାଇଥାଏ । ସେହି ଚିହ୍ନ ଭୂଗୋଳର ଅନେକ ଜଟିଳତା ଭରା ତଥ୍ୟ ବୁଝିବାରେ ସାହାଯ୍ୟ କରେ । ତେଣୁ ମାନଚିତ୍ର ଅଙ୍କନ ଓ ବ୍ୟବହାର ସୁଗମ ହୁଏ ।

୯. ବିଭିନ୍ନ ପ୍ରକାରର କୌଶଳର ବିକାଶ – ଭୂଗୋଳ ପାଠ ଦ୍ୱାରା ପର୍ଯ୍ୟବେକ୍ଷଣ, ଅଙ୍କନ, ମାନଚିତ୍ର ପଠନ, ଭୌଗୋଳିକ ସଙ୍କେତ ଦ୍ୱାରା ପାଠର ଅବଧାରଣା ଆଦି ଭୂଗୋଳ ଶିକ୍ଷାଦାନର ଅନ୍ୟ ଏକ ଲକ୍ଷ୍ୟ ।

୪.୬.୫ ଭୂଗୋଳ ଶିକ୍ଷାଦାନ ପଦ୍ଧତି

ଭୂଗୋଳ ଶିକ୍ଷାଦାନ ପାଇଁ କେତେଗୁଡ଼ିଏ ନିର୍ଦ୍ଦିଷ୍ଟ ପଦ୍ଧତି ରହିଛି । ସେଗୁଡ଼ିକ ହେଲେ, ପର୍ଯ୍ୟବେକ୍ଷଣ, ଆଲୋଚନାମୂଳକ, ସମସ୍ୟା ସମାଧାନମୂଳକ, ବ୍ୟାଖ୍ୟାନ, ଆବିଷ୍କାରମୂଳକ, ପାଠ୍ୟପୁସ୍ତକ ପଦ୍ଧତି ଇତ୍ୟାଦି । କୌଣସି ଲକ୍ଷ୍ୟ ହାସଲ କରିବା ପାଇଁ ଏକ ନିର୍ଦ୍ଦିଷ୍ଟ ଢଙ୍ଗରେ ଶିକ୍ଷଣ ପ୍ରକ୍ରିୟାର ପରିଚାଳନାକୁ ଶିକ୍ଷାଦାନ ପଦ୍ଧତି କୁହାଯାଏ । ପଦ୍ଧତି ସଦାବେଳେ ଲକ୍ଷ୍ୟକୈନ୍ଦ୍ରିକ । ଲକ୍ଷ୍ୟ ହେଉଛି ଶିକ୍ଷଣ ପ୍ରକ୍ରିୟାର କେନ୍ଦ୍ରବିନ୍ଦୁ ଓ ପଦ୍ଧତି ତା'ର ମାଧ୍ୟମ । ଯାହା ପାଠ ପଢ଼ାଯାଏ ସେ ଲକ୍ଷ୍ୟ ଓ ପଦ୍ଧତିର । ତେଣୁ କେତେ ଭଲ ଭାବେ ଲକ୍ଷ୍ୟକୁ ଆଖି ଆଗରେ ରଖି ଶିକ୍ଷାର୍ଥୀମାନଙ୍କୁ କୌଣସି ବିଷୟରେ ପଢ଼ାଇବା ପ୍ରଣାଳୀ ହିଁ ପଦ୍ଧତିର କାର୍ଯ୍ୟ ।

ଶିକ୍ଷଣ ପ୍ରକ୍ରିୟାରେ ଶିକ୍ଷଣ ପଦ୍ଧତିର ଗୁରୁତ୍ୱ ଯଥେଷ୍ଟ ବେଶି । କାରଣ କେବଳ ପଦ୍ଧତି ଦ୍ୱାରା ହିଁ ଶିକ୍ଷକ ଶିକ୍ଷାର୍ଥୀମାନଙ୍କ ସହ ଏକ ବିଷୟରେ ଯୋଗାଯୋଗ କରିପାରିବେ । କ୍ରମାଗତ ଭାବେ ଏକ ନିର୍ଦ୍ଦିଷ୍ଟ ପଥରେ ସୋପାନର ପର୍ଯ୍ୟାୟୀକରଣ କରି ଶିକ୍ଷକ ଛାତ୍ରମାନଙ୍କୁ ଶିକ୍ଷା ପ୍ରଦାନ କରିପାରିବେ । କୌଣସି ଶିକ୍ଷକର ଶିକ୍ଷକତା ପ୍ରତି ଅନୁକୂଳ ମନୋଭାବ ନ ଥିଲେ ମଧ୍ୟ ଏକ ନିର୍ଦ୍ଦିଷ୍ଟ ପ୍ରଣାଳୀରେ ପଢ଼ାଇଲେ ଆଗ୍ରହ ସୃଷ୍ଟି କରିପାରିବେ । ଶିକ୍ଷକ କେଉଁ ପ୍ରକାର ପଦ୍ଧତି ବ୍ୟବହାର କରି

ଶିକ୍ଷାଦାନ କରିବେ ତାହା ତାଙ୍କର ନିଜସ୍ୱ । ତେବେ ଶିକ୍ଷାଦାନ ପଦ୍ଧତିର କେତେକ ନିର୍ଦ୍ଦିଷ୍ଟ ନୀତି ରହିଛି । ଭୂଗୋଳ ଶିକ୍ଷାଦାନରେ ମଧ୍ୟ କେତେକ ନିର୍ଦ୍ଦିଷ୍ଟ ନୀତି ଅଛି । ସେଗୁଡ଼ିକ ହେଲେ -

- ଶିକ୍ଷାଦାନ ପଦ୍ଧତି ଶିଶୁକୈନ୍ଦ୍ରିକ ହେବା ଉଚିତ
- ଶିକ୍ଷାର୍ଥୀମାନଙ୍କୁ ବାସ୍ତବ ଚିତ୍ର ପ୍ରଦାନ କରିବାକୁ ଶିକ୍ଷାଦାନ କ୍ରିୟା କାର୍ଯ୍ୟ ତଥା ଖେଳ ପଦ୍ଧତିରେ ହେବା ଉଚିତ
- ଶିକ୍ଷାର୍ଥୀମାନଙ୍କ ମନରେ କୌତୁହଳ ଓ ଜିଜ୍ଞାସାର ଅଭିବୃଦ୍ଧି ନିମି ଶିକ୍ଷାଦାନ ପଦ୍ଧତି ବ୍ୟବହାରିକ ଭି ଉପରେ ପର୍ଯ୍ୟବେସିତ ହେବା ଉଚିତ ।
- ଶିକ୍ଷାର୍ଥୀ ପଦ୍ଧତି ପ୍ରେରଣାଦାୟକ ହେବା ଉଚିତ
- ବିଭିନ୍ନ ପ୍ରକାରର ଅନୁଭୂତି ଉପରେ ଶିକ୍ଷଣ ପଦ୍ଧତି ପର୍ଯ୍ୟବେସିତ ହେବା ଉଚିତ
- ଶିକ୍ଷାଦାନ ପଦ୍ଧତିରେ ଶିକ୍ଷାର୍ଥୀଙ୍କୁ ବ୍ୟକ୍ତିଗତ ସ୍ୱାତନ୍ତ୍ର ଦିଆଯିବା ଉଚିତ । ଏହା ଫଳରେ ଶିକ୍ଷାର୍ଥୀ ସ୍ୱଅଭିପ୍ରେରିତ ହୋଇପାରିବେ ।

(I) ପର୍ଯ୍ୟବେକ୍ଷଣ ପଦ୍ଧତି (Observation Method) :

ପ୍ରତ୍ୟେକ ଜିନିଷକୁ ଦେଖି ପ୍ରତ୍ୟକ୍ଷ ଅନୁଭୂତି ଦ୍ୱାରା ଜ୍ଞାନ ଆହରଣ ପ୍ରକ୍ରିୟାକୁ ପର୍ଯ୍ୟବେକ୍ଷଣ ପଦ୍ଧତି କହନ୍ତି । ଏହା ଦୁଇ ପ୍ରକାରର । ଯଥା - ପ୍ରତ୍ୟକ୍ଷ ପର୍ଯ୍ୟବେକ୍ଷଣ ଓ ପରୋକ୍ଷ ପର୍ଯ୍ୟବେକ୍ଷଣ ।

ପ୍ରତ୍ୟକ୍ଷ ପର୍ଯ୍ୟବେକ୍ଷଣ ପଦ୍ଧତିରେ ଶିକ୍ଷାର୍ଥୀ ବିଭିନ୍ନ ପ୍ରକାରର ଭୌଗୋଳିକ ତଥ୍ୟ ଯଥା - ନଦୀ, ହ୍ରଦ, ସମୁଦ୍ର, ପର୍ବତ, ଉପତ୍ୟକା, ଚାଷଜମି, ଶିଳ୍ପ କାରଖାନା, ଭୌଗୋଳିକ ସ୍ଥାନ ପ୍ରଭୃତିର ପ୍ରତ୍ୟକ୍ଷ ସଂସ୍ପର୍ଶରେ ଆସି ସେଗୁଡ଼ିକ ପର୍ଯ୍ୟବେକ୍ଷଣ କରି ଆବଶ୍ୟକୀୟ ଭୌଗୋଳିକ ତଥ୍ୟ ସଂଗ୍ରହ କରିଥାନ୍ତି । ତେଣୁ ପର୍ଯ୍ୟଟନ, ବହିଃଶ୍ରେଣୀ ଶିକ୍ଷାଦାନ ଦ୍ୱାରା ଏହା କରାଯାଏ । ପ୍ରତ୍ୟକ୍ଷ ଅନୁଭୂତି ଏଭଳି ପରିଭ୍ରମଣରୁ ସ୍ୱଚକ୍ଷୁରେ ଦେଖିବାକୁ ମିଳେ । ଯାହା ଶିକ୍ଷାର୍ଥୀ ମନରେ ଏକ ବାସ୍ତବ ଚିତ୍ର ପ୍ରଦାନ କରେ । ପ୍ରତ୍ୟକ୍ଷ ଅନୁଭୂତିରୁ ଲବ୍ଧଜ୍ଞାନ ଜୀବନ୍ତ, ବାସ୍ତବ ଓ ସରସ ହୁଏ । ଏହାଦ୍ୱାରା ଶିକ୍ଷାର୍ଥୀ ଭୂଗୋଳର ବିଭିନ୍ନ ବିଷୟ ପାଠ କରିବା ପାଇଁ ଆଗ୍ରହୀ ଓ ଅନୁସନ୍ଧିତ୍ସୁ ହୁଅନ୍ତି । ଯାହା ସେମାନଙ୍କୁ ଭୂଗୋଳ ପଢ଼ିବା ପାଇଁ ପ୍ରେରଣା ଯୋଗାଏ । ଆହୁରି ମଧ୍ୟ ପ୍ରତ୍ୟକ୍ଷ ପର୍ଯ୍ୟବେକ୍ଷଣ ପଦ୍ଧତି ଦ୍ୱାରା ଶିକ୍ଷାଦାନ ଶିକ୍ଷାର୍ଥୀଙ୍କ ମନରେ ସ୍ୱଦେଶପ୍ରୀତି, ପାରସ୍ପରିକ ସ୍ନେହ ସୌହାର୍ଦ୍ଦ୍ୟ ଓ ସହିଷ୍ଣୁତା, ଜାତୀୟ ସଂହତି, ସହଯୋଗ ଓ ନେତୃତ୍ୱ ନେବାର ଦକ୍ଷତା ବିକାଶର ସହାୟକ ହୁଏ ।

ନିମ୍ନୋକ୍ତ ଭୂଗୋଳ ପାଠ୍ୟଗୁଡ଼ିକ ପ୍ରତ୍ୟକ୍ଷ ପର୍ଯ୍ୟବେକ୍ଷଣ ପଦ୍ଧତି ଦ୍ୱାରା ପଢ଼ାଯାଇପାରିବ । ଯଥା - ଶିଳ୍ପ, ବାଣିଜ୍ୟ, କୃଷି ଓ ଜଳସେଚନା, ଖଣିଜପଦାର୍ଥ, ବନସମ୍ପଦ, ଗ୍ରାମ ବା ସହରର ଯେକୌଣସି ଭୌଗୋଳିକ ତଥ୍ୟରାଜି ।

ପରୋକ୍ଷ ପର୍ଯ୍ୟବେକ୍ଷଣରେ ଶ୍ରେଣୀ କକ୍ଷରେ ବିଭିନ୍ନ ପ୍ରକାର ଦୃଶ୍ୟର ଚିତ୍ର, ଛବି, ମଡ଼େଲ, ଫଟୋଗ୍ରାଫ୍ ଆଦିର ବ୍ୟବହାର କରି ଶିକ୍ଷାର୍ଥୀମାନଙ୍କୁ ପର୍ଯ୍ୟବେକ୍ଷଣ କରିବାକୁ କୁହାଯାଏ । ଅର୍ଥାତ୍ ବାସ୍ତବରେ କୌଣସି ଜିନିଷ ନ ଦେଖି ତା'ର ଅବିକଳ ନକଲ ବା ପ୍ରତିରୂପ ଦେଖି ତଥ୍ୟ ସମ୍ବନ୍ଧରେ ଯେଉଁ ଧାରଣା ଗ୍ରହଣ କରାଯାଏ, ତାକୁ ପରୋକ୍ଷ ପର୍ଯ୍ୟବେକ୍ଷଣ କହନ୍ତି । ଏହି ପ୍ରକାରର ପର୍ଯ୍ୟବେକ୍ଷଣ ସାଧାରଣତଃ ଶ୍ରେଣୀକକ୍ଷ ପ୍ରୟୋଗଶାଳା ମଧ୍ୟରେ ହୋଇଥାଏ ।

ପର୍ଯ୍ୟବେକ୍ଷଣର ସଫଳତା ନିମ୍ନୋକ୍ତ ବିଷୟଗୁଡ଼ିକ ଉପରେ ନିର୍ଭର କରେ ।

୧. ଉ ମ ଭାବେ ନୀରିକ୍ଷଣ କରିବା ଓ ଦେଖିଥିବା ଜିନିଷର ଲିପିବଦ୍ଧ କରିବା ।

୨. ଉ ର ନିରୀକ୍ଷଣ ପାଇଁ ବନ୍ଦୋବସ୍ତ କରିବା

୩. ଦେଖିଥିବା ଜିନିଷର ପ୍ରତ୍ୟେକଟି ଉପାଦାନକୁ କ୍ରମିକ ଭାବେ ଦେଖି ରଖିବା

୪. ଲିପିବଦ୍ଧ କରିଥିବା ବିଷୟର ବ୍ୟାଖ୍ୟାନ କରିବା ।

ପର୍ଯ୍ୟବେକ୍ଷଣର ଉପକାରିତା –

୧. ଏହା ଏକ ବାସ୍ତବତା ମୁଖୀ ଶିକ୍ଷାଦାନ ପଦ୍ଧତି । କାରଣ ବିଭିନ୍ନ ପ୍ରକାରର ଛବି, ମଡ଼େଲ, ଚିତ୍ର ଦେଖି ଶିକ୍ଷାର୍ଥୀମାନେ ବାସ୍ତବ ଜ୍ଞାନ ଲାଭ କରନ୍ତି ।

୨. ପ୍ରତ୍ୟକ୍ଷ ଅନୁଭୂତି ଗ୍ରହଣ କରିବା ଦ୍ୱାରା ଧାରଣା ସତ୍ୟ, ଜୀବନ୍ତ ଓ ବାସ୍ତବ ହୁଏ ।

୩. ପୁସ୍ତକଗତ ବିଦ୍ୟାକୁ ବାସ୍ତବ ରୂପ ଦେବାରେ ପର୍ଯ୍ୟବେକ୍ଷଣ ପଦ୍ଧତି ଅନ୍ୟତମ ।

ଅସୁବିଧା

୧. ପ୍ରତ୍ୟକ୍ଷ ପର୍ଯ୍ୟବେକ୍ଷଣ ପାଇଁ ବାହାରକୁ ଯିବା ଯୋଜନା କଲେ ଶିକ୍ଷାର୍ଥୀ ବିଶୃଙ୍ଖଳ ହୋଇପାରନ୍ତି । ଏଥିସକାଶେ ଶିକ୍ଷକଙ୍କୁ ସତର୍କ ରହିବାକୁ ପଡ଼ିବ ।

୨. ଦୂରଦୂରାନ୍ତରେ ଥିବା ଭୌଗୋଳିକ ବସ୍ତୁଗୁଡ଼ିକର ପର୍ଯ୍ୟବେକ୍ଷଣ କରିବା ଦୁଃସାଧ ।

୩. ପର୍ଯ୍ୟଟନ ଓ ପର୍ଯ୍ୟବେକ୍ଷଣ ପାଇଁ ବିଭିନ୍ନ ସ୍ଥାନକୁ ଯିବା ବ୍ୟୟ ସାପେକ୍ଷ ।

୪. ଶିକ୍ଷାର୍ଥୀମାନଙ୍କ ଅଭିଭାବକମାନଙ୍କ ତରଫରୁ ମଧ୍ୟ ଉତ୍ସାହ ବା ପ୍ରେରଣା ମିଳି ନ ପାରେ ।

(II) ଆଲୋଚନା ମୂଳକ ପଦ୍ଧତି (Discussion Method)

ଭୂଗୋଳ ଅଧ୍ୟାପନା ପାଇଁ ଆଲୋଚନା ମୂଳକ ପଦ୍ଧତି ଏକ ଉପାଦେୟ ପଦ୍ଧତି । କାରଣ କୌଣସି ଭୌଗୋଳିକ ତଥ୍ୟ ବା ପ୍ରତ୍ୟୟର ପର୍ଯ୍ୟବେକ୍ଷଣ ଦ୍ୱାରା ବା ଅନ୍ୟ କୌଣସି ପଦ୍ଧତି ଦ୍ୱାରା ଜ୍ଞାନ ଅର୍ଜନ କରି ଶିକ୍ଷାର୍ଥୀ ଓ ଶିକ୍ଷକ ଉଭୟେ ପରସ୍ପର ପାରସ୍ପରିକ ସହଯୋଗ ବଳରେ ଶିକ୍ଷଣ କ୍ରିୟା ସମ୍ପାଦନ କରିବାକୁ ଆଲୋଚନା ମୂଳକ ପଦ୍ଧତି କୁହାଯାଏ । ଏହି

ଦୃଷ୍ଟିରୁ ଏହା ଏକ ସହଯୋଗୀ ପଦ୍ଧତି ରୂପେ ବିବେଚିତ । ଏହି ପଦ୍ଧତିର ପ୍ରାଧାନ୍ୟ ଏହି ଯେ, ଏଥିରେ ଶିକ୍ଷାର୍ଥୀ ଓ ଶିକ୍ଷକ ଉଭୟେ ଅଂଶୀଦାର ହୋଇ ଜ୍ଞାନ ଆହରଣ କରିଥାନ୍ତି । ପ୍ରତ୍ୟେକ ଶିକ୍ଷାର୍ଥୀ ନିଜ ନିଜର ମତବ୍ୟକ୍ତ କରିବାରେ ସୁଯୋଗ ପାଆନ୍ତି । ନିଜର କ୍ରିୟା ପ୍ରତିକ୍ରିୟା ଓ ଅନୁଭୂତି ବ୍ୟକ୍ତ କରନ୍ତି । ଏହି ପଦ୍ଧତି ପ୍ରଶ୍ନୋ ର ମାଧ୍ୟମରେ, ବ୍ୟାଖ୍ୟାନ ମାଧ୍ୟମରେ ଓ ପର୍ଯ୍ୟବେକ୍ଷଣ ମାଧ୍ୟମରେ ହୋଇପାରେ । ତେଣୁ ଏହି ପଦ୍ଧତି ଅନୁସନ୍ଧିତ୍ସା ଓ ଯୁକ୍ତିଯୁକ୍ତ ମନୋବୃ ି ବିକାଶ କରିବାରେ ସହାୟକ ହୁଏ । ଖ୍ରୀଷ୍ଟପୂର୍ବ ପ୍ରଥମ ଶତାବ୍ଦୀରେ ଏହି ପଦ୍ଧତିର ପ୍ରଚଳନ ରୋମ ଦେଶରେ ହୋଇଥିଲା, ଯେଉଁଠାରେ କି ବିଖ୍ୟାତ ଦାର୍ଶନିକ ସିସେରୋ ଏହି ପଦ୍ଧତି ଅବଲମ୍ବନ କରି ବିଭିନ୍ନ ସାମାଜିକ ଓ ରାଜନୈତିକ ସମସ୍ୟାର ସମାଧାନ କରିଥିଲେ ।

ଆଲୋଚନା ପଦ୍ଧତିରେ ତିନୋଟି ସୋପାନ ରହିଛି । ସେଗୁଡ଼ିକ ହେଲେ ଉପସ୍ଥାପନା, ପରାମର୍ଶ ବା ନିର୍ଦ୍ଦେଶ ଓ ସାରାଂଶ ନିର୍ଣ୍ଣୟ । ଉପସ୍ଥାପନା ପର୍ଯ୍ୟାୟରେ କୌଣସି ଏକ ପ୍ରସଙ୍ଗର ପର୍ଯ୍ୟାଲୋଚନା ସକାଶେ ଶ୍ରେଣୀରେ ଉପସ୍ଥାପନ କରାଯାଏ । ପ୍ରାରମ୍ଭରୁ ଶିକ୍ଷକ ଶିକ୍ଷାଦାନର ଉଦ୍ଦେଶ୍ୟ ସମ୍ବନ୍ଧରେ ଶିକ୍ଷାର୍ଥୀମାନଙ୍କୁ ଅବଗତ କରାନ୍ତି । ତଦନୁସାରେ ପ୍ରସଙ୍ଗଟିର ପର୍ଯ୍ୟାଲୋଚନା ଚାଲେ । ଶିକ୍ଷକ ଏକ ପଥ ପ୍ରଦର୍ଶନ ରୂପେ ଆଲୋଚନାକୁ ନିୟନ୍ତ୍ରଣ କରାନ୍ତି ଓ ପ୍ରତ୍ୟେକ ଶିକ୍ଷାର୍ଥୀ ନିଜ ନିଜର ବୁଦ୍ଧିମତା ଓ ଦକ୍ଷତା ବା ସାମର୍ଥ୍ୟ ଅନୁଯାୟୀ ଆଲୋଚନାରେ ଭାଗ ନିଅନ୍ତି । ପରବ ର୍ତ୍ତୀ ପର୍ଯ୍ୟାୟରେ ଶିକ୍ଷକ ଆଲୋଚନା ମାଧ୍ୟମରେ ଶିକ୍ଷାର୍ଥୀମାନଙ୍କୁ ଆବଶ୍ୟକୀୟ ପରାମର୍ଶ ବା ନିର୍ଦ୍ଦେଶ ଦେଇଥାନ୍ତି । ଶ୍ରେଣୀ କକ୍ଷରେ ଉଭୟ ଶିକ୍ଷକ ଓ ଶିକ୍ଷାର୍ଥୀ ପରସ୍ପରର ଭାବ ବିନିମୟ ବଳରେ ସମସ୍ୟାର ସମାଧାନ ଦିଗରେ ଅଗ୍ରଗତି କରନ୍ତି । ଏକ ମୁକ୍ତ ବାୟୁମଣ୍ଡଳରେ ଶିକ୍ଷକ ପ୍ରତ୍ୟେକ ଶିକ୍ଷାର୍ଥୀଙ୍କୁ ନିଜ ନିଜର ଅଭିବ୍ୟକ୍ତି ପ୍ରକାଶ କରିବାକୁ ଉତ୍ସାହ ଓ ନିର୍ଦ୍ଦେଶ ଦିଅନ୍ତି । ପ୍ରତ୍ୟେକ ଶିକ୍ଷାର୍ଥୀ ଯେପରି ନିର୍ଭୟ ଓ ସ୍ୱାଧୀନ ଭାବରେ ନିଜ ନିଜର ମତ ପରିପ୍ରକାଶ କରିପାରିବେ, ସେଥିପ୍ରତି ଶିକ୍ଷକ ବିଶେଷ ଧ୍ୟାନ ଦିଅନ୍ତି । ଆଲୋଚନାରେ ଭାଗ ନେଇ ପ୍ରତ୍ୟେକ ଅଂଶର ବିତର୍କ କରି ସମସ୍ୟା ସମାଧାନ କଲାପରେ, ସେହି ଆଲୋଚନାରୁ ଲବ୍ଧ ତଥ୍ୟକୁ ଶିକ୍ଷକ ଏକତ୍ରିତ କରି "କ'ଣ ଶିଖିଲେ" ବିଷୟରେ ସାରାଂଶ ଲେଖନ୍ତି ।

ଏକ ସଫଳ ଆଲୋଚନା ପାଇଁ ଆଲୋଚ୍ୟ ବିଷୟବସ୍ତୁର ବୋଧଗମ୍ୟତା, ବିଶ୍ୱାସ ଓ ଶିଷ୍ଟାଚାର ଏହି ତିନୋଟି ମୁଖ୍ୟ ଉପାଦାନ ରୂପେ ଗ୍ରହଣ କରାଯାଏ । ଅର୍ଥାତ୍ ପ୍ରତ୍ୟେକଟି ଛାତ୍ର ପ୍ରସଙ୍ଗର ଆଲୋଚନାରେ ଭାଗନେବା ଗଭୀର ଆତ୍ମବିଶ୍ୱାସକୁ ବୁଝାଏ, ଶିକ୍ଷାର୍ଥୀମାନଙ୍କର ଚିନ୍ତାଶକ୍ତି ଓ ବୋଧଗମ୍ୟ ଶକ୍ତିକୁ ବୋଧଗମ୍ୟତା ଓ ଶ୍ରେଣୀକକ୍ଷର ସମସ୍ତ ଶିକ୍ଷାର୍ଥୀଙ୍କ ମତ ପ୍ରତି ସମ୍ମାନ ଦେବାକୁ ଶିଷ୍ଟାଚାର କୁହାଯାଏ । ଏଗୁଡ଼ିକ ନ ହେଲେ ଆଲୋଚନା ସଫଳ ହୁଏ ନାହିଁ । ଦ୍ୱିତୀୟରେ ଆଲୋଚ୍ୟ ବିଷୟରେ ଶିକ୍ଷାର୍ଥୀର ଅନୁଭୂତି ନ ଥିଲେ ସେ ଆଲୋଚନାରେ ଭାଗ ନେଇପାରେ ନାହିଁ । ଆଲୋଚନାର ବିଷୟବସ୍ତୁ ସହିତ ଶିକ୍ଷାର୍ଥୀଙ୍କର ପୂର୍ବଜ୍ଞାନ ଓ ପୁର୍ନାନୁଭୂତିର ସମ୍ପର୍କ ନ ରହିଲେ ମଧ୍ୟ ଆଲୋଚନା ସଫଳ ହୁଏ ନାହିଁ । ପ୍ରତ୍ୟେକ ଶିକ୍ଷାର୍ଥୀ ଆଲୋଚନାରେ ଭାଗନେଲେ ଆଲୋଚନା ସଫଳ ହୁଏ ।

ଆଲୋଚନା ପଦ୍ଧତିର ସୁବିଧା

୧. ଶିକ୍ଷଣ ପ୍ରକ୍ରିୟା ସରଳ, ସହଜ, ସଫଳ, ସକ୍ରିୟ ଓ ବୋଧଗମ୍ୟ ହୁଏ ।

୨. ଶିକ୍ଷାର୍ଥୀ ନିଜେ ଆଲୋଚନାରେ ଭାଗ ନେଉଥିବା ଦ୍ୱାରା ଶିକ୍ଷାର୍ଥୀର ନିଷ୍ଠା, ଆନ୍ତରିକତା ଓ ଆତ୍ମବିଶ୍ୱାସ ବଢ଼େ ।

୩. ଶିକ୍ଷାର୍ଥୀକୁ ସ୍ୱାଧୀନ ଭାବେ ଚିନ୍ତା କରିବା, ମତ ପ୍ରକାଶ କରିବା ସୁଯୋଗ ମିଳୁଥିବାରୁ ଶିକ୍ଷାର୍ଥୀ ପାଠପଢ଼ା ପ୍ରତି ଉତ୍ସାହିତ ଓ ଅନୁପ୍ରାଣିତ ହୁଏ ।

୪. ବିଭିନ୍ନ ପ୍ରକାଣ ଗୁଣ ଯଥା - ସମୟାନୁବର୍ତ୍ତିତା, ସହନଶୀଳତା ଓ ସହଯୋଗ ମନୋବୃତ୍ତି ଆଲୋଚନା ମାଧ୍ୟମରେ ଶିକ୍ଷାଦାନ କଲେ ଶିକ୍ଷାର୍ଥୀ ମନରେ ଜାଗତିର ହୁଏ ।

ଆଲୋଚନା ପଦ୍ଧତିର ଅସୁବିଧା

ସଫଳ ଆଲୋଚନା ପାଇଁ ଏକ ସାର୍ଥକ ଶିକ୍ଷକର ଚାହିଦା ଅନୁଭୂତ ହୋଇଥାଏ । କାରଣ ଶିକ୍ଷକଙ୍କର ଦକ୍ଷତା ବୁଦ୍ଧି ଓ ସାମର୍ଥ୍ୟ ତାଙ୍କର ଶିକ୍ଷାଦାନର କୌଶଳ ଉପରେ ନିର୍ଭର କରୁଥିବାରୁ, ପ୍ରତ୍ୟେକ ଶିକ୍ଷକଙ୍କ ପାଖରେ ଏଭଳି ଗୁଣ ରହିବା ଦରକାର । କିନ୍ତୁ ସମସ୍ତ ଶିକ୍ଷକଙ୍କଠାରେ ସମାନ ଭାବରେ ସାମର୍ଥ୍ୟ ଦେଖାଯାଏ ନାହିଁ ।

ସଫଳ ଆଲୋଚନା ପାଇଁ ବିଦ୍ୟାଳୟର ସାଙ୍ଗଠନିକ ପରିବେଶ ମଧ୍ୟ ଉ ମ ହେବା ଦରକାର । କାରଣ ଶିକ୍ଷାର୍ଥୀ ନିଜେ ନିଜର ବୁଦ୍ଧି, ଚିନ୍ତାଶକ୍ତି ଖଟାଇ ପ୍ରତ୍ୟେକ ବିଷୟର ଆଲୋଚନା କଲେ ତାଙ୍କ ପାଇଁ ଏକ ଉନ୍ମୁକ୍ତ ଶିକ୍ଷା ବାତାବରଣ ରଖିବା ଦରକାର । ବିଦ୍ୟାଳୟଗୁଡ଼ିକ ଏଭଳି ବାତାବରଣ ସମ୍ପନ୍ନ ନୁହଁନ୍ତି । ଅନେକ ବିଦ୍ୟାଳୟରେ ପାଠୋପକରଣ ନାହିଁ କି ପଠନାଗାର, ପାଠାଗାର ଓ ପରୀକ୍ଷାଗାର ନାହିଁ । ତେଣୁ ଏ ପରିବେଶ ଶିକ୍ଷାର୍ଥୀଙ୍କୁ ପ୍ରକୃତ ପାଥେୟ ଯୋଗାଇପାରେ ନାହିଁ ।

(III) ନିଦର୍ଶନ ପଦ୍ଧତି (Demonstration Method)

ଏହି ପଦ୍ଧତି ସାଧାରଣତଃ ବିଜ୍ଞାନ ପାଠଦାନରେ ବ୍ୟବହୃତ ହୁଏ । ଶିକ୍ଷକ ବିଜ୍ଞାନ ବିଷୟକ ଏକ ପାଠର ପରୀକ୍ଷା ଶ୍ରେଣୀ କକ୍ଷରେ କରି, ଶିକ୍ଷାର୍ଥୀଙ୍କୁ କ'ଣ କ'ଣ କଲେ ସେ ବିଷୟରେ ପଚାରି ବିଷୟଟିକୁ ବୁଝାଇଥାନ୍ତି । ପରୀକ୍ଷା ଚାଲିଥିବାବେଳେ ଶିକ୍ଷାର୍ଥୀମାନେ ଟିକିନିଖି ଭାବେ ପର୍ଯ୍ୟବେକ୍ଷଣ କରି ପ୍ରତ୍ୟେକ କଥାର କାରଣ ଖୋଜି ବାହାର କରନ୍ତି ସ କ'ଣ ହେଲା ବୋଲି କହିଥାନ୍ତି । ତେଣୁ ଶିକ୍ଷାର୍ଥୀମାନେ ଏଥିରେ ସକ୍ରିୟ ଭାବେ ଭାଗ ନେଇପାରନ୍ତି । ତେଣୁ ଯାହା କାର୍ଯ୍ୟରେ ସମ୍ପାଦନ କରିହୁଏ, ତାହାହିଁ ସତ୍ୟ । ସେ ବିଷୟରେ ଜାଣନ୍ତି ।

ନିଦର୍ଶନ ପଦ୍ଧତିରେ କେତୋଟି ନିର୍ଦ୍ଦିଷ୍ଟ ସୋପାନ ରହିଛି । ଯଥା - ଯୋଜନା, ଉପକ୍ରମ, ଉପସ୍ଥାପନ, ପରୀକ୍ଷା ନିଦର୍ଶନ, ସାରାଂଶ ଓ ଶିକ୍ଷକଙ୍କର ଛାତ୍ରଙ୍କ କାର୍ଯ୍ୟକଳାପ ପରିଦର୍ଶନ । ଯୋଜନା ପର୍ଯ୍ୟାୟରେ ଶିକ୍ଷକ ସମୁଦାୟ ଜନିଷଟିକୁ ନେଇ ପାଠ୍ୟ ଯୋଜନା ପ୍ରସ୍ତୁତ କରନ୍ତି । ସେତେବେଳେ ସେ କ'ଣ ପାଠ ପଢ଼ା ହେବ, ସେଥିପାଇଁ କ'ଣ ପରୀକ୍ଷା କରାଯିବ, କି କି ପ୍ରଶ୍ନ ପଚରାଯିବ, କି କି ଯନ୍ତ୍ରପାତି ପରୀକ୍ଷାର ନିଦର୍ଶନ ପାଇଁ ଦରକାର ପଡ଼ିବ ତା'ର ଏକ ସୁଚିନ୍ତିତ ପରିକଳ୍ପନା କରିଥାନ୍ତି । ଉପକ୍ରମ ପର୍ଯ୍ୟାଳୟରେ ଶିକ୍ଷକ କିଭଳି ଉପକ୍ରମ କରିବେ ସେ ବିଷୟରେ ଚିନ୍ତା କରିଥାନ୍ତି ।

ପ୍ରସଙ୍ଗଟିକୁ ସମସ୍ୟା ଆକାରରେ ବା ଗଳ୍ପ ଆକାରରେ ବା ଚିତ୍ର ପ୍ରଦର୍ଶନ ଆକାରରେ ଆରମ୍ଭ କରିବେ ତାହା ସବୁ ପୂର୍ବରୁ ସିଦ୍ଧାନ୍ତ କରିଥାନ୍ତି । ଉପସ୍ଥାପନା ପର୍ଯ୍ୟାୟରେ ଶିକ୍ଷକ ନିଜେ ଶିକ୍ଷାର୍ଥୀଙ୍କ ସହାୟତାରେ ପରୀକ୍ଷା କରନ୍ତି । ନାନା ପ୍ରଶ୍ନ ପଚାରି ପରୀକ୍ଷାଟିର କ'ଣ ଓ କାହିଁକି, କେତେବେଳେ' ଆଦି ବିଷୟରେ ବୁଝାଇଥାନ୍ତି । କଠିନ ଶବ୍ଦର ସଂସ୍ପର୍ଶରେ ଆସିଲେ ତାକୁ କଳାପଟାରେ ଲିପିବଦ୍ଧ କରନ୍ତି । ପରୀକ୍ଷା ଓ ପାଠର ସାରମର୍ମ ଶିକ୍ଷାର୍ଥୀମାନଙ୍କ ସହଯୋଗରେ ପ୍ରଦାନ କରନ୍ତି । ଶିକ୍ଷାର୍ଥୀମାନଙ୍କୀ କ୍ରିୟାକଳାପ ମଧ୍ୟ ଏତେବେଳେ ପରିଦର୍ଶନ କରୁଥାନ୍ତି ।

ନିଦର୍ଶନ ପଦ୍ଧତିର ସୁବିଧା

- ଶିକ୍ଷାର୍ଥୀମାନଙ୍କର ସକ୍ରିୟ ସହଯୋଗ ରହୁଥିବାରୁ ଓ ଶିକ୍ଷଣ ପ୍ରକ୍ରିୟାଟି ମୂ ର୍ରୁ ଅମୂ ର୍କୁ ଅଗ୍ରଗତି କରୁଥିବାରୁ ଶିକ୍ଷାଦାନ ପ୍ରଣାଳୀରେ ଲବ୍ଧଜ୍ଞାନ ମନସ୍ତା ତ୍ତ୍ୱିକ ଦୃଷ୍ଟିକୋଣରୁ ଅଧିକ ଯୁକ୍ତିଯୁକ୍ତ ଓ ଲାଭଜନକ ।
- ଏହା ଉଭୟ ସମୟ ଓ ଅର୍ଥ ବ ।ଏ ।
- ପରୀକ୍ଷା କରି ଫଳପ୍ରାପ୍ତିର ସ୍ୱାଦ ଶିକ୍ଷାର୍ଥୀମାନଙ୍କୁ ମିଳେ ନାହିଁ, କାରଣ ପରୀକ୍ଷାଟି ଶିକ୍ଷାର୍ଥୀମାନେ କରିବାକୁ ସୁଯୋଗ ପାଆନ୍ତି ନାହିଁ ।
- ଯନ୍ତ୍ରପାତି ଚାଳନାର ପ୍ରବିଧି ଏହାଦ୍ୱାରା ବିକଶିତ ହୋଇପାରେ ନାହିଁ ।
- ଦୂରରୁ ଶିକ୍ଷାର୍ଥୀମାନେ ପରୀକ୍ଷାଟିର ନିରୀକ୍ଷଣ କାର୍ଯ୍ୟରେ ଲିପ୍ତ ରହୁଥିବାରୁ ପରୀକ୍ଷାଟିର ଟିକିନିଖି ଭାବେ ଯାହା ସଂଘଟିତ ହୁଏ ତାହା ଶିକ୍ଷାର୍ଥୀ ଦେଖିପାରନ୍ତି ନାହିଁ ।

ଭୂଗୋଳ ପାଠଦାନ ନିମି ଆହୁରି ଅନେକ ପଦ୍ଧତି ରହିଛି । ଯଥା - ପ୍ରକଳ୍ପ ପଦ୍ଧତି, ସମସ୍ୟା ସମାଧାନ ମୂଳକ ପଦ୍ଧତି, ଆ ଳିକ ଭୂଗୋଳ ପାଠଦାନ ପଦ୍ଧତି ।

ପ୍ରକଳ୍ପ ପଦ୍ଧତିରେ ଶିକ୍ଷାର୍ଥୀମାନେ ଭୌଗୋଳିକ ଜ୍ଞାନ ଓ କୌଶଳ, କର୍ମାନୁଭୂତିକୁ କେନ୍ଦ୍ର କରି ଲାଭ କରିଥାନ୍ତି । ଭୌଗୋଳିକ ସମସ୍ୟାଗୁଡ଼ିକୁ କର୍ମକୈନ୍ଦ୍ରିକ କରି ଶିକ୍ଷାର୍ଥୀମାନଙ୍କର ମାନସିକ ଓ ଶାରୀରିକ ଶ୍ରମର ସମନ୍ୱୟ ସୃଷ୍ଟି କରି ପ୍ରକଳ୍ପ ପଦ୍ଧତିରେ ଶିକ୍ଷାଦାନ କରାଯାଏ ।

ସମସ୍ୟା ସମାଧାନ ମୂଳକ ପଦ୍ଧତିରେ ଭୂଗୋଳର ବିଷୟବସ୍ତୁକୁ ସମସ୍ୟା ଆକାରରେ ଶିକ୍ଷାର୍ଥୀମାନଙ୍କ ଆଗରେ ଉପସ୍ଥାପନ କରାଯାଏ । ସମସ୍ୟାଗୁଡ଼ିକର ସମାଧାନ କରିବା ପରିପ୍ରେକ୍ଷୀରେ ଅନେକ ସମୟରେ ଶିକ୍ଷାର୍ଥୀମାନଙ୍କର ବିଷୟଗତ ସନ୍ଦେହ ଓ କ୍ଲିଷ୍ଟତା ପ୍ରକାଶ ପାଇଥାଏ । ସୁତରାଂ ଶିକ୍ଷଣ କାର୍ଯ୍ୟ ସହଜ ଓ ବୋଧଗମ୍ୟ ହୋଇପାରେ ନାହିଁ । ଏହି ଜଟିଳତାକୁ ସମସ୍ୟା ଆଖ୍ୟା ଦିଆଯାଇଥାଏ । ଅନେକ ପ୍ରଧାନ ପ୍ରଧାନ ଭୌଗୋଳିକ ତଥ୍ୟ ସମସ୍ୟା ଆକାରରେ ଉପସ୍ଥାପନ କରାଯାଇପାରେ, ଯଥା - "ଉ ର ଭାରତର ନଦୀଗୁଡ଼ିକ ସୁନାବ୍ୟା କାହିଁକି ?" ଏହି ସମସ୍ୟାର ସମାଧାନ ପାଇଁ ଏକ ନିର୍ଦ୍ଦିଷ୍ଟ ପ୍ରଣାଳୀ ଅବଲମ୍ବନ କରାଯାଏ । ଶିକ୍ଷାର୍ଥୀମାନଙ୍କୁ ଅନୁଧ୍ୟାନ ପ୍ରଣାଳୀରେ ତଥ୍ୟ ସଂଗ୍ରହ କରିବାକୁ ପଡ଼େ ଓ ସେମାନେ ସମ୍ଭାବ୍ୟ ସମାଧାନ ସୂଚନା ପାଇଁ ତା'ର ପରୀକ୍ଷା କରି ସିଦ୍ଧାନ୍ତରେ ଉପନୀତ ହୋଇପାରନ୍ତି । ଏହି ପଦ୍ଧତିର

ସୁବିଧା ବିଶେଷ ଅଛି । ଶିକ୍ଷାର୍ଥୀମାନଙ୍କର ଚିନ୍ତାଶକ୍ତି ଯୁକ୍ତିଯୁକ୍ତ ଓ ସୃଜନୀଶକ୍ତି ଏହାଦ୍ୱାରା ବୃଦ୍ଧିପାଏ । କାର୍ଯ୍ୟ ମାଧ୍ୟମରେ ଶିକ୍ଷା ଏହି ପଦ୍ଧତିର ସୁବିଧା ବିଶେଷ ଅଛି । ଶିକ୍ଷାର୍ଥୀମାନଙ୍କର ଚିନ୍ତାଶକ୍ତି ଯୁକ୍ତିଯୁକ୍ତ ଓ ସୃଜନୀଶକ୍ତି ଏହାଦ୍ୱାରା ବୃଦ୍ଧି ପାଏ । କାର୍ଯ୍ୟ ମାଧ୍ୟମରେ ଶିକ୍ଷା ଏହି ପଦ୍ଧତିରେ ସହଜ ହୁଏ ଓ ବାସ୍ତବ ସମସ୍ୟାଗୁଡ଼ିକର ସମାଧାନ କ୍ଷେତ୍ରରେ ଏ ପଦ୍ଧତି ବିଶେଷ ସହାୟକ ହୁଏ ।

ଆ ଳିକ ଭୂଗୋଳ ଶିକ୍ଷାଦାନ ପଦ୍ଧତିରେ ସାର ପୃଥିବୀକୁ କେତୋଟି ବିଭାଗରେ ବିଭକ୍ତିକରଣ କରାଯାଏ ଓ ପ୍ରତ୍ୟେକଟି ଅ ଳର ଅବସ୍ଥିତି, ଗଠନ, ପ୍ରାକୃତିକ ପରିବେଶ, ଜଳବାୟୁ, କୃଷି, ଖାଦ୍ୟ, ଅଧିବାସୀଙ୍କ ଜୀବନଯାତ୍ରା ପ୍ରଣାଳୀ ଆଦି ଶିକ୍ଷାଦାନ କରାଯାଏ ।

୪.୬.୬. ଭୂଗୋଳ ଶିକ୍ଷାଦାନ ପାଇଁ ଶିକ୍ଷଣ ସାମଗ୍ରୀ

ଭୂଗୋଳ ଶିକ୍ଷାଦାନକୁ ସକ୍ରିୟ, ସରସ ଓ ଫଳପ୍ରଦ କରିବା ପାଇଁ ବିଭିନ୍ନ ପାଠୋପକରଣ ଏକାନ୍ତ ଆବଶ୍ୟକ । ଏଗୁଡ଼ିକ ଭୂଗୋଳ ପାଠକୁ ସରସ ଓ ରୁଦ୍ଧିମନ୍ତ କରିବା ସଙ୍ଗେ ସଙ୍ଗେ ଶିକ୍ଷାର୍ଥୀମାନଙ୍କୁ ଭୂଗୋଳ ମନୋବୃ ି ପୋଷଣ କରିବାରେ ସହାୟକ ହୁଅନ୍ତି । ଏହି ପାଠୋପକରଣ ଗୁଡ଼ିକ ଦୃଶ୍ୟ, ଶ୍ରାବ୍ୟ ଓ ଦୃଶ୍ୟଶ୍ରାବ୍ୟ ଉପକରଣରେ ବିଭକ୍ତ କରାଯାଇପାରେ ।

ଶ୍ରାବ୍ୟ ଉପକରଣ – ଯେଉଁ ଉପକରଣଗୁଡ଼ିକ ସାହାଯ୍ୟରେ ଶିକ୍ଷାର୍ଥୀ ଶୁଣି ଭୂଗୋଳ ପାଠ ଶିକ୍ଷା କରିଥାନ୍ତି, ସେଗୁଡ଼ିକୁ ଶ୍ରାବ୍ୟ ଉପକରଣ କହନ୍ତି । ଯଥା - ରେଡ଼ିଓ, ଟେପ୍‌ରେକର୍ଡ଼ର, ବକ୍ତବ୍ୟ, ଆଲୋଚନା ଇତ୍ୟାଦି ।

ଦୃଶ୍ୟ ଉପକରଣ – ଯେଉଁ ଉପକରଣ ଗୁଡ଼ିକ ସାହାଯ୍ୟରେ ଶିକ୍ଷାର୍ଥୀ ଦେଖି ଜ୍ଞାନ ଉପଲବ୍ଧି କରିଥାନ୍ତି, ସେଗୁଡ଼ିକୁ ଦୃଶ୍ୟ ଉପକରଣ କହନ୍ତି । ଯଥା - ଗୋଲକ, ମାନଚିତ୍ର, ଛବି, ଗ୍ରାଫ୍, ନମୁନା, ମଡ଼େଲ, ସ୍ଲାଇଡ଼ସ୍, ଫିଲ୍‌ମଷ୍ଟ୍ରିପ୍‌ସ୍ ଇତ୍ୟାଦି ।

ଦୃଶ୍ୟ ଓ ଶ୍ରାବ୍ୟ ଉପକରଣ – ଯେଉଁ ଉପକରଣଗୁଡ଼ିକ ସାହାଯ୍ୟରେ ଶିକ୍ଷାର୍ଥୀ ଦେଖି ଓ ଶୁଣି ଉଭୟ କାମ କରି ଭୂଗୋଳ ପାଠ ଶିକ୍ଷା କରିଥାନ୍ତି, ତାକୁ ଦୃଶ୍ୟଶ୍ରାବ୍ୟ ଉପକରଣ କହନ୍ତି । ଚଳଚ୍ଚିତ୍ର, ଟେଲିଭିଜନ୍ ଓ ନାଟକାଭିନୟ ଏହାର ଅନ୍ତର୍ଗତ ।

ଗୋଲକ – ଏହା ପୃଥିବୀର ଏକ ମଡ଼େଲ । ଶିକ୍ଷାର୍ଥମାନେ ଏହା ସାହାଯ୍ୟରେ ବିରାଟ ପୃଥିବୀ ସମ୍ପର୍କରେ ପରିକଳ୍ପନା କରିଥାନ୍ତି । ଏହାଦ୍ୱାରା ପୃଥିବୀ ଗୋଲ ଓ ପୃଥିବୀ ସୂର୍ଯ୍ୟଙ୍କ ଚାରିପାଖେ ପରିକ୍ରମଣ କରିବା ଶିକ୍ଷାର୍ଥୀମାନଙ୍କୁ ବୁଝାଇବା ସହଜ ହୁଏ । ଏହାଦ୍ୱାରା ପାଗ, ଋତୁ ପରିବ ର୍ତ୍ତନ, ଦିନ ଓ ରାତି କିପରି ଭାବରେ ସଂଘଟିତ ହୁଏ ଶିକ୍ଷା ଦିଆଯାଇଥାଏ । ଆହୁରି ମଧ୍ୟ ଏହା ସାହାଯ୍ୟରେ ଶିକ୍ଷାର୍ଥୀମାନଙ୍କୁ ନିଜ ଦେଶ ତଥା ଅନ୍ୟାନ୍ୟ ଦେଶର ଅବସ୍ଥିତି, ସାଗର, ମହାସାଗର ମେରୁ, ଦିଗ, ଅକ୍ଷାଂଶ ଓ ଦ୍ରାଘିମା ଆଦି ବିଷୟରେ ଶିକ୍ଷାଦାନ କରିବା ସମ୍ଭବପର ହୁଏ । ବିଭିନ୍ନ ଦେଶର ନଦନଦୀ, ହ୍ରଦ, ଗମନାଗମନ ପଥ ଆଦି ସମ୍ପର୍କରେ ଏଥିରୁ ସ୍ପଷ୍ଟ ଧାରଣା ମିଳେ । ରାଜ୍ୟ ରାଜ୍ୟ ବା ରାଜ୍ୟ ଓ ଦେଶ ମଧ୍ୟରେ ରହିଥିବା ସମ୍ପର୍କ ବିଷୟରେ ମଧ୍ୟ ଶିକ୍ଷାର୍ଥୀଙ୍କୁ ଜ୍ଞାନ ମିଳିବା ସହଜ ହୁଏ ।

ମାନଚିତ୍ର – ଭୂଗୋଳ ଶିକ୍ଷାଦାନରେ ମାନଚିତ୍ରର ଭୂମିକା ବହୁ ଗୁରୁତ୍ୱପୂର୍ଣ୍ଣ । କାରଣ - ମାନଚିତ୍ରରେ କୌଣସି ରାଜ୍ୟ, ଦେଶ ତଥା ମହାଦେଶର ଅବସ୍ଥିତି, ପ୍ରାକୃତିକ ଗଠନ, ନଦୀ, ହ୍ରଦ, ପାହାଡ଼ ଆଦି ସମ୍ପର୍କରେ ଧାରଣା କରିହୁଏ । ବିଭିନ୍ନ ପ୍ରକାରର ମାନଚିତ୍ର ଦେଖି ଏସବୁ ସମ୍ବନ୍ଧରେ ଶିକ୍ଷାର୍ଥୀ ଜାଣିପାରେ ।

- ମାନଚିତ୍ରରୁ କୌଣସି ଏକ ଗୁରୁତ୍ୱପୂର୍ଣ୍ଣ ଅ ଳର ଅବସ୍ଥିତି, ଦୂରତ୍ୱ ଆଦି ଜାଣିବା ସମ୍ଭବପର ହୋଇପାରେ । ଫଳରେ ସେଠାକାର ବାଣିଜ୍ୟ କାରବାର, ରାଜ୍ୟ ଶାସନ ଆଦି ବିଷୟରେ ଧାରଣା ସ୍ପଷ୍ଟ ହୁଏ ।
- କୌଣସି ଏକ ରାଜ୍ୟ ବା ଦେଶ ଶୀତପ୍ରଧାନ କି ଗ୍ରୀଷ୍ମପ୍ରଧାନ ଅ ଳର ଅନ୍ତର୍ଗତ, ମାନଚିତ୍ର ଦ୍ୱାରା ଜାଣିହୁଏ ।
- ଗୋଲକ ପରି ମାନଚିତ୍ର ମଧ୍ୟ ପୃଥିବୀର ଏକ ପ୍ରତିରୂପ ହୋଇଥିବାରୁ ବିଭିନ୍ନ ଦେଶର ଅବସ୍ଥିତି, ଗୋଟିଏ ଦେଶର ଅନ୍ୟ ଦେଶ ସହିତ ସମ୍ପର୍କ ସହଜରେ ଜାଣିହୁଏ ।
- ବିଭିନ୍ନ ଭୌଗୋଳିକ ତଥ୍ୟ, ବିବରଣୀ, ଘଟଣା ସମ୍ପର୍କରେ ଶିକ୍ଷାର୍ଥୀମାନେ ସ୍ପଷ୍ଟ ଧାରଣା ପାଇପାରନ୍ତି ।

ମାନଚିତ୍ର ବିଭିନ୍ନ ରକମର ଯଥା - ପ୍ରାକୃତିକ ମାନଚିତ୍ର (Physical maps), ରିଲିଫ୍ ମାନଚିତ୍ର (Relief maps), ରାଜନୈତିକ ମାନଚିତ୍ର (Political maps) । ପୁଣି ମାନଚିତ୍ର ମଧ୍ୟ ରଙ୍ଗିନ୍ ହୋଇପାରେ । ସଚିତ୍ର ହୋଇପାରେ, କଳାପଟା ମାନଚିତ୍ର ହୋଇପାରେ ।

ପ୍ରାକୃତିକ ବା Physical maps ଗୁଡ଼ିକରେ କୌଣସି ଏକ ଦେଶର ସୀମା ନିର୍ଦ୍ଧାରଣ ପୂର୍ବକ ତା'ର ପ୍ରାକୃତିକ ଗଠନ ସମ୍ବନ୍ଧରେ ଚିତ୍ର ପ୍ରଦାନ କରାଯାଇଥାଏ । ଏଭଳି ମାନଚିତ୍ରରେ ସେ ଦେଶର ନଦୀ, ପର୍ବତ, ସମତଳଭୂମି, ସାଗର, ଭୂପୃଷ୍ଠର ଗଠନ ଆଦି ବିଷୟରେ ସମ୍ୟକ୍ ଧାରଣା ପ୍ରଦାନ କରାଯାଇଥାଏ । ଏଗୁଡ଼ିକର ଚିହ୍ନଟକରଣ ନିମି ରଙ୍ଗ ପୃଷ୍ଠଭୂମି ରହିଛି । ଯଥା -

ଗାଢ଼ ବାଦାମୀ ରଙ୍ଗ - ଉଚ୍ଚତମ ଉଚ୍ଚତା ବିଶିଷ୍ଟ ପାହାଡ଼

ବାଦାମୀ ରଙ୍ଗ - ପର୍ବତମାଳା

ସବୁଜ ରଙ୍ଗ - ସମତଳ ଅ ଳ

ନୀଳ - ସମୁଦ୍ର ଓ ହ୍ରଦ

ଧୂସର - ବାଲି ଅ ଳ ଗୁଡ଼ିକୁ ଚିହ୍ନଟ କରନ୍ତି ।

ମାନଚିତ୍ରର ରଙ୍ଗରୁ କେଉଁ ଅ ଳରେ କିଭଳି ପ୍ରାକୃତିକ ଗଠନ ସେ ବିଷୟରେ ଶିକ୍ଷାର୍ଥୀ ଜାଣିପାରେ ।

ରିଲିଫ୍ ମାନଚିତ୍ର ଗୁଡ଼ିକରେ କୌଣସି ଏକ ରାଜ୍ୟର ପ୍ରାକୃତିକ ପରିବେଶର ବିବରଣୀ ଅବିକଳ ଭାବେ ଦର୍ଶାଯାଇଥାଏ । ଏଥିରେ ଏହାର ସମସ୍ତ ଭୌଗୋଳିକ ଗଠନ ଯଥା- ନଦୀ, ହ୍ରଦ, ସାଗର, ସମତଳ, ଉପତ୍ୟକା ଆଦିକୁ ଅବିକଳ ଭାବେ ଦର୍ଶାଯାଇଥାଏ । ତେଣୁ ଏହା ଏକ ତ୍ରିମୁଖୀ ପରିସର ମାନଚିତ୍ର ବୋଲି ବିବେଚିତ । ଏଥିରେ

ଭୂମିର ଗଠନ ଭୂପୃଷ୍ଠ ଆଦି ରଙ୍ଗ ଓ ଭୌଗୋଳିକ ସୀମାରେଖା ରୂପେ ପ୍ରଦର୍ଶିତ ହୋଇଥାଏ । ବିଭିନ୍ନ ପ୍ରାକୃତିକ ପଦାର୍ଥର ଉଚ୍ଚତା ଅନୁଯାୟୀ ରଙ୍ଗ ଓ ରେଖା ଦ୍ୱାରା ସଙ୍କେତ ଦିଆଯାଇଥାଏ ।

ରାଜନୈତିକ ମାନଚିତ୍ରରେ କୌଣସି ରାଜ୍ୟ ତଥା ଦେଶ ବା ମହାଦେଶର ବିଭିନ୍ନ ଅ ଳ, ଦେଶର ରାଜଧାନୀ, ପ୍ରଧାନ ପ୍ରଧାନ ସହର, ବନ୍ଦର, ତୀର୍ଥସ୍ଥାନ, ଶିଳ୍ପା ଳ ଆଦି ଚହ୍ନିତ କରାଯାଇଥାଏ ।

ତେଣୁ ମାନଚିତ୍ରଗୁଡ଼ିକ ଭୂଗୋଳ ପାଠ ଶିକ୍ଷାଦାନ କରିବା ନିମି ନିତାନ୍ତ ପ୍ରୟୋଜନ । ଏଭଳି ମାନଚିତ୍ରର ବ୍ୟବହାର କରିବାର ପ୍ରଧାନ ଲକ୍ଷ୍ୟ ହେଉଛି, ଏହାକୁ ଦେଖି ଶିକ୍ଷାର୍ଥୀମାନଙ୍କ ମନରେ ଜ୍ଞାନ ଉଦ୍ରେକ କରାଇବା । ଏହି ମାନଚିତ୍ରଗୁଡ଼ିକୁ କିପରି ଶିକ୍ଷାର୍ଥୀମାନେ ପଢ଼ିପାରିବେ ଓ ସେଥିରେ ଅନ୍ତର୍ନିହିତ ପାଠର ହୃଦବୋଧ କରିପାରିବେ ଓ ଚିତ୍ରକୁ ଅବଧାରଣା ସୃଷ୍ଟି କରିପାରିବେ, ତାହା ହେଉଛି ଭୂଗୋଳ ଶିକ୍ଷାଦାନର ଅନ୍ୟତମ ଲକ୍ଷ୍ୟ ।

ମାନଚିତ୍ରଗୁଡ଼ିକୁ ପଠନ କରିପାରିବା ଏକ କୌଶଳ । ପ୍ରଥମେ ମାନଚିତ୍ରରେ ଥିବା ରଙ୍ଗଗୁଡ଼ିକରୁ କେଉଁ ରଙ୍ଗଟି କେଉଁ ଧାରଣା ଦିଏ, ସେ ବିଷୟରେ ସ୍ପଷ୍ଟ ଭାବେ ଜାଣିବା ଦରକାର । ତା'ପରେ ସେଥିରେ ବ୍ୟବହୃତ ହୋଇଥିବା ବହୁ ଚିହ୍ନ ବା ସଙ୍କେତ ବିଷୟରେ ଧାରଣା କରିବା, ତା'ପରେ ତା'ର ପ୍ରାକୃତିକ ଗଠନର ରୂପରେଖ ଜାଣିବା । ଏସବୁ ଚିହ୍ନରୁ ଶିକ୍ଷାର୍ଥୀ ଉକ୍ତ ରାଜ୍ୟ ବିଷୟରେ କ'ଣ କ'ଣ ଜାଣିପାରିଲା, ସେସବୁ ମାନଚିତ୍ର ଅଧ୍ୟୟନ କରି ହୃଦବୋଧ କରିବାକୁ ନିର୍ଦ୍ଦେଶ ଦିଆଯାଏ ।

ଭୂଚିତ୍ରାବଳୀ - ବିଭିନ୍ନ ଦେଶ, ମହାଦେଶ ଓ ପୃଥିବୀର ପ୍ରାକୃତିକ, ରାଜନୈତିକ ତଥା ଅନ୍ୟାନ୍ୟ ଭୌଗୋଳିକ ତଥ୍ୟାବଳୀର ମାନଚିତ୍ର ମୁଦ୍ରିତ ହୋଇ ଅଙ୍କିତ ହେବାପରେ ଏକ ପୁସ୍ତକ ଆକାରରେ ସଂକଳିତ ହୋଇଥିବା ଚିତ୍ରାବଳୀକୁ ଭୂଚିତ୍ରାବଳୀ ବା ମାନଚିତ୍ରବଳୀ କହନ୍ତି । ଏହା ବିଭିନ୍ନ ଭାଷାରେ ମଧ୍ୟ ମୁଦ୍ରିତ ହୋଇଥାଏ । ଏଭଳି ଭୂଚିତ୍ରାବଳୀ ବ୍ୟବହାର କରି ଶିକ୍ଷାର୍ଥୀମାନେ ଶିକ୍ଷକଙ୍କ ପାଠକୁ ଆଧାର କରି ମନରେ ପ୍ରତ୍ୟୟଗୁଡ଼ିକର ଧାରଣା କରିପାରନ୍ତି । ଶିକ୍ଷକଙ୍କ ଶ୍ରେଣୀ କକ୍ଷରେ ଶିକ୍ଷାଦାନ ତଥ୍ୟକୁ ଶିକ୍ଷାର୍ଥୀମାନେ ଆଟ୍‌ଲାସ ଜରିଆରେ ହୃଦବୋଧ କରିପାରନ୍ତି ଓ ବିଭିନ୍ନ ଅବଧାରଣାଗୁଡ଼ିକ ଗ୍ରହଣ କରିପାରନ୍ତି । ଏହା ଫଳରେ ଶିକ୍ଷାର୍ଥୀମାନେ ବିଭିନ୍ନ ଭୌଗୋଳିକ ତଥ୍ୟାବଳୀ ସ୍ପଷ୍ଟ ଭାବରେ ଜାଣିପାରନ୍ତି । ଏଭଳି ଭୂଚିତ୍ରାବଳୀର ଉପଯୋଗ ବିଶେଷ ଭାବେ ଅନୁଭବ କରିହୁଏ । କାରଣ ଏଗୁଡ଼ିକ ମନେ ରଖିବା ପାଇଁ - ପାଥେୟ ଯୋଗାଇଥାନ୍ତି । ଶିକ୍ଷାର୍ଥୀର ସ୍ମୃତିଶକ୍ତି ଉପରେ ବିଶେଷ ବ୍ୟାଘାତ ପଡ଼େ ନାହିଁ । ସ୍ୱଅଧ୍ୟୟନ ନିମି ଏଗୁଡ଼ିକ ବିଶେଷ ଉପଯୋଗୀ । ନିମ୍ନରେ ଅନେକଗୁଡ଼ିଏ ପ୍ରସିଦ୍ଧ ଭୂଚିତ୍ରାବଳୀର ଉଦାହରଣ ଦିଆଯାଇଛି । ଯଥା -

ଫିଲିପ୍‌ସ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଭୂଚିତ୍ରାବଳୀ

ଅକ୍ସଫୋର୍ଡ଼ ସଚିତ୍ର ଆଟ୍‌ଲାସ୍

ଆଦର୍ଶ ସ୍ଥାନୀୟ ପୃଥିବୀ ଭୂଚିତ୍ରାବଳୀ

ବୃହତ୍ ପୃଥିବୀ ଆଟ୍‌ଲାସ୍

ବିଦ୍ୟାଳୟ ଆଟ୍‌ଲାସ୍ ଇତ୍ୟାଦି ।

ଭୂଗୋଳରେ ଦୃଶ୍ୟ ଶ୍ରାବ୍ୟ ଉପକରଣ

ଦୃଶ୍ୟଶ୍ରାବ୍ୟ ଉପକରଣରେ ଚଳଚ୍ଚିତ୍ର, ଫିଲ୍‌ମଷ୍ଟ୍ରିପ୍‌ସ ଓ ସ୍ଲାଇଡ୍‌ସ ଆଦି ଗଣାଯାଏ । ଭୂଗୋଳ ଶିକ୍ଷାଦାନରେ ଶୈକ୍ଷିକ ଚଳଚ୍ଚିତ୍ରର ସ୍ଥାନ ଅତୀବ ଗୁରୁତ୍ୱପୂର୍ଣ୍ଣ । କୌଣସି ଏକ ଜଟିଳ ଭୌଗୋଳିକ ତଥ୍ୟ ଘଟଣା ବା ପ୍ରକ୍ରିୟା ବିଷୟରେ ଚଳଚ୍ଚିତ୍ର ସାହାଯ୍ୟରେ ଶିକ୍ଷା ଦିଆଯାଏ । କୌଣସି ଏକ ଦେଶର ଆଦିମ ଅଧିବାସୀମାନଙ୍କର ଜୀବନଯାତ୍ରା ପ୍ରଣାଳୀ, ବିଭିନ୍ନ ଅ ଳର ଜୀବନଯାତ୍ରା, କଳାକାରଖାନା ବା ଶିଳ୍ପ ଳର ଅବଦାନ ଓ ବିଭିନ୍ନ ପ୍ରକାରର ଭୌଗୋଳିକ ଅଭିଯାନ ସମ୍ବନ୍ଧରେ ଚଳଚ୍ଚିତ୍ର ମାଧ୍ୟମରେ ଶିକ୍ଷାଦାନ କରାଯାଇପାରେ । ଅନେକ ଦୁର୍ଗମ ଓ ଦୁର୍ଭେଦ୍ୟ ଅ ଳର ପ୍ରକୃତ ଚିତ୍ର ଫିଲ୍‌ସ୍‌ଷ୍ଟ୍ରିପ୍ ଜରିଆରେ ଏପିଡ଼ାଏସ୍କୋପ୍ ଓ ପ୍ରୋଜେକ୍ଟର ମାଧ୍ୟମରେ ପ୍ରଦାନ କରାଯାଏ । ଦୂର ଦୂରାନ୍ତ ଅ ଳର ଭୌଗୋଳିକ ବିବରଣୀ ମଧ୍ୟ ଚିତ୍ର ଉତ୍ତୋଳନ କରି ଭୂଗୋଳ ଶିକ୍ଷାଦାନ କରାଯାଇପାରେ ।

ରେଡ଼ିଓ ଓ ଟେଲିଭିଜନ ସାହାଯ୍ୟରେ ମଧ୍ୟ ଭୂଗୋଳ ପାଠ୍ୟ ବେଶ୍ ସରସ ଭାବେ ପ୍ରଦାନ କରାଯାଇଥାଏ । ସ୍ଥିର ଓ ଚଳନ୍ତା ଚଳଚ୍ଚିତ୍ର ମାଧ୍ୟମରେ ଭୌଗୋଳିକ ତଥ୍ୟ ସବୁର ବିବରଣୀ ଶ୍ରେଣୀକକ୍ଷରେ ଏହି ଉପକରଣ ଗୁଡ଼ିକର ମାଧ୍ୟମରେ କରାଯାଇପାରେ ।

ମୁଖ୍ୟଧାରଣା :

ଭୂଗୋଳ କ'ଣ ?

ମନୁଷ୍ୟ ଓ ପୃଥିବୀ ମଧ୍ୟରେ ଥିବା ପ୍ରାକୃତିକ ଓ ସାମାଜିକ ପରିବେଶ ସମ୍ପର୍କିତ ନିବିଡ଼ ସମ୍ବନ୍ଧରେ ଏକ ବୈଜ୍ଞାନିକ ଆଲୋଚନା ଓ ବିଶ୍ଳେଷଣ ହିଁ ଭୂଗୋଳ ।

ଭୂଗୋଳ ଉଭୟ ଏକ କଳା ଓ ଏକ ବିଜ୍ଞାନ ।

ଭୂଗୋଳକୁ ପାଠ୍ୟକ୍ରମରେ ଅନ୍ତର୍ଭୁକ୍ତ କରାଯିବ କାହିଁକି ?

ନିମ୍ନଲିଖିତ କାରଣ ଯୋଗୁଁ ଭୂଗୋଳ ପାଠ୍ୟକ୍ରମର ଏକ ପ୍ରଧାନ ଅଂଶ ହେବା ଉଚିତ ।

- ବ୍ୟବହାରିକ କ୍ଷେତ୍ରରେ ପ୍ରାଧାନ୍ୟ
-ଅର୍ଥନୈତିକ ପ୍ରାଧାନ୍ୟ
- ଅର୍ଥନୈତିକ ପ୍ରାଧାନ୍ୟ
-ରାଜନୈତିକ ତଥା ସାମାଜିକ ଗୁରୁତ୍ୱ
-ସାଂସ୍କୃତିକ ଓ ବୌଦ୍ଧିକ ଗୁରୁତ୍ୱ
- ସାଂସ୍କୃତିକ ଓ ବୌଦ୍ଧିକ ଗୁରୁତ୍ୱ
-ଅନ୍ୟାନ୍ୟ ବିଷୟ ହୃଦବୋଧ କରିବାର ପ୍ରାଧାନ୍ୟ

- ରାଜନୈତିକ ତଥା ପ୍ରଶାସନିକ ବ୍ୟକ୍ତିଙ୍କ ପାଇଁ ପ୍ରୟୋଜନ ଗୁରୁତ୍ୱ

ଭୂଗୋଳ ପାଠର ମୂଲ୍ୟବୋଧ – ବ୍ୟବହାରିକ, ଶିକ୍ଷାପ୍ରଦ, ବୌଦ୍ଧିକ, ବ୍ୟବସାୟିକ, ସୌନ୍ଦର୍ଯ୍ୟ ଓ ସାଂସ୍କୃତିକ

ଭୂଗୋଳ ପାଠର ଲକ୍ଷ୍ୟ – ବ୍ୟବହାରିକ ଓ ସାଂସ୍କୃତିକ

ଭୂଗୋଳ ପାଠର ଉଦ୍ଦେଶ୍ୟ –

- ମାନସିକ ବିକାଶ ଓ ଜ୍ଞାନର ପରିସର ବର୍ଦ୍ଧନ
- ଭୌଗୋଳିକ ମନୋବୃ ିର ବିକାଶ
-ସୌନ୍ଦର୍ଯ୍ୟବୋଧ ଜ୍ଞାନର ବିକାଶ
- ଉ ମ ନାଗରିକତ୍ୱର ବିକାଶ
- ଜାତୀୟ ସଂହତି ମନୋଭାବର ବିକାଶ
- ମ୍ୟାପ ପଠନ ଓ ପର୍ଯ୍ୟବେକ୍ଷଣ କୌଶଳ ବୃଦ୍ଧି
- ଜ୍ଞାନର ଐକୀକରଣ ଓ ଅନ୍ତର୍ଭୁକ୍ତକରଣ

ଶିକ୍ଷାଦାନ ପଦ୍ଧତିର ତାତ୍ପର୍ଯ୍ୟ

- ଶିକ୍ଷାଦାନରେ ନୂତନତା
- ବ୍ୟକ୍ତିଗତ ବିଭେଦତା ଓ ତାରତମ୍ୟକୁ ଆଖିରେ ରଖି ଶିକ୍ଷା ପ୍ରଦାନ
- ଉ ମ ହୃଦବୋଧ ପାଇଁ ଶିକ୍ଷାଦାନ
- କୌଶଳର ଶିକ୍ଷଣ ପାଇଁ ଶିକ୍ଷାଦାନ ।

ବିଭିନ୍ନ ପ୍ରକାର ପଦ୍ଧତି

ପର୍ଯ୍ୟବେକ୍ଷଣ, ନିଦର୍ଶନ, ପ୍ରକଳ୍ପ, ଆଲୋଚନା, ସମସ୍ୟା ସମାଧାନ ମୂଳକ, ଆ ଳିକ ।

ଭୂଗୋଳ ଶିକ୍ଷା ସହାୟକ ସାମଗ୍ରୀ

ପ୍ରାଧାନ୍ୟ - ବାସ୍ତବ ଜ୍ଞାନ ଆହରଣ, ବିଭିନ୍ନ ପ୍ରକାର ଅନୁଭୂତ ସ୍ମୃତି ଓ ଧାରଣ ଅଭିକ୍ଷମତାର ସହାୟକ, ଶିକ୍ଷଣ ପାଇଁ ଅଭିପ୍ରେରଣା ପ୍ରଦାନ ।

ଶିକ୍ଷା ସହାୟକ ସାମଗ୍ରୀର ପ୍ରକାରଭେଦ

ଶ୍ରାବ୍ୟ ଉପକରଣ - ରେଡ଼ିଓ

ଦୃଶ୍ୟ ଉପକରଣ - ଚାର୍ଟ୍, ମ୍ୟାପ୍, ମଡ଼େଲ, ନମୁନା

ଦୃଶ୍ୟ - ଶ୍ରାବ୍ୟ ଉପକରଣ - T.V. Micro Film Procesor Modian Pictures Projectors, Epidiascopes.

ପ୍ରଶ୍ନାବଳୀ

1. ନିମ୍ନରେ ପ୍ରଦ ପ୍ରତ୍ୟେକ ଉପପ୍ରଶ୍ନ ତଳେ, ତାହାର ଚାରିଟି ବିକଳ୍ପ ଉ ର ଦିଆଯାଇଛି । ମାତ୍ର ତନ୍ମଧ୍ୟରୁ ଗୋଟିଏ ଉ ର ହିଁ ଠିକ୍ । ସେହି ଠିକ୍ ଉ ରଟିକୁ ବାଛି ତୁମ ଉ ର ଖାତାରେ ଲେଖ ।

(କ) ନିମ୍ନୋକ୍ତ ଉକ୍ତିମାନଙ୍କ ମଧ୍ୟରୁ କେଉଁଟି ଭୂଗୋଳର ଉପଯୁକ୍ତ ସଂଜ୍ଞା ଅଟେ ?

(i) ମଣିଷ ଓ ତା'ର ପରିବେଶ ମଧ୍ୟରେ ନିହିତ ଥିବା କ୍ରିୟା ଓ ପ୍ରକ୍ରିୟାର ଏକ ଜୀବନ୍ତ ଓ ସାର୍ଥକ ଆଲୋଚନା

(ii) ସମାଜ ଓ ତା'ଣ ପରିବେଶ ମଧ୍ୟରେ ଥିବା କ୍ରିୟା ଓ ପ୍ରକ୍ରିୟାର ଆଲୋଚନା

(iii) ସମାଜରେ ଥିବା ବିଭିନ୍ନ କାର୍ଯ୍ୟାବଳୀଗୁଡ଼ିକର ଆଲୋଚନା

(iv) ସମାଜରେ ଥିବା ମଣିଷର ଆଚାର ବ୍ୟବହାରର ଆଲୋଚନା

(ଖ) ନିମ୍ନୋକ୍ତ ଉକ୍ତିମାନଙ୍କ ମଧ୍ୟରୁ କେଉଁଟି ଭଗୋଳର ବ୍ୟବହାରିକ ଜ୍ଞାନ ସହିତ ସଂଶ୍ଳିଷ୍ଟ ?

(i) ଦେଶର ପ୍ରାକୃତିକ ଅବସ୍ଥା ସହିତ ପରିଚିତ କରାଇବା

(ii) ଦେଶର ଅର୍ଥନୈତିକ ଅଗ୍ରଗତି ନିର୍ଦ୍ଧାରଣ କରିବା

(iii) ଉପଯୁକ୍ତ ସାମାଜିକ ଦୃଷ୍ଟିଭଙ୍ଗୀର ବିକାଶ କରିବା

(iv) ବିଭିନ୍ନ ଦେଶର ସଂସ୍କୃତି ଓ ସଭ୍ୟତା ବିଷୟରେ ଜାଣିବା

(ଗ) ନିମ୍ନୋକ୍ତ ଉକ୍ତିମାନଙ୍କ ମଧ୍ୟରୁ କେଉଁଟି ଭୂଗୋଳର ଉପଯୋଗିତା ମୂଲ୍ୟବୋଧ ସହ ସଂଶ୍ଳିଷ୍ଟ ନୁହେଁ ?

(i) ଭୌତିକ ଅନୁଭୂତିର ଅଧ୍ୟୟନ

(ii) ଭୂସଂପଦ ଉପରେ କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟାର ଚାପ

(iii) ଭୂମି, ଜଳ ଇତ୍ୟାଦିର ଅପବ୍ୟବହାର

(iv) ବିଶ୍ୱ ସମସ୍ୟା ପ୍ରତି ପ୍ରଭୃତିର ମନୋବୃ

2. ନିମ୍ନଲିଖିତ ସମସ୍ତ ଉପପ୍ରଶ୍ନର ଉ ର ଗୋଟିଏ ଲେଖାଏଁ ବାକ୍ୟରେ ଲେଖ ।

(i) ଦେଶପ୍ରେମ ମନୋଭାବ ଜାଗରଣ କରିବା ଭୂଗୋଳ ଶିକ୍ଷାଦାନର କେଉଁ ଲକ୍ଷକୁ ବୁଝାଏ ?

(ii) ଭୂଗୋଳ ଶିକ୍ଷାଦାନର କେଉଁ ପଦ୍ଧତି ମାଧ୍ୟମରେ ପ୍ରତ୍ୟେକ ଅନୁଭୂତି ଆହରଣ କରାଯାଇଥାଏ ?

(iii) ଭୂଗୋଳ ଶିକ୍ଷାଦାନର କେଉଁ ପଦ୍ଧତିରେ ପ୍ରଶ୍ନୋ ର କାର୍ଯ୍ୟ ସମ୍ପାଦନ ପ୍ରଣାଳୀ ବ୍ୟବହାର କରାଯାଇଥାଏ ?

(iv) କେଉଁ ଶିକ୍ଷଣ ସାମଗ୍ରୀ ହେଉଛି ଗୋଲକ ପରି ପୃଥିବୀର ଏକ ପ୍ରତିରୂପ ?

3. ନିମ୍ନପ୍ରଦ ପ୍ରତ୍ୟେକ ଉପପ୍ରଶ୍ନର ଉ ର ଦୁଇ ବା ତିନିଗୋଟି ବାକ୍ୟରେ ପ୍ରଦାନ କର ।

(i) ଭୂଗୋଳ କହିଲେ କ'ଣ ବୁଝ ?

(ii) ବିଦ୍ୟାଳୟ ପାଠ୍ୟକ୍ରମରେ ଭୂଗୋଳ ଅଧ୍ୟୟନର ବ୍ୟବହାରିକ ଗୁରୁତ୍ୱ ଦର୍ଶାଅ ।

(iii) ଭୂଗୋଳ ଶିକ୍ଷାଦାନର ବୌଦ୍ଧିକ ମୂଲ୍ୟବୋଧ କ'ଣ ବୁଝାଅ ?

(iv) ଭୂଗୋଳ ଶିକ୍ଷାଦାନର ଦୁଇଟି ଉଦ୍ଦେଶ୍ୟ ଲେଖ ।

(v) ଭୂଗୋଳ ଶିକ୍ଷାଦାନାରେ ପର୍ଯ୍ୟବେକ୍ଷଣ ପଦ୍ଧତି ବିଷୟରେ ସଂକ୍ଷେପରେ ଲେଖ ।

4. ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉ ର ପ୍ରତ୍ୟେକଟିକୁ ପ୍ରାୟ ଛଅଟି ଲେଖାଏଁ ବାକ୍ୟରେ ଲେଖ ।

(i) ଭୂଗୋଳ ଶିକ୍ଷାଦାନର ଯେ କୌଣସି ଦୁଇଟି ମୂଲ୍ୟବୋଧ ସଂକ୍ଷେପରେ ବୁଝାଅ ।

(ii) ଭୂଗୋଳ ଶିକ୍ଷାଦାନର ଯେ କୌଣସି ଦୁଇଟି ଉଦ୍ଦେଶ୍ୟ ସଂକ୍ଷେପରେ ଦର୍ଶାଅ ।

(iii) ଭୂଗୋଳ ଶିକ୍ଷାଦାନରେ ପର୍ଯ୍ୟବେକ୍ଷଣ ପଦ୍ଧତିର ଉପକାରିତା ବିଷୟରେ ସଂକ୍ଷେପରେ ଲେଖ ।

(iv) ଭୂଗୋଳ ପାଠଦାନରେ ବ୍ୟବହୃତ ବିଭିନ୍ନ ଉପକରଣର ଗୁରୁତ୍ୱ ସଂକ୍ଷେପରେ ଆଲୋଚନା କର ।

5. ନିମ୍ନଲିଖିତ ପ୍ରତ୍ୟେକ ପ୍ରଶ୍ନର ଉ ର ଦିଅ ।

(i) ଭୂଗୋଳକୁ କାହିଁକି ପ୍ରାକୃତିକ ଓ ସାମାଜିକ ବିଜ୍ଞାନଭାବେ ବିବେଚନା କରାଯାଇଥାଏ ? ଆଲୋଚନା କର ।

(ii) ଭୂଗୋଳ ଶିକ୍ଷାରୁ ଶିକ୍ଷାର୍ଥୀ କିପରି ଉପକୃତ ହୁଏ ବର୍ଣ୍ଣନା କର ।

(iii) ଭୂଗୋଳ ଶିକ୍ଷାଦାନର ଉଦ୍ଦେଶ୍ୟ ଆଲୋଚନା କର ।

(iv) ଆଲୋଚନାମୂଳକ ପଦ୍ଧତିର ଭୂଗୋଳ ଶିକ୍ଷାଦାନର ସୁବିଧା ଓ ଅସୁବିଧା ବର୍ଣ୍ଣନା କର ।

(v) ପର୍ଯ୍ୟବେକ୍ଷଣ କ'ଣ ? ଏହି ପଦ୍ଧତିର ଉପକାରିତା ଓ ଦୋଷତ୍ରୁଟି ଆଲୋଚନା କର ।

(vi) ଉଦାହରଣ ସହ ଭୂଗୋଳ ପାଠ ପାଇଁ ବିଭିନ୍ନ ଉପକରଣର ବ୍ୟବହାର ଲେଖ ।

●

ଶିକ୍ଷଣ ଶିକ୍ଷାଦାନ ଉପକରଣ

TEACHING LEARNING MATERIALS (T L M)

ଉଦ୍ଦେଶ୍ୟ :

ଉକ୍ତ ଅଧ୍ୟାୟଟି ଅଧ୍ୟୟନ ପରେ ପ୍ରତ୍ୟେକ ଛାତ୍ରଛାତ୍ରୀ ନିମ୍ନୋକ୍ତ ଶିକ୍ଷଣ ଦକ୍ଷତା ହାସଲ କରିବେ ।

- *ଶିକ୍ଷଣ ଶିକ୍ଷାଦାନ ଉପକରଣ ଗୁଡ଼ିକର ଅର୍ଥ ବୁଝାଇ ପାରିବେ ।*
- *ଶିକ୍ଷଣ ଶିକ୍ଷାଦାନ ଉପରକଣ ସାମଗ୍ରୀର ସଂଜ୍ଞା ନିରୂପଣ କରିପାରିବେ ।*
- *ଶିକ୍ଷଣ ଶିକ୍ଷାଦାନ ଉପକରଣ ଗୁଡ଼ିକର ଆବଶ୍ୟକତା ବର୍ଣ୍ଣନା କରିପାରିବେ ।*
- *ଶିକ୍ଷଣ ଶିକ୍ଷାଦାନ ଉପକରଣ ଗୁଡ଼ିକର ବିଭାଗୀକରଣ/ବର୍ଗୀକରଣ କରିପାରିବେ ।*
- *ବିଭିନ୍ନ ଶିକ୍ଷା ଉପକରଣ ଗୁଡ଼ିକର ଉପଯୋଗୀତା ବିଷୟ ବର୍ଣ୍ଣନା କରିପାରିବେ ।*
- *ବିଭିନ୍ନ ପ୍ରକାରର ଶିକ୍ଷା ଉପକରଣ ଗୁଡ଼ିକର ବ୍ୟବହାର କରି ଶିଖିବେ ।*
- *ଶିକ୍ଷା ଉପକରଣ ଗୁଡ଼ିକର ପ୍ରସ୍ତୁତି ବିଷୟରେ ଜ୍ଞାନ ଆହରଣ କରିବେ ।*
- *ଶିକ୍ଷା ଉପକରଣ ଗୁଡ଼ିକର ପ୍ରସ୍ତୁତି ନିଜେ କିମ୍ବା ଅନ୍ୟ ଛାତ୍ରଛାତ୍ରୀଙ୍କ ସହଯୋଗରେ କରାଇବେ ।*
- *ଉପକରଣ ଗୁଡ଼ିକର ଶ୍ରେଣୀ ଗୃହରେ ଯଥାର୍ଥ ବିନିଯୋଗ କରିବା ପରେ ତାକୁ ଯତ୍ନ ସକାରେ ସାଇତି ରଖିବେ ।*
- *ଉକ୍ତ ଅଧ୍ୟାୟରୁ ପ୍ରସ୍ତୁତ ବିଭିନ୍ନ ପ୍ରଶ୍ନାବଳୀର ସଠିକ ଉ ର ପ୍ରଦାନ କରିପାରିବେ ।*

ସଂଜ୍ଞା :

ଦୃଶ୍ୟ ଶ୍ରାବ୍ୟ ଶିକ୍ଷା ଉପକରଣ ଗୁଡ଼ିକ ଏପରି ସଂବେଦନାତ୍ମକ ବସ୍ତୁ ବା ପଦାର୍ଥ ଯାହାକି ଶିକ୍ଷାକୁ ପ୍ରବେଶ କରାଏ, ଉଦ୍ଦିପନା ଯୋଗାଏ ଏବଂ ଶିକ୍ଷଣକୁ ଦୃଢ଼ୀକରଣ କରାଇଥାଏ (ବର୍ଟନ)

ଦୃଶ୍ୟ ଉପକରଣ ଗୁଡ଼ିକ ଏଭଳି ଶିକ୍ଷଣ ସାମଗ୍ରୀ ଯାହାକୁ ଦେଖିହେବ ଶୁଣି ହେବନାହିଁ ।

ଶ୍ରାବ୍ୟ ଉପକରଣ ଗୁଡ଼ିକ ଏଭଳି ଶିକ୍ଷଣ ସାମଗ୍ରୀ ଯାହାକୁ କେବଳ ଶୁଣିହେବ ଦେଖି ହେବନାହିଁ ।

4.7.1 ଶିକ୍ଷଣ ଶିକ୍ଷାଦାନ ଉପକରଣ ଗୁଡ଼ିକର ଲକ୍ଷ୍ୟ :

- ମୌଖିକ ପାଠ୍ୟଦାନ ଜନିତ ରୋଗର ପ୍ରତିଶେଧକ ଭଳି କାମ କରେ ।
- ସର୍ବୋ ମ ଅଭିପ୍ରେରଣ ଯେଗାଇ ଛାତ୍ରଛାତ୍ରୀଙ୍କୁ ପାଠ୍ୟାଭିମୁଖୀ କରାଇବା ।
- ପରିଷ୍କାର ପ୍ରତିଛବି ସୃଷ୍ଟି କରି ଶିକ୍ଷଣକୁ ସହଜ କରିବା ।
- ବାସ୍ତବ ଅନୁଭୂତି ପ୍ରଦାନ କରେ ।
- ବିଭିନ୍ନ ପ୍ରକାରର ଉଦ୍ଦୀପନା ଯୋଗାଏ ।
- ଶିକ୍ଷାଦାନ ଓ ଶିକ୍ଷଣ ଉପକରଣ ଗୁଡ଼ିକ ଧରିବା ଏବଂ ତା'ର ଉପଯୋଗ କରିବାର ସୁଯୋଗ ପ୍ରଦାନ କରିବା ।
- ପାଠ ଗ୍ରହଣ ଓ ଦୃଢ଼ୀକରଣରେ ସାହାଯ୍ୟ କରିବା ।
- ଛାତ୍ରଛାତ୍ରୀଙ୍କର ପାଠ୍ୟଦାନ ପ୍ରତି ଧ୍ୟାନ ଆକର୍ଷଣ କରିବା
- ସ୍ଥଳ ବିଶେଷରେ ବାସ୍ତବାନୁଭୂତି / ପ୍ରତ୍ୟକ୍ଷାନୁଭୂତି ପ୍ରଦାନ କରିବା ।
- ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ଥିବା ବ୍ୟକ୍ତିଗତ ବୈଷମ୍ୟ ଦୂର କରିବାରେ ସାହାଯ୍ୟ କରିବା
- ଶିକ୍ଷାର୍ଥୀଙ୍କୁ ପଢ଼ାଯାଇଥିବା ପାଠର ଦୃଢ଼ୀକରଣ କରାଇବା ।
- ସକାରାତ୍ମକ ଶିକ୍ଷଣାନ୍ତରଣରେ ସାହାଯ୍ୟ କରିବା ।

4.7.1 ଶିକ୍ଷଣ ଶିକ୍ଷାଦାନ ଉପକରଣର ପ୍ରକାର ଭେଦ/ବିଭାଗୀକରଣ

(CLASSIFICATION OF T L M)

ଶ୍ରବଣେନ୍ଦ୍ରିୟ ଓ ଦର୍ଶନେନ୍ଦ୍ରିୟ ବିଶେଷତଃ କର୍ଣ୍ଣ ଓ ଚକ୍ଷୁର ପ୍ରୟୋଗକୁ ଭିତ୍ତି କରି ଶୈକ୍ଷିକ ଉପକରଣ ଗୁଡ଼ିକୁ ୩ ଭାଗରେ ବିଭକ୍ତ କରାଯାଇପାରେ ।

(1) Audio Aids (ଶ୍ରାବ୍ୟ ଉପକରଣ)

(2) Visual Aids (ଦୃଶ୍ୟ ଉପକରଣ)

(3) Audio visual Aids (ଶ୍ରାବ୍ୟ ଓ ଦୃଶ୍ୟ ଉପକରଣ)

୧. **ଶ୍ରାବ୍ୟ ଉପକରଣ :** ରେଡ଼ିଓ, ଟେପ୍‌ରେକର୍ଡ଼ର, ଲିଙ୍ଗୁଆଫୋନ, ସିଡି ମାଇକ୍ରୋଫୋନ, ଡିକ୍ଟାଫୋନ୍, ହେଡ୍‌ଫୋନ ଇତ୍ୟାଦି ।

୨. **ଦୃଶ୍ୟ ଉପକରଣ :** ଚକ୍‌ବୋର୍ଡ଼, ବୁଲେଟିନ ବୋର୍ଡ଼, ଚାର୍ଟସ, ଡ୍ରଇଂ, ପୋଷ୍ଟର, ଚିତ୍ର, ଫ୍ଲାସକାର୍ଡ଼, ଫ୍ଲାନେଲବୋର୍ଡ଼, ଫ୍ଲିପ୍‌ବୋର୍ଡ଼, ସ୍କ୍ରାପ୍‌ବୁକ୍ସ, ମାଗ୍ନେଟିକ୍‌ବୋର୍ଡ଼ ମ୍ୟାପ୍‌ସ, ଗ୍ରାଫ୍, ଫଟୋ, ସ୍ଲାଇଡ୍, ମଡେଲ, ମ୍ୟାଜିକ ଲଣ୍ଠନ, ଓଭରହେଡ୍ ପ୍ରୋଜେକ୍ଟର (OHP) ଇତ୍ୟାଦି ।

୩. **ଦୃଶ୍ୟ ଶ୍ରାବ୍ୟ ଉପକରଣ :** ଡେମନଷ୍ଟେସନ୍, ଫିଲ୍‌ମ, ସାଉଣ୍ଡ ଫିଲ୍‌ମ, ଷ୍ଟିପ୍‌ସ ଟେଲିଭିଜନ, କମ୍ପ୍ୟୁଟର, ଭିଡିଓ ଟେପ୍ VCD, & DVD, LCD, ଇତ୍ୟାଦି ।

ଶିକ୍ଷଣ ଶିକ୍ଷାଦାନ ଉପକରଣଗୁଡ଼ିକୁ ପ୍ରୟୋଗାତ୍ମକ ଦୃଷ୍ଟିରୁ ସାଧାରଣତଃ ଦୁଇ ଭାଗରେ ବିଭକ୍ତ କରାଯାଇପାରେ ।

(୧) ଅଣପ୍ରକ୍ଷେପିତ ଉପକରଣ (Non-Projected Aids)

(୨) ପ୍ରକ୍ଷେପିତ ଉପକରଣ (Projected Aids)

ଜାତୀୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ (NCERT) CLASSIFICATION ଦ୍ୱାରା କରାଯାଇଥିବା ଶିକ୍ଷା ଉପକରଣର ବିଭାଗୀକରଣ

ପ୍ରକ୍ଷେପିତ ଉପକରଣ (Projected Aids)	ଅଣ ପ୍ରକ୍ଷେପିତ ଉପକରଣ NON-PROJECTED AIDS				
	ଲେଖଚିତ୍ର ଉପକରଣ	ପ୍ରଦର୍ଶନ ବୋର୍ଡ଼	3-D Aids (ତ୍ରିକୋଣୀୟ ଉପକରଣ)	ଶ୍ରାବ୍ୟ ଉପକରଣ	କାର୍ଯ୍ୟକ୍ରମ ଉପକରଣ
– ସିନେମା ଛବି (Strips) – ଅସ୍ୱଚ୍ଛ ପ୍ରକ୍ଷେପକ – ମୁଣ୍ଡ ଉପର ପ୍ରକ୍ଷେପକ (OHP) – ସ୍ଲାଇଡ୍ ପ୍ରକ୍ଷେପକ	– (Cartoons) କାର୍ଟୁନ୍‌ସ – ଚାର୍ଟ୍‌ସ – ବ୍ୟଙ୍ଗଚିତ୍ର – ପ୍ରତିଛବି – ଫ୍ଲାସକାର୍ଡ଼ – ଲେଖାଚିତ୍ର – ମାନଚିତ୍ର – ଫଟୋଗ୍ରାଫ୍ – ଚିତ୍ର ପୋଷ୍ଟର (ପ୍ରଜ୍ଞାପନ)	– କଳାପଟା – ବୁଲେଟିନ ବୋର୍ଡ଼ – ଫ୍ଲାଲେନ୍ ବୋର୍ଡ଼ – ଚୁମ୍ବକୀୟ ବୋର୍ଡ଼ – ପେଗ୍ ବୋର୍ଡ଼	– ନମୂନା – ବ୍ୟଙ୍ଗ ନମୂନା – ବିଭିନ୍ନ ବସ୍ତୁ – ଉପଜାତୀୟ ଉଦାହରଣ – ପ୍ରତିଛବି – କଣ୍ଢେଇ	– ରେଡ଼ିଓ – ରେକର୍ଡ଼ିଂ – TV – କ୍ଷେତ୍ରଯାତ୍ରା	– ପ୍ରଦର୍ଶନ – ଡ୍ରାମା – ପରୀକ୍ଷାମୂଳକ ଅନୁସନ୍ଧାନ ପରୀକ୍ଷଣ – କମ୍ପ୍ୟୁଟର ସହାୟକ ଶିକ୍ଷଣ – ପଢ଼ାଇବା ଯନ୍ତ୍ର – ସ୍ୱଶିକ୍ଷଣ ପାଠ୍ୟଦାନ

4.7.3 ଶିକ୍ଷଣ ଓ ଶିକ୍ଷାଦାନ ଉପକରଣ ସମ୍ବନ୍ଧୀୟ ନିୟମ

ଉପକରଣ ବାଛିବାର ନିୟମ

- ପିଲାଙ୍କର ବୟସ ଓ ଶ୍ରେଣୀ ଅନୁସାରେ ଏହା ବଛାଯିବାର ଆବଶ୍ୟକତା ରହିଛି ।
- ପିଲାମାନଙ୍କର/ ଛାତ୍ରଛାତ୍ରୀମାନଙ୍କର ଆଗ୍ରହ ଓ ଆନନ୍ଦ କୌତୁହଳ ସୃଷ୍ଟି କରୁଥିବା ସାମଗ୍ରୀ ବଛାଯିବା ଦରକାର ।
- ପିଲମାନଙ୍କର ଚିନ୍ତାଶକ୍ତି ତଥା ବୁଝିବା ଶକ୍ତି ଅନୁସାରେ ଏହା ବଛାଯିବା ଦରକାର ।
- ଦୈନନ୍ଦିନ ଜୀବନର ବ୍ୟବହାରରେ ଆସୁଥିବା ଜନିଷ ଓ ଅଭିଜ୍ଞତା ଓ ଅରୁଚି ଅନୁସାରେ ଶିକ୍ଷଣ ଓ ପଠନ ଉପକରଣ ଗୁଡ଼ିକ ବାଛିବା ବିଧେୟ ।
- ପିଲାମାନଙ୍କର କୌତୁହଳ, ଅଭିପ୍ରେରଣ, ଉତ୍ସାହ ଓ ଉଦ୍ଦିପନା ଦୃଷ୍ଟିକୋଣରୁ ପାଠ୍ୟୋପକରଣ ଗୁଡ଼ିକୁ ବଛାଯିବା ଦରକାର ।
- ଉକ୍ତ ଉପକରଣ ସାମଗ୍ରୀ ଗୁଡ଼ିକ ବାସ୍ତବ ଛବି, ବସ୍ତୁ ତଥା ଜୀବଜନ୍ତୁଙ୍କର ଅନୁରୂପ ଓ ଅବିକଳ ସ୍ୱରୂପ ହେବା ଆବଶ୍ୟକ ।
- ଯେକୌଣସି ପାଠ୍ୟ ପ୍ରସଙ୍ଗ ଓ ବିଷୟ ପଢ଼ାଉଥିବା ତା'ର ଶୈକ୍ଷିକ ଲକ୍ଷ୍ୟ ହାସଲ ଦିଗରେ ସହାୟକ ହେଉଥିବା ଦରକାର ।
- ଶ୍ରେଣୀ ଗୃହରେ ଶିକ୍ଷକ ତା'ର ସଦୁପଯୋଗ କରିବାରେ, ତିଆରି କରିବାରେ ବା ସଂଗ୍ରହ କରିବାରେ ଯେପରି କୌଣସି ଅସୁବିଧା ହେଉ ନଥିବା ଦରକାର ।
- ସହଜରେ ଯାହା ପ୍ରାପ୍ୟ ବା ଉପଲବ୍ଧ ହୋଇପାରୁଥିବ ସେଭଳି ଶିକ୍ଷା ଉପକରଣ କରାଯିବା ଦରକାର ।

ଉପକରଣ ଗୁଡ଼ିକର ପ୍ରସ୍ତୁତି ନିୟମ :

- ସାଧାରଣତଃ ଉପକରଣ ଗୁଡ଼ିକ ପ୍ରସ୍ତୁତି ପାଇଁ ପାଖାପାଖି ଅ ଳରେ ମିଳୁଥିବା ସାମଗ୍ରୀ ବା ବସ୍ତୁକୁ ବ୍ୟବହାର କରାଯିବା ଦରକାର ।
- ଶିକ୍ଷକମାନଙ୍କୁ ଶିକ୍ଷା-ଉପକରଣ ଗୁଡ଼ିକ ତିଆରି କରିବା ପାଇଁ କିଛି ମୌଳିକ ତାଲିମ ଦିଆଯିବା ଦରକାର ।
- ଶିକ୍ଷକ ନିଜେ ନିଜେ ବା ପିଲାଙ୍କ ସାହାଯ୍ୟ, ସହଯୋଗରେ ଏହି ଉପକରଣ ଗୁଡ଼ିକ ତିଆରି କରିବା ଦରକାର ।
- ଉପକରଣ ଗୁଡ଼ିକ ଯତ୍ନ ସହକାରେ ରଖାଯିବା ଦରକାର ଯେପରି କୌଣସି ଉପକରଣ ନଷ୍ଟ ନ ହେବ ।

ଶିକ୍ଷଣ ଓ ଶିକ୍ଷାଦାନ ଉପକରଣ ଗୁଡ଼ିକର ଉପଯୋଗ କରିବାର ନିୟମ :

- ଶିକ୍ଷକ ଯତ୍ନ ସହକାରେ କେଉଁ ଉପକରଣ କିପରି ଓ କେତେବେଳେ ଦେଖାଇବେ ତାହା ପୂର୍ବରୁ ଚିନ୍ତାକରି ତଦନୁସାରେ ଯୋଜନା କରିବା ଆବଶ୍ୟକ ।
- ଉପକରଣ ଗୁଡ଼ିକ ଦେଖାଇବା ପୂର୍ବରୁ ନିଜେ କେଉଁଟିରେ କ'ଣ ଦେଖାଇବେ ସେ ବିଷୟରେ ଜ୍ଞାତ ହେବେ ଏବଂ ପ୍ରସ୍ତୁତ ହେବେ ।
- ଯତ୍ନ ସହକାରେ ଉପକରଣ ଗୁଡ଼ିକ ପ୍ରଦର୍ଶନ କରାଇବେ ଯେପରି କୌଣସି ଉପକରଣ ଭାଙ୍ଗିବ ନାହିଁ ବା ନଷ୍ଟ ହେବ ନାହିଁ ।
- ଉପକରଣ ଗୁଡ଼ିକ ଶ୍ରେଣୀ ଗୃହରେ ସମସ୍ତଙ୍କୁ ଦିଶିବା ଭଳି ଆବଶ୍ୟକ ମୁତାବକ ବଡ଼ ଓ ଆକର୍ଷଣୀୟ ହେବା ଦରକାର ।
- ଶିକ୍ଷାକ ଏହା ପ୍ରଦର୍ଶନ କରାଇବାବେଳେ ସମସ୍ତ ଛାତ୍ରଛାତ୍ରୀ ଏହାର ଶୈକ୍ଷିକ ଫାଇଦା ଉଠାଇବା ଦରକାର ।
- ଶିକ୍ଷକ ପ୍ରଦର୍ଶନ କରାଇବାବେଳେ ପ୍ରତ୍ୟେକ ଛାତ୍ରଛାତ୍ରୀ ଏହା ବୁଝି ପାରୁଛନ୍ତି କି ନାହିଁ କେତେକ ପିଲାଙ୍କୁ ଡାକି ପରୀକ୍ଷା କରିନେବା ଉଚିତ ।

4.7.4 ଉ ମ ପାଠ୍ୟୋପକରଣ ସାମଗ୍ରୀ ଗୁଡ଼ିକର ଲକ୍ଷଣ, ଗୁଣ ଓ ବୈଶିଷ୍ଟ୍ୟ :

- ଏହା ଅର୍ଥ ସମ୍ବଳିତ ହେବା ଦରକାର । ଅର୍ଥାତ୍ ଏହାର କିଛି ମାନେ ରଖିଥିବା ଆବଶ୍ୟକ ।
- ପାଠ୍ୟୋପକରଣ ଶୈକ୍ଷିକ ଲକ୍ଷ୍ୟ ହାସଲ କରିବାରେ ସହାୟକ ହେବା ଦରକାର ।
- ଏଗୁଡ଼ିକ ସବୁ ଦୃଷ୍ଟିରୁ ସଠିକ ଓ ଯଥାର୍ଥ ହେବା ଆବଶ୍ୟକ ।
- ଏହା ସରଳ ଓ ସହଜ ଲବ୍ଧ ହେବା ବିଧେୟ ।
- ଏହା ସ୍ୱଳ୍ପ ଖର୍ଚ୍ଚରେ ପ୍ରାପ୍ତ ହେବା ଦରକାର ।
- ଶ୍ରେଣୀ ଶିକ୍ଷାଦାନ ପାଇଁ ସ୍ୱତନ୍ତ୍ର ଭାବେ ତିଆରି ହେବା ଦରକାର ।
- କୌଣସି ଉପକରଣର ନକଲ ହେବା ଅନାବଶ୍ୟକ ।
- ଏହା ବଡ଼ ଆକୃତିର ହେବା ଦରକାର ଯେପରି ଶ୍ରେଣୀର ସମସ୍ତ ଛାତ୍ରଛାତ୍ରୀ ଭଲଭାବରେ ଦେଖିପାରିବେ ।
- ଏଗୁଡ଼ିକ ଆଧୁନିକ ତଥା ସଦ୍ୟତନ ହେବା ଆବଶ୍ୟକ ।
- ଏଗୁଡ଼ିକ ସହଜରେ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ସ୍ଥାନାନ୍ତର କରାଯାଇ ପାରୁଥିବା ଦରକାର ।

- ପିଲାଙ୍କର ମାନସିକ ସ୍ତର, ବୁଦ୍ଧି ଓ ବୁଝିବା ଦୃଷ୍ଟିରୁ ଉପଯୋଗ ହୋଇପାରୁଥିବା ଆବଶ୍ୟକ ।
- ପିଲାମାନଙ୍କୁ ଆକର୍ଷଣୀୟ ଓ ଅଭିନିବିଷ୍ଟ କରିପାରୁଥିବା ଦରକାର ।
- ପରିଶେଷରେ ପିଲାମାନଙ୍କୁ ଅଭିପ୍ରେରିତ କରୁଥିବା ଦରକାର ।

ଶିକ୍ଷଣ ଓ ଶିକ୍ଷାଦାନ ଉପକରଣ ଗୁଡ଼ିକର ଅପକାରୀତା :

- ବହୁଳ ଭାବରେ ଶ୍ରେଣୀ ଗୃହରେ ଏହା ଉପଯୋଗ କରିବା ଦ୍ୱାରା ଉପକାର ପରିବର୍ତ୍ତେ ଅପକାର ହୋଇଥାଏ ।
- ଶିକ୍ଷଣର ଲକ୍ଷ୍ୟ ପଥରୁ ଶିକ୍ଷକ ଅପସରି ଯା'ନ୍ତି ।
- ଶ୍ରେଣୀ ଗୃହର ସମୟ ଯୋଜନାନୁଯାୟୀ ବିନିଯୋଗ ହୋଇପାରେନା ।
- ଭୁଲ ଥିବା ମ୍ୟାପ, ଚାର୍ଟ, ଚିତ୍ର ଇତ୍ୟାଦିରୁ ଅସତ୍ୟ, ଅପାଠ୍ୟର ପ୍ରୟୋଗ ହୋଇଥାଏ । ଫଳତଃ ଶିକ୍ଷାର୍ଥୀ ଅସଲ ଓ ସଠିକ ପାଠ ଗ୍ରହଣ କରିପାରନ୍ତି ନାହିଁ । ଅଶିକ୍ଷା ଲାଭ ହୋଇଥାଏ ।
- ଯେନ ତେନ ପ୍ରକାରେ ଚିତ୍ର, ନକ୍ସା, ଛବି ଦେଖାଇ ଅର୍ଥକୁ ଅନର୍ଥ ଓ କଦର୍ଥ କରାଯାଇଥାଏ ।
- ଛାତ୍ରଛାତ୍ରୀମାନେ ଖରାପ ଅର୍ଥାତ୍ ନିମ୍ନ ମାନର ଉପକରଣ ଗୁଡ଼ିକରୁ ଅଭିପ୍ରେରିତ ହେବା ପରିବର୍ତ୍ତେ ପାଠ ପ୍ରତି ବିତଶ୍ପୃହ ହୋଇଥା'ନ୍ତି ।
- ଶ୍ରେଣୀର ସମୟ ଅଯଥା ନଷ୍ଟ ହୁଏ ।
- ଶିକ୍ଷାଦାନ ଓ ଶିକ୍ଷଣରେ ଅଯଥା ବାଧା ଉପୁଜେ ।
- ଅଯଥା ଅର୍ଥ ଓ ସମୟର ଅପଚୟ ହୋଇଥାଏ ।
- ଅଭିପ୍ରେରିତ ହେବା ପରିବର୍ତ୍ତେ ଛାତ୍ର/ଛାତ୍ରୀମାନେ ଅନ୍ୟମନସ୍କ ହୋଇଥା'ନ୍ତି ।
- ଶିକ୍ଷାଦାନ ଓ ଶିକ୍ଷଣରେ ଲକ୍ଷ୍ୟଚ୍ୟୁତ ଘଟେ ।

4.7.5 (୧) ଅଣ ପ୍ରକ୍ଷେପିତ ଉପକରଣ (Non-Projected Aids)

କଳାପଟା (Chalk Board) :

- ଏହା ସାଧାରଣତଃ ବହୁଳ ଭାବରେ ବ୍ୟବହୃତ ହେଉଥିବା ଏକ ଉପକରଣ । ଏହାକୁ କଳାପଟା ବା ବ୍ଲାକବୋର୍ଡ଼ ଏବଂ ଚକ୍ ବୋର୍ଡ଼ ବୋଲି ବ୍ୟବହାର କରାଯାଏ । ଏହି ବୋର୍ଡ଼ ମାଧ୍ୟମରେ ବାସ୍ତବ ଓ ବୋଧଗମ୍ୟ ଶିକ୍ଷଣ ଓ ଶିକ୍ଷାଦାନ ସଂଘଟିତ ହୋଇଥାଏ । ଏହା ଛାତ୍ର/ଛାତ୍ରୀଙ୍କୁ ଅଭିପ୍ରେରିତ କରିଥାଏ ।

ପ୍ରକାର ଭେଦ : ଏହା ସାଧାରଣତଃ ଦୁଇ ପ୍ରକାରର ।

୧. ସ୍ଥିର (Fixed) ଯେଉଁ ବୋର୍ଡ଼ ଗୁଡ଼ିକ କାନ୍ଥରେ ନିର୍ମିତ ହୋଇଥାଏ ।

୨. ଗତିଶୀଳ (Portable) ଯେଉଁ ବୋର୍ଡ଼ ଗୁଡ଼ିକ ଲୁହା କାଠରେ ନିର୍ମିତ ହୋଇଥାଏ ଏବଂ ଯାହାକୁ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଆବଶ୍ୟକତାନୁସାରେ ସ୍ଥାନାନ୍ତର କରାଯାଇଥାଏ ।

କଳାପଟାର ଗୁଣବ । ତଥା ବିଶେଷତା / ବୈଶିଷ୍ଟ୍ୟ (Characteristics of Blackboard) :

ଏହାର ସାଇଜ ସାଧାରଣତଃ ୫ମି ✖ ୬ମି (5m ✖ 6m) ହେବା ଦରକାର । ଏହାର ପୃଷ୍ଠଭୂମି ରଫ୍ / ବନ୍ଧୁର ଥାଏ । ଯାହା ଲେଖାଯାଏ ତାହା ଡଷ୍ଟର ଦ୍ୱାରା ଲିଭାଯାଏ । ଏହା ପିଲାମାନଙ୍କୁ ଦୃଶ୍ୟ ହେଲାଭଳି ଏବଂ ଶିକ୍ଷକଙ୍କ ଦ୍ୱାରା ଉପଯୋଗ ହେଲାଭଳି ସ୍ଥାନରେ ରଖାଯାଏ ।

ବ୍ଲାକବୋର୍ଡ଼ ଉପଯୋଗ କରିବାର କୌଶଳ (Skill) :

- ସବୁ ଜିନିଷ ବ୍ଲାକ୍‌ବୋର୍ଡ଼ରେ ଲେଖିବ ନାହିଁ ।
- ବ୍ଲାକ୍‌ବୋର୍ଡ଼ର L side ରେ ଛିଡ଼ା ହୋଇ ଲେଖିବା ଦରକାର କାରଣ ଦରକାର ପଡ଼ିଲେ ଶ୍ରେଣୀ ଗୃହକୁ ଚାହିଁ ହେବ ।
- ଅଧା ଚକ୍ ଖଣ୍ଡେ ନିଅ ଏବଂ ବୁଢ଼ା ଆଙ୍ଗୁଠି ଓ ବିଶି ଆଙ୍ଗୁଠି ମଧ୍ୟରେ ଧରି ଲେଖ ।
- ଧାରାବାହିକ ଭାବରେ ମୁଖ୍ୟାଂଶ ଓ ତା'ପରେ ଆନୁସଙ୍ଗିକ ଅଂଶ / ଧାଡ଼ି ଲେଖ ।
- ଧାଡ଼ି ଗୁଡ଼ିକ ସମାନ୍ତରାଳ ହେବା ଦରକାର ।
- ଶବ୍ଦ ଶବ୍ଦ ମଧ୍ୟରେ ଥିବା ପାର୍ଥକ୍ୟ ସମାନ ହେବା ଦରକାର ।
- ଶବ୍ଦରେ ଥିବା ଅକ୍ଷର ସମାନ ସମାନ ହେବା ଦରକାର ।
- ଗୋଟିଏ ଶବ୍ଦରୁ ଅନ୍ୟ ଶବ୍ଦ ପର୍ଯ୍ୟନ୍ତ ଥିବା ଦୂରତା ସମାନ ହେଲେ ଭଲ ।
- ମାର୍ଜିନର ଆକାର ତଳ ଉପର ସମାନ ହେଲେ ଭଲ ।
- ଷ୍ଟ୍ରଙ୍ଗ ଲାଇନ ଗୁଡ଼ିକ ବୋଲ୍ଡ ହେବା ଦରକାର ।
- ଡ୍ରଇଂ କଲାବେଳେ କଳାପଟାର ଦୁଇ ତୃତୀୟାଂଶ ସ୍ଥାନରେ କରିବା ଦରକାର ।
- ଲିଭାଇବା ପାଇଁ ଡଷ୍ଟର ସ୍ଥାନରେ ଆଙ୍ଗୁଠି ବ୍ୟବହାର କରିବା ଅନୁଚିତ ।

- ଡଷ୍ଟର ବ୍ୟବହାର କଲାବେଳେ ଉପରୁ ତଳକୁ ଲିଭାଇବାକୁ ହୁଏ । ଏହା ଦ୍ୱାରା ଡଷ୍ଟ ଉଡ଼ିବା ବା କ୍ଷତି କରିବା କମିଯାଏ ।
- ସିଧା ସିଧା ଧାଡ଼ିରେ ଉପରୁ ଉପର କଣ ଠାରୁ ଲେଖିବ ।
- ସଂକ୍ଷିପ୍ତ ଉକ୍ତିରେ ଲେଖିବା ଉଚିତ ନୁହେଁ ।
- ଆଗରୁ ଯୋଜନା କରି ଆସି କଳାପଟାରେ ଲେଖିବା ଦରକାର ।
- ବ୍ଲାକ୍‌ବୋର୍ଡ଼ଠାରୁ ଶ୍ରେଣୀର ପ୍ରଥମ ଧାଡ଼ି ଛାତ୍ର/ଛାତ୍ରୀଙ୍କ ସ୍ଥାନ ମଧ୍ୟରେ ୮ ଫୁଟ୍ ବ୍ୟବଧାନ ରହିବା ଦରକାର ।
- ପ୍ରତିବର୍ଷ ବ୍ଲାକ୍‌ବୋର୍ଡ଼ ରଙ୍ଗ କରାଯିବା ଦରକାର ।
- ପ୍ରତି ଶ୍ରେଣୀର ପାଠ ପଢ଼ା ପରେ ବ୍ଲାକ୍‌ବୋର୍ଡ଼ ସଫା ହେବା ଦରକାର ।
- ବ୍ଲାକ୍‌ବୋର୍ଡ଼ରେ ଲେଖିଲାବେଳେ କଥା କହିବା ମନା ।
- ଲେଖିବା ପରେ ଆଲୋଚନା ହେବା ଦରକାର ।
- ଲେଖିବା ବେଳେ ବ୍ଲାକ୍‌ବୋର୍ଡ଼ ସାମ୍ନାରେ ଠିଆ ହେବା ଅନବଶ୍ୟକ ।

କଳାପଟାର ଉପଯାଗୀତା (Advantages) :

- ଏହା ଗ୍ରୁପ୍ ଶିକ୍ଷଣ ପାଇଁ ଉପଯୁକ୍ତ ଓ ସୁବିଧାଜନକ
- ଏହା କମ୍ ଖର୍ଚ୍ଚରେ ନିର୍ମିତ ହୋଇପାରେ
- ଏହା ସହଜରେ ମିଳିଥାଏ
- ବାରମ୍ବାର ବ୍ୟବହୃତ ହୋଇପାରେ । ସେ ଦୃଷ୍ଟିରୁ ଅଧିକ ଖର୍ଚ୍ଚାନ୍ତ ହେବାକୁ ପଡ଼େନାହିଁ ।
- ଏହା ବ୍ୟବହାର କରିବା ପାଇଁ ଆଗରୁ କୌଣସି ପ୍ରସ୍ତୁତି ଆବଶ୍ୟକ କରେ ନାହିଁ ।
- ଶିକ୍ଷଣ ପଠନର କୌଣସି ଗୁରୁତ୍ୱପୂର୍ଣ୍ଣ ପଏ , ଅର୍ଥ, ଘଟଣା, ତଥ୍ୟ ଇତ୍ୟାଦିକୁ ଏଥିରେ ଲେଖାଯାଏ ।
- ଏହା ପିଲାମାନଙ୍କର ଦୃଷ୍ଟି ଆକର୍ଷଣ କରେ ଏବଂ ଶ୍ରେଣୀ ଗୃହରେ ଅବସନ୍ନତା ଦୂର କରେ ।
- ଡ୍ରିଲ୍ ଓ ରିଭିଜନ ପାଇଁ ଏହା ବ୍ୟବହୃତ ହୁଏ ।
- ଡ୍ରଇଂ ଓ ରେଖାଙ୍କିତ ଚିତ୍ର ଏହାଦ୍ୱାରା ଅଙ୍କନ କରାଯାଏ ।
- ବିଭିନ୍ନ ପ୍ରକାର ରଙ୍ଗୀନ୍ ଚକ୍ ଦ୍ୱାରା ସୁନ୍ଦର ଭାବରେ ଏଥିରେ ଲେଖାଯିବା ଦ୍ୱାରା ପିଲାମାନେ କୌତୁହଳ ସହକାରେ ପଢ଼ନ୍ତି ।

କଳାପଟାର ଅପକାରୀତା :

- କେବଳ କଳାପଟା ବାରମ୍ବାର ବ୍ୟବହାର କରିବା ଦ୍ୱାରା ଛାତ୍ର ଛାତ୍ରୀମାନେ ଅନ୍ୟମନସ୍କ ହୁଅନ୍ତି ।
- ସବୁଲେଖା ବହୁଳ ଭାବରେ ଓ ବିସ୍ତୃତ ଭାବରେ ଏଥିରେ ଲେଖିଲେ ଶିକ୍ଷକଙ୍କୁ କଷ୍ଟ ହୋଇଥାଏ । ଛାତ୍ର/ ଛାତ୍ରୀ ମଧ୍ୟ ଶିକ୍ଷକଙ୍କ ଉପରେ ନିର୍ଭରଶୀଳ ହୋଇପଡ଼ନ୍ତି ।
- ଛାତ୍ରଛାତ୍ରୀଙ୍କର ବ୍ୟକ୍ତିଗତ ଆବଶ୍ୟକତା ପ୍ରତି ଏଥିରେ ଧ୍ୟାନ ଦିଆଯାଏ ନାହିଁ ।

ଚାର୍ଟସ (Charts) :

ଚିତ୍ରପଟ (Chart) ହେଉଛି ଲେଖଚିତ୍ର ଓ ଚିତ୍ରର ସମ୍ମିଶ୍ରଣରେ ତିଆରି ହୋଇଥିବା ଏକ ଉପକରଣ ଯାହା ଯୌକ୍ତିକ ଓ ଧାରବାହିକ ଭାବରେ ବିଭିନ୍ନ ତତ୍ତ୍ୱ, ତଥ୍ୟ, ଧାରଣାର ସମ୍ପର୍କକୁ ସୂଚାଇ ଥାଏ । ଏଡ୍‌ଗାର ଡାଲେଙ୍କ ମତରେ ଚିତ୍ରପଟ ହେଉଛି ତଥ୍ୟ ଓ ଧାରଣାର ଏକ ବ୍ୟବସ୍ଥିତ, ଶୃଙ୍ଖଳ ଲେଖଚିତ୍ର/ ଚିତ୍ର ଯାହାଦ୍ୱାରା କୌଣସି ବସ୍ତୁ ପରିମାଣ, ପରିମାପ, ଗତି ଓ ସ୍ଥିତି ସମ୍ପର୍କରେ ସୂଚନା ମିଳିଥାଏ ।

ଏହାର ଉଦ୍ଦେଶ୍ୟ :

- ଏହା ବିଭିନ୍ନ ତଥ୍ୟ ଓ ଚିତ୍ରର ସମ୍ପର୍କ ଦର୍ଶାଇଥାଏ ।
- କୌଣସି ବସ୍ତୁ ଓ ଗଣନାକୁ ଚିତ୍ରଲେଖା ଓ ଚିହ୍ନ / ପ୍ରତୀକ ମାଧ୍ୟମରେ ଦର୍ଶାଇଥାଏ ।
- କୌଣସି ଅମୂର୍ତ୍ତ ଧାରଣା (abstract idea) କୁ ଦୃଷ୍ଟିଗମ୍ୟ କରିଥାଏ ।
- କୌଣସି ବ୍ୟବସ୍ଥାର ଧାରାବାହିକତା ଦର୍ଶାଏ
- ଅବୋଧ ଧାରଣାକୁ ଶୃଙ୍ଖଳିତ ଭାବରେ ବୋଧଗମ୍ୟ କରାଇଥାଏ ।
- ପିଲାମାନଙ୍କର ଆଗ୍ରହ, ଉତ୍କଣ୍ଠା ଓ ଉତ୍ସାହ ଜନ୍ମାଇଥାଏ ।

ଚାର୍ଟସର ପ୍ରସ୍ତୁତିକରଣ :
କେଉଁ ପଦାର୍ଥ ଦରକାର ?

- ଧଳା ମୋଟା କିମ୍ବା ହାଲକା ରଙ୍ଗର ମୋଟା କାଗଜ ବା କାର୍ଡ଼ବୋର୍ଡ଼ ଫାଇବର ଥିବା ମୁନିଆ ରଙ୍ଗୀନ ମାର୍କର କଲମ
- ଚିତ୍ର କରିବା ରଙ୍ଗ, ତୁଳୀ, ପେନସିଲ୍, ରବର ଇତ୍ୟାଦି
- ଅଠା, ସାଲୋଟେପ୍ ଇତ୍ୟାଦି

ଚାର୍ଟସର ପ୍ରସ୍ତୁତି ପୂର୍ବରୁ କ'ଣ କରିବା ଦରକାର :

କେଉଁ ବିଷୟ ଓ ଲକ୍ଷ୍ୟ ରଖି ଚାର୍ଟସ ତିଆରି କରାଯିବା ତା'ର ଏକ ଯୋଜନା କରିବାକୁ ହେବ ।

ଯେଉଁ ପରିକଳ୍ପନା କରାଯିବା ସେଥିରେ ସ୍ଥାନ ନିରୂପିତ ହେବା ଦରକାର

ଚାର୍ଟସ ପ୍ରସ୍ତୁତିର ନିୟମ :

- ଚାର୍ଟସର ସାଇଜ/ମାପ, ଅକ୍ଷରର ମାପ ଏବଂ ଦର୍ଶାଉଥିବା ପଦାର୍ଥ ଏପରି ହେବା ଦରକାର ଯେପରି ଦୂରରେ ଥିବା ଦର୍ଶକ ପାଠ କରିପାରିବେ ।
- ପ୍ରାମାଣିକ ଚାର୍ଟସ କାଗଜର ସାଇଜ ୯୦ ✖ ୬୦ ସି.ଏମ୍ ଏବଂ ୭୦ ✖ ୫୫ ସି.ଏମ୍ ଅନେକ ପ୍ରକାରର ଉଦ୍ଦେଶ୍ୟ ପାଇଁ ଦରକାର ।
- ମୁଖାଂଶ ଲେଖା ବା ମୂଳ ଲେଖା ବା ପ୍ରମୁଖ ସୂଚନା ପାଇଁ ଲେଖାଯାଉଥିବା ଅକ୍ଷର ୨ ରୁ ୩ ମି.ମି. ହେବା ଆବଶ୍ୟକ ।
- ଧାଡ଼ି ଗୁଡ଼ିକର ମୋଟେଇ ୨/୩ ମି.ମି. ହେବା ଦରକାର ।
- ହାଲ୍କା ରଙ୍ଗର ଚାର୍ଟସ ପେପର ଯଥା ହଳଦିଆ, ହାଲ୍କା ସବୁଜ ଓ ଧଳା ରଙ୍ଗର କାଗଜ ଗୁଡ଼ିକ ପାଇଁ ଡିପ୍ ରଙ୍ଗର ଯଥା କଳା, ନୀଳ, ଲାଲ୍ ଓ କମଳା ରଙ୍ଗର କଲମ ଭଲ ହେବ ।
- ହାତଲେଖା ଥିବା ସରଳ ବିନା ଚିତ୍ରିତ ଅକ୍ଷର ଗୁଡ଼ିକ ବିଶେଷ ଭାବେ ପ୍ରଭାବଶାଳୀ ହୋଇଥାଏ ବହୁଳ ଭାବେ ଚିତ୍ରିତ ହୋଇଥିବା ଚାର୍ଟସ ଅପେକ୍ଷା ।
- ଗୋଟିଏ ଚାର୍ଟ ଗୋଟିଏ ଭାବଧାରାକୁ ବର୍ଣ୍ଣନା କରୁଥିବା ଆବଶ୍ୟକ ।
- ଯେଉଁ ଚାର୍ଟସ ଗୁଡ଼ିକ ବହୁଳଭାବେ ସୂଚନା ପ୍ରଦାନ ପାଇଁ ଉର୍ଦ୍ଦିଷ୍ଟ ଥାଏ ତାହା ବିଶେଷ ଭାବେ ପ୍ରଭାବ ପକାଇ ପାରେନା ।

ଚାର୍ଟସର ପ୍ରକାର ଭେଦ :

ବର୍ଣ୍ଣନାତ୍ମକ ଚିତ୍ରପଟ (ଚାର୍ଟସ)	ବିବ ର୍ନ ଚାର୍ଟ
ହିସାବ ଚିତ୍ରପଟ	ଟଣା ଚିତ୍ରପଟ
କ୍ରମାନୁସାରୀ ଚିତ୍ରପଟ	ରେଖା ଚିତ୍ରପଟ
ସ୍ତମ୍ଭାକୃତି ଚିତ୍ରପଟ	ବୃକ୍ଷ ଚିତ୍ରପଟ
ପାଇଚାର୍ଟ	
ଅନୁକ୍ରମ ଚିତ୍ରପଟ	

ବର୍ଣ୍ଣନାତ୍ମକ ଚିତ୍ରପଟ (Narration Chart) :

ଯେଉଁ ଚିତ୍ରପଟରେ କୌଣସି ଭୌଗୋଳିକ, ପ୍ରାକୃତିକ ସମ୍ପଦର ଚିତ୍ର ବା ଆନୁପାତିକ ପାଣିପାଗର ବିବରଣୀ ବର୍ଣ୍ଣନା କରାଯାଇଥାଏ । ତାହାକୁ ବର୍ଣ୍ଣନାତ୍ମକ ଚିତ୍ରପଟ କୁହାଯାଏ । କେଉଁ କେଉଁ ପଥ ଦେଇ କୌଣସି ସ୍ଥାନର ଆବିଷ୍କାର କରାଯାଇଥିବା ଏହିଭଳି ଚାର୍ଟରେ ଦର୍ଶା ଯାଇପାରିବ ।

ହିସାବ ଚିତ୍ରପଟ (Tabulation Chart) :

ଗାଣିତିକ ହିସାବ, ଜନସଂଖ୍ୟାର ହିସାବ ଯେକୌଣସି ଗୁଣନ ଟେବୁଲ ଇତ୍ୟାଦି ଏହି ଶ୍ରେଣୀଭୁକ୍ତ ଚିତ୍ରପଟରେ ଅନ୍ତର୍ଭୁକ୍ତ ହୋଇପାରିବ

କ୍ରମାନୁସାରୀ ଚିତ୍ରପଟ (Chain Chart) :

ଐତିହାସିକ ଘଟଣାବଳୀ, ସମୟରେଖା, କୌଣସି ଐତିହାସିକ ବିବରଣୀ, ଶାସନ ସମ୍ବନ୍ଧୀୟ ତାରିଖ ଓ ଘଟଣାବଳୀ ବା ସମସ୍ୟା ଇତ୍ୟାଦିକୁ ଏ ଭଳି ଚିତ୍ରପଟ ମାଧ୍ୟମରେ ଦର୍ଶା ଯାଇପାରେ ।

ସ୍ତମ୍ଭାକୃତି ଚିତ୍ରପଟ :

ଜନସଂଖ୍ୟା ବୃଦ୍ଧିହାର, ଆୟକରର ବୃଦ୍ଧି, ମାସ ଅନୁସାରେ ଉପସ୍ଥାପନର ଚିତ୍ର, ଜିଲା ଅନୁସାରେ ସାକ୍ଷର ତା'ର ହାର ଇତ୍ୟାଦିକୁ ସ୍ତମ୍ଭାକୃତି ଚିତ୍ରପଟ ମଧ୍ୟମରେ ଦର୍ଶା ଯାଇପାରିବ । ଏହା ଅତ୍ୟନ୍ତ ସୁନ୍ଦର ଓ ବୋଧଗମ୍ୟ ଓ ଆକର୍ଷଣୀୟ ଅଟେ ।

ପାଇ ଚିତ୍ରପଟ (Pie Chart) :

ଯେକୌଣସି ଘଟଣାର ବିବରଣୀ ପାଇଚାର୍ଟ ମଧ୍ୟରେ ବର୍ଣ୍ଣନା ବ୍ୟାଖ୍ୟା କରାଯାଇପାରେ । କୌଣସି ବଜେଟର କେଉଁ ବିବରଣୀର ଶତକ ବା ଖର୍ଚ୍ଚ ହିସାବ, କେତେ ଭୋଟ କେଉଁ ପାର୍ଟି ପାଇଲା ତା'ର ଶତକଡ଼ା ହିସାବ, ଦେଶର ଚାଷରୁ ଉତ୍ପାଦିତ ହେଉଥିବା କେଉଁ ଫସଲର କେତେ ପରିମାଣ ଇତ୍ୟାଦିକୁ ପାଇଚାର୍ଟ ମାଧ୍ୟମରେ ଭଲ ଭାବରେ ଦର୍ଶା ଯାଇପାରିବ ।

ଅନୁକ୍ରମ ଚିତ୍ରପଟ (Flow Chart) :

ଶାସନ ପ୍ରଣାଳୀର ସ୍ତର, ବଂଶାନୁକ୍ରମିକ ଶାସନଧାରା କିଏ କେଉଁ ଜାତୀୟ, ବଂଶଜ ତାହା ଏହି ଚିତ୍ରପଟ ଦ୍ୱାରା ଭଲ ଭାବରେ ଦର୍ଶା ଯାଇଥାଏ ।

ବିବ ର୍ନ ଚିତ୍ରପଟ (Evalution Chart) :

ଏହି ଚିତ୍ରପଟ ମାଧ୍ୟମରେ ମନୁଷ୍ୟ ଶରୀରର କିପରି, କେଉଁ ସମୟରେ କି ମକି ବୃଦ୍ଧି ଘଟେ ଓ ବ୍ୟବହାରିକ ପରିବ ର୍ନ ଘଟେ ତାହା ଦେଖାଇ ହୁଏ ଓ ବୁଝାଇ ହୁଏ । ବିବ ର୍ନବାଦ ଏବଂ ବିଭିନ୍ନ ପ୍ରାଣୀର ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ କେଉଁ ସମୟରେ ଶାରିରୀକ ଓ ବ୍ୟବହାରିକ ପରିବ ର୍ନ ଘଟୁଛି ତାହା ବିସ୍ତୃତ ଭାବେ ପ୍ରଦର୍ଶନ କରାଯାଇଥାଏ ।

ବୃକ୍ଷ ଚିତ୍ରପଟ (Tree Chart) :

କେଉଁ ବଂଶରୁ କିଏ ଜନ୍ମ ବା ପରିବାର ଇତିହାସ ତଥା ଜନ୍ମଗତ ସମ୍ପର୍କ ଏଭଳି ଚାର୍ଟରୁ ମିଳିଥାଏ । ମୂଳରୁ ଶେଷ ପର୍ଯ୍ୟନ୍ତ ସମସ୍ତ ବିବରଣୀ ଉକ୍ତ ଚିତ୍ରପଟୁ ମିଳିଥାଏ ଓ ଛାତ୍ର/ ଛାତ୍ରୀଙ୍କର ବୋଧଗମ୍ୟ ହୋଇଥାଏ ।

ରେଖା ଚିତ୍ରପଟ (Line Chart) :

ଶ୍ରେଣୀ ଅନୁଯାୟୀ ଦୈନିକ ଉପସ୍ଥାପନ ଲବଂ ଶ୍ରେଣୀ ଅନୁସାରେ ବାର୍ଷିକ ପାଶ୍ ଫେଲ୍ ହିସାବ ୫ ବର୍ଷିଆର ଏକତ୍ର ହିସାବ ଏଭଳି ଚିତ୍ରପଟରୁ ମିଳିଥାଏ ।

ଚାର୍ଟସକୁ କିପରି ସଫଳ ଭାବେ ବ୍ୟବହୃତ କରାଯାଇପାରିବ :

- ଛାତ୍ର/ଛାତ୍ରୀମାନଙ୍କୁ ଚିତ୍ରପଟ (Chart) ଗୁଡ଼ିକ ପ୍ରସ୍ତୁତିରେ ନିୟୋଜିତ କରିବା ପାଇଁ ପଡ଼ିବ ।
- ଚିତ୍ରପଟ ଗୁଡ଼ିକ ବଡ଼ ସାଇଜର ହୋଇଥିଲେ ଭଲ ଭାବରେ ସବୁ ଅଂଶ ଗୁଡ଼ିକ ସବୁ ପିଲାଙ୍କୁ ଦେଖାଇ ହେବ ।
- ଚିତ୍ରପଟ ଗୁଡ଼ିକ ଶ୍ରେଣୀ ଗୃହରେ ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ଟଙ୍ଗାଯାଇ ପାରୁଥିବ ।
- ଶିକ୍ଷକ ପଏ ର ବ୍ୟବହାର କରି ସବୁ ଦୃଷ୍ଟିରୁ ଏହାକୁ ଦେଖାଇ ପାରୁଥିବେ ।
- ପେପର, କ୍ଲିପ୍ସ, କ ।, ବୋର୍ଡ଼ କ୍ଲିପ୍ସର ବ୍ୟବହାର ହେବା ଦରକାର ।
- ଚିତ୍ରପଟ ଗୁଡ଼ିକ ଭଲ ଭାବରେ ଅର୍ଥାତ୍ ଦାୟିତ୍ୱସମ୍ପନ୍ନ ଭାବରେ ଭବିଷ୍ୟତ ପାଇଁ ସାଇତା ଯିବା ଦରକାର ।

ବିଜ୍ଞାପନ ପତ୍ର (Poster) :

ଏହା ଏକ ପ୍ରଦର୍ଶନ ଚିତ୍ରପଟ ଯେଉଁଥିରେ ଏକମାତ୍ର ଧାରଣା ଓ ବିଷୟ/ ପ୍ରସଙ୍ଗରେ ଚିତ୍ର ବା ରେଖାଙ୍କିତ ଚିହ୍ନ ବା (ସଙ୍କେତ) ମାଧ୍ୟମରେ ବଳିଷ୍ଠ ମାନସିକ ପ୍ରଭାବ ପଡ଼ିଥାଏ । ରଙ୍ଗୀନ (colour) ରଙ୍ଗ ଯଦି ଠିକ୍ ଭାବରେ ବ୍ୟବହୃତ ହୋଇଥାଏ ତେବେ ବିଜ୍ଞାପନଟି ଅତ୍ୟନ୍ତ ଆକର୍ଷଣୀୟ ହୋଇଥାଏ । କଳା ଓ ହଳଦିଆ ରଙ୍ଗର ମିଳନ ଏକ ଆକର୍ଷଣୀୟ ସମ୍ମେଳନ ।

ବିଜ୍ଞାପନପତ୍ର ପ୍ରସ୍ତୁତ କରିବାର ନିୟମ :

- **ସଂକ୍ଷିପ୍ତକରଣ :** ବିଜ୍ଞାପନ ପତ୍ର ଯେତେ ସଂକ୍ଷିପ୍ତ/ ଛୋଟ ହେବ ତାହା ଅତିକମ୍ ସମୟରେ ପଢ଼ାଯାଇପାରିବ । ୫ଟି ଅକ୍ଷରରୁ ଏହା ଅଧିକ ହେବା ଉଚିତ ନୁହେଁ । ଧାରଣାଟି ସହଜ ଓ ବୋଧଗମ୍ୟ ହେବା ଆବଶ୍ୟକ ।
- **ସହଜ/ସରଳ :** ବହୁତ ଗୁଡ଼ିଏ ଶବ୍ଦ ଗୋଟିଏ କାଗଜରେ ଲେଖାଯିବା ଠିକ୍ ନୁହେଁ ।

- **ଧାରଣା (Idea)** ବିଜ୍ଞାପନ ପତ୍ର ଗୋଟିଏ ମାତ୍ର ଗଳ୍ପ ପଲକରେ କହିଥାଏ । ସୁତରାଂ ସଚିତ୍ର ବର୍ଣ୍ଣନା (illustration) ଟି ବଡ଼ ହେବା ଆବଶ୍ୟକ
- **ପରିଯୋଜନା (Layout)** ବିଜ୍ଞାପନ ପତ୍ରଟିର ନକ୍‌ସାଟି ଏଭଳି ହେବା ଦରକାର ଯେପରି ବୋଲ୍ଡ ରଙ୍ଗୀନ ଅକ୍ଷର ମାଧ୍ୟମରେ ଧାରଣାଟି ଅତ୍ୟନ୍ତ ସହଜ ଓ ବୋଧଗମ୍ୟ ହେବା ସଙ୍ଗେ ସଙ୍ଗେ ସମସ୍ତଙ୍କର ଦୃଷ୍ଟି ଆକର୍ଷଣ କରିପାରିବ ।
- **ରଙ୍ଗିନ :** ରଙ୍ଗ ଯଦି ଠିକ୍ ଭାବରେ ବ୍ୟବହୃତ ହୋଇଥାଏ, ତେବେ ବିଜ୍ଞାପନଟି ଅତ୍ୟନ୍ତ ଆକର୍ଷଣୀୟ ହୋଇଥାଏ ।

ଅକ୍ଷର (Lettering) :

ଅକ୍ଷର ଗୁଡ଼ିକ ସ୍ପଷ୍ଟ, ବଡ଼ ଓ ସହଜ ପାଠ୍ୟ ହେଲେ ବିଜ୍ଞାପନଟି ଆଗ୍ରହ ସୃଷ୍ଟି କରିଥାଏ ଓ ସ୍ମରଣୀୟ ହୋଇଥାଏ ।

ବିଜ୍ଞାପନର ପ୍ରସ୍ତୁତି (Size of the Poster) :

କାଗଜର ସାଇଜ ଅନୁସାରେ ଏହା ୧୦"× ୧୫", ୧୫" × ୨୦", ୨୦" × ୩୦" ପର୍ଯ୍ୟନ୍ତ ବଡ଼ ହୋଇପାରେ । ଏହା ଲମ୍ବ ଭାବରେ ଓ ଓସାର ଭାବରେ କାର୍ଯ୍ୟରେ ବ୍ୟବହୃତ ହୋଇପାରେ ।

ବିଜ୍ଞାପନ ପାଇଁ ଦରକାର ହେଉଥିବା ସାମଗ୍ରୀ :

ବିଜ୍ଞାପନ କାଗଜ, ଷ୍ଟେନିସିଲ କାଗଜ, ପେନ୍‌ସିଲ, ବ୍ରଶ୍, ରବର, ସ୍କେଲ, କମ୍ପାସ, ଚିତ୍ର, ରଙ୍ଗ, ତୁଳୀ, ଅଠା ଓ ଅନ୍ୟାନ୍ୟ ପଦାର୍ଥ ।

ଉନ୍ମେଷପତ୍ର (Flash Cards) :

ଏହା ଛୋଟ ସାଇଜ ଅର୍ଥାତ୍ ୨୫ × ୩୦ ସି.ଏମ୍‌ର କାର୍ଡ଼ ଯାହା ଶ୍ରେଣୀଗୃହରେ କିଛି ସମୟ ପାଇଁ କିଛି ଧାରଣା ଦେବାପାଇଁ ପ୍ରଦର୍ଶନ କରାଯାଇଥାଏ । ଅନ୍ୟାନ୍ୟ ଲେଖଚିତ୍ର ସହ ଏଗୁଡ଼ିକ ପାଠନ ପଠନ ଉପଯୋଗୀ ବା ଶିକ୍ଷଣକୁ ଅଧିକ ଫଳପ୍ରଦ ଓ ଆକର୍ଷଣୀୟ କରିବା ପାଇଁ ବ୍ୟବହୃତ ହୋଇଥାଏ ।

ଉନ୍ମେଷ ପତ୍ରର ପ୍ରସ୍ତୁତି :

- ଏହା କାର୍ଡ଼ବୋର୍ଡ଼କୁ ସମାନ ଭାଗ କରି ୪ଟି କାର୍ଡ଼ ପାଇବ ।
- ଏହା ଉପରେ ବିଷୟବସ୍ତୁ ସମ୍ପର୍କୀୟ ଲେଖା ସ୍କେଚ୍ ପେନ୍‌ରେ ହେବା ଦରକାର ।
- ଏହା ଉପରେ ବୋଲ୍ଡ ଲେଟରରେ ଲେଖାଥିବା ଦରକାର ।
- ପ୍ରଥମେ ରଫ୍ କାଗଜରେ କାର୍ଡ଼ବୋର୍ଡ଼ରେ ଲେଖିବାକୁ ଚାହୁଁଥିବା ଶବ୍ଦ ବା ଲେଖାକୁ ଲେଖିବ । ପରେ ଏହା ଅସଲ ଉନ୍ମେଷ ପତ୍ରକୁ ଉଠାଇବ ।

- ଉନ୍ମେଷ ପତ୍ରରେ କେତେଗୁଡ଼ିଏ କାର୍ଡ଼ ସାଧାରଣତଃ ୧୦" × ୧୨" ସାଇଜର ଥାଏ ଏବଂ ଏଥିରେ ସଚିତ୍ର ବର୍ଣ୍ଣନା ଦ୍ୱାରା କୌଣସି ଗଳ୍ପ ବା ଉକ୍ତିର ସଂକ୍ଷିପ୍ତ ବିବରଣୀ ଦିଆଯାଇଥାଏ ।
- ଉନ୍ମେଷ ପତ୍ରଟି ବଡ଼ ଏପରି ହେବା ଦରକାର ଯାହା ୩୦/୪୦ ପିଲା ଦେଖିବେ । ଏହାକୁ ରଙ୍ଗ ଦେଲେ ଆକର୍ଷଣୀୟ ହୁଏ ।
- ଗୋଟିଏ ସେଟରେ ୧୦/୧୨ ଟି କାର୍ଡ଼ ଥାଏ । ଏହା ଗୋଟିଏ ପରେ ଗୋଟିଏ ଯୋଡ଼ିଦେଲେ ଯେପରି କୌଣସି ଗଳ୍ପର ଧାରଣା ଦିଆଯାଇପାରେ ।

ଉପକାରିତା (Advantages) :

- ଉନ୍ମେଷ ପତ୍ର କୌଣସି ବିଷୟରେ ଉପକ୍ରମ ଦେବାବେଳେ ଆବଶ୍ୟକ ହୁଏ ।
- ଏହା କୌଣସି ପ୍ରସଙ୍ଗଟି ଉପସ୍ଥାପନା କଲାବେଳେ ଦରକାର ହୁଏ ।
- ଉନ୍ମେଷ ପତ୍ର ଗୁଡ଼ିକ ଛାତ୍ର/ଛାତ୍ରୀଙ୍କ ଚିହ୍ନିବା ବା ମନେପକାଇବାରେ ସାହାଯ୍ୟ କରେ ।
- କୌଣସି ପାଠ୍ୟ ପ୍ରସଙ୍ଗକୁ ଅଭ୍ୟାସ କଲାବେଳେ ଏହା ଆବଶ୍ୟକ ହୁଏ ।
- ଏହା ପିଲାମାନଙ୍କୁ ପାଠ୍ୟାଂଶରେ ମନୋନିବେଷ କରିବାରେ ସାହାଯ୍ୟ କରେ ।

ଫ୍ଲିପ୍ ଚାର୍ଟ :

ବ୍ୟକ୍ତିଗତ ଚିତ୍ରପଟ ଗୁଡ଼ିକ କିଛି ସମୟ ପାଇଁ କୌଣସି ବୋର୍ଡ଼ ସାହାଯ୍ୟରେ ଲଗାଇ ଦିଆଯାଏ ଏବଂ ଶିକ୍ଷାଦାନ ସମୟରେ ଶିକ୍ଷକ ଗୋଟିକ ପରେ ଗୋଟିଏ ପ୍ରଦର୍ଶନ କରି ତା' ମଧ୍ୟରେ ଥିବା ରେଖା, ଗଳ୍ପ ବା ଚିତ୍ର ଗୁଡ଼ିକ ସମ୍ପର୍କରେ ଆଲୋଚନା କରିଥା'ନ୍ତି ।

ଏହି ଚାର୍ଟ ବା ଚିତ୍ରପଟ ଗୁଡ଼ିକ ୮ ରୁ ୧୨ ଟି ପର୍ଯ୍ୟନ୍ତ କ୍ରମ ଅନୁସାରେ ସଜାଯାଇ ଏକ ଗଳ୍ପ ଆକାରେ ପିଲାମାନଙ୍କୁ ବୁଝା ଯାଇପାରେ ।

ଏହା ପ୍ରଦର୍ଶନ କଲାବେଳେ ଯେପରି କୌଣସି ପ୍ରତିବନ୍ଧକ ନ ରୁହେ, ଯଥା ଶିକ୍ଷକଙ୍କ ଆଙ୍ଗୁଠି, ସ୍କେଲ ଇତ୍ୟାଦି ଦ୍ୱାରା ଯେପରି ଲେଖାଥିବା ଅଂଶ, ଚିତ୍ର, ବା କୌଣସି ସମ୍ବାଦ ପରିବେଷଣର ବା ାଆବୃ ନ ରୁହେ ।

ଚିତ୍ର :

ଚିତ୍ର ଗୁଡ଼ିକ ବାସ୍ତବ ପରିବେଶ ସୃଷ୍ଟିରେ ସହାୟକ ହୋଇଥା'ନ୍ତି । ସୁତରାଂ ଚିତ୍ର ଗୁଡ଼ିକ ଉପଯୁକ୍ତ ଅବିକଳ ଓ ସୁନ୍ଦର, ବିଷୟପୋଯୋଗୀ ହେଲେ ତାହା ବିଶେଷ ଭାବରେ ଶିକ୍ଷଣ ପ୍ରକ୍ରିୟା ତଥା ଶିକ୍ଷାର୍ଥୀକୁ ପ୍ରଭାବିତ କରିପାରେ । ଚିତ୍ର ଗୁଡ଼ିକ ପ୍ରାସଙ୍ଗିକ ଓ ପ୍ରାକୃତିକ ହେବା ବିଧେୟ ।

ଫଟୋଗ୍ରାଫ୍ :

ଜୀବନର ଦୈନନ୍ଦିନ ଘଟଣାବଳୀକୁ ନେଇ ପାଠ୍ୟ ପ୍ରସଙ୍ଗରେ ଉପଯୋଗ ହୋଇପାରୁଥିବା ଚିତ୍ର ବା ଫଟୋ ଗୁଡ଼ିକ ସବୁଠାରୁ ପ୍ରକୃଷ୍ଟ ଆକୃଷ୍ଟକାରୀ ଓ ଉପାଦେୟ ପାଠ୍ୟୋପକରଣ । ଏହା କଳା, ଧଳା କିମ୍ବା ରଙ୍ଗୀନ ହୋଇପାରେ ।

ତିନି ପରିବୃ ଆଦର୍ଶ ପ୍ରତିରୂପ (3-D Aids) :

ତ୍ରିମାତ୍ରା/ ତିନି ପରିବୃ ଆଦର୍ଶ ପ୍ରତିରୂପ ଗୁଡ଼ିକ ସାଧାରଣତଃ ଶକ୍ତିଶାଳୀ ଆଗ୍ରହ ସୃଷ୍ଟିକାରୀ ଉପକରଣ ଯେଉଁଥିରେ ବହୁ ପ୍ରକାରର ଇନ୍ଦ୍ରିୟାନୁଭୂତି ତଥା ଜ୍ଞାନ ମିଳିଥାଏ । ବାସ୍ତବ ଜୀବ, ବସ୍ତୁ ତଥା ପଦାର୍ଥର ଏହା ରୂପାନ୍ତର ବୋଲି ଧରାଯାଏ । ସାଇଜ୍‌ରେ ପ୍ରକୃତ ବସ୍ତୁର ଏହା ଟିକେ ବଡ଼, ଟିକେ ସାନ ବା ଏକା ମାପ ହୋଇଥାଏ । ବସ୍ତୁ ବା ପଦାର୍ଥର ଏହା ଅନ୍ତର୍ନିହିତ ସ୍ୱରୂପ ମଧ୍ୟ ବର୍ଣ୍ଣନା କରିଥାଏ । ଅନ୍ୟ କୌଣସି ଉପକରଣରେ ଏହା ଦିଶେ ନାହିଁ । ଯଥା ଆଖିର ପ୍ରତିରୂପ ବା କାନର ପ୍ରତିରୂପ ଇତ୍ୟାଦି ।

ତିନି ପ୍ରକୃତିର ପ୍ରତିରୂପର କିଭଳି ପଦାର୍ଥ ବା ସାମଗ୍ରୀ ଆବଶ୍ୟକ :

- କାର୍ଡ଼ବୋର୍ଡ଼ ବା ମୋଟା କାଗଜ
- କାଦୁଅ, ମାଟି, ମହମ, କାଠ, କପଡ଼ା
- ଥର୍ମକୁଲ, ସୋଲ, ଫେବିକଲ ଅଠା
- ବାଲି କାଗଜ, ବ୍ରସ ଓ ତୁଳୀ
- ବିଭିନ୍ନ ପ୍ରକାରର ରଙ୍ଗ
- ପ୍ଲାଷ୍ଟର ଅଫ ପ୍ୟାରିସ
- ମେଟାଲ ସିଟ, ରଡ୍ ଟୁଉବ, ତାର ଇତ୍ୟାଦି
- ପ୍ଲାଷ୍ଟିକ – ପି.ଭି.ସି ପାଇପ୍ ଇତ୍ୟାଦି

ଚୁମ୍ବକୀୟ ବୋର୍ଡ଼ (Magnetic Board) :

ଏକ ପ୍ରକାର ବୋର୍ଡ଼ ଯାହାର ସମ୍ମୁଖ ଭାବରେ ଏକ ଚୁମ୍ବକୀୟ ଚାଦର (Sheet) ଲାଗିଥାଏ । ଚୁମ୍ବକୀୟ ଗୁଣଥିବା ପଦାର୍ଥ ବା ବସ୍ତୁକୁ ଏଥିରେ ଲଗାଇଲେ ତାହା ଲାଗିଯାଏ ଏବଂ ପିଲାମାନେ ତାହା ଦେଖନ୍ତି ଏବଂ ଖୁସି ହୁଅନ୍ତି ।

- ଏହା ବ୍ୟୟବହୁଳ ହୋଇଥିବାରୁ ସବୁ ସ୍ଥାନରେ ବ୍ୟବହୃତ ହେଇ ନଥାଏ ।
- ଅନ୍ୟ ବୋର୍ଡ଼ ତୁଳନାରେ ଏହା ପରିଚାଳନା କରିବା କଷ୍ଟକର ।
- ଚୁମ୍ବକୀୟ ପଦାର୍ଥ ଓ ପାଠ୍ୟ ସାମଗ୍ରୀ ଯୋଗାଡ଼ କରିବା କଷ୍ଟକର ।

ପେଗ୍ ବୋର୍ଡ଼ (Peg Board) :

ପେଗ୍ ବୋର୍ଡ଼ ଟେମ୍ପର୍ଡ଼ ମାସୋନାଇଟ ବୋର୍ଡ଼ରେ ତିଆରି ହୋଇଥାଏ । ଏହାର ସମଗ୍ର ପୃଷ୍ଠ ଭାଗରେ 1/8” ର ଗାତ (hole) ସମାନ ଧାଡ଼ି ଓ ଦୂରତାରେ ଖେଳା ଯାଇଥାଏ । ଅକ୍ଷର ଓ ନମ୍ବର ଏହି ଗାତରେ ପୂରାଇବା ପାଇଁ ସ୍ୱତନ୍ତ୍ର ଭାବରେ ମିଳେ । ଆବଶ୍ୟକତା ଅନୁସାରେ ତାହା ଏହି ଗାତରେ ଖଞ୍ଜି ଦିଆଯାଏ । ଛାତ୍ରଛାତ୍ରୀମାନେ ଖଞ୍ଜିବାରେ ସାହାଯ୍ୟ କରନ୍ତି ଏବଂ ଏହା ବିଭିନ୍ନ ସୂଚନା ପ୍ରଦାନ କରିଥାଏ ।

ମେଳା (Exhibit) :

ଏଡ୍‌ଗାର ଡାଲେଙ୍କ ମତରେ ଏହା ହେଉଛି ବିଭିନ୍ନ ପ୍ରକାର ଜିନିଷ ବା ବସ୍ତୁର ସଂଗ୍ରହାଳୟ ଯେଉଁଠାରେ ଏକ ବିଷୟରେ କିଛି ଏକକ ଧାରଣା ଦିଆଯାଏ । e.g. Science exhibition, exhibition of irrigation, exhibit of a post office, Rly station.

ଉଦାହରଣ/ନମୂନା (Specimen) :

କୌଣସି ଏକ ଶ୍ରେଣୀୟ ଜାତିର ବସ୍ତୁ ବା ପଦାର୍ଥର କିଛି ଅଂଶ ବା ପରିମାଣ ଯାହା ବାସ୍ତବ ବସ୍ତୁ ବା ପଦାର୍ଥର ଅନୁରୂପ ହୋଇଥାଏ ତାହାକୁ ନମୂନା (specimen) କୁହାଯାଏ ।

ପ୍ରକୃତ/ବାସ୍ତବ ପଦାର୍ଥ/ବସ୍ତୁ :

ଯେଉଁ ପ୍ରାକୃତିକ ପଦାର୍ଥ ବା ବସ୍ତୁକୁ ଶ୍ରେଣୀ ଗୃହରେ ପିଲାମାନଙ୍କୁ ପ୍ରଦର୍ଶନ କରାଯାଏ ତାହା ଦ୍ୱାରା ବହୁତ ପ୍ରତ୍ୟକ୍ଷ ଅନୁଭୂତି ମିଳିଥାଏ ଯାହା ବାସ୍ତବରେ ଶ୍ରେଣୀ ଗୃହକୁ ଅଣାଯାଇପାରେ ତାହା ସଂଗ୍ରହ କରି ପ୍ରଦର୍ଶନ କରିବା ଦରକାର । ଯଥା : ଫୁଲ, ଫଳ, ପନିପରିବା, ଧାତୁ, ଶସ୍ୟ ପଦାର୍ଥ ଇତ୍ୟାଦି ।

ଲେଖଚିତ୍ର (Graphs) :

ଲେଖଚିତ୍ର ହେଉଛି ଏକ ପ୍ରକାରର ଦୃଶ୍ୟ ଉପକରଣ ଯାହା ସଂଖ୍ୟା ବା ଗାଣିତିକ ନମ୍ବର ସହିତ ଶବ୍ଦ ଓ ଚିତ୍ରର ସମ୍ମିଶ୍ରଣରେ ଗଠିତ ଉପକରଣ । ଏହାକୁ ଛାତ୍ର/ଛାତ୍ରୀଗଣ ଦେଖିଲା ମାତ୍ରେ ବୁଝି ପାରନ୍ତି । ବହୁତ ପ୍ରକାରର ଲେଖଚିତ୍ର ଯଥା, ଲାଇନ ଲେଖଚିତ୍ର ପାଇ ଲେଖଚିତ୍ର ଏବଂ ସମ୍ବାବୃତି ଲେଖଚିତ୍ର ଇତ୍ୟାଦି ।

ମାନଚିତ୍ର (Maps) :

ମାନଚିତ୍ର ହେଉଛି ମନୁଷ୍ୟର ସ୍ଥିତିର ସର୍ବଜ୍ଞାନାର୍ଜନବାଦ (Encyclopaedia). ମାନଚିତ୍ର ପୃଥିବୀ ଭୂଖଣ୍ଡ ବା ତା’ର ଅଂଶର ପ୍ରାକୃତିକ ଓ ରାଜନୈତିକ ସମତଳ ଦୃଶ୍ୟପଟ ଯେଉଁଥିରେ ଜୀବଜନ୍ତୁ, ମାନବ, ପଶୁପକ୍ଷୀ, ଖଣିଜ ସମ୍ପଦ, ବୃକ୍ଷଲତା, ଜଳ ସମ୍ପଦ ଓ ମୃ ିକାର ଜୀବନ ନିର୍ବାହ ପ୍ରଣାଳୀ, ଶସ୍ୟବୀଜ ସହିତ ଜଳବାୟୁର ଧାରା ଓ ପ୍ରାଣୀର ଜୀବନଧାରା ସମ୍ପର୍କରେ ଟିକି ନିଖି ଘଟଣା, କାହାଣୀକୁ ନେଇ ଜୀବନ୍ତ ତଥ୍ୟ ପ୍ରଦାନକାରୀ ଏକ ଅପରିହାର୍ଯ୍ୟ ଉପକରଣ ।

ଭୌଗୋଳିକ, ସାମାଜିକ, ଆର୍ଥନୀତିକ, ରାଜନୈତିକ ସମସ୍ୟା ଓ ସ୍ଥିତି ସମ୍ପର୍କରେ ଏହା ସର୍ବଶେଷ ବିବରଣୀ ପ୍ରଦାନ କରିଥାଏ ।

ବ୍ୟଙ୍ଗଚିତ୍ର (Cartoons) :

ଏହା ଏକ ହାସ୍ୟରସାତ୍ମକ, ବ୍ୟଙ୍ଗାତ୍ମକ ଚିତ୍ର ବା କୌଣସି କଥାବସ୍ତୁର ପ୍ରତୀକ ଉଦାହରଣ ସମ୍ବଳିତ ବର୍ଣ୍ଣନାତ୍ମକ ଚିତ୍ର । ଅତିକଥନ ଦ୍ୱାରା ଏଥିରେ ପିଲାମାନଙ୍କର ମନୋରଞ୍ଜନ ସହିତ ଆଗ୍ରହ ସୃଷ୍ଟି ହୋଇଥାଏ । କଥାବସ୍ତୁର ମଜାଳିଆ ସାରକଥା ସେମାନେ ଭଲଭାବେ ଅନୁଭବ କରନ୍ତି ସୁତରାଂ ଏହା ପାଠ୍ୟ ସମସ୍ୟା ବା ପ୍ରସଙ୍ଗକୁ ମନେରଖିବାରେ ସାହାଯ୍ୟ କରେ ।

ଫ୍ଲାନେଲ ବୋର୍ଡ଼ (Flannel Board) :

ଫ୍ଲାନେଲ ବୋର୍ଡ଼ ଏକ ପ୍ରକାର ବୋର୍ଡ଼ ଯେଉଁଠାରେ ଆମ୍ଭେ ଅନେକ ତିଆରି ଜିନିଷ ବା ଚିତ୍ର ଏଥିରେ ଲଗାଇ ଛାତ୍ରଛାତ୍ରୀଙ୍କୁ ଦେଖାଇପାରିବା ଏବଂ ପରେ ଏହା କାଢ଼ିଦେବା । ଛାତ୍ର/ଛାତ୍ରୀମାନଙ୍କୁ ନିର୍ଦ୍ଦେଶ ଦେଲେ ସେମାନେ ମଧ୍ୟ ଏହି ବସ୍ତୁ ବା ପଦାର୍ଥକୁ ଫ୍ଲାନେଲ ବୋର୍ଡ଼ରେ ଲଗାଇ ପାରିବେ ଏବଂ କାଢ଼ି ପାରିବେ । ଏଥିରେ ସେମାନଙ୍କର ସୃଜନାତ୍ମକ ଆଗ୍ରହ ସୃଷ୍ଟି ହେବ ।

ଏହି ବୋର୍ଡ଼ (Board) ସାଧାରଣତଃ Wall board, massonite ପ୍ଲାଏ, ସଫ୍ଟଉଡ୍, ମୋଟା କାର୍ଡ଼ବୋର୍ଡ଼ ଇତ୍ୟାଦିରେ ହୋଇଥାଏ ।

ଏହି ବୋର୍ଡ଼ରେ ତୁଳା ବା ସୂତା ତିଆରି ଜିନିଷ, flannel, ଖଦି ବା ରଫ୍ କପଡ଼ାରେ ତିଆରି ଜିନିଷ ବ୍ୟବହାର କରାଯାଇଥାଏ ।

କାଠର ଓ ପ୍ଲାଇବୋର୍ଡ଼, ଭେଲ୍‌ଭେଟ୍ କପଡ଼ା, ବା ଖଦଡ଼ କପଡ଼ା, ଫ୍ଲାନେଲ ଚିତ୍ର ଓ ଅଠା, ପିନ୍ ଏଥିରେ ଆବଶ୍ୟକ ହୁଏ ।

କାଠ ପୁତୁଳୀ, କଣ୍ଢେଇ, ସଖୀ କଣ୍ଢେଇ (Puppet) :

କଣ୍ଢେଇ ହେଉଛି ତିଆରି କରାଯାଇଥିବା ଏକ ପ୍ରକାର ଖେଳନା ଯାହା ଏକ ଚରିତ୍ର ଭଳି ଚିତ୍ରଣ କରାଯାଇଥାଏ ଏବଂ ଏହା ବ୍ୟକ୍ତି ବିଶେଷଙ୍କ ଦ୍ୱାରା ପରିଚାଳିତ କାର୍ଯ୍ୟକ୍ଷମ ହୋଇଥାଏ ।

କାଠ ପୁତୁଳୀ / କଣ୍ଢେଇ ଖେଳ ପାଇଁ ପ୍ରସ୍ତୁତି :

ଏହି ପ୍ରକାର କଣ୍ଢେଇ ଖେଳ ପାଇଁ ଏକ ଗଳ୍ପ ବା ଲିପି ପ୍ରସ୍ତୁତ ହୋଇଥାଏ । ଏହି ଗଳ୍ପରେ କଣ୍ଢେଇର ବିଭିନ୍ନ ଚରିତ୍ର ପରସ୍ପର ମଧ୍ୟରେ କଥୋପକଥନ କରନ୍ତି । ଏହା ବଡ଼ କୌତୁକପୂର୍ଣ୍ଣ ଓ ହାସ୍ୟୋଦ୍ଦୀପକ ହୋଇଥାଏ । କୌଣସି ଶିକ୍ଷଣ ପ୍ରସଙ୍ଗ ବା ବିଷୟବସ୍ତୁ ବା ଧାରଣା ଏଥିରେ ଯୁକ୍ତିସଙ୍ଗତ ବା ଶୃଙ୍ଖଳିତ ଭାବେ ବର୍ଣ୍ଣିତ ହୋଇଥାଏ । ଜଣେ

ସୂଚନାକାରୀ (କମେଟେ ଟର) କୁ ବଛାଯାଏ । ସେ କଣେଇ ଗୁଡ଼ିକର ଚରିତ୍ରକୁ ପରିଚିତ କରାନ୍ତି ଏବଂ ଚରିତ୍ରର ବିଶେଷତ୍ୱ ଉପରେ ମନ୍ତବ୍ୟ ଦେଇଥା'ନ୍ତି । କଣେଇ ଖେଳ ପରିଶେଷରେ ମନ୍ତବ୍ୟ ପ୍ରଦାନ କରି ପ୍ରଶ୍ନ କରିଥା'ନ୍ତି ଯଥା– ତୁମ୍ଭେ କିଏ ଠିକ୍ ବୋଲି ଭାବୁଛ ? ତୁମେ କ'ଣ ଭାବୁଛ ? ଇତ୍ୟାଦି ।

ବୁଲେଟିନ ବୋର୍ଡ଼ (Bulletin Board) :

ବୁଲେଟିନ ବୋର୍ଡ଼ରେ news ବା ସମ୍ବାଦ, ବୁଲେଟିନ ବିଜ୍ଞାପନ, ପ୍ରଚାରପତ୍ର/ ସମାଚାର, ନୋଟିସ ଆଦି ଯାହା ପିଲାଙ୍କ ଲାଗି ଆବଶ୍ୟକ ତାହା ପ୍ରଦର୍ଶିତ ହୋଇଥାଏ । ବୁଲେଟିନ୍ ବୋର୍ଡ଼ କାଠାରେ ତିଆରି ହୋଇଥାଏ । କାଠ ଫ୍ରେମ୍ କରାଯାଇ ବକ୍ସ ଭଳି ତିଆରି ହୋଇଥାଏ । ଏହା ଭିତରେ ମୋଟା ଫ୍ଲାନେଲ ବା ଭେଲଭେଟ୍ କପଡ଼ା ଲଗାଯାଇଥାଏ । ଏହା କାନ୍ଥରେ ଝୁଲାଯାଇଥାଏ ଏବଂ ଏହାର ସମ୍ମୁଖ ଭାଗରେ କାଚ କବାଟ ଦ୍ୱାରା ଆବୃ କରାଯାଇଥାଏ ।

ସଦ୍ୟଘଟଣା, ସୂଚନା, ବିଜ୍ଞାପନ, ନୋଟିସ ଅଲଗା ବୁଲେଟିନ ବୋର୍ଡ଼ରେ ରହିବା ଦରକାର ।

ଶିକ୍ଷା ଅଧିକାରୀ, ଶ୍ରେଣୀଗୃହ, ପୁସ୍ତକାଳୟ ଓ ଛାତ୍ରାବାସ ସମ୍ମେଳନ କକ୍ଷ ପାଖରେ ଏଭଳି ବୋର୍ଡ଼ ଟଙ୍ଗା ଯିବା ଦରକାର ।

ଉପର ଲିଖିତ ଘଟଣା, ସୂଚନା ଇତ୍ୟାଦି କୌଣସି ସଦ୍ୟ ମ ସମ୍ବାଦ ଉପରେ ତାରିଖ ଥାଇ ଲେଖାଯିବା ଆବଶ୍ୟକ । ଏହା ଆକର୍ଷଣୀୟ ଓ ସ୍ୱଚ୍ଛ ଭାବରେ ଲେଖାଥିବା ଦରକାର । ଜଣେ ବ୍ୟକ୍ତିକୁ ସଂକଳନ କରାଯିବା ପାଇଁ ଦାୟିତ୍ୱ ଦେବା ଦରକାର ।

4.7.6 (୨) ପ୍ରକ୍ଷେପିତ ଉପକରଣ (Projected Aids) :

(Film strips) ସିନେମା ଚିତ୍ର

ପରସ୍ପରର ସମ୍ପର୍କ ଥିବା କେତେଗୁଡ଼ିଏ ସ୍ୱଚ୍ଛ ସ୍ଥିର ସିନେମା ଚିତ୍ର ଗୁଡ଼ିକର ଧାରାବାହିକ ଭାବରେ ପ୍ରଦର୍ଶନ କରାଯିବାର ବ୍ୟବସ୍ଥାକୁ ଫିଲ୍ମ ଷ୍ଟ୍ରିପ୍ (Film Strip) କୁହାଯାଏ ।

ଉପକାରିତା –

- ଏହା ହାଲକା ହୋଇଥିବାରୁ ସ୍ଥାନାନ୍ତରିତ କରାଯାଇପାରେ ।
- ବହୁତ ଗୁଡ଼ିଏ ଓ ବିଭିନ୍ନ ସୂଚନା ଦିଆଯାଇପାରେ ।
- ଶିକ୍ଷଣକୁ ଦୃଢ଼ୀଭୂତ କରାଏ ।
- ଶିକ୍ଷାର୍ଥୀଙ୍କୁ ଅଭିପ୍ରେରିତ କରିଥାଏ ।

ଅପକାରିତା –

– ଏହା କେବଳ ଦୃଶ୍ୟ ଚିତ୍ର ।

– ଦକ୍ଷ ଶିକ୍ଷକଙ୍କ ଦରକାର ପଡ଼େ ଯିଏ ପଛଦପଟରେ ଭାଷାନ୍ତର କରି ବୁଝାଇ ପାରିବେ ।

ସ୍ଲାଇଡ୍ (Slide) :

ସ୍ଲାଇଡ୍ ହେଉଛି ଏକ ସ୍ୱଚ୍ଛ ପୃଷ୍ଠ ଥିବା କାଚ ବା ସ୍ୱଚ୍ଛ କାଗଜ ଯେଉଁଥିରେ ଥିବା ଚିତ୍ର, ଲେଖା, ଡ୍ରଇଂ ଇତ୍ୟାଦି ପ୍ରକ୍ଷେପଣ ଯନ୍ତ୍ର ସାହାଯ୍ୟରେ ପ୍ରକ୍ଷେପିତ କରାଯାଏ । ଯାହା ବଡ଼ ଦିଶିବା ସଙ୍ଗେ ସଙ୍ଗେ ଛାତ୍ର/ଛାତ୍ରୀଙ୍କୁ ଆକୃଷ୍ଟ କରିଥାଏ ଓ ଶିକ୍ଷଣ ପାଇଁ ପ୍ରଭାବିତ କରେ ।

ଉପକାରିତା :

– ଏହା ସହଜରେ ତିଆରି ହୁଏ, ଉପଯୋଗ ହୁଏ ଓ ସାଇତି ହୁଏ ।

– ଏଥିରେ ବେଶୀ ଖର୍ଚ୍ଚାନ୍ତ ହେବାକୁ ପଡ଼େନି ।

– ଏହାକୁ ସଦ୍ୟତନ କରାଯାଇପାରେ ।

ଅପକାରିତା :

– ଏହା ବହୁଳ ହେଲେ ରଖିବା କଷ୍ଟକର ହୁଏ ।

– ସହଜରେ ବଙ୍କା ଟଙ୍କା ହୁଏ । ଏହା ବ୍ୟୟବହୁଳ ହୋଇଥାଏ ।

ଶୈକ୍ଷିକ ସିନେମା (Educational films) :

ଶୈକ୍ଷିକ ସିନେମା ଶିକ୍ଷା କ୍ଷେତ୍ରରେ ଇପ୍‌ସିତ ଲକ୍ଷ୍ୟ ହାସଲ କରିବାରେ ସାହାଯ୍ୟ କରେ । ଚଳଚିତ୍ରର ସୁବିନିଯୋଗ ଦ୍ୱାରା ଏହା ସମ୍ଭବ ହୁଏ । କୌଣସି ପ୍ରତ୍ୟୟ/ ଧାରଣାକୁ ଚଳଚିତ୍ର ମାଧ୍ୟମରେ ସ୍ପଷ୍ଟ ଭାବରେ ବୁଝାଇ ହୁଏ ।

ଉପକାରିତା :

– ଚଳିଚିତ୍ର କଳ୍ପନାର ଉନ୍ମେଷ ଘଟାଏ ଓ ଇଚ୍ଛାଶକ୍ତି ଉଦ୍ରେକ କରାଏ ।

– ଜୀବନ୍ତ ଦୃଶ୍ୟ ଓ ଅନୁଭୂତି ପ୍ରଦାନ କରିଥାଏ ଯାହା ପିଲାମାନଙ୍କୁ ଶିକ୍ଷା ଗ୍ରହଣରେ ଅଭିପ୍ରେରିତ କରେ ।

– ଏକ ବଳିଷ୍ଠ ଗଣ ମାଧ୍ୟମ ହିସାବରେ ଅତୀତକୁ ବର୍ଣ୍ଣନା କରିବା ସଙ୍ଗେ ସଙ୍ଗେ ବାହାରେ ସଂପ୍ରତି ଘଟୁଥିବା ଘଟଣା ଗୁଡ଼ିକୁ ଶ୍ରେଣୀ ଗୃହରେ ପ୍ରଦର୍ଶନ କରାଇଥାଏ ।

ଅପକାରିତା :

- ଏହା ବ୍ୟୟବହୁଳ ଅଟେ ।
- ଟେକ୍‌ନିସିଆନ ଆବଶ୍ୟକ କରେ ।
- ଶୈକ୍ଷିକ ଚଳଚିତ୍ର ସଂଗ୍ରହ କରିବା କଷ୍ଟକର ବ୍ୟାପାର ।
- ଭାଷାଗତ ସମସ୍ୟା
- ଏହା ଏକାଭିମୁଖୀ ଶିକ୍ଷଣ ପ୍ରକ୍ରିୟା ।

ଶୈକ୍ଷିକ ଦୂରଦୃଶ୍ୟ ଯନ୍ତ୍ର (Educational Television) :

ଶୈକ୍ଷିକ ଟେଲିଭିଜନ ଏକ ପ୍ରଭାବଶାଳୀ ଗଣମାଧ୍ୟମ । ଏହା ଛାତ୍ରଛାତ୍ରୀ ମାନଙ୍କର ଦୃଶ୍ୟ ଶ୍ରାବ୍ୟର ସମସ୍ତ ଉପକରଣ ଗୁଡ଼ିକ ମଧ୍ୟରେ ଉତ୍କୃଷ୍ଟ । ଶିକ୍ଷଣକୁ ଦୃଢ଼ିଭୂତ କରିବାରେ ଓ ଛାତ୍ରଛାତ୍ରୀଙ୍କୁ ଅଭିପ୍ରେରିତ କରିବାରେ ଏହା ବିଶେଷ ଭାବେ ସହାୟକ ହୋଇଥାଏ ।

ଏହି ୩ ପ୍ରକାରର–

(କ) ପ୍ରତ୍ୟକ୍ଷ ପ୍ରଶିକ୍ଷଣ କାର୍ଯ୍ୟକ୍ରମ (Direct Teaching Programme)

(ଖ) ଅତିରିକ୍ତ ସମୃଦ୍ଧି କାର୍ଯ୍ୟକ୍ରମ (Supplimentary Enrichment Programme)

(ଗ) ପ୍ରଦର୍ଶନ କାର୍ଯ୍ୟକ୍ରମ (Demonstration Type Programmes)

ଉପକାରିତା :

- ଏକ ଗଣମାଧ୍ୟମର ଭୂମିକା ନିର୍ବାହ କରିଥାଏ ।
- ବହୁ ପ୍ରକାରର ଧାରଣା ଓ ଜ୍ଞାନ ଏଥିରେ ଦିଆଯାଏ ।
- ଉଚ୍ଚମାନର ଅଭିପ୍ରେରଣ ଓ ଧାରଣ ଏହା ଦ୍ୱାରା ହିଁ ସମ୍ଭବ ହୋଇଥାଏ ।
- ବାହ୍ୟ ପ୍ରାକୃତିକ ଚିତ୍ର ଗୁଡ଼ିକୁ ଶ୍ରେଣୀଗୃହ ମଧ୍ୟରେ ପ୍ରଦର୍ଶନ କରିଥାଏ ।

ଅପକାରିତା :

- ଏକ ପାର୍ଶ୍ୱକ ଶିକ୍ଷଣ ପ୍ରକ୍ରିୟା ହୋଇଥିବାରୁ ଛାତ୍ରଛାତ୍ରୀମାନେ ସାଧାରଣତଃ ଆଳସ୍ୟ ପରାୟଣ ଓ ଅକର୍ମଠ ହୋଇଥା'ନ୍ତି ।

- ବ୍ୟକ୍ତିଗତ ସ୍ୱତନ୍ତ୍ରତା ପ୍ରତି ଧ୍ୟାନ ଦିଆଯାଇ ନ ଥାଏ ।
- କର୍ମ ଦ୍ୱାରା ଶିକ୍ଷା କରିବା ସମ୍ଭବ ହୋଇ ନଥାଏ ।
- ବ୍ୟୟବହୁଳ ହୋଇଥାଏ ।

ଅସ୍ୱଚ୍ଛ ପ୍ରକ୍ଷେପକ (Opaque Projector) :

ଛୋଟ ସାଇଜର ଅସ୍ୱଚ୍ଛ ଚିତ୍ର, ନକ୍ସା, ଟେବୁଲ, ଲେଖଚିତ୍ର ଗୁଡ଼ିକ ଯାହା ଅସ୍ୱଚ୍ଛ ପଦାର୍ଥରେ ଅର୍ଥାତ୍ ବହି, କାଗଜ ବା ଅନ୍ୟ କୌଣସି ସମ୍ବାଦପତ୍ରରେ ଥାଏ ତାହା ଏହି ଅସ୍ୱଚ୍ଛ ପ୍ରକ୍ଷେପକ ଯନ୍ତ୍ର ଦ୍ୱାରା ବଡ଼ ଆକାରରେ ଦୃଶ୍ୟମାନ ହୁଏ । ଏହି ଯନ୍ତ୍ରଟି ସ୍କ୍ରିନଠାରୁ ୧୦/୧୫ ଫୁଟ ଦୂରରେ ରଖାଯାଇଥାଏ । ଶିକ୍ଷଣ ପ୍ରକ୍ରିୟାରେ ଏହା ସାହାଯ୍ୟ କରିଥାଏ । ଛାତ୍ରଛାତ୍ରୀମାନେ ଅଭିପ୍ରେରିତ ହୋଇଥା'ନ୍ତି ।

ବକ୍ତାଙ୍କର ପଛପଟୁ ମୁଣ୍ଡ ଉପର ଦେଇ ପ୍ରକ୍ଷେପିତ କରୁଥିବା ପ୍ରକ୍ଷେପଣ ଯନ୍ତ୍ର

(Over Head Projector) (OHP) :

- ପ୍ରକ୍ଷେପନ ଯନ୍ତ୍ରଟି ନ ହଲିବା ଦରକାର ।
- ଭୋଲ୍‌ଟେଜ ଷ୍ଟାବିଲାଇଜର ଲଗାଇଲେ ଭୋଲଟେଜ୍ କମିବା, ବଢ଼ିବା ବନ୍ଦ ହେବ ।
- ହାଲୋଜିନ ଲ୍ୟାମ୍ପଟିକୁ ହାତରେ ଧରିବା ମନା ।
- ବହୁତ ସମୟ ଧରି OHP ଚାଲିବା ଅନାବଶ୍ୟକ ।
- OHP ଗୋଟିଏ ନିର୍ଦ୍ଦିଷ୍ଟ ସ୍ଥାନରେ ରଖିବା ବା ବ୍ୟବହାର କରିବା ଦରକାର ।
- OHP ଟି ଗୋଟିଏ ନିର୍ଦ୍ଦିଷ୍ଟ ଟେବୁଲ (fixed table) ରେ ରଖାଯିବ ଯେପରି objective lens ପରଦା ଆଡ଼କୁ ମୁହଁ କରିବ ।
- କାର୍ଡ଼ ପ୍ଲଗଟିକୁ ସକେଟ୍ ସୁଇଚରେ ଲଗାଇବ ।
- ପ୍ରଥମେ ବ୍ଲୋର ଚାଲିବ ତା'ପରେ ବଲ୍‌ବ ଜଳିବ ।
- ତା'ପରେ ଲେଖାଥିବା transparoncy କାଠ ଉପରେ ରଖିବା ଦରକାର ।
- ଅବ୍‌ଯେକ୍‌ଟିଭ ଲେନସ୍ (Objective lens) ବା ମିରରକୁ ପରଦା ଉପରେ ଫୋକସ୍ କରିବା ପାଇଁ ଚେଷ୍ଟା କର ।
- ତା'ପରେ ଲେଖାଥିବା ସ୍ୱଚ୍ଛ କାଗଜ (transporency) ଟିକୁ ବୁଝାଇଲା ବେଳେ ନିର୍ଦ୍ଦେଶକ ଦଣ୍ଡ (pointer) ବ୍ୟବହାର କର ।

- OHP କୁ ଅତି ତଳେ ରଖିବ ନାହିଁ ।
- ବଲ୍‌ବଟି ବେଶୀ ସମୟ ଜଳାଇ ରଖିଲେ OHP ଖରାପ ହେବାର ସମ୍ଭାବନା ଥାଏ ଓ ଲେଖାଥିବା ସ୍ୱଚ୍ଛ କାଗଜ ନଷ୍ଟ ହେବାର ଆଶଙ୍କା ଥାଏ ।

ସାରାଂଶ :

(ସଂଜ୍ଞା) :

ଦୃଶ୍ୟ ଶ୍ରାବ୍ୟ ଶିକ୍ଷା ଉପକରଣ ଗୁଡ଼ିକ ଏପରି ସମ୍ବେଦନାତ୍ମକ ବସ୍ତୁ ବା ପଦାର୍ଥ ଯାହାକି ଶିକ୍ଷାକୁ ପ୍ରବେଶ କରାଏ, ଉଦ୍ଦିପନା ଯୋଗାଏ ଏବଂ ଶିକ୍ଷଣକୁ ଦୃଢ଼ିକରଣ କରାଇଥାଏ (ବର୍ଟନ)

ଦୃଶ୍ୟ ଉପକରଣ ଗୁଡ଼ିକ ଏଭଳି ଶିକ୍ଷଣ ସାମଗ୍ରୀ ଯାହାକୁ ଦେଖିହେବ ଶୁଣି ହେବ ନାହିଁ ।

ଶ୍ରାବ୍ୟ ଉପକରଣ ଗୁଡ଼ିକ ଏଭଳି ଶିକ୍ଷଣ ସାମଗ୍ରୀ ଯାହାକୁ କେବଳ ଶୁଣି ହେବ ଦେଖି ହେବ ନାହିଁ ।

ଶିକ୍ଷଣ ଶିକ୍ଷାଦାନ ଉପକରଣ ଗୁଡ଼ିକର ଉପଯୋଗିତା (ଲକ୍ଷ୍ୟ) :

- *ମୌଖିକ ପାଠ୍ୟଦାନ ଅପେକ୍ଷା ଅନେକ ଗୁଣରେ ଏହା ଉପଯୋଗୀ ।*
- *ସର୍ବୋ ମ ଅଭିପ୍ରେରଣା ଯୋଗାଇ ଛାତ୍ର/ଛାତ୍ରୀଙ୍କର ମନକୁ ପାଠରେ ବାନ୍ଧି ରଖେ ।*
- *ବାସ୍ତବ ଅନୁଭୂତି ପ୍ରଦାନ କରେ ।*
- *ବିଭିନ୍ନ ପ୍ରକାରର ଉଦ୍ଦିପନା ଯୋଗାଏ ଓ ପାଠ ପ୍ରତି ଅନୁରାଗ ଉଦ୍ରେକ କରେ ।*
- *ପାଠ୍ୟ ଗ୍ରହଣ ଓ ଦୃଢ଼ିକରଣରେ ସାହାଯ୍ୟ କରେ ।*
- *ଶିକ୍ଷଣ ଓ ପଠନ ପ୍ରକ୍ରିୟାକୁ ସହଜ ଓ ସଫଳ କରାଏ ।*
- *ଛାତ୍ରଛାତ୍ରୀଙ୍କର ମନରେ ଏଭଳି ପ୍ରତିଛବି ସୃଷ୍ଟି କରେ ଯେପରି ସେ ଅନେକ ଦିନ ପର୍ଯ୍ୟନ୍ତ ପାଠକୁ ବୁଝିପାରେ ଓ ମନେରଖିପାରେ ।*
- *ଛାତ୍ର/ଛାତ୍ରୀ ମାନଙ୍କ ମଧ୍ୟରେ ଥିବା ବ୍ୟକ୍ତିଗତ ବୈଷମ୍ୟକୁ ଦୂର କରେ ।*
- *ପାଠପଢ଼ା ଓ ପାଠ୍ୟ ଗ୍ରହଣକୁ ଉପଭୋଗ୍ୟ କରାଏ ଓ ଛାତ୍ରଛାତ୍ରୀଙ୍କ ମନରେ ପାଠ ପ୍ରତି ଶ୍ରଦ୍ଧା ଉଦ୍ରେକ କରାଇଥାଏ ।*
- *ସହଜରେ ଛାତ୍ର/ଛାତ୍ରୀମାନେ ପାଠରେ ଅନୁପ୍ରବେଶ କରନ୍ତି ଓ ସେଥିରେ ପାଠର ଦୃଢ଼ିକରଣ ହୁଏ ।*

ଶିକ୍ଷଣ ଶିକ୍ଷାଦାନ ଉପକରଣର ପ୍ରକାର ଭେଦ
(Classification of T L M)

କର୍ଣ୍ଣ ଓ ଚକ୍ଷୁର ପ୍ରୟୋଗକୁ ନେଇ ଶିକ୍ଷଣ ଶିକ୍ଷାଦାନ ଉପକରଣ ଗୁଡ଼ିକୁ ତିନି ଭାଗରେ ବିଭକ୍ତ କରାଯାଇପାରେ ।

୧) **ଶ୍ରାବ୍ୟ ଉପକରଣ (Audio Aids)–** ରେଡ଼ିଓ, ଟେପ୍ ରେକର୍ଡ଼ର, ସିଡି, ହେଡ୍‌ଫୋନ୍ ଇତ୍ୟାଦି

୨) **ଦୃଶ୍ୟ ଉପକରଣ (Visual Aids)–** ଚକ୍‌ବୋର୍ଡ଼, ଚାର୍ଟସ, ଡ୍ରଇଂ, ବୁଲେଟିନ ବୋର୍ଡ଼, ମ୍ୟାପ, ଗ୍ରାଫ୍, ଫ୍ଲାସକାର୍ଡ଼, ଫ୍ଲାନେଲ ବୋର୍ଡ଼ ଇତ୍ୟାଦି

୩) **ଦୃଶ୍ୟ ଶ୍ରାବ୍ୟ ଉପକରଣ (Audio Visual Aids)–** TV, କମ୍ପ୍ୟୁଟର, DVD, ସାଉଣ୍ଡ ଫିଲମ୍ ଷ୍ଟ୍ରିପର୍ସ, ଫିଲ୍ମସ ଇତ୍ୟାଦି ।

ଉପକରଣ ଗୁଡ଼ିକର ପ୍ରୟୋଗ ଦୃଷ୍ଟିରୁ ଏହାକୁ ୨ ଭାଗରେ ବିଭକ୍ତ କରାଯାଇପାରେ । ବିଭାଗୀକରଣ ନିମ୍ନରେ ପ୍ରଦ ହେଲା ।

(କ) ଅଣପ୍ରକ୍ଷେପିତ ଉପକରଣ (Non-projected Aids)

(ଖ) ପ୍ରକ୍ଷେପିତ ଉପକରଣ (Projected Aids) :

ସିନେମା, ସିନେମା ଛବି, ଅସ୍ୱଚ୍ଛ ପ୍ରକ୍ଷେପକ, ମୁଣ୍ଡ ଉପର ପ୍ରକ୍ଷେପକ (OHP) ସ୍ଲାଇଡ୍

ଲେଖଚିତ୍ର ଉପକରଣ :

ଚାର୍ଟସ, ବ୍ୟଙ୍ଗଚିତ୍ର, ଫ୍ଲାସ କାର୍ଡ଼, ରେଖାଚିତ୍ର, ମାନଚିତ୍ର, ଫଟୋଗ୍ରାଫ ଚିତ୍ର ପୋଷ୍ଟର, ପ୍ରଜ୍ଞାପନ, କାର୍ଟୁନ୍‌ସ

ପ୍ରଦର୍ଶନ ବୋର୍ଡ଼ :

କଳାପଟା, ବୁଲେଟିନ୍ ବୋର୍ଡ଼, ଫ୍ଲାଲେନ୍ ବୋର୍ଡ଼, ଚୁମ୍ବକୀୟ ବୋର୍ଡ଼, ପେଗ୍ ବୋର୍ଡ଼

3-D Aids ତ୍ରିକୋଣୀୟ ଉପକରଣ :

ନମୂନା, ବ୍ୟଙ୍ଗ ନମୂନା, ପ୍ରତିଛବି, କଣ୍ଢେଇ, ବିଭିନ୍ନ ବସ୍ତୁ

ଶ୍ରାବ୍ୟ ଉପକରଣ :

ରେଡିଓ, ଟେପ୍ ରେକର୍ଡ଼ର, ଟିଭି ଇତ୍ୟାଦି

କାର୍ଯ୍ୟକ୍ରମ ଉପକରଣ :

ପ୍ରଦର୍ଶନ, ଡ୍ରାମା, ପରୀକ୍ଷାମୂଳକ ଅନୁସନ୍ଧାନ ପରୀକ୍ଷା, କମ୍ପ୍ୟୁଟର ସହାୟକ ଶିକ୍ଷା, ସ୍ୱଶିକ୍ଷଣ ପାଠଦାନ, ଗଢ଼ାଇବା ଯନ୍ତ୍ର, କ୍ଷେତ୍ର ଯାତ୍ରା

ଶିକ୍ଷଣ ଶିକ୍ଷାଦାନ ଉପକରଣ ସମ୍ବନ୍ଧୀୟ ନିୟମ

୧. ଉପକରଣ ବାଛିବାର ନିୟମ :

- ପିଲାଙ୍କ ବୟସ ଓ ଶ୍ରେଣୀ ଅନୁସାରେ ବଛାଯିବା ଦରକାର ।
- ଛାତ୍ର/ଛାତ୍ରୀମାନଙ୍କର ଆଗ୍ରହ ଓ କୌତୁହଳ ସୃଷ୍ଟି କରୁଥିବା ଉପକରଣ ବାଛିବା ଦରକାର ।
- ପିଲାଙ୍କର ଚିନ୍ତାଶକ୍ତି ବୁଝିବା ଶକ୍ତି ଅନୁସାରେ ବଛାଯିବା ଦରକାର ।
- ପିଲାଙ୍କର ଅଭିପ୍ରେରଣ, ଉତ୍ସାହ ଓ ଉଦ୍ଦିପନା ଦୃଷ୍ଟିକୋଣରୁ ବାଛିବା ଦରକାର ।
- ସହଜରେ ପ୍ରାପ୍ୟ ବା ଉପଲବ୍ଧ ହୋଇପାରୁଥିବା ଉପକରଣ ବଛାଯିବା ଦରକାର ।
- ଶିକ୍ଷାଦାନର ଲକ୍ଷ୍ୟ ହାସଲ କରୁଥିବା ଦୃଷ୍ଟିରୁ ଚୟନ କରାଯିବା ଆବଶ୍ୟକ ।

୨. ପ୍ରସ୍ତୁତି ନିୟମ :

- ଉପକରଣ ଗୁଡ଼ିକ ପ୍ରସ୍ତୁତି ପାଇଁ ପାଖାପାଖି ଅ ଳରେ ମିଳୁଥିବା ସାମଗ୍ରୀକୁ ବ୍ୟବହାର କରିବା ଦରକାର ।
- ଶିକ୍ଷକମାନଙ୍କୁ ଶିକ୍ଷା ଉପକରଣ ଗୁଡ଼ିକ ତିଆରି କରିବା ପାଇଁ ମୌଳିକ ତାଲିମ ଦିଆଯିବା ଦରକାର ।
- ଶିକ୍ଷକ ନିଜେ ବା ପିଲାମାନଙ୍କ ସହାୟତାରେ ସେଗୁଡ଼ିକ ତିଅରି କରିବା ଦରକାର ।

୩. ଉପକରଣ ବ୍ୟବହାର କରିବାର ନିୟମ :

- ଶିକ୍ଷକ ଯତ୍ନ ସହକାରେ କେଉଁ ଉପକରଣ କିପରି ଓ କେତେବେଳେ ଦେଖାଇବେ ତାହା ଯୋଜନା କରିବା ଆବଶ୍ୟକ ।
- ନିଜେ ଯେଉଁ ଉପକରଣ ଦେଖାଇବେ ସେ ବିଷୟରେ ବିଶେଷ ଭାବେ ଜ୍ଞାନ୍ତ ଥିବା ଦରକାର ।
- ସମସ୍ତ ଛାତ୍ର/ଛାତ୍ରୀଙ୍କୁ ଦିଶିଲାଭଳି ଦେଖାଇବା ଦରକାର ।
- ଯତ୍ନ ସହକାରେ ଏହା ଦେଖାଇବା ଦରକାର ଓ ଛାତ୍ର/ଛାତ୍ରୀମାନେ ତାହା ସଠିକ ଭାବେ ପ୍ରଦର୍ଶିତ କରିପାରୁଥିବା ଦରକାର ।

ଉ ମ ପାଠ୍ୟୋପକରଣ ସାମଗ୍ରୀ ଗୁଡ଼ିକର ଲକ୍ଷଣ, ଗୁଣ ଓ ବୈଶିଷ୍ଟ୍ୟ

- ଶିକ୍ଷଣ ଲକ୍ଷ୍ୟ ସାଧନରେ ଏହା ସହାୟକ ହେବା ଦରକାର ।
- ଏଗୁଡ଼ିକୁ ସବୁ ଦୃଷ୍ଟିରୁ ସଠିକ୍, ଯଥାଥ ହେବା ଆବଶ୍ୟକ ।
- ଏହା ସରଳ ଓ ସହଜ ଲଭ୍ୟ ହେବା ବିଧେୟ ।
- ଏହା ସ୍ୱଳ୍ପ ମୂଲ୍ୟରେ ପ୍ରାପ୍ତ ହେବା ଦରକାର ।
- ଏହା ଶ୍ରେଣୀ କକ୍ଷର ଆକାରଣ ଓ ଆବଶ୍ୟକତା ଅନୁସାରେ ତିଆରି ହେବା ଦରକାର ।
- ପିଲାଙ୍କର ମାନସିକ ସ୍ତର, ବୁଦ୍ଧି ଓ ବୁଝିବା ଦୃଷ୍ଟିରୁ ଉପଯୋଗ ହୋଇପାରୁଥିବା ଆବଶ୍ୟକ ।
- ପିଲାଙ୍କୁ ଆକର୍ଷଣୀୟ ଓ ଅଭିନିବିଷ୍ଟ କରିପାରୁଥିବା ଦରକାର ।
- ପିଲାଙ୍କୁ ଅଭିପ୍ରେରିତ କରୁଥିବା ଦରକାର ।

ବହୁଳତାରେ ଲକ୍ଷଭ୍ରଷ୍ଟ :

ଯେତେ କମ୍ ଓ ପ୍ରଭାବଶାଳୀ ଉପକରଣ ହେବ ତା'ର ପ୍ରଭାବ ଛାତ୍ରଛାତ୍ରୀଙ୍କ ଉପରେ ପଡ଼ିବ । ଅନ୍ୟ ପକ୍ଷରେ ଯେତେ ଅଧିକ ଉପକରଣ ହେବ ପ୍ରଦର୍ଶନରେ ସେତେ ବିଶୃଙ୍ଖଳା ହେବ ଏବଂ ଶିକ୍ଷକ ଓ ଛାତ୍ର ବାସ୍ତବ ଶିକ୍ଷଣ ଲକ୍ଷ୍ୟରୁ ଦୂରେଇଯିବେ ।

ବିଭିନ୍ନ ପ୍ରକାର ପ୍ରକ୍ଷେପିତ ଓ ଅଣପ୍ରକ୍ଷେପିତ ଉପକରଣ ଗୁଡ଼ିକର ସ୍ୱରୂପ, ଉପଯୋଗୀତା ତଥା ଆବଶ୍ୟକତା ବିଷୟ ବିସ୍ତୃତ ନ ହେଲେ ବି ଆବଶ୍ୟକତା ଅନୁସାରେ ଦିଆଯାଇଛି । ତେଣୁ ଏହା ଏଠାରେ ପୁଣି ଥରେ ଦିଆଗଲା ନାହିଁ ।

ଶୈକ୍ଷିକ ଯୋଜନା ଅନୁସାରେ ପାଠ୍ୟଦାନର ବିଭିନ୍ନ ଲକ୍ଷ୍ୟ ହାସିଲ ପାଇଁ ଭିନ୍ନ ଭିନ୍ନ ବିଷୟ ଓ ଶ୍ରେଣୀର ତଥା ଛାତ୍ରମାନଙ୍କ ଲାଗି ଯେଉଁ ଉପକରଣ ସାମଗ୍ରୀ ଚୟନ କରାଯିବ ତାହା ଯଥା ସମୟରେ ଯଥୋଚିତ ଭାବେ ବ୍ୟବହାର କରାଗଲେ ପାଠ୍ୟଦାନର ଲକ୍ଷ୍ୟ ହାସଲ ହେବ ଏବଂ ଛାତ୍ର /ଛାତ୍ରୀମାନେ ବିଶେଷ ଭାବେ ଉପକୃତ ହେବେ ।

ପ୍ରଶ୍ନାବଳୀ

୧. ଶିକ୍ଷଣ ଶିକ୍ଷାଦାନ ଉପକରଣର ଯେକୌଣସି ୪ଟି ଲକ୍ଷ୍ୟ ୪ଟି ବାକ୍ୟରେ ପ୍ରକାଶ କର ।

୨. ଶିକ୍ଷଣ ଶିକ୍ଷାଦାନ ଉପକରଣର ୫ଟି ନିୟମ ୫ଟି ବାକ୍ୟରେ ପ୍ରକାଶ କର ।

୩. ଶିକ୍ଷଣ ଶିକ୍ଷାଦାନ ଉପକରଣର ଆବଶ୍ୟକତା ୧୦ଟି ବାକ୍ୟରେ ବର୍ଣ୍ଣନା କର ।

୪. ରେଖାଚିତ୍ର କି ପ୍ରକାରର ଉପକରଣ

(କ) ପ୍ରକ୍ଷେପିତ

(ଖ) ଅଣ ପ୍ରକ୍ଷେପିତ

(ଗ) ତ୍ରିକୋଣୀୟ

(ଘ) ଦୃଶ୍ୟ ଶ୍ରାବ୍ୟ

୫. ଯେକୌଣସି ଦୁଇଟି ପ୍ରକ୍ଷେପିତ ଉପକରଣର ଉପଯୋଗିତା ଉଦାହରଣ ଦେଇ ଦୁଇଟି ବାକ୍ୟରେ ପ୍ରକାଶ କର ।

•

4.8. ଶିକ୍ଷାଦାନର ସାଧାରଣ ମୂଳନୀତି ଓ ଏହାର ତତ୍ତ୍ୱୋକ୍ତି (General Principles and Maxims of Teaching)

ଉକ୍ତ ଅଧ୍ୟାୟଟିକୁ ଅଧ୍ୟୟନ କଲାପରେ ଶିକ୍ଷାର୍ଥୀମାନେ :

- ଶିକ୍ଷାଦାନର ମୌଳିକ ନୀତି ଗୁଡ଼ିକୁ ବର୍ଣ୍ଣନା କରିପାରିବେ ।
- ଶିକ୍ଷାଦାନର ତତ୍ତ୍ୱୋକ୍ତି ଗୁଡ଼ିକୁ ବୁଝାଇ ପାରିବେ ।

ସମ୍ପ୍ରତିକ ଶିକ୍ଷା ପଦ୍ଧତିରେ ଶିକ୍ଷାଦାନ ଅପେକ୍ଷା ଅଧିକ ଗୁରୁତ୍ୱପୂର୍ଣ୍ଣ ହେଉଛି ଶିକ୍ଷଣ ଓ ଜ୍ଞାନ ସଂଗଠନ (Construction of Knwoledge) । ଶିକ୍ଷାର୍ଥୀର ପୂର୍ବ ଜ୍ଞାନ ଏବଂ ଅଭିଜ୍ଞତା ଆଧାରରେ ନୂତନ ଜ୍ଞାନ ସଂଗଠନ ପାଇଁ ଉପଯୁକ୍ତ ପରିବେଶ ସୃଷ୍ଟି କରିବା ଏବଂ ସେଥିପାଇଁ ଆବଶ୍ୟକ ସହାୟକ ପ୍ରଦାନ କରିବା ଦାୟିତ୍ୱ ହେଉଛି ଶିକ୍ଷକଙ୍କର । ତେଣୁ ଶିକ୍ଷଣ ପ୍ରକ୍ରିୟାରେ ଶିକ୍ଷାର୍ଥୀ ହେଉଛି ଜଣେ ସକ୍ରିୟ ଶିକ୍ଷାର୍ଥୀ ଯିଏ ନିଜ ଜ୍ଞାନ ସଂଗଠନ କରିଥାଏ ଏବଂ ଶିକ୍ଷକ ହେଉଛନ୍ତି ଜଣେ ସକ୍ରିୟ ସହାୟତା ପ୍ରଦାନକାରୀ, ଯିଏ ଶିକ୍ଷାର୍ଥୀକୁ ଜ୍ଞାନ ସଂଗଠନରେ ସହାୟତା ପ୍ରଦାନ କରିଥାଏ ।

4.8.1 ସାଧାରଣ ନୀତି :

ଶିକ୍ଷଣ ହେଉଛି ଏକ ଜଟିଳ ପ୍ରକ୍ରିୟା, ଶିକ୍ଷଣ ପାଇଁ କୌଣସି ନିର୍ଦ୍ଦିଷ୍ଟ ପଦ୍ଧତି ନାହିଁ । ଏଥିପାଇଁ ଏକାଧିକ ସମ୍ଭାବ୍ୟ ପଦ୍ଧତି ଅବଲମ୍ବନ କରାଯାଇପାରେ । ଏହି ପରିପ୍ରେକ୍ଷୀରେ ଶିକ୍ଷାବିତ୍ ମାନଙ୍କ ଦ୍ୱାରା ବହୁ ପ୍ରକାରର ପଦ୍ଧତି ବିକାଶ ଲାଭ କରିଛି । ଏହି ପଦ୍ଧତିରେ ବହୁ ସାଧାରଣ ନୀତି ଦେଖାଯାଏ । ଜଣେ ଉ ମ ଶିକ୍ଷକ ଶିକ୍ଷାଦାନ ପ୍ରକ୍ରିୟାରେ ଏହି ତତ୍ତ୍ୱୋକ୍ତି (Maxims) ଗୁଡ଼ିକ ସହିତ ଓତପ୍ରୋ ଭାବେ ଜଡ଼ିତ ହେବା ଦରକାର । ସେହି ସାଧାରଣ ନୀତି ଗୁଡ଼ିକ ହେଲା–

(୧) ଜ୍ଞାତରୁ ଅଜ୍ଞାତ (Known to Unknown)

(୨) ସରଳରୁ ଜଟିଳ (Simple to Complex)

(୩) ବାସ୍ତବରୁ ଅବାସ୍ତବ (Concrete to Abstract)

(୪) ଅସାଧାରଣରୁ ସାଧାରଣ (Uncommon to Common)

(୫) ବିଶ୍ଳେଷଣରୁ ସଂଶ୍ଳେଷଣ (Analysis to Synthesis)

(୬) ନିକଟରୁ ଦୂର (Near to Far)

(୭) ଅନିର୍ଦ୍ଦିଷ୍ଟରୁ ନର୍ଦ୍ଦିଷ୍ଟ (Indefinite to Definite)

(୮) ମନସ୍ତ ୍ୱରୁ ଯୌକ୍ତିକ (Psychological to Logical)

(୯) ଇନ୍ଦ୍ରିୟାନୁଭୂତିକରୁ ବିଚାରଶକ୍ତି (Empirical to Rational)

(୧୦) ସମ୍ପୂର୍ଣ୍ଣରୁ ଅଂଶ (Whole to Part)

ନିମ୍ନରେ ସମ୍ୟକ ଭାବରେ ଉପରୋକ୍ତ ନୀତି ଗୁଡ଼ିକ ବିଷୟରେ ଆଲୋଚନା କରାଗଲା ।

(୧) ଜ୍ଞାତରୁ ଅଜ୍ଞାତ (Known to Unknown)

ସର୍ବଦା ବିଷୟଟି "ଜ୍ଞାତରୁ ଅଜ୍ଞାତ" ନିୟମ ଦେଇ ଗତି କରିଥାଏ । ବିଦ୍ୟାଳୟ ବାହାରର ଦୈନନ୍ଦିନ ଜୀବନ ସହିତ ଜ୍ଞାନକୁ ଯୋଡ଼ି ଶିକ୍ଷାର୍ଥୀକୁ ଅଜ୍ଞାତ ଆଡ଼କୁ ଗତି କରାଇବା ହେଉଛି ଶିକ୍ଷାଦାନର ମୂଳନୀତି । ତେଣୁ ଶିକ୍ଷାଦାନ ସମୟରେ ପ୍ରଥମେ ଜ୍ଞାତ ବିଷୟ ଗୁଡ଼ିକୁ ଶିକ୍ଷାର୍ଥୀମାନଙ୍କୁ ଜଣାଇଥାଆନ୍ତି । ଯାହା ଫଳରେ ଶିକ୍ଷାର୍ଥୀମାନେ ସହଜରେ ବିଷୟବସ୍ତୁକୁ ବୁଝିପାରିବେ । ସ୍ୱାଧୀନତା ସଂଗ୍ରାମ ବିଷୟରେ ପଢ଼ାଇବା ପୂର୍ବରୁ ପ୍ରଥମେ ସ୍ୱାଧୀନତା ଦିବସ ବିଷୟରେ ବୁଝାଇବା ଆବଶ୍ୟକ । ଶିକ୍ଷାଦାନ ଜ୍ଞାତରୁ ଅଜ୍ଞାତ ଆଡ଼କୁ କରାଗଲେ ଶିକ୍ଷାଥୀମାନଙ୍କୁ ବୁଝିବାକୁ ସହଜବୋଧ ହୋଇଥାଏ ।

(୨) ସରଳରୁ ଜଟିଳ (Simple to Complex)

ଶିକ୍ଷାଦାନ ସରଳରୁ ଜଟିଳ ନିୟମାନୁସାରେ ଗତି କରିବା ଉଚିତ । ଶିକ୍ଷକ ଶିକ୍ଷାଦାନ କଲାବେଳେ ବିଷୟବସ୍ତୁକୁ ଏପରି ଭାବରେ ଖଣ୍ଡ ଖଣ୍ଡ କରିବା ଉଚିତ ଯେପରିକି ପ୍ରାରମ୍ଭରୁ ଶିକ୍ଷାର୍ଥୀମାନେ ସେହି ବିଷୟବସ୍ତୁର ଖଣ୍ଡ ଅଂଶକୁ ଅତି ସହଜ ଓ ସରଳ ଭାବରେ ବୁଝିପାରିବେ, ଶିକ୍ଷାର୍ଥୀମାନେ ପ୍ରଥମେ ସରଳରୁ- ବୁଝି ଜଟିଳ ଆଡ଼କୁ ଗତି କରିବେ । ଯାହା ଫଳରେ ଜଟିଳ ଶବ୍ଦ ସବୁ ବୁଝିପାରିବେ । କୌଣସି ଏକ ପାଠ୍ୟକ୍ରମ ପ୍ରସ୍ତୁତି ବେଳେ ପ୍ରାଥମିକ ସ୍ତରରେ ସରଳ ପାଠ ଗୁଡ଼ିକୁ ସେହି ପାଠ୍ୟକ୍ରମରେ ଅନ୍ତର୍ଭୁକ୍ତ କରି ପରବର୍ତ୍ତି ସ୍ତର ପାଇଁ ଏହି ପାଠ ଗୁଡ଼ିକର ଜଟିଳତା ଆଡ଼କୁ ଧ୍ୟାନ ନେବା ଆବଶ୍ୟକ । ତେଣୁ ଶିକ୍ଷାଦାନର ତତ୍ତ୍ୱ ହେଉଛି ସରଳରୁ ଜଟିଳ ଆଡ଼କୁ ଗତି କରିବା । ଗୋଟିଏ ପାଠ ଯୋଜନାରେ ଏହି ନୀତି ପ୍ରଯୁଜ୍ୟ ହେବା ସହିତ ସମଗ୍ର ପାଠ୍ୟକ୍ରମ (Curriculum) ରେ ଅନ୍ତର୍ଭୁକ୍ତ ହେବା ବିଧେୟ ।

(୩) ବାସ୍ତବରୁ ଅବାସ୍ତବ (Concrete to Abstract)

ଶିକ୍ଷାର୍ଥୀମାନେ ଅବାସ୍ତବ ଶବ୍ଦ ଗୁଡ଼ିକୁ ପ୍ରଥମେ ବୁଝି ପାରନ୍ତି ନାହିଁ । ତେଣୁ ପ୍ରଥମେ ଶିକ୍ଷକ ପ୍ରଥମେ ବାସ୍ତବ ଶବ୍ଦକୁ ବୁଝାଇବା ପରେ ଅବାସ୍ତବକୁ ବୁଝାଇବାକୁ ପଡ଼ିବ । କୌଣସି ଏକ ବିଷୟବସ୍ତୁକୁ ଯଦି ସଚିତ୍ର ବର୍ଣ୍ଣନା ବା ଦୃଷ୍ଟାନ୍ତ ମାଧ୍ୟମରେ ଶିକ୍ଷାର୍ଥୀ ସମ୍ମୁଖରେ ଉପସ୍ଥାପନ କରାଯାଏ, ତେବେ ସେ ବିଷୟବସ୍ତୁର ସମସ୍ତ ନୂତନ ଉକ୍ତି ଗୁଡ଼ିକୁ ସହଜରେ ବୁଝିପାରେ । ଶିକ୍ଷାର୍ଥୀକୁ ପ୍ରଥମେ ଯଦି କୁହାଯାଏ ତିନିରେ ଦୁଇ ମିଶିଲେ ପା ହେବ । ଏହା ହେଉଛି ଅବାସ୍ତବ ଧାରଣା । କିନ୍ତୁ ଏହା ନକରି ଯଦି ୩ଟି ମାଳି ଦେଖାଇଲା ପରେ ଆଉ ଦୁଇଟି ମାଳିକୁ ଏହା ସହିତ ମିଶାଇ ଶିକ୍ଷାର୍ଥୀକୁ କୁହାଯାଏ, ତେବେ ସେ ଅତି ସହଜରେ ଏହି ବାସ୍ତବ ବସ୍ତୁରୁ ଅବାସ୍ତବ ଆଡ଼କୁ ଗତି କରିପାରିବ । କୌଣସି ସଂଜ୍ଞା

ନିରୂପଣ ଓ ନୀତି ନିୟମ ଉପରେ ଜ୍ଞାନ ପ୍ରଦାନ କରିବା ପୂର୍ବରୁ ପ୍ରଥମେ ଶିକ୍ଷାର୍ଥୀ ଉଦାହରଣ ଓ ଚିତ୍ର ପ୍ରଦର୍ଶନ ମାଧ୍ୟମରେ ଏହାକୁ ବୁଝାଇବା ଉଚିତ । ଚିତ୍ର ପ୍ରଦର୍ଶନ ଦ୍ୱାରା ଇତିହାସ ଓ ଭୂଗୋଳ ପାଠ୍ୟକୁ ଅତି ସହଜରେ ବୁଝାଇ ହୁଏ ।

(୪) ଅସାଧାରଣରୁ ସାଧାରଣ (Uncommon to common)

ଏହି ତ ୍ୱାକ୍ତି ହେଉଛି ବିଷୟବସ୍ତୁଟି ଅସାଧାରଣରୁ ସାଧାରଣ ଆଡ଼କୁ ଗତି କରେ । ଏହାର ଅର୍ଥ ହେଉଛି କୌଣସି ଏକ ସାଧାରଣ ନୀତି ବା ନିୟମ ବିଷୟରେ ଶିକ୍ଷାର୍ଥୀମାନଙ୍କୁ ଜ୍ଞାନ ଦେବା ପୂର୍ବରୁ ପ୍ରଥମେ ସେମାନଙ୍କୁ ଏହାର ଉଦାହରଣ ଦେବାକୁ ପଡ଼ିଥାଏ, ପ୍ରକୃତରେ ଏକ ନିର୍ଦ୍ଦିଷ୍ଟ ତଥ୍ୟରୁ ଶିକ୍ଷାର୍ଥୀମାନେ ସେମାନଙ୍କର ସାଧାରଣ ନିୟମ ନିର୍ଦ୍ଧାରଣ କରିବା ଉଚିତ । ଏକ ଉ ମ ଶିକ୍ଷାଦାନର ବୈଶିଷ୍ଟ୍ୟ ହେଉଛି ଶିକ୍ଷାର୍ଥୀମାନେ ସଠିକ୍ ପର୍ଯ୍ୟବେକ୍ଷଣ ପ୍ରକ୍ରିୟା ମାଧ୍ୟମରେ ସେମାନଙ୍କ ମଧ୍ୟରେ ସଠିକ୍ ସାମାନ୍ୟକରଣ ମାନ ଗଠନ କରିବାରେ ସଫଳ ହୋଇଥାଆନ୍ତି । ଯେକୌଣସି ତ୍ରିଭୁଜର ତିନି କୋଣର ସମଷ୍ଟି ଦୁଇ ସମକୋଣ (୧୮୦°) ସଙ୍ଗେ ସମାନ । ଏହା ଏକ ସାଧାରଣ ଉକ୍ତି, ଶ୍ରେଣୀରେ ଏକ ତ୍ରିଭୁଜ ଅଙ୍କନ କରି ଏହାର ତିନି କୋଣକୁ ମାପି ମିଶାଇବା । ସେହିପରି ଅନ୍ୟ ଏକ ତ୍ରିଭୂଜ ଅଙ୍କନ କରି ଏହାର ତିନି କୋଣକୁ ମିଶାଇବା । ଏହି ତଥ୍ୟରୁ ଆମେ ଉପନୀତ ହେଲେ ଯେ ଯେକୌଣସି ତ୍ରିଭୂଜର ତିନି ଲୋଭର ସମଷ୍ଟି ୧୮୦° ସଙ୍ଗେ ସମାନ । ଏହା ଏକ ସାଧାରଣ ତଥ୍ୟ । ତେଣୁ ତ ୍ୱାକ୍ତିଟି ଆରୋହୀ ପଦ୍ଧତି ଉପରେ ପର୍ଯ୍ୟବେସିତ ।

(୫) ବିଶ୍ଳେଷଣରୁ ସଂଶ୍ଳେଷଣ (Analysis to Synthesis)

ଶିକ୍ଷକ ପ୍ରଥମେ ବିଶ୍ଳେଷଣ ପଦ୍ଧତିରେ ଶିକ୍ଷାର୍ଥୀମାନଙ୍କୁ ପାଠଟିକୁ ବୁଝାଇଥାଆନ୍ତି । ତା'ପରେ ସଂଶ୍ଳେଷଣ ପଦ୍ଧତିରେ ବୁଝାଇଥାଆନ୍ତି । ଗଣିତ ଓ ଜ୍ୟାମିତିରେ ଏହି ନିୟମାନୁସାରେ ବ୍ୟବହାର କରାଯାଏ । କୌଣସି ଏକ ବିଷୟରେ ଯେଉଁ ସବୁ ଭାବ ନିହିତ ଥାଏ, ସେଗୁଡ଼ିକୁ ଖଣ୍ଡ ଖଣ୍ଡ କରି ଅଂଶ ବିଷୟବସ୍ତୁ ରୂପେ ପ୍ରକାଶ କରିବା ପ୍ରକ୍ରିୟାକୁ ବିଶ୍ଳେଷଣ କୁହାଯାଏ । ଏହି ପଦ୍ଧତିରେ ସମସ୍ୟାକୁ ଭିନ୍ନ ଭିନ୍ନ ଭାଗରେ ବିଭକ୍ତ ଓ ପର୍ଯ୍ୟାଲୋଚନା କରି ସମାଧାନ କରାଯାଏ । ତେଣୁ ଏହା ଅଜ୍ଞାତରୁ ଜ୍ଞାତ ଉପରେ ପର୍ଯ୍ୟବେସିତ, ଏହାପରେ ସଂଶ୍ଳେଷଣ ପଦ୍ଧତି ଆରମ୍ଭ ହୁଏ । ବିଷୟଟି ଖଣ୍ଡ ଖଣ୍ଡ ହୋଇସାରିବା ପରେ ପୁଣି ସେହି ଅଂଶ ଗୁଡ଼ିକୁ ଏକତ୍ର ଯୋଡ଼ି ସମ୍ପୂର୍ଣ୍ଣ ତଥ୍ୟଟି ପୁଣିଥରେ ପ୍ରସ୍ତୁତ କରାଯାଇଥାଏ ।

(୬) ନିକଟରୁ ଦୂର (Near to Far)

ଏହି ନୀତି ଅନୁସାରେ ଶିକ୍ଷକ ଯେକୌଣସି ବିଷୟ ପାଠଦନା କଲାବେଳେ ଶିକ୍ଷାର୍ଥୀର ନିକଟରେ ଥିବା ପାରିପାଶ୍ୱିକ ତଥ୍ୟ ଉପରେ ଧାରଣା ପ୍ରଦାନ କରି ତପ୍ରରେ ଅନ୍ୟାନ୍ୟ ସୁଦୂର ବ୍ୟାପୀ ତଥ୍ୟକୁ ପ୍ରଦାନ କରିଥାଆନ୍ତି । ଇତିହାସ, ଭୂଗୋଳ ଶିକ୍ଷାଦାନରେ ସାଧାରଣତଃ ଏହି ନୀତି ଅବଲମ୍ବନ କରାଯାଇଥାଏ ।

(୭) ଅନିର୍ଦ୍ଦିଷ୍ଟରୁ ନିର୍ଦ୍ଦିଷ୍ଟ (Indefinite to Definite)

ଶିକ୍ଷାଦାନର ଲକ୍ଷ ହେଉଛି ଶିକ୍ଷାର୍ଥୀ ମନରୁ ଭ୍ରାନ୍ତ ଧାରଣାର ବିଲୋପ କରାଇବା । ଏହି ନୀତି ଅନୁସାରେ ଶିକ୍ଷାର୍ଥୀ ତଥ୍ୟ ଆରୋହଣ ପର୍ଯ୍ୟବେକ୍ଷଣ ମନୋବୃ ିର ବିକାଶ ଓ ଆଗ୍ରହ ସୃଷ୍ଟି କରି ନିଜ ଶକ୍ତିର ପରିପ୍ରକାଶ କରିଥାଏ ।

ଯଦି ଶିକ୍ଷାର୍ଥୀ ଆଗ୍ରହର ସହିତ ଶିକ୍ଷଣ ପ୍ରକ୍ରିୟାରେ ମନୋନିବେଶ କରିଥାଏ ତେବେ ତା'ପାଇଁ ଶିକ୍ଷା ଗ୍ରହଣ କରିବା ଅତ୍ୟନ୍ତ ସହଜ ହୋଇଥାଏ । ତେଣୁ ଶିକ୍ଷକ ଶିକ୍ଷାଦାନ କଲାବେଳେ ପ୍ରତ୍ୟେକ ଶବ୍ଦ ଓ ଉକ୍ତିକୁ ପ୍ରାଞ୍ଜଳ ଭାବରେ ବୁଝାଇବା ଆବଶ୍ୟକ ଯାହାଫଳରେ ଶିକ୍ଷାର୍ଥୀମାନଙ୍କ ମନରେ ଏକ ଛବି ପରି ଆଙ୍କି ହୋଇରହିବ । ଶିକ୍ଷକ ଶିକ୍ଷାଦାନରେ ଛବି, ପ୍ରକୃତ ତଥ୍ୟ, ରେଖଚିତ୍ର ତଥା ଅନ୍ୟାନ୍ୟ ଶିକ୍ଷା ଉପକରଣ ବ୍ୟବହାର କରିବା ଉଚିତ ।

(୮) ମନସ୍ତ ୍ରୁ ଯୌକ୍ତିକ (Psychological to Logical)

ସାଧାରଣତଃ ଶିକ୍ଷକଙ୍କର କାର୍ଯ୍ୟ ଦୁଇ ପ୍ରକାରର– ଶିକ୍ଷାର୍ଥୀମାନଙ୍କୁ ସଠିକ୍ ଭାବରେ ଜ୍ଞାନ ପ୍ରଦାନ କରିବାପାଇଁ ବିଷୟବସ୍ତୁର ସୁବ୍ୟବସ୍ଥା କରିବା ଏବଂ ଶିକ୍ଷାର୍ଥୀର ପ୍ରକୃତି ବା ଗୁଣକୁ ଅଧ୍ୟୟନ କରିବା । ଶିକ୍ଷାଦାନ କଲାବେଳେ ଶିକ୍ଷକ ଏହି ଦୁଇଟି କାର୍ଯ୍ୟକୁ ଏପରି ଭାବରେ ସଂଯୋଗ କରି ଶିକ୍ଷା ପ୍ରଦାନ କରିବା ଉଚିତ ଯେ ଶିକ୍ଷାର୍ଥୀ ଅତି ସହଜରେ ଆଗ୍ରହର ସହିତ ଜ୍ଞାନ ଅର୍ଜ୍ଜନ କରିପାରିବ । ସାଧାରଣତଃ ଶିକ୍ଷାଦାନକୁ ଶୃଙ୍ଖଳିତ କରିବାପାଇଁ ବିଷୟରେ ବସ୍ତୁକୁ ଯୁକ୍ତି ଯୁକ୍ତର ସୁବିନ୍ୟାସ କରାଯାଇଥାଏ । ପ୍ରତ୍ୟେକ ବିଷୟ ଯଥା ଇତିହାସ, ଭୂଗୋଳ ଏବଂ ଅନ୍ୟାନ୍ୟ ବିଷୟ ଏହି ଧାରା ପରିଲିକ୍ଷିତ ହୁଏ । ତେଣୁ ଶିକ୍ଷାର୍ଥର ବୟସ, ରୁଚି, ଆଗ୍ରହ ଓ ଦକ୍ଷତା ଆଦିକୁ ଭଲ ଭାବରେ ଅନୁଧ୍ୟାନ କରି ଶିକ୍ଷାଦାନ କରିବା ଆବଶ୍ୟକ ।

4.8.2 ଶିକ୍ଷାଦାନର ତ ୍ୱାକ୍ତି :–

ପ୍ରତ୍ୟେକ ବ୍ୟକ୍ତି ଅନ୍ୟଠାରୁ ପୃଥକ୍ । ସେ ପରସ୍ପରଠାରୁ ଶାରୀରିକ, ମାନସିକ, ଆଧ୍ୟାତ୍ମିକ ଓ ଆବେଗିକ ଦୃଷ୍ଟିକୋଣରୁ ପୃଥକ୍ । ତେଣୁ ବ୍ୟକ୍ତି ବ୍ୟକ୍ତି ମଧ୍ୟରେ ବୈଷମ୍ୟ ଓ ସ୍ୱାତନ୍ତ୍ର୍ୟତା ଦେଖାଯାଇଥାଏ । ପ୍ରତ୍ୟେକ ବ୍ୟକ୍ତି କିଛି ସହଜାତ ଗୁଣ ନେଇ ଏହି ସମାଜରେ ଜନ୍ମଗ୍ରହଣ କରିଥାଏ । ସୁତରାଂ ବ୍ୟକ୍ତିର ସହଜାତ ଗୁଣାବଳୀ ଏହି ପାର୍ଥକ୍ୟ ପାଇଁ ମୁଖ୍ୟତଃ ଦାୟୀ । ତେଣୁ ଏକାଧାରରେ ସମାନ ଶିକ୍ଷାଦାନ ପଦ୍ଧତି ସର୍ବଦା ଗ୍ରହଣୀୟ ନୁହେଁ । ଶିକ୍ଷାର୍ଥୀର ଆଗ୍ରହ ଓ ମନୋଭାବକୁ ବିଚାରକରି ଶିକ୍ଷାର ବିଷୟବସ୍ତୁ, ଶିକ୍ଷାଦାନ ପଦ୍ଧତି ଆଦି ସ୍ଥିର କରାଯାଇଛି । ଏହି ପରିପ୍ରେକ୍ଷୀରେ ଅନେକ ଶିକ୍ଷାବିତ୍ ତଥା ଦାର୍ଶନିକ ଓ ମନସ୍ତ ୍ୱବିତ୍‌ମାନେ ସେମାନଙ୍କର ନିଜର ଚିନ୍ତାଧାରାକୁ ଦୃଷ୍ଟିରେ ରଖି ଶିକ୍ଷାଦାନର କେତୋଟି ନୀତି ଉପସ୍ଥାପନ କରିଛନ୍ତି । ସେହି ନୀତି ଗୁଡ଼ିକ ବିଷୟରେ ନିମ୍ନରେ ଆଲୋଚନା କରାଗଲା ।

୧) କ୍ରିୟାଶୀଳ ନୀତି (Principles of Activity or Learning by doing)

ଶିଶୁ ସର୍ବଦା କ୍ରିୟାଶୀଳ ଅର୍ଥାତ୍ ଚଳଚ ଳ ଥାଏ । ଏହି କ୍ରିୟାଶୀଳ ନୀତି ଅନୁସାରେ ଶିକ୍ଷକଙ୍କ ଶିକ୍ଷାଦାନ ଦ୍ୱାରା ଶିକ୍ଷାର୍ଥୀ ନିଜର ବ୍ୟକ୍ତିତ୍ୱ ଗଠନ କରିବା ସଙ୍ଗେ ସଙ୍ଗେ ନିଜର ଚିନ୍ତାଧାରାର ପରିପ୍ରକାଶ ପାଇଁ ସୁଯୋଗ ପାଇଥାଆନ୍ତି । ଶ୍ରେଣୀ ଗୃହରେ ଯଦି ଶିକ୍ଷାର୍ଥୀର ମାନସିକ ଓ ଶାରୀରିକ ଶକ୍ତି କ୍ରିୟାଶଳୀ ଥାଏ, ତେବେ ଶିକ୍ଷକଙ୍କର ଶିକ୍ଷାଦାନ ଅତ୍ୟନ୍ତ ସହଜ, ପ୍ରଖର ଏବଂ ଅଧିକ ଫଳପ୍ରଦ ହୋଇଥାଏ, ଫ୍ରୋବେଲ ଏହି କ୍ରିୟାଶୀଳ ନୀତି ଉପରେ ବିଶେଷ ଗୁରୁତ୍ୱ ଆରୋପ କରି ସେ କିଣ୍ଡର ଗାର୍ଟେନ ପଦ୍ଧତି (Kindergarten Method) ବାହାର କରିଛନ୍ତି । ଶିଶୁର ଅନ୍ତର୍ନିହିତ ଶକ୍ତି ଓ ଆଗ୍ରହ

ଦ୍ୱାରା ତାହାର ବୃଦ୍ଧି ବିକାଶ ହୋଇଥାଏ । ଏହି ନୀତି ଅନୁସାରେ, ସକ୍ରିୟତା ହେଉଛି, ଆତ୍ମଉନ୍ମେଷର ସ୍ୱାଭାବିକ ମାଧ୍ୟମ । ଈଶ୍ୱର ସର୍ବଦା ସକ୍ରିୟ । ତେଣୁ ମାନବ ସ୍ୱୟଂ ସକ୍ରିୟ ହେବା ଉଚିତ । ଫ୍ରୋବେଲ ଶିଶୁର ଇନ୍ଦ୍ରିୟାନୁଭି ିକ ଶିକ୍ଷାଦେବା ନିମେନ୍ତ କେତେକ ନିର୍ଦ୍ଦିଷ୍ଟ ସଂଖ୍ୟକ ବସ୍ତୁର ପ୍ରବ ର୍ତ୍ତନ କରିଥିଲେ, ଯାହା କାଠ, ପଟା, ବାଲି ଇତ୍ୟାଦିରେ ଗଠିତ । ଏହାଦ୍ୱାରା ଶିଶୁ ଖେଳନା ତିଆରି କରିବା ପାଇଁ ଉତ୍ସାହିତ ହେଉଥିଲା । ଯାହାର ବ୍ୟବହାର ଯୋଗୁଁ ଶିଶୁ ବିଶେଷ କରି ଦର୍ଶନେନ୍ଦ୍ରିୟ ଓ ସ୍ପର୍ଶେନ୍ଦ୍ରିୟର ଉପଯୁକ୍ତ ତାଲିମ ପାଇଥାଏ ।

ଖେଳ ମାଧ୍ୟମରେ ଶିକ୍ଷଣ ନୀତିକୁ ମଧ୍ୟ ବିଦ୍ୟାଳୟରେ ବିଭିନ୍ନ ସ୍ତରର ଶିକ୍ଷାର୍ଥୀମାନଙ୍କ ପାଇଁ ଉପଯୋଗ ହୋଇଥାଏ, ପ୍ରାଥମିକ ସ୍ତରର ଶିଶୁମାନେ ସାଧାରଣତଃ କ୍ରୀଡ଼ା ପ୍ରିୟ । ଶିଶୁ କ୍ରୀଡ଼ା ବିନା ବ ୍ରବା ଅସମ୍ଭବ । କ୍ରୀଡ଼ା ମାଧ୍ୟମରେ ଶିଶୁର ଅଙ୍ଗ ପ୍ରତ୍ୟଙ୍ଗ ପରିଚାଳିତ ହୁଏ । ଯାହାଦ୍ୱାରା ଶିଶୁ ସୁସ୍ଥ ସବଳ ହୁଏ । କ୍ରୀଡ଼ା ପଦ୍ଧତି ଦ୍ୱାରା ସ୍ମୃତି ଶକ୍ତି ଓ ବିଚାର ଶକ୍ତିର ବିକାଶ ହୋଇଥାଏ । ଏହାଦ୍ୱାରା ସାମାଜିକ ମୂଲ୍ୟବୋଧ ବୃଦ୍ଧି ପାଇଥାଏ । କ୍ରୀଡ଼ା ପଦ୍ଧତି ଏକ ମୁକ୍ତ, ଆନନ୍ଦମୟ ଓ ସ୍ୱତଃ ପ୍ରବୃ ଅଟେ । ଏହାଦ୍ୱାରା ଶିଶୁର ଶରୀର ଓ ମସ୍ତିଷ୍କର ସର୍ବତୋମୁଖୀ ଓ ସର୍ବୋତ୍କୃଷ୍ଟ ପରିପ୍ରକାଶ ହୋଇଥାଏ ।

ମାଧ୍ୟମିକ ଓ ଉଚ୍ଚ ସ୍ତରରେ ଏହି ଶିକ୍ଷାଦାନ ନୀତିକୁ ବିଭିନ୍ନ ଉପାୟରେ ବ୍ୟବହାର କରାଯାଇପାରେ । ଶିକ୍ଷା କ୍ଷେତ୍ରରେ ଦ ପଦ୍ଧତି (Assignment Method) ଓ ଡାଲ୍‌ଟନ ପ୍ଲାନ (Dalton Plan) ହେଉଛି ଏହି ନୀତିର ଆଧାର । ବିଭିନ୍ନ ପ୍ରକାରର ସାମାଜିକ ସେବା (Social Service) କାର୍ଯ୍ୟକ୍ରମ ଯଥା ରେଡକ୍ରସ ସୋସାଇଟି (Red Cross Society), ବୟ ସ୍କାଉଟ୍‌ସ୍ (Boy Scouts), ଡ୍ରାମାଟିକ୍ କ୍ଲବ (Dramatic Club) ଇତ୍ୟାଦି ମାଧ୍ୟମରେ ଶିକ୍ଷାର୍ଥୀମାନଙ୍କର ଶାରୀରିକ, ମାନସିକ ଓ ସାମାଜିକ ଶକ୍ତିର ବିକାଶ ଲାଭ କରେ ।

୨) ଦୈନନ୍ଦିନ ଜୀବନ ସହିତ ସମ୍ପର୍କ ସ୍ଥାପନ ନୀତି (Principle of Connectin wiht Life)

ଦୈନନ୍ଦିନ ଜୀବନ ସହିତ ସମ୍ପର୍କ ସ୍ଥାପନ କରିବା ହେଉଛି ଶିକ୍ଷାଦାନର ଅନ୍ୟ ଏକ ନୀତି । କେତେକ ବିଷୟବସ୍ତୁ ଓ ପ୍ରସଙ୍ଗ ମଧ୍ୟ ଶିଶୁର ଦୈନନ୍ଦିନ ଜୀବନ ଓ ପରିବେଶ ସହିତ ସଂଯୋଗ କରାଯାଇଥାଏ । ତେଣୁ ସାଂପ୍ରତିକ ସମାଜ ତଥା ଶିଶୁର ପାରିପାର୍ଶ୍ୱିକ ଅବସ୍ଥିତି, ଆବଶ୍ୟକତା, ଆଗ୍ରହ, ଉତ୍ସାହ ଓ ଅଭିବ୍ୟକ୍ତିକୁ ଦୃଷ୍ଟିରେ ରଖି ପାଠ୍ୟକ୍ରମ ପ୍ରସ୍ତୁତ ହେବା ଆବଶ୍ୟକ । ପାଠ୍ୟକ୍ରମ, ଆଙ୍ଗିକ ଓ ଆତ୍ମିକ ଭାବରେ ସାମାଜିକ ଜୀବନ ସହିତ ସଂପୃକ୍ତ ହେବା ବିଧେୟ । ଉଦାହରଣସ୍ୱରୂପ ଭୂଗୋଳ ଶିକ୍ଷାଦାନରେ ଯେତେବେଳେ ଶିକ୍ଷାର୍ଥୀମାନଙ୍କୁ 'ଦିନ ଓ ରାତି', ଉଷ୍ଣତା, ବୃଷ୍ଟିପାତ ଇତ୍ୟାଦି ପାଠ ବିଷୟରେ ପଢ଼ାଯାଏ ସେତେବେଳେ ଶିକ୍ଷାର୍ଥୀ ନିଜେ ତାହାର ପର୍ଯ୍ୟବେକ୍ଷଣ ମାଧ୍ୟମରେ ଏହା ଅଧ୍ୟୟନ କରିଥାଏ, ସେହିପରି ଗଣିତ ଶିକ୍ଷାରେ ଶିକ୍ଷାର୍ଥୀମାନେ ସରଳ ସୁଧକଷା ପାଠଟିକୁ ପଢ଼ିସାରିଲାପରେ ସେମାନେ ନିଜେ ବିଭିନ୍ନ ସଂସ୍ଥା ଯଥା ଡାକ ସଂଚୟ ବ୍ୟାଙ୍କ (Post Office Savings Bank), ଭାରତୀୟ ଷ୍ଟେଟ ବ୍ୟାଙ୍କ (State Bank of India) ତଥା ଅନ୍ୟାନ୍ୟ ବ୍ୟାଙ୍କ୍ ମାନଙ୍କରେ ପ୍ରଚଳିତ ସୁଧହାର ବିଷୟରେ ବୁଝିପାରିବେ । ଏହିପରି ଭାବରେ ଶିକ୍ଷାର୍ଥୀମାନେ ସେମାନଙ୍କର ଦୈନନ୍ଦିନ ଜୀବନ ସହିତ ସମ୍ପର୍କ ସ୍ଥାପନ କରିପାରିବେ ।

ସାରାଂଶ :

ଶିକ୍ଷଣ ପ୍ରକ୍ରିୟାରେ ଶିକ୍ଷାର୍ଥୀ ହେଉଛି ଜଣେ ସକ୍ରିୟ ଶିକ୍ଷାର୍ଥୀ ଯିଏ ନିଜର ଜ୍ଞାନ ସଂଗଠନ କରିଥାଏ ଏବଂ ଶିକ୍ଷକ ହେଉଛନ୍ତି ଜଣେ ସକ୍ରିୟ ସହାୟତା ପ୍ରଦାନକାରୀ; ଯିଏ ଶିକ୍ଷାର୍ଥୀକୁ ଜ୍ଞାନ ସଂଗଠନରେ ସହାୟତା ପ୍ରଦାନ କରିଥାନ୍ତି । ଶିକ୍ଷଣ ପାଇଁ ଶିକ୍ଷାବିତ୍‌ମାନେ ବହୁ ପ୍ରକାରର ପଦ୍ଧତି ଅବଲମ୍ବନ କରିଛନ୍ତି । ଏହି ପଦ୍ଧତିରେ ବହୁ ସାଧାରଣ ନୀତି ଦେଖାଯାଏ । ସେହି ସାଧାରଣ ନୀତି ଗୁଡ଼ିକ ହେଲା–

(୧) ଜ୍ଞାତରୁ ଅଜ୍ଞାତ

(୨) ସରଳରୁ ଜଟିଳ

(୩) ବାସ୍ତବରୁ ଅବାସ୍ତବ

(୪) ଅସାଧାରଣରୁ ସାଧାରଣ

(୫) ବିଶ୍ଳେଷଣରୁ ସଂଶ୍ଳେଷଣ

(୬) ନିକଟରୁ ଦୂର

(୭) ଅନିର୍ଦ୍ଦିଷ୍ଟରୁ ନିର୍ଦ୍ଦିଷ୍ଟ

(୮) ମନସ୍ତ୍ତ୍ୱରୁ ଯୌକ୍ତିକ

(୯) ଇନ୍ଦ୍ରିୟାନୁଭୂତିକରୁ ବିଚାର ଶକ୍ତି ସମ୍ପନ୍ନ

(୧୦) ସମ୍ପୂର୍ଣ୍ଣରୁ ଅଂଶ

ପୁନଶ୍ଚ ଶିକ୍ଷାବିତ୍ ଓ ମନସ୍ତ୍ତ୍ୱବିତ୍‌ମାନେ ସେମାନଙ୍କର ନିଜର ଚିନ୍ତାଧାରାକୁ ଦୃଷ୍ଟିରେ ରଖି କେତୋଟି ନୀତି ଉପସ୍ଥାପନ କରିଛନ୍ତି । ସେଗୁଡ଼ିକ ହେଲା–

(୧) କ୍ରିୟାଶୀଳ ନୀତି

(୨) ଦୈନନ୍ଦିନ ଜୀବନ ସହିତ ସମ୍ପର୍କ ସ୍ଥାପନ ନୀତି

ପ୍ରଶ୍ନାବଳୀ

(୧) ନିମ୍ନଲିଖିତ ପ୍ରଶ୍ନ ଗୁଡ଼ିକର ଉ ର ପ୍ରାୟ ଗୋଟିଏ ଲେଖାଏଁ ବାକ୍ୟରେ ଦିଅ ।

(i) ଶିକ୍ଷାଦାନର ଯେକୌଣସି ଗୋଟିଏ ମୂଳନୀତି ଲେଖ ।

(ii) କିଣ୍ଡରଗାର୍ଟେନ ପଦ୍ଧତି କିଏ ବାହାର କରିଥିଲେ ?

(୨) ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉ ର ଦିଅ ।

(i) ଶିକ୍ଷାଦାନର ସାଧାରଣ ନୀତି ଗୁଡ଼ିକ ବିଷୟରେ ଆଲୋଚନା କର ।

(ii) ଶିକ୍ଷାଦାନର ତ ାକ୍ତି କ'ଣ ଆଲୋଚନା କର ।

•

ଉଦ୍ଦେଶ୍ୟଭିତ୍ତିକ ଓ ବସ୍ତୁନିଷ୍ଠ ମୂଲ୍ୟାୟନ
(Objective based and Objective type Evaluation)

ଉକ୍ତ ଅଧ୍ୟାୟଟିକୁ ଅଧ୍ୟୟନ କଲାପରେ ଶିକ୍ଷାର୍ଥୀମାନେ :

- ବିଭିନ୍ନ ପ୍ରକାରର ବସ୍ତୁନିଷ୍ଠ ପ୍ରଶ୍ନ ଓ ଉଦ୍ଦେଶ୍ୟଭିତ୍ତିକ ପ୍ରଶ୍ନ ମଧ୍ୟରେ ପାର୍ଥକ୍ୟ ଦର୍ଶାଇପାରିବେ ।
- ବିଭିନ୍ନ ପ୍ରକାରର ବସ୍ତୁନିଷ୍ଠ ପ୍ରଶ୍ନଗୁଡ଼ିକ ପ୍ରସ୍ତୁତି କରିବେ ।

ମୂଲ୍ୟାୟନ ହେଉଛି ଏକ ଧାରାବାହିକ ପ୍ରକ୍ରିୟା । ଏହା ସାଧାରଣତଃ ସମଗ୍ର ଶିକ୍ଷଣ ପ୍ରକ୍ରିୟା ସହିତ ଜଡ଼ିତ । ଶିକ୍ଷକମାନେ ନିର୍ଦ୍ଦିଷ୍ଟ ପାଠ୍ୟକ୍ରମ ଉପରେ ଶିକ୍ଷାଦାନ କରି କେତେକ ଉଦ୍ଦେଶ୍ୟ ହାସଲ କରିଥାଆନ୍ତି । ତେଣୁ ମୂଲ୍ୟାୟନ ପରିପ୍ରେକ୍ଷୀରେ ପାଠଦାନର ଉଦ୍ଦେଶ୍ୟ ଗୁଡ଼ିକ ପ୍ରଥମେ ନିର୍ଦ୍ଧାରଣ କରାଯିବା ଆବଶ୍ୟକ । ଆମେ ଜାଣୁ ଯେ, ପ୍ରତ୍ୟେକ କାର୍ଯ୍ୟ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ ହାସଲ ପାଇଁ ସମ୍ପାଦନ କରାଯାଇଥାଏ । ତେଣୁ ଶ୍ରେଣୀ ଗୃହରେ ଶିକ୍ଷାଦାନ କାର୍ଯ୍ୟ ମଧ୍ୟ କେତେକ ଉଦ୍ଦେଶ୍ୟ ସାଧନ କରିଥାଏ । ଏହି ଉଦ୍ଦେଶ୍ୟ ଗୁଡ଼ିକ ହାସଲ କରିବାର ମାତ୍ରା ଓ ଗୁଣ ଯେଉଁ ମୂଲ୍ୟାୟନ ପଦ୍ଧତି ଅବଲମ୍ବନ କରି ସ୍ଥିର କରାଯାଏ, ତାହାକୁ ଉଦ୍ଦେଶ୍ୟଭିତ୍ତିକ ମୂଲ୍ୟାୟନ କୁହାଯାଏ ।

4.8.3 ଉଦ୍ଦେଶ୍ୟଭିତ୍ତିକ ମୂଲ୍ୟାୟନର ଲକ୍ଷଣ :

ଉଦ୍ଦେଶ୍ୟଭିତ୍ତିକ ମୂଲ୍ୟାୟନର ଲକ୍ଷଣ ଗୁଡ଼ିକ ନିମ୍ନରେ ପ୍ରଦ କରାଗଲା ।

(କ) ମୂଲ୍ୟାୟନରେ ପ୍ରତ୍ୟେକ ପ୍ରଶ୍ନ ଶିକ୍ଷାଦାନର କେତେକ ଉଦ୍ଦେଶ୍ୟ ସହିତ ସମ୍ପୃକ୍ତ ଅଟେ ।

(ଖ) ଉଦ୍ଦେଶ୍ୟ ଭିତ୍ତିକ ମୂଲ୍ୟାୟନରେ ମୌଖିକ, ଲିଖିତ, ଛବିଳ ଓ ବ୍ୟବହାରିକ ପ୍ରଶ୍ନ ଅନ୍ତର୍ଭୁକ୍ତ ହୋଇଥାଏ ।

(ଗ) ବିଭିନ୍ନ ପ୍ରକାର ପ୍ରଶ୍ନ ବ୍ୟତୀତ ଆଧୁନିକ ମୂଲ୍ୟାୟନ ପଦ୍ଧତି ଯା ତାଲିକା । ପର୍ଯ୍ୟବେକ୍ଷଣ, କ୍ରମ ସଂଚିତ ବିବରଣୀ ପତ୍ର ଇତ୍ୟାଦି ଅବଲମ୍ବନ କରି ଶିକ୍ଷାର୍ଥୀମାନଙ୍କର ସାମଗ୍ରୀକ ବିକାଶକୁ ମୂଲ୍ୟାୟନ କରିଥାଏ ।

ମୂଲ୍ୟାୟନ ସାଧାରଣତଃ ଶିକ୍ଷଣ ଉଦ୍ଦେଶ୍ୟ ଉପରେ ପର୍ଯ୍ୟବେସିତ ହେବା ଉଚିତ । ସଂକ୍ଷେପରେ କରିବାକୁ ଗଲେ ଉଦ୍ଦେଶ୍ୟ ଶୈକ୍ଷିକ ଯୋଜନା ତଥା ଶିକ୍ଷଣ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିଥାଏ । ଶିକ୍ଷଣର ଉଦ୍ଦେଶ୍ୟ ନଥିଲେ ମୂଲ୍ୟାୟନର ସ୍ଥିତି ଅସମ୍ଭବ । ମୂଲ୍ୟାୟନ ଶିକ୍ଷଣ ଉଦ୍ଦେଶ୍ୟ ଉପରେ ଆଧାରିତ ହେଲେ ତାହାକୁ ସାଧାରଣତଃ ଉଦ୍ଦେଶ୍ୟ ଭିତ୍ତିକ ମୂଲ୍ୟାୟନ ବୋଲି କୁହାଯାଏ । ତେଣୁ ଶିକ୍ଷା କ୍ଷେତ୍ରରେ ମୂଲ୍ୟାୟନ କରିବାକୁ ହେଲେ ସର୍ବପ୍ରଥମେ ଶିକ୍ଷାଦାନର ଉଦ୍ଦେଶ୍ୟ

ନିର୍ଣ୍ଣୟ କରିବା ଉଚିତ । ଶିକ୍ଷାଦାନ ପାଇଁ ଉର୍ଦ୍ଦିଷ୍ଟ ପ୍ରତ୍ୟେକ ପାଠ୍ୟକ୍ରମରେ କେତେ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ ଥାଏ । ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ ଗୁଡ଼ିକ ଶିକ୍ଷାର୍ଥୀମାନଙ୍କର ଆଚରଣଗତ ପରିବ ର୍ନ ବିଷୟରେ ଧାରଣା ଦେଇଥାଏ । ପ୍ରତ୍ୟେକ ସାଧାରଣ ଉଦ୍ଦେଶ୍ୟ ଅଧିନରେ କେତେ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ ଅନ୍ତର୍ଭୁକ୍ତ ହୋଇଥାଆନ୍ତି । ଉକ୍ତ ବିଷୟରେ ସବିଶେଷ ଧାରଣା ପାଇବାପାଇଁ ଉଦ୍ଦେଶ୍ୟ ବର୍ଗୀକରଣ ବିଜ୍ଞାନ (Taxonomy) ର ସାହାଯ୍ୟ ନେବାକୁ ପଡ଼ିଥାଏ, ଶୈକ୍ଷିକ ଉଦ୍ଦେଶ୍ୟର ଶ୍ରେଣୀ ବିଭାଗୀକରଣ କ୍ଷେତ୍ରରେ ବି.ଏସ୍ ବ୍ଲୁମ୍ (B.S. Bloom) ଙ୍କ ଅବଦାନ ବିଶେଷ ଉଲ୍ଲେଖନୀୟ । ସେ ଶୈକ୍ଷିକ ଉଦ୍ଦେଶ୍ୟକୁ ତିନୋଟି ପରିସରରେ ଶ୍ରେଣୀଭୁକ୍ତ କରିଛନ୍ତି ।

(କ) ଜ୍ଞାନାତ୍ମକ ପରିସରର ଉଦ୍ଦେଶ୍ୟ (Objectives in terms of Cognitive domain)

(ଖ) ଭାବାତ୍ମକ ପରିସରର ଉଦ୍ଦେଶ୍ୟ (Objectives in terms of Affective domain)

(ଗ) ମନଶ୍ଚାଳକ ପରିସର ଉଦ୍ଦେଶ୍ୟ (Objectives in the Psycho-motor domain)

ପ୍ରଚଳିତ ଶିକ୍ଷା ବ୍ୟବସ୍ଥାରେ ଉପରୋକ୍ତ ସମସ୍ତ ଉଦ୍ଦେଶ୍ୟ ହାସଲ କରିବା ସମ୍ଭବ ନୁହେଁ । ବିଶେଷତଃ ଜ୍ଞାନାତ୍ମକ (Cognitive) ଓ ମନଶ୍ଚାଳକ (Psycho-motor) ଉଦ୍ଦେଶ୍ୟ ସାଧନା ଉପରେ ଆଜିର ଶିକ୍ଷା ବ୍ୟବସ୍ଥା ଅଧିକ ଗୁରୁତ୍ୱ ଦେଉଅଛି । ଏହି ଦିଗମାନଙ୍କରେ ଉଦ୍ଦେଶ୍ୟ ହାସଲର ମାତ୍ରା ଓ ଗୁଣ ନିର୍ଦ୍ଧାରଣ କରିବାପାଇଁ ବିଭିନ୍ନ ପ୍ରକାରର ଉଦ୍ଦେଶ୍ୟଭି ିକ ପରୀକ୍ଷଣମାନ ପ୍ରସ୍ତୁତ କରାଯାଉଛି ।

ଶିକ୍ଷାଦାନ ଓ ଶିକ୍ଷଣ ଦ୍ୱାରା ଶିକ୍ଷାର୍ଥୀମାନଙ୍କର ଆଚରଣରେ ପରିବ ର୍ନ ଆଶା କରାଯାଇଥାଏ । ଆଚରଣଗତ ପରିବ ର୍ନ ଶିକ୍ଷଣର ଉଦ୍ଦେଶ୍ୟ ଅଟେ । ଶିକ୍ଷାର୍ଥୀର ଆଚରଣଗତ ପରିବ ର୍ନକୁ ଦୃଷ୍ଟିରେ ରଖି ଉଦ୍ଦେଶ୍ୟଭି ିକ ମୂଲ୍ୟାୟନ କରାଯିବା ଆବଶ୍ୟକ । ତେଣୁ ଶିକ୍ଷାଦାନର ଉଦ୍ଦେଶ୍ୟ ଗୁଡ଼ିକୁ ଏପରି ଭାବରେ ପରିପ୍ରକାଶ କରାଯିବା ଦରକାର ଯେପରି ଶିକ୍ଷାର୍ଥୀମାନଙ୍କର ସମ୍ଭାବ୍ୟ ଆଚରଣଗତ ପରିବ ର୍ନକୁ ସୂଚାଉଥିବ । ଏହି ସବୁକୁ ଜାଣିବା ନିମନ୍ତେ ଉଦ୍ଦେଶ୍ୟ ଭି ିକ ପରୀକ୍ଷଣ ପ୍ରସ୍ତୁତ କରାଯିବା ଉଚିତ ।

ବିଭିନ୍ନ ପାଠ୍ୟକ୍ରମ ଉପରେ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ ଗୁଡ଼ିକର ମୂଲ୍ୟାୟନ ପାଇଁ ଶିକ୍ଷାବିତ୍‌ମାନେ ଅନେକ ମାନାକୀକୃତ ପରୀକ୍ଷଣ (Standardised test) ପ୍ରସ୍ତୁତ କରିଛନ୍ତି । ବ ର୍ମାନ ମଧ୍ୟ ଶୈକ୍ଷିକ ଗବେଷଣା କ୍ଷେତ୍ରରେ ଅନେଗ ଗବେଷକମାନେ ପରୀକ୍ଷଣ ପ୍ରସ୍ତୁତିର ନିୟମ ଅବଲମ୍ବନ କରି ଆଉ ଏକ ନୂତନ ପରୀକ୍ଷଣ ପ୍ରସ୍ତୁତି ଓ ଏହାକୁ ମାନାକୀକୃତ କରି ଉଦ୍ଦେଶ୍ୟ-ଭି ିକ ମୂଲ୍ୟାୟନ ବ୍ୟବହାର କରୁଛନ୍ତି । ତେଣୁ ଉଦ୍ଦେଶ୍ୟଭି ିକ ମୂଲ୍ୟାୟନ ଶିକ୍ଷାଦାନ ଓ ଶିକ୍ଷଣ ପ୍ରକ୍ରିୟାରେ ପ୍ରଥମଦର୍ଶକ ଭାବରେ କାର୍ଯ୍ୟ କରିଥାଏ ।

ବସ୍ତୁନିଷ୍ଠ ମୂଲ୍ୟାୟନ

(Objective Type Evaluation)

4.8.4 ବସ୍ତୁନିଷ୍ଠ ମୂଲ୍ୟାୟନର ଅର୍ଥ :

ସାଧାରଣତଃ ପାଠଦାନ ଶେଷରେ ମୂଲ୍ୟାୟନ କରାଯାଇଥାଏ, ଏହି ମୂଲ୍ୟାୟନ ବିଭିନ୍ନ ପ୍ରକାରର । ସେଗୁଡ଼ିକ ହେଲା– ରଚନାତ୍ମକ ପ୍ରଶ୍ନାବଳୀ, ଶିକ୍ଷକକୃତ ପରୀକ୍ଷଣ ଏବଂ ମାନକୀକୃତ ପରୀକ୍ଷଣ । ମାନକୀକୃତ ପରୀକ୍ଷଣ ସଦାସର୍ବଦା ବ୍ୟବହାର କରାଯାଇ ନଥାଏ । କିନ୍ତୁ ରଚନାତ୍ମକ ପରୀକ୍ଷଣରେ ବିଶେଷ ଭାବରେ ଦୋଷ ତ୍ରୁଟି ପରିଲିକ୍ଷିତ ହୋଇଥାଏ । ମୂଲ୍ୟାୟନ ପ୍ରକ୍ରିୟାରୁ ପରୀକ୍ଷକ ମାନଙ୍କର ବ୍ୟକ୍ତିଗତ ଦୁର୍ବଳତା ଓ ରଚନାତ୍ମକ ପ୍ରଶ୍ନାବଳୀର ଅପକାରୀତା ଗୁଡ଼ିକୁ ଦୂର କରିବା ପାଇଁ ଏକ ନୂତନ ପ୍ରକାର ପ୍ରଶ୍ନ ଶିକ୍ଷାବିତ୍‌ମାନେ ବ୍ୟବହାର କରିଥାଆନ୍ତି । ଏହି ନୂତନ ପ୍ରକାରର ପ୍ରଶ୍ନାବଳୀ ଗୁଡ଼ିକୁ "ବସ୍ତୁନିଷ୍ଠ ପ୍ରଶ୍ନାବଳୀ" କୁହାଯାଏ । ଏହି ପ୍ରଶ୍ନର ବିଶେଷତ୍ୱ ହେଉଛି ଯେ ପ୍ରତ୍ୟେକ ପ୍ରଶ୍ନର ଗୋଟିଏ ନିର୍ଦ୍ଦିଷ୍ଟ ଉ ର ଥାଏ । ଏହି ଉ ରଟିକୁ ପରୀକ୍ଷାର୍ଥୀମାନେ ଗୋଟିଏ ଶବ୍ଦ ବା ବାକ୍ୟରେ ପ୍ରଦାନ କରିଥାଆନ୍ତି । ତେଣୁ ଉ ର ପ୍ରଶ୍ନ ଗୁଡ଼ିକୁ ଯେକୌଣସି ପରୀକ୍ଷକଙ୍କ ଦ୍ୱାରା ମୂଲ୍ୟାୟନ କରାଗଲେ ମଧ୍ୟ ଫଳାଫଳରେ କୌଣସି ପ୍ରକାରର ପରିବ ର୍ତ୍ତନ ଦେଖାଯାଏ ନାହିଁ ।

ନିର୍ଦ୍ଦିଷ୍ଟ ଉ ର-ମୂଳକ ପ୍ରଶ୍ନ ଗୁଡ଼ିକ (Objective-type Questions) ପରୀକ୍ଷଣର ବସ୍ତୁନିଷ୍ଠତା (Objectivity) ରକ୍ଷା କରିବାରେ ସାହାଯ୍ୟ କରିଥାଏ । ଏହି ପ୍ରଶ୍ନଗୁଡ଼ିକର ଉ ରକୁ ଯଦି ଭିନ୍ନ ଭିନ୍ନ ପରୀକ୍ଷକଙ୍କ ଦ୍ୱାରା ଫଳାଙ୍କ ନିର୍ଣ୍ଣୟ କରାଯାଏ, ସମସ୍ତେ ନିର୍ଦ୍ଦିଷ୍ଟ ଉ ର ଉପରେ ସମାନ ଫଳାଙ୍କ ପ୍ରଦାନ କରିଥାଆନ୍ତି । ଉଦାହରଣସ୍ୱରୂପ, ଭାରତର ସମ୍ବିଧାନ _____ ମସିହାରେ ପ୍ରଣୟନ କରାଗଲା । ଏହାର ଉ ର ହେଉଛି ୧୯୫୦ ମସିହା । ଏହି ଉ ରଟି ଯେକୌଣସି ପରୀକ୍ଷକଙ୍କ ଦ୍ୱାରା ମୂଲ୍ୟାୟନ କରାଗଲେ ମଧ୍ୟ ସମସ୍ତେ ଠିକ୍ ଉ ର ପାଇଁ ୧ ନମ୍ବର ଦେବେ । ଏହା ହେଉଛି ଫଳାଙ୍କ ନିର୍ଣ୍ଣୟର ବସ୍ତୁନିଷ୍ଠତା । କାରଣ ଫଳାଫଳ ନିର୍ଦ୍ଧାରଣରେ କୌଣସି ପ୍ରକାରର ବ୍ୟତିକ୍ରମ ପରିଲିକ୍ଷିତ ହୋଇ ନଥାଏ ।

4.8.5 ବସ୍ତୁନିଷ୍ଠ ପ୍ରଶ୍ନର ପ୍ରକାର ଭେଦ :

ବସ୍ତୁନିଷ୍ଠ ପ୍ରଶ୍ନଗୁଡ଼ିକୁ ସାଧାରଣତଃ ଦୁଇଟି ବିଭାଗରେ ବିଭକ୍ତ କରାଯାଇଥାଏ । ସେଗୁଡ଼ିକ ହେଲା–

(୧) ପୁନଃ ସ୍ମରଣଜନିତ ପ୍ରଶ୍ନାବଳୀ (Recall type Questions)

(୨) ସ୍ୱୀକୃତିଜନିତ ପ୍ରଶ୍ନାବଳୀ (Recognition type Questions)

(୧) ପୁନଃ-ସ୍ମରଣଜନିତ ପ୍ରଶ୍ନାବଳୀ :– ଏହି ପରୀକ୍ଷଣର ପ୍ରଶ୍ନାବଳୀ ଗୁଡ଼ିକ ଶିକ୍ଷାର୍ଥୀର ସ୍ମୃତି ଶକ୍ତି ଉପରେ ପର୍ଯ୍ୟବେସିତ । ପୂର୍ବ ଆଧାରିତ ବିଷୟବସ୍ତୁ ଉପରେ ଆଧାରିତ ଘଟଣା ଗୁଡ଼ିକୁ ମନେ ପକାଇ ପରୀକ୍ଷାର୍ଥୀଙ୍କୁ ଉ ର ଦେବାକୁ ପଡ଼ିଥାଏ । ଏହାକୁ ମଧ୍ୟ ଯୋଗାଣ ଜନିତ ପ୍ରଶ୍ନ କୁହାଯାଏ, କାରଣ ସ୍ମରଣ ଦ୍ୱାରା ପ୍ରଶ୍ନ ଗୁଡ଼ିକର ଉ ର ଯୋଗାଇ ଦିଆଯାଇଥାଏ । ପୁନଶ୍ଚ ଏହି ପ୍ରଶ୍ନ ଗୁଡ଼ିକ ଦୁଇ ପ୍ରକାର ଯଥା–

(କ) ସହଜ ସ୍ମରଣ ପ୍ରଶ୍ନାବଳୀ (Simple-Recall)

(ଖ) ସମାପନ ପ୍ରଶ୍ନାବଳୀ (Completion)

(କ) ସହଜ ସ୍ମରଣ ପ୍ରଶ୍ନାବଳୀ(Simple-Recall) :– ଏହି ପ୍ରକାର ପ୍ରଶ୍ନରେ ଅତି କ୍ଷୁଦ୍ରମୂଳକ ପ୍ରଶ୍ନ ତିଆରି କରାଯାଇଥାଏ ଯାହାର ଉ ର ଶିକ୍ଷାର୍ଥୀ ଗୋଟିଏ ବାକ୍ୟରେ ପ୍ରଦାନ କରିଥାଏ ।

ଉ ର :– ପ୍ରତ୍ୟେକ ପ୍ରଶ୍ନର ଉ ର ଗୋଟିଏ ଲେଖାଏଁ ବାକ୍ୟରେ ଦିଅ ।

(କ) ରାଜ୍ୟର ସାମ୍ବିଧାନିକ ମୁଖ୍ୟ କିଏ ? (ରାଜ୍ୟପାଳ)

(ଖ) ବାସାଲାଇଟ ଏକ କେଉଁ ଶ୍ରେଣୀର ଆଗ୍ନେୟଶିଳା ? (ନିଃସ୍ରବଜ)

(ଗ) ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ କେବେ ଗଠନ ହୋଇଥିଲା ? (୧୯୩୬)

(ଘ) ଭାରତ କେବେ ସ୍ୱାଧୀନତା ଲାଭ କରିଥିଲା ? (୧୯୪୭)

(ଙ) ଓଡ଼ିଶାର କେଉଁଠାରେ ସୂର୍ଯ୍ୟ ମନ୍ଦିର ଅଛି ? (କୋଣାର୍କ)

(ଖ) ସମାପନ ପ୍ରଶ୍ନାବଳୀ(Completion type Questions) :– ଏହି ପ୍ରକାର ପ୍ରଶ୍ନର ଠିକ୍ ଉ ର ପରୀକ୍ଷାର୍ଥୀମାନେ ପ୍ରଶ୍ନ ସହ ଦିଆଯାଇଥିବା ବିକଳ୍ପମାନଙ୍କ ମଧ୍ୟରୁ ଚିହ୍ନଟ କରିଥାଆନ୍ତି । ନିର୍ଦ୍ଦିଷ୍ଟ ଉ ରମୂଳକ ପ୍ରଶ୍ନର ଅନ୍ୟ ଏକ ରୂପ ଭାବେ ସମାପନ ପ୍ରଶ୍ନକୁ ବ୍ୟବହାର କରାଯାଇଥାଏ । ନିର୍ଦ୍ଦିଷ୍ଟ ଉ ରମୂଳକ ପ୍ରଶ୍ନ ଭଳି ଏହି ପ୍ରକାର ପ୍ରଶ୍ନରେ ମଧ୍ୟ ପରୀକ୍ଷାର୍ଥୀ ଉ ର ଯେଗାଇଥାଆନ୍ତି । ସେଥିପାଇଁ ଏହାକୁ 'ଯୋଗାଣ ପ୍ରକାରର' ପ୍ରଶ୍ନ ମଧ୍ୟ କୁହାଯାଏ । ସମାପନ ପ୍ରଶ୍ନରେ ଖଣ୍ଡ ବାକ୍ୟ ଦିଆଯାଇଥାଏ । ବାକ୍ୟଟିକୁ ସମ୍ପୂର୍ଣ୍ଣ କରିବାକୁ ଏକମାତ୍ର ଶବ୍ଦକୁ ସ୍ମରଣ କରିବାକୁ ପଡ଼େ । ସମାପନମୂଳକ ପ୍ରଶ୍ନର ସାଧାରଣତଃ ଗୋଟିଏ ବାକ୍ୟ ବା ଉକ୍ତିରେ ଥିବା ଶୂନ୍ୟସ୍ଥାନ ପୂରଣ କରି ଉ ର ଦିଆଯାଏ । ଗୋଟିଏ ଶବ୍ଦ ବାକ୍ୟାଂଶ ବା ସଂଖ୍ୟା ଦ୍ୱାରା ଏହି ଶୂନ୍ୟସ୍ଥାନକୁ ପୂରଣ କରିହେବ ।

ଉଦାହରଣ :– ନିମ୍ନଲିଖିତ ଉକ୍ତିଗୁଡ଼ିକରେ ଥିବା ଶୂନ୍ୟସ୍ଥାନ ପୂରଣ କର ।

(୧) ମୁମ୍ବାଇର ପୂର୍ବ ନାମ ହେଉଛି _____

(୨) ତାଜମହଲ _____ ନଦୀକୂଳରେ ଅବସ୍ଥିତ

(୩) ଯେକୌଣସି ତ୍ରିଭୂଜର ତିନି କୋଣର ସମଷ୍ଟି _____ ଡିଗ୍ରୀ ଅଟେ ।

(୪) ଶ୍ରୀଲଙ୍କା ଭାରତର _____ ଦିଗରେ ଅବସ୍ଥିତ ।

ସମାପନ ମୂଳକ ପ୍ରଶ୍ନ ପ୍ରସ୍ତୁତ କରିବାର ନିୟମାଳବୀ :–

(କ) ସିଧାସଳଖ ପ୍ରଶ୍ନ ଭଳି ଏ ପ୍ରଶ୍ନରେ ମଧ୍ୟ ଅନିର୍ଦ୍ଦିଷ୍ଟ ଅର୍ଥ ପ୍ରକାଶ କରୁଥିବା ବାକ୍ୟ ବ୍ୟବହୃତ ହେବା ଅନୁଚିତ । ପରୀକ୍ଷକ ପରୀକ୍ଷାର୍ଥୀଠାରୁ କ'ଣ ଚାହୁଁଛନ୍ତି ତାହା ପ୍ରଶ୍ନରୁ ସୃଷ୍ଟି ହେବା ଉଚିତ ।

(ଖ) ବହୁତ ଗୁଡ଼ିଏ ଶୂନ୍ୟସ୍ଥାନ ଗୋଟିଏ ପ୍ରଶ୍ନରେ ଦିଆଯିବା ଉଚିତ ନୁହେଁ । କାରଣ ଏପରିସ୍ଥଳେ ଗୋଟିଏ ପ୍ରଶ୍ନର ଏକାଧିକ ଉ ର ହୋଇପାରେ ।

(ଗ) ପ୍ରଶ୍ନରେ ପ୍ରଦ ଶୂନ୍ୟସ୍ଥାନର ଦୈର୍ଘ୍ୟ ସର୍ବଦା ପ୍ରାୟ ସମାନ ହେବା ଉଚିତ ନଚେତ ଦୈର୍ଘ୍ୟରୁ ପରୀକ୍ଷାର୍ଥୀ ଉ ର ସମ୍ବନ୍ଧୀୟ ଅଭ୍ୟାସ ପାଇପାରେ

(ଘ) ବାକ୍ୟ ବା ଉକ୍ତିର ପ୍ରଥମ ଭାଗରେ ଶୂନ୍ୟସ୍ଥାନ ରଖିବା ଉଚିତ ନୁହେଁ ।

(ଙ) ଶୂନ୍ୟସ୍ଥାନ ଗୋଟିଏ ଶବ୍ଦ ବା ଗୋଟିଏ ସଂଖ୍ୟା ବା ଖୁବ୍ ବେଶୀ ଏକ ବାକ୍ୟାଂଶ (Phrase) ଦ୍ୱାରା ପୂର୍ଣ୍ଣ ହେବା ଉଚିତ ।

ସ୍ମରଣଜନିତ ପ୍ରଶ୍ନାବଳୀର ଗଠନ କରିବାର ନୀତି(Principles of Constructing Recall Type Questions) :–

(କ) ଅତ୍ୟନ୍ତ ସଂକ୍ଷିପ୍ତ ଓ ନିର୍ଦ୍ଦିଷ୍ଟ ଉ ର ପାଇବାପାଇଁ ଉପଯୁକ୍ତ ପ୍ରଶ୍ନ ପଚାରିବା ଶୈଳୀ ଅବଲମ୍ବନ କରିବା ବିଧେୟ ।

(ଖ) ପାଠ୍ୟ ପୁସ୍ତକରେ ଥିବା ଅବିକଳ ଭାଷାରେ ପ୍ରଶ୍ନ ଗୁଡ଼ିକ ପ୍ରସ୍ତୁତ କରିବା ଉଚିତ ନୁହେଁ ।

(ଗ) ଅସମ୍ପୂର୍ଣ୍ଣ ଉକ୍ତିକୁ ସମାପନ (Completion) କରିବା ଅପେକ୍ଷା ପ୍ରତ୍ୟକ୍ଷ ପ୍ରଶ୍ନ ପଚାରିବା ଉପରେ ଅଧିକ ଗୁରୁତ୍ୱ ନେବା ଆବଶ୍ୟକ ।

(ଘ) ପ୍ରଶ୍ନର ଉ ରଟି ସଂଖ୍ୟାତ୍ମକ ଏକକରେ ପ୍ରକାଶ କରିବାକୁ ଥିଲେ, ଉକ୍ତ ଏକକଟି ପ୍ରଶ୍ନରେ ପ୍ରତିଫଳିତ ହେବା ଆବଶ୍ୟକ ।

(ଙ) ପ୍ରତ୍ୟେକ ସମାପନ ପ୍ରଶ୍ନ (Completion type Question) ରେ ଏକମାତ୍ର ଶୂନ୍ୟସ୍ଥାନ ରହିବା ଆବଶ୍ୟକ ।

ସ୍ମରଣ ଜନିତ ପ୍ରଶ୍ନାବଳୀର ଉପକାରିତା (Merits of Recall type Questions) :–

(୧) ଏହି ପ୍ରଶ୍ନ ମାଧ୍ୟମରେ ଅନେକ ପ୍ରକାରର ସରଳ ଶିକ୍ଷଣ ଉଦ୍ଦେଶ୍ୟର ମୂଲ୍ୟାଙ୍କନ କରିହୁଏ ।

(୨) ଏହି ପ୍ରଶ୍ନ ଗୁଡ଼ିକ ସ୍ମରଣ ଶକ୍ତିର ପରୀକ୍ଷା ଉପରେ ଅଧିକ ପ୍ରାଧାନ୍ୟ ଦେଇଥାଏ ।

(୩) ଅନ୍ୟ ପ୍ରଶ୍ନ ତୁଳନାରେ ଏହି ପ୍ରଶ୍ନ ଗୁଡ଼ିକ କୃତି ପ୍ରଭେଦକାରୀ ମୂଲ୍ୟ (Discriminatin Value) ଥାଏ ।

(୪) ଏହି ପ୍ରଶ୍ନ ଗୁଡ଼ିକର ଉ ର ମୂଲ୍ୟାଙ୍କନ କରିବାବେଳେ ପରୀକ୍ଷକମାନେ ଗୋଟିଏ ପ୍ରକାରର ନମ୍ବର ଦେଇଥାନ୍ତି, ତେଣୁ ଏଥିରେ କୌଣସି ବ୍ୟତିକ୍ରମ ସମ୍ଭବ ନୁହେଁ ।

ସ୍ମରଣ ଜନିତ ପ୍ରଶ୍ନାବଳୀର ଅସୁବିଧା(Limitations of Recall type Questions) :–

(କ) ଏହି ପ୍ରକାର ପ୍ରଶ୍ନାବଳୀ କେବଳ "ଘୋଷି ମନେ ରଖିବା" ପ୍ରକ୍ରିୟା ଉପରେ ଗରୁତ୍ୱ ଦେଇଥାଏ ।

(ଖ) ଏହା ମାଧ୍ୟମରେ ଜଟିଳ ଶିକ୍ଷଣ ଫଳାଫଳ (Complex learning outcomes) ନିର୍ଣ୍ଣୟ କରିବା ସମ୍ଭବ ନୁହେଁ ।

(ଗ) ପରୀକ୍ଷାର୍ଥୀମାନଙ୍କର ବୋଧଶକ୍ତି ପରୀକ୍ଷା କରିବା ପାଇଁ ଏହି ପ୍ରଶ୍ନ ସମ୍ପୂର୍ଣ୍ଣ ଅନୁପଯୁକ୍ତ ଅଟେ ।

ସ୍ମରଣ ଜନିତ ପ୍ରଶ୍ନର ବ୍ୟବହାର (Use of Recall type Questions) :–

(କ) ପାରିଭାଷିକ ଶବ୍ଦାବଳୀ (Terminology ଭିତ୍ତିକ ବିଜ୍ଞାନ ପରୀକ୍ଷା କ୍ଷେତ୍ରରେ ବ୍ୟବହାର କରାଯାଇଥାଏ–

(ଖ) ନିର୍ଦ୍ଦିଷ୍ଟ ଘଟଣା (Specific Facts) ଜନିତ ଜ୍ଞାନ ପରୀକ୍ଷା କ୍ଷେତ୍ରରେ ବ୍ୟବହାର କରାଯାଇଥାଏ ।

(ଗ) କୌଣସି ନୀତି (Principles) ସମ୍ବନ୍ଧୀୟ ଜ୍ଞାନ ପରୀକ୍ଷା କ୍ଷେତ୍ରରେ ବ୍ୟବହାର କରାଯାଇଥାଏ ।

(ଘ) କୌଣସି ପଦ୍ଧତି (Method) ଓ ପ୍ରଣାଳୀ (Procedure) ସମ୍ବନ୍ଧୀୟ ଜ୍ଞାନ ପରୀକ୍ଷା କ୍ଷେତ୍ରରେ ବ୍ୟବହାର କରାଯାଇଥାଏ ।

(୨) ସ୍ୱୀକୃତି ଜନିତ ପ୍ରଶ୍ନାବଳୀ (Recognition type Questions) :–

ସ୍ୱୀକୃତି ଜନିତ ପ୍ରଶ୍ନାବଳୀରେ ଥିବା ପ୍ରତ୍ୟେକ ପ୍ରଶ୍ନ ପାଇଁ କେତେକ ବିକଳ୍ପ ଉ ର ଯୋଗାଇ ଦିଆଯାଇଥାଏ । ଏହି ଉ ରମାନଙ୍କ ମଧ୍ୟରୁ ସଠିକ୍ ଉ ରଟି ବାଛିବାକୁ ପଡ଼ିଥାଏ । ତେଣୁ ଏହାକୁ ମଧ୍ୟ ଚୟନ ଜନିତ ପ୍ରଶ୍ନ ବୋଲି କୁହାଯାଏ । ସ୍ୱୀକୃତି ଜନିତ ପ୍ରଶ୍ନ ଗୁଡ଼ିକ ସାଧାରଣତଃ ନିମ୍ନ ପ୍ରକାରର ।

ସେଗୁଡ଼ିକ ହେଉଛି :

- ଦ୍ୱି-ବିକଳ୍ପ ଉ ର ପ୍ରଶ୍ନ ବା ସତ୍ୟ-ମିଥ୍ୟା ପ୍ରଶ୍ନାବଳୀ (True-False Questions ର
- ମେଳକ ପ୍ରଶ୍ନ (Matching Question)
- ବହୁ-ବିକଳ୍ପ ପ୍ରଶ୍ନ (Multiple Choice Questions) ର

ଦ୍ୱି-ବିକଳ୍ପ ଉ ର ପ୍ରଶ୍ନ :– ଦ୍ୱି-ବିକଳ୍ପ ଉ ରମୂଳକ ପ୍ରଶ୍ନ ଗୁଡ଼ିକ ଗୋଟିଏ ଗୋଟିଏ ଉକ୍ତି ଆକାରରେ ଦିଆଯାଇଥାଏ ଯାହାର କେବଳ ଦୁଇଟି ସମ୍ଭାବ୍ୟ ଉ ର ଥାଏ । ସେଥି ମଧ୍ୟରୁ ଗୋଟିଏ ଠିକ୍ ହେଲେ ଅନ୍ୟଟି ଭୁଲ୍ ଗୋଟିଏ ସତ୍ୟ ଓ ଅନ୍ୟଟି ମିଥ୍ୟା, ଗୋଟିଏ ହଁ ଓ ଅନ୍ୟଟି ନାଁ ହୋଇପାରେ । ସେମାନଙ୍କ ମଧ୍ୟରୁ ଯେଉଁଠି ଠିକ୍ ତାହାକୁ (ଠିକ୍) ଚିହ୍ନ ମାରି ବା ଗୋଲ ବୁଲାଇ ଚିହ୍ନିତ କରିବାକୁ ନିର୍ଦ୍ଦେଶ ଦିଆଯାଇଥାଏ । ଏଥିରେ କେବଳ ମାତ୍ର ଦୁଇଟି ବିକଳ୍ପ ଥିବାରୁ ଏହାକୁ ବିକଳ୍ପ ଅନୁକ୍ରିୟା ପରୀକ୍ଷଣ କରନ୍ତି ।

ଉଦାହରଣ :–

ନିମ୍ନଲିଖିତ ପ୍ରତ୍ୟେକଟି ଉକ୍ତି ଠିକ୍ ବା ଭୁଲ୍ ତାହା ସମ୍ପୃକ୍ତ ଉକ୍ତିଟିର ପାର୍ଶ୍ୱରେ ଲେଖାଥିବା 'ଠିକ୍' ବା 'ଭୁଲ୍' ଚାରିପାଖରେ ଗୋଲେଇ (ଠ) ଚିହ୍ନ ଦିଅ ।

(୧) କୋଣାର୍କ ମନ୍ଦିର ଭୁବନେଶ୍ୱରରେ ଅବସ୍ଥିତ ଠିକ୍ (ଭୁଲ)

(୨) ଭାରତ ୧୯୪୭ ମସିହାରେ ସ୍ୱାଧୀନ ହେଲା (ଠିକ) ଭୁଲ

(୩) ସୂର୍ଯ୍ୟ ପୂର୍ବ ଦିଗରେ ଉଦୟ ହୁଏ (ଠିକ୍) ଭୁଲ

ଉପରୋକ୍ତ ପ୍ରଶ୍ନ ଗୁଡ଼ିକ ମଧ୍ୟରୁ ଦ୍ୱିତୀୟ ଓ ତୃତୀୟ ପ୍ରଶ୍ନର ଉ ର ଠିକ୍, ତେଣୁ ଏମାନଙ୍କ ପାର୍ଶ୍ୱରେ ଥିବା ଠିକ୍ ଚାରିପାଖରେ ଗୋଲେଇ ଚିହ୍ନ ଦିଆଗଲା । ପ୍ରଥମଟି ଭୁଲ ଥିବାରୁ ସେଠାରେ ଭୁଲ ପାଖରେ ଗୋଲେଇ ଚିହ୍ନ ଦିଆଗଲା । ଏ ପ୍ରକାର ପରୀକ୍ଷଣରେ ଆଉ ଦୁଇଟି ବିକଳ୍ପ ଉ ର ସତ୍ୟ-ମିଥ୍ୟା, ହଁ-ନାହିଁ ମଧ୍ୟ ବ୍ୟବହାର କରାଯାଇପାରିବ ।

ଦ୍ୱି-ବିକଳ୍ପ ପ୍ରଶ୍ନାବଳୀ ଗଠନର ନୀତି :–

(କ) ଏହାକୁ ସହଜରେ ପ୍ରସ୍ତୁତ କରିହୁଏ ।

(ଖ) ଏହି ପ୍ରକାର ପ୍ରଶ୍ନାବଳୀର ମୂଲ୍ୟାଙ୍କନ କରିବା ମଧ୍ୟ ସହଜ ଅଟେ ।

(ଗ) ଉକ୍ତି ଗୁଡ଼ିକ ସରଳ ଭାବରେ ଉପସ୍ଥାପନା କରିବା ଉଚିତ ।

(ଘ) ଉକ୍ତି ଗୁଡ଼ିକ ନିର୍ଦ୍ଦିଷ୍ଟ ଧାରଣା ଉପରେ ଆଧାରିତ ହେବା ଉଚିତ ।

(ଙ) କମ୍ ତାତ୍ପର୍ଯ୍ୟପୂର୍ଣ୍ଣ ଶିକ୍ଷଣ ଉକ୍ତି ଗୁଡ଼ିକ ବର୍ଜନ ହେବା ବିଧେୟ ।

ଉପକାରିତା (Advantages) :–

(କ) ଏହାକୁ ସହଜରେ ପ୍ରସ୍ତୁତ କରିହୁଏ ।

(ଖ) ଅନୁମାନ କରି ଏହି ପ୍ରକାର ପ୍ରଶ୍ନରେ ଅଧିକ ଫଳାଙ୍କ ଅର୍ଜନ କରିବା ସହଜ ନୁହେଁ ।

(ଗ) ପରୀକ୍ଷକଙ୍କ ପକ୍ଷରେ ଏହାର ମୂଲ୍ୟାଙ୍କନ କରିବା ଅତ୍ୟନ୍ତ ସହଜ ।

(ଘ) ଏଭଳି ମୂଲ୍ୟାୟନରେ ବସ୍ତୁନିଷ୍ଠତା ବେଶୀ ଥାଏ ।

(ଙ) ଏକ ପ୍ରାପ୍ତାଙ୍କ ନିର୍ଦ୍ଧାରଣ ଫର୍ଦ୍ଦ ତିଆରି କରି ତାହାରି ସାହାଯ୍ୟରେ ଏକ ସମୟରେ ଅନେକ ଉ ର ଫର୍ଦ୍ଦର ମୂଲ୍ୟାଙ୍କନ କରିହେବ ।

ଅପକାରିତା (Limitations) :–

(କ) ଠିକ୍ ଉ ର ସମ୍ପର୍କରେ ଆଦୌ ଧାରଣା ନଥିବା ଜଣେ ପରୀକ୍ଷାର୍ଥୀ ଅନୁମାନ କରି ସବୁ ପ୍ରଶ୍ନର ଗୋଟିଏ ବିକଳ୍ପରେ ଗୋଲେଇ (୦) ଚିହ୍ନ ଦେଇଦେଲେ ପ୍ରାୟ ଶତକଡ଼ା ୫୦ ନମ୍ବର ପାଇପାରେ ।

(ଖ) କେବଳ ଦୁଇଟି ବିକଳ୍ପ ଉ ର ପ୍ରତ୍ୟେକ ପ୍ରଶ୍ନ ପାଇଁ ଥିବାରୁ ଆନୁମାନିକ ଉ ର କରିବା ସମ୍ଭବ ଅଟେ ।

(ଗ) ଏହି ପ୍ରକାରର ଅଳ୍ପ ସଂଖ୍ୟକ ପ୍ରଶ୍ନରେ ବିଶ୍ୱସନୀୟତା ଖୁବ୍ କମ୍ ଥାଏ ।

(ଘ) ଏ ପ୍ରକାର ପ୍ରଶ୍ନର ନିଦାନ ମୂଳକ ଉପଯୋଗିତା ନଥାଏ ।

(ଙ) ପ୍ରଶ୍ନର ବୈଧତା ନିର୍ଣ୍ଣୟ କରିବା କଷ୍ଟକର ଅଟେ ।

ମେଳକ ପ୍ରଶ୍ନ (Matching type Question) :–

ମେଳକ ପ୍ରଶ୍ନରେ ବିଷୟବସ୍ତୁ ଦୁଇଟି ସ୍ତମ୍ଭରେ ଲେଖାଯାଇଥାଏ ଓ ପରୀକ୍ଷାର୍ଥୀକୁ ଗୋଟିଏ ସ୍ତମ୍ଭର ବିଷୟବସ୍ତୁ ସହିତ ଅନ୍ୟ ସ୍ତମ୍ଭରେ ଥିବା ତତ୍ ସମ୍ପର୍କିତ ବିଷୟବସ୍ତୁର ସମ୍ପର୍କ ସ୍ଥାପନ କରିବାକୁ ନିର୍ଦ୍ଦେଶ ଦିଆଯାଇଥାଏ । ଦୁଇ ସ୍ତମ୍ଭର ବିଷୟବସ୍ତୁ ସହିତ ସମ୍ପର୍କ ରଖାଯାଇଥାଏ, ସାଧାରଣତଃ ପ୍ରଥମ ସ୍ତମ୍ଭରେ ଥିବା ବିଷୟବସ୍ତୁ ତୁଳନାରେ ଦ୍ୱିତୀୟ ସ୍ତମ୍ଭରେ ଅଧିକ ସଂଖ୍ୟକ ବିଷୟବସ୍ତୁ ଦିଆଯାଇଥାଏ । ଏହା ଫଳରେ ଶେଷ ଏକାଂଶର ସମ୍ପର୍କ ସ୍ଥାପନ କଲାବେଳେ ମଧ୍ୟ ପରୀକ୍ଷାର୍ଥୀକୁ ଚିନ୍ତା କରିବାକୁ ପଡ଼େ । ସ୍ତମ୍ଭ ତଳେ ଥିବା ପ୍ରତ୍ୟେକ ବିଷୟବସ୍ତୁକୁ ଏକାଂଶ କୁହାଯାଏ । ଠିକ୍ ଉ ରଟି ବାଛିବାକୁ ତାକୁ ଅନେକ ଗୁଡ଼ିଏ ବିକଳ୍ପର ସମ୍ମୁଖୀନ ହେବାକୁ ପଡ଼େ । ନିମ୍ନରେ ଏହି ପ୍ରକାରର ପ୍ରଶ୍ନର ଏକ ଉଦାହରଣ ଦିଆଗଲା ।

ଉଦାହରଣ :– ପ୍ରଥମ ସ୍ତମ୍ଭରେ କେତେକ ରାଷ୍ଟ୍ରର ନାମ ଓ ଦ୍ୱିତୀୟ ସ୍ତମ୍ଭରେ କେତେକ ସହରର ନାମ ଦିଆଯାଇଛି ।

ପ୍ରଶ୍ନ :– ପ୍ରଥମ ସ୍ତମ୍ଭରେ ଦିଆଯାଇଥିବା ରାଷ୍ଟ୍ର ଗୁଡ଼ିକର ରାଜଧାନୀ ଦ୍ୱିତୀୟ ସ୍ତମ୍ଭରୁ ବାଛି ଲେଖ ।

ପ୍ରଥମ ସ୍ତମ୍ଭ	ଦ୍ୱିତୀୟ ସ୍ତମ୍ଭ
ବଙ୍ଗଳା ଦେଶ	କାଠ ମାଣ୍ଡୁ
ଜାପାନ	କଲମ୍ବୋ
ଭାରତ	ବେଜିଂ
ପାକିସ୍ଥାନ	ରେଙ୍ଗୁନ
ଚୀନ୍	ହଂକଂ
ଶ୍ରୀଲଙ୍କା	ଇସ୍‌ଲାମାବାଦ
ଥାଇଲାଣ୍ଡ	ନୂଆଦିଲ୍ଲୀ
	ଟୋକିଓ
	ଢାକା
	ମାନିଲା

ଉଦାହରଣଟିରେ ପ୍ରଥମ ସ୍ତରରେ ଥିବା ଏକାଂଶ ଗୁଡ଼ିକ ଗୋଟିଏ ଗୋଟିଏ ରାଷ୍ଟ୍ର । ଏମାନଙ୍କର ରାଜଧାନୀ ଗୁଡ଼ିକ ଦ୍ୱିତୀୟ ସ୍ତମ୍ଭରେ ଦର୍ଶାଯାଇଅଛି । ଏମାନେ ସବୁ ଏସିଆ ମହାଦେଶ ଅନ୍ତର୍ଗତ ରାଷ୍ଟ୍ର । ତେଣୁ ଅନ୍ୟ ସ୍ତମ୍ଭଟିରେ ସବୁ ଏସିଆ ମହାଦେଶୀୟ ସହରର ନାମ ଦିଆଯାଇଛି । କାରଣ ମେଳକ ପ୍ରଶ୍ନରେ ଏକାଂଶ ଗୁଡ଼ିକ ସମଜାତୀୟ ହେବା ବିଧେୟ ନଚେତ୍ ଏକାଂଶ ଗୁଡ଼ିକୁ ସହଜରେ ବାଦ ଦେଇ ହେବ । ପରସ୍ପର ସମ୍ପର୍କ ଥିବା ବିଷୟ ଶିକ୍ଷାର୍ଥୀମାନେ ରଖିଛନ୍ତି କି ନାହିଁ ଏଭଳି ପରୀକ୍ଷଣରୁ ସୂଚିତ ହୋଇଥାଏ ।

ମେଳକ ପ୍ରଶ୍ନ ପ୍ରସ୍ତୁତି ନିୟମ :–

(କ) ଗୋଟିଏ ମେଳକ ପ୍ରଶ୍ନରେ କେବଳ ଗୋଟିଏ ପ୍ରକାର ପରସ୍ପର ସମ୍ପର୍କ ଥିବା ବିଷୟ ସ୍ଥାନ ପାଇବା ଉଚିତ ।

(ଖ) କେଉଁ ଏକାଂଶ ଗୁଡ଼ିକ ପ୍ରଥମ ସ୍ତମ୍ଭରେ ଓ କେଉଁ ଏକାଂଶ ଗୁଡ଼ିକ ଦ୍ୱିତୀୟ ସ୍ତମ୍ଭରେ ରହିବ ସେ ବିଷୟରେ ପରୀକ୍ଷକ ଠିକ୍ କରିବା ଉଚିତ ।

(ଗ) ପ୍ରତ୍ୟେକ ସ୍ତମ୍ଭର ଏକାଂଶ ସମଜାତୀୟ ହେବା ବିଧେୟ ।

(ଘ) ଗୋଟିଏ ମେଳକ ପ୍ରଶ୍ନରେ ଗୋଟିଏ ସ୍ତମ୍ଭରେ ଅତିବେଶୀରେ ୧୦/୧୨ଟିରୁ ଅଧିକ ଏକାଂଶ ସ୍ଥାନ ପାଇବା ଅନୁଚିତ ।

(ଙ) ପ୍ରଶ୍ନ ସ୍ତମ୍ଭର ଏକାଂଶଠାରୁ ଅନୁକ୍ରିୟା ସ୍ତମ୍ଭର ଏକାଂଶ ଗୁଡ଼ିକ ବେଶୀ ହେବା ଉଚିତ । ଅର୍ଥାତ୍ ପ୍ରଶ୍ନ ସ୍ତମ୍ଭରେ ୩ଟି ଏକାଂଶ ଥିଲେ ଅନୁକ୍ରିୟା ସ୍ତମ୍ଭରେ ଅନ୍ୟୁନ ପକ୍ଷେ ୧୦ଟି ଏକାଂଶ ରହିବା ଆବଶ୍ୟକ । କାରଣ ଏପରି ଥିଲେ ପ୍ରଥମ ସ୍ତମ୍ଭର ଶେଷ ଏକାଂଶ ଗୁଡ଼ିକ ଯୋଡ଼ିବାବେଳେ ପରୀକ୍ଷାର୍ଥୀ ବହୁ ବିକଳ୍ପର ସମ୍ମୁଖୀନ ହୁଏ ।

ଉପକାରିତା (Advantages) :–

(କ) ଏହି ପ୍ରଶ୍ନ ଗୁଡ଼ିକର ପ୍ରସ୍ତୁତ ପ୍ରଣାଳୀ ଅତ୍ୟନ୍ତ ସହଜ ଅଟେ ।

(ଖ) ଶିକ୍ଷାର୍ଥୀର ସମ୍ପର୍କ ଶିକ୍ଷଣ ଦକ୍ଷତା ବୃଦ୍ଧି କରିଥାଏ ।

(ଗ) ଘଟଣା ଓ ସମୟ, କୀର୍ତ୍ତି ଓ ନିର୍ମାଣକର୍ତ୍ତାଙ୍କ ମଧ୍ୟରେ ସମ୍ପର୍କ ସ୍ଥାପନ କରିବା ସମ୍ଭବ ଅଟେ ।

(ଘ) ଏହାର ବୈଧତା ଓ ବିଶ୍ୱସନୀୟତା ଅଧିକ ଅଟେ ।

ଅସୁବିଧା (Limitations) :–

(କ) ବେଳେ ବେଳେ ଏହି ପ୍ରଶ୍ନ ଗୁଡ଼ିକ ସ୍ମରଣମୂଳକ ପ୍ରଶ୍ନ ହୋଇଥାଆନ୍ତି ।

(ଖ) ବୋଧଶକ୍ତି ଓ ବ୍ୟାଖ୍ୟାକରଣ ଶକ୍ତି ପରିମାପ ପାଇଁ ଏହା ପ୍ରଜୁଯ୍ୟ ନୁହେଁ ।

(ଗ) ସମଜାତୀୟ ଶବ୍ଦ ବା ଘଟଣା ବାଛି ନିର୍ଦ୍ଦିଷ୍ଟ ସ୍ତମ୍ଭରେ ଉପସ୍ଥାପନ କରିବା କଷ୍ଟକର ଅଟେ ।

ବହୁ ବିକଳ୍ପ ପ୍ରଶ୍ନ (Multiple Choice Question) :–

ଏହି ପ୍ରକାର ପ୍ରଶ୍ନାବଳୀରେ ପ୍ରତ୍ୟେକ ପ୍ରଶ୍ନ ସହିତ ଅତି କମ୍‌ରେ ଚାରିଗୋଟି ସମ୍ଭାବ୍ୟ ବିକଳ୍ପ ଉ ର ଦିଆଯାଇଥାଏ । ତନ୍ମଧ୍ୟରୁ କେବଳ ଗୋଟିଏ ମାତ୍ର ଠିକ୍ ଓ ଅନ୍ୟ ଗୁଡ଼ିକ ଭୁଲ । ପ୍ରଶ୍ନରେ ପରୀକ୍ଷାର୍ଥୀକୁ ଠିକ୍ ବା ସର୍ବୋତ୍କୃଷ୍ଟ ଅଧିକ ଉପଯୁକ୍ତ ଉ ରଟି ଚିହ୍ନାଇବା ପାଇଁ ନିର୍ଦ୍ଦେଶ ଦିଆଯାଏ । ଅନ୍ୟାନ୍ୟ ଭୁଲ ବିକଳ୍ପଗୁଡ଼ିକୁ ବିକ୍ଷେପକ କହନ୍ତି କାରଣ ଏଗୁଡ଼ିକ ଠିକ୍ ଉ ର ଭାବେ ଜଣା ପଡୁଥାନ୍ତି ଅଥଚ ଠିକ୍ ଉ ର ହୋଇ ନଥାନ୍ତି । ତେଣୁ ଏଭଳି ପ୍ରଶ୍ନରେ ପରୀକ୍ଷାର୍ଥୀଙ୍କୁ ଠିକ୍ ଉ ରଟି ବାଛିବା ପାଇଁ ଚିନ୍ତା କରିବାକୁ ପଡ଼ିଥାଏ ।

ଉଦାହରଣ :– ସବୁଠାରୁ ଠିକ୍ ଉ ରଟି ବାଛ ।

ଗୋଟିଏ ରାଜ୍ୟର ରାଜଧାନୀ ପାଇଁ ନିମ୍ନୋକ୍ତ କେଉଁ କାରଣଟି ମୁଖ୍ୟ ବିଚାର୍ଯ୍ୟ ?

- ଅବସ୍ଥିତି
- କୃଷି

- ଶିଳ୍ପ
- ଜନସଂଖ୍ୟା

ଏଠାରେ ଉ ର ହେଉଛି ଅବସ୍ଥିତି । କିନ୍ତୁ ଅନ୍ୟାନ୍ୟ ୩ଟି ବିଷୟ ମଧ୍ୟ ଅପ୍ରାସଙ୍ଗିକ ନୁହଁନ୍ତି । ତେଣୁ ସେଗୁଡ଼ିକୁ ବିକ୍ଷେପକ କୁହାଯାଏ । ପ୍ରଶ୍ନର ଉ ର କେବଳ ଗୋଟିଏ ।

ବହୁ ବିକଳ୍ପ ପ୍ରଶ୍ନ ପ୍ରସ୍ତୁତିର କେତୋଟି ନିୟମ :–

(କ) ପ୍ରଶ୍ନରେ ଥିବା ଉ ର ଓ ବିକ୍ଷେପକ ଗୁଡ଼ିକ ସମଧର୍ମୀ ହେବା ଆବଶ୍ୟକ, ଏହାର ଅର୍ଥ ହେଉଛି ବହୁ ବିକଳ୍ପ ପ୍ରଶ୍ନରେ ଯେଉଁ ଚାରି ବା ପା ଗୋଟି ସମ୍ଭାବ୍ୟ ଉ ର ଦିଆଯାଏ ସେଗୁଡ଼ିକ ସମସ୍ତେ ପ୍ରତ୍ୟେକ ଠିକ୍ ବୋଲି ଜଣାପଡ଼ନ୍ତି, ମାତ୍ର ତନ୍ମଧ୍ୟରୁ ଗୋଟିଏ ବିକଳ୍ପ ହିଁ ଠିକ୍ ।

(ଖ) ପରୀକ୍ଷଣରେ ପ୍ରଶ୍ନଗୁଡ଼ିକୁ ସଂଖ୍ୟାରେ (୧,୨,୩....) ଓ ବିକଳ୍ପ ଗୁଡ଼ିକୁ କ, ଖ, ଗ, ଘ ଆଦି କ୍ରମରେ ଲେଖିବା ସୁବିଧାଜନକ ।

(ଗ) ପ୍ରତ୍ୟେକ ପ୍ରଶ୍ନରେ ଅନ୍ୟୁନ ୪ ଗୋଟି ବିକଳ୍ପ ରହିବା ଆବଶ୍ୟକ ।

(ଘ) ବିକଳ୍ପ ଗୁଡ଼ିକ ଯେତେ ବେଶୀ ହେବ, ଅନୁମାନ କରି ଉ ର ବାହାର କରିବାର ସମ୍ଭାବନା ଖୁବ୍ କମ ରହିବ । ଅତି କମ୍‌ରେ ଠିକ୍ ଉ ର ସମେତ ଚାରିଟି ବିକଳ୍ପ ଉ ର ରହିବା ଆବଶ୍ୟକ ।

(ଙ) ପ୍ରଶ୍ନପତ୍ର ପ୍ରସ୍ତୁତି କଲାବେଳେ ଉ ର ବିକଳ୍ପଟିକୁ ପ୍ରଶ୍ନାଂଶ ଗୁଡ଼ିକରେ କୌଣସି ଏକ ନିର୍ଦ୍ଦିଷ୍ଟ କ୍ରମରେ ଉପସ୍ଥାପନା କରାଯିବା ଅନୁଚିତ । କାରଣ ବୁଦ୍ଧିମାନ ପରୀକ୍ଷାର୍ଥୀ ପ୍ରଶ୍ନ କ ାଙ୍କର ଏଭଳି କୌଶଳ ଧରିପାରିବେ ଓ କ୍ରମାନ୍ୱୟରେ ଅନ୍ୟ ପ୍ରଶ୍ନାଂଶ ଗୁଡ଼ିକର ଉ ର ଦେଇ ଦେବେ । ପରୀକ୍ଷାର୍ଥୀ ପକ୍ଷରେ ଚିନ୍ତା କରିବା ଦରକାର ହେବ ନାହିଁ ।

ଉପକାରିତା (Merits) :–

(କ) ବହୁ ବିକଳ୍ପ ପରୀକ୍ଷଣ ଅନ୍ୟ ସମସ୍ତ ପରୀକ୍ଷଣ ତୁଳନାରେ ସର୍ବୋତ୍କୃଷ୍ଟ ବୋଲି ବିବେଚନା କରାଯାଏ ।

(ଖ) ଏହି ପରୀକ୍ଷଣ ମାଧ୍ୟମରେ ବହୁ ପ୍ରକାରର ଶିକ୍ଷଣ ଉଦ୍ଦେଶ୍ୟ ମାପିବା ସମ୍ଭବ ହୋଇଥାଏ ।

(ଗ) ମନେ ପକାଇବା ଭଳି ସରଳ ଉଦ୍ଦେଶ୍ୟଠାରୁ ଆରମ୍ଭ କରି ବିଶ୍ଳେଷଣ କରିବା, ଯୁକ୍ତଯୁକ୍ତ ବିଚାର କରିବା, ତୁଳନାତ୍ମକ ବିଚାର କରିବା ଓ ପ୍ରୟୋଗାତ୍ମକ ଦକ୍ଷତା ଆଦି ଉଦ୍ଦେଶ୍ୟାବଳୀ ଏ ପ୍ରକାରର ପ୍ରଶ୍ନ ମାଧ୍ୟମରେ ମାପବା ସମ୍ଭବପର ହୁଏ ।

(ଘ) କମ୍ ସମୟ ମଧ୍ୟରେ ଅଧିକ ପ୍ରଶ୍ନର ଉ ର ଦେବା ସମ୍ଭବ ଅଟେ ।

ଅସୁବିଧା (Limitation) :–

(କ) ବହୁ ବିକଳ୍ପ ପ୍ରଶ୍ନ ପ୍ରସ୍ତୁତି ସମୟ ସାପେକ୍ଷ ଅଟେ ।

(ଖ) ଶିକ୍ଷକଙ୍କର ଦକ୍ଷତା ଓ ସାମର୍ଥ୍ୟ ନଥିଲେ ଏ ପ୍ରକାରର ପ୍ରଶ୍ନ କରିବା କଷ୍ଟକର ଅଟେ ।

ସାରାଂଶ :

ମୂଲ୍ୟାୟନ ହେଉଛି ଏକ ଧାରାବାହିକ ପ୍ରକ୍ରିୟା । ଶିକ୍ଷକମାନେ ନିର୍ଦ୍ଦିଷ୍ଟ ପାଠ୍ୟକ୍ରମ ଉପରେ ଶିକ୍ଷାଦାନ କରି କେତେକ ଉଦ୍ଦେଶ୍ୟ ହାସଲ କରିଥାଆନ୍ତି । ଏହି ଉଦ୍ଦେଶ୍ୟ ଗୁଡ଼ିକ ହାସଲ କରିବାର ମାତ୍ରା ଓ ଗୁଣ ଯେଉଁ ମୂଲ୍ୟାୟନ ପଦ୍ଧତି ଅବଲମ୍ବନ କରି ସ୍ଥିର କରାଯାଏ । ତାହାକୁ ଉଦ୍ଦେଶ୍ୟ ଭିତ୍ତିକ ମୂଲ୍ୟାୟନ କୁହାଯାଏ ।

ଶୈକ୍ଷିକ ଉଦ୍ଦେଶ୍ୟର ଶ୍ରେଣୀ ବିଭାଗକରଣ କ୍ଷେତ୍ରରେ ବି.ଏସ୍.ବ୍ଲୁମ (B.S. Bloom) ଙ୍କ ଅବଦାନ ବିଶେଷ ଉଲ୍ଲେଖନୀୟ । ସେ ଶୈକ୍ଷିକ ଉଦ୍ଦେଶ୍ୟ ଗୁଡ଼ିକୁ ତିନୋଟି ପରିସରରେ ଶ୍ରେଣୀଭୁକ୍ତ କରିଛନ୍ତି ।

(କ) ଜ୍ଞାନାତ୍ମକ ପରିସରର ଉଦ୍ଦେଶ୍ୟ

(ଖ) ଭାବାତ୍ମକ ପରିସରର ଉଦ୍ଦେଶ୍ୟ

(ଗ) ମନଶ୍ଚାଳକ ପରିସରର ଉଦ୍ଦେଶ୍ୟ

ପ୍ରଚଳିତ ଶିକ୍ଷା ବ୍ୟବସ୍ଥାରେ ଉପରୋକ୍ତ ସମସ୍ତ ଲକ୍ଷ୍ୟ ହାସଲ କରିବା ସମ୍ଭବ ନୁହେଁ । ବିଶେଷତଃ ଜ୍ଞାନାତ୍ମକ (Cognitive) ଓ ମନଶ୍ଚାଳକ (Psychomotor) ଉଦ୍ଦେଶ୍ୟ ସାଧାନ ଉପରେ ଆଜିର ଶିକ୍ଷା ବ୍ୟବସ୍ଥା ଅଧିକ ଗୁରୁତ୍ୱ ଦେଉଅଛି ।

ବିଭିନ୍ନ ପାଠ୍ୟକ୍ରମ ଉପରେ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ ଗୁଡ଼ିକର ମୂଲ୍ୟାୟନ ପାଇଁ ଶିକ୍ଷାବିତ୍‌ମାନେ ଅନେକ ମାନାକୀକୃତ ପରୀକ୍ଷଣ (Standardised Test) ପ୍ରସ୍ତୁତ କରିଛନ୍ତି । ତେଣୁ ଉଦ୍ଦେଶ୍ୟ ଭିତ୍ତିକ ମୂଲ୍ୟାୟନ ଶିକ୍ଷାଦାନ ଓ ଶିକ୍ଷଣ ପ୍ରକ୍ରିୟାରେ ପଥ ପ୍ରଦର୍ଶକ ଭାବରେ କାର୍ଯ୍ୟ କରିଥାଏ ।

ବସ୍ତୁନିଷ୍ଠ ମୂଲ୍ୟାୟନ :–

ବସ୍ତୁନିଷ୍ଠ ମୂଲ୍ୟାୟନର ବିଶେଷତ୍ୱ ହେଉଛି ଯେ ପ୍ରତ୍ୟେକ ପ୍ରଶ୍ନର ଗୋଟିଏ ନିର୍ଦ୍ଦିଷ୍ଟ ଉ ର ଥାଏ । ଏହି ଉ ରଟିକୁ ପରୀକ୍ଷାର୍ଥୀମାନେ ଗୋଟିଏ ଶବ୍ଦ ବା ବାକ୍ୟରେ ପ୍ରଦାନ କରିଥାଆନ୍ତି । ତେଣୁ ଏହି ଉ ର ଗୁଡ଼ିକୁ ଯେକୌଣସି ପରୀକ୍ଷକଙ୍କ ଦ୍ୱାରା ମୂଲ୍ୟାୟନ କରାଗଲେ ମଧ୍ୟ ଫଳାଫଳରେ କୌଣସି ପ୍ରକାରର ପରିବ ର୍ତ୍ତନ ଦେଖାଯାଏ ନାହିଁ ।

(୧) ବସ୍ତୁନିଷ୍ଠ ପ୍ରଶ୍ନର ପ୍ରକାର ଭେଦ :–

ବସ୍ତୁନିଷ୍ଠ ପ୍ରଶ୍ନ ଗୁଡ଼ିକ ସାଧାରଣତଃ ଦୁଇ ଭାଗରେ ବିଭକ୍ତ–

(୧) ପୁନଃ ସ୍ମରଣ ଜନିତ ପ୍ରଶ୍ନାବଳୀ (Recall Type)

(୨) ସ୍ୱୀକୃତି ଜନିତ ପ୍ରଶ୍ନାବଳୀ (Recognition Type)

ପୁନଃ ସ୍ମରଣ ଜନିତ ପ୍ରଶ୍ନାବଳୀ ଦୁଇ ପ୍ରକାରର ।

(କ) ସହଜ ସ୍ମରଣ ପ୍ରଶ୍ନାବଳୀ (Simple - Recall)

(ଖ) ସମାପନ ପ୍ରଶ୍ନାବଳୀ (Completion)

(୨) ସ୍ୱୀକୃତି ଜନିତ ପ୍ରଶ୍ନାବଳୀ (Recognition Type Questions)

ଏହି ପ୍ରଶ୍ନ ଗୁଡ଼ିକ ସାଧାରଣତଃ ୩ ପ୍ରକାରର ।

(କ) ଦ୍ୱିବିକଳ୍ପ ଉ ର ପ୍ରଶ୍ନ ବା ସତ୍ୟ ମିଥ୍ୟା ପ୍ରଶ୍ନାବଳୀ (True- False)

(ଖ) ମେଳକ ପ୍ରଶ୍ନ (Matching Questions)

(ଗ) ବହୁ ବିକଳ୍ପ ପ୍ରଶ୍ନ (Multiple Choice Questions)

ପ୍ରଶ୍ନାବଳୀ

(୧) ଉଦ୍ଦେଶ୍ୟ ଭି ିକ ବସ୍ତୁନିଷ୍ଠ ପ୍ରଶ୍ନ ମଧ୍ୟରେ ପାର୍ଥକ୍ୟ ଦର୍ଶାଅ ।

(୨) ବସ୍ତୁନିଷ୍ଠ ପ୍ରଶ୍ନର ପ୍ରକାର ଭେଦ ଆଲୋଚନା କର ।

•